# ଅପ୍ରେଲ ୨୦୨୪



Photo by Dr Ranjit Ku Sahu, USA

**ISSN NO – 2582-208X**

[ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ଇ-ପତ୍ରିକା]

...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...

(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ )

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids: vedantimagazine@gmail.com**

**editor.vedantimagazine@gmail.com**

ISSN NO.
2582-208X

# ସମ୍ପାଦକୀୟ




ଅରବିନ୍ଦ ମିଶ୍ର

ପ୍ରିୟ ପାଠକବନ୍ଧୁ,

ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ଉତ୍କଳ ବା କଳିଙ୍ଗ ହେଉଛି ଏକ ଅତି ପୁରୁଣା ରାଜ୍ୟ ଯାହାକି ବେଦ, ରାମାୟଣ, ମହାଭାରତ ଓ ଅନ୍ୟ ପୁରାଣ ମାନଙ୍କରେ ଉଲ୍ଲେଖ ଅଛି। ଏହା ମଧ୍ୟ ଉଲ୍ଲେଖ ଅଛି ଯେ କଳିଙ୍ଗ ରାଜା ଶତାୟୁ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଯୁଦ୍ଧ କରୁଥିଲେ। ଗ୍ରୀକ୍ ଐତିହାସିକ ପିନିଂ ମଧ୍ୟ ତାଙ୍କ ପୁସ୍ତକରେ କଳିଙ୍ଗ ବିଷୟରେ ଉଲ୍ଲେଖ କରିଛନ୍ତି। କଳିଙ୍ଗ ରାଜ୍ୟ ବହୁତ ଶକ୍ତିଶାଳୀ ଥିଲା ଏବଂ ଏକ ସ୍ୱାଧୀନ ରାଜ୍ୟ ଥିଲା। କିନ୍ତୁ ଖ୍ରୀ.ପୂ. ୨୬୯ରେ ମଗଧର ସମ୍ରାଟ ଅଶୋକ କଳିଙ୍ଗକୁ ପରାସ୍ତ କରିଥିଲେ। ଏହାର ଅନେକ ବର୍ଷ ପରେ ଚୈତ୍ରବଂଶର ରାଜା ଖାରବେଳ କଳିଙ୍ଗ ରାଜ୍ୟର ଶାସକ ଥିଲେ।

କଳିଙ୍ଗ ଏକ ପରାକ୍ରମଶାଳୀ ରାଜ୍ୟ ଥିଲା ଏବଂ ତାହା ସହିତ କଳିଙ୍ଗବାସୀ ଥିଲେ ସତ୍ୟବାନ, ନୀତିବାନ ଏବଂ କର୍ମଠ ଓ ଯୋଦ୍ଧା। କଳିଙ୍ଗ ସେ ସମୟରେ ନୌବାଣିଜ୍ୟରେ ସୁନାମ ଅର୍ଜନ କରିଥିଲା। ପ୍ରାୟତଃ ୧୨୦୦ ଖ୍ରୀଷ୍ଟାବ୍ଦରୁ କଳିଙ୍ଗ ନାମ ଲୋପପାଇ ରାଜ୍ୟର ନାମ ଉତ୍କଳ ବା ଓଡିଶା ହୋଇଥିଲା। ଏହା ପରେ ତ୍ରୟୋଦଶ ଏବଂ ପଞ୍ଚଦଶ ଶତାବ୍ଦୀରେ ମୁସଲମାନ ଶାସକମାନେ ଓଡିଶାଠାରୁ

ISSN NO.
2582-208X

ପରାସ୍ତ ହୋଇଥିଲେ । କିନ୍ତୁ ଧିରେଧିରେ ଓଡିଶାର ଶାସକମାନେ ଦୁର୍ବଳ ହୋଇଯାଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ଇଂରେଜମାନଙ୍କ ଶାସନ । ଇଂରେଜମାନେ ତାଙ୍କର ସୁବିଧା ପାଇଁ ଓଡିଶାର କିଛି ଅଂଶ ବଙ୍ଗଳା, ବିହାର ଓ ଆନ୍ଧ୍ର ସହିତ ମିଶାଇ ଦେଇଥିଲେ । ଏହାପରେ ଆରମ୍ଭ ହୋଇଥିଲା ଓଡିଶାକୁ ପୁଣି ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଢିବାପାଇଁ ଓଡିଶାର କୃତି ସନ୍ତାନ ମାନଙ୍କର ସଂଗ୍ରାମ ।

ଓଡିଶାର ଏହି କୃତି ସନ୍ତାନ ମାନଙ୍କ ଅପ୍ରାଣ ଚେଷ୍ଟାର ଫଳ ସ୍ୱରୂପ ଅପ୍ରେଲ ୧ ତାରିଖ ୧୯୩୬ ମସିହାରେ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶର ରୂପ ନେଲା ଆଉ ଓଡିଆବାସୀଙ୍କ ସେହି ବଳିଦାନକୁ ମନେପକାଇବା ପାଇଁ ଅପ୍ରେଲ ୧ ତାରିଖକୁ ଉତ୍କଳ ଦିବସ ରୂପେ ପାଳନ କରାଯାଏ । କିନ୍ତୁ ଏକ ସ୍ୱତନ୍ତ୍ର ପ୍ରେଦେଶ ହେଲାପରେ ମଧ୍ୟ ଏବେ ସୁଦ୍ଧା ଓଡିଶାର ବହୁତ ସ୍ଥାନ ପଶ୍ଚିମ ବଙ୍ଗ, ବିହାର ଓ ଆନ୍ଧ୍ରପ୍ରଦେଶ ସହିତ ମିଶି ରହିଛି ଯାହା ବିଛିନ୍ନାଞ୍ଚଳ ଭାବରେ ପରିଚିତ । ଉତ୍କଳ ଦିବସରେ ଆମ ସମସ୍ତଙ୍କର ଏହି ଲକ୍ଷ୍ୟ ହେବାକଥା ଯେ ଓଡିଶାଠାରୁ ଛଡାଇ ନିଆଯାଇଥିବା ଏହି ଅଞ୍ଚଳଗୁଡିକ ପୁଣି ଓଡିଶା ସହିତ ମିଶାଇବା । ଆଉ ଏଥିପ୍ରତି ନିଜର ସହଯୋଗ ଦେବା ହେଉଛି ପ୍ରତ୍ୟେକ ଓଡିଆ ସନ୍ତାନଙ୍କ କର୍ତ୍ତବ୍ୟ ।

ଜୟ ଉତ୍କଳ, ଜୟ ଓଡିଆ ।

ଅରବିନ୍ଦ ମିଶ୍ର

ଅପ୍ରେଲ-୨୦୨୪
www.vedantimagazine.com

ISSN NO.
2582-208X

# ଭିତର ପୃଷ୍ଠାରେ....


| | | |
|---|---|---|
| ଡି.ଏଫ.ଓ କ୍ୟାମ୍ପବେଲ ବେ | ଅଶୋକ ବିଶ୍ୱାଳ | ୧୩ |
| ଅସୁମାରୀ ପ୍ରଶ୍ନ | ଡ. ପ୍ରସନ୍ନ କୁମାର ବଳ | ୨୨ |
| ଶ୍ରୀମନ୍ଦିର ପରିକ୍ରମା | ଶଶଧର ମହାପାତ୍ର | ୨୪ |
| ବିଶ୍ୱ ମାତୃଭାଷା ପରିପ୍ରେକ୍ଷୀରେ ଓଡିଆ ଭାଷା | ଗୁରୁକଲ୍ୟାଣ ମହାପାତ୍ର | ୨୭ |
| ନ ଥିବା ଶବ୍ଦମାନେ | ଡ. ଶକୁନ୍ତଳା ନାୟକ ଗୁପ୍ତା | ୩୧ |
| କବିତା | ଡଃ ମାଙ୍ଗଳକା ମହାପାତ୍ର | ୩୪ |
| କରିଦିଅ ପ୍ରଭୁ | ସୁଶ୍ରୀ ଶୁଭସ୍ମିତା ମହାନ୍ତ | ୩୫ |
| ଓଷା ଦୁହିତାର | ଅଳକା ମହାନ୍ତ | ୩୬ |
| କଲମର ଦାୟିତ୍ୱ | ଇଂ. ସୁଶାନ୍ତ କଶୋର ବଳ | ୩୯ |
| ଅପ୍ରତ୍ୟାଶିତ ପରିଣତି | ଡକ୍ଟର ବିଜ୍ଞାନୀ ଦାସ | ୪୪ |
| ଚକ୍ରବାତ | ପୁଷ୍ପାଞ୍ଜଳି ପଣ୍ଡା | ୫୫ |
| ହୋଲି | ଡକ୍ଟର ମନୋରଞ୍ଜନ ବିଷୋୟୀ | ୫୭ |
| ସୁରଭି | ଆଶୁତୋଷ ମେହେର | ୫୮ |
| କିଛି ସତ କିଛି ଗପ | ବିନୟ ମହାପାତ୍ର | ୫୯ |
| ସମୟର ପ୍ରବାହରେ ଉଦ୍ଜୀବିତ ଆଶା | ଭାସ୍କର ଚନ୍ଦ୍ର ଖଣ୍ଡା | ୬୮ |
| ଅଭାଗିନୀ ବୋଉ | ସୁସ୍ମିତା ମହାପାତ୍ର | ୭୦ |
| ତୁମେ ଅଛ ବୋଲି | ରଘୁନାଥ ତ୍ରିପାଠୀ | ୭୨ |
| ବିଶ୍ୱାସର ପଛପଟେ | ଶାନ୍ତିଲତା ମିଶ୍ର | ୭୪ |
| ମୋର ଏ ପୃଥିବୀ ଅଛି ବୋଲି | ଦଣ୍ଡାସି ପ୍ରଧାନ | ୭୮ |
| ନଦୀର ଦୁଃଖ | ଜୟଶ୍ରୀ ପଟ୍ଟନାୟକ | ୮୦ |

ISSN NO.
2582-208X


| | | |
|---|---|---|
| ଗଜୋଦ୍ଧାରଣ | ମଧୁମିତା ମିଶ୍ର | ୮୨ |
| ଲଳିତ ନିବନ୍ଧ-କୁମ୍ଭୀର କାନ୍ଦଣା | ବଦ୍ରୀ ମହାନ୍ତ | ୮୩ |
| କହିବାକୁ ଚାହେଁ | ଭାରତୀ ମୁଦୁଲି | ୮୬ |
| ନିଃଶବ୍ଦ ଅନ୍ଧାର | ସ୍ୱର୍ଣ୍ଣମୟୀ ଷଡଙ୍ଗୀ | ୮୮ |
| ବିଚ୍ଛିନ୍ନାଞ୍ଚଳ ସିଂହଭୂମିର "ଇଟାପୋଖରୀର ମିଠାକଥା" | ପ୍ରଫେସର ହରିହର ପ୍ରଧାନ | ୯୧ |
| ଫୁଲ୍ଲେରୀ ଓଷା | ଡକ୍ଟର ସୀମାଞ୍ଚଳ ପ୍ରଧାନ | ୯୪ |
| ପ୍ରତୀକ୍ଷିତ ମୂହୂର୍ତ୍ତ | ଦିବାକର ନାୟକ | ୯୬ |
| ଆଧୁନିକ ଓଡ଼ିଆ ଗୀତି କବିତାରେ ଗାଥା ଗୀତିକାର ରୂପ କଳେବର | ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ | ୯୯ |
| ମକର ସଂକ୍ରାନ୍ତିରେ ଗୁଞ୍ଜେ ଶ୍ରୀରାମ | ଅଜିତ କୁମାର ରାଉତ | ୧୦୩ |
| ମନ | ଦିଲ୍ଲୀପ ଶତପଥୀ | ୧୦୫ |
| ପ୍ରଥମ ଚିଠି | ମନ୍ଦାକିନୀ ପାଢ଼ୀ | ୧୦୭ |
| ବନ୍ଧ୍ୟା, ଏକ ମାନସିକ ଭୟ | କାର୍ତ୍ତୀକେଶ୍ୱର ନାୟକ | ୧୧୦ |
| ଆଲୋ ସଖୀ ଆପଣା ମହତ ଆପେ ରଖି | ସତ୍ୟନାରାୟଣ ପ୍ରସାଦ ନାୟକ | ୧୧୨ |
| ଅପେକ୍ଷା | ଅରୁଣ କୁମାର ମହାପାତ୍ର | ୧୧୪ |
| ଫଗୁଣ ଆସିବ | ପ୍ରକାଶ କୁମାର ଗନ୍ଧ | ୧୧୬ |
| ପଳାଶ ଫୁଲର ହସ | ଦୀପକ କୁମାର ନାୟକ | ୧୧୮ |
| ଗାଳ୍ପିକା ସରୋଜିନୀ ସାହୁଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଏକ ଆକଳନ | ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ | ୧୧୯ |
| ମା' ତୋ ସିନ୍ଦୂର ବିନ୍ଦୁକୁ | ଛବି ରାଣୀ ପତି | ୧୨୪ |
| ଜୀବନ | ପ୍ରଦୀପ୍ତ କୁମାର ମିଶ୍ର | ୧୨୬ |
| ଉତ୍କଳ | ସୁଜିତ କୁମାର ମିଶ୍ର | ୧୨୮ |
| ବାଇଶି ପାହାଚ | ସିନ୍ଧୁ ନନ୍ଦିନୀ | ୧୩୧ |
| ଏପ୍ରିଲ ଓ ମୋ ବାବା | କୁଞ୍ଜ ବିହାରୀ ସାହୁ | ୧୩୩ |

ISSN NO.
2582-208X


| | | |
|---|---|---|
| ଅସମାହିତ ପ୍ରଶ୍ନ | କୁଞ୍ଜବିହାରୀ ରାଉତ | ୧୩୬ |
| ହେ ବସନ୍ତ...!!!! | ଝିଲିମିଲି ସାହୁ | ୧୩୮ |
| ହେ ମୃତ୍ୟୁ ତୁମେ | ନଳିନୀ ଦାଶ | ୧୪୦ |
| ଉଠ୍ ପୁଟୁର୍ | ଆରତୀ ସାହୁ (ଆଶା) | ୧୪୨ |
| ସମ୍ଭାବନାର ଦୁନିଆଁ ବୁକୁରେ (ନାରୀଶକ୍ତି ) | ନିରୂପମା ପଟେଲ | ୧୫୧ |
| ଗଣେଶ ବନ୍ଦନା | ସନ୍ତୋଷ କୁମାର ବେହେରା | ୧୫୩ |
| ପୁରୁଣା ସମୟ | ସୋନାଲି ଶୁଚସ୍ମିତା ମହାନ୍ତ | ୧୫୪ |
| ପ୍ରବନ୍ଧ : ମନ | ବାସନ୍ତୀ ଲତା ଜେନା | ୧୫୬ |
| ମୁଁ ଯେବେ ବାହୁଡ଼ିବି | ଡ. ଅଭିମନ୍ୟୁ କାନୁନଗୋ | ୧୬୦ |
| ଶ୍ରୀ ଅଞ୍ଜନେୟ ମଙ୍ଗଳାଷ୍ଟକମ୍ | ଅଭିଳାଷ ବାରିକ୍ | ୧୬୨ |
| ଗୋପୀନାଥ ମହାନ୍ତିଙ୍କ ଉତ୍କଳମଣି: ଏକ ବିହଙ୍ଗାବଲୋକନ | ଡ଼କ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ | ୧୬୪ |
| ପ୍ରେମ ଏମିତି | ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର | ୧୬୫ |
| ଅସମ୍ଭବ | ଡ. ଜ୍ଞାନେଶ୍ୱର ମିଶ୍ର | ୧୬୭ |
| ଝିଅ ଟିଏ ସେ | ଦେବାର୍ଚ୍ଚନ ମେହେର | ୧୭୯ |
| ବଉଳ ଗଇଁଠା | ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ | ୧୮୧ |
| ଦୀପ ସଳିତାର ଆତ୍ମକଥା | ବେଣୁଧର ସୂତାର | ୧୮୫ |
| ଛାଡଖାଇ ମାହାତ୍ମ୍ୟ | ପ୍ରସନ୍ନ କୁମାର ମେହେର | ୧୮୭ |
| ସଚ୍ଚିଦାନନ୍ଦ ରାଉତରାୟଙ୍କ ପଲ୍ଲିଶ୍ରୀ କବିତାଗ୍ରନ୍ଥରେ ଗ୍ରାମ୍ୟଜୀବନ | ଅପରାଜିତା ମହାରଣା | ୧୮୯ |
| ଆସିଲା ଆଦେଶ | ଜୟ କୁମାର ମିଶ୍ର | ୨୦୨ |
| ତିନୋଟି ଛୋଟ ଗପ | ସୁଧାଂଶୁ ଶେଖର ଦ୍ୱିବେଦୀ | ୨୦୪ |
| ଭବିଷ୍ୟତ ଭଉଁରୀ | ମାନସ ରଞ୍ଜନ ନାୟକ | ୨୦୭ |
| ସନ୍ତୁଷ୍ଟ | ବିନୟାନନ୍ଦ ବସ୍ତ୍ୱସ୍ୟ | ୨୦୯ |
| ଚୁନା ସପନ | ଡକ୍ଟର ଜ୍ୟୋତ୍ସ୍ନାରାଣୀ କର | ୨୧୧ |

ISSN NO.
2582-208X


| | | |
|---|---|---|
| ଚମ୍ପାବତୀର ସ୍ୱପ୍ନ | ଅଜୟ କୁମାର ନନ୍ଦୀ | ୨୧୪ |
| ସୁସ୍ଥ  ଓଡ଼ିଶା ବିକଶିତ ଓଡ଼ିଶା | ବର୍ଷାଗ୍ରଣୀ ମହାମଲ୍ଲୀକ | ୨୧୬ |
| ସାଥି | ଗୀତାଞ୍ଜଳି ମିଶ୍ର | ୨୧୮ |
| ମନୋଜ ଦାସଙ୍କ ଗଳ୍ପ 'ଲକ୍ଷ୍ମୀର ଅଭିସାର'-ଏକ ଦୃଷ୍ଟିପାତ | ଦେବୀପ୍ରସାଦ ପ୍ରଧାନ | ୨୧୯ |
| ଶିକ୍ଷା ଓ ସଂସ୍କୃତି | ଅକ୍ଷୟ ମହାନ୍ତ (ନିର୍ମାଲ୍ୟ) | ୨୨୮ |
| ଏଇମିତି କବିର ଜୀବନ | ବିଶ୍ୱନାଥ କର | ୨୩୦ |
| ଯଶୋଧରା'ଙ୍କ ଭଳି ଚରିତ୍ର ସମାଜରେ ଆବଶ୍ୟକ | ଅସିତ ମହାନ୍ତ | ୨୩୨ |
| କଳି କାଳର ଅମୃତ | ଅନିରୁଦ୍ଧ ରଣା | ୨୩୫ |
| ଶୀତ ପରେ ଗ୍ରୀଷ୍ମ | ନରେନ୍ଦ୍ର ପ୍ରସାଦ ବେହେରା | ୨୩୭ |
| ମହା ଶିବରାତ୍ରି | ସୁଜାତା ପଣ୍ଡା | ୨୩୯ |
| ମକଦ୍ଦମା | ଅବିନାଶ ସାହୁ | ୨୪୨ |
| ଛଦ୍ମ ବେଶରେ ମୁଁ | ବିରଞ୍ଚି ନାରାୟଣ ମିଶ୍ର | ୨୪୬ |
| ହେ ମାଆ ସରସ୍ୱତୀ | ଡ. ଅର୍ଜୁନ ଚରଣ ବାରିକ୍ | ୨୪୮ |
| ଶୃଙ୍ଖଳିତ ଯୁବପିଢି ପାଇଁ ଏନସିସିର ଆବଶ୍ୟକତା | କ୍ୟାପଟେନ ଅକ୍ଷୟ କୁମାର ଦାଶ | ୨୪୯ |
| ଆନ ହିତେ ସଦା ରହୁ ମୋ ମତି | ରାଜକିଶୋର ସ୍ୱାଇଁ | ୨୫୩ |
| ଜୟ ମାଁ ମଙ୍ଗଳା | ବାଙ୍କାବିହାରୀ ମହାକୁର | ୨୫୫ |
| ବନ୍ଧୁ | କାଳିପ୍ରସାଦ ମହାପାତ୍ର | ୨୫୭ |
| ଆନନ୍ଦନଗରରେ ଆନନ୍ଦ ଅନ୍ୱେଷାର ପ୍ରୟାସ ଓ ରମେଶ ପାଣିଗ୍ରାହୀଙ୍କ 'ଆନନ୍ଦ ନଗରକୁ ଯାତ୍ରା' ନାଟକ | ଅଙ୍କିତା ପ୍ରିୟଦର୍ଶିନୀ ସାହୁ | ୨୫୯ |
| ଦୁବ | ସୁଧୀର ମେହେର | ୨୭୦ |
| ବୋଉ | ସୁଲତା ସାହୁ | ୨୭୨ |
| ସୌର ଜଗତକୁ ଯାତ୍ରା | ହର ପ୍ରସାଦ ସୁଆର | ୨୭୪ |

ISSN NO.
2582-208X


| | | |
|---|---|---|
| ଜୀବନ ଦୋ ଛକିରେ | ଆଦ୍ୟାଶା ନନ୍ଦ | ୨୭୬ |
| ରାମ ରାଜ୍ୟ ଫେରିଛି | ଦୀନବନ୍ଧୁ ବେଜ | ୨୮୨ |
| ଶୀର୍ଷକ  ଦୂର ପାହାଡ଼ ସୁନ୍ଦର | ଅଧ୍ୟାପକ ଅବିନାଶ ବାରିକ୍ | ୨୮୪ |
| ଜୟ ଜଗନ୍ନାଥ ! | ବୈଶାଖୀ ଦୀପ | ୨୮୫ |
| ଝରା ଶେଫାଳିର ମହକ | ଶୁଭେନ୍ଦୁ ମେହେର | ୨୮୭ |
| ମଧୁ ମାଳତୀ | ଡାଃ. ଅନିତା ପଣ୍ଡା | ୨୮୯ |
| ସଂକଟରେ ମୋ ଗାଁ | ପ୍ରଶାନ୍ତ କୁମାର ନାଥ | ୨୯୩ |
| ପ୍ରଭୁ ତୁମ ପାଇଁ | ଅମରନାଥ ବାରିକ | ୨୯୪ |
| ମୋ ଜୀବନ | ପ୍ରଜ୍ଞା ପାରମିତା ଦାଶ (ମିଶ୍ର) | ୨୯୬ |
| ବିଡମ୍ବିତ ଭାଗ୍ୟ | ଦେବଦତ୍ତା ଦେବୀ | ୨୯୭ |
| ହସ ଖୁସିର ସଂସାର | ଡଃ ପ୍ରିୟମ୍ବଦା ସାମଲ | ୩୦୩ |
| କେଉଁ ଲେଖନୀରେ ଲେଖିଲ ମୋ ଭାଗ୍ୟ | ରଶ୍ମିତା ନାୟକ | ୩୦୪ |
| ତମ ଭିତରେ | ଚିତରଂଜନ ବେହେରା | ୩୦୮ |
| ପଶ୍ଚିମ ଓଡ଼ିଶାର ଲୋକ ଗୀତରେ ସମାଜ ଜୀବନର ଚିତ୍ର - ଏକ ବିଶ୍ଳେଷଣ | ଅଧାପକ ସିଦ୍ଧାନ୍ତ କୁମାର ଦାଶ | ୩୦୯ |
| ପଲ୍ଲୀ ନବବଧୂ | ରେଖାରାଣୀ ବାରିକ୍ | ୩୧୭ |
| ପର ମତେ କରିଦେଲ | ଶିଶିର କୁମାର ପଣ୍ଡା | ୩୧୮ |
| ଚିନୁ ତୁମେ ଚାଲିଗଲ | ଶୀବାଜି ବାହିନୀପତି | ୩୧୯ |
| ସକଳ ନିରାଶାରେ ଆଶାର ଅପୂର୍ବ ଝଙ୍କାର ରାମଚନ୍ଦ୍ର ବେହେରାଙ୍କ "ଗୋପପୁର" | ଶ୍ରୀମନ୍ତନୀ ଦାସ | ୩୨୦ |
| ଆତ୍ମବୋଧ | ମୀରା ପୂରବୀ ପାଣିଗ୍ରାହୀ | ୩୩୧ |
| ପରମଗ୍ରନ୍ଥ ଭାଗବତ | ନୀଳମଣି ରୁଦ୍ର | ୩୩୨ |
| ଆଦି ଶକ୍ତି | ଜ୍ୟୋସ୍ନା ରାଣୀ ମହାନ୍ତ | ୩୩୪ |
| ଏକ ଗୃଧ୍ର ପକ୍ଷୀର କାହାଣୀ | ବିଜୟ କୁମାର ସାହୁ | ୩୩୬ |
| ଅଜଣା ଏ ରାସ୍ତା | ସନ୍ଧ୍ୟା ଘଡେଇ | ୩୪୦ |

ISSN NO.
2582-208X


| | | |
|---|---|---|
| କର | ଅଲେଖ ମେହେର | ୩୪୨ |
| ମିଥ୍ୟା ପ୍ରଚାର | ପୂର୍ଣ୍ଣଚନ୍ଦ୍ର ରଣା | ୩୪୪ |
| ପଖାଳ କଂସା | ରାମ ଚନ୍ଦ୍ର ପ୍ରଧାନ | ୩୪୬ |
| ଭାଗବତ ଚାରିଅକ୍ଷର ନାମକରଣର ଯଥାର୍ଥତା | ରବୀନ୍ଦ୍ର କୁମାର ସାହୁ | ୩୪୭ |
| କିଛି ବୁଝି ହୁଏ ନା | ମନଜିତ୍ ମୋହନ ଗୃନ୍ଦ | ୩୬୩ |
| ବାଣପୁର ମାଟି | ବିଶ୍ୱବିଜୟୀ ଦାଶ | ୩୬୫ |
| ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ | ଅଧାପିକା ରେଜାଲିନ୍ ବାରିକ୍ | ୩୬୭ |
| କ୍ଷୁଦ୍ର ସ୍ୱାର୍ଥ ଛାଡ଼ | ପ୍ରତିଭା ଦାସ | ୩୬୮ |
| ନିଷ୍କପଟ ପ୍ରେମ ହିଁ ବେଳେ ବେଳେ କଳଙ୍କ ସାଜିଯାଏ | ପ୍ରଫେସର ହରିହର ଦାଶ | ୩୭୦ |
| ଭାବର ମାନସୀ | ତ୍ରିପତି ପ୍ରଧାନ | ୩୭୪ |
| ଚିତ୍ରଲେଖା ମଧୁମତୀ | ତାରାପ୍ରସାଦ ଜେନା | ୩୭୬ |
| ଫଗୁଣ | ନିରଞ୍ଜନ ସାହୁ | ୩୭୮ |
| ଗୋଟିଏ ସନ୍ଧ୍ୟାଃ ଜରଓ୍ୱାଙ୍କ ଗହଣରେ | ପ୍ରିୟବ୍ରତ ପାତ୍ର | ୩୮୦ |
| ପ୍ରଜାପତିର ଶୋଷ | ସୁନନ୍ଦା ମହାନ୍ତ | ୩୮୫ |
| ଜୀବନର ମୂଲ କର ଘାସ ତୁଲ | ଅମୃତନାରାୟଣ ଶତପଥୀ | ୩୮୭ |
| ଲାଞ୍ଜୁଆ କୁବେର | ବିକାଶ କୁମାର ହୋତା | ୩୮୮ |
| ମାଆ | ହରେରାମ ପଣ୍ଡା | ୩୯୦ |
| ସାଂପ୍ରତିକ ଦୁଃଖାତ୍ମକ ଜୀବନାଭୂତିର ବାସ୍ତବ ପରିପ୍ରକାଶ: "ସୁନ୍ଦରତମ ଦୁଃଖ" | ବିଶ୍ୱରଂଜନ ମହାନ୍ତ | ୩୯୨ |
| ରସନା ରଟ ନିରତେ ପୀତବାସ | ଜୟନ୍ତୀ ଦେବୀ | ୪୦୩ |
| ଅସତ୍ୟ କାୟା | ଚତ୍ତରଞ୍ଜନ ନାଏକ | ୪୦୪ |
| କ'ଣ ଦରକାର ? | ଯଜ୍ଞଦତ୍ତ ସାମନ୍ତରାୟ | ୪୦୬ |
| ଭାଗ୍ୟ ଭବିଷ୍ୟ | ସିଦ୍ଧେଶ୍ୱର ତ୍ରିପାଠୀ | ୪୦୭ |

ISSN NO.
2582-208X


| | | |
|---|---|---|
| ଫେରିଆସ ଆଦିକବି... | ରାମଚନ୍ଦ୍ର ବେହେରା | ୪୦୯ |
| ଅଷ୍ଟ ଲକ୍ଷ୍ମୀ ସ୍ତୋତ୍ରମ୍ | ଦେବଯାନୀ ବାରିକ୍ | ୪୧୧ |
| ସାଂପ୍ରତିକ ପରିସ୍ଥିତିରେ ମହିଳାର ଭୂମିକା | ଅଜୟ କୁମାର ରାଉତ | ୪୧୪ |
| ଜୟ ମା ସରସ୍ୱତୀ | ପ୍ରବୋଧ କୁମାର ହୋତା | ୪୧୯ |
| ଦଣ୍ଡମୁକ୍ତ ଅଞ୍ଚଳ | ଜନ୍ମେଜୟ ନାୟକ | ୪୨୦ |
| ଶ୍ରୀ ମଧୁସୂଦନ | ଲକ୍ଷ୍ମୀପ୍ରିୟା ବିଶ୍ୱାଳ | ୪୨୨ |
| ସୂର୍ଯ୍ୟକିରଣ | ସୂର୍ଯ୍ୟ ନାରାୟଣ ସାହୁ | ୪୨୪ |
| ସୂର୍ଯ୍ୟାଷ୍ଟକମ୍ | ଅଳକା ବାରିକ୍ | ୪୨୫ |
| ଅପ୍ରିୟ ସତ୍ୟ | ଖଗେଶ୍ୱର ବାଗ | ୪୨୭ |
| ବିଦାୟ | ପ୍ରକାଶ ଚନ୍ଦ୍ର ପଣ୍ଡା | ୪୩୧ |
| ଭଉଣୀ ଟା ମୋର<br>ବୁଝିବ କେବେ ? ? | ଅନାଦି ଚରଣ ବେହେରା | ୪୩୨ |
| ଫଗୁଣ ଖୋଜୁଛି ଠିକଣା ତାର | ସ୍ୱାଗତିକା ସାହୁ | ୪୩୪ |
| ଓଡିଆ ସାହିତ୍ୟରେ ଅନାମ କବି ଓ<br>କବିତା : ଏକ ସମୀକ୍ଷା | ଦେବାଶିଷ ମୁଦୁଲି | ୪୩୬ |
| ହେ ମୋର ପ୍ରିୟ କବିତା...! | ପବିତ୍ର ବାଗ | ୪୪୮ |
| ଅପେକ୍ଷା | ପ୍ରିୟଦର୍ଶିନୀ ପତି | ୪୫୦ |
| ଭିନ୍ନ ଯନ୍ତ୍ରଣା | ସୁହଂସ ଖ୍ୱେଇ | ୪୫୨ |
| ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ<br>ନାଟ୍ୟସ୍ୱର | ଶୁଚସ୍ମିତା ବିଶ୍ୱାଳ | ୪୫୪ |
| ଏଠି ଫୁଲ ବି ଅସହାୟ | ଦେବସ୍ମିତା ମହାନ୍ତ | ୪୫୯ |
| ପିଲାଦିନ | ଜୟଦେବ ମାଝୀ | ୪୬୧ |
| ଇନ୍ଦ୍ରିୟର ବଶ ହେଲେ ସର୍ବନାଶ | ଜ୍ଞାନ ରଞ୍ଜନ ଦାଶ | ୪୬୩ |
| ଲକ୍ଷ୍ୟ ଅନେକ ଦୂର | ସୁଧାଂଶୁ ଶେଖର ପାତ୍ର | ୪୬୪ |
| ଭକ୍ତି, ଭୟ, ଲୋଭ<br>ଏବଂ ଅଧ୍ୟାତ୍ମବାଦ | ହେତୁବାଦୀ ବାଲ୍ମୀକ | ୪୬୫ |

ISSN NO.
2582-208X


| | | |
|---|---|---|
| ରୁଦ୍ରାଷ୍ଟକମ୍ | ସୁହାସିନ ବାରିକ୍ | ୪୭୧ |
| ଦୁର୍ଲଭ ମାନବ ଜନ୍ମ | ଅଲେଖ ମେହେର | ୪୭୩ |
| ଧନୁଯାତ୍ରା | ମାଳତୀ ଦେବୀ | ୪୭୫ |
| ପହିଲି ଭୋଗ | ଦାସ କମଳ କୁମାର | ୪୭୬ |
| ବସନ୍ତ ଫଗୁଣ ସାଥେ ଆସିଛି | ଅନନ୍ତ କୁମାର | ୪୮୧ |
| ହେ ପ୍ରଭୁ ଶିବଶଙ୍କର | ରାଧା ରାଣୀ ରାଉଳ | ୪୮୩ |
| ଆଲୋ ସଖୀ,<br>ଆପଣା ମହତ ଆପେ ରଖି | ରମାକାନ୍ତ ମାହାଳ | ୪୮୪ |
| ସଂପର୍କ | ଦୁଷ୍ମନ୍ତ ବେହେରା | ୪୮୬ |
| ହେ ମାଆ ସରସ୍ୱତୀ | ସମ୍ପଦା ଦେବୀ | ୪୮୯ |
| ବୃତ୍ରାସୁର ବଧ | ନରେନ୍ଦ୍ର ପ୍ରସାଦ ବେହେରା | ୪୯୦ |

## ଆମ ହାଣ୍ଡିଶାଳ

| | | |
|---|---|---|
| ଚିଙ୍ଗୁଡି ତରକାରୀ | ଅରବିନ୍ଦ ମିଶ୍ର | ୪୯୪ |

## ଆଞ୍ଚଳିକ

| | | |
|---|---|---|
| ଇ ଟାଁଗି ଚେରେ | ଗଜାନନ ମିଶ୍ର | ୪୯୭ |
| ତୁମର୍ ସୁରତା ଥିଁ | ରିତେଶ ସାହୁ | ୪୯୮ |
| ଛୁଆଁକୁ ପଦେ | ଡ଼ଃ ପ୍ରଦୀପ କୁମାର ପଣ୍ଡା | ୫୦୦ |
| ଦେଖ୍ ବିହା ବଜା ବାଜ୍ ଲା ନ | ପ୍ରକାଶ ମେହେର | ୫୦୨ |
| ବାଏଝାଲୀ | ସୁନୀଲ କୁମାର ଅଗସ୍ତି | ୫୦୪ |

## ଶିଶୁ ବିଭାଗ

| | | |
|---|---|---|
| ବୁଦ୍ଧିର ପସନ୍ଦ | ଡ଼ଃ ରଞ୍ଜିତ କୁମାର ସାହୁ | ୫୦୬ |
| ଜେଜେ ଙ୍କ ଉପଦେଶ | ବିକାଶ କୁମାର ହୋତା | ୫୧୦ |

ISSN NO.
2582-208X


| | | |
|---|---|---|
| ଟିକି ପାଇଲଟ | ଅଶୋକ କୁମାର ପଧାନ | ୫୧୨ |
| ଭୁଲିବାନି | ଝରଣା ବାରିକ | ୫୧୪ |
| ଅଜା ଆଇ ମିଶି | ଦୀନବନ୍ଧୁ ପୋଇ | ୫୧୬ |
| ମୁଁ ଜଣେ ନାରୀ | ଆକାଂକ୍ଷା ମିଶ୍ର | ୫୧୮ |
| ଚିତ୍ର | ଆଦବିକା ପଟ୍ଟନାୟକ | ୫୨୦ |
| ସମୀକ୍ଷା /ମତାମତ | ଦେବଯାନୀ ସ୍ୱାଇଁ | ୫୨୧ |
| ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୫୨୫ |
| ଚିତ୍ର କଥା କହେ | ବେଦାନ୍ତୀ ପରିବାର | ୫୨୬ |

ISSN NO.
2582-208X

# ଡି.ଏଫ.ଓ
# କ୍ୟାମ୍ପବେଲ ବେ



ଅଶୋକ ବିଶ୍ୱାଳ

## ୨୨-ବିସ୍ମୟକରୀ ଜୀବଗଣ

"ପ୍ରେମ କ'ଣ ଖାଲି ଶରୀରର ଆକର୍ଷଣ?"- ଶୋଭନା ଦିନେ ବୁଲିସାରିଲା ପରେ କହିଲେ। ସେଦିନ ସେ ଏକ ଚମତ୍କାର ହାଲକା ନୀଳ ରଙ୍ଗର ଶାଢ଼ୀ ପିନ୍ଧିଥିଲେ । ଅସୀମ ତାଙ୍କୁ କର୍ପୋରେଟ ଲୁକ ପାଇଁ ଏକ ଶାର୍ଟ ଆଉ ପ୍ୟାଣ୍ଟ ଉପହାର ଦେଇଥିଲେ । କିନ୍ତୁ ସେ ଡ୍ରେସ ଶୋଭନା ପିନ୍ଧି ପାରିଲେ ନାହିଁ । ତାଙ୍କୁ ସେ ଡ୍ରେସରେ କେମିତି ମାଡି ମାଡି ପଡିଲା ଭଳି ଲାଗେ । ନାରୀତ୍ୱ ସେଥିରେ ପ୍ରସ୍ଫୁଟିତ ହୋଇପାରେ ନାହିଁ ବୋଲି ସେ ଭାବନ୍ତି । ନାରୀତ୍ୱ ପାଇଁ ସେ ଶାଢ଼ୀକୁ ଶ୍ରେଷ୍ଠ ମାନନ୍ତି । ସେଥିରେ ନିଜର ବ୍ୟକ୍ତିତ୍ୱ ଠିକ ଭାବେ ଫୁଟି ଉଠିଲା ଭଳି ଲାଗେ ।

"ଶରୀର ନିଶ୍ଚିତ ଭାବେ ଦରକାର । ଉପଯୁକ୍ତ ଶରୀର ବିନା ଖାଲି ପ୍ରେମ ସମ୍ଭବ ନୁହେଁ।"- ଅସୀମ କହିଲେ ।

"ମୁଁ କିନ୍ତୁ ପ୍ରେମକୁ ମାନସିକ ମନେ କରେ । ପ୍ରେମ ହେଉଛି ତୀବ୍ର ଆବେଗ ଆଉ ତାହା ମନରେ ଉଦ୍ରେକ ହେବା ଆବଶ୍ୟକ ।"- ଶୋଭନା କହିଲେ । ତାଙ୍କ ଘରେ ବାରଣ୍ଡାରେ ଏକ କୋଣରେ ସେ ବସିଥିଲେ । ଅନ୍ୟ କଣରେ ପାରାମାନେ ମେଳି କରିଥିଲେ । କିଛି ଏମିତି ବୁଲୁଥିଲେ । କିଛି ତ ଘୁମୁରୁ ଥିଲେ । ସେ ଘୁମୁରୁଥିବା ପାରାକୁ ଅନାଇଥିଲେ ।

ISSN NO.
2582-208X

"ପ୍ରେମ ଅର୍ଥ ହେଉଛି ଏକ ଆହ୍ୱାନ । ଏହା ମନକୁ ଛୁଇଁବା ଦରକାର ।"- ଶୋଭନା ଆଉଥରେ କହିଲେ ।

ଅସୀମ କିଛି କହିଲେନି । ଶୋଭନା ସବୁବେଳେ ପ୍ରେମକୁ ମନ, ଆତ୍ମା ଭିତରେ ସିମୀତ କରି ରଖିବାକୁ ଚାହାନ୍ତି । ସେ ଶୋଭନାଙ୍କ କଥା ବୁଝନ୍ତିନି । ତାଙ୍କୁ ଶୋଭନା ଏକ ଆଶ୍ଚର୍ଯ୍ୟ ଚରିତ୍ର ଲାଗନ୍ତି । ଏକ ତରୁଣୀ ସବୁବେଳେ ମନକୁ କ'ଣ ପାଇଁ କିଛି ଦ୍ୱିଧା ଭିତରକୁ ନେଇଆସେ । ଶୋଭନା ତାହେଲେ କ'ଣ କିଛିରେ ଅସନ୍ତୁଷ୍ଟ ଅଛନ୍ତି? ସେ କିଛି ଜାଣି ପାରନ୍ତିନି । କିନ୍ତୁ ତାଙ୍କ ମନ ଭିତରେ କିଛି ଅସନ୍ତୁଳିତ ଭାବନା ତ ଜାତ ହୁଏ । ତାଙ୍କ ପାଇଁ ସବୁବେଳେ ମନ କଥା ନଗଣ୍ୟ । ପ୍ରେମ ପାଇଁ ଉପଯୁକ୍ତ ଶରୀରର ନିଶ୍ଚିତ ଆବଶ୍ୟକ ଅଛି । ବିନା ଶରୀରର ମିଳନରେ ପ୍ରକୃତ ଆଟାଚମେଣ୍ଟ କେବେ ଆସିବନି ।

"ପ୍ରେମକୁ ମୁଁ କହିବି ଶରୀର ଶରୀର ଭିତରେ ଆକର୍ଷଣ । ବିନା ଶାରୀରିକ ଆକର୍ଷଣ ବିନା ନାରୀ ଆଉ ପୁରୁଷ ଭିତରେ ପ୍ରେମ କେବେ ସଂଘଟିତ ନ ହୋଇପାରେ । ଜଣଙ୍କର ଆଉ ଜଣଙ୍କ ପ୍ରତି ତୀବ୍ର ଆକର୍ଷଣକୁ ଶବ୍ଦରେ କୁହାଯାଉଛି ପ୍ରେମ ।"- ଅସୀମ କହିଲେ ।

"ପ୍ରେମକୁ ବି କୁହାଯାଇପାରିବ ଜଣେ ଜଣକୁ ପ୍ରଶଂସା କରିବା, ମନକୁ ବୁଝିବା, ଦୁଖ ସୁଖରେ ସାଥି ହେବା ।"-ଶୋଭନା କହିଲେ ।

"ଅନ୍ୟର ତୀବ୍ର ଆବେଗକୁ ବି ବୁଝିବା । ଏହା ମଧ୍ୟ ପ୍ରେମର ସଜ୍ଞା ।"-ଅସୀମ କହିଲେ।

ପ୍ରେମ, ଶରୀର ଆଉ ବନ୍ଧନ ବିଷୟରେ ଅନେକ ଆଲୋଚନା ହୋଇଗଲା ସେଦିନ । କୃଷ୍ଣଙ୍କର ପ୍ରେମ, ଲୀଳାଖେଳା, ଦାନବୀୟ ପ୍ରେମ, ଐଶ୍ୱରୀୟ ପ୍ରେମ, ଅନ୍ଧ ପ୍ରେମ ଏମିତି ଅନେକ ପ୍ରକାରର ପ୍ରେମ ଉପରେ ଆଲୋଚନା ହେଲା । ସେମାନେ ପ୍ରେମର କିଛି ନୂଆ ସାଜ୍ଞା ତିଆରି କଲେ । ଆଉ ସେମାନଙ୍କର ଆଲୋଚନା ଏକ ନିଷ୍କର୍ଷରେ ପହଞ୍ଚି ପାରିଲାନି। ପୁଣି କେଉଁ ଦିନ ସେମାନେ ଏ ବିଷୟରେ ଆଲୋଚନା କରିବେ ।

ପରଦିନ ସେମାନଙ୍କୁ ୫୧ କିଲୋମିଟର ଯିବାକୁ ଥିଲା । ସେ ଜାଗାରେ ଏକ ଲାଇଟ ହାଉସ ଅଛି । ଚାରିପଟେ କେଓଡା ବଣ । ତା' ଭିତରେ ଉପରକୁ ଉଠିଯାଇଛି ଏକ ଲମ୍ବା ଲାଲ ଧଳା ଲାଇଟ ହାଉସର ଗମ୍ବୁଜ । ସେ ଭିତରୁ ଅନ୍ଧାରରେ ବାହାରି ଆସେ ଧଳା ତୀବ୍ର

ISSN NO.
2582-208X

ଆଲୋକ । ଏକ ପାଣି ସ୍ରୋତଭଳି ବୋହିଯାଏ ଦୂର ସମୁଦ୍ରକୁ । ସେଇ ପାଖରେ ସମୁଦ୍ରକୂଳରୁ କିଛି ଦୂରରେ ଏକ ମେଗାପଡ ବସା ଅଛି ବୋଲି ଅସୀମ ଜାଣିଥିଲେ । ସେ ଜୀବଜନ୍ତୁଙ୍କ ମିଳନ ମଧ୍ୟରେ ପ୍ରେମ ଆଉ ଶରୀର ଭିତରେ ଆକର୍ଷଣ ଜାଣିବାକୁ ଚାହୁଁଥିଲେ ।

"ଏଠାକାର ଅନ୍ୟ ବିସ୍ମୟକର ଜୀବଜନ୍ତୁ ଭଳି ଏକ ବିସ୍ମୟକର ପକ୍ଷୀ ହେଉଛି ନିକୋବରୀ ମେଗାପଡ ।"- ଅସୀମ କହିଲେ ।

"ନାଁଟା ଆଗରୁ ଶୁଣିନି, ଏକ ଆଶ୍ଚର୍ଯ୍ୟଜନକ ପକ୍ଷୀ ହୋଇଥିବ ।"-ଶୋଭନା କହିଲେ ।

"ତୁମକୁ ପ୍ରେମ, ସ୍ନେହ ଆଉ ସମ୍ବନ୍ଧ ଆଉ ପ୍ରଚେଷ୍ଟା ଉପରେ କିଛି ଉଦାହରଣ ମିଳିଯି ।"- ଅସୀମ କହିଲେ ।

ଅସୀମ ମେଗାପଡ ବିଷୟରେ ସଂଗୃହୀତ କିଛି ଲେଖା ଶୋଭନାଙ୍କ ହାତକୁ ବଢାଇଦେଲେ। ପ୍ରାୟ ଜଙ୍ଗଲୀ କୁକୁଡାରୁ ସାମାନ୍ୟ ବଡ ଆକାରର ପକ୍ଷୀ ଅଣ୍ଡାଦେବା ପାଇଁ ଏକ ବିଶାଳ ମାଟିକୁଦ ତିଆରି କରେ । କୁଦର ଉପରେ ଅଣ୍ଡା ଦିଏ । ଥର୍ମୋମିଟର ଭଳି କୁଦର ମାଟିର ତାପମାନ ମାପେ । ମେଗାପଡ ପକ୍ଷୀ ଗ୍ରେଟ ନିକୋବର ଦ୍ୱୀପ, ତିଲଙ୍ଗଚାଙ୍ଗ, ମେଗାପଡ ଭଳି କେତୋଟି ଦ୍ୱୀପରେ ମାତ୍ର ସୀମିତ । ମେଗାପଡ ପକ୍ଷୀ ସମୁଦ୍ରକୂଳରେ ରହେ । ଏଠି ମାଟି ବାଲି ନରମ ଥାଏ । ଏହି ମାଟିମିଶା ବାଲି ତା'କୁ ଏକ ବଡ କୁଦ ତିଆରି କରିବାରେ ସାହାର୍ଯ୍ୟ କରେ । ସେ ବାଲିରେ ପତ୍ର ଡାଳ ଇତ୍ୟାଦି ମିଶିକରି ଥାଏ । କୁଦର ଆକାର ୧.୫ ମିଟର ଉଚ୍ଚ ଆଉ ୪-୫ ମିଟର ଚଉଡା ହୋଇପାରେ ।

ଅସୀମ ଭାବୁଥିଲେ ଅଣ୍ଡା ଦେବା ପାଇଁ କ'ଣ ପାଇଁ ଏକ ବଡ କୁଦ ଦରକାର ?

ସବୁ ପକ୍ଷୀତ ବସାରେ ଅଣ୍ଡା ଦିଅନ୍ତି । କିନ୍ତୁ ଏତେ ପରିଶ୍ରମ କରି ଏକ କୁଦ ତିଆରି କରିବା କ'ଣ ଦରକାର? ନିଜର ପଞ୍ଝାରେ ବାଲି ମାଟି ଛାଟିଛାଟି ଏକ ୪-୬ ଫୁଟ କୁଦ କରିବାର ଦିନକର କଥା ନୁହେଁ । ନିଜ ଘର ବସାଇବା ପାଇଁ କେତେ ଦିନ ସତରେ ଲାଗିଯାଉଥିବ ? ପ୍ରକୃତି କ'ଣ କ'ଣ ଗଢିଛି? ସବା ଉପରେ ଏକ ଗାତ ଖୋଳାଯାଏ ଓ ସେଥିରେ ମାଇପକ୍ଷୀ ଅଣ୍ଡା ଦିଏ । କୁକୁଡା ଅଣ୍ଡାଠାରୁ ବଡ ଚେପଟା ଅଣ୍ଡା । ଅଣ୍ଡାର

ISSN NO.
2582-208X

ଓଜନ ପାଖାପାଖି ୧୫୦ ଗ୍ରାମ ହୋଇପାରେ । ଗାତରେ ଅଣ୍ଡାର ସରୁଆ ଅଂଶ ଉପରୁଆ ହୋଇ ରହେ । କୁଦର ଉପରେ ଏକ ଛୋଟ ଗାତ ଭିତରେ ଅଣ୍ଡାର ସାମାନ୍ୟ କଣୁଆ ପଟ ଉପର ଆଡକୁ ରହେ । ଅନ୍ୟ ପକ୍ଷୀ ଭଳି ଏମାନେ ଅଣ୍ଡା ଉପରେ ବସି ଅଣ୍ଡାକୁ ଉଷୁମେଇ ନଥାନ୍ତି । ଅଣ୍ଡା ଦେଇସାରିବାପରେ ଉପର ଗାତକୁ ବାଲି, ପତ୍ର ଡାଙ୍ଗ ଇତ୍ୟାଦିରେ ବନ୍ଦ କରିଦିଆଯାଏ । କୁଦର ମାଟିରେ ମିଶିଥିବା ଡାଳ ପତ୍ର ସଢିଯିବା ଦ୍ୱାରା ଆବଶ୍ୟକ ଉଷୁମ ମିଳିଥାଏ । ପ୍ରାୟ ୩୪ ଡିଗ୍ରୀ ସେଣ୍ଟିଗ୍ରେଡରୁ ୩୬ ଡିଗ୍ରୀ ସେଣ୍ଟିଗ୍ରେଡ ଅଣ୍ଡା ଉଷୁମାଇବା ପାଇଁ ଉପଯୁକ୍ତ ତାପମାତ୍ରା ।

ବାଲି ମାଟି କୁଦ ଉଭୟ ପୁରୁଷ ଆଉ ମାଈ ପକ୍ଷୀ ମିଶି ବନାଇଥାନ୍ତି ।

ଅଣ୍ଡିରା ପକ୍ଷୀ ସବୁବେଳେ କୁଦର ତାପମାନ ମାପୁଥାଏ ।

ସେ ନିଜର ଥଣ୍ଟକୁ କୁଦ ଭିତରେ ପୁରାଇ ତାପମାନ ମାପେ । ଦରକାର ହେଲେ କୁଦରୁ କିଛି ମାଟି କାଢିଦିଏ ବା କିଛି ବାଲିମାଟି ଜମା କରେ ଯାହାଫଳରେ କୁଦରେ ଆବଶ୍ୟକ ତାପମାନ ରହିବ । ବେଳେବେଳେ ସଢୁଥିବା ଡାଳ ପତ୍ର ଯୋଗୁ କୁଦ ଏତେ ଗରମ ହୋଇଯାଏ ଯେ କେବେକେବେ ଅଣ୍ଡା ଉପରେ ମାଟି ହଟାଇଦେବାକୁ ପଡେ । ଅଣ୍ଡା ଉଷୁମେଇବା ପ୍ରକ୍ରିୟା ପ୍ରାୟ ଆଠ ସପ୍ତାହ ଚାଲେ । ଏହି ସମୟରେ ପୁରୁଷ ମେଗାପଡ କୁଦର ତାପମାନ ଠିକ ରଖିବା ପାଇଁ ଅତି ବ୍ୟସ୍ତ ରହେ । ସବୁବେଳେ ପ୍ରାୟ କୁଦ ଉପରେ ଦଉଡୁଥାଏ । ଅଣ୍ଡା ଦେବା ଆଉ ଅଣ୍ଡା ଫୁଟିବା ପ୍ରକ୍ରିୟା ନଭେମ୍ବରରୁ ଅପ୍ରେଲ ମାସ ପର୍ଯ୍ୟନ୍ତ ଚାଲେ ।

"ମେଗାପଡର ଗ୍ରୀକ ଅର୍ଥ ହେଉଛି ବିଗ ଫୁଟ ।"-ଅସୀମ କହିଲେ ।

ଶୋଭନା ତାଙ୍କୁ ଖାଲି ଆଖିରେ ଅନାଇଲେ । ଶୋଭନା ବୁଝିପାରୁନାହାନ୍ତି ।

"ବୋଧହୁଏ ଏମିତି ଦୌଡି କାମକରିବା ପ୍ରକୃତି ହେତୁ ଏ ପକ୍ଷୀକୁ ମେଗାପଡ ବା ବିଗ ଫୁଟ କୁହନ୍ତି । ଏହାକୁ ବୁଶ ଟର୍କି ନାମରେ ମଧ୍ୟ ଜଣାଯାଏ ।"- ଅସୀମ କହିଲେ ।

"ଅଣ୍ଡିରା ମେଗାପଡର ମାଈ ସାଥି ?"-ଶୋଭନା ପଚାରିଲେ ।

ISSN NO.
2582-208X

"କୁହାଯାଇପାରେ ଏହି ମାଉଣ୍ଡ ହେଉଛି ତା'ର ରାଣୀଙ୍କ ସ୍ଥାନ । ଅଣ୍ଡିରା ପକ୍ଷୀ କୁଦ ଉପରେ ନିଜର ବଙ୍କା ଥଣ୍ଟକୁ ରଖି ମାଇ ପକ୍ଷୀକୁ ନିଜ ଅଞ୍ଚଳକୁ ନିମନ୍ତ୍ରଣ କରେ ।"- ଅସୀମ କହିଲେ । କଥାବାର୍ତ୍ତା ଭିତରେ ଦୁହେଁ କିନ୍ତୁ ଏମିତି ଏକ ପକ୍ଷୀକଥା ଆଲୋଚନା କରି ଆଶ୍ଚର୍ଯ୍ୟ ହୋଇଯାଉଥିଲେ । ଅସୀମ ଅଭିଭୂତ ହୋଇଯାଉଥିଲେ ପକ୍ଷୀଟିର ଉତ୍ସାହର ବର୍ଣ୍ଣନାରେ ଯଦିଓ ସେ ନିଜେ କଥାକୁ ଶୋଭନାଙ୍କ ଆଗରେ କହୁଥିଲେ । ସେମାନଙ୍କର ଏବେ ଇଚ୍ଛା ହେଉଥିଲା ଏ ଆଶ୍ଚର୍ଯ୍ୟଜନକ ପକ୍ଷୀକୁ ପାଖରେ ଏଇ ସାଙ୍ଗସାଙ୍ଗେ ଦେଖିବେ ।

ମେଗାପଡ ନେଷ୍ଟ କଥା ରାମଦାସ ବିସ୍ତୃତରେ କହିଥିଲେ । ୪୧ କିମି ବିଚ ପାଖରେ ଏକ ମେଗାପଡ ମାଉଣ୍ଡ ଥିଲା । ତା'କୁ ଦେଖିବାକୁ ଡକ୍ଟର ଓ୍ୟାର୍ଦ୍ଧା କୁଆଡେ ଆସୁଥିଲେ । ସେ ଆର୍ମିର ଲୋକ । କିନ୍ତୁ ତାଙ୍କ ଇଚ୍ଛା ଥିଲା ସମୁଦ୍ର କଚ୍ଛପ ଆଉ ମେଗାପଡ ଦେଖିବେ । ସେ ରାତିରେ କଚ୍ଛପ ଦେଖନ୍ତି ଆଉ ଦିନରେ ଦେଖନ୍ତି ମେଗାପଡ । ପାଖରୁ ଦେଖିବା ପାଇଁ ଏକ ହାଇଡ ତିଆରି କରାଯାଇଥିଲା । ପକ୍ଷୀଟି ଜାଣିପାରିବ ନାହିଁ, ଭଲକରି ପାଖରୁ ଦେଖିହେବ। ରାମଦାସ ହାଇଡ ବନାଇବା ଶିଖିଯାଇଥିଲେ । ଝିଙ୍ଗମ ବସ୍ତି ପରେ ମଧ୍ୟ ୫୧ କିମି ଆଡକୁ ମେଗାପଡ ମାଉଣ୍ଡ ଅଛି । ସେପଟେ ଅବଶ୍ୟ ବେଶି ମାଉଣ୍ଡ ।

ଆଉ ଇଚ୍ଛା ସାଧିତ ହେଲା । ପାଖରୁ ଦେଖିବା ପାଇଁ ରାମଦାସ ହାଇଡ ବନାଇ ଦେଇଥିଲେ। ରାମଦାସ, ଡଃ ରବି ଶଙ୍କରନ, ଶିବପ୍ରସାଦଙ୍କ ସହ କିଛି ଜାଗା ବୁଲିଛନ୍ତି ଆଉ ମେଗାପଡ ବିଷୟରେ କିଛି ତଥ୍ୟ ମଧ୍ୟ ନେଇଛନ୍ତି । ସେମାନଙ୍କ ଜାଣିବାରେ ମେଗାପଡ ଅତି ଲାଜକୁଳା ପକ୍ଷୀ । ଏ ପକ୍ଷୀ ସମୁଦ୍ରକୂଳିଆ ଜଙ୍ଗଲରେ ପ୍ରାୟ ବୁଲୁଥାଏ । ଏମାନେ ହଳ ହୋଇ ବୁଲନ୍ତି । ଅତି ଦରକାର ହେଲେ ଟିକେ ଉଡିଯାଆନ୍ତି । ସାମାନ୍ୟ ଶବ୍ଦ ହେଲେ ମୋଟେ ବାହାରିବେନି । ଅତି ସାବଧାନତାର ସହ ବସିବାକୁ ପଡିବ ।

ପାଖର ସମୁଦ୍ରକୂଳ ଏକଦମ ସଫା ଥିଲା । କୂଳପାଖରୁ ପାଣି ପ୍ରଥମରୁ ସର୍ଫ ଭଳି ନୀଳ ହୋଇ ପରେ ଗାଢ ନୀଳ ହୋଇଯାଇଥିଲା । ବାଲି ଏକଦମ ଧଳା ଥିଲା । ସମୁଦ୍ରକୂଳ ବହୁତ ସଫା ଥିଲା । ଏପଟକୁ ଲୋକେ ପ୍ରାୟ ଆସନ୍ତିନି । ସେମାନଙ୍କୁ ଦେଖାଯାଉଥିବା ନେଷ୍ଟ ବା ମାଟିକୁଦର ଚାରିପଟେ କିଛି କିଛି ଗଛ ଥିଲା । ମଝିରେ ସାମାନ୍ୟ ବାଲି ଅଂଶ । ସେ କୁଦରେ ବାଲି ମାଟି ପତ୍ର ଇତ୍ୟାଦି ମିଶିଥିଲା । ମେଗାପଡ ଏକ କୁକୁଡାଠାରୁ ସାମାନ୍ୟ

ISSN NO.
2582-208X

ବଡ ପକ୍ଷୀ । ଅଣ୍ଡା ଦେବା ପାଇଁ ବାଲୁଙ୍କା ଭଳି ବାଲିର ଏକ କୁଦ କରିବ । ହଠାତ୍ କ୍ୱକ-କଅକ୍-କଅକ୍ ଶବ୍ଦ ଆସିଲା । ଏଇଟା ମେଗାପଡର ଡାକ ।

ଏମିତି ବହୁ ସମୟ ବିତିଯାଇଛି । ଏମାନେ ଏକଦମ ଶବ୍ଦ କରିନାହାନ୍ତି । ହଳେ ମେଗାପଡ ପକ୍ଷୀ ଝାଡି ଭିତରୁ ମୁଣ୍ଡ କାଢିଥିଲେ । ପକ୍ଷୀଟାର କୁକୁଡା ଭଳିଆ ନଳୀ ଗୋଡ। ପର ଟିକିଏ ଅଧିକ କଳା । କେହି କୁଆଡେ ନାହାନ୍ତି । ସେମାନେ ଭଲରେ ବାହାରି ଆସିଲେ । ମୁଣ୍ଡରେ ସାମନ୍ୟ ମୋଟା ଚୂଳ ଆଛି । ଆଖିରୁ ଥଣ୍ଟ ପର୍ଯ୍ୟନ୍ତ ହାଲୁକ ଲାଲ ରଙ୍ଗ । ପକ୍ଷୀଟିର କିନ୍ତୁ ଜଙ୍ଗଲୀ କୁକୁଡା ଭଳି ସୁନ୍ଦର ପର ନାହିଁ । ସେମାନେ ପ୍ରଥମେ ଏପଟ ସେପଟ ବୁଲିଲେ । ତା'ପରେ ଦୁଇଟାଯାକ ପକ୍ଷୀ ଗୋଡରେ ବାଲି କୁଦ ତିଆରି କରିବାକୁ ଲାଗିଗଲେ । କୁଦର ବାହାରେ ଠିଆହୋଇ ଉପରକୁ ନିରନ୍ତର ବାଲି ଛାଟିବାରେ ଲାଗିଗଲେ । କୁଦଟା ଉପରେ ଗଛର ହାଲୁକା ଛାଇ ଥିଲା । ମେସିନ ଭଳି ସେମାନଙ୍କର ଗୋଟାଏ ଗୋଡ ପରେ ଆଉ ଗୋଟାଏ ଗୋଡରେ ପଛକୁ ହେଉଥିଲା ଆଉ ବାଲି ପଛକୁ ଫିଙ୍ଗା ଚାଲିଥିଲା । ବାଲିରେ କିଛି ଶାମୁକାର ଛୋଟ ଖଣ୍ଡମାନ ମଧ୍ୟ ଥିଲା । ତାଛଡା କିଛି ଛୋଟ ପତ୍ର ଇତ୍ୟାଦି ମଧ୍ୟ ଥିଲା । ସେମାନଙ୍କ ଗୋଲ କଳା ଆଖିରେ ଟିକିଏ ଟିକିଏ ବାଲି ଲାଗିଯାଇଥିଲା । ଆଖିପତାରେ ମଧ୍ୟ ମେଞ୍ଚାଏ ବାଲି ଲଗିଥିଲା । ଏତେ କାମ କଲାରୁ ପକ୍ଷୀମାନଙ୍କର ଥଣ୍ଟ ଖୋଲିଯାଇଥିଲା । ତଥାପି ପକ୍ଷୀମାନେ ମୋଟେ ନଅଟକି ପରିଶ୍ରମ କରି କୁଦ ତିଆରି କରି ଚାଲିଥିଲେ ।

ଏ ଭିତରେ ଏକ ସବୁଜିଆ ଗୋଧି ଧିରେ ଚାଲି ସେମାନଙ୍କ କୁଦ ପାଖକୁ ଆସୁଥିଲା । ଏ ଗୋଧିମାନେ ମେଗାପଡର କୁଦ ଖୋଳି ତା' ଭିତରୁ ଅଣ୍ଡା ଖାଇଯାଆନ୍ତି । ଏମାନଙ୍କ ଛଡା ସାପ, ଘୁଷୁରି ମଧ୍ୟ ଅଣ୍ଡା ଖାଇଯାଆନ୍ତି । ଗୋଧି ଆସୁଥିବାର ଦେଖି ପକ୍ଷୀମାନେ ଟିକେ ରହିଗଲେ । ଗୋଧିଟି ଏ ପକ୍ଷୀମାନଙ୍କୁ ସାମାନ୍ୟ ଖାତିର ନକରି ହଲି ହଲି ବାଲି ଉପରେ ଘୁଷୁରି ଯାଉଥିଲା । ତା' ମୁହଁରୁ ଜିଭ ସାପ ଭଳି ବାହରି ଆସୁଥିଲା । ବଡ ଲାଞ୍ଜ ବାଲି ଉପରେ ଘୁଷୁରୁଥିଲା । ଗୋଧିକୁ ପାଖରେ ଦେଖି ମେଗାପଡମାନେ ବାଧ୍ୟ ହୋଇ ବାଟ ଛାଡିଦେଲେ ।

ଏ ଭିତରେ ଆକାଶ କି ସୁନ୍ଦର ହୋଇଉଠିଲା । ସୂର୍ଯ୍ୟାସ୍ତ ଆଡକୁ ପଶ୍ଚିମ ଆକାଶ ଚମତ୍କାର ରଙ୍ଗରେ ରଙ୍ଗେଇ ହୋଇଯାଏ । ଆକାଶର ରଙ୍ଗ ନାରଙ୍ଗୀ ହୋଇଥିଲା । ଆଉ ଏଣେ

ISSN NO.
2582-208X

ଗୋଧିଟି ଧିରେ ସେ କୁଦରୁ ମାଟି ଖୋଳୁଥିଲା । କୁଦ ଉପରେ ଲୁଚିଥିବା ଅଣ୍ଡା ତା'ର ଲକ୍ଷ୍ୟ। ବଡ ସ୍ୱାଦିଷ୍ଟ ଭୋଜନ ହେବ ।

"ସେମାନଙ୍କ ସଂସାର ଉଜୁଡି ଯାଇଛି ଅସୀମ ।"- ଶୋଭନା ଚୁପଚୁପ କରି ଅସୀମଙ୍କ କାନରେ କହିଲେ ।

ଶୋଭନାଙ୍କ ପାପୁଲି ଅସୀମଙ୍କ ହାତକୁ ଜାବୁଡି ଧରିଥିଲେ । ସେ ଆଉ ଅସୀମ ତ ଏମିତି ଏକ ନିର୍ଜ୍ଜନ ପ୍ରଦେଶରେ ନିଜ ସୁଖ ସଂସାରରେ ଅଛନ୍ତି । ଶୋଭନା ବଡ ବ୍ୟସ୍ତ ହୋଇ ପଡୁଥିଲେ । ସେମାନଙ୍କ ଆଗରେ କେହି ଏତେ କଷ୍ଟକରି ନିଜର ଘର କରୁଛି ଆଉ ଏକ ଦସ୍ୟୁ ସେ ଘରୁ ସେମାନଙ୍କ ସନ୍ତାନକୁ ଛଡେଇ ନେବାକୁ ବସିଛି । ନାରୀ ବୋଧହୁଏ ଆଉ କାହାର ଯନ୍ତ୍ରଣାକୁ ଆଗରୁ ଜାଣିପାରେ । ଏକ ମାଇପକ୍ଷୀ ଗୋଧିକୁ ଚଂଚୁ ମାରୁଥିଲା । ଅଣ୍ଡିରା ପକ୍ଷୀଟି ଗୋଧିର ମୁହଁ ଆଡକୁ ବାଲି ଛାଟୁଥିଲା । ସବୁ ବୃଥା । ଗୋଧି କିଛି ମାନୁ ନଥିଲା ।

ଶୋଭନା ଆଉ ରହି ପାରିଲେ ନାହିଁ । ସେ ନିଜ ଜାଗାରୁ ଉଠିପଡିଲେ । ଏମିତି ହଠାତ୍ କିଏ ସଂଘର୍ଷର କ୍ଷେତ୍ରରେ ଉଭା ହୋଇବାରୁ ଦୁଇ ଚଢେଇ ଆଉ ଗୋଧି ଚମକି ପଡିଲେ । ଗୋଧିଟା ଘୁଷୁରି ଘୁଷୁରି କେଉଁ ଆଡେ ଲୁଚିଗଲା ଆଉ ମେଗାପଡମାନେ ଉଭାନ ହୋଇଗଲେ । ଯାହାହେଉ ସେମାନଙ୍କ ଆଗରେ କାହାର ଘର ଉଜୁଡି ଗଲାନି ।

ଶୋଭନା ନିଜ ଜାଗାରୁ ବାହାରି ଆସିଲେ । କୁଦଟା ବେଶ ବଡ । ଚଢେଇଟା ଏକ ଫୁଟ ହେବନି କିନ୍ତୁ ଚାରି ସାଢେ ଚାରି ଫୁଟରୁ କୁଦ ବନାଇଛି ।

"ପ୍ରକୃତିର ଲୀଳା ଅପୂର୍ବ ।"- ଶୋଭନା କହିଲେ । ଅସୀମ ସେ କୁଦକୁ ଅନାଇଥିଲେ । ଧଳାବାଲି, ମାଟି ଆଉ ପତ୍ର ମିଶା କୁଦ । ସେମାନଙ୍କ ଆଖି ଆଗରେ ଚଢେଇଗୁଡା କୁଦ ତିଆରି କରୁଥିଲେ ।

ଅସୀମ ତା'ପରେ ସମୁଦ୍ରକୁ ଅନାଇ ରହିଲେ । ଗାଢ ନୀଳ ସମୁଦ୍ର । ସେ ପଟେ କିଛି ଦେଖାଯାଉନି, କିଛି ଘଣ୍ଟା ଦୂରରେ ଥିବ ସୁମାତ୍ରା ଦ୍ୱୀପ, ଇଣ୍ଡୋନେସିଆ ଦେଶର ଏକ ବଡ ପ୍ରଦେଶ । ୫୧ କିମି ସମୁଦ୍ରକୂଳର ଲାଇଟ ହାଉସରୁ କାଳେ ସେପଟ ଦୁନିଆର ଲାଇଟ

ISSN NO.
2582-208X

ହାଉସରୁ ଆଲୋକ ଦିଶେ । ଛୋଟ ଛୋଟ ଧଳା ଢେଉ ପାଣିରେ ଭାଙ୍ଗି ପଡୁଥିଲା । ଏହି ପକ୍ଷୀମାନେ ଏ ଦ୍ୱୀପରୁ କୁଆଡେ ଯାଇପାରିବେନି ।

ଆକାଶ ଗାଢ ନୀଳ ଥିଲା । ଅସୀମ ଆଉ ଶୋଭନା ସେ ନୀଳ ଆକାଶରେ ଭାସୁଥିବା ସାମାନ୍ୟ ଧଳା ବାଦଲକୁ ଅନାଇଲେ । ବାଦଲ କେତେ ରୂପ ନେଉଥିଲା । ଶୋଭନାଙ୍କର ସକାଳର କଥା ମନେପଡିଗଲା । ସେମାନେ ସକାଳେ ପ୍ରେମର ସାଜ୍ଞା ନିରୂପଣ କରିବା ପାଇଁ କେତେ ଚେଷ୍ଟା କରିଥିଲେ, ନିଜ ନିଜର ଯୁକ୍ତି ବାଢିଥିଲେ ଆଉ ନିଜର ଯୁକ୍ତି ଠିକ ବୋଲି ଜୋରରେ କହିଥିଲେ । ଜଣେ ଜଣଙ୍କ କଥାକୁ ମନରେ ନେଇନଥିଲେ ।

"ଅସୀମ, ପ୍ରେମ ହେଉଛି କ୍ରମାଗତ ଚେଷ୍ଟା । ମିଳିତ ପ୍ରଚେଷ୍ଟା ପ୍ରକୃତ ପ୍ରେମକୁ ଜନ୍ମ ଦେଇଥାଏ । ତାହା ଶାରୀରିକ, ମାନସିକ, କିନ୍ତୁ ଶେଷରେ ଅଛି ପ୍ରଯତ୍ନ । ସେଇଟାତ ପ୍ରେମ । ଜଣେ ଜଣଙ୍କ ପ୍ରତି ଆକର୍ଷିତ, ଆଉ ସେମାନେ ମିଳିତ ହେଉଛନ୍ତି । ନୂଆ ସଂସାର ଗଢୁଛନ୍ତି । ତା'କୁ ରକ୍ଷା କରୁଛନ୍ତି । ତା'କୁ ମୁଁ କହିବି ନୈସର୍ଗିକ ପ୍ରେମ । ପ୍ରକୃତି ଦର୍ଶାଉଥିବା ସବୁଠାରୁ ବଡ ସାଜ୍ଞା । ମନ ଆଉ ଶରୀର ଦୁଇଟିର ମିଳନରେ ପ୍ରେମ ହୁଏ ଆଉ ତା' ସହ ଯତ୍ନ ଆଉ ଚେଷ୍ଟା ମିଶି ପ୍ରେମକୁ ସୁଶୋଭିତ କରେ ।"- ଶୋଭନା କହୁଥିଲେ । ତାଙ୍କର ଆଖି ମାଉଣ୍ଡ ଉପରେ ଲାଗିରହିଥିଲା । କେତେ ଚେଷ୍ଟାକରି ଛୋଟ ପକ୍ଷୀ ଦୁଇଟି ନିଜର ମାଉଣ୍ଡ ତିଆରି କରିଥିବେ । କେତେ ଯତ୍ନ ଥିବ, କେତେ ବିପଦ ଥିବ। ଜଣେ ଜଣଙ୍କ ପାଖରେ ଠିଆହୋଇ ଏଡେବଡ ମାଉଣ୍ଡ ଗଢିଛନ୍ତି । ଏହି ଯତ୍ନ ହେଉଛି ପ୍ରେମ ।

## ଘ-ସମୁଦ୍ରକୂଳିଆ କ୍ରାବ ଇଟିଙ୍ଗ ମାକାକ

ଏ କଥାଗୁଡା ଅସୀମଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ତାଙ୍କ ଜାଣିବାରେ ମାଙ୍କଡମାନେ ଶାକାହାରୀ, ଗଛର ଫଳମୂଳ ଖାଇ ଜୀବନ କଟାନ୍ତି । କେବେକେବେ ମାଟିରେ ଗଛର କନ୍ଦା ଆଦି ଖୋଳି ଖାଇନିଅନ୍ତି । ଆଉ କେବେକେବେ ମାଙ୍କଡମାନେ ଅନ୍ୟକୁ ଆକ୍ରମଣ କରି ରକ୍ତାକ୍ତ କରିଦିଅନ୍ତି । ପାଗଳା ହନୁମାଙ୍କଡମାନେ କେବେକେବେ ରକ୍ତମୁଖା ହୋଇଯାଆନ୍ତି । କିନ୍ତୁ ମାଙ୍କଡ କଙ୍କଡା ଖାଇବା କଥାଟା ଶୁଣିଲାପରେ ଜୀବବିଜ୍ଞାନରେ ନିଜ ଅଜ୍ଞତାକୁ ନେଇ ସେ ନିଜ ଉପରେ ହସୁଥିଲେ । ତାଙ୍କ ଜାଣିବାଠାରୁ ଏ ଜୀବ ଜଗତର କେତେ ଭିନ୍ନ । କେତେ ଭାବନାରେ ଅବାସ୍ତବ ଘଟଣାମାନ ଘଟିଯାଏ ।

ISSN NO.
2582-208X

ଶୁଣିବାକୁ କେମିତି ଲାଗୁଥିଲା । ସେମାନେ ୯କିମି ମଗର ନାଳା କ୍ୟାମ୍ପ ପାଖରେ ଦଳେ ଅଛନ୍ତି । ୯ କିମି ଓ ୧୬ କିମି ଭିତରେ କେଇ ଦଳ ଅଛନ୍ତି । ମାଙ୍କଡମାନେ ଦଳ ହୋଇ ରୁହନ୍ତି । ରାସ୍ତାରେ ଗଲାବେଳେ କେଉଁଠି କେଉଁଠି ଦଳେ ଦଳେ ମାଙ୍କଡ ଦେଖିବାକୁ ମିଳେ। ସେମାନେ ସମୁଦ୍ରକୂଳିଆ ଗଛମାନଙ୍କରେ ବସିଥାନ୍ତି । ସେଇଠି ଡିଆଁଡେଇଁ କରନ୍ତି । କେତେବେଳେ ପଥୁରିଆ ଚଟାଣକୁ ଆସନ୍ତି । ପାଣ୍ଡାନାସ ଜଙ୍ଗଲରେ ବୁଲନ୍ତି । ତାଠାରୁ ଅଧିକା କିଛି ଅସୀମ ଦେଖିନାହାନ୍ତି ।

କିନ୍ତୁ ତାଙ୍କ ଜାଣିବା ହିସାବରେ ସେମାନେ କେତେକ ପୋକଜୋକ ମଧ୍ୟ ଖାଇଥାନ୍ତି । ଏମାନେ ଖାଇବା ମୁଖ୍ୟତଃ ସକାଳେ ଆଉ ପରେ ଅପରାହ୍ନରେ ଖାଆନ୍ତି । ମଧ୍ୟାହ୍ନରେ ପ୍ରାୟ ବିଶ୍ରାମ ନିଅନ୍ତି । ଗୋଟିଏ ଦଳରେ ୧୦-୨୫ ପର୍ଯ୍ୟନ୍ତ ମାଙ୍କଡ ରହିପାରନ୍ତି । ଦଳର ମୁଖିଆ ଏକ ବଡ ଅଣ୍ଡିରା ମାଙ୍କଡ ହୁଏ । ପ୍ରତି ଦଳର ନିଜ ନିଜର ଚରା କ୍ଷେତ୍ର ଅଛି । ଯଦି ଗୋଟିଏ ଜଙ୍ଗଲରେ ଦୁଇଦଳ ମାଙ୍କଡ ଅଛନ୍ତି, ତେବେ ସେମାନେ ଏମିତି ଚରା କରନ୍ତି ଯେମିତି ଗୋଟିଏ ଦଳର ଆଉ ଏକ ଦଳସହ ସାକ୍ଷାତ ନହେବ । ମାଙ୍କଡମାନେ ଭୂମିକମ୍ପ, ସୂର୍ଯ୍ୟଗ୍ରହଣ ଇତ୍ୟାଦି ଜାଣିପାରନ୍ତି । ଏହି ସମୟରେ ସେମାନେ ପ୍ରାୟ ସ୍ଥିର ହୋଇ ରୁହନ୍ତି। ମାଙ୍କଡମାନେ ଜଣେ ଜଣକର ବାଳକୁ ସାଉଁଳି ଦିଅନ୍ତି । ମା' ମାଙ୍କଡ ଛୁଆର ଉପଯୁକ୍ତ ରକ୍ଷା କରେ । ସେମାନେ ନିଜ ଭିତରେ ଡକାଡକି ହୁଅନ୍ତି ଆଉ ବିପଦର ଧ୍ୱନୀ କରନ୍ତି ।

-୦-୦-

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ISSN NO.
2582-208X

# ଅସୁମାରୀ ପ୍ରଶ୍ନ



ଡ. ପ୍ରସନ୍ନ କୁମାର ବଳ

ଅସୁମାରୀ ପ୍ରଶ୍ନ ମୋ ମନ ଭିତରେ କେତେ ଆନ୍ଦୋଳିତ କରେ,

ଜୀବନ, ଯୌବନ, ମୃତ୍ୟୁର ରହସ୍ୟ ପ୍ରଶ୍ନ ବାଚୀ ସୃଷ୍ଟି କରେ ।୧।

କିଏ ସେ ବିନ୍ଧାଣି ସୃଷ୍ଟି କରିଛନ୍ତି ଏଇ ସାରା ବ୍ରହ୍ମାଣ୍ଡକୁ,

କାରୁକାର୍ଯ୍ୟ ତା'ର ଏତେ ଯେ ନିଖୁଣ ସ୍ତବ୍ଧ କରେ ସମାଜକୁ ।୨।

କୋଟି କୋଟି ଲୋକ ଜନମ ନିଅନ୍ତି ଏହି ଧରା ଧାମ ତଳେ,

କେବେ ବି ମିଶେନୀ ଦୁଇଟିର ମୁହଁ ମନ ବିଚଳିତ କରେ ।୩।

କିପରି ସମ୍ଭବ ହୋଇପାରେ ତାହା ଭାବି ତ ପାରେ ନା ମନ,

ଯାଦୁପରି ଲାଗେ ଏହି ସାରା କାର୍ଯ୍ୟ ଯାଦୁଗର ସିଏ ଜାଣ ।୪।

ସଂସାର ମଧ୍ୟରେ "ମାୟା" ଭରି ଅଛି ପରସ୍ପର ସମ୍ପର୍କରେ,

ବାପା ଅବା ମାଆ, ପୁଅ ଝିଅ ମଧ୍ୟେ ସମ୍ପର୍କର ଡୋରୀ ବାନ୍ଧେ ।୫।

ISSN NO.
2582-208X

ମରିଗଲା ପରେ ଶରୀର ତ ପୁଣି ହୋଇ ଯିବ ଯେ ଅଲୋଡା,

"ଡେଡ ବଡି" କହି ସଂସ୍କାର କରିବେ ନିଜର ସନ୍ତାନ ପରା ।୬ ।

"ମାୟା" ସେଠି ପୁଣି ତୁଟି ଯିବ ସତେ ନ ଚାହିଁବେ ତୋର ମୁହଁ,

ଶୀଘ୍ର ଶୁଦ୍ଧି କାମ ସାରି ଦେଇ ପୁଣି ହେବେ ନିଜେ କାମେ ମଗ୍ନ ।୭।

ଏହା ଯଦି ପୁଣି ଜୀବନର ସତ୍ୟ ଏତେ ମୋହ ମାୟା କିଆଁ,

କହିକି ପାରିବ ଆହେ ନାରାୟଣ ଏତେ କୁହେଳିକା କିଆଁ ।୮।

ଜନ୍ମ ଓ ମୃତ୍ୟୁର ମଧ୍ୟ ଭାଗେ ପୁଣି ଯୌବନ ତ ରାଜ କରେ,

ଏହାର ପ୍ରଭାବେ ପ୍ରତିପତି ହୋଇ ଅନେକ ଅନ୍ୟାୟ କରେ ।୯।

ହାଣ, ମାର, ଗୁଣ୍ଡା, ଗର୍ଦ୍ଧି କେତେ କରି ଯୌବନକୁ ଭୋଗ କରେ,

ଜାଣିପାରେ ନାହିଁ, ପର ମୁହୂର୍ତ୍ତରେ ମୃତ୍ୟୁ ଆଲିଙ୍ଗନ କରେ ।୧୦ ।

ସମସ୍ତେ ଜାଣନ୍ତି ମୃତ୍ୟୁ ହିଁ ଅନ୍ତିମ ସତ୍ୟ ଏହି ଜୀବନରେ,

ଏତେ ପାପ ପୁଣି କାହିଁ କି ଅର୍ଜୁଛ  ସବୁ କ୍ଷଣିକ ଏଠାରେ  ।୧୧।

ଅସୁମାରୀ ପ୍ରଶ୍ନ ମୋ ମନ ଭିତରେ ରହି ଯିବ ସେହି ପରି,

ଉତ୍ତର ତାହାର କିପରି ମିଳିବ ନିଜେ ନ ଦେଖିଲେ ହରି ।୧୨।

ଶ୍ରୀ ସତ୍ୟସାଇ ଏନକ୍ଲେଭ,
ଖଣ୍ଡଗିରୀ, ଭୁବନେଶ୍ୱର

ISSN NO.
2582-208X

# ଶ୍ରୀମନ୍ଦିର ପରିକ୍ରମା



ଶଶଧର ମହାପାତ୍ର

ଶ୍ରୀମନ୍ଦିର ପରିକ୍ରମା ଯିଏ କରେ
ତାର ପାପ ହୁଏ ନାଶ
ବଡଦାଣ୍ଡ ଧୂଳି ଯିଏ ମୁଣ୍ଡେ ମାରେ
ହୁଏ ପ୍ରଭୁଙ୍କର ପାଶ
କହେ ଭଗବାନ ଦାଶ
ସମର୍ପଣ ଭାବ ରଖି ଭକ୍ତବୃନ୍ଦ
କର ପ୍ରଭୁଙ୍କୁ ବିଶ୍ୱାସ ।
ପରିକ୍ରମା ମାର୍ଗ ଲୋକାର୍ପିତ ହେଲା
ମୁଖ୍ୟମନ୍ତ୍ରୀଙ୍କର ହାତେ
ଗଜପତି ଶ୍ରୀ ଦିବ୍ୟସିଂହ ଦେବ
ଥିଲେ ତାଙ୍କ ସାଥେ ସାଥେ
ପୂଜା, ଅର୍ଚ୍ଚନା, କେତେ ଯାଗଯଜ୍ଞ
ହେଉଥିଲା ବିଧି ମତେ
କେତେ ସାଧୁ ସନ୍ଥ, ଭକ୍ତ ସମାଗମ
ଜମୁଥିଲା ଶ୍ରୀକ୍ଷେତ୍ରେ ।
ଘଣ୍ଟା, କରତାଳ, ନାଚ ଗୀତରେ
ବଡଦାଣ୍ଡ ଦୁଲୁକିଲା
ହୁଳହୁଳି, ହରିବୋଲ ତା' ସଙ୍ଗେ
ମିଟର ବଢେଇ ଦେଲା
ଯଜ୍ଞରେ ଆହୁତି ଦେଲେ ଗଜପତି

ISSN NO.
2582-208X

ଟିଭିରେ ପ୍ରସାର ହେଲା
ନିରିମଳ ତାଙ୍କ ଭାବମୂର୍ତ୍ତୀ ପରା
ଜଳଜଳ ଦିଶୁଥିଲା
ମହାପ୍ରଭୁଙ୍କର ମଥାରୁ ଫୁଲଟେ
ତଳେ ପଡି ଯାଇଥିଲା
ବରଷା, ବାଦଲ ନଥାଇ ଆକାଶେ
ଦି' ଟୋପା ବର୍ଷି ଗଲା
ଇଏ ଶୁଭର ଲକ୍ଷଣ ଥିଲା ।
ଚଉଡା ହେଇଛି ବଡଦାଠ କେତେ
ଦେଖି ହୁଏ ମନ ଖୁସି
ଦେବାଦେବୀମାନେ ଆନନ୍ଦ ହୁଅନ୍ତି
ସ୍ୱର୍ଗରୁ ଓହ୍ଲାଇ ଆସି
ସୂର୍ଯ୍ୟ ନନା କହେ ହସି
ଯଦି ଆସ ମଣି ବୁଲି ଶ୍ରୀକ୍ଷେତ୍ରକୁ
ସାରା ବର୍ଷ ହେବ ଖୁସି ।
ବିରୋଧୀ କୁହନ୍ତି କିଛି ହେଇନାହିଁ
ଲାଟ୍ରିନ ହେଇଛି ଚାରି
ଆଗ ମଠବାଡି ଯାହା ସବୁଥିଲା
ଦେଲେ ଭଙ୍ଗାଭଙ୍ଗି କରି
ଚାରିପଟେ କଲେ ରାସ୍ତା ଚଉଡା
ମାପି ମିଟର ପଞ୍ଚସ୍ତରୀ
ଦିନ ରାତି ଏବେ ପରିକ୍ରମା କର
ଯେତେ ଅଛ ନର, ନାରୀ
ଏବେ ଖେଳିବ ମଜାରେ ବୁରି ।
ଯେଉଁ କାରିଗର ଗଢିଛନ୍ତି ମାର୍ଗ
ଦେଖିହେଲେ ଭକ୍ତ ଖୁସି
ବିଶ୍ୱ କାରିଗର ମନ୍ଦିରରେ ବସି
ଆର୍ଶିବାଦ ଦେଲେ ହସି

ISSN NO.
2582-208X

କିଛି ବିରୋଧୀ ବିନା କାରଣରେ
ନବୀନଙ୍କୁ କଲେ ଦୋଷୀ
ପାଣ୍ଡିଆନ ଗଲେ ଖସି
ଦୂରେ ଛିଡାହେଇ ଟିକିଏ ଲାଜେଇ
ଦେଲେ ମୁରୁକି ହସି ।
ସାତ ଶହ ବର୍ଷ ବିତି ତ ଗଲାଣି
ଦିଶୁ ନଥିଲା ତ ଦିନେ
ପଡୁ ନଥିଲା କା' କାନେ
ଭାବି ନଥିଲ ତ ମନେ
କେତେ ଲୋକ ଆସି କେତେ ଯେ ଗଲେଣି
ନବୀନ ସେ' କଥା ଜାଣେ
ମାନ କି ନମାନ,
କହିବା ଶିଖିନି, କରିବା ଶିଖିଛି
ଏକା ଧର୍ମପଦ ସେଇ ଜଣେ
ଯେଉଁମାନେ ତାଙ୍କୁ ବିରୋଧ କରୁଛ
ଯା' ଲୁଚିଯା' ଘର କୋଣେ ।

(ଶ୍ରୀ ସୂର୍ଯ୍ୟ ନାରାୟଣ ରଥଶର୍ମା ହେଉଛନ୍ତି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଜଣେ ପ୍ରଥମ ସେବକ ଓ ଭକ୍ତ । ସେ' ଭାଇନା ପୁରୀରେ ରହନ୍ତି ।)

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପ୍ରିଙ୍ଗ୍,
ମେରୀଲ୍ୟାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ବିଶ୍ୱ ମାତୃଭାଷା ପରିପ୍ରେକ୍ଷୀରେ ଓଡିଆ ଭାଷା



ଗୁରୁକଲ୍ୟାଣ ମହାପାତ୍ର

ପ୍ରତିବର୍ଷ ଫେବୃଆରୀ ୨୧ ତାରିଖରେ ସାରା ବିଶ୍ୱରେ ମାତୃଭାଷା ଦିବସ ପାଳନ କରାଯାଉଥିବା ଆନନ୍ଦର କଥା । ୟୁନେସକୋ (ଜାତିସଂଘର ଶିକ୍ଷା, ବିଜ୍ଞାନ ଓ ସଂସ୍କୃତି ଭିତ୍ତିକ ସଂଗଠନ) ନଭେମ୍ବର ୧୭ ତାରିଖ ୧୯୯୯ ରେ ଫେବୃଆରୀ ୨୧ କୁ ବିଶ୍ୱ ମାତୃଭାଷା ଦିବସ ଭାବେ ପାଳନ କରିବା କଥା ଘୋଷଣା କରିବାରୁ ଆମେ ଏହା ପାଳନ କରିଆସୁଛୁ । ଏପରି ପାଳନ କରିବାର ଉଦ୍ଦେଶ୍ୟ ଆମେ ଆମର ମାତୃଭାଷା ତଥା ବିବିଧ ସାଂସ୍କୃତିକତା ସମ୍ବନ୍ଧରେ ସଚେତନ ହେବା । ଭାବ ପ୍ରକାଶର ବଳିଷ୍ଠ ମାଧ୍ୟମ ହେଉଛି ଭାଷା । ଭାଷା ପୁଣି ସକ୍ରିୟ ହେଲେ ସାହିତ୍ୟ ସୃଷ୍ଟି ହୁଏ ଯାହା ଆମକୁ ଆନନ୍ଦ ପ୍ରଦାନ କରିଥାଏ । ତେଣୁ ମାତୃଭାଷା ବା ଆମ ଭାଷାର ଭୂମିକା ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଓଡିଆ ଭାଷାର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମୂଳ ଆର୍ଯ୍ୟ ଭାଷାରୁ ଉତ୍ପନ୍ନ ଓଡିଆ ଭାଷାର ଜନନୀ ହେଉଛି ସଂସ୍କୃତ ଭାଷା । କାଳକ୍ରମେ ଆରବୀ, ପାର୍ଶୀ ଓ ଇଂରାଜୀ ପରି ବୈଦେଶିକ ଭାଷା କିମ୍ବା ମରାଠୀ ବା ଦ୍ରାବିଡ ପରି ଭାରତୀୟ ଭାଷା ଦ୍ୱାରା ପ୍ରଭାବିତ ହୋଇଥିଲେ ହେଁ ଓଡିଆ ଭାଷାର ମୌଳିକତା କ୍ଷୁର୍ଣ୍ଣ ହୋଇନାହିଁ । ପ୍ରକୃତରେ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷାର କ୍ରମ ବିକାଶ ଘଟିଛି ଦଶମ-ଏକାଦଶ ଶତାବ୍ଦୀରୁ । ପ୍ରଥମେ

ISSN NO.
2582-208X

ବୈଦିକ ଓ ପରେ ପରେ ସଂସ୍କୃତ, ପ୍ରାକୃତ, ମାଗଧୀ ଓ ପୂର୍ବ ମାଗଧୀର ଅପଭ୍ରଂଶରୁ ଓଡିଆ, ବଙ୍ଗଳା ଓ ଆସାମୀ ଭାଷାର ସୃଷ୍ଟି। ଓଡିଶା ଭାଷାରେ ମୁଖ୍ୟତଃ ତିନିଗୋଟି ଉପଭାଷା ଯଥା (୧) ଉପକୂଳ ଅଞ୍ଚଳର ଉପଭାଷା (ଆଧୁନିକ ସାଧୁ ଭାଷା) (୨) ପଶ୍ଚିମାଞ୍ଚଳ ଉପଭାଷା (କୋଶଳୀ ଓ ଲରିଆ) ଏବଂ (୩) ଦକ୍ଷିଣ ପଶ୍ଚିମାଞ୍ଚଳ ଉପଭାଷା (ଦେଶୀୟା, ଉଡ୍ରୀ ଓ ଝରିଆ) କୁ ନେଇ ଗଠିତ । ଏ ସବୁର ସମ୍ମିଶ୍ରଣରେ ହଜାର ହଜାର ବର୍ଷର ବିବର୍ତ୍ତନ ଧାରାରେ ଆଧୁନିକ ଓଡିଆ ଭାଷା ସୃଷ୍ଟି ହୋଇଛି । ଓଡିଶାର ରାଜନୀତିକ ଇତିହାସରେ ସୂର୍ଯ୍ୟବଂଶର ଅଭ୍ୟୁଦୟ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରୁ ଆରମ୍ଭ ହୋଇଛି । ଏହି ସମୟରୁ ଓଡିଆ ଭାଷାର ଶ୍ରୀବୃଦ୍ଧି ମଧ୍ୟ ଘଟିଛି ବୋଲି ଭାଷା ଉପରେ ଗବେଷଣା ଚଳାଇ ସାହିତ୍ୟିକମାନେ ମତବ୍ୟକ୍ତ କରିଛନ୍ତି । *(ଓଡିଆଭାଷା : ଏକ ଦୃଷ୍ଟିପାତ, ଲେଖକ- ଗୁରୁକଲ୍ୟାଣ ମହାପାତ୍ର, ଭାରତ ସରକାରଙ୍କ ପତ୍ର ସୂଚନା କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଦ୍ୱାରା ପ୍ରକାଶିତ ତା. ୩୦.୦୭.୨୦୧୩ ) ।*

ରାଜ୍ୟର ଐତିହ୍ୟ ମନ୍ତ୍ରିମଣ୍ଡଳର ବୈଠକ ଗତ ବର୍ଷ ଡିସେମ୍ବର ୧୯ ତାରିଖ (୨୦୨୩) ରେ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବିନ ପଟ୍ଟନାୟକ ଅଧ୍ୟକ୍ଷତା କରି ଫେବ୍ରୁଆରୀ ୩, ୪ ଓ ୫ ତାରିଖରେ ଭୁବନେଶ୍ୱରରେ ପ୍ରଥମ ଓଡିଆ ବିଶ୍ୱଭାଷା ସମ୍ମିଳନୀ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହୋଇଥିଲା। ଏହାର କିଛି ଦିନ ପୂର୍ବରୁ ଏପରି ଏକ ସମ୍ମିଳନୀ ପାଇଁ ପ୍ରାୟ ୩୦ ରୁ ଅଧିକ ବିଶେଷଜ୍ଞ ଙ୍କ ମତାମତ ଲୋକସେବା ଭବନରେ ଲୋଡା ଯାଇଥିଲା। ଏ ଲେଖକ ମଧ୍ୟ ସେଥିରେ ଯୋଗ ଦେଇଥିଲା। ସେହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ବାଳକୃଷନ୍ ଙ୍କ ସମେତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍ କାର୍ତ୍ତିକେୟନ, ସେହି ବିଭାଗର ନିର୍ଦ୍ଦେଶକ ଶ୍ରୀ ଦୀଲିପ ରାଉତରାୟ ଓ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଶ୍ରୀ ସରୋଜ ସାମଲ ମଧ୍ୟ ଯୋଗ ଦେଇଥିଲେ । ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ ଡାକ୍ତର ଦେବୀ ପ୍ରସନ୍ନ ପଟ୍ଟନାୟକ ମଧ୍ୟ ମତାମତ ଦେବା ପାଇଁ ଯାଇଥିଲେ । ନବେ ଦଶକର ଓଡିଶାର ପୂର୍ବତନ ବାଚସ୍ପତି ସ୍ୱର୍ଗୀୟ ଯୁଧିଷ୍ଠିର ଦାସ ଓ ଅନ୍ୟମାନଙ୍କ ନେତୃତ୍ୱରେ

ISSN NO.
2582-208X

କଟକର ଇନଡୋର ଷ୍ଟାଡିଅମରେ ବିଶ୍ୱ ଓଡିଆ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ମାତ୍ର ପରବର୍ତ୍ତୀ ବର୍ଷମାନଙ୍କରେ ଏପରି ବୈଠକ ଅନୁଷ୍ଠିତ ହେବା ସମ୍ଭବ ନଥିଲା ।

ଗତ ୨୦୨୦ ମସିହାରେ ଆଭାସୀ ବୈଠକ ମାଧ୍ୟମରେ ଓଡିଆ ଭାଷାର ଉନ୍ନତି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ଆମେରିକାର ଶ୍ରୀ ଅଞ୍ଜନ କୁମାର ପଣ୍ଡା ଏହାର ଆବାହକ ଥିଲେ । ଶ୍ରୀ ଶ୍ୟାମ ସୁନ୍ଦର ଦାସ ମଧ୍ୟ ବିଦେଶରେ ଥାଇ ଏଥିରେ ଅଂଶ ଗ୍ରହଣ କରିଥିଲେ । ଓଡିଶା ସରକାରଙ୍କ ତରଫରୁ ତତକାଳୀନ ଇଲେକ୍ଟ୍ରନିକସ ଓ ଆଇ.ଟି ବିଭାଗର ଶାସନ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ଏଥିରେ ପ୍ରତିନିଧିତ୍ୱ କରି ପ୍ରଶାସନିକ ଓ ଉଦ୍ୟୋଗ କ୍ଷେତ୍ରରେ ଓଡିଆ ଭାଷା ତଥା କୃତ୍ରିମ ବୁଦ୍ଧିମତାର ଭୂମିକା ସଂପର୍କରେ ଆଲୋଚନା କରିଥିଲେ ।

ଏସବୁର ବହୁ ବର୍ଷ ପୂର୍ବରୁ ୧୯୬୮ ମସିହାରେ ସମ୍ଭବତଃ ମାଲେସିଆର କୁଆଲାଲୁମ୍ପୁର ଠାରେ ବିଶ୍ୱ ତାମିଲ ସମ୍ମିଳନୀର ଆୟୋଜନ ହୋଇଥିଲା । ଆୟୋଜକମାନେ ଓଡିଶାର ତତକାଳୀନ ବିଶିଷ୍ଟ ସାହିତ୍ୟିକ ଓ ସଂସ୍କୃତି ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ସମ୍ମିଳନୀରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ । ମାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏଥିପାଇଁ ଅନୁମତି ନ ଦେବାରୁ ସେ ଯାଇପାରିଲେ ନାହିଁ । କିନ୍ତୁ ସେହି ଢାଞ୍ଚାରେ ସେ ଓଡିଶା ତତ୍ତ୍ୱ, ଓଡିଶାର ସାଂସ୍କୃତିକ ବୈଶିଷ୍ଟ୍ୟ ଓ ଓଡିଶାର ସାମୁଦ୍ରିକ ସଂଚଳନ ଉପରେ ଏକ ନିଖିଳ ଭାରତ ସମ୍ମିଳନୀ କରିବାକୁ, ସେ ଚାହିଁଥିଲେ । ତା ମଧ୍ୟ କରାଇ ଦିଆଯାଇନଥିଲା ।

ସେ ଯାହାହେଉ, ବିଶ୍ୱ ଓଡିଆ ଭାଷା ସମ୍ମିଳନୀ କେତେମାତ୍ରାରେ ସଫଳ ହୋଇଥିଲେ ହେଁ ଅନେକ କ୍ଷେତ୍ରରେ ସଫଳ ହୋଇପାରିନାହିଁ । କାନ୍ତ କବିଙ୍କ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ" ର ଘୋଷିକା ସଂହିତ ପାଣି ଦୁଇଥର ଯାକ କଣ୍ଠକବି ବୋଲି କହି ଭୁଲ ନମାଗିବା ଓ ଦୁଇଦିନ ପରେ ଦୁଃଖ ପ୍ରକାଶ କରିବା ଘଟଣା ଓଡିଆମାନଙ୍କୁ ବ୍ୟଥିତ କରିଥିଲେ ହେଁ, ମଞ୍ଚାସୀନ ଭାଷାବିତ୍ ଓ ଲେଖକ ଲେଖିକାମାନେ ଏହା ପରେ ପ୍ରତିବାଦ ନ କରିବା ଘଟଣା ଓଡିଆମାନଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ଅନ୍ତିମ ଦିବସରେ ସଭାସ୍ଥଳକୁ ନିର୍ଦ୍ଦିଷ୍ଟ କେତେକଙ୍କୁ

ISSN NO.
2582-208X

ପୋଲିସ୍ ଛାଡିବା ଓ ଆରମ୍ଭ ଦିନ ଅଣ ଭାଷାବିତ୍ ଓ ଦଳୀୟ କର୍ମୀମାନେ ଆଗ ସିଟ୍ ମାଡି ବସିବା ଘଟଣାକୁ ମଧ୍ୟ ସଚେତନ ଭାଷାପ୍ରେମୀ ତଥା ଲେଖକ/ଲେଖିକାଙ୍କୁ ଭଲ ଲାଇନଥିଲା । ଅନେକ ସମ୍ମାନିତ ତଥା ବିଶିଷ୍ଟ ଓଡିଆ ଲେଖକଙ୍କୁ ମଞ୍ଚରେ ଉଦଘାଟନ ଉତ୍ସବରେ ସମ୍ମାନିତ ମଧ୍ୟ କରାଯାଇନଥିଲା । ପତ୍ରପତ୍ରିକାର ସଂପାଦକ ବା ଭଲ ଲେଖକଲେଖିକା ବା ଓଡିଶା ବାହାରର ବିଭିନ୍ନ ଓଡିଆ ସଂଗଠନମାନଙ୍କୁ ନିମନ୍ତ୍ରଣ ମଧ୍ୟ କରାଯାଇ ନଥିଲା, ଏହା ଦୁଃଖର ବିଷୟ ।

ଭୁବନେଶ୍ୱର

ISSN NO.
2582-208X

# ନ ଥିବା ଶବ୍ଦମାନେ



ଡ. ଶକୁନ୍ତଳା ନାୟକ ଗୁପ୍ତା

ସେଇ କ୍ଷୁଦ୍ରତମ ଚଠି
ଯେଉଁଠି ଲେଖା ହେଇ ପାରିଥାନ୍ତା
କେବଳ ଧାଡ଼ିଏ ସ୍ନେହ

କେବଳ ସେ ସଚ୍ଚୋଟ ଧାଡ଼ିଟିଏ
ପୃଥିବୀର ଯେକୌଣସି
ଦୀର୍ଘତମ ମହାକାବ୍ୟରୁ
ଅଧିକ ମୂଲ୍ୟବାନ କାହାପାଇଁ
କେବଳ ସେଇ ଏକମାତ୍ର ଧାଡ଼ି
ଯାହା ଲେଖିଲ୍ ନାହିଁ ପ୍ରେମିକ,
ଯାହା ଲେଖିବାକୁ ଜନମଟିଏ
ନଅଣ୍ଟ ପଡ଼େ ତାକୁ
ବା, ସେ ଲେଖି ପାରିଲ୍ ନାହିଁ,

ଯେଉଁ ନ ଥିବା ଶବ୍ଦମାନେ
ମାୟମୟ କଇଁବନ ହେଇ ବିସ୍ତାରି ଗଲେ
ଗାଢ଼ ଗୋଲ୍‌ପି କୁହୁଳା ପରି
କାହାରିକୁ ଆନ୍ଦୋଳିତ କରିବା ପାଇଁ

ISSN NO.
2582-208X

ଫେରିଲେ ନାହିଁ କେବେହେଁ,
ତାଙ୍କର ନ ଥିବା ଯେ
ମଣିଷକୁ କରିପାରେ
ସଂଶୟୀ, ଅଥୟ, ଦୁର୍ବଳ,
-ଏ କଥା ସେମାନେ ଜାଣି ପାରିଲେ ନାହିଁ ।
ଏକ ସ୍ୱରଚିତ କାଳ୍ପନିକ ପ୍ରଚ୍ଛଦ ପୃଷ୍ଠାରେ
ମୁଁ ନିଜ ଚକ୍ଷୁରେ ପାଲଟେ
ସଂସାରର ନିସ୍ୱତମ ପ୍ରାଣୀ
ପ୍ରତିଥର

ପ୍ରତିଥର କହିଲେ,
ମୋର ପ୍ରତି ଜନମକୁ ବୁଝାଏ
ଯେତେବେଳେ
ମୁଁ ଗୋଟିଏ ମାନସସ୍ତରରୁ ଅନ୍ୟ ସ୍ତରକୁ ଯାଏ
ମୋର ପୃଥିବୀ, ଆଖପାଖ, ମୋର ସ୍ମୃତିର ମରଣ ହୁଏ,
ମୁଁ ବସନ୍ତର ନିମଗଛ ପରି
ମୁହୂର୍ତ୍ତକେ ଥୁଣ୍ଟା ହୁଏ
ସବୁ ମହୁଲଫୁଲ ଡାଳ ଛାଡ଼ିଦିଅନ୍ତି
ମାଟି ଛୁଇଁବା ପାଇଁ

ପ୍ରତିଥର କହିଲେ,
ଏଇ ସବୁ ଭିତରେ
ତାର ମୋତେ ଭୁଲି ଯିବାକୁ ମଧ୍ୟ ବୁଝାଏ ।
ଏଠି ସମ୍ପର୍କଟିଏ
ପ୍ରତୀକ୍ଷାରତ ରହିବା ବିଧେୟ ପ୍ରିୟ
ଏହାହିଁ ଏକ ଉହ୍ୟ, ଅବଧାରିତ ନିୟମ
ନହେଲେ ଜନମ ନାହିଁ, କି ମୃତ୍ୟୁ ବି ନାହିଁ

ISSN NO.
2582-208X

କ୍ରିୟା ନାହିଁ, କ କର୍ମ ବି ନାହିଁ
ଜୀବନ ଏକ 'ନାହିଁ-ନାହିଁ' ର
ନହଙ୍ଗୀ-ସଙ୍ଗୀତ କେବଳ!

କେବଳ ସେଇ ଏକମାତ୍ର ଧାଡ଼ି
ଯାହା ଲେଖିଲା ନାହିଁ ପ୍ରେମିକ,
ଅମୋକ୍ଷପ୍ରେତ ପ୍ରେମିକା ପାଇଁ
କେଉଁ ଆଦିମ ଗୁମ୍ଫାର ଚିତ୍ରକଳାରେ
ବା ମନ୍ଦିର ଶିଳାଲେଖରେ
ଯେଉଁଠି ଲେଖା ହେଇ ପାରିଥାନ୍ତା
କେବଳ ଧାଡ଼ିଏ ସ୍ନେହ!

**

ଅଧ୍ୟାପିକା, ରାଉରକେଲା

ISSN NO.
2582-208X

# କବିତା



ଡଃ ମାଙ୍ଗଳିକା ମହାପାତ୍ର

ତୁମ ସହିତ କଥା ହେଲେ
କଥା ହେଇଯାଏ କବିତା
ଶବ୍ଦରେ ଶବ୍ଦରେ ଭାବର ମହୁ
ହୋଇଯାଏ ସାଇତା...

ଦିପହର ଆକାଶରେ
ଦେଖୁଛି ମୁଁ ଜହ୍ନ
ଭଲପାଇବାର ବର୍ଷାରେ
ତାକୁ ଭିଜେଇ ଦେବାକୁ
ମେଘ ହେଉଛି ଉଚ୍ଛନ୍ନ
ମୁଁ କିନ୍ତୁ ଜାଣେ ଗୋ।
ହୃଦୟକୁ ମୋର ସେ
କରି ରହିଛି ଆଚ୍ଛନ୍ନ...
ତା ସହିତ ଭାବ ମୋର
ଚାଲିଛି ରାତି ହେଉ କି ଦିନ..

ରେଭେନସା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# କରିଦିଅ ପ୍ରଭୁ



ସୁଶ୍ରୀ ଶୁଭସ୍ମିତା ମହାନ୍ତ

ମାଟିଦୀପ ଟିଏ କରିଦିଅ ପ୍ରଭୁ
ଶ୍ରୀ ମନ୍ଦିରେ ଜଳୁଥିବି,
ତୁମ ସେବାରେ ମୁଁ ଲାଗୁଥିବି ସଦା
ଜଳି ଜଳି ସରିଯିବି ।

ଲୋଡ଼ାନାହିଁ ମତେ ଧନ ଦଉଲତ
ହୀରା, ନୀଳା, ମୋତି କିଛି,
ତୁମ ଚରଣରେ ଜାଗା ଟିକେ ଦେବ
ମିନତି ପ୍ରଭୁ କରୁଛି ।

ଫୁଲଟିଏ ମୋତେ କରିଦିଅ ପ୍ରଭୁ
ଥିବି ମୁଁ ତୁମ ପୟରେ,
ହାର ହୋଇ ମୁଁ ଯେ ଶୋଭା ପାଉଥିବି
ନିତି ତୁମରି ଗଳାରେ ।

ତୁଳସୀ ପତର କରିଦିଅ ମୋତେ
ମସ୍ତକ ରେ ରହିଥିବି,
ସୁଗନ୍ଧ ନିତି ମୁଁ ଦେଉଥିବି ପ୍ରଭୁ
ପ୍ରସାଦରେ ପଡୁଥିବି ।

ଚନ୍ଦନ କାଠ କରିଦିଅ ପ୍ରଭୁ ହେ
ମହକ ମୁଁ ବାଣ୍ଟୁଥିବି,
ତୁମ ଲଲାଟରେ କୁଙ୍କୁମ ହୋଇ ମୁଁ
ଧନ୍ୟ ମନେ କରୁଥିବି ।

ଏତିକି ଆଶିଷ ଦିଅ ଆହେ ପ୍ରଭୁ
ଶ୍ରୀମନ୍ଦିରେ ରହିଥିବି,
ଦିବା ଠାରୁ ନିଶି ସେବା କରି ତୁମ
ଗୁଣଗାନ କରୁଥିବି ।

ନବରଙ୍ଗପୁର

ISSN NO.
2582-208X

# ଓଷା ଦୁହିତାର



ଅଳକା ମହାନ୍ତ

ଆଞ୍ଜୁଳି ଝିଅ ହାତ କୁ ଟେକି ଦେଉ ଦେଉ ମନ ମୋର ସୁଦୂର ଗାଁ କୁ ଚାଲିଗଲା । ମୋ ପିଲା ଦିନ କଥା.. କେମିତି ଏକ ଉତ୍ସାହ ମନରେ ଥାଏ ଆମ ମାନଙ୍କ ମନରେ ଏ କୁମାର ପୂର୍ଣ୍ଣିମା ପାଇଁ । ଭାଦ୍ରବ ମାସ ରେ ପ୍ରତି ରବିବାର ଖୁଦୁରୁକୁଣୀ ଓଷା କରିବା ସମୟରୁ ଆରମ୍ଭ ହୋଇ ଯାଉଥିଲା ଇନ୍ଦୁ ପୁନେଇଁ ରୁ କୁଆଁର ପୁନେଇଁ ପର୍ଯ୍ୟନ୍ତ କିପରି ପାଳନ କରାହେବ.. ଆମ ଗାଁ ରେ ଯିଏ ବଡ ଝିଅ ତାକୁ ସମ୍ମାନ ଦେଇ ତାରି ଘରେ ସବୁ ପର୍ବ କରାଯାଏ..ଖୁଦୁରୁକୁଣି ରେ ଶନି ବାର ଦିନ ସନ୍ଧ୍ୟାରୁ ଫୁଲ କଢ ସବୁ ତୋଳି, ରାତି 12 ଟା ପରେ ଭାଇ ମାନଙ୍କୁ ସାଥିରେ ଧରି ପାଣି କାଦୁଅ ସଡସଡ ହୋଇ ଫୁଲ ତୋଳିବାକୁ ସ୍କୁଲ ବାରି, ଆଉ କେଉଁ ସାହି ପଡିଶାରେ ଅତି ଯତ୍ନ ରେ ବଢାଇ ଥିବା ଫୁଲ ବଗିଚାରୁ ଚୋରୀ କରି ଆଣିବାରେ ବହୁତ ଆନନ୍ଦ ଥାଏ.. ତା ସହିତ କାକୁଡି ଆଉ ଖଟା କମଳା ବି ଚୋରି ହୋଇ ଆସିଥାଏ.. ଖୁଦୁରୁକୁଣି ରେ ତେଲ ହଳଦୀ ଲଗାଇ ନଦୀ ରେ ପହଁରିବାର ଆନନ୍ଦ ବି ନିଆରା.. ଗୋଟେ ଜିନିଷ ଟିକେ ଅଡୁଆ ଲାଗେ, ଗାଧୋଇ ଆସି ଅଢେଇ ଗୁଣ୍ଡା ଅଲଣା ପଖାଳ ଆଉ ଅଢେଇ ଢୋକ ଅଲଣା ତୋରାଣି ପିଇବାକୁ ପଡେ ବୋଲି। ବୋଉ କୁ ପଚାରିଲେ କୁହେ, ତଅପୋଇ ତା ଭାଇ ମାନଙ୍କ ପାଇଁ କେତେ ଖୁଦ ତୋରାଣି ପିଇ କେତେ ଶୁଭ ମନାସି ତା ଭାଇ ଙ୍କୁ ପାଇଥିଲା, ସେଥିପାଇଁ ଝିଅ ମାନେ କରନ୍ତି..

ISSN NO.
2582-208X

ତାପରେ ଦିପହରରେ ଆରମ୍ଭ ହୁଏ ଫୁଲ ଗୁନ୍ଥା କେତେ ତୋଡ଼ା, ମାଳ ଗୁନ୍ଥି ରଖିବାକୁ ହୁଏ.. ମଝିରେ ମଝିରେ ଚୋରି କରି ଆଣି ଥିବା ଖଟା କମଳା କୁ ଚକଟି ଲଙ୍କା ଲୁଣ ଦେଇ ଖୁବ୍ ହାପୁଡ଼ା ହୁଏ.. ଅନଭିଜ୍ଞ ଛୋଟ ଝିଅ ମାନେ ସହଜ ମାଳ ଗୁନ୍ଥି ରଖନ୍ତି.. ତାକୁ ମଞ୍ଚା ରେ ବଡ ଝିଅ ଙ୍କ ସମ୍ମତିରେ ଟଙ୍ଗା ଯାଏ । କଦଳୀ ଆଉ ସାରୁ ପତ୍ର ରେ ପାଟୁକା ବାନ୍ଧି ମାଳ ଚୂଳ କଟାଯାଏ.. ତାଉପରେ ଗୋଟେ ବଡ଼ ନିଖୁଣ ସାରୁ ପତ୍ର ରଖି ଏମିତି ବନ୍ଧା ଯାଏ, ଯେ ଦେଖିଲେ ଲାଗେ ସତେ ଯେମିତି ଦେବୀ ଙ୍କ ମୁଁହ... ସୁନ୍ଦର ଲମ୍ବା ଲମ୍ବା ଟାହିଆ ଉପରେ ଖୋସି, ଦେବୀ ଙ୍କ ମୁହଁ ଆଙ୍କି, ଢିଙ୍କି ଶାଳରେ ବଶାଇ, ତଅପୋଇ ଓଷା ବହି ପଢି ପୂଜା ଅର୍ଚ୍ଚନା କରନ୍ତି.. ସାହି ବୋହୂ, ବୁଢୀ ମାନେ ହୁଳହୁଳି, କରତାଳି ଦେଇ ଖୁବ୍ ଉତ୍ସାହିତ କରୁ ଥିଲେ..ସୋମ ବାର ଦିନ ପୋଖରୀରେ ମଙ୍ଗଳା ଙ୍କୁ ବିସର୍ଜନ କରିବାକୁ ଥିବା ଜାଣି ମନ

ଦୋ ଦୋ ପାଞ୍ଚ.. ସ୍କୁଲ ଯିବା ନା ବିସର୍ଜନ ମଜା ନେବା.. ଏମିତି ଚାରି ପାଞ୍ଚ ପାଳି ସରେ ଗୋଟେ ଭୋଜି ରେ..

ତାପରେ ଆରମ୍ଭ ହୋଇଥାଏ ଇନ୍ଦୁ ପୂର୍ଣିମା.. ଗୋଟେ ମାସ.. ପ୍ରତିଦିନ ଝିଅ ମାନେ ରାତି ରେ ଗୀତ ବୋଲନ୍ତି.. ଯେମିତି ଆର ସାହି ଲୋକ ଶୁଣି ଇର୍ଷା କରିବେ.. କେଉଁ ରାତିରେ କଉଡି ଖେଳ, ତ କେବେ ତାସ୍, ବାଗୁଡ଼ି, ପୂଚି, ଠିଆ ପୁଚି, ବୋହୂ ଚୋରି ଇତ୍ୟାଦି.. ସେ ସମୟରେ ମଧ୍ୟ ରାତିରେ କିଛି କାକୁଡି, ପିଜୁଳି, କମଳା ଚୋରି କରି ଖୁବ୍ ଆନନ୍ଦ ମିଳେ.. ମା, ଜେଜେ ମା ଙ୍କ କହିବା ଅନୁସାରେ କାକୁଡି ଫୁଲ, ଜହ୍ନି ଫୁଲ ଆଣି ଚାଳ ରେ ପକାଇବା, ସମସ୍ତଙ୍କ ଘରୁ ଚାଉଳ ମୁଠେ ମୁଠେ ଆଣି ତୁଳସୀ ଚଉରା ମୂଳରେ କୋଠି ତୋଳିବା ଏକ ପ୍ରଥା ଅଙ୍ଗେ ଲିଭାଇଥିବା ମନେ ପଡେ। ସବୁଜ ଧାନ କ୍ଷେତ, ପୋଖରି ହୁଡ଼ା ବା ନଦୀ କୂଳରେ କାଶ ତଣ୍ଡି ର ରୁପେଲି ଆଭା, ଦୂର୍ଗା ଦେବୀ ଙ୍କର ଆବାହନ କରୁଥାଏ.. ପାର୍ବଣ ର ପୂଜା ସରିବା ଅନ୍ତେ କୁମାର ପୂର୍ଣିମା ଆସେ.. ମା, ଭାଉଜ, ଖୁଡୀ ସବୁ କହି ହୁଅନ୍ତି.. ଜଲଦି ଉଠି କଅଁଳିଆ ଖରା ଆସିବା ଆଗରୁ ସୂର୍ଯ୍ୟ ଙ୍କୁ ଅଞ୍ଜଳି ଦେବ.. ନହେଲେ

ISSN NO.
2582-208X

ସୂର୍ଯ୍ୟ ବୁଢ଼ା ହେଇ ଯିବେ..ଡେରିରେ ଅଞ୍ଜଳି ଦେଲେ ବୁଢ଼ା ବର ମିଳିବ, ନହେଲେ ବାହାଘର ଡ଼େରି ହେବ.. ସେ ଡର ରେ, ନିଦ ନ ଛାଡୁଣୁ ଭୋର ରୁ ଉଠି, ଗାଧୋଇ, ନୂଆ ପିନ୍ଧି, ଅଳତା ଚନ୍ଦନ ଲଗାଇ ଆଞ୍ଜୁଳିରେ ଖଇ, ନଡ଼ିଆ, ଗୁଆ, କଳାପାତି, ସୁନ୍ଦର ଫରୁଆ ରଖି ଅର୍ଘ୍ୟ ଦେଉ.. ଯେମିତି ଭଲ ବର ମିଳିବ.. ସନ୍ଧ୍ୟା ହେବା ପୂର୍ବରୁ ବୋଉ ତାର ସେ ଅଛଡା  ଖଇ ସଫା କରି, ସେଥିରେ କଦଳୀ, ନଡ଼ିଆ, ଦହି, ଚିନି ଦେଇ ଚକଟି  ଚାନ୍ଦ ବନାଇ ପିତ୍ତଳ ଥାଳି ରେ ଚାନ୍ଦ ବନାଇ ରଖି ଥାଏ.. ଏହି  ଦିନ କୁ କେତେ ଦିନରୁ ଅନେଇ ବସି ଥାଉ ଚାନ୍ଦ ବସିବୁ ବୋଲି.. ତୁଳସୀ, ଅଭଡା, ସହି, ସଙ୍ଗାତ  ଏମିତି କିଏ କେତେ ଡକା ଡକି  ହୁଅନ୍ତି.. ହେଲେ ଚାନ୍ଦ ବସିବାକୁ ଏଇ ଦିନକୁ ଅପେକ୍ଷା କରି ଥାନ୍ତି.. କେମିତି ଚନ୍ଦ୍ର ଉଇଁ ଆସୁ ଆସୁ ପୂଜା ହେବ.. ନ ହେଲେ ବୁଢ଼ା ବର ମିଳିବ.. ଝିଅ ମାନେ ମନେ ସୁମରିବେ, "ମୋତେ ଚନ୍ଦ୍ରମା ଭଳି ସୁନ୍ଦର ବର ମିଳି ଯାଉ" ।

ସେ ସମୟରେ ଅନ୍ୟ କିଛି ମନୋରଞ୍ଜନ ର ସାଧନ ନଥିଲା.. ଦଶହରା, କୁମାର ପୂର୍ଣିମା ରେ ପିଠାପଣା, ଦେବୀ ପୂଜା, ଡ୍ରାମା ଏମିତି ସବୁ ରେ ଆମର ମନୋରଞ୍ଜନ ହେଉ ଥିଲା..

--ହେଲେ ଏବେ ବି ଭାବେ, ସବୁ ଓଷା ବ୍ରତ ଝିଅ କରିବ, ତା ଭାଇ, ବାପା, ସ୍ୱାମୀ ଙ୍କ ପାଇଁ.. କଣ ଝିଅ କୁ ଖାଲି, ଭାଇ, ବାପା, ସ୍ୱାମୀ ଦରକାର.. କଣ ଗୋଟେ ପିତା ନିଜ ପାଇଁ ଏକ କନ୍ୟା ସନ୍ତାନ ଚାହାଁନ୍ତି ନାହିଁ??  ଗୋଟେ ଭାଇ କୁ ଭଉଣୀ ର ସ୍ନେହ ଦରକାର ନାହିଁ???, ଅବା ଏକ ପୁଅ କୁ ତାର ଜୀବନ ସଙ୍ଗିନୀ ଦରକାର ନାହିଁ??? ବିବାହ କଣ ଆମ ଜୀବନର ଏକ ମାତ୍ର ଲକ୍ଷ୍ୟ??  ସହସହ ବର୍ଷ ରୁ ଝିଅ ଜନ୍ମ ରୁ ଗୋଟେ କଣ୍ଢେଇ ପରି ପରିବାର ର ସବୁ ସଦସ୍ୟ ଙ୍କ ହାତରେ ନାଚି ଆସୁଛି.. ଝିଅ ସବୁ କାମରେ ଲୋଡ଼ା.. ହେଲେ ସେ ପେଟରୁ ଅଲୋଡା କାହିଁକି?????

ପ୍ରିନ୍ସପାଲ, ବକ୍ସି ଜଗବନ୍ଧୁ ଇଂରେଜୀ ମିଡିୟମ ସ୍କୁଲ
ଭୁବନେଶ୍ୱର ୭୫୨୧୦୦ / ମୋ: 7303264377

ISSN NO.
2582-208X

# କଲମର ଦାୟିତ୍ୱ



ଇଂ. ସୁଶାନ୍ତ କିଶୋର ବଳ

ଅସି(ଖଣ୍ଡା) ଠାରୁ ବଡ ମସୀ(କାଳି)
ମସୀ ଦେଇଥାଏ ଉଦବେଳନ,
କରିଥାଏ ଧମନୀରେ ବେଗେ ରକ୍ତସଂଚାଳନ;
ଉନ୍ମାଦ ଦିଏ, ଜାଗରିତ କରେ,
ଦୁବଳ ବି ହୋଇଥାଏ ବଳବାନ.
ମସୀ କରଇ ମାନସିକ ଉପଚ଼ାର
ସ୍ନାୟୁ ହୁଏ ସତେଜ ସବେଗ,
ଆଣିଥାଏ ମାନସିକ ପରିବର୍ତନ .
ପଂଗୁ ବି ଲଂଘୟତି ଗିରିଶୃଂଗ
ଅପାହିଜର ଆସେ ଚଳପ୍ରଚଳେ ବେଗ,
ନିକମ୍ମା ହୁଅଇ କର୍ମଶୀଳ;
ଭରିଯାଏ ମନେ ପ୍ରେରଣା,
ବଢିଯାଇଥାଏ ଶରୀରେ ଉଦ୍ଦାମତା,
ଦୂରିଯାଏ ମନୁ ଭୟପ୍ରବଣତା .
ବିଦ୍ରୋହର ସ୍ୱରେ ପ୍ରକମ୍ପେ ମେଦିନୀ
ଦୋହଲିଯାଏ ଗିରି, ପରବତ
ସାଗରେ ଆସଇ ଉତ୍ତାଳ କଲ୍ଲୋଳ .
ବୃଖ୍ୟଲତା ଦୋହଲେ ଖର ପବନେ .

ISSN NO.
2582-208X

ହେଲେ କି ସେ କଲମ ଯାହା
ଜାଗରିତ ନକରେ ପ୍ରେମ ଭାବନା
ନାରୀପ୍ରତି ନଟାଣେ ଶକ୍ତେ ଆକର୍ଷଣେ .

କି ସେ କଲମ ଯାହା ନକରିପାରେ
ନୀଶ୍ବପ୍ରତି ଉଦ୍ରେକ ଦୟାଭାବ,
ଅନାଥପ୍ରତି ସହୃଦୟତା,
ବିକଳାଂଗ ପ୍ରତି କରୁଣା .
ଭିଖ୍ୟୁପ୍ରତି ନଆଣେ ଅନୁକମ୍ପା .

ସ୍ୱାଧିନତା ପାଇଂ ନକରନ୍ତି କୋଟି୍
ତରୁଣେ ଲମ୍ଫ ପ୍ରଦାନ,
ଛାଡି ଭିଟାମାଟି ଗୃହବାଡି,
ସୁଖ, ସ୍ୱାଛଂଦ୍ୟ ଦାମ୍ପତ୍ୟ ଜୀବନ
ଉତ୍ସର୍ଗୀ ଜୀବନ ଦେଶମାତୃକା ହିତେ
ନକରି ଥାନ୍ତି ଖଡ୍ଗ ଉତ୍ତୋଳନ .

କିଯେ ସେ ବୃଖ୍ୟ ଯାହା ଦେଇନପାରେ
ସୁଶୀତଳ ଛାୟା ଓ ଆଶ୍ରୟ .
ନଦେଇପାରେ ମନଛୁଆଂ ସମୀରଣ.
ଶାଖାରେ ନଝୁଲେ ଭରାଭରା ଫଳ
ଜନେ ନଭରିପାରନ୍ତି ରିକ୍ତ ଉଦର .

ସେହିପରି ଠିକ୍ କଲମ !
କଲମର ପ୍ରତିବିଂଦୁରୁ ବହେ ରକ୍ତସିଂଧୁ,
ଚଉଦିଗେ ଶୁଭେ ଆର୍ତନାଦ,
ସମାଜ ହୁଅଇ ହୁଲୁସ୍ଥୁଲ,

ISSN NO.
2582-208X

ଅତ୍ୟାଚାରର ହୁଅଇ ମୂଳୋତ୍ପାଟନ ।
ହିଂସ୍ରକଂକ ଚାଲେ ଶବାଧାର।
ଦୁର୍ନୀତିରେ ଡୁବା ପାପରକ୍ତେ ରଂଜିତ
ହସ୍ତର ହୁଅଇ ପଖ୍ୟଚ୍ଛେଦ ।
ପରଦାରିକ ମାନବର ମୁଖା ଖୋଲିଯାଇ
ଦାଣ୍ଡଦୁଆରେ ସର୍ବସମ୍ମୁଖେ ହୁଏ ଲାଂଛିତ।

ଧାରୁଆ ସ୍ୱାମୀର ଚକ୍ଷ୍ୟୁଆଗେ ଯେବେ
ସ୍ତ୍ରୀର ହୋଇଥାଏ ବାହୁବଳେ ବଳାତ୍କାର ।
ଉଧାରି ଶୁଝିନପାରି ରହିଥାଏ ନୀରବେ
ମୁଖ ଖୋଲିବାକୁ ନଥାଏ ସାମର୍ଥ୍ୟ ।
ଦିନଦିନ ଧରି ହୋଇଥାଏ ସ୍ତ୍ରୀ ପାଶବିକ ଶୀକାର;
ଝିଅ, ଭୂଆଷୁଣି ବାଦ ନପଡନ୍ତି,
ସେମାନେ ବି ସହନ୍ତି ଅତ୍ୟାଚ୍ାର ।

ମୁଣ୍ଡଝାଳ ତୁଣ୍ଡେ ମାରି ଦାଦନ ଶ୍ରମିକ
ସ୍ୱଳ୍ପ ପାରିଶ୍ରମିକେ ଖଟୁଥାନ୍ତି ଆଦିବାରାତ୍ର
ଥାଏଖାଲି ତାଂକପାଇଂ କଠୋର ନୀୟମ,
ଆଉ ପୁଳାପୁଳା ନୀର୍ଦୟତା ।
ଅସ୍ଥିସାର ଶରୀରେ ପଡିରହି ଥାନ୍ତି
ନକରନ୍ତି କେହିତାଂକୁ ଦୂରୁ କର୍ଣପାତ,
ଏଟିର ନୀରାକରଣ ନୁହେଂ କି କଲମର ଦାୟିତ୍ୱ ?

ଦିନଦୁଇପ୍ରହରେ ଚାଲେ ଲୁଂଠନ,
ରାଜହାନୀ, ଡକାୟତି ରାଜକୋଷ,
ସରକାରୀ ଅର୍ଥଥଳୀ ଲୁଂଠନ
ଜନସାଧାରଣଂକ ଲହୁଭରା ଅର୍ଥେ

ISSN NO.
2582-208X

ଚାଲେ ମଧ୍ୟରାତ୍ରୀରେ ଆୟାସ,
ଉଲଗ୍ନନୃତ୍ୟ, ଅସହାୟାର ଚିର ହରଣ.
କିମ୍ପାହେ କଲମତୁମେ ରୁହ ନୀରବ ?
ସେକଥାର ଉତ୍ତର ଦିଅହେ କଲମ .

ଯଦିତମ ମୂନରୁ ବାହାରିପାରେ ପ୍ରେମନୀର୍ଝରଣୀ, ବିଳାସ କାହାଣୀ,
ଧନୀକର ଆୟାସ, ତେବେ ତମମୂନରୁ ବି ଝରୁନା ନୀଶ୍ୱର କରୁଣ କାହାଣୀ,
ଧନବାନ, ନୀର୍ଧନର ଅତୁଟ ବ୍ୟବଧାନ,
ରାଜରାସ୍ତା କଡର ମଶକ ଦଂଶିତ,
ଘା, ପୁଜଭରା ଶରୀର ନଳାନର୍ଦ୍ଦମା କଡର ଅସଜଡା ହେଂସ ,ମସିଣା ,
ଛିଣ୍ଡା ତାଳିପକା ମଶାରୀର ଦାସ୍ତାନ .

ହେ କଲମ !
ତମ ଶକ୍ତି ତମେ ନିଜେଇ ଜାଣନା.
ଛାଗଳ ଅଂଗେ ତମେ ଆଣିପାର
ଶତସିଂହର ସୌର୍ଯ୍ୟ, ବୀର୍ଯ୍ୟ;
ପଂଗୁ, ଲାଚାରକୁ କରିପାର ଶକ୍ତିମାନ .
ନୀରୀର ହସ୍ତେ ଖଂଜିପାର ବର୍ଛା,
କରିପାର ତାକୁ ମହିଷମର୍ଦ୍ଦିନୀ ରକ୍ତମୁଖା
କରିପାରେସେ ଦୁଷ୍କୃତଂକ ବଖ୍ୟଚ୍ଛେଦ .

ହେ କଲମ !
ଜଗାଅ କୋଟିଯୁବମ୍ପକ ମନେ  ସାହାସ, ଧରିବାକୁ ଅସ୍ତ୍ର,
ଅନ୍ୟାୟ ବିରୁଦ୍ଧେ ଭିଡିବାକୁ  ଅଣ୍ଟା,
ପାଷାଣ ଧନୀକର ଅର୍ଥକୋଷ ଲୁଂଠି,
ନୀର୍ଧନ, ବୁଭୁକ୍ଷୁଂକ ହସ୍ତେ ବାଣ୍ଟିବାକୁ ;
ତାଂକ ଲିଭିଯାଇଥିବା ଚୁଲ୍ଲୀରେ

ISSN NO.
2582-208X

ପୁନଃ ଅଗ୍ନୀ ସଂଜିବାକୁ,
ତାଂକ ଅସ୍ଥିସାର ସନ୍ତାନଂକ ମୁଖେ
ଦାନାଟିକେ ଦେବାକୁ !
ବେବସ, ବେବସ୍ତ୍ର ନାରୀର ଶରୀରେ
ବସ୍ତ୍ର ଢାଂକିବାକୁ;
ସର୍ବୋପରି ତାଂକ ହଜିଯାଇଥିବା ଚେନାଏ ହସକୁ ପୁନଃ ତାଂକମୁଖେ
ଟିକେ ଫେରାଇ ଆଣିବାକୁ,
ନୀଦ୍ରାରେ ଟିକେ ଆଣିଦେବାକୁ ରଂଗୀନ ସପନ,
ଫେରାଇ ଆଣିବାକୁ ତାଂକ ମିଟିଯାଇଥିବା ରାହା ପୁନଃ .

ହେଃ କଲମ !
ତମେ କି ପାରନିଦେଖି ତୁମ ମାତା,
ଆଜି ବେବସ, ନୟନୁ ଖ୍ୟରୁଛି
ଅଣରୁକେ ବହଳିଆ ରକତ ?
ପାରିବକି ସେ ରକତକୁ ପୋଛି ?
ବିନା କାଳବିଳମ୍ବେ ବିନା କାଳାତିପାତେ ?

କଟକ

ISSN NO.
2582-208X

# ଅପ୍ରତ୍ୟାଶିତ ପରିଣତି



ଡକ୍ଟର ବିଜ୍ଞାନୀ ଦାସ

ଏମିତି କାହା ଜୀବନରେ କେବେ ଘଟିଛି କି ?

ନିଶ୍ଚୟ ଘଟିଥିବ । କାରଣ ଏସବୁ ଘଟଣା ବିରଳ ହେଲେ ବି ଏବେ ପ୍ରାୟ ସାଧାରଣ ହୋଇଗଲାଣି । ତଥାପି ଏମିତି ଏକ ଘଟଣା ନିଜ ଜୀବନରେ ଘଟିବ ବୋଲି କେହି ପୂର୍ବରୁ ଭାବନ୍ତିନି କି ସେ ସବୁ ବିଷୟରେ ଚିନ୍ତା କରି ଘଟଣାର ସମାଧାନ ପ୍ରସ୍ତୁତ କରି ରଖନ୍ତିନି ।

ସେମିତି ଏକ ଘଟଣା ଅପ୍ରତ୍ୟାଶିତ ଭାବେ ଘଟିଗଲା । ପମିର ମୁଣ୍ଡ ଘୂରିଗଲା । ଏବେ କଣ ହେବ ? କେମିତି କଣ ପୁଣି କରିବାକୁ ପଡିବ ? ଏହାର ସମାଧାନ ପାଇଁ କଣ କରାଯିବ ? ଏମିତି ସବୁ ଚିନ୍ତାରେ ପମି ଚିନ୍ତିତ ହୋଇ କିଛି ସମୟ ନିଜ ଅଫିସ୍ ରୁମ୍ର ଚେୟାର ଉପରେ ବସିପଡିଲା । ଘଟିଲା ତ ଘଟିଲା, ହେଲେ ସମାଧାନ ପାଇଁ କିଛି ଅଧିକ ସମୟ ହେଲେ ରହିଥାନ୍ତା ? ଏବେ ହଠାତ୍ କିଛି ଭାବିବାକୁ ପଡିବ ।

ଏ ଘଟଣା ହେଲା ୱାସିଂଟନ୍ ଡିସିର ଡଲେସ୍ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଇଣ୍ଡିଆ ବିମାନର ବାହାରିବାର ସମୟକୁ ନେଇ । ୨୦୨୩ ଡିସେମ୍ବର ୨୪ ତାରିଖ ଦିନ ସକାଳ ଦଶଟା ପନ୍ଦରରେ ସେ ବିମାନ ଛାଡିବାର ଥିଲା; ହେଲେ ହଠାତ୍ ଡିସେମ୍ବର ୨୩ ତାରିଖ ଅପରାହ୍ନ ଚାରିଟା ବେଳେ ପମି ଇମେଲ୍ ପାଇଲା ଯେ ସେ ବିମାନ ୨୪ ତାରିଖ ଦିନ ଅପରାହ୍ନ ଚାରିଟା ପନ୍ଦରରେ ବାହାରିବ । ଭାଗ୍ୟ ଭଲ ଯେ ପମି ଇମେଲ୍ ଖୋଲି ଜାଞ୍ଚ

ISSN NO.
2582-208X

କରିଥିଲା । ନହେଲେ ଯଦି ଡେରିରେ ଜାଞ୍ଚ କରିଥାନ୍ତା, ହୁଏତ ଆହୁରି ଅସୁବିଧା ହୋଇଥାନ୍ତା ।

ପୂର୍ବ ବିମାନ ଡିସେମ୍ବର ୨୫ ତାରିଖରେ ଦିଲ୍ଲୀରେ ୧୦ଟା ୩୫ରେ ପହଞ୍ଚିଥାନ୍ତା; ଏବେ ସେ ବିମାନ ପହଞ୍ଚିବ ଅପରାହ୍ନ ୪ଟା ୩୫ରେ । ସେକଥା ଚଳିଥାନ୍ତା, ଯଦି ସେମାନଙ୍କର ଦିଲ୍ଲୀରୁ ଭୁବନେଶ୍ୱରକୁ ବିମାନ ୨୫ ତାରିଖ ଦିନ ଅପରାହ୍ନ ୫ଟା ୫୦ରେ ନଥାନ୍ତା । ସେ ବିମାନ ପୁଣି ବୁକ୍ କରାଯାଇଥିଲା ବିସ୍ତାର ଏୟାର୍‌ଲାଇନ୍ସରେ । ଏସବୁ ବୁକ୍ କରାଯାଇଥିଲା ଇଠିଆନ ଇଗଲ୍ ନାମକ ଏକ ଟ୍ରାଭଲ୍ ଏଜେନସୀ ମାଧ୍ୟମରେ । ଏବେ ଏଇ ସବୁ ଯାତ୍ରା ସମ୍ବନ୍ଧୀୟ ଯୋଗାଯୋଗ, ଯେଉଁଟା ପୂର୍ବରୁ ସହଜ ମନେ ହୋଇଥିଲା, ଧୀରେଧୀରେ ଜଟିଳ ହେବାକୁ ଲାଗିଲା । ଡିସେମ୍ବର ୨୫ ତାରିଖର ବିସ୍ତାର ବିମାନରେ ସେମାନେ ଭୁବନେଶ୍ୱର ଯାଇପାରିବେନି, ଏକଥା ନିଶ୍ଚିତ; କାରଣ, ଅନ୍ତର୍ଜାତୀୟ ବିମାନ ଯାତ୍ରା ଜନିତ ସମସ୍ତ ଜାଞ୍ଚ ସରୁସରୁ ସେପଟେ ବିସ୍ତାର ବିମାନ ଦିଲ୍ଲୀରୁ ଭୁବନେଶ୍ୱର ଅଭିମୁଖେ ବାହାରି ସାରିଥିବ ।

ପମି ଏୟାରଇଣ୍ଡିଆ ଗ୍ରାହକ ସେବାକୁ ଡାକିଲା । ସେଠି ଫୋନ୍ ଧରିଥିବା ମହିଳା ଜଣକ ପରାମର୍ଶ କଲେ କି ଏୟାର୍ ଇଣ୍ଡିଆ ଫ୍ଲାଇଟ୍ ରେ ସିଏ ତ ସମୟ ବଦଳେଇ ବୁକ୍ କରିଦେବେ, ହେଲେ ବିସ୍ତାର ଫ୍ଲାଇଟ୍ ବିଷୟରେ ସେମାନେ କିଛି କରିପାରିବେନି । କାରଣ, ଫ୍ଲାଇଟ୍ ବୁକିଙ୍ଗ୍ ସେମାନଙ୍କ ଦ୍ୱାରା କରାଯାଇନି । ସିଏ ପରାମର୍ଶ ଦେଲେ ଯେ ପମି ଇଣ୍ଡିଆନ୍ ଇଗଲ୍‌ର ଗ୍ରାହକ ସେବାକୁ ଡାକି ପରାମର୍ଶ କରି ସମସ୍ତ ବୁକିଙ୍ଗ୍ ପୁନଃନିର୍ଦ୍ଧାରିତ କରୁ ।

ପମି ଇଣ୍ଡିଆନ୍ ଇଗଲ୍‌ର ଗ୍ରାହକ ସେବାକୁ ଡାକିଲା । ସେମାନେ କହିଲେ, ସେମାନେ ଡିସେମ୍ବର ୨୬ର ବିସ୍ତାର ଫ୍ଲାଇଟ୍ ରେ ବୁକ୍ କରିଦେଇପାରିବେ । ସେ ଫ୍ଲାଇଟ୍ ସକାଳ ସାତଟାରେ ବାହାରି ନଅଟାରେ ପହଞ୍ଚିବ । ସେଇଟା ହିଁ ଠିକ୍ ରହିବ । ବିସ୍ତାରର ଅନ୍ୟ କୌଣସି ବିମାନ ୨୫ ତାରିଖ ରାତିରେ ରାତିରେ ଭୁବେନେଶ୍ୱରକୁ ଯିବାକୁ ନଥିଲା । ହେଲେ ପମି ଓ ସାରା ପରିବାର ଡିସେମ୍ବର ୨୫ ତାରିଖରେ ରାତିରେ କୋଉଠି ରହିବେ ? ସେମାନଙ୍କ ସହିତ ଝିଅ ସୋନିର ଦେଢବର୍ଷର ଶିଶୁ ପୁତ୍ର ମଧ୍ୟ ଥିଲା । ତାର ଅର୍ଥ

ISSN NO.
2582-208X

ସେମାନଙ୍କୁ କୌଣସି ହୋଟେଲ୍ ଦେଖିବାକୁ ପଡିବ । ଏସବୁ କଥା ମୁଣ୍ଡକୁ ଆସିବାମାତ୍ରେ ହଠାତ୍ ପମି କିଛି ସିଦ୍ଧାନ୍ତରେ ଉପନୀତ ହୋଇପାରିଲାନି । ସିଏ ଅନ୍‌ଲାଇନ୍ ଯାଇ ଦିଲ୍ଲୀରୁ ଭୁବନେଶ୍ୱର ଯାଉଥିବା ସମସ୍ତ ରାତି ବିମାନର ସମୟ ଜାଞ୍ଚ କଲା । ତାପରେ ଇଣ୍ଡିଆନ୍ ଇଗଲ୍‌ର କର୍ମଚାରୀଙ୍କୁ ପଚାରିଲା, "ଏୟାର୍ ଇଣ୍ଡିଆର ଓ ଇଣ୍ଡିଗୋର ଯେଉଁ ସବୁ ଫ୍ଲାଇଟ୍ ରାତି ସାତଟା ପରେ ଅଛି, ସେସବୁରେ ଆପଣ ବୁକ୍ କରିଦେଇ ପାରିବେନି ।'

ଇଣ୍ଡିଆନ୍ ଇଗଲ୍‌ର ଏଜେଣ୍ଟ୍ କହିଲେ, "ନାଁ । ସେସବୁ ଏୟାର୍ ଲାଇନ୍ସ୍ ର ଟିକେଟ୍ କଲେ, ନୂଆ ଟିକେଟ୍ ଚାର୍ଜ ପଡିବ ଓ ଇଣ୍ଟରନେସ୍‌ନାଲ୍ ଫ୍ଲାଇଟ୍‌ର ଯେଉଁ ସବୁ ଲଗେଜ୍ ସ୍ଥାନାନ୍ତରଣ ବ୍ୟବସ୍ଥା ରହିଛି, ସେସବୁ ସୁବିଧା ମିଳିନପାରେ । ତେଣୁ ସୁବିଧା ହେବ, ଆପଣମାନେ ପରବର୍ତ୍ତୀ ଦିନ ସକାଳ ଫ୍ଲାଇଟ୍ ରେ ଯିବାକୁ ରାଜି ହୁଅନ୍ତୁ ।'

ପମି ଭାବିକରି ପୁଣି ଥରେ ଡାକିବ ବୋଲି କହି ଫୋନ୍ ରଖିଲା । ଘରେ ସେତେବେଳେ ପରିବାରର ସମସ୍ତେ ମହଜୁଦ୍ ଥିଲେ । ଝିଅ ସୋନି, ତାର ସ୍ୱାମୀ ବ୍ରାୟାନ୍ ଓ ଶିଶୁ ପୁତ୍ର ରାଜ୍ । ମଝିଆଁ ଝିଅ ଓ ସାନ ଝିଅ ମଧ୍ୟ ସମସ୍ତେ କ୍ରିଷ୍ଟମାସ୍ ପାଇଁ ଆସିଥିଲେ । ପମି ଯେତେବେଳେ ଏସବୁ କଥା ତାର ସ୍ୱାମୀ ପ୍ରଣବ ଓ ପରିବାରର ଅନ୍ୟମାନଙ୍କୁ କହିଲା, ସମସ୍ତେ ବି ଚିନ୍ତିତ ହୋଇପଡିଲେ । ସୋନି କହିଲା, "ସେମିତି କେମିତି ହୋଇପାରିବ ? ଆମେମାନେ ଜଣଜଣଙ୍କ ପିଛା ଅଢେଇ ହଜାର ଲେଖାଏଁ ଡଲାର୍ ଦେଇ ଟିକେଟ୍ ବୁକ୍ କରିଛୁ, ସେମାନେ ଆମକୁ ଏମିତି ହଇରାଣ କରିପାରିବେନି । ସିଏ ଆସି ଇଣ୍ଡିଆନ୍ ଇଗଲ୍‌ର ଏଜେଣ୍ଟ୍ ସହିତ ଯୁକ୍ତତର୍କ କଲା । "ଆମର ତାହେଲେ ଦିଲ୍ଲୀରେ ରାତିରେ ରହିବାର ବ୍ୟବସ୍ଥା ଆପଣମାନେ କରିବେ ତ ? ନା, ଇଣ୍ଡିଆନ୍ ଏୟାର୍ ଲାଇନ୍‌ସ କରିବ । ଆମେ ରାତିସାରା ରହିବୁ କେଉଁଠି ?'

ଇଣ୍ଡିଆନ୍ ଇଗଲ୍‌ର ଏଜେଣ୍ଟ୍ ସେମିତି ଅତ୍ୟନ୍ତ ଭଦ୍ରୋଚିତ କଣ୍ଠରେ ବୁଝେଇଲେ, "ସେ ବ୍ୟବସ୍ଥା ଆପଣମାନେ କରିବେ । ଆମେ ଆଉ କିଛି କରିପାରିବୁନି । କେବଳ ପୁରୁଣା ଟିକେଟ୍ ବଦଳେଇ, ନୂଆ ଟିକେଟ୍‌ର ବନ୍ଦୋବସ୍ତ କରିପାରିବୁ ।'

ISSN NO.
2582-208X

ସୋନି ଯୁକ୍ତି କଲା, "ଏ ଫ୍ଲାଇଟ୍‌ର ସମୟ ବଦଳିଯିବା ତ ଆମ ଭୁଲ୍ ପାଇଁ ହୋଇନି । ଏୟାର୍ ଲାଇନ୍‌ସ୍ ପାଇଁ ହୋଇଛି । ତେବେ ସେମାନେ ଆମର ରାତିରେ ରହିବାର ଦାୟିତ୍ୱ କାହିଁକି ନେବେନି ? ଆପଣଙ୍କର ମ୍ୟାନେଜର୍‌ଙ୍କୁ ଡାକନ୍ତୁ । ମୁଁ ତାଙ୍କ ସହିତ କଥା ହେବି।'

ଇଣ୍ଡିଆନ୍ ଇଗଲ୍‌ର ଏଜେଣ୍ଟ୍ ସେମାନଙ୍କ ମ୍ୟାନେଜର୍ ସହିତ ଫୋନ୍ ସଂଯୁକ୍ତ କଲା । ସିଏ ବି ସେମିତି କହିଲେ । ପମି ପୁଣି ଥରେ ଇଣ୍ଡିଆନ୍ ଏୟାର୍ ଲାଇନ୍‌ସକୁ ଫୋନ୍ ଲଗେଇଲା ଓ ସେମାନେ ସେଇ ଏକା କଥା ଦୋହରାଇଲେ, "ଆପଣମାନଙ୍କର ଟିକେଟ୍ ତ ଆମମାନଙ୍କ ଦ୍ୱାରା ହୋଇନି । ତେଣୁ ଆମେ ଏ ସମ୍ବନ୍ଧରେ କିଛି କରିପାରିବୁନି । ଆପଣମାନେ ଟ୍ରାଭଲ୍ ଏଜେଣ୍ଟ୍ ସହିତ କଥାବାର୍ତ୍ତା କରନ୍ତୁ ।'

ଏଇଭଳି ଯୁକ୍ତିତର୍କରେ ସମୟ ବିତୁଥିଲା । ଆଉଥରେ ଇଣ୍ଡିଆନ୍ ଇଗଲ୍‌କୁ ଯୋଗାଯୋଗ କରିବାରୁ ସେମାନେ କହିଲେ ଯେ ସେମାନେ ଟିକେଟ୍ ବଦଳେଇ ଡିସେମ୍ବର ୨୭କୁ ସମାନ ସମୟକୁ କରିପାରିବେ, ତାହେଲେ ଆଉ କିଛି ଅସୁବିଧା ହେବନି ।

ହେଲେ ଡିସେମ୍ବର ୨୭ରେ ଯଦି ସମାନ ସମସ୍ୟା ଆସେ ? ତେବେ କଣ ହେବ ? ସେମାନଙ୍କର ତିନିଦିନ ନଷ୍ଟ ହେବ ଓ ଓଡିଶାରେ ଧାର୍ଯ୍ୟ ହୋଇଥିବା ସମସ୍ତ କାର୍ଯ୍ୟକ୍ରମ ବି ପଣ୍ଡ ହେବ । ଅତଏବ, ଆଉ ଯୁକ୍ତିତର୍କ ନକରି ସମସ୍ତେ ବିସ୍ତାରରେ ଡିସେମ୍ବର ୨୬ ତାରିଖ ସକାଳ ଫ୍ଲାଇଟ୍‌ରେ ବୁକ୍ କରିବେ ବୋଲି ଧାର୍ଯ୍ୟ କଲେ । ପମି ଇଣ୍ଡିଆନ୍ ଇଗଲ୍‌ର ଏଜେଣ୍ଟକୁ ଡାକି ସେକଥା କହିଦେଲା ।

କିଛି ସମୟ ପରେ ନୂଆ ବୁକିଙ୍ଗ୍ ଖବର ଇମେଲ୍ ରେ ଆସିଗଲା । ଗୋଟିଏ ସମସ୍ୟା ଗଲା। ତାର ପରବର୍ତ୍ତୀ ସମସ୍ୟା ଥିଲା, ଡିସେମ୍ବର ୨୬ ତାରିଖରେ ମଧ୍ୟାହ୍ନ ଭୋଜନ ପାଇଁ ଧାର୍ଯ୍ୟ କରିଥିବା ଏକ ବନ୍ଧୁମିଳନୀକୁ ନେଇ । ସେ ମିଳନୀକୁ ପମିର ୨୦/୩୦ ଜଣ ସାଙ୍ଗସାଥୀ ନିଜ ପରିବାର ସହିତ ଆସି ଯୋଗଦେବାର ଥିଲା । ଏବେ ସେଇଟା ହୋଇପାରିବ କି ନା ସେ ନେଇ ପମି ମନରେ ସନ୍ଦେହ ସୃଷ୍ଟିହେଲା । ସେ ପାର୍ଟିକୁ କଣ ବାତିଲ୍ କରିବାକୁ ପଡିବ ? ସମସ୍ତଙ୍କୁ ଏ ଫ୍ଲାଇଟ୍ ସମୟ ବଦଳିଯିବା ଘଟଣା ବତାଇ କ୍ଷମା ମାଗିବାକୁ ପଡିବ ? ପ୍ରଣବଙ୍କୁ ଏକଥା ପଚାରିବାରୁ ସିଏ ଉପଦେଶ ଦେଲେ, "ପାର୍ଟି ଆଉ

ISSN NO.
2582-208X

ବାତିଲ୍ କରନା । ଯଦି ଆମେ ଡିସେମ୍ବର ୨୬ ତାରିଖ ଦିନ ସକାଳ ୯ଟା ବେଳକୁ ପହଞ୍ଚିଯାଆନ୍ତି ତ, ତେବେ ପାର୍ଟି ରଖିହେବ । ହୁଏତ ଟିକେ ଡେରିରେ ପହଞ୍ଚିବା । ତେବେ ସେସବୁ ପରେ ଦେଖାଯିବ ।'

ପମି ନିଜ ଭାଇକୁ ଏସବୁ ବିଷୟରେ ଖବରଦେଲା ଓ ତାର ପରାମର୍ଶ ଚାହିଁଲା । ସିଏ ମଧ୍ୟ ସମାନ ଉପଦେଶ ଦେଲା । "ଖାଇବା ଅର୍ଡର୍ ସବୁ ଦିଆସରିଛି ଓ ସବୁ ବନ୍ଦୋବସ୍ତ ହୋଇସାରିଛି । ଏ ସମୟରେ ପାର୍ଟି ରଖିବା ହିଁ ଭଲ । ଯଦି କୌଣସି କାରଣ ବଶତଃ ଡିସେମ୍ବର ୨୬ ତାରିଖର ଫ୍ଲାଇଟ୍ ଡେରିରେ ପହଞ୍ଚିବ ତ, ସେତେବେଳେ ଆମେ ଆଉ କିଛି ଭାବିବା ।'

ଡିସେମ୍ବର ୨୬ ତାରିଖର ପାର୍ଟି ବିଷୟରେ ଏକ ନିଷ୍ପତ୍ତି ନେଇସାରିବା ପରେ ତୃତୀୟ ସମସ୍ୟା ବିଷୟରେ ସମସ୍ତେ ଚିନ୍ତା କରିବାକୁ ଲାଗିଲେ ।

ଏ ଭିତରେ ସମୟ ଯେମିତି ନିଜ ବାଟରେ ଚାଲୁଥିଲା । ପମିକୁ ଆଉ ରାତିରେ ରୋଷେଇ କରିବାକୁ ସମୟ ମିଳିଲାନି । ରାତି ସେତେବେଳକୁ ଆଠଟା ହେଲାଣି । ଦୀର୍ଘ ଚାରି ଘଣ୍ଟା ଏ ଏୟାର୍ ଲାଇନ୍‌ର ଟିକେଟ୍ ସମସ୍ୟା ସମାଧାନ କରୁକରୁ ବିତିଗଲା । ସୋନି କିଛି ପାସ୍ତା ତିଆରି କରିଦେଲା ଓ ପିଲାମାନେ ସେସବୁ ଖାଇଲେ । ପମି ଯାଇ ଦୁଇଟି ରୁଟି କଲା । ଖରାବେଳେ ଯାହା ତରକାରୀ ପତ୍ର ବଳିଥିଲା, ସେସବୁକୁ ମିଶେଇ ପମି ଓ ପ୍ରଣବ ସେମାନଙ୍କର ରାତ୍ରଭୋଜନ ସାରିଲେ । ତାପରେ ଚାଲିଲା କେଉଁଠି ହୋଟେଲ୍ ବୁକ୍ କରାଯିବ । ଦିଲ୍ଲୀର ଏୟାରପୋର୍ଟ ପାଖ ହୋଟେଲ୍ ସବୁ ଅଧିକ ଚାର୍ଜ କରୁଥାନ୍ତି । ଟିକେ ଦୂରରେ ଯେଉଁ ସବୁ ହୋଟେଲ୍ ଥିଲା, ସେସବୁ ହୋଟେଲ୍ ରେ ଶସ୍ତାରେ ସିନା ରହିହେବ, ହେଲେ ଏୟାର୍‌ପୋର୍ଟରୁ କେମିତି ଯିବେ, କେମିତି ଫେରିବେ, ରାତ୍ରଭୋଜନ କେଉଁଠି କରିବେ, ଲଗେଜ୍ ବ୍ୟବସ୍ଥା କଣ ହେବ, ଏତେ ସବୁ ଚିନ୍ତା କରି କଣ କରିବେ କିଛି ସ୍ଥିର ହୋଇ ପାରିଲା ନାହିଁ । ଏୟାର୍‌ପୋର୍ଟରେ ଥିବା ହଲିଡେ ଇନ୍ ଏକ୍ସପ୍ରେସ୍ ରେ ସମସ୍ତେ ଚେକ୍ କରୁଥିଲେ, ଦୁଇଟି ରୁମ୍ ବୁକ୍ କରିବାକୁ ଚାରିଶହ ଡଲାର୍ ଚାର୍ଜ ପଡୁଥିଲା । ସେମାନେ ଏୟାରପୋର୍ଟର ପାଖାପାଖି କେତେକ ହୋଟେଲ୍‌କୁ ଡାକି ବି ବୁଝିଲେ; ସେମାନଙ୍କର ଦରଦାମ ଶୁଣି ଆଖି ଖୋସି ହୋଇଗଲା । ଶେଷରେ ସେମାନେ ଗୋଟିଏ

ISSN NO.
2582-208X

ୱେବ୍‌ସାଇଟ୍‌ରୁ ଚେକ୍ କରି ହଲିଡେ ଇନ୍ ଏକ୍ସପ୍ରେସ୍ ରେ ଦୁଇଟି ରୁମ୍ ବୁକ୍ କରିଦେଲେ । ସମୁଦାୟ ୩୫୦ ଡଲାର୍ ପଡିଲା । ପମିକୁ ଭଲ ଲାଗିଲାନି । ପ୍ରଥମେ ତ ଏ ଡିସେମ୍ବର ମାସରେ ଯାଉଥିବାରୁ ଅଢେଇ ଗୁଣ ଅଧିକ ଅର୍ଥ ଖର୍ଚ୍ଚ କରି ଟିକେଟ୍ କରାଯାଇଛି । ଏବେ ତା ଉପରେ ଆହୁରି ଖର୍ଚ୍ଚ ।

ଏସବୁରେ ଏତେ ସମୟ ବିତିଗଲା ଯେ, ପମିର ଲଗେଜ୍ ସବୁ ପ୍ୟାକ୍ କରିବାର ଯୋଜନା ରାତି ଏଗାରଟା ପୂର୍ବରୁ କାର୍ଯ୍ୟକାରୀ ହୋଇପାରିଲାନି । ସେତେବେଳକୁ ଆଖିରେ ନିଦ ମାଡି ଆସିଲାଣି । ତଥାପି ନିଜକୁ କଷ୍ଟେମଷ୍ଟେ ଜାଗ୍ରତ ରଖି ସିଏ କିଛି ଲଗେଜ୍ ପ୍ୟାକ୍ କରିପାରିଲା । ଛୋଟ ପିଲାଟିଏ ସାଥୀରେ ନେଇ ଯାଉଛନ୍ତି । କାଳେ କେତେବେଳେ କଣ ଦରକାର ପଡିପାରେ ? ସେଥିପାଇଁ ପରିମଳ ସମ୍ବନ୍ଧୀୟ ସମସ୍ତ ସରଞ୍ଜାମ ଗୋଟିଗୋଟି କରି ରଖିବାକୁ ପଡିଲା । ତେବେ ଦିଲ୍ଲୀରେ ଲଗେଜ୍ ବ୍ୟବସ୍ଥା କେମିତି ରହିବ, ସେଇଆକୁ ନେଇ ମନରେ ଚିନ୍ତା ରହିଥାଏ ।

ଡିସେମ୍ବର ୨୩ ତାରିଖର ରାତି ପାହିଲା । ୨୪ ତାରିଖ ଦିନ ସକାଳୁ ଉଠି ସମସ୍ତେ ପ୍ରାତଃଭୋଜନ ପରେ ଆଉ ଯାହା ସବୁ ମନେ ପଡିଲା, ନିଜନିଜର ଲଗେଜରେ ରଖିଲେ । ମଝିଆଁ ଓ ସାନ ଝିଅ ସେମାନଙ୍କୁ ନେଇ ଏୟାରପୋର୍ଟରେ ଛାଡିବାର ବ୍ୟବସ୍ଥା ଥିଲା । ଘରୁ ସାଢେ ବାରଟା ସୁଦ୍ଧା ବାହାରିବାର ଯୋଜନା ଥିଲା । ସେସବୁ ଠିକ୍ ଭାବେ ହେଲା । ଏସବୁ ଭିତରେ ମନରେ ଯେଉଁ ଆନନ୍ଦ ଓ ଉତ୍ସାହ ଥିଲା, ତାହା ଥିଲା ନାତିକୁ ନେଇ । ତା' ସହିତ ଆଗତ ଅଢେଇ ସପ୍ତାହର ସମସ୍ତ ସମୟ କାଟିବାର ଯେଉଁ ସୁଖ ମନରେ ରହିଥିଲା, ସେ ତୁଳନାରେ ଆସୁଥିବା ସମସ୍ତ ସମସ୍ୟା ଗୌଣ ମନେ ହେଉଥିଲା ।

ଏୟାର୍ ଇଣ୍ଡିଆର ଫ୍ଲାଇଟ୍ ଠିକ୍ ରହିଥିଲା । ସେମାନଙ୍କ ଧାଡିରେ ତିନିଟି ଲେଖାଏଁ ସିଟ୍ ଥିବାରୁ ପ୍ରଣବଙ୍କୁ ପାଖ ଧାଡିର ସିଟ୍ ରେ ବସିବାକୁ ପଡିଲା । ଅନ୍ୟ ସମସ୍ତେ ଏକା ସାଙ୍ଗରେ ଗୋଟିଏ ଧାଡିରେ ପାଖାପାଖି ବସିଥିଲେ । ରାଜ୍ ସମସ୍ତ ବ୍ୟକ୍ତିଙ୍କୁ ଦେଖି ବହୁତ ଉତ୍ସାହିତ ହେଉଥିଲା ଓ ତା' ଶିଶୁ ସୁଲଭ କଣ୍ଠରେ ଗୀତ ଗାଉଥିଲା । ଯଦିଓ ଶୋଇବା ସମୟରେ ଅସହଜ ହେବାରୁ ସିଏ ଟିକେ କାନ୍ଦିଲା, ତେବେ ମୋଟ ଉପରେ ସିଏ ବହୁତ ଖାପ୍ ଖୁଆଇ ରହିଥିଲା । ଯାତ୍ରା ଠିକ୍‌ଠାକ୍ ରହିଲା । ବିମାନ ଡିସେମ୍ବର ୨୫ ତାରିଖରେ

ISSN NO.
2582-208X

ଦିଲ୍ଲୀରେ ଅପରାହ୍ନ ଚାରିଟା ତିରିଶି ବେଳକୁ ଭଲରେ ପହଞ୍ଚିଲା । ପମି ଓ ତାର ପରିବାରର ସମସ୍ତ ଯାତ୍ରୀ ପାସ୍‌ପୋର୍ଟ ଜାଞ୍ଚ ପରେ ଭିତରକୁ ଆସି ଲଗେଜ୍ ସଂଗ୍ରହ କଲେ ଓ ଇଣ୍ଡିଆନ୍ ଇଗଲ୍ ଏଜେଣ୍ଟର ପରାମର୍ଶ ଅନୁଯାୟୀ, ବିସ୍ତାର ଏୟାର୍‌ଲାଇନ୍‌ସ୍‌ର ଲଗେଜ୍ ରିଚେକ୍ ସ୍ଥାନକୁ ଗଲେ । ହେଲେ ସେଠାରେ ଥିବା ଗାର୍ଡ ସେମାନଙ୍କ ଫ୍ଲାଇଟ୍ ଆସନ୍ତା କାଲି ସକାଳେ ଅଛି ବୋଲି ଜାଣିବା ପରେ ସେମାନଙ୍କୁ ସେଠାରୁ ଫେରେଇଦେଇ କହିଲେ, "ଏ ଲଗେଜ୍ ସବୁ ଆପଣ ଆସନ୍ତା କାଲି ବିସ୍ତାରର କାଉଣ୍ଟର୍ ଯାଇ ଚେକ୍ କରିଦେବେ ।'

ପମି ଯୁକ୍ତି କଲା, "ଏସବୁ ତ ଭୁବନେଶ୍ୱର ପର୍ଯ୍ୟନ୍ତ ଚେକ୍ ହୋଇସାରିଛି । ଆମେ କେବଳ ରିଚେକ୍ କରି ହସ୍ତାନ୍ତରଣ କରିବୁ ? ବିସ୍ତାର ଏସବୁ ଲଗେଜ୍ ରଖିବନି କାହିଁକି ?'

ସେମାନେ କିନ୍ତୁ ନିଜ ଯୁକ୍ତିରେ ଅଟଳ ରହିଲେ, "ଦେଖନ୍ତୁ, ଆପଣଙ୍କର ଫ୍ଲାଇଟ୍ କାଲି ସକାଳେ ଅଛି । ଆଜିଠାରୁ ସେସବୁ ଲଗେଜ୍ ବିସ୍ତାର ଗ୍ରହଣ କରିପାରିବନି । ଆପଣ ବୁଝିବାକୁ ଚେଷ୍ଟାକରନ୍ତୁ ।'

ତାପରେ ବିସ୍ତାରର ଜଣେ କର୍ମଚାରୀ ପଚାରିଲେ, "ଆଚ୍ଛା, ଆପଣମାନେ ଆଜି ରାତିରେ କେଉଁଠି ରହୁଛନ୍ତି ? ଲଗେଜ୍ ସେଇଠି ରଖିପାରିବେ ।'

ପ୍ରଣବ କହିଲେ, "ଆମେ ଏଇଠି ହଲିଡେ ଇନ୍ ଏକ୍ସପ୍ରେସ୍ ଏୟାରପୋର୍ଟ ହୋଟେଲ୍ ରେ ରହିବୁ ।'

ସେ କର୍ମଚାରୀ ଜଣକ ସେଇଠି ଛିଡା ହୋଇଥିବା ଜଣେ ହଲିଡେ ଇନ୍ ହୋଟେଲ୍‌ର କର୍ମଚାରୀଙ୍କ ପାଖକୁ ନେଇଗଲେ ଓ ଜଣେଇଲେ, "ଏବେ ସିଏ ଆପଣଙ୍କୁ ସମସ୍ତ ସାହାଯ୍ୟ କରିବେ ।'

ପ୍ରଣବ ହଲିଡେ ଇନ୍ ଏକ୍ସ୍‌ପ୍ରସ୍ ରେ ବୁକିଙ୍ଗ୍ ଥିବାର ପ୍ରମାଣ ନିଜ ସେଲ୍‌ଫୋନ୍‌ରୁ ବାହାର କରି ଦେଖେଇଲେ । ହଲିଡେ ଇନ୍‌ର ସେ ଏଜେଣ୍ଟ ଆଉ ଜଣଙ୍କ ସହିତ କଥା ହୋଇ ତାଙ୍କୁ ଡକେଇ ପଠେଇଲେ ଓ ସେ ବ୍ୟକ୍ତି ଜଣକ ଏମାନଙ୍କୁ ମାର୍ଗ ଦର୍ଶାଇ ହୋଟେଲ୍ ଅଭିମୁଖେ

ISSN NO.
2582-208X

ଯାତ୍ରାକଲେ । ହୋଟେଲ୍‌ର ପ୍ରବେଶଦ୍ୱାରରେ ପୁଣି ଥରେ ସମସ୍ତଙ୍କର ଲଗେଜ୍ ଜାଞ୍ଚ କରାଗଲା । ତାପରେ ସେମାନେ ଦ୍ୱିତୀୟ ମହଲାକୁ ଗଲେ । ଦ୍ୱିତୀୟ ମହଲାରେ ଥିବା ଗାର୍ଡ ଜଣକ ସେମାନଙ୍କ ପାସ୍‌ପୋର୍ଟ ଜାଞ୍ଚ କଲେ ଓ ଆଉ ଦୁଇଜଣ କର୍ମଚାରୀଙ୍କୁ ପଠାଇ ସେମାନଙ୍କୁ ନିଜନିଜର ରୁମ୍ ପାଖରେ ପହଞ୍ଚାଇଦେଲେ । ସେମାନଙ୍କର ରୁମ୍ ଦୁଇଟି ପାଖାପାଖି ଥିଲା ।

ସେତେବେଳକୁ ରାତ୍ରଭୋଜନର ସମୟ ହୋଇଯାଇଥିଲା । ଯଦିଓ ସେମାନେ ଏୟାର୍‌ପୋର୍ଟର ମୁଖ୍ୟ ଆଗମନ ଓ ପ୍ରସ୍ଥାନ ଲାଉଞ୍ଜରେ ଅନେକ ଭୋଜନାଳୟ ସବୁ ଦେଖିଥିଲେ, ହେଲେ ଏତେ ସବୁ ଲଗେଜ୍‌କୁ କେଉଁଠି ଥଇଥାନ କରିବେ, ସେଇ ଚିନ୍ତାରେ ଖାଇବା କଥା ଭୁଲିଯାଇଥିଲେ । ଏବେ ଲଗେଜ୍ ସବୁ ନିଜ ରୁମ୍ ରେ ରଖି ସେମାନେ ଟିକେ ଧୁଆଧୋଇ ହୋଇ ନିଜକୁ ସତେଜ କଲେ ଓ ତାପରେ ଖାଇବାକୁ ସେ ହୋଟେଲରେ ଥିବା ଭୋଜନାଳୟକୁ ଗଲେ । ସେଠି ସେମାନେ କିଛି ଖାଦ୍ୟ ସାମଗ୍ରୀ ଅର୍ଡର କରି ଅପେକ୍ଷାକଲେ। ହେଲେ ରାଜ୍‌କୁ ବହୁତ ଜୋରରେ ଭୋକ ହେଉଥିଲା ଓ ସିଏ କାନ୍ଦିଲା । ତାକୁ କିଛି ଚିପ୍‌ସ୍ ଦେଇ ଓ ତାର ବେବି ଡ୍ରିଙ୍କ୍ ଦେଇ ସୋନି ତା କାନ୍ଦିବା ବନ୍ଦକଲା ।

ସେମାନଙ୍କର ଡାହାଣ ପାର୍ଶ୍ୱରେ ଥିବା ଟେବୁଲ୍ ନିକଟରେ ଦୁଇଜଣ ସ୍ତ୍ରୀ ଲୋକ ବସି ଖାଉଥିଲେ । ଜଣେ ମଧ୍ୟବୟସ୍କା ମହିଳା ଓ ୧୫-୧୬ ବର୍ଷର ଝିଅଟିଏ । ହଠାତ୍ ମହିଳା ଜଣକ ପମିକୁ ପଚାରିଲେ, "ଆପଣ ପମି ଅପା ନା ? ମୁଁ ଅରୁନ୍ଧତୀ । ନିଉଜର୍ସୀରେ ରହେ। ମନେପଡୁଛି ? ଆମେ ଆପଣଙ୍କ ଘରେ ଯାଇ ରହିଥିଲୁ ।'

ଏବେ ପମି ଆଶ୍ଚର୍ଯ୍ୟ ହେଲା ଓ ଆନନ୍ଦିତ ମଧ୍ୟ । ଅରୁନ୍ଧତୀ କହିଲା, "ଆଜି ଆମ ଫ୍ଲାଇଟ୍ ରାତି ଗୋଟାଏ ବେଳେ ଅଛି । ସେଥିପାଇଁ ଆମେ ଆସି ଏ ହୋଟେଲ୍ ରେ ବିଶ୍ରାମ କରୁଛୁ। ଏତେ ସମୟ ଆଉ କୋଉଠି ରହିଥାନ୍ତୁ ?'

ପମି ଓ ଅରୁନ୍ଧତୀ କଥାବାର୍ତ୍ତା ହେଲେ । ଅରୁନ୍ଧତୀ ତାର ଓଡିଶା ଯାତ୍ରାର କାରଣ ଜଣେଇଲା । "ଶ୍ୱଶୁର ଚାଲିଗଲେ । ମେ ସମସ୍ତେ ଯାଇଥିଲୁ, ହେଲେ ଅଲଗା ଅଲଗା

ISSN NO.
2582-208X

ସମୟରେ । ଏବେ ଝିଅ ସହିତ ମୁଁ ଫେରୁଛି । ହେଲେ ମୋ ପୁଅ ଓ ଆକାଶ ଆଉ ଦୁଇ ସପ୍ତାହ ପରେ ଫେରିବେ ।'

ଅରୁନ୍ଧତୀର କଥା ଶୁଣିବା ପରେ ସେ ହୋଟେଲ୍ ରେ ରହିଥିବାରୁ ଯେଉଁ ଅଧିକ ୩୫୦ ଡଲାର୍ ସେମାନଙ୍କୁ ଖର୍ଚ୍ଚ କରିବାକୁ ପଡିଥିଲା, ସେ ଖର୍ଚ୍ଚର ଅବଶୋଷ ଆଉ ସେମାନଙ୍କ ମନରେ ରହିଲାନି । ଏବେ ସେମାନେ ଅନୁଭବ କଲେ ଯେ, ସେମାନଙ୍କର ସେ ଏୟାରପୋର୍ଟରେ ରହିଥିବା ହୋଟେଲ୍ ରେ ରାତ୍ରିଯାପନ କରିବାର ନିଷ୍ପତ୍ତି ଠିକ୍ ନିଷ୍ପତ୍ତି ଥିଲା। ନହେଲେ ଏ ରାତିଟାରେ ଛୁଆଟାକୁ ସାଙ୍ଗରେ ଧରି ଓ ଏତେ ଲଗେଜ୍ ସାଙ୍ଗରେ ଧରି ସେମାନେ କୁଆଡେ କଣ କରିଥାନ୍ତେ ? ସବୁବେଳେ ଖର୍ଚ୍ଚକୁ ଡରିଡରି ସେମାନେ ଜୀବନରେ ବହୁତ ଦୁଃଖ ସହିଛନ୍ତି । ଅନ୍ତତଃ ଜୀବନରେ କିଛିଟା ଆରାମ ଓ ଶାନ୍ତି ତ ଦରକାର ?

ଅରୁନ୍ଧତୀ ଓ ତା' ଝିଅ ବିଦାୟନେଲେ । ସେମାନଙ୍କୁ କିଛି ସମୟ ପରେ ଯାଇ ଇମିଗ୍ରେସନ୍‌ର ଠିଆ ହେବାକୁ ପଡିବ ।

କିଛି ସମୟ ପରେ ଅର୍ଡର କରିଥିବା ସମସ୍ତ ଖାଦ୍ୟ ପହଞ୍ଚିଗଲା । ହେଲେ ତରକାରୀ ସବୁ ରାଜ୍ ପାଇଁ ରାଗ ଥିଲା । ରାଜ୍ ଖାଲି ପରଟା ଖାଇ ଖୁସିହେଲା । ତାପାଇଁ ସେମାନେ ସେ କିଚେନ୍‌ରୁ କିଛି କ୍ଷୀର ବି ମଗେଇଲେ । ସମସ୍ତେ ଖାଇସାରି ସନ୍ତୁଷ୍ଟ ହୋଇ ନିଜନିଜର କୋଠରିକୁ ଫେରିଲେ । ରାଜ୍ କିଛି ସମୟ ଆସି ପମି ଓ ପ୍ରଣବଙ୍କ ରୁମ୍ ରେ ଖେଳିଲା । ସିଏ ଖାଲି ପରଦା କଡକୁ ଚାଲିଯାଉଥାଏ ଓ ତଳେ ଥିବା ବାସ୍କେଟ୍ ବଲ୍ କୋର୍ଟକୁ ଦେଖି ଖୁସି ହେଉଥାଏ ।

ତାପରେ ସୋନି ତାକୁ ନେଇଗଲା । ପମି ଶୋଇବାକୁ ଚେଷ୍ଟା କଲା । ହେଲେ ନିଦ ଜମା ହେଉନଥାଏ । ଆସନ୍ତା କାଲି ସବୁ ଠିକ୍‌ଠାକ୍ ହୋଇଯାଉ । ସେମାନେ ସମସ୍ତେ ଭଲରେ ଭୁବନେଶ୍ୱରରେ ପହଞ୍ଚିଯାଆନ୍ତୁ; ସେତିକି ହିଁ କାମନା ।

ଡିସେମ୍ବର ୨୭ ତାରିଖ ଦିନ ସକାଳୁ ଉଠି ସମସ୍ତେ ପାଞ୍ଚଟା ବେଳକୁ ପ୍ରସ୍ତୁତ ହୋଇଗଲେ । ହୋଟେଲ୍‌ର ଦୁଇଜଣ କର୍ମଚାରୀ ସେମାନଙ୍କ ଲଗେଜ୍ କାର୍ଟ ଧରି ସେମାନଙ୍କୁ ସାହାଯ୍ୟ

ISSN NO.
2582-208X

କରିବାକୁ ଆସିଲେ । ହୋଟେଲ୍ କର୍ମଚାରୀ ଯାଇ ପ୍ରଥମେ ଯେଉଁ ବିସ୍ତାରର କର୍ମଚାରୀଙ୍କୁ ପଚାରିଲେ, ସିଏ ନିର୍ଦ୍ଦେଶଦେଲେ, ଯାଇ ଟିକେଟ୍ କାଉଣ୍ଟରରେ ଠିଆହେବାକୁ । ସେକଥା ଶୁଣି ସୋନି ଓ ତାର ସ୍ୱାମୀ ବ୍ରାୟାନ୍ ବଡ ବିରକ୍ତ ହେଲେ । ପ୍ରଣବ ତ ସବୁଥିରେ ପମିର ଭୁଲ୍ ଦେଖନ୍ତି । ସିଏ କହିଲେ, "ମୁଁ କହୁଛି ଅନ୍ୟ ଏୟାର୍‌ଲାଇନ୍ ଖୋଜିକି ଟିକେଟ୍ କରିବା, ହେଲେ ତୋ ମାମାର ତ ଖାଲି ସେ ଇଣ୍ଡିଆନ୍ ଏୟାର୍ ଲାଇନନ୍ସ ରେ ମନ ଲାଗିଛି । ଏବେ ଭୋଗୁଥା ଯେତେ ଭୋଗିବାର ।'

ପମି ସହିଗଲା । ସେ ସମୟରେ ଉତ୍‌କ୍ଷିପ୍ତ କି ବିରକ୍ତ ହେଲେ କିଛି ଭଲହେବାର ନାହିଁ । ବରଂ ଅନ୍ୟମାନେ ତୁମ ଉପରେ ଅସନ୍ତୁଷ୍ଟ ହେବେ ଓ ତମକୁ ଅଧିକ ହଇରାଣ କରିବେ । ଏମିତି ବିଚାର କରି ପମି ପ୍ରଥମେ ଯାଇ ଲାଇନରେ ଠିଆହେଲା । ସମସ୍ତେ ଯାଇ ତା ପଛରେ ଲାଇନ୍ ରେ ଠିଆ ହେଲେ । ହେଲେ ଯେହେତୁ ସେମାନଙ୍କ ସହିତ ଶିଶୁଟିଏ ଥିଲା, ସେମାନଙ୍କୁ ଏକ ସ୍ୱତନ୍ତ୍ର ଲାଇନ୍ ରେ ଠିଆହେବାକୁ କୁହାଗଲା । ହୋଟେଲ୍‌ର କର୍ମଚାରୀମାନେ କିନ୍ତୁ ସେମାନଙ୍କ ପ୍ରଚେଷ୍ଟା ଜାରି ରଖିଥାନ୍ତି ଓ ବିସ୍ତାରର କର୍ମଚାରୀଙ୍କ ସହିତ କଥାବାର୍ତ୍ତା ଜାରି ରଖିଥାନ୍ତି । ଜଣେ ବିସ୍ତାରର କର୍ମୀ ସେମାନଙ୍କ କଥା ବୁଝିପାରିଲେ ଓ ସେମାନଙ୍କୁ ସ୍ୱତନ୍ତ୍ର ଲାଇନ୍ ରେ ନେଇ ସେମାନଙ୍କ ଲଗେଜ୍ ସବୁ ଚେକ୍ କରେଇଦେଲ। ସେମାନଙ୍କ ପାଖରେ ତ ବୋର୍ଡିଙ୍ଗ୍ ପାସ୍ ଥିଲା, ହେଲେ ସେ କାଉଣ୍ଟରରେ ଆଉଥରେ ବୋର୍ଡିଙ୍ଗ୍ ପାସ୍ ଦେଲେ । ତାପରେ ସେମାନେ କ୍ୟାରିଅନ୍ ଲଗେଜ୍ ଚେକ୍ କରେଇ ଫ୍ଲାଇଟ୍ ପାଇଁ ଅପେକ୍ଷା କରି ରହିଲେ । ଠିକ୍ ସକାଳ ୭ଟା ବେଳେ ଫ୍ଲାଇଟ୍ ଦିଲ୍ଲୀ ଛାଡିଲା । ସ୍ୱସ୍ତିର ନିଃଶ୍ୱାସ ନେଲା ପମି । ଦିଲ୍ଲୀରୁ ଭୁବନେଶ୍ୱରକୁ ଥିବା ଦୁଇଘଣ୍ଟାର ଯାତ୍ରା ଖୁବ୍ ଭଲ ରହିଲା। ଫ୍ଲାଇଟ୍‌ର ସ୍ୱାସିଂଟନ୍ ଡିସି ଅଞ୍ଚଳରେ ରହୁଥିବା ଜଣେ ସାଙ୍ଗ ଦେଖାହେଲା । ରାଜ୍ ସହିତି ଫ୍ଲାଇଟ୍ ରେ ଖେଳି ସମୟ କେମିତି ବିତିଗଲା ଜଣା ପଡିଲାନି ।

ସକାଳ ୯ଟା ବେଳକୁ ଫ୍ଲାଇଟ୍ ଭୁବନେଶ୍ୱରରେ ପହଞ୍ଚିବା ପରେ ସେମାନେ ଆସି ଲଗେଜ୍ ସଂଗ୍ରହ କରିବାକୁ ଅପେକ୍ଷାକଲେ । ପମିର ଭାଇ ଓ ଦିଅର ଉଭୟ ସେମାନଙ୍କୁ ନେବାକୁ ଆସିଥିଲେ । ସେମାନଙ୍କ ସହିତ ଆସି ଭାଇର ଘରେ ପ୍ରାୟ ୧୦ଟା ୧୫ ବେଳକୁ ସମସ୍ତେ ପହଞ୍ଚିଗଲେ ।

ISSN NO.
2582-208X

ଦେଢବର୍ଷର ରାଜ୍ ସହିତ ଯେତେବେଳେ ଛୟାଅଶୀ ବୟସର ଅଣଅଜାଙ୍କର ମିଳନ ହେଲା, ସେ ଦୃଶ୍ୟ ଅପୂର୍ବ ଥିଲା ।

ତାପରେ ଟିକେ ଧୂଆଧୁଇ ହୋଇ ମଧ୍ୟାହ୍ନରେ ହେବାକୁ ଥିବା ବନ୍ଧୁମିଳନୀରେ ଯୋଗଦେବାକୁ ସମସ୍ତେ ପ୍ରସ୍ତୁତ ହୋଇଗଲେ ।

ଏତେବଡ ଅପ୍ରତ୍ୟାଶିତ ଘଟଣା ଘଟିଗଲା ସତ । ତେବେ ପମି ଓ ତା' ପରିବାର ଯେ ଏମିତି ଏକ ଘଡିସନ୍ଧି ମୁହୂର୍ତ୍ତରେ ଏକ ଭଲ ସିଦ୍ଧାନ୍ତ ନେଲେ, ସେ ନେଇ ପମି ବହୁତ ଖୁସି ଥିଲା । ସେଥିପାଇଁ ସିଏ ଈଶ୍ୱରଙ୍କୁ ମନେମନେ ଧନ୍ୟବାଦ ଦେଲା । ଠିକ୍ ସମୟରେ ମୁଣ୍ଡର ଠିକ୍ ବୁଦ୍ଧି ଭର୍ତ୍ତି କରିବାର କର୍ତ୍ତା ତ କେବଳ ଈଶ୍ୱର । ସେଦିନ ବନ୍ଧୁମିଳନୀରେ ସମସ୍ତ ସାଙ୍ଗଙ୍କୁ ଦେଖି, ତାଙ୍କ ସହିତ ଗପଶପ କରି ଓ ସମୟ କଟାଇ ପମି ଅତ୍ୟନ୍ତ ଆନନ୍ଦିତ ହୋଇଥିଲା । ବିମାନର ସମୟ ବଦଳିବାକୁ ନେଇ ଦୁଇଦିନ ତଳର ସମସ୍ତ ମାନସିକ ଚାପ ଏବେ ପଛରେ ରହି ଯାଇଥିଲେ । ଆଗରେ ରହିଥିଲା ବନ୍ଧୁ ଓ ପରିବାରବର୍ଗଙ୍କ ସହିତ ମିଶିବାର ସୁଖଦ ଚିନ୍ତା ।

-0-

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ୍,
ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଚକ୍ରବାତ



ପୁଷ୍ପାଞ୍ଜଳି ପଣ୍ଡା

ସମୟର ଚକ୍ରବାତ
ଚେତନା କୁ ଚହଲାଇଦେଲା ପରେ
କେଉଁ ସଞ୍ଜିବନି ଆଉ
ଅଙ୍କୁରିତ କରିପାରେ
ଗାରେ ଗାରେ ଶିରା ରେ ଶିରା ରେ
ରକ୍ତ ଭରିପାରେ...!!
କାକୁସ୍ଥ, ତଟସ୍ଥ, ମୋହାବିଷ୍ଟ ମନ
ଅତିଷ୍ଠ ସଂସାର ରେ
କରୁଣ କୋହରେ
ଝରାଉଥାଏ ଲୁହ ଧାରେ ଧାରେ।।

ଅସହ୍ୟ ଅକାଟ୍ୟ ହିଂସ୍ର ଉଦ୍ଧାମତା,
କାମନାର ଶିଖା ତେଜେ
ବାରୁଦ ର ଗଦା ଖୋଳେ
ନିଆଁ ରେ, ମୃତ୍ୟୁ ରେ।
ଲିଭାଇବାବିଫଳ ପ୍ରୟାସ ରେ
ଜୀବନ ଯୌବନ ସବୁ
ସ୍ୱାହା କରି
ନିଜକୁ ସଙ୍କୁଚିତ କରି,

ISSN NO.
2582-208X

ଚିପୁଡି ଦେଲେ ବି
ସମୟ ଖେଳିବ  ତାର ମରଣ ର ଖେଳ।
ମହାକାଳ ର ନିଷ୍ପତ୍ତି
ସର୍ବଦା ଅଟଳ।

ତଥାପି ଜୀବନ ଅଛି,
ବଞ୍ଚିବାର  ମୋହ ଅଛି,
କ୍ଷୟିଷ୍ଣୁ ପୃଥ୍ୱୀ ରେ
ସମୟ ତ ବଦଳିବ ବଦଳି ଚାଲିଛି।।
ଆସୁ ମୃତ୍ୟୁ
ପଡୁ ଯବନିକା
ଜୀବନ ଧାଇଁବ
 ଆଗକୁ ଆଗକୁ
ସହି ସହି ସମୟ ର ଚକ୍ରବାତ କୁ।

***************

କେନ୍ଦ୍ରାପଡ଼ା

ISSN NO.
2582-208X

# ହୋଲି



ଡକ୍ଟର ମନୋରଞ୍ଜନ ବିଷୋୟୀ

ହୋଲିର ଆଗମନେ
ଶୁଖିଲା ନଈର ସୁଅ
ପୁଣିଥରେ ଉଜାଣି ଯମୁନା
ସ୍ୱପ୍ନ ଦେଖିଲାଣି ।
ବସନ୍ତର ରଙ୍ଗ ନେଇ
ଗୋଲାପି ଆଖିର କଥା
ଆଜି ପୁଣି ମନେ ପଡ଼ିଲାଣି ।
ଯେତେସବୁ ପ୍ରତିଶ୍ରୁତି
ସ୍ୱପ୍ନ ଓ ସମ୍ଭାର
ମନମାରି ପଡ଼ିଥିଲା
ଗତାୟୁର ଅନ୍ଧାର ଗହ୍ୱରେ
ସେଥିରୁ ମୁକୁଳିବାର ବେଳ
ବୋଧହୁଏ ଆସିଗଲାଣି ।

ତେଣୁ ତ ଛାଡ଼ି ଯାଇଥିବା
ବିଗତ ସ୍ମୃତିକୁ ସାଉଁଟି
ଆମ ଇଚ୍ଛା, ଆମ ଆଶା
ଆମ କାମନା ପୂରା କରି
ଆଗକୁ ବଢ଼ିବାର ସଂକେତ
ହୋଲି ଦେଇସାରିଲାଣି ।

ଦାମୋଦରପୁର, ଗଂଜାମ
ମୋ:୮୮୯୫୧୪୧୭୨୭

ISSN NO.
2582-208X

# ସୁରଭି



ଆଶୁତୋଷ ମେହେର

ଆଶ୍ୱିନ ଆସିଲେ କାଣତଣ୍ଡୀ ହସେ କେହି ତ ଆଣେନା ଡାକି,
ଫଗୁଣ ପବନେ ହସଇ ପଳାଶ ଫଗୁବୋଳା ରଙ୍ଗମାଖି ।
ଆମ୍ବ ବଉଳରେ କୋଇଲିର ତାନ ପ୍ରେମବୋଳା ଆତ୍ମଧାରା,
ଖୋଜା ପଡେ ନାହିଁ ଆପେ ପାଶେ ଆସି କବିତା ଦିଏ ତ ଧରା ।।

ସବୁଜ ଗାଲିଚା ଘାସଫୁଲ କହେ ମତେ ଦିଅ ଟିକେ ଛୁଇଁ,
ରଙ୍ଗ ବେରଙ୍ଗର ପାଖୁଡା ମହକେ ହସୁଥାଏ ପ୍ରେମ ଭୂଇଁ ।
ହୃଦୟ କନ୍ଦରେ ଭାବର ଫୁଆରା ଫୁଟେ ଶବ୍ଦ ଶତଦଳ,
ନିଃଶବ୍ଦ ଶବଦେ ମନ ଭରିଯାଏ, କବିତା ସେ କଳକଳ ।।


ସୁର ତରଙ୍ଗରେ ଆତ୍ମା ପରଆତ୍ମା ସ୍ୱପ୍ନର ଚାନ୍ଦିନୀ ରାତି,
ଆକାଶରେ ଉଭା ତାରା ଫୁଲଝୁଡି ଭାବନା ଶବଦ ପ୍ରୀତି ।
ମନ ଅନୁକୋଣେ ଅନ୍ଧକାର ତୁଟେ ସୁନେଲି କିରଣ ଆଶ,
ଆଜଣା ଦିଗରୁ ସୁରଭି ଚହଟେ କବିତା ମହକ ବାସ ।।

ମନର ଭିତରେ ସ୍ୱପ୍ନର ପ୍ରେୟସୀ ନିଦ ଭାଙ୍ଗିଗଲେ ଦୂର,
ଝରା ଶେଫାଳୀର ବାସ ଭୁରୁଭୁରୁ କବିତା ଗହୀର ସୁର ।।

୫୪ ଆର୍ଯ୍ୟପଲ୍ଲୀ, କଟଛକ, ପଟିଆ,
ଭୁବନେଶ୍ୱର ୭୫୧୦୨୪/ମୋ-୯୪୩୭୦୮୫୩୯୬

ISSN NO.
2582-208X

# କିଛି ସତ କିଛି ଗପ



ବିନୟ ମହାପାତ୍ର

ଅଫିସରୁ ଫେରି ରମାକାନ୍ତ ବାବୁ ଗୁମ୍ ମାରି ସୋଫାଟା ଉପରେ ବସି ପଡିଲେ । ସତେ ଯେପରି କିଛି ଗୋଟାଏ ବଡ ମାନସିକ ବୋଝ ତଳେ ଚାପି ହୋଇ ପଡିଛନ୍ତି, ବଡ କ୍ଳାନ୍ତ ଅନୁଭବ କରୁଥିଲେ ସେଦିନ । ସବୁ ଦିନ କିନ୍ତୁ ଏମିତି ହୁଏନି । ଅଫିସରୁ ଫେରିଲା ପରେ ସୁରମା ଦେବୀ କବାଟ ଖୋଲିଦେଇ ସିଧା ରୋଷେଇ ଘରକୁ ଚାଲି ଯାଆନ୍ତି ଆଉ ରମାକାନ୍ତ ବେଡରୁମକୁ । ଡ୍ରେସ ବଦଳେଇ ଖୋର୍ଦ୍ଧା ନାଲିଆ ଗାମୁଛା ଖଣ୍ଡେ ପିନ୍ଧି ରମାକାନ୍ତ ବାଥରୁମରେ ପଶି ଯାଆନ୍ତି, ଅଧ ଘଣ୍ଟାକ ପାଇଁ । ଫ୍ରେସ ହୋଇ ବାହାରନ୍ତି, ଦେଶୀ ଖୋର୍ଦ୍ଧାବ୍ରାଣ୍ଡ ନେଳିଆ ଲୁଙ୍ଗିଟିଏ ପିନ୍ଧି ଲିଭିଙ୍ଗ ରୁମରେ ଆସି ସୋଫାରେ ବସି ଯାଆନ୍ତି । ରିମୋଟ ଖୋଜୁ ଖୋଜୁ ପାଞ୍ଚ ସାତ ଥର ସୁରମାଙ୍କୁ ଡାକ ପକାନ୍ତି, ରିମୋଟଟା କୋଉଠି ରଖିଲ ? ସେ ସମୟରେ ସୁରମା ଦି'କପ୍ ଗରମା ଗରମ୍ ଚାହା ଏବଂ ପାଣିପାଗ ହିସାବରେ କେବେ ସଦ୍ୟ କଡେଇରୁ ବାହାରିଥିବା ଗରମ ପକୁଡି, କେବେ ଦୁଇ, ଚାରୋଟି ବ୍ରିଟାନିଆ ମେରୀ ବିସ୍କୁଟ ନହେଲେ ମୁଢି ସହିତ କଟକି ବାରମଜା ଦି ଚାମଚ ।

ଚା ପିଉ ପିଉ ଟିଭିରେ ନିଉଜ୍ ଦେଖିବା ସହିତ ସାରା ଦିନର ଖବର ଆଦାନ ପ୍ରଦାନ ହୋଇଯାଏ ଦୁଇଜଣଙ୍କ ଭିତରେ । ବଡ ଝିଅ ସୁଧାର ବାହାଘର କରି ଦେଇଛନ୍ତି ଗଲାବର୍ଷ ଫେବୃଆରୀ ମାସର, ସରସ୍ୱତୀ ପୂଜା ଦିନ, ଭଲ ତିଥି ଥିଲା ବୋଲି ପଣ୍ଡିତେ ସେଇ ଦିନଟି ବାହାଘର ପାଇଁ ଠିକ୍ କରିଥିଲେ । ଗୋଟିଏ ବୋଲି ପୁଅ ସୁବୋଧ, ସେ ଏବେ

ISSN NO.
2582-208X

ଭୁବନେଶ୍ୱରରେ ହଷ୍ଟେଲରେ ରହି ଗୋଟିଏ ପ୍ରାଇଭେଟ୍ ଇନସଟ୍ୟୁଟରେ ମେନଜମେଣ୍ଟ ପଢୁଛି, ଏଇଟା ତାର ଏମ.ବି.ଏ. ର ସେକେଣ୍ଡ ଇୟର ।

ରମାକାନ୍ତ ଅଫିସ ଚାଲିଗଲା ପରେ ସୁରମା ଦି' ପହରରେ ଘଣ୍ଟାଏ ଶୋଇବା ବ୍ୟତିତ ବାକି ସମୟ ଟିଭିରେ ସିରିଆଲ ଦେଖି ଦେଖି କଟେଇ ଦିଅନ୍ତି । କେବେ କେବେ ପଡୋଶି ମହାନ୍ତି ବାବୁ, ପଣ୍ଡା ବାବୁ କି ସାମଲ ବାବୁଙ୍କ ମିସେସ୍ ଆସି ଯାଆନ୍ତି । ଛୋଟ ମୋଟର କିଟି ପାର୍ଟିଟିଏ ହୋଇ ଯାଏ ଲିଭିଂ ରୁମରେ । ଚାହା ବିସ୍କୁଟ ଖାଉ ଖାଉ ସାରା କଲୋନୀର ଖବର ମିଳିଯାଏ ସେଇ ପାର୍ଟିରେ । କାହା ଘରେ କଣ ନୁଆ କିଣାହୋଇ ଆସିଲା, କାହାର ପୁଅ ଫେଲ୍ କି ପାଶ୍ କଲା, କାହା ଝିଅର ବୟ ଫ୍ରେଣ୍ଡ ସାଙ୍ଗେ ବ୍ରେକଅପ ହୋଇଗଲା ଠାରୁ ଆରମ୍ଭ କରି ଦେଶ ଦୁନିଆର ଖବର ବିଗଷୟରେ ବି ଟିକିଏ ଆଲୋଚନା ହୋଇଯାଏ । ଘରର ଚାରିକାନ୍ଥ ଭିତରେ ବନ୍ଦ ଏହି ପ୍ରତିଭାଶାଳୀ ମହିଳାମାନଙ୍କ ପାଖକୁ ଏତେ ସବୁ ଖବରେ ସବୁ କେମିତି ପହଞ୍ଚେ ତାହା ଅବଶ୍ୟ ଗବେଷଣାର ବିଷୟ । ତଥାପି ଏତିକି କହିହେବ, କୁଟନୀତି ଏବଂ ଗୋଇନ୍ଦାଗିରିରେ ମହିଳାମାନେ ଯେ ଅତି ଧୁରନ୍ଧର ଏକଥା ତ ମାନିବାକୁ ପଡିବ । ଏତିକି କହିହେବ ଯେ ଘରେ ଘରେ କାମବାଲୀ ମହିଳାମାନଙ୍କ ଜରିଆରେ ଏସବୁ ଖବରର ଆଦାନ ପ୍ରଦାନ ହୋଇଥାଏ । ସେମାନଙ୍କ ଠାରୁ ଏସବୁ ଖବର ସଂଗ୍ରହ କରିବା ମଧ୍ୟ କିଛି ସହଜ କଥା ନୁହେଁ, ବଡ କୁଟନୀତି ପ୍ରୟୋଗ କରିବାକୁ ପଡିଥାଏ, କେବେ କେବେ ବଡ ସାବଧାନତାର ସହିତ ପରୋକ୍ଷ ଲାଞ୍ଚର ପ୍ରଲୋଭନ ଦେବାକୁ ହୁଏ, ଯେଉଁ କଳାରେ ମହିଳାମାନେ ପ୍ରାୟ ନିପୁଣ, ଏକଥା ସ୍ୱୀକାର କରିବାକୁ ପଡିବ ।

ସଂଧ୍ୟା ହେଲେ ରମାକାନ୍ତ ଅଫିସରୁ ଫେରନ୍ତି, କଲିଂବେଲ ବଜାନ୍ତି ଏବଂ ସୁରମା କବାଟ ଖୋଲିଦିଅନ୍ତି । ଆଜି ବି ସେମିତି ହେଲା, ରମାକାନ୍ତ ଅଫିସରୁ ଫେରି କଲିଂବେଲ ବଜେଇ ଥିଲେ, ସୁରମା କବାଟ ଖୋଲିଦେଇ ରମାକାନ୍ତଙ୍କ ମୁହଁକୁ ଥରେ ଦେଖିନେଇ ସିଧା ଚାହା ପାଇଁ ପାଣି ବସେଇବାକୁ ରୋଷେଇ ଘରକୁ ଚାଲିଗଲେ । ଚାହା ତିଆରି ସରିଲାଣି, କପରେ ଚାହା ଢାଳୁ ଢାଳୁ ସୁରମା ଭାବୁଥିଲେ ରମାକାନ୍ତ କଣ ପୁଣି ବାହାରକୁ ଚାଲି ଗଲେନା କଣ ? ଏବେ ଯାଏ ବାଥ ରୁମର କବାଟ ଖୋଲା ହେବା ଅବା ବନ୍ଦ ହେବାର ଶବ୍ଦ ଶୁଭିନି କି ଟଏଲେଟ ଫ୍ଲସର ଶବ୍ଦ ମଧ୍ୟ ଶୁଣା ଯାଇନି । ଏତିକି ବେଳକୁ ସେ ଫ୍ରେସ ହୋଇ ଲିଭିଙ୍ଗ

ISSN NO.
2582-208X

ରୁମରେ ରିମୋଟ ଖୋଜି, ଚାରି, ପାଞ୍ଚ ଥର ଡାକ ପକାଇ ସାରନ୍ତେଣି । ଆଜି, କଣ ହେଲା କିଛି ସୋର ଶବ୍ଦ ଶୁଭୁନି ।

ସୁରମାଙ୍କ ମନରେ ଛନକା ପଶିଲା । ବ୍ୟସ୍ତ ହୋଇ ଲିଭିଙ୍ଗ ରୁମକୁ ଆସି ଦେଖନ୍ତି ତ ରମାକାନ୍ତ ଗୋଡ ଲମ୍ବାଇ ସୋଫାଟା ଉପରେ ଅଧା ଶୋଇବା ପୋଜିସନରେ ଷ୍ଟାଚ୍ୟୁଟିଏ ପରି ବସିଛନ୍ତି । ଏତେ ଗରମରେ, ଏ.ସି କି ଫ୍ୟାନ ବି ଅନ କରିନାହାନ୍ତି । ସୁରମାଙ୍କର ଚିନ୍ତା ବଢିଗଲା, ପଚାରିଲେ, କଣ ହେଲା ଆଜି ? ଏମିତି ହାଲିଆ ହୋଇ ବସିଛ ଯେ ? ଦେହ ଠିକ୍ ଅଛିତ କହି ପାଖକୁ ଆସି ରମାକାନ୍ତଙ୍କ ପାଖରେ ବସି ପଡିଲେ, ଦେହରେ ହାତ ମାରି ଦେଖିଲେ, ପଚାରିଲେ ଦେହ କିଛି ଖରାପ ଲାଗୁଛି କି ? ତଥାପି ରମାକାନ୍ତ ଚୁପ ବସି ଥାଆନ୍ତି, ସୁରମାଙ୍କର ଚିନ୍ତା ଆହୁରି ବଢିଗଲା, ବ୍ୟସ୍ତ ହୋଇ ପଚାରିଲେ, କଣ ହେଲା, କିଛି କହୁନ ଯେ ? ଅଫିସରେ କଣ କିଛି ବେଶି ଟେନସନ ବଢିଯାଇଛି କି ? ଏମିତି କଣ ଏତେ ଚିନ୍ତା କରୁଛ, କଣ ହେଲା ? ଦେଖ ଖରାପ ଲାଗୁଛି ଯଦି ଡାକ୍ତରକୁ ଫୋନ କରି ଆପଏଣ୍ଟମେଣ୍ଟ ନେଇ ଯାଉଛି ! ଚାହା ପିଇ ସାଙ୍ଗେ ସାଙ୍ଗେ ବାହିରି ଯିବା । ଏଇ ସିଜନ ଚେଞ୍ଜ ସମୟରେ ସବୁ ବେଳେ ତୁମର ଦେହ ଖରାପ ହୋଇଯାଏ । ଆଉ କଣ ସେ ବୟସ ଅଛି ? ଏବେ ଟିକେ ଦେହ ପ୍ରତି ଧ୍ୟାନ ଦିଅ, ସନ୍ଧ୍ୟାବେଳେ ଅଫିସରୁ ଫେରି ଟିଭି ଦେଖା ଛାଡ, କିଛି ଯୋଗ, ପ୍ରାଣାୟମ କର । ସକାଳେ ଟିକେ ଜଲଦି ଉଠି ପାର୍କରେ ମର୍ଣିଂୱାକ୍ ବି ଟିକିଏ କର, ଦେହ ଠିକ୍ ରହିବ ।

ସୁରମାଙ୍କର ବ୍ୟସ୍ତତା ଦେଖି ରମାକାନ୍ତ ସିଧାହୋଇ ବସିପଡିଲେ । ହାତ ପାପୁଲିରେ ମୁହଁ ପୋଛୁ ପୋଛୁ କହିଲେ ଆରେ ନାହିଁ, ସେମିତି କିଛି ହୋଇନି, ମୁଁ ଠିକ୍ ଅଛି । ଆଜି ଚାରିଟା ବେଳେ ସୁବୋଧ ଫୋନ କରିଥିଲା । ତାର ଫୋନ ପରେ ଟିକେ ଚିନ୍ତା ଲାଗୁଛି ତା'ପାଇଁ । ପିଲାଟା ସେଠି ଏକୁଟିଆ ହଷ୍ଟେଲରେ ରହି ପଢୁଛି ! ପିଲାଏ ପାଖରେ, ନିଜ ଆଖି ସମ୍ନାରେ ଥିଲେ କଥା ଅଲଗା, ଦୂରରେ ରହିଲେ ମାଆ ବାପାଙ୍କ ଚିନ୍ତା କେତେ ଯେ ବଢିଯାଏ, ପିଲାମାନେ କଣ ସେ କଥା ଭାବନ୍ତି ନା ବୁଝନ୍ତି । ସେମାନେ ସବୁ ମନେ ମନେ ବଡପିଲା, ସମଝଦାର ହୋଇ ଯାଆନ୍ତି ।

ସୁରମା ସଙ୍ଗେ କଥା କାଟି ପଚାରିଲେ, ତାର ଦେହ'ପା ଠିକ୍ ଅଛିଟି ? ତୁମ ଚିନ୍ତା ଦେଖି ମୋ ମନ ଛାନିଆ ହେଲାଣି, କଣ ହୋଇଛି ତାର ?

ISSN NO.
2582-208X

ରମାକାନ୍ତ ସୁଖିଲା ହସଟାଏ ହସି କହିଲେ, ଆରେ କିଛି ହୋଇନି ତାର, ସିଏ ସେଠି ମଜାରେ ଅଛି । ଆଜି ଫୋନ କରି କହୁଥିଲା, ତାର କଣ ଅରଜେଣ୍ଟ ଦରକାର, ଆଉ ପନ୍ଦର ହଜାର ଟଙ୍କା ପଠାଇ ଦେବାକୁ କହୁଥିଲା ।

ସୁରମା ସଙ୍ଗେ ସଙ୍ଗେ କହିଲେ, ଏ ମାସରେ ଆହୁରି ପନ୍ଦର ହଜାର ଟଙ୍କା ? କଲେଜ ଫି, ହଷ୍ଟଲ ଫି ସବୁ କିଛି ତ ବର୍ଷକ ପାଇଁ ଆଗୁଆ ଜମା ସରିଛି । ହାତଖର୍ଚ୍ଚ ପାଇଁ ପ୍ରତି ମାସରେ ଦଶ ହଜାର ତୁମେ ପଠାଉଛ, ଏ ମାସ ପାଇଁ ବି ଦଶହଜାର ତୁମେ ଦୁଇ ତାରିଖ ଦିନ ତା ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଇଥିଲ । ସେ ପଇସା କଣ ତାକୁ ଏଯାଏ ମିଳିନି କି ? ତୁମେ ଟିକେ ବ୍ୟାଙ୍କରୁ ବୁଝି ନେଉନ । ଆଜି କାଲି ଅନଲାଇନ ଟ୍ରାନ୍ସଫରରେ ବି ବହୁତ ଗଡବଡ ହୋଇ ଯାଉଛି ।

ରମାକାନ୍ତ ଟିକେ ହସିଦେଇ କହିଲେ, କେମିତି କଥା କହୁଛ ତୁମେ ? ଏଇଟା କଣ ପୋଷ୍ଟାଲ ମନି ଅର୍ଡର ହେଇଛି ଯେ ମାସକ ପରେ ଯାଇ ମିଳିବ, ନହେଲେ ବାଟ ମାରଣା ହୋଇଯିବ ? ତାକୁ ଦୁଇ ତାରିଖରେ ସେ ପଇସା ମିଳିଯାଇଛି ।

ସୁରମା ଆଶ୍ଚର୍ଯ୍ୟ ହୋଇ ପଚାରିଲେ ତାହେଲେ ପୁଣି କଣ ହେଲା । ଆଜି କେତେ ତାରିଖ ହେଲା କି, ସତର ନା ଅଠର ?

ରମାକାନ୍ତ ଟିକେ ନର୍ମାଲ ହୋଇ କହିଲେ ଆଜି ଅଠର ତାରିଖ ।

ସୁରମା ବ୍ୟସ୍ତ ହୋଇ କହିଲେ, କଲେଜରେ ଦୁଇ ସପ୍ତାହରେ ଦଶ ହଜାର ଖର୍ଚ୍ଚ ହୋଇଗଲା ତାର ? ତାକୁ ପଚାରିଲନି ଏତେ ପଇସା ପୁଣି କାହିଁକି ଦରକାର ପଡୁଛି ?

ରମକାନ୍ତ କହିଲେ, ହଁ ପଚାରି ଥିଲି । ଜାଣିଛ, ତୁମ ଗେହ୍ଲାପୁଅ କଣ କହିଲା ? କହିଲା ପୁଲିସ ପରି ଏମିତି ଜେରା କରନି, ମୁଁ କୋଉ ଲକ୍ଷେ ଟଙ୍କା ମାଗୁଛି ଯେ ତୁମ ମୁଣ୍ଡ ବୁଲେଇ ଯାଉଛି ? ମୋର ଦରକାର ଅଛି ବୋଲି ତ ମାଗୁଛି, କଣ ପାଇଁ ମାଗୁଛି ସେ କଥା ଜାଣିବା ତୁମ ପାଇଁ କଣ ନିହାତି ଦରକାର ? ପଠେଇବ ଯଦି ପଠାଅ, ନହେଲେ ମୁଁ ଏଠି ଆରେଞ୍ଜ କରିନେବି । ମୋତେ ଏତେ କଥା ପଚାରି ବ୍ୟସ୍ତ କରନି, କହି ଫୋନ କାଟିଦେଲା । କୋଉଠୁ ଆରେଞ୍ଜ କରିବ ସିଏ ? ଟଙ୍କା କଣ ଗଛରେ ଫଳୁଛି ସେଠି ? ପିଲାଟି ଦିନରୁ ତୁମେ ଗେହ୍ଲା କରି ଦେଇଛ, ସେଇଥି ପାଇଁ ସବୁବେଳେ ଏମିତି ଧମକଉଛି ।

ISSN NO.
2582-208X

ଜାଣିଛ ? 1975 ମସିହାରେ ମୁଁ ଯେତେବେଳ ଅନୁଗୁଳ କଲେଜରେ ଇଣ୍ଟରମିଡିଏଟ ପଢୁଥିଲି ସେତେବେଳେ ହଷ୍ଟେଲରେ ସିଟ୍ ମିଳିଲାନି ବୋଲି ଗୋଟିଏ ବର୍ଷ ମେସରେ ରହୁଥିଲି । ଜାଣିଛ, ସେତେବେଳେ ଆମକୁ ମାସକ ଖର୍ଚ୍ଚ ପାଇଁ କେତେ ଟଙ୍କା ମିଳୁଥିଲା ? ସମୁଦାୟ ଏକଶତ ମୁଦ୍ରା, ତା'ରି ଭିତରେ କଲେଜ ଫି, ମେସରେ ରହିବା ଭଡା, ଖାଇବା ଖର୍ଚ୍ଚ, ସାବୁନ୍ ତେଲ ସବୁକିଛି ମ୍ୟାନେଜ ହୋଇ ଯାଉଥିଲା । ତା ଛଡା ସେଇ ଶହେ ଟଙ୍କାରୁ କିଛି ଟଙ୍କା ବଳେଇ ଆମେ ମାସରେ ଚାରି ଛଅଟା ସିନେମା ବି ହଲରେ ଯାଇ ଦେଖୁଥିଲୁ । ଫାଷ୍ଟ କ୍ଲାସ ଟିକଟ ଦେଢ ଟଙ୍କା ଥିଲା ସେତେବେଳ । ଭାତ ଡାଲି ତରକାରୀର ମିଲ୍ ଦୁଇ ଟଙ୍କାରେ ମିଳି ଯାଉଥିଲା । ଦୁଇଟା ଅଣ୍ଡାର ଝୋଳ ଟଙ୍କାଏ, ହାପ ପ୍ଲେଟ ଆଠଣା ।

ଗୋଟେ ମଜା କଥା ଶୁଣିବ ? ମଝିରେ ଥରେ ଆମ ମେସର ରୋଷେୟା ଦୁଇଦିନ ପାଇଁ କହି ଛୁଟିରେ ଚାଲିଗଲା ଯେ ପୁରା ମାସେ ଯାଏ ତାର ଦେଖା ଦର୍ଶନ ନାହିଁ । ସେଇ ମାସ ଗୋଟାକ ଯାକ ଆମେ ଆମ କଲେଜ ପାଖରେ ଥିବା ଗୋଟିଏ ହୋଟେଲରେ ଖାଇଲୁ । ହୋଟେଲର ଗୋଟିଏ ପିଲା, ଯିଏ ମିଲ୍ ପରଶେ, ସେ ଆମକୁ ଗୋଟାଏ ପ୍ରସ୍ତାବ ଦେଲା । କହିଲା ବାବୁମାନେ, ତୁମେ ଯଦି ହାପ୍ ପ୍ଲେଟ ଅଣ୍ଡା କିମ୍ବା ମଟନ ଅର୍ଡର କରିବ ତେବେ ମୁଁ ତୁମକୁ ପୁରା ପ୍ଲେଟ ଦେଇଦେବ, କେହି କିଛି ଜାଣି ପାରିବେନି, ବିଲ ଡାକିଲା ବେଳେ ମୁଁ ହାପ ପ୍ଲେଟର ହିସାବ ଲଗେଇ କହିଦେବି, ତୁମକୁ କମ୍ ପେମେଣ୍ଟ କରିବାକୁ ପଡିବ । ମାସ ଶେଷରେ ଆମେ ଦଶ ଜଣ ମିଶି ତାକୁ ଶହେ ଟଙ୍କା ତା ହାତ ଖର୍ଚ୍ଚ ଦେବୁ । ପ୍ରସ୍ତାବଟା ମନ୍ଦ ନଥିଲା । ମାତ୍ର ଦଶ ଟଙ୍କା ଅଧିକ ଦେଇ ମାସ ସାରା ଅଧା ଦାମ୍ ରେ ଫୁଲ ପ୍ଲେଟ ମଟନ, ଚିକେନ କି ଅଣ୍ଡା କରି ଖାଇବା କିଏ ଚାହିଁବନି ? ଆମେ ଖୁସିରେ ହଁ କରି ଦେଲୁ । ତା ପରଦିନ ଠାରୁ ପ୍ରତି ମିଲ୍ ରେ ଆମେ ଆଇଁଷ ଖାଇବା ଆରମ୍ଭ କରିଦେଲୁ । ମାସ ଶେଷରେ ତାକୁ ଶହେ ଟଙ୍କା ମଧ୍ୟ ଦେଇ ଦେଲୁ ସେ ଖୁସି ଥିଲା ଆଉ ଆମେ ବି । ତା ପରେ ଆମେ ଯେତେବେଳେ ହିସାବ କରି ବସିଲୁ, ମାସ ସାରା ପ୍ରତି ଦିନ ଆଇଁଷ ଖାଇବାରେ କେତେ ଖର୍ଚ୍ଚ ହେଲା ବୋଲି, ସେ ହିସାବ ଦେଖି ଆମେ ମାସ ସାରା ଖାଇଥିବା ସବୁ ଯାକ ମଟନ, ଚିକେନରୁ ଯେତିକି ରକ୍ତ ତିଆରି ହୋଇ ଆମ ଦେହରେ ମିଶି ନଥିଲା, ତାଠାରୁ ଅଧିକ ରକ୍ତ ସୁଖିଗଲା । ସମସ୍ତଙ୍କ ମୁହଁ ସେତା ପଡିଗଲା, ହୋଟେଲ ଖାଇବା ଖର୍ଚ୍ଚ ଜଣକା ତିନି ଶହ ଟଙ୍କାରୁ ଅଧିକ । ଯାହା ଆମର ମାସିକ ଖର୍ଚ୍ଚର ତିନି ଗୁଣାରୁ ଅଧିକ କେବଳ ଆମର ଖାଇବା ଖର୍ଚ୍ଚ । କଣ କହି ଘରୁ ଏତେ ଟଙ୍କା ମଗାଇବୁ ସମସ୍ତଙ୍କ ପାଇଁ

ISSN NO.
2582-208X

ବଡ ଚନ୍ତାର ବିଷୟ ହୋଇ ଯାଇଥିଲା । ମୁଁ ଘରକୁ ଯାଇ ବଡ କଷ୍ଟରେ ମାଆକୁ ସବୁ କଥା ବୁଝେଇ କହିଲି, ମାଆ ଟିକିଏ ହସିଲା, କହିଲା ତୋର ଏ ଆଇଁଷ ଟକଳା ପ୍ରକୃତି ଏବେ କେତେ ଭାରି ପଡିଲା ବୁଝିଲୁ ତ ।

ମାଆ ଓକିଲାତି କରି ବାପାଙ୍କୁ କହି ଟଙ୍କା ଆଣିଥିଲା ମୋ ପାଇଁ । କଲେଜ ଫେରିଲା ଦିନ ବାପା ମାଆକୁ କହିଲେ ପୁଅକୁ ଟିକିଏ ବୁଝେଇ ଦିଅ, 'ଏମିତି ଶସ୍ତାରେ, ସୁବିଧାରେ ମିଳୁଥିବା ଜିନିଷ ପ୍ରତି ସାବଧାନ ରହିବ । ଯାହା କିଛି ବି କରିବ ନିଜ ପଇସାର ଆଉ ନିଜ କ୍ଷମତା ଭିତରେ ରହି, ନିଜର ସାମର୍ଥ୍ୟ ଅନୁଶାରେ କରିବ । ଯେତେ ଯାହା ମାଗଣାରେ ମିଳେ, ଆଉ ଆମେ ଖୁସି ହୋଇ ନିଜ ନିଜ ମୁଣାରେ ଭରି ନେଉ, ପ୍ରକୃତରେ ସେ ସବୁ ମାଗଣା ମିଳେନା, ପରବର୍ତ୍ତି ସମୟରେ ମଣିଷକୁ ତା ପାଇଁ ବହୁତ ବଡ ମୂଲ୍ୟ ଦେବାକୁ ପଡିଥାଏ' ।

ସେବେ ଠାରୁ କାନ ଧରି ନିୟମ କରିଥିଲି, ମାଗଣା ଲାଭ ଚକ୍କରରେ କେବେ ବି ପଡିବିନି । ତା'ପର ମାସ ଠାରୁ ଦିନରେ ଦୁଇ ଟଙ୍କାର ସାଧା ମିଲ ଆଉ ରାତିରେ ଖାଇବା ପାଇଁ, ହଷ୍ଟେଲ ସାମ୍ନାରେ ଗୋଟିଏ ପଞ୍ଜାବୀ ଚା ଦୋକାନ ଥିଲା । ସେ ରାତିରେ ରୁଟି ଏବଂ ହରଡ ଡାଲି କରେ, ଜାଣିଛ ସେ ଡାଲି କେମିତି ଲାଗେ ? ଗାଆଁରେ ତ ଆମେ ସବୁ ବେଳେ ଦେଶୀ ଭଜା ହରଡ କି ମୁଗଡାଲି ଖାଉ, କିନ୍ତୁ ସେ ପଞ୍ଜବୀ ବୁଢା କାନପୁରୀ ହରଡ ଡାଲି ତିଆରି କରେ । ଡାଲି କଣ ତାକୁ ହଳଦିଆ ଡାଲି ପାଣି କହିଲେ ଭୁଲ ହେବନି । ଆଠ ଦଶଟା ଡାଲି ଗିନା ତଳେ ଜୁଳୁ ଜୁଳୁ କରି ଚାହିଁ ରହିଥିବେ, ଆଉ ସେଇ ଡାଲି ପାଣିରେ ପହଁରୁ ଥିବେ ଦୁଇ ତିନି ଖଣ୍ଡ ଲମ୍ବା କଟା ଆଳୁ । କିନ୍ତୁ ସେଇ ଡାଲି ପାଣି ବି ଭୋକ ସମୟରେ ବଡ ସୁଆଦ ଲାଗୁଥିଲା । ଗୋଟିଏ ଟଙ୍କାରେ ଚାରିଟା ରୁଟି, ଗିନାଏ ଡାଲି ପାଣି ଖଣ୍ଡେ କଟା ପିଆଜ, ଆଉ ଗୋଟେ ବଡ କଞ୍ଚା ଲଙ୍କା ।

ସେମିତି ସମୟ ଥିଲା ଆମର ପାଠପଢା ବେଳ, ଗାଆଁର ପିଲା ଆମେ ସହରକୁ ପଢିବାକୁ ଯାଉଥିଲୁ । କିନ୍ତୁ ଆଜି ଆମ ପିଲାଏ ଛୋଟ ସହରରୁ ବଡ ସହରକୁ ପଢିବାକୁ ଯାଉଛନ୍ତି । ଆମେ ସାତ ଭାଇ ଭଉଣୀ ସ୍କୁଲ କଲେଜରେ ପଢୁଥିଲୁ ସେତେ ବେଳେ, ବାପାଙ୍କ ଉପରେ ବୋଝ ପଡିବ ବୋଲି ସମସ୍ତେ ଖୁବ୍ ସାବଧାନ ରହୁଥିଲୁ । ବାପାଙ୍କର ସୀମିତ ରୋଜଗାରରେ ସେ କେତେ କଷ୍ଟରେ ସବୁ କିଛି ମ୍ୟାନେଜ କରୁଥିଲେ ଆମକୁ ଜଣାଥିଲା ।

ISSN NO.
2582-208X

ଆମେ ଟଙ୍କାଏ ମଧ୍ୟ ବାଜେ ଖର୍ଚ୍ଚ କରିବାକୁ ଦଶ ଥର ଭାବୁଥିଲୁ । କିନ୍ତୁ ଆଜି ଛୋଟ ପରିବାର, ପିଲାଙ୍କୁ ଲାଗୁଛି ବାପା ଏତେ ଦରମା ପାଉଛନ୍ତି କଣ କରିବେ ଏତେ ଟଙ୍କା ? ବିଚରା ବାପା ସତେ ଯେମିତି ଟଙ୍କାର ଗଛଟାଏ, ଯେତେ ଥର ହଲେଇବ ସେତେ ଥର ଟଙ୍କା ଗଳି ପଡିବ । ସେମାନଙ୍କର ବଡଲୋକି ଦେଖେଇ ହେବା ବାପାମାଆଙ୍କୁ କେତେ ମହଙ୍ଗା ପଡୁଛି ସେ କଥା କଣ ପିଲାଏ ବୁଝୁଛନ୍ତି ?

ସୁରମା କଥାକାଟି କହିଲେ, ହଁ ଗଲାଣି ସେକାଳ, ସେ ପଖାଳ, ଆଜି ସବୁ ଜିନିଷ କେତେ ମହଙ୍ଗା ହୋଇ ଗଲାଣି । ଆଜି ପ୍ଲେ ସ୍କୁଲରେ ପିଲାଙ୍କୁ ଆଡମିଶନ କରେଇବାକୁ ପଚାଶ ହଜାର ଲାଗୁଛି, ତା ଉପରେ ମାସକୁ ଦୁଇ, ଚାରି ହଜାର ଟଙ୍କା ଫିସ ସବୁ ମାସରେ । ଲୋକଙ୍କର ରୋଜଗାର, ତମର ଦରମା ବି ତ ବଢୁଛି । କିନ୍ତୁ ମୁଁ ସୁବୋଧ କଥା ଭାବୁଛି, ତା ଫୋନ କଥା ଶୁଣି ମୋତେ ମଧ୍ୟ ଚିନ୍ତା ହୋଇ ଗଲାଣି । ଭୁବନେଶ୍ୱର ପରି ସହର, ସେଠାରେ କେତେ ଆଡର କେତେ ପ୍ରକାରର ପିଲା ସବୁ ଆସି ପାଠ ପଢୁଛନ୍ତି । ପୁଅ ଖରାପ ପିଲାଙ୍କ ସାଙ୍ଗରେ ମିଶୁନି ତ ? ସିଗାରେଟ କି ମଦ ପିଉନି ତ ? ପୁଣି କଣ ଟିକିଏ ଭାବି ସୁରମା କହିଲେ, ମୋତେ ସେମିତି ଲାଗୁନି, ଗଲାଥର ଯେତେ ବେଳେ ସେ ଘରକୁ ଆସିଥିଲା ଏପରି କିଛି ଘଟଣା ତ ମୁଁ ନୋଟିସ କରିନି ।।

ରମାକାନ୍ତ ଟିକେ ବ୍ୟସ୍ତ ହୋଇ କହିଲେ, ଆଜି କାଲି କେତେ ପ୍ରକାରର ନିଶା, ଡ୍ରଗସ୍ ସବୁ ଚୋରାରେ ମିଳୁଛି, ପୁଅ ଯଦି କୁସଙ୍ଗରେ ମିଶି କିଛି ଡ୍ରଗ ନେଉଥିବ ତାହେଲେ ତ ସତ୍ୟାନାଶ ।

ସୁରମା ସାଙ୍ଗେ ସାଙ୍ଗେ କହି ଉଠିଲେ, ନା, ନା ମୋ ପୁଅ ଏମିତି ସେମିତି କିଛି କରୁନଥିବ, ମୋତେ ଯାହା ଲାଗୁଛି ବୋଧହୁଏ ପୁଅ ଆମର କାହା ପ୍ରେମରେ ପଡି ଗଲାଣି, କିଛି ଗାର୍ଲଫ୍ରେଣ୍ଡ ଚକ୍କର ପରି ଲାଗୁଛି । ସେଦିନ ପଣ୍ଡା ବାବୁଙ୍କ ମିସେସ୍ କହୁଥିଲେ, ମିଶ୍ର ବାବୁଙ୍କ ପୁଅ, ତୁମେ ମିଶ୍ର ବାବୁଙ୍କୁ ଜାଣିଛ ନା', ଆରେ, ସେ ଏବିସି ବ୍ୟାଙ୍କରେ ଜେନେରାଲ ମ୍ୟାନେଜର ଅଛନ୍ତି । ପାଖ ବିଲଡିଙ୍ଗର ସେକେଣ୍ଡ ଫ୍ଲୋରରେ ରହନ୍ତି । ତାଙ୍କରି ପୁଅ ରଞ୍ଜନ ବାଙ୍ଗାଲୋରରେ ଇଞ୍ଜିନିୟରିଂ କରୁଥିଲା । କଲେଜରେ କୋଉ ଗୋଟେ ଝିଅର ପ୍ରେମରେ ପଡି ଯାଇଥିଲା, ମାସକୁ ଏମିତି ପଚିଶ, ତିରିଶ ହଜାର ଟଙ୍କା ତା ପଛରେ ଉଡେଇଲା । ଚାରି ଛ ମାସ ଏମିତି ସେମାନଙ୍କର ପ୍ରେମ ରହିଲା, ତାପରେ

ISSN NO.
2582-208X

ଶେଷକୁ ସେ ଝିଅକୁ ମେଡିକାଲ କଲେଜର ଆଉ ଗୋଟେ ପୁଅ ସାଙ୍ଗରେ ପ୍ରେମ ହୋଇଗଲା। ମିଶ୍ର ବାବୁଙ୍କ ପୁଅ ସାଙ୍ଗରେ କଟି କରିଦେଲା ସେ ଝିଅ ।

ସୁରମାଙ୍କ କଥା ଶୁଣି ରମାକାନ୍ତ ଥଟ୍ଟାରେ ଟିକେ ହସିଦେଇ କହିଲେ ଆରେ କଟି ନୁହେଁ, ତାକୁ ବ୍ରେକଅପ୍ କହନ୍ତି, ଅଚ୍ଛା ତାପରେ କଣ ହେଲା ?

ସୁରମା ଟିକେ ରାଗିଯାଇ କହିଲେ, ସବୁବେଳେ କଥା ମଝିରେ କିଛି ନା କିଛି କହିବା ତମର ଗୋଟେ ଖରାପ ଅଭ୍ୟାସ । ମୁଁ ଯେମିତି ଜାଣିନି ସେଇଟାକୁ ବ୍ରେକକ୍ କହନ୍ତି ବୋଲି- ହୁଁ, କହି ଚୁପ୍ ହୋଇଗଲେ ।

ରମାକାନ୍ତ ଟିକିଏ ହସିଦେଇ କହିଲେ, ହଉ ବାବା ହେଲା, ମୋର ଭୁଲ ହୋଇ ଗଲା, ଏବେ କୁହ ତା ପରେ କଣ ହେଲା ।

ସୁରମା କହିଲେ, ଆଉ ହେବ କଣ, ପୁଅ ହଷ୍ଟେଲ ଛାଡି ଘରକୁ ଚାଲି ଆସିଲା, ଖିଆ ନାହିଁ, ପିଆ ନାହିଁ କାହା ସାଙ୍ଗରେ କଥା ବାର୍ତ୍ତା ନାହିଁ, ଦାଢି ବଢେଇ ପାଗଳାଙ୍କ ପରି ନିଜ ରୁମରେ କବାଟ ବନ୍ଦକରି ପଡି ରହିଲା । ଦି'ଦିନ ଗଲା ଚାରି ଦିନ ଗଲା, ବାପା ମାଆ ଉଭୟେ ପୁଅକୁ ଏମିତି ଅବସ୍ଥାରେ ଦେଖି ବଡ ବ୍ୟସ୍ତ, ଯାହା ପଚାରିଲେ, ପୁଅ କିଛି କହିଲାନି । ଆଉ କିଛି ଅନ୍ୟ ବାଟ ନଦେଖି ଶେଷରେ ମିଶ୍ର ବାବୁ ତାଙ୍କ ବଡଝିଅ ରଶ୍ମୀକୁ ଦିଲ୍ଲୀରୁ ଡକେଇ ପଠେଇଲେ ।

ଝିଅ ଜୋଇଁ ମିଶ୍ର ବାବୁଙ୍କ ଠାରୁ ସବୁକଥା ଶୁଣି, ସେଇ ଦିନ ସଂଧ୍ୟା ଫ୍ଲାଇଟରେ ଆସି ଘରେ ହାଜର । ଭାଇ ଭଉଣୀ ଦୁଇ ଜଣ ବସି କଥା ହେଲେ, ଭଉଣୀ ଯେତେ ବେଳେ ପଚାରିଲା କଣ ହେଇଛି କହ, କିଛି କହିଲେ ସିନା ଯାହା କିଛି କରିବା, ଏମିତି ଚୁପ ଚାପ୍ ରହିଲେ କଣ ସବୁ ଠିକ୍ ଠାକ୍ ହେଇଯିବ ? ରଶ୍ମୀର କଥା ଶୁଣି, ରଞ୍ଜନ ଆଉ ନିଜର ଭଙ୍ଗା ହୃଦୟକୁ ସମ୍ଭାଳି ପାରିଲାନି । ଭଉଣୀ କାନ୍ଧରେ ମୁଣ୍ଡ ରଖି ଭୋ ଭୋ ହୋଇ କାନ୍ଦି ଉଠିଲା । ସବୁ କଥା ମୂଳରୁ ଶେଷ ଯାଏ ଗୋଟି ଗୋଟି କରି ରଶ୍ମି ଆଗରେ କହିଗଲା । ଭଉଣୀ ଭେଣେଇ ତାକୁ ବହୁତ ବୁଝେଇ ସୁଝେଇ ସାଙ୍ଗରେ ଦିଲ୍ଲୀ ନେଇଗଲେ । ଏବେ ବାଙ୍ଗାଲୋରରୁ ନାଆଁ କଟେଇ ସେ ଦିଲ୍ଲୀରେ ପଢୁଛି । ବୁଝିଲ, ସେଇଥି ପାଇଁ ମତେ ଡର

ISSN NO.
2582-208X

ଲାଗୁଛି । ଆଜି କାଲିକା ପୁଅ ଝିଅଙ୍କର କିଛି ଭରସା ନାହିଁ । ପ୍ରେମ ଏମାନଙ୍କ ପାଇଁ ସତେ ଯେମିତି ଗୋଟେ ଟାଇମ ପାଶ୍ ଖେଳ ।

ରମାକାନ୍ତ ଟିକେ ସିରିୟସ ହୋଇ କହିଲେ, ନାହିଁ କଥାଟା ସେମିତି ନୁହେଁ, ଆଜି କାଲିକା ପିଲା ଟିକେ ବେଶି ଆଡଭାନ୍ସ । ଏଇ ବୟସରେ ସବୁ ପୁଅ ଝିଅ ପ୍ରେମ କରନ୍ତି, ପୁଅକୁ ଯଦି କାହା ସାଙ୍ଗରେ ପ୍ରେମ ହୋଇ ଯାଇଛି, ସେଇଟା କିଛି ଖରାପ କଥା ନୁହେଁ । କିନ୍ତୁ, କେବଳ ଏତିକି ଡର, ସୁବୋଧ ପ୍ରେମ କରୁ କରୁ ଦେବଦାସ ହୋଇ ନଯାଉ ।

କାଲି ତୁମେ ତା ସାଙ୍ଗରେ କଥା ହୁଅ, ସେ ମୋତେ ସିନା କିଛି କହିବନି, କିନ୍ତୁ ତୁମ ସହିତ ସେ ବହୁତ ଫ୍ରି ଫିଲ୍ କରେ । ମୋତେ ଲାଗୁଛି ତୁମକୁ ସବୁ ସତ କହିଦେବ । ନହେଲେ ତାକୁ ଘରକୁ ଡକାଅ, ଆମେ ଏକାଠି ବସି ସବୁ କଥା କ୍ଲିୟର କରିନେବା । ଆମେ ବାପା ମାଆ ପିଲାଙ୍କୁ ଜନ୍ମ ଦେଇଛେ, ଆମେ କଣ ତାଙ୍କର ଖରାପ ଚାହିଁବା ? ଆମେ ତ ଚାହୁଁଛେ, ସେ ଖୁସିରେ ରହୁ କେବେ ବି କିଛି ଅସୁବିଧାର ନପଡୁ । ହେଲେ ପିଲାଏ କଣ ସେ କଥା ଭାବୁଛନ୍ତି ? ସେମାଙ୍କୁ ତ ଲାଗୁଛି ସେମାନେ ସବୁ ବଡ ହୋଇ ଗଲେଣି, ନିଜ ପ୍ରୋବ୍ଲେମ ସେମାନେ ନିଜେ ସମାଧାନ କରି ପାରିବେ । କିନ୍ତୁ କିଏ ବୁଝେଇବ ସେମାନଙ୍କୁ ଯେ 'ମାଆ ବାପାଙ୍କ ପାଇଁ ତାଙ୍କ ପିଲାଏ କେବେ ବି ବଡ ହୁଅନ୍ତି ନାହିଁ ' ।

ପଟିଆ, ଭୁବନେଶ୍ୱର

ISSN NO.
2582-208X

# ସମୟର ପ୍ରବାହରେ ଉଦ୍ଜୀବିତ ଆଶା



ଭାସ୍କର ଚନ୍ଦ୍ର ଖଣ୍ଡା

ବେଳେ ବେଳେ ଏକାନ୍ତରେ
କଥା ହୁଏ ସମୟ ସାଂଗରେ
ତା'ର ଅନବରତ ପ୍ରବାହିତ ଧାରା
ଚାଲିଥିବ ଏମିତି
ନାହିଁ ତା'ର ମୃତ୍ୟୁ
ନିର୍ଭୀକ ସିଏ ।୧।
ସମୟର କାଳ ଚକ୍ର ଭିତରେ
କରି ସମ୍ବରଣ ଇହଲୀଳା
ଫେରିବାକୁ ହୁଏ ସଭିଙ୍କୁ
ଗଛ ପତ୍ର ଜୀବ ଜନ୍ତୁ
ଏମିତି କେତେ ସଭ୍ୟତା ମଧ୍ୟ ।୨।
ହରପ୍ପା ମହେଞ୍ଜୋଦାର ପରି
ଚଳଚଞ୍ଚଳତା ହୁଏ ଦିନେ ସ୍ଥବିର
ନିଏ ସାଗର ବୁକୁରେ ଜନ୍ମ ଗିରିଶୃଙ୍ଗ
ପରିବର୍ତ୍ତନ ହିଁ ସ୍ଥିର
ଦସ୍ୟୁ ରତ୍ନାକର
ଯିଆନ୍ତି ପାଲଟି ବାଲ୍ମିକୀ ।୩।

ISSN NO.
2582-208X

ଭାସିଯିବେ ସଭିଏଁ ଦିନେ
ସମୟର ସ୍ରୋତରେ
ହୋଇ କଳ୍ପନା ଢେଉର ଉବୁଟୁବୁ
ଇଛା ହୁଏ
ଛାଡି ଯିବା ପାଇଁ କିଛିଟା ଛାପ
ରହିବ ନାହିଁ ଯଦିଓ ସେଇଟାବି
ତଥାପି ବି ଇଚ୍ଛା ହୁଏ
କାହିଁକି କେଜାଣି
କରେ ଅନେକ ପ୍ରଶ୍ନ ସମୟକୁ
ନିରବତାର ସହ କରି ଅପେକ୍ଷା ।୪।

ରଖେ ଆଶା ଉଦ୍ଜୀବିତ
ହେବ ଏଠି ବଞ୍ଚିବାକୁ
ଦୁଃଖ ଝଂଯାଳ ଭଲ ମନ୍ଦ ଭିତରେ
ଝରିପଡିବ ଦିନେ ପ୍ରଭାତର
ଶାନ୍ତ ଶୀତଳ କିରଣ ବୋଲି
ପ୍ରଭୁ ବୁଦ୍ଧଙ୍କର ଆଶୀର୍ବାଦ ଭଳି ।୫।

ଫ୍ଲାଟ୍ ନଂ ବି/୩୦୧, ଗୌରୀଶଙ୍କର ରେସିଡ଼େନ୍ସ
କେଶୁର୍, ଭୁବନେଶ୍ୱର
(ମୋ) ୯୪୫୫୭୧୭୫୦୭

ISSN NO.
2582-208X

# ଅଭାଗିନୀ ବୋଉ



ସୁସ୍ମିତା ମହାପାତ୍ର

ଯେଉଁ ବାପାଙ୍କ ଆଖିକୁ ଦିନେ ସିଧା ସଳଖ ଚାହିଁ ହେଉ ନଥିଲା,
ଜ୍ୱଳନ୍ତ ନିଆଁ ଖଣ୍ଡ ମାନ ତୁହାକୁ ତୁହା ଛିଟିକି ପଡୁଥିଲା,
ଆଜି ସେଇଠୁ ଝରି ପଡୁଛି ଚକ୍ ଚକ୍ ମୁକୁତା ବିନ୍ଦୁ ଅବାରିତ,
ଯେଉଁଥିରେ ଦିଶିଯାଉଛି ଜଳଜଳ,
କେତେ କାଳର ସେ ଅଲିଭା ଅଦୃଶ୍ୟ ଛୋଟ ବଡ଼ କ୍ଷତ ।
ଘୋଡ଼ିହେଇ ବସିଥିବା ଚାଦର ତଳୁ ପ୍ରସରି ଆସିଛି ତାଙ୍କ
କଳା ମଚ୍ ମଚ୍ ପାଦ ହଳକ,
ରୁକ୍ଷ ନିର୍ଦ୍ଦୟ ହୃଦୟରୁ ସଞ୍ଚରି ଆସୁଛି,
ଛଳଛଳ ମମତାର ମଧୁର ମହକ ।
କି ଅଭାବନୀୟ ଦୃଶ୍ୟ ସତେ !
ମୁହୂର୍ତ୍ତ ମୁହୂର୍ତ୍ତ ଆଚମ୍ବିତ କରୁଥିଲା ମୋତେ ।
ବଖାଣି ପାରୁନି ସେ ମହାର୍ଘ ବେଳ,
ଅତି ସରାଗରେ ଅଣ୍ଜାଳି ଆଣି ପଦ ଯୁଗଳ
ଯତନେ ବୋଳିଲି ମଥାରେ ଆଶିଷ ସକଳ ।
ଗଦ୍ ଗଦ୍ ଉକ୍ଣ୍ଠାରେ ଡାକିଲି ବୋଉକୁ,
ଆ, ଆ ବୋଉ,

ISSN NO.
2582-208X

ଦେଖିଯା ଥରେ ବାପାଙ୍କ ନବ କଳେବରକୁ ।
ପୂରା ବଦଳି ଯାଇଛନ୍ତି ବାପା,
ବିଳମ୍ବରେ ହେଉପଛେ ଆଜି ସେ ଅନୁତପ୍ତ,
ହେଜିଛନ୍ତି ଆମପ୍ରତି କରିଥିବା ଅବିଚାର, ଅନ୍ୟାୟକୁ ।
ନେଇଯା' ଆଶିଷ ଥରେ ତାଙ୍କ ପାଦସ୍ପର୍ଶ,
ସୁଖ ଦୁଃଖ ହେଇଯା' ଘଡ଼ିଏ,
କିଏ ଜାଣେ, ଆଉ କେତେକ୍ଷଣ ସେ ଇଚ୍ଛିବେ ଆମକୁ,
ଆ, ଆ ଥରେ ବୋଉ, ଭେଟିଯା' ବାପାଙ୍କୁ ।
ହାତରେ ଝାଡୁ ଧରି ଆସିଥିଲା ବୋଉ,
ଦୂରରୁ ଦେଖିଲା ବି,
ବେଳ ଉଚ୍ଛୁର ହେଲାଣି,
ତଳ ଉପର ଦୁଇ ମହଲା ଝାଡୁ ସାରି
ଫେରିବ କହି ଚାଲିଗଲା ।
ଠିକ୍ ଏତିକି ବେଳକୁ, ଟିକ୍ ଟିକ୍ ବାଜି ଉଠିଲା କାନ୍ଥ ଘଣ୍ଟା,
ଅପସରି ଗଲା ବାପାଙ୍କ ଆଖି ତଳୁ ମୁକୁତାର ବିନ୍ଦୁ ସବୁ,
ଆଉ ସେ ସଙ୍କୁଚିତ କରିନେଲେ ତାଙ୍କ ପାଦ ହଳକ,
ସେଇ କଳା ମୁଗୁନି ପଥର ପ୍ରତିମାର ଚାଦର ଭିତରକୁ ପୂର୍ବବତ୍ ।

ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ,
ସେକ୍ଟର-6, ରାଉରକେଲା, ମୋ. - 7978449218

ISSN NO.
2582-208X

# ତୁମେ ଅଛ ବୋଲି



ରଘୁନାଥ ତ୍ରିପାଠୀ

ତୁମେ ଅଛ ବୋଲି ତପନ ଆମ ନଭମଣ୍ଡଳେ
ଆଲୋକ ଅନ୍ଧାର ଖେଳୁଛି ଦିବା ରାତ୍ରିର କୋଳେ ॥

ତୁମେ ଅଛ ବୋଲି ଚନ୍ଦ୍ରମା ଢାଳୁଅଛ ଚାନ୍ଦିନୀ
ଉଆଁସ ନିଶିରେ ତମସା ଘେରିଥାଏ ମେଦିନୀ ॥

ତୁମେ ଅଛ ବୋଲି ଅନିଳ ଜୀବେ ଜୀବନ ପଶେ
କେବେ ଆସ ହୋଇ ଶୀତଳ ବାସ ମଧୁ ପରଶେ ॥

ତୁମେ ଅଛ ବୋଲି ବାରିଦ ଝରେ ଉଦକ ଧାରା
ନିବାରୁଛ ଜୀବ ପିପାସା ଶାନ୍ତି ଲଭୁଛି ଧରା ॥

ତୁମେ ଅଛ ବୋଲି ପାଦପ ଆମ ପରମ ବନ୍ଧୁ
ଭରି ଖାଦ୍ୟ ବାସ ବସନେ ସାଜି ପରାଣ ବିନ୍ଦୁ ॥

ISSN NO.
2582-208X

ତୁମେ ଅଛ ବୋଲି ତଟିନୀ ହୋଇ ଜୀବନ ଧାରା
ଗଢ଼ି ଉଠେ ନର ସଭ୍ୟତା ତୁମ ତଟରେ ପରା ॥

ତୁମେ ଅଛ ବୋଲି ସାଗର ନଦୀ ନିର୍ଝର ଭର୍ତ୍ତା
ମେଘ ସରଜୁଛ ଗଗନେ ଦେଇ ମଧୁର ବାର୍ତ୍ତା ॥

ତୁମେ ଅଛ ବୋଲି ପ୍ରଭୁ ହେ ଅଛି ଏହି ଦୁନିଆ
ଭଙ୍ଗା ଗଢ଼ା ଯାହା ଚାଲିଛି ସବୁ ତୁମ କିମିଆ ॥

ବାଲିସାହି, ମଧୁପାଟଣା,
କଟକ/8763343263

ISSN NO.
2582-208X

# ବିଶ୍ୱାସର ପଛପଟେ



ଶାନ୍ତିଲତା ମିଶ୍ର

ସେଦିନ ସକାଳୁ ଉଠି ବାହାର ପାଗ ଦେଖି ସମସ୍ତେ ଖୁସି ହୋଇଗଲେ । ସୁନେଲି ଖରା ଗ୍ଲୁରିଆଡ ବିଛେଇ ହୋଇ ପଡିଛି । ନା ବର୍ଷା ନା ପବନ ନା ଥଣ୍ଡା ନା ଗରମ । ପୁରା ପିକନିକ୍ ଯିବା ପାଗ । ସେଦିନ ଯୋଗକୁ ରବିବାର ଥିଲା । ପ୍ରବୀରଙ୍କର ବି ବାହାରେ ଅଫିସ୍  କାମ କିଛି ନଥିଲା । ସେ ବି ଘରେ ଥଲେ । ସେମାନେ ଯୋଉ ସହରରେ ରହୁଥିଲେ ସେଠାରେ  ପାଗ ପ୍ରାୟତ ସବୁବେଳେ ଖରାପ ରହେ । ଏପରି ପାଗ ଖୁବ୍ କମ୍ ଦିନ ଦେଖିବାକୁ ମିଳେ । ସମସ୍ତେ ଖୁସି ହୋଇଯିବା ସ୍ୱାଭିବିକ ।

ହଠାତ୍ ପିକନିକ୍ ଯିବା ପାଇଁ ଯୋଜନା ଓ ସବୁ ପ୍ରସ୍ତୁତି ହୋଇଗଲା । ପିଲା ମାନେ ତାଙ୍କ ସ୍ୱିମିଙ୍ଗ ସୁଟ୍, ପାଣିରେ ଖେଳିବା ପାଇଁ ଖେଳନା, ବାଲିରେ ଓ ପାର୍କରେ ଖେଳିବା ପାଇଁ ଫ୍ରିସବି, ବଲ୍ ସବୁ ନେଇ ରେଡି । ଅନିମା ଖାଇବା ପ୍ରସ୍ତୁତିରେ ଲାଗିଗଲା । କିଛି ଫଳ, ସାଣ୍ଡୱଇଚ୍, କୋଲଡ୍ ଡ୍ରିଙ୍କ୍, କୁକି, ଚିପସ୍ ପ୍ରଭୃତି ପ୍ୟାକ୍ କରି ଘରୁ ଶିଘ୍ର ବାହାରି ଗଲେ ।

ପାର୍କ ଟି ସେମାନଙ୍କ ଘର ଠାରୁ ପ୍ରାୟ ଦେଢ ଘଣ୍ଟାର ବାଟ । ଦି ଗ୍ଲୁରି ଥର ସେଠିକୁ ଆଗରୁ ଯାଇଛନ୍ତି । ଆଜି ଦିନ ଯାକ ସେଠାରେ ବିତେଇବାର ଯୋଜନା ଅଛି । ବହୁ ତ ବଡ ପାର୍କ ଏକ ବଡ ହ୍ରଦ କୂଳରେ । କୋଭିଡ ଯୋଗୁ ସେମାନେ ପ୍ରାୟ ଗ୍ଲୁରି ବର୍ଷ ହେଲାଣି ସେଠିକୁ ଯାଇନଥିଲେ । ସେମାନେ ସମସ୍ତଙ୍କୁ ସେ ଯାଗାରେ ଯାଇ ପିକନିକ୍ କରିବାକୁ ବହୁତ ଭଲ ଲାଗେ । ତେଣୁ ସମସ୍ତଙ୍କ ମନ ଆଜି ବହୁତ ଖୁସି ହୋଇଗଲା ।

ISSN NO.
2582-208X

କଛି ବାଟ ଗଲା ପରେ ରାସ୍ତା ମରାମତି କାମ ଚାଲିଥିଲା ସେ ରାସ୍ତାରେ । ତେଣୁ ଅଲଗା ରାସ୍ତାରେ ଯିବା ପାଇଁ ଜିପିଏସ୍ ରୁ ନର୍ଦ୍ଦେଷ ପାଇ ପ୍ରବୀର ଆଉ ଏକ ରାସ୍ତା ନେଲେ ସତ କନ୍ତୁ ଯୋଉଠି ଡାହାଣକୁ ମୋଡିବାର ଥିଲା ସେ ଭୁଲରେ ସିଧା ଚାଲିଗଲେ । ୱାନ ୱେ ରାସ୍ତା ଥିବାରୁ ଆଉ ଫେରି ପାରିଲେନ । ପଚାସ୍ ମାଇଲ୍ ଯାଇ ପୁଣି ଟର୍ଣ୍ଣ ନେଇ ଫେରିଲେ ସତ ପୁଣି ସେ ଭୁଲ କଲେ । ତା ପରେ ସେ ତାଙ୍କ ଅସମର୍ଥତାର ରାଗ ଟା ଅନମା ଉପରେ ସୁଝେଇବାକୁ ଚେଷ୍ଟା କଲେ । ଅନମା ବି ଝାଡି ଦେଲା ଦି ପଦ । ଏମିତି ପଦେରୁ ଦି ପଦ ହେଉହେଉ ଝଗଡା ଆରମ୍ଭ ହୋଇଗଲା । ପିଲାମାନେ ଡରିକ ଚୁପ ହୋଇ ବସିଲେ। ଶେଷରେ ଘରକୁ ଫେରି ଆସିଲେ । ମୁଡ୍ ଖରାପ ହୋଇଗଲା ସମସ୍ତଙ୍କର ।

ଯାହା ଖାଇବା ନେଇଥିଲା ଅନମା ସବୁ ଆଣି ଟେବଲ୍ ଉପରେ ରଖିଦେଲା । ଯିଏ ଯାହା ଖାଇବ ଖାଉ । କନ୍ତୁ ପିଲାମାନେ ନଜ ନଜ ରୁମ୍‌କୁ ଯାଇ ଚୁପ୍ ହୋଇ କବାଟ ବନ୍ଦ କରି ଦେଇ ବସିଲେ । ପ୍ରବୀର ନଜ ଅଫିସ୍ ରୁମ୍ ରେ ଯାଇ ବସିଲେ । ସମସ୍ତଙ୍କ ଠୁ ଅନମାର ରାଗଟା ବେଶୀ ଥିଲା । ବହୁତ ଖୁସିରେ ସେ ବାହାରିଥିଲା ତେଣୁ ସେ ଘରେ ବି ରହିବାକୁ ଇଛା କଲାନ । ପଡୋଶୀ ସୁଜନ୍ ଘରକୁ ଚାଲିଗଲା । ସୁଜନ୍ ଏ ସମୟରେ ଘରେ ଥିବ କ ନାହିଁ ସେ କଥା ବି ଭାବିଲାନ ।

ସୁଜନ୍ ତାଙ୍କର ବହୁତ ଭଲ ପଡୋଶୀ ବହୁତ ଭଲ ସାଙ୍ଗ ବି । ଖାଇବା ଦିଆନଆ, ୱାକଙ୍ଗ ରେ ଯିବା, ଦରକାର ପଡିଲେ ପରଷ୍ପରକୁ ସାହାଯ୍ୟ ବି କରନ୍ତ । ତେଣୁ ତା ଘରକୁ ଯାଇ କଲିଙ୍ଗ ବେଲ୍ ଚପିଲା ଅନମା । କବାଟ ତ କେହି ଖୋଲିଲେନ କନ୍ତୁ ଘର ଭିତରୁ କ୍ଷିଣ ସ୍ୱରରେ ଶୁଭୁଥାଏ ହେଲପ୍ ହେଲପ୍ ବୋଲି । ଚମକ ପଡିଲା ଅନମା। କଣ ହେଲା । ଏ ତ ସୁଜିର ସ୍ୱର ପରି ଶୁଭୁଛି ।

ସୁଜିର ଗୋଟେ ଘର ଚାବି ଅନମା ପାଖରେ ଥାଏ । ଅନମାର ଘର ଚାବି ବି ଗୋଟେ ସୁଜି ପାଖରେ ଥାଏ । ସେମାନେ ଯଦି କେବେ ଛୁଟିରେ କଛି ଦିନ ପାଇଁ ବାହାରକୁ ଯାଆନ୍ତ ପରସ୍ପରର ଘର ଭିତରେ ଥିବା ଗଛରେ ସେମାନେ ପାଣି ଦେବାରେ ସାହାଯ୍ୟ କରନ୍ତ। ତେଣୁ ଅନମା ଘରକୁ ଯାଇ ଚାବି ଆଣି ସୁଜିର ଘର ଖୋଲି ଦେଖିଲା ବେଳକୁ ସୁଜି ବାଥ୍

ISSN NO.
2582-208X

ରୁମ୍‌ର ଠିକ ବାହାରେ ପଡିଛି । ଉଠି ପାରୁନ । ଭିଷଣ ଯନ୍ତ୍ରଣାରେ ଛଟପଟ ହଉଛି । କାଳ ବିଳମ୍ବ ନକରି ଅନମା ଆମ୍ବୁଲାନସ୍ ଡାକ ତାକୁ ହସ୍ପିଟାଲ ନେଇଗଲା ।

ଡାକ୍ତର ମାନେ ତାର ଚକସ୍ୱା କରି ସାରିଲା ପରେ ଯେତେବେଳେ ସେ ଟିକେ ସୁସ୍ଥ ଅନୁଭବ କଲା କହିଲା ସେ ଗାଧୋଇବାକୁ ଯାଉଥିଲା ଗୋଡ ଖସି ବହୁ ଯୋରରେ ତଳେ ପଡିଗଲା । ଉଠି ପାରିଲାନ । ଘଣ୍ଟାଏ ସେଠାରେ ସେମିତି ଅବସ୍ଥାରେ ପଡି ରହିଲା । ତା ପରେ ଘୁସୁରି ଘୁସୁରି ବହୁ କଷ୍ଟରେ ରୁମ ବାହର ଯାଏ ଆସି ସେଇଠି ପଡି ରହିଥିଲା । ଯୀଶୁଙ୍କୁ କେବଳ ଡାକ ଗୁଲିଥିଲା । କେମିତି ଆସି ତାକୁ ଉଦ୍ଧାର କରିବା ପାଇଁ ।

ଯୀଶୁ ବୋଧେ ଡାକ ଶୁଣିଲେ ଅନୁକୁ ପଠେଇଦେଲେ । ସୁଜନର ସ୍ୱାମୀ କଛି କାମରେ ବାହାରକୁ ଯାଇଥିଲେ । ଗତି ଆଠରେ ଆସିବେ । ସେଯାଏ ସେ ସେଠି ପଡି ରହିଥିଲେ ଭୋକ ଉପସରେ ଓ ଶାରିରୀକ ଯନ୍ତ୍ରଣା ସହିତ ସେ ହୁଏତ ମରି ଯାଇଥାନ୍ତା । ଅନମା ହସ୍ପିଟାଲ ଯିବା ପୂର୍ବରୁ ପ୍ରବୀର ଓ ପିଲା ମାନଙ୍କୁ ମେସେଜ କରି ଦେଇଥିଲା ।

ଦିନ ପାଞ୍ଚଟା ବେଳକୁ ସୁଜି ଅନମା ହସ୍ପିଟାଲରୁ ଫେରିଲେ । ସୁଜିର ଗୋଡ ହାଡରେ ବହୁ ଜୋରରେ ଆଘାତ ଲାଗି ଟିକେ ଭାଙ୍ଗି ଯାଇଛି । ଗୋଡରେ ବ୍ୟାଣ୍ଡେଜ ଲାଗାଯାଇଛି ସେ ଆଶାବାଡିର ସାହାଯ୍ୟରେ ଘରକୁ ଫେରିଲା । ଅନମା ତାକୁ ଜଗି ବସିଲା ତା ସ୍ୱାମୀ ଫେରିବା ପର୍ଯ୍ୟନ୍ତ । ଘରକୁ ଅନମା ଫେରି ଦେଖିଲା ସମସ୍ତେ ଟେବଲରେ ଥିବା ଖାଦ୍ୟ ଖାଇ ବାସନ ସଫା କରି ନିଜ ନିଜର ରୁମ ବି ସଫା କରିଦେଇଛନ୍ତ । ପ୍ରବୀର ଆସି ସରି କହିଲେ ।

ଅନମାର ମନରେ ବର୍ତ୍ତମାନ ଆଉ କୌଣସି ପ୍ରକାର ଅବଶୋଷ ବା ମନଦୁଃଖ ନଥିଲା । ତା ଯୋଗୁ ଯେ ଜଣକୁ ଏତେ ସାହାଯ୍ୟ ମିଳ ପାରିଲା ସେଥିରେ ସେ ବହୁତ ଖୁସି ହୋଇ ଯାଇଥିଲା ।

ଅନମା ଭାବୁଥାଏ ହୁଏତ ତାଙ୍କର ଆଜି ରାସ୍ତା ଭୁଲିଯିବା ପଛରେ ସୁଜିର ଭଗବାନଙ୍କର ପ୍ରାର୍ଥନାର ଫଳ । ସୁଜିକୁ ରକ୍ଷା କରିବାକୁ ଯାଇ ଯୀଶୁ ସେମାନଙ୍କୁ ରାସ୍ତା ଭୁଲେଇ ଘରକୁ

ISSN NO.
2582-208X

ନେଇ ଆସିଲେ ଯାହା ଫଳରେ ସେ ଯାଇ ତାକୁ ସାହାଯ୍ୟ କରି ପାରିବ । କେଜାଣି ହୁଏତ? "ବିଶ୍ୱାସେ ମିଳନ୍ତୁ ହରି" ଯିଏ ଏକଥା କହିଛନ୍ତୁ କେତେ ସତ କଥା ଟିଏ କହିଛନ୍ତୁ ବୋଲି ତାର ମନେ ହେଲା ।

ମାସକ ପରେ ସୁଜି ଭଲ ହୋଇ ଯାଇଥିଲା । ସେଦିନ କଣ ଘଟିଥିଲା ଅନମା ସବୁ ସୁଜିକୁ କହିଲା ପରେ ସେମାନେ ସମସ୍ତେ ହ୍ରଦ କୂଳ ପାର୍କକୁ ପିକ୍‌ନକ୍ କରିବାକୁ ଯାଇଥିଲେ ସେମିତି ଆଉ ଏକ ସୁନେଲି ଖରା ପାଗ ଦେଖି । କନ୍ତୁ ଏଥର ସୁଜିର ସ୍ୱାମୀ ଜିମ୍ ଡ୍ରାଇଭିଙ୍ଗ୍ କରି ନେଇଥିଲେ ସମସ୍ତଙ୍କୁ । ବେଶ୍ ଉପଭୋଗ କଲେ ସମସ୍ତେ ସେଦିନକୁ ।

ରଚେଷ୍ଟର, ମିନେସୋଟା, ଆମେରିକା

ISSN NO.
2582-208X

# ମୋର ଏ ପୃଥିବୀ ଅଛି ବୋଲି



ଦଣ୍ଡାସି ପ୍ରଧାନ

ମୋର ଏ ପୃଥିବୀର ରୂପଅଛି ବୋଲି
ଶୂନ୍ୟରେ ଝୁଲିଥିବା ଜହ୍ନଟି ଏତେ ସୁନ୍ଦର ଦିଶେ ।
ଆକାଶ ଘୋଡେଇ ଯାଏ ଗୁନ୍ଦୁଆ ହୋଇ ।
ସୁରୂଜଜଳ ହୁଏ ତ-
ତାରାସବୁ ମିଞ୍ଜମିଞ୍ଜି ଆଲୁଅ ବିଞ୍ଛି ବୁଣିଦିଅନ୍ତୁ ।

ମୋର ପୃଥିବୀର ରସ ଅଛି ବୋଲି
ପବନ ପଇଁତରା ମାରେ ମାଟିର ଖୁସିରେ।
ମେଘ ବରଷିଯାଏ ଗାଁ'ରେ, ସହରରେ,
ପାହାଡ ଶିଖରରେ ଅନାବିଳତା ଆଦରି ।
ବିଜୁଳର ଚମକ / ଇନ୍ଦ୍ରଧନୁର ରଙ୍ଗ / ପ୍ରଭାତର ଅରୁଣିମା ଆଭା /
ପୂର୍ଣ୍ଣିଭା ତରୁଣ ଅରୁଣ/ଆଉ ଅନାହୂତ ଅସ୍ତରାଗ ।

ମୋର ପୃଥିବୀର ଗନ୍ଧ ଅଛିବୋଲି
ନଘଞ୍ଚ ବନାନୀର ନୀଡେନୀଡେ ଗୁଞ୍ଜନ;
ତା'ର ବରଦାନୀ ଅମୃତ ଆଭୂଷଣ ।

ISSN NO.
2582-208X

ଏତେସବୁର ଯୋଗାଡ଼ଯତ୍ନ କାହାପାଇଁ ତେବେ ?
କହିଁକ ଭରପୁର ସଂରଚନା ?
କୂଳ ଜିଇଁ ନଥିଲେ, ଥାଆନ୍ତାକି ସମୁଦ୍ରର ଆକୁଳତା ?
ତା'ର ଉଚ୍ଛୁଳା ଉର୍ମିର ଆର୍ଦୋଳ/କୋଳାହଳ ବେଳାଭୂମୀ ??
ଦିଗନ୍ତ ଦିଗବଳୟର ଘନ ନୀଳମା ସୌରଭ/
ସୁବିସ୍ତୃତ ଅପଘନ ଅପହଞ୍ଚ ରତ୍ନଗର୍ଭ !

ତେବେ ତା'ର ଅନୁପମ ଜୀବନ କଏ ସେହି ଉପଭୋକ୍ତା ?
ଏ ବିଚକ୍ଷମୟତାର ଦୁରୂପଯୋଗ
ମାନବତାର ଧ୍ୱଂସ ନୁହେଁ କ??

***

ସାହିତ୍ୟ ସମ୍ପାଦକ,
ଉପାନ୍ତ ସାହିତ୍ୟ ସଂସ୍କୃତିକ ସେବା ସଂସଦ,
ପାତ୍ରପୁର, ଗଞ୍ଜାମ। ଭ୍ରାମ୍ୟଭାଷ୍ୟ-8660194967

ISSN NO.
2582-208X

# ନଦୀର ଦୁଃଖ



ଜୟଶ୍ରୀ ପଟ୍ଟନାୟକ

ପର୍ବତ କନ୍ଦରୁ ସରୁ ଧାର ହୋଇ
ବହି ଯାଉଥିଲା ବେଳେ
ଅନବରତ ଚାଲୁଥିଲି, ଧାଉଁଥିଲି
କଙ୍କରିତ ଅବା ସମତଳ
ଉଚ୍ଚ ଅବା ନୀଚ ଭୁଇଁରେ
ଆଗକୁ ଚାଲିବାର ପ୍ରତିଶ୍ରୁତିରେ
ଚାହିଁନି ପଛକୁ କେବେ ଅବା
ଅଟକିଯାଇନି କାହା ନିର୍ଦ୍ଦେଶରେ ।

ମୋ ଦୁଇକୂଳରେ ବିସ୍ତୃତ ସବୁଜିମା
ମୋ ଦେହରେ ମୀନ କଇଁଛ ଆଉ
କେତେ ଜଳଜୀବଙ୍କ ଘର
ମାଛ ପାଇଁ ମାଛରଙ୍କା ର ନଜର
ବଗଟିଏ  ଛକି ଥାଏ ତା ଶିକାର ପାଇଁ
ଗାଁ ପିଲାଙ୍କର ନଈ ପହଁରାରେ
ଢେର ଉଛୁଳେ ମୋ ପାଣି

ISSN NO.
2582-208X

ପାଣି ପିଇବା ଠାରୁ କାରଖାନା
ସହର ବସ୍ତି ବାସିନ୍ଦା ଜଳ ଯୋଗାଣ ବେଳେ
ମୁଁ ଖୁବ ମନେପଡେ ।
ମନେପଡେ ବିଜୁଳିବତୀ ଜାଳୁଥିଲା ବେଳେ
ମୂର୍ତ୍ତି ବିସର୍ଜନ କି ଡଙ୍ଗା ଭସା ପୁନେଇଁରେ
ଦଶା ତୁଠରେ କି ଅସ୍ଥି ବିସର୍ଜନ ବେଳେ ।

ହେଲେ ଏବେ ମୋ ଦେହ ପୂତି ଗନ୍ଧମୟ
କେଉଁଠି ବାଲି ପାହାଡ଼ ରେ ସଙ୍କୁଚିତ ତ
କେଉଁଠି ଦଳ ଆଉ ଅନାବନା ଘାସ ଗଛର
ଉପସ୍ଥିତି ରେ ମୁଁ କ୍ଷୀଣକାୟା
କାରଖାନାର ଆବର୍ଜନାରେ ସତ୍ତା ହରାଉଛି
ପାଉଁଶ ଓ ନଳା ପାଣିରେ ଅତିଷ୍ଠ ହୋଇ ଉଠିଛି
ତଥାପି ବହିଚାଲିଛି ଶ୍ୱାସରୁଦ୍ଧ ହୋଇ ।

ଗୁହାରି କରୁଛି ହେ ସଭ୍ୟ ସମାଜ
ମୋତେ ଟିକେ ଭଲ ପାଅ
ମୁଁ ପରା ତୁମ ଜୀବନରେଖା
ଶୁଖିଲା ବାଲିରେ ସମାଧି ନେଲେ
କିଏ କରିବ ତୁମ ଜୀବନ ରକ୍ଷା ?

ଗଙ୍ଗନଗର, ଭୁବନେଶ୍ୱର,
ମୋ: 7978110474

ISSN NO.
2582-208X

# ଗଜୋଦ୍ଧାରଣ



ମଧୁମିତା ମିଶ୍ର

ଚକ୍ର ତବ ଆଜ ଚଞ୍ଚଳ ହେଉ
କରିବାକୁ ଗଜୋଦ୍ଧାରଣ
ତୁମେ ହିଁ ତାରକ ରକ୍ଷକ ପ୍ରଭୁ ହେ
ଜୀବର ଜୀବନ କାରଣ

ନକ୍ର ନାଶିବ ଜୀବନ କି ଆଉ
ବକ୍ର ହୋଇବ ଆର୍ତ୍ତପ୍ରାଣ
ଯୁଗେ ଯୁଗେ ପରା ତୁମେ ହୋଇଅଛ
ମର୍ତ୍ତ୍ୟ ମଧ୍ୟରେ ଆର୍ତ୍ତତ୍ରାଣ

ଶଙ୍କା ସାଜିଛି ବଇରୀ ଯେ ଆଜି
ଭକ୍ତି ଖୋଜୁଛି ଶକ୍ତିକୁ
ହସ୍ତେ ଧରିଣ କମଳ ଜଳରେ
ହସ୍ତୀ ଖୋଜଇ ମୁକ୍ତିକୁ

ତ୍ୟାଗୀ ସ୍ଥାନ ସତେ ଆସିବକି ତୁମେ
ଦୁରେଇବ ଭକ୍ତ ସଙ୍କଟ
କରୁଣା ସାଗର ଦୟା ଗନ୍ତାଘର
ତୋ ପାଦେ ମୋ ମନ ଅଟକ

ଭୁବନେଶ୍ୱର

ISSN NO.
2582-208X

# ଲଳିତ ନିବନ୍ଧ-
# କୁମ୍ଭୀର କାନ୍ଦଣା



ବଦ୍ରୀ ମହାନ୍ତି

ସବୁ କଥାର ଗୋଟାଏ ସମୟ ଥାଏ, ସବୁ ପ୍ରଶ୍ନ ନିମନ୍ତେ ଥାଏ ନିର୍ଦ୍ଧାରିତ ଉତ୍ତର । ଅବୁଝା ପ୍ରଶ୍ନ ଓ ଅନାହୁତ ସମୟକୁ ନେଇ ମଝି ରାସ୍ତାରେ ଦୌଡ଼ିଲେ ସମାଧାନ ତ ଦୂରର କଥା ବରଂ ଜଟିଳତର ହୋଇ ଉଠେ ସମସ୍ୟା । ତା ପାଇଁ ଆବଶ୍ୟକ ପଡ଼େ ସୁଚିନ୍ତିତ ଯୋଜନା ବା ଖସଡ଼ା, ଏବଂ ସେଇ ଅନୁଯାୟୀ କାର୍ଯ୍ୟଧାରା ରୂପ ନିଏ । ବିଚାର ଶୂନ୍ୟତାକୁ ପାଥେୟ କରି କୌଣସି କଥାରେ ହାତ ଦେଲେ ବିଫଳତା ସହ ନିଜ ପାଇଁ ବରଣ କରେ ପର୍ଯ୍ୟାପ୍ତ କ୍ଷତି, ଯାହା ଭରଣା କରିବା ଅସମ୍ଭବ । ଏ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ଦୁଇଟି ପଦକ୍ଷେପ ଆଖି ସାମ୍ନାରେ ଉଭା ହୁଏ । ପ୍ରଥମଟି ପୁନଶ୍ଚ ପ୍ରସ୍ତୁତ କରି ଛିଡା କରାଇବା, ସଠିକ ଉଦ୍ୟମ ଆରମ୍ଭ କରିବା ଏବଂ ଅନ୍ୟଟି ପ୍ରହସନ କରିବା, ଛଳନା କରିବା ଅଥବା ତାକୁ ଏଡାଇ ଯାଇ ଆଗକୁ ଧାଇଁବା । ଭାବୁକ ହେବାର ପ୍ରତ୍ୟୟ ସୃଷ୍ଟି କରି ଅନ୍ୟର ସହାନୁଭୂତି ଏବଂ ଅନୁକମ୍ପା ପାଇଁ ଯେଉଁ ଦୃଶ୍ୟ ରଚନା କରାଯାଏ ତାହା ହେଉଛି 'କୁମ୍ଭୀର କାନ୍ଦଣା' । ଯାହା ଫଳରେ ସହଜରେ ସତକଥାଟି ଲୁଚିଯାଇ ସମସ୍ତ କୁକର୍ମ ନୂଆ ରଙ୍ଗରେ ଉଦ୍ଭାସିତ ହୋଇ ଉଠନ୍ତି । ଛଳନାର ଏ ସ୍ୱରୂପ ଟି ସାଧାରଣରେ ସବୁ ବେଳେ ଧରା ପଡେନା ସତ, ମାତ୍ର ଧୂର୍ତ୍ତ ଆଖି ଏହା ଜାଣିବା ପରେ ସଠିକ ଉପଚାର କରିଥାଏ ।

ବିଶେଷ କଳା ରୂପେ ଅନେକ କୁମ୍ଭୀର କାନ୍ଦଣାକୁ ବିଚାର କରନ୍ତି । ବ୍ୟକ୍ତିର ଅନ୍ୟାନ୍ୟ ଚରିତ୍ର ଓ ଗୁଣାବଳୀ ପରି ସହଜାତ ଗୁଣ ରୂପେ ଏ ଜାତୀୟ 'କାନ୍ଦଣା' ଜୀବନ ପଥରେ

ISSN NO.
2582-208X

ଅନେକ ପ୍ରତିବନ୍ଧକ ଦୂର କରିବା ସହିତ ସୁଯୋଗ ମାନଙ୍କୁ ହାତ ପାଆନ୍ତାରେ ଆଣି ପହଞ୍ଚାଇ ଦିଏ । ଫଳପ୍ରସୂ କରାଏ ପାଳି ପୋଷି ବଢାଇଥିବା ଅଭିଳାଷ । ବାଂଛିତ ବସ୍ତୁଟି ହାତମୁଠାରେ ଧରାଇ ଦେଇ ଜୀବନଯାତ୍ରାକୁ କରେ ସୁଗମ । ଏହା ଦ୍ୱାରା ସୃଷ୍ଟି ହେଉଥିବା ଭାବନାତ୍ମକ ପରିବେଶ ମନକୁ ପ୍ରଭାବିତ କରୁଥିବାରୁ ଦୟା, କରୁଣା ଓ ସହଯୋଗର ହାତ ସମ୍ପ୍ରସାରିତ ହୁଏ । ତେଣୁ ମହାର୍ଘ୍ୟ ମୁହୂର୍ତ୍ତକୁ ବ୍ୟକ୍ତି ଜଣକ ଅପେକ୍ଷା କରିଥାଏ ସୁଯୋଗ ଉଣ୍ଡି ଅଶ୍ରୁ ବିସର୍ଜନ କରିବ ବୋଲି । ଅଯାଚିତ ଭାବେ କୁଢ଼ କୁଢ଼ ସଦିଚ୍ଛା ମଥା ଉପରେ ଅଜାଡି ହେବା ସହିତ ଅର୍ଜିଥିବା ଅପରାଧ ସବୁ ଧୋଇ ହୋଇଯାଏ । ଧୀରେ ଧୀରେ କୁମ୍ଭୀର କାନ୍ଦଣାଟି ତାର ଅସ୍ତ୍ର ରୂପ ନିଏ ଏବଂ ଏହାକୁ ପୁଞ୍ଜି କରି କୌଣସି ଦୁର୍ଗମ ପଥ ବା ବିଷମତାକୁ ଅନାୟସରେ ଅତିକ୍ରମ କରିବାରେ ସମର୍ଥ ହୁଏ । ସହାନୁଭୂତି ସହିତ ଲକ୍ଷ୍ୟ ପ୍ରାପ୍ତି ଏହାର କାରଣ ହୋଇ ଥିବା ଯୋଗୁଁ କାନ୍ଦଣାର ସ୍ୱର କେତେବେଳେ କରୁଣ ଥାଏ ତ କେତେବେଳେ ଥାଏ ଭାବୋଦ୍ଦୀପକ ।

ଘଡ଼ିଆଳର ଅଶ୍ରୁ ଓ ମଣିଷ ଆଖିର ସହଜାତ ଲୁହ କୌଣସି ଭାବରେ ସମାନ ନୁହନ୍ତି । ଦୁଃଖ, ଅସହାୟତା ଓ ପୀଡା ଯୋଗୁଁ ମଣିଷ ଆଖିରେ ଲୁହ ଜକେଇ ଆସେ ବା ଧାର ଧାର ହୋଇ ବହି ଯାଇଥାଏ । ତାଛଡା ଆଖି ଅତ୍ୟନ୍ତ ସୂକ୍ଷ୍ମ ହୋଇଥିବାରୁ କୌଣସି ବାହାର ବସ୍ତୁ ବା ଧୂଆଁ ତା ଉପରେ ପଡିଲେ ବାହାରି ଆସେ ପାଣି । ପ୍ରତି ଜୀବଙ୍କ ପରି ଏକ ପ୍ରକାର ରାସାୟନିକ ବସ୍ତୁ ବିଶେଷ ଗ୍ଲାଣ୍ଡ ଦେଇ ନିର୍ଗତ ହୁଏ । ଏହା ମିନେରାଲସ ଓ ପ୍ରୋଟିନ ଯୁକ୍ତ ହୋଇଥିବା କାରଣରୁ ଅତ୍ୟଧିକ ଅଶ୍ରୁ ବିସର୍ଜନ ପରେ ଦୁର୍ବଳ ଅନୁଭୂତ ହେବା ସ୍ୱାଭାବିକ । ମାତ୍ର କୁମ୍ଭୀର କାନ୍ଦଣା କୌଣସି ସମୟରେ ସ୍ୱୟଂକ୍ରିୟ ପ୍ରାକୃତିକ ନୁହେଁ । ଇଚ୍ଛାକୃତ ଅପ୍ରାକୃତିକ ଉପାୟରେ ଲୁହ ନିର୍ଗତ କଲେ ବା ଲୁହ ବହିଥିବାର ଛଳନା କଲେ ଦୁର୍ବଳ ଅନୁଭୂତ ହୁଏନାହିଁ । ମାତ୍ର ସଫଳତା ହାସଲ ନିମନ୍ତେ ପ୍ରଦର୍ଶନ କରିବାକୁ ପଡେ ଶାରୀରିକ ଦୁର୍ବଳତା । ଅନେକ ଏହାକୁ ନାଟକର ଏକ ଦୃଶ୍ୟ ସଜ୍ଜା ରୂପେ ବର୍ଣ୍ଣନା କରିଥାନ୍ତି । ଏହା ଅନେକାଂଶରେ ସତ୍ୟ ମଧ୍ୟ ।

ISSN NO.
2582-208X

ଅନ୍ୟ ଅନେକ ପ୍ରାଣୀ ମାନଙ୍କ ମଧ୍ୟରୁ କୁମ୍ଭୀର ଅତ୍ୟନ୍ତ ବୁଦ୍ଧିମାନ, ଚତୁର ଓ ଧୂର୍ତ୍ତ। ତାର ଶାନ୍ତ ସୌମ୍ୟ ଚେହେରା ଦେଖି ସଭିଏଁ ମନେ କରନ୍ତି ଏ ଏକ ସରଳ ପ୍ରାଣୀ, କାହାରି ଅନିଷ୍ଟ ଚିନ୍ତା କରିବା ଅଥବା ବିପଦ ମୁହଁକୁ ଠେଲିଦେବା ସେ କଳ୍ପନା କରି ପାରେନା। ମାତ୍ର ନିଜ ଶିକାରକୁ ସେ ସବୁବେଳେ ଧୋକା ଦିଏ ନିଜ ଆଖି ଓ ଆଖିର ଲୁହ ଦ୍ୱାରା। ସାଧାରଣତଃ ଖାଇବା ସମୟରେ କୁମ୍ଭୀର ଆଖିରୁ ଲୁହ ବାହାରି ଆସେ ଆପେ ଆପେ। କୁମ୍ଭୀର ଆଖିର ଲୁହ ଓ ଆଲୋଚ୍ୟ କୁମ୍ଭୀର କାନ୍ଦଣା ମଧ୍ୟରେ କୌଣସି ସମ୍ପର୍କ ନାହିଁ। ଉଭୟ ସମାନ ନୁହନ୍ତି। ଆମ ଚାରିପାଖର ସମସ୍ତ ସଶକ୍ତ ଚରିତ୍ର କୁମ୍ଭୀର କାନ୍ଦଣାକୁ ଉପଯୋଗ କରନ୍ତି ନିଜର ନିହିତ ସ୍ୱାର୍ଥ ହାସଲ ପାଇଁ। ଗୋପନୀୟତା ରକ୍ଷା, ଛଳନା ଓ ମିଥ୍ୟା ରାଜନୀତିର ଅଂଶ ହୋଇଥିବାରୁ କାର୍ଯ୍ୟ ସାଧନ ପାଇଁ ବହୁଳ ଭାବେ କୁମ୍ଭୀର କାନ୍ଦଣାର ଉପଯୋଗ ହୋଇଥାଏ। କଥାରେ କଥାରେ ଶ୍ରୋତାଙ୍କୁ ମୋହାବିଷ୍ଟ କରି ନିଜର ରାଜନୈତିକ ଅଭିସନ୍ଧି ପୂରଣ କଲାବେଳେ ଲୋତକଭିଜା ଭାବନାତ୍ମକ ପ୍ରଦର୍ଶନ। କେତେବେଳେ ଅଶ୍ରୁ ବିସର୍ଜନ ତ କେତେବେଳେ ଶବ୍ଦଜାଲରେ ଛନ୍ଦିଦେଇ ପଶ୍ଚାତାପ, ଏ ସବୁ ନେତାଙ୍କ ଅଭିନୟର ଗୋଟାଏ ଗୋଟାଏ ଅଙ୍ଗ।ଏହା ବିନା ବର୍ତ୍ତମାନର କୌଣସି ନେତା ରାଜନୈତିକ ରୋଟି ସେକି ପାରିବେ ବୋଲି ବିଶ୍ୱାସ ହୁଏନା। ଆଉ ନିର୍ବାଚନ ନଈ ପାର ହେବା ନିମନ୍ତେ କେତେ ଯେ ଘଡ଼ିଆଳ ଅଶ୍ରୁର ସହାୟତା ନେବାକୁ ପଡେ ତାହା କଳନା କରିବା ଅସମ୍ଭବ।

କୃତ୍ରିମ ଅଶ୍ରୁ ବିସର୍ଜନ ସାମାଜିକ ଓ ପାରିବାରିକ ଜୀବନର ଏକ ସାଧାରଣ କଥା। ଏହା ଫଳରେ ସହଜରେ ଅନ୍ୟ ଆଖିରେ ପ୍ରତ୍ୟୟ ସୃଷ୍ଟି କରାଯିବା ସହିତ ବିଶ୍ୱାସକୁ ମଜଭୁତ କରିହୁଏ। ପରିବାରର ସମସ୍ତେ ସ୍ନେହ ପ୍ରେମ ଓ ସୌହାର୍ଦ୍ଦର ବନ୍ଧନରେ ବାନ୍ଧି ହୋଇଥିବା ଯୋଗୁଁ ଲୁହ ଦେଖିଲେ କୌଣସି ମିଥ୍ୟା ସହଜରେ ସତ୍ୟ ଓ ବାସ୍ତବ ରୂପେ ଗୃହୀତ ହୋଇଯାଏ। ଦୁନିଆରେ ପୁଅ ସାମ୍ନାରେ ବାପା ଅଥବା ଝିଅ ସାମ୍ନାରେ ମାଆର ଲୁହଠାରୁ ମୂଲ୍ୟବାନ ଆଉ କିଛି ନାହିଁ। ସବୁ ସମୟରେ ଏହା ପ୍ରକୃତ ଅଶ୍ରୁ ନହୋଇ କୁମ୍ଭୀରର ଲୁହ ମଧ୍ୟ ହୋଇ ଥାଇପାରେ। ଏମିତିରେ ବିଚାର କଲେ ପରିବାର ଭିତରେ କେହି ନା କେହି

ISSN NO.
2582-208X

କୌଣସି ନା କୌଣସି ସମୟରେ କାର୍ଯ୍ୟ ହାସଲ ପାଇଁ  ନିଜ ବିଚାର ଭାବନାକୁ ବା ନିଷ୍ପତ୍ତିକୁ ସିଦ୍ଧ କରିବା ନିମନ୍ତେ ଏହାକୁ ପ୍ରୟୋଗ କରି ସଫଳ ହୋଇଛନ୍ତି । ସମସ୍ତ ନିଷ୍ଠୁରତା ଓ ନକରାତ୍ମକ ଭାବନା ତରଳି ଯାଇ ସୃଷ୍ଟିକରେ ଅନୁକୂଳ ପରିବେଶ । ବନ୍ଧୁ ଆତ୍ମୀୟ ସମ୍ପର୍କୀୟ ଅଧସ୍ତନ ବା ଉପରିସ୍ଥ କର୍ମଚାରୀ ସଭିଏଁ ସଫଳତା ପ୍ରାପ୍ତି ନିମନ୍ତେ କୃତ୍ରିମ ଲୁହ ଦ୍ୱାରା ମହୋଗ୍ରସ୍ତ କରାଇଲା ବେଳେ ଦେଖନ୍ତି ନାହିଁ ବନ୍ଧା ପଡିଥିବା ସମ୍ପର୍କକୁ ଓ ସ୍ନେହର ଅର୍ଗଳୀକୁ ।

ସମାଜର ପ୍ରତି ବର୍ଗର ଲୋକେ ଅନୁଷ୍ଠାନ ମାନଙ୍କରୁ ନିଜର କାମ ହାସଲ ପାଇଁ ସବୁ ସମୟରେ ସଳଖ ସିଦ୍ଧ ରାସ୍ତାରେ ଗତିକରି ସଫଳ ହୁଅନ୍ତି ନାହିଁ। ବଙ୍କା ଆଙ୍ଗୁଳିରେ ବୋତଲରୁ ଘିଅ ବାହାର କରିବା ପରି ଆଖିର ଲୁହ ସହାୟତାରେ ଇଚ୍ଛାର ବୈତରଣୀ ଅତିକ୍ରମ କରିବାକୁ ଶ୍ରେୟ ମନେ କରନ୍ତି । ସମ୍ପ୍ରତି ଏହା ଆଉ ଅପରାଧ ରୂପେ ବିଚାର କରା ନଯାଇ ଧାରା ସହିତ ସାମିଲ ହୋଇ ଗଲାଣି l ଚାରିପାଖର କୁମ୍ଭୀରମାନଙ୍କ ଲୁହର ଧାରା ଓ ଧରାକୁ ଦେଖି ବାଇ ମହାନ୍ତି କହନ୍ତି, "ସ୍ୱାର୍ଥ ହାସଲ ପାଇଁ ହେଉ ବା କାନ୍ଧ ଉପରେ ସବାର ହେଉଥିବା ସମସ୍ୟା ରୂପକ ପୀଡାରୁ ଉପଶମ ନିମନ୍ତେ ମିଥ୍ୟା ଛଳନା ଓ ଅଭିନୟକୁ ପାଥେୟ କରି କୁମ୍ଭୀର କାନ୍ଦଣା ଦ୍ୱାରା ଜୟଯୁକ୍ତ ହୋଇ ଯାଉଛ ସିନା, ଥରୁଟିଏ ଛାତିରେ ହାତ ଦେଇ କୁହତ ଗୋପନୀୟ ଭାବେ ଯେଉଁ ଭାବନାତ୍ମକ ନଈଟିଏ ବୁହାଇ ଦେଲ ତାହା କଣ ସ୍ଥାୟୀ ସମାଧାନ !!"

ବି 10/154,କେନ୍ଦ୍ରୀୟ ବିହାର,
ପୋ:ଟମାଣ୍ଡୋ, ଭୁବନେଶ୍ୱର-751028
badrimohanty60@gmail.com

ISSN NO.
2582-208X

# କହିବାକୁ ଚାହେଁ



ଭରତୀ ମୁଦୁଲି

କହିବାକୁ ଚାହେଁ ଭଳିକି ଭଳି କଥା କେତେ
ତୁମ ଆଗେ ସବୁ ବାଢିଦେଲେ ମଧ୍ୟ
ତମେ ହିଁ ଛନ୍ଦି ଦେବ ଏଇ ମାୟା ସଂସାରରେ
ପାସୋରେ ନାହିଁ ମନରୁ କଥା କେତେ

କହିବାକୁ ଚାହେଁ ଜୀବନର ଖାଲିପଣ କଥା
ବୟସର ସ୍ରୋତ ଅଶ୍ୱପରି ଦୌଡେ
କ'ଣ ମଣିଷର କର୍ମ ତାକୁ ଭାଗ୍ୟ ଦିଏ
ନା ଭାଗ୍ୟ ଅନୁସାରେ କର୍ମ କରେ ?

କହିବାକୁ ଚାହେଁ ଜୀବନର ଖାଲିପଣ କଥା
ହେଲେ ରହିଯାଏ ଜୀବନର କ୍ଷଣିକ ମୂହୁର୍ତ୍ତ
ଯିଏ ଯାହାକୁ ମନରେ ବାନ୍ଧି
ଦେଖିଥାଏ ଅଜସ୍ର ଦିବାସ୍ୱପ୍ନ..

ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

ISSN NO.
2582-208X

# ନିଃଶବ୍ଦ ଅନ୍ଧାର



ସ୍ୱର୍ଣ୍ଣମୟୀ ଷଡଙ୍ଗୀ

ଆଜି ସେଠି ଅନ୍ଧାରର ରାଜତ୍ୱ
ବହଳ ନିଛାଟିଆ ଅନ୍ଧାର
ବୋଲି ହୋଇଯାଇଛି ତାର ଚାରି କାନ୍ଥରେ
ମୋର ସେଇ ମାଟିର ବୈକୁଣ୍ଠ ପୁରରେ
ମୋ ରୁପାଝରା ସ୍ମୃତିର ଗନ୍ତାଘର, ମୂକ ସାକ୍ଷୀ
ମୋ ବିତିଯାଇଥିବା ମୁହୂର୍ତ୍ତ ମାନଙ୍କର,

ସେଇ ଅଖ୍ୟାତ ପଲ୍ଲୀରେ
ଯେଉଁଠି ବିତୁଥିଲା ପ୍ରତିଟି ସମ୍ମୋହିତ
ମୁହୂର୍ତ୍ତ, ସକଳ ତୀର୍ଥ
ଠୁ ଯେ ଆହୁରି
ପୂଣ୍ୟଦାୟୀ, ବହୁମୂଲ୍ୟ ରତ୍ନଠୁ ବି ଯେ
ଆହୁରି ଅଧିକ ମୂଲ୍ୟବାନ,
ମୋର ଅତି ଆପଣାର
ସେଇ ମୋର ଛୋଟ ଘର
ଇଟା କାନ୍ଥ ଟିଣ ଛପର
ଆଜି ସେଠି ବିରାଜୁଛି ନିଃଶବ୍ଦ ଅନ୍ଧାର।

ISSN NO.
2582-208X

ନାହିଁ କୋଳାହଳ କି ନାହିଁ ଫୁସୁର୍ ଫାସର୍
ନାହିଁ ହସର ଲହରୀ କି ନାହିଁ କ୍ରନ୍ଦନ ରୋଳ
ଏକଦମ୍ ନିରବି ଯାଇଛି ଆପଣା ଭିତରେ
ଶୁନଶାନ୍ ଇଲାକା, ନାହିଁ ଶବ୍ଦଙ୍କର ଅଳି ଅର୍ଦ୍ଦଳି
ଅବା ଦୌଡ଼ା ଦଉଡ଼ି ।

ସୂର୍ଯ୍ୟ ଉଇଁଲେ  ଅବା ସୁନାରଙ୍ଗ କିରଣ ବିଞ୍ଚିଲେ
ଚଢ଼େଇଟିଏ ଗୀତ ଗାଇଲେ, ଫୁଲମାନେ
ଫୁଟିଲେ, ଅବା ପବନରେ ଦୋଳି ଖେଳିଲେ
ତାର ବା କିବା ଯାଏ ଆସେ
ଦିନ ଯାଇ ରାତି ଆସିଲେ
ପୂର୍ଣ୍ଣମୀ ଜହ୍ନ ଯୋଛନା ଢାଳିଲେ
ବିମୁଗ୍ଧା କଇଁଟିଏ ପ୍ରୀତିର ପରଶରେ ଭିଜିଲେ
ବିକଶିତ ହେଲେ
ତାର ବା କିବା ଯାଏ ଆସେ
ସେ ତ ପ୍ରତିକ୍ଷଣ ଶଢୁଛି ବାହୁନୁଛି
ଗୁମୁରୁଛି  ଆପଣା ଭିତରେ ।

ଆଜି ଦୀପାବଳୀର ଆଲୋକ ମାଳାରେ
ଆଲୋକିତ ହେବନି ତା ଅଗଣା
କି ହଟିବନି ତା ଚାରି କାନ୍ଥରୁ
ଅନ୍ଧାରର ଲୁହାବାଡ଼,
ବାକି ଜୀବନ ଏମିତି ସେ ଠିଆ ହୋଇଥିବ

ISSN NO.
2582-208X

ଲମ୍ବା ପାହାଡ଼ଟେ ଅବା ଥୁଣ୍ଟା ଗଛଟିଏ ପରି
ବିଶାଳ ଆକାଶର ଶୂନ୍ୟତାକୁ ଚାହିଁରହିଥିବ
ହଜିବାକୁ ଚେଷ୍ଟା କରୁଥିବ ତା ପ୍ରଶସ୍ତ ଛାତିରେ ।

ଅପେକ୍ଷା କରିଥିବ କାନ ଡେରିଥିବ
କାଳେ କେତେବେଳେ ଶୁଭିଯିବ ଶବ୍ଦ
ମାନଙ୍କର କଳରବ, ତା ଗେହ୍ଲା ଅତି ଆପଣାର
ଚରିତ୍ରମାନେ ପାଦଦେବେ ତା ଦୁଆର ଦାଣ୍ଡରେ
ଝଲକାଏ ବାସ୍ନା ପବନ ଛୁଇଁଯିବ ତା ଅଗଣାକୁ
ମୁଠାଏ ସୂର୍ଯ୍ୟ ଆଲୋକରେ ତୋଫା ଦିଶିବ
ତା ଅବଶିଷ୍ଟ ଅଂଶ । ।

କେନ୍ଦ୍ରାପଡ଼ା

ISSN NO.
2582-208X

# ବିଛିନ୍ନାଞ୍ଚଳ ସିଂହଭୂମିର "ଇଟାପୋଖରୀର ମିଠାକଥା"



ପ୍ରଫେସର ହରିହର ପ୍ରଧାନ

ରାଜ୍ୟ ଗଠନର ନ୍ୟାୟସଙ୍ଗତ ବ୍ୟବସ୍ଥାର ଅଭାବରୁ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲେ ମଧ୍ୟ ବର୍ତ୍ତମାନ ଓଡିଶାର ବାହାରେ ବହୁ ଓଡ଼ିଆ ଅଧ୍ୟୁଷିତ ଅଞ୍ଚଳ ଗୁଡ଼ିକ ବିଛିନ୍ନାଞ୍ଚଳ ହୋଇ ରହିଯାଇଛି। ବର୍ତ୍ତମାନ ଓଡ଼ିଶାର ପୂର୍ବଦିଗ ବଙ୍ଗୋପସାଗରକୁ ବାଦ୍ ଦେଲେ ଅନ୍ୟ ତିନିପାର୍ଶ୍ୱରେ ବହୁ ଓଡ଼ିଆ ଭାଷାଭାଷୀ ଅଂଚଳ ରହିଯାଇଛି। ସେଗୁଡିକ ଯଥାକ୍ରମେ ଉତ୍ତରାଂଚଳକୁ ପଶ୍ଚିମବଙ୍ଗର ଅବିଭକ୍ତ ମେଦିନୀପୁର, ବାଂକୁଡା, ଓ ପୁରୁଲିଆ, ପଶ୍ଚିମାଞ୍ଚଳରେ ଝାଡ଼ଖଣ୍ଡର ଅବିଭକ୍ତ ସିଂହଭୂମି, ଗୁମଲା, ଖୁଂଟି ଓ ସିମଡେଗା, ଛତିଶଗଡର ରାୟଗଡ, ସାରଂଗଗଡ, ବସ୍ତର, ଫୁଲଝର ଅଂଚଳ ଏବଂ ଦକ୍ଷିଣାଞ୍ଚଳରେ ପାର୍ବତୀପୁର, ବିଶାଖପାଟଣା, ଓ ଗୋଦାବରୀ ତଟବର୍ତ୍ତୀ ବିଶାଳ ଭୂଖଣ୍ଡକୁ ଉଲ୍ଲେଖ କରାଯାଇ ପାରିବ।

ରାଜ୍ୟ ପୁନର୍ଗଠନର ଭାଷାଭିତ୍ତିକ ଅବଧାରଣାର ଆଦ୍ୟ ଫଳଶ୍ରୁତିର୍ନାମ ଓଡ଼ିଶା ହୋଇଥିଲେ ମଧ୍ୟ, ଏହି ପ୍ରଦେଶହିଁ ସବୁଠାରୁ ବେଶି ବିଖଣ୍ଡିତ। ଏବଂ ଏହି ବିଖଣ୍ଡନର ପାର୍ଶ୍ୱ ପ୍ରତିକ୍ରିୟା କେବଳ ଭୌଗଳିକ ସୀମା ସଂକ୍ରାନ୍ତୀୟ ନୁହେଁ ବରଂଚ ଏକ ସ୍ୱାଭାବିକ ଉଚ୍ଚକିତ ସଂସ୍କୃତିସଂପନ୍ନ ରାଜ୍ୟର ଛିନ୍ନଛତ୍ର ହୋଇଯିବାର କରୁଣ ଇତିହାସର ପ୍ରାଥମିକ ସୂଚନା ମଧ୍ୟ। ଉପରଲିଖିତ ତିନୋଟି ରାଜ୍ୟରେ ଭାଷା ଅଣଓଡ଼ିଆ, ହିଂଦୀ, ତେଲୁଗୁ ଓ ବଂଗଳା ହୋଇଥିବାରୁ ସେଠାକାର ଓଡ଼ିଆ ଭାଷାଭାଷୀଙ୍କ ମାତୃଭାଷା ସଂକଟ ସର୍ବାଧିକ। ପୁଣି ଭାଷା

ISSN NO.
2582-208X

କେବଳ ଭାବବିନିମୟର ମାଧ୍ୟମ ମାତ୍ର ନୁହେଁ, ଏହା କଳା, ସଂସ୍କୃତି, ଐତିହ୍ୟ ଓ ସାମାଜିକ ପରିଚୟର ମୁଖ୍ୟ କବଚ ମଧ୍ୟ। ସୁତରାଂ ବିଚ୍ଛିନ୍ନାଞ୍ଚଳ ଗୁଡ଼ିକର ଓଡ଼ିଶାର ବାହାରର ଅବସ୍ଥାନ ଏକ ପ୍ରଶସ୍ତ ଭୂଖଣ୍ଡରେ ଓଡ଼ିଆ ଭାଷା ବିଲୁପ୍ତିର ବ୍ୟଥା ମାତ୍ର ନୁହେଁ, ଏହା ଏକ ଉନ୍ନତ ଓ ବିବିଧତାସଂପନ୍ନ ସାଂସ୍କୃତିକ ଐତିହ୍ୟର ବିନାଶକ୍ରମର ଅୟମାରମ୍ଭ ମଧ୍ୟ।

ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରାୟ ୯୦ ବର୍ଷ ଅତିକ୍ରାନ୍ତ ହେବାକୁ ଥିବା ବେଳେ ଆମେ ଆମ ସାଂସ୍କୃତିକ ଐକାନ୍ତିକତା ପ୍ରତି ଉଦାସୀନ ମନୋଭାବ ତଥାପି ପୋଷଣ କରିବା କ୍ଷୋଭର ବିଷୟ ନିଶ୍ଚୟ। ସେ ଯାହାହେଉ ଏହି ଚର୍ଚ୍ଚାରେ ବିଚ୍ଛିନ୍ନାଞ୍ଚଳ ସିଂହଭୂମିର ଏକ ଓଡ଼ିଆ ଅବଶିଷ୍ଟ ସଂସ୍କୃତିସଂପନ୍ନ ପୋଖରୀ ଓ ତାର ମାର୍ମିକ ମାହାତ୍ମ୍ୟ କଥା ଚର୍ଚ୍ଚା କରିବା।

ଅବିଭକ୍ତ ସିଂହଭୂମି ବା କୋହ୍ଲଣ ପ୍ରମଂଡଳର ଷଢେଇକଳା-ଖରସୁଆଁ ଜିଲ୍ଲାର ରାଜନଗର ବ୍ଲକର ଉରୁଗୁଟୁ ନିକଟରେ ଏକ ପ୍ରାକ ଐତିହାସିକ କାରୁକାର୍ଯ୍ୟପୂର୍ଣ୍ଣ ଓ ନିର୍ମାଣଶୈଳୀ ସଂପୂନ ଏକ ବିରାଟ ଚାରିକୋଣିଆ ପୋଖରୀ ଦେଖାଯାଏ। ପୋଖରୀର ଅଦୂରରେ ଏକ ଭଗ୍ନ ରାଜଦୁର୍ଗ, ଦୁର୍ଗର ପାର୍ଶ୍ୱବର୍ତ୍ତୀ ଅରକ୍ଷିତ ଉଦ୍ୟାନରେ ଦୁର୍ଲଭ ପ୍ରଜାତିର ଗଛବୃଛ ସମୂହ ତଥା ଭଗ୍ନ ଦୁର୍ଗର ଠାଏ ଠାଏ ଯତ୍ରତତ୍ର ଆଦିମ ଶୈଳୀର କଳଂକିଲଗା ଅସ୍ତ୍ରଶସ୍ତ୍ର ସମୂହ ମଧ୍ୟ ଦେଖାଯାଏ। ପୋଖରୀ କୂଳରେ ବିରାଟକାୟ ପଥରଚଟାଣ ସମୂହରେ ଶିଳାଲେଖର ଅପଠିତ ବାକ୍ୟମାଳାର ପ୍ରଳଂବିତ ଶୃଂଖଳା। ସଂପ୍ରତି ସାଂତାଳ ଆଦିବାସୀମାନେ ସେହି ଭଗ୍ନ ଦୁର୍ଗକୁ 'ଗାଡବୋଂଗା' କହି ପୂଜାପାଠ ଆରଂଭ କଲେଣି।

ଉତ୍ତର ଦିଗରେ କୀଚକର ଦୁର୍ଗ 'କିଚିଂ' ଓ ଘଂଟଶିଳାର ପଞ୍ଚୁପାଣ୍ଡବ ପାହାଡ ତଥା ଦକ୍ଷିଣ ଦିଗରେ ଅନତି ଦୂରରେ 'ଭୀମଖଂଦା' । ଇଟାପୋଖରୀ (ଭାଂଗାଟ୍) ଦୁର୍ଲ୍ଲଭ ଆକାରର ଇଟାରେ ବଂଧା ହୋଇଥିବା ଗୋଟିଏ ପୋଖରୀ। ଜନଶ୍ରୁତି ଅନୁସାରେ ଇଟାପୋଖରୀ କୀଚକର ସ୍ନାନ ପୁଷ୍କରିଣୀ ତଥା 'ଗାଡବୋଂଗା' ବାସ୍ତବରେ କୀଚକର ବାସଭବନ ଥିଲା। ଇଟାପୋଖରୀ ଓ ଗାଡବୋଂଗା ର ମଧ୍ୟବର୍ତ୍ତୀ ସ୍ଥାନରେ ଗୋଟିଏ ବିରାଟ ପଡିଆ,

ISSN NO.
2582-208X

ଆଦିବାସୀମାନଙ୍କ ଭାଷାରେ ଏହା, 'ଡେଡଗେର କୋଟା', ଅର୍ଥାତ ଶୁଦ୍ଧ ପଡିଆ, ଏହା କୀଚକର ଖେଳପଡିଆ। ଏହି ପଡିଆର ଚାରିପଟେ ଜମିଚାଷ ହେଉଥିଲେ ମଧ୍ୟ, ଉପରୋକ୍ତ ତିନୋଟି ଅଂଚଳ, ପୋଖରୀ, ଦୁର୍ଗ ଓ ପଡିଆରେ ମାଟି କୋଡିବା, ହଳ ଚଳେଇବା ଏପରିକି ଭୋଜନକରି ସେଠି ଅଇଁଠା କରିବା କିଂବା ଜୋତା-ଚପଳ ପିନ୍ଧି ଯିବା ମନା। କାରଣ ଭଗ୍ନ ଦୁର୍ଗରେ ବହୁ ପରିଚିତ ଦେବାଦେବୀଙ୍କ ମୂର୍ତ୍ତି ତଥା ମଂଦିରର ଭଗ୍ନ ଅବଶେଷ ମଧ୍ୟ ଦେଖାଯାଏ। ପ୍ରକୃତିପ୍ରେମୀ ସାନ୍ତାଳ ମାନେ ନିଜ ରୀତିମତ ଏହାକୁ ଦେଖୁଥିଲେ ମଧ୍ୟ, ଏହା ବିଗ୍ୟାନସମ୍ମତ ଅଧ୍ୟୟନ ଓ ରକ୍ଷଣାବେକ୍ଷଣର ଅପେକ୍ଷାରତ।

--------000---------

ସହାୟକ ପୁସ୍ତକସୂଚୀ-


୧) ପାଗଳ ଅଶୋକ, 'ପୁରାତତ୍ୱ ଔର୍ ଇତିହାସ କୀ ଝାର୍ ଖଂଡୀ ଧରୋହର', ଦିଲ୍ଲୀ, ୨୦୦୪।

୨) ସିଂହ ଅମରକୁମାର, 'ଜୋହାର ଝାରଖଣ୍ଡ ', ନୂଆଦିଲ୍ଲୀ,୨୦୦୨।

ଓଡ଼ିଆ ବିଭାଗ
କୋହ୍ଲଣ ବିଶ୍ୱବିଦ୍ୟାଳୟ, ସେବା, ଝାଡ଼ଖଣ୍ଡ

ISSN NO.
2582-208X

# ଫୁଲ୍ଲେରୀ ଓଷା



ଡ଼କ୍ଟର ସୀମାଞ୍ଚଳ ପ୍ରଧାନ

ଓଷା ମଧ୍ୟରେ ଫୁଲ୍ଲେରୀ ଓଷା
ସବୁଠୁଁ ସର୍ବୋତ୍ତମ
ଘରକୁ ଘର ବୁଲି ପିଲାଏ
ମାଗନ୍ତି ଫଳମାନ ।

ମାଗି ଆଣିବା ଫଳରେ  ରନ୍ଧା
କରିବେ ଆମ ନାରୀ
ଅଟକାଳିକୁ କଖାରୁ ପତ୍ରେ
ବାଢ଼ିବେ ଯତନ୍‌କରି ।

ଅପାମାରଙ୍ଗ , ବଜ୍ରମୂଳୀକୁ
ପୂଜିବେ ଈଶାଣରେ
ମାହାଙ୍କାଳର ଫଳକୁ ଆଣି
ରଖିବେ ଭକ୍ତି ଭରେ ।

ISSN NO.
2582-208X

ବାରଟା ପରେ ପୂଜା କରିବେ
ପୁଅ, ଝିଅଙ୍କୁ ସ୍ମରି
ସକଳ ଆୟୁ ଦେବାକୁ ସିଏ
ମାଗିବେ ପାଟି କରି ।

ସକାଳୁ ଉଠି ବାସି ପାଇଟି
କରିବେ ଆମ ନାରୀ
ଇଶାଣ ଲିପି ମଣ୍ଡଳ କାଟି
ଦେବତୀ, ଦେବ ସ୍ମରି ।

ଏମିତି ଭାବେ ଓଷା ସରିବ
ନାରୀଏଁ ଦେବେ ତାଳି
ଫଳ, ମୂଳକୁ ପ୍ରସାଦ ଭାବି
ଖାଇବେ ଅଟକାଳି ।

ବର୍ଷକୁ ଥରେ ଫୁଲ୍ଲେରୀ ଓଷା
କରିବେ ଆମ ନାରୀ
ଘର ବାହାରେ ଶତ୍ରୁ ଯେପରି
ଯିବେ ସେ ଅପସରି ।

ନଗମ ନଗର-୩ୟ ଗଳି
ଆଙ୍କୁଲି, ବ୍ରହ୍ମପୁର -୧୦
ମୋ: ୭୩୭୨୯୯୪୫୪୫

ISSN NO.
2582-208X

# ପ୍ରତୀକ୍ଷିତ ମୁହୂର୍ତ୍ତ

ମୂଳହିନ୍ଦୀ- ଡକ୍ଟର ଗୀତାଞ୍ଜଳ ରେଣୁ ଦାଶ
ଅନୁସୃଜନ-ଦିବାକର ନାୟକ



ଦିବାକର ନାୟକ

କେବେ ଆସିବ ସେହି ଦିନ
ସେହି ବହୁ ପ୍ରତୀକ୍ଷିତ ଅପୂର୍ବ ମୁହୂର୍ତ୍ତ
ଦୁନିଆର ଭିଡ଼ ଭିତରେ ନ ଥିବା ଆମେ
ଆମେ ଥିବା ସହରଠାରୁ ଅନେକ ଦୂରରେ
ଆମେ ପାଉ ନ ଥିବା କାହା ଆଖିକୁ ।

ଏମିତି ଏକ ନିରୋଳା ରେସ୍ତୋରାଁରେ
ବସିଥିବା ଆମେ ପାଖାପାଖି
ଆମକୁ ସେଠି କେହି ଚିହ୍ନି ନ ଥିବେ
ଅଥଚ ଆମ ଦୁଇ ଓଠ ପାଇଁ
ଗରମ କଫି ମାତ୍ର ଗୋଟିଏ କପ୍ ଥିବ
ଆମ ଦୁଷ୍ଟ ମୌନ ଭାଷାର ତାଳେତାଳେ
ଅନାୟତ ଅବୟବର ନିର୍ଲଜ ଛୁଆଁ ଛୁଇଁ ବେଳେ
ସେହି କଫି ଥରେ ତୁମ ଓଠକୁ ସ୍ପର୍ଶ କରୁଥିବ ତ
ପୁଣି ସ୍ପର୍ଶ କରୁଥିବ ମୋ ଓଠକୁ ।

ISSN NO.
2582-208X

ମଥା ଉପରେ ଆକାଶ
ପାହାଡ଼ ଶୀର୍ଷରୁ
କର ମର୍ଦ୍ଦନ କରୁଥିବ
କୁଆଁରୀ ପୃଥିବୀକୁ
ଆଉ ଭୌଗୋଳିକ କୋଣାନୁକୋଣକୁ
ସାଉଁଳୁ ସାଉଁଳୁ
ନିର୍ନିମେଷ ନୟନରେ ଚାହିଁ
ଅଧ୍ୟୟନ କରୁଥିବ
ପ୍ରଥମ ପୁଲକର ଝିମ୍ ଝିମ୍ ପରିଭାଷାକୁ ।

ସେଠିକାର ମୃଦୁ ମଳୟର
ମିଠାମିଠା ଗୁଞ୍ଜନରେ
ମନକୁ ଚଞ୍ଚଳ କରି ଦେଉଥିବ
ନୂତନ ରୋମାଞ୍ଚରେ ।
ତୁମେ ଖୋଲି ଦେଇଥିବ
ବିତିଯାଇଥିବା ସ୍ମୃତିର
ଗୋଟିଗୋଟି ଅବ୍ୟକ୍ତ ଫର୍ଦ୍ଦ ।

ମୁଁ ଆହୁରି ନିକଟରୁ ନିକଟତର
ହେଇ ଚାଲିଥିବି ଦିଗରୁ ଦିଗନ୍ତକୁ
ଆଉ

ISSN NO.
2582-208X

ଶ୍ରବଣ କରୁଥିବି ତୁମ ଓଠରୁ ଗୁଞ୍ଜରିତ
ପ୍ରତ୍ୟେକଟି ଶବ୍ଦକୁ
ଅନୁଭବ କରୁଥିବି ପ୍ରତ୍ୟେକଟି ଭାବକୁ
ଆଉ ସେହି ବିଭୋରିତ ଭାବରେ
ତୁମ କ୍ଲାନ୍ତ ଓଠକୁ ପୁଣି
ମୋ ଓଠରେ ସାନ୍ତ୍ୱନା ଦେଇ
ହଜି ଯାଉଥିବି ତୁମରି
ଉଷ୍ମ ଆଶ୍ଲେଷରେ ।

ପାଟପୁର, କନସି, ଗଞ୍ଜାମ
ମୋ- ୯୯୩୮୬୧୯୯୮୧

ISSN NO.
2582-208X

# ଆଧୁନିକ ଓଡ଼ିଆ ଗୀତି କବିତାରେ ଗାଥା ଗୀତିକାର ରୂପ କଳେବର



ସ୍ୱାତୀ ସୁଚରିତା ପ୍ରିୟଦର୍ଶିନୀ

**"Ballad : a narrative song – poem, usually relating a single incident, in a form suitable for singing or rhythmical chanting ."**

ବିଗତ ଶତାବ୍ଦୀର ଶେଷ ପାଦରେ ପାଶ୍ଚାତ୍ୟ ସାହିତ୍ୟର ପରୋକ୍ଷ ପ୍ରଭାବ ଫଳରେ ଓଡ଼ିଆରେ ଆଖ୍ୟାନ କାବ୍ୟ ରଚନା କ୍ଷେତ୍ରରେ ପରିବର୍ତ୍ତନ ସଂଘଟିତ ହେଲାଭଳି କ୍ଷୁଦ୍ର କବିତା ରଚନା କ୍ଷେତ୍ରରେ ମଧ୍ୟ ବିପୁଳ ପରିମାଣରେ ପରିବର୍ତ୍ତନ ସଂଘଟିତ ହୋଇଥିଲା । ଚଉତିଶା, କୋଇଲି, ବୋଲି, ଷୋଡ଼ଶା ପ୍ରଭୃତି ଉପେକ୍ଷିତ ହେବା ଫଳରେ ଗାଥା କବିତା, ଶୋକ କବିତା, ସମ୍ବୋଧନ କବିତା ପ୍ରଭୃତି କେତେକ ନୂତନ କାବ୍ୟରୂପ ପ୍ରବର୍ତ୍ତିତ ହୋଇଥିଲା । ଏହି କାବ୍ୟ ରୂପ ସମୂହ ନୂତନ ପରମ୍ପରା ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବିପୁଳ ଜନପ୍ରିୟତା ମଧ୍ୟ ଲାଭ କରିଥିଲା । କହିବା ଅନାବଶ୍ୟକ, ବହୁ ପରିବର୍ତ୍ତନ ସତ୍ତ୍ୱେ ଏହି କାବ୍ୟ ରୂପ ସମୂହ ଏବେ ମଧ୍ୟ ଓଡ଼ିଆ କବିତା କ୍ଷେତ୍ରରେ କମ୍ ବେଶୀ ପ୍ରଚଳିତ ।

ସବୁ ଦେଶର ଲୋକସାହିତ୍ୟ ଗାଥା କବିତା ସମ୍ଭାରରେ ସୁସମୃଦ୍ଧ । ଏଥିରେ ବୀରତ୍ୱପୂର୍ଣ୍ଣ ଘଟଣା, ପ୍ରଣୟ ଉପାଖ୍ୟାନ, ଐତିହାସିକ ଘଟଣା ବା କିମ୍ବଦନ୍ତୀର ବର୍ଣ୍ଣନା ରହିଛି । ଗାଥା କବିତା ହେଉଛି ଏକ ଆଖ୍ୟାନମୂଳକ ରଚନା । ଇଂରାଜୀରେ ଏହା Ballad ନାମରେ ପରିଚିତ । ଲୌକିକ ଗାଥା କବିତା (Popular Ballad) ଓ ସାହିତ୍ୟିକ ଗାଥା କବିତା (Literary Ballad) ଭେଦରେ ଏହାକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି । ଅତୀତରେ ଚାରଣମାନେ ଗାଥା ଗୀତ ସବୁ ଗାନ କରୁଥିଲେ । ଲୋକମାନେ ଏହାକୁ ଶୁଣି ଶୁଣି ମନେରଖୁଥିଲେ । ଇଂଲଣ୍ଡରେ ରବିନ୍ ହୁଡ୍ ସମ୍ପର୍କୀୟ ଗୀତ, ଭାରତର ରାଜସ୍ଥାନର ଚାରଣ ଗୀତ, ବଙ୍ଗଳାର ମୟମନ୍ ସିଂହ ଗୀତିକା, ଓଡ଼ିଶାର ଯୋଗୀ ଗୀତ, ବଉଳାଗାଈ ଗୀତ,

ISSN NO.
2582-208X

ଗୋବିନ୍ଦ ଚନ୍ଦ୍ର ଗୀତ ପ୍ରଭୃତିକୁ ଲୌକିକ ଗାଥା କବିତା ପର୍ଯ୍ୟାୟଭୁକ୍ତ କରାଯାଏ। ଲୌକିକ ଗାଥା କବିତାକୁ ଅବଲମ୍ବନ କରି ପରବର୍ତ୍ତୀ କାଳରେ ଅନେକ ଗାଥା ଗୀତ ରଚନା ହୋଇଥିଲା । ତାହା ସାହିତ୍ୟିକ ଗାଥା କବିତା ନାମରେ ନାମିତ। ଏଥିରେ କୌଣସି ଗୋଟିଏ ଘଟଣାର ପୂର୍ଣ୍ଣାଙ୍ଗ ନ ହୋଇ ଘଟଣାର ଏକ ବିଶେଷ ଅଂଶକୁ ହିଁ ବର୍ଣ୍ଣନା କରାଯାଏ । ଶ୍ରୀ ଶଚନ୍ଦ୍ର ଦାଶଙ୍କ ମତରେ "ଗଳ୍ପର କାହାଣୀକୁ ସହଜ, ସରଳ ଓ ଅନାଡ଼ମ୍ବର ଭାଷାରେ ପ୍ରକାଶ କରିବା ହିଁ ଗାଥା କବିତାର ପ୍ରଧାନ କାର୍ଯ୍ୟ । ଗଳ୍ପାଂଶ ବର୍ଣ୍ଣନାରେ ନାଟକୀୟ ସଂସ୍ଥାନ ସୃଷ୍ଟି ବିଶେଷ ପ୍ରୟୋଜନୀୟ। ଗାଥା କବିତା ବସ୍ତୁନଷ୍ଠ ହେବା ଯୋଗୁଁ ଏଥିରେ ଲେଖକର ଆତ୍ମଗତ ଭାବ କଳ୍ପନା ଅପେକ୍ଷା ଜନଗଣ ନଷ୍ଠାଭାବ କଳ୍ପନାର ପ୍ରାଧାନ୍ୟ ଅଧିକ। ସୁତରାଂ ଏହାକୁ ଗୀତି କବିତା ଧର୍ମୀ ମନେ କରାଯାଇ ନପାରେ । ଅନେକ ସମୟରେ ଗାଥା କବିତାରେ ବିରେଚତ କାହାଣୀ ସଂସ୍ଥାନ ସମାବେଶ ରହିପାରେ କନ୍ତୁ ଏଥିରେ କୌଣସି ଉପଦେଶ ବାଣୀ ବା ରୂପ ସଜ୍ଜାର ପ୍ରୟୋଜନ ନାହିଁ । ସ୍ୱକୀୟ ନରାଭରଣ- ଆବରଣ - ଗୌରବରେ ଓ ସର୍ବାଙ୍ଗୀନ ସ୍ୱଚ୍ଛ ସହଜତା ଯୋଗୁ ଏହା ଆମ୍ଭମାନଙ୍କୁ ପୁନରାବୃତ୍ତି ଦ୍ୱାରା ଯେଉଁ ଦୁଆ ସୃଷ୍ଟି କରାଯାଏ ତାହା କବିତାର ଆଖ୍ୟାନ ଭାଗଟିକୁ ଆମ୍ଭମାନଙ୍କ ଦୃଷ୍ଟି ସମ୍ମୁଖରେ ଅନଳସ ଭାବରେ ଜାଗ୍ରତ କରେ"।

ରବୀନ୍ଦ୍ରନାଥ ଠାକୁର ବଙ୍ଗଳାରେ ଗାଥା କବିତା ରଚନା କରି ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ । ତାଙ୍କ 'କଥା ଓ କାହିନୀ' ରେ ଥିବା 'ସ୍ୱର୍ଣମଣି', 'ପଣରକ୍ଷା', 'ବଳବୀର' ପ୍ରଭୃତି ଅନୁପମ ସୃଷ୍ଟି । ପୁରାଣ, କମ୍ବଦନ୍ତୀ ବୌଦ୍ଧ ଜାତକ, ଭାରତ ଇତିହାସର ବହୁ ଘଟଣା ଏବଂ କାଳ୍ପନକ ବିଷୟବସ୍ତୁକୁ ଆଧାର କରି ସେ ଅନେକ ଗୀତି କବିତା ରଚନା କରିଯାଇଛନ୍ତ ।

ନବଯୁଗର ପ୍ରାରମ୍ଭରେ ଭକ୍ତକବି ମଧୁସୂଦନ ରାଓ ଏବଂ କବିବର ରାଧାନାଥ ରାୟ ଆଖ୍ୟାନ କାବ୍ୟ ପ୍ରତି ଅନୁରକ୍ତ ନଥିଲେ ମଧ 'ପ୍ରତାରୁଦ୍ରଦେବ', 'ତିନବନ୍ଧୁ' କବିତା ଦୁଇଟି ଆଖ୍ୟାନଧର୍ମୀ। ସେହିପରି ଗୋବିନ୍ଦ ରଥ କ୍ଷୁଦ୍ର କାହାଣୀ ମାଧମରେ ପାଠକ ମାନଙ୍କୁ ନୀତିଶିକ୍ଷା ପ୍ରଦାନ କରିବା ଉଦ୍ଦଶ୍ୟରେ 'ପଞ୍ଚାୟତ', 'ମଧୁ ସାହୁ', 'ଘୋଡାଡ଼ିମ୍ବ', 'ହରିଆ ତନ୍ତୀ', 'ବିଧବା ବିବାହ', ଆଦି କେତେକ ଗାଥା କବିତା ରଚନା କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ 'ବଳରାମ ସିଂହ' କବିତାକୁ ମଧ ଏକ ଗୀତିକବିତା ପର୍ଯ୍ୟାୟଭୁକ୍ତ କରାଯାଇପାରେ।

ISSN NO.
2582-208X

କଥାକାର ଫକୀରମୋହନ ସେନାପତିଙ୍କୁ ଆଧୁନକ ଓଡ଼ିଆ ଗୀତି କବିତା ରଚନା କ୍ଷେତ୍ରରେ ଆଦିଶଙ୍କୁ ଅଥବା ଅନ୍ୟତମ ମାର୍ଗ ପ୍ରଦର୍ଶକ ବୋଲି କୁହାଯାଏ । ଖ୍ରୀ. ୧୮୯୪ ରେ ସେ 'ତାର୍ବାଇ', 'ବେଣୀ ସଂହା', 'ଯୋଷେ ଫାଇନ' ଆଦି କବିତା ରଚନା କରିଥିଲେ। ୧୯୦୩ - ୧୯୦୪ ମଧ୍ଯରେ ସେ ଦଶ ଗୋଟି ଗୀତି କବିତା ରଚନା କରିଥିଲେ । ତାଂକ 'ସାଧୁ ସଂସର୍ଗ' କବିତାର କଥାବସ୍ତୁ ସହିତ ରବୀନ୍ଦ୍ରନାଥଙ୍କ 'କଥା ଓ କାହିନୀ' ର 'ଅଭିସାର' କବିତାର ସାମଞ୍ଜସ୍ୟ ଥିବା ଜଣାଯାଏ । ବୌଦ୍ଧ ଅବଦାନ ଗ୍ରନ୍ଥରୁ ଉଭୟ ଏହି କଥାବସ୍ତୁ ଗ୍ରହଣ କରିଥିଲେ ବୋଲି କୁହାଯାଏ । ଏହାପରେ ପଲ୍ଲୀ କବି ନନ୍ଦକଶୋର ବଳ ସାର୍ଥକ ଓ ସରସ ଗାଥା କବିତା ରଚନାରେ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଦେଇଥିଲେ। ତାଙ୍କର 'ଏକଲବ୍ୟ', 'ଗୌତମ', 'କସ୍ତ୍ରୀ ଗୌତମୀ', 'ଭ୍ରବିର୍ଜ', 'ତଅପୋଇ', 'ସୀତାର୍ମ', 'ବିଗ୍ଧର୍' ପ୍ରଭୃତି ଗାଥା କବିତାଗୁଡ଼ିକ ଉଲ୍ଲେଯୋଗ୍ୟ।

କବି ଚନ୍ତାମଣି ମହାନ୍ତ ଅନେକ କବିତା ରଚନା କରିଥିଲେ ମଧ୍ଯ ତାଙ୍କ ରଚତ 'ପ୍ରୀତିଲେଖ' ରେ ସନ୍ନିବିଷ୍ଟ ଅମିତ୍ରାକ୍ଷର ଛନ୍ଦରେ ରଚତ ୬ ଗୋଟି କବିତା ଯଥା - ଜାନକୀଙ୍କ ପ୍ରତି ର୍ମ, ସୁଭଦ୍ରା ପ୍ରତି ଅର୍ଜ୍ଜୁନ, ଦେବଯାନୀ ପ୍ରତି କଚ, ମହେଶ୍ୱତା ପ୍ରତି ପୁଣ୍ଡରୀକ, ମାୟାବତୀ ପ୍ରତି ମଦନ, କମଳ କାମିନୀ ପ୍ରତି କୁମାର ନାଥ ଆଦି ଗାଥା କବିତା ପର୍ଯ୍ୟାୟଭୁକ୍ତ କର୍ଯାଇପାରେ । ପଦ୍ମଚରଣଙ୍କ 'ବୁଦ୍ଧଦେବଙ୍କ ଉପଦେଶ' ଓ କୁନ୍ତଳା କୁମାରୀଙ୍କ 'ଓଡ଼ିଆ କାନ୍ଦଣା', କୃଷ୍ଣମୋହନଙ୍କ 'ସାବିତ୍ରୀ', 'ସୀତା', 'ଦମୟନ୍ତୀ', 'ଦ୍ରୌପଦୀ', 'ପଦ୍ମାବତୀ', 'ନନ୍ଦିକେଶରୀ', 'କାଳବୋହୂ' ଆଦି ଗୋଟିଏ ଗୋଟିଏ ଗାଥା କବିତାର ପ୍ରକୃଷ୍ଟ ଉଦାହରଣ।

ଦ୍ୱିତୀୟ ଦଶକରେ ଗୋଦାବରୀଶ ମିଶ୍ରଙ୍କର ଗାଥା କବିତା ରଚନା କ୍ଷେତ୍ରରେ ବିଶେଷ ଜନପ୍ରିୟତା ହାସଲ କରିଥିଲେ । ତାଂକ ରଚତ 'ଆଲେଖିକା' ହେଉଛି ଓଡ଼ିଆ ସାହିତ୍ୟର ପ୍ରଥମ ପ୍ରକାଶିତ ଗାଥା କବିତା ସଂକଳନ । ତାଂକ ଦ୍ୱାର୍ ଅନୁପ୍ରାଣିତ ହୋଇ ବୈକୁଣ୍ଠନାଥ ପଟ୍ଟନାୟକ 'କସ୍ତ୍ରୀଗୌତମୀ', 'ରୂପକଥା', ମାୟାଧର ମାନସିଂହଙ୍କ 'ଘରପଶା', 'ଶୁଭଦୃଷ୍ଟି', କାଳନ୍ଦୀଚରଣ ପାଣିଗ୍ରାହୀଙ୍କ 'ନରବଳୀ' ଗୋଦାବରୀଶ ମହାପାତ୍ରଙ୍କ 'ଆମଗାଁ ସଦା', କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ 'ର୍ଣୀର ଅଭିଶାପ', 'ପୁରସ୍କାର' ପ୍ରଭୃତି କବିତା ଗୁଡ଼ିକ ନାମ ଉଲ୍ଲେଖଯୋଗ୍ୟ । କୁଞ୍ଜବିହାରୀ ଦାଶଙ୍କ 'ବାରଶ୍ରୀ' ପୁସ୍ତକଟି ଏକ ଗାଥା କବିତାର

ISSN NO.
2582-208X

ସଙ୍କଳନ । ଏଥିରେ ସାରଳା ଦାସ, ଚନ୍ଦ୍ରଗ୍ରେର ଗ୍ରନ୍ଥଗୁରୁ ପ୍ରଭୃତି କବିତା ସନ୍ନିବିଷ୍ଟ । ଏହା ବ୍ୟତୀତ ତାଙ୍କର 'କାହିଁକନା ଡ଼ାକଥାନ୍ତୁ ତାକୁ ବୋଉ ବୋଉ' ମଧ୍ୟ ଏକ ସରସ ସୃଷ୍ଟି ।

ଚଳତ ଶତାବ୍ଦୀର ଗାଥା କବିତା ରଚୟିତା ମାନଙ୍କ ମଧ୍ୟରେ ରାଧାମୋହନ ଗଡ଼ନାୟକଙ୍କୁ ସର୍ବଶ୍ରେଷ୍ଠ ଆସନ ପ୍ରଦାନ କରାଯାଏ । ସେ ପ୍ରାୟ ଅର୍ଦ୍ଧଶତାଧିକ ଗାଥା କବିତା ରଚନା କରି ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଯାଇଛନ୍ତି । ତାଙ୍କ ରଚତ 'ଉତ୍କଳିକା' ରେ ସନ୍ନିବିଷ୍ଟ ବିଶ୍ୱଜୀବନପଥେ, ବଢ଼େଇପିଲ୍, ଭାଇ, ବିସର୍ଜନ, ବାଇମୁଣ୍ଡି, ପ୍ରାଣର ପରଶ ପ୍ରଭୃତି କବିତାଗୁଡ଼ିକ ଉତ୍କଳୀୟ କମ୍ବଦନ୍ତୀ ଓ ଐତିହାସିକ ଘଟଣାକୁ ଆଧାର କରି ରଚତ । ତାଙ୍କ ରଚତ 'ସ୍ମରଣିକା', 'ପଶୁପକ୍ଷୀର କାବ୍ୟ', 'ଧୂସର ଭୂମିକା', 'ଶାମୁକାର ସ୍ୱପ୍ନ', 'କୈଶୋରିକା', 'ବନରାଜୀନୀଳା' ଆଦିକୁ ମଧ୍ୟ ଗାଥା କବିତାର ଅନ୍ତର୍ଭୁକ୍ତ କରାଯାଇପାରେ।

ବହୁ କବି ଗାଥା କବିତା ରଚନା କ୍ଷେତ୍ରରେ ବୈଦେଶିକ କାବ୍ୟ ରୂପଟିକୁ ଓଡ଼ିଶାର ବିଗତ ପ୍ରାୟ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଏକାନ୍ତ ଆପଣାର କରିନେଇଛନ୍ତି । ତେଣୁ ସେହି ଗୀତି କବିତା ଗୁଡ଼ିକରେ ବସ୍ତୁବତାର ପ୍ରାଧାନ୍ୟ, ବିବିଧ ପରୀକ୍ଷା ନିରୀକ୍ଷାର ସୂତ୍ରପାତ ଓ ଆତ୍ମନିଷ୍ଠତା ଆଧିକ୍ୟ ଦେଖାଯାଏ। ଫଳରେ ଗାଥା କବିତା ରଚନା କ୍ଷେତ୍ରରେ ମନ୍ଥରତା ପରିଲକ୍ଷିତ ହୁଏ।

ଅତିଥି ଅଧ୍ୟାପିକା, ଓଡ଼ିଆ ଭାଷା - ସାହିତ୍ୟ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ମକର ସଂକ୍ରାନ୍ତିରେ ଗୁଞ୍ଜେ ଶ୍ରୀରାମ



ଅଜିତ କୁମାର ରାଉତ

ହୋଇଲା! ଆରମ୍ଭ ମାଘମାସ
ବହୁଛି ପିଠାପଣାର ଯେ ବାସ।।ପଦ।।........ (୦)
ସୂର୍ଯ୍ୟଙ୍କର ଉତ୍ତରାୟଣ ଆଜି
ଆସିଛି ମର୍ତ୍ତ୍ୟେ ଶୁଭକର୍ମ ସାଜି
ବୈକୁଣ୍ଠପୁର ମିଳିଲା ଭୀଷ୍ମଙ୍କୁ
ମକର ସଂକ୍ରାନ୍ତି ଦିନ ତାହାଙ୍କୁ !! ହୋଇଲା...............(୧)
ମକର ସଂକ୍ରାନ୍ତୀ ପାବନ ପର୍ବ
ନୂଆ ଅନୁଭୂତି ନୂଆ ଉତ୍ସବ
ନୂତନ ନୂଆ ବସ୍ତ୍ର ପରିଧାନ
ଗୁଞ୍ଜୁଛି ବ୍ରହ୍ମାଣ୍ଡେ ରାମ ଗୁଞ୍ଜନ !! ହୋଇଲା...........(୨)
ପ୍ରାଣ ପ୍ରତିଷ୍ଠା ଯେ ପ୍ରଭୁ ରାମଙ୍କ
ଏନେତ୍ର ଦେଖିବ ପ୍ରଭୁ ଶ୍ରୀଅଙ୍ଗ
ସଂଘର୍ଷର ଅଟେ ଟି ଶୁଭଫଳ
ଦର୍ଶନ ପାଇଁ ଜନତା ବ୍ୟାକୁଳ !! ହୋଇଲା...........(୩)
ମକର ସଂକ୍ରାନ୍ତିହେ ମର୍ତ୍ତ୍ୟ ଧାମ
ଶୁଭୁଛି ରାମଙ୍କ ନାମ ଭଜନ

ISSN NO.
2582-208X

ଆନନ୍ଦ ଉଲ୍ଲାସ ଟି ଚତୁର୍ଦ୍ଦିଗ
ମନ୍ଦିରେ ବାଜୁଛି ଘଣ୍ଟା ମୃଦଙ୍ଗ!! ହୋଇଲା..........(୪)
ମକର ସ୍ନାନ ଟି ପ୍ରଭାତ କାକର
ରାମ ନାମ ଝରେ ଅମୃତ ଝର
ଗୁଞ୍ଜି ଉଠୁଛି ଅମୃତ ଏ ବାଣୀ
ହେଉଛଯେ ଧନ୍ୟ ଶୁଣି ଧରଣୀ !! ହୋଇଲା..........(୫)
ମହିଳା କରନ୍ତି ସୂର୍ଯ୍ୟଙ୍କ ବ୍ରତ
ରଖି ଥାନ୍ତୁ ଭଲେ ସନ୍ତାନ ପୁତ
ପୁଣି ଭକ୍ତିରେ ରାମଙ୍କୁ ପୂଜନ୍ତି
ନାମେ ଦୀପ ଟିଏ ଜାଳି ଦିଅନ୍ତି !! ହୋଇଲା..........(୬)
ମକର ପର୍ବ ପ୍ରେମ ପ୍ରୀତି ଶ୍ରଦ୍ଧା
ରାମଙ୍କ ଭକ୍ତିରେ ଯୁବାରୁ ବୃଦ୍ଧା
ଅମୃତ ଏ କାଳ ମର୍ତ୍ତ୍ୟେ ଆସିଛି
ତିଥି ଯେ ବାଇଶି ହୃଦେ ଗୁଞ୍ଜୁଛି !! ହୋଇଲା.........(୭)
ଅଭିନନ୍ଦନ ମୋ ରାମ ଭକ୍ତଙ୍କୁ
ଅଭିନନ୍ଦନ ମୋ ରାଷ୍ଟ୍ର ଜନଙ୍କୁ
ମଙ୍ଗଳମୟଯେ ହେଉ ଦେଶର
କରୁଣା କର ବ୍ରହ୍ମାଣ୍ଡ ଈଶ୍ୱର !! ହୋଇଲା.........(୮)

ସଭାପତି, ଉତ୍କଳ ସମ୍ମିଳନୀ ଷଢେଇକଳା ଖରସୁଆଁ ଜିଲ୍ଲା
ରାଜନଗର ବ୍ଲକ ଶାଖା, ଝାଡ଼ଖଣ୍ଡ/ମୋ:- ୬୨୦୫୩୪୩୫୬୯

ISSN NO.
2582-208X

# ମନ



ଦିଲ୍ଲୀପ ଶତପଥୀ

ମନ ଖୋଲା ହସ
ମନ ଲୋଭା ଦୃଶ୍ୟ

ମନ ଲାଖି ଖାଦ୍ୟ
ମନ ଭରା ମଦ୍ୟ

ମନ ଲାଖି ଜାଗା
ମନ ରୁ ଅଭାଗା

ମନ ଖୋଲା କଥା
ମନ ପୋଡା ବ୍ୟଥା

ମନ ଯାର ହୀନ
ମନ ରୁ କୃପଣ

ମନ ଯାର ଟାଣ
ମନରେ ପାଷାଣ

ମନ ପରାଜିତ
ମନ ରୁ ନିହତ

ମନରେ ବିଜ୍ଞାନ
ମନ ଚନ୍ଦ୍ରଯାନ

ମନ ଲାଖି ଗୀତ
ମନ ରୁ ଅତୀତ

ମନ ଯଉବନ
ମନ ତନ ଲୀନ

ମନ ଛନ ଛନ
ମନ ବାୟୁ ଯାନ

ISSN NO.
2582-208X

ମନ ଲାଖି କନ୍ୟା
ମନ ରେ ଅନନ୍ୟା

ମନ ଲାଖି ଘର
ମନ ଲାଖି ବର

ମନ ଲାଖି ମନ
ମନ ରେ ସପନ!

ମନ ର ଆକାର
ମନ ନିରାକାର

ମନ ରେ ଈଶ୍ୱର
ମନ ପୁଣ୍ୟ ଘର

ମନ ବୃନ୍ଦାବନ
ମନ କୃଷ୍ଣ ପ୍ରାଣ

ମନ ରେ ଶ୍ରୀକ୍ଷେତ୍ର
ମନ ଲୋଭା ନେତ୍ର

ମନ ଏକା ସାକ୍ଷୀ
ମନେ ଚକାଆଖି

ମନେ ଦିଅ ଶକ୍ତି
ମନ ଭରୁ ଭକ୍ତି

ମନେ ମନୋରଥ
ମନ ରେ ସୁପଥ

ମନ କର ତୁଷ୍ଟ
ନମଃ ଜଗନ୍ନାଥ

"ମାତୃ ପିତୃ କୃପା"
508, ନୁଆସାହି, ନୂଆପଲ୍ଲୀ
ଭୁବନେଶ୍ୱର 751012
ଫୋନ 9437175764

ISSN NO.
2582-208X

# ପ୍ରଥମ ଚିଠି



ମନ୍ଦାକନୀ ପାଢ଼ୀ

ଏକ ପରେ ଅନେକ ଦିନ। ହେଲେ ଲିନି କୁ ଅନେକ ବର୍ଷ ପରି ଲାଗୁଛି। ଚାରିଆଡ଼େ ମାୟା ଘେରି ରହିଛି। ସେ ମାୟା ମିଛ ଛଳନା ର ବନାନୀ। ଆଜି ବାହାଘରର ମାତ୍ର ଏକୋଇଶି ଦିନ ପରେ ଅଦ୍ଧେନ୍ଦୁ ଚାଲିଯିବେ,,, ଚାକିରି ସ୍ଥାନ କୁ। ସନ୍ଧ୍ୟା ସାତଟା ରେ ନିଜର ଆପଣାର ଲୋକଟି କୁ ବିଦାୟ ଦେଇଥିଲା, ସଫ୍ଟୱେର ଇଞ୍ଜିନିୟର ଅଦ୍ଧେନ୍ଦୁ, ଆମେରିକାରେ।

ଲିନି ମନରେ ବିରହ ର ସଙ୍ଗୀତ ଭାସି ଆସୁଛି। ମିଳନ ପରେ ବିଚ୍ଛେଦ ର ପ୍ରାଚୀର। କିନ୍ତୁ, ଏକ ବିରାଟ ପାଚେରୀ କୁ ଅତିକ୍ରମ କରିବାକୁ ଲିନି କୁ ଖୁବ୍ ଡେରି ଲାଗୁଛି। କେତେ ମରୁବାଲି, କେତେ ତୃଷ୍ଣା, କେତେ ଅଶ୍ରୁଧାର। ଆଶା ମରୀଚିକା ପଛେ ଧାଇଁ ଧାଇଁ ଚକୋର ଚକୋରୀ ସମାଧି ନେଲେଣି।

ଲିନି ମନ ମାରି ବସିଥିଲା। ହଠାତ୍, ଚିଠିଟିଏ ବଢାଇ ଦେଲା ପୋଷ୍ଟ ପିଅନ। ଚିଠି ଉପରେ ଲେଖାଥିଲା ମୋ ଜୀବନ ର ପ୍ରଥମ ଚିଠି ତୁମକୁ ଲିନି,,,

ଖୁସି ରେ ଚିଠି ଟିକୁ ପଢିଲା ଲିନି,ଗୋଟିଏ ନିଃଶ୍ୱାସ ରେ,,,

ଅଦ୍ଧେନ୍ଦୁ ଲେଖିଥିଲା,,,

ଲିନି, କେମିତି ଅଛ, ଖୁସିରେ ଥିବ ।

ISSN NO.
2582-208X

ଏଥିପାଇଁ କି ମୋ ସଂପର୍କ ସେତୁ ନୁହେଁ ଯେ ଦୁର୍ବଳ ସୁତା ପରି ଛିଣ୍ଡି ଯିବ। ଆସିଲେ ବି ଯେତେ ଝଡ, ବର୍ଷା ଇଏ ସାତ ଜନମ କୁ ଥିବ। ମୁଁ ବିଦାୟ ନେଇ ଚାଲି ଆସିବା ପରେ,,,,,,ଛିଣ୍ଡି ରହିଯାଉଛି ମୋ ଅନ୍ତର ରୁ କିଛି ଅଂଶ। ଆମ ସଂପର୍କ ର ବେଳାଭୂମି ରେ ଠିକ୍ ସେହି ମୁହୂର୍ତ୍ତର ସତ୍ୟ ରେ ଦୂର ରୁ ତୁମ ସ୍ମୃତି ର ମୁହଁ ଦେଖେ,,,ଆଖିରେ ଲୁହ ଜମି ଆସେ। ଆହତ ମନ ମୋର ଛଟପଟ ହୁଏ।

କେବେ ଯିବି ଜାଣିଛ ? ଆଉ ଦୁଇ ମାସ ପରେ। ଏପଟେ ଦାୟିତ୍ୱ ସେପଟେ କର୍ତ୍ତବ୍ୟ।ନିଜକୁ ନିଜେ ବୁଝାଉଛି,, ଡାଏରୀ ର ପୃଷ୍ଠା ସରିଥିବା ପରି ତମ ହୃଦୟ ରୁ ମୋର ଅଜ୍ଞାତ ବାସ ସରିଯିବ। ପୁଣିଥରେ ଆମର ଦେଖା ହେବ,,,,,, ସେତେବେଳେ ଲିଭିଯାଇଥିବ ଆଲୁଅ, ଶୁଖି ଯାଇଥିବା ଗଛ,ଉଡ଼ି ଯାଇଥିବା ପକ୍ଷୀ। ବସନ୍ତ ପୁଣି ଆସିବ। ଆମ ସଂପର୍କ ର ଆଲବମ୍ ମାଗିଲେ ଲୁଚାଇ ଦେବ। ଏବେ ଏଠି ନିଃସଙ୍ଗ ହେବା ବେଳେ ତୁମେ ଖୁବ୍ ମନେପଡ। ସବୁ ଭୁଲିଯିବା ପାଇଁ ମୋ ଆଖିର ଲୁହ ରେ ଅଟୋଗ୍ରାଫ ଲେଖୁଛି।

ଆସୁଛି

ତୁମ ଅର୍ଦ୍ଧେନ୍ଦୁ

ଲିନି ଚିଠି କୁ ପଢି ରଖିଦେଇ ଥିଲା ତକିଆ ତଳେ। ଖୁସି ଆଉ ଦୁଃଖ ରେ ରହିଯାଇଥିଲା। ବିତିଯାଇଥିଲା ଗୋଟିଏ ସପ୍ତାହ।

ଆଜି ଲିନି ଭାବୁଛି ସପନ ର ଜଉ ଘରେ ତାର ମନର ମଣିଷ କୁ। ହଠାତ୍ ତାକୁ ଅଣନିଃଶ୍ୱାସୀ ଲାଗୁଥାଏ। ଛାତି ର କୋହ ରେନା ଭଲପାଇବା ର ମୋହ ରେ ସେ ଜାଣି ପାରୁନି।

ଝର୍କାର ରେଲିଂ ଭିତରୁ ଲିନି ଦେଖୁଛି, ହଠାତ୍ ଯୋର୍ ରେ ଆମ୍ବୁଲାନ୍ସ ଆସି ଅଟକି ଗଲା ଗେଟ୍ ପାଖରେ। ଗାଡି ଭିତରୁ ଅଣାଯାଇଥିଲା,,,ଏକ ଶ୍ୱେତ ବସ୍ତ୍ର ଆଚ୍ଛାଦିତ ଚାରିଜଣ ଧରିଥିବା ଶବ ଟିଏ। ଲିନି ସ୍ତବ୍ଧ ହୋଇ ଯାଇଥିଲା।ସ୍ତବଧ ଭିତରେ କୋଳାହଳ।, କ୍ରନ୍ଦନର

ISSN NO.
2582-208X

ରୋଳ ଭାସି ଆସିଥିଲା।ସେ ଜାଣି ପାରିଥିଲା,,,,,,,ଶବଟି ଆଉ କାହାର ନୁହେଁ,,, ତା'ର ଆପଣାର ମନର ମଣିଷ ର,,,, । ପାଦରୁ ମାଟି ଖସି ଯାଇଥିଲା। ସପନ ସରି ଯାଇଥିଲା। ଜଳି ଗଲା ହତାଶା ର ନିଆଁ। କଇଁ କଇଁ କାନ୍ଦି ଉଠିଥିଲା ଲିନି।

ଖୋଜି ଖୋଜି ହଜିଗଲା ତା'ର ସ୍ମୃତି। ପ୍ରିୟତମ ର ପ୍ରେମ। ଦୀର୍ଘଶ୍ୱାସ ମାରିଲା। ସତେକି ସବୁକିଛି ସରିଗଲା। କାର୍ଯ୍ୟ ସରିଥିବା ପରେ ଆଠ ଦିନ ତଳେ ଆସିଥିବା ଚିଠି କୁ ବାହାର କରି ପଢ଼ିଥିଲା ଲିନି,,ଜାବୋଡି ଧରି କାନ୍ଦି ଥିଲା,,

ଯାହାକି,,ତା ସ୍ୱାମୀ ଙ୍କ ତା ପାଇଁ ଥିଲା ,,,,,ପ୍ରଥମ ଚିଠି,,,

ବରିକେଲ, ବରଗଡ଼

ISSN NO.
2582-208X

# ବନ୍ଧ୍ୟା, ଏକ ମାନସିକ ଭୟ



କାର୍ତ୍ତୀକେଶ୍ୱର ନାୟକ

ଅଲୋଡା ଏ ଶବ୍ଦ,
ଲିଭି ଯାଉ ଭାଷା କୋଷରୁ
ସବୁଦିନ ପାଇଁ ।
ଯାଗି ଉଠ, ନିସନ୍ତାନ ଦଂପତି,
ବିଦ୍ରୁପ ନ କର ଭାଗ୍ୟକୁ
ବଧେଇ ଦିଅ ବିଜ୍ଞାନକୁ,
ସନ୍ତାନ କୁ ଜନ୍ମ ଦିଅ
ବନ୍ଧ୍ୟା ରୁ ମୁକ୍ତି ନିଅ
ଫୁଟି ଉଠୁ ବାତ୍ସଲ୍ୟ ମମତା
ହସି ଉଠୁ ମାଆ କୋଳ .....
ବନ୍ଧ୍ୟା ନୁହଁ ଅଶୁଭ ର ମୁହଁ
ଲକ୍ଷ୍ମୀ ଛାଡିଯିବାର ଭୟ
ଟାହି ଟାପରା, ବଦନାମ୍ ବଦଳରେ
ସମବେଦନା ଦିଅ....
ଅନ୍ଧ ବିଶ୍ୱାସରୁ ଦୂରେଇ ରୁହ ।
ବନ୍ଧ୍ୟା ପାଇଁ ନୁହଁ ଭୟ
ଅଜ୍ଞାନ ର ଭୟ

ISSN NO.
2582-208X

ଅନ୍ଧ ବିଶ୍ୱାସର ଭୟ
ବଦଳିଛି ଏ ସଂସାର
ଥରେ ସୁଯୋଗ ତ ନିଅ....
ବନ୍ଧ୍ୟା ଏକ ରୋଗ
ଭାଗ୍ୟର ବିଡମ୍ବନା ନୁହଁ
ନୁହଁ ଏ ତ ବିଧିର ବିଧାନ
ଚିକିତ୍ସା ଶାସ୍ତ୍ରର ଏ ....
ସରଳ ନିଦାନ
ନରହିବେ କେହି ଆଉ
ନିସନ୍ତାନ ....
ବିନମ୍ର ନିବେଦନ ହେ ସୁଧିଜନ
ସର୍ବେ ଭବନ୍ତୁ ସୁଖିନୋ.....

ଶ୍ରୀବିହାର ବୌଦ୍ଧ
ମୋ: 7978128353

ISSN NO.
2582-208X

# ଆଲୋ ସଖୀ ଆପଣା ମହତ ଆପେ ରଖି



ସତ୍ୟନାରାୟଣ ପ୍ରସାଦ ନାୟକ

ନିଜ ଅଭିମାନ ନିଜର ସମ୍ମାନ
ଅଟେ ସଭିଙ୍କର ପ୍ରିୟ
ଥରେ ଚାଲିଗଲେ ମିଳେ ନାହିଁ ଆଉ
ଏଇ କଥା ପରା ଥୟ ।
ଆଜିର ଯୁଗରେ ମଣିଷ ଭିତରେ
ଚାଲିଛି ପ୍ରତିଯୋଗିତା
ଦଉଡ଼ ଭିତରେ ସମସ୍ତେ ଧାଆନ୍ତି
ହେବାକୁ ଜଗତ ଜୀତା ।
ସପନ ରାଇଜ ପରି ସିନା ଲାଗେ
ବିଶାଳ ଏଇ ସଂସାର
ଆପଦେ ବିପଦେ ସାହା ହୁଏ କାହିଁ
ସ୍ୱାର୍ଥପର ଯେଉଁ ନର ।
ନିଜ ସ୍ୱାର୍ଥ ପାଇଁ ସଭିଏଁ ପାଗଳ
ସ୍ୱପ୍ନ ଦେଖେ ମାଳ ମାଳ
ଅସୁମାରୀ ଆଶା ପୂରଣ ନିମନ୍ତେ
ହୁଅନ୍ତି ଖାଲି ତତ୍ପର ।

ISSN NO.
2582-208X

ମଣିଷ ପଣିଆଁ ଦୂରେଇ ଗଲାଣି
ନାହିଁ ଦୟା ନାହିଁ ଧର୍ମ
ଅସତ୍ୟ ଅଧର୍ମ ଅନ୍ୟାୟକୁ ଧରି
କରୁ ଥାଇ ନୀଚ କର୍ମ ।
ଅନ୍ୟାୟ ଅଧର୍ମ ସଖା ସହୋଦର
ସାଥୀ ଏଇ ମଣିଷର
ଘୃଣ୍ୟ କାର୍ଯ୍ୟ କରି ଦେଖାଏ ଚାତୁରୀ
ସତେ ଦସ୍ୟୁ ରତ୍ନାକର !
ନିଜ ହାତେ ଯିଏ ନିଜ ଜିଭ କାଟେ
ତାକୁବା ରୋକିବ କିଏ
ନିଜ ସମ୍ମାନକୁ ବଜାୟ ରଖେ ଯେ
ଭଲ ମଣିଷଟେ ସିଏ ।

ରଥ ରୋଡ, ଭୁବନେଶ୍ୱର
Mob.-9437764014

ISSN NO.
2582-208X

# ଅପେକ୍ଷା



ଅରୁଣ କୁମାର ମହାପାତ୍ର

ଖୁବ୍ ଦୁଃଖି ଥିଲା ବିଚରା ଫୁଲଗଛ। ଆଖି ଆଗରେ ନିଜର ସଦ୍ୟଜାତ କଅଁଳ ପତ୍ର ଗୁଡ଼ାକୁ ରଟ ରଟ ଖାଇ ଯାଉଥିଲା ସେ ଛୋଟ ପୋକଟା। ସତେକି ସେ ହରେଇ ଚାଲିଛି ତାର ନବଜାତ ଶିଶୁଙ୍କୁ। କାନ୍ଦି ବି ପାରୁନି। କାନ୍ଦିଲେ ବି ତା ଲୁହ ବା କାହାକୁ ଦିଶିବ ! କିଏ କିଏ ତ ଜାଣନ୍ତିନି ଯେ ଗଛର ବି ଜୀବନ ଅଛି। ସେ କିନ୍ତୁ ବୁଝିପାରେ, ବୁଝାଇ ପାରେନା। ଜାଣି ପାରେ ଜଣାଇ ପାରେନା। ଶୁଣି ପାରେ ଶୁଣାଇ ପାରେନା। ବେଶୀ ଦୁଃଖ ଲାଗେ ଯେତେବେଳେ ନିଜର ନିଜର ଲାଗୁଥିବା ଲୋକଟା ବେଣ୍ଟ ସାଜି କୁରାଢ଼ିକୁ ପୂର୍ଣ୍ଣ ସହଯୋଗ ଦିଏ।

ପାଖରେ ଥିବା ସଜନା ଗଛଟା ଆଜି ଛୋଟ ଫୁଲ ଗଛଟିର ଏହି ନିରୀହ ଅବସ୍ଥାକୁ ଦେଖି ମୁରୁକି ମୁରୁକି ହସୁଥିଲା। କିଛି ବ୍ୟକ୍ତି ବିଶେଷ ବି ସେମିତି। ପରର ଦୁଃଖରେ ଖୁବ୍ ଖୁସି ହୁଅନ୍ତି । ହୁଏତ ନିଜର ସୁଖରେ ସେତିକି ଖୁସି ହୋଇ ପାରନ୍ତିନି। କହନ୍ତି ସମସ୍ୟା ଅଛି ତ ସମାଧାନ ବି ଅଛି । ଥିବ ଥାଇପାରେ। କିନ୍ତୁ ସମାଧାନ ସମୟରେ ନ ମିଳିଲେ ମଣିଷ ହତୋତ୍ସାହିତ ହୁଏ। ଆଉ କିଏ କିଏ କହନ୍ତି ସମୟ ବହୁତ ଭଲ ସମାଧାନ କରେ। ହେଲେ ଧୈର୍ଯ୍ୟ ଦରକାର। ଯେତେବେଳେ ଅନ୍ୟ କିଛି ଉପାୟ ନାହିଁ ଅପେକ୍ଷା ହିଁ ଶେଷ ରାସ୍ତା। ଠିକ୍ ସେୟା ହେଲା। ଫୁଲ ଗଛଟି ଚାହିଁ ରହିଛି ପାଖରେ ଥିବା ସଜନା ଗଛର କଅଁଳିଆ ପତ୍ର ଗୁଡାକୁ। କିନ୍ତୁ ଏ କଣ ? ଧିରେ ଧିରେ ଝାଉଁଳି ପଡୁଥିବା ପତ୍ରଗୁଡ଼ିକ ନିଶ୍ଚିତ କଷ୍ଟ ଦେଉଛି ଗଛଟିକୁ। ଆଜି ମୁହଁରେ ନା ଅଛି ହସ ନା ଅଛି ଅନ୍ୟ ନିଆଁରେ ଉଷୁମ ପାଇବାର ମାଦକତା। ଗଛ ମୂଳଟାର ଏକ ବିସ୍ତୀର୍ଣ୍ଣ ଇଲାକାକୁ ମାଡ଼ି ବସିଛନ୍ତି ମେଞ୍ଚାଏ ସମ୍ବାଳୁଆ।

ISSN NO.
2582-208X

ସୁଆଦିଆ ସଜନା ପରଷି ଚାଲିଥିବା ଗଛର ଦୁର୍ଦ୍ଦିନ ଦେଖି ସମବେଦନା ଜଣାଇବା ଛଡା କିଛି କରି ପାରୁ ନଥିଲା ସେଇ ଛୋଟିଆ ଫୁଲ ଗଛ। ପୁଣି ସେଇ ସମୟର ଅପେକ୍ଷା।। ବଦଳିଗଲା ସମୟ। ସଂବାଳୁଆ ଗୁଡ଼ିକ ଆଜି ବଦଳି ଯାଇ ଚୁମି ଚାଲିଛନ୍ତି ସୁନ୍ଦର ଫୁଲକୁ। ନିଜେ ନିଜକୁ ବନ୍ଦୀ କରି ଅଲୋଡା ସଂବାଳୁଆ ଗଢିଥିବା ରଙ୍ଗୀନ ପ୍ରଜାପତିମାନଙ୍କ ଶୋଭାରେ ପରିବେଶ ମଣ୍ଡିତ ହୋଇଛି ।

ପଡୋଶୀଙ୍କ ମନ୍ତବ୍ୟ ତଥା ମାଲିକଙ୍କ ସହମତିରେ ସେପଟେ ଧୀରେ ଧୀରେ ଭୁଲୁଣ୍ଠିତ ହେଉଥିଲା ବିରାଟ ସଜନା ଗଛଟା।

ବୈଜ୍ଞାନକ ଅଧିକାରୀ
ଅଶ୍ୱପୁରମ୍ ତେଲେଙ୍ଗାନା

ISSN NO.
2582-208X

# ଫଗୁଣ ଆସିବ



ପ୍ରକାଶ କୁମାର ଗୁନ୍ଦ

ବଣ ପାହାଡ ଝରଣା ନଇ
ଏବେ ସୁନ୍ଦର ଦିଶିବ ମହୀ
ଲାଗିବ ଭାରି ମଜା
ବିମାନରେ ବସି ଆସିବ ଫଗୁଣ
ବଜାରେ ବାଇଦ ବଜା ।।

ସରି ଯିବରେ ଶୀତ ସମୟ
ଯାହା କରିଛି ସିଏ ଅଥୟ
ଏଥର ବିଦାୟ ନେବ
କୁହୁଡି କାକର କାଲୁଆ ପବନ
ସାଥେ ଧରି ଫେରିଯିବ ।।

ଫୁଲ ଫୁଟିବରେ ଗଛଡାଳରେ
ଏଇ ମଧୁରିଆ ଖରା ବେଳରେ
କୋଇଲି ଗାଇବ ଗୀତ
ମନମତାଣିଆ ସୁରଟି ତାର
ଛୁଇଁ ଛୁଇଁ ଯିବ ଚିତ୍ତ ।।

ISSN NO.
2582-208X

ମଳୟ ପରଶ ଭାରି ମଧୁର
ହସେ ବିଲବାଡି ଗାଆଁ ସୁଦୂର
ଚଉଦିଗ ମନଲୋଭା
ଧରଣୀରାଣୀର ରୂପ ସମ୍ଭାର
ବଢାଏ ତାହାର ଶୋଭା ।।

ଦୋଳଯାତ ଆଉ ହୋଲି ଜାଗର
ଆମ ପରବରେ ସବୁ ବାଗର
ଘରେ ଘରେ ପିଠାପଣା
ଗହଳ ଚହଳ ସହର ବଜାର
ସମୟ ପଡେନା ଜଣା ।।

ଋତୁ ପରେ ଋତୁ ପରା ଆସଇ
ମହ ମହ ସିଏ ଖାଲି ବାସଇ
ତା'ପାଇଁ ସୁନ୍ଦର ଧରା
କିଏ ସେ ବିନ୍ଧାଣି ସଜାଡୁ ଥାଏ ରେ
ଆଖିକୁ ଦିଶେନା ପରା ।।

ଜୟପୁର ଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

ISSN NO.
2582-208X

# ପଳାଶ ଫୁଲର ହସ



ଦୀପକ କୁମାର ନାୟକ

କୋଳାହଳ ଶୂନ୍ୟ ଧରଣୀ ବୁକୁ ରେ
ପଳାଶ ର ଖିଆଲି ହସ ।
ନିର୍ମଳ ଧବଳ ଆକାଶ ତଳେ
ପଳାଶ ଲାଗେ ତୋରଣ ।
ଦାରୁଣ ଗ୍ରୀଷ୍ମ ପ୍ରବାହ
ଧାରେ ଲାଗେ ଶୂନ୍ ଶାନ୍ ମୟ।
ଆଦର ନଥାଇ ଜୀବନେ ସେ
ସଦା ଆକୃଷ୍ଟ କରେ ମାନବ ମନ କୁ ।
ରୂପ ଲାବଣ୍ୟ ପ୍ରୀତି ଭରା
ପଳାଶ ଫୁଲର ହସ ।
ଫାଲଗୁନ ଆସେ ଦୋଳଯାତ ଆଣି
ବିଭାନ ରେ ମଣ୍ଡିତ ନନ୍ଦ ନନ୍ଦନ ।
ହାତେ ଧରି ପଳାଶ ଫୁଲ
କୁନି କୁନି ଶିଶୁ ଙ୍କ ନାନା ଖେଳ ।
ଆଖିରେ ଦେଖିଲେ ଆଜି ବି
ମନେ ଆସେ ବାଳୁତ ଖେଳ ।

ଆଜି ବି ମନ ହଜି ଯାଏ
ରାସ୍ତା ପାର୍ଶ୍ୱ ଦେଖି ପଳାଶ ଫୁଲ ।
ମୁହୂର୍ତ୍ତେ ଅଟକି ଯାଏ ମନ
ଉପନୀତ ହୁଏ ପିଲାଦିନ ।
ସମାଜ କହେ ବାସ ହୀନ ତାକୁ
ତଥାପି ଆଦର ପାଏ ରୂପ ରଙ୍ଗେ ।
ଅନାବିଳ ବନ୍ଦନ ବାଳୁତ ବେଳୁ
ଦେଖି ତାକୁ ମୁଁ ଯାଏ ହଜି ସଦା ।

କୁସ୍ତିରା, ଧର୍ମଶାଳା, ଯାଜପୁର

ISSN NO.
2582-208X

# ଗାଳ୍ପିକା ସରୋଜିନୀ ସାହୁଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଏକ ଆକଳନ



ଡକ୍ଟର ସ୍ୱର୍ଣ୍ଣପ୍ରଭା ଖଟୁଆ

ବ୍ୟକ୍ତିତ୍ୱ :-

ଗାଳ୍ପିକା ସରୋଜିନୀ ସାହୁ ୧୯୫୬ ମସିହାରେ ଢେଙ୍କାନାଳ ଜିଲ୍ଲାର ମିନାବଜାରରେ ଜନ୍ମ ଗ୍ରହଣ କରିଥିଲେ। ପିତା ଶ୍ରୀଯୁକ୍ତ ଇଶ୍ୱର ସାହୁ ଓ ମାତା ଶ୍ରୀମତୀ ନଳିନୀ ଦେବୀ। ସେ ଭାଇଭଉଣୀ ସାତ ଜଣ ଥିଲେ । ପିତାମାତାଙ୍କ ଜୀବିତ ସନ୍ତାନ ହିସାବରେ ସେ ଦୁଇ ନମ୍ବର ଓ ମତରେ ସେ ତିନି ନମ୍ବର। ତାଙ୍କ ଡାକ ନାମ ଲାଲା ରଖାଯାଇଥିଲା। ଛୋଟବେଳେ ତାଙ୍କୁ ପୁଅ ଡ୍ରେସ୍ ପିନ୍ଧାଇ ଦିଆଯାଉଥିଲା । ବାଳ ଛୋଟ ଛୋଟ କରି କାଟି ଦିଆଯାଉଥିଲା। ଭଉଣୀମାନଙ୍କ ଅପେକ୍ଷା ସେ ଭାଇମାନଙ୍କ ସହିତ ଅଧିକ ସମୟ ଅତିବାହିତ କରୁଥିଲେ। ବିଏ ପଢୁଥିବା ସମୟରେ ମା ଜଣାଇଥିଲେ ଯେ ସେ ଜନ୍ମ ହେବା ସମୟରେ ପରିବାରରେ ଏମିତିକି ନିଜ ବାପାଙ୍କ ଓଠର ହସ ମଧ୍ୟ ଲିଭିଯାଇଥିଲା। ମା ରାତିସାରା ଚିନ୍ତାମଗ୍ନ ଥିଲେ ଓ  ଇଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ ଯେ ରାତିକ ଭିତରେ ଝିଅଟି ପୁଅ ହୋଇଯାଆନ୍ତି କି ?

ଗାଳ୍ପିକା ସାହୁ ଉତ୍କଳ ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା କଲେଜରେ ମଧ୍ୟ ଅଧ୍ୟୟନ କରିଥିଲେ । ସେ ଓଡିଆ ସାହିତ୍ୟରେ ଏମ୍.ଏ ଓ ପିଏଚଡ଼ି ଡିଗ୍ରୀ ହାସଲ କରିଛନ୍ତି। ଛୋଟ ବେଳରୁ ସେ ଲେଖା ଲେଖିରେ ରୁଚି ରଖନ୍ତି। ବାପାଙ୍କ ଗଳ୍ପ ଖାତା ଓ ବଡଭଉଣୀ ଙ୍କ ଠାରୁ ସେ ଲେଖିବାର ପ୍ରେରଣା ପାଇଥିଲେ। ତାଙ୍କର ପ୍ରଥମ ଗଳ୍ପ ସ୍କୁଲ ମାଗାଜିନ ରେ ପ୍ରକାଶ ପାଇଥିଲା। ଦ୍ୱିତୀୟ ଗଳ୍ପ ପ୍ରଜାତନ୍ତ୍ର ର ଅଭିବାସରୀୟ ପାଇଥିଲା।

ISSN NO.
2582-208X

ସେହି ସମୟରେ ସେ ଅଷ୍ଟମ କିମ୍ବା ନବମ ଶ୍ରେଣୀର ଛାତ୍ରୀ ଥିଲେ । ନବମ ଶ୍ରେଣୀରେ ପଢୁଥିବା ସମୟରେ ଜଗଦୀଶ ମହାନ୍ତି ତାଙ୍କର ପତ୍ର ବନ୍ଧୁ ହୋଇଥିଲେ। ତାଙ୍କ ଗଳ୍ପ ଲେଖାର ଶ୍ରେୟ ସେ ଜଗଦୀଶ ମହାନ୍ତିଙ୍କୁ ହିଁ ଦିଅନ୍ତି।

୧୯୭୦ ମସିହାରେ ଗାଳ୍ପିକା ସରୋଜିନୀ ସାହୁ ଓ ଜଗଦୀଶ ମହାନ୍ତିଙ୍କ ପ୍ରେମ ସଂପର୍କ ଆରମ୍ଭ ହୁଏ। ୧୯୮୦ ମସିହାରେ ଦୁହେଁ ପ୍ରେମ ବିବାହ କରିଥିଲେ । ବୈବାହିକ ଜୀବନ ଦୁଇ ସାହିତ୍ୟିକଙ୍କର ଅତି ସରାଗରେ କଟୁଥିଲା । ପୁଅ ଅନୁଭବ ଓ ଝିଅ ସମ୍ବେଦନା ଅତି ଆନନ୍ଦରେ ପୁରା ପରିବାରଟି କିଛି ଦିନ ସୁଖ ଶାନ୍ତିରେ ବିତାଇ ଥିଲେ ।

ଗାଳ୍ପିକା ବେଲପାହାଡ଼ କଲେଜରେ ଅଧ୍ୟାପିକା ଭାବରେ କାର୍ଯ୍ୟରତ ଥିଲେ। ଏଇ କିଛିଦିନ ପୂର୍ବରୁ ଅବସର ଗ୍ରହଣ କରିଛନ୍ତି। କାଳର କରାଳ ଗର୍ଭରେ କିଛି ମୁହୂର୍ତ୍ତ ପାଇଁ ଡକ୍ଟର ସାହୁଙ୍କ ଜୀବନରେ କଳାବାଦଲ ମାଡ଼ି ଆସିଲା । ସାହିତ୍ୟ ଆସର ସାରି ଆସିବା ପଥରେ ରେଳ ଦୁର୍ଘଟଣାରେ ପ୍ରାଣ ପ୍ରିୟ ପତିଙ୍କ ଦେହାନ୍ତ ଘଟିଥିଲା। ଜଣେ ସ୍ତ୍ରୀ ପାଇଁ ଯାହାଠାରୁ ଦୁଃଖଦ ଘଟଣା କଣ ବା ହୋଇପାରେ ।

ତଥାପି ଗାଳ୍ପିକା ଙ୍କ ଜୀବନର ଗାଡି ଅଟକି ଯାଇ ନାହିଁ। ଆଜିବି ସ୍ୱାମୀଙ୍କ ଲେଖନୀରେ ନୂତନ ପୁଟ ଦେଇ ଲେଖିଚାଲିଛନ୍ତି ଗୋଟେ ପରେ ଗୋଟେ ଗଳ୍ପ ଓ ଉପନ୍ୟାସ ।

କୃତିତ୍ୱ:-

ଗାଳ୍ପିକା ସରୋଜିନୀ ସାହୁ ଅନେକ ସାରସ୍ୱତ ସୃଷ୍ଟିର ସ୍ରଷ୍ଟା। ଶୁଷ୍କ ବୃକ୍ଷରେ ତରୁ ପଲ୍ଲବିତ ହେଲା ପରି, ସେ ପାଠକ ପ୍ରାଣରେ ମୁଁ ମଧୁର ରସ ସଞ୍ଚାର କରିପାରିଛନ୍ତି। ଆଜିବି ତାଙ୍କ ଲେଖନୀ ସୃଷ୍ଟି ମୁଖର ।

ଗାଳ୍ପିକା ଙ୍କ ପ୍ରଥମ ଗଳ୍ପ ସଂକଳନ 'ସୁଖର ମୁହାଁ ମୁହିଁ' ୧୯୮୧ ମସିହାରେ ପ୍ରକାଶିତ। ଏଥିରେ ସନ୍ନିବେଶିତ ଗଳ୍ପ ଗୁଡ଼ିକ ଖୁବ୍ ଚମତ୍କାର ମନେହୁଏ। ସୁଖର ମୁହାଁ ମୁହିଁ, ଆପଣା ଆପଣା ମଣିଷଙ୍କ ପାଇଁ, ନିଦୁଆ କବାଟରେ ଖଡ଼ଖଡ ଶବ୍ଦ, ସ୍ୱପ୍ନ ପରାହତ, ଦର୍ପଣରେ

ISSN NO.
2582-208X

ଅଚିହ୍ନା ମୁହଁ, ସୂର୍ଯ୍ୟଦଗ୍ଧ, ଅପରାହ୍ନ ର ଇମେଜ, ଶୂନ୍ୟ ଇଲାକାର ଶୋକ, ଖୋଲା ଦରଜା ଇତ୍ୟାଦି। ଏହି ଗଳ୍ପ ଗୁଡ଼ିକ ତାଙ୍କ ଅବିବାହିତ ଜୀବନର ସତୁରୀ ଅଶି ମସିହାଯାଏ ଲିଖିତ ଗଳ୍ପ।

ତାଙ୍କର ଦ୍ୱିତୀୟ ଗଳ୍ପ ସଂକଳନ 'ନିଜ ଗହୀରରେ ନିଜେ'(୧୯୮୯) ମସିହାରେ ପ୍ରକାଶିତ ହୋଇଛି । ଏହି ସଂକଳନର ବହୁ ଚର୍ଚ୍ଚିତ ଗଳ୍ପ 'ବିପନ୍ନ ସମୟର ଚିହ୍ନ ବଡ଼ ବ୍ୟକ୍ତିଗତ, ଦୂର ପାହାଡ଼ର ଛବି, ତରଳି ଯାଉଥିବା ଦୁର୍ଗ,ନିଜ ଗହୀରରେ ନିଜେ' ଇତ୍ୟାଦି ।

ତୃତୀୟ ଗଳ୍ପ ସଂକଳନ 'ଅମୃତର ପ୍ରତୀକ୍ଷାରେ, ପ୍ରଥମ ସଂସ୍କରଣ ଏପ୍ରିଲ୍ ୧୯୯୨ ଓ ଦ୍ୱିତୀୟ ସଂସ୍କରଣ ନଭେମ୍ବର ୨୦୧୧, ପ୍ରକାଶକ-ପୀତାମ୍ବର ମିଶ୍ର, ବିଦ୍ୟାପୁରୀ, ବାଲୁବଜାର, କଟକ।ଏହି ସଙ୍କଳନରେ ବାର ଗୋଟି ଗଳ୍ପ ସ୍ଥାନ ପାଇଛି ।' ଅମୃତ ପ୍ରତୀକ୍ଷାରେ ଗର୍ଭବତୀ ନାରୀ, ଘଣ୍ଟା, ଅସ୍ତିତ୍ୱ, କ୍ଲୋଜଅପ, ପେଣ୍ଡୁଲମ୍, ଦୁଇଟି ଉଦାସ ଆଖି, ପ୍ରତୀକ୍ଷା, ତାକୁ ତାର ଛାଇ ଭଳି ଲାଗେ,ନିଶା, ନିରୁର୍ଦ୍ଦିଷ୍ଟ ଈଶ୍ୱର ଓ ସାତ ଜଣ ପାପୀ ଲୋକ, ବ୍ୟାରେଲ୍ ଉପରୁ ପ୍ରଜାପତିଟିକୁ ଉଡେଇ ଦିଅ,'ମୃଷା' ।

ଚତୁର୍ଥ ଗଳ୍ପ ସଂକଳନ 'ଚୌକାଠ' ୧୯୯୫ ମସିହାରେ ପ୍ରକାଶିତ। ଏହାର ପ୍ରକାଶକ: ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ। ଏହି ସଙ୍କଳନରେ ତେର ଗୋଟି ଗଳ୍ପ ସ୍ଥାନିତ। 'ପୁଅ', ସକାଳ, ରେପ୍, ଚୌକାଠ, ଭୁଲ ରକ୍ତପାତ, ପଡୋଶୀ, ଚୋରି, ବହିରାଗତ, ଅତିଥି, ଜହ୍ଲାଦ ସିଂହାସନ, ଖେଳ ଖେଳରେ, ନିର୍ମୁଳି ଇତ୍ୟାଦି ।

ପଞ୍ଚମ ସଂକଳନ 'ତରଳି ଯାଉଥିବା ଦୁର୍ଗ ' । ଏହି ସଂକଳନରେ ସର୍ବମୋଟ ଦଶଗୋଟି ଗଳ୍ପ ସ୍ଥାନ ପାଇଛି। 'ତରଳି ଯାଉଥିବା ଦୁର୍ଗ', ଦ୍ୱୀପ, ତରଙ୍ଗ, ଲୋକଟା, ପ୍ରିୟବ୍ରତ, ଅପହଞ୍ଚ, ଉପେକ୍ଷା, ଗୋପନୀୟ, ଦୟା, ଆଉ ଜଣକର ପାହୁଣ୍ଡ, ଇତ୍ୟାଦି ।

ଷଷ୍ଠ ସଂକଳନ "ଦେଶାନ୍ତରୀ"। ଏହି ସଂକଳନ  ପନ୍ଦର ଗୋଟି ଗଳ୍ପର ସମାହାରରେ ପୃଷ୍ଟ। 'ବ୍ୟାକୁଳିତ ହାତଟିଏ', ମୋ ଉପତ୍ୟାକା ଦିନେ ସବୁଜ ଥିଲା, ରେପ୍, ଘରପୋଡି, ଅସୁଖି,

ISSN NO.
2582-208X

ଶୂନ୍ୟ ସ୍ଥାନ, ପାଶବିକ, ଦେଶାନ୍ତରୀ, କୁହୁଡି ଘର, ପରଜୀବୀ, ମାଛ, ନିଦ, ଦାମ୍ପତ୍ୟ, ରାହୁ, ଆଗ୍ନେୟଗିରି ।

ସପ୍ତମ ଗଳ୍ପ ସଂକଳନ 'ଦୁଖ ଅପ୍ରମିତ' ।

ଅଷ୍ଟମ ଗଳ୍ପ ସଂକଳନ 'ସୃଜନୀ ସରୋଜିନୀ 'ପ୍ରକାଶକାଳ ୨୦୧୮, ପ୍ରକାଶକ ଅଗ୍ରଦୂତ, ବାଙ୍କାବଜାର, କଟକ୭୫୩୦୦୨ ।

ନବମ ଗଳ୍ପ ସଂକଳନ "ସବୁଜ ଉପତ୍ୟାକା" ପ୍ରଥମ ପ୍ରକାଶ ଜାନୁୟାରୀ ୨୦୦୯, ପ୍ରକାଶକ ଜୀବନାନ୍ଦ ମିଶ୍ର ବିଦ୍ୟାଭାରତୀ କଟକ, ୭୫୩୦୦୨। ଏହି ସଂକଳନରେ ଚଉଦ ଗୋଟି ଗଳ୍ପ ସ୍ଥାନ ପାଇଛି। 'ମୋ ଉପତ୍ୟାକା ଦିନେ ସବୁଜ ଥିଲା', ପୂର୍ଣ୍ଣମିଦ ପରାଜିତ ସମ୍ରାଟ, କୁହୁଡି, ମୋହଭଙ୍ଗ, ଅପ୍ରତିହତ, ଗାର୍ହସ୍ଥ୍ୟ, ଉଡିବାର ବେଳ, ନିଜପରି ଅବିକଳ, ଅତଡ଼ା, ଦେଶାନ୍ତରୀ, ସଂକ୍ରାନ୍ତି, ପାହାଡ଼, ଦୌଡ଼ ।

ଦଶମ ଗଳ୍ପ ସଂକଳନ 'ଲୁଚକାଳି' ପ୍ରକାଶକାଳ ୨୦୧୪। ଏହି ସଂକଳନରେ ଉଣେଇଶ ଟି ଗଳ୍ପ ସ୍ଥାନ ପାଇଛି। 'ଲୁଚକାଳି', ଅକ୍ଷର, କ୍ରୀତଦାସୀ, କଣ୍ଢେଇ, ଚାଲ, କିଛି ରୁମାନି ହେଇଯାଉ, ଇଚ୍ଛା ପୂର୍ତ୍ତି, ଅନ୍ଧାର, ଧର୍ଷିତା, ଘୂର୍ଣ୍ଣୀ, ଆଗ୍ନେୟଗିରି, 'ଜୀବନର ଏତେ ଦୀର୍ଘ ଆଲିଙ୍ଗନ, ବାଧ୍ୟବାଧକତାର ଲୁହାର ବନ୍ଧନ, କାହାର କାମ୍ୟ ଥାଏ କୁହ, କିଏ ଚାହେଁ?', ପାପ, କେତେ ଦିନକୁ ମନ ବାନ୍ଧିଛୁ ଆଣ୍ଟ, ଅଛି, ଜହ୍ଲାଦ, ସକାଳ, ଶୂନ୍ୟସ୍ଥାନ, ନିଦ, ଦୂର ପାହାଡ଼ର ଛବି, ଇତ୍ୟାଦି ।

ସମ୍ବର୍ଦ୍ଧନା:-

ଗଳ୍ପ ରଚନା ନିମନ୍ତେ -
ବିଷୁବ ପୁରସ୍କାର -୧୯୯୩
ଭୁବନେଶ୍ୱର ପୁସ୍ତକ ମେଳା ପୁରସ୍କାର -୧୯୯୩
ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର-୧୯୯୬

ISSN NO.
2582-208X

ଲାଡଲି ମିଡ଼ିଆ ଆୱାର୍ଡ ଦ୍ୱାରା ସମ୍ମାନିତ । ଏକଦା ପଲ୍ଲବ ଶୀର୍ଷକ ସାମୟିକ ଓଡିଆ ସାହିତ୍ୟ ସଂକଳନ ଓ ପରବର୍ତ୍ତୀ କାଳରେ 'ବ୍ରେକଥ୍ରୁ' ନାମକ ଇଂରାଜୀ ଭାଷାର ସାମୟିକ ସାହିତ୍ୟ ସଂକଳନର ସଂପାଦିକା। ଗାଳ୍ପିକା ଙ୍କ ବିଭିନ୍ନ ଗଳ୍ପ ଇଂରାଜୀ, ବଙ୍ଗଳା, ହିନ୍ଦୀ, ବଙ୍ଗଳା, ମରାଠୀ, ମାଲାୟାଲାମ ଓ ତେଲଗୁ ଭାଷାରେ ଅନୁଦିତ ।

ଚେନ୍ନାଇରୁ ପ୍ରକାଶ ପାଉଥିବା ଇଂରାଜୀ ମାସିକ ପତ୍ରିକା "ଇଣ୍ଡିଆନ ଏଜ୍'ର ସହ ସଂପାଦିକା ତଥା "ଦି ନିଉ ଇଣ୍ଡିଆ ଏକ୍ସପ୍ରେସ୍' ର ସାମୟିକ ସ୍ତମ୍ଭକାର। ଗାଳ୍ପିକା ଜଣେ ଚର୍ଚ୍ଚିତ ବ୍ଲଗର ମଧ୍ୟ। ତାଙ୍କର ଦୁଇଟି ବ୍ଲଗ 'ସେନସି ଆଣ୍ଡ ସେନସୁଆଲଟି' ଏବଂ 'ଫେମିନାଇନ ଫ୍ରାନ୍ସ 'ପାଶ୍ଚାତ୍ୟ ଜଗତରେ ବେଶ୍ ସୁନାମ ଅର୍ଜନ କରିଛି ।

ଗାଳ୍ପିକା ସରୋଜିନୀ ସାହୁ ନିଜର ସୂକ୍ଷ୍ମ ଅନୁଭୂତିବୋଧ, ଗଭୀର ଜୀବନାନୁଭୂତି, କାବ୍ୟିକ ଅବବୋଧ ସହ ନାରୀସୁଲଭ ସଂକୋଚର ଉର୍ଦ୍ଧ୍ୱରେ। ଗତ ଦୁଇ ଦଶନ୍ଧି ହେବ ସେ ଓଡିଆ ସାହିତ୍ୟରେ ଚର୍ଚ୍ଚାର ଶୀର୍ଷ ଦେଶରେ ରହି ଆସିଛନ୍ତି। ତାଙ୍କ ଗଳ୍ପର ସାବଲୀଳ ଭାଷା, ସ୍ମାର୍ଟ ଆଙ୍ଗିକ, ନାରୀବାଦୀ ଚେତନା ଓ ମାନବୀୟ ସଂପର୍କର ଜଟିଳତା ପରବର୍ତ୍ତୀ ପ୍ରଜନ୍ମର ଅନେକ ଲେଖକ ଲେଖିକାଙ୍କୁ ପ୍ରଭାବିତ କରିଥିବାର ଦେଖାଯାଏ ।

ମୁକୁନ୍ଦ ପାଣ୍ଡ ମହାବିଦ୍ୟାଳୟର,
ବଳରାମପୁର, ଯାଜପୁର,
୭୭୪୯୮୦୦୨୦୭

ISSN NO.
2582-208X

# ମା' ତୋ ସିନ୍ଦୂର ବିନ୍ଦୁକୁ



ଛବି ରାଣୀ ପତି

ଏ ଚଉଦ ଭୁବନେ
ସାବନା ମେଘୁଆ ବାଦଲ ତଳେ
ବନ୍ଧନର ବରାଭୟ କୋଳ ରେ
ପାର୍ବଣର ସାହାନାଇ
ବର୍ଷ ତମାମ ଅପେକ୍ଷାରେ ...
ଏ ଆତ୍ମହରା ବେହାଗ
ସିଇଁ ଥିବା ଫଟାମାଟି , ସୁଖା ଓଠ
ଆଉ ବେଦନାସିକ୍ତ ହୃଦୟ
ପ୍ରେମ ଭକ୍ତିରେ ଆହ୍ଲାଦିତ ଥାନ୍ତି
ଝିଣ୍ଟିକା ସମାନ ମନ ପ୍ରାଣ ଦେହ
ତୋ ଶ୍ରାବଣ ବତୁରା ବିଶ୍ୱାସ ଆସ୍ଥାରେ ।

ନଦୀ ପଠା ଶୁଭ୍ର କାସତଣ୍ଡିର ଚାଦର
ହାତ ବଢାନ୍ତି ଭାବ ପ୍ରବଣତା ର ମନ
ଦୁର ଦିଗବଳୟ ଭାସମାନ କାୟାକୁ
ଭୂମି ରୁ ଭୂମା ନୀଳ ବନାନୀ ...
ଶ୍ରଦ୍ଧା ଶାନ୍ତି ପ୍ରୀତି ଭିଜା ଚୁକ୍ତିପତ୍ର
କିଛି ବି ଅପ୍ରାକୃତ ନୁହେଁ!!

ISSN NO.
2582-208X

ସବୁ କାଳପ୍ରବାହ ନିୟତିର
ଏକ ଧରାବନ୍ଧା ବନ୍ଦୋବସ୍ତ ।

କାକର ଭିଜା ସଦ୍ୟସ୍ନାତା ମାଟିର ପ୍ରଗଲ୍ଭା
ଛଳ ଛଳ ସଦଭାବନା
କିଛି ନୂଆ ସମ୍ଭାବନା
ଆଦିଶକ୍ତି ର ଆଶ୍ୱାସନା
ସତ ନିରବତା ସତ୍ୱେ ମାଟିରୁ ଆକାଶ ଯାଏ
ଆତ୍ମାରୁ ଆତ୍ମାକୁ , ଆଖିରୁ ଆଖିକୁ
ମନରୁ ମନକୁ ଆଉ
ଆବେଗରୁ ଭାବାବେଗକୁ
ଅନ୍ୱେଷଣ ଦିଗନ୍ତ ବିସ୍ତାରି
ଭାବରୁ ଭାବାନ୍ତର ହୁଏ....
ଜ୍ୟୋସ୍ନା ସିକ୍ତ ବ୍ରହ୍ମଚାରିଣୀ ର
ଅଳତା ଗାର ପାଦ ଦୁଇକୁ
ଶୁଭ୍ରପାଟ ବସ୍ତ୍ରା ମାଆ ର
ସିନ୍ଦୂର ବିନ୍ଦୁକୁ ।।

ସମ୍ପାଦିକା - ରାମକୃଷ୍ଣ ସାହିତ୍ୟ ସଂସଦ
ମଧ୍ୟ ଶାସନ, ବିରିଡ଼ି , ଜଗତସିଂହପୁର
ଫୋନ୍ -୯୩୩୭୯୬୦୦୬୦

ISSN NO.
2582-208X

# ଜୀବନ



ପ୍ରଦୀପ୍ତ କୁମାର ମିଶ୍ର

ଜୀବନର ଅନେକ ଅର୍ଥ ଆମେ ପଢ଼ିଛନ୍ତି ଓ ଅନେକ ଆଲୋଚନା ରେ ଏହା ମୁଖ୍ୟ ବିଷୟବସ୍ତୁ ହୋଇଛି। ଜୀବନର ଅର୍ଥ ଆମେ ସମସ୍ତେ ଅବଗତ, 'ଯେମିତି ଜିଇଁବାର ଅର୍ଥ ଜୀବନ'। ଯିଏ ଯେମିତି ପାରିଲା ତାର ଜୀବନକୁ ସେମିତି ଉପଭୋଗ କରିପାରିଲା। ବିଜ୍ଞାନ କହେ ଜୀବନ ଏକ ଶକ୍ତି ତର୍କ କହେ ଜୀବନ ଏକ ପ୍ରବାହ ଏକ ଧାରା ଏହା ଜନ୍ମରୁ ସୃଷ୍ଟି ହୋଇ ମୃତ୍ୟୁରେ ଶେଷ ହୁଏ। ଗତିଶୀଳତାର ଅନ୍ୟ ଅର୍ଥ ଜୀବନ। ଗତିଶୀଳ ଦେଖିବାକୁ ଗଲେ ସମସ୍ତେ କାରଣ ସାରା ବ୍ରହ୍ମାଣ୍ଡ ଗତିଶୀଳ। ପୃଥିବୀର ଗତି ସହ ଆମେ ସମସ୍ତେ ଗତିକରିଥାଉ ଆପକ୍ଷିକ ଭାବରେ ଆମେ ସ୍ଥିର ଥିଲେ ମଧ୍ୟ। ତାହାହେଲେ ଜୀବନ କଣ ସଂଜ୍ଞାହୀନ। ନା ଏହା ସଂଜ୍ଞାହୀନ ନୁହେଁ ଏହାକୁ ବିଭିନ୍ନ ସ୍ତରରେ ସଂଜ୍ଞା କରାଯାଏ। ଏ ପୃଥିବୀରେ ସମସ୍ତ ଅଣୁଜୀବ ଠାରୁ ମହାଦ୍ରୁମ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଜୀବ ସତ୍ତା ରହିଛି ତେଣୁ ଏମାନେ ସଜୀବ। ବିଜ୍ଞାନ ର ସତ୍ୟତା ଅନୁଯାୟୀ ଯେଉଁମାନେ କାୟିକ କ୍ରିୟା ରହିତ ସମେତ ବର୍ଦ୍ଧନ, ଚଳନଶୀଳ ହୋଇଥାନ୍ତି ସେମାନେ ସଜୀବ ।

କିନ୍ତୁ ଆମେ ମନ୍ତ୍ର ଦ୍ୱାରା ମୂର୍ତ୍ତିକୁ ଜୀବନ ଦାନ କରି ପୂଜାକରନ୍ତି । ମନ୍ଦିର ମଧ୍ୟରେ ଜୀବନ ସମ୍ପନ୍ନ ମନେକରିଠାକୁର ଙ୍କୁ ପୂଜାକରନ୍ତି, ତାଙ୍କୁ ଜୀବନ୍ତ ଭାବିଥାନ୍ତି। ବେଳେବେଳେ ଆମେ ପାହାଡ଼ ଝରଣା ନଦୀ ସମସ୍ତଙ୍କୁ ଜୀବନ୍ତ ମନେକରନ୍ତି ବହୁତ ଆନନ୍ଦ ଉଠେଇଥାନ୍ତି ନିର୍ଜନରେ କଥାହୋଇ। ସମୁଦ୍ର କୂଳରେ ଢେଉ ଆମପାଦ ଛୁଇଁଲା ବେଳେ ଲାଗେ ସେ ଯେମିତି ଆମର ମନର ପରିଭାଷା ବୁଝିପାରିଛି। ଆମକୁ କେମିତି ତାଭାଷାରେ ଆଶ୍ୱାସନା ଦେଉଛି, ଏସବୁରେ ଜୀବନ ନାହିଁ ହେଲେ ଜୀବନ୍ତ, ଆମର ମନ କରିଦେଇଥାଏ। ଆମର

ISSN NO.
2582-208X

ଖୁସିକୁ ବହୁଗୁଣିତ କରିଥାଏ। ମନରେ ତାପ୍ରତି ଏକ ଆବେଦନ ଆସିଯାଏ। ମନ୍ଦିର ମଧ୍ୟରେ ଦେବତାଙ୍କରମୂର୍ତ୍ତି ଆମକୁ ନିଜର ଲାଗେ ଆମେ ଦୁଃଖପାଇଁ ତାଙ୍କୁ ଜଣାଇ ଆତ୍ମତୃପ୍ତି ପାଇଥାନ୍ତି ସୁଖର କଥାରେ ସେ ଯେମିତି ଆମ କୃତଜ୍ଞତା ଗ୍ରହଣ କରିଥାନ୍ତି। ସେ ଆମ ସମ୍ମୁଖରେ ଯେମିତି ଜୀବନ୍ତ କେବଳ ସେତିକି ନୁହେଁ ସମ୍ପୂର୍ଣ୍ଣ ଜୀବନ୍ତ। ଆକାଶର ପରିସୀମା ପରିବ୍ୟାପ୍ତ ସେହି ବିଶାଳତାକୁ ଆମେ ମନଭରି ଉପଭୋଗ କରନ୍ତି ଜହ୍ନସହ କଥାହୁଅନ୍ତି। ଜହ୍ନ ଆମପାଇଁ ଜୀବନ୍ତ ହୋଇଯାଏ। ଏହି ଚନ୍ଦ୍ର ଆମ ଆବେଗ ସ୍ନେହ ପ୍ରେମର ପ୍ରତୀକ ହୋଇଥାଏ। ଏଠାରେ ସମସ୍ତ ନିର୍ଜୀବକୁ ଆମ ମନର ଆବେଗରେ ସଜୀବ କରି ଗଢିତୋଳନ୍ତି କେବେ ସେମାନଙ୍କୁ ଜଡ ବୋଲି ସ୍ୱୀକାର କରନ୍ତିନାହିଁ।ଆମେ ଯେଉଁଭଳି ସଜୀବ ଗଛ ବୃକ୍ଷ ମାନେ ସେପରି ସଜୀବ ନୁହଁନ୍ତି କିନ୍ତୁ ଆମେ ବେଳେବେଳେ ବୃକ୍ଷସହ ମାନସିକ ଭାବରେ ଯୋଡିହୋଇ ତାକୁ ଆମରିପରି ବନେଇ ଦେଇଥାନ୍ତି। ଏଠାରେ ସଜୀବ ଓ ନିର୍ଜୀବର ଭାବଧାରା ଆମ ଭିତରେ ସୃଷ୍ଟି ହୋଇନଥାଏ। ଆମର ଉପରୋକ୍ତ ବିଜ୍ଞାନ ଶମ୍ମତ ସଂଜ୍ଞା ଆବେଗ ନିକଟରେ ହାରମାନେ। ଋତୁର ପ୍ରାରମ୍ଭକୁ ଆମେ ବାଳକ ମନେକରିଥାନ୍ତି କିନ୍ତୁ ଋତୁର ବୃଦ୍ଧିରେ ଆମେ ଯନ୍ତ୍ରଣା ପାଇବିଥାନ୍ତି।ଋତୁର ପ୍ରାକୃତିକ ଚଳନ ଆମକୁ ଆମପ୍ରତି ଶ୍ରଦ୍ଧା ପରି ଲାଗିଥାଏ ।

ଅବଶେଷରେ ଏତିକି କୁହାଯାଇପାରେ ଆମେ ଆମର ଚତୁଃପାର୍ଶ୍ୱରେ ଅନେକଙ୍କୁ ଜୀବନ୍ତ କରି ଆନନ୍ଦର ପରିଭାଷାକୁ ସମ୍ପ୍ରସାରିତ କରି ଏକ ବୃହତ ଜୀବନର କଳନା କରିଥାନ୍ତି। ଏହାକୁ ଆମେ ଜୀବନ ବାହାରେ ଜୀବନ କହିପାରନ୍ତି କିନ୍ତୁ ଆମେ ଏହାକୁ ଆମ ଭାବନାରେ ଜୀବନ୍ତ କରିଦେଇଥାନ୍ତି ।

ଅରେଇ, ଯାଜପୁର

9658614728

ISSN NO.
2582-208X

# ଉତ୍କଳ



ସୁଜିତ କୁମାର ମିଶ୍ର

ଚାରୁ ବିମଣ୍ଡିତ  ଚନ୍ଦନ ଚର୍ଚ୍ଚିତ
ନନ୍ଦନ ବନ ଯା କୋଳ,
ତା ପାଣି ପବନେ  ଗଢା ଯେ ଆୟୁଷ
ପୂଣ୍ୟଭୂମି ମୋ ଉତ୍କଳ ।

ଉତ୍କର୍ଷ କଳାର  ଉତ୍ତରୀୟ ବେଶେ
କୋଟି ଲାବଣ୍ୟ ସେ ଦିଶେ,
ଧୂରୀଣ ଧରମା  ତ୍ୟାଗ ବଳିଦାନେ
କୋଣାରକ ଏଠି ହସେ ।

ବାଜିଆ କଣ୍ଠରୁ  ଶୁଭିଥିଲା ଦିନେ
ଅଟଳ ବୀରତ୍ୱ କଥା,
ବାଳୁତ ହେଲେବି  ବହ୍ନି ଜାଳି ଥିଲା
ନୁଆଇଁ ନଥିଲା ମଥା ।

କେତେ କେତେ କବି  ଲେଖନୀ ସ୍ୟାହିରେ
ଆଙ୍କିଗଲେ ତୋର ଛବି,
ଯୁଗ ଯୁଗ ଲାଗି  ଜ୍ୟୋତି ବିତରିଲେ
ତୋ ମାଟିର ଶିର ଟେକି ।

ISSN NO.
2582-208X

ଗାଆଁ ମାଟି କଥା ଅମୂଲ୍ୟ ମମତା
ଆଙ୍କିଲେ ସଚ୍ଚିଦାନଂଦ,
ତୋ ମାଟିର ଗାଥା ଛୋଟ ମୋର ଗାଁଟି
ଆହା କେଡେ ମିଠା ଛନ୍ଦ ।

କେତେ ମନୀଷୀଙ୍କ କଠୋର ଉଦ୍ୟମେ
ଫୁଟିଲା ତୋ ଓଠେ ହସ,
ମାଟି ଆଉ ଭାଷା ମୁକତି ପାଇଁ କି
ରଖିଗଲେ କାଳଯଶ ।

କେ ଭୁଲି ପାରିବ ମଧୁସୂଦନଙ୍କ
ଭାଷା ଜାତି ସ୍ୱାଭିମାନ,
ସଙ୍ଗେ ଗଙ୍ଗାଧର ଗୋପବନ୍ଧୁ ଦାସ
ପୁରୋଧା ଫକୀର ମୋହନ ।

ତୋ ପୂଣ୍ୟ ମାଟିରେ ଜଗା ଉଭା ବୋଲି
ଜଗତରେ ତୋର ନାମ,
ତେଣୁ ମାଟି ତୋର ଉତ୍ସବମୁଖର
ମେଳେ ଏଠି ଭକ୍ତଜନ ।

ତୋ ମାଟି ପରବ ରଜ ରଥଯାତ୍ରା
ପଣାସଂକରାନ୍ତି ଦୋଳ,
ନିଆରା ସଂସ୍କୃତି ନିତି ଯୋଡ଼େ ଏଠି
ହୋଇଣ ସହନଶୀଳ ।

ISSN NO.
2582-208X

କେତେ ନଦ ନଦୀ   କାୟା ବିସ୍ତାରିଛି
  ପୂଣ୍ୟ ପ୍ରାଣ ପ୍ରବାହରେ,
ବୈତରଣୀ ଗଙ୍ଗା   ଯମୁନା ବକ୍ଷରେ
  ବୁଡ ଦେଲେ ପାପ ହରେ ।

ତୋ କୋଳେ ପାହାଡ଼   ପରବତ ଧାଡ଼ି
  ନଭଶ୍ଚୁମ୍ବୀ ଅଟ୍ଟାଳିକା,
ତେଣୁ ତୋ ପଣତ   ଅକ୍ଷତ ଜଗତେ
  ଅକ୍ଷୁର୍ଣ୍ଣ ସେ ସୀମାରେଖା ।

ହେ ଉତ୍କଳ ମାତା   ତୋର ପୁଣ୍ୟ ଗାଥା
  ଚିରକାଳ ଗାଉଥିବି,
କାୟମନୋବାକ୍ୟେ   ପ୍ରତି ରକ୍ତ ବିନ୍ଦୁ
  ତୋ ଚରଣେ ଢାଳୁଥିବି ।

ଜନାର୍ଦ୍ଦନପୁର ଶାସନ,କେନ୍ଦୁଝର
୭୬୮୩୮୭୭୭୪୨

ISSN NO.
2582-208X

# ବାଇଶି ପାହାଚ



ସିନ୍ଧୁ ନନ୍ଦିନୀ

ସୁନ୍ଦର ତୁମ ବାଇଶି ପାହାଚ
ସୁନ୍ଦର ବଡ ଦେଉଳ
ସୁନ୍ଦର ତୁମ ରଙ୍ଗ ଅଧର
ସୁନ୍ଦର ତୁମ ନୀଳାଚଳ

ସିଂହ ଦୁଆର ରୁ ଦିଶଇ
ସୁନ୍ଦର ବାଇଶି ପାହାଚ
ସିଂହ ଦୁଆରେ ସୁସ୍ୱାଗତ
କରନ୍ତି ଜୟ ବିଜୟ

ବାଇଶି ପାହାଚ କୁ ଡେଇଁ
ନୀଳଚକ୍ର କୁ ବାଟ
ପ୍ରଭୁଙ୍କର ପୟରେ ସମର୍ପିଲି
ମୋର ଭକ୍ତି ଅର୍ଘ୍ୟ

ISSN NO.
2582-208X

ଜୀବନେ ତୁମ ନାମ ଗାଇ
ପାଦ ଚାଲୁ ଅବିରତ
ପ୍ରତିକ୍ଷଣ ରେ ତୁମର ଭାବନା
ହୃଦୟେ ରହୁ ଅପ୍ରମିତ

ସିଂହ ଦୁଆର ବାଇଶି ପାହାଚ
ବାଇ କରେ ଅହରହ
ବରମ୍ବାର ଯାଇ ଦେଖିବାକୁ
ମନ ହୁଏ ଛଟପଟ

ମୋ ଜୀବନ ସାର୍ଥକ ହେଉ
ଘଡି ସନ୍ଧିର ବେଳ
ଚକା ନୟନ ଯାଉ ଏ ଜୀବନ
ବାଇଶି ପାହାଚ ତଳ

ଭୁବନେଶ୍ୱର

ISSN NO.
2582-208X

# ଏପ୍ରିଲ ଓ ମୋ ବାବା



କୁଞ୍ଜ ବିହାରୀ ସାହୁ

ଏପ୍ରିଲ ମାସ ଆସିଲେ ଖରାର ବହପ ଯେମିତି ଅନୁଭୂତ ହୁଏ ସେମିତି ବାବାଙ୍କ ଦେହାନ୍ତ ଖବର ମନ- ପ୍ରାଣକୁ ଆନ୍ଦୋଳିତ କରେ । ଖରାକୁ ନ ସମ୍ଭାଳିପାରିଲା ପରି ବାବାଙ୍କୁ ହରେଇବାର ଦୁଃଖ ମୋ ଚାରିପଟେ ଛାଇ ହୋଇରହେ ।

୨୦୦୫ ମସିହା ଏପ୍ରିଲ ୧୧ ତାରିଖ ମୋ ଛାତିରେ ଧକ୍କା ମାରିଥିଲା । ମୋତେ ଅସ୍ତବ୍ୟସ୍ତ କରିପକାଇଥିଲା । ବହୁତ କଷ୍ଟ ଲାଗିଥିଲା ସେଦିନଟି ଯାହାକି ଆଜି ସ୍ମୃତି ଚିହ୍ନ ପାଲଟିଯାଇଛି ।

ବ୍ରହ୍ମପୁରସ୍ଥ ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମହାରାଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ  ବାବା। ସାମାନ୍ୟ ଛୋଟ ବ୍ଲଡପ୍ରେସର ବଟିକାଟିଏ ଖାଇନଥିବାରୁ ବ୍ରେନ ଉପରେ ଆଘାତ ଲାଗିଥିଲା ଓ କୋମାରେ ରହି ସବୁ କିଛି ଭୁଲିଯାଇଥିଲେ । ଚିହ୍ନିବା ଆଗରୁ ଅଜଣା/ ଅଛପା ରଖିଦେଲେ କଥା ସମୂହ । ବୋଉ ଓ ମୁଁ ପାଖେ ପାଖେ ରହୁଥିଲୁ। ସମସ୍ତ ପ୍ରକାର ସେବାଯତ୍ନ ଓ ଡାକ୍ତରମାନଙ୍କ ଅକ୍ଳାନ୍ତ ଚେଷ୍ଟା ପରେ ବି ସ୍ୱାସ୍ଥ୍ୟରେ ଅବନତି ଦେଖାଦେଲା । ସବୁଦିନ ପାଇଁ ବାବା ଆଖିବୁଜିଦେଲେ । ବୋଉର ଛାତି ଫଟେଇ କୋହ ବାହାରିଆସିଲା, ଆଖିର ପତାକୁ ଓଦା କରି ଲୁହ ଝରିଗଲା । ବୋଉ କିଛି ବୁଝିପାରିନଥିଲା । ମୃତ୍ୟୁ ବି ଏମିତି ଆଖି ସାମ୍ନାରେ ଆସେ !

ହସ୍ପିଟାଲ ମୋ ପାଇଁ ନୂଆ । ସେଦିନ ଥିଲା ସୋମବାର । ସକାଳେ ଦେବ ଦେବ ମହାଦେବଙ୍କୁ ଗୁହାରି କରିଥିଲି ବାବାଙ୍କୁ ଭଲ କରିଦେବାକୁ । ଆଶା ଥିଲା ଭଲହେଇଯିବେ।

ISSN NO.
2582-208X

ସଅଳ ସଅଳ ଭୁବନେଶ୍ୱର ନେଇଯାଇ ଭଲ ଟ୍ରିଟମେଣ୍ଟ କରିବାକୁ ଇଛାପୋଷଣ କରିଥିଲି। ବୋଉକୁ ବୁଝେଇ ଦେଇଥିଲି ଆଜି ଡାକ୍ତରଙ୍କ ସହ ପରାମର୍ଶ କରି ବାବାଙ୍କୁ ଭୁବନେଶ୍ୱର ନେଇଯିବାକୁ । ବାବା ଯୋଉ କୋଠରୀରେ ଟ୍ରିଟମେଣ୍ଟ ହେଉଥିଲେ ସିଏ ଏକା ହୋଇଯାଇଥିଲେ । ଅନ୍ୟ ସମସ୍ତ ରୋଗୀ ଡିସଚାର୍ଯ୍ୟ (କିଏ ମୃତ/କିଏ ଭଲ ହେଲାପରେ)। ଆହୁରି ହତୋତ୍ସାହିତ ହୋଇଗଲି । ଏତେ ବଡ କୋଠରୀରେ କେମିତି ରାତି ପୁହାଇବି । ନିଶ୍ଚିତ କରିଦେଇଥିଲି ମାନସିକ ଭାବେ ବାବାଙ୍କୁ ଭୁବନେଶ୍ୱର ସିଫ୍ଟ କରିବାକୁ। ସେଦିନ ବି ସାନ ଭାଇ ମନୋଜକୁ କହିଥିଲି ଭୁବନେଶ୍ୱର ଫେରିଯିବାକୁ ବାବାଙ୍କୁ ନେଇ । ନେହୁରା ହେଇଥିଲି ଡାକ୍ତରମାନଙ୍କୁ ରେଫର କରିବାପାଇଁ । କିନ୍ତୁ ସେମାନେ ନିଜସ୍ୱ ଠାଣିରେ କହିଥିଲେ - ନିଜ ରିସ୍କରେ ନେବେ । ବ୍ୟସ୍ତ ବିବ୍ରତ ଲାଗିଲା ଡାକ୍ତରଙ୍କ କଥା । ମୋ ସମ୍ପର୍କୀୟ ଡାକ୍ତରଙ୍କ ସହ ପରାମର୍ଶ କରିବାରେ ସେ କହିଥିଲେ -ଏମିତି ରୋଗୀ ୭୨ ଘଣ୍ଟା ବଞ୍ଚିବା ଅସମ୍ଭବ । ଗୋଟିଏ ଧିକ୍କାର ଆସିଲା ବାବାଙ୍କୁ ଅପରାହ୍ନ ୩.୨୪ ମିନିଟରେ । ଡାକ୍ତରଙ୍କୁ ନେହୁରା ହେଉ ହେଉ ୭୨ ଘଣ୍ଟା ପୂରିନଥିଲା । ବାବା ଛାଡ଼ିଦେଲେ ମୋ ହାତକୁ ଜୀବନର ଅଧାବାଟରେ । ମୃତ୍ୟୁ କଅଣ ଜାଣିବା ପୂର୍ବରୁ ଜାଣିଗଲି ବାବାଙ୍କ ଦେହାନ୍ତ ବିଜୁଳି କରେଣ୍ଟଠୁ ଶକ୍ତ ଆଘାତ ଦେଲା । ସଂପୂର୍ଣ୍ଣ ନିରାଶ୍ରୟ ହୋଇଗଲି ଆକସ୍ମିକ ଭାବେ । ମୁଣ୍ଡ ଉପରେ ଅଜାଡ଼ି ହୋଇଗଲା ପର୍ଯ୍ୟାପ୍ତ ଦୁଃଖ । ପାଦ ତଳୁ ପୁଳାଏ ମାଟି ଖସିଗଲା ।

ସାହିତ୍ୟରେ ମୃତ୍ୟୁ ସମ୍ବନ୍ଧୀୟ ଗପ, କବିତା, ପ୍ରବନ୍ଧ ପଢିଛି/ ଲେଖିଛି, ହେଲେ ନିଜ ବାବାଙ୍କ ଆକସ୍ମିକ ଦେହାନ୍ତ ମୋ ସୃଜନଶକ୍ତିକୁ ଚହଲାଇଦେଲା । ସେ ଦିନ ହିଁ ଭୁବନେଶ୍ୱର ଆସିବାର ଥିଲା ବାବାଙ୍କର କିନ୍ତୁ ମୃତ୍ୟୁ ଶରୀରରେ ଆସିଲେ । ସତରେ ବିଧିର କି ଭିଆଣ! ଲୁହ ସଜଳ ଆଖି/ କୋହ ଭରା ଛାତି /ଅବଶ ଦେହକୁ ପାଥେୟ କରି ବାବାଙ୍କୁ ନେଇଆସିଲୁ ଭୁବନେଶ୍ୱରକୁ ଆମ୍ବୁଲାନସ ଭଡ଼ାକରି । ବୋଉ ମୁଁ ଓ ସାନଭାଇ ମନୋଜ ବାବାଙ୍କ ମଲାଦେହଟିକୁ ଜାବୁଡ଼ି ଧରିଥିଲୁ। ବାଟସାରା ଭୟ ଲାଗୁଥିଲା ଆଶଙ୍କା ଜାଗୁଥିଲା କାଳେ ଆମ୍ବୁଲାନସ ଡ୍ରାଇଭର ଅଧବାଟରେ ରହିଯିବନି ତ । ମୁଁ ଠାକୁରଙ୍କ ସ୍ମରଣ କରୁଥିଲି। କୌଣସିମତେ ଭୁବନେଶ୍ୱରରେ ପହଞ୍ଚିଯିବାକୁ । ପାଦକୁ ଆଉଁଷି କ୍ଷମା ମାଗୁଥିଲି ମୁଁ । ବୋଉକୁ ବୁଝେଇ ବୁଝେଇ ଭୁବନେଶ୍ୱର ପହଞ୍ଚିଲା ପରେ ଦେଖିଲି ବାବାଙ୍କ ବାସଭବନରେ ଅଂସଖ୍ୟ ଭିଡ଼ । ସମସ୍ତେ ଚାତକ ପରି ଚାହିଁରହିଥିଲେ ବାବାଙ୍କୁ

ISSN NO.
2582-208X

ଦେଖିବାକୁ। ଜଣେ ପରୋପକାରୀ, ନିରଳସ, ହୋମିଓପ୍ୟାଥି ଡାକ୍ତରଙ୍କ ଅଚାନକ ଚାଲିଯିବା ଖବର ମର୍ମାହତ କରିଥିଲା ସମସ୍ତଙ୍କୁ । ବୋଉ ଗାଡ଼ିରୁ ଓହ୍ଲାଇପାରୁନଥିଲା ସହଜରେ । କେମିତି ବା ପାଖରୁ ଦୂରେଇପାରିବ ନିଜ ଶଙ୍ଖାସିନ୍ଦୂରକୁ । ରାତି ୧୨ ଟା ହୋଇଗକାଣି ତଥାପି ଲୋକଙ୍କ ଭିଡ କମୁନି । ନୟାପଲ୍ଲୀ ବ୍ରିଟ୍ କଲୋନୀରେ ଏମିତି ଭିଡ଼ ମୁଁ ବି ଆକଳନ କରିପାରିଲିନି ସହଜରେ । ସେଇ ବିଶ୍ୱନିୟନ୍ତାଙ୍କୁ ସ୍ମରଣ କରୁଥିଲି ।

ମୁଣ୍ଡ ଉପରେ ବଡପୁଅର ଦାୟିତ୍ୱ ଘନେଇ ଆସିଲା ।

ପୁରୀ ସ୍ୱର୍ଗଦ୍ୱାର ବି ଚାହିଁବସିଥିଲା ବାବାଙ୍କୁ ସାଦରେ କୋଳେଇବାପାଇଁ । ବାବା କଥା ପ୍ରସଙ୍ଗରେ ଜଣେ ଆତ୍ମୀୟ ବନ୍ଧୁଙ୍କୁ କହିଥିଲେ ମୃତ୍ୟୁପରେ ପୁରୀ ସ୍ୱର୍ଗଦ୍ୱାରର ପବିତ୍ର ଶ୍ମଶାନରେ ଦାହ କରିବାକୁ । ବାବାଙ୍କ ଇଛାକୁ ସାକାର କରିବାପାଇଁ ବନ୍ଧୁଜଣଙ୍କ ମାଇନିଂ କର୍ପୋରେସନର ଆମ୍ବୁଲାନସ ଧରି ଅପେକ୍ଷା କରିଥିଲେ । ବାବାଙ୍କର କଥା ହିଁ ରହିଲା । ସ୍ୱର୍ଗଦ୍ୱାର କୁ ଆମ୍ବୁଲାନସ ଆଗେଇଲା । ରାତିର ତୃତୀୟା ଜହ୍ନ ବାଟ ଦେଖାଉଥିଲା । ଅଧବାଟରେ ନାଗସାପଟିଏ ବାବାଙ୍କୁ ଦର୍ଶନ କରି ଫେରିଗଲା ଆପଣାବାଟରେ । ସଭିଏଁ କହିଲେ ଶୁଭ ସୂଚନା । ପବିତ୍ର ସ୍ୱର୍ଗଦ୍ୱାରରେ ଜୁଇକାଠରେ ବାବା ଶୋଇରହିଲେ । ସାଦରେ ମୁଖାଗ୍ନି ଗ୍ରହଣକଲେ । ଦୋଷାଦୋଷକୁ କ୍ଷମା କରିଦେଲେ ବୋଧହୁଏ ପୁରୋହିତଙ୍କ ମନ୍ତ୍ରପାଠରେ । କିଛି କ୍ଷଣପରେ ସ୍ୱର୍ଗଦ୍ୱାରରେ ବାବା ଲୀନ ହୋଇଗଲେ ପଞ୍ଚଭୂତରେ । ବାବା ଡାକିବାର ସମୟ ପଦ୍ମଫୁଲ ପରି ଘୁଞ୍ଚିଗଲା । ଡାକ ବି ଅଟକିଗଲା ଆପଣାଛାଏଁ ।

ରାତି ପାହିବାକୁ ଘଡ଼ିଏ ବାକିଥିଲା ଜୁଇ ଲିଭିଲାବେଳକୁ ।

ଲେଖିଲାବେଳକୁ ଓଦାହେଇସାରିଛି ଆଖିପତା ।

ଏଲ୍.ଆଇ.ଜି ୧୫
ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର
୭୦୦୮୧ ୪୨୦୪୦

ISSN NO.
2582-208X

# ଅସମାହିତ ପ୍ରଶ୍ନ



କୁଞ୍ଜବିହାରୀ ରାଉତ

ସମ୍ପର୍କର ନିଅ ପଡ଼ିଲା ବେଳେ
ସାକ୍ଷୀ ଥିଲା ଆକାଶ, ବସନ୍ତ ର ମଳୟ
ଗୋଲାପର ମହକ ଓ କୋଇଲିର କୁହୁକୁହୁ ତାନ
ଆଜି ସମ୍ପର୍କର ଡୋରି ଛିଣ୍ଡିଗଲା ବେଳେ
ସମସ୍ତେ ଚୁପଚାପ, ନୀରବ ଦର୍ଶକ
ଛାତିତଳେ କୋହ, ନୟନର ଜ୍ୟୋତି ନିଷ୍ପ୍ରଭ
ଉଦାଶିଆ ଆକାଶ, ଆଜି ଗୁମସୁମ୍
କାଳେ ବରଷିଯିବ, ଆଉ ଭିଜାଇଦେବ
ସବୁ ସ୍ମୃତିକୁ, ଉଡାଇଦେବ ଝଡ଼ ବତାସ ରେ
ଆମ ସମ୍ପର୍କର ଅକୁହା କାହାଣୀ
ସେହି ଆଶଙ୍କାରେ ମନ ଆଶଙ୍କିତ
ତୁମେ ତ  ସେକଥା ବୁଝି ପାରିବନି
ପ୍ରଶ୍ନିଳ ଦେବୀ (ସଖୀ)
କାରଣ କେତେବେଳେ ତୁମେ ହୃଦୟବତୀ ତ
ପୁଣି କେତେବେଳେ ନିର୍ଜୀବ ପଥର
ବୋଧହୁଏ ସେଥିପାଇଁ ଏଠି ପ୍ରେମ ନାହିଁ

ISSN NO.
2582-208X

ସବୁତ ଛଳନା
ମରିବାକୁ ହେବ, ଆଦରି ନେଇ ବଞ୍ଚିବା ବାହାନା....
ସମ୍ପର୍କର ସ୍ମୃତି କୁ କଲେ ରୋମନ୍ଥନ
ସମୟଟା ଚାଲିଯାଏ ସିନା
ହୃଦୟରେ ଛାଡିଯାଏ ଗଭୀର ରେଖାଙ୍କିତ ସ୍ମୃତି
ଯାହାକୁ ନେଇ ଉଭୟ
ସୁଖଦୁଃଖର କୋଣାର୍କ ଗଢୁଗଢୁ
ମନ ସମୁଦ୍ରରେ ଅସଂଖ୍ୟ ଅସମାହିତ ପ୍ରଶ୍ନର
ଭାଙ୍ଗୁଥାଏ ଉତ୍ତାଳ ତରଙ୍ଗ
ଖୋଜିଚାଲିଥାଏ ଅସମାହିତ ପ୍ରଶ୍ନର ଅଚ୍ଛିନ୍ନ ଉତ୍ତରର ସମାହାର.....

ପ୍ଲଟ ନଂ: ୧୪୮/୫,
ହମିରପୁର, ରାଉରକେଲା:୩
ମୋ :୯୦୯୦୦୯୦୨୨୫

ISSN NO.
2582-208X

# ହେ ବସନ୍ତ...!!!!



ଝିଲିମିଲି ସାହୁ

ଚଇତ ର ଡାଳେ ଆମ୍ର କୁଞ୍ଜର ମାଳେ
କୋଇଲିର କୁହୁ ସୁକୃତ ସଂଚାରେ
ଝରା ସେଫାଳିର ରୂପ ମାଧୁର୍ଯ୍ୟ
ବକୁଳର ମୃଦୁ ସୁଗନ୍ଧ ପ୍ରଚାରେ ।

ଏ ଡାଳୁ ସେ ଡାଳ ଉଡି
ନିଇତି ବିଭୋର ହୁଏ ବିହଙ୍ଗ
ମଳୟ ସମୀର ତନୁ ସ୍ପର୍ଶେ କୁହେ
ଧୀରେ ପାଦ ଚିପି ଆସ ଗୋ ତୁମେ ବସନ୍ତ ।

ଶୁଭ୍ର ଆକାଶେ ବକପନ୍ତି ସମ
ନୀଳମେଘୀ ଶାଢ଼ୀ କରି ପରିଧାନ
ଧରଣୀ ଦିଶେ ସୁନ୍ଦର
ହଳଦୀ ବସନ୍ତ ମେଘମାଳା କୋଳେ
ଦିଶେ ଯେସନେ ତପ୍ତ କାଞ୍ଚନ ।

ISSN NO.
2582-208X

ଶୁଖିଲା ପତ୍ର ଉଡ଼ି ଉଡ଼ି ଗାଏ
ନବ ପଲ୍ଲବ ର ସୌନ୍ଦର୍ଯ୍ୟ ଗାଥା
ଭାରାକ୍ରାନ୍ତ ମନ ହୋଇଯାଏ କୃତ୍ୟ
ଦଣ୍ଡେ ଛିଡ଼ା ହୋଇ ଦେଖିଦେଲେ ଥରେ
ପ୍ରକୃତି ରାଣୀ ର ମୋହିନୀ ରୂପ ।

ନାନାଦି କୁସୁମେ କାନନ ଦିଶେ ସୁନ୍ଦର
ଚକ୍ଷୁ ପଲକେ ଆତ୍ମା ହୁଏ ତୃପ୍ତ
ଆହାଃ!!! କେଡେ ମନୋରମ ଲାବଣ୍ୟ ଆଭା
ହେ ବସନ୍ତ! ତବ ସ୍ନିଗ୍ଧତା ହେତୁ
ସଦା ପ୍ରତୀକ୍ଷିତା ବସୁନ୍ଧରା।।

ସହ. ଶିକ୍ଷୟିତ୍ରୀ, ନୟାଗଡ଼

ISSN NO.
2582-208X

# ହେ ମୃତ୍ୟୁ ତୁମେ



ନଳନୀ ଦାଶ

ହେ ମୃତ୍ୟୁ ତୁମେ କହିବକି ଥରେ
କାହିଁକି ଏତେ ନିଷ୍ଠୁର
ଅଚାନକ ଆସି ସ୍ତବ୍ଧ କରିଦିଅ
ପୋଛଓଠୁ ହସଧାର ।

ଦିନ ବାର ତିଥି ନାହିଁତ ସମୟ
ଯେବେ ଇଚ୍ଛା କର ଆସ
ମୃତ୍ୟୁ ଫାଶେ ଭିଡ଼ି ନେଇ ଯାଅ ତୁମେ
ନଥାଏଟି ଦୁଃଖ କ୍ଲେଶ ।

ତୁମ ଆଗମନେ କେତେ ପରିବାର
ଭାଙ୍ଗି ହୁଏ ଛାରଖାର
ନାହିଁ ଦୟାଭାବ ନାହିଁତ କରୁଣା
ମୃତ୍ୟୁ ତୁମେହିଁ ନିଷ୍ଠୁର ।

ଛୁଆ ମାନେ କେତେ ଅନାଥ ହେଲେଣି
ହେ ମୃତ୍ୟୁ ତୁମରି ପାଇଁ
ସିମନ୍ତିନୀ ମଥା ସିନ୍ଦୂର ଲିଭଇ
ବୁକୁଚିରି ସେ କାନ୍ଦଇ ।

ISSN NO.
2582-208X

ବୃଦ୍ଧ ପିତାମାତା ଆଗରେ ପୁଅଟି
ଯାଉଛି ଦୁନିଆ ଛାଡ଼ି
ହୃଦୟ ଫଟାଇ ଆଖି ଲୁହ ଢ଼ାଳି
କାନ୍ଦି ଥାଏ ରଡ଼ି ରଡ଼ି ।

ସ୍ନେହଁର ଭଉଣୀ ଆଖିରୁ ବହୁଛି
ଲୁହର ଉଜାଣି ନଇ
ଚାଲିଥିଲା କେତେ ହାତ ଧରି ସାଥେ
ମଥାକୁ ପିଟି କାନ୍ଦଇ ।

କେବେ ତୁମେ ଛୋଟ ଛୁଆଙ୍କୁ ନଛାଡ
କବଳିତ କରିଥାଅ
ଭାବନା ବଡ଼କି ସାନ ତୁମେ ମୃତ୍ୟୁ
ଇଚ୍ଛାମତେ ନେଇ ଯାଅ ।

ରୋଗରେ ପକାଇ କର ଅଣାୟତ
ହେ ମୃତ୍ୟୁ ତୁମେ ଗମ୍ଭୀର
ରଖ ବୟସ୍କଙ୍କୁ ବାଛି ନେଇ ଯାଅ
ବୁହଇ ଲୋତକ ଧାର ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧

ISSN NO.
2582-208X

# ଉଠ୍ ପୁଟୁର୍



ଆରତୀ ସାହୁ (ଆଶା)

( ଭାଗ - ୩୨ )

ମାଉସୀ ତେବେ ବିଦୁଷୀ !!
କେତେ ପାଠ ପଢ଼ିଥିବେ ଯେ ?

ମୋ ମାଆଟା ତ ନିରୁତା ମାଆଟିଏ ହେଇ ରହି ଯାଇଛି । ସରଳା, ସାଦା ସିଧା ମାଆଟିଏ।

ତାର ପୃଥିବୀଟା ବହୁତ ସାନ। ତାର ସମଗ୍ର ବ୍ରହ୍ମାଣ୍ଡଟା ହିଁ ବହୁତ ସାନ । ଆମ ଛୋଟ ଗାଁ ପରି, କି ଆମ ଚାରି ପାଞ୍ଚ ଘରିଆ ସାହି ପରି, ନା ଆହୁରି ଛୋଟ ଆମ ଘର ପରି ? ମୋତେ ଲାଗେ ତାର ବ୍ରହ୍ମାଣ୍ଡଟା ଆଠୁ ଆହୁରି କୁନିଟାଏ । ତାର କେନ୍ଦ୍ରରେ ମୁଁ, ଆଉ ଦୁଇଟା ଗ୍ରହ ଉପଗ୍ରହ, ବାପା ଆଉ ସେ ପରିକ୍ରମା କରୁଛନ୍ତି ମୋରି ଚାରି ପାଖରେ।

ସେ ଜାଣେନା ପୃଥିବୀଟା ଥାଳି ପରି ଚେପଟା ନା କମଳା ଲେମ୍ବୁ ପରି ଗୋଲ୍ । ସେ ବିଶ୍ୱାସ କରେ ନାହିଁ ଯେ ପୃଥିବୀ ସୂର୍ଯ୍ୟ ଚାରି ପାଖରେ ବୁଲୁଛି ଯେ ବୁଲୁଛି, ଥକି ଯାଉ ନାହିଁ କଦାପି।

ISSN NO.
2582-208X

ସେ ଜାଣେ ଦୁନିଆକୁ ଅନ୍ଧାରରୁ ରକ୍ଷା କରିବା ପାଇଁ ସୂର୍ଯ୍ୟ ଆମର ନଇ ସେପାରିରୁ ଉଠି ଆସନ୍ତି ଧରା ପୃଷ୍ଠକୁ। ପୁଣି ସଞ୍ଜବେଳେ ଲୁଚି ଯାଆନ୍ତି ହେଇ ସେ ଡୁଙ୍ଗରି ପଛ ପଟେ। ସେ ଜାଣେ, ସୂର୍ଯ୍ୟ ହେଉଛନ୍ତି ମାହାପ୍ରୁ, ପାଣି ଟେକିଦିଏ ଆଞ୍ଜୁଳାକୁ ଆଞ୍ଜୁଳା। ତାର ବିଶ୍ୱାସ, ସମର ଦଶମୀ ଦିନ ଅର୍ଘ୍ୟ ବାଢ଼ି ଦେଲେ ବର୍ଷସାରା ମୋ ଦେହ ନିରୋଗ। ରହିବ। ସେ ଜାଣେ ପୃଥିବୀ ହେଉଛି ବସୁମତୀ। ରଜ ପରେ ତାକୁ ବନ୍ଦେଇ ଦେଲେ ବର୍ଷସାରା ତା ହାଣ୍ଡିରେ ଭାତ ଫୁଟିବ ଟକ୍ ମକ୍ ହେଇ, ଫୁଲଶିଷା ମାରି।

ଦୈନିକ ଫର୍ଚ୍ଚା ନ ହେଉଣୁ ଉଠିବ, ସାଉଁଟିବ ତାର ଦୁନିଆକୁ। ଛଡ଼ା ପକାଇବ, ଦାଣ୍ଡ ଖରକିବ, ଘଷି ପାରିବ, ଚୁଲି ନିପିବ, ଘର ନିକେଇବ, ଗାଧେଇବ, ତୁଳସୀ ଚଉରାରେ ପାଣି ଦେବ, ଭାତ ଫୁଟେଇବ, ଶାଗ କିଆରିରେ କୁଜିଟେ ପରି ହେଇ ଶାଗ ଖୁଣ୍ଟିବ।

ସାପ୍ତାହିକ ବାବାଜୀ ସାଉ ଘରେ ଯାଇ ଧାନ ଉଁଷେଇବ, ଧାନ କୁଟିବ, ଚୁଡା କୁଟିବ। ସନିଆ କାକା ଘରେ ଭୁଜା ଭାଜିବ, ବିରି ବାଟିବ, ବଡ଼ି ଖୁଣ୍ଟିବ, ତାଙ୍କ ବୋହୁର ବାର ହାତିଆ ଚୁଳରେ ବାସନା ତେଲ ମାରି ମୁଣ୍ଡ ବାନ୍ଧିବ।

ବାରମାସରେ ତେର ଓଷା କରିବ, ଚତୁର୍ଦ୍ଦଶୀ ପାଳିବ, ପୁନେଇ ପାଳିବ, ସୁଦଶା ଆଉ ମାର୍ଗଶୀର ଗୁରୁବାରେ ଲକ୍ଷ୍ମୀପାଦ ପକେଇବ, ମକର ମଣ୍ଡା କରିବ, ଚିତଉ, କଥୁ କରିବ।

ଏତିକି କାମ କରି ବି ଜକଜକିଆ, ଚକଚକିଆ ଦେଖା ଯାଉଥିବ ତା ମୁହଁହାତ।

ନିରୁତା ମାଆ ମୋର୍, ପାଠ କହିଲେ ସେ ବୁଝେ ମୋର ପାଠ। ପାହାନ୍ତାରୁ ଉଠେଇ ଦବା, ମୋତେ ସ୍କୁଲ୍ ପଠେଇବା। ଆଉ ମୃଗୁଣୀ ତୁସ୍ତି ଓ ମନବୋଧ ଚଉତିଶା ବୋଲିବା। ବହି ଧରିବା ମୁଁ ଦେଖି ନାହିଁ। ଏସବୁ ମାଆ ମାନଙ୍କର ରକ୍ତରେ ଭେଦି କି ଥାଏ। କଳିଜା ଭିତରେ ନିବୁଜ ହେଇ ରହିଥାଏ, ପୁରୁଷ ପରେ ପୁରୁଷ, ଶ୍ରୁତି ହେଇ।

ଅଥଚ ମାଉସୀ ତ ସଂସ୍କୃତ କହୁଛନ୍ତି ? ପରୀକ୍ଷା ସରୁ, ପଚାରିବି ତାଙ୍କୁ।

ISSN NO.
2582-208X

ଆଉ ତିନିଟା ପରୀକ୍ଷା ବି ହସଖୁସିରେ ସରିଗଲା, ସମର, ଅରବିନ୍ଦ, ଜୀବନ ସମସ୍ତେ ଖୁବ୍ ଖୁସି। ମୋର ମନ ଭିତରେ କଣ୍ଟାଟିଏ ଫୋଡ଼ି ହେଉଥାଏ, ଗଣିତରେ ପ୍ରଥମ ଥର ପାଇଁ ସତାନବେ ଆସିବ।

ବସାକୁ ଆସି ପ୍ରଥମେ ଗଣିତ ବହି ଖୋଲି ସେହି ଉପପାଦ୍ୟ ଉପରେ ନଜର୍ ପକେଇଲି, ଧଡ୍ କିନା ମୋର ଛାତି ଭିତରେ କଣଟାଏ ଖସି ପଡ଼ିଲା। ଉଦାହରଣ ମାଳାର ପଞ୍ଚମ ଉଦାହରଣଟା ତ ଆସିଥିଲା। ମୋ ମୁଣ୍ଡ ଝାଇଁ ଝାଇଁ ମାରି ଦେଉଥିଲା, ସବୁବେଳେ ବିବେକା ମାଷ୍ଟର ଉଦାହରଣ ସବୁ ଦେଖିବାକୁ ନିର୍ଦ୍ଦେଶ ଦେଉଥିଲେ କିନ୍ତୁ ଯେହେତୁ ପ୍ରଶ୍ନମାଳାରେ ମୁଁ ଝୁଣ୍ଟୁ ନଥିଲି ତେଣୁ ଉଦାହରଣକୁ ନଜର୍ ଅନ୍ଦାଜ କରିବା ମୋର ଅଭ୍ୟାସଗତ ହେଇ ଯାଇଥିଲା।

"ଛିଃ, କି କରଲି ମୁଇଁ ଚାଣ୍ଡାଳ, ଦେଖି ଥାଇତି ହେଲେ।"

ଦୀପତଳ ଅନ୍ଧାର,
ସମସ୍ତଙ୍କୁ ଉପଦେଶ ଦେଇ ଦେଉଥିଲି ଅଥଚ

କହି ଦେଉଥାଇ ପରକୁ
ବୁଦ୍ଧି ନ ଦିଶଇ ଘରକୁ

ଆଉ ଆଗକୁ ଦେଖିବାର ଇଚ୍ଛା ମରି ଯାଇଥିଲା, ମନଟା ଆଉଟି ପାଉଟି ହେଉଥିଲା। ତଥାପି ବେମନରେ ଦେଖିଦେଲି,

ଆରେ ????

ଆଃ, ଭଗବାନଙ୍କ ଅଶେଷ କରୁଣା ।

ମୋର ଉତ୍ତର ପୁରା ଠିକ୍ ଥିଲା। ଏତେ ବଡ଼ ଖୁସିଟାକୁ ଜାହିର୍ ନକରି ରହି ପାରୁ ନଥିଲି।

ISSN NO.
2582-208X

ସାମନା କୋଠରୀକୁ ଧାଇଁ ଗଲି। ମାଉସୀ ଚାରିଟା ସରଗି ଦୋନାରେ କ୍ଷୀରି ବାଢ଼ିଥିଲେ।

- ଆୟରେ ବାବୁ, ଏଖେନ୍ ପଠଉଥିଲି ଜୀବନକେ, ତୋକେ ଡାକବାର୍ ନାଗି। ଆୟ ଆୟ, ଆଜ କ୍ଷୀରି ଖାଅ ସମସ୍ତେ।

- ଜୀବନ୍ ରେ, ମୋର୍  ସେଇ ଡିଡକ୍ସନ୍ ଟା ଠିକ୍ ଅଛି ରେ ଭାଇ।

- ବାବୁରେ, ମୁଇଁ ତ ଭାବୁଥିଲି ସେଟା ଠିକ୍ ନି ଥିବ ବୋଲି। ଯାହା ହେଉ ଭଲ୍ ହେଲା। ଆଉ ବାବୁ,  ଘରେ ତୁମର୍  ଆଉ କିଏ କିଏ ଅଛନ୍।

ମିଠା କ୍ଷୀରି ଖାଇ ଖାଇ ଗପ ଚାଲିଲା ହାଲୁକା ମନରେ। ସମସ୍ତେ ଆନନ୍ଦରେ ବିଭୋର। ମେଟ୍ରିକ ପରୀକ୍ଷା ସରିଗଲା, ଗୋଟେ ବଡ଼ ଘାଟି ଜୀବନର ପାରି ହେବାର ବେଳ ଆସି ଯାଇଥିଲା।

ଏଇଠୁ ଭିନ୍ନ ମୋଡ଼୍ ନେବ ଜୀବନ। ଏଇ ଚଉଛକିଟା ନିର୍ଦ୍ଧାରିତ କରିବ ଆଗାମୀ ଜୀବନର ରୂପରେଖ।

କାଳ ବୈଶାଖୀର ସମୟ ଆସି ଯାଇଥିଲା। ଘୁପଘୁପିଆ ଅନ୍ଧାର କରି ଭଣ୍ଡାର କୋଣରୁ ଉଠେଇ ଥିଲା ମେଘ। ମେଘର କଳା ଘୁମର ରୂପ ଦେଖି କବିତ୍ୱ ଜାଗୁଥିଲା ମନରେ । ହେଲେ ମୁଁ କୋଉ ନୀରୁ ଭାଉଜ ହେଇଛି ଯେ ? ଆମେ ସମସ୍ତେ ଗପ କରି କରି ବସିଥିଲୁ ଦାଣ୍ଡ ପିଣ୍ଡାରେ। ଗୋଡ଼ ଝୁଲେଇ। ମାଉସୀ ବସିଥିଲେ ଦୁଇ ଗୋଡ଼କୁ ଲମ୍ବେଇ ଗୋଟାକ ଗୋଡ଼ ଉପରେ ଆଉ ଗୋଡ଼ ରଖି। ଝୁଲି ଝୁଲି ଅତି ସୁଲଳିତ ସ୍ୱରରେ ଗାଉଥିଲେ,

କବିସୂର୍ଯ୍ୟ ବଳଦେବ ରଥଙ୍କର କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ରୁ ପଦେ ଅଧେ,

ISSN NO.
2582-208X

ମୁଁ କୋଉ ଚମ୍ପୁ ଫମ୍ପୁ ଜାଣିଥିଲି ନା କଣ ? ସେଇ ଅନିନାନୀ ସବୁବେଳେ ଟାଣି ବସାଉଥିଲେ, ଆଉ ଜୋର ଜବରଦସ୍ତି ଶୁଣାଉଥିଲେ, ଚମ୍ପୁ, ଚଉତିଶା, ଛାନ୍ଦ, କୋଇଲୀ , ପୋଇ କଣ କଣ ସବୁ। ମାଆ ଅବଶ୍ୟ ମନବୋଧ ଚଉତିଶା ଗାଉଥିଲା ।

ମୋର୍ ସିଆଡେ ଖେଳିବାକୁ ଯିବା ପାଇଁ ମନ ହାଁକୁର୍ ହାଁକୁର୍ ହେଉଥିବ, ଅନିନାନୀ ମୋ ହାତଟାକୁ ଭିଡ଼ି ଧରିଥିବେ,

- ବସ୍, ଶୁଣ୍ ଚୁପକିରି । ଦେଖ୍ ନା କେମତି ସୁନ୍ଦର ଲେଖିଛନ୍ କବି । ଉପେନ୍ଦ୍ର ଭଞ୍ଜଙ୍କ ଅବୁଝା ଶବ୍ଦ ସବୁ ସେ ଯେମିତି ପିଇ ଯାଉଥିବେ । କି ସୁନ୍ଦର ସ୍ୱର କରି ଗାଉଥିବେ,

ଦୂରେ ଥିଲେ ପାଶେ ଅଛୁ ଏହା ଥିବୁ ଘେନି,
କେତେଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ,
ପ୍ରୀତି ଅଭେଦ ତାଙ୍କର
ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର।

ମୁଁ ଆଶ୍ଚର୍ଯ୍ୟ ହୁଏ ନାନୀ ଏତେ ସ୍ୱର, ରାଗ, ସବୁ ଜାଣିଲେ କେମିତି ? ନା ରେଡ଼ିଓ ଥିଲା ନା କୋଉ ଗୀତ ଶିଖୁଥିଲେ ନା ଗୀତ ଶିଖା ଯାଏ ବୋଲି ଜଣା ଥିଲା । ମୋ ମାଆ ଭି ତ ସୁନ୍ଦର ସ୍ୱର କରି ଗାଉଥିଲା, ତେବେ ସେସବୁ ଜ୍ଞାନ ରକ୍ତରୁ ରକ୍ତକୁ ପ୍ରବାହିତ ହେଉଥିଲା ନା କଣ ?

ଘନକୃଷ୍ଣ ମେଘରେ ରହି ରହି ସୁନା ତାର ପରି ବିଜୁଳି ଝଟକି ଉଠୁଥିଲା। ଶୀତଳ ପବନ ମନ ଓ ଶରୀରରେ ସତେ ଯେମିତି ଚନ୍ଦନର ଲେପ ଦେଉଥିଲା। ଆଉ ଏମିତି ରସମୟ, ମଧୁର ମୁହୂର୍ତ୍ତ ମାନଙ୍କୁ ରସାପ୍ଲୁତ କରି ମାଉସୀଙ୍କର ଉଦାସୀ କଣ୍ଠରୁ ଭାସି ଆସୁଥିଲା ଅତ୍ୟନ୍ତ ମଧୁର ଚମ୍ପୁ ଗାୟନ।

ପରମ ପୁରୁଷ କୃଷ୍ଣଙ୍କ ଦର୍ଶନରେ ଅଭିଭୂତା, ବିମୋହିତା ପ୍ରକୃତି ରାଣୀ ରାଧାଙ୍କ ଅଦ୍ଭୁତ ବର୍ଣ୍ଣନା,

ISSN NO.
2582-208X

କି ହେଲାରେ,
କହି ତ ନୁହଁଇ ଭାରତୀରେ,
କାଲି ଯା ଦୂରରୁ ସଖି
କଳନା କଲା ମୋ ଆଖି
କଳା ଇନ୍ଦୀବର ଆରତୀରେ।

କେଳି କଦମ୍ବ ଲତାର
କୋଳେ କେ ଶ୍ୟାମଳ ତାର
ମତେ ସେ  ରବିସୁତାର କିରେ।
କମ୍ପି ମୋର କଳେବର
ହୋଇଗଲା ଆରପାର
ଯାହାକୁ ଡରଇ ତାର ତୀରେ।

ମୋର ମନ ଭାବୁକ ହେଇ ଯାଉଥିଲା । ମାଆର କଳାକଳେବର ଗୀତ ତୁହାଇ ତୁହାଇ କାନରେ ବାଜୁଥିଲା। ଆଉ ମାଉସୀଙ୍କର ଉଦାସୀ କଣ୍ଠ ମଧ୍ୟରୁ  ମୋତେ ଦେଖା ଯାଉଥିଲା ତାଙ୍କର ଉଦାସୀ ମନଟା।

ହଠାତ୍ ଆଖି ଝଲସାଇ ବିଜୁଳିଟାଏ ଚମକି ଗଲା ବେଲଗଛ ଉପର ଦେଇ, ତାକୁ ଅନୁସରଣ କରି ଢୋ କିନା ପ୍ରଚଣ୍ଡ ଶବ୍ଦରେ ମାରିଲା ଏକ ଚଡ଼ଚଡ଼ି, ତାର ଶବ୍ଦ ସରି ନାହିଁ ତା ପଛକୁ ଆହୁରି ଏକ ବଜ୍ର ମାରିଲା ତାଠାରୁ ଆହୁରି ଜୋରରେ।

ମାଉସୀଙ୍କ ଚମ୍ପୁ ଠକ୍ କିନା ବନ୍ଦ ହେଇଗଲା,

- ଆସରେ, ଆସରେ, ଛୁଆମାନେ । ଭିତର କୁ ପଳେଇ ଆସ।

ISSN NO.
2582-208X

ଆମେ ବାରଣ୍ଡା ଭିତରକୁ ପଶିଛୁ କି ନାହିଁ ମୁସଳ ଧାରାରେ ବର୍ଷା ଛେଚିଲା। ତା ସହିତ ପ୍ରବଳ ବେଗରେ ପବନ ବୋହିଲା । ମାଉସୀ ଧଡ୍ କିନା ଯାଇ ମୋ କୋଠରୀର କବାଟଟା କିଳି ଶିକୁଳି ଲଗେଇ ଦେଲେ।

- ଆୟ ଆୟ୍, ଏଟକୁ ଆୟ । ସେଠେ ଏକଲା ରହ ନାଇଁ।

ଥରଥର ହେଉଥିଲା ତାଙ୍କ ଦେହ ଆଉ କଣ୍ଠ।

- ଏଇ ଖେଜରି ଗଛଟା ପଡ଼ି ଯିବ ନାଗୁଛି। ଦେଖୁଛୁ ନାଇଁ କେମତି ଦୋହଲୁଛି।

ମୋ କୋଠରୀ ଉପରକୁ ଟୁରକା (ଗେଡ଼ା) ଖଜୁରୀ ଗଛଟାଏ ନଇଁ ଆସିଥାଏ। ମାଉସୀଙ୍କର ଅହେତୁକ ଭୟ କାଳେ ସେଟା ପଡ଼ି ଯିବ।

- ମାଉସୀ ଏଇଟା ତ ଏଡ଼କି ଟିକେ ଗଛ୍ ଟ ଗୋ। ଏଟା ଥୋଡେ ପଡ଼ବ? ଖେଜରି ଗଛ କି ଏମତି ଭାଙ୍ଗେଇ?

- ଭାଙ୍ଗେଇ ରେ ବାପା, ଭାଙ୍ଗେଇ । କର୍ମ ଖାରାପ୍ ଥିଲେ ଶୁଖଲା ନଦୀରେ ପାଣି ଆସେଇ, ଶୁଖଲା ମେଘରୁ ଚଡ଼କ ମାରେଇ ଆଉ ପୁଆଳ ଦଉଡ଼ି ସାପ ହେଇକିରି ଡଂଶି ଦିଏଇ।

ମାଉସୀ କହୁଥିଲେ ନିଜ ଦୁଃଖ କାହାଣୀ। ଜୀବନର ବାପା ନଥିଲେ। ମାଉସୀ ଏକୁଟିଆ ପାଳିଛନ୍ତି ଜୀବନକୁ। ମାଉସୀ ସେ ସମୟରେ ଷଷ୍ଠ ଶ୍ରେଣୀ ଯାଏ ପଢିଥିଲେ। ପଢିବାର ବହୁତ ଆଗ୍ରହ ଥିଲା। କିନ୍ତୁ ସେ କାଳରେ ମାଉସୀ ଷଷ୍ଠ ପଢିଲେ ଯେ କେତେ ଦୁର୍ନାମ ରଟିଲା, ନିଆଁ ପାଣି ବନ୍ଦ ହେବା ଯାଏଁ କଥା ଗଲା। ଦୁର୍ଭାଗ୍ୟକୁ ଡାକା ହେଉଛି ବୋଲି କଥା ବାହାରିଲା।

ହେଲା ବି ସେମିତି ।

ISSN NO.
2582-208X

କାଉ ରଡ଼ିଲା, ବେଲ ପଡ଼ିଲା ।

ମାଉସୀଙ୍କୁ ଭଲ ଘର ଭଲ ବର ମିଳିଲା । ମଉସା କାମ କରୁଥିଲେ କଲିକତାରେ। ଆସିଥିଲେ ଗାଁକୁ । ସେତେବେଳେ ଜୀବନ ସାତମାସର ଛୁଆ।

ବାଡ଼ିରୁ ଆସୁ ଆସୁ ଶୁଖିଲା ଖଜୁରୀ ଗଛଟାଏ ପଡ଼ିଗଲା ମଉସାଙ୍କ ଉପରେ । ସେ ଯେଉଁ ଯନ୍ତ୍ରଣାଦାୟକ ମୃତ୍ୟୁ!!!

ବଜ୍ର ଖସି ପଡ଼ିଲା ମାଉସୀଙ୍କ ମୁଣ୍ଡରେ। କିନ୍ତୁ ସେ ଧୈର୍ଯ୍ୟହରା ହେଇ ନଥିଲେ । ନିଜର ଅସ୍ତିତ୍ୱ ବଜାୟ ରଖି ଜୀବନକୁ ମଣିଷ କରିବାରେ ମନପ୍ରାଣ ଲଗେଇଦେଲେ। ଜୀବନ କିନ୍ତୁ ଏତେ ଉର୍ବର ମସ୍ତିଷ୍କ ନେଇ ଆସି ନଥିଲା । ତଥାପି ନିଜେ ତାର ସହିତ ପାଠ ପଢ଼ି ଏ ପର୍ଯ୍ୟନ୍ତ ଆଣିବାରେ ସଫଳ ହେଲେ ।

ଜୀବନ ପାସ୍ ତ କଲା କଲା, ଆଗକୁ ମାଉସୀଙ୍କର ସ୍ୱପ୍ନ ଓ କଳ୍ପନାକୁ ସାକାର ମଧ୍ୟ କରିଥିଲା । ସେ ବର୍ତ୍ତମାନ ତାଙ୍କ ଗାଁର ସର୍ବଶ୍ରେଷ୍ଠ ଡାକ୍ତର।

ମୋ ମନ ଖରାପ ହେଇ ଯାଉଥିଲା ତାଙ୍କର କାହାଣୀ ଶୁଣି । ଜୀବନର ଆଖିରୁ ଠପ୍ ଠପ୍ ଲୁହ ପଡୁଥିଲା।

ଆକାଶ ମଧ୍ୟ ଝୋ ଝୋ ହେଇ ବରଷି ଯାଉଥିଲା । ମାଉସୀ ଆଖି ପୋଛି ଉଠୁଥିଲେ ଆମ ପାଇଁ ରନ୍ଧାବଢ଼ା କରିବା ପାଇଁ ।

ଗଣିଆ ଭାଇଙ୍କର ଆସିବାର ଥିଲା । ଆସନ୍ତା କାଲି ତ ଆସି ପାରିବେ ନାହିଁ ମୋତେ ନେବାକୁ। ତାଙ୍କର ସେଣ୍ଟର ସିଆଡେ ଆମ ଗାଁ ସେପାରିରେ ପଡ଼ିଥିଲା। ତେଣୁ କାଲି ଦିନଟା ଏମାନେ ପଳେଇଲେ କେମିତି ରହିବି ବୋଲି ଭାବୁଥିଲି ।

ମାଉସୀ ଅଚାନକ୍ କହିଲେ,

ISSN NO.
2582-208X

କାଲ୍ ଆମେ ଗାଁ ବୁଲତେ ଯିବା, କିଏ ଯିବ ହାତ ଟେକ ।

ମୁଇଁ, ମୁଇଁ, ମୁଇଁ,

ଆମ ରହିଥିବା ଘରର ସାମନାରେ ଥିବା ଘରେ ସାନ ସାନ ଛୁଆମାନେ ମିଶି ବର୍ଷାକୁ ଡାକୁଥିଲେ ଆଉ ରାତିଟାରେ ଖରାକୁ ବି ଡାକୁଥିଲେ,

ଆୟ ପାଣି ଝିଟିପିଟି
କେଁକଡ଼୍ ଖାଏ ଚିଟାମାଟି

ଖରା ଦେ ଚଡ଼ଚଡ଼ିଆ
ରେସୁଣ ପତର୍ ମଡ଼ମଡ଼ିଆ।

ଛୁଆଙ୍କର ବାଳୁତ ସୁଲଭ ଅଜ୍ଞାନତା ଦେଖି ଆମେ ହସି ହସି ଗଡ଼ି ଯାଉଥିଲୁ।

ବର୍ଷା କିନ୍ତୁ ପିଟୁଥିଲା ସାରାରାତି......

କ୍ରମଶଃ .....

ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ସମ୍ଭାବନାର ଦୁନିଆଁ ବୁକୁରେ(ନାରୀଶକ୍ତି)


ନିରୂପମା ପଟେଲ

ସମ୍ଭାବନା ର ଦୁନିଆଁ ବୁକୁରେ
ଆମେରେ ସୂର୍ଯ୍ୟ ସେନା
ଆଗେଇ ଚାଲିଛୁ ଚାଲୁଥିବୁ ଆମେ
ରଖିକି ନୂଆଁ ଭାବନା
ଆମେ, ରଖିକି ନୂଆଁ ଭାବନା ।

ରୋଷେଇଶାଳ ଠୁ ଆରମ୍ଭ କରିକି
ସାମାଜ ର ହିତ ପାଇଁ
ସକଳ ସ୍ଥାନରେ ନାରୀଟିଏ ଲୋଡ଼ା
ଥରେ ଭାବିଚକି କେହି ଭାଇ
ଥରେ ଭାବିଚକି କେହି ଭାଇ ।

ଉଡାଣ ଭରିବୁ ମାଟି ଠୁ ଆକାଶ
ରଚି ଯିବୁ ଇତିହାସ
ଶିକ୍ଷା ଦିକ୍ଷାର ଗହଣା ପିନ୍ଧିକି

ମୁହେଁ ଫୁଟାଇବୁ ହସ
ଆମେ ମୁହେଁ ଫୁଟାଇବୁ ହସ ।

ISSN NO.
2582-208X

ସୁକ୍ଷ୍ମ ନୁହଁ ରେ ମନ ଭାବନାଟି
ନହୁଁ ରେ ଆମେ ଭୀରୁ
ସମସ୍ତ କାର୍ଯ୍ୟରେ ରତ ଅଛୁ ଆମେ
ଆମେ ସମାଜ ର ମହାମେରୁ
ଆମେ ସମାଜର ମହାମେରୁ ।

ଜଳେ ସ୍ଥଳେ ଅବା ଗଗନ ମାର୍ଗରେ
ସବୁଠି ଆଗରେ ଠିଆ
କାଶ୍ମୀର ବୋଡ଼ର୍ ର ରକ୍ଷକ ସାଜିଛୁ
ହସୁଛି ଭାରତ ମାଆ
ଆଜି ହସୁଛି ଭାରତ ମାଆ ।

ଦେଶ ମାତୃକାର ସେବା ଲାଗି ଆମେ
ଅବିରତ ଅଛୁ ଚେଇଁ
ଜାତି, ଧର୍ମ, ବର୍ଣ୍ଣ ଭେଦଭାବ ଭୁଲି
ଆଗକୁ ବଢିବା ପାଇଁ
ଆମେ ଆଗକୁ ବଢିବା ପାଇଁ ।

ସାହସ ର ଆମେ ପ୍ରତିମୂର୍ତ୍ତୀ ଟିଏ
ରହିଛି ଆବାହ କାଳୁ
ନାରୀ ନୁହଁ ଭୀରୁ ନୁହଁ ରେ ପଛୁଆ
ସମ୍ମାନ ଯେ ତାକୁ ମିଳୁ
ସଦା ସମ୍ମାନ ଯେ ତାକୁ ମିଳୁ ।

ମାଧିଆପାଲି, ବଲାଙ୍ଗୀର

ISSN NO.
2582-208X

# ଗଣେଶ ବନ୍ଦନା



ସନ୍ତୋଷ କୁମାର ବେହେରା

ଜୟ ଗଣେଶ,ଜୟ ଗଣେଶ,ଜୟ ଗଣେଶ ଦେବ
ମାତା ତୁମ୍ଭର ପାର୍ବତୀ ଦେବୀ, ପିତା ତୁମ ମହାଦେବ
ଗଣେଶ***ପିତା ତୁମ ମହାଦେବ (୧)

ନମଃ ନମଃ ହେ ଶ୍ରୀଗଣେଶ, ଅଗ୍ର ପୂଜ୍ୟ ବନ୍ଦନ
ଗଉରୀ ନନ୍ଦନ ଗଜାନନ, ମୂଷିକ ତୁମ୍ଭ ବାହନ
ଗଣେଶ***ମୂଷିକ ତୁମ୍ଭ ବାହନ (୨)

ଲମ୍ବ ଉଦର ହେ ଗଣନାଥ, ମଥାରେ ଶୋହେ ମୁକୁଟ
କୋଟି ସୂର୍ଯ୍ୟସମ ମୁଖ ଜ୍ୟୋତି, ଦିଶୁଥାଏ ଝଟ ଝଟ
ଗଣେଶ,****ଦିଶୁଥାଏ ଝଟ ଝଟ (୩)

ଏକ ଦନ୍ତ ହେ ବିଦ୍ୟା ବନ୍ତ, ହେ ବିଘ୍ନ ବିନାଶନ
ଦିଅ ହେ ବିଦ୍ୟା, ଦିଅ ହେ ଜ୍ଞାନ, ଅଜ୍ଞାନ କର ଖଣ୍ଡନ
ଗଣେଶ****ଅଜ୍ଞାନ କର ଖଣ୍ଡନ (୪)

କପସିଲ୍, ତୁଷୁରା, ବଲାଙ୍ଗିର
ଫୋନ:ନ:-୭୭୩୫୭୧୫୧୦୭

ISSN NO.
2582-208X

# ପୁରୁଣା ସମୟ



ସୋନାଲି ଶୁଚସ୍ମିତା ମହାନ୍ତ

ପୁରୁଣାରୁ ନୂଆ ଆଗ୍ରହରେ କରୁ ଆପଣାର
କଛି ଦିନ ଗଲେ ହୁଏ ସେ ଅସାର
ମନେ ପଡେ ପୁଣି ସେହି ଅତୀତ ଆମର
ଝୁରି ହେଉ ଆମେ ଖୋଜୁ ସେହି ସମୟ
ସିଂହରଣେ ଫୁଟେ ପୁଲକ
ଏଇ ଆମ ପୁରୁଣା ସମୟ
ଆଗରୁ ଚଠିରେ ଥିଲ୍ କେତେ ଆଦର
ଅପେକ୍ଷାର ଥିଲ୍ ଏକ ମଧୁର ମିଳନ
ଧର୍ଯ୍ୟର ପାହାଡ଼ ଉପରେ ଥିଲ୍ ସୁଖର ସଂସାର
ଆଜି ଆମ ପାଖେ ରହିଛି ମୋବାଇଲ ଫୋନ
ଏକ ସେକେଣ୍ଡରେ ହୁଏ ଯୋଗାଯୋଗ
ସମୟର ଆଜି ଘୋର ଅଭ୍ଵବ
ପାଖରେ ଥାଇ ସବୁ ଜିନଷ
ଆଦର ନକରି କରୁ ହତାଦାର
ସ୍ଥିର ନାହିଁ ଅସ୍ଥିର ଏ ପଞ୍ଚଭୂତ
ସମୟକୁ କରିଲେଣି ତାଙ୍କ ହାତେ ଅକ୍ତିଆର
ଆସ ଆମେ ଆମ ନଜକୁ ସମ୍ଭାଳବା
ପଞ୍ଚଇନ୍ଦ୍ରିୟ ରୂପୀ ପାଞ୍ଚବିକାରକୁ ଦମନ କରିବା
ସମୟର ଅଭାବ ନାହିଁ ଆଜି
ଆଳସ୍ୟ ପଣେ ପାଇବାର ଇଛା ପଣେ

ISSN NO.
2582-208X

ଲାଭ କ୍ଷତିର ହଜାର ହଜାର ଭାବନାରେ
ଦୁର୍ବଳ ଆଜି ଆମେ ସବୁ ଥାଇ କିଛି ନାହିଁ ପାଖେ
ଆପଣାର ସାମର୍ଥ୍ୟ ଅନୁସାରେ ପଦ ପଦବୀ ମିଳେ
କିନ୍ତୁ ଶାନ୍ତି ଅନୁଭବ ହୁଏ ସମସ୍ତଙ୍କୁ ସମାନ ଭାବେ
ସେହି ଶାନ୍ତିର ଅନେସ୍ୱଣରେ
ଚାଲ ଆଜି ଟିକେ ମିଠା କଥା କହି
ନିଜେ ମିଠା ହୋଇ ଅନ୍ୟକୁ ମିଠା ବନେଇବା
ସମସ୍ତଙ୍କ ମଙ୍ଗଳ କାମନା କରି
ଏ ଜଗତକୁ ଆପଣାର କରିବା
ପୁରୁଣା ସମୟକୁ ଫେରିଯିବା
ଚାଲ ଭାଇ ଭଉଣୀ ସମସ୍ତେ ଏକ ହେବା
ମିଳମିଶି କରି ଶାନ୍ତିର ପ୍ରତିଷ୍ଠା କରିବା

ଜଗତସିଂହପୁର

ISSN NO.
2582-208X

# ପ୍ରବନ୍ଧ : ମନ



ବାସନ୍ତୀ ଲତା ଜେନା

ସ୍ରଷ୍ଟାଙ୍କର ସୃଷ୍ଟି ଅପୂର୍ବ ଶୋଭାର ଭଣ୍ଡାର । ପ୍ରକୃତି ସୁନ୍ଦରୀକୁ ସଜାଇଛନ୍ତି ମନଲୋଭା ପରିପାଟୀ ଦେଇ । ରଙ୍ଗ ରୂପର ସୁନ୍ଦର ଚିତାକର୍ଷକ । ଧରଣୀକୁ ସଜାଇଛନ୍ତି ନବ ବଧୂ ପରି । ପାଦପର ସବୁଜିମା ହୃଦୟକୁ ଉତ୍ ଫୁଲିତ କରେ । ଝରଣାର କୁଳୁତାନ ମନକୁ ହରଣ କରେ । ସାଗରର ନୀଳ ଢେଉ ବେଳା ଭୂମିରେ ମୁଣ୍ଡ ପିଟେ । ନର ପଶୁ ପକ୍ଷୀ କୀଟ ତରୁ ଲତା ସବୁରିଙ୍କ ମନ ଆନନ୍ଦରେ ପୂରି ଉଠେ । ସବୁ ଜୀବ ମଧ୍ୟରେ ଭଗବାନ ମାନବକୁ ସର୍ବ ଶ୍ରେଷ୍ଠ ପ୍ରାଣୀ ଭାବରେ ଗଢିଛନ୍ତି । ତାକୁ ବୁଦ୍ଧି, ଜ୍ଞାନ, ବିବେକ ଦେଇଛନ୍ତି । ଭାବନାର ଉପବନରେ ଘୂରି ବୁଲିବା ପାଇଁ ସୁନ୍ଦର ମନଟିଏ ଦେଇଛନ୍ତି । ଏଇ ମନ ସର୍ବଦା ଚଳଚଞ୍ଚଳ । ମନର ବେଗ ପବନର ବେଗ ଠାରୁ ମଧ୍ୟ ତୀବ୍ରତର । କ୍ଷଣକେ ସେ ବିଶ୍ୱ ବ୍ରହ୍ମାଣ୍ଡ ଭ୍ରମଣ କରି ପାରେ । କଥାରେ କହନ୍ତି : -

ଏଇ ମନ ବୃନ୍ଦାବନ ଏଇ ମନ କାଶି
ଏଇ ମନ ବଦ୍ରୀନାଥ ପୁରୀ ବାରଣାସୀ,
ଏ ମନ ଜଳର ସ୍ରୋତ
ବେଗ ପବନର
ଏ ମନ ସମୟ ନଇ
ଚିନ୍ତା ଚେତନାର ।

ISSN NO.
2582-208X

ମନୁଷ୍ୟର ମନ ଥିବାରୁ ସେ ସ୍ୱପ୍ନ ଦେଖେ । ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରାଣ ପଣେ ଚେଷ୍ଟା କରେ । ରାତି ଦିନ କର୍ମ କରେ । ଚଞ୍ଚଳ ମନକୁ ସଂଯତ ରଜ୍ଜୁରେ ବିବେକ ବାନ୍ଧି ରଖେ । ଭଲ ମନ୍ଦ, ହାନି - ଲାଭ, ଘଟଣା - ଦୁର୍ଘଟଣା, ନିନ୍ଦା - ପ୍ରଶଂସାର ପରଖ ଶିଖାଏ । ମନ ସ୍ମୃତିକୁ ସାଇତି ରଖେ । ମଧୁର ସ୍ମୃତି ମନକୁ ଆନନ୍ଦିତ କରେ । ତିକ୍ତ ସ୍ମୃତି ମନକୁ ବିଷାଦରେ ଭରି ଦିଏ । ଚକ୍ଷୁରୁ ଲୁହ ଝରାଏ । ମନ ଯାହା ଚାହୁଁ ଥାଏ, ତାକୁ ଯଦି ମିଳି ଯାଏ ସେ ଆନନ୍ଦିତ ହୁଏ । ଖୁସିରେ ଝୁମି ଉଠେ । ଯେଉଁ କାର୍ଯ୍ୟ ମନୁଷ୍ୟ ଆରମ୍ଭ କରେ ସେ କାମଟି ଶେଷ ହୋଇ ଗଲେ ବା କର୍ମର ଫଳ ତାକୁ ମିଳି ଗଲେ ସେ ଉଲ୍ଲସିତ ହୁଏ । ମନ ଦୃଢ଼ ଥିଲେ ଇଛା ଶକ୍ତି ଜାଗ୍ରତ ହୁଏ । ଅସାଧ୍ୟ ସାଧନ କରିବାକୁ ବ୍ୟକ୍ତି ଚେଷ୍ଟା କରେ । ମନ ନିର୍ମଳ ଥିଲେ ହୃଦୟରୁ ଅମୃତର ବାଣୀ ଝଙ୍କୃତ ହୁଏ । ମିଠା ମିଠା କଥା କହି ସେ ଜନମନ ହରଣ କରେ । କଥାରେ କହନ୍ତି : - ମନ ଯଦି ଚେଙ୍ଗା ଗୋବର ଗଢ଼ିଆ ଗଙ୍ଗା ।

ମନ ଭଲ ଥିଲେ ଏ ସାରା ସଂସାର ଏକ ପରିବାର ଭଳି ଲାଗେ । ସମସ୍ତେ ନିଜର ନିଜର ଲାଗନ୍ତି । ଭଗବାନ ପ୍ରତ୍ୟେକ ମଣିଷକୁ ପାଞ୍ଚଟି ଇନ୍ଦ୍ରିୟ, ପାଞ୍ଚଟି ମନରେ ପଚିଶୀ ପ୍ରକୃତି ଦେଇଛନ୍ତି । ମନ ଭଲ ଦିଗରେ ଗଲେ ଭଲ କାମ କରେ । ମନ ଖରାପ ମାର୍ଗରେ ଗଲେ ଖରାପ କାମ କରେ । ମନ ସ୍ୱାର୍ଥକୁ ତ୍ୟାଗ କଲେ ପରୋପକାରୀ ହୁଏ । ତା ମନରେ ଦୟା, କ୍ଷମା, କରୁଣା, ସତ୍ୟ, ଧର୍ମ, ନ୍ୟାୟ ଜାଗ୍ରତ ହୁଏ । ଦେବ ଗୁରୁଜନ ପ୍ରତି ସମ୍ମାନ, ଶ୍ରଦ୍ଧା, ଭକ୍ତି ଉଦ୍ରେକ ହୁଏ । ସାନ ପ୍ରତି ସ୍ନେହାଶ୍ରୀର୍ବାଦ ଝରିପଡ଼େ । ମନ ଯଦି କଳୁଷିତ ହୁଏ ରାଗ, କ୍ରୋଧ, ହିଂସା, ଈର୍ଷା, ଦ୍ୱେଷ, ପରଶ୍ରୀକାତରତା ଉଦ୍ରେକ ହୁଏ । ସ୍ୱାର୍ଥନ୍ୱେଷି ମନୁଷ୍ୟ ବିଭେଦର ପ୍ରଚେରୀ ସୃଷ୍ଟି କରେ । ଅନ୍ୟକୁ ଦୁଃଖ ଦେଇ ନିଜେ ସମୃଦ୍ଧିଶାଳୀ ହେବାକୁ ଚାହେଁ । ପରଧନ ଲୁଣ୍ଠନ କରି ପତିପତିଶାଳୀ ହେବାକୁ ଚାହେଁ । ଗର୍ବ ଅଂହକାର ତା ମନରେ ଭରି ଯାଏ । ସେ ନିଜକୁ ଶ୍ରେଷ୍ଠ ବୋଲି ମନେ କରେ । ତାର ମନ ସ୍ୱଚ୍ଛାଚାରୀ ହୋଇ ଯାଏ । ମନ କଳୁଷିତ ହେଲେ ନର ଗର୍ବି, ଅହଂକାରୀ ହୁଏ । ଧରାକୁ ସରା ମନେ କରେ । ତାର ଯଶ ଖ୍ୟାତି ଲୁପ୍ତ ହୁଏ । ସେ ଜନ ସମାଜର ଘୃଣାର ପାତ୍ର ହୁଏ । ଲୋକେ ତାକୁ

ISSN NO.
2582-208X

ଡରନ୍ତି । କିନ୍ତୁ ଶ୍ରଦ୍ଧା କରନ୍ତି ନାହିଁ । କଳୁଷିତ ମନ ଦୁଷ୍କର୍ମ କରେ । ସେ ପାପାଚାରୀ ହୁଏ । ଚୋରି, ଡକାୟତି ହତ୍ୟାର ତାଣ୍ଡବ ଲୀଳା କରେ । ସ୍ୱେଚ୍ଛାଚାରୀ ମନ ପାଇଁ କୌରବ ବଂଶ ଧ୍ୱଂସ ହୋଇ ଗଲା । ରାବଣ ମହା ପଣ୍ଡିତ ହୋଇ କଳଙ୍କର ଟିକା ମଥାରେ ନାଇଲା ।ଆଉ ସଂଯତ ମନ ପାଇଁ ଶ୍ରୀ ରାମ ପ୍ରଜାନୁରଞ୍ଜନ ରାଜା ହୋଇ ଥିଲେ । ତ୍ୟାଗ ମନ ପାଇଁ ଦଧୀଚି ନିଜ ଅସ୍ଥି ଦାନ କରି ଥିଲେ । ଭାଗିରଥି ଗଙ୍ଗା ଦେବୀଙ୍କୁ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣି ଥିଲେ । ସ୍ୱଚ୍ଛ ମନ ପାଇଁ ଶ୍ରୀଜଗନ୍ନାଥ ବନ୍ଧୁ ମହାନ୍ତିଙ୍କୁ ଭୋଗ ଥାଳି ଯାଚି ଦେଇ ଥିଲେ । ଦାସିଆ ବାଉରୀ ହାତରୁ ନଡ଼ିଆ ଗ୍ରହଣ କରିଥିଲେ । ବଳରାମ ଦାସ ପିଠିରେ ଚଢ଼ି ଜଗନ୍ନାଥ ଆମ୍ବ ତୋଳି ଥିଲେ । ସ୍ୱଚ୍ଛ ମନ ପାଇଁ ହନୁମାନ ରାମ ସୀତାଙ୍କୁ ଛାତି ଚିରି ଦେଖାଇ ପାରି ଥିଲେ ।

ଯା' ମନରେ ସୁଶୀଳତା ଥାଏ ତାର ମନ ନମ୍ର, ଶାନ୍ତ ଓ ସରଳ ଥାଏ । ସେ ନିଜ ଠାରୁ ଅନ୍ୟର କଥା ବେଶୀ ଚିନ୍ତା କରେ । ଜାତି, ଦେଶ ପାଇଁ ଆବଶ୍ୟକ ପଡିଲେ ପ୍ରାଣ ବଳି ଦିଏ । ଅନାହାରକୁ ଖାଇବାକୁ ଦିଏ । ଦୁଃଖି ରଙ୍କିଙ୍କର ସେବା କରେ । ଲୋକ ମାନଙ୍କ ସହିତ ମିଳି ମିଶି ପର୍ବ ପର୍ବାଣୀ, ସଂସ୍କୃତି, ପରମ୍ପରା ପାଳନ କରି ଥାଏ । ବିପଦ ଆପଦରେ ସହ ଯୋଗର ହାତ ବଢ଼ାଇ ଥାଏ । ନିଜ ଲୋକ ପରି ପାଖରେ ଛିଡା ହୋଇ ଥାଏ, ଉତ୍ତମ ବନ୍ଧୁଟିଏ ପରି ।

ଯାହାର ମନ ବିଶୁଦ୍ଧ ସେ ସମ୍ପର୍କର ଡୋରିକୁ ଅଧିକ ଗୁରୁତ୍ୱ ଦିଏ । ପିତା ମାତା, ଭାଇ, ଭଉଣୀ, ଆତ୍ମୀୟ ସ୍ୱଜନ, ବନ୍ଧୁ, ବାନ୍ଧବ, ସାଙ୍ଗ, ସାଥି ସ୍ନେହ, ଶ୍ରଦ୍ଧା, ପ୍ରେମରେ ବାନ୍ଧି ରଖି ଥାଏ । ଭାଗବତରେ କୁହା ଯାଇଛି : -

ମନ ମୋର ନିଜ ଗୁରୁ
ଉଦ୍ଧବ କେତେ ତୁ ପଚାରୁ ।

ISSN NO.
2582-208X

ସକଳ କାର୍ଯ୍ୟରେ ଗୁରୁ ହୋଇ ଥାଏ ନିଜ ମନ । ମନ ଠାରୁ ବଡ଼ କେହି ନାହିଁ । ମନ ଘେନି କର୍ମ ଫଳ । ଯିଏ ସତ୍ୟବାଦୀ, ନିଷ୍ଠାପର, ସୁଚରିତ୍ର ତାର ମନ ସ୍ୱଛ ଗଙ୍ଗାଜଳ ପରି ହୋଇ ଥାଏ ପବିତ୍ର । ଲେଖକଙ୍କ ଭାଷାରେ :-

ଯା' ମନ ଯେପେରି ହୋଇ ଥାଏ ସ୍ଥିତି
ଫଳ ଲଭେ କର୍ମେ ମତି
ଉଚ୍ଚ ମନା ଉଚ୍ଚ ଅମୃତ ଲଭଇ
ନୀଚ ମନାର ଦୁର୍ଗତି ।

ମନ ଭବ ଉଦ୍ୟାନରେ ସୁନ୍ଦର ପ୍ରସ୍ଫୁଟିତ ଫୁଲଟିଏ । ତାକୁ ନର ଯେଉଁ ରୂପରେ ଦେଖେ ସେ ସେହି ପଥ ଦେଖାଏ । ମନ ସ୍ୱଜାତ ପ୍ରବୃତି । ଭଗବାନଙ୍କର ଦାନ । ଗୁରୁଜନଙ୍କର ଆଦେଶ ପାଳନ କଲେ, ସନ୍ଥ ଲୋକଙ୍କର ପ୍ରବଚନ ଶୁଣିଲେ, ଆଦର୍ଶ ବ୍ୟକ୍ତିଙ୍କର ଜୀବନୀ ପଢିଲେ ମନରେ ସ୍ଥିରତା ଆସେ । ବ୍ୟକ୍ତି ଧର୍ମ ପରାୟଣ ହୁଏ । ସେ ସତ କହିବା, ସତ ଶୁଣିବାକୁ ପସନ୍ଦ କରେ ।

ମନ ପରମେଶ୍ୱର ଭଗବାନଙ୍କୁ ଚିନ୍ତା କଲେ, ତାଙ୍କର ଗୁଣ ଗାନ କଲେ, ନାମ ଜପିଲେ ସଂସାର ରୂପକ ଭବ ସାଗରରୁ ମୁକ୍ତି ମିଳି ଥାଏ । ସେଥିପାଇଁ ମନକୁ ଈଶ୍ୱରଙ୍କ ଚରଣରେ ସମର୍ପଣ କରିବାକୁ ହୁଏ ।

ଗାନ୍ଧୀନଗର, ନବରଙ୍ଗପୁର

ISSN NO.
2582-208X

# ମୁଁ ଯେବେ ବାହୁଡ଼ିବି



ଡ. ଅଭିମନ୍ୟୁ କାନୁନଗୋ

ମୁଁ ଯେବେ ବାହୁଡ଼ିବି ଅଫେରା ପଥରେ,
ଶିଥିଳ ଥିବ ମୋର ପାର୍ଥିବ ଶରୀର,
ନିସ୍ତବ୍ଧ ସ୍ଥାଣୁ ଆଉ ନଥିବ ଶିବଙ୍କର ସତ୍ତା,
ଥିବ ଯାହା ଅତୀତ ବେଳାଭୂମିରେ ସ୍ମୃତିର ପାଦ ଚିହ୍ନ,
ତାହା ପୁଣି ନିମିଷକ ପାଇଁ,
ଉତ୍ତାଳ ଲହଡ଼ିରେ ଯିବ ପୁଣି ଧୋଇ ।।

ନଥିବ ମୋ ସତ୍ତା ହେଲେ ବଞ୍ଚିଥିବି ମୁହିଁ,
ଆତ୍ମଜ ର ନୟନ ଅଶ୍ରୁରେ,
ଭ୍ରାତୃ ଭଗ୍ନୀ ଆତ୍ମୀୟଙ୍କ ସ୍ମୃତି ଚାରଣରେ,
ସହୋଦର କୁଟୁମ୍ବଙ୍କ ଆହା ପଦ ଧାରେ,
ଆଉ ପୁଣି ଶତ୍ରୁଙ୍କର କଟୁ କଟାକ୍ଷରେ ।।

ନଥିବ ମୋ ସତ୍ତା ହେଲେ ବଂଚିଥିବି ମୁହିଁ,
ଅନନ୍ତର କାଳିମା ଶୂନ୍ୟରେ,

ISSN NO.
2582-208X

ସ୍ୱହସ୍ତ ର କଳା ସ୍ଥାପତ୍ୟ ରେ,
ସୁଧି ଶ୍ରୋତା କର୍ଣ୍ଣ ପାରୁଷରେ,
କର୍ମର ଯଶ କୀର୍ତ୍ତି ଧାରେ,
ଛାତ୍ରଟି ର ଲିଖନୀ ମୁନରେ,
ଉପକୃତ ରୋଗୀଟିର ସ୍ମୃତି ଚିନ୍ତନରେ
ଆଉ ପୁଣି ଚିତ୍ର ଟିଏ ହୋଇ,
ପ୍ରୀୟସୀର ମାନସ ପଟରେ ।।

ନଥିବ ମୋ ସ୍ଥିତି ହେଲେ ବଂଚିଥିବି ମୁହିଁ,
ପାଠକ ମନ ତଳ ଅଣୁ କବିତାରେ,
ରୋପିଥିବା ବୃକ୍ଷଟିର ଫଳର ସ୍ୱାଦ ରେ,
ଆଉପୁଣି ମୋ ପରପିଢ଼ି ଆବାହନ ମନ୍ତ୍ରର ସ୍ୱରେ,
ଅମାବାସ୍ୟା ଅନ୍ଧାରର ଦୀପ ଆଲୁଅରେ ।।

ଆକାଶବାଣୀ ପୁରୀ
ମୋବାଇଲ ନମ୍ବର ୮୮୯୫୪୫୦୧୧୭

ISSN NO.
2582-208X

# ଶ୍ରୀ ଅଞ୍ଜନେୟ ମଙ୍ଗଳାଷ୍ଟକମ୍



ଅଭିଳାଷ ବାରିକ୍

କପିଶ୍ରେଷ୍ଠାୟ ଶୂରାୟ ସୁଗ୍ରୀବପ୍ରିୟମନ୍ତ୍ରିଣେ ।
ଜାନକୀଶୋକନାଶାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୧॥

ମନୋବେଗାୟ ଉଗ୍ରାୟ କାଳନେମିବିଦାରିଣେ ।
ଲକ୍ଷ୍ମଣପ୍ରାଣଦାତ୍ରେ ଚ ଆଞ୍ଜନେୟାୟ ମଙ୍ଗଳମ୍ ॥ ୨॥

ମହାବଳାୟ ଶାନ୍ତାୟ ଦୁର୍ଦ୍ଦଣ୍ଡୀବନ୍ଧମୋଚନ।
ମୈରାବଣବିନାଶାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୩॥

ପର୍ବତାୟୁଧହସ୍ତାୟ ରାକ୍ଷଃକୁଳବିନାଶିନେ।
ଶ୍ରୀରାମପାଦଭକ୍ତାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୪॥

ବିରକ୍ତାୟ ସୁଶୀଳାୟ ରୁଦ୍ରମୂର୍ତ୍ତିସ୍ୱରୂପିଣେ ।
ଋଷିଭିସ୍ସେବିତାୟାସ୍ତୁ ଆଞ୍ଜନେୟାୟ ମଙ୍ଗଳମ୍ ॥ ୫॥

ଦୀର୍ଘବାଳାୟ କାଳାୟ ଲଙ୍କାପୁରବିଦାରିଣେ ।
ଲଙ୍କୀଣୀଦର୍ପନାଶାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୬॥

ISSN NO.
2582-208X

ନମସ୍ତେଽସ୍ତୁ ବ୍ରହ୍ମଚାରିନ୍ ନମସ୍ତେ ବାୟୁନନ୍ଦନ।
ନମସ୍ତେ ଗାନଲୋଲାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୭॥

ପ୍ରଭବାୟ ସୁରେଶାୟ ଶୁଭଦାୟ ଶୁଭାତ୍ମନେ।
ବାୟୁପୁତ୍ରାୟ ଧୀରାୟ ଆଞ୍ଜନେୟାୟ ମଙ୍ଗଳମ୍ ॥ ୮॥

ଆଞ୍ଜନେୟାଷ୍ଟକମିଦଂ ଯଃ ପଠେତ୍ସତତଂ ନରଃ।
ସିଦ୍ଧ୍ୟନ୍ତି ସର୍ବକାର୍ଯ୍ୟାଣି ସର୍ବଶତ୍ରୁବିନାଶନମ୍ ॥ ୯॥

ଓଁ ନମୋ ଭଗବତେ ବାସୁଦେବାୟ

ସଂଗ୍ରାହକ ଅଭିଲାଷ ବାରିକ୍, ଗ୍ରାମ ମହୁ,
ପୋଷ୍ଟ ମହୁ, ଥାନା ଆଲ୍,
କେନ୍ଦ୍ରାପଡ଼ା

ISSN NO.
2582-208X

# ଗୋପୀନାଥ ମହାନ୍ତିଙ୍କ ଉତ୍କଳମଣି: ଏକ ବିହଙ୍ଗାବଲୋକନ

ଡ଼କ୍ଟର ସ୍ୱାଧୀନ ଚନ୍ଦ୍ର ପଧାନ

ଓଡିଆ ସାହିତ୍ୟରେ ଜୀବନୀ ଓ ଆତ୍ମଜୀବନୀ ଏକ ସର୍ବୋକୃଷ୍ଟ ତଥା ରସାଳତମ ବିଭାଗ। ବିଶେଷତଃ ମହାନ ପୁରୁଷମାନଙ୍କ ଜୀବନାଦର୍ଶକୁ ଉତ୍ ଘାଟନ କରି ପାଠକ ସମାଜକୁ ନୂତନ ଦିଗ୍ ଦର୍ଶନ ଦେବା ଏ ସାହିତ୍ୟର ପ୍ରମୁଖ ଉଦ୍ଦେଶ୍ୟ । ଜୀବନୀ ସାହିତ୍ୟରେ ମୁଖ୍ୟତଃ ଜଣେ କବି ବା ଲେଖକ ଅନ୍ୟ ଜଣେ ମହାନବ୍ୟକ୍ତିଙ୍କ ଜୀବନ ଚରିତକୁ ଉପଜୀବ୍ୟ କରି ସାହିତ୍ୟସୌଧ ତିଆରି କରୁଥିବା ବେଳେ, ଆତ୍ମଜୀବନୀରେ ଜଣେ ଲେଖକ ନିଜ ଜୀବନର ଅଙ୍ଗେନିଭା ବାସ୍ତବ ଘଟଣାବଳୀର ରୂପାୟନ କରେ । ପ୍ରକୃତରେ ଦେଖିବାକୁ ଗଲେ ଉଭୟ ଜୀବନୀ ଓ ଆତ୍ମଜୀବନୀ ସାହିତ୍ୟରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଜୀବନର ମହତ୍ତ୍ୱ, ଚରିତ୍ରବତ୍ତା, ଉତ୍ତମଗୁଣାବଳୀ ଓ ପରୋପକାର ସତ୍ତାକୁ ଦେଖେଇ ଦିଆଯାଏ । କେବଳ ଗୋଟିଏ ଲେଖକର ଆଲୋକ ଦିଗକୁ ଉଦଘାଟନ କରି ଅନ୍ଧାରିଦିଗକୁ ବାଦ ଦେଲେ ଏ ସାହିତ୍ୟର ପ୍ରକୃତ ସାରବତ୍ତା ନଷ୍ଟ ହୁଏ । ତେଣୁ ଲେଖକଟିଏ ସବୁବେଳେ ଧ୍ୟାନଦିଏ ଯେ ଜୀବନୀ ହେଉ ବା ଆତ୍ମଜୀବନୀ ସେ ବାସ୍ତବ କଥାକୁ ପ୍ରାଧାନ୍ୟ ଦେବ ଓ ପ୍ରକୃତ ସତ୍ୟାସତ୍ୟକୁ ଚିକିନିଖି ଭାବରେ ପାଠକ ସମ୍ମୁଖରେ ଉପସ୍ଥାପନ କରିବ । ଜୀବନୀ ସାହିତ୍ୟ ରଚନା କଲାବେଳେ ଗବେଷଣାତ୍ମକ ଦୃଷ୍ଟିଭଙ୍ଗୀ ଅତ୍ୟନ୍ତ ଜରୁରୀ । କାରଣ ଗବେଷକଟିଏ ଯେପରି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଗବେଷଣା କାର୍ଯ୍ୟ କରିଥାଏ ଓ ଶେଷପର୍ଯ୍ୟନ୍ତ ଧୈର୍ଯ୍ୟହରା ନହୋଇ ପୁଙ୍ଖାନୁପୁଙ୍ଖ ବିବରଣୀ ଉପସ୍ଥାପନ କରେ । ଠିକ୍ ସେହିପରି ଜୀବନୀକାର ନିଜର ପ୍ରତ୍ୟକ୍ଷ ଅନୁଭୂତିରୁ ହେଉଅବା ପରୋକ୍ଷ ଭାବେ ଶୁଣିକରି ହେଉ ଜୀବନୀ ସାହିତ୍ୟ ରଚନା କରିବାର ମନୋବୃତ୍ତି ରଖେ, ତେବେ ତାକୁ ଯଥାସାଧ୍ୟ ସତ୍ୟାସତ୍ୟକୁ ଗୁରୁତ୍ୱଦେଇ ପ୍ରକୃତ ବାସ୍ତବତାକୁ ଉନ୍ମୋଚନ କରିବାର ଅଭୀପ୍ସା ରଖେ । ଇଂରାଜୀରେ ମଧ୍ୟ କୁହାଯାଇଛି –"A biography, or simply bio, is a detailed description of a persons life. It involves more than just the basic facts like education, work,

ISSN NO.
2582-208X

realationships, and death; it portrays a persons experience of these life events, work, in diverse media, from literature to film, from the genre known as biography."(1) ଏଥିରୁ ସ୍ପଷ୍ଟ ଅନୁମେୟ ହୁଏ ଯେ ଜୀବନୀ ସାହିତ୍ୟରେ ବ୍ୟକ୍ତି ବିଶେଷଙ୍କ ଚରିତ୍ରବତ୍ତା ସହିତ ସେମାନଙ୍କ ମହତ୍ତର ଗୁଣାବଳୀକୁ ଉଦ୍ ଘାଟନ କରିବା ହିଁ ଗୋଟିଏ ଲେଖକର ପ୍ରମୁଖ ଲକ୍ଷ୍ୟ ହୋଇଥାଏ । ପୁଣି ଇଂରାଜୀରେ କୁହାଯାଇଛି -" The story of a real person's life written by someone other then that person."(2)ଏ ମନ୍ତ୍ୟବର ସାରବତ୍ତା ଜୀବନୀ ସାହିତ୍ୟର ପ୍ରଜୁର୍ଯ୍ୟ । ଜୀବନୀ ସାହିତ୍ୟ ସଂପର୍କରେ ସ୍ୱକୀୟ ମତପ୍ରଦାନ କରି ବିଶିଷ୍ଟ ସମାଲୋଚକ ଅଧ୍ୟାପକ ପଠାଣି ପଟ୍ଟନାୟକ କହନ୍ତି-" ଜୀବନ ଚରିତରେ ସତ୍ୟର ଆଭାସ ନରହିଲେ ତାହା ବ୍ୟକ୍ତି ଓ ସମାଜକୁ ତାହା ପ୍ରଭାବିତ ଅନୁପ୍ରାଣିତ କରିପାରିବ ନାହିଁ। ପାଶ୍ଚାତ୍ୟ ଶିକ୍ଷା ଓ ବସ୍ତୁବାଦୀ ଦର୍ଶନର ପ୍ରଭାବରେ କ୍ରମଶଃ ଓଡିଶାର ଲେଖକମାନେ ଆଧିଦୈବିକ ଉପାଖ୍ୟାନ ପରିତ୍ୟାଗ କରି ଜୀବନ ଚରିତରେ ସତ୍ୟର ଜୟଗାନ କରିବାକୁ ବଦ୍ଧପରିକର ହୋଇଛନ୍ତି । ପଡୋଶୀ ଭାଷାମାନଙ୍କରେ ପ୍ରକାଶିତ ବିଖ୍ୟାତ ଜୀବନଚରିତର ଅନୁବାଦ ଫଳରେ ଓଡିଆ ଲେଖକ ମାନଙ୍କର ଦଷ୍ଟିକୋଣ ମଧ୍ୟ ପ୍ରସାରିତ ହୋଇଅଛି । ବିଶେଷକରି ପାଶ୍ଚାତ୍ୟ ସାହିତ୍ୟ ଏ ଦିଗରେ ଅଧିକ ସାହାଯ୍ୟ କରିଛି ।"(୩)ଆଜି ଜୀବନୀ ସାହିତ୍ୟ ଯେ କେବଳ ସାହିତ୍ୟ ଭିତରେ ସୀମାବଦ୍ଧ ହୋଇ ରହିନାହିଁ, ବରଂ ବହୁ ପ୍ରସାରିତ ହୋଇ ବ୍ୟକ୍ତିମାନସର ଚିନ୍ତାଚେତନାକୁ ମଧ୍ୟ ପ୍ରଭାବିତ କରିବାରେ ସକ୍ଷମ ହୋଇଛି । ଜୀବନୀ ସାହିତ୍ୟ ରଚନା କଲାବେଳେ ଲେଖକକୁ କେତେଗୁଡିଏ ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ପଡିଥାଏ, ନଚେତ ଜୀବନୀଚରିତଟି ରସହୀନ ହେବା ସଙ୍ଗେସଙ୍ଗେ ପାଠକର ଆଦୃତି ଲାଭ କରିପାରେ ନାହିଁ । ଏ ସଂପର୍କରେ ସମାଲୋଚକ ପଠାଣି ପଟ୍ଟନାୟକଙ୍କ ମତ ପ୍ରଣିଧାନ ଯୋଗ୍ୟ । ସେ କହନ୍ତି - "ଆତ୍ମଚରିତ ଲେଖକ ଅପେକ୍ଷା ଜୀବନ ଚରିତର ଲେଖକ ଅଧିକ ସାବଧାନ ହୁଏ । ସେ ବିଷୟବସ୍ତୁ ନିର୍ବାଚନରେ ବିଚକ୍ଷଣତା ପ୍ରଦର୍ଶନ ନକଲେ ଉଲ୍ଲେଖଯୋଗ୍ୟ ଘଟଣାବଳୀ ବାଦ୍ ପଡି ଯାଇପାରେ । ଗୁରୁତ୍ୱପୂର୍ଣ୍ଣ ସମ୍ବାଦଗୁଡିକ ପାଠକର ହୁଏତ ଦୃଷ୍ଟିପଥରେ ନଆସିପାରେ । ଅତ୍ୟନ୍ତ ସାବଧାନ ନହେଲେ ଅନେକ ଗୌଣ କଥାବସ୍ତୁ ସ୍ଥାନଲାଭ କରି ଜୀବନ ଚରିତକୁ ଅପାଠ୍ୟ କରିଦେଇ ପାରେ । ଜୀବନ ଚରିତରେ ମହତ ବ୍ୟକ୍ତିଙ୍କର ଜୀବନର କାହାଣୀ ବିଶ୍ୱସ୍ତ ଭାବରେ ବର୍ଣ୍ଣିତ ହେବା ସଙ୍ଗେ ସଙ୍ଗେ ବର୍ଣ୍ଣନାର ସବଳୀଳତା, ବିଷୟବସ୍ତୁର ଉପସ୍ଥାପନା ଯେପରି ଚମତ୍କାର ଭାବ ସୃଷ୍ଟି

ISSN NO.
2582-208X

କରିପାରୁଥିବ ସେଥିପ୍ରତି ଲେଖକ ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ ।"(୪) ଏହି ଭାବଧାରାକୁ ଆଖିଆଗରେ ରଖି ଜୀବନୀ ସାହିତ୍ୟ ରଚନା କଲେ ତାହା ଯୁଗୋପଯୋଗୀ ହେବା ସହ ଜୀବନୀ ସାହିତ୍ୟର ମହତ୍ତ୍ୱକୁ ବହୁଗୁଣିତ କରେ ।

ଆଲୋଚ୍ୟ 'ଉତ୍କଳମଣି' ଜୀବନୀ ଗ୍ରନ୍ଥଟି ଗୋପୀନାଥ ମହାନ୍ତିଙ୍କର ଏକ ସଫଳ ସୃଷ୍ଟି । ବିଶେଷତଃ ଶ୍ରୀ ମହାନ୍ତି ଜଣେ ବିଶିଷ୍ଟ କଥାକାର ଭାବେ ପରିଚିତ ଥିବାବେଳେ ଜୀବନୀ ଆତ୍ମଜୀବନୀ ଚରିତର ମଧ୍ୟ ଜଣେ ଦକ୍ଷ କାରିଗର । ଓଡିଆ ସାହିତ୍ୟାକାଶରେ ଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ଶ୍ରୀ ମହାନ୍ତି ଜଣେ ସ୍ମରଣୀୟ ବ୍ୟକ୍ତିତ୍ୱ । ଆଦିବାସୀ ଜନଜୀବନକୁ ଆଧାର କରି ତାଙ୍କ କଥା କଳେବର ସୁଷମାମଣ୍ଡିତ । ଦାନାପାଣି, ମାଟିମଟାଳ, ଅମୃତର ସନ୍ତାନ, ଶିବଭାଇ, ଦାଦିବୁଢା ପରିଉପନ୍ୟାସ ତାଙ୍କ ସିଦ୍ଧି ସାଧନାର ପରିଚୟ ଦିଏ । ତାଙ୍କ ପ୍ରତ୍ୟେକଟି ସୃଷ୍ଟିରେ ସେ ପ୍ରତ୍ୟକ୍ଷ ଜୀବନର ଅନୁଭୂତିକୁ ସ୍ଥାନିତ କରିଛନ୍ତି । 'ଉତ୍କଳମଣି' ଜୀବନୀଚରିତରେ ଲେଖକ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ, ମହାନତା, କାର୍ଯ୍ୟଦକ୍ଷତା, ସେବାମନୋବୃତ୍ତି, ପରୋପକାର ଗୁଣ ପରି ମହାନତା ଏଥିରେ ବର୍ଣନା କରିଛନ୍ତି । ଗୋପବନ୍ଧୁଙ୍କ ପାଖରେ ସେବାକାରୀ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ରାମଚନ୍ଦ୍ର ବାରିକଙ୍କ ମୁହଁରୁ ଲେଖକ ଯାହା ଶୁଣିଛନ୍ତି, ତାକୁ ଏ ପୁସ୍ତକରେ ଲିପିବଦ୍ଧ କରିଛନ୍ତି । ଫଳରେ ଯିଏ ବି ଏ ଆତ୍ମଜୀବନୀ ଅଧ୍ୟୟନ କରିଛି ଗୋପବନ୍ଧୁ ସ୍ୱଂୟ ତା ପାଖରେ ଉପସ୍ଥିତ ହେଲାପରି ହୃଦବୋଧ ହୋଇଛି ।

'ଉତ୍କଳମଣି' ଜୀବନୀ ଗ୍ରନ୍ଥଟିରେ ଉତ୍କଳରମଣି, ଦୀନଦରିଦ୍ରଙ୍କ ସାଥୀ ସେଇ ପୁଣ୍ୟାତ୍ମା ଦେଶସେବକ, ତଥା ସତ୍ୟବାଦୀ ସାହିତ୍ୟର ପୁରୋଧା ଗୋପବନ୍ଧୁଙ୍କ ଜୀବନାଲେଖ୍ୟ ହେଉଛି ପ୍ରତିପାଦ୍ୟ ବିଷୟ । ଏଥିରେ ନାହିଁ ବ୍ୟକ୍ତି ବିଶେଷଙ୍କୁ ଚିହ୍ନିଚିହ୍ନେଇବାର ପ୍ରଚେଷ୍ଟା, ବରଂ ଜଣେ ମହାନ ପରୋପକାରୀ ବ୍ୟକ୍ତିଙ୍କ ମାନବିକ ଗୁଣାବଳୀ ଉଦ୍ଘାଟନ ହେଉଛି ଏହାର ମୁଖ୍ୟ ଉପଜୀବ୍ୟ ବିଷୟବସ୍ତୁ । ସତ୍ୟବାଦୀ ବନବିଦ୍ୟାଳୟ ପ୍ରତିଷ୍ଠା ଠାରୁ ଆରମ୍ଭ କରି ଦେଶସେବାରେ ନିଜକୁ ନିୟୋଜିତ କରିଥିବା ଗୋପବନ୍ଧୁଙ୍କ ଜୀବନାଦର୍ଶ ଆଲୋଚ୍ୟ ଜୀବନୀଗ୍ରନ୍ଥକୁ କରିଛି ରସସିକ୍ତ । ନିଜ ଜୀବନକୁ ଖାତିର ନକରି ପାଣିଫଟେଇ, ଭୋକ ଉପାସରେ ରାତି ରାତି ଅନିଦ୍ରା ରହି ସେବାକୁ ପରମ ବ୍ରତ ଭାବେ ସେ ଗ୍ରହଣ କରିଥିଲେ ।

ISSN NO.
2582-208X

ଗୋପବନ୍ଧୁ ଜଣେ ସାଧାରଣ ପୁରୁଷ ନଥିଲେ, ବରଂ ଥିଲେ ମହାମାନବ ଓ ମହାନପୁରୁଷ । ଜୀବନରେ କେବେ ଗର୍ବ, ଅହଂକାର, କ୍ରୋଧ, ଈର୍ଷା ଓ ପରଶ୍ରୀକାତରତାର ବସବର୍ତ୍ତୀ ହୋଇ ନଥିବା ଏ ପୁରୁଷ ଜଣକ ସଦାସର୍ବଦା କହୁଥିଲେ –

" ମିଶୁମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲିଯାଆନ୍ତୁପିଠିରେ ।"

ଏ ମନ୍ତବ୍ୟର ସାରବତ୍ତା ତାଙ୍କ ଜୀବନାଦର୍ଶ ତଥା ଚରିତ୍ରକୁ ଦର୍ଶାଇଦିଏ । ଯେଉଁ ମଣିଷ ସଦାସର୍ବଦା ଦେଶବାସୀଙ୍କୁ ନିରନ୍ତର ଭଲପାଇ ଆସିଛି, ନିଜକୁ ସମର୍ପି ଦେଇଛି ଦୀନଦରିଦ୍ରଙ୍କ ସେବାଶୁଶ୍ରୁଷାରେ ଝଡ଼ ବାତ୍ୟା ବନ୍ୟାକୁ ବେଖାତିର କରି ସେବାକୁ ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଥିବା ଗୋପବନ୍ଧୁ ବାସ୍ତବରେ ଜଣେ ଅବତାର ସଦୃଶ । ଏହି ଦେବଲୋକ୍ୟପୁରୁଷ, ଜଣେ ବ୍ରହ୍ମଚର୍ଯ୍ୟ ପୁରୁଷ, ସେ ନିଷ୍ଠାବାନ, ସଚ୍ଚୋଟତା, ସାଧୁତା, ତ୍ୟାଗ ଓ ସେବାର ମୂର୍ତ୍ତିମନ୍ତ ବିଗ୍ରହ । ସେ ସାଧାରଣ ବେଶ ପୋଷାକଧାରୀ କିନ୍ତୁ ଅସାଧାରଣ କାର୍ଯ୍ୟର ଅଧିକାରୀ । ସତରେ ଗୋପବନ୍ଧୁ ଥିଲେ ବ୍ରହ୍ମଚର୍ଯ୍ୟ ଋଷି ପ୍ରତିମା ଯାହାଙ୍କ ଜୀବନ ସରଳ ତୋପବନର ପୁଷ୍ପମଲ୍ଲୀ ପରି ମଧୁର ମହ୍ଲାରରେ ଶୁଶୋଭିତ । ତେଣୁ ଆଲୋଚ୍ୟ ଜୀବନୀ ଗ୍ରନ୍ଥର ମୁଖବନ୍ଧରେ ଗୋପବନ୍ଧୁଙ୍କ ମହନୀୟତାକୁ ଉଲ୍ଲେଖ କରିବାକୁ ଯାଇ ଲେଖକ କହିଛନ୍ତି –"ସେ ଥିଲେ ମହାପ୍ରାଣ, ପର ଦୁଃଖରେ କାତର, ସଦାକର୍ମଠ, ସନ୍ଥ, ଗୀତାର ଆଦର୍ଶ ପୁରୁଷ, ସବୁ ସଦ୍ ଗୁଣମାନଙ୍କ ଆଧାର, ମୂର୍ତ୍ତିମାନ ଆର୍ଦଶ, ଚିନ୍ତାରେ ଉଦାର ଓ ମୁକ୍ତ, ଚରିତ୍ରରେ ଓ ଆଚରଣରେ ମନୁଷ୍ୟର ଉନ୍ନତତମ ବିକାଶର ଜ୍ୱଳନ୍ତ ନିଦର୍ଶନ, ସତ୍ୟାଶ୍ରୟୀ, ନିର୍ଭୀକ, ସ୍ପଷ୍ଟବାଦୀ, ତ୍ୟାଗ ବିନୟ ଓ କରୁଣାର ଅବତାର । ମୋଟାପିନ୍ଧା ଶୁଣ୍ଠାଖିଆ କାଦୁଅ ସଡ଼ସଡ଼ ଧୂଳି ସାଲୁବାଲୁ ଝାଳସରସର କର୍ମୀଜୀବନ ହିଁ ସେ ଆଦରି ନେଇଥିଲେ । କେବେ ଭୋଗବିଳାସ କରିନାହାଁନ୍ତି । ଆପଣା ପାଇଁ ଜାଗତିକ ସୁଖ ଖୋଜି ନାହାଁନ୍ତି । ନିଜ ଲାଗି ସଞ୍ଚି ନାହାଁନ୍ତି ।ପର ଉପରେ କ୍ଷମତା ଚଳାଇ ନାହାଁନ୍ତି । କେତେଥର ବାଡିବଢି ମଡକ ଭିତରେ ନିଜ ଜୀବନକୁ ପାଣି ଛଡାଇ ଦେଇ ସେ କାମ କାମକରିଗଲେ । କେତେ ବିପଦ ମୁଣ୍ଡାଇଲେ, କେତେ ଦୁଃଖକଷ୍ଟ ଅଙ୍ଗେ ନିଭେଇଲେ, କେତେଥର ଜେଲ୍ ଗଲେ । ଶେଷରେ ଶରୀରକୁ ଫୋପାଡି ଦେଇଥିଲେ ।"(୫) ଏଥିରୁ ସ୍ପଷ୍ଟ ଭାବରେ ଜଣାପଡିଥାଏ ଗୋପବନ୍ଧୁଙ୍କ ଚରିତ୍ରବତ୍ତା ଓ ତାଙ୍କ ଉଦାର ମାନବିକତା ।

ISSN NO.
2582-208X

ଆଲୋଚ୍ୟ ଜୀବନୀ ଗ୍ରନ୍ଥଟି ସର୍ବମୋଟ୍ ୩୪ ଗୋଟି ପରିଚ୍ଛେଦରେ ବିଭକ୍ତ । ପ୍ରଥମ ପରିଚ୍ଛେଦ ଠାରୁ ଶେଷ ପରିଚ୍ଛେଦ ପର୍ଯ୍ୟନ୍ତ ପ୍ରତ୍ୟେକଟି ବିଭାଗରେ ଗୋପବନ୍ଧୁଙ୍କ କାର୍ଯ୍ୟକଳାପ, ଦାନଧର୍ମ, କର୍ମପ୍ରବଣତା ତଥା ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତି ଚରିତ୍ରର ସତ୍ତାକୁ ରୂପାୟିତ କରାଯାଇଛି । ସତ୍ୟବାଦୀ ବନବିଦ୍ୟାଳୟ ଆରମ୍ଭ ଠାରୁ ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ନିଷ୍ଠାପର ଉଦ୍ୟମ, ନୀଳକଣ୍ଠ, ହରିହର ପ୍ରମୁଖ ଆଚାର୍ଯ୍ୟ ସତ୍ୟବାଦୀ ବନବିଦ୍ୟାଳୟକୁ ଶିକ୍ଷାଦାନ ପାଇଁ ଇଚ୍ଛୁକ ହୋଇ ଆସିବା ଏକ ଦୈବୀ ସଂଯୋଗ ପରି ମନେହୁଏ । ପ୍ରଥମତଃ ସତ୍ୟବାଦୀ ମହାବିଦ୍ୟାଳୟର ରୂପଶୋଭା ଓ ମାଧୁର୍ଯ୍ୟମୟ ଶିକ୍ଷାନିକେତନର ମନଲୋଭା ପରିବେଶ, ରାମ ବାରିକ ସେଠାକୁ ଆସି କାର୍ଯ୍ୟରେ ନିୟୋଜିତ ହେବା ପ୍ରସଙ୍ଗ ଉଲ୍ଲିଖିତ । ସ୍କୁଲର ପ୍ରେସିଡେଣ୍ଟ ଓ ମନ୍ଦିର ଟ୍ରଷ୍ଟି ଥିଲେ ଗୋପବନ୍ଧୁ ଦାସ । ତାଙ୍କ ଚାକର ବାକର ଦରକାର ହେବାରୁ ରାମ ବାରିକଙ୍କୁ ତାଙ୍କ ପାଖରେ ରଖିଦିଆଗଲା । ସେହି ସମୟରେ ସତ୍ୟବାଦୀ ସ୍କୁଲ ଥିଲା ଛାତ୍ରମାନଙ୍କ ପାଇଁ ମଣିଷ ଗଢା କାରଖାନା । ପୁଣି ସଂସ୍କାର ଓ ଦେଶାତ୍ମବୋଧର ଶକ୍ତିଶାଳୀ ପୀଠ । ଇଂରେଜ ସରକାରଙ୍କ ଦାସତ୍ୱରୁ ମୁକ୍ତିଲାଭ କରିବାର ପନ୍ଥାର ଏକ ମାର୍ଗଦର୍ଶିକା ଥିଲା ଏହି ପୀଠ । ଯେତେବେଳେ ସମାଜରେ ଅନ୍ଧବିଶ୍ୱାସ, କୁସଂସ୍କାର, ଧର୍ମାନ୍ଧତା, ପଦଲେହନ ଓ ଶଠତା, ଅରାଜକତା ପ୍ରଭାବ ବିସ୍ତାର କରିଥିଲା ସେହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ନୂଆ ଆଲୋକ ବର୍ତ୍ତିକା ସଦୃଶ ସତ୍ୟବାଦୀ ପୀଠର ନବ ଉନ୍ମେଷ । ହେଡ୍ ମାଷ୍ଟର ପଣ୍ଡିତ ନୀଳକଣ୍ଠ ଦାସଙ୍କ କଠୋର ନୀତି ନିୟମ, ପଣ୍ଡିତ ଗୋଦାବରୀଶ ମିଶ୍ର, ପଣ୍ଡିତ କୃପାସିନ୍ଧୁ ମିଶ୍ର, ଆଚାର୍ଯ୍ୟ ହରିହର, ସନ୍ଥକବି ବାସୁଦେବ ମହାପାତ୍ର, ରାମଚନ୍ଦ୍ର ରଥ, ହଳଧର ମହାପାତ୍ର, ପଣ୍ଡିତ ମଧୁସୂଦନ ମିଶ୍ର, ପଣ୍ଡିତ ଆର୍ତ୍ତତ୍ରାଣ ଦାସ, ଶିଳ୍ପୀ ଓ ସଙ୍ଗୀତଗ୍ୟ ଧନେଶ୍ୱର ମହାରଣା ଆହୁରି ଅନେକଙ୍କ ମହାମିଳନରେ ଏହି ଶିକ୍ଷାପୀଠଟି ବିଦ୍ୟାର ମନ୍ଦିର ପାଲଟି ଯାଇଥିଲା । ପ୍ରଥମେ ଏହା ଚାଲଘରରେ ଆରମ୍ଭ ହୋଇଥିଲା, କିଏ ପୁଣି ନିଆଁ ଲଗାଇ ଦେବାରୁ ପୁର୍ନନିର୍ମାଣ କରି ପୁନଶ୍ଚ ଶିକ୍ଷାଦାନ ଆରମ୍ଭ ହୋଇଥିଲା । ଏମ୍ ଇ ସ୍କୁଲରୁ ହାଇସ୍କୁଲ ଓ ଲାଇବ୍ରେରୀ ଘର ନିର୍ମାଣ ହୋଇ ଉନ୍ନତିର। ଚରମ ଶୀଖରକୁ ପହଚିଂ ଥିଲା ସତ୍ୟବାଦୀ ବନବିଦ୍ୟାଳୟ । ଏଠିକି ଆସିଥିଲେ ଜାତିର ପିତା ମହାତ୍ମାଗାନ୍ଧୀ, ଆଶୁଜ ସାହେବ ବହୁ ମହାମନିଷୀମାନେ । ମାତ୍ର ଗୋପବନ୍ଧୁ ଜେଲ୍ ଗଲା ପରେ ସ୍କୁଲ୍ ର ଅବସ୍ଥା କ୍ରମେ ଖରାପ ହୋଇଯାଇଥିଲା । ସବୁ ଜିନିଷ ପତ୍ରରେ କେହି ନିଆଁ ଲଗାଇ ଦେବାରୁ ସବୁ

ISSN NO.
2582-208X

ଆସବାବ ପତ୍ର ସାଙ୍ଗକୁ କାଗଜପତ୍ର ନଷ୍ଟ ହୋଇ ଯାଇଥିଲା । ମୋଟା ମୋଟି ଭାବେ ଏ ପରିଚ୍ଛେଦରେ ସତ୍ୟବାଦୀ ବନବିଦ୍ୟାଳୟର ଆରମ୍ଭ ଠାରୁ ପରିଣତି ବିଷୟ ଓ ଏ ଅନଷ୍ଠାନଟି ସେ ସମୟରେ ଲୋକଙ୍କ ମାନସିକତାରେ କିପରି ଜାତୀୟତା ବୋଧ ଓ ଦେଶପ୍ରାଣ ଭାବନା ଉଦ୍ରେକ କରିଥିଲା ପୁନଶ୍ଚ ବରେଣ୍ୟ ସାହିତ୍ୟ ସାଧକଙ୍କ ନିଃଶ୍ୱାର୍ଥପର ଶିକ୍ଷକତାଧର୍ମ ନିର୍ବାହ କରିବା, ଗୋପବନ୍ଧୁଙ୍କ ସେବା ତ୍ୟାଗର ମୂଲ୍ୟକୁ ଅତି ଚିତ୍ତାକର୍ଷକ ଭାବେ ଏଥିରେ ପ୍ରତିପାଦନ କରାଯାଇଛି ।

ପରବର୍ତ୍ତୀ ପରିଚ୍ଛେଦମାନଙ୍କରେ ଶିକ୍ଷକମାନଙ୍କର ବିଚକ୍ଷଣ ଶିକ୍ଷାଦାନ ପଦ୍ଧତି ଓ ତାଙ୍କ ବ୍ୟକ୍ତିତ୍ୱ ଉଲ୍ଲିଖିତ। ହେଡ୍‌ପଣ୍ଡିତ ନୀଳକଣ୍ଠ ଦାସ ଓ ତାଙ୍କ ସହିତ ଗୋଦାବରୀଶ ମହାପାତ୍ର, ବାଞ୍ଛାନିଧି, ବାସୁଦେବ, କୃପାସିନ୍ଧୁ, ରାମଚନ୍ଦ୍ର ରଥଙ୍କ ଶିକ୍ଷଣ ସେଠାକାର ଛାତ୍ରଙ୍କୁ ମଣିଷ ପରି ମଣିଷ କରି ଗଢିତୋଲୁଥିଲା । ଏ ସଂପର୍କରେ ଲେଖକ କହୁଛନ୍ତି- "ସତ୍ୟବାଦୀର ଶିକ୍ଷକମାନେ ଥିଲେ ବିଚକ୍ଷଣ, ପ୍ରତିଭାଶାଳୀ । ସେମାନେ ଦେହରେ ମନରେ ନିଦା ମଣିଷ ଗଢୁଥିଲେ, ଯେ ସେଠି ପଢିଥିଲେ ଅନେକ ତହିଁରୁ ଏ ଦେଶର ବଡ଼ ମଣିଷ ହେଲେ । କେତେ ନେତା, କେତେ କର୍ମୀ, କେତେ ସାହିତ୍ୟକାର ସେଠି ଉପୁଜିଲେ ।" (୬)ସତ୍ୟବାଦୀର ଛାତ୍ରଙ୍କୁ ଦୈନନ୍ଦିନ ଏକ ରୁଟିନ୍ ବନ୍ଧା ଜୀବନରେ ବନ୍ଧା ଯାଉଥିଲା । ବଡି ଭୋର୍ ରୁ କସରତ, ଡ୍ରିଲ୍ ବିଭିନ୍ନ ପ୍ରକାର ଖେଳକୁଦ, ପାଠପଢା ଓ ଖାଦ୍ୟପାନୀୟରେ ଜୀବନ ଚର୍ଯ୍ୟା ଅତିବାହିତ ହେଉଥିଲା । ସବୁଜ ବନ ପରିବେଷ୍ଟନୀରେ ପାହାଡ଼ ପର୍ବତ ଘେରା ଶାନ୍ତ ସ୍ନିଗ୍ଧ ପରିବେଶ ମଧ୍ୟରେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ସେହି ମହାନ ଲେଖକ ତଥା ଦେଶପ୍ରେମୀ ମଣିଷ ଗୋପବନ୍ଧୁ । ସେହି ମହାନ ନାୟକ ସକାଳୁ ସକାଳୁ ସାକ୍ଷୀଗୋପାଳଙ୍କ ଦର୍ଶନ ସାରି ପୂଜା ପାଠ କରନ୍ତି । ମୁଣ୍ଡରେ କେବେ ହେଲେ ତେଲ ଲଗାନ୍ତି ନାହିଁ । ଅଖିଆ ଅପିଆ କର୍ମପ୍ରବଣ ମଣିଷ ପରି ଦୀନ ଦରିଦ୍ରଙ୍କ ସେବା କରିବା ସହ ଲେଖାଲେଖି କରିବା ଥିଲା ତାଙ୍କ ନିତ୍ୟ ନୈମିତ୍ତିକ ଅଭ୍ୟାସ । ଦିନ ଏଗାରଟା ପର୍ଯ୍ୟନ୍ତ ଲେଖାକାମ ଚାଲିଥାଏ । ତାପରେ ଖାଇବା ପାଇଁ ବାହରନ୍ତି । ତାଙ୍କ ଖାଦ୍ୟପେୟ ସଂପର୍କରେ ଲେଖକ ସୂଚିତ କରିଛନ୍ତି- " ଷୁନା ଚାଉଳର ଭାତ ଦୋଟି, ଘିଅ ଟିକିଏ, ଶାଗ ଖରଡା, ଡାଲିରେ ଆଳୁ କରଡି ପଡି ଡାଲମା, ଏଇ ତାଙ୍କର ଖାଦ୍ୟ । କେବେ କେବେ ମାଂସ ଖାଆନ୍ତି ବର୍ଷକେ ଥରେ ଅଶୀଣ ଅଷ୍ଟମୀ ଦେବୀ ପୂଜା ଦିନ । କାର୍ତ୍ତିକ

ISSN NO.
2582-208X

ମାସରେ ଦିନେ ହବିଷ୍ୟାନ୍ନ ହୁଏ । ମାଛ ଖାଇଲେ ଦି'ଚାରି ଖଣ୍ଡ ସାଦା ପାନ । ପରିବା ଭିତରେ ତାଙ୍କର ପ୍ରିୟ ଥିଲା ପୁରୁଣି ଶାଗ, କୋଶଳା ଶାଗ, ବଥୁଆ ଶାଗ, ଅମୃତଭଣ୍ଡା ଓଲୁଅ, ଜହ୍ନି, ବାଇଗଣ, କଦଳୀ, ଭେଣ୍ଡି । "(୭) ପୁଣି ନଈ ବଢି, ବନ୍ୟା ବିପନ୍ନଙ୍କ ସେବା କରିବା ପାଇଁ ବାହାରିଲା ବେଳକୁ ସେ ତାଙ୍କ ଖାଇବା ପିଇବା କୁ ଧ୍ୟାନ ନଦେଇ ଯାହା ମିଳିଲା ତାକୁ ସାଦର ସହକାରେ ଗ୍ରହଣ କରି ନେଉଥିଲେ । ଲେଖା ଲେଖି ରାତି ପର୍ଯ୍ୟନ୍ତ କରନ୍ତି ଓ ସବୁ ମଣିଷଙ୍କୁ ଆଦର ସେହ୍ନ କରୁଥିଲେ । ଜତିଆଣ ପ୍ରଥାକୁ ସେ ଘୃଣା କରୁଥିଲେ । ତାଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଲେଖକ ସୂଚନା ଦେଇଛନ୍ତି ଏହିପରି -"ଲୋକଙ୍କୁ ସେ ଭଲପାଆନ୍ତି । ସାଧାଳଣ ଲୋକ ଯେଉଁଠି ସେ ସେଇଠି । କଷ୍ଟଦୁଃଖ ଧୂଳିକାଦୁଅ, ମଡ଼କ ଆଉ ଦାରିଦ୍ର୍ୟ ଭିତରେ ମଣିଷଙ୍କ କତିକି କତି । ଦେଶ କହିଲେ ସେ ବୁଝୁଥିଲେ ଆଖିରେ ପଡୁଥିବା ଜିଅନ୍ତା ସାଧାରଣ ମଣିଷ, ସେ ମଣିଷଙ୍କ ଭଲମନ୍ଦ, ଧନ୍ଦାଆଉ ଫନ୍ଦା, ଦିନଦିନକର ଜୀବନର ସାଧାରଣ କଥା ।"(୮) ସଦାସର୍ବଦା ଶାନ୍ତଶୀତଳ ମନୋଭାବ ପୋଷଣ କରୁଥିବା ଗୋପବନ୍ଧୁ ଦାସ ମଣିଷଙ୍କ ସୁଖ ଦୁଃଖରେ, ଦେଶ ସେବାରେ ନିଜକୁ ନିୟୋଜିତ କରିଥିଲେ। ଭାଗବତର ଏକାଦଶ ସ୍କନ୍ଧ ତାଙ୍କର ବହୁତ ପ୍ରିୟ ଥିଲା । ବିଶେଷତଃ ଅଭାବୀ ମଣିଷର ଅଭାବ ଦେଖି ସେ ସହ୍ୟ କରି ପାରୁ ନଥିଲେ । ନିଜେ ନଖାଇ ତାଙ୍କୁ ଖାଇବାକୁ ଦେଉଥିଲେ । ଲେଖା ଥିଲା ତାଙ୍କ ପ୍ରଧାନ କାମ । ବେଳ ଅବେଳ ସବୁ ସମୟରେ ସେ ଲେଖିବାକୁ ବସୁଥିଲେ । ରାତିଅଧରେ ଶୋଇବାକୁ ଯାଇ କବାଟ ଖୋଲି ଦେଇ ରହୁଥିଲେ । ନିଜେ ଓକିଲାତି ପାସ୍ କରି କିଛି ବର୍ଷ ବିଭିନ୍ନ ସ୍ଥାନରେ କାମମଧ୍ୟ କରିଥିଲେ । ତାଙ୍କର ଓଜସ୍ୱୀନୀ ବକ୍ତୃତାରେ ଶହ ଶହ ଜନତା ଜନତା ମନ୍ତ୍ରମୁଗ୍ଧ ହୋଇପଡୁଥିଲେ । ମାତୃଭୂମି ମାତୃଭାଷା ପାଇଁ ସଦା ସର୍ବଦା ତାଙ୍କ ଆବେଗତା ଝରିପଡୁଥିଲା। ଥରେ ରାମ ବାରିକଙ୍କୁ ପୋଲିସ୍ ବିନା ଦୋଷରେ ଚୋରୀ ପାଇଁ ଧରି ନେଇଥିଲା, କିନ୍ତୁ ଗୋପବନ୍ଧୁଙ୍କ ଯୋଗୁଁ ସେ ରକ୍ଷା ପାଇଲା । ଭିକ ମାଗିବାକୁ ସେ ପସନ୍ଦ କରୁ ନଥିଲେ । ଅନ୍ୟକୁ ଯଦି ଅଜାଣତରେ କଷ୍ଟ ହେଲା ହେଲା ବୋଲି ଅନୁଭବ କରୁଥିଲେ, ତାହେଲେ ନିଜେ ପ୍ରାୟଶ୍ଚିତ କରୁଥିଲେ । ଚିଲିକା ଭିତରେ ପାରିକୁଦରେ ବର୍ଷେ ଏଭଳି ଦୁର୍ଭିକ୍ଷ ପଡିଲା ଯେ ଲୋକେ ଘାସ ଖାଇବାକୁ ଲାଗିଲେ । ସେଠାରେ ଗୋପବନ୍ଧୁ ଚଉଦ ଦିନ ରହିଥିଲେ । ୧୯୧୯ କୋଠଦେଶ ଦୁର୍ଭିକ୍ଷ ବେଳେ ସେ ବହୁତ କଷ୍ଟ ସହି କାମ

ISSN NO.
2582-208X

କରିଥିଲେ । ତହିଁ ପରେ ୧୯୨୫ବଢ଼ିରେ ବି ସେ ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ଠିଆ ହୋଇଥିଲେ ।

ପ୍ରଚୁର ନଇ ବଢ଼ିରେ ଜେନାପୁର ଯାଇ ନପାରିବାରୁ ରାମା ପାଖରେ ସେ କ୍ଷୋଭ ପ୍ରକାଶ କରିଥିଲେ । ସେଥର କୋଠ ଦେଶରେ ପ୍ରଚୁର  ପାଣି ବର୍ଷାରେ ନାହି ନଥିବା ସମସ୍ୟା ଦେଖାଦେଇଥିଲା । ପୋକ ମାଛି ପରି ଲୋକ ମରିବାକୁ ଲାଗିଲେ । ସେଭଳି ପରିସ୍ଥିତିରେ ମଢ଼ା ଉଠାଇବାକୁ ଦାସେ କୁଣ୍ଠା ବୋଧ କରୁ ନଥିଲେ । ସବୁବେଳେ ସେ କହୁଥିଲେ – "ସବୁବେଳେ ତ ଆଖିରୁ ଧାର ବହୁଥାଏ, ମୋ ଭାଇ ଭଉଣୀ। ଏମିତି ମରି ପଡିଛନ୍ତି । ମୋ ପିଲାଏ ଏମିତି ଟଳି ପଡିଛନ୍ତି ! ହା ହା ଭଗବାନ ।"(୯) ବ୍ରାହ୍ମଣୀ ବଢି ବେଳେ ସେ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି । ଏ ଦୁଃଖ ଦୂର ହୋଇଯିବ ବୋଲି ସେମାନଙ୍କୁ ବୁଝାଇଛନ୍ତି। ପାଣି କାଦୁଅରେ ତ କେତେବେଳେ ନାଆରେ ଲୋକଙ୍କୁ ଉଦ୍ଧାର କାର୍ଯ୍ୟ ସମ୍ପାଦନ କରିଥିଲେ ଓ ଶେଷରେ ତାଙ୍କ ଦେହ ପାହାକୁ ଖାତିର  ନକରି । ଫଳସ୍ୱରୁପ ଡାଇରିଆ ଧରିଲା । ସେଠାରୁ ସୁସ୍ଥ ହୋଇ ପୁଣି ଜାତି ଭାଇଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ । ତାଙ୍କର ମୃତ୍ୟୁର ଆଠ ବର୍ଷ ଆଗରୁ ସେ କଂଗ୍ରେସ ଦଳରେ ନିଜକୁ ସାମିଲ କରିଥିଲେ ଓ ମଧୁବାବୁଙ୍କୁ ଗୁରୁ ବୋଲି ସେ ଗ୍ରହଣ କରିଥିଲେ। 'ସମାଜ'ଖବର କାଗଜରେ ଇଂରେଜ ସରକାରଙ୍କ ଅତ୍ୟାଚାର ବିରୁଦ୍ଧରେ ଦୃଢ଼ ମନ୍ତବ୍ୟ ଲେଖିଥିଲେ । ସିଂହଭୂମ୍, ଷଢେଇକଳା, ଚକ୍ରଧରପୁର, ଖରସୁଆଁ, ରାୟପୁର, ଫୁଲଝର ତାଙ୍କର ମୁଖ୍ୟ ଲୀଳାଭୂମି ବା କ୍ଷେତ୍ର । ଷଢେଇକଳାଓ ଖରସୁଆଁ ଅଂଚଳରେ ଓଡିଆ ଭାଷା ର ବ୍ୟବହାରିକ ମୂଲ୍ୟ ସଂପର୍କରେ ସରକାରଙ୍କୁ ସେ ଲେଖନ୍ତି–"ୟେ ଅଂଚଳରେ ଲୋକେ ଘରେ ଘରେ କହନ୍ତି ଓଡିଆ, ତୁମେ କାହିଁକି ସ୍କୁଲ୍, କୋର୍ଟ କଚିରିରେ ହିନ୍ଦୀ ଭାଷା ଚଳେଇଲ ? ଗୁଣ୍ଡୁଚିମୂଷାକୁ ପିଲେ ଘରେକହିବେ ଗୁଣ୍ଡୁଚିମୂଷା, ତୁମେ ସ୍କୁଲରେ ଶିଖେଇବ ଗିଲ୍ ହାରି ।"(୧୦) ଏଠାରେ ଗୋପବନ୍ଧୁଙ୍କ ଭାଷା ପ୍ରୀତି ସ୍ୱଷ୍ଟ ଜଣାପଡିଥାଏ । ପୁନଶ୍ଚ ଲୋକଙ୍କ ମନରେ ଜାତୀୟତା ଓ ଏକତ୍ରୀକରଣ ଭାବନା ଉଦ୍ରେକ କରିବା ପାଇଁ ସେ ଭାଗବତ ଗୀତା ପାଠ କରିବା ପାଇଁ ପରାମର୍ଶ ଦିଅନ୍ତି । ଏହାପରେ ସେ ନନ୍ କୋପରେସନ୍ ଆନ୍ଦୋଳନରେ ଯୋଗଦାନ ପୂର୍ବକ ୧୯୨୧ ସାଲ୍ ରେ ବିଲାତି ଲୁଗା ବର୍ଜନ କରିବାକୁ ସେ କଲିକତା ଯାଇଥିଲେ । ସବୁବେଳେ ସେ ମୋ ଓଡିଆ ଜାତି ! ମୋ ଦେଶ ! ବୋଲି ନିଜକୁ ଜଣେ

ISSN NO.
2582-208X

ଦେଶମାତୃକାର ସେବକ ବୋଲି ସେ କହୁଥିଲେ । ୧୯୧୯ରେ ନାଗପୁର କଂଗ୍ରେସ ଅଧିବେଶନରେ ବିହାର ଓଡିଶା କାଉନ୍ ସିଲର ସଭ୍ୟ ଭାବରେ ସେ ଯୋଗଦାନ କରିଥିଲେ। ୧୯୨୦ ରେ ଚକ୍ରଧରପୁର ଉତ୍କଳ ସମ୍ମିଳନୀରେ ଉଦ୍ଦେଶ୍ୟ ଜଣାଇ ପଣ୍ଡିତ କହିଥିଲେ ଭାରତର ସ୍ୱାଧୀନତା ପ୍ରାପ୍ତି ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ । ୧୯୨୦ରେ ସେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୨୧ ବେଳକୁ ମହାତ୍ମାଗାନ୍ଧୀ ସତ୍ୟବାଦୀକୁ ଆସିଥିଲେ, ଦୁହେଁ ଏକାଠି ହୋଇ ଗୋଟିଏ କୋଠରୀରେ ରହି ଯୋଜନା ଆରମ୍ଭ କରିଥିଲେ। ସେଠାରୁ ମହାତ୍ମା ପୁରୀକୁ ଗଲେ । ସମଗ୍ର ଦେଶରେ ପତିଆରା ପଡିଥାଏ ମହାତ୍ମାଗାନ୍ଧୀକି ଜୟ ଜୟ ଓ ଗୋପବନ୍ଧୁ ଦାସକି ଜୟ,,,,,,ଏହି ନାରା ଲୋକଙ୍କ ମନରେ ନୂତନ ଉନ୍ମାଦନା ସୃଷ୍ଟି କରିଛି। ୧୯୨୪ ମସିହାରେ ସେ ହଜାରିବାଗ ଜେଲରୁ ଫେରିଲା ବେଳକୁ କଟକ ଷ୍ଟେସନରେ ହଜାର ହଜାର ଜନତାଙ୍କ ସମବେତ ସ୍ୱର ଘଣ୍ଟ ଶଙ୍ଖ ହୁଳହୁଳି ନାଦରେ ଧ୍ୱନିତ ହେଉଥାଏ ସମଗ୍ର ପରିବେଶ।

ଭାରତବର୍ଷକୁ ସ୍ୱାଧୀନତାର ସ୍ୱାଦଦେବା ପାଇଁ ଯେଉଁ ଅଦମ୍ୟ ଚେଷ୍ଟା ଓ ଇଂରେଜ ସରକାରର ବର୍ବରତା ରୁ ସାଧାରଣ ଲୋକଙ୍କୁ ରକ୍ଷା କରିବାର ପ୍ରଚେଷ୍ଟାରେ ଗୋପବନ୍ଧୁଙ୍କ ନିଷ୍ଠା, ଉଦ୍ୟମ, ଅଧ୍ୟବସାୟ, ଅକ୍ଲାନ୍ତ ପରିଶ୍ରମ ବାସ୍ତବରେ ପ୍ରସଂଶା ଯୋଗ୍ୟ। ଏହି ଯୁଗଜନ୍ମା ସାଧକ ଦେଶର ମଙ୍ଗଳପାଇଁ ସେବା, ପରୋପକାରକୁ ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଥିଲେ। ଜେଲରୁ ଫେରି ସିଧାସଳଖ ନିଜ ଗ୍ରାମ ସୁଆଣ୍ଡୋ କୁ ଯାଇଥିଲେ । ତାଙ୍କର ଦୁଇଟି ଝିଅ, ବଡ଼ ସାରଙ୍ଗିଣୀ, ଅଧ୍ୟାପକ ରତ୍ନାକର ପତିଙ୍କ ସହଧର୍ମିଣୀ । ସାନ ଝିଅ କେତକୀ, ବୀରପ୍ରତାପପୁରର ନାରାୟଣ ମିଶ୍ରଙ୍କ ସହଧର୍ମିଣୀ । ଗୋପବନ୍ଧୁଙ୍କ ବଡ଼ ଭାଇ ନାରାୟଣ ଦାସ ଗାଁ ମହାଜନ ଓ ମାମଲତକାର ଥିଲେ । ସେଥର ସାନ ଝିଅର ବାହାଘର ବେଳେ ଧନୀ ଘରର ବର ପିତା ଦେବା ନେବା କଥା ଉତ୍ଥାପନ କରିବାରୁ ଦାସେ କହିଥିଲେ -"ମୁଁ ପଛେ ଗୋଟିଏ ଗରିବ ପିଲାଙ୍କୁ ଝିଅ ବାହା ଦେବି, ଦିଆନିଆ କରି ବାହା କରିବି ନାହିଁ।"(୧୧) ଏ ସଂଳାପରେ ଗୋପବନ୍ଧୁଙ୍କ ସଂସ୍କାରବାଦୀ ଚିନ୍ତାଧାରା ଓ ଯୌତୁକ ବିରୋଧୀ ଭାବନା ସ୍ପଷ୍ଟ ଭାବରେ ଅନୁମେୟ ହୁଏ । କଟକର ଉତ୍କଳ ସମ୍ମିଳନୀରେ ତାଙ୍କୁ ଉତ୍କଳମଣି ଉପାଧିରେ ଭୂଷିତ କରାଗଲା । ଶେଷରେ ୧୯୨୮ରେ ଟାଇଫ୍ଏଡ୍ ଜ୍ୱରରେ ସଂଘର୍ଷ କରି ସେ ଆଖି ବୁଜି ଦେଲେ । ସତେକି ତାଙ୍କ ବିୟୋଗରେ ଏଧରା କ୍ଷୁଷ୍ଟରେ

ISSN NO.
2582-208X

ଗୋଟିଏ ଯୁଗର ଅବସାନ ଘଟିଲା । ମହାନ ଜନନାୟକ ଦେଶପ୍ରେମୀ, ଗରିବ ଲୋକଙ୍କ ଅବେଳର ସାଥୀ, ସେହି କରିତ୍ କର୍ମା ପୁରୁଷ ଗୋପବନ୍ଧୁ ଅଫେରା ରାଇଜକୁ ଗମନ କରିବା ସମସ୍ତଙ୍କୁ ସ୍ତମ୍ଭୀଭୂତ କରି ଦୁଃଖର ସମୁଦ୍ରରେ ଭସାଇ ଦେଲା । ସତରେ ଗୋଟିଏ ଯୁଗର ଅବସାନ ହେଲା। ଏ ଧରାଧାମରୁ ଜଣେ ନୈଷ୍ଠିକ, ଯୁଗଜନ୍ମା ଅବତାରୀ ପୁରୁଷର ଅନ୍ତ ହୋଇଗଲା ।

ବସ୍ତୁତଃ ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଜଣାପଡେ ଯେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପରିବାରବର୍ଗ ଓ ତାଙ୍କ ସହିତ ଜଡିତ ଥିବା ସମସ୍ତ କାର୍ଯ୍ୟରୁ ପାଠକ ଜୀବନ୍ତ ପ୍ରତିଛବି ଠଉରାଇ ପାରେ । ସେ ଦୀନ ଦରିଦ୍ରଙ୍କ ସାଥୀ, ଅବେଳରେ ଲୋକଙ୍କ ପାଖରେ ଠିଆ ହୋଉଥିବା ଜଣେ ଦରଦୀ ମଣିଷ, ସମ୍ବେଦନଶୀଳତା ଓ ମାନବିକତାର ପୂଜାରୀ, ଜଣେ ସଚ୍ଚୋଟ କର୍ମୀ, ଦେଶମାତୃକାର ସେବକ, ସତ୍ୟବାଦୀ ବନ ବିଦ୍ୟାଳୟ ପୁରୋଧା, କର୍ମନିଷ୍ଠ, ସୁସାହିତ୍ୟିକ ତଥା ଜାତିର ସୁଯୋଗ୍ୟ ଦାୟାଦଙ୍କ ଜୀବନୀକୁ ଆଲୋଚ୍ୟ ପୁସ୍ତକଟିରେ ଅତ୍ୟନ୍ତ ସରସ, ସୁନ୍ଦର ଓ ରସାଳ ଭାବେ ଅଭିବ୍ୟଂଜନା କରାଯାଇଛି । ଆଲୋଚ୍ୟ ପୁସ୍ତକର ଭାଷା ଶୈଳୀ ଅତ୍ୟନ୍ତ ଭାବଗର୍ଭକ ଓ ଅତ୍ୟନ୍ତ ଚିତ୍ତାକର୍ଷକ। ସ୍ଥାନେ ସ୍ଥାନେ ଗ୍ରାମୀଣ ଭାଷାର ପ୍ରୟୋଗ କରି ଲେଖକ ତାଙ୍କ ବହୁଶାସ୍ତ୍ରଦର୍ଶୀତାର ପ୍ରମାଣ ଦେଇଛନ୍ତି । ନିଜେ ଗୋପୀନାଥ ମହାନ୍ତି ଜଣେ ଉଚ୍ଚକୋଟୀର ଜୀବନବାଦୀ କଥାକାର ହୋଇ ଯେଭଳି ଏଠାରେ ଗୋପବନ୍ଧୁଙ୍କ ଜୀବନାଦର୍ଶକୁ ପାଠକ ପାଖରେ ଉନ୍ମୋଚନ କରିଛନ୍ତି, ତାହା ବାସ୍ତବରେ ପ୍ରସଂଶା ଯୋଗ୍ୟ । ତେଣୁ ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ସାଂପ୍ରତିକ ପରିପ୍ରେକ୍ଷୀରେ ଗୋପବନ୍ଧୁଙ୍କ ଜୀବନାଦର୍ଶ ପାଠକ ସମାଜକୁ ନୂତନ ପଥ,ଆଶାର ଆଲେକ,ସମ୍ଭାବନାର ଅଭୀପସା ତଥା ନବ ଚେତନାର ମହତ୍ତ୍ୱ ଦେଖାଇବାରେ ସହାୟକ ହେବ, ଏଥିରେ ତିଳେ ମାତ୍ର ସନ୍ଦେହର ଅବକାଶ ନାହିଁ ।

ସହାୟକ ସୂଚୀ--

୧.ଦ୍ରଷ୍ଟବ୍ୟ--en.m.wikipedia.org/wiki/biography_definition of biography in English

୨.ଦ୍ରଷ୍ଟବ୍ୟ...www.merriam_webstar.com/biography_defenation of english

୩- ପଟ୍ଟନାୟକ, ପଠଣି-ଜୀବନୀ ସାହିତ୍ୟ ଏକ ଅଧ୍ୟୟନ, ପୃଷ୍ଠା-୧୫୩

ISSN NO.
2582-208X

୪- ତତ୍ରୈବ, ପୃଷ୍ଠା --୧୫/୧୬
୫-ମହାନ୍ତି, ଗୋପୀନାଥ -ଉତ୍କଳମଣି, ( ସୂଚନା/ମୁଖବନ୍ଧ)
୬- ତତ୍ରୈବ, ପୃଷ୍ଠା--୭
୭-ତତ୍ରୈବ, ପୃଷ୍ଠା--୧୨
୮-ତତ୍ରୈବ, ପୃଷ୍ଠା--୧୫
୯-ତତ୍ରୈବ, ପୃଷ୍ଠା--୩୪
୧୦-ତତ୍ରୈବ, ପୃଷ୍ଠା-୪୬
୧୧-ତତ୍ରୈବ, ଷୃଷ୍ଠା-୬୨

ବିଭାଗୀୟ ମୁଖ୍ୟ, ଓଡିଆ ଭାଷା ଓ ସାହିତ୍ୟ ବିଭାଗ
ଜମଲା ଡିଗ୍ରୀ ମହାବିଦ୍ୟାଳୟ, ଜମଲା
ପଦ୍ମପୁର, ବରଗଡ଼---୭୬୮୦୪୯
ମୋ---୯୭୭୮୨୪୩୪୦୫

ISSN NO.
2582-208X

# ପ୍ରେମ ଏମିତି



ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର

ପ୍ରେମ ଜୀବନର ଅଫୁରନ୍ତ ଉତ୍ସ
ପ୍ରେମ ପୂଣ୍ୟ ବିକଚିତ ସୁଗନ୍ଧିତ ପୁଷ୍ପ ।

ପ୍ରେମ ଅନ୍ଧାର ରାତିର ଜହ୍ନ,
ପ୍ରେମ ଶୁଷ୍କ ନିଦାଘର ଘର୍ମାକ୍ତ ମଧ୍ୟାହ୍ନ,
ଛଳ ଛଳ ସ୍ରୋତସ୍ୱିନୀ ପାହାଡି ଝରଣା,
ପ୍ରେମ ଅଟେ ଶୀତ ରାତି ଅବୁଝା ବେଦନା ।

ପ୍ରେମ ବିଷ,
ପ୍ରେମ ପୀୟୁଷ ।

ପ୍ରେମ ଦେବତାର ଆଶୀର୍ବାଦ,
ପ୍ରେମ ଜୀବନର ମଧୁମୟ ଛନ୍ଦ;
ପ୍ରେମ ଜୀବନର ଅଶା,
ପ୍ରେମ ମୃତ୍ୟୁର କବିତା ।

ISSN NO.
2582-208X

ପ୍ରେମ ନିର୍ବାକ,
ପ୍ରେମ ବାଚାଳ ।
ପ୍ରେମ ମୂକ,
ପ୍ରେମ ପ୍ରଗଲ୍-ଭ (ପ୍ରଗଲ୍ଭ) ।

ପ୍ରେମ ପ୍ରଣୟୀ ମନର ମୃଦୁ ଯନ୍ତ୍ରଣା,
ପ୍ରେମ ଜୀବନର ସୁଖଦ ପ୍ରେରଣା;
ପ୍ରେମ ଦୂର ଆକାଶର ତାରା ଫୁଲ
ପ୍ରେମ ମନର ଅଭିନ୍ନ ଇନ୍ଦ୍ରଜାଲ ।

ପ୍ରେମ ଅନ୍ଧ,
ପ୍ରେମ ଚକ୍ଷୁଷ୍ମାନ;
ପ୍ରେମ ଅନାବିଳ ଆବେଗ ସଂପର୍କ
ପ୍ରେମ ଐକାନ୍ତିକ ନିସ୍ୱାର୍ଥ ସମର୍ପଣ ।

ପ୍ରେମ ନିୟନ୍ତ୍ରଣ ବିହୀନ ଅଗ୍ନି ଶିଖା
ଯାହାକୁ ଲଗାଇ ହୁଏନି
ଲାଗିଲେ ଲିଭାଇ ହୁଏନି ।।

ମଙ୍ଗଳାଯୋଡି, ଖୋର୍ଦ୍ଧା

ISSN NO.
2582-208X

# ଅସମ୍ଭବ



ଡ. ଜ୍ଞାନେଶ୍ୱର ମିଶ୍ର

(୧)

ପବନ ଗୁଡିକୁ ଉଡାଏ

ାଲି ଯାଇଥାଏ ।

ସେହି ପବନରେ ଗୁଡିର ଡୋର ଛିଣ୍ଡିଗଲେ

ମନ ଭାଙ୍ଗିଯାଏ ।

ଗୁଡି ଅଫେରନ୍ତା ଅଜଣା ରାଇଜକୁ

ଚ

ହାତରେ ଖାଲି ଝୁରି ହେବାର

ସୂତା ଖଣ୍ଡେ ଥାଏ ।

ପବନ ଯେତେ କଉଶଳ କଲେ ବି

ଆଉ ଫେରିବାର ତିଳେ ମାତ୍ର ସୂଚନା ନଥାଏ ।

(୨)

ମିଠା ପାଣିର ଝରଣାଟି ମିଶିଗଲେ

ଲୁଣି ସାଗରରେ ହଜିଯାଏ ମିଠାପଣ ତାର

ସାଗରରୁ ଓଲଟା ବହି ପୁଣି ଝରଣାର ମିଠା ପାଣି ହେବ

ଏ ତ ଆଦିମ କାଳରୁ ଆଜିଯାଏଁ ଅସମ୍ଭବ

ISSN NO.
2582-208X

(୩)

ଟିକିଏ ଅସାବଧାନତାରେ ହାତରୁ ଖସିପଡିଲେ
ପ୍ରିୟତମ ରଙ୍ଗ ବେରଙ୍ଗ ମାଇ କଣ୍ଢେଇଟି ଭାଙ୍ଗିଯାଏ
ଯେଉଁ ମାଟିରେ ତିଆରି ସେହି ମାଟିରେ ହିଁ ମିଶେ
ଶତ ଚେଷ୍ଟା କଲେ ବି ଯୋଡି ହେବାର
ଉପାୟ ଅସମ୍ଭବ ଦିଶେ
ସବୁ ହୋଇଯାଏ ଶେଷ
ବୁଦ୍ଧି ହୁଏନା ଏ ଅସମ୍ଭବ ପାଇଁ
କାହିଁକି ବିଳାପ କରେ ଏ ମଣିଷ ।

ମୋ: ୮୪୨୦୨୪୨୭୫୫

ISSN NO.
2582-208X

# ଝିଅ ଟିଏ ସେ



ଦେବାର୍ଚ୍ଚନ ମେହେର

ଝିଅ ଟିଏ ସେ ଝିଅ ଟିଏ,
ବଗିଚାର ସେ ଫୁଲ ଟିଏ।।

ଝିଅ ଟିଏ ସେ ଝିଅ ଟିଏ...
ବାପାର ଗେହ୍ଲେଇ ଝିଅ ଟିଏ,
ସନ୍ତାନର ସେ ମାଆ ଟିଏ।।

ଝିଅ ଟିଏ ସେ ଝିଅ ଟିଏ...
ଭାଇର ସେ ଭଉଣୀ ଟିଏ,
ସ୍ୱାମୀର ସେ ପତ୍ନୀ ଟିଏ।।

ଝିଅ ଟିଏ ସେ ଝିଅ ଟିଏ...
ଶକ୍ତି ସ୍ୱରୂପିଣୀ ସିଏ,
ମୁକ୍ତି ପ୍ରଦାୟିନୀ ସିଏ।।

ଝିଅ ଟିଏ ସେ ଝିଅ ଟିଏ,
ସ୍ୱୟଂ ନାରାୟଣୀ ସିଏ।।
ଝିଅ ଟିଏ ସେ ଝିଅ ଟିଏ...
ସୃଷ୍ଟି ସର୍ଜନା କାରିଣୀ ସିଏ,
ବିନାଶ କାରିଣୀ ସିଏ।।

ଝିଅ ଟିଏ ସେ ଝିଅ ଟିଏ...
ଜଗତ ଉଦ୍ଧାର କାରିଣୀ ସିଏ,
ମଙ୍ଗଳମୟୀ ସିଏ।।

ଝିଅ ଟିଏ ସେ ଝିଅ ଟିଏ...
ଦୟାର ସାଗର ସିଏ,
କରୁଣାମୟୀ ସିଏ।।

ISSN NO.
2582-208X

ଝିଅ ଟିଏ ସେ ଝିଅ ଟିଏ...
ସ୍ନେହମୟୀ ସିଏ,
ମମତାମୟୀ ସିଏ।।

ଝିଅ ଟିଏ ସେ ଝିଅ ଟିଏ,
ମଧୁର ଭାଷିଣୀ ସିଏ।।

ଝିଅ ଟିଏ ସେ ଝିଅ ଟିଏ...
ଘର ଅଗଣାର ସେ ତୁଳସୀ ଟିଏ,
ଘରର ଲକ୍ଷ୍ମୀ ଠାକୁରାଣୀ ସିଏ।।

ଝିଅ ଟିଏ ସେ ଝିଅ ଟିଏ...
ସେ ସତୀ ସାବିତ୍ରୀ ଟିଏ,
କଣ୍ଠର ସରସ୍ୱତୀ ସିଏ।।

ଝିଅ ଟିଏ ସେ ଝିଅ ଟିଏ...
ଝିଅ ଆଶା ଭରସା ଟିଏ,
ଝିଅ ଅତି ବିଶ୍ୱାସୀ ଟିଏ।।

ଝିଅ ଟିଏ ସେ ଝିଅ ଟିଏ,
ସର୍ବଦା ଉଚ୍ଚ ମନା ସିଏ।।

ଝିଅ ଟିଏ ସେ ଝିଅ ଟିଏ...
ଝିଅର ମନ ନିର୍ମଳ ଟିଏ,
ହୃଦୟ ତାର ମନ୍ଦିର ଟିଏ।।

ଝିଅ ଟିଏ ସେ ଝିଅ ଟିଏ...
ରୂପ ଯୌବନରେ ପରିପୂର୍ଣ୍ଣ ସିଏ,
ଝିଅ ଟିଏ ସେ ଝିଅ ଟିଏ...
ଆଜିର ଦ୍ରୌପଦୀ ମୁର୍ମୁ ସିଏ।।

ଝିଅ ଟିଏ ସେ ଝିଅ ଟିଏ...
ଦୁହିତା ଦୁଇ କୁଳର ହିତା ସିଏ,
ରତ୍ନ ମଧ୍ୟେ କନ୍ୟାରତ୍ନ ସିଏ।।

ଗ୍ରାମ - ବାପୁଜୀନଗର,
ଜିଲ୍ଲା - ବୌଦ୍ଧ
ମୋ - ୭୮୯୪୩୪୩୫୫୨

ISSN NO.
2582-208X

# ବଉଳ ଗଇଁଠା



ଡକ୍ଟର ଉତ୍ପଳା ଦାଶ ଷଡ଼ଙ୍ଗୀ

ଫୁଲ ମାଉସୀ ଆଜି ସକାଳୁ ସକାଳୁ ଆସି ଦାଣ୍ଡ କବାଟ ପିଟୁଛି। ଏତେ ଜୋରରେ ପିଟୁଛି ଆଉ ପାଟି କରୁଛି ଯେ ତାକୁ ନ ଦେଖି ମଧ୍ୟ କେହି ଆଖି ବୁଜି କହିଦେବ ଇଏ ଫୁଲ ମାଉସୀ। ପୂଜା ପର୍ବର ତାଲିକା ଦେଖିଦେଖି ଆସିଯିବ ରଙ୍ଗ ଲଗେଇଦେବା ଲାଗି। ଗାଆଁ ଟା ସାରା ହୁରି ପକେଇ ଚାଲୁଥିବ ସେ। ହାତରେ ଗିନା, ରଙ୍ଗ ଅଳତା ଶିଶି, ତୁଳା ଟିକେ, କତୁରି ଧରିକି ଏ ଘରୁ ସେ ଘର ବୁଲୁଥିବ ଗାଆଁ ଟା ସାରା।

ଆଜି ସେ ପାଟି କରୁଛି ଗୋଟେ ଆଳ ଦେଖେଇ। ମିତା କବାଟ ଖୋଲିଦେଲା ସିନା, କିନ୍ତୁ ନିଦରେ ଟଳମଳ ହେଉଥାଏ। ବାପ ଘରକୁ ଆସିଛି ସେ କେତୋଟି ଦିନ ଆରାମ କରିବା ପାଇଁ। ମା ଠାକୁର ଘରେ ପୂଜା କରୁଥାଏ। ଫୁଲ ମାଉସୀ ମିତାକୁ ଦେଖି ଗୁଡ଼ାଏ ପ୍ରଶ୍ନ କରିବା ଆରମ୍ଭ କରିଦେଲା। କେବେ ଆସିଲା, ଜ୍ୱାଇଁ କାହାନ୍ତି ? ପିଲାମାନେ କାହାନ୍ତି,, ଏମିତି ପ୍ରଶ୍ନ ଉପରେ ପ୍ରଶ୍ନ। ମିତା ତାର ସ୍ୱଭାବ ଆଗରୁ ଜାଣିଛି। ସେଥିପାଇଁ ଚୁପଚାପ୍ ଉତ୍ତର ଦେଇ ଶୋଇବା ଘରକୁ ଚାଲିଗଲା।

ରାଜଶ୍ରୀ ଠାକୁର ଘରୁପୂଜା ସାରି ଆସିଲେ। ଫୁଲ ମାଉସୀ ନାଲିଆ ଚାହା ପିଏ ବୋଲି ଗୋଟେ  ବଡ଼ ତାଟିଆରେ ଚାହା ସହିତ ମୁଢ଼ି ଦେବାକୁ ଫର୍ମାଇଶ କଲା। ରାଜଶ୍ରୀ ତାକୁ ମୁଢ଼ି ଚାହା ଦେଇକି ନିଜେ ଟିକେ ଚାହା ପିଇଲେ। ପଚାରିଲେ, "ମାଉସୀ ସକାଳୁ ସକାଳୁ କାହିଁକି ଆସିଲୁ ? କଣ କିଛି କହିବୁ ?"।

ISSN NO.
2582-208X

ଫୁଲ ମାଉସୀକୁ ଗାଆଁ ସାରା ସମସ୍ତେ ତୁ, ତା କରି କଥା ହୁଅନ୍ତି। ଟୋକାମାନେ ଆଇ, ଜେଜେମା ଡାକନ୍ତି ତ ସ୍ତ୍ରୀ ଲୋକମାନେ ମାଉସୀ ଡାକନ୍ତି। କଥା ଗୁଡ଼ାକ ଏମିତି କହେ ଯେ ସେ ବାତୁଳି ବାଣ ଛାଡ଼ିବା ପରି । ପୁରା ଗୀତିନାଟ୍ୟ ର ଦୁଃଶାସନ ଚରିତ୍ର ପରି ରଡି ଛାଡି କଥା କହୁଥିବ।

ରାଜଶ୍ରୀ ଯେମିତି ତାକୁ ପଚାରିଲେ, ସଙ୍ଗେ ସଙ୍ଗେ ସେ ଉତ୍ତର ଦେଲା, "ଆଲୋ, କାଲି ପରା ବଉଳ ଅମାବାସ୍ୟା। ଗଇଁଠା ପିଠା କରିବୁନିକି ? ଚାଉଳ ବତୁରାଇ ଶୁଖେଇ ଦେଇଥା। ଚାରିଟା ବେଳେ ଆସିକି ଢ଼ିଙ୍କି ରେ କୁଟିଦେବି। ନଡ଼ିଆ ଯଦି ତୋଳିବୁ, ପୁଅକୁ କହିବି। ତୋ ନଡ଼ିଆ ଗଛରୁ କେତୋଟି ନଡ଼ିଆ, ଗୁଆ ଗଛରୁ କେତୋଟି ପାକଳ ଗୁଆ ପାରି ଦେବ । ଆମ୍ବ ଗଛରେ ଯଦି ବଉଳ ଧରିଥିବ ତାକୁ ତୋଳି ଦେବ। ଜଗନ୍ନାଥଙ୍କୁ ବଉଳ ଟିକେ ଚଢ଼େଇଦେବୁ । କାଲି ସକାଳେ ଆସି କି ରଙ୍ଗ ଲଗେଇଦେବି। ତୋ ଝିଅ ଆସିଛି। ହିରୋ ଜ୍ୱାଇଁ ମୋର ଆସିଛି। ଟିକେ ଏ ବୁଢ଼ି କୁ ବଇନି କର।"

ରାଜଶ୍ରୀ ଟିକେ ହସିଦେଲେ ଆଉ କହିଲେ, "ହଉ ମାଉସୀ, ନେ, ତୁ ଏ ଶହେ ଟଙ୍କା ରଖ। ଜ୍ୱାଇଁ ପରା ଶୋଇଛନ୍ତି। ଏତିକି ନେଇକି ଯା। ଚାରିଟା ବେଳେ ଆସିବୁ। ସାଙ୍ଗରେ ତୋ ବୋହୂ କୁ ଆଣିବୁ। ତୋତେ ସେ ଢ଼ିଙ୍କି କୁଟାରେ ସାହାଯ୍ୟ କରିବ।"

ହଉ ଯାଉଛି କହି ଫୁଲ ମାଉସୀ ଗଲା । ମିତା ଉଠିଯାଇ ବ୍ରସ କରୁଥିଲା। ମା ଆଉ ଫୁଲ ମାଉସୀର କଥା ଶୁଣି ହସି ହସି ସେ ବେଦମ ହେଇଗଲା। ମାତ୍ର ବଉଳ ଅମାବାସ୍ୟା କଥା ସେ ଜାଣି ନଥିଲା। ଗଇଁଠା ପିଠା ଖାଇବା ତାର ମନେ ଅଛି ।

ମିତା ମାଆ କୁ କହିଲା, "ମାଆ, କାଲି ସକାଳେ ଗାଧୋଇ ପାଧୋଇ ଘରର ପୂଜା ସରିଲେ ମୁଁ ଆଉ ସମ୍ବିତ ବିରଜା ମନ୍ଦିରକୁ ଯିବୁ। ଜଗନ୍ନାଥ ମନ୍ଦିର, ରକ୍ଷାକାଳୀ, ସବୁ ବୁଲିକି ଦେଖିନେବୁ। ସମ୍ବିତ ବିରଜା ମନ୍ଦିର ଛଡ଼ା ଆଉ କିଛି ଦେଖି ନାହାନ୍ତି। ଏଥର ସୁଯୋଗ ମିଳିଛି। ଦେଖିନେବୁ। ପୁଣି ମୁଁ କେବେ ଆସିବି ଜଣାନାହିଁ।"।

ରାଜଶ୍ରୀ କହିଲେ, "ହଁ, କାର ନେଇକି ଚାଲିଯିବ। କେତେଦିନ ରୁ ବାପା ନାହାନ୍ତି ବୋଲି ଗରେଜ ରେ ଖାଲି ପଡ଼ିଛି। ବାପା ଆସିଲେ ଗାଡି ବାହାରେ। ଗଲା ବେଳେ ଘରୁ ନଡ଼ିଆ ନେଇଯିବୁ। ସବୁ ମନ୍ଦିର ରେ ଚଢେଇଦେବୁ।"

ISSN NO.
2582-208X

ଏତିକି କହି ରାଜଶ୍ରୀ ଜଳଖିଆ କରିବାପାଇଁ ଚାଲିଗଲେ। ସମ୍ବିତ ଉଠିଯାଇ ଗାଧୁଆ ପାଧୁଆ ସାରି ମୀତାକୁ କହିଲେ ready ହୋଇଯିବା ଲାଗି। ଟିକେ ମାର୍କେଟ ଆଡେ ଯିବାଲାଗି। ଜଳଖିଆ ଖାଇ ସାରି ଦୁହେଁ ମାର୍କେଟ ଯାଇ ସମସ୍ତଙ୍କ ପାଇଁ ନୂଆ କପଡ଼ା କିଣିଲେ। କିଛି ମିଠା, ଛେନାପୋଡ଼ କିଣିଲେ। ଯାଜପୁର ର ଦହିବରା, ଆଳୁଦମ ଭାରି ପ୍ରସିଦ୍ଧ। ତାକୁ ମଧ୍ୟ ଖାଇଲେ। ଘରକୁ ଫେରିଲା ପରେ ସେମାନେ ଦେଖିଲେ ଆଇ ପାଖରେ ମିତାର ପୁଅ ଆଉ ଝିଅ ଦୁହେଁ ବସିଛନ୍ତି। ମୁହଁ କୁ ଶୁଖେଇ କଣ ସବୁ ଚୁପଚାପ ଆଇକୁ କହୁଛନ୍ତି। ମିତା କହିଲା ,"ଜମା ବ୍ୟସ୍ତ ହୁଅନି। ତୁମ ମାନଂକ ପାଇଁ ନୂଆ କପଡ଼ା ଆସିଛି। କାଲି ସମସ୍ତେ ପିନ୍ଧିବ। ଆଇ ଲାଗି ବଢ଼ିଆ ସୂତା ଶାଢ଼ୀ ଆଣିଛି। ଆଇ କାଲି ପିନ୍ଧିକି ପୂଜା କରିବେ। ଗଇଁଠା ପିଠା ପୂଜା ହେବ। ସନ୍ଧ୍ୟାରେ କାଲି ଆମେ କୁସୁମା ପାର୍କ ବୁଲିଯିବା।"

ଏକଥା ଶୁଣି ପିଲା ଦୁହେଁ ବଡ଼ ଖୁସି ହୋଇଗଲେ। ମିତା ଦୁଇବର୍ଷ ପରେ ଆମେରିକାରୁ ଆସିଛି। ସମ୍ବିତ ଖୁବ୍ କମ୍ ସମୟ ପାଇଁ ଓଡ଼ିଶା ଆସନ୍ତି। ତେଣୁ ଗୋଟିଏ ଥର ଛୁଟିରେ ଆସିଲେ ମୀତା ଶାଶୁଘର, ବାପଘର ବୁଲିନିଏ। ଏ ପିଲା ଦୁଇଟା କଣ ଜାଣନ୍ତି। ବୁଲିବା କଥା କହିଲେ ବଡ଼ ଖୁସ୍।

ସକାଳ ପାହିଲା। ରାଜଶ୍ରୀ ଆମ୍ବବଉଳ ସହ ଗଇଁଠା ପିଠା ମା ବିରଜା, ଜଗନ୍ନାଥଙ୍କୁ ଭୋଗ ଲଗାଇ ପାଣି ଛଡେଇଦେଲା। ସମସ୍ତେ ମନ୍ଦିର ଦର୍ଶନରେ ବାହାରିଗଲେ। ସେଠାରୁ ଫେରି ମଧ୍ୟାହ୍ନ ଭୋଜନ କରିକି ଟିକେ ବିଶ୍ରାମ ନେଲେ। ଚାରିଟା ବେଳେ ସମ୍ବିତ, ମୀତା ପିଲାମାନଙ୍କୁ ଧରି କୁସୁମା ପାର୍କ ବୁଲିବାକୁ ଚାଲିଗଲେ। ରାତିରେ ଘରକୁ ଫେରିଲା ପରେ ଆଇ ପାଖରେ ବସି ନାତି ନାତୁଣୀ ପାର୍କ ରେ କେତେ ମଜା କଲେ, ବୋଟିଂ କଲେ, ସବୁ କଥା କହି ପକେଇଲେ। ଆଇ ବିନା ପିଆଜ ରେ ତିଆରି ବଡା ଖାଇବାକୁ ଭଲ ପାଆନ୍ତି ବୋଲି କିଛି ବଡ଼। ମଧ୍ୟ ପିଲାମାନେ ଆଣିଥିଲେ। ରାଜଶ୍ରୀ ଖୁସି ହେଉଥାନ୍ତି ପିଲାମାନଙ୍କର ଖୁସି ଦେଖିକି। ମାତ୍ର ମିତାର ବାପା ଏଇ ସମୟରେ ବାହାରେ ଥିବାରୁ ମନଟା ମାନୁ ନଥାଏ। ଏଗାର ଦିନ ହେଇଗଲାଣି tour ରେ ଅହମଦାବାଦ ଯାଇଛନ୍ତି। ନାତିନାତୁଣୀ, ମିତା, ସମ୍ବିତ ଙ୍କୁ ଦେଖିଥିଲେ କେତେ ଖୁସି ହେଇଥାନ୍ତେ। କିଛି ଖବର ବି ଜଣେଇ ନାହାନ୍ତି କେବେ ଆସିବେ ବୋଲି। ରାଜଶ୍ରୀ ଭିତରେ ଭିତରେ ଦୁଃଖରେ କୁହୁଳୁ ଥାନ୍ତି।

ISSN NO.
2582-208X

ହଠାତ୍ କଲିଙ୍ଗ ବେଲ ବାଜିବାରୁ ରାଜଶ୍ରୀ ରୋଷେଇ ଘରୁ ହାତଟା ଧୋଇ କବାଟ ଖୋଲିବାକୁ ଗଲେ। କବାଟ ଖୋଲି ଦେଖିଲେ, ମିତାର ବାପା ସୁଟକେଶ ଧରି ଠିଆ ହୋଇଛନ୍ତି। ଆଉ ମୁରୁକି ମୁରୁକି ହସି ଦେଇ ରାଜଶ୍ରୀଙ୍କୁ ଅନେଇଲେ। ରାଜଶ୍ରୀ ସ୍ୱାମୀଙ୍କୁ ଦେଖିଖୁସିରେ ଆଖିରୁ ଲୁହ ପୋଛି ପକେଇ ସୁଟକେଶ ଟିକୁ ଧରି ଘର ଭିତରକୁ ଆସିଲେ।।।।।।।।।

ଜାମସେଦପୁର, ଝାଡ଼ଖଣ୍ଡ

ISSN NO.
2582-208X

# ଦୀପ ସଳିତାର ଆତ୍ମକଥା



ବେଣୁଧର ସୂତାର

ଭକ୍ତି ନୈବେଦ୍ୟର ପାବନ ବେଦିରେ
ଅନୁଚାରିତ ମୋ ହୃଦ ବେଦନା
ନିଖିଳ ନିର୍ବାଣ ମୁକ୍ତି ଦୀପାଳିର
ତ୍ୟାଗ ତିତିକ୍ଷାର ସଳିତା ସିନା ।

ତୈଳ ହ୍ରଦର ତପ୍ତ ତନୁରେ
ଜଳିଯାଏ ସିନା ଅସ୍ତିତ୍ୱ ମୋର
ଜଳାଞ୍ଜଳି ଦେଇ ଜୀବନ ସର୍ବସ୍ୱ
ଘୁଞ୍ଚାଇ ଦିଏ ମୁଁ ଘନ ଅନ୍ଧାର ।

ମୁଁ ଯେ କ୍ଷୀଣ ଏକ ପବିତ୍ର ପ୍ରତିମା
ନୈସର୍ଗିକ ଭକ୍ତି ପୀରତ ଘେନି
ଭାବ ତନ୍ମୟର ପୁଣ୍ୟ ଦୀପାୟନ
ମୁକ୍ତିର ଅମନ୍ଦ ମନ୍ଦାକିନୀ ।

ବିନ୍ଦୁରୁ ବଳୟ ବିଶ୍ୱାସ ବେଦିରେ
ଅନ୍ତରରୁ ଅନ୍ତଃସ୍ୱର ତୋଳି
ଅନାହତ ଧ୍ୱନି ମୁକ୍ତି ଆବାହନୀ
ଭକ୍ତି ନୈବେଦ୍ୟର ମୁଁ ଦୀପାଞ୍ଜଳି ।

ତୀବ୍ର ଦହନର ଜ୍ୱାଳାରେ ଜଳେ ମୁଁ
ତିଳ ତିଳ ତନୁ ହୁଏ ମୋ ଶେଷ
ଜଳିବାରେ ଥାଏ ବିଶ୍ୱ କଲ୍ୟାଣର
ପୂତ ଭାବନାର ଭାବ ଉନ୍ମେଷ ।

କନକ ଜ୍ୟୋତିର ହିଲ୍ଲୋଳରେ ମୋର
ଜଳୁଥାଏ ସିନା ଜୀବନ ରେଖା
ଶାଶ୍ୱତ ପ୍ରେମର ଲକ୍ଷ୍ୟ ପଥରେ
ଶୂନ୍ୟଗାମୀ ମୋର ପବିତ୍ର ଶିଖା ।

ISSN NO.
2582-208X

କେତେବେଳେ ମୁହିଁ ଖଣ୍ଡଦୀପ ପରା
କେତେବେଳେ ପୁଣି ଅଖଣ୍ଡ ଧାରା
ସଦାକାଳେ ଭକ୍ତି ଅନୁବର୍ତ୍ତିତା ମୁଁ
ଗରଭରେ ମୋର ପୁଣ୍ୟ ପସରା ।

ହୃଦ ସମ୍ପୁଟର ବିଗଳିତ  ପ୍ରେମ
ପରମ ପ୍ରୀତ୍ୟାର୍ଥ ମୋ ପରମାର୍ଥ
ସତ୍ତା ନୁହେଁ ମୋର ବ୍ୟର୍ଥତାରେ ଗଢା
ଦେଖାଇ ଦେଇଛି ମୁକତି ପଥ ।

ଦୀପ୍ତିମୟୀ ମୁହିଁ ଅନନ୍ତ ତୃପ୍ତିର
ଅନନ୍ୟ ତ୍ୟାଗର ପ୍ରତିମା ଟିଏ
ଦେବ ଅର୍ଚ୍ଚନାର ଆଳତି ଅର୍ଘ୍ୟରେ
ଶୂନ୍ୟ ଜୀବନ ମୋ ପୂର୍ଣ୍ଣତା ପାଏ ।

କେଶଦୁର୍ବପାଳ  କେନ୍ଦୁଝର
ଦୂରଭାଷ -୯୧୭୮୫୬୮୨୪୬

ISSN NO.
2582-208X

# ଛାଡଖାଇ ମାହାତ୍ମ୍ୟ



ପ୍ରସନ୍ନ କୁମାର ମେହେର

ମାନବ ଜନମ ଦୁର୍ଲ୍ଲଭ ଜୀବନ
ଏଇ ବସୁନ୍ଧରା କୋଳେ
କୋଟି ପୂଣ୍ୟ ବଳେ ଲଭିଛି ଜନମ
ସର୍ବ ଚରାଚର ମେଳେ ।।

କାର୍ତ୍ତିକ ମାସଟି ଧରମର ମାସ
ଓଷାବ୍ରତ ହୃଦେ କରି
ଉପବାସ ରହି ପ୍ରଭୁ ପାଦେ ଧ୍ୟାୟୀ
ପୂଣ୍ୟ ଅରଜନ କରି ।।

ହବିଷ୍ୟାଳୀଗଣ ହବିଷ ଭକ୍ଷିଣ
ରାଇ ଦାମୋଦର ସେବି
ଆମିଷ ଭୋଜନ କରି ବରଜନ
ଅହୋଭାଗ୍ୟ ଅନୁଭବି ।।

ପଞ୍ଚୁକ ପାଳନ କରି ପାଞ୍ଚ ଦିନ
ପାଞ୍ଚଟି ଦୁର୍ଗୁଣ ଛାଡି
କାମ କ୍ରୋଧ କୁଟ  କପଟ କଳହ
ହୃଦୁ ଯାଉ ସଦା ଏଡି ।।

ପୂର୍ଣ୍ଣି ପରଦିନ ଛାଡଖାଇ ପଡେ
ହର୍ଷ ଉଲ୍ଲସିତ ଭରି
ସର୍ବ ଖାଦ୍ୟ ଛାଡ଼ି ନିର୍ଜ୍ଜଳାରେ ରହି
ବ୍ରତ ଉପବାସ ସାରି ।।

ମାସକ ଧରମ ପୂର୍ଣ୍ଣ ଅଭିଳାଷ
ପ୍ରଭୁ ପାଦ ଅନୁସରି
ଦୁର୍ଗୁଣ ପାଶୋରି ସଦଗୁଣ ଧରି
ଗମନ ବୈକୁଣ୍ଠ ପୁରି ।।

ISSN NO.
2582-208X

ଛାଡଖାଇ ବୋଲି ପର୍ବ ଏକ ନାହିଁ
ପୌରାଣିକ ଅଭିମତେ
ଆମିଷ ଭକ୍ଷଣ ନୁହେଁ ପ୍ରୟୋଜନ
ଜୀବନର ସତ୍ୟପଥେ ।।

ସଂସ୍କାର ସଂସ୍କୃତି ଆନମନା ମତି
ସତ୍ୟକୁ ଯାଉଛେ ଭୁଲି
ଗୀତା ଭାଗବତ ରାମାୟଣ ଗୀତି
ବେଦୋପନିଷଦ ବୋଲି।।

ପଶୁପକ୍ଷୀ ମାରି ଭୁଞ୍ଜିବା ସବୁରି
ଆମିଷ ଭକ୍ଷିଣ ନର
ଅସୁର ପ୍ରବୃତ୍ତି ହୀନକାମ ମତି
ତାମସିକ ଗୁଣେ ଚର ।।

ସାତ୍ୱିକ ଆହାର ଶୁଦ୍ଧତା ବିଚାର
ହୃଦୟେ ଲଭି ମହତ୍ତ୍ୱ
ନିରାମିଷ ଭକ୍ଷି ହେବା ସଦା ସୁଖି
ଛାଡଖାଇ ଏ ମାହାତ୍ମ୍ୟ ।।

ଛାଡଖାଇ ଅର୍ଥ ନୁହଁଇ  କେବଳ
ଆମିଷ ଭୋଜନ ଆଶା
ଦୁର୍ଗୁଣ ବିଦାରି ସଦଗୁଣ ବରି
ବିଭୁ ପଙ୍କଜେ ପ୍ରତ୍ୟାଶା ।।

ଦିଗଶିର୍, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ସଚ୍ଚିଦାନନ୍ଦ ରାଉତରାୟଙ୍କ ପଲ୍ଲିଶ୍ରୀ କବିତାଗ୍ରନ୍ଥରେ ଗ୍ରାମ୍ୟଜୀବନ



ଅପରାଜିତା ମହାରଣା

ଓଡ଼ିଆ ସାହିତ୍ୟ ଜଗତରେ ସଚ୍ଚିଦାନନ୍ଦ ରାଉତରାୟ ଏକ ପ୍ରମୁଖ ପରିଚୟଟିଏ । ସଚ୍ଚିଦାନନ୍ଦ ରାଉତରାୟ ଅନେକ ସାହିତ୍ୟ ରଚନା କରିଥିଲେ ମଧ୍ୟ କବିତା ନିମନ୍ତେ ସେ ବହୁ ଚର୍ଚ୍ଚିତ । କୈଶୋର ଅବସ୍ଥାରୁ କବି ପାଲଟିଥିବା ସଚ୍ଚି ରାଉତରାୟ ଦୀର୍ଘ ଷାଠିଏ ବର୍ଷ ଧରି ଓଡ଼ିଆ ସାହିତ୍ୟ ରଚନା କରିଥିଲେ । ସେ ପ୍ରଗତିବାଦୀ ଚେତନାର ଅଗ୍ରଦୂତ ଭାବେ ପରିଚିତ । କବିତା – ୧୯୬୨ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ଓ ମାୟାକୋଭସ୍କି କବିତା ସଂଗ୍ରହ ପାଇଁ ସୋଭିଏତଲ୍ୟାଣ୍ଡ ନେହେରୁ ପୁରସ୍କାର ମଧ୍ୟ ପ୍ରାପ୍ତ ଓ ଏହି କବିତାବଳୀର ସାର୍ଥକ ଅନୁବାଦକ ଥିଲେ । କବିଙ୍କର "ପଲ୍ଲିଶ୍ରୀ" କବିତା ସଂକଳନ ପୁସ୍ତକ ୧୯୪୧ ରେ ପ୍ରକାଶିତ ହୋଇଥିଲା ଓ ଏହାର ଦ୍ୱିତୀୟ ସଂସ୍କରଣ ୧୯୪୯ ରେ ପ୍ରକାଶିତ ।

"ଶିବ ପୂଜା" (୧୯୩୨ )ମସିହାରେ, "ପହିଲି ରଜ" (୧୯୩୪), "ପଲ୍ଲୀ ସକାଳ" (୧୯୩୪), ଜମିଦାରଙ୍କ ଷଣ୍ଢ ( ୧୯୩୫), ମାଲୁଣୀ (୧୯୩୬), ରେଙ୍ଗୁନ୍ ଯାତ୍ରୀ (୧୯୩୭), ଛୋଟ ମୋର ଗାଆଁଟି ୧୯୪୧), ପଲ୍ଲୀ ସଞ୍ଜ (୧୯୪୧), ବାପା ପକାଇଲେ ହୁରି( ୧୯୪୧), ଗ୍ରାମ ଶ୍ମଶାନ (୧୯୪୧), ମୁଁ ତ ଭୃଥ ନାହାକ ଝୁଅ (୧୯୫୮), ଗ୍ରାମସଭା ( ୧୯୫୮) ଏହି ସମସ୍ତ କବିତା ମଧ୍ୟରୁ ଗ୍ରାମସଭା, ମୁଁ ଭୃଥ ନାହାକ ଝୁଅ ଓ ଗାନ୍ଧୀଗୋଳ କବିତା ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ପାଇଥିଲା ।

ISSN NO.
2582-208X

ବଂଶାବଳୀ ଓ ଜନ୍ମ -

ଖୋର୍ଦ୍ଧା ଜିଲ୍ଲାର ଗୁରୁଜଙ୍ଗ ସ୍ଥାନରେ ୧୯୧୩ ମସିହା ମେ ମାସ ୧୩ ତାରିଖ ବୈଶାଖ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସଚ୍ଚିଦାନନ୍ଦ ରାଉତରାୟଙ୍କର ଜନ୍ମ । ତାଙ୍କ ପିତାମହୀ ଥିଲେ କେଳି ଦେବୀ । ସେ ସମୟର ଦେୱାନ୍ ଥିଲେ ତାଙ୍କ ଜେଜେବାପା । ସେଥିପାଇଁ ସଚ୍ଚି ରାଉତରାୟଙ୍କ ଘରର ନାମ "ଦିଆନ୍ ଘର" ବୋଲି ଗ୍ରାମବାସୀ କହୁଥିଲେ । ଜେଜେବାପା ହେଉଛନ୍ତି ମଧୁସୂଦନ ରାଉତରାୟ ଓ ସଚ୍ଚି ରାଉତରାୟଙ୍କ ପିତାଙ୍କ ନାମ ପ୍ରସନ୍ନ ରାଉତରାୟ କିନ୍ତୁ ତାଙ୍କ ବଡ଼ବାପା ସଦାନନ୍ଦ ରାଉତରାୟ ସଚ୍ଚିରାଉତରାୟଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଦେଇଥିଲେ । ସଚ୍ଚି ରାଉତରାୟଙ୍କର ପିଲାଦିନ ନାମ "ବୁଢ଼ା" ଥିଲା, ସମସ୍ତେ ତାଙ୍କୁ ସ୍ନେହରେ ଏହି ନାଁରେ ଡାକୁଥିଲେ ।

ମାଟିର ସେଇ ସରଗ ମୋର
ସେଇଠି ଅଛି ମୋ ଷଠିଘର
ସେଇଠି ପୁଣି ଜଳିବ ଶେଷେ
ମୋହରି ଚିତା ନାଆଁଟି
ଛୋଟ ମୋର ଗାଆଁଟି ( କବିତା - ଛୋଟ ମୋର ଗାଆଁଟି )

ବ୍ୟକ୍ତିତ୍ୱ :-

ସଚ୍ଚି ରାଉତରାୟଙ୍କ ଜନ୍ମକଥା, ବାଲ୍ୟଜୀବନ, ପାଠ ପଢ଼ା ତଥା, ସାହିତ୍ୟ ସାଧନାକୁ ଛାଡ଼ିଦେଲେ ଏତିକିରେ ତାଙ୍କର ବ୍ୟକ୍ତିତ୍ୱର ବର୍ଣ୍ଣନା ସରିଯାଏ ନାହିଁ । କବିଙ୍କର ଅସଲ ବ୍ୟକ୍ତିତ୍ୱଟି ହେଉଛି ନିଜ ଗ୍ରାମ୍ୟପ୍ରୀତି, ନିଜ ରାଜ୍ୟ ପ୍ରୀତି, ନିଜ ଦେଶ ପ୍ରୀତି ଏହି ପ୍ରୀତି ବୋଧଗମ୍ୟ ତାଙ୍କ କବିତା ମାନଙ୍କରେ ଦୃଶ୍ୟମାନ ହୋଇଥାଏ ଓ କବିଙ୍କର କବିତାରେ ଗ୍ରାମ୍ୟଜୀବନ ହିଁ ବେଶ୍ ସ୍ଥାନ ଗ୍ରହଣ କରିପାରିଛି । ସେଥି ମଧ୍ୟରୁ ପଲ୍ଲିଶ୍ରୀ କବିତା ସଂକଳନ ମୁଖ୍ୟ ।

ISSN NO.
2582-208X

## ସାହିତ୍ୟ ସାଧନା :-

ଆତ୍ମଜୀବନୀର ପ୍ରସ୍ତାବନାରେ କବି ଉଲ୍ଲେଖ କରିଛନ୍ତି ଯେ ୧୯୨୮ ମସିହାରେ ତାଙ୍କର ପ୍ରଥମ କବିତାଟି ପଞ୍ଚାମୃତ ନାମକ ଏକ ପତ୍ରିକାରେ ପ୍ରକାଶ ପାଇଥିଲା । "ପଲ୍ଲୀମଙ୍ଗଳ" ପତ୍ରିକା ଯାହାକି ଶ୍ରୀ ଶରତ ଚନ୍ଦ୍ର ମୁଖାର୍ଜୀଙ୍କ ଦ୍ୱାରା ସମ୍ପାଦିତ ପତ୍ରିକାରେ କବି ସଚ୍ଚି ରାଉତରାୟ ବହୁ କବିତା ମାନଙ୍କୁ ସ୍ଥାନ ଦେଇ ଉଚ୍ଚ ପ୍ରଶଂସିତ ହୋଇଥିଲେ । ସ୍ଥାନ ଦେଇଥିବା କବିତା ମାନଙ୍କ ଭିତରୁ ଯଥା :-ପଲ୍ଲୀସଞ୍ଜ , ପଲ୍ଲୀ ସକାଳ, ଶିବ ପୂଜା ପ୍ରଭୃତି । ଏହିପରି କାବ୍ୟ ସରସ୍ୱତୀ ସଚ୍ଚି ରାଉତରାୟ ଗ୍ରାମରେ ରହି କବିତା ଲେଖାଲେଖି କରୁଥିଲେ । "ପାଥେୟ" ପ୍ରକାଶ ପାଇବା କିଛିଦିନ ପରେ କବି ଖଣ୍ଡେ ବହି ଧରି ସନ୍ଧ୍ୟା ବେଳେ ମଧୁ ବାରିଷ୍ଟରଙ୍କୁ ଦେବାପାଇଁ ତାଙ୍କ ଘରକୁ ଯାଇଥିଲେ "ପାଥେୟ" ସଂକଳନ ହେବା ଦୁଇବର୍ଷ ପରେ ପରେ "ପୂର୍ଣ୍ଣିମା" ପ୍ରକାଶ ପାଇଥିଲା ତାହା ଥିଲା ଗୀତିନାଟ୍ୟଟି ସବୁଜ ସାହିତ୍ୟ ସମିତି ଦ୍ୱାରା ପ୍ରକାଶ ପାଇଥିଲା । ଅଭିଯାନ, ରକ୍ତଶିଖା, ବାଜିରାଉତ, ପଲ୍ଲିଶ୍ରୀ, ପାଣ୍ଡୁଲିପି, ଅଭିଜ୍ଞାନ, ହସନ୍ତ, ଭାନୁମତୀର ଦେଶ, ସ୍ୱଗତ, କବିତା ୧୯୬୨, କବିତା-୧୯୬୯, କବିତା - ୧୯୭୧, କବିତା -୧୯୮୩, କବିତା -୧୯୮୫, କବିତା - ୧୯୮୭, କବିତା -୧୯୯୦ ପ୍ରଭୃତି ।

## ସଚ୍ଚି ରାଉତରାୟଙ୍କ ପ୍ରଥମ ଗଦ୍ୟକବିତା :-

କବି ସଚ୍ଚି ରାଉତରାୟ ଖୋର୍ଦ୍ଧା ବିଦ୍ୟାଳୟରୁ ବିତାଡ଼ିତ ହେବା ପରେ ନିଜକୁ ଚଢ଼େଇ ପରି ମୁକ୍ତ କରିଦେଇଛନ୍ତି ଓ ଏହି ମୁକ୍ତତାର ଲାଭ କବିତା ମାଧ୍ୟମରେ ଉଠାଇ ପାରିଛନ୍ତି । ଯେତେବେଳେ ଆମେ ଗୋଟେ ପକ୍ଷୀକୁ ଆମେ ପଞ୍ଜୁରୀରେ ରଖିଥାଉ ସାରା ମୁକ୍ତ ଆକାଶଠୁ ଦୂରରେ, ଯେବେ ସେହି ପକ୍ଷୀକୁ ପଞ୍ଜୁରୀରୁ ମୁକ୍ତ କରିଦିଆଯାଏ । ସେହି ପକ୍ଷୀ ମୁକ୍ତ ହେବା ପରେ ପକ୍ଷୀ ପ୍ରକୃତିକୁ ଅନୁଭବ କରେ ଓ ପ୍ରକୃତିକୁ ଦେଖି ପ୍ରକୃତିସ୍ଥ ହୁଏ । ସେ ଖୁସିରେ ରାବଦିଏ, ଠିକ୍ ସେହିପରି ସଚ୍ଚି ରାଉତରାୟ ମୁକ୍ତ ହେଲାପରେ କବିତା ଲେଖା ଆରମ୍ଭ କଲେ ଓ ତାଙ୍କ କବିତାର ମୁଖ୍ୟ ପ୍ରାଣ ଥିଲା ପ୍ରକୃତି ପ୍ରୀତି ଓ ଗ୍ରାମ୍ୟପ୍ରୀତି । କବି ସେହି ସମୟରେ ବଡ଼ ବଡ଼ ଗଦ୍ୟ କବିତା ମଧ୍ୟ ଲେଖିଥିଲେ । କେତୋଟି କବିତା ରଚନା କରି କବି "ପାଥେୟ" ନାମକରଣ କରିଥିଲେ । ପାଥେୟ କବିତା ସଂକଳନଟି ପ୍ରାୟ ୯୬ ପୃଷ୍ଠା ବିଶିଷ୍ଟ । ୧୯୨୭ - ୩୧ ମସିହା ମଧ୍ୟରେ କେତେକ ମାନବବାଦୀ ତଥା ଅତିନ୍ଦ୍ରୀୟବାଦୀ

ISSN NO.
2582-208X

କବିତା ବିଧୃତ ହୋଇଥିଲା । ପାଥେୟ ରେ ଦଳିତ ମାନଙ୍କରେ କଥା ପ୍ରକାଶ ପାଇଛି । ପାଥେୟ ରେ ଧନୀକ ଶ୍ରେଣୀ ଓ ଗରୀବ ଶୋଷଣ ବିରୋଧରେ ମୃତ୍ୟୁ ପ୍ରତିକ୍ରିୟା ଓ ସମ୍ବେଦନଶୀଳ ପ୍ରତିବାଦ ପ୍ରକାଶ ପାଇଛି ଓ ପୂର୍ଣ୍ଣିମା 1933 ମସିହାରେ "ସବୁଜ ସାହିତ୍ୟ ସମିତି" ଗୀତିନାଟ୍ୟ ପ୍ରକାଶ କରିଥିଲେ । "ପୂର୍ଣ୍ଣିମା" ରେ ବିଷୟବସ୍ତୁ ଶିବ - ପାର୍ବତୀଙ୍କ ମିଳନାନ୍ତକ ଦୃଶ୍ୟ ଓ ପୁତ୍ର କୁମାରଙ୍କ ଜନ୍ମ ଉପରେ ପର୍ଯ୍ୟବେସିତ । ପାଥେୟ ପୂର୍ବରୁ ପଲ୍ଲିଶ୍ରୀ ପ୍ରକାଶିତ । କବିଙ୍କର ଏହି କବିତାଟି ପାଇଁ ଗୌରବାନ୍ୱିତ ହୋଇଥିଲେ । ପଲ୍ଲିଶ୍ରୀ କବିତା ସଂକଳନ ଥିବା କେତୋଟି କବିତା ଓ ଅନ୍ୟାନ୍ୟ କବିତା ସଂକଳନର କବିତା ଗୁଡ଼ିକ ମଧ୍ୟରୁ ପଲ୍ଲୀତୀର୍ଥ, ପଲ୍ଲୀ ପ୍ରଭାତ, ପଲ୍ଲୀ ଗୋଧୂଳି, ଚୈତ୍ର ସନ୍ଧ୍ୟା କବିତା ଗୁଡ଼ିକ ଇତ୍ୟାଦି ପଲ୍ଲୀ ମଙ୍ଗଳ ପତ୍ରିକାରେ ପ୍ରକାଶିତ ହୋଇଥିଲା ।

## ସଚ୍ଚି ରାଉତରାୟଙ୍କ କବିତାରେ ପଲ୍ଲୀ ଚିତ୍ରଣର ବିଭିନ୍ନ ପର୍ଯ୍ୟାୟ ବର୍ଣ୍ଣନା :-

୧ – ନାରୀ ମାନଙ୍କର ଜୀବନଚର୍ଯ୍ୟା
୨ – ସାମାଜିକ ବ୍ୟବସ୍ଥା
୩ – ଗ୍ରାମୀଣ ବ୍ୟବହୃତ ଶବ୍ଦ
୪ – ଚରିତ୍ର ଚିତ୍ରଣ
୫ – କବିତାରେ ଚାଷକାର୍ଯ୍ୟରେ ଗୁରୁତ୍ୱ
୬ – ଜମିଦାରଙ୍କ ଦୌରାତ୍ମ୍ୟ
୭ – କବିତାରେ ଓଷାବ୍ରତର ବର୍ଣ୍ଣନା
୮ – ଗ୍ରାମୀଣ ବ୍ୟବହୃତ ଶବ୍ଦ

## ୧ – କବିତାରେ ନାରୀ ମାନଙ୍କର ଜୀବନଚର୍ଯ୍ୟା :-

କବି ସଚ୍ଚିଦାନନ୍ଦ ରାଉତରାୟ ଏକ ଉପନ୍ୟାସ ରଚନା କରିଥିଲେ "ଚିତ୍ରଗ୍ରୀବ" । ଏହି ଉପନ୍ୟାସଟି ନାରୀ ବିହୀନ ଉପନ୍ୟାସ ଅଟେ । କିନ୍ତୁ କବି ପଲ୍ଲିଶ୍ରୀ କବିତାରେ କବି ନାରୀ ମାନଙ୍କର କଥା ବର୍ଣ୍ଣନା କରିଛନ୍ତି । ଯଥା :- ନାରୀ ମାନଙ୍କର ଓଷାବ୍ରତ ପାଳନ ସମ୍ବନ୍ଧୀୟ କାର୍ଯ୍ୟକଳାପର ବର୍ଣ୍ଣନା ଓ ନାରୀ ମାନଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା, ନାରୀ ମାନଙ୍କୁ ନେଇ

ISSN NO.
2582-208X

ବ୍ୟବହୃତ ସମ୍ବୋଧନମୂଳକ ଶବ୍ଦ ବର୍ଣ୍ଣନା କରିଛନ୍ତି । ସେହିପରି କବିଙ୍କର ଏକ କବିତା ରହିଛି ଯାହାକି ଶୀର୍ଷକ ନାରୀ ର ନାମ ରହିଛି -: ଭୁଅ ନାହାକ ଝୁଅ ।

ଗ୍ରାମୀଣ ନାରୀ ମାନଙ୍କର କଥାବାର୍ତ୍ତା ଶୈଳୀ -:
ସମ୍ବୋଧନ କରି କବି ଦର୍ଶାଇଛନ୍ତି କବିତାରେ "ପହିଲିରଜ"
ଖରଖରୀ ମୁହିଁ
ରେବତୀ ଟା ବଡ଼ ଖରଖରୀ ମୁହାଁ କହିଲା
(ପହିଲିରଜ - କବିତା )

ଏହି ପଦ୍ୟାଂଶରେ କବିତାରେ ଭାଷାଶୈଳୀରେ ସମ୍ବୋଧନରୀତିର ପ୍ରୟୋଗ ରହିଛି । "ଖରଖରୀ ମୁହିଁ" କହିଲେ ସମ୍ବୋଧନମୂଳକ ଶବ୍ଦ ବୋଲି ଜଣାଯାଏ, ସେହିପରି "ପହିଲିରଜ" କବିତାରେ ଗ୍ରାମୀଣ ନାରୀମାନଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା ମଧ୍ୟ କବି କରିଛନ୍ତି । ଏଠାରେ ରୋମାଣ୍ଟିକ ଓ ବାସ୍ତବବାଦ ର ସମନ୍ୱୟ ଘଟିଛି । ଉଦାହରଣ ସ୍ୱରୂପ:

ତୁଠ ପଥରରେ ବସି କେ କୁଆଁରୀ
ମାଜୁଥିଲା ତାର କନକଚୁଡ଼ି
(କବିତା - ପହିଲି ରଜ)

ଏହି ପଦ୍ୟାଂଶରେ କବି କୁମାରୀ କନ୍ୟାମାନଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା ଉଦ୍ଦେଶ୍ୟରେ ପଦ୍ୟଟି ରଚିତ ହୋଇଛି ଓ ଏହି କବିତାରେ କବି ପୃଥିବୀ (ଧରଣୀ) ଋତୁମତୀ ବଧୂ ସହ ତୁଳନା କରିଛନ୍ତି । କାବ୍ୟିକ ସୌକୁମାର୍ଯ୍ୟ ମଧ୍ୟରେ ନାରୀର ଚିତ୍ରଣ ଅତି ସୁନ୍ଦର ପରିକଳ୍ପନା ।

ଉଦାହରଣ :- ଋତୁମତୀ ବଧୂ ସମ ଏ ଧରଣୀ
ମୁହଁରୁ ତୁଟିଚି ସକଳ ଶିରୀ;

ISSN NO.
2582-208X

କବି କବିତାରେ ଶୀର୍ଷକ ପହିଲି ରଜ ଦେଇଛନ୍ତି । ଯାହାକି ଏକ ନାରୀ କୈନ୍ଦ୍ରିକ ପର୍ବ । ଏହି ପର୍ବରେ "ଧରା" "ଋତୁମତୀ" ହୁଏ, ଏହି ଋତୁମତୀ ହୋଇବା ଏହା ଯୌବନର ଅବସ୍ଥାକୁ ବୁଝାଇଛନ୍ତି । କବିତାରେ ଉଦାହରଣ :-

ମାଟିର ଏ ଧରା ରଜବତୀ ଆଜି
ଯଉବନ ତାର ଆସିଛି ଫେରି
ବରଷକେ ଥରେ ଆସିଚି ପରାସେ
ନ ଆସିଲା ପରି ସରଗଶିରୀ

୨ - କବିତାରେ ସାମାଜିକ ବ୍ୟବସ୍ଥା :-

କବି ସଚ୍ଚିଦାନନ୍ଦ ରାଉତରାୟ ଙ୍କ ପଲ୍ଲିଶ୍ରୀ କବିତା ସଂକଳନରେ ସ୍ଥାନ ପାଇଥିବା କବିତା ଗୁଡ଼ିକରେ ଗ୍ରାମୀଣ ସାମାଜିକ ବ୍ୟବସ୍ଥା ଚିତ୍ରଣ କରିଛନ୍ତି । ସମାଜରେ ପ୍ରଚଳିତ ଥିବା ସାମାଜିକ ଜୀବନଚର୍ଯ୍ୟା ମଧ୍ୟରୁ ବିବାହ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ଜମିଦାରଂକ ଷଣ୍ଢ କବିତାରେ :-

"ଶାଳୀର ବାହାଘର ବେଭାର ଅଛି ପୁଣି
ନ ଦେଲେ ମାଇପ ତ ଝାଡ଼ିବ କଳିମୁଣି"
( ଜମିଦାରଂକ ଷଣ୍ଢ )

ସାମାଜିକ ବ୍ୟବସ୍ଥା ମଧ୍ୟରେ "ବିବାହ" ଏକ ମୁଖ୍ୟ ସ୍ଥାନ କରିଥିବା ପ୍ରମାଣ ଏହି କବିତାରେ ଜଣାପଡ଼ିଥାଏ । ବିବାହରେ ବେଭାର ଦିଆଯାଏ । ସ୍ୱାମୀଟିଏ କଷ୍ଟ କରି ଘରଣୀ ପାଇଁ ଅଣ୍ଟାସୂତା ଆଣିଦେବ ବୋଲି ଆଶା ରଖିଥାଏ । କବିତାରେ କବି ଗ୍ରାମୀଣ ଶବ୍ଦ ବ୍ୟବହାର କରିଛନ୍ତି :- ମାଇପ, କଳିମୁଣି ସମାଜରେ ବିବାହ ଛଡ଼ା ଅନ୍ୟାନ୍ୟ ବ୍ୟବସ୍ଥା ମଧ୍ୟ କବିତାରେ ବର୍ଣ୍ଣିତ । ଓଷାବ୍ରତ ମଧ୍ୟ ସାମାଜିକ ବ୍ୟବସ୍ଥା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ସେହିପରି ସେ ସମୟରେ ଜମିଦାରୀ ପ୍ରଥା ପ୍ରଚଳିତ ଥିବା ହେତୁ କବିତାରେ ଜମିଦାରୀ ପ୍ରଥାର ସାମାଜିକ ବ୍ୟବସ୍ଥା ବର୍ଣ୍ଣନା କରାଯାଇଛି । ଧାନ ଅମଳ କରିବା ପରେ "ସାହୁଘର" ଋଣକୁ ବୁଝିବା କଥା ଦର୍ଶାଇଛନ୍ତି । ପଲ୍ଲୀର ଋଣ କହିବାକୁ ଗଲେ

ISSN NO.
2582-208X

"ସାହୁଘର" ସେକଥା ମଧ୍ୟ କବିତାରେ ବର୍ଣ୍ଣିତ । ଖଜଣା, ଟିକସ ମଧ୍ୟ ଦେବାକୁ ପଡୁଥିଲା। ଯଦି ସମୟରେ ଖଜଣା ପୈଠ ନକରାଯାଏ ତେବେ ବେତରେ ପିଠି ଫାଟୁଥିଲା। ଜମିଦାରଙ୍କ ଦଣ୍ଡ ମିଳୁଥିଲା । ଘର ଛପର ହେବା ପାଇଁ ଟଙ୍କା ଦରକାର ପଡ଼େ ସମାଜରେ ପ୍ରଚଳିତ ଥିବା ଯାନିଯାତ୍ରା :- ରାମଲୀଳା, ଚଇତି ଘୋଡ଼ା ପୂଜା ପାଇଁ ମଧ୍ୟ ଚାନ୍ଦା ଦେବାକୁ ହୁଏ । ଅନ୍ୟ କବିତା ଅପେକ୍ଷା କବିଙ୍କର ବର୍ଣ୍ଣିତ କବିତାରେ ସାମାଜିକ ବ୍ୟବସ୍ଥା ରହିଛି ଏହି ଜମିଦାରଙ୍କ ଷଣ୍ଢ କବିତାରେ ।

୩ - କବିତାରେ ବ୍ୟବହୃତ ଶବ୍ଦ :-

ପଲ୍ଲିଶ୍ରୀ କବିତା ସଂକଳନରେ କବିଙ୍କର ଭାଷାଶୈଳୀ ଗ୍ରାମୀଣ ଭାଷା ଓ ଗ୍ରାମ୍ୟଚିତ୍ର ପରିବେଷଣ କବିତାରେ ଭାବଗ୍ରାହୀ ହୋଇପାରିଛି । କବିଙ୍କ କବିତାରେ ପଲ୍ଲୀପ୍ରାଣତା ବେଶ୍ ଗ୍ରହଣ କରିଛି । ତେଣୁ କବିତା ମାନଙ୍କରେ କବି ଯେଉଁ ଶବ୍ଦ ବ୍ୟବହୃତ କରିଛନ୍ତି ସେହି ଶବ୍ଦ ଗୁଡ଼ିକ ନିଛକ ଗାଉଁଲି ଶବ୍ଦ ଅଟେ । କବିଙ୍କର ଜନ୍ମମାଟି ପ୍ରତି ଅହେତୁକ ଶ୍ରଦ୍ଧା ରହିଥିବା ହେତୁ କବି "ପଲ୍ଲିଶ୍ରୀ" କବିତା ସଂକଳନରେ ଥିବା କବିତା ଗୁଡ଼ିକ ମଧ୍ୟରୁ "ପଲ୍ଲୀ ସକାଳ" କବିତାରେ ଗ୍ରାମୀଣ ଶବ୍ଦ ଗୁଡ଼ିକ ହେଲା -: ବାଡ଼ି, ନିଅଁଶି ପାଗ, ପୋଇଲୀ, ସାହାଣେ, ଭଗାରି, ସରଗ ତରା, ଭୁଆସୁଣୀ, ମାଗିଖାଇ, ନାଗୁଚି ଇତ୍ୟାଦି । ସେହିପରି "ବାପା" ପକାଇଲେ ହୁରି କବିତାରେ ଗାଉଁଲି ଶବ୍ଦର ଉଦାହରଣ :- ଧାନଶିଆ, ହୁରି, ମାଇପି ଙ୍କ ଇତ୍ୟାଦି । ଜମିଦାରଙ୍କ ଷଣ୍ଢ କବିତାରେ ବେଉଷଣ, ଏସୁ, ଓଳିଆ, ଭାଡ଼ିଘର, ଅଛାରି, ମହି, ବିଛାର, ଦୋଅଡ଼, ଦୁରବାର, ଚଉକଷା, ଘରଣୀ, ଆଣ୍ଟ । "ପହିଲିରଜ" କବିତାରେ ବର୍ଷା ହେବା ହେତୁ ରଜପର୍ବରେ ପର୍ବଟି ଫସର ଫାଟିବା କଥା କହି ଗାଉଁଲି ଶବ୍ଦ "ନିଆଁଲଗା" ଶବ୍ଦ ବ୍ୟବହାର କରିଛନ୍ତି ।

୪ - କବିତାରେ ଚରିତ୍ର ଚିତ୍ରଣ :-

କବି ପଲ୍ଲିଶ୍ରୀ କବିତା ସଂକଳନରେ ଥିବା କବିତା ମାନଙ୍କରେ ଥିବା ତତ୍କାଳୀନ ସମାଜଚିତ୍ର ଅତି ନିଖୁଣ ପରିବେଷଣ କରିଛନ୍ତି । କବି କେତେ ଗୁଡ଼ିଏ ଚରିତ୍ର ନେଇ କବି କବିତା ରଚନା କରିଛନ୍ତି । ଗ୍ରାମ୍ୟ ପରିବେଶକୁ ଖାପ ଖୁଆଉ ଥିବା ଗ୍ରାମୀଣ ଚରିତ୍ର ଗୁଡ଼ିଏ ନେଇଛନ୍ତି ଉଦାହରଣ ସ୍ୱରୂପ :- ହରି ସୁବୁଦ୍ଧି, ମନ୍ତ୍ରୀ ଛଣି ମହାନ୍ତି, ପ୍ରତାପଶାଳୀ

ISSN NO.
2582-208X

ସାମନ୍ତରାୟ, କପିଳନନ୍ଦେ, ଅଗାଧୁ ଷଣ୍ଢ, ଚଉକିଦାର, ଗୋବରା ଭୋଇ, ଜଟିଆ ବୁଢ଼ୀ, କେଳୁଆ ନିଧି ।

ପଲ୍ଲୀ ସକାଳ :- କବିତାରେ ମଧ୍ୟ ଗ୍ରାମୀଣ ଚରିତ୍ର କବି ସ୍ଥାନ ଦେଇଛନ୍ତି । ଉଦାହରଣ :- କନକ, ବଉଳ, ସାଧବ ଝିଅ, ସାନବୋହୂ, ମାଣିକ ।

ପଲ୍ଲୀ ସଞ୍ଜ :- କବିତାରେ ୧୪ ଭାଗ ରହିଥିବା ବେଳେ ଧୋବଲି ସାହୁ ଓ ଭାଗ - ୧୧ ରେ ଦୁଇଟି ଚରିତ୍ର ନେଇଛନ୍ତି । ବିଲରେ କାମ କରୁଥିବା ପାଖିଆ ପିନ୍ଧି କାମ କରନ୍ତି ହାଟୁଆ, ଘାଟୁଆ ।

ଶିବ ପୂଜା :- କବିତାରେ ଚରିତ୍ର ବିଶେଷ କରି ନାରୀ ମାନଙ୍କୁ ସ୍ଥାନ ଦିଆଯାଇଛି, ଚମ୍ପା ବୋଉ, ରଙ୍କ ମାଆ, ପଧାନ ଘର, ବୁଢ଼ୀ, କେଳୁଆ ସାହୁ, ସନିଆ ତେଲି ସାହୁ ।

ମୁଁ ଭୁଥ ନାହାକ ଝୁଅ :- କବିତାଟିର ଶୀର୍ଷକ ହିଁ ଏକ ମୁଖ୍ୟ ଚରିତ୍ରକୁ ନେଇ ରଚିତ ଓ ଅନ୍ୟାନ୍ୟ ଗ୍ରାମୀଣ ଚରିତ୍ର ମାନେ ହେଲେ ପାଲୁଣି ବୁଢ଼ୀ, ତାର ଦେଇ, ଶୁକେଇ, ସାହାଣୀ, ମଝିଆ ପୁଅ ।

ଭୂତ ଛଡ଼ା :- କବିତାରେ ମଧ୍ୟ ଚରିତ୍ର କବି ଦେଇଛନ୍ତି । ଉଦାହରଣ ଛକଡ଼ି ସାହୁ

ରେଙ୍ଗୁନ୍ ଯାତ୍ରୀ - କବିତାରେ ୬ଟି ଚରିତ୍ରକୁ ନେଇଛନ୍ତି । ଉଦାହରଣ ହଗୁରା ଓ କେଳୁ ସାହୁ ନଣ୍ଡା, ପଧାନ ଘର, ରଘୁ ପ୍ରଧାନ, ଲୋକା ଗଉଡ଼, ଟିକଟ ବାବୁ, ସାହୁ ଜମିଦାର ।

ପହିଲି ରଜ - କବିତାରେ ଚରିତ୍ର ଶଗଡ଼ିଆ ଭାଇ, ସାହୁ ଜମିଦାର, ରେବତୀ ଆଇ, ଭୀମା ଗଉଡ଼ର ବାଆ ।

ISSN NO.
2582-208X

୫ - କବିତାରେ ଚାଷକାର୍ଯ୍ୟରେ ଗୁରୁତ୍ୱତା :-

ପଲ୍ଲୀର ମୂଳ କାର୍ଯ୍ୟ କୃଷି ପ୍ରଧାନ । ଗ୍ରାମ ସହିତ ଚାଷକାର୍ଯ୍ୟଟି ଜଡ଼ିତ । ଏହି ଚାଷକାର୍ଯ୍ୟ ମଧ୍ୟ ଧର୍ମୀୟ ନୀତି ନିୟମ ସହ ଜଡ଼ିତ । ଚାଷୀଟିଏ ଧାନ ଚାଷ କରି ସମସ୍ତଙ୍କ କୁଟୁମ୍ବ ପାଳେ । ସେଥିପାଇଁ ଚାଷୀ ଓ ଚାଷ କଥା ବର୍ଣ୍ଣନା କରିବାକୁ କବି ପାଶୋରି ନାହାଁନ୍ତି । ଜମିଦାରଙ୍କ ଷଣ୍ଢ କବିତାରେ ନିୟମ ସହ ଚାଷକାର୍ଯ୍ୟ ବର୍ଣ୍ଣିତ ହୋଇଛି । ଉଦାହରଣ :-

"ମିଥୁନେ ଗାର ଦେଇ ଆଷାଢ଼
ବେଉଷଣ
ସଦେଇ ଜେନା
ଏସୁ କରିଛି ଭାରୀମନ
ଫଳିବ କେରି
କେରି ବିଲରେ ସୁନାଧନ
ଖଳାରେ
ସାଇତିବ କଳେଇ ଲିପି ଧାନ"

ଗାଁ ମାନଙ୍କରେ ଚାଷବାସ କେଉଁଦିନ କରାଯିବ, ଓ କେଉଁଦିନ ଚାଷ ଫସଲ କଟା ହେବ ତାହା ଶୁଭଦିନ ଦେଖି କରାଯାଇଥାଏ । ଚାଷକାର୍ଯ୍ୟ ପାଇଁ ଏହି ଦିନ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଅଟେ । ଯଥା :- ମିଥୁନ ସଂକ୍ରାନ୍ତି , ଗର୍ଭଣା ସଂକ୍ରାନ୍ତି , ମାଣବସା ଇତ୍ୟାଦି । କେଉଁଦିନ କଣ କରାଯିବ ଚାଷୀ ଟିଏ ଜାଣିଥାଏ ।

"ଗଲାଣି ଏକ ମାସ ହେଲାଣି ଗରଭଣା
ପାଞ୍ଚିଛି କେତେ କଥା ଚାଷୀ ସେ ତାକୁ ଜଣା"
(କବିତା - ଜମିଦାରଙ୍କ ଷଣ୍ଢ)

ସମକାଳୀନ ପରିବେଶରେ ଗ୍ରାମଦେବତା ଓ ଗ୍ରାମଦେବୀଙ୍କ ପାଖେ ମାନସିକ ରଖିଥିଲେ ଓ ମାନସିକ ପୂରଣ ନିମନ୍ତେ ଛେଳି, ବୋଦା ଇତ୍ୟାଦିଙ୍କୁ ବଳି ଦିଆଯାଉଥିଲା । ଏହି ମାନସିକ

ISSN NO.
2582-208X

ପୂରଣ ପାଇଁ ଈଶ୍ୱରଙ୍କୁ ଦାୟୀ କରୁଥିଲେ । ଏହା ଏକ ତତ୍କାଳୀନ ସାମାଜିକ ବ୍ୟବସ୍ଥା ରହିଥିବାର ପ୍ରମାଣ ତାଙ୍କ କବିତାରେ ମିଳିଥାଏ । ଯଥା :-

ମନାସି ଅଛି ପୁଣି ଯାଆଁଳା ବୋଦା ଏକ
ମଙ୍ଗଳ ଚଣ୍ଡି ପାଖେ କାଟିବ ଛେଳି ବେକ" (ଜମିଦାରଙ୍କ ଷଣ୍ଢ)

ଗ୍ରାମବାସୀମାନେ ଅତ୍ୟନ୍ତ ସରଳ ଅଟନ୍ତି, ସେମାନେ ବିଶ୍ୱାସ କରନ୍ତି ଯେ ଦୀପ, ଧୂପ, ମାଜଣା, ବଳି ଦେଇଦେଲେ ଘରର ଅଶାନ୍ତି ଦୂର ହୋଇଥାଏ । ଗ୍ରାମବାସୀମାନେ ଯେତିକି ପରିମାଣରେ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି । ସେତିକି ପରିମାଣରେ ଭୂତ ପ୍ରେତ ଗ୍ରାମରେ ଅଛନ୍ତି ବୋଲି ବିଶ୍ୱାସ କରନ୍ତି ।

"ଆଖୁ କିଆରିରେ ଦେଇଥାନ୍ତା ମୋଡ଼ି
ତେଣ୍ଡା ପଥରରେ ରଖିଲେ ଦିଅଁ

ମାଆ ଅଳସେଇ କୋଟି ଅଭିଶାପ ପରିଣାମ
ଡାକିଦେଲେ ପରା କରିବ ଓ"
(ପହିଲିରଜ - ଆଗରାତି - କବିତା )

ସଚ୍ଚିଦାନନ୍ଦ ରାଉତରାୟ କବିତାରେ ଗ୍ରାମର ଅବିକଳ ଚିତ୍ର ଗ୍ରାମୀଣ ପରିବେଶ ସୃଷ୍ଟି କରିବା ପାଇଁ ଏହି ସବୁ ଉପାଦାନ କବିତାରେ ସ୍ଥାନ ଦେଇଛନ୍ତି ।

୬- କବିତାରେ ଜମିଦାରଙ୍କ ଦୌରାତ୍ମ୍ୟ :-

ଶ୍ରେଣୀଭିତ୍ତିକ ଗ୍ରାମ୍ୟସମାଜର ସମସାମୟିକ ଗ୍ରାମ୍ୟର ନିଖୁଣ ଚିତ୍ର କବିତାରେ ପ୍ରତିଫଳିତ ହୋଇଛି ସେହି ସମୟରେ ଜମିଦାରୀ ପ୍ରଥାକୁ ମଧ୍ୟ କବିତା ମାଧ୍ୟମରେ କବି ଦର୍ଶାଇଛନ୍ତି । ସେହି ଜମିଦାରଙ୍କ ଦୌରାତ୍ମ୍ୟ ଚିତ୍ରିତ ହୋଇଛି ପଲ୍ଲିଶ୍ରୀ କବିତା ସଂକଳନର "ଜମିଦାରଙ୍କ ଷଣ୍ଢ" କବିତାରେ । ଏହି କବିତାରେ ଜମିଦାରଙ୍କର ବର୍ଣ୍ଣନା ହୋଇଥିବା କବିତାର ନାମ :-

ISSN NO.
2582-208X

ରେଙ୍ଗୁନ୍ ଯାତ୍ରୀ ଓ ଜମିଦାରଙ୍କ ଷଣ୍ଢ ଇତ୍ୟାଦି । ସାଧାରଣତଃ ସାହୁ ମାନେ ଜମିଦାର ବା ସାହୁକାର ଥାଆନ୍ତି । ଏମାନେ ସରଳ, ଗରିବ, ଲୋକଙ୍କୁଶୋଷଣ କରୁଥିବା ଚିତ୍ର କବିତାରେ ସ୍ଥାନ ପାଇଥିବା କାରଣ କବି ହେଉଛନ୍ତି ପ୍ରଗତିବାଦ ଯୁଗର କବି ॥ ଯେଉଁମାନଙ୍କ ବିରୋଧରେ ସ୍ୱରଉତ୍ତୋଳନ କରିବା ଏହି ଯୁଗର କବି ମାନଙ୍କର କାର୍ଯ୍ୟ ଥିଲା । ସଚ୍ଚିଦାନନ୍ଦ ରାଉତରାୟ ତନ୍ମଧ୍ୟରୁ ଏକ ।

୭- କବିତାରେ ଓଷାବ୍ରତ :-

ଗ୍ରାମର ଚାଲିଚଳଣ ବ୍ୟବସ୍ଥା, ଆଚାର ବିଚାର ଏ ସମସ୍ତ ଏକ ଧର୍ମୀୟ ବାତାବରଣ ସହିତ ଗ୍ରାମବାସୀମାନେ ବସବାସ କରିଥାନ୍ତି । ସେହିପରି କବି ଗ୍ରାମର ବର୍ଣ୍ଣନା କରିବା ସହିତ ଗ୍ରାମ୍ୟରେ ପ୍ରଚଳିତ ଥିବା ଓଷାବ୍ରତକୁ ମଧ୍ୟ କବି ବାଦ୍ ଦେଇନାହାଁନ୍ତି । ଉଦାହରଣ :-

" ଗୁରୁବାର ଟାରେ ନ ବୁଲିଲା କନା ଅଗଣାତଳ
ଧାନ ଅମାରରେ ହେଲା ନାଇଁ ଦିଆ ମୁରୁଜଚିତା"
(ପଲ୍ଲୀ ସକାଳ କବିତାର ତୃତୀୟ ଦୃଶ୍ୟରେ ବର୍ଣ୍ଣିତ )

"ଦେବାକୁ ହେବ ପୁଣି ବୋଝେ ମୁଢ଼ି ଭୂଜା
ଆସୁଛି ଅଳପ କେ ଚଇତିଘୋଡ଼ା ପୂଜା"
(କବିତା - ଜମିଦାରଙ୍କ ଷଣ୍ଢ )

"ପୁଅର ବେମାରିରେ ରଖିଲେ ଠାକୁରାଣୀ,
ନ ଦେଲେ ଅପରାଧ ଲାଗିବ ଚାରିପ୍ରାଣୀ"
(କବିତା -ଜମିଦାରଙ୍କ ଷଣ୍ଢ )

୮- କବିତାରେ ଗ୍ରାମୀଣଦେବତାଙ୍କର ବର୍ଣ୍ଣନା :-

କବି ସଚ୍ଚିଦାନନ୍ଦ ରାଉତରାୟ ତାଙ୍କ ପଲ୍ଲିଶ୍ରୀ କବିତା ଗ୍ରନ୍ଥରେ ଗ୍ରାମ୍ୟ ଭାଷା, ଗ୍ରାମ୍ୟ ଚରିତ୍ର ଦେବା ସହ ଗ୍ରାମୀଣ ଲୋକ ଦେବତାଙ୍କୁ କବିତାରେ ସ୍ଥାନ ଦେଇଛନ୍ତି । ପ୍ରତ୍ୟେକ ଗ୍ରାମରେ

ISSN NO.
2582-208X

ଗ୍ରାମ ଦେବତା ଓ ଦେବୀ ପୂଜା ପାଆନ୍ତି ନାରୀଟିଏ ହେଉ ଅବା ପୁରୁଷ ସମସ୍ତଙ୍କର ସୁବିଧା ଅସୁବିଧାରେ ସେ ନିଜ ଗ୍ରାମରେ ଥିବା ଦେବାଦେବୀଙ୍କୁ ପ୍ରଥମେ ସ୍ମରଣ କରି ଯଚଣା କରିଥାଏ । ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଥିବା ପ୍ରଶାସନ ହାତକୁ ଚାଲିଯାଇଥିବା ଚାକଚକିଆ ମନ୍ଦିର ନ ହୋଇ ଭଙ୍ଗାରୁଜା ଅଧାଗଢ଼ା ମନ୍ଦିର ହୋଇଥିଲେ ମଧ୍ୟ ଏହା ହେଉଛି ଗ୍ରାମବାସୀଙ୍କର ଲୋକଦେବତା, ଓ ଏମାନଙ୍କର ପୂଜାଶୈଳୀ ମଧ୍ୟ ଅତି ସାଧାରଣ ହୋଇଥାଏ ପୂଜା ଗାଁ ର ମାଳୀ ସମାପନ କରିଥାଏ । ଉଦାହରଣ :- "ପଲ୍ଲୀ ସଞ୍ଜ" କବିତାରେ ଗ୍ରାମଦେବୀଙ୍କ କଥା ବାଶେଳୀଙ୍କ ଦେଉଳ କଥା କହିଛନ୍ତି ।

ବାଶେଳୀ ଦେଉଳେ ବଢ଼ିଛି ଆଳତି, ଯାଚିକି କେ ପଣା ମାଠିଆ
ମାଟିଘୋଡ଼ା ପଣେ ଥୁଆ ଘରକୋଣେ, କାଳିଶିଟି ପରା ବାଟିଆ
ପଣା ସଂକ୍ରାନ୍ତି ଦିନରେ
ଉଭାହେଲେ ମାଆ କହିଲେ ସପନି ଚଣ୍ଡିଆଣୀ ବୁଢ଼ୀ କାନରେ
ଭୟ ଛାଡ଼ ଗ୍ରାମବାସୀଏ........( କବିତା - ପଲ୍ଲି ସଞ୍ଜ )

"ଚୁଡ଼ାଖାଇ ଦିଅଁ ଧଣ୍ଡା
ପୁଣି ବଡ଼ ଠାକୁରଙ୍କ ଧଣ୍ଡା" ( କବିତା - ରେଙ୍ଗୁନ୍ ଯାତ୍ରୀ )

ଉପସଂହାର :-

କବି ସଚ୍ଚି ରାଉତରାୟ ଜଣେ ପ୍ରଗତିବାଦୀ ଚେତନାର କବି ହେବା ସହ ଜଣେ ଆଧୁନିକ ଯୁଗର ମଣିଷ । ସେ କଲିକତା ଭଳି ସହରରେ ସମୟ କାଟୁଥିବା ବେଳେ ନିଜ ଜନ୍ମସ୍ଥାନର ମହତ୍ୱକୁ ଭୁଲି ଯାଇନାହାଁନ୍ତି । ସେଥିପାଇଁ ସଚ୍ଚି ରାଉତରାୟଙ୍କୁ ଭୂମି ଭୂମାର କବି କୁହାଯାଇଛି । କବିତା ରଚନା କ୍ଷେତ୍ରରେ ସେ ଜଣେ ଅପ୍ରତିଦ୍ୱନ୍ଦି ସ୍ରଷ୍ଟା । ଗଦ୍ୟ ପଦ୍ୟ ରଚନାରେ ସିଦ୍ଧହସ୍ତ । ଓଡ଼ିଆ କବିତାରେ ଗଦ୍ୟଶୈଳୀ ପ୍ରୟୋଗ କରି ସଫଳ ହୋଇଛନ୍ତି । ଏହି ଶୈଳୀ ତାଙ୍କ ପରବର୍ତ୍ତୀ କବିମାନଙ୍କ କ୍ଷେତ୍ରରେ ଗ୍ରହଣୀୟ ହୋଇଛି । "ସଚ୍ଚିଦାନନ୍ଦ ରାଉତରାୟ ଙ୍କ କବିତାରେ ଗ୍ରାମ୍ୟଜୀବନ" ପ୍ରସଙ୍ଗରେ ଦୃଷ୍ଟି ଦେଲେ ଜଣାଯାଏ ଯେ- ଓଡ଼ିଆ କବିତାର ଏନ୍ତୁଡ଼ିଶାଳ ଠାରୁ ଗାଁ ମଶାଣି ପର୍ଯ୍ୟନ୍ତ କବି ବର୍ଣ୍ଣନା କରିଛନ୍ତି । ଏହି

ISSN NO.
2582-208X

ପଲ୍ଲିଶ୍ରୀ କବିତା ମାନଙ୍କରେ ପ୍ରକୃତି ବର୍ଣ୍ଣନା, ଋତୁ ବର୍ଣ୍ଣନା, ପରିବେଶ ବର୍ଣ୍ଣନା, ଶବ୍ଦାବଳୀ ଇତ୍ୟାଦି ରହିଛି । କବିଙ୍କ କବିତାରେ ଗ୍ରାମ୍ୟ ନୂତନତ୍ୱ ବ୍ୟକ୍ତି ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଛି ଏହା ତାଙ୍କ କବିତା ପାଠ କଲେ ବୁଝାପଡ଼େ । ଶେଷରେ ଗାଁ ସହିତ ମଣିଷର ଯେଉଁ ଅତ୍ମୀୟତା, ଏହା ତାଙ୍କ ଏହିଭଳି ଧର୍ମୀ କବିତା ଗୁଡ଼ିକରେ ଛତ୍ରେ ଛତ୍ରେ ପ୍ରକଟିତ । ଏଥିପାଇଁ ସଚ୍ଚି ରାଉତରାୟ ସାହିତ୍ୟ ଜଗତରେ ପାଠକଙ୍କ ନିକଟରେ ଅମର ହୋଇ ରହିଛନ୍ତି ।

ସହାୟକ ଗ୍ରନ୍ଥସୂଚୀ :-

ରାଉତରାୟ, ସଚ୍ଚିଦାନନ୍ଦ - ପଲ୍ଲିଶ୍ରୀ, ୨୦୧୦
ରାଉତରାୟ, ସଚ୍ଚିଦାନନ୍ଦ - ଉତ୍ତରକକ୍ଷ, ୧୯୯୮
ମହାରଣା, ସୁରେନ୍ଦ୍ର କୁମାର - ଓଡ଼ିଆ ସାହିତ୍ୟର ଇତିହାସ - ପୃ -୪୭୪, ୨୦୧୫

ଅତିଥି ଅଧାପିକା,
ଓଡ଼ିଆ ଭାଷା ସାହିତ୍ୟ ବିଭାଗ
ରମାଦେବୀ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISSN NO.
2582-208X

# ଆସିଲା ଆଦେଶ



ଜୟ କୁମାର ମିଶ୍ର

ଆସିଲା ଆଦେଶ, ଦେଲା ସେ ସନ୍ଦେଶ
କଲା ସେଚେତନ ମୋତେ,
କାର୍ଯ୍ୟରୁ ନିବୃତ, ହେବାର ଇଙ୍ଗିତ
ବାରତା ଭରିଲା ଚିତ୍ତେ ॥(୧)
ଲାଗେ କାଲିପରି, ହାତେ ମୋର ଧରି
ନିଯୁକ୍ତି ପତର ବରି,
ହୋଇଲି ନିଯୁକ୍ତି, ବହୁ ଆଶା ରଖି
ଦାୟିତ୍ୱ ବରଣ କରି ॥(୨)
ବିଭୁଙ୍କୁ ସୁମରି, ସମ୍ପନ୍ନ ମୁଁ କରି
ନେଲି କାଳ, ବେଳ ବାହି,
ଯଥା ସାଧ୍ୟମତେ, କରମର ପଥେ
ଚାଲିଲି ସବୁକୁ ସହି ॥(୩)
କେତେ କଂଟକିତ, ଦୁର୍ଗମ ସହିତ
ମାୟା ମରୁ ଭେଟଘାଟ,
କେତେ ଲଟାବୁଦା, ବୁଲାଣି ଓ ପଦା
ପାଦକୁ ଦେଇଛି କଷ୍ଟ ॥(୪)

ନନ୍ଦନ ବନର, ଶୋଭା ମନୋହର
କରିଅଛି ଅଭିଭୂତ,
ଆଗକୁ ଚଲାଇ, ମନବଳ ଦେଇ
କେଉଁଠି କେବେ ବା ମିତ ॥(5)
ଝଡର ବତାସ, କରିଛି ହତାଶ
ସମ୍ମୁଖରେ ହୋଇ ଠିଆ,
କେତେ ପ୍ରତାରଣା, ଚକ୍ରାନ୍ତ,ଅଗଣା
ସେ ସବୁ ନିତିଦିନଆଁ ॥(୬)
ଦରଦୀ ହୃଦୟ, କରୁଣାର ସୁଅ
ବୁହାଇ, ସେବାର ଧାର,
ସୁଅର ମୁହଁରୁ, ପତର ଉଦ୍ଧରି
ସରାଗେ ବିପଦୁ ପାରି ॥(୭)
ବିଷାଦ ହୃଦୟେ, କାରୁଣ୍ୟରେ କିଏ
ଅନ୍ଧାରେ ଆଲୁଅ ହୋଇ,
ହାତେ ହାତ ଥୋଇ, ସୁପଥରେ ନେଇ
ଆପଦ ବାନ୍ଧବ କେହି ॥(୮)

ISSN NO.
2582-208X

ସବୁତ ସତେଜ, ଅମଳିନ ତେଜ
ଉଙ୍କି ମାରେ, ବେଳେ ବେଳେ,
ସ୍ମୃତିର ଉଦ୍ୟାନେ, କରି ବିଚିରଣେ
ପ୍ରଫୁଲ୍ଲରେ ଦୋଳି ଖେଳେ ॥(୯)
ଆକୁଳ ଜଣାଣ, ଶୁଣି ବିଭୁ କର୍ଣ୍ଣ
ଅଦୃର୍ଷ୍ୟ ଶକତି ଭରି,
ଦେଇ ସେ ସୁଫଳ, ଗଢ଼ି ମନୋବଳ
ବିଷମରୁ କଲେ ପାରି ॥ (୧୦)
ପ୍ରତି ପ୍ରତିକୂଳ, ହୋଇ ଅନୁକୂଳ
ହଟିଲା ତମସା ରାତି,
ଲକ୍ଷ୍ୟର ମାରଗେ,ଆଗେଇଲି ବେଗେ
ବିଦାୟରେ ଉପସ୍ଥିତି ॥(୧୧)
ନିର୍ବିବାଦେ ଆସି, ଦେଉଛି ଆଉଁସି
ଶେଷ ମାଇଲର ଖୁଣ୍ଟ
ଭାଳି ଏହି କଥା, ଆସେ ମାଦକତା
ଉଲ୍ଲାସରେ ଚିତ୍ତ ତୁଷ୍ଟ ॥(୧୨)
ନବ ପ୍ରଭାତର, ଅରୁଣିମା କର
ଦାଣ୍ଡ ଅଗଣାକୁ ଆସି,
କରେଇ ଆହ୍ୱାନ, କରଇ ଜଣାଣ
ଦେବ ନୁଆଁ ପନ୍ଥା ତୋଷି ॥(୧୩)
ଅତୀତଟି ସାକ୍ଷ୍ୟ, ସବୁ ଦୁଃଖ ସୁଖ
ସ୍ମୃତିର ସାଇତା ଘର,
ହର୍ଷ ଓ ବିଷାଦ, କହି ଭଲ ମନ୍ଦ
ପ୍ରେରଣାର ବତୀ ଘେର ॥ (୧୪)

ଯିବଟି ବିଦାରି, ଖୋସାରୁ ବାହାରି
ଡେଣା ମେଲି ପ୍ରଜାପତି,
ରଖି ସେ ସଉକ, ମନ ମୁତାବକ
କାବ୍ୟର ସୁମନ ପ୍ରତି ॥(୧୫)
ପ୍ରଶାସନ ଛାଟ, ନଦେବଟି କଷ୍ଟ
କରିବନି ଭୟଭୀତ,
ଜନ୍ମଠାରୁ ହାତୀ, ତାଙ୍କ ପ୍ରତିପତ୍ତି
ତୀର ହେବ, ଲକ୍ଷ୍ୟ ଚ୍ୟୁତ ॥(୧୬)
ଶତ୍ରୁ, ମିତ୍ର ମୋର ଅତି ଆପଣାର
ସଭିଙ୍କୁ ମୋ ନମସ୍କାର,
ସବୁ ପରିସ୍ଥିତି, ଦେଉ, ଶିକ୍ଷା ନୀତି
ଦେଇଛି ଅଶେଷ ବର ॥(୧୭)
ହୋଇଛି ସଜାଗ, ସେଚେତନ ଆଗ
ପାଦ କଣ୍ଟି କଣ୍ଟି ଚାଲେ,
ପଡିବା ଆଗରୁ, ଖସଡ଼ା ମାର୍ଗରୁ
ସଞ୍ଜମ, ସଂଭ୍ରମ ତୁଲେ ॥(୧୮)
କରି ଥିଲେ ଦୋଷ, କହି କଷ୍ଟ ଭାଷ
ମୋତେ କରିଦେବ କ୍ଷମା,
ଇଛା ବିରୁଦ୍ଧରେ, ଭାବ ପ୍ରବଣରେ
ଉଦ୍ଧତେ ଡେଇଁଲି ସୀମା ॥(୧୯)
ଜଗତର ନାଥ, ସେହି ଜଗନ୍ନାଥ
ପାଦପଦ୍ମେ ପୂଜା କରି,
ସଭିଙ୍କ କୁଶଳ, ସଭିଙ୍କ ମଙ୍ଗଳ
ମନାସେ ହୃଦୟେ ଭାରି ॥(୨୦)

ବୁଦୁରୁ, ଗୋରିବନ୍ଧା
ଗଜପତି, ଓଡିଶା, 761296,
ଯୋଗାଯୋଗ 6372127449

ISSN NO.
2582-208X

# ତିନୋଟି ଛୋଟ ଗପ



ସୁଧାଂଶୁ ଶେଖର ଦ୍ୱିବେଦୀ

## ।। ସଂରକ୍ଷଣ ।।

-ତୁମ ନାଁ କ'ଣ ?

ଭୋକ

-କୋଉଠୁ ଆସିଲ ?

ମୃତ୍ୟୁ ନିକଟରୁ

-ଆଉ ତୁମେ ?

ମୁଁ ଅପରାଧୀ, ଉଗ୍ରବାଦୀଙ୍କ ତରଫରୁ ନେତୃତ୍ୱ ନେବାକୁ ଆସିଛି ।

-ତୁମେମାନେ ?

ମୁଁ ବଳାତ୍କାର । ମୁଁ ଘୋଷଖୋର । ମୁଁ ଅପହରଣକର୍ତ୍ତା, ମୁଁ ଲୋକାଲ ଦାଦା.......ଏମିତି ଅନେକ ମୁହଁ ପ୍ରତିବିମ୍ବିତ ହେଲା ।

-ତୁମେ ସମସ୍ତେ କଣ ଚାହୁଁଛ ?

ସଂରକ୍ଷଣ । ସମସ୍ତେ ଏକାସାଙ୍ଗରେ ନିଜ ନିଜ କଣ୍ଠସ୍ୱରରେ ଦାବି ଜଣାଇଲେ । ଭାଇମାନେ, ଏବେ ମୁଁ ନିଜେ ଅସୁରକ୍ଷିତ । କିଏ କହିପାରିବ ମୁଁ ଆଜି ଅଛି କାଲି ନଥିବି ।

ସା--ର୍--!ଆମେ ସବୁ ଥାଉ ଥାଉ ଆପଣଙ୍କ ସଂରକ୍ଷଣକୁ କେହି ବି ଅଟକାଇବା ପାଇଁ ସାହସ କରିପାରିବ ନାହିଁ ।

ISSN NO.
2582-208X

ଏକ କୁଟିଳ ହସ ମନ୍ତ୍ରୀଙ୍କ ଓଠରେ ପ୍ରସାରିତ ହେଲା। ସେ ନିଜର ଦୁଇ ହାତକୁ ଆଶ୍ୱାସନା ମୁଦ୍ରାରେ ଉଠେଇ ସଂରକ୍ଷଣର ପ୍ରତୀକାତ୍ମକ ସଙ୍କେତକୁ ମଜବୁତ କରିନେଲେ।

## ।। ବର୍ତ୍ତମାନ କାଳ ।।

ଗଗନ ନିଜ ଗାଁକୁ ଭୁଲି ରୋଜଗାର କରିବା ଆଶାରେ ସହରକୁ ଆସିଲା। ଗୋଟେ ସପ୍ତାହ ଖୋଜିବା ପରେ ବି ତାକୁ କିଛି କାମଧନ୍ଦା ମିଳିଲା ନାହିଁ। ପେଟର ଭୋକ ଜ୍ୱାଳାରେ ଦିନରେ ବି ତାରା ଦେଖା ଯାଉଥାଏ ତାକୁ। ଭିକ୍ଷା ମାଗିବାରେ ମନ ନଥିଲେ ବି ଭିକ୍ଷାବୃତ୍ତିକୁ ଆଦିରି ନେବା ଲାଗି ନିର୍ଣ୍ଣୟ କଲା। ସହର ମନ୍ଦିରରେ ଅନେକ ଭିକାରିଙ୍କ ଭିଡ଼। ଗଗନ ଭିକାରିଙ୍କ ଭିଡ଼ ଭିତରେ ସାମିଲ ହୋଇଗଲା। କିଛିକ୍ଷଣ ମଧ୍ୟରେ ଜଣେ ଭକ୍ତ ମନ୍ଦିରରେ ପୂଜା ସାରି ଏକ ବଡ଼ ପ୍ୟାକେଟରେ ମିଠାଇ ଧରି ଭିକାରିଙ୍କ ନିକଟକୁ ଆସିଲେ। ତାଙ୍କୁ ଭିକାରିମାନଙ୍କ ଭିଡ଼ ଚାରିପଟରୁ ଘେରିନେଲେ। ଭକ୍ତ ପ୍ୟାକେଟରୁ ଗୋଟେ ଗୋଟେ ମିଠାଇ ବାହାର କରି ଭିକାରିଙ୍କୁ ବିତରଣ କରୁଥାନ୍ତି। ଗଗନ ଆଞ୍ଜୁଳା ବାନ୍ଧି ଭକ୍ତଙ୍କ ସମ୍ମୁଖକୁ ହାତ ପ୍ରସାରିତ କଲା। ଗୋଟେ ମିଠାଇ ତା' ଆଞ୍ଜୁଳାକୁ ଆସିଲା। ମିଠାଇ ଉଠେଇ ଖାଇବାକୁ ମୁହଁ ଖୋଲିଥାଏ ହଠାତ୍ ଜଣେ ଗରିବ ପିଲା ଦୌଡ଼ି ଆସି ଅନୁନୟ ଭରା ସ୍ୱରରେ କହିଲା- ମୋତେ ବି ଭାରି ଭୋକ। ଗଗନର ସ୍ମୃତିରେ ଗାଁରେ ଛାଡି ଆସିଥିବା ପୁଅର ପ୍ରତିଛବି ସାକାର ହେଇଗଲା। ଗରିବ ପିଲାଟି ହାତରେ ମିଠାଇ ଦେଇ ଆଗକୁ ବଢିଗଲା।ସକାଳ ହେଲା। ଖବର କାଗଜରେ ଏକ ଛୋଟ ଖବର ବାହାରିଥାଏ -ସହରର ଉପକଣ୍ଠରେ ଥିବା ପାର୍କରେ ଜଣେ ଅଜଣା ଶବ ମିଳିଛି।

## ।। ବଡ଼ବାବୁ ।।

କୌଣସି ସରକାରୀ ଦପ୍ତରରେ ବଡ଼ବାବୁ ପଦ ଅଧିଷ୍ଠିତ କରିନେବା ଭଗବାନଙ୍କ ବରଦାନ କହିଲେ ଅତ୍ୟୁକ୍ତି ହେବନାହିଁ। ଧରିତ୍ରୀ ପୃଷ୍ଠରେ ଭଗବାନ କାହା ଭାଗ୍ୟରେ ରାଜଯୋଗ ଲେଖି ଦିଆନ୍ତି ତ କାହା ଭାଗ୍ୟରେ ବଡ଼ବାବୁ ହେବା ବି ଲେଖି ଦିଅନ୍ତି। ଏବେ ଆଉ ରାଜା ରାଜୁଡାଙ୍କ ଯୁଗ ନାହିଁ ନହେଲେ ଅମୁକ ଦେଶର ରାଜଗାଦି ସମ୍ଭାଳିବାକୁ ଲେଖି ଦିଅନ୍ତେ।

ISSN NO.
2582-208X

ମହାରାଜା ଓ ବଡ଼ବାବୁ-ଶବ୍ଦ ଅଲଗା ଅଲଗା ହେଲେ ତାକତ, ପ୍ରତିଷ୍ଠା, ପ୍ରତିପତି ଏକାପରି ହୋଇଥାଏ। ସରକାରୀ ଦପ୍ତରରେ ବଡ଼ବାବୁ ବିନା ମୁକୁଟରେ ମହାରାଜା ପଦବୀ ପାଇ ଯାଆନ୍ତି। ତାଙ୍କ ଜୀବନ ବି ବଡ଼ ଧୂମଧାମ, ଆନନ୍ଦ-ଉଲ୍ଲାସରେ ଆଗକୁ ଧାଏଁ। ଦୁଃଖ ଏବଂ ଦରିଦ୍ରତା ତାଙ୍କଠାରୁ ୧୦୦ ପାଦ ଦୂରରେ ରହି ଭୟଭୀତ ରୂପେ ଥରୁଥାଏ। ମଧୁମାସର ମଧୁରତା ଭରି ରହିଥିବା ଜୀବନରେ ପତ୍ରଝଡା ନାମକ କୌଣସି ଋତୁ ଆସେନାହିଁ। ବଡ଼ବାବୁ ଯେଉଁ ତରଫରେ ଦୃଷ୍ଟି ଘରେଇ ଆଣନ୍ତି ସେଇ ତରଫରୁ ବରଦାନ ପ୍ରାପ୍ତ ହୋଇଯାଏ। ଥରେ ବଡ଼ବାବୁ ହେଇଗଲେ କେବଳ ଭାଗ୍ୟ ଖୋଲି ଯାଏ ନାହିଁ ଅପିତୁ ତାଙ୍କ ହାଲତ ଟାଇଟ କରିବାକୁ କେହି ବି ସକ୍ଷମ ହୋଇପାରନ୍ତି ନାହିଁ। ବଡ଼ବାବୁ ଯାହାକୁ ଥରେ ଶୋଷଣ କରିବା ଅଭିଯାନରେ ପ୍ରସ୍ତୁତ ହୋଇଯାଆନ୍ତି ଶୋଷିତ ଲୋକକୁ ଈଶ୍ୱରଙ୍କ ଦ୍ୱାରା ମଧ୍ୟ ସୁରକ୍ଷା ମିଳିପାରେ ନାହିଁ।

ପ୍ରକୃତ କଥା ହେଉଛି ବଡ଼ବାବୁଙ୍କ ନିକଟକୁ ଯେବେ ବି ଫାଇଲ ନେଇ ଯିବାକୁ ହୁଏ ତାଙ୍କ ପାଟିର ମାପ, ଜିଭର ସ୍ୱାଦ, ପକେଟର ଉଷ୍ଣତା ଜାଣିବାକୁ ହୋଇଥାଏ।

ବିସି-୭୪, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା
email-dwibedysudhansu@gmail.com

ISSN NO.
2582-208X

# ଭବିଷ୍ୟତ ଭଉଁରୀ



ମାନସ ରଞ୍ଜନ ନାୟକ

ଗତିଶୀଳତା କଣ ଜୀବନ ନା ଜୀବନ ହିଁ ଗତିଶୀଳତା?
ବେଳାଭୂମିରୁ କଣ ପଢିହୁଏ ଜୁଆର ଭଟ୍ଟାର ପ୍ରମାଣିକତା !
ବୀଜରୁ ଦ୍ରୁମ ର ସମ୍ଭାବନା କଣ ସବୁବେଳେ ସତ ଫଳେ ?
କଦବାଏ କେମିତି ମରୁଭୂମିରେ ବି ରକ୍ତ ଗୋଲାପ ଖେଳେ ।

ଦାମ୍ପତ୍ୟର କାଣିଚାଏ ସୁଖ ସଞ୍ଜି ସ୍ୱପ୍ନ ଦେଖେ ସନ୍ତାନର
ସ୍ୱପ୍ନ କୁହୁଡ଼ି ହଟେ, ସାମ୍ନା ହୁଏ ଯେବେ ସ୍ୱାର୍ଥାନ୍ଧ ଔରୁସର ।
ଅଳୀକ ଐକାନ୍ତିକ ଭୋଗବାଦ ଭୁଲାଇଦିଏ ପିତୃଋଣ
ସ୍ୱେଚ୍ଛାଚାରିତା ର ସ୍ଲୋଗାନ୍ ରେ ଯାହା ପଥହରା ଆମରଣ!

ସମ୍ପର୍କଟିଏ ସଞ୍ଚରିଯାଏ ଆସକ୍ତିର ସୂକ୍ଷ୍ମ ବାଉ ଡେଇଁ
ଆବେଗାପ୍ଲୁତ ଆତ୍ମୀୟତାରେ ଜୀବନ କି ପୁଣି ଉଠେ ଚେଇଁ !
ପ୍ରୀତି ସମ୍ଭୋଗର କାଉଁରୀ ସ୍ପର୍ଶରେ ପରିତୃପ୍ତ ଦୀର୍ଘଶ୍ୱାସ
ଋତୁ ବଦଳିଲା ପରେ ପୁଣି କେବେ ବିଚ୍ଛେଦର ମଳମାସ ।

ISSN NO.
2582-208X

କେଇ ଦଣ୍ଡ ନିରୁଦ୍ଦେଶ୍ୟ ନିରୁଦ୍ଦିଷ୍ଟ ବିତିବା କଣ ଜୀବନ ?
କିଛି ନୀତି ଆଦର୍ଶର ପାଳନରେ ଜୀବନ ଏକ ଅଭିଯାନ ।
ସବୁ ସୂର୍ଯ୍ୟାସ୍ତ ପରେ ପ୍ରାଚୀରେ ଖେଳେନାହିଁ ନବୀନ ପ୍ରଭାତ
ପିତୃସତ୍ୟ ଚେତନାରେ ଶ୍ରୀରାମଙ୍କୁ ବି ବନବାସ ସମ୍ପାତ ?

ସାମର୍ଥ୍ୟ ପାରଦର୍ଶୀତାରେ ଫି କ୍ଷଣ ହେଉଥାଏ ଉତ୍ତରଣ
ନିମିଷେ ସଂହାର ଆସେ ଜିତେ ଖାଲି ଉନ୍ମୀଳିତ ସମର୍ପଣ ।
ଜୀବନ ମହାଯାତ୍ରାରେ ବ୍ରହ୍ମସ୍ତ୍ର ପରି ପ୍ରାପ୍ତହୁଏ ବନ୍ଧୁତ୍ୱ
ସଂକ୍ରମିତ ଛଳନା ଟିଏ ପରିପ୍ରକାଶେ କୁତ୍ସିତ ମାନବତ୍ୱ ।

ନିରୁତା ପ୍ରବାହମାନତା କଣ କେବଳ ଜୀବନର ଧର୍ମ ?
କେଇ ଦଣ୍ଡ ଆୟୁଷରେ ବୁଝିହୁଏ ନାହିଁ ନିଃଶ୍ୱାସର ମର୍ମ ।
ଭୂତ ଅନୁତାପ ପରେ ଛନ୍ଦିଦିଏ ଏ କ୍ଷଣର ଆବିଳତା
ଭବିଷ୍ୟତ ପ୍ରହେଳିକା ମୟ ଭଉଁରୀ ପୂର୍ବର ନିରବତା ।

ମଞ୍ଜୁରୀ ରୋଡ୍, ଭଦ୍ରକ-୭୫୬୧୨୧
ସମ୍ପର୍କ- ୯୮୯୦୮୫୧୪୨୭

ISSN NO.
2582-208X

# ସନ୍ତୁଷ୍ଟ

ବିନୟାନନ୍ଦ ବସ୍ତସ୍ୟ

ଯାହା ମୁଁ ଦେଖୁଚି
ମୋ ଆଖି ଆଗରେ
ସେ ସବୁର ସ୍ରଷ୍ଟା ତୁମେ,
ପତ୍ର ପୁଷ୍ପ ଫଳ
ଜଳ ସବୁ ତୁମ
ସୃଷ୍ଟି ମିଛରେ ମୁଁ ଭ୍ରମେ,
କି ଦେଇ ପୁଜିବି ପ୍ରଭୁ,
ହେଲେ ଏଇ ମନ କରି ବୃନ୍ଦାବନ
ତୁମକୁ ଥାପୁଚି ପ୍ରଭୁ।୧

ଶୁନ୍ୟ ହୋଇ ଆସି
ଶୁନ୍ୟେ ଯିବି ମିଶି
ସତ୍ୟ ଶାନ୍ତି ଦୟା କ୍ଷମା,
ଧର୍ମ ଅର୍ଥ କାମ
ମୋକ୍ଷ ଜାଲେ ପଡି
ମନ ବୁଝେନାହିଁ ଜମା,
ଏ ସବୁ ତୁମର ବାହା,
ତୁମ ପାଖେ ରଖି ହିଂସା ଦ୍ୱେଷ
ରାଗ କ୍ରୋଧ ଦେଇଅଛ ଯାହା।୨

ଭକ୍ତି ଶ୍ରଦ୍ଧା ପ୍ରେମ
ବିଶ୍ୱାସ ଗୁଣକୁ
ଦେବି ବୋଲି ଭାବିଥିଲି,
ମାୟା ମୋହ ସଙ୍ଗେ ଆଶକ୍ତି ଜଞ୍ଜାଳ
ତୁମେ ଦେଲ ମୋତେ ପେଲି,
ତୁମକୁ ମୁଁ ଭୁଲି ଗଲି,
ମିଛ ପଛେ ଧାଇଁ
ଅଣ ନିଃଶ୍ୱାସୀ ମୁଁ
ବଞ୍ଚି ଥାଉ ମରିଗଲି।୩

ତୁମ ପରସାଦ
ତୁମକୁ ଅରପି
କେଉଁ ଅବା ଲାଭ ଅଛି,
ତୁମ ଦିଆ ଗୁଣ
ଅମୀୟ ଭାବକୁ
କେଉଁ ଅବା ବୁଝିଅଛି,
ଚିହ୍ନି ଅଚିହ୍ନା ହେଉଛି,
ମୋ ରାଣ ମୋତେ
ଭଲପାଆ ବୋଲି ମୋତେ
ଯେମିତି ଲାଗୁଛି।୪

ISSN NO.
2582-208X

କଦଳୀ ନଡ଼ିଆ କୋରାଖଇ ମିଠା
ଖିରି ଖେଚେଡ଼ି ବେଶର,
ଫଳମୂଳ ଦେଇ
ପୂଜା କରୁଅଛି
ଭାବ ଭକ୍ତି କାହିଁ ମୋର,
ହୃଦୟ ନାହିଁ ମୋହର,
ଦେଇ ପାଇବାକୁ ସର୍ତ୍ତ ରଖୁଅଛି
ପାପ ଅଟେ ନାମ ଯାର।୫

ଦିଅଁ ଦେଖିବାକୁ
ମନ୍ଦିର ଯାଉଛି
ଦେଉଳେ ଦେବତା ନାହିଁ,
ଦେଲେ କାଳେ ସିଏ ବତାଇବ ବୋଲି
ନାନା ଦ୍ରବ୍ୟ ଥାଏ ଦେଇ,
ମୋହର କିଛି ତ ନାହିଁ,
ଦେଇ ନେଇ କିଏ ଦେବତା ସନ୍ତୁଷ୍ଟ
କରଅଛି ଅବା ଭାଇ ?୬

ନଆଳ, ଖୋର୍ଦ୍ଧା

ISSN NO.
2582-208X

# ଚୁନା ସପନ

ଡକ୍ଟର ଜ୍ୟୋସ୍ନାରାଣୀ କର

ଠକ୍... ଠକ୍... ଠକ୍....ଠକ୍...।

ଶବ୍ଦ ଶୁଣି ନିଦ ମଳମଳ ଆଖିରେ କବାଟ ଖୋଲିଲା ମଦନା। ବର୍ଷା ରାତିର ଶୀତଳତା ତାକୁ ଚମତ୍କାର ନିଦଟିଏ ଦେଇଥିଲା। ଆଖିରୁ ତାର ନିଦ ଯାଇନି। ପ୍ରଶ୍ନକଲା ଅତି ବିରକ୍ତ ହୋଇ କିଏ ? ଏତେ ରାତିରେ ?

ମୁଁ ମାନିନୀ।

ହଠାତ୍ ନିଦ ଭାଙ୍ଗିଗଲା। ସେ ଚମକି ପଡ଼ିଲା ମାନିନୀକୁ ଦେଖି। ଓଦା ଜୁଡୁବୁଡୁ ହୋଇ ଠିଆ ହୋଇଛି ତା ଆଗରେ। ଅନ୍ୟଦିନ ମାନଙ୍କଠାରୁ ଟିକେ ବେଶୀ ଦୟନୀୟ ଆଉ ସୁନ୍ଦର ମଧ୍ୟ ଲାଗୁଛି। କିନ୍ତୁ ଏତେ ରାତିରେ ? ଭାବନାରୁ ବିଚ୍ୟୁତ ହୋଇ କହିଲା, "ତୁ ଏତେ ରାତିରେ ମୋ ଘରେ.... କିଛି ଅସୁବିଧା ହେଲା କି ?"

ମଦନା ଭାବୁଥିଲା ଅସୁବିଧା ଆଉ କଣକି ? ମାନିନୀର ସେଇ ମଦ୍ୟପ ସ୍ୱାମୀ। ମଦନା ବାଲିସିମେଣ୍ଟ ମିସ୍ତ୍ରୀ। ମାନିନୀ ତା ସାଥିରେ ସିମେଣ୍ଟ ବୁହେ କି ଇଟା ବଢ଼େଇ ଦିଏ। ଏଇ ମାନିନୀ ସହ ତାର ପରିଚୟ ଏଇ ମାତ୍ର ମାସକ ତଳୁ। ଯେଉଁଦିନ ମୁହଁ ଶୁଖେଇ ମାନିନୀ ସେଇ ତିଆରି ହେଉଥିବା ଆପାର୍ଟମେଣ୍ଟ ପାଖରେ ଠିଆ ହୋଇଥିଲା, ମଦନା ତାର ସୁନ୍ଦର ରୂପ ଆଉ ଅସହାୟତାରେ ଭରା କରୁଣ ଚାହାଣୀ ରେ ଦ୍ରବୀଭୂତ ହୋଇ ଯାଇଥିଲା। ପାଖକୁ ଯାଇ ପଚାରିଥିଲା ଦୁଃଖର କାରଣ। କାମ ଖୋଜି ଆସିଥିବା ମାନିନୀ ପାଇଁ ସେ ଠିକାଦାରକୁ କହି କାମଟିଏ ଯୋଗାଡ଼ କରି ଦେଇଥିଲା। କୃତଜ୍ଞତାରେ ନଇଁ ଯାଇଥିଲା

ISSN NO.
2582-208X

ମାନିନୀର ମୁଣ୍ଡ ମଦନା ପ୍ରତି। ସେଇଦିନରୁ ମଦନା ସହ ମାନିନୀର ପରିଚୟ। ଦୁହେଁ ସାଙ୍ଗହୋଇ ଖରାବେଳେ ଖାଆନ୍ତି। ଦୁଇଜଣ ଆଣିଥିବା ଖାଦ୍ୟକୁ ପରସ୍ପରକୁ ବାଣ୍ଟନ୍ତି। ଏମିତି ପରିଚୟ ମଧ୍ୟରେ ମଦନା ଜାଣିପାରିଥିଲା ମାନିନୀର ଗୋପନ ଦୁଃଖକୁ। ଏଇମାତ୍ର ଦୁଇମାସ ହେବ ହୋଇଥିଲା ମାନିନୀର ବାହାଘର। ବର ସହରରେ କାମ କରୁଥିବା ଜାଣି ତାର ବାପା ତାକୁ ବାହା କରେଇ ଦେଇଥିଲେ। କିନ୍ତୁ କଣ ହେବ,

ବାହାଘରର ୧୦ ଦିନ ପରେ ମାନିନୀ ସ୍ୱାମୀ ରାକେଶର ପ୍ରକୃତ ସ୍ୱଭାବର ପରିଚୟ ପାଇଥିଲା। ମଦ୍ୟପ ସ୍ୱାମୀର ଅତ୍ୟାଚାର ଏବଂ ତାର ଗୋଟିଗୋଟି କରି ଗହଣା ସହ ସମସ୍ତ ଆସବାବପତ୍ର ବିକ୍ରି ହୋଇ ଯାଇଥିଲା। ଏଇ ପରିସ୍ଥିତିରେ ଘରୁ ଗୋଡ଼ କାଢିଥିଲା ମାନିନୀ କାମ ଖୋଜିବା ଲକ୍ଷ୍ୟରେ। ତାର ସମସ୍ତ ସ୍ୱପ୍ନ ଚୁନା ହୋଇଯାଇଥିଲା। ଘରଣୀ ହୋଇ ସଂସାର କରିବାର ଆଶା କେବଳ ଆଶାରେ ହିଁ ରହିଯାଇଥିଲା। ଦିନକୁଦିନ ମଦନା ସହ ମାନିନୀର ସମ୍ପର୍କର ସେତୁ ଦୃଢ଼ ହେଉଥିଲା। ଦୁଃଖରେ ସମବେଦନାର କଥା ପଦେ କହି ମଦନା ତାକୁ ନିଜର କରି ପକାଇଥିଲା।

ମାନିନୀ କେତେ ସୁନେଲି ସ୍ୱପ୍ନରେ ଭାସୁଥିଲା। କେବେକେବେ ତାର ଅମାନିଆ ମନରେ ମଦନାକୁ ନେଇ ସଂସାର କରିବାର ଆଶାଟିଏ ଅଙ୍କୁରି ଉଠୁଥିଲା। କିନ୍ତୁ ସମାଜର ନାଲିଆଖି ତାକୁ ସେଥିରୁ  ନିବୃତ୍ତ କରୁଥିଲା। ସନ୍ଧ୍ୟାବେଳେ ସବୁ ଦୁଃଖର ସୀମା ଅତିକ୍ରମ କରିଗଲା। ମାନିନୀର ସ୍ୱାମୀ କେତେଜଣ ସାଙ୍ଗକୁ ଧରି ଆସି ପହଞ୍ଚିଲା। ଘରେ କିଛି ନଥିବା ସତ୍ୱେ ସମସ୍ତଙ୍କ ପାଇଁ ରାନ୍ଧିବାକୁ ବରାଦ କଲା। ମାନିନୀର ପ୍ରତ୍ୟୁତ୍ତରରେ ରାଗିଯାଇ ମାରିମାରି ତା ପିଠି ଫଟେଇ ଦେଇଛି। ଘରୁ ବାହାର କରିଦେଇଛି। ମାନିନୀର ଶତ ନିବେଦନ ତା ଉପରେ କିଛି ପ୍ରଭାବ ପକାଇ ପାରିନାହିଁ। ଅଥଳ ସମୁଦ୍ରରେ ଭାସି ଯାଉଥିବା ବେଳେ ତାକୁ ଆଶ୍ରୟସ୍ଥଳ ପରି ଦେଖାଯାଇଛି ମଦନା। ବସ୍ତିରେ ପଚାରି ପଚାରି ଆସି ପହଞ୍ଚିଛି ସେ ତା ଘରେ। ମନରେ ତାର ଅନେକ ପ୍ରଶ୍ନ ଉଠିଛି। ଅନେକ ଦ୍ୱନ୍ଦ୍ୱ ଉଠିଛି। ମଦନା ତାକୁ କଣ ଆଶ୍ରୟ ଦେବନି? ପୁଣି ମନରେ ଆଶା ସଞ୍ଚାର ହୋଇଛି। ନା, ନା ମଦନା ତ ସବୁବେଳେ

ISSN NO.
2582-208X

କୁହେ ଯେ ତୋ ପରି ସ୍ତ୍ରୀକୁ ସେ ଏପରି ମାରିପାରୁଛି। ମୁଁ ହେଇଥିଲେ ରାଣୀ କରି ରଖିଥାନ୍ତି।

ଏଇ ପଦକ କଥା ମନେପଡ଼ି ମାନିନୀ ମନରେ ଦମ୍ଭହେଲା। ସେ ଆଉ କେଇପାଦ ନିର୍ଭୟ ଭାବେ ଚାଲିପାରିଲା। ଆଉ ଆସି ପହଞ୍ଚିଛି ତାର ପ୍ରିୟ ପୁରୁଷର ଘର ସାମ୍ନାରେ। ଆଗରେ ମଦନା। ହେଲେ ତାର ପ୍ରଶ୍ନର ଉତ୍ତର ଦେଇପାରୁ ନାହିଁ। କଣ କହିବ ? ମୁଁ ଘରଛାଡ଼ି ଚାଲିଆସିଛି ତମ ପାଖକୁ। ଆଉ କେବେ ଫେରିବିନି ?

କିଏ ଆସିଛି ? କହି ବାହାରିଆସିଲା ସ୍ତ୍ରୀ ଲୋକଟିଏ। ଅତି ସୁନ୍ଦର ନହେଲେ ମଧ୍ୟ କେମିତି ଗୋଟିଏ କୋମଳଭାବ ତାର ମୁହଁରେ ଖେଳି ବୁଲୁଥିଲା। ତାକୁ ଦେଖି ମାନିନୀ ଅତି ଖୁସିହୋଇ ତାର ପାଦ ଛୁଇଁବା ପାଇଁ ହାତ ବଢ଼ାଇଲା।

"ଇଏ ମୋର ସ୍ତ୍ରୀ" ମଦନାର ଏ ସ୍ୱିକାରୋକ୍ତି ମାନିନୀର ମୁଣ୍ଡକୁ ଝାଇଁଝାଇଁ କରିଦେଲା। ସେ ଲଥ୍ କରି ବସିପଡ଼ିଲା। ବଢ଼େଇଥିବା ହାତ ତାର ସେମିତି ଶୂନ୍ୟରେ ଝୁଲି ରହିଥିଲା। ମଦନା ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଥିଲେ ମଧ୍ୟ ସେ ଚୁପ୍ ରହିଥିଲା। ସତେଯେମିତି ସେ ନିର୍ବାକ ହୋଇ ଯାଇଛି।

ସହକାରୀ ପ୍ରାଧାପିକା,
ଓଡ଼ିଆ ବିଭାଗ
ମଡେଲ ଡିଗ୍ରୀ କଲେଜ, ନୟାଗଡ଼

ISSN NO.
2582-208X

# ଚମ୍ପାବତୀର ସ୍ୱପ୍ନ

ଅଜୟ କୁମାର ନନ୍ଦୀ

ଚମ୍ପା ଫୁଲଟିଏ ଗଣ୍ଡରେ ଖୋସି
ଯାଉଛି ସେ ବାଟଭୁଲି ।
ଆସିଥିଲା ଦିନେ ସମୁଦ୍ର ଲଙ୍ଘି
ଯାଇଛି ଆଜି ସେ ଫେରି ।
ଦେଖି ତାକୁ ପଥର ତରଳେ,
ଅଦିନେ ଫୁଲ ବି ଫୁଟେ
ସକାଳ ପୂଜାରେ
ନିଜ ଶରୀରକୁ ସମର୍ପଣ କରି
ସାଜିଯାଏ ପୂଜା ଫୁଲ ॥

ଚମ୍ପା ଫୁଲର ପଞ୍ଚ ପାଖୁଡ଼ାରେ
ରହିଛି ଚମ୍ପାବତୀର ସ୍ୱପ୍ନ ।
ମନ୍ଦିରେ ଫୁଲ ଦେଇ ମାଗିଥିଲା ରଜା ପୁଅକୁ,
ଦିନେ ଆସି ଦୂର ଦୁନିଆକୁ ନେଇଯିବ ॥

ସ୍ୱପ୍ନ ଯେ ହୋଇଛି ପୂରଣ
କିନ୍ତୁ ସେ ସ୍ୱପ୍ନର ନାୟକ ନୁହେଁ ମୁଁ ॥

ପୌଷର ଚହଟି ଚମ୍ପାର ବାସ୍ନା
ସୁପ୍ତ ସ୍ପନ୍ଦନକୁ ଦ୍ରୁତ ସ୍ପନ୍ଦନ କରିଯାଏ ।

ISSN NO.
2582-208X

ଦ୍ରୁତହୁଏ ରକ୍ତ ଗ୍ରୁପ
ତା ସହ ସ୍ନାୟବିକ ଆବେଗ ॥

ଶୀତ ଗତିରେ ପୃଥିବୀଯେ ନଶବ୍ଦ
ବହିଯାଏ ଖାଲି ଚମ୍ପାଫୁଲ ବାସ୍ନା ।
ଅଦିନଆ ଜହ୍ନ କହିଯାଏ କଛି
ବାଦଲକୁ ଆଖି ମିଟିମିଟି କରି ॥

ବାସ୍ନାରେ ଆଜି ଜଳଯାଏ ଛାତି
ଲିଭାଇବା ପାଇଁ ଶୀତ କ ହବ ଶ୍ରାବଣ ଧାର୍ ॥

•••

ଯାଜପୁର

ISSN NO.
2582-208X

# ସୁସ୍ଥ ଓଡ଼ିଶା ବିକଶିତ ଓଡ଼ିଶା



ବର୍ଷାରାଣୀ ମହାମଲ୍ଲୀକ

ଆସ ଆସ ମୋର ଭାଇ ଭଉଣୀ
ଗଢ଼ିବା ନୂଆ ଓଡ଼ିଶା,
ରହିବେନ କେହି ପଛୁଆ ହୋଇ
ବିକାଶ ହେବ ଓଡିଶା ।

ସୁସ୍ଥ ରହିଲେ ହେବା ଆମେ ବିକଶିତ
ରହିବନ ଦୁଃଖ ଦୁର୍ଦ୍ଦଶା,
ନିରୋଗ ରହିଲେ ହେବା କାର୍ଯ୍ୟକ୍ଷମ
ପୂର୍ଣ୍ଣ ହେବ ସବୁ ଆଶା ।

ଶିକ୍ଷା ଆମର ମୌଳିକ ଆବଶ୍ୟକତା
ଶିକ୍ଷା ନେବା ଆମେ ସବୁ,
ସଚେତନ କରିବା ଏ ସମାଜକୁ
ରୋଗକୁ କରିବା କାବୁ ।

କରିବା ଆମେ ଯୋଗ, ପ୍ରାଣାୟାମ
ନିତ୍ୟ କରିବା ବ୍ୟାୟାମ,
ରୋକି ପାରିବେନ କେହି ବି ଏଠି
ହେବାକୁ ଆମକୁ କାର୍ଯ୍ୟକ୍ଷମ ।

ISSN NO.
2582-208X

ଶିକ୍ଷା ଆଣିବା, ସଂସ୍କାର ଆଣିବା
ଗଢ଼ିବା ନୂଆ ଓଡ଼ିଶା,
ଦୂରେଇ ଦେବା ସବୁ ଅନ୍ଧାର ନୀତି
ଆଣିବା ନୂଆ ବ୍ୟବସ୍ଥା ।

କରିବା ସଫା ଆମେ ଆମ ପରିବେଶ
ରଖିବା ସ୍ୱଚ୍ଛ ସବୁ ଜାଗାକୁ,
ନ ରହୁ କେଉଁଠି ଅଳିଆ ଅସନା
ଆଗେଇ ନେବା ଓଡ଼ିଶାକୁ ।

ଯେତେ ଶିକ୍ଷିତ ହେବାରେ ଆମେ
ହେବ ଆମ ରାଜ୍ୟ ସେତେ ବିକଶିତ
ଆସରେ ଆସ ସୁସ୍ଥ ଓଡିଶା ଗଢ଼ିବା
କର ଭାଇ ଭଉଣୀ ଶପଥ ।

ଶାରୀରିକ ଆଉ ମାନସିକ ଭାବେ
ରହିବା ସୁସ୍ଥ ଯେ ଆମେ,
ତାପରେ ଯାଇ ହେବ ସର୍ବାଙ୍ଗୀନ ଉନ୍ନତି
ମାତିଥିବା ଆମେ ଆମ କାମେ ।

ସୁସ୍ଥ ରହିଲେ ସବୁ ସମ୍ଭବ
ସବୁ ହେବ ବିକଶିତ
ଗଢ଼ିବା ଆମେ ଭଉଣୀ ଭାଇ
ନୂଆ ଓଡ଼ିଶା ଜଗତ ।

ଜିଲ୍ଲା :ବରଗଡ଼

ISSN NO.
2582-208X

# ସାଥି



ଗୀତାଞ୍ଜଳି ମିଶ୍ର

ସାଥି ତୁମେ ମୋର ଅତି ଆପଣା ର
ଦେଖିବାକୁ ଭାରୀ ସୁନ୍ଦର
ଲାଜୁଆ ଲାଜୁଆ ତୁମରି ଚେହେରା
ସ୍ମିତ ହସ ତୁମ ଓଠର ।

ଗୋରା ଗୋରା ହାତେ ରୁଣୁ ଝୁଣୁ ବାଜେ
ନାଲି ନାଲି ଶଙ୍ଖା ତୁମର
ସେହି ହାତ ଧରି ଚାଲୁଥିବି ସାଥି
ଜୀବ ଥିବା ଯାଏଁ ମୋହର ।।

ପାଦ ଟଳମଳ ଯେବେ ହୁଏ ସାଥି
ହସ୍ତେ ମୁଁ ସଳଖି ଧରିବି
ଅନ୍ଧାର ପଥରେ ଆଲୋକ ଦେଖାଇ
ତୁମ ସାଥେ ସାଥେ ଚାଲିବି ।।

ନୟନେ ତୁମର ଖୁସି ର ଲୋତକ
ନିତି ନିତି ମୁଯେ ଦେଖିବି
ସାରା ଜୀବନ ମୁଁ ଛବି ହୋଇ ସାଥି
ତୁମ ନୟନ ରେ ରହିବି ।।

ବିନିକା, ସୁବର୍ଣ୍ଣପୁର

ISSN NO.
2582-208X

# ମନୋଜ ଦାସଙ୍କ ଗଳ୍ପ 'ଲକ୍ଷ୍ମୀର ଅଭିସାର'-ଏକ ଦୃଷ୍ଟିପାତ



ଦେବୀପ୍ରସାଦ ପ୍ରଧାନ

ସାଂପ୍ରତିକ କାଳର ଅନ୍ୟତମ ଯଶସ୍ୱୀ ସାହିତ୍ୟସାଧକ ଭାବରେ ମନୋଜ ଦାସଙ୍କ ଖ୍ୟାତି ସୁବିଦିତ । ଓଡ଼ିଆ ଓ ଇଂରେଜୀ ଉଭୟ ଭାଷାରେ ସାହିତ୍ୟ ରଚନାରେ ତାଙ୍କର କୃତିତ୍ୱ ପରିଲକ୍ଷିତ । ସେ ଏକାଧାରରେ ଜଣେ ଗାଳ୍ପିକ, ଔପନ୍ୟାସିକ, କବି, ପ୍ରାବନ୍ଧିକ, ଭ୍ରମଣ ବୃତ୍ତାନ୍ତ ଲେଖକ, ଶିଶୁ ସାହିତ୍ୟ ସ୍ରଷ୍ଟା ଓ ସଂପାଦକ । ପୁଣି ଶ୍ରୀ ଅରବିନ୍ଦ ଦର୍ଶନ ଓ ଆଧ୍ୟାତ୍ମିକ ଭାବ ଆଧାରିତ ଚିନ୍ତାନ୍ୱେଷୀ ରଚନା ଲେଖିବାରେ ସେ ଜଣେ କୃତବିଦ୍ୟ ଲେଖକ। ଆଧୁନିକ କାଳର ଜଣେ ବିଶିଷ୍ଟ ଲେଖକ ଭାବରେ ଓଡ଼ିଆ ପାଠକମାନଙ୍କ ନିକଟରେ ସେ ଅତ୍ୟନ୍ତ ଜନପ୍ରିୟ । କେବଳ ସେତିକି ନୁହେଁ, ଓଡ଼ିଶା ବାହାର ବୁଦ୍ଧିଜୀବୀ ପାଠକମାନଙ୍କଠାରେ ତାହାଙ୍କ ଇଂରେଜୀ ଲେଖା ମଧ ସମପରିମାଣରେ ଆଦରଣୀୟ । ଦେଶ ବିଦେଶରେ ଖ୍ୟାତି ଲାଭ କରିଥିବା ତାଙ୍କ ପରି ବହୁ ପ୍ରିଚାରିତ ଲେଖକ ସଂପ୍ରତି ଆମ ସାହିତ୍ୟରେ ବିରଳ ।

ମନୋଜ ଦାସ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ସୁଦ୍ଧା ଜଣେ ପଥିତଯଶା ଗଳ୍ପ ଲେଖକ ଭାବେ ଓଡ଼ିଆ ଗଳ୍ପ ସାହିତ୍ୟରେ ତାଙ୍କର ସ୍ୱତନ୍ତ୍ର ସ୍ଥାନ ରହିଛି । ସମକାଳୀନ ଓଡ଼ିଆ ଗଳ୍ପ ସାହିତ୍ୟରେ ନୂତନତା ଆଣିବାରେ ତାହାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ଗଳ୍ପଗୁଡ଼ିକ କାହାଣୀଧର୍ମୀ, ସୁଖପାଠ୍ୟ ଓ ହୃଦୟସ୍ପର୍ଶୀ । ତାହାଙ୍କ ଗଳ୍ପ ସଂପର୍କରେ ଆଲୋଚନା ପୂର୍ବକ ବିଶିଷ୍ଟ ସାହିତ୍ୟ-ସମୀକ୍ଷକ ଡକ୍ଟର ଦାଶରଥ ଦାସ ଲେଖିଛନ୍ତି; "ସମୃଦ୍ଧ ଓଡ଼ିଆ କ୍ଷୁଦ୍ରଗଳ୍ପର ପରମ୍ପରକୁ ଅସ୍ୱୀକାର ନକରି ତଥା କ୍ଲାସିକଗଳ୍ପର ଶୈଳୀକୁ ସଂପୂର୍ଣ୍ଣ ବିସର୍ଜନ ନଦେଇ ଶ୍ରୀ ମନୋଜ ଦାସ ରସର ଉଲ୍ଲାସ ଉତ୍ସ ମୁକ୍ତ କରିପାରିଛନ୍ତି ।

ISSN NO.
2582-208X

ପ୍ରତ୍ୟେକଟି ଗଳ୍ପ ତାଙ୍କର ସୁଲିଖିତ, ସୁଖପାଠ୍ୟ ଓ ଉପଭୋଗ୍ୟ । ଅଧିକାଂଶ ତ ଦୃଢ଼ନିବଦ୍ଧ, ରସଗଭୀର ଓ ପ୍ରାଣସ୍ପର୍ଶୀ; ଅଭିଜ୍ଞତାର ଐଶ୍ୱର୍ଯ୍ୟରେ ଯେପରି ମହିମାନ୍ୱିତ, ଠିକ୍ ସେପରି ଚିରନ୍ତନ ମାନବିକ ଭାବାବେଗ ଓ ସହାନୁଭୂତିରେ ଛଳଛଳ । ସଂଯମ ସ୍ନିଗ୍ଧ କେଉଁଠି ନାହିଁ । ନିର୍ମୋହ ବିଜ୍ଞାନ ଦୃଷ୍ଟି, ନୈର୍ବ୍ୟକ୍ତିକ ଜୀବନ ତୃଷ୍ଣା, ସ୍ୱଗଭୀର ସତ୍ୟାନୁରକ୍ତି ଓ ପରିସୂକ୍ଷ୍ମ ରସ କୌତୁହଳ ଘେନି ଶ୍ରୀ ଦାସ ଓଡ଼ିଆ ଗଳ୍ପରାଜ୍ୟରେ ପହଞ୍ଚିଯାଇଛନ୍ତି ଏଣେ ଇଙ୍ଗିତ ତୀକ୍ଷଣ ତିର୍ଯ୍ୟକ ଭାଷା ନିର୍ବାଚନ କ୍ଷେତ୍ରରେ ତାଙ୍କର ଦକ୍ଷତା ମଧ୍ୟ ଈର୍ଷାଯୋଗ୍ୟ ହୋଇଉଠିଛି । ସେ କଥା କହନ୍ତି, କାହାଣୀ ମଧ୍ୟ ବୟାନ କରନ୍ତି; ଘଟଣାରେ ନାଟକୀୟତା ଆଣନ୍ତି । ଅନେକ ଗଳ୍ପ ତ ତାଙ୍କର ଏକ ଏକ Surprise packet । ଏ ସବୁ ଦୃଷ୍ଟିରୁ ତାଙ୍କ ଗଳ୍ପ ଏପରି ଏକ ବିଶିଷ୍ଟତା ଲଭିଛି ଯେ, ତାହା ନିକଟରେ କେବେ ବିସ୍ମୃତ ହେଉନାହିଁ ।" ଏହି ମନ୍ତବ୍ୟରୁ କ୍ଷୁଦ୍ରଗଳ୍ପର ସମସ୍ତ ସଦ୍ ଗୁଣ ଘେନି ତାଙ୍କର ଗଳ୍ପଗୁଡ଼ିକ ଅସାଧାରଣ ଢଙ୍ଗରେ ହୋଇଛି ପ୍ରକାଶିତ । ଏଯାବତ୍ ମନୋଜ ଦାସ ଶତାଧିକ ଗଳ୍ପର ରଚୟିତା । ତାଙ୍କର ଗଳ୍ପଗ୍ରନ୍ଥଗୁଡ଼ିକ ହେଉଛି; 'ସମୁଦ୍ରର କ୍ଷୁଧା' ୧୯୫୦); 'ଜୀବନର ସ୍ୱାଦ' (୧୯୫୨), 'ବିଷକନ୍ୟାର କାହାଣୀ' (୧୯୫୪); 'ଆରଣ୍ୟକ' (୧୯୬୦); 'ଶେଷ ବସନ୍ତର ଚିଠି' (୧୯୬୬), ମନୋଜ ଦାସଙ୍କ କଥା ଓ କାହାଣୀ' (୧୯୭୧); ଲକ୍ଷ୍ମୀର ଅଭିସାର' (୧୯୭୪), 'ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ (୧୯୭୫)', 'ଧୂମାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ' (୧୯୭୭)', 'ମନୋଜ ପଞ୍ଚବିଂଶତି' (୧୯୮୩), 'ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ' '୧୯୮୭), 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ' (୧୯୯୦), 'ଅବୋଲକରା କାହାଣୀ' (୧୯୯୧) ।

ମନୋଜ ଦାସଙ୍କ ଗଳ୍ପର ପରିସର ଅତି ବ୍ୟାପକ । ସେ ଜୀବନର ବାସ୍ତବ ଅନୁଭୂତିଠାରୁ ଆରମ୍ଭ କରି ଜୀବନ ଓ ଜଗତ ସମ୍ବନ୍ଧୀୟ ବାସ୍ତବୋତ୍ତର ରହସ୍ୟକୁ ଗଳ୍ପରେ ପ୍ରକାଶ କରିବାରେ ଜଣେ ବିଶ୍ୱସ୍ତ ଶିଳ୍ପୀ ଜୀବନର ବାସ୍ତବ ମୁହୂର୍ତ୍ତର କ୍ଷଣିକ ସତ୍ୟକୁ ନେଇ ସେ ଯେପରି ବାସ୍ତବଧର୍ମୀ ଗଳ୍ପ ରଚନା କରିପାରନ୍ତି, ସେହିପରି ପରୀ ରାଇଜର କଥାଭଳି କାହାଣୀ ସାଂପ୍ରତିକ ସମସ୍ୟାକୁ ନେଇ ଲେଖି ପାରନ୍ତି । ଏ ସକାଶେ ତାଙ୍କ ଗଳ୍ପର ଭାବବସ୍ତୁ ଜୀବନ ପରି ସୂକ୍ଷ୍ମାତି ସୂକ୍ଷ୍ମ, ଜଗତ ପରି ବୈଚିତ୍ରିୟପୂର୍ଣ୍ଣ ଓ ଆକାଶ ପରି ରହସ୍ୟମୟ । ଯାହାର ସୀମା ସରହଦ ଅକଳମୟ । ଅବଶ୍ୟ କେବଳ ଏହା ଅନୁଭବର ବ୍ୟାପାର । ସେ ଜୀବନକୁ ଅତି ଅନ୍ତରଙ୍ଗ ଭାବରେ ଭଲ ପାଇଛନ୍ତି । ମଣିଷର ମଣିଷପଣିଆ ଓ ତା'ର

ISSN NO.
2582-208X

ହୃଦୟବୃତ୍ତି ପ୍ରତି ରହିଛି ତାଙ୍କର ପ୍ରଚୁର ଶ୍ରଦ୍ଧା । ସବୁଠି ସେ ସନ୍ତୋଷଜନକ ମଣିଷପଣିଆର ଜୟଗାନ କରିଛନ୍ତି । କୌଣସି ତତ୍ତ୍ୱ ଭିତରେ ସେ ଜୀବନକୁ ଦେଖିନାହାନ୍ତି । ତାଙ୍କ ମତରେ ତତ୍ତ୍ୱ ତୁଳନାରେ ଜୀବନ ବହୁତ ବଡ ଓ ଏହା ଏକ କ୍ରମବିକାଶମାନ ଚେତନା । ସେ ଛାତ୍ର ଜୀବନରୁ ଏଯାବତ୍ ବିଭିନ୍ନ ମାର୍ଗରେ ଜୀବନ ଅତିବାହିତ କରି ବହୁବିଧ ଅନୁଭୂତି ଅର୍ଜିଛନ୍ତି । ତରୁଣ ବୟସରେ ବାମପନ୍ଥୀ ଆଭିମୁଖ୍ୟରେ ଗଭୀର ଆସ୍ଥା ପୋଷଣ କରିଥିବା ମନୋଜ ଦାସ ଏବେ ଶ୍ରୀ ଅରବିନ୍ଦଙ୍କ ଆଧ୍ୟାତ୍ମିକ ଭାବଧାରରେ ବିଶ୍ୱାସୀ ଜଣେ ବିଶିଷ୍ଟ ସାଧକ ।

ଭାବବିନୋଦିଆ ଠାକୁର ଭକ୍ତ ଭାବରେ ବନ୍ଧା, ପ୍ରେମରେ ଛନ୍ଦା, ସେଥିପାଇଁ ତ ସେ ଭାବଗ୍ରାହୀ, ଦିନବାନ୍ଧବ, ଭକ୍ତବତ୍ସଳ । ନିରାକାର ସେ, ସାକାର ବି ସେ । ଭକ୍ତର ଭକ୍ତିରେ ପ୍ରୀତ ହୋଇ ସେ କେତେବେଳେ ଭକ୍ତର ଦାସତ୍ୱ ସ୍ୱୀକାର କରନ୍ତି, ତ କେତେବେଳେ ପୁଣି ମାଆର ମମତାରେ ଟାଣିହୋଇ ତାର କୃଷ୍ଣ କହ୍ନେଇ ସାଜନ୍ତି । କେତେବେଳେ ଶବରୀ ମାର ଅଇଁଠା କୋଳି ଖାଇବା ପାଇଁ ଦଉଡି ଆସନ୍ତି ତ କେତେବେଳେ ପୁଣି ଭକ୍ତର ଭକ୍ତି ମତରେ ଖମ୍ବରୁ ବାହାରି ଦୁଷ୍ଟର ବିନାଶ କରନ୍ତି । ସେ ଭଗିନୀର ଭ୍ରାତା, ମିତ୍ରର ପ୍ରିୟ ସଖା । ନିତ୍ୟ ସନାତନ ସେ । ତାଙ୍କୁ ଅନ୍ତରରୁ ଡାକିଲେ ସେ ଓ କରନ୍ତି । ନା ସେ ଧନୀର ନା ଗରିବର, ଭାବ ଥିଲେ ସେ ସମସ୍ତଙ୍କର । ସେଥିପାଇଁ ତ ଭକ୍ତ ଦାସିଆର ନଡିଆକୁ ପ୍ରଭୁ ଜଗନ୍ନାଥ ହାତ ବଢାଇ ନେଇଯାଇଥିଲେ । ଭକ୍ତ ବଳରାମଙ୍କ ଅପମାନ ଯୋଗୁ ୭ ଦିନ ୭ ରାତି ନନ୍ଦିଘୋଷ ରଥକୁ ସେ ବଡ ଦାଣ୍ଡରେ ଅଚଳ ମହାମେରୁ ପରି ଠିଆ କରିଦେଇ ସମୁଦ୍ର କୂଳରେ ତାଙ୍କ ଦ୍ୱାରା ନିର୍ମିତ ବାଲି ରଥରେ ବିଜେ କରିଥିଲେ । ସେ ହିନ୍ଦୁ ହେଉ କି ମୁସଲିମ, ଖ୍ରୀଷ୍ଟିୟାନ ହେଉ କି ଶିଖ ଭଗବାନଙ୍କ ପ୍ରେମରେ ନଥାଏ ପାତର ନା ଅନ୍ତର । ଆଉ ସେ କୁନି ଝିଅ ଲକ୍ଷ୍ମୀ ସହ ଭାବ ନ ବାନ୍ଧିବେ ବା କେମିତି ?

ଆଲୋଚ୍ୟ ଗଳ୍ପ ଲକ୍ଷ୍ମୀର ଅଭିସର ଗାଳ୍ପିକ ମନୋଜ ଦାସଙ୍କ ଲେଖନୀର ଏକ ଅନବଦ୍ୟ ସୃଷ୍ଟି । ନିରୀହ ନିଷ୍କପଟ ଝିଅ ଲକ୍ଷ୍ମୀର ମନରେ ଉଙ୍କି ମାରୁଥିବା ଭାବନା ଓ ତାର କେତେ ଯେ ନିର୍ମଳ, କେତେ ଯେ ପବିତ୍ର, ତାହା ଏ ସ୍ୱାର୍ଥପର ସମାଜର ନୀଚମନାର ଲୋକେ ବୁଝିବେ ବା କେମିତି ? ଏହି ଗଳ୍ପଟି କେବଳ ଲକ୍ଷ୍ମୀ ନୁହେଁ, ଲକ୍ଷ୍ମୀ ପରି ଅନେକ ଛୋଟ ପିଲାଙ୍କ ମନରେ ଭଗବାନଙ୍କ ପ୍ରତି ଥିବା ଅଗାଢ ପ୍ରେମ, ଅତୁଟ ଭକ୍ତି ଓ ସରଳ ବିଶ୍ୱାସର

ISSN NO.
2582-208X

ପରିଚୟ ଦିଏ । ଶିଶୁ ମନସ୍ତତ୍ତ୍ୱକୁ ଗାଳ୍ପିକ ବେଶ ଜୀବନ୍ତ ଭାବେ ଉପସ୍ଥାପନା କରିଛନ୍ତି । କାହାଣୀର ଗୋଟିଏ ପକ୍ଷରେ ଲକ୍ଷ୍ମୀର ଭଗବାନଙ୍କ ସହ ନିବିଡ ସମ୍ପର୍କ ଦେଖିବାକୁ ମିଳିଲା ବେଳେ ଅନ୍ୟ ପକ୍ଷରେ ସମାଜର ନାଲି ଆଖିର ଶୀକାର ହୋଇଥିବା ଲକ୍ଷ୍ମୀର ଦୁର୍ଦ୍ଦଶାର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ନିଜ ପ୍ରିୟ ଠାକୁରଙ୍କଠୁ ମାଗି ଆଣିଥିବା ଦୁଇଟି କଦଳୀ କିପରି ସମାଜର ଲକ୍ଷ୍ମୀକୁ ଚୋରଣୀ ସଜେଇ ଦେଇଛି ଏବଂ ତାର ଅକାଳ ବିୟୋଗ ହେଉଛି ଏହି ଗଳ୍ପର ମୁଖ୍ୟ ଆକର୍ଷଣ । ଏହା ବ୍ୟତୀତ ସମାଜରେ ଉଚ୍ଚ ଆସନରେ ଅଳଙ୍କୃତ ଲୋକେ କୌଣସି ଭୁଲ କଲେ, ତାହା କିପରି କାହାର ଦୃଷ୍ଟିଗୋଚର ହୁଏ ନାହିଁ; କିନ୍ତୁ ଗରିବର ଅଜ୍ଞାନବଶତଃ ଭୁଲ ପାଇଁ ସେ କିପରି ଚରିତ୍ରହୀନା ପାଲଟିଯାଏ, ଏହାକୁ ଗାଳ୍ପିକ ଶ୍ରୀଯୁକ୍ତ ଦାସ ବେଶ ପ୍ରାଞ୍ଜଳ ଭାବେ ଉପସ୍ଥାପିତ କରିଛନ୍ତି । ସବୁପରେ ବୁଝିବା ବାକି ରହିଯାଏ, ଏ ପରିଣତିରେ ଶ୍ରେୟ କାହାର ? ନିଷ୍ଠୁର ସମାଜର, ନା ପୂଜାରୀ ନନାଙ୍କର, ନା ଭଗବାନଙ୍କର, ନା ଭକ୍ତ ଲକ୍ଷ୍ମୀର ।

ଦିନେ ନୁହେଁ ଅଧେ ନୁହେଁ । ଏମିତି ଅନେକ ଦ୍ୱିପ୍ରହର ଅତିବାହିତ ହୋଇଛି । ଲକ୍ଷ୍ମୀ ଥରେ ନୁହେଁ, ଦୁଇଥର ନୁହେଁ, ଏମିତି ଅନେକ ଥର ପ୍ରୟାସ କରିଛି ମନ୍ଦିର ପ୍ରାଙ୍ଗଣକୁ ଥରେ ଆସିବ ବୋଲି । ମନ୍ଦିର ଭିତରକୁ ଥରେ ପ୍ରବେଶ କରିବ ବୋଲି, ବାକି ରହିଯାଇଥିବା ଦୁଇପଦ କଥା ତାର ଭଗବାନଙ୍କୁ ପଚାରିବ ବୋଲି । ଏମିତି ଅନେକ ଅଭିସାର ନେଇ ସେ ଆସେ; କିନ୍ତୁ ପୂଜାରୀ ନନାର ଡରରେ ମନମାରି ଫେରିଯାଏ । କାରଣ ପୂଜାରୀ ପଣ୍ଡିତେ ତାକୁ ଦେଖିବା ମାତ୍ରେ ମାନସାଙ୍କ ନତୁବା କୌଣସି ସାଧୁ ଶବ୍ଦର ଅର୍ଥ ପଚାରିଦେବେ । ନଚେତ ତାକୁ ମନ୍ଦିରରୁ ତଡିଦେବେ । ଠାକୁରଙ୍କ ନିଜଲୋକ ହିସାବରେ ଏହା ତାଙ୍କ ନୀତିଦିନର ବେଉସା । ଭକ୍ତ ଓ ଭଗବାନଙ୍କ ମିଳନକୁ କିଏ ବା କେତେ ଅଟକାଇ ପାରିବ ? ଶେଷରେ ଅପେକ୍ଷାର ଅନ୍ତ ହୋଇଛି ଲକ୍ଷ୍ମୀ ଦିନେ ଦ୍ୱିପ୍ରହରରେ ପୂଜାରୀ ପଣ୍ଡିତେ ଶୋଇ ଘୁଙ୍ଗୁଡି ମାରୁଥିବା ବେଳେ ଅତି ସାବଧାନ ସହକାରେ ତାଙ୍କୁ ଅତିକ୍ରମ କରି ମନ୍ଦିରର ଅଭ୍ୟନ୍ତରରେ ପଶି ସିଧା ଠାକୁରଙ୍କ ଆଗରେ ଯାଇ ବସିପଡି ମୁଣ୍ଡିଆଟିଏ ମାରିଲା । ଭାବବିହ୍ୱଳ ମୁଗ୍ଧ କଣ୍ଠରେ କହିଲା, ମୋତେ ଚିହ୍ନି ପାରୁଛ ତ ? ମୁଁ ଲକ୍ଷ୍ମୀ ! ଓଃ ଭଗବାନ ! ମାସଟିଏ ଧରି ସବୁଦିନ ତୁମ ପାଖକୁ ଆସିବାକୁ ଚେଷ୍ଟା କରୁଛି; କିନ୍ତୁ ପଣ୍ଡିତ ବାଟ ଓଗାଳି ବସୁଛି ।

ISSN NO.
2582-208X

ଏତେ ଦିନ ପରେ ନିଜ ପ୍ରିୟ ଠାକୁରଙ୍କୁ ଅତି ନିକଟରେ ପାଇ ଲକ୍ଷ୍ମୀ ଖୁସିରେ ବିଭୋର ହୋଇ ଉଠିଛି । ତା ମନରେ ବସା ବାନ୍ଧିଥିବା ଅସୁମାରି ପ୍ରଶ୍ନର ପେଡିକୁ ସେ ଆଜି ତା ଭଗବାନଙ୍କ ପାଖରେ ଖୋଲିବ, କେତେ କଣ କଥା କହିବ ଓ ପଚାରିବ । ସେ ଜାଣିଛି ତାଙ୍କ ସ୍କୁଲ ପଣ୍ଡିତ ଘୁଙ୍ଗୁଡି ମାରନ୍ତି । ପାଖରେ ମନ୍ଦିର ପଣ୍ଡିତେ ଶୋଇ ଘୁଙ୍ଗୁଡି ମାରୁଥିବା ଦେଖି ସେ ଭଗବାନଙ୍କୁ ପଚାରିଛି, ଠାକୁରେ ! ପଣ୍ଡିତେ ମାନେ କାହିଁକି ଘୁଙ୍ଗୁଡି ମରନ୍ତି ? ମୁଁ ଯଦି ଘୁଙ୍ଗୁଡି ମାରିବାକୁ ଶିଖିବି, ତେବେ ମୁଁ କଣ ପଣ୍ଡିତ ହୋଇପାରିବି ? ଜୀବନକୁ, ସମାଜକୁ ବୁଝିବାର ବୟସ ଲକ୍ଷ୍ମୀର ହୋଇନାହିଁ । ସମାଜର ନିୟମ କାନୁନ ରୀତିନୀତି, ଚାଲି ଚଳଣକୁ ସେ ବୁଝେ ନାହିଁ । ତେଣୁ ତା ମନରେ ଅନେକ ପ୍ରଶ୍ନବାଚୀ । ଆଜି ତା ମନର ସବୁ ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ସେ ମନ୍ଦିରରେ ଭଗବାନଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରି ଚାଲିଛି । ଖାଲି ସେତିକି ନୁହେଁ ନିଜର ପରିବାରର ଦାରିଦ୍ର୍ୟ, ବାପାଙ୍କ ଅସୁବିଧା, ମା'ର ଦୁଃଖ, ନିଜର ଅଙ୍କ ପ୍ରତି ଥିବା ଦୁର୍ବଳତା ଏମିତି ଅନେକ କଥା ସେ ଭଗବାନଙ୍କୁ ଜଣେଇଛି । ସେ ଭଗବାନଙ୍କୁ ତାର ବାପା ଓ ମାର ଦୁଃଖ କଷ୍ଟ ଦୂର କରିବାକୁ ବିନତି କରିଛି । କାଳେ ଅଙ୍କ ପାଠର କିଛି ଭଲ ଗୁଣ ଥିବ ଆଉ ସେ ଜାଣି ନଥିବ, ସେଥିପାଇଁ ଅଙ୍କ ବୋଲି ଗୋଟେ ବିଷୟ ଭଗବାନ ଉଠେଇ ଦିଅନ୍ତୁ ସେ ଚାହୁଁଥିଲେ ମଧ୍ୟ, ମନ ଊଣା ନକରି ମନା କରିଦେଇଛି ।

ଧର୍ମ ନାମରେ ସମାଜରେ ଚାଲୁଥିବା ଭଣ୍ଡାମିକୁ ସେ ବିରୋଧ କରିଛି । ଲୋକମାନେ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତିକୁ ପ୍ରଦର୍ଶିତ କରିବା ପାଇଁ ଯେପରି ଯନ୍ତ୍ର ତୁଙ୍ଗା ଲଗେଇ ଗୀତ ବୋଲୁଛନ୍ତି, ହଲ୍ଲା କରୁଛନ୍ତି, ତାହାକୁ ସେ ପ୍ରତିବାଦ କରିଛି । ସେ ଭଗବାନଙ୍କୁ ପ୍ରଶ୍ନ ପଚାରିଛି, ଏଇ ଯେଉଁ ଯନ୍ତ୍ର ତୁଙ୍ଗା ଲଗେଇ ଏତେ ହଲ୍ଲା କରି ଗୀତ ବୋଲୁଛନ୍ତି, ସେଇଟା କଣ ଭଲ, ଠାକୁର ? ଆଚ୍ଛା ଏତେ ଗର୍ଜନ କରି ତୁମ ପ୍ରାର୍ଥନା ନ ବୋଲିଲେ ତୁମେ କ'ଣ ଶୁଣିପାର ନାହିଁ ? ସେ ଉପଲବ୍ଧି କରିଛି ଜୋର ରେ ମାଇକ ବାଜିବା ଫଳରେ ବୟସ୍କ, ଅସୁସ୍ଥ ଲୋକେ ତଥା ସାଧାରଣ ଲୋକେ କିପରି ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ତା'ର ବାପା କେମିତି ଜ୍ୱରରେ ପଡିଶା ଘରେ ଯନ୍ତ୍ର ତୁଙ୍ଗା ବାଜିବା ଫଳରେ ଛଟପଟ ହୋଇ ତାର ହାତକୁ ତାଙ୍କ କାନରେ ଚାପି ଧରୁଥିଲେ । ଏହା ବ୍ୟତୀତ ସମାଜରେ ପ୍ରଚଳିତ ବିଭିନ୍ନ ଧର୍ମ ଲୋକେ ନିଜର ଧର୍ମ ପ୍ରଚାର ଲାଗି ନିଜ ଧର୍ମକୁ ଶ୍ରେଷ୍ଠ ବିବେଚିତ କରିବା ପାଇଁ ଜୋରରେ ଯନ୍ତ୍ର ତୁଙ୍ଗା ଲଗାଇ ନିଜର ପ୍ରାର୍ଥନା ବୋଲନ୍ତି ବା ଧର୍ମ ପ୍ରଚାର କରନ୍ତି, ଏ

ISSN NO.
2582-208X

ସବୁ ଦେଖି ତାର କୁନିମନ ଆଘାତ ପ୍ରାପ୍ତ ହୋଇଛି ଏବଂ ସେ ଭଗବାନଙ୍କୁ ତାର ପ୍ରଶ୍ନର ଉତ୍ତର ମାଗିଛି । ସେ କହିଛି ଧ୍ରୁବ, ପ୍ରହ୍ଲାଦ ତ ଏମିତି କାଇଁ ଯନ୍ତ୍ର ଚୁଙ୍ଗା ଲଗାଇ ଆପଣଙ୍କ ସ୍ତବ ଗାଉନଥିଲେ ? ଯଦି ସେମାନେ ଧୀରେ ଡାକିଲେ ତୁମେ ଶୁଣିପାରୁଛ, ତେବେ ଆଜିର ଏ ସଭ୍ୟ ସମାଜର ସଭ୍ୟ ମାନବ ଏମିତି ଅସଭ୍ୟ କାମ କରୁଛନ୍ତି କାହିଁକି ? ସେ ଠାକୁରଙ୍କୁ କହିଛି, ବର ଯଦି ଦେବେ ଠାକୁର ତେବେ ଏଇ ବାର ଦିଅ, ଲୋକେ ଯେମିତି ଧୀର ଭାବରେ ତୁମକୁ ଭକ୍ତି ଜଣାଇବେ ।

କେବଳ ନିଜର ସୁବିଧା ଓ ଅସୁବିଧା କଥା ଲକ୍ଷ୍ମୀ କହିନାହିଁ । ଛୋଟ ପିଲାଟିଏ ହେଲେ ମଧ୍ୟ ତାର ବୁଦ୍ଧି ପ୍ରଖର । ତା ପାଇଁ ତାର ନିଜର କଥା ଭଗବାନଙ୍କୁ ଜଣେଇବା ଯେତେ ଆବଶ୍ୟକ ଥିଲା, ଭଗବାନଙ୍କୁ ତାଙ୍କର ଭଲମନ୍ଦ ପଚାରି ବୁଝିବା ମଧ୍ୟ ତାର ସେତିକି କର୍ତ୍ତବ୍ୟ ଥିଲା । ପାଖରେ ଏକ କଦଳୀ କାନ୍ଧି ଦେଖି ସେ ପଚାରିଛି, ଏ କଦଳୀ କାନ୍ଧି ତୁମକୁ କିଏ ଦେଇଛି ? ଉପର ଦୁଇ ଫେଣା ପାଚିଲାଣି । ତୁମେ ଖାଇବ କେମିତି ? ସାବଧାନ ଠାକୁର ! ସବୁ ଏକେଥରେ ଖାଇବ ନାହିଁଟି । ଦିହ ଖରାପ ହେବ । ଛୋଟ ଝିଅଟେ ହେଲେ ମଧ୍ୟ ତାର ନିଜ ପରିବାର ପାଇଁ, ସମାଜ ପାଇଁ ଯେତିକି ଚିନ୍ତା ରହିଛି ସବୁଠାରୁ ଅଧିକ ଚିନ୍ତା ରହିଛି ଭଗବାନଙ୍କ ପାଇଁ । ସେ ସବୁ କଦଳୀ ଗଣି ଦେଖିଛି ୨୪ ଟି କଦଳୀ ଅଛି । ଭଗବାନଙ୍କୁ ସତର୍କ କରିଦେଇଛି, ଏକାଦିନେ ସବୁ ଖାଇବ ନାହିଁ, ଦିନକୁ ଦୁଇଟା ନହେଲେ ତିନିଟା ଖାଇବ । ୪ କି ୫ ଦିନ ଭିତରେ ସବୁ ସରିଯିବ । ତୁମ ଦେହ ମଧ୍ୟ ଖରାପ ହେବ ନହିଁ । ସେ ଭଗବାନଙ୍କୁ ଆହୁରି ମଧ୍ୟ କହିଛି, ତୁମେ ଯଦି ପଣ୍ଡିତେଙ୍କୁ ଏମିତି ଦ୍ୱିପରହରେ ସବୁଦିନ ଟିକେ ଶୁଏଇ ଦିଅନ୍ତ, ମୁଁ କେଡେ ଖୁସିରେ ତୁମ ପାଖକୁ ଆସନ୍ତି, କେତେ କଥା ହୁଅନ୍ତି, ତୁମ ସାଙ୍ଗରେ କେତେ ଖେଳନ୍ତି । ମୋତେ ଟିକେ ସାହସୀ କରିଦିଅନ୍ତ ନାହିଁ । ମୁଁ ସବୁଦିନ ଏମିତି ଆସନ୍ତି ତୁମ ପାଖକୁ ।

ହଠାତ ପଣ୍ଡିତେଙ୍କ ଘୁଙ୍ଗୁଡି ମାରିବା ଶବ୍ଦ ବନ୍ଦ ହୋଇଯାଇଛି । କାଳେ ପଣ୍ଡିତେ ଉଠି ପଡିବେ ଭାବି ସେ ଭୟ ପାଇଛି । ଫେରି ଯାଉଯାଉ ଠାକୁରଙ୍କୁ ଆକଟ କରି କହିଛି, 'ସବୁ କଦଳୀ ଖାଇବା ପାଇଁ ମନ ହୋଇଛି । ତେଣୁ ସେ ନିଜେ ଠାକୁରଙ୍କ ସହ କଥାବାର୍ତ୍ତା ହୋଇ କଦଳୀ କାନ୍ଧିରୁ ମାତ୍ର ଦୁଇଟି କଦଳୀ ଛିଣ୍ଡାଇଛି । ଠାକୁରଙ୍କୁ ପ୍ରଣାମ କରି ଘରମୁହାଁ ହୋଇଛି । ହଠାତ ପଣ୍ଡିତେଙ୍କ ପାଟି ଶୁଭିଲା, ଆଉ ସେ ପ୍ରଘଟ କରି କହିଲେ, ଦିନ

ISSN NO.
2582-208X

ଦି'ପ୍ରହରେ ଠାକୁରଙ୍କ ପକ୍ଷରୁ କଦଳୀ ଚୋରୀ ଏଡେ ସାହସ ?' ଏତିକିରେ ଆଖପାଖରୁ କେତେ ଲୋକ ରୁଣ୍ଡ ହୋଇଗଲେ । ଡରରେ ଲକ୍ଷ୍ମୀ କାଠ ପିତୁଳା ପାଲଟି ଗଲା । ପାଖରେ ଏକ ପୋଖରୀ ମଧ୍ୟରେ ପ୍ରବେଶ କଲା, ଅଣ୍ଟା ଯାଏ ପାଣି । ଛାତିରେ ଭିଡିଛି ଧରିଛି କଦଳୀ ଦୁଇଟି । ପଣ୍ଡିତଙ୍କ କଣ୍ଠ ଶୁଣି ଓ ତାଙ୍କୁ ଧାବମାନ ଅବସ୍ଥାରେ ଦେଖି ଲୋକ ଜମି ଆସିଲେ । ଭିଡ ଭିତରୁ ତାର ବାପା ବାହାରି ଆସି ଲକ୍ଷ୍ମୀକୁ ପୋଖରୀ ଭିତରୁ କୋଳ କରି ଉଠାଇ ଆଣିଲେ । ଆଉ ପଣ୍ଡିତଙ୍କ ହାତରେ ଧରାଇ ଦେଲେ ସେହି ଦୁଇଟି କଦଳୀ ।

ଲୋକମାନଙ୍କର ଟାହିଟାପରା ଚାରିଆଡେ ବ୍ୟାପିଗଲା । ସମାଜର ନାଲି ଆଖି ଲକ୍ଷ୍ମୀ ଜୀବନକୁ ସେତେ ଯେପରି ସେହି ମୁହୂର୍ତ୍ତରୁ ହିଁ ଧ୍ୱଂସ କରିଦେଲା । ଦୁଇଟି କଦଳୀ ପାଇଁ ତାର ଚରିତ୍ର ଉପରେ ରେଖାପାତ କରାଗଲା । ଛୋଟ ପିଲାଟି ଯଦି ଲୋଭରେ ଅଜ୍ଞାନବଶତଃ ଠାକୁରଙ୍କ ପକ୍ଷରୁ ଦୁଇଟି କଦଳୀ ନେଇଆସିଛି, ତାହାକୁ ଏ କ୍ରୂର ସମାଜ କ୍ଷମା କରିଦେଇ ପାରିନାହିଁ । ବରଂ ତାର ଏ ଦୁଃସାହସ ପାଇଁ ସମାଜ ତାକୁ କଟାକ୍ଷ କରି ଚୋରଣୀର ଆଖ୍ୟା ଦେଇଛି ।

ସେହିଦିନଠାରୁ ଲକ୍ଷ୍ମୀ ଆଉ କଥା କହିନାହିଁ । ପ୍ରବଳ ଜ୍ୱର, ତିନିଦିନ ପରେ ତାର ଅକାଳ ବିୟୋଗ ହେଲା । ଲକ୍ଷ୍ମୀର ମୃତ୍ୟୁରେ ଏ ମାନବିକତା ଶୂନ୍ୟ ସମାଜ ଖୁସିରେ ଅଧୀର ହୋଇ ଉଠିଛି । ଦିଅଁଙ୍କ ପ୍ରଶଂସା କରି, ଦିଅଁଙ୍କୁ ବାହା ବାହା ଜଣେଇ କହିଛନ୍ତି, 'ଏତେ ବଡ ପ୍ରତ୍ୟକ୍ଷ ଦେବତା, ତାଙ୍କ ସିଂହାସନ ପାଖରୁ ତାଙ୍କ ଆହାର ଚୋରିକରି ଯେ ନିସ୍ତାର ନହିଁ, ଏହାର ପ୍ରମାଣ ସେ ଦେଖାଇଦେଲେ । କିନ୍ତୁ ସେହି ମନ୍ଦିରର ପୁନଃ ନିର୍ମାଣ ପାଇଁ ସରକାର ଠାରୁ ଆସୁଥିବା ଲକ୍ଷ ଲକ୍ଷ ଟଙ୍କାକୁ ଆତ୍ମସାତ କରୁଥିବା ଏବଂ ଚୋରୀ କରୁଥିବା ନେତା ଓ ଚୋରମାନଙ୍କ କର୍ମକୁ ଗାଁ ଲୋକେ ସର୍ବଦା ଅଣଦେଖା କରି ଆସିଛନ୍ତି । ସେମାନଙ୍କ ପାଇଁ ନା କେବେ ପଞ୍ଚାୟତ ବସିଛି, ନା କୌଣସି ଦଣ୍ଡ ବିଧାନ କରାହୋଇଛି । କେବଳ ଗରିବ ଝିଅଟିଏ ବୋଲି, ମନ୍ଦିରରୁ ଟଙ୍କା ଚୋରି ପରି ବଡ ଅପରାଧକୁ ଦୃଷ୍ଟିପାତ କରୁନଥିବା ଏ ସମାଜର ଜ୍ଞାନୀଗୁଣି ଲୋକେ, ବିବେକହୀନ ଭାବେ ନିରୀହ ଝିଅଟିକୁ ଗାଁ ଦାଣ୍ଡରେ ଚରିତ୍ରହୀନା ସଜେଇ ଦେଲେ ।

ISSN NO.
2582-208X

ଲକ୍ଷ୍ମୀର ବିୟୋଗରେ ସମସ୍ତେ ଆନନ୍ଦିତ ହୋଇ ହରିବୋଲ ଧ୍ୱନିରେ ମନ୍ଦିର ପ୍ରାଙ୍ଗଣକୁ ମୁଖରିତ କଲାବେଳେ ପୂଜାରୀ ପଣ୍ଡିତେଙ୍କ ମୁଖର ଜ୍ୟୋତି ମଳିନ ପଡିଯାଇଥିଲା । ଲକ୍ଷ୍ମୀ ନିଜ କଲା କର୍ମର ଫଳ ପାଇଲା ବୋଲି ଆଲୋଚନା ହେଉଥିବାବେଳେ ପଣ୍ଡିତେ ନୀରବେ ଏକା ବସି ଚିନ୍ତାକଲେ, ସତରେ ସେ ଯାହା କଲେ କ'ଣ ତାହା ଠିକ ଥିଲା ? କୁନି ଝିଅଟି ଆଶାକରି ନେଇଯାଉଥିବା ଦୁଇଟି କଦଳୀ ପାଇଁ ସେ ଯେଉଁ ତାଣ୍ଡବ କଲେ, ପରିଣତି ସ୍ୱରୂପ ଲକ୍ଷ୍ମୀର ଅପବାଦ ଓ ମୃତ୍ୟୁ ପାଇଁ ସେ କଣ ଦାୟୀ ନୁହନ୍ତି ? ସେ ବୁଝିପାରିଛନ୍ତି, ଭଗବାନ ସେ ଝିଅଟିକୁ ଶାସ୍ତି ଦେଇନାହାନ୍ତି ବରଂ ତାକୁ ଏ କଳଙ୍କିତ ସ୍ୱାର୍ଥପର ସମାଜରୁ ମୁକ୍ତି ଦେଇଛନ୍ତି । ସେ ଅନୁଭବ କଲେ, ଲକ୍ଷ୍ମୀର ଚାଲିଯିବା ସହିତ ଦିଅଙ୍କ ବିଭୁତି ସିଂହାଶନ ଛାଡି ଚାଲିଗଲା । ପଡି ରହିଲା କେବଳ ଏକ ଦିପ୍ତିହୀନ ଅର୍ଥହୀନ ରୂପ । ଅନୁତାପରେ ପୂଜାରୀ ପଣ୍ଡିତେ ନିଜକୁ ଦୋଷଦେଇ ପରଜନ୍ମରେ ଜିହ୍ୱାହୀନ ହୋଇ ଭୂମିଷ୍ଠ ହେବାର ଅଭିଶାପ ମନେମନେ ନିଜକୁ ଦେଇଗଲେ । କାରଣ ଦୁଇଟି କଦଳୀ ଓ ଗୋଟିଏ ଜୀବନର ମୂଲ୍ୟକୁ ସେ ନିକିତିରେ ତଉଲିବା ବେଳେ ନିଜେ ନିଜ ଆଖିରେ ଛୋଟ ହୋଇଯାଇଛନ୍ତି ।

ଯୁଗେ ଯୁଗେ ଏ ସମାଜ ଧନାଢ୍ୟ ତଥା ଉଚ୍ଚପଦସ୍ଥ ଅଧିକାରୀ ବ୍ୟକ୍ତି ବିଶେଷଙ୍କ ଭୁଲକୁ ପ୍ରସୟ ଦେଇଆସିଛି । ନ୍ୟାୟାଳୟରେ ନ୍ୟାୟଦେବୀ ଆଖିରେ କଳାପଟି ବାନ୍ଧି, ଅନ୍ଧ ସମାଲୋଚନା କରି ନିର୍ଦ୍ଦୋଷକୁ ନିନ୍ଦିତ କରିବା ପରି ଏ ସମାଜ ମଧ୍ୟ ଉଚ୍ଚବର୍ଗ, ଉଚ୍ଚପଦସ୍ଥ ଲୋକଙ୍କ ଭୁଲକୁ ଘୋଡେଇ ତାଙ୍କୁ ସକଳ ସମ୍ମାନର ଅଧିକାରୀ କରିଛି । ଯଦି ଦୋଷୀ ହୋଇଛି କେବଳ ନିମ୍ନବର୍ଗ ତଥା ଦଳିତ, ପୀଡିତ, ଗରିବ ଲୋକ । ଗରିବର ଦାନା ମାରିବାରେ ଏ ସମାଜ ବେଶ ଧୁରନ୍ଧର । ସେହିପରି ଦୁଇଟି କଦଳୀ ପାଇଁ ଲକ୍ଷ୍ମୀକୁ ଚରିତ୍ରହୀନା, ଚୋରଣୀ ସଜେଇଥିବା ଏଇ ସମାଜ ସେହି ମନ୍ଦିରର ସମ୍ପତ୍ତିକୁ ଲୁଟୁଥିବା ନେତା, ମନ୍ତ୍ରୀଙ୍କ ଅପରାଧକୁ ଲେଖକ ଘୋର ବିରୋଧ କରିଛନ୍ତି ଏବଂ ଲୋକମାନଙ୍କୁ ଧୀର ଚିତ୍ତରେ ଭଗବାନଙ୍କ ପାଦ ପଦ୍ମରେ ଲୟ ରଖି କର୍ମମୟ ଜୀବନରେ ଆଗେଇ ଚାଲିବାର ବାର୍ତ୍ତା ଦେଇଯାଇଛନ୍ତି ।

ISSN NO.
2582-208X

ସହାୟକ ଗ୍ରନ୍ଥସୂଚୀ :

୧) କର ବାଉରୀବନ୍ଧୁ, ସାହିତ୍ୟ ସାଧକ ମନୋଜ ଦାସ, ଗଦ୍ୟ ପ୍ରକାଶନୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୦୧ ।

୨) ଦାସ ମନୋଜ, ଲକ୍ଷ୍ମୀର ଅଭିସାର, ଗ୍ରନ୍ଥ ମନ୍ଦିର, ପ୍ରଥମ ସଂସ୍କରଣ-୧୯୭୪ ।

୩) ଦାସ ଦାଶରଥି, ନାନା ନିବନ୍ଧ, ଅଗ୍ରଦୂତ, ପ୍ରଥମ ସଂସ୍କରଣ-୧୯୯୨ ।

ଓଡିଆ ଅଧ୍ୟାପକ
ପରିମାଳ ମହାବିଦ୍ୟାଳୟ, ପଣ୍ଡୁଆ, ଢେଙ୍କାନାଳ
ଯୋଗାଯୋଗ : ୬୩୭୨୩୯୫୬୬୦

ISSN NO.
2582-208X

# ଶିକ୍ଷା ଓ ସଂସ୍କୃତି



ଅକ୍ଷୟ ମହାନ୍ତ (ନିର୍ମାଲ୍ୟ)

କଞ୍ଚା ମାଟିଆକୁ ପିଟଣାରେ ପିଟି
ଚିକ୍କଣ ହିଁ କରାଯାଏ
ରଙ୍ଗରେ ରଙ୍ଗେଇ କୁମ୍ଭକାର ତାକୁ
ମୂଲ୍ୟବାନ କରିଦିଏ ।

ପ୍ରାଥମିକ ସ୍କୁଲ ଶିକ୍ଷକ ଆମର
ଛାଟଟିଏ ଧରିଥାନ୍ତି
କଅଁଳ ପିଲାଙ୍କୁ ଗାଳି ମାଡ ଦେଇ
ସଂସ୍କାର ଶିଖାଇ ଥାନ୍ତି ।

ପ୍ରାଥମିକ ସ୍କୁଲ ଦଣ୍ଡମୁକ୍ତ ହେଲା
ଉଦଣ୍ଡ ହୁଅନ୍ତି ପିଲା
ସ୍କୁଲ କଲେଜରେ ଶିକ୍ଷକମାନଙ୍କୁ
କରୁଛନ୍ତି ସେ ଘାଇଲା ।

ମହା ବିଦ୍ୟାଳୟ ବିଶ୍ୱ ବିଦ୍ୟାଳୟେ
ନିର୍ବାଚନ ଆଉ ନାହିଁ
ଯୋଗ୍ୟ ନେତାଟିଏ କେଉଁଠୁ ମିଳିବ
ରାଜ୍ୟ ଚଳାଇବା ପାଇଁ ? ? ?

ଆଜିକାର ନେତା ପଛା କରିଲେଣି
ଛାଡନ୍ତିନି ସିଏ ଗାଦି
ବାପ ପରେ ପୁଅ, ପୁଅ ପରେ ନାତି,
ନାତି ପରେ ଅଣନାତି ।

ସଂସ୍କାର ସଂସ୍କୃତି ଲୋପ ପାଇ ଯାଏ
ଭ୍ରଷ୍ଟାଚାର ବ୍ୟାପିଯାଏ
ଶାସନ ଡୋରିଟା ବୁର୍ଜୁଆଙ୍କ ହାତେ
ଦୀର୍ଘଦିନ ରହିଯାଏ ।

ନେତାମାନେ ଆମ ଶପଥ କରନ୍ତି
ସତ୍ୟବାଦୀ ହେବା ପାଇଁ
ଅନୀତିର ପଥ ଆଚରିବେ ନାହିଁ
ଦୁର୍ନୀତି କରିବେ ନାହିଁ ।

ସବୁ ତ ଓଲଟା କରୁଛନ୍ତି ସିଏ
କଅଣ ଶିଖିବେ ପିଲା ?
ରାଜଦାଣ୍ଡେ ଆଜି ଛାତ୍ର ଓ ଶିକ୍ଷକ
ଜନତାର ହାଲ୍ଲାଗୁଲ୍ଲା ।

ISSN NO.
2582-208X

ସେମିତି ସମାଜ ଗଢିବାନି ଆମେ
ନୂଆ କିଛି ଦେଖାଇବା
ସତ୍ୟ ଅହିଂସାକୁ ପାଥେୟ କରିବା
ଗୁରୁଙ୍କୁ ସମ୍ମାନ ଦେବା ।

ପିତା ମାତାଙ୍କର ଯତ୍ନ ନେବା ଆମେ
ସିଏ ଆମ ଜନ୍ମଦାତା
ବୃଦ୍ଧାଶ୍ରମ କେବେ ପଠାଇବା ନାହିଁ
ପ୍ରଥମ ସେ ଜ୍ଞାନ ଦାତା ।

ଅନୀତି ଦୁର୍ନୀତି ଅସତ୍ୟ ବିରୋଧେ
ଲଢେଇ କରିବା ଆମେ
ହିଁସାକୁ କେବେ ବି ପ୍ରଶ୍ରୟ ଦେବାନି
ସଫଳ ହୋଇବା କାମେ ।

ବିଜୟର ଧ୍ୱଜା ଉଡ଼ାଇବା ଆମେ
ଈଶ୍ୱର ବିଶ୍ୱାସୀ ହେବା
ପରମ୍ପରା ଆଉ ସଂସ୍କୃତିକୁ ଜଗି
ଦେଶକୁ ଆଗେଇ ନେବା ।

ମୋ:9937462507

ISSN NO.
2582-208X

# ଏଇମିତି କବିର ଜୀବନ



ବିଶ୍ୱନାଥ କର

ସମୁଦ୍ରକୁ ଅଜାଡିଛି ସବୁ ଲୁହ ମୋର
ଲୁଣିଆ କରିଦେଇଛି ସାତ ସମୁଦ୍ରର ନୀଳ ଜଳ
ଯନ୍ତ୍ରଣାର ଘୂର୍ଣ୍ଣିଝଡେ ଉଡୁଛି ଶୁଖିଲା ପତ୍ରଟି ପରି
ମୃତ ସ୍ୱପ୍ନର ମଶାଣୀର ଅନ୍ଧାର କକ୍ଷରେ
ଝୁଲୁଛି ମୋ ପ୍ରେମ ର ପ୍ରେତାତ୍ମା ।

ଭୋକିଲା ଅନ୍ଧାରର ଅଜଗର ଗିଳି ସାରିଲାଣି ଅଧା ଜହ୍ନ
ମୁଁ ସଜାରୁଡି ଜୁଇ ଆକାଶ ଛାତିରେ
ଭଙ୍ଗା ହୃଦୟରେ,
ଆକାଶର ମଲା ତାରା ସବୁ ଜଳୁଛନ୍ତି ଜୁଇର ନିଆଁରେ
ବଗିଚାର ସବୁ ପ୍ରଜାପତି
ଛାତି ବାଡେଇ ବାଡେଇ କରନ୍ତି ରୋଦନ ।

ଲାଖବିନ୍ଧା ରେ ହାରିଯାଇଥିବା ମୋର ସବୁ ପ୍ରେମ ଚିଠି
ଫେରିଯାଏ ଆଦ୍ୟ ଚୈତ୍ରର ଶୀତଳ ବାଆ ସାଥେ
ସୁରଭିତ ରଙ୍ଗିନ ଫୁଲ ସବୁ ରଙ୍ଗ ହରାନ୍ତି ବାସ ହରାନ୍ତି
ଶୂନ୍ୟ ରେ ଲଟକି ଥିବା ପାରିଜାତ
ଭୀରୁତ୍ୱର ସାହାନାଇ ତାଳେ ତାଳେ
ଆଙ୍କୁଛି ମୋ ଅସ୍ତିତ୍ୱହୀନ ଜୀବନର ଚିତ୍ର ।

ISSN NO.
2582-208X

ସମୟର ଚୋରାବାଲିର ମୋ ପାଦଚିହ୍ନ ସବୁ
ତୋଳିଥିବା ସ୍ୱପ୍ନର ପ୍ରକଳ୍ପ
ପୋତି ହୋଇ ଯାଇଛି ବାଲିସ୍ତୁପର ପାହାଡେ
ମୋ ବନବାସର ଅବଧି ବଢ଼ିଯାଉଛି ଜୀବନ ଜ୍ୱାଳାରେ
ଏମିତି କବି ର ଜୀବନ
ପାଉଁଶ ମୁଠାଏ ତଳେ ଦିକି ଦିକି ଜଳେ
ମଞ୍ଜାସୀନ ଅନ୍ତରଙ୍ଗ ଦିନ ।

ଏଇମିତି କବି ର ଜୀବନ
କ୍ରୁଶବିଦ୍ଧ ସମୟରୁ ମୁକ୍ତି ପାଏନା
ନିଶୂନ ରାତିର ଫଗୁଣ
ଖୋଜିବାକୁ ପଡେ ଅହରହ ଜୀବନ ପ୍ରମାଣ
ଏଇମିତି କବିର ଜୀବନ
ଜୀବନ୍ତ ଲାଭାରେ  ତା'ର  ସବୁ ପରିଚୟ
କେନା ମେଲୁଥିବା ମିଛ ସ୍ୱପ୍ନଦର୍ଶୀ ଜହ୍ନ ।

ସାଇ କଲୋନୀ, ଦେଉଳସାହି,
ତୁଳସୀ ପୁର, କଟକ ୭୫୩୦୦୮
ସମ୍ପର୍କ 9776332639
ମେଲ୍ biswanathkar1956@gmail.com

ISSN NO.
2582-208X

# ଯଶୋଧରା'ଙ୍କ ଭଳି ଚରିତ୍ର ସମାଜରେ ଆବଶ୍ୟକ



ଅସିତ ମହାନ୍ତ

ପିଲାଦିନରୁ ବୁଦ୍ଧ ଟିକେ ବୈରାଗୀ ଭଳି ଥିଲେ । ଯେଉଁଥିପାଇଁ ତାଙ୍କ ପିତାମାତା ବହୁତ ଚିନ୍ତିତ ଥିଲେ । ତାଙ୍କ ମନରୁ ଏହି ବିକାର କୁ ନଷ୍ଟ କରିବା ପାଇଁ ପିତା ମାତା କଠିନ ଚେଷ୍ଟା କରିଥିଲେ । ଏଥିପାଇଁ ଏକ ଭଲ ପ୍ରାସାଦ ନିର୍ମାଣ କରାଯାଇଥିଲା ଏବଂ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା । ଯେତେବେଳେ ବୁଦ୍ଧ ଯୁବାବସ୍ଥାରେ ପହଞ୍ଚିଲେ, ସେତେବେଳେ ସେ ବୁଦ୍ଧଙ୍କୁ ସେହି ସମୟର ସବୁଠାରୁ ସୁନ୍ଦର ମହିଳା ଯଶୋଧରାଙ୍କୁ ବିବାହ କରିଥିଲେ । ଯେତେବେଳେ ସେ ବିବାହ କଲେ, ଏବଂ ବୈବାହିକ ଜୀବନ ସୁରୁଖୁରୁରେ ଚାଲିଥିଲା. ବୁଦ୍ଧଙ୍କର ଏକ ପୁତ୍ର ହେଲା, ଯାହାର ନାମ ରାହୁଲ ଥିଲା । ଏବେ ବୁଦ୍ଧଙ୍କର ବିରକ୍ତି ଭାବ ବଢ଼ିବାରେ ଲାଗିଥିଲା । ପ୍ରାୟ ୨୯ ବର୍ଷ ବୟସରେ ସେ ଜଣେ ମୃତ ବ୍ୟକ୍ତି, ବୃଦ୍ଧ, ଭିକାରୀ ଏବଂ ଅସୁସ୍ଥ ବ୍ୟକ୍ତିଙ୍କୁ ଦେଖିଥିଲେ । ତେଣୁ ସେ ବିରକ୍ତ ହୋଇ ଘର ଛାଡି ଜ୍ଞାନ ଅନ୍ୱେଷଣରେ ଯିବା ଭଳି ଅନୁଭବ କଲେ । ଜ୍ଞାନର ସନ୍ଧାନରେ ଚାଲିଯିବି ! - ଯେତେବେଳେ ସେ ଜାଣନ୍ତି ଯେ ମୋର ପତ୍ନୀ, ପୁଅ ଏବଂ ବିଶେଷ ଭାବରେ ଏକ ରାଜ୍ୟ ଅଛି । କିପରି ଛାଡିବେ ? କିନ୍ତୁ ଏହା ମଧ୍ୟ ଛାଡିବା ଆବଶ୍ୟକ । ଭିତରର ସ୍ୱର ମୋତେ ଚାଲିଯିବାକୁ କହିଥାଏ । ଅନ୍ତର ମନ କହେ ତୁମର ଆତ୍ମ ଧର୍ମ ଅନ୍ୟ କିଛି ଅଟେ ।

ଦିନେ ବୁଦ୍ଧ ନିଷ୍ପତ୍ତି ନେଲେ ଏବଂ ମଧ୍ୟରାତ୍ରିରେ ନିଜ ପତ୍ନୀ ଏବଂ ପୁଅକୁ ଶୋଇପଡିଥିବା ଅବସ୍ଥାରେ ଛାଡି ଚାଲିଗଲେ । ଏହାକୁ ବୌଦ୍ଧ ପରମ୍ପରାରେ ମହାଭିନୀସ୍କ୍ରମଣ କୁହାଯାଏ । ବୁଦ୍ଧ ଚାଲିଯିବା ପରେ ଯଶୋଧରା ବିରକ୍ତ ହୋଇଥିଲେ । ରାଜା, ଅର୍ଥାତ୍ ପିତା ତାଙ୍କ

ISSN NO.
2582-208X

ଉତ୍ତରାଧିକାରୀ ଚାଲିଯାଇଥିବାରୁ ବିରକ୍ତ ହୋଇଥିଲେ । ଯଶୋଧରା ଏତେ ଚିନ୍ତିତ ଯେ ସେ କାହାକୁ ନିଜର ଭାବନା ପ୍ରକାଶ କରିବେ ? କିନ୍ତୁ ଏଠାରେ କଥା ହେଉଛି – ଯଶୋଧରାଙ୍କ ସବୁଠାରୁ ବଡ ସମସ୍ୟା ବୁଦ୍ଧଙ୍କ ଚାଲିଯିବା ନୁହେଁ। ସମସ୍ୟାଟି ହେଉଛି ଯେ ସେ ଯଶୋଧରାଙ୍କୁ ନ ଜଣାଇ ଚାଲିଗଲେ ଏବଂ ତାଙ୍କୁ ବିଶ୍ୱାସ କଲେ ନାହିଁ । ତେଣୁ ଯଶୋଧରା ତାଙ୍କ ବାନ୍ଧବୀଙ୍କୁ ତାଙ୍କ ମନ କଥା କୁହନ୍ତି – ସ୍ୱାମୀ ସଫଳତା ପାଇଁ ଗଲେ, ଏହା ଗର୍ବର ବିଷୟ, କିନ୍ତୁ ସେ ଗୁପ୍ତରେ ଗଲେ, ଏହା ହେଉଛି ସବୁଠାରୁ ବଡ ପ୍ରତିବନ୍ଧକ । ବାନ୍ଧବୀ, ସେ ମୋତେ ଯଦି କାହିଁକି ଯାଇଥାନ୍ତେ, ମୁଁ କଣ ତାଙ୍କ ପଥରେ ବାଧା ହୋଇଥାନ୍ତି ! ଏହାର ଅର୍ଥ ଯଶୋଧରା ଏହି ବିଷୟକୁ ଏହିପରି ଛାଡିବାକୁ ସକ୍ଷମ ନୁହଁନ୍ତି । ୬ ବର୍ଷର ତପସ୍ୟା ପରେ ବୁଦ୍ଧ ବୋଧଗୟା ରେ ଜ୍ଞାନ ପ୍ରାପ୍ତ କଲେ । ଏହି ଖବର ଚାରିଆଡେ ବ୍ୟାପିଗଲା । ବୁଦ୍ଧଙ୍କର ୫ ଜଣ ଶିଷ୍ୟ ଥିଲେ ଯେଉଁମାନେ ତାଙ୍କ ଖରାପ ସମୟରେ ବୁଦ୍ଧଙ୍କୁ ଛାଡି ଚାଲିଯାଇଥିଲେ । ବୁଦ୍ଧ ପ୍ରଥମେ ସାରନାଥରେ ସେହି ୫ ଜଣ ଶିଷ୍ୟଙ୍କୁ ଜ୍ଞାନ ଦେଇଥିଲେ । ବୁଦ୍ଧଙ୍କ ଖ୍ୟାତି ବଢ଼ିବାରେ ଲାଗିଲା । ଶୁଦ୍ଧଧାନା ତାଙ୍କ ପୁଅକୁ ବୁଦ୍ଧଙ୍କ ନିକଟକୁ ପଠାଇ ତାଙ୍କ ପିତାଙ୍କୁ ଭେଟିବାକୁ କହିଥିଲେ । ବୁଦ୍ଧଙ୍କର ଏପରି ମହିମା ଥିଲା ଯେ, ଯିଏ ତାଙ୍କ ନିକଟକୁ ଗଲା, ସେ 'ବୁଦ୍ଧମ୍ ସରଣମ୍ ଗଚ୍ଛାମି' ହୋଇଯାଉଥିଲା ଏବଂ ଆଉ ଫେରି ନଥିଲା । ଶୁଦ୍ଧଧାନା ବୁଦ୍ଧଙ୍କ ପିଲାଦିନର ବନ୍ଧୁଙ୍କୁ ବୁଦ୍ଧଙ୍କ ନିକଟକୁ ପଠାଇଥିଲେ – ଏବଂ ସେ କହିଥିଲେ , ମୁଁ ଜାଣେ ତୁମେ ବୁଦ୍ଧଙ୍କଠାରୁ ଫେରିବ ନାହିଁ, କିନ୍ତୁ ତାଙ୍କ ଦ୍ୱାରା ପ୍ରଭାବିତ ହେବା ପୂର୍ବରୁ ତାଙ୍କୁ କୁହ ଯେ ପିତା ତୁମକୁ ଡାକିଛନ୍ତି । ସେ ଯାଇ ତାଙ୍କ ପ୍ରତିଜ୍ଞା ପାଳନ କଲେ, କିନ୍ତୁ ନିଯେ ଫେରିଲେ ନାହିଁ । ବୁଦ୍ଧ ତାଙ୍କ ବନ୍ଧୁଙ୍କୁ କହିଥିଲେ– ଯେତେବେଳେ ବାପା ଡାକିଛନ୍ତି ମୁଁ ନିଶ୍ଚିତ ଯିବି । କପିଳବସ୍ତୁ ବୁଦ୍ଧ ପହଞ୍ଚିଥିଲେ । ସେହି ସମୟରେ ରାତି ସମୟ ଥିଲା, ବୁଦ୍ଧ ଧରମଶାଳାରେ ରହିଲେ । ରାଜାଙ୍କ ପୁଅ ଧରମଶାଳାରେ ରହିବେ ଏହାକୁ ନେଇ ପାଟିତୁଣ୍ଡ ସୃଷ୍ଟି ହୋଇଥିଲା ! ବୁଦ୍ଧ କହିଥିଲେ – ମୁଁ ରାଜାଙ୍କ ପୁଅ ଭାବରେ ଏଠାକୁ ଆସି ନାହିଁ । ମୁଁ ବୁଦ୍ଧ ଭାବରେ ଆସିଛି. ସକାଳୁ ଉଠି ବୁଦ୍ଧ ତାଙ୍କ ପିତାଙ୍କ ରାଜ୍ୟରେ ଭିକ୍ଷା ମାଗିବାକୁ ଲାଗିଲେ । ବାପା ଆଶ୍ଚର୍ଯ୍ୟ ହେଲେ, ବୁଦ୍ଧ କହିଥିଲେ, ମୁଁ ବୁଦ୍ଧ ଏବଂ ମୋର ନିୟମ ହେଉଛି ଯେ ମୁଁ ଭିକ ମାଗିବା ଦ୍ୱାରା ନିଜର ଜୀବନ ନିର୍ବାହ କରେ । ବୁଦ୍ଧ ତାଙ୍କ ପିତାଙ୍କୁ ଭେଟି ଏକ ସମାବେଶରେ ସମସ୍ତଙ୍କୁ ଭେଟିଥିଲେ । କିନ୍ତୁ ଯଶୋଧରା ବୁଦ୍ଧଙ୍କୁ ଭେଟିବାକୁ ଆସି ନଥିଲେ । ବାସ୍ତବରେ, ସେ ଅନୁଭବ କରିଥିବା ଯନ୍ତ୍ରଣା ଏବଂ କାହିଁକି ଲୁଚି ଘରୁ ଚାଲି ଗଲେ, ସେ କଥା ଭୁଲି ନାହାଁନ୍ତି । ବୁଦ୍ଧ ତାଙ୍କ ପିତାଙ୍କୁ ପଚାରିଲେ,

ISSN NO.
2582-208X

ଯଶୋଧରା କେଉଁଠାରେ? ପିତା କହିଥିଲେ - ସେ କହୁଛନ୍ତି, ଯଦି ବୁଦ୍ଧ ମୋତେ ଭେଟିବାକୁ ଚାହାଁନ୍ତି, ତେବେ ସେ ନିଜେ ଆସି ମୋତେ ଭେଟିବା ଉଚିତ୍। ତେଣୁ ବୁଦ୍ଧ ଯଶୋଧରାଙ୍କୁ ଭେଟିବାକୁ ଯାଇଥିଲେ। ଯଶୋଧରା ଏବଂ ପୁଅ ରାହୁଲ ଏକାଠି ଘରେ ଥିଲେ। ରାହୁଲ ସେତେବେଳେ ୬-୭ ବର୍ଷ ବୟସର । ସେଠାରେ ପହଞ୍ଚିବା ପରେ ବୁଦ୍ଧ ନିଜର ଝୋଲଇ ଦେଖାଇ କହିଥିଲେ - ଭିକ୍ଷାମ ଦେହି! ଯଶୋଦାର ଜଣେ ମହାନ ମହିଳା ନିଶ୍ଚୟ ହୋଇଥିବେ - ସେ ପୁଅର ହାତକୁ ତାଙ୍କ ପିତାଙ୍କୁ ଦେଇଦେଇ ଥିଲେ ଏବଂ ସାଙ୍ଗରେ ନେଇଯାଅ ବୋଲି କହିଥିଲେ। ଏହିଠାରେ ଯଶୋଧରାଙ୍କ ମହାନତା। କାରଣ ଯଶୋଧରା ଜାଣିଥିଲେ ଯେ ବୁଦ୍ଧ ବହୁତ ଭଲ କାମ କରୁଛନ୍ତି, ତେବେ ମୁଁ ତାଙ୍କୁ କିଏ ବାଧା ଦେବି? ଯଦି ସ୍ୱାମୀ ଉତ୍ତମ କାର୍ଯ୍ୟ ସମଗ୍ର ସମାଜ ପାଇଁ କରୁଛନ୍ତି ତେବେ ପତ୍ନୀ ନିଶ୍ଚିତ ଭାବରେ ଖୁସି ହେବେ । କିନ୍ତୁ, ଯଶୋଧରା'ଙ୍କ ମନରେ ଯାହା ଥିଲା - ଯଦି ତୁମେ ଗୃହ ତ୍ୟାଗ କଲ, ମତେ ବିଶ୍ୱାସ କରି ଯଦି କହିଁଥାନ୍ତ ଖୁସି ହୋଇଥାନ୍ତି । ଏହା ହେଉଛି ଯଶୋଦାରଙ୍କ ବ୍ୟକ୍ତିତ୍ୱ ଏବଂ ଆତ୍ମ ସମ୍ମାନ । ବୁଦ୍ଧ ନିଶ୍ଚିତ ବୁଝିଥିବେ ଯେ ତାଙ୍କ ସ୍ତ୍ରୀ କେତେ ଉଚ୍ଚକୋଟିର ଏବଂ ନକହି ଯିବା ତାଙ୍କର ଭୁଲ ହୋଇଛି । ଇତିହାସର ଯେକୌଣସି ସ୍ଥାନରେ ଖୋଜିଲେ ଏହି ଚରିତ୍ର ମିଳିବ ନାହିଁ । ଏହା ହେଉଛି ଯଶୋଧରା'ଙ୍କ ମହାନତା । ଏହି କାର୍ଯ୍ୟ ପାଇଁ ବୁଦ୍ଧଙ୍କ ସହିତ ତାଙ୍କ ନାମ ଇତିହାସରେ ଯୋଡି ହୋଇଗଲା । ସମାଜରେ ଏହି ପ୍ରକାର ଚରିତ୍ର ଆବଶ୍ୟକ ।

ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,
ସୁଜନପୁର, ଯାଜପୁର/୯୩୪୮୭୭୮୮୧୨

ISSN NO.
2582-208X

# କଳି କାଳର ଅମୃତ

ଅନିରୁଦ୍ଧ ରଣା

କଳି ଯୁଗର ତ  ଅମୃତ ହେ ତମେ
ଘେନ ମୋର ପ୍ରଣିପାତ
ତୁମରି ବିହୁନେ  ଏଇ ସଂସାର ଟା
ଲାଗୁଥାଏ ଭୟଭୀତ ।୧।
ତୁମେ ତ ହେ ମୋର ଜୀବନ ସଙ୍ଗାଳି
ଅତି ପ୍ରାଣ ପ୍ରିୟା ସୁରା
ଶୟନେ ସପନେ  ନିତି ଭାବୁଥାଏ
ବହୁ ଅମୃତ ର ଧାରା ।୨।
ଅତି ଆପଣାର  ଅମୃତ ହେ ତୁମେ
ମୋ ଦେହେ ଥିବ  ହେ ରହି
ମୋ ଦେହର ଦୁଃଖ ସଂସାରର ବୋଝ
ସବୁ ଭୁଲି ଯିବି ମୁହିଁ ।୩।
ମୋ ଦେହରେ ତୁମେ ବିରାଜିତ ହେଲେ
ପାଇଥାଏ କୋଟି ବଳ
ଇନ୍ଦ୍ର ଚନ୍ଦ୍ର କିଛି  ମାନେ ମୁହିଁ ନାହିଁ
ସବୁ ତ ତୁମରି ଖେଳ ।୪।
ଗୁଣି ଜ୍ଞାନୀ ମୁହିଁ ଯାଏ ପରା ହୋଇ
ହୋଇଥାଏ ବିଚାରକ

ISSN NO.
2582-208X

ସଭା ସମିତିରେ ନ୍ୟାୟ ଦେଇଥାଏ
ନିର୍ଦ୍ଦୋଷୀ କୁ ଭାବେ ଠକ।୫।
ସ୍ୱର୍ଗ ଦେବଗଣ  କରୁଥିଲେ ପାନ
ସରଗପୁର ଅମୃତ
ପାନ କରି ଆଜି  ଖୁସି ଲଭୁଛନ୍ତି
କଳି କାଳର ଭକତ ।୬।
ତୁମର ମହିମା ଅଶେଷ ଅମୃତ
ତୁମେ ପରା ମହୋଷଧୀ
ସବୁ ଦୁଃଖ କଷ୍ଟ ନିବାରକ ତୁମେ
ନୁହେଁ ତୁମେ ଅପରାଧୀ ।୭।
ଜୟ ଜୟ ଜୟ  ଜୟ ହେ ଅମୃତ
ଜୟ ତୁମ କୀର୍ତ୍ତିରାଜି
ଭକତ ଦେହରେ  ପ୍ରବେଶିଣ ତୁମେ
ଭକତେ କରୁଛ ପାଜି ।୮।

ସର୍ଗୁଲ,ସୁବର୍ଣ୍ଣପୁର
ମୋ.- ୯୬୭୮୧୯୫୯୯୮

ISSN NO.
2582-208X

# ଶୀତ ପରେ ଗ୍ରୀଷ୍ମ



ନରେନ୍ଦ୍ର ପ୍ରସାଦ ବେହେରା

ଶୀତ ଋତୁ ପରେ ଗ୍ରୀଷ୍ମ ଋତୁ ଏବେ
ଧରାପୃଷ୍ଠେ ବିଚରଣ
ଉତ୍ତାପ ବୃଦ୍ଧିରେ ବୃକ୍ଷ ଲତା ପଶୁ
ଅତିଷ୍ଠ ହୋଇବେ ଜାଣ ।୧।

ଗୁଳୁଗୁଳି ସଙ୍ଗେ ବର୍ଷା ଓ ପବନ
କୁଆ ପଥରର ମାଡ
ଖରାଦିନ ଚାଷ ନଷ୍ଟ ହେବ ପୁଣି
ଚାଷୀଭାଇ କଥା ଛାଡ ।୨।

ନିମ୍ନଗାମୀ ହେବ ଜଳସ୍ତର ଜାଣ
ଶୁଖିବ ପୋଖରୀ ପାଣି
ଜଳ ବିହୁନେ ଯେ ଡହଳ ବିକଳ
ଜଗତ ଯାକର ପ୍ରାଣୀ ।୩।

ରାସ୍ତାଘାଟ ସବୁ ହୋଇବ ଉତ୍ତପ୍ତ
ସଅଳେ ଲୋଡିବେ ବାସ
କାଳ ବୈଶାଖିରେ କେତେ ଲୋକଙ୍କର
ଉଡିଯିବ ଯେ ଉଆସ ।୪।

ISSN NO.
2582-208X

ଧରିତ୍ରୀ ମାତାର ବଢ଼ିବ ଦୁର୍ଦ୍ଦଶା
ପ୍ରଖର ଗ୍ରୀଷ୍ମ ପ୍ରବାହେ
ଆକୁଳ କଣ୍ଠରେ ଡାକିବେ ସମସ୍ତେ
ଜଗନ୍ନାଥ ରଖ ଆହେ ।୫।

ବିଚରା ମଣିଷ ନିରୁପାୟ ହୋଇ
ଦୁଇହାତ ଟେକି ଦେବ
ରଖ ଜଗନ୍ନାଥ ସୃଷ୍ଟିର ନିର୍ମାତା
କାହାକୁ କଷ୍ଟ ନଦେବ ।୬।

ଘନଘନ ଯିବ ବିଦ୍ୟୁତ ଆଲୋଅ
ଘୁରିବନି ଆଉ ପଙ୍ଖା
ଗୃହ ମଧ୍ୟେ ରହି ପରିବାର ଜନେ
ଲୋଡିବେ ଅନ୍ୟର ଶାଖା ।୭।

ଗ୍ରୀଷ୍ମ ଦିନ ଅଟେ କେତେ ଯେ ଦାରୁଣ
ଭୁଲି ପାରିବେନି କେହି
ମନେ ରଖିଥିବ କରୁଣ କାହାଣୀ
ଯାଉଅଛି ମୁହିଁ କହି ।୮।

ଶୀତଳ ପ୍ରକୋଷ୍ଠ ଶରୀର ପାଇଁ କି
ଆରାମ ଦାୟକ ଅଟେ
ରୋଗବ୍ୟାଧି ସୃଷ୍ଟି ମୂଳ କାରଣଟି
ଜୀବନ ବିତଇ କଷ୍ଟେ ।୯।

ସାବଧାନ ହୁଅ ପ୍ରିୟ ପରିଜନ
ବଢୁଛି ଗ୍ରୀଷ୍ମ ପ୍ରବାହ
ଅଯଥା ଭ୍ରମଣ ପ୍ରତି ଧ୍ୟାନ ଦେଲେ
ମନେ ନ ଆସିବ କୋହ ।୧୦।

ଆଳଦା, ଖଇରା , ବାଲେଶ୍ୱର

ISSN NO.
2582-208X

# ମହା ଶିବରାତ୍ରି

ସୁଜାତା ପଣ୍ଡା

ଜାଳିବି  ଜାଗର ମୁଁ ପୂଜିବି ପଥର
ତୁମେ ଭୋଲା ବାବା ପ୍ରଭୁ ମହେଶ୍ୱର
ତୁମ ଚରଣରେ କୋଟି ପ୍ରଣତି  ମୋହର
ମୋହର ଦୁଃଖ ବେଦନା ପ୍ରଭୁ ହରଣ କର।

ତୁମେ ରୁଦ୍ର ରୂପେ ନାରାୟଣ
ତୁମେ ନୀଳକଣ୍ଠ ପୁଣି ଭୂଜଙ୍ଗ ଧାରଣ
ସମୁଦ୍ର ମନ୍ଥନ ବେଳେ  ପିଇଲ  ଗରଳ
ସଂସାର ର ହିତ ପାଇଁ ବିଷ ପାନ କଲ।

ନୀଳକଣ୍ଠ ତୁମର  ଅନ୍ୟ ନାମ
କୈଳାସ ପର୍ବତ ଅଟେ ତୁମ ବାସସ୍ଥାନ।
ମାତା ପାର୍ବତୀ ତୁମ୍ଭକୁ ପାଇବା  ପାଇଁ
କେତେ ଯୁଗ ଧରି ତପସ୍ୟା ରେ ଥିଲେ ରହି।

ଦକ୍ଷ ପ୍ରଜାପତି  ତାଙ୍କ  ପିତା  ଅଟନ୍ତି
ଶିବ ଙ୍କ ସହ ବିବାହ ଦେବାକୁ ରାଜି ନୁହଁନ୍ତି।
ଶ୍ମଶାନ ରେ ପ୍ରଭୁ  ନିବାସ  ତୁମ୍ଭର
ଭସ୍ମ ପାଉଁଶ ରେ ବୋଳା ପୂରା  ଶରୀର।

ISSN NO.
2582-208X

ସାଙ୍ଗରେ ନନ୍ଦୀଭୃଙ୍ଗୀ ଦୁଇ ଭାଇ
ତୁମର ପ୍ରିୟ ଅନୁଗତ ବୋଲାଇ।
ତ୍ରିଶୂଳ ଅଟେ ତୁମର ପ୍ରିୟ ଆୟୁଧ
କପାଳ ରେ ମୁଦ୍ରିତ ଅଟେ ତ୍ରିନେତ୍ର।

ପାର୍ବତୀ ଙ୍କୁ ପୂଜି ଯେ ପୂଜେ ତୁମ୍ଭ ଙ୍କୁ
ନିଶ୍ଚେ ତାହାର ମନୋକାମନା ପୂର୍ଣ୍ଣ କର ପ୍ରଭୁ।
ମାତା ଙ୍କ ଆଦେଶ କୁ ଦିଅ ତୁମେ ସମ୍ମାନ
ସଂସାର ର ପ୍ରାଣୀଙ୍କୁ ସନ୍ତାନ ସମ ମାନ।

ଗଣେଶ କାର୍ତ୍ତିକ ଅଟନ୍ତି ତୁମ୍ଭ ଦୁଇପୁତ୍ର
ଏକକୁ ଆରକେ ବୁଦ୍ଧି ବଳରେ ବିଚିତ୍ର।
"ମହାଶିବରାତ୍ରି" ପଡେ ଫଗୁଣ ମାସରେ
ଚତୁର୍ଦ୍ଦଶୀ ଦିନ ପାଳନ ହୁଏ ମହୀଧାମ ରେ।

ଏହିଦିନ ଯେ କରେ ନିଷ୍ଠାପର ଉପବାସ
ଜାଗର ଜାଳି ରାତ୍ରି କାଟଇ ବିଶେଷ।
ଚାରି ପ୍ରହର ଯାକ କରଇ ପୂଜା
ମହାଦୀପ ଉଠିଲେ ବ୍ରତ କରେ ଉଜା।

ବଡି ପ୍ରଭାତରୁ ସ୍ନାନ ସାରି ନଦୀ କୂପ ଜଳରେ
ଶିବଙ୍କ ଦର୍ଶନ ସାରି ଫେରେ ଆନନ୍ଦ ରେ।
ତତ୍ପର ଦିନ ଶିବଙ୍କ ବିଷ ଜ୍ୱାଳା ପାଇଁ
କଲରା କୁ ଆମ୍ବିଳ ରେ ପକାଇ
ଖାଇଲେ ଜ୍ୱାଳା କମି ଥାଏ,
ତେଣୁ ଏହିସବୁ ପରମ୍ପରା ପାଳନ ହୁଏ।

ISSN NO.
2582-208X

ଯୁଗ ଯୁଗରୁ ଆମର ରହିଥିବା ଗାଥା
ପାଳି ଆସୁଛନ୍ତି ଶିବଭକ୍ତ ସଦା।
ମାତା ପାର୍ବତୀ ପିତା ଦକ୍ଷ ଙ୍କ ଅପମାନ ସହି ନ ପାରି
ଯଜ୍ଞ କୁଣ୍ଡରେ ନିଜ ଜୀବନ ଦେଲେ ହାରି
ଭୋଳା ମହେଶ୍ୱର କୋପାନଳ ହେଲେ
ରାଗରେ ତାଙ୍କର ତ୍ରିନେତ୍ର ଖୋଲିଲେ
ଶିବ ତାଣ୍ଡବ ରେ ତିନି ପୁର କମ୍ପିଲା
ଭୟରେ ସାରା ଜଗତ ଥରି ଉଠିଲା।

ଶିବଙ୍କ କୋପ ଥଣ୍ଡା କରିବା ପାଇଁ
ବିଷ୍ଣୁ ଙ୍କ ସୁଦର୍ଶନ ଚକ୍ର ଦେବୀ ଙ୍କ ଶରୀର କୁ
ଖଣ୍ଡ ବିଖଣ୍ଡିତ କରିଲା।
ବିଭିନ୍ନ ସ୍ଥାନରେ ପାର୍ବତୀ ଙ୍କ ଅଂଶ ପଡିଲା
ଶକ୍ତି ପୀଠ ସ୍ଥାପିତ ହୋଇଲା
ଶିବ ଅଟନ୍ତି ଭୋଳା ମହେଶ୍ୱର
ଯେ ଭକ୍ତି ରେ ପୂଜିଲା ସେ ଗୁହାରି
ଶୁଣନ୍ତି ନିଶ୍ଚେ ତାହାର।
ଜାଗର ଜାଳି ମୁଁ କରିବି "ମହାଶିବରାତ୍ରି"
ପ୍ରଭୁ ଙ୍କ ଢାଳି ମୋର ପ୍ରେମ ଭକ୍ତି।

ଆସ୍କା, ଗଞ୍ଜାମ

ISSN NO.
2582-208X

# ମକଦ୍ଦମା



ଅବିନାଶ ସାହୁ

ଆଜିର ଦିନରେ ମକଦ୍ଦମା ହୁଏ କ'ଣ ପାଇଁ ? ଯେ କେହି ବିନା ଦ୍ୱିଧାରେ କହିପାରେ ଭାଇ-ଭାଇ ମଧ୍ୟରେ ଗଣ୍ଡଗୋଳ ପାଇଁ । ଗୋଟିଏ ଗର୍ଭରୁ ଜାତ ଭାଇ-ଭାଇ ମଧ୍ୟରେ ଗଣ୍ଡଗୋଳ ହୁଏ କାହିଁକି ? ଏହାର ଉତ୍ତର ନିଶ୍ଚୟ ପୈତୃକ ସମ୍ପତ୍ତି ପାଇଁ ।

ଅବିଭକ୍ତ ପୁରୀ ଜିଲ୍ଲାର ଘଟଣା। କ୍ଷେତ୍ରବାସୀ ନାମରେ ଜଣେ ଯୁବକ, ଯାହାର କୁଟୁମ୍ବ କହିଲେ ତିନି ପୁଅ ଦୁଇ ଝିଅ ଓ ସ୍ତ୍ରୀ ସହ ବୃଦ୍ଧ ବାପା ମାଆଙ୍କୁ ବୁଝାଏ। ସେତେବେଳର ମୁଖ୍ୟ ଜୀବିକା ଥିଲା କୃଷି। ସେ ନିଜେ ଯାହା ଚାଷବାସ କରୁଥିଲା ଗାଁ ହାଟକୁ ନେଇ ବିକ୍ରି କରେ । ସେଥିରେ ନଅ ପ୍ରାଣୀ କୁଟୁମ୍ବ ଆନନ୍ଦରେ ଚଳିଯାଉଥିଲେ। ବିଭା ପୁଆଣି ଭୋଜି ଭାତ କେଉଁଥିରେ ଅଭାବ ନଥିଲା ତା' ପରିବାରରେ।

ହଠାତ୍ ତା ଜୀବନରେ ଘୋଟିଆସିଲା କଳାବାଦଲ । କ୍ଷେତ୍ରବାସୀର ସୁଖକୁ ତା'ର ଭାଇମାନେ (ବଡ଼ବାପା ପୁଅ, ଦାଦା ପୁଅ) ସହିପାରିଲେନି ତେଣୁ ସେମାନେ ତା' ଠାରୁ ଜମି ଛଡ଼ାଇ ନେବାକୁ ଚକ୍ରାନ୍ତ କଲେ। ସେ ଏହାକୁ ବିରୋଧ କରିବାରୁ ପ୍ରଥମେ ବଚସା ପରେ ଗଣ୍ଡଗୋଳ ହେଲା। ସେମାନଙ୍କ ଦ୍ୱାରା ପ୍ରଥମେ କ୍ଷେତ୍ରବାସୀର ବୃଦ୍ଧ ପିତା ଅଗାଧୁ ଶରବ୍ୟ ହେଲେ। ସେ ଦାଣ୍ଡ ପିଣ୍ଡାରେ ବସିଥିବା ବେଳେ ହଠାତ୍ ତଳେ ପଡ଼ି ରକ୍ତବାନ୍ତି କଲେ ଚାହୁଁ ଚାହୁଁ ତାଙ୍କର ପ୍ରାଣବାୟୁ ଉଡ଼ିଗଲା। ଏହି ଘଟଣାକୁ ନେଇ କ୍ଷେତ୍ରବାସୀ ମନରେ ସନ୍ଦେହ ଜାତ ହେଲା ଯେ, ତା ପିତାଙ୍କୁ କାଉଁରୀବିଦ୍ୟା ଦ୍ୱାରା ହତ୍ୟା କରାଯାଇଛି । ଏହି ଘଟଣା ସେ ସମୟରେ ବେଶ୍ ଚହଳ ପକାଇଥିଲା । ଏ ଘଟଣାକୁ କେନ୍ଦ୍ର କରି ସେ ପହଞ୍ଚିଥିଲା ଥାନାରେ, ଘଟଣାର ସତ୍ୟତା ଜାଣିବା ପାଇଁ। କ୍ଷେତ୍ରବାସୀର ଏତଲା

ISSN NO.
2582-208X

ଆଧାରରେ ଥାନା କର୍ମଚାରୀମାନେ ଖାନତଲାସୀରେ ଲାଗିପଡ଼ିଲେ ଏବଂ ଶେଷରେ କାଉଁରୀବିଦ୍ୟା ସହ ସମ୍ପୃକ୍ତ ଥିବା ତାନ୍ତ୍ରିକ ସହ ସମ୍ପର୍କୀୟ ଭାଇମାନଙ୍କୁ ବିଚାର ବିଭାଗୀୟ ହାଜତ କୁ ପଠାଇ ଦିଆଗଲା ଏବଂ ମାମଲାର ଶୁଣାଣି ଜିଲ୍ଲା ନ୍ୟାୟାଳୟରେ ଆରମ୍ଭ ହେଲା। ଦୀର୍ଘ ଦୁଇ ବର୍ଷପରେ ନ୍ୟାୟଧୀଶଙ୍କ ଶୁଣାଣି ଶେଷହୋଇ ଏହି ଘଟଣାର ରାୟ ପ୍ରକାଶ ପାଇଲା। ଅଦାଲତଙ୍କ ରାୟ ଅନୁଯାଇ ତାନ୍ତ୍ରିକକୁ ଆଜୀବନ ସଶ୍ରମ କାରାଦଣ୍ଡ ଦିଆଯିବା ସହ ଅନ୍ୟମାନଙ୍କୁ ସାକ୍ଷ୍ୟ ଅଭାବରୁ ନିର୍ଦୋଷରେ ଖଲାସ କରାଗଲା।

ହାଜତରୁ ମୁକ୍ତ ହୋଇଥିବା ତା'ର ଭାଇମାନେ ଅତ୍ୟନ୍ତ ପ୍ରତିହିଂସା ପରାୟଣ ହୋଇ ଜୋର୍ ଜବରଦସ୍ତ କ୍ଷେତ୍ରବାସୀର ଚାଷଜମିଗୁଡ଼ିକୁ ଅକ୍ତିଆର କରିବାକୁ ଲାଗିଲେ। ସେ ଏହାର ପ୍ରତିବାଦ କଲାରୁ ତା' ଉପରେ ହେଲା ଅକଥନୀୟ ଅତ୍ୟାଚାର ତେଣୁ ସେ ଅନ୍ୟ ଉପାୟ ନପାଇ ପୁଣି କଚେରୀର ଦ୍ୱାରସ୍ଥ ହେଲା। କ୍ଷେତ୍ରବାସୀର ଦରଖାସ୍ତ କ୍ରମେ ଏହା ଦେୱାନୀ ଓ ଫୌଜଦାରୀ ମାମଲାର ଅନ୍ତର୍ଭୁକ୍ତ ହୋଇଥିବାରୁ ତତକ୍ଷଣାତ୍ ଜିଲ୍ଲା ଦୌରାଜଜ୍ ଏହି ମାମଲାରେ ସାମିଲଥିବା ଜମିଗୁଡିକ ଉପରେ ପୂର୍ଣ୍ଣରାୟ ନ ଆସିବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ଜାହିର୍ କରି ଧାରା-୧୪୪ ଲାଗୁ କଲେ। ସମ୍ପୃକ୍ତ ଜମି ଗୁଡିକ ଉପରେ ୧୪୪ ଧାରା ଲାଗୁହେବାରୁ ଉକ୍ତଜମି ଗୁଡ଼ିକୁ କେହି ଚାଷ କରି ପାରିବେ ନାହିଁ। ଏହି ଘଟଣା ଶୁଣିବାପରେ ପରିବାର କିଭଳି ପ୍ରତିପୋଷଣ କରିବ ଭାବି କ୍ଷେତ୍ରବାସୀର ପାଦତଳୁ ମାଟିଖସିଗଲା, ସେ ହତବାକ ହୋଇ ଘରକୁ ଫେରି ଆସିଲା। ଏହି ଘଟଣା କ୍ଷେତ୍ରବାସୀର ଶ୍ୱଶୁର କହ୍ନେଇ ସାହୁ ଜାଣିବା ପରେ ତାକୁ ଚାଷକରିବା ପାଇଁ କିଛି ଜମିଦେଲେ। ଏଣେ ମାମଲା ଦିନକୁ ଦିନ ନ୍ୟାୟାଳୟରେ ଗଡ଼ି ଚାଲିଲା ସେ ସିନା ଶ୍ୱଶୁର ଦେଇଥିବା ଜମିକୁ ଚାଷକରି ଚଳିଯାଉଥିଲା କିନ୍ତୁ ତା'ର ଅନ୍ୟ ଭାଇମାନେ ଏହାକୁ ସହ୍ୟକରିପାରୁନଥିଲେ ।

ଏକଦା ପୁଣି ସେମାନେ ସମୟର ସୁଯୋଗ ନେଇ କ୍ଷେତ୍ରବାସୀ ଛପରରେ ନିଆଁ ଲଗାଇ ଦେଲେ । ସୌଭାଗ୍ୟକୁ ଆଠପ୍ରାଣୀ କୁଟୁମ୍ବ ନିଆଁ ଦାଉରୁ ସିନା ରକ୍ଷା ପାଇଗଲେ ମାତ୍ର ଆଖିଆଗରେ ତା'ର ସମସ୍ତ ଆସବାବ ସହ ବର୍ଷକ ପାଇଁ ସଞ୍ଚୟ କରିଥିବା ଧାନ, ମୁଗ, କୋଳଥ ସବୁ ନିଆଁରେ ପୋଡିଗଲା। ନିଆଁ ଲିଭିବା ପରେ ଯାହା କିଛି ଦରପୋଡା ଶସ୍ୟ ରହିଯାଇଥିଲା,ସେ ସବୁକୁ ସଂଗ୍ରହ କରି ସେଇ ପୋଡ଼ା ଚାଉଳ ସହ ମାଣ୍ଡିଆ ଖିରି କରି ଆସନ୍ତା ଫସଲ ଅମଳ ହେବାଯାଏଁ କଷ୍ଟେମଷ୍ଟେ ଚଳିଗଲା ।

ISSN NO.
2582-208X

ବର୍ଷ ପରେ ବର୍ଷ ସାତଟି ଅକ୍ଷୟ ତୃତୀୟା ଏବଂ ନୂଆଖାଇ ବିତିଥିଲେ ମଧ୍ୟ କ୍ଷେତରୁ ଶସ୍ୟ କାଣିଚାଏ ମଧ୍ୟ ଅମଳ ହୋଇନି ନ୍ୟାୟାଧୀଶଙ୍କ ସ୍ଥିତାବସ୍ଥା ଯୋଗୁଁ । ଏଣେ ଅଦାଲତକୁ ଦୌଡ଼ି ଦୌଡ଼ି ଉଭୟ ପକ୍ଷଙ୍କ ଅଜସ୍ର ଧନ ବ୍ୟର୍ଥ ହେଲାଣି । ଏହି ସମୟରେ ହଠାତ ଦିନେ ଅଦାଲତଙ୍କ ଶୁଣାଣି ଶେଷହେଲା ଏବଂ ରାୟ ଆସିଥିଲା କ୍ଷେତ୍ରବାସୀ ସପକ୍ଷରେ ମାତ୍ର ପ୍ରତିପକ୍ଷ ଏହି ରାୟକୁ ସହଜରେ ଗ୍ରହଣ କରିପାରିଲେ ନାହିଁ । ସେମାନେ ଜିଲ୍ଲାଦୌରା ଜଜଙ୍କ ରାୟ ବିରୁଦ୍ଧରେ ଉଚ୍ଚନ୍ୟାୟାଳୟ ଯାଇ ପୁଣି ଏକ ଦରଖାସ୍ତ ଦାଖଲକଲେ ମାତ୍ର ଉକ୍ତ ଦରଖାସ୍ତକୁ ଭିତ୍ତି କରି ଉଚ୍ଚନ୍ୟାୟାଳୟ ଏକ ବିଜ୍ଞପ୍ତି ଜାରିକଲେ ।

ଏହି ବିଜ୍ଞପ୍ତିରେ ଉଲ୍ଲେଖ ଥିଲା ଯେ, ସମ୍ପୂର୍ଣ୍ଣ ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଯାହା ଅଧୀନରେ ଯେଉଁ ଜମି ଅଛି ସେଥିରେ ସେମାନେ ଫସଲ ଚାଷ କରି ଅମଳ କରିପାରିବେ ମାତ୍ର କୌଣସି ନିର୍ମାଣକାର୍ଯ୍ୟ କରିପାରିବେ ନାହିଁ। ତେଣୁ କ୍ଷେତ୍ରବାସୀ ସମଗ୍ର ଜମିକୁ ଚାଷ କରିପାରିଲା ନାହିଁ ନିଜ ଅକ୍ତିଆରରେ ଯେତକ ଜମି ଥିଲା ସେସବୁକୁ ଚାଷ କରୁଥାଏ। ଏହି ଜମିରୁ ଯାହା ଅମଳ ହେଉଥିଲା ସେଥିରେ ସେ ବେଶ୍ ସୁଖରେ ଚଳି  ନିଜର ଦୁଇ ଝିଅ ଏବଂ ତିନି ପୁଅଙ୍କ ବିବାହ ସମ୍ପନ୍ନ କରିସାରିଲାଣି । ଏଣେ ପ୍ରତି ସପ୍ତାହକୁ ଥରେ ନ୍ୟାୟାଳୟରେ ପହଞ୍ଚିବା ତା'ର ଗୋଟାଏ ଅଭ୍ୟାସରେ ପରିଣତ ହୋଇଛି । କ୍ଷେତ୍ରବାସୀର ଯୁବା ଅବସ୍ଥାରେ ଆରମ୍ଭ ହୋଇଥିବା ମକଦ୍ଦମା ଆସି ପହଞ୍ଚିଛି ବୃଦ୍ଧାବସ୍ଥାରେ ।

ଦିନକର ଘଟଣା, ସେଦିନଥାଏ ଶନିବାର । ସବୁଦିନ ଯେପରି ସକାଳୁ କ୍ଷେତ୍ରବାସୀ ନିଜ ପୋଖରୀପାଣି ସାରି ମୁଢ଼ି ବେଲାଏ ଖାଇ ବିଲକୁ ବାହାରିପଡ଼େ ସେଦିନ ମଧ୍ୟ ଠିକ୍ ସେମିତି ବାହାରି ପଡ଼ିଲା କ୍ଷେତକୁ । ଗର୍ଭଣା ମୋଟେରୁ ୧୫ଦିନ ବାକି, ଧାନକ୍ଷେତ ବେଉସଣ ସାରି ଘାସ ବଛାବଛି ଚାଲିଥାଏ। କ୍ଷେତ୍ରବାସୀ ମଧ୍ୟ ନିଜ କ୍ଷେତରୁ ଘାସ ବାଛି ସାରି ବିଲ ହୁଡ଼ାରେ ଥକାମାରି ବସିଥାଏ । ଏତିକିବେଳେ ବିଲ ମଝିରେ ଠାଏ ଜାଗାରେ ଘାସ ବୁଦା କିଛି ଦେଖାଗଲା । ସେ ଭାବିଲା ସବୁଆଡ଼େ ତ ଘାସ ବଛା ସରିଲା ଏ ଅଳ୍ପମାତ୍ର କ'ଣ ପାଇଁ ରହିବ ? ସେତେବେଳକୁ ଦିନ ଗୋଟାଏ ହେଲାଣି ସୂର୍ଯ୍ୟ ମୁଣ୍ଡଉପରକୁ ଆସି ଟିକେ ପଶ୍ଚିମକୁ ଢ଼ଳିଲେଣି। ପାଖରେ ଥିବା ଅନ୍ୟ ଚାଷୀମାନେ ଘରକୁ ଫେରିଲେଣି। ଯୋଗକୁ ସେଦିନ ଆକାଶ ପୁରା ନିର୍ମଳ, ଖରାପଡ଼ି ବିଲପାଣି ସବୁ ତାତିଗଲାଣି । ସେ ବାକି ଥିବା ଘାସ ସବୁକୁ ଉପାଡ଼ିବାକୁ ବିଲମଝିକୁ ଗଲା। ସେଠାରେ ସେ ଠୁଙ୍କପରି ବସି ଘାସ ଉପୁଡ଼ା ଶେଷ କରି ଘରକୁ ଯିବାକୁ ଉଠିଲା ବେଳେ ହଠାତ ପାଣିରେ ପଡ଼ିଯିବାରୁ ମୁହଁଟି ସିଧାଯାଇ

ISSN NO.
2582-208X

ବିଲକାଦ ରେ ମାଡ଼ିହୋଇଗଲା। ହାତ ବଢ଼ାଇ ଉଠିବାକୁ ଚେଷ୍ଟା କଲା ଆଉ ହାତ ଚଳିଲା ନାହିଁ, କି କାଦୁଅରୁ ମୁଣ୍ଡ ଉଠାଇ ପାରିଲା ନାହିଁ ।

ନିଜ କ୍ଷେତ ପାଇଁ ନ୍ୟାୟାଳୟରେ ସଂଘର୍ଷ କରୁଥିବା କ୍ଷେତ୍ରବାସୀର ଧାନକ୍ଷେତରେ ମୃତ୍ୟୁ ହେଲାସିନା, କିନ୍ତୁ ମୃତ୍ୟୁ ପୂର୍ବରୁ ମକଦ୍ଦମାର ଫଇସଲା ..........

ଠିକଣା - ବାହାଡ଼ାଝୋଲ୍
ଜିଲ୍ଲା - ନୟାଗଡ଼
ଦୂରଭାଷ - ୯୩୪୮୪୦୫୮୪୦

ISSN NO.
2582-208X

# ଛଦ୍ମ ବେଶରେ ମୁଁ...



ବିରଞ୍ଚି ନାରାୟଣ ମିଶ୍ର

ସମୟ ଗଡ଼ୁଚି
ବୟସ ବଢ଼ୁଛି
ବଢ଼ୁ ନାହିଁ ବିନମ୍ରତା
ଅହଙ୍କାରୀ ମନ ଏବେ ବି କହୁଚି
ଚାଲିବାକୁ ଅଛି ଆହୁରି ଅନେକ ରାସ୍ତା ।
ସମୟ କରିଚି ମନକୁ ଖେଳନା
ଖେଳାଉଚି ଇଛା ମୋତେ
ମୁଁ ନୁହେଁ ମୋହର ଜାଣିକି ଆରମ୍ଭୁ
ଦଉଡ଼ୁଛି ଛାଇ ପଛେ ।
କେତେ ଯେ ପଡ଼ିଛି
କେତେ ଯେ ଉଠିଛି
ଆଣ୍ଠୁ ଗଣ୍ଠି ଛିଡେ କେତେ
ତଥାପି ମାଗୁଚି ଅଧିକାର ମୋର
ଭାଇ ଭାଗ (ଚିଠା) ଧରି ହାତେ ।
କେମିତି ବଞ୍ଚିଛି କହିବାକୁ ଭାରି
ଲାଜ ଲାଜ ଲାଗେ ମୋତେ
ବଞ୍ଚିଛି ବଞ୍ଚେଇ ଉଧାରି ଜୀବନ
ବନ୍ଧା ଆୟୁଷର ହିତେ ।

ISSN NO.
2582-208X

ଅବାଞ୍ଛିତ ସ୍ୱପ୍ନେ ନିଦ ଇଲାକାରୁ
ଖୋଜିଛି ରଜନୀଗନ୍ଧା
ଭୁଲି ମୁଁ ଯାଇଛି ଏବେ ବି ବଞ୍ଚିଛି
ଆୟୁଷ ପକାଇ ବନ୍ଧା
ଅବଶ ପାଦ ମୋ ଚାଲିପାରୁ ନାହିଁ
ପାଦ ପକାଇ ଆଗକୁ
ତଥାପି ମାପୁଚି ଏ ଅବୁଝା ପାଦ
ବାକି ଜୀବନ ରାସ୍ତାକୁ ।
ଯୋଉ ପାନ୍ଥଶାଳା ଅତି ଆପଣାର
ଚିହ୍ନି ତ ପାରୁନି ମୋତେ
ପରଦେଶୀ ଭାବି ଦୁଆର କିଲୁଚି
କେମିତି ବଞ୍ଚିବି ସତେ ।
ଶୂନ୍ୟତା ଭିତରେ ଆସିବକି ନାହିଁ
ପୁଣ୍ୟ ର ସକାଳ କେବେ
ତଥାପି ଦଉଡା ସାରି ମୁଁ ପାରୁନି
ଆରମ୍ଭ କରୁଚି ଯେବେ ।

ଭୁବନେଶ୍ୱର
9439011063

ISSN NO.
2582-208X

# ହେ ମାଆ ସରସ୍ୱତୀ



ଡ. ଅର୍ଜୁନ ଚରଣ ବାରିକ୍

ଧାତା ଅଚ୍ୟୁତ ଶଙ୍କର ବନ୍ଦନା କରନ୍ତି ଯାର ।
ସେହି ମାତା ସରସ୍ୱତୀ ଅଜ୍ଞାନ କରନ୍ତି ଦୂର ।
ବୀଣା ପୁସ୍ତକ ଧାରିଣୀ ଦେବୀ ମରାଳ ବାହନି ।
କାଳିଦାସ ବରେ ଯାର ପୂଜିତ ଏହି ଧରଣୀ ।
ମୂର୍ଖ ସିଦ୍ଧେଶ୍ୱର ପରିଡ଼ା ଯାହାର ନାମ କ୍ଷ୍ୟାତ ।
ବାଣୀ ବର ଦାନେ ବିରଚିଲା ସେ ମହାଭାରତ ।
ଅସମ୍ଭବକୁ ସମ୍ଭବ କରିପାରୁ ମାତା ତୁହି ।
ଅଗ୍ୟନଙ୍କୁ ଜ୍ଞାନ ଦେଇ ପୂଜିତ କରୁଛୁ ମହୀ ।
ଭାବକୁ ନିକଟ ତୁହି ମାତ ପରମ ବୈଷ୍ଣବୀ ।
ମମ କଣ୍ଠେ ବସି ପଦ କହିଦିଅ ତୁହି ଦେବୀ ।
ତୋହର ସନ୍ତାନ ମୁଁହି ଜାଣୁ ନାକି ମହାମାୟୀ ।
ଶରଣ ତୋ ପଦାଗ୍ରତେ ରଖ ଅବା ମାର ତୁହି ।
ଭକତ ବତ୍ସଲା ମାତ ପାବନ କରୁ ଜଗତ ।
ତୋ ନାମ ସୁମରି ନରେ ବୋଲାନ୍ତି ମା ସୁପଣ୍ଡିତ ।
କରୁଣା ତୋ ହେଲେ ଉଣା ବ୍ରହ୍ମା ହର ହୋନ୍ତି ବଣା ।
ତୋ ପଦ ସ୍ମରଣେ ମୂର୍ଖ ପାଣ୍ଡିତରେ ହୋନ୍ତି ଗଣା ।।

ଗ୍ରାମ ମହୁ, ଡାକ ମହୁ,
ଭାୟା ନମୌଜା,କେନ୍ଦ୍ରାପଡ଼ା /ମୋ: ୯୯୩୭୯୯୦୫୯୯

ISSN NO.
2582-208X

# ଶୃଙ୍ଖଳିତ ଯୁବପିଢି ପାଇଁ ଏନସିସିର ଆବଶ୍ୟକତା

କ୍ୟାପଟେନ ଅକ୍ଷୟ କୁମାର ଦାଶ

ଦେଶର ଯୁବ ପିଢି ମାନଙ୍କ ପାଇଁ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ ସି ସି) ର କ୍ୟାଡେଟ ମାନେ ହେଉଛନ୍ତି ଆଦର୍ଶ, ଯେଉଁମାନେ ସେମାନଙ୍କୁ ନିଜ କ୍ଷେତ୍ରରେ ଉନ୍ନତ ହେବା ସହିତ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ପ୍ରେରଣା ଦେଇଥାନ୍ତି । ଏନ ସି ସି ଏହାର ଦର୍ଶନ ଏବଂ ଦୂରଦୃଷ୍ଟି ସହିତ ଯୁବ ପିଢି ମାନଙ୍କୁ ଶକ୍ତି ପ୍ରଦାନ କରିଥାଏ ଓ ସେମାନଙ୍କୁ ଉନ୍ନତ ନାଗରିକ ଭାବରେ ଗଢ଼ି ତୋଳିବାରେ ତାଲିମ ପ୍ରଦାନ କରିଥାଏ। ଏନ ସି ସି ବିସ୍ତାର କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଦେଶର ଅଧିକରୁ ଅଧିକ ଯୁବ ପିଢି ମାନଙ୍କୁ ସର୍ବ ବୃହତ ୟୁନିଫର୍ମ ଯୁବ ସଂଗଠନରେ ଯୋଗଦେବା ଏବଂ ଏହାର ଲାଭ ବିଷୟରେ ଅବଗତ କରାଇବା । ଯଦିଓ ଆଜିର ଯୁବ ବର୍ଗ ନିଶ୍ଚିତ ଭାବରେ ଅଧିକ ବୈଷୟିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାରେ ସମୃଦ୍ଧ କିନ୍ତୁ ବିଦ୍ଵାନ ଅନୁସନ୍ଧାନ ଏବଂ ନୂତନ ନେତୃତ୍ଵ ପ୍ରତି ଆଗ୍ରହୀ ନୁହଁନ୍ତି । ଯଦି ଯୁବ ପିଢି ମାନେ ଏନ ସି ସି ପରି ସଂଗଠନ ସହିତ ନିଜକୁ ଜଡିତ ହେବାକୁ ଉତ୍ସାହିତ ହୁଅନ୍ତି, ଏହା ସେମାନଙ୍କ ଶାରିରୀକ ଓ ମାନସିକତାକୁ ପ୍ରଭାବିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ଡକ୍ଟର ଏ ପି ଜେ ଅବଦୁଲ କଲାମ ୦୪ ନଭେମ୍ବର ୨୦୦୪ରେ ନୂଆଦିଲ୍ଲୀଠାରେ କ୍ୟାଡେଟ ମାନଙ୍କୁ ସମ୍ବୋଧିତ କରି କହିଥିଲେ, "ମୋ ଦୃଷ୍ଟିରେ, ସମସ୍ତ ଯୋଗ୍ୟ ଛାତ୍ରଙ୍କ ପାଇଁ ଦୁଇ ବର୍ଷ ଏନ ସି ସି ତାଲିମ ବାଧ୍ୟତାମୂଳକ ହେବା ଆବଶ୍ୟକ"। ଏନ ସି ସି ଶିକ୍ଷାର ୭୦ ପ୍ରତିଶତରୁ ଅଧିକ ବିଷୟ , ନେତୃତ୍ଵ ତାଲିମ ପାଇଁ ଉତ୍ସର୍ଗୀକୃତ । ଚରିତ୍ର ଗଠନ, ଅନୁଶାସନ, ଧର୍ମନିରପେକ୍ଷ ଦୃଷ୍ଟିକୋଣ, ସାହସିକତା, ଆତ୍ମନିର୍ଭରଶୀଳ ଏବଂ ନିସ୍ୱାର୍ଥପର ସେବାର ଆଦର୍ଶରେ ବ୍ରତୀ ହୋଇ ପ୍ରତ୍ୟେକ କ୍ୟାଡେଟ ଏକ ଆଦର୍ଶ ନାଗରିକ ହେବାକୁ ଲକ୍ଷ୍ୟ ରଖିଥାନ୍ତି । ଯେଉଁ ଦେଶରେ ପ୍ରତିଭା ସମ୍ପନ୍ନ ଯୁବ ପିଢି ମାନେ, ଯେତେବେଳେ ସଠିକ୍ ଭାବରେ ନିର୍ଦ୍ଦେଶିତ ନ ହୁଅନ୍ତି, ସେତେବେଳେ ଦେଶ ବିପଥଗାମୀ ହୁଏ । ସେଥିପାଇଁ ଯୁବ ପିଢି ମାନଙ୍କୁ ସଠିକ୍ ଶିକ୍ଷା ଦେବାକୁ ପଡିବ ଯାହାକି ଗଠନମୂଳକ ଓ

ISSN NO.
2582-208X

ଦେଶର ଅର୍ଥନୈତିକ, ସାମାଜିକ ସମୃଦ୍ଧିରେ ସହାୟକ ହେବ । ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଏନ ସି ସି ଶିକ୍ଷା ଅପରିହାର୍ଯ୍ୟ । ଯୁବ ପିଢି ମାନଙ୍କ ପାଇଁ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ଏବଂ ଜୀବନରେ ଅନୁଶାସନର ମହତ୍ୱ ପ୍ରତିପାଦନ କରିବା ପାଇଁ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏକ ଉତ୍ତମ ଭିତ୍ତିଭୂମି ଯୋଗାଇ ଦେଇଥାଏ । ଏହା ହେଉଛି ବିଶ୍ୱର ଯୁବ ସ୍ୱେଚ୍ଛାସେବୀ ମାନଙ୍କର ସର୍ବବୃହତ ଶୃଙ୍ଖଳିତ ସଂଗଠନ ଯାହା ରାଷ୍ଟ୍ର ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହା ସ୍ଥଳସେନା, ନୌସେନା ଓ ବାୟୁସେନା ବିଭାଗକୁ ନେଇ ଗଠିତ ଏକ ତ୍ରି-ସ୍ତରୀୟ ସେବା ସଂଗଠନ ଯାହା ପ୍ରତିରକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥାଏ ।

୧୯୪୮ ମସିହାରେ ୨୦,୦୦୦ କ୍ୟାଡେଟ କୁ ନେଇ ଆରମ୍ଭ ହେଇଥିବା ଏହି ସଂଗଠନ ଆଜି ଏହା ପ୍ରାୟତଃ ୧୬୨୮ ଶିକ୍ଷା ଅନୁଷ୍ଠାନର ୧୪ ଲକ୍ଷରୁ ଅଧିକ କ୍ୟାଡେଟ ମାନଙ୍କୁ ନେଇ ଗର୍ବ ଅନୁଭବ କରେ । ୧୯୬୫ଏବଂ ୧୯୭୧ ର ଯୁଦ୍ଧ ସମୟରେ, କ୍ୟାଡେଟ୍ ମାନେ ପ୍ରତିରକ୍ଷା ର ଦ୍ୱିତୀୟ ଧାଡି ଭାବରେ ଯୁଦ୍ଧ ଅସ୍ତ୍ରଶସ୍ତ୍ର କାରଖାନାଗୁଡ଼ିକୁ ସାହାଯ୍ୟ କରିଥିଲେ, ଆଗ ଧାଡିରେ ଅସ୍ତ୍ର ଯୋଗାଇ ଦେଉଥିଲେ ଏବଂ ଶତ୍ରୁପକ୍ଷର ପାରାଟ୍ରୁପର ମାନଙ୍କୁ ଧରିବାରେ ସାହାଯ୍ୟ କରିଥିଲେ । ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ, ଟ୍ରାଫିକ୍ ନିୟନ୍ତ୍ରଣ ଇତ୍ୟାଦି ସାମାଜିକ ସେବାରେ ନିୟୋଜିତ ହୋଇ ପ୍ରଶଂସାର ପାତ୍ର ହୋଇପାରିଛନ୍ତି ।

ଯୁବ ପିଢି ଙ୍କ ପରିବର୍ତ୍ତିତ ଆକାଂକ୍ଷା ତଥା ସମାଜର ତଥା ରାଷ୍ଟ୍ରର ଆଶାକୁ ଦୃଷ୍ଟିରେ ରଖି ଏନ ସି ସି କ୍ୟାଡେଟ ମାନଙ୍କ ପ୍ରଶିକ୍ଷଣ ଦର୍ଶନ କୁ ଉପଯୁକ୍ତ ରୂପେ ନିର୍ବାହ କରାଯାଇଛି । ସେମାନଙ୍କର ନେତୃତ୍ୱ, ଦକ୍ଷତା-ବିକାଶ, ଦେଶପ୍ରେମ ଏବଂ ଦାୟିତ୍ୱବାନ ନାଗରିକ ହିସାବରେ ଗଢି ତୋଳିବାର କୌଶଳ ଏବଂ ବ୍ୟକ୍ତିତ୍ୱ ବୃଦ୍ଧି ପାଇଁ କ୍ୟାଡେଟ ମାନଙ୍କୁ ତାଲିମ ଦିଆଯାଉଛି । ଭାରତରେ COVID-19 ଭଳି ମହାମାରୀର ମୁକାବିଲା ପାଇଁ "ଏନ ସି ସି ଯୋଗଦାନ" ଅଭିଯାନ ବେଶ ଜନାଦୃତ ହୋଇପାରିଥିଲା । ଏହି ଅଭିଯାନ ଅଧୀନରେ କ୍ୟାଡେଟମାନେ ହେଲ୍ପଲାଇନ ପରିଚାଳନା, ଔଷଧ ଏବଂ ରିଲିଫ ସାମଗ୍ରୀ ବଣ୍ଟନ, ଜନସାଧାରଣଙ୍କୁ ସହାୟତା ଭଳି ବିଭିନ୍ନ କାର୍ଯ୍ୟରେ ନିଯୁକ୍ତ ହୋଇ ନିଃସ୍ୱାର୍ଥପର ଭାବରେ ସମାଜସେବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । 'ଏକତା ଏବଂ ଅନୁଶାସନ' କୁ ବ୍ରତ ଭାବରେ ପାଳନ କରି କ୍ୟାଡେଟମାନେ ଆତ୍ମ-ଶୃଙ୍ଖଳା ଏବଂ ନି-ସ୍ୱାର୍ଥପର ସାମାଜିକ

ISSN NO.
2582-208X

ସେବାର ମୂଲ୍ୟବୋଧ ସୃଷ୍ଟି କରି ରାଷ୍ଟ୍ର ନିର୍ମାଣ ତଥା ସାମାଜିକ ଏକତା କୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଭାରତୀୟ ଜନସଂଖ୍ୟାର ପ୍ରାୟ ୬୦ ପ୍ରତିଶତ ଯୁବପିଢି ମାନଙ୍କୁ ନେଇ ଗଠିତ ଏନସିସି ଶିକ୍ଷା ସେମାନଙ୍କ ମଧ୍ୟରେ ସୁସ୍ଥ ଆଦର୍ଶ ପ୍ରତିପୋଷଣ କରି ରାଷ୍ଟ୍ରକୁ ସଶକ୍ତ କରିପାରିବ । ଏହା ସେମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ସମୃଦ୍ଧ କରେ ଏବଂ ଦାୟିତ୍ୱବାନ, ଯତ୍ନଶୀଳ ହେବାକୁ ଶିକ୍ଷା ଦିଏ । ଏହା ଉତ୍ତମ ମାନବୀୟ ଆଚରଣ କୁ ପ୍ରୋତ୍ସାହିତ କରିବା ସହିତ ଜୀବନକୁ ଉପଭୋଗ୍ୟ ଏବଂ ବୁଝାମଣା କରିବାକୁ ସହଜ କରିଥାଏ । ଶବ୍ଦ ଏବଂ କାର୍ଯ୍ୟର ବ୍ୟବହାରରେ ସଂଯମତା ଏନ ସି ସି କ୍ୟାଡେଟ ମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ।

ଏହା ସମସ୍ତଙ୍କୁ ଜଣା ଯେ ଏନ ସି ସି ଏହାର କ୍ୟାଡେଟମାନଙ୍କୁ ଏକ ନିୟମିତ ଏବଂ ଆତ୍ମ-ସଂଯମ ଜୀବନଶୈଳୀର ତାଲିମ ଦେଇଥାଏ ।ଏକତା କେବଳ ସୁସଙ୍ଗତ ସହଭାଗୀତାକୁ ଅନୁବାଦ କରେ ତାହା ନୁହେଁ ବରଂ ଉତ୍ପତ୍ତି ସ୍ଥାନ, ଜାତି, ବର୍ଣ୍ଣ, ଭାଷା, ଧର୍ମ, ପୃଷ୍ଠଭୂମି, ସାମାଜିକ-ଅର୍ଥନୈତିକ ସ୍ଥିତି, ରାଜନୈତିକ ଆଭିମୁଖ୍ୟ ଇତ୍ୟାଦିରେ ଭିନ୍ନତାକୁ ଖାତିର ନକରି ସମସ୍ତଙ୍କୁ ସମାନ ଭାବରେ ସମସ୍ତଙ୍କୁ ସହାନୁଭୂତି ପ୍ରଦର୍ଶନ କରିବା ଏବଂ ସମାନ ମୂଲ୍ୟବୋଧ ଦ୍ୱାରା ବାନ୍ଧି ରଖିବାର ଶିକ୍ଷା ଦେଇଥାଏ । ଭାରତର ନାଗରିକ ଭାବରେ ଆମେ ଏକ ସୂତ୍ରରେ ବନ୍ଧା ଏବଂ ଏକମାତ୍ର ପରିଚୟ ହେଉଛି ଆମେ ଭାରତ ମା ର ସନ୍ତାନ, ଯାହା ଏକ ରାଷ୍ଟ୍ରର ଏକତା ବଜାୟ ରଖିବାରେ ସାହାଯ୍ୟ କରେ । ଏନ ସି ସି କ୍ୟାଡେଟ ଗୁଡିକର ଅଧିକାଂଶ ତାଲିମ ଜାତୀୟ ତଥା ଆଞ୍ଚଳିକ ଶିବିର ମାନଙ୍କରେ ହୋଇଥାଏ ଏବଂ ଦେଶର ବିଭିନ୍ନ ଅଞ୍ଚଳର ବିଭିନ୍ନ ସାଂସ୍କୃତିକ ତଥା ସାମାଜିକ ଅଭ୍ୟାସ ବିଷୟରେ ଅଧିକରୁ ଅଧିକ ଜାଣିବାକୁ ମିଳିଥାଏ । ଭାରତ ହେଉଛି ବିବିଧତା ମଧ୍ୟରେ ଏକତାର ଦେଶ, ତେଣୁ ଏନ ସି ସି ତାଲିମ ଆମ ଦେଶର ବିବିଧତାକୁ ବାନ୍ଧିରଖିବା ଏବଂ ସମ୍ମାନ କରିବାରେ ସାହାଯ୍ୟ କରେ । ଭାରତର ବିଭିନ୍ନ ସାମାଜିକ ଏବଂ ସାଂସ୍କୃତିକ ଅଭ୍ୟାସ ବିଷୟରେ ଅଧିକ ଜାଣିବାକୁ ଉତ୍ସାହିତ କରେ ଏହାର ବିଭିନ୍ନ ଶିବିରରେ । କ୍ୟାଡେଟମାନେ ପରସ୍ପର ମଧ୍ୟରେ ବିଭିନ୍ନ ଧାରଣା ଏବଂ ଦର୍ଶନ ବିନିମୟ କରନ୍ତି ଏବଂ ସେମାନଙ୍କର ସାମାଜିକ ସଚେତନତାକୁ ଉନ୍ନତ କରନ୍ତି । ଖାଦ୍ୟ ପେୟ, ସଂସ୍କୃତି, ମୂଲ୍ୟବୋଧ, ବିଶ୍ୱାସ ଇତ୍ୟାଦି ଆଦାନପ୍ରଦାନ ସେମାନଙ୍କୁ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରକୃତରେ ପ୍ରଶଂସା କରିବାକୁ ସକ୍ଷମ କରେ । ଏକ ଭାରତ, ଶ୍ରେଷ୍ଠ ଭାରତ (ଜାତୀୟ ଏକୀକରଣ ଶିବିର)

ISSN NO.
2582-208X

ଏବଂ ଗଣତନ୍ତ୍ର ଦିବସ ଶିବିର ଏକ ଭଲ ପ୍ଲାଟଫର୍ମ ସୁନିଶ୍ଚିତ କରେ ଯେଉଁଠାରେ ବିଭିନ୍ନ ଅଞ୍ଚଳର କ୍ୟାଡେଟ ମାନେ ଏକାଠି ରୁହନ୍ତି। । ଏହି ପରିପ୍ରେକ୍ଷୀରେ, ଏନ ସି ସି ଡିଜିଟାଲ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ, ପୁନିତ୍ ସାଗର ଅଭିଯାନ ଭଳି ବିଭିନ୍ନ ରାଷ୍ଟ୍ର ନିର୍ମାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ସହ 'ଏକ ଶ୍ରେଷ୍ଠ ଭାରତ' ର ଧାରଣାକୁ ସୁଦୃଢ଼ କରିଛି ।

ଅନେକ ଉପାୟରେ ଏନ ସି ସି ହେଉଛି ଏକ ନୀରବ ବିପ୍ଳବ ଯାହାକି ଯୁବ ସଶକ୍ତିକରଣ ପାଇଁ ପ୍ରତିବଦ୍ଧ ଏବଂ ରାଷ୍ଟ୍ର ନିର୍ମାଣ ତଥା ସୁରକ୍ଷା କ୍ଷେତ୍ରରେ ଏହାର ଅମୂଲ୍ୟ ଅବଦାନ ରହିଛି । ଏକ ସୁରକ୍ଷିତ ତଥା ସମୃଦ୍ଧ ରାଷ୍ଟ୍ର ଭାବରେ ଉଭା ହେବାକୁ ଥିବା ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଏନ ସି ସିର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ।।

ଅଧ୍ୟାପକ ପଦାର୍ଥ ବିଜ୍ଞାନ ବିଭାଗ ଓ
ସହକାରୀ ଏନସିସି ଅଧିକାରୀ
ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ, କଟକ
ଦୂରଭାଷ: ୯୮୫୩୨୦୮୬୫୪

ISSN NO.
2582-208X

# ଆନ ହିତେ ସଦା ରହୁ ମୋ ମତି



ରାଜକିଶୋର ସ୍ୱାଇଁ

ଆହେ ମହାଯତି ବାବା ପଶୁପତି
ଜଣାଏ ପ୍ରଣତି ମୁଁ ମଥାପାତି
ତୁମ ପରି ମୋତେ କରିଦିଅ ପ୍ରଭୁ
ଆନ ହିତେ ସଦା ରହୁ ମୋ ମତି ।୧।
ସବୁ ଅସୁରଙ୍କୁ ବିନାଶି ଥିବାରୁ
ଜଗତରେ ନାଆଁ ହୋଇଲା ହର
ଏ ସୃଷ୍ଟି ରଖିଲ ପାନ କରି ତୁମେ
ସାଗର ମନ୍ଥନୁ ଜାତ ଗରଳ ।୨।
ଅଳପରେ ତୁମେ ହୋଇବାରୁ ତୋଷ
ନାଆଁ ହେଲା ତୁମରି ଆଶୁତୋଷ
ସବୁ ସୁଖ ତେଜି ଜଗତ ହିତରେ
ସଦା ତୁମେ ରତ ହେ ଜଗଦୀଶ ।୩।
ଜନ କଲ୍ୟାଣର ମଧୁ ପରଶୁଛ
ତୁମ ପାଇଁ ହସେ ସାରା ଭୂଲୋକ
ଭରି ଦିଅ ମନେ ତୁମରି ଭାବନା
ହେବାକୁ ମୁଁ ଜଣେ ଦରଦୀ ଲୋକ ।୪।
ତୁମ ଆଦର୍ଶରେ ହୁଏ ମୁଁ ଦୀକ୍ଷିତ
ତୁମ ପରି କରେ ଅସୀମ ତ୍ୟାଗ
ବିଷୟ ବାସନା ପ୍ରତି ଅତିଶୟ

ISSN NO.
2582-208X

ନ ରହୁ ମନରେ ମୋ ଅନୁରାଗ ।୫।
ଅପର ଦୁଃଖରେ କାନ୍ଦୁ ମୋ ପରାଣ
ଅସହାୟଙ୍କର ହୁଏ ମୁଁ ସ୍ୱର
ସ୍ନେହ ପ୍ରେମ ଖୁସି ସଭିଙ୍କୁ ବାଣ୍ଟିବା
ମୋ ଜୀବନର ଏ ହେଉ ଆଧାର ।୬।
ହେ ପ୍ରଭୁ ମହେଶ ନାଶ ମୋ କଳୁଷ
ଏତିକି କରୁଛି ମୁଁ ନିବେଦନ
ତୁମରି ଚରିତ ଅମୃତର ଧାରଆ
ଝରୁଥାଉ ମୋ କଣ୍ଠୁ ନିତି ଦିନ ।୭।

ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ
ନୂଆପଡା, ନୂଆବଜାର, କଟକ

ISSN NO.
2582-208X

# ଜୟ ମାଁ ମଙ୍ଗଳା



ବାଙ୍କାବିହାରୀ ମହାକୁର

ମଙ୍ଗଳମୟୀ ମାତୃଶକ୍ତି ମାଁ ମଙ୍ଗଳା
ସତ୍ୟ, ଶାନ୍ତି, ଦୟା, ପ୍ରୀତିର ପ୍ରତିକ,
ସମସ୍ତଙ୍କ ଗୃହେ ପାଉଥାଉ ପୂଜା
ମଙ୍ଗଳବାର ଗୋ ତୋହରି ସଂକେତ ।

ତୋର ଉପାସନା ଅଟଇ ପ୍ରାଚୀନ
ଧର୍ମ ସଂସ୍କୃତିରେ ରହିଛି ତୋ ଗାଥା,
ବ୍ରହ୍ମପୁରାଣରେ ବ୍ରହ୍ମା ସୃଷ୍ଟି ପରେ
ଚତୁର୍ଦ୍ଦିଗ  ଥିଲା ଅନ୍ଧକାରବସ୍ଥା ।

ସୃଷ୍ଟିର ଆଦ୍ୟଶକ୍ତି ମାଁ ଗୋ ମଙ୍ଗଳା
ବ୍ରହ୍ମାଙ୍କୁ ବୁଝାଇଲୁ  ସୃଷ୍ଟି ସର୍ଜନା ତତ୍ତ୍ୱ,
ତୁଇ ଆଦ୍ୟଶକ୍ତି ଆଉ ଜ୍ଞାନମୟୀ
ତୋର ପରିକଳ୍ପନା ବଡ ବିଚିତ୍ର ।

ଦୁର୍ଗା ମହିଷାଙ୍କ  ସମର କାଳରେ
ଅନ୍ତସ୍ଥଳରୁ ମାଁ ଗୋ ହୋଇଲୁ ଜାତ,
ମହିଷାର ମୃତ୍ୟୁ ଭେଦକୁ କହିଣ
ଉଦ୍ଧାର  କରି ଥିଲୁ ତୁଇ ଜଗତ  ।

ISSN NO.
2582-208X

ତ୍ରେତୟା ଯୁଗରେ ଲଙ୍କାଚଣ୍ଡୀ ରୂପେ
ଲଙ୍କା ନଗରୀରେ ତୋହରି ବାସ,
ଶ୍ରୀରାମଚନ୍ଦ୍ରଙ୍କୁ କଲୁ ଆଶୀର୍ବାଦ
ଯୁଦ୍ଧେ ଦଶାନନ ହୋଇଲା ବିନାସ ।

କଳିଯୁଗରେ ମାଁ ଶ୍ରୀକ୍ଷେତ୍ର ଧାମରେ
ଅଷ୍ଟଚଣ୍ଡୀ ମଧ୍ୟେ ବୋଲାଉ ତୁ ଶ୍ରେଷ୍ଠ,
ଜୟ ମାଁ ମଙ୍ଗଳା ଧନ୍ୟ ଲିଳାଖେଳ
କାକଟପୁର ତୋ ଯୋଗୁଁ ବିଖ୍ୟାତ ।

ବୁରୁବୁଡା
ବୀରମହାରାଜପୁର, ସୁବର୍ଣ୍ଣପୁର

ISSN NO.
2582-208X

# ବନ୍ଧୁ



କାଳପ୍ରସାଦ ମହାପାତ୍ର

ଗଛ ପରି ମୋର ବନ୍ଧୁଟିଏ ନାହିଁ
ଜୀବନଟି ତାର ଦାନ
ବଞ୍ଚିବାର ସବୁ ସାଧନ ଦିଏଟି
ଦିଏ ସେ ପାଣିପବନ। ।

ବନ୍ଧୁଟି ମୋର ଅତି ଆପଣାର
ଖାଇବା ପିଇବା ଦିଏ
ରକ୍ଷକ ହୁଅଇ ଭକ୍ଷକ ନୁହଁଇ
ରହିବାକୁ ବାସ ଦିଏ।।

ନଶ୍ୱାସପ୍ରଶ୍ୱାସ ତାଙ୍କ ଯୋଗୁ ଚ୍ଛଲେ
ଜୀବନ କରଇ ରକ୍ଷା
ଫଳ ଫୁଲ ଆଦି ସମର୍ପି ଦେଇ ତ
ସିଏ ତ ଆମର ସଖା।।

ଖରା,ବର୍ଷା, ଶୀତ ଦାଉରୁ ରଖଇ
ଦୁଃଖୀର ସାଥିଟି ସିଏ
ନଜେ କଷ୍ଟ ପାଏ ଆମକୁ ବଂଚ୍ଛଇ
ଆନନ୍ଦ ସିଏ ତ ପାଏ ।

ISSN NO.
2582-208X

ବନ୍ଧୁଟି ପାଖରେ ରହିଲେ ଆମର
ବିପଦ ନଥାଏ କେବେ
ଝଡବାତ୍ୟାଠାରୁ ରକ୍ଷା କରିଥାଏ
ବଂଧୁପଣିଆ ସେ ଦେବେ ।।

ଆମ ବଂଧୁ ପରି ବନ୍ଧୁଟିଏ ନାହିଁ
ଏ ଧରାପୃଷ୍ଠରେ ଭାଇ
ସୁଖ ଭରିଦିଏ ଆମରି ଜୀବନେ
କଷ୍ଟକୁ ଆଦରି ନେଇ।

ତାଙ୍କର ବିଷାଦ କରିବାଟି ଦୂର
ବଂଶ ତାଙ୍କ ରକ୍ଷାକରି
ବଂଧୁତାର ମାନ ରଖିବାଟି ଆମେ
ଜଂଗଲ ସୁରକ୍ଷାକରି ।।

ଶିକ୍ଷକ,
ବନ୍ଧୁଗାଁ, କୋରାପୁଟ

ISSN NO.
2582-208X

# ଆନନ୍ଦନଗରରେ ଆନନ୍ଦ ଅନ୍ୱେଷାର ପ୍ରୟାସ ଓ ରମେଶ ପାଣିଗ୍ରାହୀଙ୍କ 'ଆନନ୍ଦ ନଗରକୁ ଯାତ୍ରା' ନାଟକ



ଅଙ୍କିତା ପ୍ରିୟଦର୍ଶିନୀ ସାହୁ

ଉତ୍ତର ସତୁରି ଓଡ଼ିଆ ନାଟକରେ ରମେଶ ପ୍ରସାଦ ପାଣିଗ୍ରାହୀ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । ଜଣେ ବିଶିଷ୍ଟ ବ୍ୟକ୍ତିତ୍ୱ । ସେ ପାରମ୍ପରିକତାର ବିରୋଧୀ ନୁହନ୍ତି; ମାତ୍ର ପରଂପରାର ଶଗଡ଼ଗୁଡ଼ାରେ ଚାଲିବାରେ ମଧ୍ୟ ଅଭ୍ୟସ୍ତ ନୁହନ୍ତି । ଏଣୁ ସେ ଯାହା କୁହନ୍ତି ଟିକେ ଭିନ୍ନଭାବରେ କହନ୍ତି, ନିଆରା ଭଙ୍ଗୀରେ କୁହନ୍ତି । ରମେଶ ପ୍ରସାଦ ପାଣିଗ୍ରାହୀ କେବଳ ଜଣେ ଉଚ୍ଚମାନର ନାଟ୍ୟକାର ନୁହନ୍ତି, ନିରୋଳା ନାଟ୍ୟକାର ମଧ୍ୟ । ନାଟକପାଇଁ ସଂପୂର୍ଣ୍ଣ ସମର୍ପିତ ପ୍ରାଣ ଏଡି ନାଟ୍ୟକାର ଷ୍ଟ୍ରିଟ୍ ଥିଏଟରଠାରୁ ଆରମ୍ଭକରି, ଯାତ୍ରା ଓ ପରୀକ୍ଷାଧର୍ମୀ ନାଟକ ସବୁଠି ଦେଖା ଦିଅନ୍ତି; ପୁଣି ଭିନ୍ନ ଭାବରେ । ନାଟକର ଆଙ୍ଗିକଠାରୁ ନାମକରଣ ପର୍ଯ୍ୟନ୍ତ ସବୁଠି ତାଙ୍କର ସ୍ୱତନ୍ତ୍ର ବିଚାରଭଙ୍ଗୀର ପ୍ରମାଣ ବର୍ତ୍ତମାନ । ଓଡ଼ିଆ ସାହିତ୍ୟ ନାଟ୍ୟକାର ପାଣିଗ୍ରାହୀଙ୍କ ହାତରେ ପାଇଛି ନୂତନ ଜୀବନ । ଆଧୁନିକ ଓଡ଼ିଆ ନାଟ୍ୟ ସମାଲାଚନା ସାହିତ୍ୟରେ ସମୀକ୍ଷକମାନେ ଶ୍ରୀ ମନୋରଞ୍ଜନ ଦାସ, ଶ୍ରୀ ବିଜୟ କୁମାର ମିଶ୍ର ଓ ଶ୍ରୀ ବିଶ୍ୱଜିତ୍ ଦାସଙ୍କୁ ଓଡ଼ିଆ ନବନାଟ୍ୟ ଆନ୍ଦୋଳନର ପୁରୋଧା ହିସାବରେ ଯେତିକି ସମ୍ମାନ ଦେଇଛନ୍ତି, ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କୁ ଯଥୋଚିତ ସମ୍ମାନ ଦେଇନାହାନ୍ତି । କିନ୍ତୁ ରମେଶ ପ୍ରସାଦ ପାଣିଗ୍ରାହୀଙ୍କର ଓଡ଼ିଆ ନବନାଟ୍ୟ ଆନ୍ଦୋଳନକୁ ଯେଉଁ ଅବଦାନ ରହିଛି, ତାହା ଅନ୍ୟାନ୍ୟ ନାଟ୍ୟକାରଙ୍କ କୃତି ଗୁଡ଼ିକରେ ଅନୁପସ୍ଥିତ । ଏଣୁ ଆଧୁନିକ ଓଡ଼ିଆ ନାଟକର ପ୍ରେକ୍ଷାପଟରେ ସେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ ।

ତାଙ୍କର ପ୍ରଥମ ନାଟକ 'ମୁକ୍ତିମଣ୍ଡପ' ୧୯୬୩ରେ ରଚିତ ହୁଏ । 'ତିମିରତୃଷ୍ଣା' (୧୯୬୪) ୧୯୯୨ରେ ପ୍ରକାଶିତ । ଏହା 'ନିଶୀଥସୂର୍ଯ୍ୟ' ନାମରେ ରେଭେନ୍ସା କଲେଜର ନାଟ୍ୟ ସଂସଦ

ISSN NO.
2582-208X

ଦ୍ୱାରା ପ୍ରଥମେ ୧୯୬୫ରେ ଅଭିନୀତ ହୋଇଥିଲା । ଏହାପରେ ୧୯୬୯ ରେ ରଚିତ 'ମୁଁ ଆମ୍ଭେ ଓ ଆମ୍ଭେମାନେ' ନିଖିଳ ଉତ୍କଳ ନାଟକ ପ୍ରତିଯୋଗିତାରେ ଗଞ୍ଜାମ କଳା ପରିଷଦ ଦ୍ୱାରା ଅଭିନୀତ ହୋଇ ନାଟ୍ୟକାରଙ୍କୁ ଯଥେଷ୍ଟ ଖ୍ୟାତି ଓ ଆତ୍ମବିଶ୍ୱାସ ଆଣି ଦେଇଥିଲା । ଗୁଣ୍ଡା (୧୯୬୮), ଦୁର୍ଘଟଣାବଶତଃ (୧୯୭୧), ମହାନାଟକ (୧୯୭୨) 'ଜଣେ ମହାପୁରୁଷ ଜନ୍ମ ଓ ମୃତ୍ୟୁ ସମ୍ପର୍କରେ'(୧୯୭୨) ଏହାର ପ୍ରଥମ ନାମ ଥିଲା 'ମଣ୍ଡୁକ ଉପାଖ୍ୟାନମ୍, 'ଆନନ୍ଦ ନଗରକୁ ଯାତ୍ରା'(୧୯୭୬) (ପ୍ରଥମନାମ 'ବିବର'), ଆତ୍ମଲିପି (୧୯୭୬), ଶେଷପାହାଚ (୧୯୮୦), ପକା କମ୍ବଳ ପୋତ ଛତା (୧୯୮୨), ହାତୀକୁ ହୋମିଓପ୍ୟାଥି (୧୯୮୪), ଧୃତରାଷ୍ଟ୍ରର ଆଖି, ନଷ୍ଟ ଚନ୍ଦ୍ରର ଉପତ୍ୟକା, କମଳପୁର ଡାକଘର, (୧୯୬୮) ଶିଳାର ସ୍ୱପ୍ନ, (୧୯୬୬) ଭଙ୍ଗା ମୀନାର, (୧୯୬୮) ଅପରିଚିତା, (୧୯୬୭) ପ୍ରଭୃତି ତାଙ୍କଦ୍ୱାରା ରଚିତ ନାଟକ, 'ଉଡନ୍ତା ପାହାଡ଼ର ଦର୍ଜା' ଓ ଅପ୍ରୀତିକର ନାଟକ ତାଙ୍କର ଏକାଙ୍କୀ ସଙ୍କଳନ ଯେଉଁଥିରେ ସେ ଅନେକ ନୂତନ ଶିଳ୍ପଦୃଷ୍ଟି ତଥା ଜୀବନ ଦୃଷ୍ଟିର ପରିଚୟ ଦେଇଛନ୍ତି ।

'ଆନନ୍ଦ ନଗରକୁ ଯାତ୍ରା' ଆତ୍ମଲିପି ନାଟକ ପରେ "କାଳୀ ନୃତ୍ୟନାଟ୍ୟ ସଂସଦ" (ପୁରୀ) ପାଇଁ ଲେଖା ଯାଇଥିଲା । ସେତେବଳେ ଏହାର ନାମଥିଲା 'ବିବର' । ସେହିବର୍ଷ (୧୯୭୬) ମାର୍ଚ୍ଚ ମାସରେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଚତୁର୍ଥ ଛାତ୍ରାବାସରେ ଏହି ନାଟକଟି 'ବିବର' ନାମରେ ମଞ୍ଚସ୍ଥ କରାଯାଇଥିଲା । ତା'ପରେ ୧୯୮୦ ମସିହାରେ "ଗଞ୍ଜାମ କଳା ପରିଷଦ", ବ୍ରହ୍ମପୁର ଏହି ନାଟକକୁ ଭବାନୀପାଟଣାଠାରେ ମଞ୍ଚସ୍ଥ କରିଥିଲେ । ସେତିକିବେଳେ ଏଇ ନାଟକର ନାଁ ଥିଲା "ଅପହଞ୍ଚ" । ପୁଣିଥରେ ୧୯୮୫ ମସିହାରେ ଆକାଶବାଣୀର ବାର୍ଷିକ ନାଟ୍ୟୋତ୍ସବ ପାଇଁ ଏହି ନାଟକ ମନୋନୀତ ହୋଇଥିଲା । ଏହାର ନାମ ରହିଲା ।ଆନନ୍ଦ ନଗରକୁ ଯାତ୍ରା" ଏବଂ ନାଟକଟିର ନିର୍ଦ୍ଦେଶକ ଥିଲେ ଓଡିଶାର ପ୍ରଖ୍ୟାତ ନାଟ୍ୟକାର ଶ୍ରୀ ମନୋରଞ୍ଜନ ଦାସ । "ଆନନ୍ଦ ନଗରକୁ ଯାତ୍ରା" ଓଡ଼ିଆ ନାଟ୍ୟନଦୀରେ ଏକ ସ୍ୱତନ୍ତ୍ର ବାଙ୍କ ସୃଷ୍ଟି କରିଛି । ସାହିତ୍ୟର ବିଭାଗ ଭିତରେ ନାଟକ ଅତ୍ୟଧିକ ମନୋରଞ୍ଜନଧର୍ମୀ ହୋଇଥିବାରୁ ଆଧୁନିକ ବହୁ ନାଟକ ସଫଳ ନାଟ୍ୟ ସାହିତ୍ୟର ଭାବରେ ପ୍ରତିଷ୍ଠା ପାଉନଥିଲାବେଳେ "ଆନନ୍ଦ ନଗରକୁ ଯାତ୍ରା" ଏକ ସଫଳ ନାଟ୍ୟ ସମ୍ମାନ ଲାଭ କରେ ।

ISSN NO.
2582-208X

ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସର୍ବଦା ଟିକିଏ ସୁଖ ଏବଂ ଆନନ୍ଦ ପ୍ରାପ୍ତିର ଲାଳସାରେ ଆଜିର ସଭ୍ୟ ମାନବ ଜୀବନ ତମାମ ଦଉଡି ଚାଲିଛି, ଠିକ କାନ୍ଥ ଘଣ୍ଟାଟିଏ ପରି। ନା କେବେ ଶିଥିଳ ପଡିଛି, ନା କେଉଁଠି ମୁହୂର୍ତ୍ତେ ଛିଡାହୋଇ ଥକ୍କାପଣ ମେଣ୍ଟାଉଛି । ଘଣ୍ଟା ମଧ୍ୟରେ କଣ୍ଟାଗୁଡିକ ଅନବରତ ଘୂରିଲା ପରି, ଚକ୍ରାକାର ଏଇ ପୃଥିବୀ ମଧ୍ୟରେ ମଣିଷଟିଏ ଆଜୀବନ ଘୂରିବୁଲେ । କସ୍ତୁରୀ ମୃଗ ସମ ବାଟବଣା ହୋଇ ପୃଥିବୀ ରୂପୀ ଅରଣ୍ୟ ମଧ୍ୟରେ ଆନନ୍ଦ ସନ୍ଧାନ କରେ । ଆନନ୍ଦ ରୂପୀ ବାସ୍ନାକୁ ଖୋଜିବୁଲେ, ମାତ୍ର ତାର ପରିଶ୍ରମ ବିଫଳ ହୋଇଯାଏ । ପିଲାଦିନର କଣ୍ଢେଇ ଖେଳରୁ ଆରମ୍ଭ କରି କୈଶୋରର ସ୍ପର୍ଶ ପର୍ଯ୍ୟନ୍ତ, ଶୈଶବରୁ ଆରମ୍ଭ କରି ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ, ସମାଜରେ ନିଜର ପ୍ରତିଷ୍ଠା, ଧନ, ସମ୍ପତ୍ତି, ଆଖପାଖରେ ଯାହା ପାଏ ସବୁଥିରେ ସେ ଆନନ୍ଦର ଅନ୍ୱେଷଣ କରୁଥାଏ । ଟଙ୍କା, ପଇସା, ଯୌବନ, ପ୍ରତିପତ୍ତିରେ ସେ ଆନନ୍ଦ ଖୋଜେ ସତ, କିନ୍ତୁ ନାଲି କାଗଜରେ ନୋଟ, ସୌଖୀନ ବସ୍ତୁ, ମାଦକ ଦ୍ରବ୍ୟ କି କ୍ଷଣିକ ଦୈହିକ ସୁଖ ତା ପାଇଁ ଜୀବନର ବାସ୍ତବ ସୁଖକୁ କିଣିପାରେ ନାହିଁ । ଯାହାକୁ ଆନନ୍ଦର ସ୍ରୋତ ମନେକରେ, ତାହା ମରୀଚିକା ପଲଟିଯାଏ । ଜୀବନରେ ପ୍ରକୃତ ଆନନ୍ଦ କଣ ମଣିଷଟିଏ କେବେ ଅତି ସହଜରେ ବୁଝିପାରେ ନହିଁ । କାରଣ ସେ ନିଜର ଅସ୍ତିତ୍ୱ ସମ୍ବନ୍ଧରେ ଆଦୌ ଅବଗତ ନଥାଏ । ସେ ଜାଣିନଥାଏ ଆନନ୍ଦରୂପୀ ବାସ୍ନା ବାହ୍ୟ ଜଗତରେ ନୁହେଁ, ବରଂ ନିଜ ଭିତରେ ଲୁକ୍କାୟିତ ହୋଇଥାଏ ।

ଆନନ୍ଦ ନଗରକୁ ଯାତ୍ରା ନାଟକରେ ନାଟ୍ୟକାର ଶ୍ରୀଯୁକ୍ତ ପାଣିଗ୍ରାହୀଙ୍କ ଆନନ୍ଦ ଅନ୍ୱେଷା ବେଶ ଚମତ୍କାର । ଆନନ୍ଦ, ଆନନ୍ଦନଗର ଓ ଯାତ୍ରା ପ୍ରତ୍ୟେକଟି ସ୍ତରରେ ରହିଛି ବାସ୍ତବ ସହ ଅତି କଳ୍ପନାର ସମିଶ୍ରଣ । ଦୁଇ ବିପରୀତଧର୍ମୀ ଚିନ୍ତାଧାରା ନାଟକଟିରେ କେତେବେଳେ ଉତ୍ତେଜନା ସୃଷ୍ଟି କରେ ତ, କେତେବେଳେ ଭବିତବ୍ୟର ଜିଜ୍ଞାସା । ନାଟକର ପ୍ରତ୍ୟେକ ପାଦରେ ଦ୍ୱନ୍ଦ୍ୱ ଓ ଉତ୍କଣ୍ଠା ନାଟକଟିକୁ ବେଶ ଉଚ୍ଚକୋଟୀର କରି ଗଢି ତୋଳିଛି । ନାଟକର ଆରମ୍ଭ ଓ ଫଟିକ ଦାସର ସ୍ୱରରେ -"ଟିକେଟ, ଟିକେଟ, ଆଡଭାନ୍ସ ଟିକେଟ ! ନନ୍ଦନକାନନ ପାଇଁ ଆଡଭାନ୍ସ ଟିକେଟ । ଆସନ୍ତୁ ନନ୍ଦନକାନନ ପାରାଡାଇଜ ପାଇଁ ଟିକେଟ ରାତି ପାହିଲେ ବସ ଛାଡିବ ।" ଫଟିକ ଦାସର ଏଇ କେଇପଦ କଥାରେ ନାଟକ ଆରମ୍ଭରେ ମନରେ କୌତୁହଳ ସୃଷ୍ଟି ହୁଏ; କିନ୍ତୁ ନାଟକର ଶେଷରେ ନାଟକ ସମାପ୍ତିର ସୂଚନା ମିଳୁଥିଲେ ମଧ୍ୟ ନାଟକଟିର ପୂର୍ଣ୍ଣତା ସମ୍ବନ୍ଧରେ ଓ ନାଟ୍ୟକାରଙ୍କ ମନର ଭାବ, ଇଚ୍ଛା, ଆକାଂକ୍ଷା ବୁଝିବା କଷ୍ଟକର ହୋଇପଡେ । ନାଟ୍ୟକାର ନିଜର ଇପ୍ସିତ ଆନନ୍ଦ ପ୍ରାପ୍ତ

ISSN NO.
2582-208X

କଲେ କି ନାହିଁ ମନରେ ଦ୍ୱନ୍ଦ୍ୱ ଆସେ । କାରଣ ଦୀର୍ଘ ରାତିର ଅବସାନ ପରେ ସକାଳର ଆଗମନ ହୁଏ ସତ; କିନ୍ତୁ ଫଟିକ ଦାସର ଟିକେଟ ବିକ୍ରି ହୋଇପାରୁନଥିବାରୁ ସେ କହେ, ସମସ୍ତେ ଅନ୍ଧ । ଅନ୍ଧମାନଙ୍କ ଭାଗ୍ୟରେ ନନ୍ଦନକାନନ, ପରଡାଇଜ ଦେଖିବା ସମ୍ଭବ ନୁହେଁ।

ଆଲୋଚ୍ୟ ନାଟକରେ ନାୟକ ବିଶ୍ୱଜିତ ମହାପାତ୍ର ଓ ନାୟିକା ମିନାକ୍ଷୀ, ଦୁହେଁ ନବ ଦମ୍ପତି। ଧନ, ଜନ, ମାନ କୌଣସିରେ ତାଙ୍କର ଅଭାବ ନାହିଁ । ସେମାନଙ୍କ ଆନନ୍ଦ ଖୋଜା ବେଶ ବିଚିତ୍ର ଓ ଅଦ୍ଭୁତ । ପିଲା ଦିନର ବୋହୂଚୋରି ଖେଳରୁ ଆରମ୍ଭ କରି ସମାଜରେ ପ୍ରତିଷ୍ଠିତ ହେବା ପର୍ଯ୍ୟନ୍ତ । ଗାଡି, ଫ୍ଲାଟ, ଆଭୂଷଣ, ରୋଜଗାର ଆଦି ସବୁରେ ସେମାନେ ଆନନ୍ଦର ଅନ୍ୱେଷଣ କରିଛନ୍ତି, ହେଲେ ପରିଣତି ବୃଥା । ଜୀବନରେ ସବୁ ଥାଇ ମଧ୍ୟ ଆନନ୍ଦ କଣ ସେମାନେ ବୁଝି ପାରିନାହାନ୍ତି । କାରଣ ଧନ, ମାନ, ଗୌରବ ସବୁ ଗୋଟାଏ ରଙ୍ଗୀନ କାଚ ସଦୃଶ । ସେଇ ରଙ୍ଗୀନ କାଚ ଦେଇ ଦେଖୁଥିବା ପ୍ରତ୍ୟେକଟି ଆନନ୍ଦ ମିଛ ମାୟାଜାଲ । ଚେତନାର ସ୍ତର ବିକାଶ ହେବା ପରଠାରୁ ବିଶ୍ୱଜିତ ଓ ମୀନା ଆନନ୍ଦର ସନ୍ଧାନ କରିକରି ପୃଥିବୀଯାକ ଘୂରି ଆସିଲେଣି । କେଉଁଠି ଆନନ୍ଦର ଗନ୍ଧ ସେମାନେ ବାରି ପାରି ନାହାନ୍ତି । ତଥାପି ଆଶାର ଏକ କିରଣ ନେଇ ଆନନ୍ଦର ଠିକଣା ଖୋଜୁ ଖୋଜୁ ପରିଶେଷରେ ସେମାନେ ଯାଇ ପହଞ୍ଚିଛନ୍ତି ଆନନ୍ଦନଗରରେ ।

ସାଧାରଣତଃ ମଣିଷ କଳ୍ପନା ପ୍ରଣବ । ବେଳେବେଳେ ତାର କଳ୍ପନା ଏତେ ଅଧିକ ହୋଇଯାଏ ଯେ ସେ ବାସ୍ତବ ଦୁନିଆକୁ ପରିତ୍ୟାଗ କରି ଅତି କଳ୍ପନା ଜଗତରେ ଯାଇ ପାଦଥାପେ । ଖୋଜୁଥିବା ପ୍ରସଙ୍ଗଟି ନିଜ ପରିବେଷ୍ଟନୀରେ ନପାଇ ସ୍ୱପ୍ନ ଦେଖିବା ଆରମ୍ଭ କରେ । ଚେତନାର ଅର୍ଦ୍ଧଚେତନ ଓ ଅର୍ଦ୍ଧଅଚେତନ ସ୍ତରରେ ଛାଇ ଆଲୁଅ ଖେଳ ଭିତରେ ନିଜକୁ ପରିକଳ୍ପନା କରେ । ଏକ ନୂତନ ଜଗତରେ ନିଜକୁ ଆବିଷ୍କାର କରେ । ଯେଉଁ ଜଗତ ଆମ ବାସ୍ତବତା ଭିତ୍ତିକ ବିଚାରକୁ ପ୍ରାଧାନ୍ୟ ଦିଏ ନାହିଁ । ଯେଉଁଠି ସବୁକିଛି ଅସମ୍ଭବ, ଅବାସ୍ତବ, ନାମହୀନ, ଆକାରହୀନ, ଅଜ୍ଞାତ, ଅସ୍ୱାଭାବିକ, ଅଦୃଶ୍ୟ, ଅସଂଲଗ୍ନ ଓ ଅପ୍ରତ୍ୟାଶିତ ମନେ ହୁଏ । ନାଟ୍ୟକାର ଶ୍ରୀଯୁକ୍ତ ପାଣିଗ୍ରାହୀ ପ୍ରଥମେ ଭଙ୍ଗା ଡେଣାରେ ପକ୍ଷୀ ଦୁଇଟିକୁ ନେଇ ସେହିପରି ଏକ ପରିକଳ୍ପିତ ଇଲାକା ଆନନ୍ଦନଗରରେ ପହଞ୍ଚାଇ ଦେଇଛନ୍ତି । ସ୍ଥିତିକୁ ଲକ୍ଷ୍ୟକରି ଗାଇଛନ୍ତି –

ISSN NO.
2582-208X

"ଆରେ ଆରେ ଆରେ
ଅନ୍ଧ ରାତିର ପକ୍ଷୀମାନେ
ଡହଳ ବିକଳ ପକ୍ଷୀମାନେ
ଭଙ୍ଗା ଡେଣାର ପକ୍ଷୀମାନେ
ପାହିଲା ପାହିଲା ରାତିର ଖବର ଶୁଣ
ଏଇ ଅବିର ଗାଧୁଆ ସକାଳ ଖବର ଶୁଣ ।"

ଅନ୍ଧାର ରାତିରେ ଆନନ୍ଦର ଉପନିବେଶ ଖୋଜୁଥିବା ଦୁଇଟି ଡହଳ ବିକଳ ପକ୍ଷୀ ବିଶ୍ୱଜିତ ଓ ମୀନାକୁ ନାଟ୍ୟକାର, ଜୀବନରେ ଅନ୍ଧକାର ଅର୍ଥାତ ଅଜ୍ଞାନତାରୁ ଦୂରକରି, ଆଲୋକ ଅର୍ଥାତ ପ୍ରକୃତ ଜ୍ଞାନ ପ୍ରଦାନ କରି, ସକାଳର ଆଭାସ ଦେଇ ଆନନ୍ଦର ସଠିକ ଠିକଣା ରେ ଯିବାକୁ ମାର୍ଗ ଦେଖାଇ ଦେଇଛନ୍ତି । ଜୀବନରେ ଯେଉଁଠି ଆନନ୍ଦ ଥାଏ, ସେଇଠି ଯନ୍ତ୍ରଣା ମଧ୍ୟ ଥାଏ । ଯେଉଁଠି ଆନନ୍ଦ, ସେଇଠି ଆନନ୍ଦ ହରାଇବାର ଭୟ । ଆନନ୍ଦ କ୍ଷୁର୍ଣ୍ଣ ହେଲେ କଷ୍ଟ ଓ ଯନ୍ତ୍ରଣା । ମଣିଷ ଯେଉଁଠୁ ଆନନ୍ଦ ପାଇବ ବୋଲି ଆଶାକରେ, ସେଇଠୁ ହିଁ ଯନ୍ତ୍ରଣାର ଆରମ୍ଭ ହୋଇଯାଏ । ଆନନ୍ଦ ନିଳୟ ଅର୍ଥାତ ଯନ୍ତ୍ରଣା କୋଠରୀ (ଶରୀରର ପରିକଳ୍ପିତ ରୂପ) । ଆନନ୍ଦ ନିଳୟ ଏକ ପରିତ୍ୟକ୍ତ କାଳ୍ପନିକ କୋଠଘର । ଅନ୍ଧାର ଓ ଅଳନ୍ଧୁରେ ଭରପୂର, ନା ସେଠି ଅଛି ଝରକା, ନା ଅଛି ଦୁଆର । ଚଳିବା ପାଇଁ ନା ଅଛି ଆସବାପତ୍ର, ନା ଅଛି ବ୍ୟକ୍ତିଗତ ଗୋପନୀୟତା । ଭିକାରୀ ସହ ଆନନ୍ଦନଗରରେ ରହିବା ପାଇଁ ଘର ଖୋଜୁ ଖୋଜୁ ସେମାନେ ଆସି ପହଞ୍ଚିଛନ୍ତି ମେଘନାଦ ସାମନ୍ତଙ୍କ ଆନନ୍ଦ ନିଳୟରେ । ଆନନ୍ଦ ନିଳୟରେ ପହଞ୍ଚିବା ମାତ୍ରେ ବିଶ୍ୱ ଓ ମୀନାର ପ୍ରକୃତ ଯନ୍ତ୍ରଣା ଆରମ୍ଭ ହୋଇଛି । ବର୍ତ୍ତମାନ କଷ୍ଟକର ମନେହେବାରୁ ସେମାନେ ଅତୀତକୁ ଝୁରି ହୋଇଛନ୍ତି । ଆନନ୍ଦ ନିଳୟରେ ସେମାନେ ଅଣନିଶ୍ୱାସୀ ଅନୁଭବ କରିଛନ୍ତି । ସେଠାରୁ ଅତି ଶୀଘ୍ର ଚାଲିଯିବାକୁ ପ୍ରସ୍ତୁତ ହୋଇଛନ୍ତି । ସେମାନେ ବୁଝିପାରି ନାହାନ୍ତି ଆନନ୍ଦନିଳୟ ଏକ ନିବୁଜ କୋଠରୀରେ ଆନନ୍ଦର ଆଭାସ । ବାହାର ପୃଥିବୀ ଠାରୁ ବିଚ୍ଛିନ୍ନ ଏକ ଏକାନ୍ତ ପରିବେଶ । କେବଳ ନିଜ ଭିତରେ ନିଜକୁ ଖୋଜିବା ପାଇଁ ଏଇ ଘର ତିଆରି । ତେଣୁ ସେମାନେ ଆନନ୍ଦ ଆଉ ଦରକାର ନହିଁ ଭାବି ବୁଲବୁଲ ଆଖିରେ ଧୂଳିଦେଇ ଆନନ୍ଦ ନିଳୟରୁ ଖସି ପଳାଇଯିବା ପାଇଁ ପ୍ରୟାସ କରିଛନ୍ତି ।

ISSN NO.
2582-208X

ବୁଲବୁଲ ଆନନ୍ଦନିଳୟର ଜଗୁଆଳ । ହାତରେ ଲଣ୍ଠନ ଓ ଲାଠି ଧରି କାହିଁ କେବେଠାରୁ ମେଘନାଦ ସାମନ୍ତଙ୍କ ଆଜ୍ଞାରେ ବସି ରହିଛି ଏକ ବାମ୍ଫି ମୁଣ୍ଡରେ । ମଣିଷ ମନରେ ଯେତେବେଳେ ଦ୍ୱନ୍ଦ୍ୱ ଆସେ । ଆନନ୍ଦ ଖୋଜିବାର ବିରାଟ ଆଶା ଧସେଇ ପଡେ । ସେତେବେଳେ ସେ ଆସି ହାଜିର ହୋଇଥାଏ । ହାତରେ 'ଲଣ୍ଠନ' ଅର୍ଥାତ 'ଆଲୋକ'ର ପଥ ସେ ଦେଖାଏ ଏବଂ 'ଲାଠି' ଅର୍ଥାତ 'ଶାସନ ବା ଦଣ୍ଡ' ଦ୍ୱାରା ମଣିଷର ବିଚ୍ୟୁତ ମନକୁ ସେ ଶାସିତ କରେ । ମନେ ହୁଏ ମଣିଷ 'ମନ'ର ଏକ ପରିକଳ୍ପିତ ରୂପ ବୁଲୁବୁଲ । ଯେଉଁଠି ବାଟ ଭୁଲି ମଣିଷ ଅମଡା ବାଟରେ ଯାଏ, ସେଇଠି ସେ ଆସି ତାଗିଦ କରେ । ଚାରିପାଖର ବାତାବରଣ ଯେତେବେଳେ ଅସ୍ୱାଭାବିକ ହୋଇଯାଏ, ସେତେବେଳେ ବୁଲବୁଲର ପାଟି ବାଟେ ପେଟ ଭିତରକୁ ମୂଷାଟିଏ ପଶିଯାଏ । ଆନନ୍ଦ ନିଳୟର ମୂଷା ଅର୍ଥାତ 'ଯନ୍ତ୍ରଣା' । ସେ ମୂଷାଟି ତା ପେଟ ଭିତରେ ଗାତ ଖୋଳି ତାକୁ କଷ୍ଟ ଦିଏ । କାରଣ ସଂସାରର ସବୁଯାକ ଯନ୍ତ୍ରଣାକୁ ସେ ନିଜର କରିଛି । ତାର ଏକମାତ୍ର ଲକ୍ଷ୍ୟ ସଂସାରରେ ସମସ୍ତେ କିପରି ଆନନ୍ଦରେ ରହିବେ । ତେଣୁ ବିଶ୍ୱଜିତ ଓ ମୀନାର ବିଚ୍ୟୁତ ମନକୁ ମଧ୍ୟ ସେ ଶାନ୍ତ କରାଇଛି । ଆନନ୍ଦର ଅତି ପାଖକୁ ଆସି ପୁଣି ଫେରିଯିବାକୁ ବସିଥିବା ଅବାଧ୍ୟ ମନକୁ ସେ ପାଇ ନପାଇବାର ଯନ୍ତ୍ରଣା ସହ ହୃଦବୋଧ କରାଇଛି । ବିଶ୍ୱଜିତ ଓ ମୀନାକୁ ଆନନ୍ଦ ନିଳୟରେ ଅଟକାଇ ରଖିବା ପାଇଁ ଅଶେଷ ଚେଷ୍ଟା କରିଛି ଏବଂ ସଫଳ ମଧ୍ୟ ହୋଇଛି । ସେ ସେମାନଙ୍କୁ ବୁଝାଇ ଦେଇଛି, ଆନନ୍ଦ ନିଳୟରେ ବିଷ ନାହିଁ, ଭୟ ନାହିଁ । ଏଇଠି ସବୁ ଅମୃତ, ସବୁ ସୁନ୍ଦର ଏବଂ ଆନନ୍ଦମୟ ।

ଚନ୍ଦନ ପ୍ରହରାଜ ନାଟକର ଅନ୍ୟ ଏକ କାଳ୍ପନିକ ଚରିତ୍ର । ଶୂନ୍ୟତାକୁ ଭାବ ସମୁଦ୍ର ମନେକରି ସେ କେବଳ ମାଛ ଧରନ୍ତି । ସେ କୁହନ୍ତି – ''ମାଛ ଧରୁଛି , ବିକ୍ଷୁବ୍ଧ ସମୁଦ୍ରଠାରୁ ନିଷ୍ଚଳ ଏହି କୋଠାରୀ ପର୍ଯ୍ୟନ୍ତ..... ଦିନର ଅଲୁଅଠାରୁ ରାତିର ଅନ୍ଧାରକୁ ଏକାକରି ମୁଁ ଶିକାର କରୁଛି । ମାଛ ଶିକାର । ''ସେହି ମାଛମାନଙ୍କୁ ଅର୍ଥାତ 'ଆନନ୍ଦ ସନ୍ଧାନକାରୀ' ମାନଙ୍କୁ ଧରିଆଣି ଆନନ୍ଦ ପାଖରେ ପହଞ୍ଚାଇବାର ଅହରହ ଚେଷ୍ଟା କରନ୍ତି । ସେଥିପାଇଁ ସେ fisherking । କିନ୍ତୁ ଆନନ୍ଦ ତାଙ୍କ ପାଇଁ ସର୍ବଦା ଅପହଞ୍ଚ । ସେ ଏପରି ଏକ ମଣିଷ ନିର୍ଦ୍ଧାରିତ ସତ୍ୟଠାରୁ ଦୂରେଇଯିବାକୁ ପ୍ରୟାସ କରିଥାନ୍ତି । ସେ ଆନନ୍ଦନିଳୟକୁ ଆସିବା ପରେ ମୀନା ଓ ବିଶ୍ୱଜିତ ବୁଝିପାରିଛନ୍ତି କାମନା ପୂର୍ତ୍ତିଠାରୁ ଆନନ୍ଦର ସଂଜ୍ଞା ବୃହତ୍ତର । ଯୌନ କାମନାକୁ ଚରିତାର୍ଥ କରିବା ସର୍ବଶ୍ରେଷ୍ଠ ଆନନ୍ଦ ନୁହେଁ ।

ISSN NO.
2582-208X

ସୁବିନୟ (ମୀନାର ପ୍ରେମିକ) ସେ ମୃତ । କିନ୍ତୁ ନାଟ୍ୟକାରଙ୍କ କଳ୍ପନାରେ ତାର ଆତ୍ମା ଜୀବିତ । ତେଣୁ ମୃତ୍ୟୁ ପରେ ମଧ୍ୟ ସେ ଆସିଛି ଆନନ୍ଦ ଖୋଜିବା ପାଇଁ । ଜୀବନରେ ପାଇଥିବା ଶକ୍ତ ଆଘାତକୁ ମୂଳୁ ପୋଛି ଶାନ୍ତିରେ ଟିକେ ନିଶ୍ୱାସ ମାରିବା ପାଇଁ । ନିଜ କଫିନରେ କଣ୍ଟା ବାଡେଇ ବାଡେଇ ଆନନ୍ଦ ଖୋଜି ଖୋଜି ସେ ପହଞ୍ଚିଛି ଆନନ୍ଦ ନଗରର ଆନନ୍ଦ ନିଳୟରେ । ସେ ଆନନ୍ଦ ନିଳୟରେ ପହଞ୍ଚିବା ପରେ ନାଟକରେ ଉତ୍କଣ୍ଠା ତୀବ୍ର ହୋଇଛି । କାରଣ ସେ ବିଶ୍ୱଜିତ ଆଗରେ ମୀନାର ଅତୀତ ରହସ୍ୟ ଉନ୍ମୋଚନ କରିଛି । ମୀନାକୁ ଭୁଲେଇ ତାର ଅଜାଣତରେ ତାକୁ ଏକ ଅନ୍ତହୀନ ବୃତ୍ତାକାର ସ୍ଥାନକୁ ନେଇଯାଇଛି। ମୀନାର ଅଚେତନ ମନରେ ସାଇତା ପୁରୁଣା ପ୍ରେମର ପୁରୁଣା ସ୍ମୃତି ଆଖି ଆଗରେ ଝଲସି ଉଠିଛି । ମୀନାର ମନ ଆନ୍ଦୋଳିତ ହୋଇଛି ଏବଂ ସେ ନିଦ ବାଉଳାରେ ବିଶ୍ୱଜିତକୁ ଏକୁଟିଆ ଛାଡିଦେଇ ଏକାଏକା ଆନନ୍ଦ ଖୋଜିବା ପାଇଁ ଚାଲିଯାଇଛି। ନାଟ୍ୟକାର ଅତି ସ୍ୱଷ୍ଟଭାବେ ବୁଝାଇ ଦେଇଛନ୍ତି ନିଜ ସ୍ୱାର୍ଥ ହାସଲ ପାଇଁ ମଣିଷ ଏଣ୍ଡୁଅ ପରି ବାରମ୍ବାର ନିଜର ରଙ୍ଗ ବଦଳାଇ ପାରେ।

ଉଚ୍ଚ ଶିକ୍ଷା ଗ୍ରହଣ କରି ଆଧୁନିକ ହେବା ଖରାପ ନୁହେଁ, କିନ୍ତୁ ଉଚ୍ଚଶିକ୍ଷା ପାଇ ନିଜେ ନିଜକୁ ସର୍ବେସର୍ବା ମନେ କରିବା ଭୁଲ ଅଟେ। ସେହିପରି ଅନ୍ୟର ସଂସ୍କୃତି, ପରମ୍ପରାକୁ ଆପଣେଇବା ମନ୍ଦ ନୁହେଁ, କିନ୍ତୁ ନିଜର ସଂସ୍କୃତିକୁ ଘୃଣାକରିବା ନିନ୍ଦନୀୟ ଅଟେ। ବିଶ୍ୱଜିତ ଓ ମୀନା ଦୁହେଁ ଆଧୁନିକତାର ପ୍ରତୀକ। ପାଶ୍ଚାତ୍ୟ ସଂସ୍କୃତିର ଭୂତ ତାଙ୍କ ମୁଣ୍ଡକୁ ଏପରି କବଳିତ କରିଛି ଯେ, ସେମାନେ ଭାରତୀୟ ସଂସ୍କୃତିକୁ ନିମ୍ନ ମନେ କରିଛନ୍ତି। ନିଜ ଆଭିଜାତ୍ୟକୁ ଦେଖେଇବାକୁ ବିଶ୍ୱଜିତ ମୀନାକୁ କହିଛି, 'Be pragmatic, Don't behave like an Indian.' ଜୀବନକୁ ଆଡ଼ମ୍ବର ସହକାରେ ସେମାନେ ଉପଭୋଗ କରିଛନ୍ତି। ନିଶାସକ୍ତ ହୋଇ, ଦୈହିକ ସୁଖକୁ ପ୍ରକୃତ ଆନନ୍ଦ ବୋଲି ଭାବିଛନ୍ତି। ତେଣୁ ଯେତେବେଳେ ସେମାନେ ଆନନ୍ଦ ନିଳୟରେ ପହଞ୍ଚିଛନ୍ତି, ସେଠାକାର ରୁଦ୍ଧ କୋଠରୀ ଏବଂ ବାତାବରଣରେ ସେମାନେ ଅଣନିଃଶ୍ୱାସୀ ଅନୁଭବ କରିଛନ୍ତି। ନିଜ ଟଙ୍କା, ପ୍ରତିଷ୍ଠା, ଯୌବନରେ ସେମାନେ ସଂସାରର ସମସ୍ତ ପ୍ରକାର ସୁଖ କିଣିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ କେଉଁଠି ହେଲେ ବାସ୍ତବ ଆନନ୍ଦ ପାଇପାରି ନାହାନ୍ତି। ଆଧୁନିକ ନାରୀ ମୀନା ଟଙ୍କା ଲୋଭରେ ପ୍ରେମିକ ସୁବିନୟକୁ ଛାଡ଼ି ଶିଳ୍ପପତି ବିଶ୍ୱଜିତକୁ ବିବାହ କରିଛି। ନିଜର ଦେହର ବନ୍ଦରରେ ଅନେକ ସାମ୍ରାଜ୍ୟକୁ

ISSN NO.
2582-208X

ବନ୍ଦୀକରି ସୁଖ ପାଇବାକୁ ଆଶା କରିଛି । ସୁଡ଼ଙ୍ଗ ଭିତରେ ପଶିବାବେଳେ ସେ କହିଛି, ଆମକୁ କାହିଁକି ଭାରତୀୟ ହେବାକୁ କହୁଛ, ଗୋଟିଏ ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ କରିଦେବାକୁ ଚାହୁଁଛ, ଆମେ ଆନ୍ତର୍ଜାତିକ ମଣିଷ, ଆମେ ଏସବୁକୁ ସ୍ୱୀକାର କରିବୁ ନାହିଁ ।

ଆନନ୍ଦନିଳୟରେ ଏକ ସୁଡଙ୍ଗ ଅଛି । ସେହି ସୁଡଙ୍ଗ କେତେ ଭିତରକୁ ଲମ୍ବିଛି କେହି ଜାଣନ୍ତିନି । ସେଠି ଖାଲି ଅନ୍ଧକାର । ରହସ୍ୟମୟ ସେହି ସୁଡଙ୍ଗ । ସେଥିପାଇଁ ସେହି ରହସ୍ୟଟା ସମସ୍ତଙ୍କୁ ଆକର୍ଷିତ କରେ । ଯାହା ଭିତରେ ଖାଲି ଅନ୍ଧକାର ଏବଂ ଶୂନ୍ୟତା । ବାକି ଖୋଜିପାରିଲେ ପ୍ରକୃତ ଆନନ୍ଦ ସେହି ଭିତରୁ ମିଳିଯାଏ । ସୁଡଙ୍ଗ ଅର୍ଥାତ 'ଶରୀରର ଅନ୍ତପ୍ରଦେଶ'ର ପରିକଳ୍ପିତ ରୂପ । ମେଘନାଦ ସାମନ୍ତ ବିଶ୍ୱଜିତ ଓ ମୀନାକୁ ସେହି ସୁଡଙ୍ଗ ଭିତରକୁ ଯିବାର ମାର୍ଗ ଦେଖାଇ ଦେଲେ; କିନ୍ତୁ ଯେତେବେଳେ ସେମାନେ ସୁଡଙ୍ଗ ମଧ୍ୟକୁ ପ୍ରବେଶ କରନ୍ତି, ସୁଡଙ୍ଗର ବାତାବରଣରେ ସେମାନେ ଧୈର୍ଯ୍ୟହରା ହୋଇ ଚିତ୍କାର କରିଛନ୍ତି। ସୁଡଙ୍ଗ ମଧ୍ୟକୁ ଯିବାକୁ ପ୍ରତିବାଦ କରିଛନ୍ତି । କାରଣ ସୁଡଙ୍ଗ ମଧ୍ୟରୁ ସେମାନେ ଆଶା କରୁଥିବା ଆନନ୍ଦ ପରିବର୍ତ୍ତେ କଦର୍ଯ୍ୟ ପୂତଗନ୍ଧ ମିଳିଛି । ସେହି ସମୟରେ ମେଘନାଦ ସାମନ୍ତ ତାଙ୍କୁ ସୁଡଙ୍ଗର ତତ୍ତ୍ୱ ସମ୍ବନ୍ଧରେ ବୁଝାଇଛନ୍ତି - ସେ କହିଛନ୍ତି, "ମଣିଷର ଅତୀତ ଆବର୍ଜନାର ସୁଡଙ୍ଗ । ବର୍ତ୍ତମାନ ବିଶ୍ୱାସ ହୀନତାର ଶୂନ୍ୟତାର ସୁଡଙ୍ଗ ଏବଂ ଭବିଷ୍ୟତ ଅର୍ଥ ପ୍ରାଚୁଯ୍ୟଭୋଗବିଳାସ ସବୁର ପ୍ରତୀକ ସେଇ ସୁଡଙ୍ଗ ।" ଆନନ୍ଦ ପାଇବାକୁ ହେଲେ ସେଇ ଆତ୍ମାର ସୁଡଙ୍ଗ ଭିତରକୁ ଯିବାକୁ ପଡିବ । ପରିଶେଷରେ ସେମାନେ ସୁଡଙ୍ଗ ଭିତରେ ପ୍ରବେଶ କରି ଅର୍ଥ ନିଜକୁ ଚିହ୍ନି ଜୀବନର ପ୍ରକୃତ ଆନନ୍ଦକୁ ଉପଲବ୍ଧି କରିବାରେ କୃତକାର୍ଯ୍ୟ ହୋଇ ପଡ଼ିଛନ୍ତି ।

ମେଘନାଦ ସାମନ୍ତ ଆନନ୍ଦ ନିଳୟର ମାଲିକ ଅଟନ୍ତି । ମୁଣ୍ଡରେ ରତ୍ନଖଚିତ ମୁକୁଟ, ଗଳାରେ ନବରତ୍ନ ଚନ୍ଦ୍ରହାର, ହାତରେ ଦା, ବରଗଛ ଓହଳ ପରି କାନ୍ଧଯାଏ କେଶରାଶି । ରାମାୟଣର ମେଘନାଦ ପାରି ଏକ ବିକୃତ ଚରିତ୍ର । କିନ୍ତୁ ନାଟ୍ୟକାରଙ୍କ ମତରେ ମେଘନାଦ ସାମନ୍ତ ସିଏ, ଯିଏ ଆମକୁ ଦେଖିବା ଆଗରୁ ଆମକୁ ଜାଣିଛନ୍ତି, ଆମେ ଦେଖେଇ ହେବା ପୂର୍ବରୁ ଆମ ଭିତରକୁ ଦେଖିଛନ୍ତି । ବାସ୍ତବରେ ଦେଖିବାକୁ ଗଲେ ମେଘନାଦ ସାମନ୍ତ 'ଭାଗ୍ୟ' (destiny )ର ପରିକଳ୍ପିତ ରୂପ । ସେ ଏକ ଅଭିଶପ୍ତ ରାଜବଂଶର ଉଆସର ସୁଡଙ୍ଗ ପାଖରେ ବସି ତପସ୍ୟା କରୁଥାନ୍ତି । ସେ ସବୁ ମାୟାରୁ

ISSN NO.
2582-208X

ଊର୍ଦ୍ଧ୍ୱରେ । ଜୀବନଯାକ ଆନନ୍ଦର ଫର୍ମୂଲା ଖୋଜୁଛନ୍ତି । ତାଙ୍କର ଏକମାତ୍ର ଲକ୍ଷ୍ୟ ଏ ପୃଥିବୀ ଦୁଃଖ ଓ ଶୋକରୁ ମୁକ୍ତ ହେଉ । ଏ ଜୀବନ ଆନନ୍ଦମୟ ହେଉ । ଏ ମଣିଷ ସ୍ନାୟୁର ଶିହରଣକୁ ଆନନ୍ଦ ମନେକରି ଚିରଦିନ ଅନ୍ଧାରର ବିବର ଭିତରକୁ ଖସି ନଯାଉ । ମୀନା ଓ ବିଶ୍ୱଜିତର ଅବସ୍ଥା ଦେଖି ସେ ନାଟକର ଶେଷରେ ନିର୍ଦ୍ଧାରଣ କରିଛନ୍ତି, ସେମାନଙ୍କୁ ଆନନ୍ଦର ଉଚିତ ସଂଜ୍ଞା ପ୍ରଦାନ କରିବେ । ସେ ସେମାନଙ୍କୁ ଜୀବନର ଅର୍ଥ ଏବଂ ଜୀବନର ମୂଲ୍ୟ ବୁଝାଇ ଆନନ୍ଦର ସ୍ୱରୂପ ସମ୍ବନ୍ଧରେ ସମ୍ୟକ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆନନ୍ଦ ଖୋଜିବା ପୂର୍ବରୁ ନିଜର ଅହଂଭାବ ସ୍ୱାର୍ଥପରତାକୁ ବଳିଦେବାକୁ ପଡିବ । ସ୍ନାୟୁର ଉତ୍ତେଜନାକୁ ଶୀତଳ କରିବାକୁ ପଡିବ । କାମ, ପ୍ରେମ, ମମତାକୁ ଜଳାଞ୍ଜଳି ଦେବାକୁ ପଡିବ । ନିରସ୍ତ୍ରୀକରଣ ଆନନ୍ଦ ପାଇବାର ପ୍ରଥମ ସୋପାନ । ପୂର୍ଣ୍ଣ ଆତ୍ମ ସମର୍ପଣ ହିଁ ସର୍ବଶ୍ରେଷ୍ଠ । ଅନ୍ୟଠାରୁ ଛଡାଇ ନେବାରେ ନୁହେଁ, ବରଂ ଅନ୍ୟକୁ ଦେବାରେ ପ୍ରକୃତ ଆନନ୍ଦ ଥାଏ । ପାଇବାରେ ନୁହେଁ, ବରଂ ସକଳ ମୋହ , ମାୟା, ଲୋଭ, ଆସକ୍ତ ଭାବକୁ ପରିତ୍ୟାଗ କରି ନିଜେ ନିଜକୁ ଚିହ୍ନି ନିଜ ଭିତରେ ଖୋଜିଲେ ଆମେ ଅସଲ ଆନନ୍ଦକୁ ପାଇବାରେ ସକ୍ଷମ ହୋଇପାରିବା ।

ମଣିଷର ଭାଗ୍ୟ କେତେବେଳେ ମଣିଷକୁ ସଂସାରର ସର୍ବସୁଖ ଦିଏ ତ କେତେବେଳେ ଦୁଃଖର ଢେଉ ତା'ଉପରକୁ ଓଜାଡ଼ି ଦିଏ । ତେଣୁ ମଣିଷ ସବୁବେଳେ ଭାଗ୍ୟ ଉପରେ ବିଶ୍ୱାସ ନକରି ପରିସ୍ଥିତିକୁ ଦେଖି କର୍ମ କରିବା ଉଚିତ । କାରଣ ବେଳେବେଳେ ମଣିଷର କର୍ମ ହିଁ ତା' ଭାଗ୍ୟକୁ ବଦଳାଇ ଦେଇପାରେ । ତା'ର ଦୁଃଖକୁ ସୁଖରେ ପରିବର୍ତ୍ତନ କରିପାରେ । ଆଲୋଚ୍ୟ ନାଟକରେ ନାଟ୍ୟକାର ଅନେକ ସ୍ଥଳରେ ଭାଗ୍ୟବାଦ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଭିକାରୀ ଚରିତ୍ର ମାଧ୍ୟମରେ ସେ ଅତି ସରଳ ଭାବେ ଭାଗ୍ୟର ମହତ୍ତ୍ୱକୁ ବୁଝାଇ ଦେଇଛନ୍ତି । ସେ କହିଛନ୍ତି, ଜୀବନରେ ଯାହା ଘଟେ ସବୁକିଛି ଭାଗ୍ୟର କଥା । ମଣିଷ ଯାହା ଖୋଜେ, ତାକୁ ତାହା ମିଳେନି । ବେଳେବେଳେ ନଖୋଜି ମଧ୍ୟ ଅନେକ କିଛି ଆପେ ଆପେ ମିଳିଯାଏ । ଆଉ କେତେ ଲୋକ ହାତ ପାଆନ୍ତାରେ ଖୋଜିବା ଜିନିଷ ପାଇ ମଧ୍ୟ ତାକୁ ହରେଇ ଥାଆନ୍ତି । ତେଣୁ ଭାଗ୍ୟରେ ଯାହା ଥିବ ତାକୁ ଆଦରିନେବା ଉଚିତ, କିନ୍ତୁ ନିଜ କର୍ମପଥରୁ କେବେ ବିଚ୍ୟୁତ ହେବା ଉଚିତ ନୁହେଁ । ଏହା ଶୁଣିବା ପରେ ବିଶ୍ୱଜିତ ଓ ମୀନା ନିଜ ମନକୁ ବୁଝାଇ ଆନନ୍ଦ ନଗରରେ ରାତିଟା କଟାଇବା ପାଇଁ ରାଜି ହୋଇଛନ୍ତି ।

ISSN NO.
2582-208X

ସେହିପରି 'ଚିନାବାଦାମ'ର ତତ୍ତ୍ୱ ବୁଝାଇବା ବେଳେ ନାଟ୍ୟକାର କହିଛନ୍ତି-ଚିନାବାଦାମ ଯଦି 'ଜୀବନ' ର ଏକ ସ୍ୱରୂପ ହୁଏ, ତେବେ କାହା ଭାଗ୍ୟରେ କେଉଁ ମଞ୍ଜି ମିଳିବ ତାହା ଭାଗ୍ୟର କଥା, କର୍ମ ଘେନି ଫଳ । ଚିନାବାଦାମକୁ ଭାଜି ଥଣ୍ଡା କରି ତା ଖୋଳଟିକୁ ଛଡ଼ାଯାଏ । ମଣିଷ ଶରୀରର ଚର୍ମ ପରି ଚିନାବାଦାମର ଚୋପା । ଚୋପା ଛଡେଇଲେ ମଞ୍ଜି ବାହାରେ । ମଞ୍ଜିକୁ ହାତରେ ମଣ୍ଡାହୁଏ । ତାପରେ ବାହାରିବ ଅମୃତ ବିଷ ମଧ୍ୟ ବହାରିପାରେ । ସବୁକିଛି ଭାଗ୍ୟର କଥା । ଆତ୍ମା ଯଦି ପୋକଖିଆ ହୋଇଥବ, ତେବେ ଖରାପ ମଞ୍ଜି ବାହାରିବ । ପାପୀଙ୍କ ଭାଗ୍ୟରେ ପୋଡ଼ା ଓ କଳା ମଞ୍ଜି । ଭାଗ୍ୟ ଟାଣ ହୋଇଥିଲେ ଅମୃତ ପରି ଦୁଧିଆଳୀ ମଞ୍ଜି ମଧ୍ୟ ବହାରିପାରେ । ନାଲିଆ ଚୋପାଟିକୁ ଛଡ଼ାଇ ଦୁଧିଆଳୀ ମଞ୍ଜିଟି ଛଡାଇ ଖାଇଲେ ଆନନ୍ଦ ମିଳେ ।

ଆନନ୍ଦ ନଗରରେ ଆନନ୍ଦ ଅନ୍ୱେଷଣ କରୁକରୁ ନାଟ୍ୟକାର ମୀନା ଓ ବିଶ୍ୱଜିତ ମାଧ୍ୟମରେ ଆନନ୍ଦର ପ୍ରକୃତ ଅର୍ଥକୁ ବେଶ୍ ଚିତ୍ତାକର୍ଷକ ଭାବେ ଉପସ୍ଥାପିତ କରିଛନ୍ତି । ସୁଖୀ ଜୀବନର ଗୁଢ଼ ମନ୍ତ୍ର ପ୍ରଦାନ କରିଛନ୍ତି । ବାସ୍ତବତା ଓ ଅତିକଳ୍ପନା ସଂଯୋଗରେ ନିଜର ମୌଳିକତା ପ୍ରତିପାଦିତ କରି ସେ ପ୍ରାଞ୍ଜଳ ଭାବରେ ବୁଝାଇ ଦେଇଛନ୍ତି ଯେ, କସ୍ତୁରୀ ମୃଗ ରୂପୀ ମାନବଜାତି ବାହାର ଦୁନିଆରେ ଆଉଟୁ ପାଉଟୁ ହୋଇ ଆନନ୍ଦ ଯେତେ ଖୋଜିଲେ ମଧ୍ୟ କେବେ ପାଇ ନଥାଏ ।କାରଣ କସ୍ତୁରୀର ମନମୁଗ୍ଧକର ବାସ୍ନା ବାହାରେ ନୁହେଁ ବରଂ କସ୍ତୁରୀ ମୃଗର ନିଜ ନାଭି ମଧ୍ୟରୁ ହିଁ କ୍ଷରିତ ହୋଇଥାଏ । ତେଣୁ ଆଜିର ମାନବଜାତି ନିଜର ସମସ୍ତ ଦୁର୍ଗୁଣକୁ ପରିହାର କରି ନିଜକୁ ବୁଝିବାକୁ ଚେଷ୍ଟା କଲେ,ନିଜ ଅସ୍ତିତ୍ୱ ସମ୍ବନ୍ଧରେ ଜ୍ଞାତ କଲେ,ନିଜର ଅହଂଭାବ ତଥା ସମସ୍ତ ମୋହ, ମାୟା, ଆସକ୍ତ ଭାବକୁ ତ୍ୟାଗକଲେ ଯାଇ ନିଜ ଭିତରେ ହିଁ ପ୍ରକୃତ ଆନନ୍ଦକୁ ଖୋଜି ପାଇବାରେ ସମର୍ଥ ହୋଇପାରିବେ ।

ସହାୟକ ଗ୍ରନ୍ଥସୂଚୀ :

୧) ଦାସ ସର୍ବେଶ୍ୱର, ଓଡିଆ ନାଟ୍ୟ ସାହିତ୍ୟ, ଓଡିଶା ରାଜ୍ୟ ପାଠ୍ୟ ପୁସ୍ତକ, ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ଦ୍ୱିତୀୟ ସଂସ୍କରଣ-୧୯୯୪ ।

ISSN NO.
2582-208X

୨) ପାଣିଗ୍ରାହୀ ରମେଶ, ଆନନ୍ଦ ନଗରକୁ ଯାତ୍ରା, ତାରା ତାରିଣୀ ପୁସ୍ତକାଳୟ, ବ୍ରହ୍ମପୁର, ଦ୍ୱିତୀୟ ସଂସ୍କରଣ-୧୯୯୩ ।

୩) ପାଣିଗ୍ରାହୀ ରମେଶ, ମୁକ୍ତଧାରାର ନାଟକ, ଓଡିଆ ନାଟକର ଭାବକଳ୍ପ ଓ ରୂପବିନ୍ୟାସ, ଫ୍ରେଣ୍ଡ୍ସ ପବ୍ଲିଶର୍ସ, ପ୍ରଥମ ସଂସ୍କରଣ-୨୦୧୬ ।

୪) ପ୍ରଧାନ କୃଷ୍ଣଚନ୍ଦ୍ର, ଚର୍ଚ୍ଚି ବାୟାମନୁ, ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ ସ୍ରଷ୍ଟା ଓ ସୃଷ୍ଟି ।ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ -୨, ପ୍ରଥମ ସଂସ୍କରଣ-୨୦୧୩।

ଓଡିଆ ଅଧାପିକା
ପତିତପାବନ ମହାବିଦ୍ୟାଳୟ, ସାଇଁକୁଳ, କେନ୍ଦୁଝର
ଯୋଗାଯୋଗ : ୬୩୭୨୬୧୪୨୦୨

ISSN NO.
2582-208X



# ଦୁବ



ସୁଧୀର ମେହେର

ପ୍ରତିବାଦ କରୁନ
ସବୁକଛି ମୁଣ୍ଡପାତି ସହି ନେଉଛି ବୋଲି
ଦୁର୍ବଳ ଭାବୁଛ କ ମୋତେ!

ଜାଣେ,
ସହି ନେବା ଠାରୁ ବଳ ବଡ ଧର୍ଯ୍ୟ ନାହିଁ
କ ନୀରବତା ଠାରୁ ବଳ
କଛି ପ୍ରାର୍ଥନା ନାହିଁ  ଏଇ ଦୁନଆରେ ।।

ମାନୁଛି,
ଆକାଶକୁ ହାତ ଲମ୍ବେଇବାର
ସାମର୍ଥ୍ୟ ହୁଏତ ମୋର ନାହିଁ,
ନାହିଁ ବି କାହାକୁ ରେ୍କ ପାରିବାର କ୍ଷମତା...
ଅଥଚ....ବିନା ପ୍ରତିବାଦରେ ସହିଯିବାକୁ
ଛାତିତଳେ ସାଇତି ରଖିଛି ଅସୀମ ଧର୍ଯ୍ୟ,
ତେଣୁଁ ତ ପ୍ରବଳ ଘୂର୍ଣ୍ଣିବାତ୍ୟା, ଝଡ ତୋଫାନ,

ISSN NO.
2582-208X

କ ଅଣଗ୍ଣଶ ପବନ ....
ସଭିଏଁ ପଗ୍ରହତ
ମୋ ଅଟଳ ଯିଦ୍ ପାଖରେ ।।

କାହା ପ୍ରତି ନଷ୍ଟୁର ହେବା
ମୋ ଜନ୍ମ ଜାତକରେ ନାହିଁ,
ବରଂ ଯେତେଦୂର ସମ୍ଭବ
ସଭିଙ୍କୁ ନରମ ପରଶ ଦେଇ
ଆଲିଙ୍ଗି ନେଇଛି ଆପଣା ଛାତିରେ....

ନଂପୁସକତା କ ଦୂର୍ବଳତାର ଆଖ୍ୟା
ଦିଅନ ଯମା,
ବରଂ କହିପାର
ଏ ମୋର ବିନମ୍ରତା ।।

ଚର୍ଚ୍ଚେଗୁଡା, ଜୁନାଗଡ଼,
କଳାହାଣ୍ଡି,ପିନ୍-୭୬୬୦୧୪
ସଂପର୍କ-୯୫୮୩୫୮୮୮୭

ISSN NO.
2582-208X

# ବୋଉ



ସୁଲତା ସାହୁ

କୋଉ ଶବ୍ଦର ପରିଭାଷା ତୁ
କୋଉ ଭାଷାର ବ୍ୟାକରଣ
କୋଉ ତୂଳୀରେ ଅଙ୍କିବି ତୋ ଛବି
କୋଉ କାଳରେ ଦେବି ତତେ ରଙ୍ଗ
କେବେ ତୁ ସାହିତ୍ୟ ଭଳି ଅତ୍ୟନ୍ତ ସରଳ
ପୁଣି କେବେ ଜଟିଳ ମାନସାଙ୍କ ତୁ
ପୁସ୍ତକ ଭିତରେ ଗପ ବହି ମୋର
ଯପାମାଳୀ ତୁ ମୋର କଣ୍ଠି ତୁଳସୀ
ସାଗର ଠାରୁ ବି ଅତି ଗଭୀର ତୁ
ଆକାଶ ଠାରୁ ବି ତୁ ବିଶାଳ ବିସ୍ତୃତ
ଅମୃତ ଠାରୁ ବି ଅମୂଲ୍ୟ ସୁସ୍ୱାଦୁ
ମହୁ ଠାରୁ ବି ତୁ ଆହୁରି ମିଠା
ଦେବୀ ରୂପେ ମାତୃଶକ୍ତ ତୁ
ବାଗଦେବୀ ମୋର ତୁ ବୀଣାପାଣି
ତୁ ମୋର ଦେବକୀ ତୁ ମୋର ଯଶୋଦା
ମୁଁ ଯେ ତୋହର ଗେଲ୍ହୀ ଦୁଲଣୀ
ଏତେ ବିଚକ୍ଷଣତା ଏତେ ଗଭୀରତା
ତୋ ଭଳି ତ କେହି ଜଗତେ ନାହିଁ
ବୋଉ ମୋର ତୁହି ସରଗ ସୁଷମା
ତୋ କୋଳର ସୁଖ ଅଛି ବା କାହିଁ ?

ISSN NO.
2582-208X

ତୋ ହାତ ରନ୍ଧା ବାସୀ ପଖାଳ ବି
ଅମୃତ ମଣୋହି ଆମରି ପାଇଁ
ଘିଅ ଭାତ ବି ଅରୁଚ ଲାଗେ
ପରଶ ତୋହର ନଥିଲେ ତହିଁ
ପଣତ କାନ ତୋ ଶୀତ ବାରେଣୀ ମୋ
ମୋଟା କମଳ ରେ ସେ ସୁଖ କାହିଁ ?
ତୁ ଥିଲେ ପାଖେ ମୋ ସବୁ ପରିପୂର୍ଣ୍ଣ
ତୋ ଅଭାବରେ ଲାଗେ ଶୂନ୍ୟତା ଖାଲି
ଗହଳ ଚହଳ ସବୁ ତୋର ପାଶେ
ଏକା ମୁଁ ଯେ ଆଜି ଶୁଷ୍କ ମରୁଭୂମି
ବାପା ମୋର ତୁହି ମା ମୋର ତୁହି
ପାଶୋରେ ଦୁଃଖ ମୁଁ ତୋ ମୁଖ ଚାହିଁ
ବୋଉ ମୋର ତୁହି ଅତି ଆପଣାର
ଧନ୍ୟ ହୋଇଛି ତୋ ଗର୍ଭେ ଜନମି
ବୋଉଲୋ ତୁ ଯେ ଅବୁଝା ବର୍ଣ୍ଣବୋଧ
ବର୍ଣ୍ଣମାଳା ବର୍ଣ୍ଣି ପାରିବ ନାହିଁ
ତୋ ଗୁଣ ଗାରିମା ଗୌରବର ବ୍ୟାଖ୍ୟା
ଯେତେ କରୁଥିଲେ ସରିବ ନାହିଁ ॥

ଅତିଥି ଅଧ୍ୟାପିକା,
ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ
ଓଡିଆ ଭାଷା ସାହିତ୍ୟ ବିଭାଗ

ISSN NO.
2582-208X

# ସୌର ଜଗତକୁ ଯାତ୍ରା



ହର ପ୍ରସାଦ ସୁଆର

ସତୀଶ ଧାବନ ମହାକାଶ କେନ୍ଦ୍ରର ବୈଜ୍ଞାନିକ ଗବେଷଣା ରତ,
ସେପ୍ଟେମ୍ବର ଦୁଇ ତାରିଖ ଏଗାରଟା ପଚାଶରେ ଥିଲା ଶୁଭ ମୁହୁର୍ତ୍ତ ।
ତିନିଶହ ଅଠସ୍ତରୀ କୋଟି ଟଙ୍କା ସୌର ମିସନ ପାଇଁ ଖର୍ଚ୍ଚ କରିଣ,
ପ୍ରଥମ ସୌର ଭିତ୍ତିକ ମହାକାଶ ଯାନକୁ କଲେ ଉତକ୍ଷେପଣ ।

ଆଦିତ୍ୟ-ଏଲ୍ ୧ ପନ୍ଦର ଲକ୍ଷ କିଲୋମିଟର ଯାତ୍ରା କରିବ,
ଲାଗ୍ରାଞ୍ଜ-୧ ଚାରିପାଖରେ ଥିବା ହେଲୋ ଅର୍ବିଟ୍ କୁ ଗତି କରିବ ।
ଇସ୍ରୋ ଗ୍ରାଉଣ୍ଡ ଷ୍ଟେସନକୁ ଦୈନନ୍ଦିନ ଚଉଦିଗର ଚାଳିଶି ଫଟୋ ପ୍ରେରଣ କରିବ ।
ହରିଙ୍କ ଆଶୀର୍ବାଦରୁ ଶ୍ରୀହରିକୋଟା ଏଭଳି ଚଳଚଞ୍ଚଳ ହେଉଥିବ ।

ଛବି ଗୁଡିକୁ ବିଶ୍ଳେଷଣ କରି ବୈଜ୍ଞାନିକେ ହାଲୋ ଅର୍ବିଟରେ ପହଞ୍ଚେଇବେ,
ଚାରୋଟି ପେ-ଲୋଡ୍ ସୂର୍ଯ୍ୟଙ୍କ ଉପରେ ନିରୀକ୍ଷଣ କରିବେ ।
ଅନ୍ୟ ତିନୋଟି ପ୍ଲାଜ୍ମା ଓ ଚୁମ୍ବକୀୟ କ୍ଷେତ୍ରାଦିର ପରିମାଣ ତଥ୍ୟ ପ୍ରେରଣ କରିବେ,
ନବ ବର୍ଷରେ ହାଲୋ ଅର୍ବିଟ୍ ରେ ପ୍ରବେଶ କରିବା ହେବେ ।

ISSN NO.
2582-208X

ଅତ୍ୟନ୍ତ ଜଟିଳ ଓ ଅନେକ ପର୍ଯ୍ୟାୟ ଦେଇ ଯାତ୍ରା କରିବ,
ଆଦିତ୍ୟ ଏଲ-୧ ସୌର ଶିଖା, ସୌର ପବନର ଶକ୍ତି,
ସୌର ବାୟୁମଣ୍ଡଳରେ ଘଟୁଥିବା ଯନ୍ତ୍ର କୌଶଳାଦି ଅଧ୍ୟୟନ କରିବ
ଏହି ମିସନ ସଂପୂର୍ଣ୍ଣ ମାନବତାର କଲ୍ୟାଣ କରିବ ।

ମହାକାଶ ଗବେଷଣା ଓ ବ୍ୟବସାୟ କ୍ଷେତ୍ରରେ ଭାରତ ଏକ ମହାଶକ୍ତି,
ବିଦେଶୀ ପୁଞ୍ଜି ନିବେଶର ଦ୍ୱାର ଉନ୍ମୁକ୍ତ ହେବାରୁ ରୁଷ୍ ଓ ଚୀନ ବାଉଳା ଅତି ।
ମସଲା ଦୋଶା ଓ ଫିଲଟର କଫିର କମାଲ ବୈଜ୍ଞାନିକେ ଦେଖେଇଲେଣି,
ପ୍ରଗତିକୁ ଦେଖି ପ୍ରତିଟି ଭାରତୀୟ ଖୁସିରେ "ଜୟ ଭାରତ" ନାରା ଲଗେଇଲେଣି ।

କବିଚନ୍ଦ୍ରସାହି, ପାରଳାଖେମୁଣ୍ଡି
ଜିଲ୍ଲା - ଗଜପତି/ ଚଳଭାଷ:୭୫୦୧୭୫୨୪୨୮

ISSN NO.
2582-208X

# ଜୀବନ ଦୋ ଛକିରେ



ଆଦ୍ୟାଶା ନନ୍ଦ

ସୌରଭ ଦାଶ, ଡାକ୍ତର ଶୁଭଙ୍କର ଦାଶ ଓ ଅଧ୍ୟାପିକା ଅନୀତା ଦେବୀଙ୍କର ଏକମାତ୍ର ପୁତ୍ର, ଏକୋଇରବଳା ବିଶିକେଷନ। ଭାରତୀୟ ପ୍ରଶାସନକ ସେବାରେ ଅଧିକାରୀ ଭାବରେ ପ୍ରତିଷ୍ଠିତ। ନିଜର ଶାନ୍ତ, ସରଳ, ମାର୍ଜିତ ବ୍ୟବହାର ପାଇଁ ସମସ୍ତଙ୍କର ପ୍ରିୟ ସୌରଭ।

ବାପା-ମା'ଙ୍କର ଅତିପ୍ରିୟ ଗେଲବସର ପୁଅ ଆଜି ଘରକୁ ଆସୁଛି। ଗୋଡ଼ ଆଜି ତଳେ ଲାଗୁନି ଦୁହିଁଙ୍କର। ପୁଅକୁ ପାଛୋଟି ଆଣିବାକୁ ବାପା ଶୁଭଙ୍କର କାହିଁ କେତେବେଳୁ ଚାଲି ଗଲେଣି ଏୟାରପୋର୍ଟକୁ। ଘରେ ପୁଅର ସବୁ ମନପସନ୍ଦ ଖାଇବା ତିଆରି କରି ଦୁଆର ମୁହଁରେ ଜଗି ବସିଛନ୍ତି ଅନୀତା ଦେବୀ।

ଗାଡ଼ି ଆସି ଲାଗିଗଲା ତାଙ୍କ ଦାଣ୍ଡ ଦୁଆରେ। ଗାଡ଼ିରୁ ବାହାରି ପଡ଼ିଲେ, ସୌମ୍ୟ, ଶାନ୍ତ, ସର୍ବଦା ହସ ହସ ମୁହଁ ଥିବା ତାଙ୍କ ସୁପୁତ୍ର ସୌରଭ, ଅତି ଆଦରର ଅଂଶୁ। କୋଳେଇ ନେଲେ ପୁଅକୁ ମା'। ଆଖିର ଲୁହ ଯେମିତି ବନ୍ଧବାଡ଼ ମାନୁ ନଥିଲା ଆଜି। କାହିଁ କେତେ ମାସରୁ ଦେଖିନଥିଲେ  ତାଙ୍କ ନୟନର ତାରାକୁ।

ଖାଇବା ପିଇବା ସରିବା ପରେ ସମସ୍ତେ ଚାଲିଗଲେ ନିଜ ନିଜ ରୁମ୍ କୁ। ନିଜର କ୍ଳାନ୍ତ ଶରୀରକୁ ବିଛଣାରେ ଗଡ଼ାଇ ଦେଲେ ଅନୀତା ଦେବୀ। କାହିଁ କେତେ ମାସର ନିଦ ଯେ ଆଜି ତାଙ୍କର ପୂର୍ଣ୍ଣ ହେବ।

ISSN NO.
2582-208X

ହଠାତ୍ କାହାର ହାତର ସ୍ପର୍ଶରେ ନିଦ ଭାଙ୍ଗିଗଲା ତାଙ୍କର। "ଅଂଶୁ, କ'ଣ ହେଲାରେ ବାବା, କହି ଉଠିଗଲେ ଅନୀତା ଦେବୀ। କିଛି ଦରକାର ଥିଲା କି ତୋର? " ମା'ଙ୍କ ହାତ ଧରି ଭେ ଭେ ହୋଇ କାନ୍ଦିବାକୁ ଲାଗିଲେ ସୌରଭ, ବ୍ୟସ୍ତ ହୋଇପଡିଲ ଅନୀତା ଦେବୀ କିଛି ଗୋଟେ ଅଘଟଣ ଆଶଙ୍କା କରି। କ'ଣ ହେଇଚି କହ ମତେ, ମୁଁ ସବୁ ଠିକ୍ କରିଦେବି କହି ଆଶ୍ୱାସନା ଦେଉଥାନ୍ତି ପୁଅକୁ।

ତମକୁ ନ ଜଣାଇ ମୁଁ ଗୋଟେ ଝିଅକୁ ବିବାହର ପ୍ରତିଶ୍ରୁତି ଦେଇସାରିଛି।ମୁଁ ତାକୁ ବହୁତ ଭଲପାଏ ମା'। ମତେ କ୍ଷମା କରିଦିଅ।

ଠୋ ଠୋ ହୋଇ ହସିଉଠିଲେ ଅନୀତା ଦେବୀ, ପାଖକୁ ଆଉଜାଇ ନେଲେ ପୁଅକୁ। ନିଜ ପଣତକାନିରେ ଲୁହକୁ ପୋଛିଦେଇ କହିଲେ, ଏଥିପାଇଁ କାନ୍ଦୁଛୁ ପିଲାଟି ପରି। ଏ ତ ବହୁତ ଖୁସିର କଥା। ଏ ବୁଢ଼ା ବୁଢ଼ୀ ବୟସରେ ଆମ ମୁଣ୍ଡରୁ ଗୋଟେ ବଡ଼ ବୋଝ ହାଲୁକା କରିଦେଲୁ।

ଆଗ ମତେ ଟିକେ ମୋ ବୋହୂ ଫଟୋ ଦେଖେଇଲୁ, ତା ନାଁ କଣ ଟିକେ କହ, ଘର କୋଉଠି, ବାପାଙ୍କ ନାଁ କ'ଣ ଏମିତି ଅନେକ ପ୍ରଶ୍ନ ପଗ୍ଭରିଗଲେ ଅନୀତା ଦେବୀ ଗୋଟେ ନିଶ୍ୱାସରେ।

ମା' ସେ ଆମ ମାମୁଁଘର ପାଖ ଜଗନ୍ନାଥପୁର ଗାଁର ବ୍ୟାଙ୍କ ଅଫିସର ସାଗର ମହାନ୍ତିଙ୍କ ଝିଅ ସୁରଭି, ମୋ ସହିତ ଏକାଠି ପଢୁଥିଲା। ବହୁତ ଭଲ ଝିଅଟି ମା'। ତା' ଭିତରେ ମୁଁ ତୁମର ପ୍ରତିଛବି ଦେଖୁଛି।

କ'ଣ କହିଲୁ ଅଂଶୁ, ସାଗର ମହାନ୍ତି। ସା..... ଗ..... ର...... ସୁରଭି।

ହଁ ମା' ଏବେ ବାପାଙ୍କୁ ବୁଝେଇବାର ଦାୟିତ୍ୱ ତମର କହି ଗ୍ଭଲିଗଲା ଅଂଶୁ ତା ଶୋଇବା ଘରକୁ।

ISSN NO.
2582-208X

ସାଗରଙ୍କ ଝିଅ "ସୁରଭି"। ସତରେ କ'ଣ ସାଗର ତାକୁ ମନେରଖିଛନ୍ତି। ସେଥିପାଇଁ ଝିଅର ନାଁ "ସୁରଭି" ରଖିଛନ୍ତି। ଯାହାକି ସେମାନେ ଠିକ୍ କରିଥିଲେ ଦୀର୍ଘ ତିରିଶ ବର୍ଷ ତଳେ। "ସୌରଭ, ସୁରଭି।"

ତିରିଶ ବର୍ଷ ତଳୁ ଛାତି ଭିତରେ ରହିଥିବା ପାଉଁଶ ତଳର ନିଆଁ ସତେ ଯେମିତି ଆଜି ପଦାକୁ ବାହାରି ପଡ଼ିବ। ହଠାତ୍ ବିଚଳିତ ହୋଇପଡ଼ିଲେ ଅନୀତା ଦେବୀ। ସେଇ ମୁହୂର୍ତ୍ତ ଯେମିତି ସେଇଠି ସ୍ଥିର ହୋଇଗଲା ତାଙ୍କ ପାଇଁ। ଆଖି ଆଗରେ ନାଚି ଉଠିଲା ଅତୀତର ହୃଦୟ ବିଦାରକ କାହାଣୀ।

ସେ ଥିଲେ ଗୋଟେ ଉଚ୍ଚ ମଧ୍ୟବିତ୍ତ ଅଭିଜାତ୍ୟପୂର୍ଣ୍ଣ ପରିବାରର ଝିଅ। ବାପା ଥିଲେ ରେଲୱେର ଉଚ୍ଚପଦସ୍ଥ କର୍ମଚାରୀ। ଘରେ ସମସ୍ତଙ୍କର ଗେଲବସର ଝିଅ ଥିଲେ ଅନୀତା। ଉଚ୍ଚ ଶିକ୍ଷା ପାଇଁ ଘର ଠାରୁ ବହୁତ ଦୂର ସମ୍ବଲପୁର ୟୁନିଭରସିଟିରେ ଯୋଗ ଦେଇଥାନ୍ତି ସେ। ପ୍ରଥମ ଥର ଘର ପରିବାର ଠାରୁ ଏତେ ଦୂରରେ ଥିବାରୁ ଦୁଃଖରେ ଭାଙ୍ଗିପଡ଼ିଥାନ୍ତି, ପାଠ ପଢ଼ାରେ ବି ମନ ଲାଗୁ ନଥାଏ।

ଥରେ ୟୁନିଭରସିଟି ଯିବା ବାଟରେ ହଠାତ୍ ତାର ଦେଖା ହେଇଗଲା ଗାଁ ପାଖ ପିଲା ସାଗର ସହିତ। ଅଜଣା, ଅଚିହ୍ନା ଜାଗାରେ ବହୁତ ଦିନ ପରେ ନିଜର କାହାକୁ ଦେଖିଦେଲେ, ଲାଗେ ଯେମିତି ସବୁ ଖୁସି ମିଳିଗଲା। ସେଦିନ ଠିକ୍ ସେମିତି ଲାଗିଥିଲା ଅନୀତାକୁ। ଦୁହେଁ ବହୁତ ସମୟ ମନ ଖୋଲି କଥା ହେଲେ ଗାଁ ଠାରୁ ଆରମ୍ଭ କରି ସମ୍ବଲପୁର ପର୍ଯ୍ୟନ୍ତ। ଅନୀତା ଜାଣିବାକୁ ପାଇଲା, ସାଗର ସେଇ ପାଖରେ ଗୋଟେ ବ୍ୟାଙ୍କରେ ଚାକିରୀ ପାଇଛନ୍ତି। ନମ୍ବର ଦିଆନିଆ ହୋଇ ଫେରିଗଲେ ନିଜ ନିଜ ଜାଗାକୁ।

ତା ପର ଠାରୁ ସାଗର ପ୍ରତି ୪-୫ ଦିନରେ ଫୋନ୍ କରି ଅନୀତାର ଭଲମନ୍ଦ ବୁଝୁଥିଲେ। ବହୁତ ଭଲ ଲାଗୁଥିଲା ଅନୀତାକୁ ସାଗରର ତା ପ୍ରତି ଥିବା ବ୍ୟସ୍ତତା ଓ ଚିନ୍ତା ଦେଖିକି। ଧୀରେ ଧୀରେ ସେମାନଙ୍କ ମଧ୍ୟରେ କଥାବାର୍ତ୍ତା ବଢ଼ିଲା। ବନ୍ଧୁତା ବି ବଢ଼ିବାକୁ ଲାଗିଲା। ଏ ବନ୍ଧୁତା ଯେ, କେତେବେଳେ ପ୍ରେମରେ ପରିଣତ ହୋଇଗଲା ଜାଣିପାରିଲେନି

ISSN NO.
2582-208X

ଅନୀତା। କଥାରେ ଅଛି ସ୍ନେହ ମମତା ପାଇଲେ ପଶୁ ଟିଏ ବି ନଜର ହେଇଯାଏ, ପଥର ବି ତରଳ ଯାଏ। ଆଉ ସେ ତ ଛାର ରକ୍ତ, ମାଂସ ରେ ଗଢା ସାଧାରଣ ମଣିଷଟେ।

ଦିନକୁ ଦିନ ସାଗରର ଭଲପାଇବା, ଯତ୍ନ ବଢିବାକୁ ଲାଗିଲା ତା ପ୍ରତି, ତା ପାଠପଢ଼ା ପ୍ରତି। ସବୁ କ୍ଷେତ୍ରରେ ସାଗର ରହିଲେ ତା ସହିତ ଛାଇଟେ ଭଳି। ତା'ର ସବୁ ଛୋଟ ଛୋଟ ଖୁସିର ଖିଆଲ ରଖିଲେ। ଠାକୁରଙ୍କ ପାଖରେ କେହି କାହାକୁ ଭୁଲିବେନ, ଏକାଠି ରହିବେ ବୋଲି ପ୍ରତିଜ୍ଞା କଲେ।

ଖରା ଦିନ ଛୁଟି ପାଇଁ ଅନୀତା ଆସିଥାଏ ଘରକୁ। ଜାଣିବାକୁ ପାଇଲା ତା ପାଇଁ ବିବାହ ପ୍ରସ୍ତାବ ଘରେ ଖୋଜୁଛନ୍ତି। ହଠାତ୍ ତା ପାଦ ତଳୁ ମାଟି ଖସିଗଲା, ପାହାଡ଼ ଛିଡିପଡ଼ିଲା ମୁଣ୍ଡରେ।

ବହୁତ ସାହସ କରି ମା'ଙ୍କ କହିଥିଲା ସାଗର କଥା। ହେଲେ ଏ କ'ଣ ? ? ଜୀବନରେ ସବୁ ଖୁସି ପାଦ ତଳେ ଅଜାଡ଼ି ଦେବାକୁ କହୁଥିବା ମା' ଆଜି ନିଜ ମୁଣ୍ଡ ଛୁଆଁଇ ଝିଅର ସବୁ ଖୁସି ମାଗିନେଲେ ନିଜ ପରିବାରର ମିଛ ବଡିମା, ଆତ୍ମଗର୍ବ, ଆଭିଜାତ୍ୟର ଦ୍ୱାହି ଦେଇ। ଅନୀତାର ପାଦରେ ବାନ୍ଧି ଦେଲେ ବେଡ଼ି ସବୁ ଦିନ ପାଇଁ।

ସାଗରଙ୍କ ଭଲ ପାଇବାରେ ସେ ଏମିତି ହଜିଯାଇଥିଲା ଯେ, ଭୁଲି ଯାଇଥିଲା ସେ ଯେ, ଜମିଦାର ଉମାଶଙ୍କର ଚୌଧୁରୀଙ୍କ ନାତୁଣୀ। ତଥାକଥିତ ଆଭିଜାତ୍ୟସମ୍ପର୍ଣ୍ଣ ଉଚ୍ଚ ଜାତିର ଝିଅ। ସାଗର ଯେ, ତା ଠାରୁ ଜାତିରେ ଛୋଟ।

ସେ ଏମିତି ଏକ କଳୁଷିତ ସମାଜରେ ରହୁଛି, ଯୋଉଠି ଚୋରି, ଡକାୟତି, ହତ୍ୟା, ନାରୀ ଧର୍ଷଣ ଅତି ସାଧାରଣ କଥା। ହେଲେ ଭଲପାଇବାଟା ଏକ ଅକ୍ଷମଣୀୟ ଅପରାଧ। ଯେଉଁ ସମାଜରେ ଲୋକମାନେ ନିଜର ଛୋଟ ଛୋଟ କାମ ପାଇଁ ମେସିନ୍ ଉପରେ ନିର୍ଭରଶୀଳ। ଝିଅମାନେ ଯାଇ ମହାକାଶରେ ପହଞ୍ଚିଲେଣି, ପ୍ରତି କ୍ଷେତ୍ରରେ ଆଗୁଆ। ସବୁକିଛି ବଦଳିଛି, ହେଲେ ବଦଳିପାରିନି ସେମାନଙ୍କ ଚିନ୍ତାଧାରା, ରୁଗ୍ଣ ମାନସିକତା, ଯୋଉଠି କି ଆମର ମିଛ ଆଭିଜାତ୍ୟ, ପରମ୍ପରା, ଅହଙ୍କାର, ଜାତିପ୍ରଥା ଆଗରେ ସବୁକିଛି ଲାଗେ ନଗଣ୍ୟ।

ISSN NO.
2582-208X

କ'ଣ କରିବ ସେ, ଏବେ ସେ ଜୀବନର ଦୋ ଛକ ରେ। ଗୋଟେ ପଟେ ସାଗରଙ୍କ ଅନାବିଳ ସ୍ନେହ, ଭଲପାଇବା। ଆଉ ଅନ୍ୟ ପଟେ ଦୀର୍ଘ ୨୩ ବର୍ଷର ସମ୍ପର୍କ। ଯୋଉ ବାପା, ମା' ପିଲାଦିନୁ କେବେ ଅବହେଳା କରିନାହାନ୍ତି ତା ପ୍ରତି। ସାଗରକୁ ପାଇଲେ, ଜୀବନର ସବୁ ଖୁସି ପାଇଯିବ ସେ, ହେଲେ ସବୁଦିନ ପାଇଁ ହରେଇଦେବ ନିଜ ବାପା, ମା'ଙ୍କୁ, ସେମାନଙ୍କ ଭଲପାଇବାକୁ। ମନ କହୁଛି ସାଗର, ଆତ୍ମା କହୁଛି ପରିବାର। ଦୀର୍ଘ ଦୁଇ ଦିନର ମନ ଆଉ ଆତ୍ମାର ସଂଘର୍ଷ ଭିତରେ ଆତ୍ମାକୁ ବାଛିନେଲା ସେ।

ଶେଷଥର ପାଇଁ ସାଗରକୁ ଡାକଥିଲା ସେଇ ମନ୍ଦିରକୁ, ଯୋଉଠି ସେମାନେ ତିଆରି କରିଥିଲେ ସ୍ୱପ୍ନର ତାଜମହଲ। ଆଖିର ଲୁହ, ଛାତିର କୋହକୁ  ଲୁଚାଇ ସାଗରକୁ ଶୁଣାଇ ଦେଇଥିଲା ଶେଷ ନିଷ୍ପତ୍ତି। ଭାଙ୍ଗିପଡ଼ିଥିଲେ ସାଗର, ତଥାପି ଓଠରେ ହସ ଟିକେ ଖେଳେଇ କହିଥିଲେ, ଅନୀତା, ଯୋଉ ଆନନ୍ଦ ତ୍ୟାଗରେ ଥାଏ, ଭୋଗରେ ମିଳେନି। ଘର ଲୋକଙ୍କ ଇଚ୍ଛାରେ ବାହା ହୋଇ ଖୁସିରେ ରୁହ। ତମ ଖୁସିରେ ତ ମୋ ଖୁସି। ଗୋଟେ ଶେଷ ଅନୁରୋଧ ରଖିବ। ଜୀବନରେ କେବେ ମୋ ବିଷୟରେ କିଛି ବୁଝିବାକୁ ଚେଷ୍ଟା କରିବନି। ନିଜ ସ୍ତ୍ରୀ ଧର୍ମ ପାଳନ କରିବା। ତାହେଲେ ଯାଇ ମୋ ଭଲପାଇବାର ମାନ ରହିବ। ରାଣ ପକାଇ ଲକ୍ଷ୍ମଣରେଖା ଟାଣିଦେଇଥିଲେ। ସେଦିନ ସାଗରଙ୍କ ପବିତ୍ର ଓ ଶାଶ୍ୱତ ପ୍ରେମ ପାଖରେ ମୁଣ୍ଡ ନଇଁ ଯାଇଥିଲା ଅନୀତାଙ୍କର।

ବାସ୍ ତା ପରେ ପରିବାର ଇଚ୍ଛା ରେ ବାହା ହୋଇଯାଇଥିଲା ସେ ଶୁଭଙ୍କର ବାବୁଙ୍କୁ। ପେଷାରେ ଡାକ୍ତର। ଟଙ୍କା ପଇସାର ଅଭାବ ନଥିଲା ତାଙ୍କର। ଅଭାବ ଥିଲା ତ ସ୍ନେହ ମମତା, ଆଦର, ସମୟର। କଥା ପଦେ ହେବା ପାଇଁ ଅନୀତାଙ୍କ ସହିତ ତାଙ୍କ ପାଖରେ ସମୟ ନଥାଏ। ହେଲେ କିଛି ଫରକ ପଡୁନଥିଲା ଅନୀତାଙ୍କୁ।ନିଜ ସ୍ତ୍ରୀ ହେବାର ସମସ୍ତ କର୍ତ୍ତବ୍ୟ କରିଚାଲିଥିଲେ ସେ। ତାଙ୍କ ଛୋଟ ଛୋଟ ଖୁସି ର ଖିଆଲ ରଖୁଥିବା ମଣିଷକୁ ତ ଛାଡ଼ି ଦେଇ ଆସିଲେ ବହୁତ ପଛରେ। ଏ ସବୁ ବୋଧେ ତାର ଫଳ ଭାବି ନିଜ ମନକୁ ବୁଝାଇ ଦଇଥିଲେ।

ତାଙ୍କ ଜୀବନର ଶୁଖିଲା ମରୁଭୂମି ସେଇ ଦିନ ସବୁଜିମାରେ ଭରିଗଲା, ଯେଉଁ ଦିନ ଏ ସୌରଭ ଆସିଥିଲା ତାଙ୍କ କୋଳକୁ। ଯିଏ ତାଙ୍କ ନାରୀତ୍ୱକୁ ପରିପୂର୍ଣ୍ଣ କରିଛି।

ISSN NO.
2582-208X

ଆଜି ଜୀବନରେ ପ୍ରଥମ ଥର ପାଇଁ ସେ ତାଙ୍କୁ କିଛି ମାଗିଛି। ଦେବେ ସେ ନିଶ୍ଚୟ ଦେବେ। ଏବେ ସେ ଗୋଟେ ମା'। ଏକ ବିଂଶ ଶତାବ୍ଦୀର ଶିକ୍ଷିତା ମା'। ସେ ବୁଝିଛନ୍ତି ମଣିଷର ଦୁଇଟି ଜାତି। ନାରୀ ଓ ପୁରୁଷ। ଜାତିପ୍ରଥାର କିଛି ମୂଲ୍ୟ ନାହିଁ। ମୂଲ୍ୟହୀନ ଏଠି ବଂଶ, ଆଭିଜାତ୍ୟ, ମିଛ ଅହଙ୍କାର। ଏଥିପାଇଁ ଯଦି ତାଙ୍କୁ ସାରା ଦୁନିଆ ସହିତ ଲଢିବାକୁ ପଡିବ ସେ ଲଢିବେ ନିଜ ପୁଅର ଖୁସି ପାଇଁ। ପୁଅ ଆଗରେ ଟାଣି ବେନି ସେ ଲକ୍ଷ୍ମଣରେଖା, ଯାହା ତାଙ୍କ ସହିତ ଘଟିଥିଲା ଆଜକୁ ଠିକ୍ ତିରିଶ ବର୍ଷ ତଳେ।

ଜୀବନ ଆଜି ପୁଣି ତାଙ୍କୁ ଏମିତି ଏକ ଦୋ ଛକିରେ ଠିଆ କରେଇ ଦେଇଛି, ଯୋଉଠି ଗୋଟେ ପଟେ ପୁଅର ଖୁସି, ଅନ୍ୟ ପଟେ ସାଗରଙ୍କ ଋଣ। କେମିତି ସାମ୍ନା କରିବେ ସେ ସାଗରଙ୍କୁ ଦୀର୍ଘ ତିରିଶ ବର୍ଷ ପରେ। ହଁ ସେ ସାମ୍ନା କରିବେ ଗୋଟେ ମା'ର ପରିଚୟରେ। ସୃଷ୍ଟି ହେବାକୁ ଦେବେନି ଆଉ ଗୋଟେ ସାଗର-ଅନୀତାଙ୍କୁ ଏ ସମାଜରେ। ସୁରଭି କୁ ବୋହୂ ନୁହେଁ ଝିଅ ଭଳି ରଖି ସୁଝିବେ  ସେ ସାଗରଙ୍କ ନିଷ୍ପାପ, ନିଷ୍କପଟ ଭଲପାଇବାର ଋଣକୁ।

ସକାଳର ପହିଲି କରଣ ଆଣିଦେଲା ସମସ୍ତଙ୍କ ଜୀବନରେ ଖୁସିର ଜୁଆର। ଯେତେବେଳେ ଅନୀତା ଦେବୀ ଡାକ ପକାଇଲେ, ଅଂଶୁ, ଜଲଦି ବାହାରେ, ଯିବା ପରା ସୁରଭି ର ହାତ ମାଗିବାକୁ। "ସୌରଭ-ସୁରଭି" ସତରେ କେତେ ସୁନ୍ଦର ଯୋଡ଼ି କହି ଗୋଟେ ଆତ୍ମତୃପ୍ତି ର ହସ ହସିଲେ ଅନୀତା ଦେବୀ। ସତେ ଯେମିତି ଅତୀତ ତାର ବନ୍ଧନକୁ ହୁଗୁଳା କରିଦେଇଛି । ବାଟ ଛାଡିଦେଇଛି ବର୍ତ୍ତମାନ ସହିତ ଭବିଷ୍ୟତକୁ ଆପଣେଇ ନେବାକୁ । ଦୀର୍ଘ ତିରିଶ ବର୍ଷ ପରେ ଅନତା ଆଜି ଭେଟିବେ ସାଗରଙ୍କୁ । ସ୍ବରି ଆଖିର ମିଳନରେ ଅନତା କଣ ରୋକପାରିବେ ନଜ ଆଖିର ଲୁହକୁ, ଯାହାକୁ ସେ ବାହାରକୁ ଆସିବାକୁ ଦେଇନାହାନ୍ତ ଆଜିପର୍ଯ୍ୟନ୍ତ ? ସ୍ତବ୍ଧ ରହିଥିଲା ସୌରଭ ତା ସ୍ନେହମୟୀ, ମମତାମୟୀ ମା' ର ମୁହଁକୁ। ସବୁକିଛି ଲାଗୁଥିଲା ତାକୁ ଆଜି ଏକ ସ୍ୱପ୍ନ ଭଳ ।

ନୟାପଲ୍ଲୀ, ଭୁବନେଶ୍ୱର

ISSN NO.
2582-208X

# ରାମ ରାଜ୍ୟ ଫେରିଛି



ଦୀନବନ୍ଧୁ ବେଜ

ରାମ ଯେଉଁଠି ଅଯୋଧ୍ୟା ସେଇଠି
ସକଳ ତୀର୍ଥ ତୋ ଚରଣେ,
ପିତା ମାତା ଯଦି ପାଖରେ ଅଛନ୍ତି
ଅଯୋଧ୍ୟା ଯିବି କି କାରଣେ ।

କୋଟି ଦଣ୍ଡବତ ଏଇଠୁ କରିବି
ଘେନା କରିବ ହେ ରଘୁପତି,
ତୁମ୍ଭ ପାଇଁ ହୁଏ ମୋ ମନ ଅସ୍ଥିର
ଲୋତକ ଚକ୍ଷୁରୁ ଝରୁଅଛି ।

ରାମ ନାମ ଜପି ଉପବାସ ଥିବି
ମନ୍ଦିର ପ୍ରତିଷ୍ଠା ସମୟରେ,
ମୋ ପତ୍ର କୁଡ଼ିଆ ପବିତ୍ର ରଖିବି
ଅଗଣା ଲିପିବି ଗୋମୟରେ ।

ପବିତ୍ରତା ମୟ ହୋଇବ ସଂସାର
ରାଘବ ହୋଇବେ ଆବିର୍ଭାବ,
ପୁଣି ଆନନ୍ଦମୟ ହେବଟି ସଂସାର
ସାରା ଜଗତ ଏହା ଦେଖିବ ।

ISSN NO.
2582-208X

ବନ୍ୟଜନ୍ତୁ ସବୁ ଅନ୍ତରେ ଆନନ୍ଦ
ବୃକ୍ଷଲତା ଅଧିର ହେଉଛନ୍ତି,
ସମୁଦ୍ର ଜୀବଙ୍କ ଖୁସି କେ ବର୍ଣ୍ଣିବ
ଉର୍ମିମାନେ ଢେଉ ଭାଙ୍ଗୁଛନ୍ତି ।

ପାତାଳେ ବାସୁକୀ ହେଉଛନ୍ତି ଖୁସି
କରି ଲୋମ ମୂଳ ସ୍ଥିର ଚିତ୍ତ,
ଆକାଶରେ ସପ୍ତରଙ୍ଗ ବିଂଚି ବିଂଚି
ପକ୍ଷୀ ଗାଉଛନ୍ତି ଭକ୍ତି ଗୀତ ।

ବେଦଜ୍ଞ ବ୍ରାହ୍ମଣ ବେଦ ଉଚ୍ଚାରଣ
ଦେଖ କରିଲେଣି ଉଚ୍ଚ ସ୍ୱରେ,
ଭକ୍ତମାନେ ପୁଷ୍ପ ଅର୍ପଣ କଲେଣି
ପ୍ରଭୁ ରାମଲାଲା ଉଦ୍ଦେଶ୍ୟରେ ।

ଆସିଛି କି ସେହି ବହୁ ଆକାଂକ୍ଷିତ
ରାମରାଜ୍ୟ ପୁଣିଥରେ ଫେରି,
ତେବେ ବୋଧେ ଆଉ କରିବା ନାହିଁ
କାହା ପାଖରେ ହାରି ଗୁହାରି ।

ସଂପାଦକ
ଲକ୍ଷ୍ମଣ ନାୟକ ସାହିତ୍ୟ ସଂସଦ
ମାଲକାନଗିରି, ଓଡ଼ିଶା

ISSN NO.
2582-208X

# ଶୀର୍ଷକ ଦୂର ପାହାଡ଼ ସୁନ୍ଦର



ଅଧ୍ୟାପକ ଅବିନାଶ ବାରିକ୍

ସୁନ୍ଦର ଦୂର ପରବତ ବନ ଓ ଉପବନ ।
ସୁନ୍ଦର ସେ ନୀଳ ସାଗର ଆବର ଢେଉ ମାନ ।
ସୁନ୍ଦର ନଭେ କଳା ଘନ ତାହାରଗରଜନ ।
ସୁନ୍ଦର ପ୍ରକୃତିର କୋଳ ବନ୍ଦନ୍ତି ବିଜ୍ଞଜନ ।
ସୁନ୍ଦର ଏ ସାରା ଧରଣୀ ସୁନ୍ଦର ତା ବିପିନ ।
ସୁନ୍ଦର ନୀଳ ନଭ ଶୋଭା କରେ ମନ ପ୍ରସନ୍ନ ।
ସୁନ୍ଦର ସୁନ୍ଦର ଚାତକ ଲୋଡ଼ଇ ନବଘନ ।
ସୁନ୍ଦର ରବିର କିରଣ କରେ ଆଲୋକ ଦାନ ।
ସୁନ୍ଦର ଯୋଛନା କିରଣ ଭରେ କୁମୁଦ ପ୍ରାଣ ।
ସୁନ୍ଦର ନୀଳ ବିଚି ମାନ ବାଲୁକା ପରିପୂର୍ଣ୍ଣ ।
ସୁନ୍ଦର ଘନ ଅନ୍ଧକାର ଦଶ ଦିଶ ଆଛନ୍ନ ।
ସୁନ୍ଦର ନୀଳ ଜଳ ରାଶି ଲହରୀ ଘନଘନ ।।

ମହୁ, ଆଳି, କେନ୍ଦ୍ରାପଡ଼ା ।ଓଡ଼ିଶା ।

ISSN NO.
2582-208X

# ଜୟ ଜଗନ୍ନାଥ !

ବୈଶାଖୀ ଦୀପ

ଆକାଶ ନୀଳ, ସମୁଦ୍ର ନୀଳ
ନୀଳ ହିଁ ନିତ୍ୟ, ସତ୍ୟ ଓ ଶାଶ୍ୱତ
ବର୍ଣ୍ଣ ମିଳନର ସୃଷ୍ଟି ହିଁ ନୀଳ
ତେଣୁ ତୁମେ ପ୍ରଭୁ ନିଳବ୍ରହ୍ମ।

ଶୂନର ଯୋଗେ ଶୂନ, ଶୂନର ଲିନେ ଶୂନ
ଶୂନ୍ୟ ଓ ପୂର୍ଣ୍ଣର ଅଭିନ୍ନ ରେ
ତୁମେ ପ୍ରଭୁ ଉଦ୍ରେକ
ତେଣୁ ତୁମେ  ପରଂବ୍ରହ୍ମ।

ଗୋଲାକାର ଚକ୍ଷୁ
ପତାବିହିନେ ନେତ୍ର
ମୁଦ୍ରିତ ନୁହେଁ, ସଦାଜାଗ୍ରତ ତୁମେ
ତେଣୁ ତୁମେ ପ୍ରଭୁ ଚକାନୟନ।

ନେତ୍ର ଦ୍ୱୟ ସୂର୍ଯ୍ୟଚନ୍ଦ୍ର
ନାଲୀ ଅଧର ମଙ୍ଗଳ
ପ୍ରେମ ମୋହିତ କଳା ଶୁକ୍ର
ତେଣୁ ତୁମେ ପ୍ରଭୁ ନବଗ୍ରହ।

ISSN NO.
2582-208X

ଐଶାନ୍ୟରେ ହିମାଳୟ
ନୈଋତରେ ବଙ୍ଗୋପ
ଅଗ୍ନିରେ ଶ୍ରୀ ମନ୍ଦିର
ତେଣୁ ତୁମେ ପ୍ରଭୁ ବାସ୍ତୁପୁରୁଷ ।

ଲିଙ୍ଗ ଭେଦର ଉର୍ଦ୍ଧ୍ୱରେ ତୁମେ
ପୁରୁଷ ମଧ୍ୟେ ପୁରୁଷତ୍ତୋମ
ନାରୀ ମଧ୍ୟେ ଜଗଦ୍ଧାତ୍ରୀ
ତେଣୁ ତୁମେ ପ୍ରଭୁ ପୂର୍ଣ୍ଣବ୍ରହ୍ମ ।

ଭାତୃଭାବ ମୂଳତତ୍ୱ ତୁମେ
ତେଣୁ ଭ୍ରାତା ଭଗିନୀ ସହ ପୂଜା ପାଅ
ମାନବବାଦ ର ତୁମେ ପ୍ରତୀକ
ତେଣୁ ତୁମେ ପ୍ରଭୁ ପତିତପାବନ ।

ଭକ୍ତ ଭାବରେ ବନ୍ଧା ତୁମେ
ରତ୍ନସିଂହାସନ ଛାଡ଼ି
ବିଜେ ହୁଅ ନନ୍ଦିଘୋଷେ
ଦର୍ଶନ ଦିଅ ସାରା ବିଶ୍ୱେ
ତେଣୁ ତୁମେ ପ୍ରଭୁ ମହାମହିମା ।

ଜଗତ୍ ଯେ ବିଶ୍ୱବ୍ରହ୍ମାଣ୍ଡ
ନାଥ ଯେ ଅଧୀଶ୍ୱର
ତୁମେ ସମ୍ପୂର୍ଣ୍ଣ ଜଗତର ପ୍ରତୀକ
ତେଣୁ ତୁମେ ଜଗନ୍ନାଥ ।

@@@@

ISSN NO.
2582-208X

# ଝରା ଶେଫାଳିର ମହକ



ଶୁଭେନ୍ଦୁ ମେହେର

କଢ଼ି ଧରିଲା, ପ୍ରସ୍ଫୁଟିତ ହେଲା
ଭୁରୁ ଭୁରୁ ବାସ୍ନାରେ ବାସ୍ନାୟିତ ହେଲା
ଅବର୍ଣ୍ଣନୀୟ ଲାଳିମାର ଆଭା
ତା ଭିତରୁ ବିଚ୍ଛୁରିତ ହେଲା ।

କୋମଳମତି ସେ ନବଯୌବନା
ପାହାଡ଼ି କନ୍ୟା ସେ ଛୁଟାଇ ବନ୍ୟା
ଡଙ୍ଗରି ଝରଣାର ସଙ୍ଗୀତ ମୂର୍ଚ୍ଛନା ।

ଅଫୁଟା ଫୁଟିଲା ବାସ ଚହଟିଲା
ପ୍ରତିଭା ବିକଶି
ଯୌବନ ସୀମାର ଶିଖର ଛୁଇଁଲା
ସୁନ୍ଦରତା ପଣେ ସଭିଙ୍କୁ ମୋହିଲା !!

ଜଗତର ତାରାଟିଏ
ଅନୁଭବର ଦୃଷ୍ଟାନ୍ତ ସିଏ,
ପଥରର ଅନୁକମ୍ପନ
ପ୍ରତିଭାର ଉଦ୍ଗିରଣ
ଯୌବନର କାମିନୀ କାଞ୍ଚନ !

ISSN NO.
2582-208X

ଆଧୁନିକତାର
ସମତାଳରେ ସେ
ସାମିଲ ହେବ ବା କେମିତି ?

ପାଶ୍ଚାତ୍ୟ ସଭ୍ୟତାର ସ୍ୱାଦ
ଚାଖିପାରିନି ସିନା,
ସଂସ୍କୃତି ଓ ସଭ୍ୟତାର
ସୁଦୀର୍ଘ ପାଚେରୀ ଭିତରେ
ନିଜକୁ ସେ ଆବଦ୍ଧ ରଖିଛି !
ସୂର୍ଯ୍ୟାସ୍ତକୁ ପାଟ କରି
ଦେହରେ ପିନ୍ଧିଛି,
କେଶରେ ଯତନ କରି
ତାରାଙ୍କୁ ଖୋସିଛି !!

ପ୍ରତିଭାର ତାଜମହଲରେ
ନିନାଦିତ ପ୍ରତିଟି ପାଖୁଡ଼ାରୁ
କେମିତି ଛୁଟୁଛି ତା ଜୀବନଗ୍ରନ୍ଥର
ଅପୂର୍ବ ଝଟକ ।
ଅସଭ୍ୟତାର ସେ ଅନ୍ଧ ପୁଟୁଳି ଭିତରୁ
ବାହାରି ଆସ ଦେଖିବ,
ତା କରୁଣ କାହାଣୀର ଝଲକ ।
ଅନୁଭବ କର ଥରେ ଜାଣିପାରିବ
ସେ ଝରା ଶେଫାଳିର ମହକ ।।

ଯାଲେ୍ଏ, ସୁବର୍ଣ୍ଣପୁର

ISSN NO.
2582-208X



# ମଧୁ ମାଳତୀ



ଡାଃ. ଅନତା ପଣ୍ଡା

## ପରିବାର ରଜ୍ଜୁ

(୭)

ମାଟ୍ରିକ ପରୀକ୍ଷାର ରେଜଲ୍ଟ ଆସିଥିଲା । ଭଲୁ, ଖୁବ ଭଲ ନମ୍ବର ରଖି ଫାଷ୍ଟ ଡ଼ିଭିଜନ ପାଇଛି, ମାଲୁ ମଧ ପାସ୍ କରି ଯାଇଛି । ଦୁହିଁଙ୍କର କଲେଜ ଆଡ଼ମିଶନ୍ ପାଇଁ ମଧୁସୂଦନ ଚେଷ୍ଟା କରୁଥିଲା । ମାଳତୀ ଅଡ଼ି ବସିଲା । ତୁମେ ଭଲୁର କଲେଜରେ ଆଡ଼ମିଶନ କରେଇ ଦିଅ । ମୋର ଆଉ ଅଧିକ ପଢ଼ିବା ପାଇଁ ଇଚ୍ଛା ନାହିଁ । ହେଲେ ମଧୁସୂଦନ ମାଳତୀର କଥାରେ କର୍ଣ୍ଣପାତ କରି ନଥିଲା । ଦୁହିଁଙ୍କର ଆଡ଼ମିଶନ୍ ହୋଇଗଲା । ଭଲୁ ବିଜ୍ଞାନ ଆଉ ମାଲୁ କଳା, ରୀତୁ (ସଚରିତ୍ରା) ମଧ ସେଇ କଲେଜରେ ଦାଖିଲ ହୋଇଛି । ୟା ଭିତରେ ରୀତୁ ଆଉ ମାଳତୀର ବନ୍ଧୁତା ଖୁବ୍ ବେଶୀ ଦୃଢ଼ ହୋଇଯାଇଛି । ପାଠପଢ଼ା ଠାରୁ ଅନ୍ୟ ବିଷୟରେ ଦୁହିଁଙ୍କର ବିଶେଷ ଆଲୋଚନା ସମାଲୋଚନା ହୁଏ । ଦୁହେଁ ଏକାଠି ହେଲେ ମାଳତୀର ମୁହଁରୁ କେବଳ ନେଞ୍ଜା ଦିଦି ଓ ତା'ର ପୁଅ ବିଷୟରେ ଧାର୍ ଛୁଟିଥାଏ । କେବଳ ସେଇ ଦୁହିଁଙ୍କ ପାଇଁ ତାର ସ୍ୱାମୀଙ୍କ ସଂଗେ ମନମେଳୁନ ।

ସ୍ୱାମୀ ନେଞ୍ଜାଦିଦି ପାଇଁ ଆସକ୍ତ । ସମୟତଃ ମନେ ହୁଏ ସେ ଛୁଆଟା ୟାଙ୍କରି ରକ୍ତ ଇତ୍ୟାଦି ଇତ୍ୟାଦି ।

ରୀତୁ ମୁହଁରୁ ସମୁଦ୍ରର ଲହରୀ ମାଡ଼ି ଆସେ । ଏଇଟା ଆମର ଅୟସ କରିବାର ବୟସ । ଆଉ ଅଳ୍ପଦିନରେ ଆମେ କୈଶୋର ସୋପାନ ପାର କରି ଯୁବାବସ୍ଥାରେ ପାଦ ଦେବା । ଏଇ ସମୟଟିକୁ ଯଦି ଆମେ ହାତରୁ ଛାଡ଼ି ଦେବା ତେବେ ଆଉ ଜୀବନ କୋଉଠି ରହିଲା ।

ISSN NO.
2582-208X

ସାର୍ ଜୀବନ ଚୁଲି, ଚଉକା, ଶାଶୁ, ଶଶୁର, ପତିଦେବ ସେବାରେ ତ ବାନ୍ଧି ହେଇଯିବା । ଆଜି ତୋ ପତି ତତେ ପାର୍ଟିରେ ଯୋଗ ଦେବାକୁ ବାରଣ କରୁଛନ୍ତ । କାଲି କହିବେ ଛୁଆ ଜନ୍ମ କର, ତା' ପରେ ତୁ ହୋଇଯିବୁ ଗୋଟେ ପିଲ୍ ଜନ୍ମ କର୍ ମେସିନ୍ ଆଉ ସେ ନେଞ୍ଜା ତାଙ୍କର ଅସଲ ପତ୍ନୀ ହୋଇ ରହିବ ।

ରୀତୁ କଥା ଗୁଡ଼ିକରେ ସତେ ଯେମିତି ଯାଦୁ ଥାଏ । କେଡ଼େ ବୁଦ୍ଧିମତୀ ଝିଅଟିଏ । ସଂସାରକୁ, ଜୀବନକୁ ସେ ଭଲ କରି ଚହ୍ନିଛି । ତା'ଠୁ ବହୁତ କଛି ଶିଖିବାର ଅଛି । ବେଳେବେଳେ ଦୁଃଖ କରି ରୀତୁକୁ କହିଥାଏ, କ'ଣ କରିବି !ପରମ୍ପରା ଗତ ପରିବାର, କେମିତି ସମସ୍ତଙ୍କୁ ଉପେକ୍ଷା କରି....

ସେମିତି କାହିଁକ ଭାବୁଛୁ । ତୋର ସାର୍ ପରିବାର ତ ଦୂରରେ । ରହିଗଲ୍ ସେଇ ଗୋଟିଏ ମଣିଷ । ସିଏ ଯଦି ଅନ୍ୟ ସହ ତା'ର ସଂପର୍କ ଜାରି ରଖୁଛି ତୁ କାହିଁକ ଓହରି ଯିବୁ । ହଁ ଆଉ ଗୋଟାଏ କଥା । ତୁ ପ୍ରିୟବ୍ରତଙ୍କୁ ଜାଣିଛୁ ? ତୋ ପାଇଁ ସେ ପାଗଳ ।

ହଁ, ସେଦିନ କଲେଜ ଫଙ୍କସନ୍‌ରେ ଯାହା ଦେଖା ହୋଇଥିଲ୍ ।

ତା' ପରଠୁ ତ ସେ ତୋ ନାଁ ଶୁଣିଲେ ଦିଓ୍ୱାନା । ତୋ ସଂଗେ ପଦେ କଥା ହେବା ପାଇଁ ସେ କେତେଥର ଯେ ମତେ ଅନୁରୋଧ କଲ୍ଣି । ମାଳତୀର କଥା କାଟି କହିଲ୍ ରୀତୁ ।

ହେଲେ ସିଏ ମତେ ବହୁତ ଚଲାକ ଚତୁର ଲ୍‌ଗୁଥିଲେ ରୀତୁ । ମୋ ଭଳ ଗାଉଁଲିଟେ ସଂଗେ କଥା କହିବା ପାଇଁ ସତରେ ସେ ତତେ କହୁଥିଲେ ?

ତୋ' ଠୁ ଗ୍ରୀନ୍ ସିଗନାଲ୍ ମିଳ ନଥିଲ୍ ବୋଲି ମୁଁ ଚୁପ୍ ରହୁଥିଲି । ଆଜି ତାକୁ ଏ ଖୁସି ଖବରଟା ଦେଇ ଦେବି । ହେଲେ ମନେ ରଖିଥା, ତୁ ଜମା ତୋ ନିର୍ଣ୍ଣୟରୁ ଓହରିବୁନ । ଟିକଏ ଲାଇଫ ଏଞ୍ଜୟ କର ।

ହେଲେ ଇଏ ଜାଣିବେ ଯଦି...

ତୁଟା ଗୋଟେ ଗଜମୂର୍ଖ । ଏ ସବୁ ଜାଣିବା ପାଇଁ ସିଏ କ'ଣ ତାଙ୍କ ଅଫିସ କାମ ଛାଡ଼ି ସ୍କୁଲ କଲେଜକୁ ଆସିବେ ।

ISSN NO.
2582-208X

କଲେଜରେ ମୋ ଭାଇ ପଢୁଛି । ସିଏ ୟାଙ୍କର ବହୁ ନଜର ।

ଏ ସଂସାରରେ କେହି କାହାର ନଜର ନୁହନ୍ତୁ ମାଳ । ତା'ର ଗରଜ ପଡ଼ିଥିଲା । ଏଇଠି ଆସି ପାଠ ପଢୁଛି । ତେଣୁ ଦେଖାଇବାକୁ ତ ହେବ ସିଏ ତା ଭିଣୋଇର ବହୁ ନଜର । ହଁ, ଆଉ ଗୋଟେ କଥା । ସିଏ ବିଜ୍ଞାନ ଛାତ୍ର । ତା' ପାଖରେ କାହା ପାଇଁ ଚଉକଦାରୀ କରିବାକୁ ସମୟ ନାହିଁ? ତା' ଛଡ଼ା ସିଏ କ'ଣ ଡାକ୍ତରୀ, ଇଞ୍ଜିନୟରିଂ କରିବ । ତେଣୁ ଏ କଲେଜରେ ଅତିବେଶୀରେ ଆଉ ଗୋଟିଏ ବର୍ଷ ।

ରୀତୁ ତ ଏବେ କଲେଜ ଗଲାଣି । ତା' ବାହାଘର କେବେ କରୁଉଛନ୍ତୁ ମାଉସୀ ।

ସେ କଥା ଆମେ ଏ ଯାକେ ମନକୁ ବି ଆଣିନୁ । କିଏ ଜାଣେ ତା ଭାଗ୍ୟକୁ କେମିତି ବରୁଟାଏ ଆସିବ । ଝିଅଟା ଜୀବନ ଜୀଇବା ବି ଶିଖି ପାରିବନ ।

ଏବେ ତ ଅୟସ କରିବାର ବୟସ, ଟିକଏ ମସ୍ତି କରୁ । ୟେ ପତି, ଶାଶୁ, ଶଶୁର ଚୁଲା ଚଉକାରେ ବାନ୍ଧି ହେଇଗଲେ ଜୀବନର ରସ କେମିତି ଚାଖିବ! ଭଗବାନ ରୂପ ଦେଇଛନ୍ତି, ଯୌବନ ଦେଇଛନ୍ତି, ତା'କୁ କାହିଁକି ବରବାଦ କରିବ ! ତୁ ସେଇ ପୁରୁଣା ଜମାନାରେ ରହି ଯାଇଛୁ, ଉପରକୁ ଗୋଟେ ଅଗାଡ଼ି ପତି । ଆଲୋ ତୋ ବର ପାଖରେ ଯୋଉ ଗାଦି ଅଛି ସେଇ ଖାତିରିରେ ତ ଗଣ୍ଡା ଗଣ୍ଡା ଆସି ତାଙ୍କ ପାଦରେ ନୋଟିବେ, ହେଲେ ସେ ମସ୍ତି କରିବା ଶିଖି ନାହାନ୍ତି । ଭୁଲ୍ ଭଟକରେ ଅୟସ କରି ଚାକରାଣୀ ଠୁ ଛୁଆ ଜନ୍ମ କରେଇ ଦେଲେ ।

କେମିତି କ'ଣ କରି ପାରିବି ମାଉସୀ । ମତେ ବୁଦ୍ଧି ଦିଅ । ତୁମମାନଙ୍କ ହସ ଖୁସି ଦେଖିଲେ ମୋ ଉପରେ ମୋର ଦୟା ଆସୁଛି । ବିଶେଷ କରି ରୀତୁକୁ ଦେଖିଲେ ।

ସିଏ ମୋ କଥା ଶୁଣିଛି, ଯେତେ ହେଲେ ମା'ର ରକ୍ତ ତା ଶିରା ଧମନୀରେ ବୋହୁଛି । ଶିଖନ୍ତାନ କେମିତି ! ହଁ ଗୋଟେ କାମ କର । ତୁ ତାଙ୍କୁ ଭଲ କରି ପାନେ ଦେ, ମୁଣ୍ଡ ଘର ଧରି ଯିବ । କିଛି ବୁଝିଲୁ ?

ନାଁ ମାଉସୀ ।

ତୋ ସରଳତାର ସେ ଫାଇଦା ଉଠେଉଛନ୍ତୁ । ଦୁନିଆ ଆଗରେ ଦେଖେଇ ଦେ କି ସେ ପିଲାଟା ମଧୁବାବୁଙ୍କର । ତା'ପରେ ତୋ ରାସ୍ତା ସାଫ୍ ।

ISSN NO.
2582-208X

ବୁଝି ପାରିଲିନ ମାଉସୀ ।

ଆଲେ ହୁଣ୍ଡୀ, ତାପରେ ତୁ ତୋ ମନଇଚ୍ଛା ଅୟସ କରିବୁ । ସେତେବେଳେ ଆଉ ତତେ କଛି କହିବାକୁ ତାଙ୍କର ମୁହଁ ଥିବ ।

ରୀତୁଠୁ ଏ କଥା ଜାଣିବା ପରେ ମୁଁ ମୋ ବାଲୁଭଇନାଙ୍କ ସାହାଯ୍ୟ ନେଇଥିଲି । ସେ ଓକଲ। ଓକଲମାନେ ତ ସତକୁ ମିଛ, ମିଛକୁ ସତ କହିବାରେ ଧୁରନ୍ଧର । ହେଲେ ସେ କଛିଟା ପ୍ରମାଣ ମୋ ତରଫରୁ ଆଶା କରୁଛନ୍ତୁ ।

ଖୁବ୍ ସରଳ । ଆଜିକାଲି ବିଜ୍ଞାନ ବହୁତ ଆଗେଇଲାଣି । ମଧୁବାବୁଙ୍କ ସଂଗେ ସେ ଛୁଆର ଡ଼ିଏନ୍ ଏ ପରୀକ୍ଷା କରେଇ ଦେ । ମୁଁ ହେମ ମ୍ୟାଡ଼ାମ୍‌ଙ୍କୁ କହିବି ସେ ତା'ର ବ୍ୟବସ୍ଥା କରିଦେବେ ।

ରୀତୁ କହିବା ଅନୁସାରେ ଆମେ ସାଂଗମାନେ ମିଶି ତାଙ୍କ ପାଖକୁ ଯାଇଥିଲୁ ମାଉସୀ । ହେଲେ ସେ ଜମା ଗୁରୁତ୍ୱ ଦେଲେନ ।

ହୁଣ୍ଡୀଟାଏ କ । ଏ ସବୁ ଗୁପ୍ତ କଥା । ତତେ ଏକା ଏକା କରିବାକୁ ହେବ ।

ବୁଝିଲି ମାଉସୀ । ଆଜି କଛି ଗୋଟାଏ କରିବି ।

ସେଦିନ ଶୋଇବା ଘରକୁ ଯାଇ ବିଛଣା ଧରିବା ଆଗରୁ ମଧୁସୂଦନକୁ ପ୍ରଶ୍ନ କରିଥିଲା ମାଳତୀ, ଲୋକମାନେ କେତେ କେତେ ଖରାପ କଥା କହୁଛନ୍ତୁ ।

ସେମାନଙ୍କ ମୁହଁ ବନ୍ଦ କରେଇବା ପାଇଁ ଅମର ସହ ତୁମର ଡିଏନ୍ଏ ମ୍ୟାଚଙ୍ଗ୍ କରେଇ ଦିଅ ।

ଇଏ ସବୁ ସେଇ ସଚରିତ୍ରା ମାତାଙ୍କର ଉପଦେଶ ତ ! ତାଙ୍କୁ କହ ପ୍ରଥମେ ସେ ନଜ ପିଲାମାନଙ୍କର ଡିଏନ୍ଏ ଟେଷ୍ଟ ସ୍ୱାଇଁ ବାବୁଙ୍କ ସହ କରାନ୍ତୁ । ପରେ ଅନ୍ୟର ସଂସାର ଉଜାଡ଼ିବେ ।

ବସନ୍ତ କୁଞ୍ଜ, ନୂଆ ଦିଲ୍ଲୀ

ISSN NO.
2582-208X

# ସଂକଟରେ ମୋ ଗାଁ



ପ୍ରଶାନ୍ତ କୁମାର ନାଥ

ସଂକଟରେ ପୂର୍ଣ୍ଣ ଆମରି ଜୀବନ
ବ୍ରାହ୍ମଣୀର ତଟ ଖାଇ
କେତେ ବେଳେ ଲୀନ ହେବ ଜୁଣଗଡି
ଜଳରେ ବୁଡିବ ଯାଇ ।

ଆହେ ପ୍ରଶାସନ ଦିଅ ଟିକେ ଧ୍ୟାନ
ଏ ଗ୍ରାମକୁ ବନ୍ଧ ବାନ୍ଧି
ହେଳା କରିଦେଲେ ଭେଳା ବୁଡ଼ି ଯିବ
ହେବୁ ଆମେ ଜଳ ବନ୍ଦୀ ।

ଗୋଧନ ସମ୍ପଦ ଗ୍ରାମର ଜୀବନ
ଧନ ଜୀବନ ସଂକଟେ
ଅତଡ଼ା ଖସିଲେ ଛନକା ପସୁଛି
ବୁଦ୍ଧି ବିବେକ ନ ଜୁଟେ ।

ପାଞ୍ଚ ଶହରୁ ଊର୍ଦ୍ଧ ଏ ଗ୍ରାମର ଲୋକ
ହେବେ ଯଦି ବାସହରା
କୁମ୍ଭୀର ସାଥିରେ ଗୋଳ କରୁଥିଲେ
କେ ହେବ ତାଙ୍କୁ ସାହାରା ।

ଦେଖ ସରକାର ବୁଝ ପ୍ରଶାସନ
ଜୁଣଗଡି ଦୁଃଖ କଥା
ବ୍ରାହ୍ମଣୀର ନଦୀ ଜୁଣଗଡି ପାଇଁ
ସାଜିଅଛି ବଡ଼ ବ୍ୟଥା ।।

(ଜୁଣଗଡି)
ରାଜନଗର କେନ୍ଦ୍ରାପଡ଼ା

ISSN NO.
2582-208X

# ପ୍ରଭୁ ତୁମ ପାଇଁ



ଅମରନାଥ ବାରିକ

ଅତି ଯତନରେ ଘର ଅଗଣାରେ
ଲଗାଇ ଅଛି ତୁଳସୀ
ଭକ୍ତି ଜଳ ଟେକି ପୂର୍ଣ ଆଞ୍ଜୁଳାରେ
ଶରଧା ଦେଇ ପରଶି ।

ଗୁନ୍ଥିବି ବୋଲିକି ତୁଳସୀର ମାଳ
ବାଡ଼ି ବଗିଚାରୁ ମୁହିଁ
ଆଣିଛି କଦଳୀ ପଟୁଆ ସାଇତି
ଭାବରେ ରଙ୍ଗେଇ ତହିଁ ।

ବାଛି ବାଛି କେତେ କାଟିଛି ବାଉଁଶ
ବଇଁଶି କରିବା ପାଇଁ
ଗୋଟି ଗୋଟି କରି ତୋଳିଛି ମଲ୍ଲୀକୁ
କୁଞ୍ଜବନ ସାରା ଧାଇଁ ।

କୁଞ୍ଚିତ କେଶକୁ ଶୋଭା ଦିଶେ ବୋଲି
ମୟୂର ଚନ୍ଦ୍ରିକା ଆଣି

ISSN NO.
2582-208X

ରଖିଛି ସଜେଇ ଆନନ୍ଦ ମନରେ
ଦିବାନିଶି ପରା ଗଣି ।

ଲବଣୀରେ ତୁମ ମନ ଥାଏ ଜାଣି
ବାନ୍ଧିଛି ଗୋଠରେ ଗାଇ
ଡାକୁଛି ଅଧମ କରୁଣ କଣ୍ଠରେ
ଖାଅ ମୋ କଳାକହ୍ନାଇ ।

ଆସ ଥରେ ମୋର ହୃଦ ମନ୍ଦିରକୁ
କରିଛି ଦୁଆର ଖୋଲା
ହରିନିଅ ଯେତେ ଜୀବନର ଦୁଃଖ
ଭରି ସୁଖ ଶାନ୍ତି ଡ଼ାଲା ।

କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ଦୂରଭାଷ - ୯୫୪୦୩୦୮୦୯୫

ISSN NO.
2582-208X

# ମୋ ଜୀବନ



ପ୍ରଜ୍ଞା ପାରମିତା ଦାଶ (ମିଶ୍ର)

ବଣ ମଲ୍ଲୀ ଫୁଟି
ବଣରେରହିଲା
ବାସ୍ନା ଜାଣିଲେନି କେହି
ଆଶା ଯେତେଥିଲା
ଆଶା ରେ ରହିଲା
ଜାଣି ପାରିଲେନି କେହି ।।
ମନର ଆଶା କୁ ମନରେ ରଖିଲି
ପରିସ୍ଥିତି ଚାପ ଦେଇ।।
ଆଖିର ସପନ ଆଖିରେ ରଖିଲି
ନିଦକୁ ଭୁଲେଇ ଦେଇ।।
ସମୟ ସୁଅରେ ଭାସି ଯାଇଅଛି
ଯୁଆଡେ ନେଉଛି ନେଉ
ନିନ୍ଦା ଅପବାଦ ସବୁ ସହିଯିବି
ଯାହାସେ ଦେଉଛି ଦେଉ।।

ଆଶା ମୋର ଅଛି ମୋ ସୁଖ
ସୁରୁଜ ଦିନେ ଯେ ଉଇଁବ
ଭରଷା ଅଛି ତା ଠାରେ
ଦୁଃଖର ବାଦଲ ଦିନେ ହଟି ଯିବ
ସୁଖ ଆସିଗଲା ପାରେ ।।
ଆଶା ଦୀପ ମୋର
ନିଶ୍ଚୟ ଜଳିବ
ଆଲୋକିତ କରି ସୃଷ୍ଟି ।।

ବନ୍ଧମୁଣ୍ଡା
ଯାଜପୁର

ISSN NO.
2582-208X

# ବିଡମ୍ବିତ ଭାଗ୍ୟ



ଦେବଦତ୍ତା ଦେବୀ

ଙ୍କ ବର୍ଷା ହେଉଛି । ଲ୍‌ଗୁଛି ସତେ ଯେପରି ଏ ବର୍ଷ ବର୍ଷା ବନ୍ଦ ହେବନାହିଁ । ସନଆ ପିଣ୍ଡା ଟାରେ ମେଘି ଆଉ ପିଲ୍ ମାନଙ୍କୁ ଧରି ବସିଛି । ଦୁଇ ଜଣ ଙ୍କର ଚନ୍ତା ର ସୀମା ନାହିଁ ସନଆ ଭ୍‌ବୁଛି ଏ ବର୍ଷା ବୋଧେ ତାର ଘର ଦ୍ୱାର ଭସେଇନବ । ପୁଣି ଭ୍‌ବୁଛି ଭ୍‌ଙ୍ଗିଯାଆନ୍ତା ଙ୍କ ଏ ଘର ସ୍ୱାର, ସବୁ ନଷ୍ଟ ଢ୍ୱସ୍ଥ ବିଦ୍ୱସ୍ଥ ହେଇଯାଆନ୍ତା ଙ୍କ । ଏ ଘରେ ତାର ଆଉ କଣ ଅଛି ଙ୍କ ଘର ଭ୍‌ଙ୍ଗୁ ଙ୍କ ରହୁଙ୍କ ନାହିଁ ।

ଆଜି ତାର ମନେ ପଡିଯାଉଛି କାହିଁ କେତେ ଦିନର କଥା ପ୍ରାୟ ପଗ୍ଚଶ ପାଖାପାଖ୍ ବର୍ଷ ତଳେ ତା ବାମା ସାଙ୍ଗରେ ଶରତ ର କେଉଁ ବଣ ଜଙ୍ଗଲ ରୁ ଆସିଥିଲ୍ ଉଦଳା କୁ ସରସ୍ୱତୀ ପୂଜାଯାତ୍ରା ଦେଖିବାକୁ । ସେ ଗହଳ ସେ ଆଲୁଅ ଦେଖି ତା ଆଖି ଝଲସି ଯାଉଥିଲ୍, ସେ ସବୁ ଦେଖୁ ଦେଖୁ କେତେବେଳେ ବା ହାତରୁ ହାତଖସି ଗଲ୍‌ଣି ଜାଣିପାରିଲ୍‌ଣି । ଦୋକାନ ର ଭେଳଙ୍କ ଭେଳଙ୍କ ଖେଳନା ଉପରୁ ମୁଁହ ଫେରେଇ ବା ର ହାତ ଖୋଜିଲ୍ ବେଳଙ୍କୁ, ସେ ଜାଣିପାରିଲ୍ ପାଖରେ ବା ନାହିଁଙ୍କ ମା ନାହିଁ । ବଡ ପାଟିରେ ବା ବା ମା ମା ଡାଙ୍କଡାଙ୍କ ଥଙ୍କଗଲ୍‌ଣି ଙ୍କନ୍ତୁ ବା ନାହିଁ ଙ୍କ ମା ନାହିଁ, ସତେରେ କଣ ତାକୁ ଏ ମେଳା ରେ ଛାଡ଼ିଦେଇ ପଳେଇଲେ, ସେ ଏବେ କଣ କରିବ. କାନ୍ଦି କାନ୍ଦି ଲହୁଲୁହାଣ ହେଇଗଲାଣି । ଏଇ ମାକଦେଇ ସେଇ ସମୟ ରେ, ତାଠୁ ଟିକିଏ ବଡ ହେବ କୁଆଡୁ ଥିଲା କେଜାଣି ଆସି ତାର ହାତ ଧରି ହଠାତ କହିଲା କାଇଁ କାନ୍ଦୁଛୁ । ଲୁହ ସିଂଘାଣି ଏକାକାର କରିଦେଇ କହିଲା ମୋ ବା ମା କୁଆଡେ ଗଲେ । ମାକଦେଇ ତା ହାତ ଧରି ସାନ୍ତ୍ୱନା ଦେଲ୍ ସାହସ ଦେଲ୍ କହିଲ୍ ଗ୍ଲେ ଖୋଜିବା । ସେଇ ମାକ ଦେଇ ର ଆଜି କଣ ହେଲ୍ ଯେ ଆଜି ସବୁ ସାହା ଭରସା ଛଡେଇ ନେଇ ମୋତେ ଦାଣ୍ଡ ର ଭିକାରି କରିଦେଲ୍ । ଖୋଜି ଖୋଜି ନୟାନ୍ତ ହେଇଗଲ୍ ପଛେ ବା ଙ୍କ ମା ର ପତା ବି ମିଳଲ୍‌ନ, ହେଲେ ଭଉଣୀ ର ସାହା ମିଳଗଲ୍ ମାକ ଦେଇ

ISSN NO.
2582-208X

ସାଙ୍ଗରେ ଗ୍ଲଲିଲା ସେ ସୁଦୁସୁଡ଼ିଆ ଗାଁ କୁ । ମାକ ଦେଇ ର ବା ମା ହେଇଗଲେ ତାର ବା ମା । ଏତେ ସ୍ନେହ ଶ୍ରଦ୍ଧା ପାଇ ସେ ଭୁଲିଗଲା ତାର ଜନ୍ମତ ବାପା ମା ଥିଲେ ବୋଲି । ସୁଡୁ ସୁଡ଼ିଆ ଗାଁ ର ମାଟି ହେଇଗଲା ତାର ଜନ୍ମ ମାଟି । ତାର ରାସ୍ତା ହେଇଗଲା ତାର ନତିଦିନଆ ଚଲା ପଥ ଆଉ ତାର ଗ୍ରାମବାସୀ ହେଇଗଲେ ତାର ପ୍ରିୟଜନ । ଆସ୍ତେ ଆସ୍ତେ ସେମାନେବି ଭୁଲିଗଲେ ସନଆ କେଉଁଠୁ ଆସି ଏଠି ଆଶ୍ରୟ ନେଇଛି ବୋଲି । ସନଆ ନା ବି ଗାଁ ଗ୍ରାମବାସୀ ତାଲିକା ରେ ଉଠିଗଲାଣି । ମାକଦେଇ ର ବା ମା ଙ୍କର ଗେଲ୍ହା ପୁଅ ମାକ ର ତ ଗେଲ୍ହା ଭାଇ । ପୁନଅଁ ପର୍ବ ଦିଅଁ ଦେବତା ସବୁଥିରେ ପୁଅ ଓ ପୁଅ ର ଅଧିକାର । ତାର ଯେ ଗୋଟେ ଅତୀତ ଅଛି ସେ କଥା ମନେ ପକାଇ ବାକୁ ତାରବେଳ ଅଣ୍ଟିଲାନ ।

ଆସ୍ତେ ଆସ୍ତେ ସମୟ ଗାଡିଗ୍ଲଲିଲା ।ମାକ ଦେଇ ର ବୟସ ବାର ରୁ ଷୋହଳ ହେଲା ଯୌବନ ତାକୁ ଛୁଇଁଲା । ବା ମା ଙ୍କର ଚନ୍ତା ବଢିଲା ବର ଘର ଠିକ ହେଲା ରକ୍ତ ର ଭାଇ ଭଳ କାନ୍ଧକୁ ସବୁ ଦାଇତ୍ୱ ତୁଲାଉଥିଲା । ସେତେବେଳେ କୁ ସେ ବା ର ହାତ ଧରି ବିଲ ଚଷୁ ଥାଏ । ଚଉଦ କ ପନ୍ଦର ବର୍ଷ ବୟସ ର ଭେଣ୍ଡା ଟୋକା ଟିଏ । ଦେହରେ ଅମାପ ବଳ । ଆଜି ବି ମନେଅଛି ଦେଇ ଘରକୁ ବରଧାଗ୍ରେ ଯାଇଥିଲେ ଯେ ଦେଇ ଘରେ ତାକୁ ଦେଖି ସମସ୍ତେ ଟୁପୁରୁଟୁପୁରୁ ହେଉଥିଲେ ଭାଇ ଟି ବଢିଆ ହେଇଛି । ଗଢ଼ଣ ପୁରା ଭଉଣୀ ଭଳ । ଅନୂଢ଼ା କଶୋରୀ ମାନେ ତ ତା ଉପରୁ ଆଖି ଫେରାଉନଥିଲେ । ବାହାଘର ବେଳେ ବର କୁ ବାପା କାଖେଇ ଆଣିପାରିଲେନ ଯେ ସେ କାନ୍ଧ ଉପରେ ବସେଇ ଏକାଥରେ ବେଦୀ ଉପରେ ବସେଇଦେଲା । ତାପରଠାରୁ ସବୁ ପୁନଅଁ ପରବ ରେ ଭାର ଥୋର ଧରି ଦେଇ ଘରକୁ ସନଆ ତ ଯାଏ । ଦେଇ ର ଗୋଟିଏ ପରେ ଗୋଟିଏ ଦୁଇଟି ପୁଅ ଗୋଟିଏ ଝିଅ । ସମସ୍ତ ଙ୍କର ପ୍ରିୟ ସନଆ ମାମୁଁ । ସବୁ ଅଳ ଅର୍ଦଳୀ ମାମୁଁ ପାଖରେ ।ଏ ଭିତରେ ନଜେ କେତେବେଳେ ପୂର୍ଣ୍ଣ ଯୁବକ ହେଇଯାଇଛି, ମା କୁ ବାର୍ଦ୍ଧ୍ୟକ ଛୁଇଁଲାଣି, ଆଉ ଘର କାମ କୁ ଆଗ ଭଳ ପାରୁନାହିଁ, କନ୍ତୁ ଯେଉଁଦିନ ମାକ ଦେଇ ଘରକୁ ବୁଲି ଆସିଲା ବେଳେ ମା କୁ କହିଲା ମା ଲୋ ତୁତ ଆଉ କାମ କୁ ପାରୁନାହୁଁ ସନଆ କୁ ବାହା କରିଦେ ସତରେ ସନଆ ଝିଅ ପିଲା ଭଳ ଲାଜେଇ ଗଲା । ସେଇ ମାକଦେଇ ଦେଖି ଗ୍ଲହିଁ ଗ୍ଲନ୍ଦ କୁ ଏ ଘରକୁ ବୋହୂ କରି ଆଣିଥିଲା । ମୁହଁ ଟି ସତରେ ଗ୍ଲନ୍ଦ ପରି ଗୁଣ ବି ଉଜ୍ଜ୍ୱଳ, ଅଳ୍ପ ଦିନରେ ସମସ୍ତ ଙ୍କୁ ଆପଣେଇ ନେଲା । ବୋଉ ର ଘର କାମରୁ ପୁରା ଛୁଟି । ଦିନ ପରେ ଦିନ କାଟିଗ୍ଲଲିଲା । ଏଭିତରେ ସେ ତିନୋଟି ପିଲା ର ବାପା । ବୟସ ଖସିଗ୍ଲଲିଲା । ଗୋଟେ ଗୋଟେ ବାଳ

ISSN NO.
2582-208X

ପାଚବାକୁ ଲାଗିଲା । ଆଗ ବା ତାପରେ ମା ଡକା ଡକ ହେଇ ଗୋଟେ ବର୍ଷ ରେ ଉପର କୁ ଚାଲିଗଲେ । ଶୁଦ୍ଧି କ୍ରିୟା ସେଇ ତା ମାକଦେଇ ଆଉ ଭାଇ ଙ୍କ ତତ୍ତ୍ୱାବଧାନ ରେ କେଡେ ସୁରୁଖୁରୁରେ ସାରିଦେଲା । ସେତେବେଳେ ବା କେହି ବନ୍ଧୁବାନ୍ଧବ ବା ଗାଁ ସାଇପଡିସା ତାର ଅଧିକାର କୁ ନିଜ ପୁଅ ନୁହେଁ ବୋଲି ଥରେ ବି ପ୍ରଶ୍ନ ଉଠେଇ ନାହାନ୍ତି ବରଂ ଏଡ଼େ ସୁନ୍ଦର ଭାବେ କାମଟି ସାରିଦେଲା ବୋଲି ବାହାବାହା କରିଛନ୍ତି । ସବୁ କାମ ସରିଗଲା ବା ର ଘରଡ଼ିହ ତାର ରହିବା ଘର ହେଇଗଲା ବା ର ଜମିବାଡ଼ି ସେ ଚଷୀ ସେ ଘର ଚଳେଇଲା, ଦେଇ ର ଝିଅ ବାହାଘର ର ସବୁ ଦାୟିତ୍ୱ ତୁଲେଇଲା । ସବୁ ତ ଠିକ ଚାଲିଥିଲା, କିନ୍ତୁ ଏ ସମ୍ପର୍କ ରେ ଏତେ ଆବିଳତା ଆସିଗଲା କେତେବେଳେ ଜଣାପଡିଲାଣି ।

ଆଜିକୁ ସାତ ବର୍ଷ ତଳେ ଗାଁ କୁ କଣ ଗୋଟେ ସରକାର ଙ୍କର ଚକବନ୍ଦୀ ଆସିଲା । ସେଇଠୁ ସବୁ ଉଲଟ ପାଲଟ ହେଇଗଲା । ଚାଷୀ ଗୋଟେ ଜାଗା ରେ ସୁବିଧା ରେ ହଳ ବୁଲେଇ ପାରିବ ସେଥିପାଇଁ ସରକାର ଙ୍କର ଏ ଚକବନ୍ଦୀ ପ୍ରୟାସ ।ଅଫିସର ସବୁ ଆସି ତମ୍ବୁ ଟଣା ହେଇଥିବା ଅଫିସ ରେ କାମ ଆରମ୍ଭ କଲେ । ସମସ୍ତ ଙ୍କର ଜମି ମାପଚୁପ ହେଉଥାଏ । ସନିଆ ର ଜମି ମାପଚୁପ ବେଳକୁ ବସିଥିବା ହାକମ ପଚାରିଲେ ଏ ଜମି ତମର ତ ସନିଆ ଉତ୍ତର ଦେଲା ହଁ ବା ର ଥିଲା, ଏବେ ମୋର । ତୁମର ଆଉ ଭାଇ ଭଉଣୀ ଅଛନ୍ତି, ସେ ଉତ୍ତର ଦେଲା ହଁ ଖାଲି ଭଉଣୀ ଟିଏ ଗାଁ ସରପଞ୍ଚ କୁ ବୁଲିପଡି ହାକମ ବାବୁ ପଚାରିଲେ, ଏ କଣ ଠିକ କହୁଛି । ସରପଞ୍ଚ କହିଲେ ହଁ ଆଜ୍ଞା, ଚାରି ପାଞ୍ଚ ବର୍ଷ ବେଳରୁ କୋଉ ଗୋଟେ ମେଳା ରୁ ସନିଆ କୁ ଆଣି ପୁଅ କରି ତା ବାପା, ଘରକୁ, ସେଇଦିନରୁ ସେ ଏ ଘରର ପୁଅ । ହଠାତ ହାକମବାବୁ ପଚାରିଲେ ଆଚ୍ଛା ଏହାର କିଛି ପୋଷ୍ୟ ପୁତ୍ର ଦଲିଲ ତା ବାପା କରିଛିକି । ଉତ୍ତରରେ ସରପଞ୍ଚ କହିଲେ ନାଇତ ଅଜ୍ଞ୍ୟା ମୁଁ ତ ଏମିତି କିଛି ଦଲିଲ କଥା ଶୁଣିନି । କରିଥିଲେ ତ ତା ବାପ ମୋତେ ନିଶ୍ଚୟ ଜଣାଇଥାନ୍ତା, ମୁଁ ଗାଁ ସରପଞ୍ଚ ଟି. ହାକମବାବୁ ସନିଆ କୁ କହିଲେ ହଉ ରେ ସନିଆ ଆଉ କଣ ଦସ୍ତାବିଜ ଥିବ ଯେମିତିକି ତୁ ଯେଉଁ ସ୍କୁଲ ରେ ପଢିଥିବୁ ସେଠି ତୋ ନାମ ଏଇ ବାପା ର ପୁଅ ବୋଲି ଥିବ ନହେଲେ ଆଉକଣ କାଗଜ ପତ୍ରରେ ତୋ ବାପ ନାମ ମଦନା ଥିବ ତୁ ଦିନେ ଦିଦିନ ଭିତରେ ଖୋଜି ଆଣେ । କଣ ବା ଦସ୍ତାବିଜ ସେ ପାଇବ । ବା ତା ଜମି ବାଡ଼ି କେବେବି ଆଉ କଣିନାହିଁ । ସନିଆ ତ ଆସିଲା ଦିନ ରୁ ଛାଇ ଭଳି ବା ପଛେ ପଛେ ଲାଗିଛି, ଟିକିଏ ବଡ ହେବାରୁ କାନ୍ଧ ରେ କାନ୍ଧ ମିଶେଇ ବା ସାଙ୍ଗରେ ବିଲ ରେ ହଳ ବୁଲେଇଥିଲା । ଆଉ ସ୍କୁଲ ଯିବା ପାଠ

ISSN NO.
2582-208X

ପଢ଼ିବା କଥା କେବେ ବି ଭାବିନ କି କଳ୍ପନା ବି କରିନ ଆଉ ଏଇଲେ ସ୍କୁଲ ରୁ କି କାଗଜ ଆଣିବ । ମୁଣ୍ଡ କାମ କରୁନ ଭାବି ଭାବି ଦୁଇ ଦିନ ହେଲାଣି, ଚନ୍ତାରେ ମୁଣ୍ଡ ଫାଟିପଡୁଛି, ପେଟକୁ ଦାନା ଯାଉଛି । ମାକଦେଇ ପାଖକୁ ଯିବା କୁ ପଡିବ ଭାବି ଭାବି ଆଖି ବୁଜି ଯାଇଛି, କେବେବେଳେ ରାତି ପାହି ସକାଳ ହେଲାଣି ।

ହଠାତ ମାକଦେଇ ର ପାଟିଶୁଣୀ ଆମ୍ଭା କୁ ରାହା ମିଳଗଲା ଭାବି ଦାଣ୍ଡ କୁ ଦଉଡିଗଲା, କନ୍ତୁ ମାକଦେଇ ର ଏଡ଼େବଡ଼ ହାଣ୍ଡି ଭଳ ଥମ ଥମ ମୁହଁ ଦେଖି ଦଣ୍ଡେ ରହିଗଲା ସନଆ । ତଥାପି ସାହସ କରି ପଗ୍ଚରିଲା ଦେଇ ମୁଁ ଏବେ କଣ କରିବି । ଦେଇ କୁଣ୍ଢେଇ ଧରି କାନ୍ଦି ଉଠିଲା କହିଲା ମୋ ଭାଇଟା ରେ ତୁ ବ୍ୟସ୍ତ ହଁ ନା ରେ ସବୁ ଠିକ ହେଇଯିବ । ପୁଣି କହିଲା ମୁଁ ତୋ ପାଇଁ ତୋ ଭିଣୋଇ ଙ୍କୁ କହିବି, ଯାହା ହେବ ସେଇ ପ୍ରଭୁ ଙ୍କ ଇଚ୍ଛା । ଭାଇ ଭଉଣୀ ବୁହେ କାନ୍ଦ କଟା କରି ଶେଷରେ ସୁଁ ସୁଁ ହେଇ ଚୁପ ହେଲେ । ହେଲେ ଦୁଇଙ୍କର ମନରେ ଅନେକ ଆଶଙ୍କା । ଯାହା ପ୍ରଭୁଙ୍କ ଇଛା. ମାକ ସୁଁ ସୁଁ ହେଇ କାନ୍ଦି କାନ୍ଦି ପରଦିନ ଘର ଛାଡି ଗଲା ବେଳ କୁ ଲାଗୁଥାଏ ସତେ ଯେପରି ସବୁ ଦିନ ପାଇଁ ଭାଇଭଉଣୀ ଅଲଗା ହେଉଛନ୍ତି ।

ଏ ସଂସାର ରେ ବିପଦ ବେଳେ ସମସ୍ତେ ଭଗାରୀ । କଥାରେ ଅଛି ମାପେଟର ଭାଇ ବି ଭଗାରୀ ହେଇଯାଏ । ଯଦିଓ ତାର ଦେଇ ଭିତରେ ଏମିତି କିଛି ମତାନ୍ତର ନ ଥିଲା ତଥାପି ଦେଇ ର ଦିଅର ପକା ଟାଉଟର ଟିଏ ତାରି ପ୍ରଭାବ ରେ ଦେଇ ଆଉ ସେ ଚକବନ୍ଦୀ ହାକିମ ଙ୍କ ଆଗରେ ପୁରା ଦୁଇ ଦଳ ହେଇଗଲେ ପର ର ସୁଖ ଅପେକ୍ଷା ଦୁଃଖ ଦେଖିବାକୁ ଲୋକ ଙ୍କୁ ଭଲଲାଗେ । କେହିକାହାକୁ ନଡାକିଲେ ବି ପୁରା ଗାଁ ଦୁଇ ଭାଗ ହେଇଗଲା ଦେଇ ପଟେ ଦଳେ ତ ତା ପଟେ ଦଳେ ଦେଇ ଆଉ ତା ପାଟି ରୁ କଥା ବାହାରିବା ପୂର୍ବରୁ ଦୁଇ ଦଳ ର କନ୍ଦଳ ଆରମ୍ଭ ହେଇଗଲା । ଦେଇ ର ମୌନତା ଦେଖି ଅଭିମନରେ ସନିଆ ପାଟିରୁ ହାକିମ ଙ୍କ ଆଗରେ ବାହାରିପଡିଲା । ହଁ ହଁ ମୁଁ ବା ର ଗୋଟିଆ ପୁଅ ଦେଇ ମୋର ନିଜ ଭଉଣୀ ନୁହେଁ । ତା ପାଟିରୁ କଥା ସାରିଛିକି ନାହିଁ ସତେ ଯେପରି ଦେଇ ଆଖିରୁ ନିଆଁ ବାହାରି ପଡିଲା ପୁରା ରଣଚଣ୍ଡୀ ବେଶ ରେ ପାଟି କରି ଉଠିଲା ହଁ ହଁ ବାପା ଏଇଟାକୁ ଯାତ୍ରା ରୁ ଗୋଟେଇ ଆଣିଥିଲେ, ବା ର ମୁଁ ଏକୁଟିଆ ଝିଅ, ତା ଜମିବାଡ଼ିରେ ମୋରି ଏକା ହକ । ଏତିକି ରେ ହାକିମ ତାଙ୍କ ଶେଷ ରାୟ ଶୁଣେଇଦେଲେ ଦେଇ ଏକମାତ୍ର ସନ୍ତାନ ବା ର ଏବଂ

ISSN NO.
2582-208X

ବା ର ଜମିବାଡ଼ିରେତାରି ଏକୁଟିଆ ହକ, ମୁଁ ପାଳିତ ପୁତ୍ର ହେଇପାରେ ମାତ୍ର ମୋର ବା ର ଘର କି ଜମିରେ କିଛି ବି ହକ ନାହିଁ, ତେଣୁ ବା ର ଘର ଓ ଚାଷ ଜମି ସବୁ ଦେଇ ର ସତ୍ୱ, ତେଣୁ ସେ ଗୁଡିକ ଦେଇ ନାମ ରେରେକର୍ଡ କରାଗଲା। ସନିଆ ଏତେ ବର୍ଷ ପରେ ପୁଣି ବେସାହାରା ଅନାଥ ହେଇ ଦୁନିଆ ଦାଣ୍ଡ ରେ ବୁଲିବ।

ଟାଉଟର ଙ୍କ ପ୍ରଦୂଭାବ ଏବେ ଘରେ ଘରେ ଆଉ ଦେଇ ପାଖରେ ସବୁତକ ଡେରା ପକାଇଛନ୍ତି ସେଇ ମାନଙ୍କ ପ୍ରରୋଚନା ରେ ପୁଣି ସନିଆ ଚାଲିଲା କୋର୍ଟ କଚେରୀ ଆଡକୁ ନିଜ ପାଇଁ ବା ଜମିରେ ହକ ଖୋଜିବା ପାଇଁ। ଏ ଭିତରେ ସାତ ବର୍ଷ ବିତିଗଲାଣି, କିନ୍ତୁ ଥର ଟିଏ ବି ଦେଇ ଆସିନି ଏ ଦୁଆର କୁ ତାର ହକ ଜାହିର କରିବାକୁ, ଖାଲି ଯାହା କୋର୍ଟ ରେ ଦେଇ ସାଙ୍ଗରେ ଦୂରରୁ ଦେଖା ହୁଏ। ଏତେ ବର୍ଷ ଭିତରେ ଭାଇ ଭଉଣୀ ଥରେ ବି କଥା ହେଇନାହାନ୍ତି। କାଲି କୋର୍ଟ ରେ କେଶ ସରିଲା ହାକିମ ଅନ୍ତିମ ରାୟ ଶୁଣାଇଦେଲେ ସନିଆ ପାଳିତ ବା ଗୋଟିଆ ପୁଅ ହେଇଥିବାରୁ ତାର ବା ଘର ବା ଚାଷ ଜମି ଉପରେ କିଛି ବି ଅଧିକାର ନାହିଁ। ସବୁ ସମ୍ପତି ର ମାଲିକ ମାକଦେଇ ଉତ୍ତରାଧିକାରୀ ସୂତ୍ରେ ବାପାର ମୃର୍ତ୍ୟୁ ପରେ ଏକାକାର ମାଲିକାନାଷତ୍ୱ ପାଇଲା ଓ ଆସନ୍ତା ପନ୍ଦର ଦିନ ଭିତରେ ଘରୁ ବେଦଖଲ ହବା ପାଇଁ ଆଦେଶ କୋର୍ଟ ଦେଲେ। କାଲିଠାରୁ ସନିଆ, ଚାନ୍ଦ କି ପିଲାମାନେ କାହାରି ପେଟକୁ ଦାନା ନାହିଁ।

ସନିଆ ଭାବୁଛି ପିଲାଦିନେ ଜନ୍ମିତ ବାପା ମା ହାତ ଛାଡି ମେଳା ରେ ଚାଲିଗଲେ, ଏଇଲେ ଆଇନ ଦେଇ ଆଉ ବା ଙ୍କ ଠାରୁ ହାତ କୁ ଛଡେଇ ଦେଲା। ଧାରା ଶ୍ରାବଣ ର ଅବିରତ ବର୍ଷା ଧାରା ଘର ବାହାରେ ଛେଚୁଛି, ଆଉ ଘର ଭିତରେ ସନିଆ ର ଛାତି ଭିତର ସତେ ଯେପରି ଦୁମଦୁମ ଆବାଜ ରେ ପ୍ରକମ୍ପିତ ହେଇ ଉଠୁଛି। ସନିଆ, ଚାନ୍ଦ, ଆଉ ପିଲା ଦୁଇ ଙ୍କର ଆଖିରୁ ଅବିରତ ଲୁହର ବର୍ଷା ବହିଚାଲିଛି, ଲୁହାପୋଛି ଦେବାକୁ ଆଖ ପାଖରେ କେହି ବି ନାହିଁ। କଣ କରିବେ କୁଆଡେ ଯିବେ ଥଳ କୂଳ କିଛି ବି ପାଉନାହାନ୍ତି। ବେଳେ ବେଳେ ସନିଆ ଆଉ ଚାନ୍ଦ ଙ୍କର ମନ ହେଉଛି ଜୀବନ ହାରିଦେବାକୁ କିନ୍ତୁ ପିଲାଦୁହିଁଙ୍କ ଶୁଖିଲା ମୁହଁ ସେଥିରୁ ବାରଣ କରୁଛି। ସନିଆ ଘରର କାନ୍ଥ ବାଡ଼ ଆସବାସ ପାତ୍ର କୁ ଆଉଁସି ପକାଉଛି କେତେ ଯେ ସ୍ମୃତି ଆଉ ଅନୁଭବ ସେଥିରେ ଜଡିତ କେମିତି ଛାଡିବ, ହଠାତ ଭୋ ଭୋ କରି କାନ୍ଦି ଉଠିଲା, ଚାନ୍ଦ ଆସି ଧରି ପକେଇବାରୁ କହିଲା ଚାନ୍ଦ ଲୋ ମୁଁ

ISSN NO.
2582-208X

ଅନାଥ ଥିଲି ପୁଣିଥରେ ଅନାଥ ହେଲି, ଏ ଦୁଃଖ ମୋ ପିଲାଙ୍କୁ କେମିତି ଦେବି । ଚାନ୍ଦ ବୁଝେଇବାକୁ ଲାଗିଲା ଏମିତି ଅଧର୍ଯ୍ୟ ହେଲେ ଚଳିବ, ଯେଉଁ ଠାକୁର ଏ ବିପଦ ଦେଲେ ସେ ନିଶ୍ଚୟ ବିପଦ ରୁ ବାହାରିବାର ଉପାୟ ବତେଇବେ । ଆମେ ଗାଁ ମୁଣ୍ଡରେ ଚାଲିଆ କରି ରହିବା ତୁମେ ମୂଲ ଲାଗିବ । ମୁଁ ତ ଟିକିଏ ସିଲେଇ ଜାଣିଛି ସେ କାମ କରି ରୋଜଗାର କରି ଚଳିଯିବା । ବ୍ୟସ୍ତ ହୁଅନାହିଁ ।

ଚାନ୍ଦ ମୁଁହ କୁ ଦେଖି ଲୁହ ପୋଛିଲା । ହଠାତ ଦୁଆରେ ଢକ ଢକ ଶବ୍ଦ ଶୁଣି ମନରେ ଛନକା ପଶିଲାଦେଇ ବୋଧେ ଆସିଗଲା ଘରୁ ବାହାର କରିବାକୁ, ଏ ବର୍ଷା ରେ କୁଆଡେ ଯିବେ । ପୁଣି ଦୁଆରେ ଢକ ଢକ ଆବାଜ, ଦୁଆର ଖୋଲିଲା ବେଳକୁ ଭଣଜା ଭାଣେଜୀ ଛତା ଧରି ଠିଆ ହେଇଛନ୍ତି, ସନିଆ କୁ ଦେଖି କୁଣ୍ଢେଇ ଧରି ଭୋ ଭୋ ହେଇ କାନ୍ଦି ଉଠିଲେ, କହିଲେ ତୁଇ ଆମର ମାମୁଁ, ନିଜ ମାମୁଁ । କେହି ତୋତେ ଆମଠୁ ଅଲଗା କରିପାରିବେନି । ତୁ ବ୍ୟସ୍ତ ହଁ ନାହିଁ ଆମେ ତୋତେ ଚଲେଇବୁ । ଭଣଜା ସହରରେ ଡିପ୍ଲୋମା କରୁଛି । କହିଲା ମାମୁଁ ତୁ ମୋ ପାଖରେ ରହି ଲେଦ ରେ କାମ କରିବୁ, ମାଇଁ ସ୍ୱୟଂ ସହାୟତା ଗୋଷ୍ଠୀ ରେ ସିଲେଇ କରିବ ପିଲା ଦିଜଣ ମାଗଣା ରେ ସରକାରୀ ସ୍କୁଲ ରେ ପାଠ ପଢିବେ ।

ସନିଆ ଉପରକୁ ହାତ ଉଠେଇ ଠାକୁର ଙ୍କୁ କହିଲା ଅରକ୍ଷିତ କୁ ଦଇବ ସାହା । ଦେଇ ମୁଁହ ଫେରେଇଦେଲା ଗୋଟିଆ ଭାଇ ପର କରିଦେଲା, ତାରି ରକ୍ତ ନିଜର କରି ବଂଚିବା ର ରାହା ଯୋଗାଉଛନ୍ତି । ଏବେ ବି ମାନବିକତା ବଞ୍ଚିଛି । ବର୍ଷା ଯେପରି ସନିଆ ସବୁ ଚିନ୍ତା, ଦୁଃଖ ଧୋଇନେଲା ତାକୁ ବଂଚିବାର ର ରାହା ମିଳିଗଲା । ସଂସାର ସିନା ତାକୁ ଅନାଥ କରିଦେଲା କିନ୍ତୁ ଠାକୁରେ ତାକୁ ନିଜର କରିନେଲେ । ଭାବାବେଗ ରେ ଭଣଜା ଭାଣେଜୀଙ୍କୁ କୁଣ୍ଢେଇ ସନିଆ କାନ୍ଦି ଉଠିଲା ହଁ ମୁହିଁ ତମର ମାମୁଁ ।

ପ୍ରାକ୍ତନ ଜିଲ୍ଲା ନ୍ୟାୟାଧୀଶ
ପ୍ଲଟ ନମ୍ବର ୩ ଡି, ୨୨୫୨,
ସିଡିଏ ୧୧, ମର୍କତ ନଗର, କଟକ

ISSN NO.
2582-208X

# ହସ ଖୁସିର ସଂସାର



ଡଃ ପ୍ରିୟମ୍ବଦା ସାମଲ

ଏକ ମନ ଆନ ସହ ସର୍ବଦା ସଂପୃକ୍ତ
ନିଜ ନିଜ କର୍ତ୍ତବ୍ୟରେ ରହିଥାନ୍ତି ବ୍ୟସ୍ତ ।
ନିଜର ଉନ୍ନତି ସହ ପରିବାର ହିତ
ହସ ଖୁସିର ସଂସାର ତାହା ସମାହିତ ।
ପ୍ରତ୍ୟକର ହିତ ପାଇଁ ମୁରବୀ ଜାଗ୍ରତ
ଶାନ୍ତ ଶିଷ୍ଟ ମନେ କରେ ବିଚାର  ନିରତ ।
ଛଳନା କୁଟିଳ କିବା ପାତର ଅନ୍ତର
ଶୋଭା ପାଏ ନାହିଁ ଯହିଁ କାହାର ଅନ୍ତର ।
ସ୍ନେହ ଶୁଭ ଭାବନା ଝରେ ନିରନ୍ତର
ସ୍ୱର୍ଗ ସମ ସେହି ହସ ଖୁସିର ସଂସାର ।
ସ୍ନେହ ପ୍ରେମ ଶ୍ରଦ୍ଧା ଭକ୍ତି ପ୍ରତିଟି ମନରେ
ନିରନ୍ତର ବିରାଜଇ ଚିନ୍ତା ଚେତନାରେ ।
ଏକ ମନ ଏକ ପ୍ରାଣ ଏକଇ ଚିନ୍ତନ ।

ଖୋଲି କରି ମନକଥା ପ୍ରକାଶଇ ଜନ
ଗ୍ରହଣ କରଇ ବାର୍ତ୍ତା ହୋଇ ଖୁସି ମନ ।
ସ୍ନେହ ଶ୍ରଦ୍ଧା ଭକ୍ତି ଭାବ ଯହିଁ ବିଦ୍ୟମାନ
ଏକ ମନ ଆନ ଯହିଁ ଆଦର ସମ୍ମାନ ।
ହସ ଖୁସିରେ ଏକ ଦୁଃଖ ହରଇ ଆନ
ଉନ୍ନତି ପଥେ ଗମେ ସେ ସଂସାର ମହାନ ।

ଛତିଶଗଡ଼/ନନ୍ଦନ ବିହାର,
ଭୁବନେଶ୍ୱର

ISSN NO.
2582-208X

# କେଉଁ ଲେଖନୀରେ ଲେଖିଲ ମୋ ଭାଗ୍ୟ

ଅ ଠାରୁ, କ୍ଷ ପର୍ଯ୍ୟନ୍ତ



ରଶ୍ମିତା ନାୟକ

ଅନାଦି ଅନନ୍ତ ସଗୁଣ ନିର୍ଗୁଣ
ଆତ୍ମା ଜ୍ରମ ପୟୋବ୍ରତ
ଅପ୍ରାକୃତ ପ୍ରେମ ମୂର୍ତ୍ତୀ ଅବିନାଶୀ
ଅବ୍ୟକ୍ତରେ ତୁମେ ବ୍ୟକ୍ତ ।।

ଆଶାସରି ଯାଏ ନିଶ୍ୱାସ ନଥାଏ
ତାହାହିଁ ମୋକ୍ଷ ଆତ୍ମାର
ଆଶା ଥିବ କିନ୍ତୁ ନିଶ୍ୱାସ ନଥିବା
ତାହାହିଁ ମୃତ୍ୟୁ ପ୍ରାଣୀର ।।

ଇଛା କରେ ଯେବେ ସୁଖେ ରହିବାକୁ
ନୂଆ ଦୁଃଖ ଯାଏ ଘେରି
ଈଶ୍ୱର ହେ କେଉଁ ଲେଖନୀରେ ଭ୍ଗ୍ୟ
ମୋର ଲେଖିଲ ମୁର୍‌ରୀ ।।

ଉପେକ୍ଷା କରଇ ମିଥ୍ୟା ନକହଇ
ଶ୍ରେଷ୍ଠ ପାପ ମିଥ୍ୟା ମଣି
ଉପଇନ୍ଦ୍ର ଚନ୍ତୁ ଗୀତା ଭ୍‌ଗବତେ
ମନ ନିବେଶଇ ପୁଣି ।।

ଊଣା କରିନାହିଁ ତବ ପୂଜାର୍ଚ୍ଚନା
କାହିଁକି ଭୋଗେ ଯନ୍ତ୍ରଣା
ଊଣା କରନାହିଁ କରୁଣା ତୁମର
ମୁଁ ନୁହେଁ ଭକ୍ତ ନିପୁଣା ॥

ଋଷି ତପୋଧନ ହେ ମଧୂସୂଦନ
ସୁନ୍ଦ୍ରଧର ତୁ ବିଶ୍ୱର
ଋତୁପୂର୍ଣ୍ଣକାରୀ ସବୁଜିମା ଭର
ଶ୍ୟାମଳୀମା ଅବନୀର ।।

ଏକାକ୍ଷର ବ୍ରହ୍ମ ସାକାର ସଗୁଣ
ବ୍ରହ୍ମାଣ୍ଡର ଅଧୀଶ୍ୱର
ଏକାତୁହି ମୋକ୍ଷ ମାର୍ଗ ବାସୁଦେବ
ପାପପଙ୍କୁ କର ପାର ।।

ଐକ ଭାବ ଧରି ସୁଖେ ରହେ ମୂଢ
ହାହାକାରେ ମରେ ତପି
ଐଶ୍ୱର୍ଯ୍ୟ ବର୍ଦ୍ଧକ ଆହେ ପୁଣ୍ଡରିକ
ତରିବି ଅଜପା ଜପି ।।

ISSN NO.
2582-208X

ଓଷ୍ଠ ରକ୍ତପଦ୍ମ ସମ କ ସୁନ୍ଦର
ରଂଗାଧର ନାମଧାରୀ
ଔଷଧି ସ୍ୱହସ୍ତେ ସୁଦାମା କ୍ଷତରେ
ଲେପି କଷ୍ଟ ନେଲ ହାରି । ।

କରୁଣାମୟ ହେ କରୁଣାରେ ତୋର
କ୍ଲେଶ ନରହୁ ଅନ୍ତରେ
କାଳୀୟଦଳନ ହେ କଂଞ୍ଜନୟନ
ଭକ୍ତଭାବ ଦିଅ ନରେ । ।

ଖଞ୍ଜି ଦେଲ ନଭେ ଆଦିତ୍ୟ ,ଶଶାଙ୍କ ,
ଉଜ୍ଜ୍ୱଳ ତାରକାଗଣ
ଖଂଜା କଲ ଖାଦ୍ୟ ପ୍ରାଣୀ କ୍ଷୁଧା ଅର୍ଥେ
ରେ଼ଖିବାକୁ ସନ୍ତୁଳନ । ।

ଗୋବର୍ଦ୍ଧନ ତୋଳ ଗିରିଧାରୀ ତୁମେ
ରଖିଲ ଅଗୁଂଳ ଅଗ୍ରେ
ଗଗନରେ ଦେଖି ଇନ୍ଦ୍ର ଯେ ଚକିତ
ଗର୍ବ ଭାଂଗି ଗଲାତେବେ । ।

ଘନନୀଳ ମେଘ ବର୍ଣ୍ଣ ହୃଦେ ଶୋଭେ
ଅମୂଲ୍ୟ କୌସ୍ତୁଭମଣି
ଘାଣ୍ଟି ହୁଏ ମୁହିଁ କର୍ମ କଷଣରେ
ଘନଶ୍ୟାମ କ ନ ଯାଣି । ।

ଚକ୍ର ପେଷି ନକ୍ର ନାଶିନାରାୟଣ
ରଖିଛ ଗଜର ପ୍ରାଣ
ଚତୁର୍ବର୍ଗ ଫଳ ଦାତା ଭଗବାନ
ମୋ ପାଇଁ ହୁଅ ପାଷାଣ ॥

ଛନ୍ଦ କପଟ ମୁଁ ଉପେକ୍ଷା କରଇ
ଅନଷ୍ଟ କାରକ ସେହି
ଛନ୍ଦା ଚରଣରେ ସମର୍ପିତ ପ୍ରାଣ
ଆଶ୍ରା ଦିଅ ଭାବଗ୍ରାହୀ ॥

ଜଗତର ପତି ଅଗତିର ଗତି
ଅନାଥ ଜନର ନାଥ
ଜଗତ ତାରଣେ ନନା ଅବତାରେ
ଅବତର ଜଗନ୍ନାଥ ॥

ଝୁଣ୍ଟି ପଡିଲେ ମୁଁ ହେ ବିଶ୍ୱତନ୍ମୟ
କରିଥାଅ ତୁମେ ଆହା
ଝଡ ଝଞ୍ଜା ସହି ଝାଉଁଳି ପଡେ଼ନ
ସାହାତୁମେ ଚଉବାହା ॥

ଠକ ଦେବନାହିଁ ଆହେ ମାୟାଧର
ତୋ ମାୟା ପାରେନ ଯାଣି
ଠକଦେଲେ ତୁମେ ବିଶ୍ୱାସ ତୁଟିବ
କାହାର ହେବି ମୁଁ ପୁଣି ॥

ଡାକ ଡାକ ତୋତେ କ୍ଲାନ୍ତ ମୁଁ ହୁଏନ
ଶୁଖିଯାଉନ ମୋ ଗଳା
ଡାକଲେ ଦ୍ରୌପଦୀ କୁରୁସଭାସ୍ଥଳେ
ଦେଖାଇଲୁ ତୋର କଳା ॥

ISSN NO.
2582-208X

ଢକ ଢକ କରି ତୁମ ନାମାମୃତ
ପାନ କରି ଯାଉ ଜୀବ
ଢମ କହିବିନ ହୃଦୟ ଦେବତା
କରୁନାହିଁ କେବେ ଗର୍ବ ॥

ଅଣା କ୍ଷର ତୁମେ ଆକାର ବିହୀନ
ଦୃଶ୍ୟ ଅଦୃଶ୍ୟ ର ସ୍ୱତ୍ତା
'ଣ'କାର ମୂରତି ବର୍ଣ୍ଣିବି କେମିତି
କୁହହେ ବିଶ୍ୱ ବିଧାତା ।

ତୈଳ ଭରିଦେଲ ଜୀବନ ପ୍ରଦୀପେ
କରମ ଦେଖି ମୋହର
ତୈଳ ସରିଗଲେ ନିର୍ବାଣ ଲଭି ମୁଁ
ସତେ ଯିବି ସ୍ୱର୍ଗପୁର ॥

ଥାଇ ସବୁ ଠାରେ  ଅପକ୍ଷ ପାତ୍ରରେ
ବାଣ୍ଟି ଦିଅ ତୁମେ ତୈଳ
ଥକ ପଡିଲିଣି ଜଳ ଜଳ ପ୍ରଭୂ
କେତେ ତୈଳ ଭରିଥିଲ ? ।

ଦୀନଜନ ବନ୍ଧୁ ହେପ୍ରଭୁ ଦୈତାରୀ
ପରଂବ୍ରହ୍ମ ନମସ୍କାର
ଦିନ ଯାଉ ବିତି ଗାଇ ତୁମ ପ୍ରୀତି
ଶ୍ରୀ ନାମ ବ୍ରହ୍ମ ଓଁକାର ॥

ଧପ ଧପ ଜଳେ ଜୀବନ ପ୍ରଦୀପ
ଆୟୁ ତୈଳ ଥିବାଯାଏ
ଧିକ ମୋ ଜୀବନ ହେ ଧ୍ରୁବ ସମ୍ମାନ
ଏଷଣା ତୋ ଦାସ ହୁଏ ॥

ନରକେ ବଞ୍ଚିଛି ନିର୍ବାଣ ମାଗୁଛି
ନୀଳମଣି ନୀଳାମ୍ବର
ନିର୍ଲିପ୍ତ ପୁରୁଷ ନହୁଅ ବିରସ
ନରୋତ୍ତମ ନମସ୍କାର ॥

ପ୍ରାଣ ନକରିଛି ପାପ ଯେତେ ପ୍ରଭୂ
ପୂର୍ଣ୍ୟ ତୋ ନାମରେ ସେତେ
ପ୍ରହଲ୍ଲାଦେ ଦୟା କଲ ପୁଣ୍ଡରୀକ୍ଷ
ପର କରିଦେଲ ମୋତେ॥

ଫେଡ଼ ମୋ କଷଣ ହେ କଂଚନୟନ
ନ ଫେଡ଼ି ଦେଉଛ ଗୁଣି
ଫେଡ଼ିଲ କଷଣ ଭାବେ ସମର୍ପଣ
ହୁଅନ୍ତେ ପାଣ୍ଡବ ରାଣୀ ॥

ବନ୍ଧନ ସବୁ ମୋ ତୁଟାଇ ଦିଅହେ
ତ୍ରୈଲୋଚନ ବନ୍ଦନୀୟ
ବହିଯାଏ ଲୁହ ବିଦଗ୍ଧ ହୃଦୟ
ବିଭୋର ବିଭୁଙ୍କ ମୋହ ॥

ISSN NO.
2582-208X

ଭ୍ଗ୍ୟକୁ ନନ୍ଦେନ ଭ୍ଗ୍ୟଧର ତୁନ
ରହି ମୁଁ ଗୁମୁରି କାନ୍ଦେ
ଭ୍ଗ୍ୟ ବଦଳରେ କର୍ମଫଳ ପାଇଁ
ଭ୍ଲ ବିବେକକୁ ନନ୍ଦେ ॥

ମାୟାରେ ମୋହିତ ମିଛ ସଂସାର ଏ
ମାଟି ମୟ ପିଣ୍ଡ ମଣି
ମୁହୂର୍ତ୍ତେ ଲଗେ ମେଞ୍ଚାଏ ସଦୃଶ
ମନେ ତୁମ ନାମ ଭଣି ॥

ଯଥୋଚତ ବିହୀ ଲିହିଲ୍ ମୋଭ୍ଗ୍ୟ
ଜାଣିଛ ଯୁଗାନ୍ତକାରୀ
ଯାହାକର୍ମ ଫଳ ନୋହିବ ନଷ୍ଫଳ
ଯେ ଦଣ୍ଡ ପ୍ରାପ୍ୟ ଯାହାରି ॥

ରଂଗାୟିତ ଭ୍ବେ ମୋ ଜୀବନ ଚର୍ଯ୍ୟା
ରଙ୍ଗକଲ ରଙ୍ଗାଧର
ରଙ୍ଗ ବୋଳହୋଇ ଅଭିନୟ କଲି
ରଙ୍ଗାଧୃତ ଆସକ୍ତର ॥

ଲ୍ଲାୟିତ ଲୁହ ନଗିଡି ପଡୁଛି
ଲୁହରେ କଲି ଅର୍ଚ୍ଚନ
ଲିଭି ନଯାଉ ଏ ଜୀବନ ପ୍ରଦୀପ
ଲଭିନ ତୋ ଦରଶନ ॥

ବିଜନ ରଜନୀ ଆସେ ସ୍ୱପ୍ନ ଘେନି
ବିଷ୍ଣୁ ବୃଷ୍ଣିବଂଶ ଶ୍ରେଷ୍ଠ
ବିଶାଳାକ୍ଷ୍ୟ ତୁମେ ବ୍ରହ୍ମ ଜ୍ଞାନ ଧନ
ପାଇବି ମନ ଉଚ୍ଚାଟ ॥

ଶ୍ରୀପତି ଶ୍ରୀହରି ଶ୍ରୀକ୍ଷେତ୍ର ବିହାରୀ
ଶମ୍ଭୁନେତ୍ର ଶିରୀଧର
ଶ୍ରୀମନ୍ଦିର ଶିରୀ ଶ୍ରୀନାଥ ଶ୍ରୀକୃଷ୍ଣ
ମୋ ହୃଦୟ ଅଧିଶ୍ୱର ॥

ଷୋଳ କଳାଧାରୀ ଗୋଲକ ବିହାରୀ
ନୁହଁଇ ମୁଁ ରାଧାରାଣୀ
ଷୋଳଣା ରୁ ବାରଅଣା ଊଣା କରି
ମୋ ଭାଗ୍ୟ ଲେଖିଲ ପୁଣି ॥

ହସୁଛି ଅତୀତ କାନ୍ଦେ ବର୍ତ୍ତମାନ
ହାତ ଠାରେ ଭବିଷ୍ୟତ
ହନୁସିକ୍ତ ତନୁ ହୃତବର ବିନୁ
ଆନେ ପାତିନାହିଁ ହାତ ॥

କ୍ଷରିତ ହେଉଛି ନଖ କୋଣୁ ତୁମ
ସୁଧାମୟ ମକରନ୍ଦ
କ୍ଷମାଶୀଳ କ୍ଷମା ମାଗୁଛି ରଶ୍ମିତା
କ୍ଷମା ଦିଅ ଆଦିକନ୍ଦ ॥

ଜଗତସିଂହପୁର
ଯୋଗାଯୋଗ -7894265611

ISSN NO.
2582-208X

# ତମ ଭିତରେ



ଚିତରଂଜନ ବେହେରା

ଏ ଦୁନିଆର ଭିଡ ଭିତରେ
ମୁଁ ତମ ଭିତରେ ଦେଖିଥିଲି
ମୋ ଦୁନିଆ....
ଏ ସ୍ୱାର୍ଥପର ମାନଙ୍କ ମଧ୍ୟରେ
ମୁଁ ତମ ହୃଦୟରୁ ପାଇଥିଲି
ନିଃସ୍ୱାର୍ଥପର ଭଲପାଇବା.....!!
ଏ ଅନ୍ଧାରିଆ ଜୀବନ ଭିତରେ
ମିଞ୍ଜି ମିଞ୍ଜି ହୋଇ ଜଳୁଥିବା
ଆଲୋକ ସିଖାଟିଏ ପାଇଥିଲି
ତମ ସମ୍ପର୍କ ଡୋରିରୁ.....!!
ଯାହା କି ମୋତେ
ବଞ୍ଚିବାର ରାହା ଦେଇ ଆଜିପର୍ଯ୍ୟନ୍ତ
ବଞ୍ଚେଇ ରଖିଛି....
ମୋତେ ଜୀବନ ବଞ୍ଚିବାର ସଞ୍ଜୀବନି
ତମ ହିଁ ତ ଦେଇଛ.....
କେଜାଣେ   କାହିଁକି
ଆଜି ମୁଁ ନିରବ ଓ ନିଶବ୍ଦ.....!!

ବୌଦ୍ଧ
ମୋ - ୯୪୩୮୭୧୦୩୮୭

ISSN NO.
2582-208X

# ପଶ୍ଚିମ ଓଡ଼ିଶାର ଲୋକ ଗୀତରେ ସମାଜ ଜୀବନର ଚିତ୍ର – ଏକ ବିଶ୍ଳେଷଣ



ଅଧ୍ୟାପକ ସିଦ୍ଧାନ୍ତ କୁମାର ଦାଶ

ସାହିତ୍ୟ ଓ ସମାଜ ପରସ୍ପର ପରିପୂରକ । ସେଥିପାଇଁ ଯୁଗେ ଯୁଗେ ସାହିତ୍ୟ ଓ ଜନଜୀବନର ସଂପର୍କ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ରହି ଆସିଛି । ସମାଜର ହସ – କାନ୍ଦ, ଭଲ- ମନ୍ଦ, ଉଚତ – ଅନୁଚତ, ଠିକ୍ – ଭୁଲ୍, ରୀତି – ନୀତି, ପ୍ରଥା – ପରମ୍ପରା ଆଦି ସବୁକଛି ସାହିତ୍ୟରେ ପରିଦୃଷ୍ଟ ହୋଇଥାଏ । ସାହିତ୍ୟ ଲିଖିତ ହୋଇଥାଉ ନା ଅଲିଖିତ ହୋଇଥାଉ ମଣିଷ ଜୀବନ ଓ ସମାଜ ଜୀବନର ଚନ୍ଦ୍ର ଦର୍ପଣ ପରି ପ୍ରତିଛବି ଜନସମାଜରେ ପ୍ରକାଶିତ କରେ । ସେଥିପାଇଁ କୁହାଯାଏ । **Literature is the mirror of society.**

ଲୋକ ସାହିତ୍ୟ ହେଉଛି ଲୋକ ଜୀବନର ବେଦ । ଅନ୍ୟ ଅର୍ଥରେ କହିଲେ ମଣିଷ ଜୀବନର ଏକ ସଫଳ ପରିପ୍ରକାଶ, ଭାବନାର ତଥା ଜୀବନ ଧାରାର । ଏହି ଲୋକ ସାହିତ୍ୟର ବିଭାଗ ମାନଙ୍କ ମଧ୍ୟରେ ଲୋକ ଗୀତ ହେଉଛି ଅନ୍ୟତମ । ଯେଉଁ ଗୀତର ସ୍ରଷ୍ଟା ଅଜ୍ଞାତ, ମୁଖରୁ ମୁଖକୁ ଗତି କରେ ,ଯାହାର ଲିଖିତ ରୂପ ନାହିଁ, ତାହା ହେଉଛି ଲୋକ ଗୀତ । ଇଂରାଜୀ ଶବ୍ଦ କୋଷ ଅନୁସାରେ ଲୋକ ଗୀତ କହିଲେ -**"A song originating among the people of a country or area, passed by oral tradition from one singer or generation to the next, often existing in several versions, and marked generally by simple, modal melody and stanzaic, narrative verse."**। ସୁତରାଂ ଓଡ଼ିଆ ଆଲୋଚକ ତଥା ଲୋକବିତ୍ ଲୋକ ଗୀତକୁ ବିବିଧ ଅର୍ଥରେ ଗ୍ରହଣ କରନ୍ତି । ଡକ୍ଟର ନଟବର ସାମନ୍ତରାୟ ଓ ଡକ୍ଟର ପଠାଣି ପଟ୍ଟନାୟକ ଲୋକ ଗୀତକୁ ପଲ୍ଲୀ ଗୀତ ଭାବରେ ଗ୍ରହଣ କରନ୍ତି । କାରଣ ଲୋକ ଗୀତରେ ପଲ୍ଲୀ

ISSN NO.
2582-208X

ପ୍ରାଣତା ଅଧିକ ମାତ୍ରାରେ ଦେଖିବାକୁ ପାଉ । ଓଡ଼ିଆ ଭାଷାରେ ଦୀର୍ଘତମ ଅଭିଧାନ ରଚନା କରିଥିବା ସ୍ରଷ୍ଟା ଶ୍ରୀ ଗୋପାଳ ଚନ୍ଦ୍ର ପ୍ରହରାଜ ଲୋକ ଗୀତକୁ ଲଘୁ ସାହିତ୍ୟ ଭାବରେ ମତବ୍ୟକ୍ତ କରନ୍ତୁ । ହୋଇପାରେ ଆକାରରେ ଲୋକ ଗୀତ କ୍ଷୁଦ୍ର ହୋଇଥିବାରୁ ଏ ଧରଣର ମତ ଦେଇଛନ୍ତୁ । ପୁନଶ୍ଚ ଲୋକ ଗୀତର ପରିସର ବେଶ ବ୍ୟାପକ । ନାନା ମୁନଙ୍କ ନାନା ମତ ଭାବରେ ଏହାର ପ୍ରକାରଭେଦ ନିରୂପଣ କରିଛନ୍ତୁ ଆଲୋଚକ । ଲୋକରତ୍ନ କୁଞ୍ଜବିହାରୀ ଦାଶ ଲୋକ ଗୀତକୁ ୪ ଭାଗରେ ବିଭକ୍ତ କରିଛନ୍ତୁ ।୧ - ପୁରୁଷମାନେ ବୋଲୁଥିବା ଗୀତ, ୨ ସ୍ତ୍ରୀମାନେ ବୋଲୁଥିବା ଗୀତ, ୩ ସ୍ତ୍ରୀ ଓ ପୁରୁଷ ଉଭୟ ବୋଲୁଥିବା ଗୀତ ଓ ୪ - ବାଳକ ବାଳିକାମାନଙ୍କ ଦ୍ଵାରା ବୋଲାଯାଉଥିବା ଗୀତ । ଡକ୍ଟର ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ଓଡ଼ିଆ ଲୋକ ଗୀତକୁ ତିନି ଭାଗରେ ବିଭକ୍ତ କରିଛନ୍ତୁ - ସାମାଜିକ, ଶିକ୍ଷାତ୍ମକ ଓ ଧାର୍ମିକ । ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ "ଓଡ଼ିଆ ଲୋକ ସାହିତ୍ୟ ଓ ଲୋକ ସଂସ୍କୃତି "ପୁସ୍ତକରେ ଲୋକ ଗୀତକୁ ୭ ଭାଗରେ ବିଭକ୍ତ କରିଛନ୍ତୁ । ଏହିପରି ଭାବରେ ଲୋକ ଗୀତ ଉପରେ ଅନେକ ଆଲୋଚକ ବିଭାଗୀକରଣ କରିଛନ୍ତୁ ।

ପଶ୍ଚିମ ଓଡ଼ିଶାର ସ୍ଵତନ୍ତ୍ର ସ୍ଥାନ କଳାହାଣ୍ଡି ଠାରୁ ଆରମ୍ଭ କରି ସୁନ୍ଦରଗଡ଼ ଜିଲ୍ଲା ପର୍ଯ୍ୟନ୍ତ ଏକ ପରିବ୍ୟାପ୍ତ ଅଞ୍ଚଳକୁ ଆମେ ପଶ୍ଚିମ ଓଡ଼ିଶା ଭାବରେ ଗ୍ରହଣ କରିଥାଉ । ସମ୍ବଲପୁର, ବଲାଙ୍ଗୀର, ବରଗଡ଼, ଦେବଗଡ଼, ସୁବର୍ଣ୍ଣପୁର, ଅନୁଗୁଳ ଜିଲ୍ଲାର ଆଠମଲ୍ଲିକ ଆଦି ପଶ୍ଚିମ ଓଡ଼ିଶାର ପରିସୀମା ଭାବରେ ପରିବ୍ୟାପ୍ତ । ଏହି ପଶ୍ଚିମ ଓଡ଼ିଶାର ଲୋକ ଗୀତ ବେଶ୍ ଉଚ୍ଚ କୋଟୀର । ସମାଜ ଜୀବନ ସତେ ଯେପରି ଜୀବନ୍ତ ଆଲେଖ୍ୟ ।

ପଶ୍ଚିମ ଓଡ଼ିଶାର ଲୋକ ଗୀତରେ କର୍ମମୟ ଜୀବନର ଚିତ୍ର ନିଖୁଣ ଭାବରେ ଦେଖିବାକୁ ମିଳେ । ଏ କ୍ଷେତ୍ରରେ କୃଷକ ଗୀତ, ଶଗଡ଼ିଆ ଗୀତ, ମଇଁଷିଆଳ ଗୀତ, ନାଉରିଆ ଗୀତ, ଚକୁଳିଆ ପଣ୍ଡା ଗୀତ, ସାପୁଆକେଳା ଗୀତ, ଗୋଗୋ ନାଦିଆ ଗୀତ ଆଦି ମାଧ୍ୟମରେ ଦେଖିବାକୁ ମିଳେ । ଯେତେବେଳେ କୃଷକ ଜମିରେ ଚାଷ କରୁଥାଏ, ଶ୍ରମ ଜନିତ କଷ୍ଟକୁ ଲାଘବ କରିବା ପାଇଁ ଗାଇ ଉଠେ ମଧୁଭରା ସଙ୍ଗୀତ ।

ISSN NO.
2582-208X

ଯଥା –
ବଏଲ୍‌ରେ ...
ରାବଣ ବଏଲ୍ ମୁଇଁ ରାଜା ଭିତିରେ ବଡ଼
ଚଉଦ କୁଶକେ ନେଇ ମୋହର୍ ଲଙ୍କାଗଡ଼
ଆଉ କେନ୍ତାକରି ଆଏବା ସେ ରାମଯେ ଲକ୍ଷ୍ମଣ
ମାଙ୍କଡ଼ ମାନକେ ଧରି ହୋ ........।

ସେହିପରି ପ୍ରାଚୀନ କାଳରେ ଏଠିକାର ଗମନାଗମନ କ୍ଷେତ୍ରରେ ଶଗଡ ଗାଡି ବ୍ୟବହୃତ ହେଉଥିଲା । ଶଗଡ଼ିଆ ଅନେକ ସମୟ ଧରି ଶଗଡ ଗାଡିରେ ସମୟ ଅତିବାହିତ କରୁଥିଲା। ଯେତେବେଳେ ସେ ଶ୍ରମ ଜନତ ପୀଡ଼ା ଅନୁଭବ କରୁଥିଲା ଗାଇ ଉଠୁଥିଲା ମଧୁଭରା ସଙ୍ଗୀତ । ଯଥା –

ଏ ମୋର ଧନରେ
ଯାଉଛେ , ଆସିମି ଫେରି
ଦୂର ଦୂର ପାହାଡ଼ ତ
ଘନ ଘନ ଜଙ୍ଗଲ
ଯାଉଛେ ..
ଆସିମି ଫେରି
ଶାଗ୍ ପଖାଲ ତୋର ପ୍ରୀତି ଶରଧା
ଆସିକ ପାଏମି ଫେରି ।

ଶଗଡ଼ିଆ ତା'ର ସ୍ତ୍ରୀ କଥା ଭାବି ଗାଇ ଉଠେ ଏହି ଲୋକ ସଂଗୀତ ।

ପଶ୍ଚିମ ଓଡ଼ିଶାରେ ଆଜି ବହୁତ ଉନ୍ନତି ହୋଇଛି ସତ । କନ୍ତୁ ସମସ୍ତଙ୍କ ଜୀବନରେ ଏହି ଉନ୍ନତି ଆସି ପାରିନାହିଁ । ଆଜି ମଧ୍ୟ ଏଠିକାର ଜନତା ଅନ୍ୟ ଅଞ୍ଚଳକୁ ଦାଦନ ଖଟିବାକୁ ଯାଆନ୍ତି । ଅଧିକାଂଶ ପୁରୁଷ ଓ ମହିଳା ଉଭୟେ ନଜର ଜୀବନ ଜୀବିକା ପାଇଁ ଦୂର

ISSN NO.
2582-208X

ଦୂରାନ୍ତର କାମ କରିବାକୁ ଯାଆନ୍ତି । ଅପର ପକ୍ଷରେ ନିଜର ସନ୍ତାନ ସନ୍ତତି କୁ ଆପଣାର ପରିବାର ହାତରେ ଥମାଇ ଯାଆନ୍ତି । ଗୋଟିଏ ଦୃଷ୍ଟାନ୍ତ ମାଧ୍ୟମରେ ଦିଆଗଲା । -

ନ କାନ୍ଦ ନ କାନ୍ଦ ବାବୁରେ
ତୋର ମାଆ ଯାଇଛେ ମାମୁଁଘର
କାଲି ସକାଲୁ ଫେରି ତ ଆଏବା
ଧରିକରି କେତେ ଉପହାର
ଖଜା ମଡ଼ା କେତେ ଆନ ଦେବାତ ସୁନାରେ
ଆନଦେବା ବରପାଲି ଗୁଡ଼ଲବର୍ ମୋର ଧନ
ଖାଉଥିବୁ ତୁଇ ମାର୍ କୁଲେ ବସି
ହସି ହସି ଜୀବର୍ ଧନ
ବୁଲିଯିମା ଆମେ ବରଗଡ଼ ହାଟରେ
କିନମା କେତେ ଦରବ
ନ କାନ୍ଦ ନ କାନ୍ଦ ବାବୁରେ
ତୋର ମାଆ ଯାଉଛେ
ମାମୁଁ ଘର ।

ଦାଦନ ଖଟି ଯାଇଥିବା ସମୟରେ ଛୁଆ ଘରେ ପରିବାର ଲୋକଙ୍କ ଆଗରେ ରୋଦନ କରିଛି । ତାହାକୁ ମନାଇବାକୁ ଯାଇ ଏହି ଲୋକ ଗୀତ ଗାଇ ଉଠିଛି ଗ୍ରାମ୍ୟ କବି ।

ସମାଜ ଲୋକ ବିଶ୍ୱାସ ଉପରେ ଅଧିକ ଗୁରୁତ୍ୱ ଆରୋପ କରେ । ପଶ୍ଚିମ ଓଡ଼ିଶାରେ ବହୁତ ଲୋକ ବିଶ୍ୱାସ ରହିଛି । ଝଡାଫୁଙ୍କା, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଶକୁନ, ଅବଶକୁନ ଆଦି । ଏ ସବୁ ଏଠିକାର ଲୋକ ଗୀତରେ ଦେଖିବାକୁ ମିଳେ ।

ଉଦାହରଣ -
ଆସକୁଟି ଭୁସକୁଟି
କୁକୁର୍ ଗୁହୁଁ ଚୁରୁପୁଟି

ISSN NO.
2582-208X

ଇଟ୍ ଆଟ୍ ଇଟ୍
ଫଟ୍ ସ୍ୱାହା
ଏ ମନ୍ତ୍ର ଗୁନ ଗାରେଡ଼ି ପାଇଁ ବ୍ୟବହୃତ ହୁଏ ।

ପଶ୍ଚିମ ଓଡ଼ିଶାର ଲୋକ ଖାଦ୍ୟ ଭାବରେ ପଖାଳର ବେଶ୍ ଖ୍ୟାତି ରହିଛି । ଏଠିକାର ଜନତା ପାଖଳ, ଶାଗ ଖରଡ଼ା, ବିଲାତି ପୋଡ଼ା, ଲଙ୍କା ଆଦିକୁ ନେଇ ବହୁତ ଖୁସିରେ ପାଖାଳ ମୁଠାଏ ଖାଆନ୍ତି ।

ଲୋକ ଗୀତ ମାଧ୍ୟମରେ ଦୃଷ୍ଟାନ୍ତ ଦିଆଗଲା -
"ଲାଲ୍ ଗଲଗଲ ପାତଲ ଘଣ୍ଟା
ହେଣ୍ଡୁଆ ସାଙ୍ଗେ ଚଟୁକୁଚୁଟା
ଦେରେ ସୁନ୍ଦରୀ ପଖାଲ ଦୁଇଟା ।"

ବାର ମାସରେ ତେର ପର୍ବ । ଉତ୍କଳ ସଂସ୍କୃତି ଓ ପରମ୍ପରା ବହୁତ ମହାନ । ପଶ୍ଚିମ ଓଡ଼ିଶା ମଧ୍ୟ ପର୍ବପର୍ବାଣୀ କ୍ଷେତ୍ରରେ ବେଶ ଅଗ୍ରଣୀ । ଏଠି ନୂଆଁଖାଇ, ପୌଷ ପୂର୍ଣ୍ଣିମା, କରମା ଆଦି ନାନା ପର୍ବ ଉଚ୍ଚ କୋଟୀର ଭାବରେ ପାଳତ ହୋଇଥାଏ । ଏହି ପର୍ବପର୍ବାଣୀ ଲୋକ ବିଶ୍ୱାସ ଓ ଲୋକ ମିତ୍ରତା କଥା କୁହେ । କରମା ଦେବୀଙ୍କୁ ଭାଗ୍ୟ ଦେବୀ ଭାବରେ ଗ୍ରହଣ କରି ଏଠିକାର ଜନତା ଗାଇଉଠେ -

ଦୋଷୀ ଦୋଷ ଗୋ କର କ୍ଷମା
ଗୋ ସିନ୍ଧୁ ଜେମା
ରମ୍ଭା ଦେବୀ ଘେନ ଗୋ ପୂଜା
ବିଧି ତୁଷରେ
ସହଜେ ମୁଇଁ ନଚ ଜାତି ଗୋ
କ ଦେଇ ତୋଷିବି ମତି
ଅତି ଗରିବ ମୁଇଁ ଗୋ
ଖଟି ଖାଉଛେ ଦିନରାତି

ISSN NO.
2582-208X

ଗୋ ..... ମାଆ .....
ଦୟାକର ଗୋ ଭଗ୍ୟର ମାତା ମୋହରି .....।

ପ୍ରେମ ପ୍ରତି ଯୁଗରେ ମଣିଷ ଜୀବନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ସମାଜରେ ଏହାର ସ୍ଥାନ ବେଶ୍ ଅଗ୍ରଣୀ । ଏ ହୃଦୟର ଏକ ମହକ । ଅମୃତ ଉପଲବ୍ଧିର ଏକ ଭ୍ବନା । ଏହି ପ୍ରେମରୁ ହିଁ ପ୍ରଣୟର ଜନ୍ମ। ପଶ୍ଚିମ ଓଡ଼ିଶାର ଲ୍ୋକ ଗୀତରେ ଏହି ପ୍ରେମ ପ୍ରଣୟର ଚହ ଦେଖିବାକୁ ମିଳେ । ରସରକେଲି, ମାଏଲ୍‌ଜଡ, ଜାଇଫୁଲ ଆଦି ଲ୍ୋକଗୀତ ଏହାର ବାସ୍ତବ ଦୃଷ୍ଟାନ୍ତ । ରସରକେଲି ଲ୍ୋକ ଗୀତ ର ଏକ ଉଦାହରଣ ଦିଆଗଲ୍ -

ଏ ରସରକେଲି ବୋ ......
ଖଜୁର୍ ଗଛ୍ କେ ଗୁନଗ୍ଧ ମୂଷା ଚଢ଼ିଗଲ୍
କଳା କାହ୍ନୁ ବଏଁଶୀ ଶୁନ ର୍ଧା ବାଇ ହେଲ୍ ହୋ
ଛାଡି ଘରବର ହେଇ ତରବର
ଆସି ଯେବେ ମିଳଗଲ୍ କଦମ୍ବ ମୂଳେ
ରସ୍ ମାଡିଗଲ୍ ରସ୍ ରସ୍ କ ଗଲ୍ ବୋ ......।

ନାରୀ ପୁରୁଷ ପ୍ରଧାନ ସମାଜରେ ସର୍ବଦା ଶୋଷିତ, ପୀଡ଼ିତ, ଅତ୍ୟାଗ୍ଚରିତ । ନାରୀ ବିବାହ ପୂର୍ବରୁ ଦୁଃଖ ପାଏ ଏବଂ ପରେ ମଧ୍ୟ ସେହି ସମାନ ଅବସ୍ଥା। ବହୁତ ଜ୍ଞାତି କୁଟୁମ୍ବ କୁହନ୍ତୁ ବିବାହ ପୂର୍ବରୁ ତୁ ପର ଘରର, ପୁଣି ବିବାହ ପରେ ମଧ୍ୟ ସେହି ସମାନ କଥା ତୁ ପର ଘରର । ତା'ର ଘର କେଉଁଠି ପ୍ରକୃତଃ ପ୍ରଶ୍ନବାଚୀ ! ଶାଶୁ ବହୁର ବାପଘର ଦାରିଦ୍ର୍ୟତା କୁ ନେଇ ସମାଲ୍ୋଚନା କରି ଗାଇଉଠେ -

"ଦେଖିଥିଲୁ କରେ ବାପରେ ଦିନେ
ସୁନାର ମୃଗ ଚରୁଥିଲ୍ ବନେ ।"

ISSN NO.
2582-208X

ଶାଶୁର ଅତ୍ୟାଗ୍ଚର ରେ ପୀଡ଼ିତ ବହୁ ଶାଶୁ ମୃତ୍ୟୁ ପରେ ଯେଉଁ ଭ୍ବନା ଆଣେ ଲୋ୍କ କବି ଭ୍ଷାରେ -

"କରଲ୍ ପତର୍ ଠାଏ କଲ୍
ଶାଶ୍ ମଲେ ବହ ହାଏ କଲ୍ ।"

ମଣିଷ ଭ୍ଗ୍ୟବାନ ଉପରେ ଗୁରୁତ୍ୱ ଆରୋପ କରେ । ମାନ ନଏ ଯାହା ଘଟିଛି ବା ଘଟୁଛି ବା ଘଟିବ କପାଳ ଲିଖନ । ଭ୍ଗ୍ୟରେ ଥିଲେ ନଶ୍ଚିତ ଫଳବ । କପାଳ ଲିଖନ ଭ୍ବିନଏ । ଯେତେବେଳେ ଆଉ କାହାକୁ ନଜଠାରୁ ଉନ୍ନତ ଦେଖେ କହି ଉଠେ -

"କାହା ଭ୍ଗେ ମୁଢ଼ି
କାହା ଭ୍ଗେ ପୁରୀ କ୍ଷୀରି ।"

ଲୋ୍କ ଗୀତ ଜନଜୀବନର ସଫଳ ଦର୍ପଣ। ମଣିଷ ସମାଜର ବାହ୍ୟ ଓ ଅନ୍ତ ଉଭୟ କଥା କୁହେ । ହସ ଲୁହର ଅମୃତ ଧାର୍ ଖେଳାଏ । ପଶ୍ଚିମ ଓଡ଼ିଶାର ଲୋ୍କ ଗୀତ ସମାଜ ଜୀବନର ଆତ୍ମା ପରି ,ସେଠିକାର ଜନଜୀବନ ତଥା ଜନସମାଜର ଚନ୍ଧ ବହନ କରେ ।

……………………

ମହଦା, ବରଗଡ-୭୬୮୦୨୯
ଯୋଗାଯୋଗ ନମ୍ବର: ୯୬୭୮୦୯୦୩୪

ISSN NO.
2582-208X

# ପଲ୍ଲୀ ନବବଧୂ



ରେଖାର୍ଣୀ ବାରିକ୍

ଛୋଟ ମୋର ଗାଁଟି,
ସବୁଜ ସୁନ୍ଦର ଶସ୍ୟ ଶ୍ୟାମଳ
ଭେଗପୁର ତାର ନାମଟି ।

ବାର ମାସରେ ତେର ପର୍ବ
ଗାଁରେ ମୋର ହୁଏ ପାଳତ,
ଦୋଳପୂର୍ଣ୍ଣିମାଟି ଗାଁକୁ ମୋର
କରୁଥାଏ ବେଶୀ ଆକର୍ଷିତ ।

ଜାଗର ଦ୍ୱୀପରେ ଆଲୋକିତ ହୁଏ
ଆମ ଛୋଟ ସୁନ୍ଦର ମନ୍ଦିରଟି,
ଦୀପାବଳର ଆଲୋକରେ ପୂରିଉଠେ
ମୋର ଛୋଟ ଗ୍ରାମଟି ।

ଶିଶିର ସ୍ନାତ ଶୀତ ସକାଳର
କୁହୁଡ଼ି ଭିଜା ପ୍ରାତଃ କରଣ,
ବସନ୍ତର ମଳୟ ପରଶରେ
ସୁନ୍ଦର ଲାଗେ କୋଇଲିର କୁହୁ ତାନ ।

ଆମ୍ବ ବଉଳର ମହକରେ
ମହକୁଥାଏ ମୋର ଗାଁଟି,

ISSN NO.
2582-208X

ମଲ୍ଲିଫୁଲର ବାସ୍ନା ପରି ମୋ ଗାଁ
ଗ୍ଭରିଆଡ଼େ ଯାଉଥାଏ ଚହଟି ।

ପ୍ରକୃତିର ସୁନ୍ଦରତା ରେ
ପୂରି ଉଠେ ମୋ ଗାଁଟି,
ଗାଁଟି ମୋର ଛୋଟ ହେଲେ ବି
ଆଦରରେ କୋଳେଇ ନଏ
ମୋ ମାଟି ମାଆଟି ।

ସଜ ସକାଳର ପହିଲି ସୁରୁଜ କରଣ
ଯେତେବେଳେ ବିଛାଡ଼ି ଦିଏ ସ୍ୱର୍ଣ୍ଣ ରେଣୁ,
ଆମ୍ର ଉପବନେ କୋଇଲିର କୁହୁତାନ
ଉଦବେଗ ମନକୁ ମୋର କରିଦିଏ ସ୍ଥାଣୁ ।

ପଲ୍ଲୀ ନବବଧୂ ଗ୍ଭଲିଯାଏ ଯେବେ
ହାତରେ କଳସୀ ଧରି,
ଗ୍ରାମ ଯୁବକଙ୍କୁ ଦେଖିଦେଲେ ସେ
ଲାଜରେ ମୁହଁ ତଳକୁ କରି
ହାତେ ଓଢଣା ଟାଣି ଦେଇ
ଗ୍ଭଲୁଥାଏ ଧିରି ଧିରି ।

ପ୍ରକୃତି କୋଳରେ ମୋ ଗାଁଟି
ଖିଲି ଖିଲି ହସୁଥାଏ,
ପହିଲି ସକାଳର ଫୁଟନ୍ତା କଢ଼ି ପରି
ସୌନ୍ଦର୍ଯ୍ୟ ତାର ଗ୍ଭରିଆଡ଼େ ମହକୁଥାଏ ।

ଭୋଗପୁର, ଖଇରା, ବାଲେଶ୍ୱର
ମୋ - ୮୪୫୭୮୮୦୯୩୯

ISSN NO.
2582-208X

# ପର ମତେ କରିଦେଲ



ଶିଶିର କୁମାର ପଣ୍ଡା

ଯିବିନ ଯିବିନ ଦେଖା କରିବାକୁ
ଆଉ ମୁଁ ତୁମର ଘର
ଘରେଇ ଗୁଇନ୍ଦା ଲଗେଇ ଦେଲଣି
ତୁମରି ସନ୍ଦେହୀ ବର ।
ଯାହା ହେଲ୍ ପଛେ ନାଟକବାଜି ମୋ
ଧରମ ଭିଣୋଇ ସାଜି
କଛି ଲ୍ଭନାହିଁ ପୁରୁଣା କଥାକୁ
ଆଉଥରେ ଘଷି ମାଜି ।
ସପନ ପଗ୍ରୟ ଭୁଲିଯାଆ ମତେ
ହୃଦୟରୁ ଦିଅ କାଢ଼ି
ଟୁଉପିସ୍ ପିନ୍ଧା ଛୋଟ ଝିଅ ନୁହଁ
ପିନ୍ଧିଲଣି ପରା ଶାଢ଼ୀ !
ଆଉ କା ସିନ୍ଦୂର ସିନ୍ଥରେ ନାଇକ
ମୋଓ ପାଇଁ ପର ହେଲ
ତୁମକୁ କେବେ ମୁଁ କହି ପାରିବିନ
ପର ମତେ କରି ଦେଲ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ:~୮୯୮୧୭୩୭୨୨୮

ISSN NO.
2582-208X

# ଚିନୁ ତୁମେ ଚାଲିଗଲ



ଶୀବାଜି ବାହିନୀପତି

ମୋ ହସଲୁହର ସାଥି ହେବ କହି
ଆଉକା ହାତ ଧରିଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚନୁ ତୁମେ ଗ୍ଲିଗଲ ।

କହିଥିଲ ମୋତେ ମୁଁ ତୁମର ଗ୍ରଜା
ତୁମେ ମୋ କନଆଁ ଗ୍ରଣୀ
ସାଗ୍ର ଜୀବନକୁ ଅଧା ରହିଗଲ୍
ଆମ ଏ ପ୍ରେମ କାହାଣୀ ।

ଲୁହ କୋହ ମୋର ହେଲେ ସହଚର
ପାଉଥିଲି ବୋଲି ଭଲ
ଶଙ୍ଖା ସିନ୍ଦୁରକୁସଉଦା ସଜାଇ
ଚନୁ ତୁମେ ଗ୍ଲିଗଲ ।

କହିବି ପାରୁନ ସହିବି ପାରୁନ
ଏମିତି ଅଦେଖା ମୋହ
କେମିତି ବଞ୍ଚିବି ଏସାଗ୍ର ଜୀବନ
ହଜାଇ ମୋ ପରିଚୟ ।

ଭୁଲି ପାରିବିନ ସହଜରେ କେବେ
ଯେଉଁ ଉପହାର ଦେଲ
ଶଙ୍ଖା ସିନ୍ଦୁରକୁ ସଉଦା ସଜାଇ
ଚନୁ ତୁମେ ଗ୍ଲିଗଲ ।

କେ.ଟି.ଭି. କାର୍ଯ୍ୟାଳୟ
କୁଣ୍ଡିଲେ କେରଙ୍ଗ ଖୋର୍ଦ୍ଧା
8249580374

ISSN NO.
2582-208X

# ସକଳ ନିରାଶାରେ ଆଶାର ଅପୂର୍ବ ଝଙ୍କାର ରାମଚନ୍ଦ୍ର ବେହେରାଙ୍କ "ଗୋପପୁର"



ଶ୍ରୀମନ୍ତିନୀ ଦାସ

ଆଧୁନିକ ଓଡ଼ିଆ କଥା ସାହିତ୍ୟରେ ଗାଳ୍ପିକ ରାମଚନ୍ଦ୍ର ବେହେରା ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ଜୀବନର ନିଃସଙ୍ଗତା ମଧ୍ୟରେ ସ୍ଥିତିଶୀଳତା, ନାସ୍ତି ମଧ୍ୟରେ ଗଭୀର ଆସ୍ତିସୂଚକ ଭାବର ଉଦ୍‌ଘାଟକ ଭାବେ ଓଡ଼ିଆ ଗଳ୍ପ ସାହିତ୍ୟରେ ସେ ବେଶ୍ ଜଣାଶୁଣା । ସ୍ୱାଧୀନତା ପରବର୍ତ୍ତୀ କାଳରେ ଓଡ଼ିଆ ଗଳ୍ପରାଜ୍ୟରେ ଯେଉଁ ପରିବର୍ତ୍ତନ ସଂଗଠିତ ହୋଇଛି ତାର ଦୃଢ଼ ସମର୍ଥକ ଓ ସହଯୋଗୀ ଭାବେ ସମକାଳୀନ ଗଳ୍ପ ସ୍ରଷ୍ଟା ସର୍ବଶ୍ରୀ ମନୋଜ ଦାସ, ସଚ୍ଚି ରାଉତରାୟ, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶାନ୍ତନୁ ଆଚାର୍ଯ୍ୟ, କିଶୋରୀ ଚରଣ ଦାସ ଆଦିଙ୍କ ସହିତ ସମତାଳରେ ସକ୍ରିୟ ଭୂମିକା ନିର୍ବାହ କରିଛନ୍ତି, ଆମ ପରମ୍ପରା, ସଂସ୍କୃତି ଓ ସମାଜ ପ୍ରତି ସଶ୍ରଦ୍ଧ ଦୃଷ୍ଟିକୋଣ ତାଙ୍କ ଗଳ୍ପ ଲେଖନୀର ମୂଳ ବୈଶିଷ୍ଟ୍ୟ । ମୁଖ୍ୟତଃ ମଣିଷ ଜୀବନର ନିଃସଙ୍ଗତାର ସଫଳ ରୂପକାର ଭାବେ ତାଙ୍କ ଲେଖନୀ ଅମୃତସ୍ରାବୀ ହୋଇଥିବାବେଳେ ଜୀବନର ରୂଢ଼ ବାସ୍ତବତା, ପ୍ରେମ, ବୈରାଗ୍ୟ ଜ୍ୱାଳା ଓ ଯନ୍ତ୍ରଣା ମଧ୍ୟରେ ଜୀବନ ପ୍ରତି ସ୍ୱତନ୍ତ୍ର ଆସ୍ଥାଶୀଳଭାବ ତାଙ୍କ ଗଳ୍ପର ଭାବ ସ୍ପନ୍ଦନକୁ ଉତ୍ତୋଳିତ କରିଛି । ଗାଳ୍ପିକ ରାମଚନ୍ଦ୍ର ବେହେରା ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧରେ ଓଡ଼ିଆ ଗଳ୍ପ ସାହିତ୍ୟକୁ ଋଦ୍ଧିମନ୍ତ କରିବାରେ ନେଇଛନ୍ତି ପ୍ରମୁଖ ଭୂମିକା ।

ଭାବ ପ୍ରକାଶରେ ସୂକ୍ଷ୍ମ ମନନଶୀଳତା, ଜୀବନ ବୋଧର ଚମତ୍କାର ପରିସ୍ଫୁଟନ, ସମାଜ ପ୍ରତି ଗଭୀର ଅଙ୍ଗୀକାର ବୋଧ, ଜୀବନପ୍ରତି ସ୍ୱତନ୍ତ୍ର ଅସ୍ତିତ୍ୱବାଦୀ ମାନସିକତା ପୋଷଣ ତାଙ୍କ ଗଳ୍ପ ରଚନାର ମୁଖ୍ୟସ୍ୱର । ଯେକୌଣସି ପରିସ୍ଥିତିରେ ମଣିଷର ଜୀବନ ବଞ୍ଚିବା ପ୍ରତି ଅଧିକ ଅନୁରକ୍ତ ଓ ସଶ୍ରଦ୍ଧ ହୋଇଥିବା କାରଣରୁ ସେ ମଣିଷ ଓ ତାର ଚତୁଃପାର୍ଶ୍ୱକୁ

ISSN NO.
2582-208X

ଅତି ନବିଡ଼ ଭାବେ ଦୂରରୁ ଓ ନକଟରୁ ଲକ୍ଷ୍ୟ କରିଛନ୍ତୁ । ଜୀବନର ଗଭୀର ପ୍ରାଣ ପିପାସା ହିଁ ଜୀବନକୁ ସ୍ପନ୍ଦିତ କରେ, ସଞ୍ଚାଳିତ କରେ, ନିଃସର୍ତ୍ତ ଜୀବନଭୋଗ ହିଁ ଆତ୍ମାର ମୁକ୍ତି । ତେଣୁ ମଣିଷର ଅନୁପମ ଜୀବନ ବଞ୍ଚିବା ସଂପର୍କରେ ଅତି ଉତ୍ସୁକ ଶିଳ୍ପୀ ଗାଳ୍ପିକ ଶ୍ରୀରାମଚନ୍ଦ୍ର ଗଭୀର ନିଃସଙ୍ଗତା ମଧ୍ୟରେ ଜୀବନକୁ ନିବିଡ଼ ଭାବେ ପାଇବାର ସ୍ୱତନ୍ତ୍ର କଳା ତାଙ୍କ ଗଳ୍ପଗୁଡ଼ିକରେ ଦେଖିବାକୁ ମିଳେ ।

ଗାଳ୍ପିକ ରାମଚନ୍ଦ୍ର ବେହେରା ଜଣେ ସମାଜ ସଚେତନଶିଳ୍ପୀ । ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ବିବର୍ତ୍ତିତ ସମୟ ଓ ସମାଜକୁ ଅତି ସୂକ୍ଷ୍ମଭାବରେ ତାଙ୍କ ସୃଷ୍ଟି ସମ୍ଭାରରେ ଧାରଣ କରିବାକୁ ପ୍ରୟାସ କରିଛନ୍ତି । ତାଙ୍କ ସୃଷ୍ଟିର ଚମତ୍କାରିତା ଆଧୁନିକ ଓଡ଼ିଆ ଗଳ୍ପ ସାହିତ୍ୟକୁ ଜ୍ୟୋତିଷ୍ମାନ କରିଛି । ସମୟ ପ୍ରତି ସେ ଅତ୍ୟନ୍ତ ବିଶ୍ୱସ୍ତ । ମଣିଷର ମୁକ୍ତି ବ୍ୟାକୁଳତା ଓ ବଞ୍ଚି ରହିବାର ଅଭିସାର ପ୍ରକାଶ କରୁଥିବା ପ୍ରଭାବଶାଳୀ ରୂପକାର । ଜୀବନ ଓ ପୃଥିବୀ ସଂପର୍କରେ ତାଙ୍କର ସ୍ୱର ଓ ଅନୁଭବ ନିଆରା । ସ୍ୱାଧୀନତା ପରବର୍ତ୍ତୀ ଆଧୁନିକ ମଣିଷର ପରମ୍ପରା ଓ ବିଶ୍ୱାସ, ଅସହାୟତା, ଦୋଷ ଦୁର୍ବଳତା, ସଫଳତା, ବିଫଳତା, ନିରାଶା ଭିତରେ ବଳିଷ୍ଠ ଆଶାବାଦର ଚିତ୍ର ତାଙ୍କ ଗଳ୍ପରେ ପ୍ରଦତ୍ତ । ଜୀବନର ବାସ୍ତବ ସତ୍ୟକୁ ତାଙ୍କ ଗଳ୍ପରେ ରୂପାୟନ କରିଛନ୍ତି ।

ଗାଳ୍ପିକ ରାମଚନ୍ଦ୍ର ବେହେରା, ଜଣେ ଅନ୍ତର୍ମୁଖୀ ବ୍ୟକ୍ତିସତ୍ତା । ଏହି ମହାନ ସାଧକ ୧୯୪୫ ମସିହା ନଭେମ୍ବର ମାସ ଦୁଇ ତାରିଖରେ କେନ୍ଦୁଝର ଜିଲ୍ଲାର ଘଟଗାଁ ନିକଟସ୍ଥ ବାରହାଟିପୁର ଗ୍ରାମରେ ଜନ୍ମଗ୍ରହଣ କରିଛନ୍ତି । ବାରହାଟିପୁର ଏମ୍.ଇ ସ୍କୁଲରେ ଓ.ଡି.ଏନ୍ ହାଇସ୍କୁଲ କେନ୍ଦୁଝର ବିଦ୍ୟାଳୟରେ ଶିକ୍ଷା ସମାପ୍ତ କରି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ୧୯୬୯ ମସିହାରେ ପାଦ ଦିଅନ୍ତି । ପରେ ରେଭେନସା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଏବଂ ବନାରସ ହିନ୍ଦୁ ବିଶ୍ୱ ବିଦ୍ୟାଳୟରୁ ଇଂରାଜୀ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଉପାଧି ଲାଭ କରିଥିଲେ । ସେହିବର୍ଷ କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ୧୯୬୯ ମସିହାରେ ଅଧ୍ୟାପକ ଭାବରେ ତାଙ୍କର କର୍ମମୟ ଜୀବନ ଆରମ୍ଭ ହୁଏ ଏବଂ ୨୦୦୫ ମସିହାରେ ସେ ଚାକିରୀ ଜୀବନର ଅବସର ନିଅନ୍ତି । ପରବର୍ତ୍ତୀ ସମୟରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପି.ଏଚ.ଡି ଡିଗ୍ରୀ ଲାଭ କରିଥିଲେ । ଲେଖକ ନିଜେ ସ୍ୱୀକାର କରିଛନ୍ତି ଯେ ତାଙ୍କ କଥା ସାହିତ୍ୟର ଉପସ୍ଥାପିତ ମନୋଭୂମି ହେଉଛି କେନ୍ଦୁଝର ଜିଲ୍ଲାର ବାରହାଟିପୁର ଓ କେନ୍ଦ୍ରାପଡ଼ା ।

ISSN NO.
2582-208X

କେନ୍ଦ୍ରାପଡ଼ାର ପୃଷ୍ଠଭୂମିରେ ସେ ଅଧାରୁ ଅଧିକ ଗଳ୍ପ ଉପନ୍ୟାସ ରଚନା କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି । ତାଙ୍କର ଲେଖନୀ ଏବେ ମଧ୍ୟ ଚଳଚଞ୍ଚଳ । ସଂପ୍ରତି ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି ଭାବରେ ଅବସ୍ଥାପିତ ।

ଶ୍ରୀ ରାମଚନ୍ଦ୍ର ବେହେରାଙ୍କ ଦୃଷ୍ଟିଭଙ୍ଗୀ ଅତି ସ୍ୱଚ୍ଛ ଓ ବାସ୍ତବଧର୍ମୀ । ପ୍ରତିଭାର ଆଦ୍ୟ ବିକାଶ କାଳରେ କବିତା ପ୍ରତି ମନ ବଳାଇଥିବା ଶ୍ରୀବେହେରା ପରବର୍ତ୍ତୀ ସମୟରେ ନାଟକ ରଚନା ଓ ତହିଁରୁ ଗଳ୍ପ ଉପନ୍ୟାସ ରଚନା ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି । ତାଙ୍କର ପ୍ରଥମ ପ୍ରକାଶିତ ଗଳ୍ପଗ୍ରନ୍ଥ 'ଶେଷ ସୂର୍ଯ୍ୟର ବହ୍ନି' ୧୯୭୧ ମସିହା ନଭେମ୍ବର ମାସ ନବରବିରେ ପତ୍ରିକାରେ ପ୍ରକାଶ ପାଏ । 'ଦ୍ୱିତୀୟ ଶ୍ମଶାନ' ଗଳ୍ପଗ୍ରନ୍ଥଟି ଦ୍ୱିତୀୟ କୃତୀ, ଯାହା ୧୯୭୬ ମସିହାରେ ପ୍ରକାଶିତ । ପରେ ପରେ ଅଚିହ୍ନା ପୃଥିବୀ (୧୯୭୯), ଅବଶିଷ୍ଟ ଆୟୁଷ (୧୯୮୨), ଓଁକାର ଧ୍ୱନି (୧୯୮୭), ବଞ୍ଚି ରହିବା (୧୯୯୦), ଭଗ୍ନାଂଶର ସ୍ୱପ୍ନ (୧୯୯୩), ମହାକାବ୍ୟର ମୁହଁ (୧୯୯୮), ଫଟାକାନ୍ଥର ଗଛ(୨୦୦୦), ଅସ୍ଥାୟୀ ଠିକଣା (୨୦୦୨), ଗୋପପୁର(୨୦୦୩), ସବୁଜିମାର ପରମାୟୁ (୨୦୦୬), ଶୁଭାନନ୍ଦର ଗୀତ(୨୦୨୧), ବଡ଼ ମାୟାବୀ ଜୀବ(୨୦୦୯), ବିପର୍ଯ୍ୟୟର ନକ୍ସା, ନିର୍ବାସିତ ନାନାବାୟା, ସବୁଜ ଛଦ୍ମବେଶ(୨୦୨୧ ), ପିଞ୍ଜରାରୁ ଏନ୍ତୁଡ଼ିଶାଳ(୨୦୨୨), ନିର୍ବାସିତ ଗଳ୍ପ ଇତ୍ୟାଦି ପ୍ରାୟ ଦୁଇଶହରୁ ଅଧିକ ଗଳ୍ପ ତାଙ୍କ ଅଠର ଖଣ୍ଡ ଗଳ୍ପ ଗ୍ରନ୍ଥରେ ସନ୍ନିବେଶିତ। ପ୍ରତ୍ୟେକ ଗଳ୍ପ ପ୍ରତ୍ୟେକଙ୍କ ଠାରୁ ସ୍ୱତନ୍ତ୍ରୀ ଓ ମନନଧର୍ମୀ । ତାଙ୍କର ଉପନ୍ୟାସ 'ଅଭିନୟର ପରିଧି' ପାଇଁ ୧୯୯୧ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର, ୧୯୯୩ ମସିହାରେ ସାମଗ୍ରିକ କୃତୀ ପାଇଁ ବିଷୁବ ପୁରସ୍କାର, ଝଙ୍କାର ପୁରସ୍କାର, "ଓଁକାର ଧ୍ୱନି ଗଳ୍ପ" ପୁସ୍ତକ ପାଇଁ ୧୯୯୧ରେ ଶାରଳା ପୁରସ୍କାର ୨୦୦୫ ମସିହାରେ "ଗୋପପୁର" ଗଳ୍ପ ଗ୍ରନ୍ଥ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ସହିତ ଅନ୍ୟାନ୍ୟ ସାହିତ୍ୟ ପ୍ରତିଭା ସମ୍ମାନରେ ବିଭୂଷିତ ହୋଇଛନ୍ତି । ଏହି କଥାଶିଳ୍ପୀ ସମାଜର ଦୀନହୀନ, ଶୋଷିତ, ମୂଲିଆ, ଛାତ୍ର, ଶିକ୍ଷକ, ଶିଳ୍ପପତି, ଜନତା, ମା, ଭଉଣୀ, ସ୍ତ୍ରୀ , ସାଧାରଣ ଜନତା, ଭଣ୍ଡ, ପିଶାଚ, ଡ଼କାୟତ, ସାଧୁ, ସନ୍ନ୍ୟାସୀ, ରୁଗ୍‌ଣ, ଅସହାୟ ଧନୀକ, କ୍ଷମତାଶାଳୀ, ଚାକିରିଆ, ଅଧ୍ୟାପକ, ଡ଼ାକ୍ତର, ପ୍ରତ୍ୟେକ ବର୍ଗର ମଣିଷମାନଙ୍କୁ ନିଜ ରଚନାରେ ସ୍ଥାନିତ କରିଛନ୍ତି । ମଣିଷର ଅନ୍ଧାରୀ ମନର ଗୁହା ଭିତରେ ପ୍ରବେଶ କରି ତାର ଅବଚେତନ ସ୍ତରକୁ ପାଠକ ନିକଟରେ ତୋଳି ଧରିବାର ଅନ୍ତରଙ୍ଗ ପ୍ରୟାସ ତାଙ୍କ

ISSN NO.
2582-208X

ଗଳ୍ପର ଅନ୍ତଃସ୍ୱର । ତାଙ୍କର ଗଳ୍ପଗୁଡ଼ିକ ମନନଧର୍ମୀ, ସାଙ୍କେତିକ, ପ୍ରତୀକାତ୍ମକ ହେବା ସହ କାହାଣୀର ଅନ୍ତରାଳରେ ଥିବା ମଣିଷର ସୂକ୍ଷ୍ମ ସର୍ତ୍ତାଟି ପ୍ରତିକୀତ କରିଛନ୍ତି ପ୍ରତିଟି ଶୈଳୀରେ ।

## "ଗୋପପୁର"

ଗାଳ୍ପିକ ରାମଚନ୍ଦ୍ର ବେହେରା ଜଣେ ଜୀବନବାଦୀ ସମ୍ବେଦନଶୀଳ କଥାଶିଳ୍ପୀ । ତାଙ୍କର ଗଳ୍ପ ସମ୍ଭାର ଯେତିକି ବୈଚିତ୍ର୍ୟମୟ ସେତିକି ବାସ୍ତବବାଦୀ । ପ୍ରଥମ ଗଳ୍ପ ସମ୍ଭାର 'ଦ୍ୱିତୀୟ ଶ୍ମଶାନ'ରୁ ନିର୍ବାସିତ ନାନାବାୟା ପର୍ଯ୍ୟନ୍ତ ଡକ୍ଟର ବେହେରାଙ୍କର ଗଳ୍ପଯାତ୍ରା ସ୍ରଷ୍ଟାଙ୍କ ଜୀବନରେ ବିବିଧ ପ୍ରତ୍ୟକ୍ଷ ଓ ପରୋକ୍ଷ ଅନୁଭବସିଦ୍ଧ ଯେତିକି ରସାଳ ସେତିକି ବର୍ଣ୍ଣାଳ, ଜୀବନ ଓ ଜଗତପ୍ରତି ଗାଳ୍ପିକ ସଂପୂର୍ଣ୍ଣ ସମର୍ପିତ, ତେଣୁ ତାଙ୍କର ଗଳ୍ପ ସାମ୍ରାଜ୍ୟ ଅନନ୍ୟ ବର୍ଣ୍ଣବିଭାରେ ବିମଣ୍ଡିତ । ଏକ ସୁଦୂରପ୍ରସାରୀ ଚିନ୍ତା ଏବଂ ଚେତନାରେ ଉଦ୍‌ଭାସିତ ଦାର୍ଶନିକତାରେ ଉଦ୍‌ବେଳିତ ଘଟଣାବଳୀ ତାଙ୍କ ଲେଖନୀରେ ଶ୍ରୀ ଏବଂ ଅପୂର୍ବ କାନ୍ତିଯୁକ୍ତ। ସୂକ୍ଷ୍ମ ଭାବନାଧର୍ମୀ ଦୃଷ୍ଟି ସମ୍ବଳିତ ତାଙ୍କର ପ୍ରତ୍ୟେକ ଗଳ୍ପ ସହାନୁଭୂତିଶୀଳ ଏବଂ ଦରବୀ ହୃଦୟର ଭାବବ୍ୟକ୍ତ କରିଥାଏ । ପ୍ରତ୍ୟେକଟି ଚରିତ୍ର ମଧ୍ୟରେ ଜନ୍ମ ନେଉଥିବା, ଜିଉଁଥିବା ଏବ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଘଟଣାବଳୀ ଉପସ୍ଥାପନ କଲାବେଳେ ଗାଳ୍ପିକ ଅନ୍ୟ ଏକ ଚରିତ୍ର ମଧ୍ୟରେ ପୁର୍ନଜନ୍ମ ଲାଭ କରନ୍ତି । ଗଳ୍ପର ପ୍ରତ୍ୟେକ ଚରିତ୍ର ଓ ଘଟଣା ସର୍ଜନା କରିବା ମଧ୍ୟରେ ଗାଳ୍ପିକ ସେହି ମୁହୂର୍ତ୍ତ ଓ ଘଟଣା ମଧ୍ୟରେ ତିଳତିଳ କରି ଏକାଧାରରେ ହଳାହଳ ଓ ଅମୃତପାନ କରି ଚାଲିଥାନ୍ତି । ଚରିତ୍ର ସୃଷ୍ଟି ସମୟରେ ସ୍ରଷ୍ଟାଙ୍କର ତଲ୍ଲୀନ ଓ ତଦ୍‌ଗତ ଅବସ୍ଥାକୁ ପାଠକ ଅନୁଭବ କରେ । ତେଣୁ ଗାଳ୍ପିକ ଶ୍ରୀ ବେହେରା ଏବଂ ତାଙ୍କର ଗଳ୍ପ ସମ୍ଭାର ଦ୍ୱୈତ ନୁହେଁ, ଅଦ୍ୱୈତ । ଏକ ଅଭିନ୍ନ ବନ୍ଧନରେ ବାନ୍ଧି ହୋଇ ତାଙ୍କର ଗଳ୍ପଗୁଡ଼ିକ ଅନନ୍ୟ ଏବଂ ଐଶ୍ୱର୍ଯ୍ୟ ମଣ୍ଡିତ ।

ଗାଳ୍ପିତ ରାମଚନ୍ଦ୍ର ବେହେରାଙ୍କ ଗଳ୍ପଗୁଡ଼ିକ କାହାଣୀ ପ୍ରଧାନ । ଏଥିନିମନ୍ତେ ତାଙ୍କ ଗଳ୍ପର ମୁଖ୍ୟ ଆକର୍ଷଣ ହେଉଛି ବଳିଷ୍ଠ କାହାଣୀ ଉପସ୍ଥାପନ । ଗଳ୍ପ ଆରମ୍ଭ ଯେଭଳି ହୃଦୟସ୍ପର୍ଶୀ ଏହାର ଅଗ୍ରଗତି ସେଭଳି ଚମକ ପ୍ରଦ । ଗଳ୍ପର ଉତ୍କଣ୍ଠା ଏବଂ ଦ୍ୱନ୍ଦ୍ୱ ପାଠକକୁ ବିସ୍ମିତ ଓ ବିମୋହିତ କରେ । ପୁଣି ଗଳ୍ପର ଉପସଂହାର ସଂପୂର୍ଣ୍ଣ ନାଟକୀୟ ଯାହା ଅତୁଳନୀୟ ।

ISSN NO.
2582-208X

ମନୁଷ୍ୟର ଅନ୍ତର୍ଦାହ ଏବଂ ବଞ୍ଚି ରହିବାର ଅଦମ୍ୟ ସଂଘର୍ଷ ପରିଲକ୍ଷଣୀୟ ବସ୍ତୁ । ସମକାଳୀନ ଓଡ଼ିଆ କଥା ସାହିତ୍ୟକୁ ବହୁ ଚମକ ଓ ଦ୍ୟୁତିରେ ବର୍ଣ୍ଣମୟ କରୁଥିବା, ଜୀବନ ଓ ଜଗତପତି ଗଭୀର ଆସ୍ଥା, ଆଶ୍ୱାସନା ପୋଷଣ କରୁଥିବା ଯଶସ୍ୱୀ ଶିଳ୍ପୀ ରାମଚନ୍ଦ୍ର ବେହେରା ଏକ ରସସ୍ନିଗ୍ଧ ଅନନ୍ୟ ଉଚ୍ଚାରଣ । ଗଭୀର ଆବେଗଧର୍ମୀତା ଓ ଦାର୍ଶନିକତାର ମଧୁର ସମ୍ମିଶ୍ରଣରେ ତାଙ୍କର ଗଳ୍ପ ସାମ୍ରାଜ୍ୟ ବ୍ୟକ୍ତିର ସ୍ଥିତି ଓ ସମ୍ଭାବନା, ତା ଭିତରେ କମନୀୟତା ଓ କରୁଣାର ସ୍ୱରୂପକୁ ଉନ୍ମୋଚନ କରନ୍ତି । ଗାଳ୍ପିକଙ୍କ ଭାଷାରେ ଜୀବନର ଯେଉଁ ଅମାପ ଶକ୍ତି ଧୈର୍ଯ୍ୟ ଓ ଉତ୍କଣ୍ଠା ରହିଛି ତାହା ମଣିଷକୁ ସଂଗ୍ରାମୀ କରାଏ । ସେ ଖୁବ୍ ଚଞ୍ଚଳ ପରାଜୟ ସ୍ୱୀକାର କରେ ନାହିଁ । ସୁତରାଂ ସ୍ଥିତିବାଦୀ ଦର୍ଶନର ନୈରାଶ୍ୟମୟତା ମଧ୍ୟରେ ଏହି ପ୍ରକାର ଏକ ଆଲୋକିତ ଦିଗଟିଏ ରହିଛି । ମୁଁ ଏବେ ଯେଉଁଠି କଥା ସାହିତ୍ୟ ସୃଷ୍ଟି କରୁଛି ତନ୍ମଧ୍ୟରୁ ଅଧିକାଂଶ ଏହି ଦୃଷ୍ଟି ଭଙ୍ଗୀକୁ ପରିବେଷଣ କରୁଛନ୍ତି । ନିପଟ ମଫସଲ ବା ଅଭିଜାତ ସହରକୁ ପୃଷ୍ଠଭୂମି କରି ଗଢ଼ି ଉଠିଥିବା ତାଙ୍କ ଗଳ୍ପଗୁଡ଼ିକ ହୋଇ ଉଠିଛନ୍ତି ସବୁ ସ୍ଥାନର, ସବୁକାଳର, ତାଙ୍କ ଗଳ୍ପଭିତରୁ ଆମେ ପାଉ ଭିଜାମାଟିର ବାସ୍ନା, ଅନନ୍ତ ଆକାଶର ନୀଳିମା ଏବଂ ଆମ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ଜଗତର ସମ୍ମୋହନକାରୀ ଚିତ୍ର । ଏଣୁ ସେ ସବୁ ଗଳ୍ପର ରୂପ ରଙ୍ଗ ଏବଂ ରସରେ ପ୍ରାଣବନ୍ତ ଏବଂ ହୃଦୟସ୍ପର୍ଶୀ । କଳ୍ପନାର ଆଶ୍ରୟ ନ ନେଇ ସମକାଳର ବାସ୍ତବତାକୁ ଆଧାର କରି ସଂଘର୍ଷ ଜାରି ରଖିଥିବା ଚରିତ୍ରମାନଙ୍କର ଜୀବନ ଜୀଇଁବାରେ ମୁଗ୍ଧ ବ୍ୟାକୁଳତା ଓ ଆଶାବାଦିତା । ଚରିତ୍ର ରଙ୍ଗଶାଳାର ସ୍ରଷ୍ଟା ଅପୂର୍ବ ଅନନ୍ୟ ବିନ୍ଧାଣୀ, "ଗୋପପୁର" ଭାରତୀୟ ପରମ୍ପରା ଓ ଚିନ୍ତାମାନସରେ ଗଭୀର ପ୍ରତ୍ୟୟବୋଧ ଓ କଲ୍ୟାଣ ଚେତନାର ଏକ ଉଦାର ବ୍ୟାପ୍ତ ରାଜଭୂମି । ଯାବତୀୟ ହତାଶା ଓ ନୈରାଶ୍ୟର ବଳୟ ମଧ୍ୟରେ ଜୀବନ ବଞ୍ଚୁଥିବା, ଥକି ପଡୁଥିବା ସମକାଳର ଚରିତ୍ରମାନଙ୍କ ହାତ ଧରି ଏକାନ୍ତ ଆସ୍ଥା ଓ ଆଶ୍ୱାସନାର ଯେଉଁ ଭାବଭୂମି ଆଡକୁ ଗାଳ୍ପିକ ବାଟ କଢ଼ାଇ ନିଅନ୍ତି ତା ନାମ "ଗୋପପୁର" । ସମୟ ପରାଜୟର ଗ୍ଲାନି ଓ ମନୋଭାବକୁ ଅତିକ୍ରମ କରି ମଣିଷ ଯେ ବଞ୍ଚି ରହିବ, ଆଲୋକ ଓ ଆନନ୍ଦର ଅଭିଳାଷୀ ହେବ ଏଇ ପ୍ରକାର ଏକ ଆଲୋକିତ ଆଶ୍ୱାସନା ଓ ଆତ୍ମିକ ଅନ୍ୱେଷାବୋଧ ଗୋପପୁର ଗଳ୍ପମାନଙ୍କରେ ଅନ୍ତଃସ୍ୱର । ଅନ୍ଧାକାରର ବକ୍ଷଚିରି ଏବ ନୂତନ ସୂର୍ଯ୍ୟୋଦୟର ପ୍ରତ୍ୟଶା ପାଠକମାନଙ୍କ ଆଗରେ ଗାଳ୍ପିକ ଉପସ୍ଥାପନ କରିଛନ୍ତି । ଏଣୁ ପାଠକୀୟ ଶ୍ରଦ୍ଧା ଏବଂ ସମ୍ମାନରେ ସ୍ରଷ୍ଟା ମୁକୁଟ ବିହୀନ ସମ୍ରାଟ ସାଜିଛନ୍ତି ।

ISSN NO.
2582-208X

ଗାଳ୍ପିକ ରାମଚନ୍ଦ୍ର ବେହେରା ନାମକରଣ ଦିଗରେ ଅତ୍ୟନ୍ତ ସଚେତନ ଓ ଯତ୍ନବାନ । ଚରିତ୍ରର ନାମ ତୁଳନାରେ ଗଳ୍ପର ତଥା ଗଳ୍ପ ସଂକଳନର ନାମକରଣ ଅଧିକ ପ୍ରତୀକାତ୍ମକ ଓ ସାର୍ଥକ । ଗଳ୍ପର ଭାବସତ୍ତାକୁ ଆଧାର କରି ନାମକରଣ କରିବାରେ ଶ୍ରୀଯୁକ୍ତ ବେହେରା ଧୁରନ୍ଧର । ଏ ପ୍ରକାର ନାମକରଣ ବୌଦ୍ଧିକ, ଦାର୍ଶନିକ, ତାତ୍ତ୍ୱିକ, ପ୍ରତୀକାତ୍ମକ ଏବଂ ପାଠକ ଜିଜ୍ଞାସାରୁ ଦ୍ୱିଗୁଣିତ କରେ । ଅନେକ ଗଳ୍ପରେ ଲେଖକ ନିଜେ ହିଁ ଚରିତ୍ର ଭୂମିକାରେ ଅବତୀର୍ଣ୍ଣ । କେତେକ ଗଳ୍ପରେ ମୁଖ୍ୟ ଚରିତ୍ର ଓ ଅନ୍ୟ କେତେକରେ ସହାୟକ ଭୂମିକାରେ ଲେଖକ ନିଜେ ଚରିତ୍ର ହୋଇଗଲାପରେ ଗଳ୍ପଟି ରଚିତ ହୁଏ ପ୍ରଥମ ପୁରୁଷରେ, ଏହା ଗଳ୍ପକୁ ଅଧିକ ଭାବଧର୍ମୀ ଏବଂ ବିଶ୍ୱସ୍ତ କରିଥାଏ ।

"ଗୋପପୁର" ଏକ ମିଥ୍ ପ୍ରତୀକାତ୍ମକ ଶବ୍ଦ । ପ୍ରାଚୀନ ପୁରାଣ କାବ୍ୟ, ଲୋକକଥା ଓ ଲୋକକାହାଣୀରୁ ବିଚିତ୍ର ଚିତ୍ର ଏବଂ ଚରିତ୍ରକୁ ଆଧାର କରି ତାହାକୁ କବିତା ମାଧ୍ୟମରେ ଆଧୁନିକ କବିମାନେ ସ୍ଥାନିତ କରିଥାନ୍ତି । ଶ୍ରୀଯୁକ୍ତ ବେହେରା ଇଂରାଜୀ ସାହିତ୍ୟର ଜଣେ ପ୍ରବୀଣ ଅଧ୍ୟାପକ । ତେଣୁ ମନରେ ଆସିଛି "ଗୋପପୁର" ଶବ୍ଦକୁ ଏକ ମିଥ୍ ଭାବେ ଗ୍ରହଣ କରି ଗଳ୍ପ ମଧ୍ୟ ସୃଷ୍ଟି କରାଯାଇପାରେ । ଏହି ଚିନ୍ତା ଏବଂ ଚେତନାରୁ ସୃଷ୍ଟି ହୋଇଛି ଏହି କାଳଜୟୀ ଗଳ୍ପ ।

ଯୋଗେଶ୍ୱର କୃଷ୍ଣଙ୍କ ଦ୍ୱାପର ଯୁଗର କଥାବସ୍ତୁ ପ୍ରତି ଦୃଷ୍ଟିପାତ କଲେ, "ଗୋପପୁର" ହେଉଛି କୃଷ୍ଣଙ୍କର ବାଲ୍ୟଲୀଳାର ପୀଠ । ଅତ୍ୟାଚାରୀ କଂସ ଯେତେବେଳେ ଶୂନ୍ୟବାଣୀରୁ ଶୁଣିଲା ଯେ ତାହାର ଭଗିନୀ ଦେବକୀ ଏବଂ ଭିଣୋଇ ବାସୁଦେବଙ୍କ ଅଷ୍ଟମ ଗର୍ଭର ସନ୍ତାନ ତାହାର ମୃତ୍ୟୁର କାରଣ ହେବ ସେ ସମୟରେ କଂସର ଚିନ୍ତା ଏବଂ ଚେତନାରେ ଝଡ଼ ସୃଷ୍ଟି ହେଲା । ଭଗ୍ନୀ ଓ ଭିଣୋଇଙ୍କୁ ରଥରେ ବସାଇ ରଥ ବାହୁ ଥିବା କଂସ ଫେରାଇ ଆଣିଲା ରଥ । ମଥୁରାର ବନ୍ଦୀ ଗୃହରେ ଭଗ୍ନୀ ଏବଂ ଭିଣୋଇଙ୍କୁ ହସ୍ତପଦରେ ଲୌହ ଶିକୁଳି ବାନ୍ଧି ବନ୍ଦୀ କରି ରଖିଲା । ବିଧିର ବିଧାନ ବଡ଼ ବିଚିତ୍ର । ସମୟ କ୍ରମେ ଦେବକୀଙ୍କ ଜନ୍ମିତ ୬ଟି ସନ୍ତାନକୁ ଶିଳାରେ ଛେଚି ହତ୍ୟା କରିବା ସପ୍ତମ ଗର୍ଭ ଶୂନ୍ୟ ରହି ଏହି ଗର୍ଭରେ ସନ୍ତାନ ଶଙ୍କର୍ଷଣ (ବଳରାମ) ରୂପେ ରୋହିଣୀଙ୍କ ଗର୍ଭରେ ସ୍ଥାନ ପାଇଲେ । ଶେଷରେ ଅଷ୍ଟମ ଗର୍ଭରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ । ଶୂନ୍ୟବାଣୀ କ୍ରମେ ବସୁଦେବ, ସେହି ବର୍ଷଣ ମୁଖର ରାତ୍ରିରେ ଯମୁନା ନଦୀପାର ହୋଇ 'ଗୋପପୁର'ରେ ଶ୍ରୀକୃଷ୍ଣଙ୍କୁ ଛାଡ଼ି ସଦ୍ୟ ଜନ୍ମିତ

ISSN NO.
2582-208X

ବିଜୁଳିକନ୍ୟାକୁ ନେଇ କଂସର ବନ୍ଦୀଶାଳାରେ ପହଞ୍ଚିଗଲେ । ବନ୍ଦୀଶାଳାରେ ଅବସ୍ଥା ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଗଲା । କଂସ ଅଷ୍ଟମ ଗର୍ଭରୁ ଜାତ ସନ୍ତାନକୁ ମାରିବା ପାଇଁ ଆସି କନ୍ୟା ହୋଇଥିବାର ଦେଖି ବିଚଳିତ ହୋଇ ବିଜୁଳିକନ୍ୟାକୁ ଟାଣି ଆଣି ଦର୍ପଣ ଶିଳାରେ କଚାଡ଼ି ମାରିବା ପାଇଁ ଉଦ୍ୟତ ହେଲା । କିନ୍ତୁ କଂସର ହାତରୁ ଛିଟିକି ଯାଇ ବିଜୁଳିକନ୍ୟା ଆକାଶ ମାର୍ଗରେ ଥାଇ ଶୂନ୍ୟବାଣୀ କଲେ, 'ରେ ନିର୍ବୋଧ କଂସ, ତୁ ମୋତେ ମାରିପାରିଲୁ ନାହିଁ, କିନ୍ତୁ ତୋର ବଇରୀ ଗୋପପୁରରେ' ବଢୁଛି । ତାଙ୍କର ହାତରେ ତୋର ନିଧନ ହେବ । ସମଗ୍ର ଘଟଣାକୁ ଅନୁଧ୍ୟାନ କଲେ ଏତିକି ନିର୍ଯ୍ୟାସ ମିଳୁଛି ଯେ, "ଗୋପପୁର" ଏକ ସୁରକ୍ଷିତ ସ୍ଥାନ, ଯେଉଁ ସ୍ଥାନରେ ଶିଶୁଟିଏ ସୁରକ୍ଷିତ ହୋଇପାରିବ । ମୃତ୍ୟୁ ତାହାକୁ କବଳିତ କରିପାରିବ ନାହିଁ ।

ଏହି ମିଥ୍ ଚେତନାକୁ ଆଧାର କରି ଗାଳ୍ପିକ ରାମଚନ୍ଦ୍ର ବେହେରା ସୃଷ୍ଟି କରିଛନ୍ତି "ଗୋପପୁର" ଗଳ୍ପ । ଏହି ଗଳ୍ପଟିରେ ରହିଛି ସ୍ୱାଧୀନ ଭାରତର ଏକ ଗାଁର ଚିତ୍ର । ସ୍ୱାଧୀନତାର ବହୁବର୍ଷ ପରେ ମଧ୍ୟ ମଣିଷ ପାଇଁ ନାହିଁ ଅତି ଆବଶ୍ୟକ ସୁବିଧା । ଏମିତି ତ ସେ ଅଭାବୀ, ଅନାହାରୀ ବା ଅର୍ଦ୍ଧାହାରୀ, ଘରୁ ପାଦ କାଢ଼ିଲେ ପାଦ ପଡ଼ିବ ଗୋଟାଏ ଖଣା ଖାଲ ଉପରେ କି ନର୍ଦ୍ଦମା ଅଳିଆ କୁଢ଼ ଉପରେ । ରାସ୍ତାନାହିଁ, ନଇରେ ପୋଲ ନାହିଁ। ଡଙ୍ଗାଥିଲେ ବି ନଥିବା ନାଉରୀ । ଏସବୁ ଅଭାବ, ବଡ଼ ଦୁଃସ୍ଥିତିର ଚିତ୍ର, ବଡ଼ କରୁଣ । ମର୍ମନ୍ତୁଦ ଜୀବନର ଅସହାୟତାର ଲଙ୍ଗଳା ଦୃଶ୍ୟ । ଏପରି ପରିବେଶ ମଥୁରା ନଗରୀ ପରି ନୁହେଁ କି ? ଯେଉଁ ମଥୁରା ପୁରୀରେ ଅଛି କଂସର ଦୌରାତ୍ମ୍ୟ, କୃଷ୍ଣ ରୂପକ ଜୀବନ ପ୍ରତି ହିଂସା, ଈର୍ଷା, ଚକ୍ରାନ୍ତ ଜୀବନକୁ ବିନାଶ କରବା ପାଇଁ ପଣ । ଗଳ୍ପଟି ପ୍ରତୀକାତ୍ମକ, ମଥୁରାକୁ ଲାଗି ନଦୀ, ନଦୀପାର ହୋଇଗଲେ ଗୋପପୁର । ସେଇଠି ଅଛି ଜୀବନର ସ୍ୱପ୍ନ, ନୂଆ ଜୀବନ ବଞ୍ଚିବାର ସାଧନ । ଗଳ୍ପରେ ଚରିତ୍ରମାନଙ୍କ ମଧ୍ୟରେ ନିରାକାର । ତାଙ୍କର ପତ୍ନୀ ସୁମିତ୍ରା, ଶିଶୁ ପୁତ୍ରଟିଏ କହ୍ନେଇ ଏବଂ ହୋମିଓପାଥି ଚିକିତ୍ସା କରୁଥିବା ଡ଼ାକ୍ତର ଅରୁଣ ।

ଗଳ୍ପର ଆରମ୍ଭ ଏକ ନାଟକୀୟ ପରିବେଶରୁ ସୃଷ୍ଟି ହୋଇଛି ସାଇକେଲ କେରିଅରରେ ଘାସବିଡ଼ା ଲଦି ଘରେ ପହଞ୍ଚିଛନ୍ତି ନିରାକାର । ପତ୍ନୀ ସୁମିତ୍ରା ବର୍ଣ୍ଣନା କରିଛନ୍ତି ଶିଶୁପୁତ୍ରର ଅସୁସ୍ଥତାର ଚିତ୍ର । ପିଲାଟିର ମୁଣ୍ଡରେ ହାତ ଦେଇ ନିରାକାର ପତ୍ନୀ ସୁମିତ୍ରାଙ୍କୁ

ISSN NO.
2582-208X

ହୋମିଓପାଥି ଚିକିତ୍ସକ ଅରୁଣର ସାହାଯ୍ୟ ନେବା ବିଷୟ କହିଛନ୍ତି । ସୁମିତ୍ରା କିନ୍ତୁ ସ୍ପଷ୍ଟ କରିଦେଇଛନ୍ତି ଯେ, ଅରୁଣର ଔଷଧ କାମକଲା ନାହିଁ । ତେଣୁ କିପରି ପିଲାଟିକୁ ଉପଯୁକ୍ତ ଚିକିତ୍ସା କରି ବଞ୍ଚାଇ ରଖାଯିବ ଏହି ଚିନ୍ତାରେ ନିରାକାର ଏବଂ ସୁମିତ୍ରା ବିଚଳିତ ହୋଇ ପଡ଼ିଛନ୍ତି । ଡ଼ାକ୍ତରଖାନା ଗାଁଠାରୁ ଅନେକ ଦୂର । ବାଟରେ ପ୍ରତିବନ୍ଧକ ଏକ ନଦୀ । ଘନଘୋର ଅନ୍ଧାର ରାତ୍ରିରେ ଅସୁସ୍ଥ ଶିଶୁପୁତ୍ରକୁ ନେଇ ଆଗେଇ ଯାଇଛନ୍ତି ନିରକାର ଏବଂ ସୁମିତ୍ରା । ସାଇକେଲ ହୋଇଛି ମାଧ୍ୟମ । ରୋଗିଣା ପିଲାକୁ ଧରି ସୁମିତ୍ରା ବସିଛି ସାଇକେଲ କେରିଅର୍‌ରେ, ସାଇକେଲ ପେଡାଲ ମାରି ଆଗକୁ ମାଡ଼ି ଚାଲିଛନ୍ତି ନିରାକାର । ସମସ୍ତ ପ୍ରତିବନ୍ଧକକୁ ଅସ୍ୱୀକାର କରି ପିଲାଟିକୁ ବଞ୍ଚାଇ ରଖିବାର ଦୁର୍ବାର ଅଭିଳାଷ ନିରାକାରକୁ ଗଭୀର ଆତ୍ମବିଶ୍ୱାସୀ ଏବଂ ବଳିଷ୍ଠ କରିଛି । ନଈକୂଳରେ ପହଞ୍ଚିଲା ପରେ ପରିସ୍ଥିତି ସଂପୂର୍ଣ୍ଣ ଭିନ୍ନ ହୋଇଯାଇଛି । ଡଙ୍ଗା ଥିଲେ ମଧ୍ୟ ନାଉରୀ ନାହିଁ, ଡ଼ାକ ପକାଇଲେ କେହି ଶୁଣୁନାହାନ୍ତି କ'ଣ କରାଯାଇପାରେ ଏଭଳି ପରିସ୍ଥିତିରେ, ଗଳ୍ପରେ ବର୍ଣ୍ଣନା ରହିଛି – "ସେମାନେ ସତେ ଯେପରି ପହଞ୍ଚିଯାଇଛନ୍ତି ଗୋଟିଏ ମନ୍ଦିର ସାମନାରେ। ବ୍ୟାକୁଳ ହୋଇ ଆରାଧନା କଲାବେଳକୁ ଦେଖୁଛନ୍ତି ବିଗ୍ରହର ଚିହ୍ନ ବର୍ଣ୍ଣ ନାହିଁ ସବୁ ଯେପରି ଈଶ୍ୱର ହୀନ, ଅଥଚ ସଙ୍କଟ ପରିପୂର୍ଣ୍ଣ । କେହି କୁଆଡ଼େ ନାହାନ୍ତି, ପିଠିରେ ପଡ଼ିବାକୁ " (ପୃଷ୍ଠା-୬-୭), କିପରି ପାରିହେବ ନଦୀକୁ ? ଏହି ସମୟରେ ନିରାକାର ମନରେ କ୍ରୋଧ ସୃଷ୍ଟି ହୋଇଛି ପରିସ୍ଥିତିକୁ ନେଇ । ପରେ ପରେ ସଞ୍ଚରିଗଲା ଗୋଟେ କ୍ରୋଧ, ନିରାକାରର ମନରେ । ଗରମ ହୋଇଗଲା ମଗଜ । ବର୍ଷେ ଦିବର୍ଷ ତଳର କଥା ନୁହେଁ, ହୋଇଯିବ ପାଞ୍ଚ ଛ'ବର୍ଷ । ଏଇ ନଈକୂଳ ପଡ଼ିଆରେ କେତେ ବଡ଼ ସଭା ହୋଇଥିଲା । କ'ଣ ନା ପୋଲ ତିଆରି ହେବ । ନଈ ଏ ପାଖରେ ରହିଥିବା ହଜାର ହଜାର ଲୋକ ସହଜରେ ସଂଯୋଜିତ ହୋଇଯିବେ ଜିଲ୍ଲା ମହକୁମା ସହିତ । ନାହିଁ ନଥିବା ଉନ୍ମାଦନା ସୃଷ୍ଟି ହୋଇଯାଇଥିଲା ଏ ଅଞ୍ଚଳରେ । ବନ୍ୟା ପ୍ରପୀଡିତ ଅବହେଳିତ ଏଇ ବିଚ୍ଛିନ୍ନ ଭୂଗୋଳର ପରିପାଟୀ ସତରେ ବଦଳିଯିବ ? ଏତେ ଦରଦ ଏ ସରକାରର ? ଏତେ ପାରଙ୍ଗମ ମାଇକ୍ ସାମନାରେ ଭାଷଣ ଦେଉଥିବା ଏ ଲୋକ ଜଣକ ? (ପୃ-୭) ଏ ହେଉଛି ଆମ ସମାଜର କଥା । ସମାଜର ଚିରାଚରିତ ପ୍ରଥା । ନିଜର ସ୍ୱାର୍ଥ ସାଧନ ପାଇଁ ଅନ୍ୟକୁ ବଳି ଦେଇ ନିଜେ ରାଜଗାଦିରେ ବସିବା, ବିଶ୍ୱାସ ପ୍ରତିଶ୍ରୁତି ଏହା କେବଳ ନ୍ୟାୟ ଶାସ୍ତ୍ରରେ ଥାଏ । ଗରିବଙ୍କ ପାଇଁ ଏହା ଏକ ଶବ୍ଦ ମାତ୍ର ଉଚ୍ଚ ପାହ୍ୟାରେ ଥିବା ଏହି କୁଜି ନେତା ମାନେ ଭୋଟ ପାଇବା ଲାଳସାରେ ଗରିବର ତଣ୍ଟିଚିପି ସର୍ବସ୍ୱ ଲୁଟି ବିଶ୍ୱାସ ପ୍ରତିଶ୍ରୁତି

ISSN NO.
2582-208X

ଦେଇ ସେମାନଙ୍କ ବିଶ୍ୱାସ ସହ ଖେଳ ଖେଳିଥାନ୍ତି । ନେତା ମନ୍ତ୍ରୀ ହୋଇଗଲା ପରେ ଆଉ ବା ପଚାରେ କିଏ ? ଆମ ସମାଜରେ ଏମିତି ଦୁଇଶ୍ରେଣୀର ମନୁଷ୍ୟ ପରିଦୃଶ୍ୟ ହୁଅନ୍ତି । ବିଶ୍ୱାସ କରୁଥିବା ଓ ବିଶ୍ୱାସ ହରାଉଥିବା ଲୋକମାନେ । ଏମିତି ଘଟିଛି ନିରାକାର ଏବଂ ତାର ଗ୍ରାମବାସୀ ତଥା ଆଖ ପାଖ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ସହିତ । ନିଜର ଗ୍ରାମ ଓ ସହର ମଧ୍ୟରେ ଥିବା ନଦୀରେ ପୋଲ ତିଆରି ପାଇଁ । ପୋଲ ତିଆରି ହେଲେ ସେମାନଙ୍କର ଏହି ବିଚ୍ଛିନ୍ନ ଭୂଗୋଳର ପରିପାଟୀ ବଦଳିଯିବ, କିନ୍ତୁ ଜୀବନର ଆବଶ୍ୟକତା ଓ ଦାବୀ କେବେ କେଉଁ ପ୍ରତିଶ୍ରୁତି କିମ୍ବା ଆଶାକୁ ଅପେକ୍ଷା କରି ସ୍ଥଗିତ ରହିଛି କି ? ଲୋକମାନେ ଯାଆନ୍ତି ଏ କୂଳରୁ ସେକୂଳ ସେଇ ଡଙ୍ଗା ମାଧ୍ୟମରେ ନଇ ନାମକ ସେଇ ପ୍ରତିବନ୍ଧକ ଅତିକ୍ରମ କରି ଜୀବନର ସୁଅକୁ ଅବାରିତ କରିବା ପାଇଁ ।

ଯେ କୌଣସି ଉପାୟରେ ନଦୀର ଆରପାରିକୁ ଯାଇ ଡ଼ାକ୍ତରଖାନାରେ ପହଞ୍ଚିବାକୁ ପଡ଼ିବ । ଅନେକ ଦୁର୍ଭାବନାକୁ ସାମନା କରି ଶେଷରେ ନିରାକାର ପତ୍ନୀ ସୁମିତ୍ରାକୁ କହିଛି ଡଙ୍ଗାରେ ବସିବା ପାଇଁ । ସୁମିତ୍ରା ଆଶ୍ଚର୍ଯ୍ୟ ହୋଇଯାଇଛି । ବିନା ନାଉରୀରେ ଡଙ୍ଗା ଚଳାଇବ କିଏ ? ବରଂ ଘରକୁ ଫେରିଯାଇ ରାତି ପାହିଲେ ଯାହା କିଛି କରାଯିବ । ନିରାକାର କିନ୍ତୁ ଅଟଳ ସିଦ୍ଧାନ୍ତ ନେଇଛି । ସେ ନିଜେ ଡଙ୍ଗା ବାହି ଆର ପାରିକୁ ରୋଗିଣା ପୁଅକୁ ନେଇ ଡ଼ାକ୍ତରଖାନାରେ ଦେଖାଇବ । ସୁମିତ୍ରାର ଅନେକ ବାରଣ ସତ୍ୱେ ନିରାକାର ନିର୍ଦ୍ଦେଶ ଦେଇଛି ସୁମିତ୍ରାକୁ ପୁଅକୁ ଧରି ଡଙ୍ଗାରେ ବସିବା ପାଇଁ । ଭାଗ୍ୟ ଓ ଭଗବାନକୁ ଆଶ୍ରା କରି ସୁମିତ୍ରା ଡଙ୍ଗାରେ ବସିଛି ପୁଅକୁ ଧରି । ବର୍ତ୍ତମାନକୁ ସୁରକ୍ଷା ପ୍ରଦାନ କରିବା ପିତାର କର୍ତ୍ତବ୍ୟ ବୋଲି ନିରାକାର ସ୍ଥିର କରିନେଇଛି । ଅଧା ନଇରେ ଡଙ୍ଗା ତଳକୁ ତଳକୁ ଖସିଯାଇଛି । ନିରାକାର ନିର୍ଦ୍ଦେଶରେ ସୁମିତ୍ରା ମଧ୍ୟ କାତ ଧରିଛି । ଅନେକ ବାଟ ତଳକୁ ଡଙ୍ଗା ଚାଲିଯାଇଥିଲେ ମଧ୍ୟ ଶେଷରେ ଡଙ୍ଗା କୂଳରେ ଲାଗିଛି । ନିରାକାର ଏବଂ ସୁମିତ୍ରା ରୋଗିଣା ପୁଅକୁ ଧରି ସାଇକେଲରେ ଡ଼ାକ୍ତରଖାନା ଅଭିମୁଖରେ ଯାଇଛନ୍ତି । ଡ଼ାକ୍ତରଙ୍କ ଘରେ ପହଞ୍ଚି ନିରାକାର କହିଛି , "ଆଜ୍ଞା, ରକ୍ଷା କରନ୍ତୁ ଆମକୁ", ଡ଼ାକ୍ତରଙ୍କ ଘର ଜାଫ୍ରି ଆଲୋକିତ ହେଲା, କବାଟ ଖୋଲିବାର ଶବ୍ଦ ଶୁଭିଲା । ଗଳ୍ପର ଉପସଂହାରରେ ଗାଳ୍ପିକଙ୍କ ନିଜ ସ୍ୱର- "ନିରାକାର ଜାଣିଥିଲା, କବାଟ ଖୋଲିବ ନିଶ୍ଚୟ । ଆଲୁଅ ଜଳିବ, କାହାର କ'ଣ ହୋଇଛି ବୋଲି ଜିଜ୍ଞାସା ଶୁଭିଯିବ । ବିଶାଳ ଅବ୍ୟବସ୍ଥା ଭିତରେ ଏସବୁ ଘଟିବ ବୋଲି ଆଶାଟେ ଥାଏ । ଖାଲି ସେଇଥିପାଇଁ କୌଣସି ସୁଅ, କୌଣସି ଅନ୍ଧକାର ଓ

ISSN NO.
2582-208X

ନିର୍ଜନତା, କୌଣସି ଅନଭିଜ୍ଞତା ଅଟକାଇ ପାରେ ନାହିଁ ନିରାକାରର ଗତିକୁ । ୟା ପରେ ଯଦି କାହ୍ନୁକୁ ଆଉଜି ସୁମିତ୍ରା ଅବଶ ଓ ଅଚଞ୍ଚଳ ହୋଇଯାଏ ଚରମ କ୍ଲାନ୍ତି ଯୋଗୁ କିମ୍ବା ସାଇକେଲ ଚକର ହାୱା ବାହାରି ଯାଇଥାଏ, ତେବ କ୍ଷତି କ'ଣ ? (ପୃ-୧୪)

ସମଗ୍ର ଗଳ୍ପଟି ଏକ ଉଜ୍ଜ୍ୱଳ ଆଶାବାଦର ପ୍ରତୀକ ସକଳ ନିରାଶା ମଧ୍ୟରେ ଏକ ଜ୍ୟୋତିଯୁକ୍ତ ଆଶା ମଣିଷକୁ କିଭଳି ବଳିଷ୍ଠ ଏବଂ ଆତ୍ମବିଶ୍ୱାସୀ କରାଏ । ତା'ର ସାଙ୍କେତିକ ସୂଚନା ଦେଇଛନ୍ତି ଗାଳ୍ପିକ ରାମଚନ୍ଦ୍ର ବେହେରା । ଭାଙ୍ଗି ନପଡ଼ି ଗୀତାର ବାଣୀରେ "ଉତିଷ୍ଠତି, ଜାଗ୍ରତ, ପ୍ରାପ୍ୟ ବରାନ୍ନି ବୋଧତ"ର ଆଶାବାଦ ମଣିଷ ଜୀବନର ଏକାନ୍ତ ଲକ୍ଷ୍ୟ ହେବା ଉଚିତ । ଭାଷା, ଭାବ ଏବଂ ମିଥ୍ ଚେତନାର ଅପୂର୍ବ ସମନ୍ୱୟ ତଥା ଆମ ସମାଜର ଅବ୍ୟବସ୍ଥା ପ୍ରତିଶ୍ରୁତି ବିହୀନ ନେତା ମନ୍ତ୍ରୀଙ୍କର ଏକ ସ୍ଥିର ଚିତ୍ର "ଗୋପପୁର" ଏକ କାଳଜୟୀ ସୃଷ୍ଟି- ଏଥିରେ ସନ୍ଦେହର ଅବକାଶ ନାହିଁ ।

## ସହାୟକ ଗ୍ରନ୍ଥସୂଚୀ:

୧. ସାହୁ, ଗିରୀଶ ଚନ୍ଦ୍ର, "ରାମଚନ୍ଦ୍ର ବେହେରାଙ୍କ କଥା ସାହିତ୍ୟର ସ୍ଥାପତ୍ୟ ଓ ବୈଚିତ୍ର୍ୟ ।
୨. ସାହୁ, ଡକ୍ଟର ଆଦିକନ୍ଦ "ରାମଚନ୍ଦ୍ର ବେହେରାଙ୍କ ସ୍ଥିତିବାଦୀନଞ୍ଜର୍ଥକତା" ଓଡିଆ ଗଳ୍ପ ଉପନ୍ୟାସର ନବଦିଗନ୍ତ । ପୃ ୮୦

୩. ଗାହାଣ, କପିଳେଶ୍ୱର "ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ଜରିଆରେ ଜୀବନ ଓ ପୃଥିବୀ", ଇସ୍ତାହାର-୨୦, ୧୯୮୩ ପୃ-୬୮ ।

୪. ସ୍ୱାଇଁ, ରବି "ରାମଚନ୍ଦ୍ର ବେହେରାଙ୍କ ଗଳ୍ପକଳା ଏକ ଦୃଷ୍ଟିପାତ", - ସ. ନତ୍ୟାନନ୍ଦ ଶତପଥୀ, ଇସ୍ତାହାର, ୧୯୭୮, ପୃଷ୍ଠା-୨୦ ।

୫. ବେହେରା, ରାମଚନ୍ଦ୍ର "ମୁଁ କାହିଁକି ଲେଖେ" - ପୃ-୩୯୮

ISSN NO.
2582-208X

୬.ବେହେରା ରାମଚନ୍ଦ୍ର "ଗୋପପୁର" ବିଦ୍ୟା ପ୍ରକାଶିନୀ, କଟକ-୨, ୨୦୦୭

୭. ପାଢୀ, କଳ୍ପନା : "ରାମଚନ୍ଦ୍ର ବେହେରାଙ୍କର ଗଳ୍ପମାନସ", ବିଜୟିନୀ ପବ୍ଲିକେଶନ କଟକ ୨୦୧୦

୮. ସାହୁ, ଡକ୍ଟର ବନଜା, "ଉତ୍ତର ସତୁରୀ ଓଡିଆ ଗଳ୍ପଧାରା" ଓ ଗାଳ୍ପିକ ରାମଚନ୍ଦ୍ର ବେହେରା, "ଟାଇମ୍ ପାସ୍ ପବ୍ଲିକେଶନ", ୨୦୧୯

୯. ସାମନ, ବୈଷ୍ଣବ ଚରଣ : "ଓଡିଆ ଗଳ୍ପର ଗତି ଓ ପ୍ରକୃତି" ସାଥୀମହଲ, ବିନୋଦବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ୧୯୯୧ ।

୧୦. ବେହେରା, କ୍ଷୀରୋଦ ଚନ୍ଦ୍ର : ଏକବିଂଶ ଶତାବ୍ଦୀର ଓଡିଆ ଗଳ୍ପ : ପ୍ରତିଶ୍ରୁତି ଓ ସମ୍ଭାବନା, ପ୍ରକାଶିକା ବନାନୀ ବେହେରା, ୨୦୦୩ ।

ଅଧ୍ୟାପିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟ
Phone ନମ୍ବର.9348539162

ISSN NO.
2582-208X

# ଆତ୍ମବୋଧ



ମୀରା ପୂରବୀ ପାଣିଗ୍ରାହୀ

ଏ ଦେହରେ ବାସ କରଇ ଶ୍ରୀହରି
ଏ ଦେହେ ପୁଣି ରାକ୍ଷସ
ନିଜ ଧର୍ମ ଭୁଲି ମନ୍ଦ ଆଚରଣେ
ରାବଣ କରେ ନିବାସ ।
ବିଷୟ ସୁଖ କୁ ଉପଭୋଗ କଲେ
ମେଣ୍ଟେନାହିଁ ଆତ୍ମ ଶୋଷ
ଆତ୍ମ ଶାନ୍ତି ଯଦି ଭରପୁର ଅଛି
କେଉଁ ଜିନିଷକୁ ଆଶ ।
ଅନ୍ୟାୟ  ଅଧର୍ମ ବଳୟାର ହେଲେ
ବାସ କରଇ ରାକ୍ଷସ
ଧର୍ମ ଓ ଆଦର୍ଶ ପ୍ରକଟିତ ହେଲେ
ଅସୁର କରେ ବିନାଶ ।
ଛନ୍ଦ କପଟର ମଞ୍ଜି ବୁଣି ତୁହିଁ
ପାପ କର୍ମ କରୁ ରୁଷ
ବିପଥଗାମୀ କୁ ଆମନ୍ତ୍ରଣ କରେ
ହୋଇଯାଏ ସର୍ବନାଶ ।

ଶାନ୍ତି, ଶୃଙ୍ଖଳା ବଳେ ସମାଜେ ତୋର
ଦୁଃଖ ରହେ ନାହିଁ ଲେଶ
ଆତ୍ମ, ବାହ୍ୟ ଜ୍ଞାନ ପରିପକ୍ୱ ହୁଏ
ରହେନାହିଁ ଅବସୋସ ।

କୋମନା, ନୂଆପଡା

ISSN NO.
2582-208X

# ପରମଗ୍ରନ୍ଥ ଭାଗବତ



ନୀଳମଣି ଗୁନ୍ଦ

ମହାପୁରାଣ ଅଷ୍ଟାଦଶ
ସ୍ରଷ୍ଟା ଯାହାର ଗୁରୁ ବ୍ୟାସ ।
ତା'ପରେ ଗୀତା ଦେଲେ ଲେଖି
ଭାବିଲେ ଆଉ କଅାଁ ବାକି ।

ଲେଖିଲେ ଶେଷେ ଭାଗବତ
ଏ ଗ୍ରନ୍ଥ ଭକ୍ତ ରସାପ୍ଲୁତ ।
ସଂସ୍କୃତଭାଷାରେ ସେ ଲେଖା
ପଢ଼ିଲେ ବୁଦ୍ଧିଜନେ ଏକା ।

ସାଧକ ଜଗନ୍ନାଥ ଦାସ
ବାଛିଲେ ନବାକ୍ଷରୀ ବୃତ୍ତ ।
ବର୍ଣ୍ଣିଲେ କୃଷ୍ଣଲୀଳା ତହିଁ
ଏ ଧାରା ମିଳେ ନାହିଁ କାହିଁ ।

ISSN NO.
2582-208X

ଭାଗବତ ସେ ଲେଖିଦେଲେ
ଓଡିଆଙ୍କର ପ୍ରିୟ ହେଲେ ।
ଦ୍ୱାଦଶ  ସ୍କନ୍ଧ ଅଛି ତହିଁ
ଲାଳିତ୍ୟ ଛନ୍ଦ ଭରି ସେହି ।

ଜନଜୀବନ, ଧର୍ମଧାରା
ପ୍ରଭାବିତଟି କଲା ପରା ।
ପ୍ରତିଷ୍ଠା ହେଲା ଟୁଙ୍ଗୀଘର
ହୋଇଲା ତାହାର ପ୍ରଚାର ।

ଠାକୁର ଘରେ ସିଏ ଥାଉ
କଳ ହୁଏନ ତା'ର ଭାଉ
ପରମଗ୍ରନ୍ଥ ଭାଗବତ
ପଠନ କରୁଥିବା ନିତ୍ୟ ।

୨୭, ମନ୍ତ୍ର ମାନୋର, ଗୋଠପାଟଣା
ଭୁବନେଶ୍ୱର, ମୋ:୯୫୮୩୨୦୨୩୫୭

ISSN NO.
2582-208X

# ଆଦି ଶକ୍ତି



ଜ୍ୟୋସ୍ନା ରାଣୀ ମହାନ୍ତ

ସକଳ ଦେବତା ଦରଶନ ଶୂନ୍ୟ
ଏକା ଦେଖୁ ଅଛୁ ସୂର୍ଯ୍ୟ
ସାର୍ ଦୁନଆରେ ଜୀବଓ ଜଗତ
ତାଙ୍କ ବିନୁ ନାହିଁ କାର୍ଯ୍ୟ ।୧।

ପାହିଲେ ରଜନୀ ତାଙ୍କର ଉଦୟ
ଧର୍ ପୃଷ୍ଟେ ଯାଏ ଖେଳ
କି ସୁନ୍ଦର ଆହା କି ଆନନ୍ଦ ମୟ
ଲ୍ଲୀ ରଙ୍ଗ ଦେହେ ବୋଳ ।୨।

କଅଁଳ କିରଣେ ଚକି ମିକି ଦିଶେ
କାକର ଭିଜା ସେ ଘାସ
ଗଛ ଲତା ସବୁ ଉଜ୍ଜ୍ୱଳ ଦିଶଇ
ଚହ ଟଇ ଫୁଲ ବାସ ।୩।

ଧୀରେଧୀରେ ବହେ ମଳୟ ପବନ
ଶାନ୍ତ ଲ୍ଗେ ପରିବେଶ

ISSN NO.
2582-208X

କ ସୁନ୍ଦର ଶୁଭେ ବିହଙ୍ଗର ଗୀତ
ମନେ ଆଣଇ ଉଲ୍ଲାସ ।୪।

ନୀଳ ଆକାଶର ଓଠ ଭର୍ତ୍ତି ହସ
ସାଗର ଭାଙ୍ଗଇ ଢେଉ
ଅପେକ୍ଷା ରତ ସୁରୁଜ ମୁଖର
ମୁଖୁ ଝରେ ପ୍ରୀତି ମହୁ ।୫।

ହରଷ ମନରେ କୃଷକ ଭାଇଟି
କ୍ଷେତରେ କରଇ କାମ
ପଣ୍ଡା ପରିହାରୀ ଭିଡା ଭିଡ଼ି ହନ୍ତୁ
ସଜା ହୁଏ ଗ୍ଭରି ଧାମ ।୬।

ଦଶ ଦିଗ ଧରା ଉଲ୍ଲସିତ ହୁଏ
ଆଦି ଶକ୍ତ ଆଲୋକରେ
ଅନନ୍ତ ଅପାର ଶକତି ଯାହାର
ଏହି ମହୀ ମଣ୍ଡଳ ରେ ।୭।

ଓଁ ଖଗାୟ ଭାନୁ ରବି ନାରାୟଣ
ପୁଣି ମିତ୍ରାୟ ଅର୍କାୟ
ଭାସ୍କରାୟ ନମଃ ମରିଚୟେ ନମଃ
ଓଁ ଆଦିତ୍ୟାୟ ନମଃ
ଓଁ ଆଦିତ୍ୟାୟ ନମଃ ।୮।

ରାଇବଣିଆ ଗଡ଼ସାହି

ISSN NO.
2582-208X

# ଏକ ଗୃଧ୍ର ପକ୍ଷୀର କାହାଣୀ

ମୂଳଲେଖା: ଭାରତ ଗୌରବ ପୁଲକ ସାଗର
ଭାଷାନୁବାଦ: ବିଜୟ କୁମାର ସାହୁ


ବିଜୟ କୁମାର ସାହୁ

କୌଣସି ଏକ ଗାଁ ମୁଣ୍ଡରେ ଏକ ବିରାଟକାୟ ବଟ ବୃକ୍ଷ ଥିଲା । ଏକଦା ଏକ ନବଜାତ ସନ୍ତାନକୁ ଜନ୍ମ ଦେଇ ଗୃଧ୍ର ଦମ୍ପତ୍ତି ଗାଁ ମୁଣ୍ଡରେ ଥିବା ବରଗଛ କ୍ରୋଡରେ ରଖିଦେଇ ଅନ୍ୟତ୍ର ଚାଲିଗଲେ । ସେହି ବରଗଛରେ ଶହ ଶହ ପକ୍ଷୀ ଆଗରୁ ବାସ କରୁଥିଲେ । ବୃଦ୍ଧ ସମୟ ଦିନେ ନା ଦିନେ ଆସିବ । ଆଜି ଛୋଟ ପିଲା ଥିଲି କାଲି ଯୁବକ ହେବି ତାପରେ ବୃଦ୍ଧ ହେବି । ଏପରି କେହି ଧନବାନ ବ୍ୟକ୍ତି ନାହିଁ ଯେ, ସେ ଧନ ବଳରେ ବୃଦ୍ଧାବସ୍ଥାକୁ ଟାଳିଦେବ । ଏପରି କେହି ବଳବାନ ବ୍ୟକ୍ତି ନାହିଁ ଯେ, ନିଜର ଶକ୍ତି ବଳରେ ବୃଦ୍ଧାବସ୍ଥାକୁ ଦୂରେଇ ଦେଇପାରିବ । ସେ ଧନୀ ହେଉ କି ଗରିବ ହେଉ, ବଳବାନ ହେଉ କି ବୁଦ୍ଧିମାନ ହେଉ ଅବଶ୍ୟ ଦିନେ ନ ଦିନେ ତାକୁ ବୃଦ୍ଧାବସ୍ଥା ଭୋଗ କରିବାକୁ ହେବ । ଏହା ପ୍ରକୃତିର ବିଧାନ ଅଟେ ।

ବରଗଛ ଉପରେ ନିବାସ କରୁଥିବା ସମସ୍ତ ପକ୍ଷୀମାନଙ୍କ ମଧ୍ୟରେ କାଳକ୍ରମେ ସମସ୍ତଙ୍କର ସମସ୍ତଙ୍କ ପ୍ରତି ଗୋଟାଏ ମୋହ ଆସିଗଲା । ସେମାନେ ସମସ୍ତେ ପରସ୍ପର ସ୍ନେହ, ଶ୍ରଦ୍ଧା ନେଇ ବସବାସ କରୁଥିଲେ । ପରସ୍ପର ମଧ୍ୟରେ ନିଜର ଦୁଃଖ ସୁଖ ବାଣ୍ଟୁଥିଲେ । ବଡ ଆନନ୍ଦରେ ସେମାନେ ଥିଲେ । ସବୁ ଦିନ ଯେ ସବୁବେଳେ ଆନନ୍ଦ ଓ ସୁଖରେ କଟିବ ଏହା ନିଶ୍ଚିନ୍ତ ନୁହେଁ । ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଚକ୍ରବତ ଏ ସଂସାରରୂପୀ ରାଜ ରାସ୍ତାରେ ଗତିଶୀଳ ହେବାରେ ଲାଗିଛି । କିଛି ବର୍ଷ ହେଲା ବର୍ଷା ହେଲାନାହିଁ । ବର୍ଷା

ISSN NO.
2582-208X

ଅଭାବରୁ ବୃକ୍ଷ ଲତା ଶୁଷ୍କ ହୋଇଗଲେ । ସେହି ବିରାଟ ବୃକ୍ଷଟି ମଧ୍ୟ ଶୁଖିବାକୁ ଲାଗିଲା । ସମୟ ଏପରି ଆଗତ ହେଲା ଯେ; ବରଗଛରୁ ପତ୍ର ସବୁ ଝଡିବାକୁ ଲାଗିଲା ଏବଂ ଏତେବଡ ବୃକ୍ଷଟି ସଂପୂର୍ଣ୍ଣ ପତ୍ର ଶୂନ୍ୟ ହୋଇ ନିର୍ଜୀବ ହୋଇଗଲା, କେବଳ ଥୁଣ୍ଟା ଗଛଟିଏ ହୋଇ ରହିଲା । ଜୀବ ଜଗତ ପ୍ରମାଦ ଗଣିବାକୁ ଲାଗିଲେ । ବୃକ୍ଷ ଉପରେ ବାସ କରୁଥିବା ପକ୍ଷୀମାନେ ମଧ୍ୟ ଅନ୍ୟତ୍ର ଯିଏ ଯେଉଁଆଡେ ପଳାଇବାକୁ ଲାଗିଲେ । କେବଳ ଗୋଟିଏ ଗୃଧ୍ର ପକ୍ଷୀ ରହିଲା । ଅନ୍ୟାନ୍ୟ ପକ୍ଷୀମାନେ ତାକୁ କହିଲେ ଓହୋ ! ଆମେ ସମସ୍ତେ ଅନ୍ୟତ୍ର ଯାଉଅଛୁ ଏବେ ତୁମେ ବି ଆମ୍ଭମାନଙ୍କ ସହିତ ଆସ । ଆମେ ଅନ୍ୟତ୍ର ଏକ ସୁରକ୍ଷିତ ସ୍ଥାନରେ ରହିବା ଯେଉଁଠି ଆମକୁ ଏକ ଉତ୍ତମ ବାସଗୃହ ଓ ଖାଦ୍ୟ ମିଳିବ । ସେହି ଗୃଧ୍ର କହିଲା – ହେ ସାଥୀଗଣ ! ମୁଁ ଛୋଟ ସମୟରୁ ଏହି ବଟବୃକ୍ଷରେ ରହିଆସିଅଛି, ସେ ମୋତେ ଆଶ୍ରୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ପାଳନ ପୋଷଣ କରିଅଛି । ଆଜି ଯେତେବେଳେ ତା'କୁ ବିପଦ ପଡିଛି ମୁଁ ତାକୁ ଏକୁଟିଆ ଛାଡିଦେଇ କିପରି ଅନ୍ୟତ୍ର ଯିବି ? ଦୁଃଖ ସମୟରେ ସେ ମୋତେ ଆଶ୍ରୟ ଦେଇଛି ମୋର ସାଥି ହୋଇଛି । ଯେଉଁ ସନ୍ତାନ ବୃଦ୍ଧ କାଳରେ ପିତାମାତାଙ୍କୁ ପରିତ୍ୟାଗ କରେ କିମ୍ବା ବିଦେଶରେ ଯାଇ ରହେ ସେମିତି ସନ୍ତାନକୁ ଧିକ । ସନ୍ତାନର ସୁଖ ଓ ଦୁଃଖରେ ଯେଉଁ ପିତାମାତା ଠିଆ ହୋଇଥିଲେ ଏବଂ ରୋଗଗ୍ରସ୍ତ ସମୟରେ ଯେ ନିଜେ କଷ୍ଟ ସ୍ୱୀକାର କରି ସନ୍ତାନମାନଙ୍କର ଯତ୍ନ ନେଉଥିଲେ ଆଜି ସେ ଯେତେବେଳେ ବୃଦ୍ଧ ହୋଇଗଲେ ତାଙ୍କୁ ପରିତ୍ୟାଗ କରିବା ଧର୍ମ ବିରୁଦ୍ଧ । ପିତାମାତା ନିଜେ ଯଦି କୌଣସି ଉତ୍ତମ ଖାଦ୍ୟ ଲାଭ କରନ୍ତି ସେମାନେ ପ୍ରଥମେ ସନ୍ତାନମାନଙ୍କୁ ତାହା ଦେଇଥାନ୍ତି । ସେ କ'ଣ ତୁମମାନଙ୍କୁ ନ ଦେଇ ଖାଉଥିଲେ ? ଆଜି ତୁମେ ତାଙ୍କୁ ଘୃଣା କରୁଅଛ ।

ସେ ଗୃଧ୍ର ପକ୍ଷୀ ପ୍ରତିଜ୍ଞା କରି କହିଲା ବରଗଛଟିକୁ ଛାଡି ଦେଇ ସେ ଅନ୍ୟତ୍ର ଯିବନାହିଁ । ତଥାପି ଅନ୍ୟ ପକ୍ଷୀମାନେ ତାକୁ ବୁଝାଇବାକୁ ଯାଇ କହିଲେ ହେ ବନ୍ଧୁ ! ତୁମେ କାହିଁକି ବୁଝୁନାହଁ । ୟେ ଗଛ ସଂପୂର୍ଣ୍ଣ ମରିଗଲାଣି କେବଳ ଥୁଣ୍ଟା ହୋଇ ରହିଛି । ଏହାର ଡାଳ, ପତ୍ର, ଗଣ୍ଡି ସବୁ କିଛି ମୃତ ପ୍ରାୟ । ନା ୟେ ଆମ୍ଭମାନଙ୍କୁ ଏବେ ଆଶ୍ରୟ ଦେବ ନା ଭରଣ

ISSN NO.
2582-208X

ପୋଷଣ କରିବ ? କେତେବେଳେ ଯଦି ଭୀଷଣ ପବନ ଆସିବ ଯେ ଥୁଣ୍ଟା ବରଗଛଟା ଭାଙ୍ଗିଯିବ । ସେତେବେଳେ ତୁମେ କେବଳ ପଶ୍ଚାତାପ କରିବା ସାର ହେବ ସିନା କିନ୍ତୁ କୌଣସି ଲାଭ ହେବ ନାହିଁ । ହେ ଗୃଧ୍ର କାକା ! ତୁମେ ଏବେ ସମାଧାନ କର, ଆମ୍ଭମାନଙ୍କ ସହିତ ଅନ୍ୟତ୍ର ଯିବ ନା ଏଠାରେ ରହି ଆଗାମୀ ବିପଦର ସମ୍ମୁଖୀନ ହେବ ? ଗୃଧ୍ର କହିଲା - ଯେ ବୃକ୍ଷ ହେଉଛି ମୋର ପିତାମାତା । ମୋ ପ୍ରକୃତ ପିତାମାତା ମୋତେ ଜନ୍ମ ଦେଇ ଛୋଟ ସମୟରୁ ଏହାର କୋଳରେ ରଖିଦେଇ ଚାଲିଗଲେ । ସେବେଠାରୁ ମୁଁ ଏହାରି ଆଶ୍ରୟରେ ଜୀବନ ଅତିବାହିତ କରିଅଛି ଏବଂ ଛୋଟରୁ ବଡ ହୋଇଅଛି । ମୁଁ ଯଦି ତାକୁ ଏହି ଦୁର୍ଦ୍ଦିନ ସମୟରେ ଛାଡିଦେଇ ଯିବି ତେବେ ମୋତେ ପାପ ଲାଗିବ ମୋର ଧର୍ମ ନଷ୍ଟ ହୋଇଯିବ । ଯେ ବୃକ୍ଷ ମୋର ପିତାମାତା ପରି ଯତ୍ନ ନେଇଛନ୍ତି । ତୁମମାନେ ଯାଅ କିନ୍ତୁ ମୁଁ ଏହାଙ୍କୁ ଛାଡି ଯିବି ନାହିଁ ।

କେବଳ ସେହି ଗୃଧ୍ର ପକ୍ଷୀ ବ୍ୟତୀତ ଅନ୍ୟ ସମସ୍ତ ପକ୍ଷୀମାନେ ସେହି ବିରାଟ ବଟବୃକ୍ଷକୁ ପରିତ୍ୟାଗ କରି ଅନ୍ୟତ୍ର ଚାଲିଗଲେ । କିଛିଦିନ ପରେ ସେମାନଙ୍କୁ ଭିତରୁ କେତେକ ପକ୍ଷୀ ଆସି ଦେଖନ୍ତି ତ ଗୃଧ୍ର କାକା ସେହି ଥୁଣ୍ଟା ବଟବୃକ୍ଷ ଉପରେ ବସିଅଛନ୍ତି । ଗୃଧ୍ର କାକା ଖାଦ୍ୟ ଓ ପାଣି ଅଭାବରୁ ଦୁର୍ବଳ ଦେଖାଯାଉଅଛନ୍ତି । ସେମାନେ ପୁଣି ତାକୁ ବୁଝାଇବାକୁ ଯାଇ କହିଲେ କାକା ! ଏବେ ବି ତୁମ ନିକଟରେ ସମୟ ଅଛି ତୁମେ ଏଠାରୁ ପଳାଇଆସ। କିଛି ବର୍ଷ ହେଲା ବର୍ଷା ହୋଇନାହିଁ ନିକଟ ଭବିଷ୍ୟତରେ ଯେ ବର୍ଷା ହେବ ଏପରି ସମ୍ଭାବନା ଦେଖାଯାଉନାହିଁ । ଅତଏବ ଆମ୍ଭମାନଙ୍କ ସହିତ ଆସ । ଗୃଧ୍ର କହିଲା - ହେ ମୋର ପ୍ରିୟ ବନ୍ଧୁଗଣ ! ମୁଁ କଦାପି ଏହି ବଟବୃକ୍ଷକୁ ଛାଡି ଯିବି ନାହିଁ । ତୁମେମାନେ ଯାଇପାର । ଗୃଧ୍ର ପକ୍ଷୀର ଏପରି ଦୃଢତା ଏବଂ ବଟବୃକ୍ଷ ପ୍ରତି ନମନୀୟତା ଦେଖି ସମସ୍ତ ପକ୍ଷୀ ଇନ୍ଦ୍ରଙ୍କ ନିକଟକୁ ଯାଇ ବିନୀତ ପ୍ରାର୍ଥନା ପୂର୍ବକ କହିଲେ - ହେ ଭଗବନ ! କିଛି ବର୍ଷ ହେଲା ଆପଣ ଆମ୍ଭ ଇଲାକାରେ ବର୍ଷା କରିନାହାଁନ୍ତି ଫଳରେ ସମସ୍ତ ଜୀବ ଜଗତ ସନ୍ତପ୍ତ । ସବୁଠି ଜଳ ବିହୁନେ ହାହାକାର । ଆମେ ସମସ୍ତେ ଅନ୍ୟତ୍ର ଯାଇ ରହିବାକୁ ବାଧ୍ୟ ହେଲୁ କିନ୍ତୁ

ISSN NO.
2582-208X

ସେହି ବଟବୃକ୍ଷରେ ଆଶ୍ରୟ ନେଇଥିବା ଆମ୍ଭମାନଙ୍କର କାକା ଗୃଧ୍ର ପକ୍ଷୀଟି ସେହି ବୃକ୍ଷକୁ ଆଶ୍ରୟ କରି ଏବେ ବି ରହିଅଛନ୍ତି । ସେ ମୃତ ପ୍ରାୟ ଦେଖାଯାଉଅଛନ୍ତି । ତାଙ୍କର ସେହି ଗଛ ପ୍ରତି ଅଧିକ ସ୍ନେହ ଓ ଶ୍ରଦ୍ଧା ଏବଂ ସଂବେଦନଶୀଳତାକୁ ଦେଖି ଆମେ ସମସ୍ତେ ତାଙ୍କ ଦୁଃଖରେ ସମଦୁଃଖୀ ଅଟୁ । ହେ ମହାତ୍ମନ ! ତାଙ୍କର ସୁବିଚାର ଏବଂ ନ୍ୟାୟପରାୟଣତା ଆମ୍ଭମାନଙ୍କ ଉପରେ ଗଭୀର ରେଖାପାତ କରିଛି । ସେ କହିଲେ ଯେଉଁ ବଟବୃକ୍ଷ ଆମ୍ଭମାନଙ୍କୁ ଏତେ ବର୍ଷ ହେଲା ଆଶ୍ରୟ ଦେଇଥିଲା ବିପତ୍ତି ସମୟରେ ତାକୁ ପରିତ୍ୟାଗ କରିବା ଆଦୌ ସମୀଚୀନ ନୁହଁ । ହେ ଦେବରାଜ ! ଆମ୍ଭେମାନେ ଆପଣଙ୍କୁ ପ୍ରାର୍ଥନା କରୁଅଛୁ ଆପଣ ଏହାର ସମାଧାନ କରନ୍ତୁ । ପକ୍ଷୀମାନଙ୍କର ଆକୁଳ ପ୍ରାର୍ଥନା ଶୁଣି ଦେବରାଜ ଇନ୍ଦ୍ର ସେହି ରାଜ୍ୟରେ ବର୍ଷା କରିଲେ । ସମସ୍ତ ପକ୍ଷୀଗଣ ପୁନର୍ବାର ସେହି ବଟବୃକ୍ଷକୁ ଫେରିଆସିଲେ । ବର୍ଷା ହେବାରୁ ସେହି ବୃକ୍ଷଟି ପୁଣି ପଲ୍ଲବିତ ହୋଇଗଲା ଏବଂ ସମସ୍ତ ଅଞ୍ଚଳ ପୁଣି ଶସ୍ୟ ଶ୍ୟାମଳା ହୋଇଗଲା । ସମସ୍ତ ପକ୍ଷୀ ଚଳଚଞ୍ଚଳ ହୋଇଗଲେ । ଆମେ ଗୃଧ୍ରପକ୍ଷୀ ନିକଟରୁ କେତେବଡ ମହାନ ବାର୍ତ୍ତା ପାଇଲେ । ବୃଦ୍ଧ ପିତାମାତାଙ୍କୁ କେବେହେଲେ ଅଣଦେଖା କିମ୍ବା ପରିତ୍ୟାଗ କରିବା ପୁତ୍ରଧର୍ମ ନୁହେଁ ।

*****

ବିଜିଗୋଳ, ଏନ ଟି ପି ସି, ଅନୁଗୋଳ
ମୋ - ୮୭୬୩୧୪୮୬୨୩

ISSN NO.
2582-208X

# ଅଜଣା ଏ ରାସ୍ତା



ସନ୍ଧ୍ୟା ଘଡେଇ

ଅଜଣା ରାସ୍ତା, ଅଜଣା ବାଟୋଇ
ନୀରବ ସଂସାର ସାରା
ସଂକୁଚତ ହୁଏ ଜୀବନ ର ଧାରା
ପୃଥିବୀ ଉଦାସ ପରା ।
ଆଗକୁ ପାଦ ପଛକୁ ମନ ଗ୍ଭଲିବାକୁ
କେତେ ବାକ, ମାଟିରୁ ଆକାଶ, ଆଲୋକ ଅନ୍ଧାର ପଡ଼ିଲିଣି ମୁଁ ଯେ ଥକ,
ଭଲପାଇବାର ଆୟୁଷ ଭିତରେ
ନଅନ ଆଲୋକ ଧାରା,
ସଂପର୍କ ର ସେତୁ, ଭଙ୍ଗି ରୁଜି ଯାଏ
ଖୋଜିବା ପାଇବା ମିଛ ଲାଗେ ସିନା
ଜୀବନ ଅସରା ପରା ।
ଦୂର ଆକାଶ ର ବଉଦ ଫାଙ୍କରୁ ଦିଶେ କାହା
ତୋଫା ମୁହଁ,
ଅର୍ଥହୀନ କେବେ ଜୀବନ ର ବୋଝ
ହୃଦୟ ନଜର ନୁହଁ ।
ଏତେ ଲମ୍ବା ରାସ୍ତା ଥର ଥର ପାଦ
ମିଛ ରେ ବଞ୍ଚିବା ଶିଖେ,
ପ୍ରତି ମୁହୂର୍ତ୍ତ ରେ ମରିବା ଜିଇଁବା

ISSN NO.
2582-208X

ଶୁଭ୍ର ପଣତ ରେ ଲୁହର ଦାଗ କୁ
ଫିକା ଆଲୁଅ ରେ ଦେଖେ ।
ଜାଣେନା ଆଗକୁ କେତେ ବାଟ ଆଉ
ଛାଇ ପରି କଏ ଆସେ,
ପଛକୁ ଫେରି ଚ୍ଚହିଁ ଦେଲେ ଥରେ
ସମୟ ତାଚ୍ଛଲ୍ୟ ହସେ ।
ବ୍ୟାକୁଳ ହୃଦୟ ଭାବର ଆବେଗ
ସ୍ମୃତି ର ଏ ଜହ୍ନ ରାତି
ବନ୍ଧୁର ପଥେ ପ୍ରହେଳକା ପ୍ରାୟେ
ଚ୍ଚଲିବି ଚ୍ଚଲିବି ସାଥି
ଦୁଇ ଧାରେ ସିନା ଆଲୋକ ର ଜ୍ୟୋତି
ଜୀବନ ଅନ୍ଧାର ସାରା
ହୃଦୟ ର ଭାଷା କହିକ ପାରିବି
ପଥ କଣ୍ଟକତ ପରା ।

ଯାଜପୁର ରୋଡ, ଯାଜପୁର

ISSN NO.
2582-208X

# କର



ଅଲେଖ ମେହେର

ଡଶ ଉକୁଣି ଶୋଷଣ ବିନ୍ଧାଣୀ
ଶୋଣିତ ପାନରେ ମଗ୍ନ,
ନିଶାର୍ଦ୍ଧେ ଡାହାଣୀ ବକ୍ଷ ସିନା ହାଣି
ସପନକୁ କରେ ଭଗ୍ନ ।
ଯେଉଁ ଦେଶେ ରାଜା ଧରି ଧର୍ମ ଧ୍ୱଜା
ଲଗାଏ କର ପାହାଡ,
ଜନତା ମରଇ ବେଠି ଖଟି ଖଟି
ଚାଷୀର ଭାଙ୍ଗଇ ହାଡ ।
ମାଳି ସିନା ଫୁଲ ଗଛରୁ ତୋଳଇ
ଉପାଡେ କି କେବେ ମୂଳ ?
ଦର ବୃଦ୍ଧି ସାଥେ କାମର ଅଭାବ
ସୁଧ ସାଙ୍ଗେ ନିଏ ମୂଲ ।
ଶାଗ କେଦାରରୁ ଖୁଣ୍ଟି ଖାଉଥିଲେ
ମିଳଇ ଲାଭ ଅଶେଷ ।
ଚେରରୁ ଭକ୍ଷିଲେ ପଦା ସିନା ହେବ
ରହିବ ନି ଅବଶେଷ ।

ISSN NO.
2582-208X

ଶିକ୍ଷା ସ୍ୱାସ୍ଥ୍ୟ ଅଟେ ଜୀବନର ମୂଳ
ବର୍ଷା ସମ ଦେଲେ ଢାଳି,
ବଢ଼ିବ ସମ୍ବଳ ହୋଇବେ ନୀରୋଗ
ଦକ୍ଷତାରେ ଦେବେ ତାଳି ।
ଧନ ଅନ୍ନ ବାଣ୍ଟି ଆଳସ୍ୟରେ ଘାଣ୍ଟି
ସର୍ବ ଦ୍ରବ୍ୟ ଦେଇ କର,
ବସ୍ତ୍ରରୁ ନିଗାଡି ରୁଧିର ପାଉଛି
ପାଣିରେ ପକାଇ ସର ।
ତେଲିଆ ମୁଣ୍ଡରେ ଲାଗିଯାଏ ତେଲ
ନୁଖୁରା ମୁଣ୍ଡରେ ଖାର,
ଯିଏ ଜିଣୁ ତାଙ୍କ କିସ ଯାଏ ଆସେ
ଜନତାର ସଦା ହାର ।

ବରପଦର
ଗୋବିନ୍ଦପୁର ବରଗଡ଼
ମୋ-୭୩୭୦୨୨୦୫୫୯

ISSN NO.
2582-208X

# ମିଥ୍ୟା ପ୍ରଚାର



ପୂର୍ଣ୍ଣଚନ୍ଦ୍ର ରଣା

ଶୁଭୁଅଛି ଅଜବ ହୁଙ୍କାର
ଭୟରେ ଯେ ଧରା ଥରଥର
ପାପ ଭରା ଗଲାଣି ଉଚ୍ଛୁଳ
ପୁଣ୍ୟ ମୁଖ ଯାଉଛି ମଉଳ ।।

ମିଥ୍ୟା ନାମେ ଗ୍ରସିଛି ଜଗତ
ଚଳେ ନାହିଁ ଟିକଏ ସଞ୍ଚିତ
ସତ୍ୟ ଶବ୍ଦ ଝୁଲେ ଖଣ୍ଡା ଧାରେ
ସତ୍ୟବାଦୀ ମିଥ୍ୟା ନାମେ ମରେ ।।

ତମିସ୍ରା ଯେ ଆସିଲାଣି ଘୋଟି
ଆୟୁଷଟା ଯାଉଅଛି ଘଟି
ପାପ ମିଥ୍ୟା କରିଲେଣି ଘର
ମିଳୁନାହିଁ ପେଟକୁ ଆହାର ।।

ପାଞ୍ଚ ନେଲା ପନ୍ଦରର ଜାଗା
ଯୋଗା ପୁଅ ହୋଇଲା ଅଯୋଗା
ରୁଦ୍ର ତାପ ହେଲାଣି ଅସହ୍ୟ
ମିଥ୍ୟା ଆଜି ଜଗତରେ ଜୟ ।।

ନିଜ ରକ୍ତ ହୋଇଲେଣି ପର
ପର ଏଠି ହେଲେଣି ନିଜର
ମିଥ୍ୟା ବାଦୀ ସତ୍ୟ ରଥ ଚଢ଼େ
ସତ୍ୟ ନାମେ ଖାଲରେ ସେ ପଡ଼େ ।।

ପୁରୁଖା ତ କହି ଯାଇଛନ୍ତି
ସତ୍ୟବାଦୀ ପାଏ ସଦା ଶାନ୍ତି
ମିଥ୍ୟାବାଦୀ ପଡ଼େ ଅଡୁଆରେ
ଅପମାନ ପାଏ ଜଗତରେ ।।

ISSN NO.
2582-208X

ଜଣେ କରେ ହିସାବ ତାଆର
ଯିଏ ଗଢେ ସମ୍ପର୍କର ଘର
ତାହା ହସ୍ତେ ସମୟର ଘଡ଼ି
ଦୁନିଆକୁ ଦିଏ ସେ ସଜାଡି ।।

ମନ୍ଦ ଯାହା କରିଛୁ ସଂସାରେ
ଭୁବିବୁ ତୁ ଘୋର ଅନ୍ଧାରରେ
ଯାଉଥିବ ଜୀବନ ତୋହର
ବହୁଥିବ ଅଶ୍ରୁ ଝରଝର ।।

ପୋଛିବାକୁ ନଥିବେ ଯେ କେହି
କାନ୍ଦୁଥିବୁ ତୁହି କଇଁକଇଁ
ହିସାବତ କରୁଥିବ ସେଇ
ଯେଉଁ ପାପ କରିଥିଲୁ ତୁହି ।।

ଧରମର ସଜ୍ଜା ତୁ ଭୋଗିବୁ
ପାପ କର୍ମ ମନେ ପକେଇବୁ
ହେଉଥିବୁ ତୁହି ହନ୍ତସନ୍ତ
ହିସାବ ତୋ ନେବ ବଳବନ୍ତ ।।

ହାଟସିଂହାପୁର, ଯାଜପୁର

ISSN NO.
2582-208X

# ପଖାଳ କଂସା



ରାମ ଚନ୍ଦ୍ର ପ୍ରଧାନ

ପଖାଳ କଂସା ପା' ଓଡ଼ିଶାର ମାନ
ଓଡ଼ିଆ ପର୍ବଣ ମିତ
ପଖାଳ ଦିବସ ପାଳବା ଆସ ହେ
ଖାଇ କ' ପଖାଳ ଭାତ ।
ପଖାଳ କଂସାର କ' ଗୁଣ ଗାଇବି
ସାଙ୍ଗେ ଥିଲେ ବଡ଼ି ଚୁର୍
ଆଉ ଯଦି ଥିବ ସାଥେ ଶାଗ ଭଜା
ମନ ହୁଏ ଆମ୍ବହର୍ ।
ଭରି ସୁଆଦିଆ ଚୁନା ମାଛ ଭଜା
ଖାଇଲେ ଜାଣିବ ଥରେ
ପାଳ ଛତୁ ଭଜା ପାଟିରୁ ଛାଡେନା
ପଖାଳ କଂସାକ ସରେ ।

ଆଳୁ, ବାଇଗଣ ଚଟଣି ସାଙ୍ଗକୁ
ପଣସ ପିଠଉ ଭଜା
ଲୁଣି ଆମ୍ବୁଲରେ କଞ୍ଚା ଲଙ୍କା ମନ୍ଥ
ଖାଇଲେ ଲାଗଇ ମଜା ।
ଓଡ଼ିଆଙ୍କ ମନ ଓଡ଼ିଆଙ୍କ ପ୍ରାଣ
ପଖାଳ କଂସାରେ ଥାଏ
ଓଡ଼ିଆଙ୍କ ବଳ ଓଡ଼ିଆଙ୍କ ଜୟ
ପଖାଳ ଖାଇଲେ ହୁଏ ।

ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ୯୮୬୧୬୩୮୭୩୬

ISSN NO.
2582-208X

# ଭାଗବତ ଚାରିଅକ୍ଷର ନାମକରଣର ଯଥାର୍ଥତା



ରବୀନ୍ଦ୍ର କୁମାର ସାହୁ

ଭା - ଭାବ (ଭକ୍ତ)
ଗ - ଜ୍ଞାନ ବା ଆତ୍ମଜ୍ଞାନ
ବ - ବ୍ରହ୍ମ ବା ଭଗବାନ
ତ - ତତ୍ତ୍ୱ (ବିଚାର ବା ମୀମାଂସା)

ଭାବ - ଗ୍ୟାନ, ବ୍ରହ୍ମ - ତତ୍ତ୍ୱର ସମାହାର ଭାଗବତ । ଭକ୍ତର ଭାବ, ସନ୍ଥର ଜ୍ଞାନ, ବ୍ରହ୍ମଙ୍କ ରହସ୍ୟ ଏବଂ ମୁକ୍ତର ତତ୍ତ୍ୱ ଏଥିରେ ବର୍ଣ୍ଣିତ ହୋଇଥିବାରୁ ନାମକରଣ ଭାଗବତ ହୋଇଛି । ଏହି ଗ୍ରନ୍ଥର ଅଧୀଶ୍ୱର ଭଗବାନ ହୋଇଥିବାରୁ ଏହାର ନାମ ଭାଗବତ । ଯେଉଁ ଗ୍ରନ୍ଥରେ ଭାଗବତ ଭକ୍ତଙ୍କ ବର୍ଣ୍ଣନା ରହିଥାଏ ତାକୁ ଭାଗବତ କୁହାଯାଏ । ପଶ୍ଚିମବଙ୍ଗର ଭାଗବତକାର ସନାତନ ଘୋଷାଲ ବିଦ୍ୟାବାଗୀଶ ଜଗନ୍ନାଥ ଦାସଙ୍କ ଭାଗବତ ଦ୍ୱାରା ପ୍ରଭାବିତ ହୋଇଥିବା କଥା ସ୍ୱୀକାର କରିଛନ୍ତି । ସେହିପରି ଆସାମୀୟା ଭାଗବତରେ ସଂପାଦକ ଡ. କେଶବାନନ୍ଦ ଦେବଗୋସ୍ୱାମୀ ଓଡ଼ିଆ ଭାଗବତ ଓ ଜଗନ୍ନାଥ ଦାସଙ୍କର ଗୁଣକୀର୍ତ୍ତନ କରିଛନ୍ତି । ଜଗନ୍ନାଥ ଦାସ ଭାଗବତର ଆରମ୍ଭରେ ନୃସିଂହଙ୍କ ବନ୍ଦନା କରିଛନ୍ତି। ଯଥା -

“ନମଇଁ ନୃସିଂହ ଚରଣ । ଅନାଦି ପରମ କାରଣ ।”

ISSN NO.
2582-208X

ପ୍ରଥମତଃ ଜଗନ୍ନାଥ ଦାସ ନୃସିଂହ ମଣ୍ଡପ ଉପରେ ବସି ଭାଗବତ ରଚନା କରିଥିବାରୁ ନୃସିଂହଙ୍କ ନାମ ନେଇଛନ୍ତି ।

ଦ୍ୱିଦ୍ୱିତୀୟତଃ ଶ୍ରୀକ୍ଷେତ୍ରରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଯଜ୍ଞରେ ସନ୍ତୁଷ୍ଟ ହୋଇ ଭଗବାନ ନୃସିଂହ ରୂପରେ ଦର୍ଶନ ଦେଇଥିଲେ । ତୃତୀୟତଃ ଆଜି ବି ଜଗନ୍ନାଥଙ୍କ ମୁଖ୍ୟ ସେବକ ନୃସିଂହ ମନୁଦ୍ୱାର୍ ଚଲୁବୁଲାଇ ମହାପ୍ରସାଦକୁ ନୈବେଦ୍ୟ ଆକାରରେ ଜଗନ୍ନାଥଙ୍କ ନିକଟରେ ସମର୍ପଣ କରିବା ଏହାର ଉଦାହରଣ ।

ଭାଗବତ ମଧ୍ୟରୁ ପୃଥିବୀର ସୃଷ୍ଟି ଇତିହାସ ଓ ଭୂଗୋଳ ସଂପର୍କରେ ଜ୍ଞାନ ମିଳିଥାଏ । ଭାଗବତରେ ଜୀବନ ଦର୍ଶନର କଥା କୁହାଯାଇଛି । ସୃଷ୍ଟି, ସ୍ଥିତି, ପ୍ରଳୟ, ଯଜ୍ଞ, ଦାନ, ତପ, ତନ୍ତ୍ର, ଧର୍ମ, କର୍ମ, ଦୟା, କ୍ଷମା, ପ୍ରେମ, ଭକ୍ତି, ମୋକ୍ଷପ୍ରାପ୍ତି, ଯୋଗ, ନିୟମ, ସମାଜ ବ୍ୟବସ୍ଥା, ଲୋକ ମଙ୍ଗଳ କଥା, ସଦାଚାର, ଆଧ୍ୟାତ୍ମିକତା, ବେଦର ଆଦର, ଈଶ୍ୱର ବିଶ୍ୱାସ, ଜିବେଦୟା, ପୂର୍ବଜନ୍ମ ବିଶ୍ୱାସ, ଆତ୍ମସଂଯମ, ଶିକ୍ଷାଦାନ ପଦ୍ଧତି, ଗୁରୁ ଶିଷ୍ୟ ପରମ୍ପରା, ଗୃହସ୍ଥ ଧର୍ମ, ସନ୍ନ୍ୟାସୀ ଧର୍ମ, ବଂଶାବଳୀ, ଆଗତ, ଭବିଷ୍ୟ, ଜ୍ୟୋତିଷ ଶାସ୍ତ୍ର ପ୍ରସଙ୍ଗ ଆଦି ବର୍ଣ୍ଣିତ । କର୍ମ ଓ ମୋକ୍ଷ ସମ୍ପର୍କରେ କପିଳ ମୁନି, ଦତ୍ତାତ୍ରେୟ ଏବଂ ଶ୍ରୀକୃଷ୍ଣ ମୁଖନିସୃତ ସରଳ ଜ୍ଞାନୋପଦେଶର ବର୍ଣ୍ଣନା ରହିଛି । ଅଶିକ୍ଷିତ, ସ୍ୱଳ୍ପଶିକ୍ଷିତ ଲୋକଙ୍କ ନିକଟରେ ଏହା ପୁରାଣ, ଶାସ୍ତ୍ର ହେଲାବେଳେ ଉଚ୍ଚଶିକ୍ଷିତଙ୍କ ନିକଟରେ ପୁରାଣ ସଙ୍ଗେ ସଙ୍ଗେ ସାହିତ୍ୟ ମଧ୍ୟ ।

ପଞ୍ଚସଖା ସାହିତ୍ୟର ବୈଶିଷ୍ଟ୍ୟ ଜଗନ୍ନାଥ ଦାସଙ୍କ ଭାଗବତରେ ଦୃଷ୍ଟିଗୋଚର ହୋଇଥାଏ । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ, ସଗୁଣ ନିର୍ଗୁଣ ଉପାସନା, ସୃଷ୍ଟିତତ୍ତ୍ୱ, ନାମ ଓ ବ୍ରହ୍ମତତ୍ତ୍ୱ, ତନୁ ଓ ଯୋଗସାଧନା ଆଦି ବିଷୟ ଭାଗବତରେ ବର୍ଣ୍ଣିତ । କିନ୍ତୁ ଏହା ପଞ୍ଚସଖା ସାହିତ୍ୟର ବୈଶିଷ୍ଟ୍ୟରେ ରଚିତ କରିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଭଗବାନଙ୍କୁ ବିଷୟବସ୍ତୁ ରୂପେ ନେଇ ଯେକୌଣସି ପୁରାଣ ଯେଉଁ ସମୟରେ ରଚନା ହେଉନା କାହିଁକି ସେଥିରେ ସଗୁଣ ନିର୍ଗୁଣ ଉପାସନା, ସୃଷ୍ଟିତତ୍ତ୍ୱ, ନାମର ମାହାତ୍ମ୍ୟ, ଗୁରୁବାଦ, ଯୋଗ ସାଧନା ନିଶ୍ଚୟ ରହିବ। ସମସ୍ତେ ଜାଣନ୍ତି ଭଗବାନ ନିରାକର, ଅନାଦି, ଅଚ୍ୟୁତ । ସେ ପର୍ଯ୍ୟାୟକ୍ରମେ ବିଶ୍ୱବ୍ରହ୍ମାଣ୍ଡ ଏବଂ ଜୀବଜନ୍ତୁ ଭଗବାନଙ୍କଠାରେ ଯୋଗ, ଲୟ କଲେ ନିଶ୍ଚିତ ରୂପେ ପରବ୍ରହ୍ମଙ୍କୁ ପ୍ରାପ୍ତ

ISSN NO.
2582-208X

କରିବ । ଯେପରି କାନକୁ ଟାଣିଲେ ମୁଣ୍ଡଟି ଆପେଆପେ ପାଖକୁ ଚାଲି ଆସେ ସେପରି ଜଗନ୍ନାଥ ଦାସ ଭାଗବତ ରଚନା କଲାବେଳେ ଏହି ପ୍ରସଙ୍ଗ ତାଙ୍କ ଗ୍ରନ୍ଥ ମଧ୍ୟକୁ ଚାଲି ଆସିବା ସ୍ୱାଭାବିକ କଥା । ତେଣୁ ଦୃଢ଼ତାର ସହିତ କହାଯାଇପାରିବ ନାହିଁ ଯେ ଜଗନ୍ନାଥ ଦାସ ଏହିସବୁ ସମ୍ପ୍ରଦାୟଙ୍କୁ ଭିତ୍ତିକରି ଭାଗବତ ରଚନା କରିଛନ୍ତି ।

ଭା - ଭାବ (ଭକ୍ତି) ଭକ୍ତିତତ୍ତ୍ୱ

ପରମେଶ୍ୱର ବିଷୟକ ଅନୁରାଗକୁ ଭକ୍ତି କୁହାଯାଏ । ଏହା ଦ୍ୱିବିଧ - ପରା ଓ ଅପରା । ଅପରା ଭକ୍ତି ହେଉଛି ଶୁଦ୍ଧାଭକ୍ତି, ଯାହା ଶ୍ରବଣ, କୀର୍ତ୍ତନ ଠାରୁ ଆରମ୍ଭ କରି ଆତ୍ମନିବେଦନ ପର୍ଯ୍ୟନ୍ତ ନଅଟି କର୍ମ ବିଶିଷ୍ଟ । ଏହାକୁ ନବଧାଭକ୍ତି ମଧ୍ୟ କୁହାଯାଏ । ପରାଭକ୍ତି ହେଉଛି ଜ୍ଞାନମିଶ୍ରା ଭକ୍ତି ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜ୍ଞାନ ସାହାର୍ଯ୍ୟରେ ମୁକ୍ତିପ୍ରାପ୍ତ ହେବା । ପଞ୍ଚସଖା ଏହି ଜ୍ଞାନମିଶ୍ରା ଭକ୍ତିର ଉପାସକ ଥିଲେ ।

ଏହା ସତ୍ୟ ଯେ, ସେମାନେ ଶୁଦ୍ଧାଭକ୍ତିର ବିରୋଧୀ ନଥିଲେ, କିନ୍ତୁ ସେମାନେ କହୁଥିଲେ ଯେ ଭଗବାନଙ୍କ ରୂପ ଉପଲବ୍ଧି ପାଇଁ ଜ୍ଞାନ ଏକାନ୍ତ ଆବଶ୍ୟକ । ପ୍ରଥମେ ଯୋଗସାଧନା, ଶାସ୍ତ୍ରଜ୍ଞାନ ଇତ୍ୟାଦି ମାଧ୍ୟମରେ ଭଗବାନଙ୍କୁ ଜାଣିବା ଦରକାର । ଏ ଜାଣିବାର ସଂସ୍କୃତ ଶବ୍ଦ ହେଉଛି ଜ୍ଞାନ । ପୁନଶ୍ଚ ଜ୍ଞାନ କହିଲେ ଜ୍ଞାନଯୋଗକୁ ବୁଝାଏ । କେତେକ ସ୍ଥଳରେ ଶୂନ୍ୟସାଧନା ମଧ୍ୟ ଜ୍ଞାନଭାବେ ଗୃହୀତ । ପଞ୍ଚସଖାଙ୍କ ମତରେ, ଭଗବାନଙ୍କୁ ପାଇବା ପାଇଁ ଭକ୍ତିର ଆବଶ୍ୟକତାକୁ ଯଦିଓ ସ୍ୱୀକାର କରିବାକୁ ହେବ, ତଥାପି ସେଥି ସହିତ ଜ୍ଞାନ ସଂଯୁକ୍ତ ହେଲେ ବ୍ରହ୍ମୋପଲବ୍ଧି ସହଜସାଧ୍ୟ ହୁଏ ।

ଶ୍ରୀ ଚୈତନ୍ୟଙ୍କ ଓଡ଼ିଶା ଆଗମନରେ ବହୁ ପୂର୍ବରୁ ଓଡ଼ିଶାରେ ପ୍ରେମଭକ୍ତିର ପ୍ରଚଳନ ଥିଲା। ଶ୍ରୀ ଚୈତନ୍ୟ ଓଡ଼ିଶାକୁ ଆସି ଏହାର ପ୍ରଚାର ଓ ପ୍ରସାରକୁ ବୃଦ୍ଧି କରାଇଥିଲେ । ରାଜପୃଷ୍ଠପୋଷକତା ଲାଭକରି ଏ ଧର୍ମ ବିଜୟବାନା ଉଡ଼ାଇ ଆଗେଇ ଚାଲିଲା । ତତ୍କାଳୀନ ବୈଷ୍ଣବୀୟ ଯୋଗାକାର ହଠଯୋଗର ଦୁସାଧ୍ୟ ଆଧ୍ୟାତ୍ମିକ ସାଧନା ଇତ୍ୟାଦି ପ୍ରତି ଓଡ଼ିଶାବାସୀ ବୀତଶ୍ରଦ୍ଧ ହୋଇପଡ଼ିଲେ । ଉତ୍କଳୀୟ ବୈଷ୍ଣବ ପଞ୍ଚସଖା ପ୍ରେମଭକ୍ତିର ଏ ସ୍ରୋତକୁ ରୋକିପାରିଲେ ନାହିଁ ବା ନିଜସ୍ୱ ତତ୍ତ୍ୱ ତ୍ୟାଗକରି ଏହାକୁ ଗ୍ରହଣ କରିପାରିଲେ

ISSN NO.
2582-208X

ନାହିଁ । ନିଜସ୍ୱ ତତ୍ୱ ନିମନ୍ତେ ସେମାନଙ୍କୁ ଅନେକବାର ରାଜନିପୀଡ଼ନର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଥିଲା । ଏଣୁ ସେମାନଙ୍କୁ ପ୍ରେମଭକ୍ତି ସହିତ ସାଲିସ୍ କରିବାକୁ ପଡ଼ିଥିଲା । ଫଳରେ ଉଭୟ ମାର୍ଗରେ ସମନ୍ୱୟ ସେମାନଙ୍କ ଧର୍ମରେ ଦେଖିବାକୁ ମିଳେ ଏବଂ ରାଧାକୃଷ୍ଣ ଓ ପ୍ରେମଭକ୍ତି ସେମାନଙ୍କ ଧର୍ମରେ ପରିତ୍ୟକ୍ତ ନୁହେଁ । ଜଗନ୍ନାଥ ଦାସ ନିଜକୁ ରାଧାଙ୍କର ଅବତାର ମନେକରି ଗୋପୀଭାବରେ ବିହ୍ୱଳ ହେଉଥିଲେ ଏବଂ ପ୍ରତି ମାସରେ କିଛି ଦିନ ସ୍ତ୍ରୀ ବେଶ ଧାରଣ କରୁଥିଲେ । ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ ଓ ଯଶୋବନ୍ତ ଦାସଙ୍କ ରଚନାବଳୀରେ ପ୍ରେମଭକ୍ତିର ଦୃଷ୍ଟାନ୍ତମାନ ଦେଖିବାକୁ ମିଳେ ।

"ଯେ ତାଙ୍କୁ ପ୍ରେମ ଭକ୍ତି କରେ । ଶରୀର ବହି ଏ ସଂସାରେ । ।
ପ୍ରେମଭକତି ଯେ କରଇ । ସେ ପ୍ରାଣୀ ନିତ୍ୟରେ ବସଇ । ।"
(ବେଦାନ୍ତସାର ଗୁପ୍ତଗୀତା, ୨୪ଶ ଅଧ୍ୟାୟ)

"ପ୍ରେମ ରାଧା ପ୍ରେମ କୃଷ୍ଣ ପ୍ରେମ ଭକ୍ତଜନ
ପ୍ରେମଭକ୍ତି ନିରାକାର ଶତସୂର୍ଯ୍ୟ ପୂର୍ଣ୍ଣ ।"
(ଶୂନ୍ୟ ସଂହିତା, ୯ମ ଅଧ୍ୟାୟ)

"ପ୍ରେମ ଭକ୍ତିରୁ ଭକ୍ତି ନାହିଁ । ପ୍ରେମ ନିକଟେ ଥାଏ ମୁହିଁ । ।
ଭକ୍ତି ଯେ ନବ ପରକାର । ପ୍ରେମ ଭକତି ଅଟେ ସାର । ।
ପ୍ରେମଭକ୍ତିରେ ଭକ୍ତି ସୀମା । କହିବ ପ୍ରେମର ଗାରିମା । ।
(ପ୍ରେମଭକ୍ତି ବ୍ରହ୍ମଗୀତା, ୩ୟ ଅଧ୍ୟାୟ)

ରାଧାକୃଷ୍ଣ ଓ ପ୍ରେମଭକ୍ତିକୁ ପଞ୍ଚସଖା ଗ୍ରହଣ କରିଥିଲେହେଁ ରାଧାକୃଷ୍ଣଙ୍କୁ ଏମାନେ ମାନବୀ - ମାନବ ରୂପରେ ନଦେଖି, ଦେଖିଛନ୍ତି ଜୀବାତ୍ମା - ପରମାତ୍ମା ରୂପରେ । ଏମାନଙ୍କ ଆଧ୍ୟାତ୍ମିକ ଦୃଷ୍ଟିରେ ବିଦ୍ୟମାନ ଷଡ଼ଚକ୍ରର ଅନ୍ତିମ ଚକ୍ର ଆଜ୍ଞାଚକ୍ର ବା ସହସ୍ରାର ଚକ୍ର ଶୂନ୍ୟ ନିରାକାର ମଣ୍ଡଳରୂପେ ବିଦିତ । ଏହା ହିଁ ରାଧାକୃଷ୍ଣଙ୍କର ନିତ୍ୟଧାମ । ଯୋଗ, ନିରାକାର ଭଜନାଦି ମାଧ୍ୟମରେ କେବଳ ନିତ୍ୟକୃଷ୍ଣ ଓ ନିତ୍ୟରାଧାଙ୍କର ଏହି ନିତ୍ୟଧାମ ଓ ନିତ୍ୟଲୀଳାର ଦର୍ଶନ ମିଳିପାରିବ ।

ISSN NO.
2582-208X

ଗ - ଜ୍ଞାନ (ଆତ୍ମଜ୍ଞାନ) ଆତ୍ମତତ୍ୱ

ସଂସ୍କୃତ 'ଯଜ୍' ଧାତୁରୁ 'ଅ' ପ୍ରତ୍ୟେୟ ହୋଇ 'ଯୋଗ' ଶବ୍ଦର ସୃଷ୍ଟି । ଏହାର ଅର୍ଥ ଆତ୍ମା-ପରମାତ୍ମାଙ୍କର ଯୋଗ ବା ମିଳନ । ପୁନଶ୍ଚ ଚିତ୍ତକୁ ସଂଯତ କରିବା ହେଉଛି ଯୋଗ । ଏଣୁ ଚିତ୍ତକୁ ସଂଯତ କରିବା ପୂର୍ବରୁ ଶରୀରକୁ ଆୟତ୍ତାଧୀନ କରିବା ଜରୁରୀ । ଶରୀରକୁ ଆୟତ୍ତାଧୀନ କରିବା ପ୍ରଣାଳୀକୁ କାୟାସାଧନା ବା ଦେହବାଦ କୁହାଯାଏ । ଏଣୁ ଯୋଗ ସାଧନା ଓ କାୟାସାଧନା ପରସ୍ପରର ପରିପୂରକ । କାୟା ସିଦ୍ଧିପ୍ରାପ୍ତ ହେଲେ ଅନ୍ୟ ସିଦ୍ଧି ସ୍ୱତଃ ଆସିଥାଏ । କାୟାସିଦ୍ଧି ପ୍ରାପ୍ତ ହେବାର ଏକମାତ୍ର ଉପାୟ ହେଉଛି କାୟା ମଧ୍ୟସ୍ଥ ପବନକୁ ଆୟତ୍ତକୁ ଆଣିବା । ଶୂନ୍ୟସାଧନା ନିମନ୍ତେ ପଞ୍ଚସଖା ଯୋଗ ପ୍ରକ୍ରିୟାକୁ ବିଶେଷ ଭାବରେ ଗ୍ରହଣ କରିଛନ୍ତି ଏବଂ ସେମାନଙ୍କର ବହୁ ଗ୍ରନ୍ଥରେ ଏ ପ୍ରସଙ୍ଗରେ ଅବତାରଣା କରିଛନ୍ତି ।

ପତଞ୍ଜଳିଙ୍କ 'ଯୋଗଦର୍ଶନ'ରେ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି - ଏହି ଅଷ୍ଟାଙ୍ଗ ସାଧନକୁ ସ୍ୱୀକୃତି ଦିଆଯାଇଛି । ବଳରାମ ଦାସଙ୍କ 'ଜଗମୋହନ ରାମାୟଣ' ର ଉତ୍ତରାକାଣ୍ଡରେ ଅନୁଜ ଲକ୍ଷ୍ମଣଙ୍କର ରାମଚନ୍ଦ୍ରଙ୍କୁ ସାନ୍ତ୍ୱନା ଦେବା ପ୍ରସଙ୍ଗରେ ଅଷ୍ଟାଙ୍ଗ ଯୋଗ ସମ୍ବନ୍ଧରେ ଆଲୋକପାତ କରାଯାଇଛି । 'ଯୋଗୋପନିଷଦ' ଅନୁସାରେ ମନ୍ତ୍ରଯୋଗ, ଲୟଯୋଗ, ରାଜଯୋଗ ଓ ହଠଯୋଗ ଭେଦରେ ଯୋଗ ଚତୁର୍ବିଧ । ମାତ୍ର ଉତ୍କଳୀୟ ବୈଷ୍ଣବ ପଞ୍ଚସଖାଙ୍କ ରଚନାବଳୀରେ ଯୋଗର ଯେଉଁ ବିଭାଗୀକରଣ ଦେଖାଯାଏ, ତାହା ହେଉଛି ଆରମ୍ଭ ଯୋଗ, ହଟ (ହଠ) ଯୋଗ, ପରଚେ ଯୋଗ ଓ ନିସ୍ପତୀ ଯୋଗ । ପଞ୍ଚସଖା ଏସବୁ ମଧ୍ୟରୁ ହଠଯୋଗକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି ସେମାନଙ୍କ ସାଧନ ପ୍ରଣାଳୀରେ । ତନ୍ତ୍ରର ସାଙ୍କେତିକ ଭାଷାରେ 'ହ' କାର ଓ 'ଠ' କାର ଯଥାକ୍ରମେ ଚନ୍ଦ୍ର ଓ ସୂର୍ଯ୍ୟ ଅର୍ଥ ଜ୍ଞାପକ । ଅର୍ଥାତ୍ ଚନ୍ଦ୍ର ଓ ସୂର୍ଯ୍ୟ, ଇଡ଼ା ଓ ପିଙ୍ଗଳା କିମ୍ବା ପ୍ରାଣ ଓ ଅପାନ ବାୟୁର ସମୀକରଣ ହିଁ ହଠଯୋଗ । ଅଚ୍ୟୁତାନନ୍ଦ ହଠ ଯୋଗର ପ୍ରାଧାନ୍ୟ ସ୍ୱୀକାର କରି ଲେଖିଛନ୍ତି ।

"ଏ ଘଟ (ହଠ) ଯୋଗ ଯେ ବା ଜାଣେ । ସେ ବେଦ ଶାସ୍ତ୍ରହିଁ ନ ଗଣେ । ।
ଶିଳାକୁ ନ କରେ ଶୋଚନା । ବୋଲଇ ପଥର ଏ ସିନା । ।

ISSN NO.
2582-208X

ସଂସାରେ ଦେବଦେବୀ ଯେତେ । କାହାକୁ ନ ଗଣଇ ଚିତ୍ତେ । ।"
(ବ୍ରହ୍ମଶାଙ୍କୁଳି, ଷଷ୍ଠକଳ୍ପ, ପୃ . ୧୫)

ହଠଯୋଗ ଷଡ଼ଚକ୍ର ମାଧ୍ୟମରେ ହିଁ ସାଧିତ ହୋଇଥାଏ । ପଞ୍ଚସଖାଙ୍କରେ ଷଡ଼ଚକ୍ର ସାଧନାର ବହୁଳ ବର୍ଣ୍ଣନା ପରିଦୃଷ୍ଟ ହୁଏ । ଏହି ଷଡ଼ଚକ୍ର ହେଲେ - ମୂଳାଧାର, ସ୍ୱାଧୀଷ୍ଠାନ, ମଣିପୁର, ଅନାହତ, ବିଶୁଦ୍ଧାଖ୍ୟ, ବିଶୁଦ୍ଧ ବା ଆଜ୍ଞାଚକ୍ର ଏବଂ ସହସ୍ରାର ଚକ୍ର। ଏଗୁଡ଼ିକ ଯଥାକ୍ରମେ ଶରୀରର ଗୁହ୍ୟ, ଲିଙ୍ଗମୂଳ, ନାଭି, ହୃଦୟ, କଣ୍ଠ ଓ ଲଲାଟ ମଧ୍ୟରେ ଅବସ୍ଥିତ । ଚକ୍ରଗୁଡ଼ିକ ପଦ୍ମ ବା କମଳ ନାମରେ ଆଖ୍ୟାତ । ଏହି ଚକ୍ରଗୁଡ଼ିକ ଯଥାକ୍ରମେ ୪, ୬, ୧୦, ୧୨, ୧୬ ଓ ୨ ଦଳ ବିଶିଷ୍ଟ । ମସ୍ତିଷ୍କ ଭିତରେ ରହିଛି ସହସ୍ର ଦଳଯୁକ୍ତ କମଳ, ଯାହାର ନାମ ସହସ୍ରାର ବା ସହସ୍ରଦଳ କମଳ । ଗୁହ୍ୟଚକ୍ରରେ ସର୍ପିଣୀ ଆକୃତିର ଏକ କୁଣ୍ଡଳିନୀର ଅବସ୍ଥିତି ପରିକଳ୍ପିତ । ଲଲାଟଚକ୍ରରୁ ସର୍ବଦା ଅମୃତ ଝରୁଥାଏ। ଏହି କୁଣ୍ଡଳିନୀର ସର୍ପ ଗୁହ୍ୟଚକ୍ରରେ ଥାଇ ଅମୃତ ଝରକୁ ଭକ୍ଷଣ କରେ । ପୁନଶ୍ଚ ତାହା ନାଦବିନ୍ଦୁକୁ ଆବୃତ କରି ଶୟନ କରିଥାଏ । ଫଳରେ ଆତ୍ମାର ପରମାତ୍ମାଙ୍କ ସହିତ ମିଳନ ସମ୍ଭବ ହୁଏନି । ଯୋଗୀର କର୍ତ୍ତବ୍ୟ ହେଉଛି ବାୟୁ ସାଧନା ବଳରେ କୁଣ୍ଡଳିନୀକୁ ଚାପ ଦେଇ ଜାଗ୍ରତ କରାଇବା । ଏପରି କରିବା ଫଳରେ କୁଣ୍ଡଳିନୀ ସ୍ଥାନଚ୍ୟୁତ ହୁଏ ଓ ସମ୍ବିତ୍ (ଆତ୍ମା) ଉର୍ଦ୍ଧ୍ୱମୁଖୀ ହୋଇ ସୁଷୁମ୍ନା ନାଡ଼ିଦେଇ ଗତିକରେ ଏବଂ ଶେଷରେ ସହସ୍ରଦଳ ବିଶିଷ୍ଟ ସହସ୍ରାରେ ବା ଆଜ୍ଞାଚକ୍ରରେ ପହଞ୍ଚେ । ସହସ୍ରାର ଚକ୍ରର ସହସ୍ରଦଳ ପଦ୍ମ ମଧ୍ୟରେ ଅବସ୍ଥିତ ଅବସ୍ଥିତ ଭ୍ରମରଗୁମ୍ଫାଠାରେ ପରମାତ୍ମା ବିରାଜିତ । ଏଠାରେ ଜୀବାତ୍ମା ବା ସମ୍ବିତର ପରମାତ୍ମାଙ୍କ ସହିତ ମିଳନ ଘଟେ ।

ବଳରାମ ଦାସ ଯୋଗ ପ୍ରସଙ୍ଗ ଅବତାରଣା କରି ଶରୀରଭେଦ ପ୍ରତି ଦୃଷ୍ଟିପାତ କରିଛନ୍ତି । (ଗୁପ୍ତଗୀତା, ୩ୟ ଅଧ୍ୟାୟ) ଦେହ ଭିତରେ କଳ୍ପିତ ଷଡ଼ଚକ୍ର ଭେଦ କରିବାହିଁ ଶରୀରଭେଦ । ଶରୀରର ବାମପାର୍ଶ୍ୱରେ ଇଡ଼ା ନାଡ଼ି ଅବସ୍ଥିତ । ଏହା ପ୍ରାଣବାୟୁ ସଞ୍ଚାରକ, ଚନ୍ଦ୍ରରୂପିଣୀ, ଶୁକ୍ଳବର୍ଣ୍ଣା, ଶକ୍ତିସ୍ୱରୂପିଣୀ ଓ ଅମୃତମୟୀ । ସେହିପରି ଦକ୍ଷିଣ ପାର୍ଶ୍ୱରେ ଅବସ୍ଥିତ ପିଙ୍ଗଳା ନାଡ଼ି ଅପାନବାୟୁ ସଞ୍ଚାରକ; ସେ ସୂର୍ଯ୍ୟସ୍ୱରୂପା ଓ ରକ୍ତବର୍ଣ୍ଣା । କ୍ଷୟକାରିକା ହୋଇଥିବାରୁ ପଣ୍ଡିତମାନଙ୍କ ଦ୍ୱାରା ବିଷନାଡ଼ି ଭାବରେ ମଧ୍ୟ କଥିତ । ମୂଳଧାରଠାରୁ ସହସ୍ରାର ପର୍ଯ୍ୟନ୍ତ ବ୍ୟାପିଥିବା ନାଡ଼ିର ନାମ ସୁଷୁମ୍ନା ଏହା ଇଡ଼ା ଓ ପିଙ୍ଗଳା

ISSN NO.
2582-208X

ସହିତ ସଂଯୁକ୍ତ । ଯୋଗୀ ଇଡ଼ା ଓ ପିଙ୍ଗଳା ନାଡ଼ିଦ୍ୱୟରେ ପ୍ରାଣବାୟୁ ସଞ୍ଚାରିତ କରି ସୁଷୁମ୍ନାକୁ ଯୋଗାଇଥାଏ । ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ିଦ୍ୱୟରେ ପ୍ରାଣବାୟୁ ସଞ୍ଚାରିତ କରି ସୁଷୁମ୍ନାକୁ ଯୋଗାଇଥାଏ । ଇଡ଼ା ଓ ପିଙ୍ଗଳା ଓ ସୁଷୁମ୍ନା ନାଡ଼ିତ୍ରୟ ଗଙ୍ଗା, ଯମୁନା ଓ ସରସ୍ୱତୀ ଭାବରେ ପରିକଳ୍ପିତ । ଏମାନଙ୍କ ସଙ୍ଗମସ୍ଥଳ ତ୍ରିକୂଟ ଭାବରେ ଅଭିହିତ ।

ହଠଯୋଗୀମାନେ ଯୋଗସାଧନାର ପ୍ରାଥମିକ ଅବସ୍ଥାରେ ଛାୟା, ଜ୍ୟୋତି ଓ ଅବାଡ଼ ଯୋଗ ପ୍ରଣାଳୀକୁ ସାଧନାର ଅଙ୍ଗଭାବେ ଗ୍ରହଣ କରନ୍ତି । 'ଛାୟାସଂହିତା', 'ଜ୍ୟୋତି ସଂହିତା', 'ଅବାଡ଼ ସଂହିତା', 'ଶୂନ୍ୟ ସଂହିତା', 'କଳିକଳ୍ପ ଗୀତା', 'ତତ୍ୱବୋଧିନୀ' ଓ 'ଛୟାଳିଶ ପଟଳ' ଆଦି ଗ୍ରନ୍ଥମାନଙ୍କରେ ଅଚ୍ୟୁତାନନ୍ଦ ଏହି ସାଧନା ତ୍ରୟର ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି । ପରବର୍ତ୍ତୀ ପରିଚ୍ଛେଦରେ 'ପାରିଭାଷିକ ଶବ୍ଦାବଳୀ' ଆଲୋଚନା କାଳରେ ଏ ସମ୍ବନ୍ଧରେ ଆଲୋକପାତ କରାଯାଇଛି ।

ବ - ବ୍ରହ୍ମ (ଭଗବାନ) - ବ୍ରହ୍ମତତ୍ୱ

ଉପନିଷଦମାନଙ୍କରେ 'ବ୍ରହ୍ମ' ଶବ୍ଦ ପରମତତ୍ୱର ଦ୍ୟୋତକ ଭାବେ ବ୍ୟବହୃତ । ଏହି ବ୍ରହ୍ମ ବା ପରମତତ୍ୱ ବିଶ୍ୱର ପରମ କାରଣ ରୂପେ ଉପନିଷଦରେ ବର୍ଣ୍ଣିତ । ବ୍ରହ୍ମ ହିଁ ବିଶ୍ୱର ଉତ୍ପତ୍ତି, ସ୍ଥିତି ଓ ଲୟର କାରଣ ଅଟେ । ଏହି ପରମତତ୍ୱକୁ ଉପନିଷଦରେ କେତେବେଳେ ଅକ୍ଷର, କେତେବେଳେ କେବଳ ସତ୍ ନାମରେ ନାମିତ କରାଯାଇଛି । ଏହି ବ୍ରହ୍ମର ଦୁଇ ପ୍ରକାର ବର୍ଣ୍ଣନା ଉପନିଷଦରେ ଦେଖିବାକୁ ମିଳେ । ଗୋଟିଏ ନିର୍ଗୁଣ ବା ନିର୍ବିଶେଷ ବ୍ରହ୍ମ ଏବଂ ଅପରଟି ସଗୁଣ ବା ସବିଶେଷ ବ୍ରହ୍ମ । ଏହି ଉଭୟବିଧ ବ୍ରହ୍ମର ବର୍ଣ୍ଣନା ଉପନିଷଦର ଅନେକ ସ୍ଥଳରେ ଏକତ୍ର ମଧ୍ୟ ଦେଖିବାକୁ ମିଳେ ।

ପରବର୍ତ୍ତୀକାଳରେ ଶଙ୍କର, ରାମାନୁଜ ପ୍ରଭୃତି ଆଚାର୍ଯ୍ୟମାନେ ବ୍ରହ୍ମର ପ୍ରକୃତ ସ୍ୱରୂପ ବିଷୟରେ ଭିନ୍ନ ଭିନ୍ନ ମତପୋଷଣ କରନ୍ତି ଓ ପ୍ରତ୍ୟେକ ନିଜ ନିଜ ମତକୁ ପୁଷ୍ଟ କରିବା ଲାଗି ଉପନିଷଦର ବିଭିନ୍ନ ବାକ୍ୟର ଆଶ୍ରୟ ନିଅନ୍ତି । ଅତଏବ ଉଭୟବିଧ ବ୍ରହ୍ମ ହିଁ ଉପନିଷଦରେ ସ୍ୱୀକୃତି ଲାଭ କରିଛି ।

ISSN NO.
2582-208X

ନିର୍ଗୁଣ ବ୍ରହ୍ମ ବା ନିର୍ବିଶେଷ ବ୍ରହ୍ମ ଯେଉଁଠାରେ ପ୍ରତିପାଦ୍ୟ ବିଷୟ ହୋଇଅଛି; ଉପନିଷଦ ସେଠାରେ ନେତି ନେତି (ଏହା ନୁହେଁ, ଏହା ନୁହେଁ) ଏହି ନିଷେଧ୍ୟାତ୍ମକ ବର୍ଣ୍ଣନାର ଆଶ୍ରୟ ନେଇଛନ୍ତି । ଏହାର କାରଣ ବ୍ରହ୍ମ ଓ କୌଣସି ବିଶେଷଣ ବା ଲକ୍ଷଣ ସାହାର୍ଯ୍ୟରେ ଲକ୍ଷିତ ହୋଇ ନ ପାରେ । 'କଠୋପନିଷଦ' ଅନୁସାରେ ଏହା ଅଶବ୍ଦ, ଅସ୍ପର୍ଶ, ଅରୂପ, ଅବ୍ୟୟ, ଅରସ, ଅଗନ୍ଧବତ୍ ଇତ୍ୟାଦି । 'କେନୋପନିଷଦ' ଅନୁସାରେ, ଯାହାକୁ ବାଣୀ ପ୍ରକାଶ କରିପାରେ ନାହିଁ, କିନ୍ତୁ ଯାହା ଦ୍ୱାରା ବାଣୀ ପ୍ରକାଶିତ ହୁଏ, ତାହା ହିଁ ବ୍ରହ୍ମ ଅଟେ । ଓଡ଼ିଆ ଜ୍ଞାନମିଶ୍ରା ଭକ୍ତିର ଅନୁଗାମୀଗଣ ବ୍ରହ୍ମଙ୍କୁ ମୁଖ୍ୟତଃ ନିର୍ଗୁଣ, ନିର୍ବିଶେଷ ଓ ସର୍ବବ୍ୟାପୀ ବ୍ରହ୍ମରୂପେ ଗ୍ରହଣ କରିଛନ୍ତି । ବ୍ରହ୍ମ ହିଁ ସେମାନଙ୍କ ମତରେ ଶୂନ୍ୟବ୍ରହ୍ମ । ବଳରାମ ଦାସ 'ଗୁପ୍ତଗୀତା'ରେ କହିଛନ୍ତି-

"ନାହିଁ ତାହାରର ରୂପ ବର୍ଣ୍ଣ । ଅଦୃଶ୍ୟ ଅବର୍ଣ୍ଣ ଅଚିହ୍ନ । ।
ଯାହାକୁ ବର୍ଣ୍ଣ ବୋଲି କହି । ଅର୍ଜ୍ଜୁନ ଶୂନ୍ୟ ବ୍ରହ୍ମ ସେହି । ।"
(୪ର୍ଥ ଅଧ୍ୟାୟ)

ଅଚ୍ୟୁତାନନ୍ଦଙ୍କ 'ଛୟାଳିଶ ପଟଳ'ରେ ବ୍ରହ୍ମଙ୍କୁ ଚିହ୍ନାଇବାରେ ଅନୁରୂପ ମତ ପୋଷଣ କରିଛନ୍ତି -

"ତ୍ରିଗୁଣେ ନିର୍ଗଣ ସେହୁ ରୂପ ଅରୂପରେ
ଆଦି ଅନ୍ତ ନାହିଁ ତା'ର ପୂରିଛି ଶୂନ୍ୟରେ ।"(୧୦ମ ପଟଳ)

ପଞ୍ଚସଖାଙ୍କ ଶୂନ୍ୟବ୍ରହ୍ମ ବା ଅନାଦି ପୁରୁଷ ମହାଶୂନ୍ୟରେ ବାସକରୁଥିବାରୁ ତାଙ୍କର କୌଣସି ନାମ ନାହିଁ । ସେ ଅରୂପ ବ୍ରହ୍ମ । 'ବଳରାମ ଦାସ' 'ବିରାଟ ଗୀତା'ରେ ଏହି ମର୍ମରେ ପ୍ରକାଶ କରିଛନ୍ତି -

"ମହାଶୂନ୍ୟରେଟି ବିଶ୍ରାମ । ସେଠାରେ କାହିଁ ଅଛି ନାମ । ।
ବେଭାରେ ମୋର ନାମ ନାହିଁ । ଅରୂପ ବ୍ରହ୍ମ ମୁଁ ଅଟଇ । ।"
(୧ମ ଅଧ୍ୟାୟ)

ISSN NO.
2582-208X

ଉପନିଷଦ ଯେଉଁଠାରେ ବ୍ରହ୍ମକୁ ସଗୁଣ ବା ସବିଶେଷ ରୂପରେ ପ୍ରତିପାଦନ କରିବାକୁ ଯାଇଛନ୍ତି, ସେଠାରେ ବ୍ରହ୍ମସ୍ୱରୂପକୁ ଭୂଷିତ କରିଛନ୍ତି ସର୍ବକର୍ମା, ସର୍ବକାମ, ସର୍ବଗନ୍ଧ, ସର୍ବରସ ଆଦି ବିଶେଷଣରେ । ବ୍ରହ୍ମର ଲକ୍ଷଣ ବୁଝାଇବାକୁ ଯାଇ ତୈତ୍ତିରୀୟ 'ଉପନିଷଦ' କହନ୍ତି ଯେ, ଏହା ସତ୍ୟ, ଜ୍ଞାନ ଓ ଅନନ୍ତ ସ୍ୱରୂପ । ଏହି ବ୍ରହ୍ମ ହିଁ ସତ୍, ଚିନ୍ମ ଓ ଆନନ୍ଦ । ଶଙ୍କରାଚାର୍ଯ୍ୟ 'ବେଦାନ୍ତ ଭାଷ୍ୟରେ' ବ୍ରହ୍ମଙ୍କର ନାମ ଓ ଗୁଣକୁ ସଗୁଣ ବା ସର୍ବଶେଷ ଭାବର ସୂଚକ ବୋଲି ଉଲ୍ଲେଖ କରିଛନ୍ତି । ତତ୍ୱର ପରମଜ୍ଞାନ ଲାଭ କରିବାକୁ ହେଲେ ବ୍ରହ୍ମର ରୂପ ବା ସୁଗୁଣ କଳ୍ପନାହିଁ କରିବାକୁ ହେବ । ଓଡ଼ିଶୀ ବୈଷ୍ଣବ ପଞ୍ଚସଖା ତେଣୁ ସାଧନା ପଦ୍ଧତି ଓ ଉପଚାରକୁ ଓହ୍ଲାଇ ଆସି ରୂପର ପରିକଳ୍ପନା କରିଛନ୍ତି । ଭକ୍ତର ସିଦ୍ଧିଲାଭ ଲାଗି ଅରୂପ ବ୍ରହ୍ମରୂପ ଗ୍ରହଣ କରିଛନ୍ତି ବୋଲି ସେମାନେ ମତ ଦିଅନ୍ତି । ଅଚ୍ୟୁତାନନ୍ଦଙ୍କ ଭାଷାରେ -

"ପ୍ରକୃତ ମୋର ନାମ ନାହିଁ । ଅରୂପ ବ୍ରହ୍ମ ମୁଁ ବୋଲାଇ । ।
ଅରୂପୁଁ ରୂପବନ୍ତ ହୋଇ । ନାମ ସ୍ୱରୂପେ ଖେଳୁଥାଇ । ।"
(ଛୟାଳିଶ ପଟଳ, ୨ୟ ପଟଳ)

ଏହି ନାମବ୍ରହ୍ମହିଁ ସମସ୍ତ ସୃଷ୍ଟିର କାରଣ ବୋଲି ବଳରାମ ଦାସ 'ବିରାଟ ଗୀତା'ରେ କହିଛନ୍ତି । ଯେପରି -

"ନାମରୁ ବ୍ରହ୍ମା ବିଷ୍ଣୁ ଜାତ । ନାମରୁ ଜଗତ ସମ୍ଭୁତ । ।"
(୧ମ ଅଧ୍ୟାୟ)

ପଞ୍ଚସଖା ଏହି ନାମକୁ ଏକାକ୍ଷର, ପ୍ରଣବ ଓ ଅଜପା-ଗାୟତ୍ରୀ ନାମରେ ଅଭିହିତ କରିଛନ୍ତି। ଅଚ୍ୟୁତାନନ୍ଦଙ୍କ 'ଅଣାକାର ସଂହିତା' ନାମରେ ପ୍ରଶସ୍ତିରେ ପୂର୍ଣ୍ଣ । ପ୍ରଣବ ମନ୍ତ୍ରର ବିଶ୍ଳେଷଣ କରାଯାଇଛି ସେମାନଙ୍କର ବହୁ ଗ୍ରନ୍ଥରେ । ଏହି ପ୍ରଣବକୁ ବ୍ରହ୍ମ ଜ୍ଞାନକରି ସେମାନେ ଏହାର ସ୍ତୁତିଗାନ କରିଛନ୍ତି । ପ୍ରଣବ ହିଁ ଶବ୍ଦବ୍ରହ୍ମ, ଅନାହତ ନାଦ । ଏହାଠାରୁ ଅନ୍ୟ ସମସ୍ତ ଶବ୍ଦର ସୃଷ୍ଟି ବୋଲି ଶଙ୍କରାଚାର୍ଯ୍ୟ କହିଛନ୍ତି । ଯୋଗ ଶାସ୍ତ୍ରରେ ପ୍ରଣବ ବା ନାମକୁ ଭଗବାନବାଚକ ବୋଲି ଘୋଷଣା କରାଯାଇଛି । ପ୍ରଣବ ହେଉଛି ଓଁ । ଏହା 'ଅ, ଉ, ମ, ର ଅମାତ୍ର ବା ଅବିଭକ୍ତ ରୂପ । 'ମାଣ୍ଡୁକ୍ୟୋପନିଷଦ' ଅନୁସାରେ ଓଁ ମନ୍ତ୍ର

ISSN NO.
2582-208X

ଉଚ୍ଚାରଣ କରିବା ଦ୍ୱାରା ସାଧକର ବ୍ରହ୍ମପ୍ରାପ୍ତି ହୋଇଥାଏ । ପଞ୍ଚସଖା ମଧ୍ୟ ଏହି ନାମ ବା ପ୍ରଣବମନ୍ତ୍ରକୁ ବ୍ରହ୍ମପ୍ରାପ୍ତିର ମାର୍ଗ ଭାବରେ ଗ୍ରହଣ କରିଥିଲେ ।

ଏସବୁ ବ୍ୟତୀତ ଅବତାର ତତ୍ୱ, ନାମ ତତ୍ୱ, ଧମ ତତ୍ୱ, ଅକ୍ଷର ବ୍ରହ୍ମ ଆରାଧନା, ଘଟ ସାଧନା ଇତ୍ୟାଦି କେତେକ ବିଶିଷ୍ଟ ବିଭାବକୁ ପଞ୍ଚସଖାଧର୍ମର ବୈଶିଷ୍ଟ୍ୟ ଭାବେ ମଧ୍ୟ ଗ୍ରହଣ କରାଯାଇପାରେ ।

ତ-ତତ୍ୱ (ମିମାଂସା)-ଭଗବତ ତତ୍ୱ

ଅଚିନ୍ତ୍ୟଭେଦାଭେଦବାଦୀମାନଙ୍କ ମତରେ ଶ୍ରୀକୃଷ୍ଣ ପରଂବ୍ରହ୍ମଙ୍କ ସ୍ୱୟଂରୂପ, ଭଗବାନ, ସର୍ବଶକ୍ତିମାନ, ନିତ୍ୟ, ସନାତନ, ଇଚ୍ଛାମୟ ଆଦି ଭାବରେ ଗୃହୀତ । ସେମାନେ ପୁନଶ୍ଚ ମତ ପ୍ରକାଶ କରନ୍ତି ଯେ, ପରଂବ୍ରହ୍ମ ଶ୍ରୀକୃଷ୍ଣଙ୍କ ଅଂଶରୁ ଯେଉଁସବୁ ଅବତାର ବା ଭଗବତ୍ ସ୍ୱରୂପଙ୍କର ଆବିର୍ଭାବ ହୋଇଛି, ସେମାନେ ମଧ୍ୟ ଭଗବାନ । କାରଣ ସେମାନେ ଶ୍ରୀକୃଷ୍ଣଙ୍କର ଆଂଶିକ ବିକାଶ । "କିନ୍ତୁ ସେମାନଙ୍କର ଭଗବତ୍ତା (ଭଗବତ୍ ଶକ୍ତି) ଅନ୍ୟ ନିରପେକ୍ଷ ନୁହେଁ । କାରଣ ସେମାନଙ୍କର ଏହି ବିଭୁତ୍ୱ ଶ୍ରୀକୃଷ୍ଣଙ୍କର ବିଭୁତ୍ୱରୁ ଉତ୍ପନ୍ନ ହୋଇଅଛି । ଶ୍ରୀକୃଷ୍ଣଙ୍କ ଠାରେ ପରଂବ୍ରହ୍ମଙ୍କ ସର୍ବଶକ୍ତିର ପୂର୍ଣ୍ଣବିକାଶ ହୋଇଥିବାରୁ ତାଙ୍କର ଭଗବତା ଅନ୍ୟନିରପେକ୍ଷ । ଅତଏବ ସେ ସ୍ୱୟଂ ଭଗବାନ ।" ୧ । 'ଶ୍ରୀମଦ୍ ଭାଗବତ'ରେ ଭଗବାନଙ୍କ ଅବତାରମାନଙ୍କ ମଧ୍ୟରେ କୃଷ୍ଣଙ୍କ ନାମ ଅଛି ଓ ସେଥିରେ ତାଙ୍କୁ ସ୍ୱୟଂ ଭଗବାନ ବୋଲି ପ୍ରତିପାଦିତ କରାଯାଇ କୁହାଯାଇଛି -

"ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍
ଇନ୍ଦ୍ରାରି ବ୍ୟାକୁଳଂ ଲୋକଂ ମୃଡୟନ୍ତି ଯୁଗେ ଯୁଗେ ।"

ଅର୍ଥାତ୍ ଏ (ଅବତାର) ମାନଙ୍କ ମଧ୍ୟରେ କେହି କେହି ବା ପୁରୁଷର ଅଂଶ, କେହି କେହ ବି ତାଙ୍କର କଳା (ବା ବିଭୂତି); କିନ୍ତୁ କୃଷ୍ଣ ସ୍ୱୟଂ ଭଗବାନ । ଜଗତ ଦୈତ୍ୟମାନଙ୍କ ଦ୍ୱାରା ପ୍ରପୀଡ଼ିତ ହେଲେ ଭଗବାନ ଯୁଗେ ଯୁଗେ ଏହିସବୁ ଅବତାର ଗ୍ରହଣ କରନ୍ତି । ।୨ । ଏହି ଶ୍ଳୋକର ପ୍ରଥମ ପାଦଟିକୁ ଚୈତନ୍ୟପନ୍ଥୀ ଗୋସ୍ୱାମୀମାନେ ବଚନରାଜ ଭାବରେ ଗ୍ରହଣ କରିଛନ୍ତି ।

ISSN NO.
2582-208X

ଶ୍ରୀକୃଷ୍ଣତତ୍ତ୍ୱ ଶୁଣିବାକୁ ଶ୍ରୀ ଚୈତନ୍ୟ ମହାପ୍ରଭୁ ରାୟ ରାମାନନ୍ଦଙ୍କୁ ଅନୁରୋଧ କରିଥିଲେ । ରାୟ ରାମାନନ୍ଦ ଶ୍ରୀକୃଷ୍ଣଙ୍କୁ ସ୍ୱୟଂ ଭଗବାନ ଓ ଅନ୍ୟ ଅବତାରମାନେ ତାଙ୍କର କଳା ବା ଅଂଶ ମାତ୍ର ବୋଲି ଉତ୍ତରରେ କହିଥିଲେ । ସେ 'ଶ୍ରୀମଦ୍ ଭାଗବତ', 'ବ୍ରହ୍ମସଂହିତା' ଆଦିରୁ ଏ ସଂପର୍କୀୟ ପଂକ୍ତିମାନ ଉଦ୍ଧାର କରିଥିଲେ ।

"ଈଶ୍ୱର ପରମଃ କୃଷ୍ଣଃ ସଚ୍ଚିଦାନନ୍ଦବିଗ୍ରହଃ
ଅନାଦିରାଦିର୍ଗୋବିନ୍ଦଃ ସର୍ବକାରମକାରଣମ୍ ।"

ଏହା 'ବ୍ରହ୍ମ ସଂହିତା'ରେ ଲିଖିତ ଅଛି । ଅନନ୍ତ ବୈକୁଣ୍ଠ, ଅନନ୍ତ ବ୍ରହ୍ମାଣ୍ଡ ଓ ଅନନ୍ତ ଅବତାର ଏ ସମସ୍ତଙ୍କର କୃଷ୍ଣ ହିଁ ମୂଳାଧାର । ସେ ଅବତାରମାନଙ୍କର ବୀଜ । ସେ ସଚ୍ଚିଦାନନ୍ଦ ବିଗ୍ରହ, ନତ୍ୟ କିଶୋର, ଜ୍ଞାନମୟ, ଆନନ୍ଦ ମୟ ଓ ସମସ୍ତଙ୍କର ଆଶ୍ରୟସ୍ଥଳ।" ।୩ । ଏହି 'ବ୍ରହ୍ମ ସଂହିତା' ଗ୍ରନ୍ଥଟି ଶ୍ରୀ ଚୈତନ୍ୟଙ୍କ ଅତିପ୍ରିୟ ଗ୍ରନ୍ଥ ଥିଲା । ଦାକ୍ଷିଣାତ୍ୟ ଭ୍ରମଣ କାଳରେ ସେ ଏଇଟିକୁ ସଂଗ୍ରହ କରିଥିଲେ । ଏବଂ ସର୍ବଦା ନିଜ ପାଖରେ ରଖୁଥିଲେ । ଚୈତନ୍ୟପନ୍ଥୀ ଗୋସ୍ୱାମୀବୃନ୍ଦ ତେଣୁ ଏହି ଗ୍ରନ୍ଥଟିକୁ ପବିତ୍ର ତଥା ପ୍ରାମାଣିକ ଗ୍ରନ୍ଥ ଭାବରେ ଗ୍ରହଣ କରି ତାହାରି ଅବଲମ୍ବନରେ ସ୍ୱସଂପ୍ରଦାୟର ତାତ୍ତ୍ୱିକ ଗ୍ରନ୍ଥମାନ ରଚନା କରିଥିଲେ ।

ଶ୍ରୀକୃଷ୍ଣଙ୍କର ରୂପ ଅନନ୍ୟାପେକ୍ଷୀ ଥିବାରୁ ସେ ସ୍ୱୟଂ ସ୍ୱରୂପ ବୋଲି ରୂପ ଗୋସ୍ୱାମୀ 'ଲଘୁଭାଗବତାମୃତ'ରେ କହିଛନ୍ତି । ଏଥିରେ ପୁଣି କୁହାଯାଇଛି ଯେ, ଜନାର୍ଦ୍ଦନ ନିଜ ଜ୍ଞାନଶକ୍ତି ଆଦିର କଳା ବା ଅଂଶ ଦ୍ୱାରା ଯେଉଁ ସଜୀବରେ ଆବିଷ୍ଟ ହୁଅନ୍ତି, ସେହି ମହତ୍ ଜୀବକୁ ଆବେଶ କୁହାଯାଏ ।

ଏହା ଜୀବତତ୍ତ୍ୱ ସମ୍ପର୍କୀୟ; ଭଗବତ୍‌ତତ୍ତ୍ୱ ସହିତ ଏହାର ସମ୍ପର୍କ ନାହିଁ । ଶ୍ରୀକୃଷ୍ଣ ଯେ ସ୍ୱୟଂ ଭଗବାନ; ଏହା ବିଭିନ୍ନ ଯୁକ୍ତି ଓ ଭାଷାନ୍ତର ସହ ସେ ଏଥିରେ ପ୍ରତିପାଦନ କରିଚନ୍ତି। ମତ୍ସ୍ୟକୂର୍ମାଦି ଅବତାରମାନ ଭଗବାନଙ୍କର ସ୍ୱ ଅଂଶ । ଯେଉଁ ଅବତାରମାନେ ଅଂଶର ଅଂଶ ସେମାନେ ମଧ୍ୟ ଭଗବତତତ୍ତ୍ୱ । ଏମାନେ ସମସ୍ତେ ପରଂବ୍ରହ୍ମଙ୍କ ପ୍ରକାଶ । କିନ୍ତୁ 'ଭାଗବତ'ର ଚୈତନ୍ୟପନ୍ଥୀ ଟୀକାକାରମାନଙ୍କ ମତରେ ଶ୍ରୀକୃଷ୍ଣ ପୂର୍ଣ୍ଣ ପରଂବ୍ରହ୍ମ ଭଗବାନ ଏବଂ ଏହି ଅବତାରମାନେ ତାଙ୍କର (ଶ୍ରୀକୃଷ୍ଣଙ୍କର) ଅଂଶ ମାତ୍ର । ଅଚିନ୍ତ୍ୟ

ISSN NO.
2582-208X

ଭେଦାଭେଦବାଦୀ ବୈଷ୍ଣବ ସ୍ୱୟଂ ଶ୍ରୀକୃଷ୍ଣ ଭଗବାନ ଦୁଇ ରୂପରେ ପ୍ରକାଶ କରନ୍ତି ବୋଲି ମତ ଦିଅନ୍ତି । ଏହି ଦୁଇରୂପ ହେଉଛି ପ୍ରକାଶ ଓ ବିଳାସ ରୂପ । 'ଶ୍ରୀ ଚୈତନ୍ୟ ଚରିତାମୃତ'ରେ କୁହାଯାଇଛି -

"ଦୁଇ ରୂପେ ହୟ ଭଗବାନେର ପ୍ରକାଶ
ଏକତୋ ପ୍ରକାଶ କହେ ଆରତୋ ବିଳାସ । ।"
(ଆଦିଲୀଳା, ପୃ-୮)

କୃଷ୍ଣଙ୍କର ଆତ୍ମ ପ୍ରକଟନ ବହୁ ଭାବରେ ହୋଇଛି । କେତେବେଳେ ସେ ନିଜକୁ 'ଅଂଶ ରୂପରେ ପ୍ରକଟ କରିଛନ୍ତି ତ କେତେବେଳେ ଦେସ୍ୟ ରୂପରେ ଏକାଧିକ ରୂପଧରି ପ୍ରକଟିତ ହୋଇଛନ୍ତି । ରାସଲୀଳା ସମୟରେ ଭଗବାନ ଶ୍ରୀକୃଷ୍ଣ ଏକ ସମୟରେ ବହୁ କୃଷ୍ଣରୂପରେ ପ୍ରକଟିତ ହୋଇ ଗୋପୀମାନଙ୍କ ସହିତ କେଳି କରିଛନ୍ତି । ସେ ଏକ ଦେହରେ ଏକାକୀ, ଏକ ସମୟରେ ପୃଥକ୍ ଭାବରେ ଷୋଳସହସ୍ର ଗୋପନାରୀଙ୍କ ପାଣିଗ୍ରହଣ କରିଛନ୍ତି। ଏହା ଅତି ଆଶ୍ଚର୍ଯ୍ୟ କଥା ହେଲେ ମଧ୍ୟ ସତ୍ୟ । 'ଲଘୁଭାଗବତାମୃତ' ଓ 'ଚୈତନ୍ୟଚରିତାମୃତ'ରେ ଭଗବାନ ଶ୍ରୀକୃଷ୍ଣଙ୍କର ଏହି ଆତ୍ମପ୍ରକଟନକୁ 'ପ୍ରକାଶ' ରୂପ ବୋଲି କୁହାଯାଇଛି ।

ସେହିପରି ଭଗବାନ ନିଜ ରୂପରୁ ଅନ୍ୟ ରୂପରେ ପ୍ରକଟିତ ହେଲେ ତାହାକୁ 'ବିଳାସ' ରୂପ ବୋଲି 'ଲଘୁଭାଗବତାମୃତ' ଓ 'ଚୈତନ୍ୟଚରିତାମୃତ'ରେ ବର୍ଣ୍ଣିତ ହୋଇଛି । ଆକାର, ଗୁଣ ଓ ଲୀଳାରେ ବିଳାସରୂପ ପ୍ରକାଶରୂପଠାରୁ ସାମାନ୍ୟ ନ୍ୟୁନ । ବାସୁଦେବ ଓ ପରବ୍ୟୋମାଧିପ ନାରାୟଣ ଭଗବାନ କୃଷ୍ଣଙ୍କର ବିଳାସରୂପ ।

ଚୈତନ୍ୟପନ୍ଥୀ ଅଭିମନ୍ୟୁ ସାମନ୍ତସିଂହାର ଶ୍ରୀକୃଷ୍ଣଙ୍କୁ ପରଂବହ୍ମ, ପରମାତ୍ମା ଭାବରେ ଚିତ୍ରଣ କରିଛନ୍ତି 'ବିଦ୍‌ଗଧ ଚିନ୍ତାମଣି' ଓ 'ପ୍ରେମ ଚିନ୍ତାମଣି'ରେ ଶ୍ରୀକୃଷ୍ଣଙ୍କ ପରମାତ୍ମା ଭାବକୁ ବିଭିନ୍ନ ପ୍ରସଙ୍ଗରେ ବର୍ଣ୍ଣନା କରାଯାଇଛି । ଶ୍ରୀକୃଷ୍ଣଙ୍କର ଏହି ପରମାତ୍ମା ସ୍ୱରୂପକୁ କବି ତାତ୍ତ୍ୱିକ ଭାବରେ ବିଶ୍ଳେଷଣ କରିଛନ୍ତି । ପରମାତ୍ମା ଶ୍ରୀକୃଷ୍ଣ ଅବ୍ୟକ୍ତ, ତାଙ୍କ ଗୁଣକୁ ଚାରିବେଦ ବର୍ଣ୍ଣନା କରିବାକୁ ସମର୍ଥ ନୁହେଁ । ସେ ସୃଷ୍ଟିର ମୂଳାଧାର, ବ୍ରହ୍ମ ତାଙ୍କର ଅଙ୍ଗପ୍ରଭା, ତେଣୁ ସେ ପରଂବ୍ରହ୍ମ । ସେ ସକଳ ଶକ୍ତିର ଆଧାର । ସେ ସ୍ୱେଚ୍ଛାରେ ଲୀଳା

ISSN NO.
2582-208X

ରଚନା କରନ୍ତି । ଶିବ, ବାସୁଳୀ ଆଦି ତାଙ୍କର ସେବକ । ସେ ନିଜେ ଲୀଳାକାରୀ, ଅନ୍ୟ ସମସ୍ତ ତାଙ୍କର ଲୀଳା । ସେ ଦୟାମୟ ଓ ଭାବଗ୍ରାହୀ । ସେ ନିଜ ଇଚ୍ଛାରେ ସୃଷ୍ଟି କରନ୍ତି । ଏହିକଥା ଫୁଟି ଉଠିଛି ତାଙ୍କ 'ବିଦଗ୍ଧ ଚିନ୍ତାମଣି'ର ଆରମ୍ଭରେ ସ୍ଥାନିତ ବନ୍ଦନାରେ । ଯେପରି -

"ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧାହରି
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତକର ଅବତରି
ଆଦି ଅନାଦି କାରଣ ନିର୍ଗୁଣ ସଗୁଣ
ଆତ୍ମାରାମ ସନାତନ ବ୍ରହ୍ମ ନିରୂପଣ ହେ
ଈଶ୍ୱର ସ୍ୱତନୁ ସ୍ୱୟଂ ଭଗବାନ ତୁହି
ଇଚ୍ଛାମୟ ସର୍ବଶକ୍ତିବନ୍ତ ତତ୍ୱ ବିହି ଯେ
ଈଶ ଶେଷାଦି ସେବକ ସେବ୍ୟ ତୁହି
ଇଷ୍ଟ ଅଭୀଷ୍ଟଦ ଦୟାନିଧି ଭାବଗ୍ରାହୀ ଯେ ।
ଉତ୍ପତ୍ତି ପାଳନାନ୍ତ ତୋ ଭ୍ରୂଭଙ୍ଗୀ ବିକାରେ
ଓତ୍‌ପ୍ରୋତ ତନ୍ତୁବାୟ ସୂତ୍ର ପରକାରେ ଯେ
ଊର୍ଣ୍ଣନାଭବତ୍ ଖେଳୁ ଇଚ୍ଛାଶକ୍ତି ବଳେ
ଉଦ୍ଭବ ହୋଇ ତୁ ଧର୍ମ ସ୍ଥାପୁ କାଳେ କାଳେ ।"
(୧ମ ଅଧ୍ୟାୟ)

'ବ୍ରହ୍ମ ସଂହିତା'ରେ ଶ୍ରୀକୃଷ୍ଣଙ୍କୁ ଯେପରି ସଚ୍ଚିଦାନନ୍ଦ ବିଗ୍ରହ ବୋଲି କୁହାଯାଇଛି, 'ପ୍ରେମପଞ୍ଚାମୃତ'ରେ ସେହିପରି ଭୂପତି ଶ୍ରୀକୃଷ୍ଣଙ୍କୁ ସଚ୍ଚିଦାନନ୍ଦ କହି ତାଙ୍କ ବନ୍ଦନା ଗାନ କରିଛନ୍ତି -

"ସଚ୍ଚିଦାନନ୍ଦ ଭଗବାନ । ନାମ ପରମ ବ୍ରହ୍ମଗ୍ୟାନ । ।"
(୧ମ ମଧ୍ୟାୟ)

ଅଭିମନ୍ୟୁ ସାମନ୍ତସିଂହାର ସେହିପରି 'ପ୍ରେମଚିନ୍ତାମଣି'ରେ ଶ୍ରୀକୃଷ୍ଣଙ୍କୁ ସଚ୍ଚିଦାନନ୍ଦ କହି ଗାଇଛନ୍ତି -

ISSN NO.
2582-208X

"ସଚ୍ଚିଦାନନ୍ଦ ଅନାଦି ଆଦି କାରଣ
ଅଶେଷ ଶକ୍ତିରେ ଯୁକ୍ତ ମାୟା ଧାରଣ ।"

ଏହା ବ୍ୟତୀତ କବି ସାମନ୍ତସିଂହାର 'ବିଦଗ୍ଧ ଚିନ୍ତାମଣି'ରେ ଶ୍ରୀକୃଷ୍ଣଙ୍କ ଅନିର୍ବାଚନୀୟ ରୂପମାଧୁରୀ ବର୍ଣ୍ଣନା କରିଛନ୍ତି ଏବଂ ତାଙ୍କ ଶ୍ରୀରାଧା - ପ୍ରେମ - ବିଧୁର ରୂପର ପରିଚୟ ମଧ୍ୟ ପ୍ରଦାନ କରିଛନ୍ତି । ଚୈତନ୍ୟ - ପ୍ରଚାରିତ ପରମ୍ପରାମାର୍ଗୀ ଅନ୍ୟାନ୍ୟ ଓଡ଼ିଆ ବୈଷ୍ଣବ କବିଙ୍କ ଗ୍ରନ୍ଥମାନଙ୍କରେ ଶ୍ରୀକୃଷ୍ଣତତ୍ତ୍ୱ ନାନା ଭାବରେ ଫୁଟି ଉଠିଛି ।

ଚତୁଃଶ୍ଳୋକୀ ଭାଗବତ

ଅହମେବା ସମେବାଗ୍ରେ ନାନ୍ୟତ୍ ଯତ୍ ସଦସତ୍ ପରମ ।
ପଶ୍ଚାଦହଂ ଯଦେତଚ୍ଚ ଯୋଽବଶିଷ୍ୟେତ ସୋଽସ୍ମ୍ୟହମ୍ । ।
ଋତେଽର୍ଥଂ ଯତ୍ ପ୍ରତୀୟେତ ନ ପ୍ରତୀୟେତ ଚାତ୍ମନି ।
ତତ୍ବିଦ୍ୟାଦାତ୍ମନୋ ମାୟାଂ ଯଥାଽଭାସୋ ଯଥା ତମଃ । ।
ଯଥା ମହାନ୍ତି ଭୂତାନି ଭୂତେଷୂଚ୍ଚାବଚେଷ୍ୱନୁ ।
ପ୍ରବିଷ୍ଟାନ୍ୟପ୍ରବିଷ୍ଟାନି ତଥା ତେଷୁ ନ ତେଷ୍ୱହମ୍ । ।
ଏତାବଦେବ ଜିଜ୍ଞାସ୍ୟଂ ତତ୍ତ୍ୱଜିଜ୍ଞାସୁ ଽ ଽ ତ୍ମନଃ ।
ଅନ୍ୱୟବ୍ୟତିରେକାଭ୍ୟାଂ ଯତ୍ ସ୍ୟାତ୍ ସର୍ବତ୍ର ସର୍ବଦା । ।
(ଶ୍ରୀମଦ୍ ଭାଗବତ, ୨/୯/୩୨-୩୫)

ଏହି ସୃଷ୍ଟିପୂର୍ବରୁ କେବଳ ମୁଁ ହିଁ ଥିଲି । ମୋ ବ୍ୟତୀତ ସ୍ଥୂଳ କିମ୍ବା ସୂକ୍ଷ୍ମ, କିମ୍ବା ଏହି ଉଭୟର କାରଣ (ପ୍ରକୃତି) ବୋଲି କିଛି ନଥିଲା । ଯେତେବେଳେ ଏହି ସୃଷ୍ଟି ନଥିଲା, ସେତେବେଳେ ଏକମାତ୍ର ମୁଁ ହିଁ ଥିଲି; ଏହି ଜଗତରୂପରେ ଯାହା କିଛି ଦୃଶ୍ୟମାନ ହେଉଛି, ତାହା ମଧ୍ୟ ମୁଁ ଏବଂ ଏସବୁ ସମ୍ପୂର୍ଣ୍ଣ ଅଦୃଶ୍ୟ ହୋଇଯିବା ପରେ ସର୍ବଶେଷରେ ମଧ୍ୟ ଏକମାତ୍ର ମୁଁ ହିଁ ରହିଥିବି । । ୩୨ । । କୌଣସି ବସ୍ତୁର ଆଭାସ ବା ପ୍ରତିବିମ୍ବ ଯେପରି ସତ୍ୟ ପରି ମନେ ହୋଇଯାଏ, ବାସ୍ତବରେ ତାହା ଅସତ୍ୟ ବା ସତ୍ତାହୀନ, ଠିକ୍ ସେହିପରି ମୋ ଭିତରେ ମୋ ଛଡ଼ା ଆଉ ଯାହା କିଛି ଥିବା ପ୍ରତ୍ୟେୟମାନ ହୁଏ, ସେସବୁ ସମ୍ପୂର୍ଣ୍ଣ ଅସତ୍ୟ ବା ସତ୍ତାହୀନ । ପୁନଶ୍ଚ ଆକାଶ ମଣ୍ଡଳରେ ଯେପରି ରାହୁ ବିଦ୍ୟମାନ ଥିଲେ ମଧ୍ୟ

ISSN NO.
2582-208X

ଦେଖାଯାଏ ନାହିଁ, ଠିକ୍ ସେହିପରି ମୁଁ ବିଦ୍ୟମାନ ଥିଲେ ମଧ୍ୟ ଦୃଷ୍ଟିଗୋଚର ହୁଏ ନାହିଁ । ଏହି ପ୍ରକାର ପ୍ରତୀତି ଓ ଅପ୍ରତୀତିକୁ ମୋର ମାୟା ବୋଲି ଜାଣିବା ଉଚିତ୍ । । ୩୩ । । ଯେପରି ଛୋଟବଡ଼ ସବୁ ପ୍ରାଣୀଙ୍କର ଶରୀର ପଞ୍ଚମହାଭୂତରେ ଗଢ଼ା ହୋଇଥିବାରୁ ସେହିସବୁ ଶରୀରରେ ପଞ୍ଚମହାଭୂତ ପ୍ରବେଶ କରିଥାନ୍ତି ଓ ପ୍ରବେଶ କରି ନଥାନ୍ତି ମଧ୍ୟ; କାରଣ ପଞ୍ଚମହାଭୂତ ସେହିସବୁ ଶରୀରରେ ଆବଦ୍ଧ ହୋଇ ନଥାନ୍ତି, ଠିକ୍ ସେହିପରି ମୁଁ ସେହିସବୁ ଶରୀରରେ ପ୍ରବେଶ କରିଥିଲା ପରି ଦେଖାଯାଏ, ଅଥଚ ମୁଁ ସେସବୁରେ ଆବଦ୍ଧ ନୁହେଁ । । ୩୪ । । ପରମାତ୍ମତତ୍ତ୍ୱ ଜାଣିବାକୁ ଚାହୁଁଥିବା ସାଧକମାନେ ଏତିକି ଜାଣିରଖିବା ଉଚିତ ଯେ - ପରମାତ୍ମାଙ୍କ ଠାରୁ ହିଁ ବିଶ୍ୱ ଉତ୍ପନ୍ନ ହୋଇଛି, ସେ ହିଁ ଏହି ବିଶ୍ୱର ଭିତରେ ଓ ବାହାରେ ସର୍ବତ୍ର ବ୍ୟାପି ରହିଛନ୍ତି, ଅତଏବ ଅନ୍ୱୟରୂପେ ସେ ହିଁ ବିଦ୍ୟମାନ । 'ଏହା ନୁହେଁ, ଏହା ନୁହେଁ କହି ବ୍ୟତିରେକରୂପେ ସବୁ କିଛିକୁ ପ୍ରତ୍ୟାଖ୍ୟାନ କରିଚାଲିଲେ, ଶେଷରେ ସେ ହିଁ ରହନ୍ତି । ସୁତରାଂ ତତ୍ତ୍ୱତଃ - ଦେଖିବାକୁ ଗଲେ, ପ୍ରକୃତରେ ଏକମାତ୍ର ସେ ହିଁ ସର୍ବଦା ସର୍ବତ୍ର ବିଦ୍ୟମାନ । । ୩୫ । । ଶ୍ରୀମଦ୍‌ଭାଗବତ ମହାପୁରାଣର ପ୍ରଥମ ସ୍କନ୍ଧର ତତ୍ତ୍ୱ ଆଲୋଚନା

ଶ୍ରୀମଦ୍ ଭାଗବତ ମହାପୁରାଣକୁ ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦରେ ଟୀକାକରଣ କରିଛନ୍ତି। ପ୍ରଥମ ସ୍କନ୍ଧରେ ଜଗନ୍ନାଥ ଦାସ ୧୯ଟି ଅଧ୍ୟାୟକୁ ଅନୁସୂଚିତ କରିଛନ୍ତି । ସୂତମୁନୀଙ୍କୁ ଶନକାଦ ଋଷିଙ୍କର ପ୍ରଶ୍ନ ପଚାରିବା ଏବଂ ତା'ର ଉତ୍ତର ଦେବା ତଥା ନୈମିଷ୍ୟାରଣ୍ୟରେ ଏହି ଭଗବତ୍ ପ୍ରଶ୍ନ ଉତ୍ତର ଋଷି ମଣ୍ଡଳୀଙ୍କ ମଧ୍ୟରେ ଚାଲିଥିଲା । ଯାହା ଭାଗବତ ରୂପରେ ପ୍ରତିଷ୍ଠିତ । ଉତ୍ତରରେ ସୂତମହାମୁନୀ ଭଗବତ ଚରିତ ଓ ଭଗବତ ଭକ୍ତିର ମାହାତ୍ମ୍ୟ ଭଗବାନଙ୍କର ଅବତାର ତତ୍ତ୍ୱ, ମାତା କୁନ୍ତୀଙ୍କ ସ୍ତୁତି, ଶ୍ରୀ ହରିଙ୍କ ଯଶ କୀର୍ତ୍ତନ ମହିମା ଓ ନାରଦ ତତ୍ତ୍ୱ ବା ନାଦ ତତ୍ତ୍ୱର ଆକଳନ କରାଯାଇଛି । ଗଙ୍ଗା କୂଳରେ ପରୀକ୍ଷିତ ମହାରାଜ ପରମ ମୋଖ୍ୟ ପ୍ରାପ୍ତି ପାଇଁ ଶ୍ରୀ ଶୁକଦେବଜୀ ମହାରାଜଙ୍କୁ ପ୍ରଶ୍ନ କରିଛନ୍ତି । ଶୁକଦେବଜୀ ମହାରାଜ ସମସ୍ତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଏହି କଥା କହିଛନ୍ତି । ଯାହା ନୈମିଷ୍ୟାରଣ୍ୟରେ ସୂତମହାମୁନୀ ସନକାଦି ଋଷିମାନଙ୍କୁ ଏହି ତତ୍ତ୍ୱ କହିଥିଲେ । ଯାହା ପରମ ମୁକ୍ତିକାରେଣୀ ଭାଗବତ ମହାଗ୍ରନ୍ଥ ରୂପେ ବର୍ଣ୍ଣିତ ହୋଇଛି । ତେଣୁ ପ୍ରଥମେ ଜଗନ୍ନାଥ ଦାସ ଭାଗବତରେ ଅନେକ ଭଗବତ୍ ଭକ୍ତିର ମାହାତ୍ମ୍ୟ ବର୍ଣ୍ଣନା କରିଛନ୍ତି ।

ISSN NO.
2582-208X

ଋଷିମାନଙ୍କ ମତରେ ଶୁକମୁନୀଙ୍କୁ ପ୍ରଶ୍ନ କରିଛନ୍ତି ଜଗନ୍ନାଥ ଦାସ ବର୍ଣ୍ଣନା କରିବାକୁ ଯାଇ ପ୍ରଥମ ଅଧ୍ୟାୟରେ ଲେଖିଛନ୍ତି-

ଦୈବେ ଅଛି ଏହି ମତ ।
ଯେ ଶିଷ୍ୟ ଗୁରୁର ଭକତ । ।
ଶିଷ୍ୟ ଭକ୍ତିରେ ଦୟା ବହେ ।
ସକଳ ଗୁଣତତ୍ୱ କହେ । ।

(ପ୍ରଥମ ସ୍କନ୍ଦ ପ୍ରଥମ ଅଧ୍ୟାୟ)

ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
କୋଲ୍ହଣ ବିଶ୍ୱବିଦ୍ୟାଳୟ, ଚାଇଁବାସା, ଝାଡ଼ଖଣ୍ଡ

ISSN NO.
2582-208X

# କିଛି ବୁଝି ହୁଏ ନା



ମନଜିତ୍ ମୋହନ ଗୁନ୍ଦ

କଛି ବୁଝି ହୁଏ ନା
ଏ ଆକାଶର ନୀଳ ରଙ୍ଗ
ଇନ୍ଦ୍ରଧନୁ ରେ ପୁଣି ସାତ ରଙ୍ଗ
ବାଦଲ ଭିତରେ ଏତେ ବର୍ଷା
ସବୁ ଆଶ୍ଚର୍ଯ୍ୟ
ଠିକ୍ ତୁମ ପରି
ଅପରୂପ ସୌନ୍ଦର୍ଯ୍ୟ ରେ
ତୁମେ ଅପସରୀ ।

କଛି ବୁଝି ହୁଏ ନା
ତୁମ ଆଖିକୁ ଦେଖି
ସମୁଦ୍ର ଢେଉ ପରି
ତରଙ୍ଗାୟିତ
ହରିଣ ପରି କ୍ଷୀପ୍ର ଗତି
ଆଖି ଭିତରେ ଅନନ୍ତ ସ୍ୱପ୍ନର ସମ୍ଭାର
ସତରେ ଦେଖିବାକୁ
ଇଚ୍ଛା ହୁଏ ଅପଲକ ।

ISSN NO.
2582-208X

କଛି ବୁଝି ହୁଏ ନା
ଏ ଧରା ରେ ଏତେ ଗୁଡ଼ିଏ ଆଶର୍ଯ୍ୟ
କଏ ଗଢ଼ିଲା
ପଙ୍କିଳ ମଧ୍ୟେ ପଙ୍କଜ
ମଧୁର ରସ ସାଉଁଟୁ ଥିବା ଭ୍ରମର
କଳା ଟିକ୍ ଟିକ ଅନ୍ଧକାର ରେ
ଜୁଲୁଜୁଲିଆ ପୋକର ଅଦ୍ଭୁତ ଆଲୋକ
ପୁଣି ଲାଜକୁଳୀ ଲତାର ଅପୂର୍ବ ଲାଜ ।

କଛି ବୁଝି ହୁଏ ନା
ଗ୍ରୀଷ୍ମର ରୌଦ୍ର ତାପର ବହ୍ନି
ପୁଣି ଶ୍ରାବଣର ବର୍ଷା ଝରି
ଭିଜା ମାଟିର ବାସ୍ନା
ପୁଣି ଶିଶିର ଆବରଣରେ ଜୀବନ
ନବ ପଲ୍ଲବିତ ଆମ୍ର ବଣରେ
କୋଇଲିର କୁହୁ କୁହୁ ମଧୁର ସ୍ୱନ
ମଳୟ ପବନେ ଏ ବସନ୍ତର ଆଗମନ ।

ବୌଦ୍ଧ
୯୩୩୭୩୭୭୩୭୯

ISSN NO.
2582-208X

# ବାଣପୁର ମାଟି



ବିଶ୍ୱବିଜୟୀ ଦାଶ

ଏ ବରପୁତ୍ର ମାଟି ବାଣପୁର ମାଟିରେ
ଏହି ପୀଠେ ବିଜେ ମା' ଭଗବତୀ ।
ଶାଳିଆର କୂଳେ କେତକୀ ଗହଳେ
ମନସୁଖେ ଭୋଳେ ଦୁର୍ଗତୀ ନାଶିନୀ
ମଙ୍ଗଳ ଦାୟିନୀ ବସିଛି ଦେଉଳେ ।
ବିପ୍ଳବୀ ପାଢଶାଣୀ ବୀର ଶିରୋମଣି
ଦେଶ ଭାଇ ପାଇଁ ହୋଇଣ ଅଗ୍ରଣୀ
ଲଢ଼ିଲେ ଫିରଙ୍ଗୀ ଫଉଜଙ୍କ ସଙ୍ଗେ
ଆଣ୍ଡାମାନ ଗଲେ କଳାପାଣି ।
ଏ ବାଣପୁର ର ସୁଯୋଗ୍ୟ ସନ୍ତାନ ଦୁଇ
ଗୋଦାବରୀଶ ପଣ୍ଡିତ ପ୍ରଧାନ
ଉଜ୍ଜ୍ୱଳ ଭାସ୍କର ପ୍ରାୟ ତେଜସ୍କର
ରାଜନୀତି ରେ ବିଜ୍ଞ ଅଟନ୍ତିରେ ।
ଏ ବାଣପୁର ମାଟି ର ସୁପୁତ୍ର ପର୍ଶୁରାମ
ସମାଜସେବା ପାଇଁ ଆସିଲେ ଆଗେଇ,
ଏ ମାଟିରେ ସାହିତ୍ୟ ଓ ନାଟ୍ୟ ଜଗତ କୁ
ଦେଇଥିଲ ଏକ ନୂତନ ଦିଗ ।।
ଏ ମାଟି ର ପାଇକ କବି କୃଷ୍ଣଚନ୍ଦ୍ର
ତୁମ ଲେଖନୀ ନିସୃତ କବିତା ମାନ

ISSN NO.
2582-208X

ଓଡ଼ିଆ ସାହିତ୍ୟ ର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ ।
ଏ ମାଟି ର ସୁପୁତ୍ର ଶଶୀଭୂଷଣ
ଶିକ୍ଷାର ବିକାଶ ପାଇଁ ନେଇଥିଲ ବଜ୍ର ଶପଥ
ବାଣପୁର ବ୍ଲକ ର ଅଧ୍ୟକ୍ଷ ଓ ଖୋର୍ଦ୍ଧା ସମବାୟ ବ୍ୟାଙ୍କର ସଭାପତି ହୋଇଣ,
କରିଥିଲ ବିକାଶ
ତୁମ ଜନସେବା ସ୍ମରଣ କରନ୍ତି ଆଜିର ଯୁବପୁଢ଼ି ।
ବାଣପୁର ମାଟି ଟେକଟାଣ ବଡ଼
ଗୋରା ବନ୍ଧନୁ ଲଭି ମୁକତିରେ
ପଞ୍ଚୁଦୋଳ ଯାତ୍ରା ଠାକୁରଙ୍କ ମେଳ
ଏ ବାଣପୁର ମାଟିରେ ।
ଏସିଆ ମହାଦେଶ ର ସର୍ବବୃହତ୍ତ ଶାଳଶାଗୁଆନ ଜଙ୍ଗଲ,
ଅବସ୍ଥିତ ଦାମିଆ ବରବରା ଏହି ବାଣପୁର ମାଟିରେ ।
ବାଣପୁର ଶୀର ମରାଳ ମାଳିନୀ
ନୀଳାମ୍ବୁ ଚିଲିକା ମନନିଏ ହରି
ବାଣପୁରେ ଉପସ୍ଥିତ ହେଲେ
ପ୍ରଭୁ ଶ୍ରୀ ରଙ୍ଗନାଥ ଚତୁର୍ଦ୍ଧା ମୂର୍ତ୍ତିରେ
ବାଣପୁର ଶୋଭା ସୋଲରୀ,
ଭାଲେରୀ, ଘଣ୍ଟଶିଳା, ବଙ୍କାଡ଼ ।
ମା'ଭଗବତୀ ଙ୍କୁ ରହିଛି
ଘେରି ତାଙ୍କରି ସ୍ମୃତିରେ ।

ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮

ISSN NO.
2582-208X

# ମୁଁ ଓଡ଼ିଆ ମୋ ଭାଷା ଓଡ଼ିଆ



ଅଧ୍ୟାପିକା ରୋଜାଲିନ୍ ବାରିକ୍

ମୁଁ ଓଡ଼ିଆ ମୋର ଭାଷା ଓଡ଼ିଆ ।
ଓଡ଼ିଆ ଭାଷାଟି ଭାରି ବଢ଼ିଆ ।
ଓଡ଼ିଆଣୀ ମୋର ଅଟେ ଘରଣୀ ।
ଓଡ଼ିଶାର ପୂତ ପବନ ପାଣି ।
ଓଡ଼ିଶା ମୋହର ଜନମ ଥାନ ।
ଓଡ଼ିଆ ମୋ ଭାଷା ଅଟଇ ଟାଣ ।
ଓଡ଼ିଆ ଭାଷାଟି ବଡ଼ ମଧୁର ।
ଓଡ଼ିଶା ଭାରତ ମଧ୍ୟରେ ସାର ।
ଓଡ଼ିଶା ପ୍ରଦେଶ ମୋ ଆପଣାର ।
ଯହିଁରେ ମୋହର ରହିଛି ଘର ।
ଓଡ଼ିଶା ବାସୀ ମୁଁ ଓଡ଼ିଶା ବାସୀ ।
ସ୍ୱଭାବରେ ଆମେ ଭାରି ସାହସୀ ।
ଓଡ଼ିଶା ପ୍ରଦେଶରେ ମୋ ଜନମ ।
ଓଡ଼ିଶା ଶ୍ରେଷ୍ଠ ନୀଳାଚଳ ଧାମ ।
ଓଡ଼ିଆ ଅଟେ ମୋର ପରିଚୟ ।
ଓଡ଼ିଶାର ଶ୍ରୀପଦେ ମୋର ଲୟ ।।

ମହୁ, ଆଳି, କେନ୍ଦ୍ରାପଡା
ମୋ।୮୯୫୪୫୦୧୧୦

ISSN NO.
2582-208X

# ଷୁଦ୍ର ସ୍ୱାର୍ଥ ଛାଡ଼



ପ୍ରତିଭା ଦାସ

ନିଜର ଅସ୍ତିତ୍ୱ ହରେଇ
ନିଜର ସଂସ୍କୃତି ବିସର୍ଜନ ଦେଇ
ତୁମେ ଯେତେ ଖୁସି ହୁଅନା କାହିଁକି
ମନରେ ରଖିବ ସେ ଖୁସି କ୍ଷଣସ୍ଥାୟୀ ।

ଯେଉଁ କ୍ଷୁଦ୍ର ସ୍ୱାର୍ଥ ପାଇଁ
ନିଜ ପରିଚୟ ବିସର୍ଜନ ଦେଇଛ,
ନିଜର ଭାଷା ସଂସ୍କୃତିକୁ ଅବମାନନା କରୁଛ
ଦିନେ ସମୟ ଆସି ତୁମ ପରିଚୟ ମାଗିବ
ସେତେବେଳେ କେଉଁ ନାମରେ ପରିଚିତ ହେବ ?

ନିଜ ମାଁ ଥାଉଁ ଥାଉଁ
ଆଉ କାହା ମା'କୁ ମା ବୋଲି ଡାକିଦେଲେ
କ'ଣ ନିଜ ମାଁ ପରି ହୋଇ ପାରିବ ?
ମାଁ ଦେଖିବାକୁ ଅସୁନ୍ଦର ହେଲେ ମଧ୍ୟ
ଶିକ୍ଷା ଦୀକ୍ଷାରେ ଦିକ୍ଷୀତ ନହେଲେ ମଧ୍ୟ
ମାଁ ସବୁଠାରେ ଶ୍ରେଷ୍ଠ
ମାଁ ଗୁଣର ସାଗର

ISSN NO.
2582-208X

ସେ ମମତାର ଭଣ୍ଡାର
ମାଁ ପାଇଁ ପାଇଛୁ ଏ ଭବ ସଂସାର ।

ଆଜି ଯେଉଁ ଲୋକମାନେ ତୁମ ଚାରିପଟେ ବୁଲି
ତୁମକୁ ମୁଣ୍ଡରେ ବସାଇ
ତୁମରୀ ଗୁଣ ଗରିମାର କିର୍ତନ କରୁଛନ୍ତି,
ଆଦର କରୁଛନ୍ତି,
ସ୍ଵାର୍ଥ ସରିଗଲେ ଦିନେ ସେହି ଲୋକମାନେ
ତୁମକୁ ବଦନାମ କରିବେ
ଅପବାଦ ଦେଇ ନାନା ପ୍ରକାର କଥା କହିବେ ।

କେତେ ଅଭାଗା ହେଲେ ସେ
ମାଁର ମମତାରୁ ବଞ୍ଚିତ ହୁଏ ?
ମାଁ ପାଖରେ ଥାଇ ମଧ୍ୟ
ମାର ପ୍ରେମ ସେ ବୁଝି ପାରେ ନାହିଁ ।

ସମୟ ଥାଉ ଥାଉ ବିଚାର କର ନିଜକୁ ଚିହ୍ନ, ବୁଝ,
ପର ବୁଦ୍ଧିଆ ସ୍ୱଭାବ ଛାଡ଼ି ମନକୁ ପରିସ୍କାର କର ।
ହିଂସା କପଟ ସ୍ୱଭାବ ବିସର୍ଜନ ଦେଇ
ଜାତି ବର୍ଣ୍ଣର ବିବାଦ ଛାଡ଼ି
ନିଜର ଅସ୍ତିତ୍ୱ ସୁରକ୍ଷିତ କର ।

ବିଶ୍ଵନାଥ ଗୁରିଆଲି
ଆସାମ

ISSN NO.
2582-208X

# ନିଷ୍କପଟ ପ୍ରେମ ହିଁ ବେଳେ ବେଳେ କଳଙ୍କ ସାଜିଯାଏ

ପ୍ରଫେସର ହରିହର ଦାଶ

ଲକ୍ଷ୍ମୀ ପାଠ ପଢାରେ ଯେପରି ନିପୁଣା, କବିତା ଲେଖା, ଗପ ଲେଖାରେ ସେହିପରି ଅପ୍ରତିଦ୍ୱନ୍ଦିନୀ । ସେ ଯୌବନାବସ୍ଥାରେ ଉପନୀତା ହେବାପରେ ଲକ୍ଷ୍ମୀର ପିତା ଘରେ ଘୋଷଣା କଲେ ଯେ ଲକ୍ଷ୍ମୀ ଆଉ ବାହାରକୁ ପାଠ ପଢିବାକୁ ଯିବନି, ଘରେ ଥାଉ । କିନ୍ତୁ ଜେଜେଙ୍କର ଏକା ଜିତ ଝିଅ ପାଠ ପଢିବ ଶେଷରେ ତାହା ହିଁ ହେଲା । ଲକ୍ଷ୍ମୀ ର ପିତା ଘୋଷଣା କଲେ ଯେ ଗାଁ କଲେଜ ରେ ନାମ ଲେଖାହେବ । ମୋ ସାଙ୍ଗରେ ପାଠ ପଢିବାକୁ ଯିବ ପୁଣି ପାଠ ପଢା ସାରିଲେ ନେଇକି ଆସିବି ।ଲ କ୍ଷ୍ମୀର ସବୁ ସାଙ୍ଗ ସହରକୁ ପାଠ ପଢିବାକୁ ଗଲେ । ସେ କିନ୍ତୁ କେବେ ଜିଦ କରିନି । ଆଜି ତାର କଲେଜ ର ପ୍ରଥମ ଦିନ ଅଡୁଆ ଅଡୁଆ ଲାଗୁଥାଏ । ବାପା କଲେଜ ରେ ଛାଡିଗଲା ବେଳେ କହିଯାଇଥାନ୍ତି ମାଁ ରେ ପୁଅମାନଙ୍କଠୁ ଟିକେ ଦୂରେଇ ରହିବୁ ଆଜିକାଲି ସମୟ ଖରାପ ।

ଲକ୍ଷ୍ମୀ ଦେଖେ ବାହାର ଦୁନିଆଟା କେଡେ ସୁନ୍ଦର । ଖୋଲା ଆକାଶ ତଳେ ଡେଣା ମେଲାଇ ଉଡିବାକୁ ଚେଷ୍ଟା କରେ, କିନ୍ତୁ ବାପାଙ୍କ କଥା ତାର ମାନେ ପଡିଯାଏ । ଏମିତି ଦୁଇ ବର୍ଷ କଟିଗଲା ଭଲ ନମ୍ବର ରଖି ଉତୀର୍ଣ୍ଣ ହେଲା । ପୁଣି ପାଠ ପଢାରେ ଡୋରୀ ଲାଗିଲା, ସେ ବାହାରକୁ ପାଠ ପଢିବାକୁ ଯିବନି । ଭଲ ପୁଅଟିଏ ଦେଖି ବାହାଘର କରିଦେବ। ଏମିତି ଦିନ ପରେ ଦିନ ଦେଖୁ ଦେଖୁ ତିନି ବର୍ଷ ବିତିଗଲା । ଏମିତି ଦିନେ ହଠାତ ଲକ୍ଷ୍ମୀର ବାପା ଘୋଷଣା କଲେ ଯେ, ଆମ ପରିବାରର ସମସ୍ତେ ବୁଲିବାକୁ ଯିବା ପାଞ୍ଚ ଦିନ ବାହାରେ ରହିକି ଆସିବା । ଲକ୍ଷ୍ମୀର ମନ ଭାରି ଖୁସି ଏତେ ଦିନ ପରେ ବାହାର ଦୁନିଆ ଦେଖିବ । ସମସ୍ତେ ନିଜ ନିଜ ଜିନିଷ ପତ୍ର ସଜାଡି ବାହାରିପଡିଲେ । ଗାଡି ଆଗକୁ ବଢିବାରେ ଲାଗିଥାଏ । ଲକ୍ଷ୍ମୀକୁ ଆଜି କାହିଁକି ଲାଗୁଥାଏ ତା ଜୀବନର ଗତିପଥ ବଦଳିବାକୁ ଯାଉଛି । ଖୋଲା ଆକାଶକୁ ଦେଖି ମନେ ମନେ ଆତ୍ମହରା ହୋଇଯାଉଥାଏ ।

ISSN NO.
2582-208X

ହଠାତ ଗାଡି ଅଟକିଗଲା, ଲକ୍ଷ୍ମୀ ତା ସ୍ୱପ୍ନ ରାଇଜରୁ ବାହାରି ଦେଖେତ ସେମାନେ ନିର୍ଦ୍ଦିଷ୍ଟ ଜାଗାରେ ଆସିକି ପହଞ୍ଚି ଯାଇଛନ୍ତି । ପହଞ୍ଚିଲା ବେଳକୁ ରାତି ହେଇଯାଇଥାଏ। ସମୁଦ୍ର ବେଳାଭୂମି ତା ସାଙ୍ଗକୁ ସୁନ୍ଦର ପ୍ରାସାଦ, ପାଖରେ ଫୁଲ ବଗିଚା, ଆକାଶରେ ଜହ୍ନ ମୁରୁକି ମୁରୁକି ହସୁଥାନ୍ତି ଯେମିତିକି ଜହ୍ନ ଓହ୍ଲେଇ ଆସିଛନ୍ତି ଫୁଲ ବଗିଚାକୁ, ଲୁଚି ଲୁଚିକି ଓଃ କି ମନୋରମ ଦୃଶ୍ୟ । ସମସ୍ତେ ଫ୍ରେସ ହୋଇ ଖାଇବା ଟେବୁଲକୁ ଗଲେ । ଖାଇସାରି ରାତ୍ରିଯାପନ ପାଇଁ ଗଲେ । ଲକ୍ଷ୍ମୀ କିନ୍ତୁ ପରେ ଯିବ ପାଇଁ କହି ବସିପଡିଲା ବେଳ ଭୂମିର ବେଞ୍ଚରେ ସତେ ଯେମିତି ଗୋଟେ ନୂଆ ଜୀବନ ମିଳିଛି । ରାତ୍ରି ଶୁନଶାନ କିନ୍ତୁ ତାକୁ କିଛି ଫରକ ପଡେନା ଖୋଲା ଆକାଶରେ ଉଡିଲା ଭଳି ଲାଗୁଥାଏ । ହଠାତ ତା ଆଖିକୁ ଲାଗିଲା ତାକୁ କେହି ଜଣେ ଦୂରରେ ଥାଇ ଦେଖୁଛି । ଦ୍ୱିତୀୟ ଦିନ ସକାଳ ହେଲା ସମସ୍ତେ ନିଜ ନିଜ ବିଳାସ ବିସ୍ୟନରେ ବ୍ୟସ୍ତ ଏମିତି ଦେଖୁ ଦେଖୁ ସନ୍ଧ୍ୟା ହୋଇଆସିଲା । ଲକ୍ଷ୍ମୀ ଚୁପ ଚାପ ବେଳା ଭୂମିର ବେଞ୍ଚ କଡରେ ଯାଇକି ବସିଥାଏ ପୁଣି ଦେଖିଲା ଆଉ ଗୋଟେ ବେଞ୍ଚ ଉପରେ ସେଇ ଜଣକ ବସି ଦେଖୁଥାଏ । ଲକ୍ଷ୍ମୀ ଟିକେ ଇତସ୍ତିତ ହୋଇ ପୁଣି ଆକାଶକୁ ଚାହିଁ ରହିଲା ।

ତୃତୀୟ ଦିନ ସକାଳ ଫୁଲ ବଗିଚା ରେ ବୁଲୁଥାଏ । ହଠାତ ଗୋଟେ ସୁନ୍ଦର ଚେହେରା ସମାନ ସାମାନି ହୋଇଯାଏ । ଲକ୍ଷ୍ମୀ ପଛଘୁଞ୍ଚା ଦେଇ ଚାଲି ଆସିଲା ବେଳକୁ ଲକ୍ଷ୍ମୀର ହାତ ଧରିପକାଏ ସେଇ ସୁନ୍ଦରଯୁକ୍ତ ମଣିଷଟି । ଲକ୍ଷ୍ମୀ ଶିହରି ଉଠେ ଜୀବନର ପ୍ରଥମ ଛୁଁଆରେ। ନିସ୍ତବ୍ଧ ହୋଇ ରହିଯାଏ, ଚୁପକିନା ଧୀରେ ଆସି କାନରେ କହିଯାଏ ତୁମେ ବହୁତ ସୁନ୍ଦର ଏବଂ ହାତ ଛାଡି ଚାଲିଯାଏ। ଲକ୍ଷ୍ମୀ ଦୌଡିକି ଚାଲିଯାଏ ନିଜ ଶୟନ କକ୍ଷକୁ। ମନରେ ତାର କେତେ ଶିହରଣ କେତେ ପ୍ରଶ୍ନ, କେତେ ଉତ୍କଣ୍ଠା, ଏମିତି ପୁଣି ସନ୍ଧ୍ୟା ହୋଇଯାଏ। ସନ୍ଧ୍ୟାରେ ସମସ୍ତେ ବେଳାଭୂମିରେ ମିଳିତ ହୁଅନ୍ତି । ଯିଏ ଯାହାର ଗପ, ନାଚ ଗୀତ ରେ ମସଗୁଲ ହଠାତ ସେଇ ସୁନ୍ଦର ଚେହେରାଟି ଆଖି ଆଗରେ ଭାସି ଉଠେ ଏବଂ ଗୋଟିଏ ପିୟାନୋ ବଜାଇ ବଜାଇ ଧୀରେ ଧୀରେ ନିକଟତର ହେବାରେ ଲାଗେ । ଲକ୍ଷ୍ମୀ ମାଦକତା ଛନ୍ଦରେ ନାଚି ଉଠେ । ସମସ୍ତଙ୍କର ସେଇ ବେଳ ଭୂମିରେ ରାତ୍ରି କଟିଥାଏ ।

ISSN NO.
2582-208X

ସକାଳୁ ଉଠିଲା ବେଳକୁ ଦିନ ୧୨ ଟା । ମଧ୍ୟାହ୍ନ ଭୋଜନ ସମୟରେ ସମସ୍ତେ ଏକାଠି ଜମାହୁଅନ୍ତି । ଲକ୍ଷ୍ମୀର ଆଖି ଖୋଜୁଥାଏ ସେଇ ଅଜଣା ଚେହେରା ଟିକୁ । ହଠାତ ଗୋଟିଏ କୋଣରେ ତା ଆଖି ଅଟକିଯାଏ । ଲକ୍ଷ୍ମୀ ଭାବେ ଦଉଡି ଯାଇ ପଚାରନ୍ତା କି କିଏ ତୁମେ ଯିଏ କି ମୋ ହୃଦୟକୁ ଛିନ୍ନ ବିଛିନ୍ନ କରିଦେଇଛ, ମୋ ଆଖିରୁ ନିଦ ଚୋରେଇ ନେଇଛ । ମଧ୍ୟାହ୍ନ ଭୋଜନ ସାରି ନିଜ ନିଜ କକ୍ଷକୁ ଗଲା ସମୟରେ ହଠାତ ଲକ୍ଷ୍ମୀର ଖାଇବା ଟେବୁଲ ପାଖକୁ ଆସି ସେଇ ସୁନ୍ଦରଯୁକ୍ତ ଚେହେରା ର ମଣିଷଟି ଚୁପକିନା ଦେଇଗଲା ଗୋଟେ ମୁଦା ଲଫାପା । ଲକ୍ଷ୍ମୀ ଦୌଡିଯାଇ ନିଜ କକ୍ଷକୁ ଉତ୍କଣ୍ଠା ର ସହିତ ଲଫାପା ଖୋଲି ପଢେ । ରାତିର ଭୋଜନ ପରେ ଦେଖା କରିବାକୁ ଲେଖା ହୋଇଛି । ଲକ୍ଷ୍ମୀ ମନରେ ଅନେକ ଉତ୍କଣ୍ଠା, ଆବେଗ ସେ ହୁଏତ ମନେ ମନେ ନିଜର କରିନେଇଛି ସେଇ ଅଚିହ୍ନା ମଣିଷଟିକୁ । ବାରମ୍ବାର ଘଣ୍ଟାକୁ ଚାହିଁଥାଏ କେତେବେଳେ ୧୦ ଟା ବାଜିବ ରାତ୍ରି ଭୋଜନ ହେବ । ଦେଖୁ ଦେଖୁ ସମୟ ବିତିଗଲା । ରାତ୍ର ଭୋଜନ ପରେ ସମସ୍ତେ ନିଜ ନିଜ କକ୍ଷକୁ ଗଲେ ଲକ୍ଷ୍ମୀ କିନ୍ତୁ ସବୁଦିନ ପରି ପରେ ଯିବାକୁ କହି ବସିପଡିଲା ବେଳ ଭୂମିର ବେଞ୍ଚ ଉପରେ ଏବଂ ଖୋଲା ଆକାଶକୁ ଚାହିଁ ମୁରୁକି ମୁରୁକି ହସୁଥାଏ । ହଠାତ ଗୋଟିଏ ସ୍ୱର୍ଶରେ ଶିହରି ଉଠିଲା ଲକ୍ଷ୍ମୀ ସେଇ ଛୁଆ । ଜାଣିଗଲା ସେଇ ସୁନ୍ଦର ଚେହେରା ଯୁକ୍ତ ମଣିଷଟି, ସେଇ ଚେହେରାଟି ଅତି ନିକଟରୁ ନିକଟତର ହେଉଥାଏ ଲକ୍ଷ୍ମୀ କିଛି କହିବା ଆଗରୁ, କିଛି ବୁଝିବା ଆଗରୁ ଦୁହେଁ ନିସ୍ତବ୍ଧ । ଲକ୍ଷ୍ମୀ ପିଲାଟିର ଛାତି ଉପରେ ମୁଣ୍ଡ ରଖି ଖାଲି ଜୁଳୁ ଜୁଳୁ କରି ଚାହିଁ ରହିଥାଏ ଖୋଲା ଆକାଶକୁ । ହଠାତ ବାପାଙ୍କର ଡାକ ଶୁଭିଲା ମା..ଲୋ କୁଆଡେ ଗଲୁ ରାତି ବେଶୀ ହେଲାଣି ଶୋଇପଡିବୁ ଆ ।

ଆଜି ରାତି ଘର ବାହୁଡା ଯିଏ ଯାହାର ଜିନିଷ ପତ୍ର ସଜାଡିବାରେ ବ୍ୟସ୍ତ । ଲକ୍ଷ୍ମୀର ମନ କିନ୍ତୁ ଇତସ୍ତତ । ସେଇ ଚେହେରାକୁ ଖୋଜୁଛି ବାପା । ମାଆ ସମସ୍ତେ ପଚାରୁଛନ୍ତି ମା, କଣ ହେଲା ଇତସ୍ଥିତ ଜଣା ପଡୁଛୁ, କଣ କୌଠି ହଜିଗଲା କି । ତୁ ଚିନ୍ତା କରନା କିଣି ଦେବାନୀ । ଲକ୍ଷ୍ମୀର କିନ୍ତୁ ମନ ବୁଝୁ ନା ଥାଏ । ଠିକଣା ବି ରଖିନି କଣ କରିବ ଆଜି ମଧ୍ୟାହ୍ନ ଭୋଜନରେ ବି ଦେଖା ହେଲାନି । ରାତ୍ର ଭୋଜନ ପରେ ଯେ ଯ ଘରକୁ ବାହାରିଯିବେ । ଆଉ ଦେଖା ହେବ କି ନା ହେବ, ଆଶା ବାନ୍ଧିଲା ସନ୍ଧ୍ୟାରେ ନିଶ୍ଚୟ ଦେଖା ହେବ । ଦେଖୁ ଦେଖୁ ସନ୍ଧ୍ୟା ସମୟ ମାଡି ଆସିଲା ଲକ୍ଷ୍ମୀ ପାଗିଳି ପରି ଖୋଜି ବୁଲେ ଏକଡ ସେକଡ ସେଇ ଚେହେରା ଟି ମିଳେନା । ଲକ୍ଷ୍ମୀର ମନ ଠିକ ନାହିଁ । ରାତ୍ର

ISSN NO.
2582-208X

ଭୋଜନ ପାଇଁ ବି ମନାକଲା । ପୁଣିଥରେ ଖୋଜିବାରେ ଲାଗିଲା ଦେଖିଲା ବେଳାଭୂମିରେ ସେଇ ଯୁବକ ଛିଡା ହେଇଛି । ପାଗିଳି ପରି ଦଉଡି ଯାଇ ଆଲିଙ୍ଗନ କଲା, ଏବଂ ଲାଜେଇ ଯାଇ କହିଲା କେବେ ଆସିବ ଆମ ଘରକୁ ମୋ ବାପାଙ୍କ ପାଖରୁ ମତେ ନେବା ପାଇଁ। ପିଲାଟି ଲକ୍ଷ୍ମୀ ମୁହଁକୁ ଚାହିଁ ଈଷତ ଈଷତ ହସିଦେଇ କୁହେ, କେତେଥର ଏମିତି ଟ୍ରିପ କୁ ଯାଇ ଏଭଳି କାମ କରିଛ, ଏମିତି ଅଳ୍ପ ଦେଖାରେ କିଏ କଣ ଏତେ ଆଗକୁ ବଢିପାରେ । ଲକ୍ଷ୍ମୀ ଆଖିରୁ ଝରିପଡେ ଦୁଇଟୋପା ଲୁହ । ସତେ ଯେପରି ମୁଣ୍ଡରେ ବଜ୍ର ପଡିଗଲା। ହଠାତ ପିଲାଟିକୁ ଦୂରକୁ ଠେଲିଦେଇ ପଛ ଘୁଞ୍ଚା ଦେଇ ଦୌଡିଯାଏ ବାପାଙ୍କ ପାଖକୁ ଏବଂ ବାପାଙ୍କ କୋଳରେ ମୁଣ୍ଡ ରଖି କଇଁ କଇଁ ହୋଇ କାନ୍ଦି ଉଠି କୁହେ ବାବା ଚାଲ ଏଠୁ ଜଲ୍ଦି ଯିବା । ସମସ୍ତେ ହତବାକ ! ମା କଣ ହେଲା ଲକ୍ଷ୍ମୀ କିନ୍ତୁ କାହାକୁ କିଛି କୁହେନା ଖାଲି କାନ୍ଦି ଉଠେ । ସତରେ କଣ ପ୍ରଥମ ଥର ନିଷ୍କପଟ ଭାବରେ ଲକ୍ଷ୍ମୀ କରିଥିବା ପ୍ରେମର କିଛି ମୂଲ୍ୟ ନାହିଁ, ଲକ୍ଷ୍ମୀର ନିଷ୍କପଟ ପ୍ରେମ କଣ କଳଙ୍କ ?

(())

ISSN NO.
2582-208X

# ଭାବର ମାନସୀ



ତ୍ରିପତି ପ୍ରଧାନ

ମୋ ଭାବ ମନସି   ଭାବର ମାନସୀ
ପ୍ରକୃତି ସୁଷମା ଯାଏ ଲାଜେଇ
ଦେଖି ତା ବଦନ   ପୂର୍ଣ୍ଣିମାର ଜହ୍ନ
ଲାଜେ ଧୀରେ ଧୀରେ ଲୁଚେ ସରମୀ(୧)

କେଶ କଳା ରଙ୍ଗ ବାଦଲ ନିରେଖି
ଶ୍ରାବଣୀ ନୟନୁ ବୁହାଏ ଧାର
ବନେ ଅଛି ପଶି କୁରଙ୍ଗୀ ମହିଷୀ
ନେତ୍ର ଶୋଭାରାଜି ବନି ଅଧିର(୨)

ନାଶା ଖଣ୍ଡା ସମ ସଳଖ ଚାହିଁଣ
ଶୁକ ପକ୍ଷୀ ଥଣ୍ଟ ଦେଲା ବଙ୍କେଇ
ଅଧର ସୌନ୍ଦର୍ଯ୍ୟେ ପ୍ରେମ ସାକ୍ଷୀ ପୁଷ୍ପ
ଗଭା ଆଢୁଆଳେ ଲୁଚିଛି ଯାଇ(୩)

ISSN NO.
2582-208X

ଗଜରା ଧବଳା ସୁମନର ମାଳା
ଦନ୍ତ ପଂକ୍ତି ଶୁଭ୍ର ଚାହେଁ କଣେଇ
ଶୁଣି ଭାଷା ସୁର ବସନ୍ତ କୋକିଳ
ଆମ୍ର ବୃକ୍ଷ ଡ଼ାଳେ ଛପି ରାବଇ (୪)

କୁଚ କୁମ୍ଭ ପ୍ରଭା ଦେଖି ପୂର୍ଣ୍ଣ କୁମ୍ଭ
ମୂଖ୍ୟ ଦ୍ୱାରେ ରହି ଚିନ୍ତେ ବସିଛି
ଅଳତା ସୁପାଦ ସ୍ଥଳ ଅରବିନ୍ଦ
ଜଳାଶୟ ତଟେ ଲାଜେ ଛପିଛି(୫)

ସଂସ୍କୃତ ଶିକ୍ଷକ, ଚକଟୀ, ଗଞ୍ଜାମ

ISSN NO.
2582-208X

# ଚିତ୍ରଲେଖା ମଧୁମତୀ



ତାରାପ୍ରସାଦ ଜେନା

ମଧୁ ମଳୟରେ ବିଧୁ ଅନୁକମ୍ପା
ଚିତ୍ରଲେଖା ମଧୁମତୀ
ଦେହ କୋଣାରକ ପଢ଼ିବାକୁ ଦିଅ
ଆଗ୍ରହରେ ଅନୁମତି
.....ମଧୁ ମଳୟରେ ବିଧୁ ଅନୁକମ୍ପା.... ! ୦ !

ସବୁ ବୁଝିଗଲେ ଖସି ପାରିବନି
ରହିଯିବ ବୁକୁ ତଳେ
ମନ ମାନିଗଲା ଛାଡ଼ିବିନି ଆଉ
ଅକାରଣେ କୌତୁହଳେ,
ମୋର ପ୍ରେମ ପଣ କେବେ ନୁହେଁ ଗୌଣ
ବୁଝିନେବ କରାମତି
.....ମଧୁ ମଳୟରେ ବିଧୁ ଅନୁକମ୍ପା.... ! ୧ !

ତନ୍ଦ୍ରା ସପନକୁ ଭୁଲି ପାରିବିନି
ଛାୟାପରୀ ଆସ ମାଡ଼ି

ISSN NO.
2582-208X

ସଖୀ ଗୁଞ୍ଜନରେ ସୁଖ ଚୁମ୍ବନରେ
ଗଳେ ଅଛ ବାହୁ ଭିଡ଼ି,
'ଇସ୍ ଭାରି' କହି ଛାଟିପିଟି ମିଛେ
ଲାଜେ ଦେଇ ସନମତି
.....ମଧୁ ମଳୟରେ ବିଧୁ ଅନୁକମ୍ପା.... ! ୨ !

ବିରହର କଷ୍ଟ ଲେଶ ମାତ୍ର ହେଲେ
ଲୁହ ଲହୁ ଗଡିଯିବ
ଜହ୍ନରାତି ରୁଷି ଅନ୍ଧାରକୁ ଘୋଟି
ଚମକିବା ଭୁଲିଯିବ,
ଭଙ୍ଗା ହୃଦୟକୁ ସାନ୍ତ୍ୱନାରେ ପ୍ରିୟା
କରିଦେବ ମରାମତି
.....ମଧୁ ମଳୟରେ ବିଧୁ ଅନୁକମ୍ପା.... ! ୩ !

ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬
ଦୂରଭାଷ-୯୩୪୮୦୫୪୩୦୦

ISSN NO.
2582-208X

# ଫଗୁଣ



ନରଞ୍ଜନ ସାହୁ

ପ୍ରତ୍ୟେକ ଜୀବନେ ଆସଇ ନିଶ୍ଚୟ
ସପତରଙ୍ଗୀ ଫଗୁଣ
ଫଗୁଣ ପରଶେ ଜୀବନେ ବଢଇ
ସ୍ୱପ୍ନ, ସଂକଳ୍ପ ଛ ' ଗୁଣ ।

ଷୋହଳ ଫଗୁଣ ପାରିହେବା ପରେ
ନୂଆନୂଆ ସବୁ ଲାଗେ
ଜୀବନରେ ରଙ୍ଗ ଲାଗି ଯାଇଥାଏ
ପ୍ରଣୟର ଅନୁରାଗେ
ଆଶା ପରିସର ବଢିବଢ଼ି ଯାଏ
ସମ୍ଭାବନା ବହୁଗୁଣ ।

ଜୀବନେ ଫଗୁଣ ରଚିଯାଏ ଗୁଣ
କେତେ ଆନମନା କରେ
ସପନକୁ ସତ କରିବା ପାଇଁକି
ନାନାଦି ଉପାୟ ଧରେ

ISSN NO.
2582-208X

ବେଳେବେଳେ ଏହି ଦୁଷ୍ଟ ଫଗୁଣଟା
ଭରିଦିଏ ବଦଗୁଣ ।

ଫଗୁଣ ନଥିଲେ ଜୀବନ ଲାଗନ୍ତା
ମରୁ ମରୀଚିକା ସମ
ଫଗୁଣ କରଇ ଏହି ଜୀବନକୁ
ମଧୁମୟ ଅନୁପମ
ଫଗୁଣ ପ୍ରଭାବେ ପାଗଳାମୀ ଛାଡି
ଘେନାକର ସଦଗୁଣ ।

ନିହଲପ୍ରସାଦ, ଗନ୍ଦିଆପାଟଣା, ଢେଙ୍କାନାଳ
ମୋ :-- ୯୯୩୮୭୪୧୫୮୩

ISSN NO.
2582-208X

# ଗୋଟିଏ ସନ୍ଧ୍ୟା: ଜରଓ୍ୱାଙ୍କ ଗହଣରେ

ପ୍ରିୟବ୍ରତ ପାତ୍ର

କି ସୁନ୍ଦର ସେ ରାସ୍ତା ଓ ଚାରିପଟର ଶାନ୍ତ ସ୍ନିଗ୍ଧ ବାତାବରଣ । ଝିଙ୍କାରୀ, ତଥା ଅନ୍ୟାନ୍ୟ କୀଟପତଙ୍ଗମାନଙ୍କ ଭରପୁର ସଙ୍ଗୀତ ଚାଲିଛି । କାହିଁ କେଉଁ ଯୁଗରୁ ଏଠି ଆଧୁନିକ ମଣିଷଙ୍କ ଚଳପ୍ରଚଳ ନାହିଁ । ଦୁଇ କଡରେ ନିଜସ୍ୱ ଢଙ୍ଗରେ ଠିଆ ହୋଇଛନ୍ତି ଲଟାବୁଦା ଓ ବଡ ବଡ ଗଛ, ମଣିଷର କୌଣସି ଅନୁପ୍ରବେଶ ନାହିଁ । ଅନ୍ୟ କିଛି ଲୋକଙ୍କ ପରି ମୁଁ ମଧ୍ୟ ପରିବାର ସହ ରାସ୍ତାରେ ଟିକେ ଦୂର ପର୍ଯ୍ୟନ୍ତ ଚାଲି ଚାଲି ବୁଲିଲି । ଏଠାକାର ଜଙ୍ଗଲରେ ମାଙ୍କଡ, ବାଘ, ଭାଲୁ, ହେଟା, ସମ୍ବର ଆଦି କିଛି ରହନ୍ତି ନାଃଇଁ । ସର୍ବାଧିକ ରହନ୍ତି ସରୀସୃପ, ବଣ ଘୁଷୁରୀ, ବଣ କୁକୁଡା, ଠେକୁଆ, ଗୋଧି, ଏଣ୍ଡୁଅ – ଯାହାକି ଜରଓ୍ୱାମାନଙ୍କ ପ୍ରିୟ ଖାଦ୍ୟ । ମୋ ସାଙ୍ଗରେ ଜଣେ ଜରଓ୍ୱା ଉପରେ ରୁଚି ରଖିଥିବା ବ୍ୟକ୍ତି ମଧ୍ୟ ଥିଲେ । ଗାଡିର ଅନତି ଦୂରରେ ଦେଖିଲୁ ଏକ ପତ୍ର କୁଟୀର । ସେ ମତେ ଡାକିଲେ ଏବଂ କୁଟୀରଟି ଖାଲି ଥିବା ଯୋଗୁଁ ନିରାପଦରେ ଭିତରକୁ ଯିବାରେ ଅସୁବିଧା ନାହିଁ ବୋଲି କହିଲେ । ତାହା ଥିଲା ଅତ୍ୟନ୍ତ ଛୋଟ । ଶୁଖିଲା ଲଟା ଦ୍ୱାରା ବାଉଁଶ ଓ ନଡିଆ ବାଉଁଗା ଭିଡା ଯାଇ ତାହା ତିଆରି ହୋଇଥିଲା । ଭିତରେ ଚାରିଟି କଦଳୀ ଖାନ୍ଦି ଝୁଲିଥିଲା, ଯାହାକି ଫୁରୁସତ୍ ସମୟରେ କୁଟୀର ନିବାସୀ ଜରଓ୍ୱା ଖାଇଥାନ୍ତି । ଗୋଟିଏ କଡକୁ ସଯତ୍ନେ ବଣୁଆ ଘୁଷୁରୀଙ୍କ ଖପୁରୀ ସବୁ ଧାଡି ମାରି ରଖା ହୋଇଥିଲା । ମୋ ସାଙ୍ଗରେ ଥିବା ବିଶାରଦ ଜଣଙ୍କ କହିବା ଅନୁଯାୟୀ ଏହି ଖପୁରୀ ସଂଖ୍ୟା ଜରଓ୍ୱାର ପୁରୁଷାର୍ଥ, ସାମର୍ଥ୍ୟ ଓ ପ୍ରତିପତ୍ତିକୁ ପ୍ରମାଣ କରୁଥିବା ଏକମାତ୍ର ମୂଲ୍ୟବାନ ଚିଜ । ଯେଉଁ ଗୋଷ୍ଠୀ ପାଖରେ ଯେତେ ଅଧିକ ଖପୁରୀ ସେ ସେତେ ଅନ୍ୟ ଉପରେ ପ୍ରଭାବ ଜାହିର କରେ । ଜରଓ୍ୱାମାନେ ହରିଣ ଓ ପକ୍ଷୀ ଶିକାର କରନ୍ତି ନାହିଁ । ସେମାନଙ୍କ ଭାଷାରେ ହରିଣକୁ "ପୋଟିଆଲ୍" କୁହାଯାଏ ।

ISSN NO.
2582-208X

ଯାହାର ଅର୍ଥ ହେଲା ଭୟଙ୍କର ଦୁଷ୍ଟ ଶକ୍ତି, ହରିଣ ମାରିବା ମାନେ ବିପତ୍ତିକୁ ଡାକି ଆଣିବା। ସେମାନଙ୍କର ଜଣେ ଦେବୀ ଅଛନ୍ତି - ଫଲଗୁନ। ସେମାନେ ଫଲଗୁନର ପୂଜା କରନ୍ତି ନାହିଁ ସତ କିନ୍ତୁ ଝଡ ବତାସ, ପ୍ରବଳ ବର୍ଷା, ବିଜୁଳି ତଥା ସମୁଦ୍ର ବାତ୍ୟା ସବୁ ତାଙ୍କରି କ୍ରୋଧରୁ ହୁଏ ବୋଲି ବିଶ୍ୱାସ କରନ୍ତି। ସେମାନେ ସ୍ୱପ୍ନକୁ ଗୁରୁତ୍ୱ ଦିଅନ୍ତି ଓ ଅଦୃଶ୍ୟ ଭାବେ ରହି ପୂର୍ବ ପୁରୁଷମାନେ ଆଶିଷ ବା ଅଭିଶାପ ଦିଅନ୍ତି ବୋଲି ବିଶ୍ୱାସ କରନ୍ତି। ତାହା ଦ୍ୱାରା ଶିକାର ପ୍ରଚୁର ମିଳିଥାଏ ବା ସମୁଦ୍ର ଝଡ, ଭୂମିକମ୍ପ ପରି ଦୂର୍ବିପାକ ହୋଇଥାଏ। ସେମାନଙ୍କ ବିବାହ ଭଳି ଅନୁଷ୍ଠାନ ମଧ୍ୟ ହୋଇଥାଏ, କିନ୍ତୁ ନିଜ ଜାତି ଭିତରେ ହିଁ ସୀମିତ। ପତ୍ର କୁଟୀରଟିର ମଝିରେ ଗାତ ଖୋଳା ହୋଇ ମାଟି ଚୁଲିଟିଏ ଥିଲା। ସେଇଠି ମାଂସ ପୋଡି ଖାଆନ୍ତି, ତା ପାଖରେ ଶୋଇଯାନ୍ତି। ଅତି ଛୋଟ ବୟସରୁ ନିଜର ସ୍ୱାଧୀନ ଚେତା ଓ ହିଂସ୍ରତା ଯୋଗୁଁ ପିଲାଟି ଏକଲା ହୋଇ ବଞ୍ଚିଥାଏ। ତେଣୁ ଅଧିକାଂଶ କୁଟୀରରେ ପୁଅଟିଏ ବା ଝିଅଟିଏ ଏକୁଟିଆ ରହିଥାନ୍ତି। ସେଇ କୁଟୀରରେ ଷଢେଇ ସବୁରେ କିଛି ଧଳା ରଙ୍ଗର ଅଠାଳିଆ ପଦାର୍ଥ ଥିଲା। ନଡିଆ ରସ ଓ ଅନ୍ୟାନ୍ୟ ମୂଳରୁ ପ୍ରସ୍ତୁତ ଏହି ଧଳା ରଙ୍ଗଟି ଜରଓ୍ୱା ମହିଳାଟି ତା ସ୍ୱାମୀଙ୍କ ଦେହରେ ପ୍ରେମର ନିଦର୍ଶନ ସ୍ୱରୁପ ବୋଳିଥାଏ। କୁଟା ଓ ସରୁ ପତ୍ର ଦ୍ୱାରା ଆ ମାନେ ନିଜ ପାଇଁ ବା ନିଜ ପିଲାଙ୍କ ପାଇଁ ମୁଣ୍ଡ ବା ଅଣ୍ଟାରେ ବନ୍ଧା ଅଳଙ୍କାର ମଧ୍ୟ ପ୍ରସ୍ତୁତ କରିଥାଏ। ନିକଟସ୍ଥ ଏକ ବୃକ୍ଷର ଗଣ୍ଡିରେ କଟୁରୀ ଦ୍ୱାରା ରାମ୍ପୁଡା ଚିହ୍ନ ଥିଲା। ଜଙ୍ଗଲରେ ଭାଲୁଙ୍କ ପରି ଏମାନେ ମଧ୍ୟ ଏହାକୁ ନିଜର ସୀମା ଓ ପରିଚୟ ରୂପେ ବ୍ୟବହାର କରିଥାନ୍ତି।

ହଠାତ୍ ଗାଡିବାଲା ପାଟିକଲା "ଜରଓ୍ୱା ଆସୁଛନ୍ତି - ଶୀଘ୍ର ଆସିଯାନ୍ତୁ।" ଆମେ ସମସ୍ତେ ଭୟଭୀତ ହୋଇ ଗାଡି ଭିତରକୁ ଦୌଡି ଆସିଲୁ। ବୋଧେ ବାଘ ଆସିଥିଲେ ମଧ୍ୟ ଏତେ ଭୟଭୀତ ହୋଇ ନଥାନ୍ତୁ। କିଏ ଜୋତା ଛାଡି ଦେଲା, କିଏ ଖାଦ୍ୟ ଜିନିଷ କିଏ ପୁଣି ପାଣି ବୋତଲ। ସମସ୍ତେ ଗାଡି ଭିଅରେ ପଶି କବାଟ ବନ୍ଦ କରି, କାଚ ଛରକା ଦେଇ ଚାହିଁ ରହିଲୁ। ବହୁ ଦୂରରେ ଚାରିଟି ଘନୀଭୂତ ଅନ୍ଧକାର ଆମ ଦିଗେ ଆସୁଥିଲା। ପାଖକୁ ଆସିବା ପରେ ଜାଣିଲୁ ସେଥିରୁ ଗୋଟିଏ ପୁରୁଷ, ଗୋଟିଏ ସ୍ତ୍ରୀ ଓ ଦୁଇଟି ଶିଶୁ ପୁତ୍ର ଜରଓ୍ୱା

ISSN NO.
2582-208X

ଥିଲେ । ସମସ୍ତେ ସମ୍ପୂର୍ଣ୍ଣ ଉଲଗ୍ନ ଥିଲେ, ପିଲା ଦୁଇଟି ବେକରେ ଘୁଷୁରୀ ଧରା ଫାସ ପକାଇଥିଲେ, ପୁରୁଷଟିର ହାତରେ ଗୋଟିଏ ପୁରୁଣା ଲୁହା କାତି ଥିଲା । ଦେହର ରଙ୍ଗ ଶିଶୁଆ କାଠ ପରି ଉତ୍କଟ କଳା, ଗଠନ ମୁଗୁନି ପଥର ପରି ଏକଦମ୍ ସୁଠମ, ବାଳ କୁଞ୍ଚି କୁଞ୍ଚି ଆଫ୍ରିକୀୟଙ୍କ ପରି, ଚାଲିରେ ବେପରୁଆ, ଠାଣିରେ ରାଜକୀୟତା ଓ ଆଖି ରକ୍ତବର୍ଣ୍ଣ ଥିଲା । ବସ୍ ଟି ଅଟକି ଯାଇଥିବାରୁ ପୁରା ପରିବାରଟି ଖୁସି ଥିଲେ । ନିରେଖି ଦେଖିଲେ କାହାରି ମୁହଁରେ କୌଣସି ହିଂସ୍ରତା ନଥିଲା, ଆଖିରେ ମୋଟେ ଛଳନା, ପ୍ରତାରଣା, କ୍ଷୁଧା ବା ଲୁବ୍ଧତା ନଥିଲା । ଆଣ୍ଡାମାନର ପ୍ରକୃତି ପରି ସେମାନେ ଥିଲେ ନିଚ୍ଛକ, ପବିତ୍ର ଓ ଅବିମିଶ୍ରିତ । ଏବେ ବି ସେମାନେ ଆଦମ୍ ଓ ଇବ୍ ପରି ବୁଲୁଛନ୍ତି, ଜ୍ଞାନ ଫଳ ଖାଇ ପରସ୍ପରକୁ ସନ୍ଦେହ ଓ ଲଜ୍ୟା କରିବାର ଦୁର୍ଯୋଗରେ ପଡିନାହାନ୍ତି । ସେହି ରାସ୍ତାରେ ଯିବା ଆସିବା କରୁଥିବା ଅଭ୍ୟସ୍ତ ଯାତ୍ରୀମାନେ ନାଚ, ନାଚ" ବୋଲି କହିବାରୁ ପିଲା ଦୁଇଟି ମା ସାଙ୍ଗରେ ଅଣ୍ଟା ଓ ହାତ ଗୋଡ ହଲାଇ କିଛି ଅଙ୍ଗଭଙ୍ଗି କଲେ, ଯାହାକି ଆମକୁ ନୃତ୍ୟ ପରି ଲାଗୁଥିଲା । ଉଦ୍ଦେଶ୍ୟ ଥିଲା ପାନ ଖଣ୍ଡିଏ ପାଇଲେ ତାହା ଦ୍ୱାରା ପାଟି ଲାଲ କରିବା । କିନ୍ତୁ ଏଥିରେ ଅମାନବିକତା ଓ ନିଷ୍ଠୁରତା ହିଁ ନିହିତ ଥିଲା । ଗୋଟିଏ ପ୍ରଚଣ୍ଡ ସ୍ୱାଭିମାନୀ ଓ ସାହସୀ ଜନଜାତିକୁ ପ୍ରଲୋଭିତ କରାଯାଇ "ଭିକାରୀ" କରି ଦେବାଟା ଆମ ଆଧୁନିକ ଲୋକଙ୍କ ଅମାନବିକତା ନୁହେଁ ତ ଆଉ କଣ ? ଏମିତି କିଛି ସମୟ ପରେ ସମସ୍ତେ ଟିକେ ନିର୍ଭୟ ହୋଇଗଲେ ଓ କିଛି ଲୋକ ଫଟୋ ଉଠେଇବାକୁ ଆରମ୍ଭ କଲେ, ଯଦିଓ ତାହା ବେଆଇନ ଥିଲା । କ୍ୟାମେରାର ଫ୍ଲାସ୍ ଲାଇଟ୍ ଦେଖି ସ୍ତ୍ରୀ ଟି କ୍ରୁଦ୍ଧ ହେଉଥିଲା ଓ ଅବୋଧ୍ୟ ଭାଷାରେ କିଛି କହୁଥିଲା । ଯଥେଷ୍ଟ ନିର୍ଭୟତା ପାଇଲା ପରେ ଆମେ ଜଣେ ଜଣେ କରି ଗାଡି ତଳକୁ ଓହ୍ଲେଇଲୁ ଏବଂ ସେହି ପରିବାରଟି ପାଖରେ ଯାଇ ଠିଆ ହେଲୁ ।

ଜୀବନରେ ତାହା ଥିଲା ଏକ ବିରଳତମ ଅନୁଭୂତି । କାହିଁ କେତେ ଲକ୍ଷ ବର୍ଷ ତଳର ପ୍ରାକ୍ ଐତିହାସିକ ପ୍ରସ୍ତର ଯୁଗର ମଣିଷଙ୍କ ସହ ଠିଆ ହେବା ସତରେ କଣ ତାହା ନୁହେଁ କି? ପୁରୁଷ ଓ ମହିଳା ଦୁଇ ଜଣ ଯାକ ଅଣ୍ଟାରେ ହାତ ରଖି ଆମ ସାଙ୍ଗରେ ରାଜା ରାଣୀ ପରି ଠିଆ ହୋଇଥିଲେ, ସତେକି ଇଂଲଣ୍ଡର ରାଜାରାଣୀ ତାଙ୍କ ଅଧୀନସ୍ଥ କୌଣସି ପରାଧୀନ

ISSN NO.
2582-208X

ରାଷ୍ଟ୍ରର ନାଗରିକଙ୍କ ସହ ଠିଆ ହୋଇଛନ୍ତି । ମନେ ମନେ ଭାବୁଥିଲି ଯାହା ମୁଁ ଦେଖୁଛି ତାହା ସତ ନା କଳ୍ପନା? ଅନ୍ୟ ଏକ ବିରଳ ସ୍ପର୍ଶ ପାଇଁ ହାତଟି ବଢ଼େଇ ଦେଲି, ସେମାନଙ୍କ ହାତକୁ ସ୍ପର୍ଶ କରିବି ବୋଲି । ଦେହ ସାରା ବିଜୁଳି ଖେଳିଗଲା । ସେହି ଏକ ମଣିଷର ଉଷ୍ମତା, ମଣିଷର ସ୍ପର୍ଶ ଅଥଚ ଏତେ ପ୍ରାଚୀନ ! ସେମାନେ ବି ହାତ ବଢ଼େଇ ଛୁଇଁଲେ । ସେମାନେ ମତେ ଦାନ୍ତ ଦେଖେଇ ପଚାରିଲେ – ନି ଅତିବା? ଲି ଡିମୋ ? ଯାହାର ଅର୍ଥ ହେଲା – ତୋ ନାଁ କଣ ? ତୁ କେମିତି ଅଛୁ ?

ନଇଁଆସୁଥାଏ ସନ୍ଧ୍ୟା । ଗାଡିର କର୍ମଚାରୀ ମାନେ ଆତଙ୍କିତ ହୋଇ ନିକଟସ୍ଥ ପୋଲିସ୍ ଷ୍ଟେସନ୍ କୁ ଓୟାରଲେସ୍ କରୁଥାନ୍ତି । ରାତିରେ ଗାଡି ରହିଲେ ହୁଏତ ଦଳ ଦଳ ଜରୱା ଘେରି ଯାଇ ଆକ୍ରମଣ କରିଦେବେ, ତେଣୁ ସଶସ୍ତ୍ର ପୋଲିସ୍ ବାହିନୀ ଆମକୁ ଜଗିବା ଅତ୍ୟନ୍ତ ଜରୁରୀ । ଯାହା ହେଉ, ଦୀର୍ଘ ସମୟ ପରେ ଗାଡିର ସମସ୍ୟା ଜଣା ପଡିଲା । ଜରୱା ପୁରୁଷ ଠାରୁ କାତିଟି ମାଗି ନେଇ ଖଣ୍ଡିଏ ଗୋଲିଆ କାଠ କାଟି ଆଣି ତାହା ଦ୍ୱାରା କିଛି ସଜଡା ଯାଇପାରିଲା ଏବଂ ଗାଡିଟି ଯିବାକୁ ଆରମ୍ଭ କଲା । ମୋର ମନଟି ମରି ମରି ଯାଉଥିଲା । ଭାରି ଇଚ୍ଛା ହେଉଥିଲା ସେହି ପରିବାରଟି ସାଙ୍ଗରେ ଚାଲି ଚାଲି ଯାଆନ୍ତି, ଘନ ଜଙ୍ଗଲରେ ସେମାନଙ୍କ ବସତି ଦେଖନ୍ତି, ସେମାନଙ୍କ ପତ୍ର କୁଟୀର ଭିତରକୁ ଯାଆନ୍ତି । ପିଲା ଦୁଇଟି ଏମିତି କିଚିମିଚିଆ ମୁଗୁନି ପଥରର ଚଳନ୍ତି ମୂର୍ତ୍ତି ପରି ଦେଖାଯାଉଥିଲେ ଯେ ଟେକି ପକେଇବାକୁ ଇଚ୍ଛା ହେଉଥିଲା । ମହିଳାଟିର ଖିଲିଖିଲି ହସ, ବେପରୁଆ ଚାଲି, ବିକାର ଶୂନ୍ୟ ଚାହାଣି ମୋର ସାରା ଜୀବନ ମନେ ରହିଗଲା । ଗାଡି ଆଗକୁ ଚାଲିଲାବେଳେ ମତେ ଲାଗିଲା ସ୍ୱପ୍ନଟି ଭାଙ୍ଗିଗଲା । ପୁଣି ଆଖି ବୁଜିଲେ ସେଇ ପରିବାରଟି ଆଖି ଆଗରେ ନାଚି ଉଠିଲେ । ତମାମ ରାସ୍ତା ଓ ରାତ୍ରି ସେମାନେ ହିଁ ମତେ ଏକ ରକମର Possess କରି ରଖିଥିଲେ ।

ବାଟରେ କେତେ ଜାଗାରେ ଜରୱା ମାନେ ନିଆଁ ଜାଳି, ହୋ ହାଲ୍ଲା କରୁଥିଲେ ହୁଳୁହୁଳି ପରି ବିକଟ ଚିତ୍କାରରେ ଜଙ୍ଗଲ କମ୍ପାଉଥିଲେ ଓ ନିଆଁ ଚାରିପଟେ ଉଲଗ୍ନ ନରନାରୀ ଉଦ୍ଦଣ୍ଡ

ISSN NO.
2582-208X

ନୃତ୍ୟ କରୁଥିଲେ । କେଉଁଠି ପୁଣି ଘୁଷୁରୀ ପୋଡି ଖାଉଥିଲେ, ସାପକୁ କଞ୍ଚା ଖାଉଥିଲେ । ଜହ୍ନ ପକ୍ଷ ରାତିରେ ଭୀଷଣ କଳା ଚେହେରା ସବୁ ପ୍ରେତାତ୍ମାଙ୍କ ପରି ଦିଶୁଥିଲେ । ରାତିରେ ଆମ ଗାଡିର ଆଲୁଅ ସେମାନଙ୍କୁ ଅଯଥାରେ ଉତକ୍ଷିପ୍ତ କରୁଥିଲା, ତେଣୁ ସେମାନେ କ୍ରୁଦ୍ଧ ହେବା ସ୍ୱାଭାବିକ । ମଝିରେ ମଝିରେ ବଡ ବଡ ଢେଲା ବି ଗାଡି ଉପରକୁ ଫୋପାଡୁଥିଲେ । ସାଏଁ ସାଏଁ କରି ଶର ବୃଷ୍ଟି ମଧ୍ୟ ହେଲା । ଗାଡିର ଆଲୁମିନିୟମ ପ୍ଲେଟ ଭେଦ କରି ସେସବୁରୁ କିଛି ପୋର୍ଟବ୍ଲେୟାର ପର୍ଯ୍ୟନ୍ତ ଲଟକି ରହିଥିଲା । ସନ୍ଧ୍ୟା ପରଠୁ ସାରା ରାସ୍ତା ତାଙ୍କର, କିଏ କାହିଁକି ସେଥିରେ ହସ୍ତକ୍ଷେପ କରିବ? ଏହି ହସ୍ତକ୍ଷେପ ଯୋଗୁଁ ସେମାନେ ଖୁବ୍ ହିଂସ୍ର ଥିଲେ ଓ କ୍ରୁଦ୍ଧ ଥିଲେ । ଏମାନେ ଯେ କିଛି ବର୍ଷ ପୂର୍ବେ ଏହି ଦ୍ୱୀପରେ ପହଞ୍ଚୁଥିବା ନବ ଆଗନ୍ତୁକଙ୍କୁ ଜିଅନ୍ତା ଖାଉ ଦେଉଥିଲେ – ଏଥିରେ ଅବିଶ୍ୱାସ କରିବା କିଛି ନାହିଁ ।

ତା ସତ୍ତ୍ୱେ ମୁଁ ଭାବୁଥିଲି – କିଏ ଅଧିକ ହିଂସ୍ର, ଆମେ ନା ସେମାନେ? କିଏ ଅଧିକ ନିର୍ଲଜ, ଆମେ ନା ସେମାନେ? କିଏ କାହାକୁ ହତ୍ୟା କରୁଛି, ଶୋଷଣ କରୁଛି, ଆମେ ନା ସେମାନେ? ଆଧୁନିକ ମଣିଷ ଆଗରେ ଦୁଇଟି ପ୍ରଶ୍ନ – ସେମାନଙ୍କୁ ସେମିତି ପଶୁ ଭଳି ସମସ୍ତ ଜ୍ଞାନ ଗାରିମାଠୁ ବଞ୍ଚିତ କରି ଛାଡି ଦେବା ନା ଶିକ୍ଷା ଦୀକ୍ଷା ଦେଇ ଆମ ଭଳି ଚାଲାକ୍ କରିବା? ନୃତତ୍ୱ ଗବେଷଣା ପାଇଁ ସେମାନେ ଯେମିତି ଅଛନ୍ତି ସେମିତି ରହିବା ଲୋଡା। କିନ୍ତୁ ସେମିତି ଭାବେ ତାଙ୍କୁ ନିରାଶ୍ରୟ କରି ଛାଡି ଦେବା ଏକ ଘୃଣ୍ୟ ଅମାନବିକତା ନୁହେଁ କି? ଏଭଳି ବିବଦମାନ ଆଭିମୁଖ୍ୟ ଭିତରେ ସମୟ ଆଗେଇ ଚାଲିଛି । କିନ୍ତୁ ଏକଥା ସତ୍ୟ ଯେ ଜରୱା ଅଛନ୍ତି ବୋଲି ସାରା ପୃଥିବୀରେ ଆଣ୍ଡାମାନ ଏତେ ଆକର୍ଷଣୀୟ ହୋଇଛି ।

କ୍ରମଶଃ.........

ଭାରତୀୟ ଜୀବନ ବୀମା ନିଗମ,
କୋରାପୁଟ, ଓଡିଶା

ISSN NO.
2582-208X

# ପ୍ରଜାପତିର ଶୋଷ



ସୁନନ୍ଦା ମହାନ୍ତ

ଗୋଟାଏ ମାତ୍ର ପତ୍ର ଉପରେ
କେବେ ଫୁଲର ଏକମାତ୍ର ପାଖୁଡ଼ାରେ
ଶୋଷ ମେଣ୍ଟେଇବାର ଦେଖିଲେ
ଭୋକ କମିଯାଏ
ଅଳ୍ପ ବହୁତ ମନେ ନକରିବ
ପ୍ରସାଦ ବାଣ୍ଟିଣ ଖାଇବ ମନେପଡ଼ିଯାଏ
ସତରେ ପ୍ରଜାପତି ଅଳ୍ପରେ ତୋ ମନ ଭରେ
ତୁ ଶିଖାଇଦେ ସାରା ଜଗତକୁ
ଭୋକ ଶୋଷ ଭୁଲି ତୋ ପଛକୁ
ମଣିଷ ପାଉ ବାର୍ତ୍ତା ଓ ଶିକ୍ଷା ଦେବା ନେବାକୁ
ସତରେ ପ୍ରଜାପତି ତୋ ଭେଲଭେଟ ଦେହ
ତା ସାଥିରେ ଡେଣା ଛବିର ମୋହ
ଆବାଳ ବୃଦ୍ଧ ବନିତା ହୋଇଛି ପାଗଳ
ତୁ କେବେ ବୁଦ୍ଧବାଣୀ ପରି ସତ୍ୟ
ପୁଣି କେବେ ଗଜଲ ଗାଇବାକୁ ନିତ୍ୟ
ଉଡ଼ିବୁଲୁ ଫୁଲ ଚାରିପଟେ ଗାଇ ଗାଇ ଗୀତ
ମନେଇବା କଳା ତୋ ପାଖେ ଅଛି
ଲୁଣ୍ଠନ ଦୂରେଇ ଉଡ଼ୁ ଡେଣା ମେଲାଇ

ISSN NO.
2582-208X

ବାର୍ତ୍ତା ଦେଇ କହି କହି
ସର୍ବେ ଭବନ୍ତୁ ସୁଖିନଃ କରାମମୟ
ତୋ ଚରିତ ଜେଣା ଭାବମୟ
ଧର୍ମ କର୍ମ ଊର୍ଦ୍ଧରେ ରହି ପ୍ରଜାପତି
ଆନନ୍ଦ ଦେଉ ତୁ ଆନନ୍ଦମତି
ଫୁଲ ତୋର କଣ ହୁଏ ପ୍ରେମିକା ନା ସଖି
ଜାଣେନା ଏଯାଏଁ ତତେ ଦେଖି ଦେଖି
ହୁଏତ ତୋ ଭାତଥାଳ ଫୁଲ
ପେଟଭରୁ ଦେଇ ତାକୁ ମୁଲ
ମଣିଷ ପାଇଁ କେତେ ବାର୍ତ୍ତା ଦେଇ ଦେଇ
ତୁ ଭାରି ଭଲ ପ୍ରଜାପତି
ଜାତି ଜାତି ଉଡ଼ିବୁଲୁ ଫୁଲେ ଫୁଲେ ନିତି

ସାକ୍ଷୀଗୋପାଳ
ପୁରୀ
9040977327

ISSN NO.
2582-208X

# ଜୀବନର ମୂଲ କର ଘାସ ତୁଲ



ଅମୃତନାରାୟଣ ଶତପଥୀ

ଜୀବନର ମୂଲ କର ଘାସ ତୁଲ ସଭିଏଁ ଭଉଣୀ ଭାଇ,
ନିଜ ଆଚରଣେ ସବୁଜିମା ଭରା ପ୍ରକୃତି ହେଉ ସଜେଇ।(୧)
ଆସିଲେଟି ଝଡ ଆସିଲେ ବତାସ ଯାଅ ଧୀରେ ଟିକେ ନଇଁ,
କାହା ଦତ୍ତ ଦୁଃଖ ଅବା କିଛି ଯେ ଯାତନା ଭାଙ୍ଗି ପାରିବନି କେହି।(୨)
ପାଦ ତଳେ ପଛେ ରୁହ ସଭିଙ୍କର ନରମ ଗାଲିଚା ହୋଇ ହେ ବନ୍ଧୁ,
ଅନୁପସ୍ଥିତିରେ ସଭିଙ୍କ ମନରେ ନିଜ ପାଇଁ ଭାବନା ଯେ ବସା ବାନ୍ଧୁ।(୩)
ସତରେ ଜୀବନ ଅଟଇ ସଂକୀର୍ଣ୍ଣ ପାଣି ଫୋଟକାର ତୁଲ,
କାହିଁକି ସେଥିରେ ଇର୍ଷା, ପରଶ୍ରୀକାତରତା, ହିଂସା, ଦ୍ୱେଷକୁ ତଉଲ।(୪)
ଜୀବନର ମୂଲ କର ଘାସ ତୁଲ ସୁରକ୍ଷିତ ହେବ ଧରା,
ଅହଂକାର ଅଭିମାନ ହୋଇବ ବିନଷ୍ଟ ଧରାକୁ ମଣନା ସରା।(୫)

ନୟାପଲ୍ଲୀ, ଜୟଦେବ ବିହାର,
ଭୁବନେଶ୍ୱର

ISSN NO.
2582-208X

# ଲାଞ୍ଚୁଆ କୁବେର



ବିକାଶ କୁମାର ହୋତା

ମାଳ ମାଳ କୋଠା, ପୁଳା ପୁଳା ଟଙ୍କା,
ଦେଖି ଭିଜିଲାନ୍ସ ହାଲିଆ ।
ଲାଞ୍ଚୁଆ କୁବେର ଶୁଖିଲାରେ ବସି,
ମାରୁଛନ୍ତି ଖାଲି ବାଳିଆ ।
ଭାବନ୍ତି ଆମକୁ ହଳିଆ,
ତଣ୍ଟି ଚିପି ଆମ ଚଢୁଛନ୍ତି ପରା ।
ଦାମୀ ଗାଡ଼ି ଭଳି ଭଳିଆ ।।(୧)
କୋଟି କୋଟି ଟଙ୍କା ଗଣି ହେଉନାହିଁ,
ଦାମୀ ଦାମୀ ଖାଲି ପ୍ଲଅଟ ।
ଦୁନିଆ ଆଗରେ ଦେଖେଇ ହୁଅନ୍ତି,
କେତେ ଯେ ସେମାନେ ସ୍ମାଆଟ ।
ଧକ ଧକ ଆମ ହାଆଟ,
ଚାକିରି ସାଙ୍ଗରେ ଉପୁରି ଭେଳିକି ।
ପକେଟ କରନ୍ତି ହଅଟ ।।(୨)
ଡୁଙ୍ଗି ଆଇ ଦେଖି ଭାବୁଥାଏ ବସି,
ଏତେ ଟଙ୍କା କାହୁଁ ଆଇଲା ।
ସଚ୍ଚୋଟତା ଏଠି ଚୂଲିକି ତ ଗଲା,
ଦୁର୍ନୀତି ଟା ସବୁ ସାଇଲା ।
ଖୋଳ କରି ସବୁ ଖାଇଲା,

ISSN NO.
2582-208X

ଯୋଓର ଜବର ରକତ ଶୋଷିକି
କରିଲେ ଆମକୁ ଘାଇଲା ।।(୩)
ଓଡ଼ିଶା ଗରିବ ରାଇଜ ବୋଲି ତ,
ଡ଼ିଣ୍ଡିମ ଟା ପିଟା ଚାଲିଚି ।
ତଥାପି ଏ ଅଲାଜୁକିଆଙ୍କ ପାଖେ,
ଏତେ ସବୁ କାହୁଁ ଆଉଚି ।
ହିସାବ ବା କିଏ ରଖୁଚି,
ମହା ଆନନ୍ଦରେ ଅଲାଜୁକିଆଙ୍କ ।
ପକେଟ ଗରମ ହୋଉଚି ।।(୪)
ଉତୁରିଲେ କ୍ଷୀର ଚୁଲିକି ତ ଯାଏ,
ସଭିଏଁ ଏକଥା ଜାଣନ୍ତି ।
ସବୁ ଜାଣିକରି ଲାଞ୍ଚୁଆ କୁବେର,
ଜାଣିକି ଅଜଣା ହୁଅନ୍ତି ।
ଭଲକରି କିଳା ନିଅନ୍ତି,
ଶେଷରେ ପାପକୁ ଧୋଇବାକୁ ତାଙ୍କ ।
ମାମୁଁ ଘରେ ଯାଇ ଢୁକନ୍ତି ।।(୫)
ଚାଲୁଣି ପଛରେ ଶହ ଶହ କଣା,
ହେଲେ ସେ ଛୁଞ୍ଚି କୁ କହୁଛି ।
ଭାକୁରଟା ଏଠି ପାଓ୍ବାର ବଳରେ,
କେରାଣ୍ଡି ପଛରେ ପଡିଛି ।
କହିଲେ କହିବ କହୁଛି,
ଭାକୁରଟା ନିଜେ ଧୀବର ସାଜିକି ।
କେରାଣ୍ଡି କୁ ଜାଲେ ଛନ୍ଦୁଛି ।।(୬)

ଦକ୍ଷିଣକାଳୀ ରୋଡ଼ ବିଦ୍ୟାନଗର ଢେଙ୍କାନାଳ
୭୦୦୮୯୨୮୭୯୮,୮୭୫୮୨୯୨୦୫୧

ISSN NO.
2582-208X

# ମାଆ



ହରେରାମ ପଣ୍ଡା

ଚାଲୁ ଚାଲୁ ବାଟେ ଝୁଣ୍ଟି ପଡ଼ିଗଲେ
ମୁଖେ ଆସେ ଯାର ନାଆଁ,
ସରଗଠୁଁ ବଡ଼ ଜନମ ଦାୟିନୀ
ସେହି ତ ଆମରି ମାଆ ।
କୋଳରେ ଯାହାର ସରଗର ସୁଖ
ପଣତେ ବୋଳା ଆଶିଷ,
ହୃଦରେ ସାଇତା ମମତାର ମଧୁ
କୋମଳ ତା'ର ପରଶ ।
ମୁହଁ ଦେଖି ସିଏ ମନ ଜାଣିପାରେ
ପୋଛିଦିଏ ଆଖି ଲୁହ,
ଭୋକ ଜାଣି ଆମ ପେଟ ଭରି ଥାଏ
କେତେ ନିଆରା ତା ସ୍ନେହ ।
କି ସୁନ୍ଦର ଆହା ତା ହାତ ରାନ୍ଧଣା
ଶାଗଭଜା, ବଡ଼ିଚୂରା,
ମୁଗ ଡାଲି ଆଉ ଫୁଟା ତରକାରୀ
ଚୂନାମାଛ ଚୁଡୁଚୁଡା ।
ପରବ ଦିନରେ ଗଢି ବସେ ସିଏ
ଆରିସା, ମଣ୍ଡା, କାକରା,

ISSN NO.
2582-208X

ଲୁଚେଇ ପଇସା ଗୁଞ୍ଜି ଦିଏ ହାତେ
ଆସିଲେ ଯାନି ଯାତରା ।
କେବେ କିଛି ଟିକେ ବିଗିଡିଲେ ଦେହ
ଆଖିକୁ ନିଦ ନ ଆସେ,
ଠାକୁରଙ୍କ ପାଖେ ଦୀପଟେ ଜଳାଇ
ମୁଣ୍ଡ ପାଖେ ଜଗିବସେ ।
ବାବାଙ୍କ କଥାରେ ରୁଷିକି ବସିଲେ
ପିଠିକୁ ଆଉଁସି ଦିଏ,
ଦୁନିଆଁ ଭିତରେ ଏତେ ଆପଣାର
ମାଆ ପରି ହବ କିଏ ?
ହୃଦୟ ତାହାର ଆଶିଷ ପସରା
କେବଳ ଆମରି ପାଇଁ,
ଦେଖି ତା'ର ମୁଖ ଲଭୁଥାଉଁ ସୁଖ
ଜନମ ଜନମ ପାଇଁ ।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
କୁଆଁସ, ଯାଜପୁର,
ସମ୍ପର୍କ - 9438065195

ISSN NO.
2582-208X

# ସାଂପ୍ରତିକ ଦୁଃଖାତ୍ମକ ଜୀବନାଭୂତିର ବାସ୍ତବ ପରିପ୍ରକାଶ: "ସୁନ୍ଦରତମ ଦୁଃଖ"



ବିଶ୍ୱରଂଜନ ମହାନ୍ତ

ସଂସ୍କୃତରେ ଏକ ଶ୍ଳୋକ ଅଛି:-"ଚକ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନି ଚ ସୁଖାନି ଚ" ଏବଂ ଓଡ଼ିଆ କଥାରେ ଅଛି:-"ସୁଖ ପରେ ଦୁଃଖ,ଦୁଃଖ ପରେ ସୁଖ" ଅର୍ଥାତ୍ ଜୀବନରେ ସୁଖ-ଦୁଃଖ ପ୍ରତି ମୁହୂର୍ତ୍ତରେ କ୍ରମାନ୍ୱୟରେ ଲାଗି ରହିଥାଏ ଏବଂ ପରିବର୍ତ୍ତିତ ହେଉଥାଏ । ମନୁଷ୍ୟ ନିଜ କର୍ମରୁ ହିଁ ଦୁଃଖ-ସୁଖ ଉପଭୋଗ କରିଥାଏ । ଏହାର କେହି ଦାତା ନଥାନ୍ତି । ତେଣୁ ଆମକୁ ଅନ୍ୟ କେହି ସୁଖ ବା ଦୁଃଖ ଦେଲା ଭାବିବା ଅନୁଚିତ । ସୁଖରେ ଉପଭୋଗ କରୁଥିବା ସମୟ ଶୀଘ୍ର ବିତିଯାଉଥିବା ବେଳେ ଦୁଃଖର ସମୟ ବିଳମ୍ବରେ କାଳାତିପାତ ହୋଇଥାଏ । ଏହି ସମୟରେ ମଣିଷ ଚିନ୍ତା ଓ ଭାବନାଗ୍ରସ୍ତ ହୋଇ ବହୁ କଷ୍ଟ ଅନୁଭବ କରିଥାଏ । ଦୁଃଖାନୁଭୂତିର ନିୟନ୍ତ୍ରଣ କିମ୍ବା ପ୍ରଶମିତ ହେବାର କୌଣସି ନିର୍ଦ୍ଦିଷ୍ଟ ମାର୍ଗ ନଥାଏ । ବହୁ ସମୟରେ ଭୟାତୁର ନହୋଇ ମଣିଷ ଦୁଃଖ ଓ ସୁଖ ଆଦି ପ୍ରତ୍ୟେକ ପରିସ୍ଥିତିକୁ ସାହସର ସହ ସାମ୍ନା କରିଥାଏ ଓ ତା ସମ୍ପର୍କରେ ଅନ୍ୱେଷଣ କରିଥାଏ । ସେହି ଅନ୍ୱେଷଣରେ ଜାଣିପାରେ ଯେ, ଦୁନିଆରେ ସେ ଅନୁଭବ କରୁଥିବା ଦୁଃଖଠାରୁ ଅଧିକ ଦୁଃଖରେ ଥିବା ମଣିଷ ବି ଅଛନ୍ତି । ସେହି ତୁଳନାରେ ତାର ଦୁଃଖ ତାକୁ ନଗଣ୍ୟ ମନେହୁଏ ।ସୁଖାନୁଭୂତି ତୁଳନାରେ ଦୁଃଖାନୁଭୂତିର ପରିମାଣ ଅଧିକ ମନେ ହୋଇଥିଲେ ମଧ୍ୟ ଅନୁଭବୀ ମଣିଷ ସେଥିପ୍ରତି ଦୃଷ୍ଟି ନଦେଇ ଦୁଃଖକୁ ହସିହସି ଗ୍ରହଣ କରିବା ଆବଶ୍ୟକ। କାରଣ ସେହି ଦୁଃଖ ଭିତରେ ସେ ସୁଖର ସନ୍ଧାନ ପାଇଥାଏ ।

ISSN NO.
2582-208X

ଏକବିଂଶ ଶତାବ୍ଦୀରେ ମଣିଷ କଳ୍ପଲୋକରୁ ଦୃଷ୍ଟି ଫେରାଇ ଆଣି କଠୋର ବାସ୍ତବତାକୁ ସାମ୍ନା କରିଛି । ଜୀବନ ଓ ଜଗତର ବାସ୍ତବ ଚିତ୍ରକୁ ସାହିତ୍ୟରେ ରୂପ ପ୍ରଦାନ କରିଛି । ଦୈନନ୍ଦିନ ଜୀବନରେ ଘଟୁଥିବା ସୁଖ-ଦୁଃଖ, ହସ-ଲୁହ, ସତ-ମିଛ ଘଟଣା ଦୁର୍ଘଟଣାକୁ ପ୍ରତ୍ୟକ୍ଷ ଭାବରେ ପରିପ୍ରକାଶ କରିବାର ଉଦ୍ୟମ କରିଛି । ଜୀବନ ଓ ଜଗତର ବାସ୍ତବ ସ୍ଥିତି ଓ ଚରମ ସତ୍ୟର ଅନୁପମ ଉପଲବ୍ଧି ହେଉଛି, ସାଂପ୍ରତିକ ସମୟର ଅନ୍ୟତମ କବି ଶରତ କୁମାର ଜେନାଙ୍କ 'ସୁନ୍ଦରତମ ଦୁଃଖ' କବିତା ସଂକଳନ ।

ଶରତ କୁମାର ଜେନା ସମକାଳୀନ ସାହିତ୍ୟ ଓ ସମାଲୋଚନା ଜଗତର ଜଣେ ସ୍ୱର୍ଦ୍ଧିତ ସ୍ୱର । ବୃତ୍ତିରେ ଜଣେ ଅଧ୍ୟାପକ ହେଲେ ମଧ୍ୟ ଏକାଧାରାରେ ସେ ଜଣେ କବି, ଗାଳ୍ପିକ, ସମାଲୋଚକ, ସଂପାଦକ ଏବଂ ସଂଗଠକ । ଏଯାବତ୍ ତାଙ୍କର ଆଲୋଚନାର ଆଦିଭୂମି, କବିତାର କାରନାମା, କବିତାର କାନଭାସ୍, ଓଡ଼ିଆ ଉପନ୍ୟାସରେ ନାରୀନାୟକ, ନାରୀ ଓ ନାରୀବାଦ ପ୍ରସଙ୍ଗ ଓ ବିମୁଧ ଗଳ୍ପ ବିମର୍ଶ ଛଅଟି ସମାଲୋଚନା ପୁସ୍ତକ, ବଦଳୁଥିବା ସମ୍ପର୍କର ମାନଚିତ୍ର ଗଳ୍ପ ସଙ୍କଳନ ଓ 'ଯୋଡାବେଣୀ' (୨୦୧୦), ଋତୁ ଶରତ(୨୦୨୦), ଓ 'ସୁନ୍ଦରତମ ଦୁଃଖ'(୨୦୨୪) ଆଦି ତିନୋଟି କବିତା ସଂକଳନ ପ୍ରକାଶିତ । 'ଯୋଡାବେଣୀ' ଓ 'ଋତୁ ଶରତ' କବିତା ସଂକଳନରେ ଥିବା ପ୍ରେମଚେତନା ଓ ରୋମାଣ୍ଟିକ ଅବବୋଧ 'ସୁନ୍ଦରତମ ଦୁଃଖ' କବିତା ସଂକଳନରେ ଉତ୍ତରଣ ସୋପାନରେ ପହଞ୍ଚିଛି। ବ୍ୟକ୍ତିଗତ ପ୍ରେମ ଓ ପ୍ରଣୟର ସ୍ୱର କ୍ରମଶଃ ଗୋଷ୍ଠୀଜୀବନର ଦୁଃଖ ଓ ଅବସାଦକୁ ଚିତ୍ରିତ କରିଛି । ଆଲୋଚ୍ୟ 'ସୁନ୍ଦରତମ ଦୁଃଖ' କବିତା ସଂକଳନରେ ୩୨ ଗୋଟି କବିତା ସ୍ଥାନିତ, ଯାହା ୨୦୧୦ରୁ ୨୦୨୦ ଦୀର୍ଘ ଦଶବର୍ଷ ମଧ୍ୟରେ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ।

ସୁଖ ଓ ଦୁଃଖ ହେଉଛନ୍ତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଓ ଗୋଟିଏ ପୁଷ୍ପର ଦୁଇଟି ବୃନ୍ତ ସଦୃଶ୍ୟ । ଗୋଟିଏ ବିନା ଯେମିତି ଅନ୍ୟଟିର ସ୍ଥିତି ମୂଲ୍ୟହୀନ, ଠିକ୍ ସେମିତି ଜୀବନରେ ଦୁଃଖ ଅଛି ବୋଲି ସୁଖକୁ ଅନୁଭବ କରିହୁଏ । ମଣିଷ ଜୀବନରେ କ୍ଷଣସ୍ଥାୟୀ ସୁଖ ଓ ଦୀର୍ଘସ୍ଥାୟୀ ଦୁଃଖ ଆସିଥାଏ । କବି ବ୍ୟକ୍ତିଗତ ଦୁଃଖଠାରୁ ଆରମ୍ଭ କରି ଗୋଷ୍ଠୀଗତ, ସାମୂହିକ ଦୁଃଖରେ ମ୍ରିୟମାଣ ହୋଇ ନିଜକୁ ପରିସ୍ଥିତି ସହ ଖାପଖୁଆଇ ନିଜେ ନ ଭାଂଗିପଡି ଦୃଢତାର ସହ ଜୀବନକୁ କଳାତ୍ମକ ଦିଗରେ ଅଗ୍ରସର କରାଇଛନ୍ତି । ଅବବୋଧ

ISSN NO.
2582-208X

ମଧ୍ୟରେ ଭାବାବେଗ ରୂପାନ୍ତରିତ କରାଇ  କବିତା ମାଧ୍ୟମରେ ସ୍ୱରୋତ୍ତଳନ କରିବାକୁ ପ୍ରୟାସ କରିଛନ୍ତି । ଅଭାବବୋଧ, ଅପ୍ରାପ୍ତି,ବିରହ, ବିଷାଦ ଓ ବିଚ୍ଛେଦ ଜନିତ କଷ୍ଟଦୁଃଖ ଏହି କବିତା ସଂକଳନର ଅନ୍ତଃସର । ତାଙ୍କ ମତରେ- 'ଦୁଃଖକୁ ଦୁଃଖ ବୋଲି ଭାବିଲେ ତାହା କଷ୍ଟ ଭରିଦିଏ, ବରଂ ତା ସସହିତ ଏକାତ୍ମ ହୋଇଗଲେ ଦୁଃଖ ଆଉ ବୋଝ ହୁଏ ନାହିଁ । ବ୍ୟକ୍ତିଗତ ଦୁଃଖଠୁ ଆରମ୍ଭ କରି ପରାପରାଦି ଗୋଷ୍ଠୀଗତ ଜୀବନର ଦୁଃଖ ମଣିଷକୁ ସର୍ବଦା ଆଛନ୍ନ କରେ । ସେସବୁର ପ୍ରତ୍ୟକ୍ଷ ଅନୁଭବ ଓ ଉପଲବ୍ଧିରେ ଦୁଃଖମାନେ ସୁଖ ଭଳି ମନେ ହୁଅନ୍ତି ଓ ଜୀବନକୁ ଅଧିକ ନିୟନ୍ତ୍ରିତ ଓ ଉଜ୍ଜ୍ୱଳିତ କରନ୍ତି'(ସୁନ୍ଦରତମ ଦୁଃଖର ଆତ୍ମନେପଦୀ) ।

କାଳକାଳ ଧରି ମଣିଷ ସାମାଜିକ ରୀତିନୀତି, ସଂସ୍କୃତି, ପରଂପରା ସହ ସମାଜରେ ଘଟୁଥିବା ଘଟଣାବଳୀ ସହ ଜଡିତ । ସମୟ ସହ ସମାଜ ପରିବର୍ତ୍ତିତ ହୋଇଥିଲେ ମଧ୍ୟ ନିମ୍ନ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକମାନଙ୍କର ସାମାଜିକ ଓ  ଅର୍ଥନୈତିକ ସ୍ଥିତିରେ ବିଶେଷ କିଛି ପରିବର୍ତ୍ତନ ହୋଇପାରିନାହିଁ । ଦଂଗା, ବିସ୍ଥାପନ-ଦାଦନ, ପ୍ରାକୃତିକ ବିପର୍ଯ୍ୟୟ, ଦୈବୀ ଦୁର୍ବିପାକ ଆଦି ସମସ୍ୟା ଯୋଗୁଁ ମଣିଷ ଏବେ ବି  ଅଭାବ, ଅନାହାର ଭିତର ଦେଇ ବହୁ ଦୁଃଖରେ ଜୀବନ ବିତାଏ ।   ସନ୍ତ୍ରାସବାଦ, କଳାବଜାରୀ, ମାଓବାଦୀ, ଧାର୍ମିକ ବିବିଧତା, ଯୁଦ୍ଧାଦି  କୋଳାହଳମୟ ପରିବେଶ ମଧ୍ୟରେ ସାଂପ୍ରତିକ ମଣିଷ ସର୍ବଦା ଆତଙ୍କରେ କାଳ କାଟୁଛି । ଫାଟକ ପାଖରେ ଠିଆ ହେଇଥିବା ଭିକାରି, ନିମ୍ନ ମଧ୍ୟବିତ୍ତ ପରିବାରର ହିସାବ କିତାବ, କିଛି ଟଙ୍କା ପାଇଁ ଅନାହାରରେ ଥିବା ମା'ଟିଏ ନିଜ ଶିଶୁକୁ ବିକ୍ରୟ କରୁଥିବାର ଆଦି ଘଟଣାବଳୀରୁ ନିଜ ବାଲ୍ୟକାଳରୁ ଅନୁଭବ କରି ଆସୁଥିବା ଗରିବୀ, ଅଭାବ, ଅନାଟନ, ସଂଘର୍ଷମୟ ଅନୁଭବକୁ କବି "ଧାଡ଼ିଏ ଲେଖା" କବିତାରେ ଚିତ୍ରିତ କରିଛନ୍ତି । ସତେ ଯେମିତି ସେ କବିତା ଲେଖିବା ନିମନ୍ତେ ଅକ୍ଷମ ଅଟନ୍ତି । କବିଙ୍କ ଭାଷାରେ -

"ସେମାନଙ୍କ କରୁଣ ଓ ଅଭାବିତ ସ୍ୱର
ମୋତେ ମୋ ପିଲାଦିନ ଗରିବୀକୁ
କୃଶବିଦ୍ଧ କରେ ।" (ଧାଡ଼ିଏ ଲେଖା)

ISSN NO.
2582-208X

ଜୀବନ ଓ ଜଗତର ଯାବତୀୟ ଦ୍ୱନ୍ଦ୍ୱ ଓ ସଂଘର୍ଷ ମଧ୍ୟରେ କବିଟିଏ ଯେମିତି ନିଜକୁ ନିରୁପାୟ ମନେକରେ, ଏହି ପ୍ରଥମ କବିତାରୁ ତାହା ଲକ୍ଷ୍ୟ କରାଯାଇପାରେ ।

ବର୍ତ୍ତମାନ ଏକବିଂଶ ଶତାବ୍ଦୀର ସମାଜର ଭାରତରେ ଯେତେ ଆର୍ଥିକ ପ୍ରଗତି ଘଟିଥିଲେ ମଧ୍ୟ ଗରିବି ହଟି ନାହିଁ । ସମାଜରେ ଦାଦନ ସମସ୍ୟା ଲାଗି ରହିଛି । ଓଡ଼ିଶାର ଯୁବକମାନେ ଦାଦନ ଖଟିବାକୁ ସୁରାଟ ଯାଉଛନ୍ତି । ସେହି ଦାଦନ ଜୀବନର ବାସ୍ତବ ଚିତ୍ର ଦେଖିବାକୁ ମିଳେ "ଗରିବର ଗାଥା"କବିତାରେ । ବାପ ଛେଉଣ୍ଡ ଗରିବ ପିଲାଟି ମହଂଗା ଦୁନିଆରେ ନିଜର ଗରିବୀ ଯୋଗୁଁ ପରିବାରର ଭରଣ ପୋଷଣ କରିନପାରି ଅତି କଷ୍ଟରେ ଜୀବନ ବିତାଉଛି । ସରକାର, ପୋଲିସ, ଡାକ୍ତର, ରାଜନେତା, ଟାଉଟର ଆଦି ଶୋଷକ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ଶୋଷିତ ହୋଇ ପାଠପଢା ଛାଡି ଦାଦନ କାମ କରିବାକୁ ଯାଇ ମାଲିକଠାରୁ ମାଡ଼ ଖାଇ ଘରକୁ ଫେରିଛି । ଦୁଇ ଅଭିଆଡୀ ଭଉଣୀ, ବୁଢ଼ୀ ମା ପରଘରେ କାମ କରୁଥିବାର ଦୁଃଖ ଦେଖି ବାଧ୍ୟବାଧକତାରେ ସୂତାକଳରେ କାମ କରିବାକୁ ସୁରାଟ ଯାଉଥିବା ବେଳେ ପୋଲିସ୍ ର ଠେଲାମାଡରେ ଗୋଡ ହରାଇଛି । ପରିଶେଷରେ ନିଜ ଅଭାବବୋଧକୁ ଭାଗ୍ୟ ବୋଲି ଆପଣେଇ ନେଇଛି । କବିଙ୍କ ଭାଷାରେ –

"ସୁରାଟ ମୋ ପାଇଁ ଦୁର୍ଭାଗ୍ୟ,
ସୁରାଟ ହିଁ ଦୁଃଖ
ସୁରାଟ ହିଁ ଅବସୋସ
ମୋ ଗରିବିପଣିଆର ଭାଗ୍ୟ ଭାଗଶେଷ ।"
(ଗରିବର ଗାଥା)

ସେହିପରି "ଦୁରୁଗା" କବିତାରେ ସତୁରୀ ବର୍ଷୀୟ ବୃଦ୍ଧା ଦୁରୁଗାର କରୁଣ ଓ ବାସ୍ତବ କାହାଣୀ ରୂପାୟିତ । ଦୁରୁଗାର ସଂସାର କହିଲେ ତା ସ୍ୱାମୀ, ଚାରି ଝିଅ, ଗୋଟେ ପୁଅ ଓ ବୋହୂ । ଦୁରୁଗାର ସ୍ୱାମୀ ଯାହା କାମ କରି ଆଣେ ଗଂଜେଇ ନିଶାପାଣି ଖାଇ ଦୁରୁଗାକୁ ମାଡ ମାରି ଶୋଇପଡ଼େ । ଅଭାବ ମଧ୍ୟରେ ନିଜ ଝିଅମାନଙ୍କୁ ବିବାହ କରିଥିଲେ ମଧ୍ୟ ନାନା ନିର୍ଯ୍ୟାତନାର ଶିକାର ହୁଏ । ନିଜର ଗୋଟିଏ ମାତ୍ର ପୁଅ ପଚାରେ ନାହିଁ ଓ ବୋହୂ ଅଲଗା ହେଇ ରହେ । ସରକାରର ଏତେ ଯୋଜନା ଥିଲେ ମଧ୍ୟ ଅସହାୟା ଦୁରୁଗା

ISSN NO.
2582-208X

ସବୁଥିରୁ ବଞ୍ଚିତ ହୁଏ । ଉଧାର କଳନ୍ତର ଋଣ ପରିଶୋଧ କରିନପାରି ଦୁରୁଗା ଶେଷରେ ମୃତ୍ୟୁବରଣ କରିଛି । "ସକାଳୁ ଗାଁରେ ବୁରି/ ଅଭାବ ସହି ନ ପାରି ବୁଢ଼ୀ ମରିଗଲା" । (ଦୁରୁଗା) ଏହି କବିତାରେ ସରକାର ଓ ଈଶ୍ୱରଙ୍କ ଠାରୁ ବଞ୍ଚିତ ହୋଇଥିବା ଜଣେ ସାଧାରଣ ନାରୀର ପାରିବାରିକ ଓ ଆର୍ଥିକ ସ୍ଥିତିର କରୁଣ ଚିତ୍ର ଦେଖିବାକୁ ମିଳେ । 'ତା ପାଇଁ ସମାନ, ସର୍କାର ଓ ଈଶ୍ୱର" ଏହି ପଙ୍କ୍ତି ଭିତରୁ କବି ଉଭୟ ସରକାରୀ ବ୍ୟବସ୍ଥା ଓ ଈଶ୍ୱରଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

ସେହିପରି ଅନ୍ୟଜଣେ ବୃଦ୍ଧାର ଦୁଃଖଦ ସ୍ଥିତି ରୂପାୟିତ ହୋଇଛି "ମୋଚିଆଇ"କବିତାରେ । ମୋଚିଆଇର ପରିବାର କହିଲେ ଦୁଇଝିଅ ଓ ଗୋଟିଏ ପୁଅ । ବଡଝିଅକୁ ରାଜଧାନୀରେ ରିକ୍ସା ଚଳାଉଥିବା ପିଲାକୁ ବିବାହ ଦେଇଛି । କେଉଁ କାଳରୁ ଝିଅ ଗାଁ କୁ ଆସିନି । ନାତି ନାତୁଣୀ ହେଉନି ବୋଲି ଗାଁ ଠାକୁରାଣୀ ପାଖରେ ଉପାସ କରିଛି । ଅଭାବ ଯୋଗୁଁ ନିଜ ଝିଅକୁ ଥରେ ଭୁବନେଶ୍ୱର ଯାଇ ଦେଖିପାରୁନାହିଁ । ଅଭିଆଡୀ ସାନଝିଅ ଚାଳିଶି ବୟସ ହୋଇଥିଲେ ମଧ୍ୟ ବିବାହ କରିନପାରି ଗାଁ ସାହୁକାରଙ୍କ ଘରେ କାମ କରୁଛି । ପୁଅ ବାହାଘର ହୋଇ ସୁରଟ ଯାଇଛି ଯେ ଖୋଜଖବର ନାହିଁ। ଦୀର୍ଘ କୋଡ଼ିଏ ବର୍ଷ ହେବ ମୋଚିଆଇର ସ୍ୱାମୀ ମରିଯାଇଥିଲେ ମଧ୍ୟ ବିଧବାଭତ୍ତା ପାଇଁ ସରପଞ୍ଚଙ୍କୁ ଲାଂଚ ଦେଇଛି, ତଥାପି ତାପାଇଁ ଏହି ଭତ୍ତା ଦିବାସ୍ୱପ୍ନ । ସାରାଜୀବନ ଏମିତି ହସିହସି ଦୁଃଖକୁ ଆପଣେଇ ନେଇଛି । କବିଙ୍କ ଭାଷାରେ -

"ସତରେ; କେଡେ ଦୁଃଖିନୀ ମୋଚିଆଇ
ଦୁଃଖରେ ଦୁଃଖେ ସରିଗଲା ଜୀବନ,
ଆଉ କେତେ ଦିନ!' (ମୋଚିଆଇ )

କବିତାଟିରେ ଓଡିଶାର ଗାଁ ଗହଳିରେ ରହୁଥିବା ଜଣେ ସାଧାରଣ ବୁଢ଼ୀର କର୍ତ୍ତବ୍ୟ, ମମତ୍ୱବୋଧ, ନିଃସଙ୍ଗତା ଓ ଅଭାବିତ ଅବସ୍ଥାକୁ ଲକ୍ଷ୍ୟ କରାଯାଏ ।

ଅନ୍ୟତମ କବିତା "ଧନୁ ଅଧିକାରୀ"କବିତାରେ ଧନୁ ବିଷୋୟୀ ବିନା ପାରିଶ୍ରମିକରେ ବାୟା ଭଳି ଲୁଗାଖଣ୍ଡେ କଛା ପିନ୍ଧି ଗାଁଯାକର ଦୁଃଖ ସୁଖ, ପର ଆପଣା,ଉଚ୍ଚନୀଚ ଭେଦଭାବ ନ

ISSN NO.
2582-208X

ବିଚାର କରି ବାହାଘର, ଯାନିଯାତ, ମଲାଘର, ନାଟକରେ ଦିନରାତି ଏକକରି କାମକରେ । ଶେଷରେ ଧନୁଷ୍ଟଙ୍କାର ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଧନୁ ଅଧିକାରୀର ଶବ ତିନିଦିନ ଧରି ପୋଖରୀ ଜଳରେ ଭାସୁଥିଲା । ଯେଉଁ ଲୋକ ଗାଁ ଯାକର ଶବସଂସ୍କାର କରେ ତା ନିଜ ଶବ ବାସିମଡା ହୋଇଯାଏ । ବର୍ତ୍ତମାନ ସମାଜରେ କିଭଳି ମଣିଷପଣିଆ ଲୋପ ପାଇଯାଉଛି ଏହି କବିତାରେ ତାହା ପ୍ରତିଫଳିତ । ଯେଉଁ ଧନୁ ବିନା ସ୍ୱାର୍ଥରେ ଗ୍ରାମର ସମସ୍ତଙ୍କ ସାହାଯ୍ୟ, ସହଯୋଗ ଓ ସେବା କରି ଆସୁଥିଲା, ତାର ମୃତ୍ୟୁରେ କେହି ତା ପାଖେ ଠିଆ ହେଲେ ନାହିଁ । ଏହା ବର୍ତ୍ତମାନର ମଣିଷ ସମାଜ ପାଇଁ ଘୋର ପ୍ରଶ୍ନବାଚୀ ।

"ଅସ୍ତସଂଜୁର ଏଲିଜି" କବିତାଟି ସାମ୍ପ୍ରତିକ ଯୌତୁକ ସମସ୍ୟାର ଏକ ଏକ କରୁଣ ଓ ମର୍ମସ୍ପର୍ଶୀ କାହାଣୀ । ସତରବର୍ଷୀୟା ସଂଜୁ ସୁଖରେ ରହିବ ଭାବି ତା ବାପା ମାଆ କରଜ କରି ତାକୁ ମିଲିଟାରୀ ଚାକିରି ପୁଅକୁ ବିଭା କରାଇଛନ୍ତି । ନିଜ ଯୌବନ ରେ ପାଦଦେବା ପୂର୍ବରୁ ବାପା ଭାଇକୁ ପର କରି ସ୍ୱର୍ଗପୁର ଭାବୁଥିବା ଶ୍ୱଶୁର ଘରୁ ଯୌତୁକଲୋଭୀ ଶ୍ୱଶୁର, ଶାଶୁ, ନଣନ୍ଦଙ୍କଠାରୁ ଗଂଜଣା, ମାଡ଼ ଅତ୍ୟାଚାରର ଶିକାର ହୋଇ ଶେଷରେ ସଞ୍ଜୁ ପେଟ୍ରୋଲ ନିଆଁରେ ଜଳି ମରିଛି । ବିଚରା ସଂଜୁ ଗରିବ ଘରେ ଜନ୍ମ ହେବା ଓ ଗରିବ ବାପାର ଅଭାବବୋଧକୁ ଭାଗ୍ୟ ଓ ଈଶ୍ୱରଙ୍କ ଆଶୀର୍ବାଦ ବୋଲି ଗ୍ରହଣ କରିନେଇ ସ୍ୱାମୀ କି ବାପା-ଭାଇ ଆଗରେ ମୁହଁଖୋଲି କହିପାରିନାହିଁ । ସ୍ୱପ୍ନ ଦେଖିବା ପୂର୍ବରୁ ସୁଖର ସନ୍ଧାନରେ ଦୁଃଖପାଇ ତା ସ୍ୱପ୍ନ ଓ ତା ବାପାଙ୍କ ସ୍ୱପ୍ନ ଅନ୍ଧାରରେ ମିଳେଇ ଯାଇଛି । କବିଙ୍କ ଭାଷାରେ-

'ସଞ୍ଜୁ ଏବେ ସବୁ ଖବର କାଗଜରେ,
ବଡ ଅକ୍ଷରରେ
ହେଲେ ତା ବାପାଙ୍କ ସ୍ୱପ୍ନ, ପରିବାରର ସ୍ୱପ୍ନ
ସଞ୍ଜୁର ସ୍ୱପ୍ନ ସବୁ ମିଳିଯାଇଛି
ଅନ୍ଧାରରେ, ଅନ୍ତରୀକ୍ଷରେ ।'
(ଅସ୍ତ ସଞ୍ଜୁର ଏଲିଜି)

ଯୌତୁକ ପାଇଁ ଏମିତି ଶହ ଶହ ସଞ୍ଜୁର ଜୀବନ ଚାଲିଯାଏ । ଏଭଳି ଦୁଃଖଦ ଓ ମର୍ମନ୍ତୁଦ ଚିତ୍ର କବିତାର ଅନ୍ତଃ ସ୍ୱରକୁ ଅଧିକ ଭାବୋଦ୍ଦୀପକ କରିଛି ।

ISSN NO.
2582-208X

ଓଡ଼ିଆ ଲୋକକଥାରେ ଅଛି:-"ଘର ପୋଡ଼ିଗଲେ ସମସ୍ତେ ଜାଣନ୍ତି, ମନ ପୋଡ଼ିଗଲେ କେହି ନ ଜାଣନ୍ତି" ଅର୍ଥାତ୍ ବାହାରକୁ ଯାହା ଦେଖାଯାଇଥାଏ ତାହା ସତ୍ୟ ହୋଇନଥାଏ । "ସୁନ୍ଦରୀ ଝିଅର ଦୁଃଖ" କବିତାରେ କବି ବାହ୍ୟକୁ ପରିହାର କରି ଅନ୍ତଃଦୁଃଖକୁ ଅନୁଭବ କରି ଅତି ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ଝିଅଟି ବାହାରକୁ ସୁନ୍ଦର ଦେଖାଯାଉଥିବାରୁ ତାହାର କିଛି ଦୁଃଖ ନଥିବ ବୋଲି ଲୋକମାନେ ଭାବୁଛନ୍ତି କିନ୍ତୁ ମାନସିକ ସ୍ତରରେ ଯନ୍ତ୍ରଣା ଭୋଗ କରି ନୀରବରେ ଭାଗ୍ୟକୁ ନିନ୍ଦା କରୁଛି । ଯାହା ସେ ମନରେ ଭାବୁଛି ବା ଇଛା କରୁଛି ତାହା ପୂରଣ ହୋଇପାରୁନାହିଁ । ସେଥିପାଇଁ ସେ ଦୁଃଖ ପାଇଛି ।

"ହେଲେ ସୁନ୍ଦରୀ ଝିଅ ଯାହା ଭାବୁଥିଲା
ତାହା ପାଉନଥିଲା,
କି ଯାହା ପାଉଥିଲା,ତାହା ଭାବୁନଥିଲା ।
ସତରେ !ସୁନ୍ଦରୀ ଝିଅର ବି କ'ଣ ଦୁଃଖ ଅଛି
ଭାବିଲେ କେମିତି ଲାଗୁଛି!(ସୁନ୍ଦରୀ ଝିଅର ଦୁଃଖ-୧)
ସୁନ୍ଦରୀ ଝିଅର ବି ଭାଗ୍ୟ ଦରକାର
ନହେଲେ ତା ସୁନ୍ଦରପଣ,ଚାଲିଚଳଣ ବେଭାର
ସବୁ ଅସାର ।
(ସୁନ୍ଦରୀ ଝିଅର ଦୁଃଖ-୨)

ମଣିଷ ଯାହା ଚାହେଁ ତାହା ଅତି ସହଜରେ ମିଳିଗଲେ ମୂଲ୍ୟ ରହେ ନାହିଁ । ଯାହା ନ ଚାହେଁ ତାହା ପାଇଲେ ମଧ୍ୟ ତାହାର ମୂଲ୍ୟ ବୁଝିପାରେ ନାହିଁ । ଗୋଟିଏ ଜିନିଷ ପ୍ରାପ୍ତି କରିବା ମାର୍ଗରେ ଏତେ ଅନ୍ଧ ହୋଇଯାଇଥାଏ ଯେ, ବହୁ ଜିନିଷର ପ୍ରାପ୍ତି କରି ଉପଲବ୍ଧି କରିପାରେ ନାହିଁ।ବହୁ ସମୟରେ ତାହା ଦୁଃଖର ଅନ୍ୟତମ କାରଣ ହୋଇଥାଏ "ଅପ୍ରାପ୍ତି" ।

"ମାୟାପୁରୀ" କବିତାରେ ମାୟା ମୋହ ସଂସାରରେ ମଣିଷ ଅନବରତ ସୁଖର ପଛରେ ଧାଇଁ ଧାଇଁ ତୃଷ୍ଣାରେ କଷ୍ଟ ପାଇବା ସହ ନିଜ ଓ ଅନ୍ୟର ପ୍ରତିବିମ୍ବକୁ ଦେଖି ଭୟଭୀତ ହେଉଛି । ସବୁ ପ୍ରାପ୍ତି ମଧ୍ୟରେ ଅପ୍ରାପ୍ତି ଅର୍ଥାତ୍ ସବୁ ଥିବା ମଧ୍ୟରେ କିଛି ଅନୁପସ୍ଥିତର ଅବଧାରଣା ହୋଇଛି । ନିଜେ ନିଜକୁ ଓ ଅନ୍ୟକୁ ବୁଝିବାରେ ଅସମର୍ଥ ହୋଇ ସୁଖ ଦୁଃଖ ମଝିରେ ଛନ୍ଦି

ISSN NO.
2582-208X

ହେଉଛି । ତେଣୁ ସୁଖ ଦୁଃଖ ଉଭୟ ରେ ବିଚଳିତ ହେବା କଥା ନୁହେଁ, ଖାପଖୁଆଇ ଚଳିପାରିଲେ ଉଭୟ ଏକରକମର ଅନୁଭବ ହୋଇପାରିବ ।

"ସୁଖରେ ଦୁଃଖ ମିଶାଇ
ଦୁଃଖରେ ସୁଖ ମିଶାଇ
ଦୁହିଁଙ୍କ ମଝିରେ ଥାଏ ଛନ୍ଦାଛନ୍ଦି ହୋଇ ।"
(ମାୟାପୁରୀ)

ସେହିପରି "ଆଉ କିଛି ଭାବିବିନି", "କଥା", "ଏତେ ବର୍ଷ ପରେ" କବିତାତ୍ରୟର ଅନ୍ତଃସ୍ୱର ସଂପର୍କର ନିବିଡତା ମଧ୍ୟରେ ଅପ୍ରାପ୍ତି ଜନିତ ଭୋଗୁଥିବା ବିରହ ଓ ବିଚ୍ଛେଦ ଜନିତ ଦୁଃଖ । ନାୟିକାର ପଳାୟନ ପରେ ଜୀବନରେ ନାୟକଟି ହସିହସି ବ୍ୟକ୍ତିଗତ ପ୍ରେମରେ ବିଫଳତାକୁ ଆପଣେଇଛି । କାବ୍ୟନାୟକ ପ୍ରେମିକାକୁ ନେଇ ଚେତନା ଓ ଭାବନାରେ କଳ୍ପନା କରି ବହୁ ସ୍ୱପ୍ନ ଦେଖିଛି । ଯେତେଥର ନ ଭାବିବାକୁ ଚେଷ୍ଟା କରିଛି ସେତେଥର ତା କଥା ଭାବିଛି।ପ୍ରେମିକାକୁ ନ ପାଇପାରି ତା ସ୍ମୃତି କୁ ମନେପକାଇ ଭାବବିହ୍ୱଳ ହୋଇଯାଇଛି ।

"ମୋ ଭାବନାରେ: ତମର ସବୁ ସ୍ମୃତି,
ମୋ ଚେତନାରେ: ତମର ସବୁ ଅନୁଭୂତି
ମୋ ସ୍ୱପ୍ନରେ: ତମର ଛାଇ
ମୋ ବିଶ୍ୱାସରେ: ତମଛଡା ଆଉ କେହି ନାହିଁ ।"
(ଆଉ କିଛି ଭାବିବିନି)

"ଏବେ ମୁଁ ସ୍ୱପ୍ନସିକ୍ତ ହୃଦୟରେ
ଧାଉଁଥାଏ ପ୍ରତି ମୁହୂର୍ତ୍ତରେ
ନିଜକୁ ନିଜେ ପ୍ରବୋଧନା ଦେଇ
ନିଜେ ନିଜ ପ୍ରତିବିମ୍ବ ହୋଇ ।"
(ପ୍ରତିବିମ୍ବ)

ISSN NO.
2582-208X

ସେହିପରି "ସ୍ୱପ୍ନ ସହବାସ" କବିତାରେ କବି ନିଜେ କଷ୍ଟରେ ରହି ସ୍ୱପ୍ନ ମାନଙ୍କୁ ଦୂରେଇଯିବା ପାଇଁ କହିଛନ୍ତି । ମନ, ହୃଦୟ, ଆତ୍ମା ଓ ଦେହରେ ସେହି ସ୍ୱପ୍ନ ଅବିଚ୍ଛେଦ୍ୟ ଅଂଶ ହୋଇ ସୁପ୍ତ ଭାବନା ବାରମ୍ବାର ଜାଗ୍ରତ ହୋଇଛି । ମଣିଷ ସଦାସର୍ବଦା ଆଶାବାଦୀ ହୋଇଥାଏ । ଯାହା ଆଶା କରିଥାଏ ନପାଇପାରିଲେ ନିରାଶା ହୋଇ ଦୁଃଖ ପାଇଥାଏ । "ତମେ କି ଅଳୀକ"କବିତାର ଅନ୍ତଃସ୍ୱର ନିରାଶାବାଦ ।

"ଅନେଇଛି ନିରବଧି କାଳ
ଛାଡି ସବୁ ସାଂସାରିକ ଜୀବନ ଜଞ୍ଜାଳ
ତମେ କିନ୍ତୁ ଫେରୁ ନାହଁ, କି
ଫେରିବାର ଆଶା ଦେଖା ଯାଉ ନାହିଁ ।

(ତମେ କି ଅଳୀକ)

"ଅଯାଚିତ ଖେଳ", "ଗୋଟିଏ ରାତିର ସୁଖ" ଓ "ପ୍ରିୟତମା" କବିତାରେ କାବ୍ୟନାୟକ ଅବଶୋଷ, ଅବସାଦ ଓ ବିରହ ଜନିତ ଦୁଃଖ ଜ୍ୱାଳାରେ ଜର୍ଜରିତ ହୋଇ ବହୁ କଷ୍ଟ ପାଇଛନ୍ତି । ଦୈହିକ ଜନିତ କ୍ଷଣସୁଖ ପାଇଁ ଗୋପନ ସଂପର୍କ ବହୁ ଅପଯଶ ଓ ଅପବାଦର ଶିକାର ହୋଇଥାଏ । ଯାହା ହିଁ ନିମିଷକ ସୁଖ ଓ ମୋହରେ ଦୀର୍ଘକାଳ ପାଇଁ ଦୁଃଖ ପାଇଛି । "ଦାଗ", "ଏମିତି ବି ଘଟିପାରେ" କବିତାରେ ନିଜ ପ୍ରିୟ ମଣିଷଙ୍କଠାରୁ ଦୁଃଖ ଭୋଗୁଥିବା ମଣିଷର କାହାଣୀ । ପରଲୋକଙ୍କ କଥା ଯେତିକି ବାଧିନଥାଏ ନିଜର ଭାବୁଥିବା ଲୋକ ସେହି କଟୁକଥା ଜାଣି ଜାଣି କହିଲେ ଅଧିକ କଷ୍ଟ ମିଳିଥାଏ ।

"ପରଲୋକ ଦାଗ ଦେଲେ ଭୁଲି ହୋଇଯାଏ
ନିଜଲୋକ ଦେଇଥିବା ଦାଗ
ହୃଦୟରେ ସର୍ବଦା ଚୁପଚାପ୍ ଥାଏ ।' (ଦାଗ)

"ଲୁହର ନଈ"ଓ "ଏକାକାର" କବିତାରେ ଅନ୍ୟ ଏକପ୍ରକାର ସୁନ୍ଦରତମ ଦୁଃଖ କବି ପରିପ୍ରକାଶ କରିଛନ୍ତି; ଯାହାହେଉଛି ଆଧୁନିକ ମଣିଷ ଭୋଗୁଥିବା ନିଃସଂଗ-ନିର୍ଜନତା ଜନିତ ଦୁଃଖରେ ଲହୁଲୁହାଣ ହୋଇ କଷ୍ଟ ପାଇଛି ।

ISSN NO.
2582-208X

ସମାଜରେ ବଂଚି ରହିବାକୁ ହେଲେ ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ସମୂହ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ । ଆଧୁନିକ ମଣିଷ ସମାଜରେ ଏକଚାଟିଆ ଓ ଏକଛତ୍ରବାଦ ସ୍ୱାର୍ଥନ୍ୱେଷୀ ନୀତି ଆପଣେଇବାକୁ ଚାହୁଁଛି । ନାନା ଦଂଗା, ଧର୍ମ ବିବିଧତା, ଧର୍ମବିଦ୍ୱେଷ, ଶ୍ରେଣୀସଂଘର୍ଷ, ଆତଙ୍କବାଦ ମଧ୍ୟରେ ଭୟଭୀତ ହୋଇ କାଳାତିପାତ କରିଛି । ତେଣୁ ବଂଚି ରହିବାକୁ ହେଲେ ଉତ୍ତମ ସମାଜ ଆବଶ୍ୟକ ବୋଲି ମନେ କରିଛି ।ବିଶୃଂଖଳିତ ସମାଜକୁ ଶୃଙ୍ଖଳିତ କରିବାପାଇଁ "ଆସ ଆମେ କବିତା ଲେଖିବା", "ଆଉ ମାଗିବିନି କିଛି" କବିତା ମାଧ୍ୟମରେ କବି ବାର୍ତ୍ତା ପ୍ରେରଣ କରିଛନ୍ତି ।

"ଆସ ଆମେ କବିତା ଲେଖିବା
ସମାଜକୁ ସୁଧାରି ନ ପାରିଲେ ବି
ନିଜେ ସୁଧାରିବାର ପ୍ରୟାସ କରିବା
ଅନ୍ତତଃ କବିଟିଏ ବୋଲି ନିଜକୁ ଭାବିବା ।"
(ଆସ ଆମେ କବିତା ଲେଖିବା ।)

ବାସ୍ତବରେ "ସୁନ୍ଦରତମ ଦୁଃଖ" କବିତାସଂକଳନରେ ଚିତ୍ରିତ ହୋଇଥିବା "ଦୁରୁଗା", "ସଂଜୁ", "ସୁନ୍ଦରୀ ଝିଅ", "ଧନୁ ଅଧିକାରୀ", "ମୋଚିଆଇ" ଏକକ ଚରିତ୍ର ନୁହଁନ୍ତି । ସମକାଳୀନ ସମାଜରେ ଶୋଷକଶ୍ରେଣୀ ଠାରୁ ଶୋଷିତ ହୋଇ ଅକଥନୀୟ ଅନ୍ୟାୟ, ଅତ୍ୟାଚାରର ଶିକାର ହେଉଥିବା ସର୍ବହରା ଗୋଷ୍ଠୀକୁ ପ୍ରତିଧ୍ୱନିତ କରୁଥିବା ଚରିତ୍ର । ପ୍ରାରମ୍ଭିକ ପର୍ଯ୍ୟାୟରୁ ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ଜୀବନଯାକ ଦୁଃଖକୁ ଆପଣେଇ ନେଇଛନ୍ତି । ଭାଗ୍ୟବାଦୀ ଓ ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ ଉପରେ ଆସ୍ଥା ବିଶ୍ୱାସ ହୋଇ ସେହି ଦୁଃଖକୁ ସୁନ୍ଦର ସୃଷ୍ଟିର ପର୍ଯ୍ୟାୟ ଭାବରେ ଗ୍ରହଣ କରିଛନ୍ତି ।ମଣିଷ ନାନା କାରଣରୁ ଅସନ୍ତୋଷ ପ୍ରକାଶ କରିଥାଏ ।ବହୁ ସମୟରେ ଅଭାବ ପରିସ୍ଥିତିର ସମ୍ମୁଖୀନ ହୋଇ ସ୍ୱଭାବ ନଷ୍ଟ ହୋଇଥାଏ । ଅସହାୟ, ଅଭାବ-ଅନାଟନ, ପ୍ରେମ-ପ୍ରତାରଣା ଜନିତ ଦୁଃଖ, ନିଃସଂଗତା, ବିଫଳତା, ବିରହ, ବେଦନା, ବିଚ୍ଛେଦ, ସ୍ୱପ୍ନଭଂଗ, ନୈରାଶ୍ୟ, ଯନ୍ତ୍ରଣା ଆଦି ସୁଦରତମ ଦୁଃଖର କାରକ ଭାବରେ ପ୍ରତୀୟମାନ ହୋଇଛି । କବିତାଗୁଡ଼ିକ ଆବେଗପ୍ରବଣ, ସମ୍ବେଦନଶୀଳ ଓ ବିମୁଗ୍ଧ ଭାବକୁ ନେଇ ଛଳଛଳ । ସରଳ ଭାଷାରେ ସ୍ୱତସ୍ଫୂର୍ତ୍ତ ପରିପ୍ରକାଶ କବିତାଗୁଡ଼ିକୁ ଅଧିକ ରୂପବନ୍ତ କରୁଛି । ତେବେ ଅନେକ କବିତାରେ

ISSN NO.
2582-208X

ଗଞ୍ଜାମ ଜିଲ୍ଲାର ଆଞ୍ଚଳିକ ଭାଷା ବା କଥିତ ଭାଷାର ବ୍ୟବହାର ଦେଖିବାକୁ ମିଳେ । ପ୍ରତୀକ ଓ ଚିତ୍ରକଳ୍ପର ପ୍ରୟୋଗ ଘଟିଥିଲେ ମଧ୍ୟ ଆବେଗପ୍ରବଣ ଶବ୍ଦ ସଂଯୋଜନା ମାଧ୍ୟମରେ ସେସବୁ ସ୍ୱଚ୍ଛନ୍ଦ ଓ ସୁଖପାଠ୍ୟ ମନେହୁଅନ୍ତି । ଆମୂଳାନ୍ତ ପାଠକଲେ ସକଳନଟି ବେଶ୍ ସ୍ୱାଦ୍ୟ ଓ ହୃଦ୍ୟ । ସାଂପ୍ରତିକ ସମୟର ଦୁଃଖାତ୍ମକ ଜୀବନାନୁଭୂତିର ବାସ୍ତବ ପରିପ୍ରକାଶରେ ଏବଂ ଦୁଃଖକୁ ବି ସୁନ୍ଦର କରିବାରେ କବିଙ୍କର ଏ ପ୍ରୟାସ ସ୍ୱାଗତଯୋଗ୍ୟ ।

---------

ସହାୟକ ଗ୍ରନ୍ଥସୂଚୀ

୧.ଜେନା,ଶରତ:ସୁନ୍ଦରତମ ଦୁଃଖ:ଏଥେନା ବୁକ୍ସ,ଭୁବନେଶ୍ୱର, ପ୍ରଥମ ସଂସ୍କରଣ-୨୦୨୪
୨.ସ୍ୱାଇଁ,ଦିଲ୍ଲୀପ:ବିଂଶରୁ ଏକବିଂଶ:ବିଜୟିନୀ ପବ୍ଲିକେଶନ୍, କଟକ,ପ୍ରଥମ ସଂସ୍କରଣ-୨୦୨୨
୩.ସ୍ୱାଇଁ,ଦିଲ୍ଲୀପ:ଆଧୁନିକ ଓଡିଆ କବିତା:ଏଥେନା ବୁକ୍ସ, ଭୁବନେଶ୍ୱର,ପ୍ରଥମ ସଂସ୍କରଣ-୨୦୨୨
୪.ଦାଶ,ବିଜୟଲକ୍ଷ୍ମୀ:ଆଧୁନିକ ଓଡିଆ କବିତାରେ ପ୍ରଗତିବାଦୀ ଚେତନା:ଚିତ୍ରୋତ୍ପଳା ପବ୍ଲିକେଶନ୍,କଟକ,ପ୍ରଥମ ପ୍ରକାଶ-୨୦୧୧
୫.ଶତପଥୀ,ନିତ୍ୟାନନ୍ଦ:ସବୁଜରୁ ସାଂପ୍ରତିକ,ଗ୍ରନ୍ଥ ମନ୍ଦିର,କଟକ, ସପ୍ତମ ସଂସ୍କରଣ-୨୦୦୬

ISSN NO.
2582-208X

# ରସନା ରଟ ନିରତେ ପୀତବାସ



ଜୟନ୍ତୀ ଦେବୀ

ରସନା ରଟ ନିରତେ ପୀତବାସ
ଭବ କ୍ଳେଶ ନାଶ ହେବ ।
ସତ୍ୟ ସନାତନ ଗରୁଡ଼ ଆସନ
ନୀଳମଣି ବାସୁଦେବ ।।
ନାରାୟଣ ହରି ମାଧବ ମୁରାରୀ
ମୁକୁନ୍ଦ କମଳା ଧବ ।
ରହ ଆବୋରି ତା ଚରଣ କମଳ
ଯମ ଯାତନା ହରିବ ।।
ଟଗର ନିଆଳି କେତକୀ ମରୁଆ
ତୁଳସୀ ପ୍ରିୟ ମାଧବ ।
ନିଶି ଦିନ ବସି ଯାର ନାମ ଗୋଟି
ଜପୁଛନ୍ତି ସଦାଶିବ ।।
ରତ୍ନ ସିଂହାସନ ମଣ୍ଡନ ମୋହନ
ସାଥେ ଭାଇ ବଳଦେବ ।
ତେତ୍ରିଶ କୋଟି ଦେବତାଙ୍କ ଅଗ୍ରଣୀ
ନରହରି ଶ୍ରୀୟା ଧବ ।।

ପୀତ ବସନ ପରିଧାନ ମୋହନ
ନଟରାଟ ରାଧା ଧବ ।
ତଳକୁ ଉପର କରେ ଦାମୋଦର
ଉପରକୁ ତଳ ଧ୍ରୁବ ।।
ବାର ବେନି ପୁର ଅଧିପତି ହରି
ଶ୍ରୀକୃଷ୍ଣ ନୀଳ ମାଧବ ।
ସର୍ବ ଅନ୍ତର୍ୟ୍ୟାମୀ ସର୍ବଜୀବ ସ୍ୱାମୀ
ଶ୍ରୀଧର ଭକ୍ତ ବାନ୍ଧବ ।।

ମହୁ, ଆଳ,
କେନ୍ଦ୍ରାପଡ଼ା। ପିନ୍ ୭୫୪୨୩୧

ISSN NO.
2582-208X

# ଅସତ୍ୟ କାୟା



ଚିତ୍ତରଞ୍ଜନ ନାଏକ

କ୍ଷଣପ୍ରଭା ପ୍ରାୟେ ଏ ଜୀବନ ଜ୍ୟୋତି
ଦିପ୍ତିମାନ ମହୀତଳେ,
ଜ୍ୟୋତିସମ କାନ୍ତି ପ୍ରକାଶେ ଭୁବନେ
ଉଲ୍ଲସଇ ଆତ୍ମବଳେ,,

ଅଗଭୀର ଜଳେ ମହା ମୀନ ଯେହ୍ନେ
ନିଶବ୍ଦେ ସଦା ବିଚରେ,
ସାତ୍ତ୍ୱିକ ଏ କାୟା ରକ୍ତ, ମାଂସ ରୂପୀ
ତା' ମଧ୍ୟେ ପରାଣ ବହେ,

ପ୍ରାଣ ଶକ୍ତି ବାୟୁ ପ୍ରଶ୍ୱାସେ ସଂଚରେ
ଜୀବାର୍ଣ୍ଣବେ ନାବ ପ୍ରାୟେ,
କାୟା ନାବ ଭାସେ ସଂସାର ସାଗରେ
ଆୟୁସୂର୍ଯ୍ୟ ଅସ୍ତ ଚାହେଁ,,

ISSN NO.
2582-208X

ଆୟୁଷ ର ସ୍ୱଳ୍ପ ଅବଧି ନିସ୍ତରେ
କାଳଚକ୍ର ଅଖ ପରି
ଏହି ଚକ୍ରେ ନିତି ସର୍ବ ଜୀବଗଣ
ଲଂଘନ୍ତି ସଂସାର ବାରି,,

ନିମିଷକ ମାତ୍ର ସମୟ ଟେ ଲୋଡା
ଜୀବନର ସତ୍ୟ ପାଇଁ,,
ଦେଖୁ ଦେଖୁ ଜୀବ ଶବ ରୂପେ ଲୋଟେ
ବନ୍ଧନ ରଜ୍ଜୁ କୁ ଡେଇଁ,,

ଅସତ୍ୟ ସଂସାରେ କାଳଜୟୀ ପ୍ରାୟେ
ସମୟ ଯାଏ ବ୍ୟସନେ,
ଅନ୍ତ କାଳ ଯେବେ ସମୀପେ ଉଭବେ,
ଗର୍ବ ଭାଙ୍ଗିଯାଏ ମନେ,,,

କବାଟତଲ୍ଇ, ସୋନପୁର
ସୁବର୍ଣ୍ଣପୁର

ISSN NO.
2582-208X

# କ'ଣ ଦରକାର ?



ଯଜ୍ଞଦତ୍ତ ସାମନ୍ତରାୟ

କ'ଣ ଦରକାର ମୋର ?
ପାଣି ଢାଳିବାରେ
ଶୁଖିଲା ଫୁଲ ଗଛରେ
ବୟସର ଖରାବେଳେ ।

କ'ଣ ଦରକାର ମୋର ?
ସଂପର୍କ ଗଢିବାରେ
ଭଂଗା ମନ, ଭଂଗା ମୁହଁ ସଜାଡିବାକୁ
ସମୟର ଭଂଗା ଆଇନାରେ ।

ସଂପାଦକ: ଗୁଞ୍ଜନ
କବିସୂର୍ଯ୍ୟନଗର, ଗଞ୍ଜାମ-୭୬୧୧୦୪
ମୋ.୯୩୩୭୪୪୪୯୨

ISSN NO.
2582-208X

# ଭାଗ୍ୟ ଭବିଷ୍ୟ



ସିଦ୍ଧେଶ୍ୱର ତ୍ରିପାଠୀ

ବଟିଆ ଭାରି ଭଲ ପିଲା ଥିଲା ଭଲ ପାଠ ପଢୁଥିଲା । କର୍ମ ଉପରେ ବିଶ୍ୱାସ କରୁଥିଲା ଏଇ ଧର୍ମର ବାହ୍ୟ ଆଡ଼ମ୍ବର ତାକୁ ଭଲ ଲାଗୁନଥିଲା । ସେ ମେଟ୍ରିକ ପାସ କରିଛି । ଏବେ ଏମିତି କଣ ହେଲା କେଜାଣି । ବାହା ସାହା ହେଇଥିଲା କାମ କରୁଥିଲା ତାର ଦୁଇ ଝିଅ ସବୁ ଠିକ୍ ଠାକ ଚାଲୁଥିଲା ।

ଏଇ ପଡ଼ୋଶୀଙ୍କ ଧନ ବନ୍ଧୁ ମାନଙ୍କ ଅଧିକ ରୋଜଗାର ଆଉ ସ୍ତ୍ରୀର ପ୍ରରୋଚନାରେ ସେ ଏବେ ବ୍ୟସ୍ତ । ଏ ଗାଁ ରୁ ସେ ଗାଁ ବୁଲୁଛି କୋଉଠି ଦିଅଁ ଲାଗୁଛନ୍ତି । ମଙ୍ଗଳା ସନ୍ତୋସୀ କମଳିନୀ ହାଡ଼ବାଇ ହନୁମାନ ସବୁ କାଳେସିଙ୍କ ପାଖରେ ହାଜର । ସେଠି ମନ ନବୁଝିଲେ କେତେ ବାବା ଙ୍କ ପାଖକୁ ଧାଉଁଛି । ଏଇ ଦିଚାରିଟା ବାବା ଙ୍କ କେସ ଆଉ ଜେଲ୍ ପରେ ଆଉ ଭବିଷ୍ୟତ ଜାଣିବାକୁ ବାଟ କାଇଁଯେ, ହଁ ଜ୍ୟୋତିଷ ଭରଷା ଏବେତ ଜ୍ୟୋତିଷ ଗୋଟେ କୋର୍ସ ହେଇଗଲା ଯିଏ ପାଇଲା ସିଏ ପଢିଲା ଗାଁ ଠୁ ସହର ମାଳ ମାଳ ଜ୍ୟୋତିଷ। ଯିଏ ଯୋଉ ଜାତିର ହେଇଥାଉ ଜ୍ୟୋତିର୍ବିଦ ସାଜିଗଲେ ଭଲ ଦି ପଇସା ମିଳିବ। ତା ସାଙ୍ଗକୁ ମୁଦି ମାଳି ବିକ୍ରି ର ଏବେ ଭଲ ଚାହିଦା । ଆଉ ଯଦି ଡେଉଁରିଆ ତିଆରି କରି ବିକି ପାଇଲ ବହୁତ ବଢିଆ । ଆଉ ଏ ଗ୍ରହ ପାଇଁ ଅମୁକ ପୂଜା ସେ ଗ୍ରହ ପାଇଁ ସମୁକ ପୂଜା କହି ପୂଜକ ଠିକ୍ କଲେ ମୋଟା ଅଙ୍କର କମିସିନି ବି ଅଛି ।

ISSN NO.
2582-208X

କେତେ ଜ୍ୟୋତିଷଙ୍କୁ ଭେଟି ହାତ ଦେଖେଇ ଜାତକ ଦେଖେଇ ମନ ବୁଝୁନି ଭଲ ସମୟ କେବେ ଆସିବ ଯେ ଏବେ ଗୋଟେ ବଡ଼ ଜ୍ୟୋତିଷଙ୍କୁ ଭେଟିଲା ଦୁଇହଜାର ନେଲେ । ସିଏ ଟିଭିରେ ପେପରରେ ସବୁଦିନ ଆସୁଛନ୍ତି ପରା ।

ଏଇ କୋଣାର୍କ ଟିଭି ଧଳା ପେଚା ହନୁମାନ ପଇସା କୁମ୍ଭାଟୁଆ ବସାରେ ରଖିଥିବା କାଠି ଖୋଜା ଚାଲିଛି । ଯା ଭିତରୁ ଗୋଟେ ତ ମିଳିଗଲେ କେତେ କଥା । ଜ୍ୟୋତିଷ କହିଛନ୍ତି ପରା ଆଗକୁ ତାର ଦ୍ୱିତୀୟ ବୃହଷ୍ପତି ଆସୁଛି ପ୍ରଚୁର ଧନ ଲାଭ ହେବ ।

ପଇସା ମେଞ୍ଚେ ମିଳିବ ଘର ଗାଡି ଦାମୀ ମୋବାଇଲ ସବୁ ହବ ଦୁଇ ଝିଅ ଭଲ ଜାଗାରେ ବାହା ହେବେ । ଏଇ ମିଛ ମୋହରେ ପଡି ସେ ଆଉ କିଛି କାମଧନ୍ଦା କୁ ଯାଉନି । ସ୍ତ୍ରୀଟା ତାର ଛୋଟ ଚାକିରି ଖଣ୍ଡେ କରିଛି ନହେଲେ ପରିବାର ଟା କେବେଠୁ ନଷ୍ଟ ହୋଇ ସାରନ୍ତାଣି । ଦେଖାଯାଉ ଦିଅଁ ଦେବତା ତ ଯା ତା ଦେହରେ ଆସି ବୁଝି ପାରିଲେନି । ବାବା ମାତା ତ କାମ କଲେନି । ଏବେ ଜ୍ୟୋତିଷ ବାଣୀ ହିଁ ଭରଷା ।

କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା

ISSN NO.
2582-208X

# ଫେରିଆସ ଆଦିକବି...



ରାମଚନ୍ଦ୍ର ବେହେରା

ତେନ୍ତୁଳିପଦାରେ ସିଦ୍ଧେଶ୍ୱର ନାମେ
ଜନ୍ମିଲ ଧରଣୀ କୋଳେ
ନିଜ ଗୃହେ ତୁମେ ଶିକ୍ଷାପ୍ରାପ୍ତ କଲ
ଶାରଳାଂକ କୃପା ବଳେ
ହଳ କରିବାର କାଳେ
ମାଆ ଶାରଳାଂକ ମାତୃ ବନ୍ଦନାକୁ
ରଚିଲ ଗହୀର ବିଲେ ।
ମାତାଂକ ଆଦେଶେ ମହା ଭାରତକୁ
ସ୍ଥାନଦେଲ ହୃଦ କୋଣେ
କଳ୍ପବଟ ମୂଳେ ଆଠଖଣ୍ଡ ପର୍ବ
ଲେଖିଲ ଅତି ଯତନେ
ପଢିଲେ ପଣ୍ଡିତ ଜନେ
ସାରା ଲେଖା ତୁମ ଗ୍ରନ୍ଥ ରୂପ ନେଲା
ଶୂଦ୍ରମୁନି ହେଲ ତୁମେ ।
କଟକ ଚଣ୍ଡୀଂକୁ କରିଲ ଦର୍ଶନ
ପଢିଲ ତୁମ ରଚନା
ସାରସ୍ୱତ ସୃଷ୍ଟି ଲେଖି ତୁମେ ହେଲ

ISSN NO.
2582-208X

ଶ୍ରେଷ୍ଠ କବି ରୂପେ ଗଣା
ତୁମ ଗ୍ରନ୍ଥ ପଢି ଜନେ
ଓଡିଆ ଭାଷାକୁ ସମ୍ମାନ କରନ୍ତି
ଗାଇ ହରିନାମ ମନେ ।
ଗଂଗା ଶାନ୍ତନୁଂକ ବିବାହ ସହିତ
ରଚିଲ ଚଣ୍ଡୀ ପୁରାଣ
ଲକ୍ଷ୍ମୀ ନାରାୟଣ କଳିକୁ ପଢିଲେ
ଶୁଦ୍ଧ ହୁଏ ତନ ମନ
ବିଲଂକା ରାମାୟଣକୁ
ଯିଏ ପାଠ କରେ ସତ୍ୟନିଷ୍ଠ ଚିତ୍ତେ
ଶାନ୍ତି ମିଳଇ ପ୍ରାଣକୁ ।
ଆମ ଉତ୍କଳର ଗଉରବ ତୁମେ
ପରିଚିତ ଘରେ ଘରେ
ବଟବୃକ୍ଷ ମୂଳେ ତୁମେ ଶୋଭାପାଅ
ମୁନିଗୋସେଇଁ ମଠରେ
ଦେଖି ତୁମ ପ୍ରତି ଛବି
ଶ୍ରଦ୍ଧାରେ ଡାକୁଛି ଆଉ ଥରେ ପୁଣି
ଫେରିଆସ ଆଦିକବି ।

କେନ୍ତୁଳପଦା,ଜଗତସିଂହପୁର
ମୋ-୭୩୫୫୭୩୪୩୪୬

ISSN NO.
2582-208X

# ଅଷ୍ଟ ଲକ୍ଷ୍ମୀ ସ୍ତୋତ୍ରମ୍



ଦେବଯାନୀ ବାରିକ୍

ଆଦିଲକ୍ଷ୍ମୀ
ସୁମନସ ବଂଦିତ ସୁଂଦରି ମାଧବି, ଚଂଦ୍ର ସହୋଦରି ହେମମୟେ
ମୁନିଗଣ ବଂଦିତ ମୋକ୍ଷପ୍ରଦାୟନି, ମଂଜୁଲ ଭାଷିଣି ବେଦନୁତେ ।
ପଂକଜବାସିନି ଦେବ ସୁପୂଜିତ, ସଦ୍ଗୁଣ ବର୍ଷିଣି ଶାଂତିୟୁତେ
ଜୟ ଜୟହେ ମଧୁସୂଦନ କାମିନି, ଆଦିଲକ୍ଷ୍ମି ପରିପାଲୟ ମାମ୍ ॥ 1 ॥

ଧାନ୍ୟଲକ୍ଷ୍ମୀ
ଅୟିକଲି କଲ୍ମଷ ନାଶିନି କାମିନି, ବୈଦିକ ରୂପିଣି ବେଦମୟେ
କ୍ଷୀର ସମୁଦ୍ଭବ ମଂଗଳ ରୂପିଣି, ମଂତ୍ରନିବାସିନି ମଂତ୍ରନୁତେ ।
ମଂଗଳଦାୟିନି ଅଂବୁଜବାସିନି, ଦେବଗଣାଶ୍ରିତ ପାଦୟୁତେ
ଜୟ ଜୟହେ ମଧୁସୂଦନ କାମିନି, ଧାନ୍ୟଲକ୍ଷ୍ମି ପରିପାଲୟ ମାମ୍ ॥ 2 ॥

ଧୈର୍ଯ୍ୟଲକ୍ଷ୍ମୀ
ଜୟବରବର୍ଷିଣି ବୈଷ୍ଣବି ଭାର୍ଗବି, ମଂତ୍ର ସ୍ୱରୂପିଣି ମଂତ୍ରମୟେ
ସୁରଗଣ ପୂଜିତ ଶୀଘ୍ର ଫଲପ୍ରଦ, ଜ୍ଞାନ ବିକାସିନି ଶାସ୍ତ୍ରନୁତେ ।
ଭବଭୟହାରିଣି ପାପବିମୋଚନି, ସାଧୁ ଜନାଶ୍ରିତ ପାଦୟୁତେ
ଜୟ ଜୟହେ ମଧୁ ସୂଧନ କାମିନି, ଧୈର୍ଯ୍ୟଲକ୍ଷ୍ମୀ ପରିପାଲୟ ମାମ୍ ॥ 3 ॥

ISSN NO.
2582-208X

ଗଜଲକ୍ଷ୍ମୀ
ଜୟ ଜୟ ଦୁର୍ଗତି ନାଶିନି କାମିନି, ସର୍ବଫଲପ୍ରଦ ଶାସ୍ତ୍ରମୟେ
ରଧଗଜ ତୁରଗପଦାତି ସମାବୃତ, ପରିଜନ ମଂଡିତ ଲୋକନୁତେ ।
ହରିହର ବ୍ରହ୍ମ ସୁପୂଜିତ ସେବିତ, ତାପ ନିବାରିଣି ପାଦଯୁତେ
ଜୟ ଜୟହେ ମଧୁସୂଦନ କାମିନି, ଗଜଲକ୍ଷ୍ମୀ ରୂପେଣ ପାଲୟ ମାମ୍ ॥ 4 ॥

ସଂତାନଲକ୍ଷ୍ମୀ
ଅୟିଖଗ ବାହିନି ମୋହିନି ଚକ୍ରିଣି, ରାଗବିବର୍ଧିନି ଜ୍ଞାନମୟେ
ଗୁଣଗଣବାରଧି ଲୋକହିତୈଷିଣି, ସପ୍ତସ୍ୱର ଭୂଷିତ ଗାନନୁତେ ।
ସକଲ ସୁରାସୁର ଦେବ ମୁନୀଶ୍ୱର, ମାନବ ବଂଦିତ ପାଦଯୁତେ
ଜୟ ଜୟହେ ମଧୁସୂଦନ କାମିନି, ସଂତାନଲକ୍ଷ୍ମୀ ପରିପାଲୟ ମାମ୍ ॥ 5 ॥

ବିଜୟଲକ୍ଷ୍ମୀ
ଜୟ କମଲାସିନି ସଦ୍ଗତି ଦାୟିନି, ଜ୍ଞାନବିକାସିନି ଗାନମୟେ
ଅନୁଦିନ ମର୍ଚିତ କୁଂକୁମ ଧୂସର, ଭୂଷିତ ବାସିତ ବାଦ୍ୟନୁତେ ।
କନକଧରାସ୍ତୁତି ବୈଭବ ବଂଦିତ, ଶଂକରଦେଶିକ ମାନ୍ୟପଦେ
ଜୟ ଜୟହେ ମଧୁସୂଦନ କାମିନି, ବିଜୟଲକ୍ଷ୍ମୀ ପରିପାଲୟ ମାମ୍ ॥ 6 ॥

ବିଦ୍ୟାଲକ୍ଷ୍ମୀ
ପ୍ରଣତ ସୁରେଶ୍ୱରି ଭାରତି ଭାର୍ଗବି, ଶୋକବିନାଶିନି ରତ୍ନମୟେ
ମଣିମୟ ଭୂଷିତ କର୍ଣବିଭୂଷଣ, ଶାଂତି ସମାବୃତ ହାସ୍ୟମୁଖେ ।
ନବନିଧି ଦାୟିନି କଲିମଲହାରିଣି, କାମିତ ଫଲପ୍ରଦ ହସ୍ତଯୁତେ
ଜୟ ଜୟହେ ମଧୁସୂଦନ କାମିନି, ବିଦ୍ୟାଲକ୍ଷ୍ମୀ ସଦା ପାଲୟ ମାମ୍ ॥ 7 ॥

ISSN NO.
2582-208X

ଧନଲକ୍ଷ୍ମୀ
ଧିମିଧିମି ଧିଂଧିମି ଧିଂଧିମି-ଦିଂଧିମି, ଦୁଂଧୁଭି ନାଦ ସୁପୂର୍ଣମୟେ
ଘୁମଘୁମ ଘୁଂଘୁମ ଘୁଂଘୁମ ଘୁଂଘୁମ, ଶଂଖ ନିନାଦ ସୁବାଦ୍ୟନୁତେ ।
ବେଦ ପୂରାଣେତିହାସ ସୁପୂଜିତ, ବୈଦିକ ମାର୍ଗ ପ୍ରଦର୍ଶୟୁତେ
ଜୟ ଜୟହେ ମଧୁସୂଦନ କାମିନି, ଧନଲକ୍ଷ୍ମି ରୂପେଣା ପାଲୟ ମାମ୍ ॥ ୪ ॥

ଫଲଶୃତି
ଶ୍ଳୋ॥ ଅଷ୍ଟଲକ୍ଷ୍ମୀ ନମସ୍ତୁଭ୍ୟଂ ବରଦେ କାମରୂପିଣି ।
ବିଷ୍ଣୁବକ୍ଷଃ ସ୍ଥଲା ରୂଢେ ଭକ୍ତ ମୋକ୍ଷ ପ୍ରଦାୟିନି ॥

ଶ୍ଳୋ॥ ଶଂଖ ଚକ୍ରଗଦାହସ୍ତେ ବିଶ୍ୱରୂପିଣିତେ ଜୟଃ ।
ଜଗନ୍ମାତ୍ରେ ଚ ମୋହିନ୍ୟୈ ମଂଗଳଂ ଶୁଭ ମଂଗଳମ୍ ॥

ମହୁ, ଆଳି,କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସାଂପ୍ରତିକ ପରିସ୍ଥିତିରେ ମହିଳାର ଭୂମିକା



ଅଜୟ କୁମାର ରାଉତ

ଏହି ଧରା ପୃଷ୍ଠରେ ସମସ୍ତେ ସମସ୍ତଙ୍କ ଉପରେ ନିର୍ଭରଶୀଳ । ପୃଥିବୀରେ ଦିନ ଓ ରାତି ହେବା ଏକ ପ୍ରକ୍ରିୟା ଏବଂ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀର ଭୂମିକା ଅବର୍ଣ୍ଣନୀୟ । ତେଣୁ ଆମେ ମାନବ ଏହି ଧରାପୃଷ୍ଠରେ ବସବାସ କରୁଅଛେ । ତେଣୁ ଏହି ଧରାପୃଷ୍ଠରେ ଦୁଇଟି ଜାତି ଗୋଟିଏ ପୁରୁଷ ଜାତି ଓ ଅନ୍ୟଟି ନାରୀ ଜାତି । ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ କେହି କାହାରି ବିନା ଛାଡି ଯାଇହେବନାହିଁ । ଏହା ଏକ ଚୁମ୍ବକୀୟ ଶକ୍ତି ଯାହାକି ପରସ୍ପରକୁ ଜାବୁଡି ରଖିଥାଏ । ଏହାରି ଭିତରେ ମହିଳାର ଭୂମିକା ଏକ ଗୁରୁତ୍ୱପୂର୍ଣ୍ଣ ଅଟେ । କଥାରେ ଅଛି "ଯତ୍ର ନାର୍ଯ୍ୟେସ୍ତ ପୂଜ୍ୟତେ, ରମ୍ୟନ୍ତେ ତତ୍ର ଦେବତା" । ଯେଉଁଠି ନାରୀମାନେ ପୂଜା ପାଆନ୍ତି ସେଠାରେ ଦେବତାମାନେ ବାସ କରନ୍ତି । ଆର୍ଯ୍ୟାବର୍ତ୍ତ ଭାରତ ଭୂଖଣ୍ଡର ବୈଦିକ ବାଣୀରେ ନାରୀର ମହାନୀୟତା ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଥିବା ବେଳେ ଯେଉଁଠାରୁ ଏ ମହାନ ବାଣୀର ସୃଷ୍ଟି, ସେଠାରେ ନାରୀମାନେ କେତେ ସୁରକ୍ଷିତ ତାହା ପ୍ରଶ୍ନବାଚୀ ହୋଇଉଠିଛି । ସାଂପ୍ରତିକ ସମାଜର ଚଳଣିକୁ ଦେଖିଲେ ବା ପ୍ରତିଦିନ ଦିନଚର୍ଯ୍ୟାରେ ନାରୀର ଭୂମିକାକୁ ଏକ କଳୁଷିତ ତଥା କଦର୍ଯ୍ୟ ରୂପରେ ଉପସ୍ଥାପନା କରିବା ଏକ ସାଧାରଣ ଘଟଣାରେ ପରିଣତ ହେଲାଣି । ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ରେ ଆମେ ମଙ୍ଗଳ ବିଜୟ କଥା କହୁଥିବା ବେଳେ ସେହି ଅନୁପାତରେ ସୃଷ୍ଟି ଆଉ ସ୍ରଷ୍ଟାର ଭୂମିକାକୁ ଭୁଲିଯିବା ପରିତାପର ବିଷୟ । ନାରୀ ହେଉଛି ଜାୟା, ଜନନୀ ତଥା ଭଗିନୀ । ନାରୀ ହେଉଛି ପ୍ରକୃତିର ଏକ ଅପୂର୍ବ ସୃଷ୍ଟି। ନାରୀ ସର୍ବତ୍ର ପୂଜିତ, ସେ ଚିରବନ୍ଦନୀୟା, ଅଭିବନ୍ଦନୀୟା, ସ୍ନେହ, ପ୍ରେମ ଓ କୋମଳତାର ସେ ଏକ ମୂର୍ତ୍ତିମତୀ ପ୍ରତୀକ । ନାରୀ

ISSN NO.
2582-208X

ଭଗବାନଙ୍କର ଏକ ପ୍ରତୀକ ଓ ଅଦ୍ଭୁତ ସୃଷ୍ଟି। ଯାହା ଦ୍ୱାରା ଜୀବନରୋନନ୍ଦ ପ୍ରତିପାଦିତ ହୁଏ। ତେଣୁ ସଂସାରରେ ନାରୀ ଭୂମିକା ଶ୍ରେଷ୍ଠ ତଥା ଗୁରୁତ୍ୱପୂର୍ଣ୍ଣ ମଧ୍ୟ। ନାରୀ ବିନା ପୁରୁଷ ଅସଂପୂର୍ଣ୍ଣ। ନାରୀ ବିନା ସଂସାରରେ ସର୍ଜନା ବୃଥା। ନାରୀ ସେ ଯେ କେବଳ ମାଆ ହୋଇ ତା ପିଲାର ଲୁହକୁ ତା ପଣତ କାନିରେ ପୋଛିଦିଏ ତାହା ନୁହେଁ, ସେ ନିଜର ସ୍ନେହ, ପ୍ରେମ ଦ୍ୱାରା ପରିବାରକୁ ସୁଖ ଦୁଃଖରେ ଚେଳେଇ ନିଏ। କେତେବେଳେ ଭଗିନୀ ହୋଇ ଭାଇର ସୁଖ ମନାଏ। ମାତ୍ର ଦୁଃଖ ଲାଗେ ଯେ ଆଜିର ଏ ବୈଜ୍ଞାନିକ ଯୁଗରେ ଯେତେବେଳେ ନାରୀଟିଏ ରାସ୍ତା ଉପରେ ଗଲାବେଳେ ସେ ନିଜକୁ ଅସୁରକ୍ଷିତ ମନେକରେ। ଝିଅଟିଏ ବିଦ୍ୟାଳୟରୁ ଘରକୁ ଫେରିବା ନିଜକୁ ଅସୁରକ୍ଷିତ ମନେକରେ। ବର୍ତ୍ତମାନ କୁମାରୀ ଅଞ୍ଚଳରେ  ଘଟିଥିବା ଘଟଣାବଳୀ ଏକ ଉଦାହରଣ ସେ ପିଲାଟିର ଭୁଲ୍ କେଉଁଠି। ଏପରି କଦର୍ଯ୍ୟ କାର୍ଯ୍ୟ କରିଥିବା ଆସାମୀ ଆମ୍ଭ ସମାଜ ପ୍ରତି ବିପଦକର। ଝିଅଟିଏ ରାଜରାସ୍ତାରେ ଚାଲି ଯାଉଥିଲା ବେଳେ କିଏ ତାର ହାତ ଧରିପକାଏ ତ କିଏ ତାର ଓଢ଼ଣୀକୁ ଭିଡି ପକାଏ। ଆଜିର ଏ ସାଂପ୍ରତିକ ପରିସ୍ଥିତିରେ ମହିଳାମାନେ କେତେ ଦୂର ଉରକ୍ଷିତ? ଦେଶ ଉନ୍ନତି କରୁଛି ଏବଂ ଚନ୍ଦ୍ରାୟନ ଚନ୍ଦ୍ର ପୃଷ୍ଠରେ ଅବତରଣ କରିସାରିଲାଣୀ। ଏହା ଏକ ଆମ ଦେଶପାଇଁ ଗୌରବ। କିନ୍ତୁ ଆମ୍ଭମାନଙ୍କର ହୃଦୟରୁ ବିକୃତ ଚିନ୍ତାଧାରା କ୍ଷୟ ହେଉନାହିଁ । ମାତ୍ର ନାରୀ ଯେଉଁଠି ଅଛି ସେଥି ନାରୀର ସମସ୍ତ ବିଭବ ଓ ସମସ୍ତ ଆଦର୍ଶ ସତ୍ତ୍ୱେ ସାମାଜିକ ଜୀବନରେ ଆଜି ଯେଉଁ ବ୍ୟଭିଚାର ଦେଖା ଦେଉଛି, ତାହାର ଶିକାର ହୋଇଛି ନାରୀ। ଦିନ ଥିଲା ନାରଇମାନେ ସ୍ୱାମୀ, ଶାଶୁ ଇତ୍ୟାଦି ଙ୍କ ଦ୍ୱାରା ନିର୍ଯ୍ୟାତନାର ଶିକାର ଯଥା ଯୌତୁକ ନିର୍ଯ୍ୟାତନା ଠାରୁ ଆରମ୍ଭ କରି ଯୌନ ନିର୍ଯ୍ୟାତନା, ଅପହରଣ, ଦୁଷ୍କର୍ମ ଇତ୍ୟାଦି ଭଳି ଘଟଣା ଆମ୍ଭ ଚତୁପାର୍ଶ୍ୱରେ ଘଟିଚାଲିଛି ତହା ହେଉଛି ଆମ ସମାଜ ପ୍ରତି କଳଙ୍କ ଏବଂ ମାନବିକତାର କଳଙ୍କ ପରିପନ୍ଥୀ। ଜୀବନର ମର୍ମ ବୁଝିବା ଅତି କଷ୍ଟ। ଆଜିର ସମାଜରେ ଜାଣି ହୁଏନି ମଣିଷ ସର୍ବଦା ପରଚର୍ଚ୍ଚା, ପଡୋଶୀ କଥା କାହିଁକି ଚିନ୍ତା କରନ୍ତି। ଭାରତୀୟ ନାରୀ ଆଜିର ଦିନରେ ଗୃହ ପିଞ୍ଜରାରେ ଆବଦ୍ଧ ହୋଇନାହିଁ । ଆଜିର ଦିନରେ ନାରୀମାନେ ବିଭିନ୍ନ କ୍ଷେତ୍ରରେ ଆଗେଇ ଆସିଲେଣି। ଇତିହାସର ପୃଷ୍ଠାକୁ ଲେଉଟାଇବା ତାହାହେଲେ ଦେଖିବା ରାଣୀ ଲକ୍ଷ୍ମୀବାଇ, ପଦ୍ମିନୀ, ସୁଭଦ୍ରା, ଶୁକଦେଇ ଇତ୍ୟାଦି ପ୍ରଭୃତି ନିଜ ସାହସିକତାର ପ୍ରମାଣ ଦେଇ ନିଜକୁ ଅମର ରଖିପାରିଛନ୍ତି । ସେହିଭଳି ଭାବରେ ଅମୀୟା କୁମାର ପାଢୀ, ପ୍ରଥମ ଓଡିଆ ମହିଳା ବିଚାରପତି ଭାବେ ନିଜର ପରାକାଷ୍ଠା ଦେଖାଇ ପାରିଛନ୍ତି। ପ୍ରଥମ ଓଡିଆ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ

ISSN NO.
2582-208X

ଶତପଥୀ ଏବଂ ଅନ୍ନପୂର୍ଣ୍ଣା ମହାରଣା, ସ୍ୱାଧିନତା ସଂଗ୍ରାମୀ ଭାବେ ଚିର ଅମର ହୋଇପାରିଛନ୍ତି । ବର୍ତ୍ତମାନ ସମ୍ବିଧାନର ସର୍ବୋଚ୍ଚ ସାମ୍ବିଧାନିକ ପଦ ରାଷ୍ଟ୍ରପତି ଦ୍ରୌପଦି ମୁର୍ମୁ କାର୍ଯ୍ୟରତ ଓ ଭାରତ ପାଇଁ ଗର୍ବାନୀତ । ପ୍ରଥମ ଓଡିଆ ମହିଳା ଆଇ.ଓ.ଏସ୍. ଭାବେ ରୂପା ମିଶ୍ର ମଧ୍ୟ ଆମ ପାଇଁ ଏକ ପ୍ରେରଣାର ଉତ୍ସ । ଇତିହାସକୁ ଆଲୋଚନା କଲେ ବହୁତ ମହିଳା ନିଜର ବୁଦ୍ଧି, ବିଦ୍ୟା, ସାହସିକତା ର ପରିଚୟ ଦେଇ ଆମ ଆଗରେ ଚିର ନମସ୍ୟା ହୋଇପାରିଛନ୍ତି । ଆଜିର ଏ ଦିନିଆରେ ନାରୀ ସର୍ବଦା ପୀଡିତା ଓ ନିଷ୍ପେସିତା, ଜଲ୍ଲା ଓ ଭୟ ପାଇଁ ମହିଳାମନେ ଜୌଣ ଶିକାର ଓ ଅତ୍ୟାଚାରିତା ହେଲେ ମଧ୍ୟ ପାଟି ଖୋଲୁ ନାହାନ୍ତି ଯଦି ଏପରି ଅଭାବନୀୟ ଘଟଣା ଘଟୁଛି, ସେଠାରେ ରାଜନୈତିକ ତଥା ପ୍ରଶାସନିକ ଚାପ ପକାଇ ଚପାଇ ଦେଉଛନ୍ତି । ଯଦିବା ପୋଲିସ୍ ପାଖରେ ଏତଲା ଦିଆଯାଉଛି ଏହାର ରୂପରେଖ ଅନ୍ୟପ୍ରକାରେ ବଦଳାଇ ଦିଆଯାଉଛି । ଦୁଃଖ ଲାଗେ, ଯେତେବେଳେ ବିକଶିତ ରାଷ୍ଟ୍ର ଗୁଡିକ ସମୟ ତଥା ପରିସ୍ଥିତିକୁ ଦୃଷ୍ଟିରେ ରଖି ବିଭିନ୍ନ ଆଇନର ସଂସ୍କାର ଆଣିଲା ବେଳେ, ଆମ ଦେଶ କ୍ଷେତ୍ରରେ ଏହା ଏକ ବ୍ୟତିକ୍ରମ । ବିଭିନ୍ନ ପ୍ରକାର ସମସ୍ୟା ଯଥା ଯୌତୁକ ନିର୍ଯ୍ୟାତନା ମାମଲା ଅତ୍ୟଧିକ ଆସିବାରୁ ପ୍ରତ୍ୟେକ ମହିଳା ଭାରତୀୟ ଦଣ୍ଡ ବିଧି ଆଇନ ଧାରା ୪୯୮(ଏ) ଏକ ଅସ୍ତ୍ର ରୂପେ ବ୍ୟବହାର କରୁଥିଲେ ସେମାନଙ୍କର ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଉଚ୍ଚ ନ୍ୟାୟାଳୟ ବିଭିନ୍ନ ମାମଲା ପରିଚାଳନା ନିର୍ଦ୍ଧାୟକ ରେ ଉଲ୍ଲେଖ କରିଥିଲେ । ଏହି ମାମଲା ଆସିବା କ୍ଷଣି ପୋଲିସ୍ ସମସ୍ତଙ୍କୁ ଗିରଫ କରୁଥିଲେ । ଦିନକୁ ଦିନ ଯୌତୁକ ନିର୍ଯ୍ୟାତନା ମିଛ ମାମଲା ବଢିଚାଲିଲା ଏବଂ ସେହି ନାରୀ ତାର ସ୍ୱାମୀ ଏବଂ ସ୍ୱାମୀଙ୍କର ପରିବାରର ସଦସ୍ୟଙ୍କ ନାମରେ ମାମଲା ରୁଜୁ କରିବା ଦ୍ୱାରା ବିନା କାରଣରେ ସେମାନଙ୍କୁ ଗିରଫ କରାଗଲା । ଯେଉଁ ଆଇନ୍ ନାରୀର ସୁରକ୍ଷା କବଚ ପାଇଁ ଥିଲା, ତାହା ଦିନକୁ ଦିନ ଅନ୍ୟ ଦିଗରେ ବ୍ୟବହାର କରାଗଲା । ଯେଉଁ ନାରୀ ପାଇଁ କବଚ ଥିଲା ତାହା ଅନ୍ୟ ଏକ ନିର୍ଦ୍ଦୋଶ ନାରୀକୁ ଛନ୍ଦି ହେଉଥିଲେ କି ଯୌତୁକ ନିର୍ଯାତନା ମାମଲାରେ ପୁରୁଷମାନେ ଖସି ଯାଉଥିଲେ ଏବଂ ଲୁଚି ବୁଲୁଥିଲେ କିନ୍ତୁ ଶାଶୁ ଘର ଛାଡି ଯାଉନଥିଲେ । ସେହି ମାମଲାରେ ଶାଶୁ ବଳି ପଡି ଯାଉଥିଲେ । ଗୋଟିଏ ନାରୀ ପାଇଁ ଅନ୍ୟ ଏକ ନାରୀ କଷ୍ଟ ଭୋଗ କରୁଥିଲେ । ଏହି ସବୁ ମାମଲା ବଢିବାରୁ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଉଦବେଗ ପ୍ରକାଶ କରି ୨୦୧୪ ମସିହାରେ ଅନ୍ନେଶ କୁମାର vs ବିହାର ର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଲେ କି ଯେ ଯେଉଁ ଧାରାର ଦଣ୍ଡ ବିଧାନ ୭ ବର୍ଷ କିମ୍ବା ୭ ବର୍ଷରୁ କମ୍ ଗିରଫ ନକରି ସର୍ବ ପ୍ରଥମେ ସି.ଆର.ପି.ସି. ଧାରା ୪୧(ଜି)

ISSN NO.
2582-208X

ନୋଟିସ୍ ଦେବା । ଅଧିକାଂଶ ଯୌତୁକ ନିର୍ଯ୍ୟାତନା ମାମଲା ଗୁଡିକ ମିଛ ବୋଲି ଧରା ପଡୁଛି ଏବଂ ଉକ୍ତ ମାମଲାରେ ସପରିବାରକୁ ଯୋଡି ହଇରାଣ ହରକତ କରାଯାଉଛି । ବିଭିନ୍ନ ଉଚ୍ଚ ନ୍ୟାୟଳୟ ଗୋଟିଏ ନାରୀକୁ ବଞ୍ଚାଇବାକୁ ଯାଇ କେତେ ନିରୀହ ନାରୀ ବିନା କାରଣରେ ହାଜତ୍ ରେ ରହୁଛନ୍ତି । ପୂର୍ବରୁ ଏତେ ମାତ୍ରାରେ ମାମଲା ହେଉଥିଲା, ସେମାନେ ଏତେ ଶିକ୍ଷିତ ନଥିଲେ ସତ କିନ୍ତୁ ସେମାନଙ୍କ ପାଖରେ ମାନ, ମର୍ଯ୍ୟାଦା ସଂସ୍କାର ଥିଲା । ବର୍ତ୍ତମାନ ଯୁଗରେ ନାରୀ ଶିକ୍ଷିତ କିନ୍ତୁ ପରିବାର ଚଳେଇବା କାଠିକର କାରଣ ସେମାନଙ୍କର ସମ୍ମାନ, ସଂସ୍କାରର ଅଭାବ ଏବଂ ସହନ ଶକ୍ତି ନାହିଁ କହିଲେ ଚଳିବ । ଆଜିର ନାରୀ ବିବାହ ପରେ ସ୍ୱାମୀଙ୍କ ସହ ଅଲଗା ରହିବାକୁ ଭଲ ପାଆନ୍ତି । ଶାଶୁ, ଶ୍ୱଶୁର ଏବଂ ଅନ୍ୟମାନଙ୍କ ଠାରୁ ଦୂରେଇ ରୁହନ୍ତି । ଶାଶୁ ଏବଂ ବୋହୁ ଉଭୟ ମହିଳା କିନ୍ତୁ ଚିନ୍ତା ଚେତନା ଭିନ୍ନ । ଯଦି ସ୍ୱାମୀ ତାର ସ୍ତ୍ରୀ ର କଥାରେ ନଚାଲେ ବା ଶାଶୁ ମା କିମ୍ବା ବୋହୁର ମାଉସୀଙ୍କ କଥାରେ ସ୍ୱାମୀ ପରିଚାଳିତ ନହେଲା ତା ପରେ ମିଥ୍ୟା ଯୌତୁକ ନିର୍ଯ୍ୟାତନା ମାମଲା ରୁଜ୍ଜୁ କରି ପୁଅ ଘର ପ୍ରତି ନିନ୍ଦା ଅପମାନ କରାଇଥାଏ । ତତପରେ ଘରୋଇ ହିଂସା ଆଇନ୍ ଧାରା ୧୨, ୧୮, ୧୯, ୨୦ ଏବଂ ୨୩ ଧାରାନୁସାରେ ସହିତ ଫୌଜଦାରୀ କାର୍ଯ୍ୟବିଧି ସଂହିତା ଧାରା ୧୨୫ ଅନୁସାରେ ଅନ୍ୟଏକ ମାମଲା ରୁଜ୍ଜୁ କରିଥାଏ । ଆଜିର ଦିନରେ ଫୌଜଦାରୀ ଏବଂ ଦେଓ୍ୱାନୀ କାର୍ଯ୍ୟ ନିଧିସଂହିତା ଠାରୁ ଅତ୍ୟଧିକ ମାତ୍ରାରେ ପାରିବାରିକ ବିବାହ ବିଚ୍ଛେଦ ମାମଲା ପରିଲକ୍ଷିତ ହେଉଛି ।ଅଧିକାଂଶ ମାମଲା ଗୁଡିକରେ ଝିଅ ଘରର ମା ଓ ମାଉସୀଙ୍କ ହସ୍ତକ୍ଷେପ ଯୋଗୁଁ ସେମାନଙ୍କର ଝିଅ ଓ ଝିଆରୀ ର ଜୀବନ ନଷ୍ଟ ହେଉଛି । ଭାରତରେ ମଧ୍ୟ ଛାଡପତ୍ର ମାମଲା ବୃଦ୍ଧି ହେବା ସହିତ ଉଭୟଙ୍କ ପରିବାରର କ୍ଷତି ହୁଏ । ଏସବୁ ମାମଲ୍ରେ ତୃତୀୟ ପକ୍ଷ ହସ୍ତକ୍ଷେପ ନକରି ଉଭୟଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ବୁଝାମଣା କରିଲେ ପୁନଃବାର ଘର ଯୋଡି ହେବାର ସମ୍ଭବ ଅଛି । ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ଯଦି ବୁଝାମଣାର ଅଭାବ ହୁଏ ସେଠି କୌଣସି ପ୍ରକାର ଆଇନ୍ ସମାଧାନ କରିପାରିବ ନାହିଁ । ନାରୀ ଚାହିଁଲେ ଘରକୁ ସ୍ୱର୍ଗ ରୂପେ ଗଢିପାରିବ ନାରୀ ଚାହିଁଲେ ଘରକୁ ଛାରଖାର କରିଦେଇପାରେ । ବିକାଶର ଅନ୍ୟ ଏକ ଅଙ୍ଗ ହେଉଛି ନାରୀ । ନାରୀ ଯେତିକି ଉନ୍ନତି କରିବ, ସେ ଦେଶ ସେତିକି ଉନ୍ନତି କରିବ । ନାରୀ ଜାତିକୁ ସମ୍ମାନ ଦେବା ସହ ସେମାନଙ୍କର ସୁରକ୍ଷା ମଧ୍ୟ ଆମର ଏକାନ୍ତ କାମ୍ୟ ବର୍ତ୍ତମାନ କେନ୍ଦ୍ର ସରକାର ମହିଳା ମାନଙ୍କୁ ଅଗ୍ରାଧିକାର ଦେବାପାଇଁ ସଂସଦୀୟ କ୍ଷେତ୍ରରେ ୨୨ ପ୍ରତିଶତ ବିଲ୍ ଉଭୟ ଗୃହରେ ପାରିତ ହୋଇଛି ଉଭୟ ଲୋକସଭା ଓ ରାଜ୍ୟ ବିଧାନ ସଭା କ୍ଷେତ୍ରର ଓ

ISSN NO.
2582-208X

ଭାରତୀୟ ସମ୍ବିଧାନର ଆମେଣ୍ଡମେଣ୍ଟ ୧୨୮ ବିଲ୍ । ଏହା ଏକ ଐତିହାସିକ ସୋପାନ ଆମ ଭାରତୀୟ ମାନଙ୍କ ପାଇଁ । ବର୍ତ୍ତମାନ କେନ୍ଦ୍ର ସରକାର ବ୍ରିଟିଶ୍ ଆଇନ୍ କୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି ଏବଂ ଲୋକସଭାରେ ବିଲ୍ ପାସ୍ ହୋଇଛି ।

କେତେକ ଗ୍ରାମାଞ୍ଚଳରେ ମହିଳା ସରପଞ୍ଚ ନିର୍ବାଚିତ ହୋଇଥାନ୍ତି କିନ୍ତୁ ସେମନଙ୍କର କାମ ସେମାନଙ୍କ ସ୍ୱାମୀ ଓ ପୁଅ ତୁଲାଇଥାନ୍ତି ଏବଂ ମହିଳା ସରପଞ୍ଚ କେବଳ ଦସ୍ତଖତ କରନ୍ତି । ସେହିପରି କାମ କରୁଥିବା ଲୋକକୁ ପ୍ରକ୍ସି ସରପଞ୍ଚ କୁହାଯାଏ ଏବଂ ଏହାକୁ ମାନ୍ୟବର ଉଚ୍ଚନ୍ୟାଆଳୟ ଗୁରୁତର ସହ ନେଇଛନ୍ତି । ସ୍ୱାମୀ ପଞ୍ଚାୟତରେ କାର୍ଯ୍ୟ ବୁଝନ୍ତି ଏବଂ ସ୍ତ୍ରୀ କେବଳ ସରପଞ୍ଚ । ସବୁକିଛି ଛାୟା ସରପଞ୍ଚ ବୁଝନ୍ତି । ପଞ୍ଚାୟତର ୫୦ ପ୍ରତିଶତ ମହିଳାଙ୍କ ପାଇଁ ସଂରକ୍ଷିତ, କିନ୍ତି ଜିତିଗଲା ପରେ ସେମାନଙ୍କର୍ ବାପା, ସ୍ୱାମୀ, ପୁଅ ଇତ୍ୟାଦି କାର୍ଯ୍ୟ ତୁଲାଇଥାନ୍ତି । ପତ୍ନୀ ସରପଞ୍ଚ ହେଲେ ପଞ୍ଚାୟତର ସର୍ବସର୍ବା ସରପଞ୍ଚଙ୍କ ସ୍ୱାମୀ । ସବୁକିଛି ସମ୍ଭାଳନ୍ତି ଛାୟା ସରପଞ୍ଚ । ଉଭୟଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରିବ, ସରପଞ୍ଚ ଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଏବଂ ଛାୟା ସରପଞ୍ଚଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ ହେବ । ପଞ୍ଚାୟତିରାଜ ବିଭାଗ ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତୃଣମୂଳ ସ୍ତରରେ ମହିଳାଙ୍କ ନେତୃତ୍ୱ ଓ ଭାଗିଦାରୀ ପାଇଁ ୫୦ ପ୍ରତିଶତ ସଂରକ୍ଷିତ ରଖାଯାଇଛି । ବର୍ତ୍ତମାନ ରାଜ୍ୟ ସରକାର ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି ମିଶନ ଶକ୍ତି, କିଶୋରି ଶକ୍ତି ଯୋଜନା, ଖୁସି ଯୋଜନା, ସୁଦାକ୍ଷ୍ୟା ଯୋଜନା, ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତି କରଣ ଯୋଜନା ବିଜୁ କନ୍ୟାରତ୍ନ ଯୋଜନା, ମମତା ସ୍କିମ, ବାଣିଶ୍ରୀ ଯୋଜନା ଇତ୍ୟାଦି । ନାରୀ ମାନଙ୍କୁ ସମାଜରେ ଆଗ ଧାଡିରେ ରଖିବା ପାଇଁ ବିଭିନ୍ନ ପ୍ରକାରଅର ଯୋଜନା ହେଉଛି । ବର୍ତ୍ତମାନ ଯୁଗରେ ନାରୀମାନେ ଘରୁ ବାହାରି ବିଭିନ୍ନ ସ୍ଥାନରେ ଚାକିରି କରିବା ସହ ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କୁ ରୋଜଗାରର ପନ୍ଥା ଯୋଗାଉଛନ୍ତି । ନାରୀ ମାନେ ସରକାରୀ ଚାକିରୀ କ୍ଷେତ୍ରରେ ବହୁ ଉଚ୍ଚ ପଦାଧିକାରୀରେ ଅବସ୍ଥାପିତ କରିଛନ୍ତି । କଥାରେ ଅଛି – "For every successful man, there is a woman" । ତେଣୁ ନାରୀ ଜାତିର ସୁରକ୍ଷା ଆମ ସମାଜ ତଥା ଦେଶ ପାଇଁ ଏକ ଗୁରୁ ଦାୟିତ୍ୱ । ଯାହାଦ୍ୱାରା ଏକ ସରସ, ସୁନ୍ଦର ତଥା ଶୃଙ୍ଖଳିତ ସମାଜ ଗଢି ଉଠିବ ଓ ଆମ ଦେଶ ତଥା ଜାତି ଉନ୍ନତି କରିବ ।

ଆଇନଜୀବୀ, କଟକ

ISSN NO.
2582-208X

# ଜୟ ମା ସରସ୍ୱତୀ

ପ୍ରବୋଧ କୁମାର ହୋତା

ଶାନ୍ତ -ସ୍ନିଗ୍ଧ -ସୁଶୀଳ ମୁଖମଣ୍ଡଳ,
ଢ଼ଳ-ଢ଼ଳ କୃଷ୍ଣ ନୟନ ଯୁଗଳ ।
କର୍ଣ୍ଣେ କୁଣ୍ଡଳ ଗଳେ ଲମ୍ବିତ ମାଳ,
ଶ୍ୱେତକମଳ ବାସ ବାହନ ମରାଳ ।
ଶୁଭ୍ର ବସ୍ତ୍ରା ପରିହିତା ଦିବ୍ୟ ମଞ୍ଜୁଳ
ତୁହି ମା ଦାୟିନୀ ବିଦ୍ୟା ସକଳ ।

ତଲ୍ଲୀନ ବୀଣାସୁରେ ଚତୁରାନନ,
ମୁଦ୍ରିତ ନୟନ ସଦା ଧ୍ୟାନମଗନ ।
ବ୍ରହ୍ମଧ୍ୟାନ ଯୁକ୍ତ ତୁମ ଜ୍ଞାନ ବିଜ୍ଞାନ,
ସୃଷ୍ଟି ନିର୍ମାଣ କରେ ନବ ସୃଜନ ।
ସୁରାସୁରନର ମାଗୋ ତବ ଶରଣ,
ବିଦ୍ୟା, ବୁଦ୍ଧି ଦିଅ ମା କରୁ ପୂଜନ ।

ଜୟ ଜୟ ମା ଶାରଦା ବରଦା,
ତୁମ ଆଗମନେ ପ୍ରକୃତି ସଜ୍ଜିତା ।
ତୁମ କୃପା ବିନା ସବୁ ଜ୍ଞାନ ଅଧା,
ତବ ସୁରେ ମିଳେ ସର୍ବ ବୁଦ୍ଧିବିଦ୍ୟା ।
ମଙ୍ଗଳକାରକ ହେ ମା ଆରାଧ୍ୟା,
ଘେନ ମା ପୂଜା ମୋର ହରି ଅବିଦ୍ୟା ।

ବିଭାଗୀୟ ମୁଖ୍ୟ, ବାଣିଜ୍ୟ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ISSN NO.
2582-208X

# ଦଣ୍ଡମୁକ୍ତ ଅଞ୍ଚଳ



ଜନ୍ମଜୟ ନାୟକ

ବିଦ୍ୟାଳୟ ବିଦ୍ୟାର ମନ୍ଦିର ଅଟେ। ବିଦ୍ୟାଦାନ ମହାପୁଣ୍ୟ। ଶିକ୍ଷକତା ପରି ମହାନ୍ କର୍ମ କରିବା ବ୍ୟକ୍ତିଙ୍କୁ ଭାଗ୍ୟବାନ କୁହାଯାଇପାରେ। ମଣିଷ ତିଆରି କାରଖାନାର ଅଭିଜ୍ଞ ଶିଳ୍ପୀପରି ସେମାନେ ଶିଶୁଙ୍କୁ ଗଢନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଜଣେଜଣେ ଚିତ୍ରଶିଳ୍ପୀ ସଦୃଶ। ସେମାନେ କୋମଳମତି ଶିଶୁମାନଙ୍କର ଭାଗ୍ୟ ଓ ଭବିଷ୍ୟତକୁ ନୂତନ ରୂପ ଦିଅନ୍ତି। ସେମାନଙ୍କର ଶିକ୍ଷା, ଶିକ୍ଷଣ ଶୈଳୀ,ଆଚରଣ, ବ୍ୟବହାର, ଅନୁଶାସନ, ଉପଦେଶ ଓ ମାର୍ଗଦର୍ଶନ ରେ ପ୍ରଭାବିତ ହୁଅନ୍ତି ଶିଶୁମାନେ। ଯେତିକି ସମୟ ଶିଶୁମାନେ ବିଦ୍ୟାଳୟରେ ରୁହନ୍ତି ସେତିକି ସମୟ ଅଭିଭାବକ ମାନେ ଚିନ୍ତାମୁକ୍ତ ହେଇ ରୁହନ୍ତି ,କିନ୍ତୁ ଏହି ସମୟରେ ଗୁରୁ ଦାୟିତ୍ୱରେ ରହନ୍ତି ଶିକ୍ଷକମାନେ। ସେମାନେ ଆପଣାପଣର ମହକରେ ବାସ୍ନାୟିତ କରିଦିଅନ୍ତି ବିଦ୍ୟାଳୟ ପ୍ରାଙ୍ଗଣକୁ। ମମତାବୋଳା ସ୍ନେହାସିକ୍ତ ମନଜିଣା କଥାରେ ହସ ବୁଣିଦିଅନ୍ତି ଓଠ ଧାରେ। ବିଦ୍ୟାଳୟକୁ ବି ଶିଶୁ ନିଜର ଭାବିବା ଆରମ୍ଭ କରେ ।

ଶିକ୍ଷଣ ପ୍ରକିୟାର କେନ୍ଦ୍ରବିନ୍ଦୁ ଶିଶୁ । ଶିକ୍ଷକ ମାନେ ଶିଶୁର ଅନ୍ତର୍ନିହିତ ପ୍ରତିଭା ଓ ସୃଜନଶୀଳତା ର କ୍ରମବିକାଶରେ ପୃଷ୍ଟପୋଷକ ହେବା ଉଚିତ। ଗୋଟିଏ ଶ୍ରେଣୀ କକ୍ଷରେ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ଥାଆନ୍ତି। ସେମାନଙ୍କର ଇଚ୍ଛାଶକ୍ତି, ଆଗ୍ରହ, ଧୈର୍ଯ୍ୟ ଓ ଜ୍ଞାନର ପରିଧି ସମାନ ନଥାଏ। କିନ୍ତୁ ଜଣେ ଆଦର୍ଶ ଶିକ୍ଷକ ଏପରି ପରିସ୍ଥିତିକୁ ସରଳ ସାବଲୀଳ ଭାବରେ ବିଭିନ୍ନ ପ୍ରତିକାରଯୋଗ୍ୟ ନୂତନ କୌଶଳରେ ସାମ୍ନା କରିବା ଦରକାର। ପ୍ରାଥମିକ

ISSN NO.
2582-208X

ସ୍ତରଠୁଁ ନେଇ ମାଧ୍ୟମିକ ସ୍ତରର ଛାତ୍ରଛାତ୍ରୀ, ସଭିଙ୍କୁ ପାଠପ୍ରତି ଆଗ୍ରହୀ କରିବାକୁ ବିଭିନ୍ନ ଅଭିନବ ଉପାୟ ଆପଣେଇବାକୁ ପଡେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ।

ଛାତ୍ରଛାତ୍ରୀଙ୍କୁ ଦଣ୍ଡ ଦେବା ଦ୍ଵାରା ବା ଡରେଇବା, ଧମକେଇବା ଦ୍ଵାରା ସେମାନଙ୍କ ମନରେ ପାଠପ୍ରତି ଭୟ ସୃଷ୍ଟି ହୁଏ। ସେମାନେ ବିଦ୍ୟାଳୟକୁ ଆସିବାକୁ ମଧ୍ୟ ଡରନ୍ତି। ସେମାନଙ୍କ ଉପରେ ମାନସିକ ଚାପ ମଧ୍ୟ ପଡେ। ମାଡ଼ ଦେବା ବା ଶ୍ରେଣୀ କକ୍ଷରେ ଅନ୍ୟ ପିଲାଙ୍କ ସାମ୍ନାରେ ଅପମାନିତ କରିବା ଜଣେ ଆଦର୍ଶ ଶିକ୍ଷକଙ୍କର ଲକ୍ଷଣ ନୁହେଁ। ବରଂ ଶିକ୍ଷକଙ୍କର ଦାୟିତ୍ଵ ହେଉଛି- କେଉଁ କାରଣ ପାଇଁ ପିଲାଟିର ଆଗ୍ରହ କମୁଛି ଅଥବା କେଉଁ କାରଣ ପାଇଁ ସେ ଶ୍ରେଣୀ କକ୍ଷରେ ବିଶୃଙ୍ଖଳିତ ଆଚରଣ କରୁଛି ତାର କାରଣ ଖୋଜି ବାହାର କରିବା। ଆବଶ୍ୟକ ପଡ଼ିଲେ ପିଲାଙ୍କୁ ସେଥିରୁ ନିବୃତ୍ତ କରିବାକୁ ଚେଷ୍ଟା କରିବା ।

ଜଣେ ଶିକ୍ଷକ ଏକ ମନସ୍ତତ୍ଵବିତ ପରି ଛାତ୍ରଛାତ୍ରୀଙ୍କ ମନକୁ ବୁଝିପାରିଲେ ହିଁ ନିଦାନାତ୍ମକ ଉପାୟ ଅବଲମ୍ବନ ପୂର୍ବକ ଉତ୍କର୍ଷ ସ୍ତରର ଶିକ୍ଷାଦାନ କରିପାରିବେ। ଯାହା ଶିଶୁର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ। ଶିଶୁମାନେ ବିଦ୍ୟାଳୟ ଭଳି ଏକ ଦଣ୍ଡମୁକ୍ତ ଅଞ୍ଚଳ ରେ ହସି ଖେଳି ଅଧ୍ୟୟନ କୁ ବୋଝ ବୋଲି ନଭାବି ତାର ଭରପୁର ମଜା ନେଇପାରିବେ।ଶିକ୍ଷା ଏକ ବୋଝ ଭଳି ପ୍ରତୀତ ହେବ ନାହିଁ ସେମାନେ ଶିକ୍ଷା କୁ ଏକ ଆଗ୍ରହ ଓ କୌତୁକ ଭାବି ଗ୍ରହଣ କରିବେ।

ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
ଫୋନ-୯୩୩୭୮୦୦୫୬୫

ISSN NO.
2582-208X

# ଶ୍ରୀ ମଧୁସୂଦନ



ଲକ୍ଷ୍ମୀପ୍ରିୟା ବିଶ୍ୱାଳ

ଶ୍ରୀ ମଧୁସୂଦନ ଚନ୍ତ ରେ ମନ ।
ମାରଣ ତାରନ ଯାର କେତନ ।
ନବ ନରଦ ରୂପ ଶ୍ୟାମ ଘନ ।
ଅର୍ତ ନାଶନ ନନ୍ଦ ନନ୍ଦନ ।
ଭୀଷଣ ସେ ଭଦ୍ର ନୃହରି ର୍ଣ ।
ଲ୍ଭ ଏ ସଂସାରେ ହରି ଭଜନ ।
ଷଡ ରସେ ଯେ କରଇ ଭୋଜନ ।
ବାଟକୁ ସଙ୍ଖାଳ ଜଗମୋହନ ।
ରିଦ୍ଧି ସିଦ୍ଧି ଦାତା ଜଗ ମୋହନ ।
କରୁଣା ସାଗର ଯଦୁନନ୍ଦନ ।
ଏ ସାର୍ ଭବେ ସାର ଜନାର୍ଦ୍ଦନ ।
ବିରମ ଶ୍ରୀର୍ମ କଥାରେ ମନ ।
ପିବ ହରି ନାମ ରସ ବହନ ।
ଏମର ଧାମ ଅଳକ ପ୍ରମାଣ ।
ନୟ୍ନ ନାଭିର୍ମ କର ସ୍ମରଣ ।
ମକର କୁଣ୍ଡଳ ଶୋହେ ଯା କର୍ଣ୍ଣ ।
ତରଣୀ ଭବ ସିନ୍ଧୁର ମୋହନ ।

ISSN NO.
2582-208X

ର୍ଜୀବ ଲ୍ଚନ କଞ୍ଜ ଚରଣ ।
ଶାଶ୍ୱତ ସୁଖ ଦାୟକ ଶ୍ରୀକୃଷ୍ଣ ।
ଖାଏ ବସି ଶାଠିଏ ପୌଟି ଅନ୍ନ ।
ଭ୍ବକୁ ନକଟ ର୍ଧା ମୋହନ ।
ର୍ସବିହାରି କରୁଣା ନଧାନ ।
ଜଗବନ୍ଧୁ ହରି ରମା ରମଣ ।
କଲ୍କଲେବର ସେ ଶ୍ୟାମଘନ
ନଦକେ ସ୍ଥିତ ରତ୍ନ ସିଂହାସନ ।
କାଳୀୟଦଳନ ବିଶ୍ୱ ମୋହନ ।
କେୟୁର କଙ୍କଣ କର ଶୋଭନ ।
ପାଳକ ନ ପଡେ ଚକା ନୟନ ।

ଗ୍ରାମ, ମହୁ, ପୋଷ୍ଟ ମହୁ, ଥାନା-ଆଳ,
ଜିଲ୍ଲା, କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ସୂର୍ଯ୍ୟକିରଣ



ସୂର୍ଯ୍ୟ ନାରାୟଣ ସାହୁ

ପ୍ରଭାତର କରରେ ସୁମନ ବିକାଶେ,
ରବି ବିକିରଣେ ଜଗତ ଉଲ୍ଲାସେ ।
କିରଣର ସ୍ପର୍ଶରେ ଜୀବ ଜାଗୃତ,
ଆଭା ବିନୋଦନେ କୁସୁମ ଫୁଟେ ।
ସଂସାରେ ନିୟତି ତୁମରି କିରଣେ
ତୁମ ତୀର୍ଯ୍ୟକ ଜ୍ୟୋତି ହୁଏ ବିଦ୍ୟମାନ ।
ତୁମ ଆଭା ପରା ସୁନେଲି କିରଣ
ଦେହ, ପ୍ରାଣ, ମନ ବୋଲି ଦିଏ ଚିହ୍ନ ।
ତୁମ ଜ୍ୟୋତି ହୁଏ ଜଗତ ପ୍ରଶନ୍ନ
ତୁମେ ପରା ମୋର ଦେହର କିରଣ ।
ସୂର୍ଯ୍ୟକିରଣ

ଆସ୍କା, ଗଞ୍ଜାମ

ISSN NO.
2582-208X

# ସୂର୍ଯ୍ୟାଷ୍ଟକମ୍



ଅଳକା ବାରିକ୍

.                  ସାମ୍ବ ଉବାଚ

ଆଦିଦେବ ନମସ୍ତୁଭ୍ୟଂ ପ୍ରସୀଦ ମମ ଭାସ୍କର।
ଦିବାକର ନମସ୍ତୁଭ୍ୟଂ ପ୍ରଭାକର ନମୋଽସ୍ତୁତେ ॥ ୧॥

ସପ୍ତାଶ୍ୱରଥମାରୂଢଂ ପ୍ରଚଣ୍ଡଂ କଶ୍ୟପାତ୍ମଜମ୍।
ଶ୍ୱେତପଦ୍ମଧରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୨॥

ଲୋହିତଂ ରଥମାରୂଢଂ ସ୍ୱର୍ଗଲୋକପିତାମହମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୩॥

ତ୍ରୈଗୁଣ୍ୟଂ ଚ ମହାଶୂରଂ ବ୍ରହ୍ମାବିଷ୍ଣୁମହେଶ୍ୱରମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୪॥

ବୃଂହିତଂ ତେଜଃପୁଞ୍ଜଂ ଚ ବାୟୁମାକାଶମେବ ଚ।
ପ୍ରଭୁଂ ଚ ସ୍ୱର୍ଗଲୋକାନାଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୫॥

ISSN NO.
2582-208X

ବନ୍ଧୂକପୁଷ୍ପସଙ୍କାଶଂ ହାରକୁଣ୍ଡଲଭୂଷିତମ୍।
ଏକଚକ୍ରଧରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୬॥

ତଂ ସୂର୍ଯ୍ୟଂ ଜଗତ୍କର୍ତାରଂ ମହାତେଜଃପ୍ରଦୀପନମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୭॥

ତଂ ସୂର୍ଯ୍ୟଂ ଜଗତାଂ ନାଥଂ ଜ୍ଞାନବିଜ୍ଞାନମୋକ୍ଷଦମ୍।
ମହାପାପହରଂ ଦେବଂ ତଂ ସୂର୍ଯ୍ୟଂ ପ୍ରଣମାମ୍ୟହମ୍ ॥ ୮॥

ସୂର୍ଯ୍ୟାଷ୍ଟକଂ ପଠେନ୍ନିତ୍ୟଂ ଗ୍ରହପୀଡାପ୍ରଣାଶନମ୍।
ଅପୁତ୍ରୋ ଲଭତେ ପୁତ୍ରଂ ଦରିଦ୍ରୋ ଧନବାନ୍ଭବେତ୍ ॥ ୯॥

ଆମିଶଂ ମଧୁପାନଂ ଚ ଯଃ କରୋତି ରବେର୍ଦିନେ।
ସପ୍ତଜନ୍ମ ଭବେଦ୍ରୋଗୀ ପ୍ରତିଜନ୍ମ ଦରିଦ୍ରତା ॥ ୧୦॥

ସ୍ତ୍ରୀତୈଲମଧୁମାଂସାନି ଯସ୍ତ୍ୟଜେତ୍ତୁ ରବେର୍ଦିନେ।
ନ ବ୍ୟାଧିଃ ଶୋକଦାରିଦ୍ର୍ୟଂ ସୂର୍ଯ୍ୟଲୋକଂ ସ ଗଚ୍ଛତି ॥ ୧୧॥

ଇତି ଶ୍ରୀସୂର୍ଯ୍ୟାଷ୍ଟକସ୍ତୋତ୍ରଂ ସମ୍ପୂର୍ଣମ୍

ସଂଗ୍ରାହିକା: ଅଳକା ବାରିକ୍
ମହୁ, ଆଳ, କେନ୍ଦ୍ରାପଡା

ISSN NO.
2582-208X

# ଅପ୍ରିୟ ସତ୍ୟ



ଖଗେଶ୍ୱର ବାଗ

## ଭାଗ - ୨୩

ଏହିପରି ଦିନ ଅତିବାହିତ ହୋଇଛି। ସମୟ ସୀମାରେ ମାଳତି ହେଲା ଅନ୍ତଃସତ୍ତ୍ୱା। ମନରେ ଅନେକ ଆଶା, ଝିଅ କି ପୁଅ ହେବ ବୋଲି। ଝିଅ ହେଲେ ସବୁ ଦିନ ପାଇଁ ଘରେ ରହିବ ନାହିଁ। ଦିନେ ନା ଦିନେ ଚାଲିଯିବ ଶାଶୁ ଘରକୁ। ପୁଣି ଯୌତୁକ ଜନୀତ ହତ୍ୟା, ନାରୀ ନିର୍ଯ୍ୟାତନା କେତେ କଥା ରହିଛି। ଏପଟେ ବୃଦ୍ଧାବସ୍ଥାରେ ଦ୍ୱାର ଦ୍ୱାର ବୁଲିବାକୁ ହେବ। ମନେ ମନେ ଭଗବାନଙ୍କୁ ନିବେଦନ କରିଛି ପୁଅଟି ଦେବା ପାଇଁ। ଯିଏକି ବଂଶୋଦ୍ଧାର କରିବ। ମରିବା ବେଳେ ଅନ୍ତତଃ ପାଟିରେ ପାଣି ଟିକେ ଢାଳିବ, ଗଙ୍ଗାକୁ ଅସ୍ଥି ନେବ। ହେଲେ କିଏ କହିବ ଭାଗ୍ୟରେ କ'ଣ ଲେଖା ଅଛି। ପ୍ରଭୁଙ୍କ ଇଛା କ'ଣ? ତେବେ ଗୋଟିଏ କଥା କୁହାଯାଇପାରେ ଯେ ମାଁ ହେବାର ସୌଭାଗ୍ୟ ଲାଭ କରିବ ମାଳତି। ଲୋକ ମୁଖରେ ବନ୍ଧ୍ୟା ନାରୀର ଉପାଧିରୁ ବଞ୍ଚିତ ହେବ। ଶିଶୁ ସନ୍ତାନଟିକୁ ଦେଖି ଦେଖି ସ୍ୱାମୀର ଯାବତ ଯାତନା ଭୁଲିବାକୁ ପ୍ରୟାସ କରିବ। ଅବଶିଷ୍ଟ ଜୀବନ ବଞ୍ଚିନେବାର ରାହାଟି ପାଇଯିବ। ଦିନ ରାତି ଏଇସବୁ ଭାବିବସେ।

ପ୍ରସବ ବେଦନା ଅସହ୍ୟ ହେଲା। କିଏ କହିଲା ଡାକ୍ତର, ନର୍ସ, ଏଲ.ଏଫ.ଜି.କୁ ଡାକ। କିଏ କହିଲା ଡାକ୍ତରଖାନାକୁ ନିଅ। କିଏ କହିଲା ପ୍ରସବ ତାରିଖ ଆସି ନାହିଁ। କିଏ କହିଲା ଡାକ୍ତର ଦେଇଥିବା ତାରିଖ ଫେଲ ମାରେ, ତା'ର ଆଗରୁ ଛୁଆ ଜନ୍ମେ କିମ୍ବା କିଛି ଦିନ

ISSN NO.
2582-208X

ପରେ ହୁଏ। ନିର୍ଦ୍ଦିଷ୍ଟ ଧାର୍ଯ୍ୟ ତାରିଖରେ ଏଯାଏ କାହାକୁ ଛୁଆ ହୋଇନାହିଁ। ପୁଣି କିଏ କହିଲା ପ୍ରସବ ଜନୀତ ପାଣି ପଡିଲେ କଷ୍ଟ ଆହୁରି ହେବ। ତେଣୁ ଯଥାଶୀଘ୍ର ଡାକ୍ତରଖାନାକୁ ନିଅ। ଜୀବନର ଅନେକ ଅନୁଭୂତି ରଖିଥିବା ମହିଳାମାନଙ୍କ ମତ ଓ ଗର୍ଭସ୍ଥ ଶିଶୁ ପ୍ରତି ଅହେତୁକ ଶ୍ରଦ୍ଧା ସ୍ପଷ୍ଟ ରୂପେ ପ୍ରତୀୟମାନ ହେଉଥିଲା। ପୁଣି ତାଙ୍କର କଥାରେ ସେମାନଙ୍କର ବିଜ୍ଞତାର ପରିଚୟ ପରିଲକ୍ଷିତ ହେଉଥିଲା। ଯନ୍ତ୍ରଣା ଅସହ୍ୟ ହେବାରୁ ଡାକ୍ତରଖାନାରେ ଭର୍ତ୍ତି କରାଗଲା ମାଳତିକୁ। ଅତ୍ୟାଧିକ ଦୁର୍ବଳତା କାରଣରୁ ଆବଶ୍ୟକ ହେଲା ରକ୍ତ। ହେଲେ କିଏ ଦେବ, କାହାକୁ କହିବେ? ଏତେ ବଡ଼ ଡ଼ାକ୍ତରଖାନାରେ ପରିଚିତ ବ୍ୟକ୍ତି ତ କେହି ଦେଖିବାକୁ ମିଳୁ ନାହିଁ। ତଥାପି ଚାଲିଲା ରକ୍ତ ଖୋଜା। ଅନେକ ସମୟରେ ସ୍ୱେଚ୍ଛାସେବୀ ସଂସ୍ଥା ଓ ରକ୍ତଦାତାମାନେ 'ରକ୍ତ ଦାନ ପୂଣ୍ୟ କାମ'ନ୍ୟାୟରେ ରକ୍ତ ଦାନ କରିଥା'ନ୍ତି। ଏହା ବିଶେଷ କରି ଗର୍ଭବତୀ ମାଁ, ରକ୍ତହୀନତା ରୋଗୀଙ୍କ କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି । ଏସବୁ ବନ୍ଦୋବସ୍ତ ସତ୍ତ୍ୱେ କାହିଁକି ଅଜ୍ଞାତ ଅପରିଚିତ ନିଃସହାୟ ଦୀନ ଦରିଦ୍ର ରୋଗୀମାନେ ସର୍ବଦା ଏହି ସୁବିଧାରୁ ବଞ୍ଚିତ ହୁଅନ୍ତି ବୁଝି ହୁଏ ନାହିଁ। ସୌଭାଗ୍ୟକୁ ଏହି ସମୟରେ ମିଳିଗଲା ଯୁବକଟି ଯିଏ ଯାଇଥିଲା ଡାକ୍ତରୀ ପ୍ରମାଣ ପତ୍ର ନିମିତ୍ତ। ନିଜ ଗାଁର ଲୋକମାନଙ୍କୁ ଦେଖି ଟିକିଏ ଆଶ୍ଚର୍ଯ୍ୟ ହେଲା। ଶୁଣିବାକୁ ପାଇଲା ଅନ୍ତଃସତ୍ତ୍ୱା ମାଳତିକୁ ରକ୍ତ ଦରକାର। ମାଳତି! ହୃଦୟର ସେଇ ପ୍ରଥମ ସ୍ପନ୍ଦନ। ପ୍ରଣୟ କାବ୍ୟର କଳ୍ପିତ ନାୟିକା, ଜୀବନର ପ୍ରଥମ ଓ ଅନ୍ତିମ ଅତିଥି। ଏବେ ବି ମାଳତି ପାଇଁ ହୃଦୟରେ କିଛି ସ୍ଥାନ ଖାଲି ପଡିଛି । ସମାଜରେ ପ୍ରଚଳିତ ରୀତିନୀତି ସେହି ମାଳତିକୁ ସବୁଦିନ ପାଇଁ ପାଇବାରେ ପ୍ରତିବନ୍ଧକ ସାଜିଥିଲା। ତଥାପି ତା'ର ପ୍ରତି ଅଜସ୍ର ଶ୍ରଦ୍ଧା, ଆପଣାର ଭାବ ଏବେ ବି ରହିଛି। ଏବେ ବି ମାଳତି ନିଜର ଲାଗେ। ପ୍ରେମର ପ୍ରତିପାଦନ ଦେବାକୁ ଯାଇ ତା'କୁ ରକ୍ତ ଦେବାକୁ ହେବ। ରକ୍ତ କ'ଣ ଦରକାର ହେଲେ ଜୀବନ ଦେବାକୁ ପଶ୍ଚାତପଦ ହେବି ନାହିଁ। ସେ କାଳ ବିଳମ୍ବ ନକରି ରକ୍ତ ଦେବା ପାଇଁ ପ୍ରସ୍ତୁତ ହେଇଗଲା। ସୁବ୍ୟବସ୍ଥା ଭିତରେ ରକ୍ତଦାନ କାର୍ଯ୍ୟ ସଫଳ ହେଲା। ମୁଦ୍ରିତ ନୟନ ଉନ୍ମୀଳିନ କରି ମାଳତି ସେହି ଯୁବକକୁ ଦେଖିବାର ପ୍ରୟାସ କଲା ଯିଏ ଆଜି ରକ୍ତଦାନ କରି

ISSN NO.
2582-208X

ଉଭୟ ଜନନୀ ଓ ଶିଶୁ ହୃଦୟରେ ପ୍ରାଣ ସଞ୍ଚାର କଲା। କେଉଁ ଜନ୍ମରେ କେଜାଣି ସେହି ଅଗତ୍ୟା ଯୁବକ ସହିତ ରହିଥିଲା ତା'ର ଗଭୀର ସମ୍ପର୍କ। ହେଲେ ସ୍ୱଷ୍ଟରୂପେ ତା'ର ମୁଖ ଦର୍ଶନ କରି ପାରିଲା ନାହିଁ। ସ୍ୱାମୀ ଦେବଦତ୍ତ ରକ୍ତ ଦାତାକୁ ଅଶେଷ ଧନ୍ୟବାଦ ଅର୍ପଣ ପୂର୍ବକ ହାତରେ ଗୁଞ୍ଜିଦେଲେ କିଛି ଟଙ୍କା। ମାତ୍ର ଯୁବକ ଜଣକ ରୋଗୀର ଔଷଧପତ୍ର କିଣିବା ପାଇଁ ସେହି ଟଙ୍କା ଫେରସ୍ତ କରି ସ୍ମିତହାସ୍ୟଟି ପ୍ରକାଶ କରିଦେଇ କହିଲା, "ଏମାନେ ସମସ୍ତେ ମୋ ଗାଁ ମାଟିର ଆଉ ଏହା ମୋର କର୍ତ୍ତବ୍ୟ ଥିଲା। ଆଚ୍ଛା, ପୁଣି ଦେଖା ହେବ।" ବ୍ୟସ୍ତତା ଭିତରେ ସରଳ ପ୍ରଶ୍ନଟି ପଚାରିଲା ଦେବଦତ୍ତ, "ଆପଣଙ୍କ ନାଁ?" ପୁନର୍ବାର ସଂକ୍ଷିପ୍ତ ହସଟି ପ୍ରକାଶ କରି କହିଲା "ସତ୍ୟବ୍ରତ"। ମାଳତିର ମାନସ ପଟରେ ବିଜୁଳିର ଏକ ଚମକ ଖେଳିଗଲା ସତ୍ୟବ୍ରତ ନାଁ ଶୁଣି। ବାରମ୍ବାର ସେହି ଅତିପ୍ରିୟ ନାଁ ଟି ପ୍ରତିଧ୍ୱନିତ ହେଉଥିଲା ମସ୍ତିଷ୍କରେ। ନିଜକୁ ନିଜେ ବିଶ୍ୱାସ କରି ପାରିଲା ନାହିଁ ଇଏ ସେହି ସତ୍ୟ ବୋଲି। ଯିଏ ମାଳତିକୁ ପ୍ରାଣଠୁଁ ଅଧିକ ଭଲ ପାଉଥିଲା। ତା'ର ସୁଖ ଦୁଃଖରେ ସମଭାଗୀ ହେଉଥିଲା। ଅଥଚ ସେହି ସତ୍ୟକୁ ବିବାହ ବେଦୀରେ ଶେଷଥର ଚାହିଁବାକୁ ସାହସ ହେଲା ନାହିଁ ତା'ର। ବିଚରା, ପ୍ରିୟତମାର ବିଚ୍ଛେଦରେ କେତେ ଯେ ଲୁହ ଅଜାଡି ଦେଇଥିବ ତା'ର ହିସାବ ନାହିଁ। ତା'କୁ ଛାଡିଯିବାର ଦୁଃଖରେ କେତେ ଯେ ଭାଙ୍ଗି ପଡିଥିବ ଭଗବାନଙ୍କୁ ଜଣା। ତଥାପି ସେ ଆଜି ତା'ର ମନର ମାନସୀ ମାଳତିକୁ ଭୁଲି ନାହିଁ। ପ୍ରେମର ସଠିକ୍ ମୂଲ୍ୟ ପ୍ରଦାନ କରିବାକୁ ଯାଇ ରକ୍ତ ଦେଇଛି। ମାତ୍ର ମାଳତି -----। ନେତ୍ର ଯୁଗଳରୁ ଝରେଇ ଦେଇଛି ଦି'ଟୋପା ତତଲା ଲୁହ। ହୃଦୟରେ ସାଇତିଛି ଅତୀତର ପ୍ରତିଟି ମୁହୂର୍ତ୍ତ। ମାନସରେ ଉଙ୍କି ମାରିଛି ସତ୍ୟର ସେହି ବିରସ ବଦନ। ସାହସ ସଞ୍ଚୟ କରି ଶେଯରୁ ଉଠିବାର ପ୍ରୟାସ କଲା ମାଳତି। ହାତ ଠାରି ଚିତ୍କାର କଲା ସତ୍ୟବ୍ରତ--- ସତ୍ୟବ୍ରତ--- ବୋଲି। କିନ୍ତୁ ସତ୍ୟ ପ୍ରିୟତମା ଠାରୁ ବିଦାୟ ନେଇ ସୀମାନ୍ତ ଯୁଦ୍ଧ ନିମିତ୍ତ ଅଗ୍ରସର ହେଲା ଭଳି ଚାଲି ଯାଉଛି। ମରୁ ଉଦ୍ୟାନର ମରୀଚିକା ଭଳି ଅପସରି ଯାଉଛି ସମ୍ପର୍କୀୟଙ୍କ ନେତ୍ରରୁ। ପଛରେ ଛାଡି ଦେଇଛି ଅତୀତର ସମସ୍ତ ଅଭୁଲା ସ୍ମୃତିଗୁଡିକୁ। ମାଳତିର ଚିତ୍କାର ତା'ର କର୍ଣ୍ଣପଟ୍ଟହକୁ ସ୍ପର୍ଶ କରିପାରି ନାହିଁ। ମାଳତିର ସ୍ନେହ ତା'କୁ ବାନ୍ଧି

ISSN NO.
2582-208X

ପାରିନାହିଁ। କେବଳ ନବାଗତ ଜିରାଫକୁ ଚାହିଁଲା ପରି ମାଳତି ନିର୍ନିମେଷ ନୟନରେ ଚାହିଁ ରହିଲା ସତ୍ୟକୁ।

ମାଳତିର କୋଳମଣ୍ଡନ କରିଛି ଶିଶୁ କନ୍ୟାଟି। ସେ ଆଜି ମାଁ ହେବାର ସୌଭାଗ୍ୟ ଅର୍ଜନ କଲା। ବନ୍ଧ୍ୟା ନାରୀ କହିବାର ଅପବାଦରୁ ମୁକ୍ତି ପାଇଲା। ଲୋକେ ଏହି ଛୁଆପିଲା ପାଇବା ପାଇଁ କେତେ ପୂଜାପାଠ, ଉପାସନା ବ୍ରତ, ଗୁଡିଗାରେଡି କରୁଛନ୍ତି । ତଥାପି କେତେକଙ୍କ ଭାଗ୍ୟରେ କିଛି ଫଳ ନାହିଁ। ଯାହାହେଉ ଭଗବାନ ମାଳତିର ଡାକ ଶୁଣିଛନ୍ତି। କୋଳରେ ଅଜାଡି ଦେଇଛନ୍ତି ହୀରାଟି। ମାଳତି ବେଳେବେଳେ ଦୁଃଖରେ ଥିଲେ ସତ୍ୟକୁ ମନେ ପକାଏ। ଭାଗ୍ୟକୁ ନିନ୍ଦା କରେ। ଭାବେ, "ଏତେ ଭଲ ପାଇ ବି ନିଜର ହୋଇ ପାରିଲା ନାହିଁ। ଅଥଚ ମୋର ଖୁସି ପାଇଁ ତା'ର ସର୍ବସ୍ୱ ତ୍ୟାଗ କରିଦେଇଛି। ଏପରିକି ମତେ ବଞ୍ଚାଇବାକୁ ଯାଇ ରକ୍ତ ଦାନ ମଧ୍ୟ କରିଛି। ଧନ୍ୟ, ଧନ୍ୟ ସେହି ଯୁବକ! ଯିଏ ତା'କୁ ସ୍ୱାମୀ ରୂପରେ ବରଣ କରିବ ନିଶ୍ଚୟ ସୁଖରେ ଦିନ କାଟିବ। ତା'ର ଚଲାପଥରେ ଫୁଲ ହିଁ ଫୁଟୁଥିବ।"

ମାଳତି ସ୍ୱାମୀ ଦେବଦତ୍ତଙ୍କୁ କହି ନାହିଁ ଏହା ସେହି ସତ୍ୟ ଯିଏ ଦିନେ ମତେ ବହୁତ ଭଲ ପାଉଥିଲା। ଏହା ସେହି ସତ୍ୟ ଯାହାକୁ ନେଇ ଦେଖିଥିଲି ଅସୁମାରୀ ସ୍ୱପ୍ନ। ଏହା ସେହି ସତ୍ୟ ଯିଏ ମୋ ଜୀବନର ଗୋଟିଏ ଅଭୁଲା ଅତିଥି ବୋଲି। କିନ୍ତୁ ସତ୍ୟ ଆଜି ଅପ୍ରିୟ। ସ୍ୱାମୀ ଦେବଦତ୍ତଙ୍କ ପାଇଁ ଅପ୍ରିୟ, ଶାଶୁ ଘର ନିମନ୍ତେ ଅପ୍ରିୟ, ସମ୍ପର୍କୀୟ ସମାଜ ପାଇଁ ଅପ୍ରିୟ। ରକ୍ତ ଦାନ କରିଥିବା ସତ୍ୟ ହିସାବରେ ନୁହେଁ , ମାଳତିକୁ ଭଲ ପାଇଥିବା ଅଜ୍ଞାତ ଯୁବକ ଭାବରେ ଅପ୍ରିୟ । ମ୍ଳେଚ୍ଛ କୁଳରେ ଜନ୍ମ ହେଲା ବୋଲି ଅପ୍ରିୟ। ମିଛ ଦୁନିଆରେ ପାପାଭାର ଯୋଗୁଁ ଅପ୍ରିୟ।

ସମାପ୍ତ

ବୁଦ୍ଧିକୋମନା, ଜିଲ୍ଲା ନୂଆପଡ଼ା

ISSN NO.
2582-208X

# ବିଦାୟ



ପ୍ରକାଶ ଚନ୍ଦ୍ର ପଣ୍ଡା

ହେ ଯୁଗ ପୁରୁଷ ଏ ଯୁଗରେ ଶ୍ରେଷ୍ଠ
ଅନନ୍ୟ ତୁମ ବ୍ୟକ୍ତିତ୍ୱ
ଅଟଳ ଅଚଳ ହେ ମହା ମହିମ
ନୁହେଁ କେହି ସମକକ୍ଷ ।

ସଂଗ୍ରାମ ତୁମର ଏକମାତ୍ର ମନ୍ତ୍ର
ହୃଦୟେ ରହିଛି ସଦା
ଆଖିରେ ଆଖିଏ ସ୍ୱପ୍ନ ଥିଲା ସତ
ସୁନାର ଭାରତ ଏକା ।

ଗଢିବାକୁ ଏକ ସୁନାର ଭାରତ
ଆଖିରେ ଆଖିଏ ସ୍ୱପ୍ନ
ନିୟତି ନିର୍ଦ୍ଦେଶେ ରହିଗଲା ବାକି
ସ୍ୱପ୍ନ ହେଲା ଅସଂପୂର୍ଣ୍ଣ ।

ପଲ୍ଲୀ ଠାରୁ ଦିଲ୍ଲୀ ସବୁରି ହୃଦେ୍ୟ
ତୁମରି ସ୍ଥାନ ନିଆରା
ପୋଖରାନ୍ ଠାରେ ପରମାଣୁ ଅସ୍ତ୍ରେ
ବିଶ୍ୱ ସମୁଦାୟ ଟେରା ।
ନାମରେ ଅଟଳ ହସ ଛଳ ଛଳ
କଥା କଥାଏ କବିତା
ସାଣିତ ଭାଷଣେ ହସ ହସ ମୁଖେ
କହୁଥିଲ ମନ ବ୍ୟଥା ।
ହିନ୍ଦୁତ୍ୱ ଚେତନା ଉଦାର ଭାବନା
ନବ ଭାରତର ବୀର
କବି, ରାଜନେତା ହେମହାନ ନେତା
ତୁମକୁ କୋଟି ଜୁହାର ।

କଲ୍ୟାଣପୁର, ଭୁଇଁପୁର,
ପାଣିକୋଇଲି, ଯାଜପୁର

ISSN NO.
2582-208X

# ଭଉଣୀ ଟା ମୋର ବୁଝିବ କେବେ ? ?



ଅନାଦି ଚରଣ ବେହେରା

ଭଉଣୀ ଟା ମୋର ରହିଛି ତଳେ
ଆଖିରେ ପରଳ ଲାଗିଛି
ଝିଅମାନେ କେତେ ଆଗେଇ ଗଲେଣି
ତାକୁ କ ସେ ଦେଖି ପାରୁଛି
ସକାଳୁ ସକାଳୁ ପାରୁନ ଉଠି
ଭାରି ସୁକୁମାରୀ ପାରୁନ ଖଟି
ଇସ୍କୁଲ୍ ଯିବାକୁ ମନ ନାହିଁ ତାର
ପଢ କହିଲେ ସେ ଛାଡୁଛି ପାଟି
ଆଜି ସିନା ବୁଝି ପାରୁନ
ବୁଝିଲା ବେଳକୁ ସମୟ ନଥିବ,
ଜମାରୁ ସେ ଭାବି ପାରୁନ ।
ତାରି ଆଗରେ ଝିଅ ମାନେ ଆଜି
ଡାକ୍ତର ଲେକ୍ଚର୍ ହେଲେଣି
ବାଟ ବଣା ଆଜି ଭଉଣୀ ଟା ମୋର
ଯେତେ କହିଲେ ବି ଶୁଣିନ
ଦିନ ଆସିବ ବାହା ଘର ପରେ
ମାଆ ସେ ହେବ,
ପଢୁନ ପାଠ, ଚନ୍ତା ମତେ ଲାଗେ
କପରି ଦିନେ ସେ ଗାଳିବ ବାଟ ?

ISSN NO.
2582-208X

ତାର ବଂଶଧର କେମିତି
ତା ଠାରୁ ପାଇବେ ଶିକ୍ଷା
ଭବିଷ୍ୟତ ତାର ଅନ୍ଧାର ନିଶ୍ଚିତ୍
ନାହିଁ ତା ରକ୍ଷା ।
ଶିଖିତ ନାହିଁ,
ଶିଖେଇ ଅବା ସେ ପାରିବ କାହିଁ ।
ସଜବାଜ ହେଇ ଦିନ ତାର୍ ଖାଲି ବିତୁଛି
ସୁନ୍ଦରତା ଖାଲି ଶରୀର ରେ ନଥାଏ
ସେ କଥା କ ସିଏ ବୁଝିଛି ।
ହିମା ଦାସ ଆଉ ପିଇଟି ଉଷା
ସେମାନଙ୍କୁ ସିଏ ଦେଖିନ ଜମ୍ମା
ଦେଶ ବିଦେଶରେ ନା କରିଛନ୍ତ
ଆମ ଦେଶ ର ବଡ ଗାରିମା ।
ସୁନ୍ଦର କେବଳ ଦକ୍ଷତା
ସୁନ୍ଦର ହେଉ ତୋ କ୍ଷମତା
ପାରିବା ପଣିଆ ସୁନ୍ଦର ହେଲେ
ତୋ ପାଖେ ଯୋଡିବେ ଅନେକ ଭଲେ
ଅପେକ୍ଷା କରି ତୁ ରହିଥା ।

ପ୍ରଧାନ ଶିକ୍ଷକ,
ଜୁର୍ମୁଂଡା ସରକାରୀ ଉ.ପ୍ରା ବିଦ୍ୟାଳୟ
ବଉଦ / ମୋ - ୯୯୩୭୦୬୮୦୪

ISSN NO.
2582-208X

# ଫଗୁଣ ଖୋଜୁଛି ଠିକଣା ତାର



ସ୍ୱାଗତିକା ସାହୁ

ଚତୁଃର୍ଦ୍ଦିଗ ଆଜି ସଜଳ ଶ୍ୟାମଳ
ଆମ୍ବ ବଉଳର ହସେ
ଧରଣୀ ରାଣୀଟି ପିନ୍ଧିଛି ସତେକି
ଓଢ଼ଣୀ ସବୁଜ ଦିଶେ ।।

ଶୀତର ଲହରୀ ରୁଷି ଚାଲିଗଲା
ବସନ୍ତର ଆଗମନେ
ଫଗୁଣର ଫଗୁ ରଙ୍ଗେଇବା ପାଇଁ
ଅଙ୍କୁରିତ ସଭି ମନେ ।।

ରଙ୍ଗ ବେରଙ୍ଗର ପ୍ରସ୍ଫୁଟିତ ଫୁଲେ
ଫୁଲେଇ ପରଜାପତି
ମଳୟ ପବନ ଦେଉଛି ଅଞ୍ଜନ
ଜଳାଏ ପ୍ରେମିକ ଛାତି ।।

ରଙ୍ଗୀନ ସ୍ୱପ୍ନରେ ଭିଜିଯାଏ ମନ
ଶୁଭେ କାକଳିର ସ୍ୱର
ପ୍ରତିଧ୍ୱନି ଆସେ ବାସ୍ତବତା ଦିଶେ
ପ୍ରତିଛାୟା ଏ କାହାର ।।

ଋତୁଚକ୍ର ତୁମେ ବହି ନେଇଗଲ
ପାଞ୍ଚ ଋତୁ ଅନୁପ୍ରାଣେ

ISSN NO.
2582-208X

ବସନ୍ତ ପାଇଁକି ଠିକଣା ହଜିଛି
ଖୋଜୁଛି ସେ ପ୍ରତିକ୍ଷଣେ ।।

ଆମ୍ବ ବଉଳରେ ଅଛି କି ତା ନାମ
ଅଛି ଫୁଲ ପାଖୁଡ଼ାରେ ?
କୋଇଲିର ସୁରଦିଏ କି ବାରତା
ମିଳେ କିବା ପବନରେ ।।

ପାଉନି ଠିକଣା କରେ ମନଉଣା
ଫଗୁଣର ଫୁଲପେନ୍ଥା
ଫଗୁଣର ଫଗୁ ହୁଏ ବାଟବଣା
ନପାଇ ସଠିକ ରାସ୍ତା ।।

ଦେଖାଇ ଦିଅହେ ବତାଇତ ଦିଅ
ଜାଣିଛ ଠିକଣା ଯଦି
ସୁରୁଜ କିରଣେ ସ୍ୱାଗତ ଜଣାଏ
ଫଗୁଣର ପ୍ରୀତିଛନ୍ଦି ।।

ପ୍ରେମର ବସନ୍ତ ମଳୟ ପବନେ
ଧରା ବୁକୁ ସବୁଜିମା
କୃତଜ୍ଞ ରହିବେ ତୁମରି ପାଖରେ
ଦେଇ ଶ୍ରଦ୍ଧା ପ୍ରୀତି କ୍ଷମା ।।

ବରଷି ଦିଅହେ ଉତ୍ତରର ବର୍ଷା
ମନର ଜ୍ୱଳନ ଥମୁ
ଆଶା ପାରିଜାତ ବାସ୍ନା ବିମୋହିତ
ଫଗୁଣକୁ ମିଳୁ ଛାମୁ ।।

କନ୍ଧମାଳ

ISSN NO.
2582-208X

# ଓଡିଆ ସାହିତ୍ୟରେ ଅନାମ କବି ଓ କବିତା : ଏକ ସମୀକ୍ଷା



ଦେବାଶିଷ ମୁଦୁଲି

ବିଂଶ ଶତାବ୍ଦୀର ସପ୍ତମ ଦଶକର ଶେଷ ଭାଗରେ (୧୯୬୮-୬୯) ମସିହାରେ ଓଡିଆ କାବ୍ୟ କବିତାର ନିର୍ଦ୍ଦିଷ୍ଟ ଧାରାରେ ରଚନା କରୁଥିବା ଯୁବକ ମାନେ ଏକାଠି ହୋଇ ଏକ ଗୋଷ୍ଠୀ ଗଠନ କଲେ। ଯାହାର ନାମ ଦେଲେ ଅନାମ ଗୋଷ୍ଠୀ। ପୁରୀର ଦଇତାପଡା ସାହିରେ ଏହି ଗୋଷ୍ଠୀ ଗଠନ ହୋଇଥିଲା। ଏହି ଗୋଷ୍ଠୀ ଜଗନ୍ନାଥ ଚେତନା ଓ ସଂସ୍କୃତିକୁ ପଥେୟ କରି ଗଠନ ହୋଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ଦୁଃଖ କଷ୍ଟ, ଅଭାବ ଅନାଟନ, ସମାଜ ସଂସ୍କାର ଆଦିକୁ ମଧ୍ୟ କାବ୍ୟ କବିତରେ ଦର୍ଶାଇଲେ। କବିତାର ଶୀର୍ଷକ କିଛି ନଦେଇ ଗୋଟିଏ ମାତ୍ର ବିନ୍ଦୁ (.) ଶୀର୍ଷକରେ ରଚନା କଲେ ଅନେକ କାବ୍ୟ କବିତା। ଅନାମ ଗୋଷ୍ଠୀର ମୁଖ୍ୟ ଥିଲେ ମଧୁ ମହାନ୍ତ ଏବଂ ଆଡଭୋକେଟ ଗୋକୁଳା ବିହାରୀ ମହାନ୍ତ। ଅନ୍ୟ ମାନଙ୍କ ମଧ୍ୟରେ ଥିଲେ ଫନି ମହାନ୍ତ, ହରିହର ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ନାରାୟଣ ପ୍ରସାଦ ସିଂ, ଉଦୟ ଦାସ, ମନୁ ଦାଶ, ନେତ୍ରାନନ୍ଦ ସାମନ୍ତରାୟ, ସୁଧୀର ପଟ୍ଟନାୟକ, ସୁବାଷ ଚନ୍ଦ୍ର କର । ପରେ ପରେ ଏହି କ୍ରମରେ ଲେଖିବା ଆରମ୍ଭ କଲେ ବଂଶୀଧର ଷଡଙ୍ଗୀ, ଗୋପାଳ କୃଷ୍ଣ ରଥ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଦୀନବନ୍ଧୁ ମିଶ୍ର, ଚନ୍ଦ୍ରଲେଖା ରଥ, ଅଧ୍ୟାପକ ବିଶ୍ୱରଞ୍ଜନ, କହ୍ନେଇଲାଲ ଦାସ, ମିହିର କୁମାର ମହାନ୍ତ । ଏହାର ମୁଖ୍ୟ ସୂତ୍ରଧର ହେଲେ କବି କୁମାର ମହାନ୍ତ (୧୯୪୧-୯୫)। ମାତ୍ର ଅଳ୍ପ ବୟସରେ ଯୁବକଙ୍କୁ ଏକାଠି କରାଇପାରି ଏକ ମନ ଏକ ପ୍ରାଣରେ ରଚନା କଲେ ଏକ ଧରାର ନାମ ବିହୀନ ଅନାମ କାବ୍ୟ କବିତା। ଏପରିକି ଆତ୍ମ ପ୍ରଚାର ଠାରୁ ଦୂରେଇରହି ନିଜ ନାମ ସଂକୀର୍ଣ୍ଣତାରୁ ମଧ୍ୟ ମୁକ୍ତ ହେଲେ । ଯେପରି କବି ଭୀମ ଭୋଇ ବ୍ରହ୍ମ ନିରୂପଣ

ISSN NO.
2582-208X

ଗୀତାରେ କହିଛନ୍ତ "ଅଣ-ଅକ୍ଷର ଅଲେଖ ପୁରୁଷ ଅଟଇ / ଅନାମ ଅରୂପ ବ୍ରହ୍ମ ତାହାଙ୍କୁଟି କହି"; ସେହିପରି କବି ନାମର ଗୁରୁତ୍ୱକୁ ସମ୍ପୂର୍ଣ୍ଣଭାବେ ଦୂରେଇ ଦେବାକୁ ଚାହାନ୍ତି। କବିଙ୍କ ଭାଷାରେ :

"ନାମ ପାଇଁ ବାଇ କଏ /କଏ ବଦନାମ
ନାମ ଜପି ଜପି କଏ /ଅରଜଇ ନାମ
କଏ ପୁଣି ମଥା ବିକ /ଜିଣେ କେତେ ନାମ
ନାମୀଙ୍କର ଦୁନିଆଁରେ /ଆମେ ଯେତେ ଅନାମା।"
(ଆସନ୍ତାକାଲି, ଜାନୁଆରୀ ୧୯୭୬)

ଅନାମ କବିତା ସଂକଳନ ମଧ୍ୟରେ 'ଅନାମ ବାୟାର ଗୀତ'(୧୯୯୪), 'ଅନାମ ଛନ୍ଦ' (୧୯୯୪), 'ଅଧାଗଢ଼ା ବର୍ଣ୍ଣମାଳାରେ' (୨୦୨୦), 'ଅନାମ ଅଣଗୃଣ' (୨୦୨୦), 'ଅନାମ ଏକନ୍ତ', 'ଅନାମ ମଠର ଚେଲ୍', ଆଦି କବିତା ସଂକଳନ ପ୍ରକାଶ ପାଇଛି। 'ଅନାମ ବାୟାର ଗୀତ' ସଂକଳନଟି ଚାରି ଅଧ୍ୟାୟ ଯୁକ୍ତ। ସେଗୁଡିକ ହେଉଛି 'ଅନାମ ଅଣାକାର','କଳକୀ', 'ଅନାମର କାବ୍ୟ' ଏବଂ ଅନ୍ୟାନ୍ୟ ବିଭାଗ ।

ଅନାମ କାବ୍ୟ ଶୈଳୀ :

ଶୀର୍ଷକ ବିହୀନ କବିତା ବା ମୁଣ୍ଡ ବିହୀନ କବିତା ରଚନା କରି ଗୋଟିଏ ମାତ୍ର ବିନ୍ଦୁ ବା ଶୀର୍ଷକରେ ରଚନା କରୁଥିଲେ ଅନାମ କବିତା। ଶୈଳୀ ଥିଲା ନାମରୁ ନିଜକୁ ତଥା ନିଜ କବିତାକୁ ମୁକ୍ତ କରିବା । ଅନାମମାନଙ୍କ ମତରେ ନାମରୁ କଣ ବା ମିଳିବ! କବିତାରେ କଣ ଲେଖା ଯାଉଛି, କବିତାର ଭାବ ବସ୍ତୁ କଣ, କବି କଣ ଦର୍ଶାଇବାକୁ ଚାହୁଁଛନ୍ତି, ପାଠକକୁ କିପରି ତାହା ସହଜରେ ବୋଧଗମ୍ୟ ହେବ, ପାଠକ କବିତାର ଆତ୍ମିକ ମୂଲ୍ୟାଙ୍କନ କରିପାରିବ, ତାହାରି ଉପରେ ଗୁରୁତ୍ୱ ଦେଉଥିଲେ ।

ISSN NO.
2582-208X

ବିଭିନ୍ନ ପାଶ୍ଚାତ୍ୟ ଭାବଧାରା ବା ଇଜିମକୁ ଏଥିରେ ସ୍ଥାନ ଦେଇଥିଲେ ମଧ୍ଯ ତାହା କ୍ଲିଷ୍ଟ ନଥିଲା । ପାଠକଟିଏ ସହଜରେ ବୁଝିପାରୁଥିଲା। ଚିତ୍ରକଳ୍ପ, ପ୍ରତୀକ, ମିଥ ଆଦି ପ୍ରୟୋଗ କରି କବିତାର ମାନ ଉଚ୍ଚ କରିଥିଲେ ଏହି ଗୋଷ୍ଠୀର କବିମାନେ । ଉଦାହରଣ ସ୍ୱରୂପ କୃଷ୍ଣ ଅବଂ ଅର୍ଜୁନଙ୍କ ଉପରେ ପର୍ଯବେଶୀତ ମିଥିୟ କବିତରେ ଜୀବନର ଲକ୍ଷ୍ୟ ସୂଚିତ ହୋଇଛି। ଯନ୍ତ୍ରଣା ସହି ଜୀବନର ଲକ୍ଷ୍ୟକୁ ଆମକୁ ଖୋଜିବାକୁ ହେବ। ଯନ୍ତ୍ରଣା ଏବଂ ପ୍ରତାରଣାକୁ ଆମକୁ ଗ୍ରହଣ କରିବାକୁ ହେବ। ଅହରହ ଛଳନା ହେଉଥିବା ପୃଥିବୀର ଏକମାତ୍ର ତ୍ରାଣକର୍ତ୍ତା ବା ରକ୍ଷାକର୍ତ୍ତା ହେଉଛନ୍ତୁ ଜଗନ୍ନାଥ । ସେହି ମଧ୍ଯ କୃଷ୍ଣ ।

"ସିଏ କୃଷ୍ଣ/ ମୁଁ ତାର ଚିରସଖା ।
ମୁଁ ହିଁ ଅର୍ଜୁନ/ଲକ୍ଷ ବିନ୍ଧା ପାଇଁ,
ଖୋଲୁଥାଏ ଅହରହ ମାଛର ନୟନ ।"
ମୁଁ ତ୍ୱ ର ପରିତ୍ୟାଗ :
"ମୁଁ ସେଇ ଅସୁମାରୀ ଅନାମଧେୟ
ମୁଁ ଙ୍କ ଭିତରୁ ଜଣେ
ଯେ ଫିଙ୍ଗିଛି ମୁଁ ର ସ୍ଥିତିକୁ
ଅନ୍ୟାର୍ଥେ ଅନାମ।"

ମୁଁ ରହିଲେ ଅହଂ ଭାବ ଜାଗ୍ରତ ହୁଏ। ଅହଂ ଭାବକୁ ତ୍ୟାଗ କଲେ ଶାନ୍ତି ମିଳେ। ଦୂରେଇଲେ କବି ମହାଶୂନ୍ୟରେ ଲୀନ ହୋଇଯିବାପରି ମନେହୁଏ। ମୁଁ ହେଉଛି ଏକ ମାୟା, ଏକ ପ୍ରତିବନ୍ଧକ। ମୁଁ ବାନ୍ଧିକରି ରଖିଛି ମଣିଷମନଙ୍କୁ ସଂକୀର୍ଣ୍ଣତା ଭିତରେ। ମୁଁ ର ତ୍ୟାଗରୁ ଜନ୍ମ ନୂଆ ସମାଜର, ନୂଆ ପୃଥିବୀର। ସେଥିପାଇଁ ଅନାମ ଗୋଷ୍ଠୀ ଲେଖକମାନେ ମୁଁ ର ପ୍ରତିବାଦ କରିଥିଲେ। ବର୍ତ୍ତମାନ ମଧ୍ୟ ଅନେକ କବି ମୁଁ ର ଜୁଆଆଣ୍ଡୁଠାରୁ ଦୂରେଇ ପାରୁନାହାନ୍ତି। ସାମ୍ପ୍ରତିକ କବିତାରେ କବିତାରେ କହିବାପାଇଁ ଅନେକ ବ୍ୟଥା, ସମାଜର ଅନେକ ଅକୁହା କଥା ରହିଯାଉଛି। ମାତ୍ର କବି ମାନେ ମୁଁ, ମୋର, ମୋହର ଆଦି ଏକବଚନୀୟ ଶବ୍ଦ ବ୍ୟବହାରରୁ ଦୂରେଇ ପାରୁନାହାନ୍ତି। ଅନେକ କବିଙ୍କ ଲେଖାରୁ ମୁଁ

ISSN NO.
2582-208X

ବିହୀନ ଲେଖା ଖୋଜିବା ହେଉଛି ଆକାଶ କଇଁଆ ଚଲିକା ମାଛ ସଦୃଶ। ଅନାମ କବି ନିର୍ଦ୍ଦ୍ୱନ୍ଦରେ କହିଛନ୍ତି :

"ଛେଦିବାକୁ ଛଳନାର ସମସ୍ତ ସମ୍ପର୍କ
ନଜର କରିବ ତମେ
ଅପରକୁ
ଗୋଟିଏ ସମ୍ପର୍କ ସୂତ୍ରରେ ।"

ଜଗନ୍ନାଥ ଚେତନା :

ଅନାମ ଗୋଷ୍ଠୀ ଜଗନ୍ନାଥଙ୍କୁ ନିଜ ଆରାଧ୍ୟ ବୋଲି ମାନିଥିଲେ। ଜଗନ୍ନାଥ ବା ଜଗନ୍ନାଥ ଧର୍ମକୁ ମୈତ୍ରୀର ପ୍ରତୀକ ଭାବେ ସେମାନେ ମାନିଛନ୍ତି। କୁମାର ମହାନ୍ତିଙ୍କ ଲେଖନୀ ମୁନରୁ ସ୍ଥାନ, ବ୍ୟକ୍ତି, ଦେବଦେବୀ ଭିତ୍ତିକ ନାନା କମ୍ବଦନ୍ତୀ ପ୍ରସଙ୍ଗକ୍ରମେ ଆସିଛି 'ଧନ୍ୟ ସେହୁ ପୁରୀ' ନାମକ ଏକ ଗଦ୍ୟ ରଚନା। କବି ଜଗନ୍ନାଥଙ୍କ ପାଖରେ ନିଜକୁ ସମର୍ପି ଦେଇଛନ୍ତି। ଦୁଃଖ, କଷ୍ଟ ଦୁନିଆରେ ତାଙ୍କରି ସାହାରା ନେଇଛନ୍ତି। କବିଙ୍କ ଭାଷାରେ :

"କିଏ ବା ବୁଝିବା ତମ ନାନା ରଙ୍ଗ ଲୀଳା
ଚକାଡୋଳା, କା'ର ବା ଜୁ ଅଛି ସମୁଦ୍ରର ଢେଉ ଗଣି
ସିଂହ ଦ୍ୱାରେ ଖଞ୍ଜଣି ପିଟିବ
ମୁଁ ବିଦ୍ରୋହୀ ବିରବର ମହାବାହୁ
ବଳଆର ଭୁଜବୋଲି କହି ବୁଲୁଥିବ ।"
***
"ତମ ପାଖେ ମହଜୁଦ ଅଛି ପରା ଷୋଳକଳା
ସଭ୍ୟତାର ନାଗଫାଶ ବନ୍ଧରେ ବନ୍ଧା ମୁଁ ଯେ
ଏକୋଇର ବଳା
ମୋତେ ମୁକ୍ତ ଦିଅ ପ୍ରଭୁ ଯୁଗ ଯନ୍ତ୍ରଣାରୁ
ଦୈତ୍ୟର କବଳୁ; ଅନ୍ଧାରର ଅର୍ଗଳରୁ

ISSN NO.
2582-208X

ସମୟର ଚନ୍ଦ୍ର ବନ୍ଧନୀରୁ
ମୁକ୍ତ ଦିଅ ମୋତେ ଚଉଷଠି ବନ୍ଧରୁ
ଷଡ଼ରିପୁ ନୀତି ଦୁଃଖ ଓ ଓଦା ଶୂନ୍ୟତାରୁ।" (ଡିସେମ୍ବର ୧୯୭୩, ନବରବି)

ଦୁଃଖ କଷ୍ଟ ସମୟରେ ସେଇ ଚକାଡୋଳା ଜଗତରନାଥ ଜଗନ୍ନାଥଙ୍କୁ ସୁମରଣା କରିଛନ୍ତି ପ୍ରତ୍ୟେକ ଅନାମ କବି। ପେଟ ପୋଡ଼ି ଯାଉଛି, ଖାଇବାକୁ ମିଳୁନାହିଁ, ସାଧାରଣ ଲୋକଟି ବଞ୍ଚିବାର ସାହାରା ଖୋଜି ଖୋଜି ଆଜି ନଗ୍‌ଶ। ସ୍ୱାଧୀନତା ପରବର୍ତ୍ତୀ ସ୍ୱପ୍ନଭଙ୍ଗରେ ବିହ୍ୱଳ ହୋଇ ଜଗନ୍ନାଥଙ୍କୁ ସୁମରଣା କରିଛନ୍ତି –

"ମରିବାକୁ ତରିବାକୁ ତରନାହିଁ
ଚକାଡୋଳା ନାମଖାଲି ଖାଲିପେଟ ହାହାକାର
କହରେ କାଳଆ କହ –
କାହିଁ ତୋର ଭୂଜ ବଳଆର
***
ସମସ୍ତ ପତିତ ଆମେ
ଆରମା ଗୁଳ୍ମର ଜୀର୍ଣ୍ଣ କୀର୍ତ୍ତିସାର।"
(ଆସନ୍ତାକାଲି, ଜୁଲାଇ ୧୯୭୭)

ଏଇ ସମାଜରେ ପ୍ରାୟ ଅଧିକାଂଶ କାମାତୁର। ପାଗେଳି, ଭିକାରୁଣୀକୁ ମଧ୍ୟ ଭୋଗ କରିବାକୁ ଏମାନେ ପଛାଉ ନାହାନ୍ତି। ଏମାନଙ୍କୁ ଦେଖି ବ୍ରାହ୍ମଣ ସ୍ତୋତ ଭୁଲି ଯାଉଛି ପୁଣି ଉଚ୍ଚାରଣ କରୁଛି ଶୃଙ୍ଗାର ମନ୍ତ୍ର। କବି ତାଙ୍କୁ ଧିକ୍କାର କରି ଗାଳି ଦେଉଛନ୍ତି। ଏଇ କାମାତୁର ଲୋକମାନେ ନିଜର ଆଦର୍ଶ ହଜାଇ ଦେଉଛନ୍ତି, ମହାମାନବୀୟ ଚିନ୍ତାଧାରା ଧୀରେ ଧୀରେ ଅପସରି ଯାଉଛି। ଏହି ଘଡିସନ୍ଧି ମୁହୂର୍ତ୍ତରେ ଜଗନ୍ନାଥଙ୍କୁ ଗାଳିଦେଇ ଧିକ୍କାରକରି କବି ବଂଶୀଧର ଷଡ଼ଙ୍ଗୀ କହୁଛନ୍ତି:

"ଆହେ ପ୍ରଭୁ ବଳିଆର ଭୁଜ! ତୁମର ତ ଭୁଜ ମୋଟେ ନାଇଁ
ହଉ; ମୁଁ ତୁମ ପାଟିରେ ବିଡ଼ି ଖଣ୍ଡେ ଧରେଇ ଦଉଚି

ISSN NO.
2582-208X

ତମ ନାଲି ଓଠ କଳା କରିବାକୁ । ଭଉଣୀଟାକୁ ପାଖରେ
ରଖିଚ କଣ ? ପଦାକୁ ଛାଡ । ସେ ଦେଖି ଆସୁ
ବାୟାଣୀର ସ୍ତନ, ଯୋନ ଓ ଭିକାରୁଣୀ ଝିଅଟିର ଛାତି ।"

ମାନବବାଦୀ ଚେତନା:

ନିଜକୁ ଶ୍ରେଷ୍ଠ ବୋଲି ପ୍ରମାଣିତ କରିବା ବା ନିଜ କଥା ଲେଖିବା ବା ଅହଂତ୍ୱ ର ପରିତ୍ୟାଗ କରନ୍ତୁ ଅନାମ ଗୋଷ୍ଠୀର କବି ମାନେ। ଲେଖାରେ ସବୁ ମଣିଷମାନେ ସମାନ। ଈଶ୍ୱରଙ୍କୁ କବିମାନେ ମଣିଷମାନଙ୍କୁ ଯନ୍ତ୍ରଣାରୁ ମୁକ୍ତ କରିବା ପାଇଁ ପ୍ରାଥନା କରିଛନ୍ତୁ । ଏବଂ ସେହି ମଣିଷମାନଙ୍କୁ ଭିନ୍ନ ଏକ ପୃଥିବୀ ପ୍ରଦାନ କରିବା ପାଇଁ ଗୁହାରି କରି ଲେଖିଛନ୍ତୁ-

"ମୁଁ ଚାହୁଁଛି ଏପରି ଦୁନିଆ /ଦେଇକି ପାରିବ ଅନାମ
ଯେ ଦୁନିଆରେ ଆତ୍ମା ହେବ /ମଣିଷ ପଣିଆ
ମଣିଷ ମଣିବ ଯହିଁ ଅପରକୁ ଆପଣା ଭଳିଆ ।
ରକ୍ତ ନୁହେଁ ରୁଚି ଯହିଁ /ସମ୍ପର୍କର ହେବ ମୂଳଦୁଆ
ରୁଚି ଯହିଁ ପ୍ରେମ ହେବ /ପ୍ରେମ ହେବ ଅନ୍ତରର ଭାଷା
ଭାଷା ଯାର ମୈତ୍ରୀ ଏବଂ /ପିପାସିତ ଶାନ୍ତି ପାଇଁ
ଶାନ୍ତି ହେବ ଅନ୍ତରର ଭରସା/ଭରସା ଯା ଛନ୍ଦାଛନ୍ଦି
ଅସଂଖ୍ୟ ହାରେ /ହାତ ଯାହା ଆଶ୍ରା ଖାଲି
ଅପରକୁ ସାହାଯ୍ୟ ଦେବାରେ।" (କୁମାର ମହାନ୍ତ// ଅନାମ ଅଣାକାର)

ସାଧାରଣ ମଣିଷଙ୍କ ପ୍ରତି ତାଙ୍କ ହୃଦୟ ବିହ୍ୱଳତ ହୋଇଉଠୁଥିଲା । ସେଥିପାଇଁ ମାନବତାର ପ୍ରତିଷ୍ଠା ପାଇଁ ସଦା ତତ୍ପର ହୋଇଉଠୁଥିଲେ । ସାଧାରଣ ମଣିଷର ଅସହାୟତାରେ ଲେଖନୀ କାନ୍ଦି ଉଠୁଥିଲା ବେଳେ ଉଚ୍ଚମଧ୍ୟବିତ୍ତ ଅଭିଜାତ୍ୟ ଶ୍ରେଣୀର ବିଳାସମୟ ଜୀବନ ପ୍ରତି ଅନାମ କବିମାନେ ଥିଲେ ତୀବ୍ର ପ୍ରତିକ୍ରିୟାଶୀଳ। ଉଚ୍ଚ-ନୀଚ, ଧନୀ-ଦରିଦ୍ର, ଭେଦଭାବକୁ

ISSN NO.
2582-208X

ଘୋର ବିରୋଧ କରୁଥିଲେ। ଭେଦଭାବ ରହିତ ଶୋଷଣହୀନ ଗଣତାନ୍ତ୍ରିକ ସମାଜ ଗଠନ ଥିଲା ଏହି ଲେଖକମାନଙ୍କର ଲକ୍ଷ୍ୟ ।

ସାମ୍ୟବାଦୀ ଚେତନା:

ବ୍ୟକ୍ତି କୈନ୍ଦ୍ରିକ ଓ ଦଳ କୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ବିରୁଦ୍ଧରେ ଅନାମ ମନେହିଁ ସ୍ୱର ଉତ୍ତୋଳନ କରିଥିଲେ। ସାମ୍ୟବାଦ, ମୈତ୍ରୀ-ପ୍ରୀତିର ବନ୍ଧନ ମଧ୍ୟରେ ସବୁ ମଣିଷମାନେ ଏକ ଏବଂ ସମସ୍ତେ ଆପଣାର, ଏହା ଜଣାଇ ଦେବାକୁ ଚାହୁଁଥିଲେ ଅନାମ କବି ମାନେ । ବିପ୍ଳବର ସ୍ୱର ଥିଲା ତୀକ୍ଷ୍ଣ। ସାମୁହିକ ମଙ୍ଗଳ କାମନା ପାଇଁ ଅନାମ ମାନେ ଥିଲେ ଆଗ୍ରହୀ। ପାରମ୍ପରିକ ଚିନ୍ତା ଚେତନା ବିଚାରଧାରା ଠାରୁ ବହୁ ଊର୍ଦ୍ଧ୍ୱରେ ଏମାନେ ଥିଲେ। ଏହି ସମାଜରେ ପ୍ରତ୍ୟକର ମୂଲ୍ୟ ନିରୂପିତ ହୋଇଛି। ଦୁଃଖ, ସୁଖ, ଜୀବନ, ମୃତ୍ୟୁ, ସର୍ଜନା କୌଣସି ବିଷୟବସ୍ତୁ ଏଥିରୁ ବାଦ୍ ପଡ଼ିନାହିଁ। ସମାଜ ମଧ୍ୟରେ ଥିବା ଅସାମଞ୍ଜସ୍ୟତାକୁ କବି ଅନାମ ଛନ୍ଦ କବିତାରେ ଲେଖିଛନ୍ତି :

"ଦୁଃଖ ଦର କେତେ କହ ସାହୁକାର
ସୁଖ ଦର କେତେ କହ
ଜୀବନ ମରଣ ଦର ତ କଷିଲେ
ପରମର ଦର କହ / ସାହୁକାର
ସର୍ଜନାର ଦର କହ।"
# # #
"ମାତା ଗର୍ଭ ଶୂନ୍ୟ /କୁଆଁ ରାବ ଦର କହ
ସାହୁକାର
ସ୍ୱର୍ଗଦ୍ୱାର ଦର କହ
ପୃଥ୍ୱୀ ଦର କେତେ /କହ ସାହୁକାର
ଜାତି ଦର କେତେ କହ
ଦରତ କଷିଲ/ କୈବଲ୍ୟର ଦର କହ

ISSN NO.
2582-208X

ସାହୁକାର
ବିଶ୍ୱାସର, ଦର କହ।"        (ଅନାମ ବାୟାର ଗୀତ)

କବି ରୋମାଞ୍ଚର କଥା କହେ, କବି କଳ୍ପନାର କଥା କହେ, କବି ବାସ୍ତବତାର କଥା ମଧ୍ୟ କହେ। ଯାହା ଆମେ ତତ୍କାଳୀନ କବିତାରୁ ସ୍ପଷ୍ଟ ବାରିପାରୁ। ସମସ୍ତ ମଣିଷ ଜାତିକୁ ଏକ କରିବାକୁ କହିଛନ୍ତି କବି। ସମସ୍ତଙ୍କ ଅଧିକାର ସମାନର କଥା କହିଛନ୍ତି। ଅତ୍ୟାଚାର, ଲୁଟ, ଦଲାଲିର କଥା କହିଛନ୍ତି। ପରିଶେଷରେ ପ୍ରତିବାଦର କଥା ମଧ୍ୟ କହିଛନ୍ତି। ଭାରତର ଜରୁରୀକାଳୀନ ପରିସ୍ଥିତି ସମୟର ଏକ କବିତାକୁ ଆମେ ଉଦ୍ଧାର କରିବା। ସେହି ଭୟଙ୍କର ସମୟର ଶୋଷଣ, ଦମନ, ଅତ୍ୟାଚାର ବିରୁଦ୍ଧରେ ନିର୍ଭୀକ, ନିର୍ବିକାର, ଭାବେ କବି କୁମାର ମହାନ୍ତି ଲେଖିଥିଲେ:

"କହନା କଥା କହନା କଥା
କହିଲେ ଫିଟିବ ଅଡୁଆ ସୂତା
ଫିଟିଲେ ଗୁମର ସବୁତ ପିତା / ଲାଗିବ ପାଲା
ବାନ୍ଧି ନେଇଯିବେ ପୁଲିସ ବାଲାରେ / ପୁଲିସ ବାଲା।
***
ମାଲିକ ଦଲାଲ ମେଳି ହୋଇଲେ
ପିଲା ମୁହଁ କ୍ଷୀର ଲୁଟ କଲେ
କୁଲି ଠିକାଦାର ଏବେ ଦେଖୁଛି
ପଖାଳ ହାଣ୍ଡିବି ଛଡେଇ ନେଲେ
କିପରି ରହିବି ଚୁଉପୁ ଭଲା
ନେଲେ ନଉ ବାନ୍ଧି ପୁଲିସି ବାଲାରେ
ପୁଲିସି ବାଲା।"
(ଅନାମ ବୟାର ଗୀତ/କୁମାର ମହାନ୍ତି/ ଆସନ୍ତାକାଲି/ଜୁନ ୧୯୭୫)

ISSN NO.
2582-208X

ରହସ୍ୟବାଦୀ ଚେତନା:

ଅନାମ ଗୋଷ୍ଠୀର କବିତାରେ ଯେଉଁ ରହସ୍ୟମୟତାକୁ ଆମେ ଦେଖିବାକୁ ପାଉ ତାହା ମୁଖ୍ୟତଃ ପଞ୍ଚସଖା, ପରେ ପରେ ଭୀମ ଭୋଇ ଆଦିଙ୍କ ଦର୍ଶନଦ୍ୱାର୍ ବେଶ୍ ପ୍ରଭାବିତ ହୋଇଛନ୍ତି। ଅନାମ ଛନ୍ଦ, ଅନାମବାୟାର ଗୀତ, ଅନାମ ଅଣଗୃଶ ଆଦି କବିତା ସଂକଳନ ମାନଙ୍କରେ ବେଶ୍ ବାରିହୋଇ ପଡିଥାଏ।

"ଅସରନ୍ତି ଯାହା ଇଏ
କୁଆଡେ ଯାଉଛି କଏ
କାହାକୁ ବି ତିଳେ ଜଣାନାହିଁ
କୋଟି କୋଟି ପ୍ରଣାମ, ଅନାମ !
ଫିଟିଗଲେ ସେ ଅଡୁଆ ସୂତା
ଜୀବନର ଛନ୍ଦ ଆଉ କାହିଁ ?"
(ଅନାମ ଅଣଗୃଶ / ମନୁ ଦାସ)

ଏଠାରେ କବି କେଉଁ ଅଡୁଆ ସୂତାକୁ ଫିଟେଇବାକୁ ଗୁହିଁଛନ୍ତି, କେଉଁ ଆଡ଼କୁ ଯାହା ଏ ମାନଙ୍କର, ଜୀବନର ଛନ୍ଦ କଣ? ଏହିସବୁ ରହସ୍ୟମୟ ଚେତନା ଆମେ ଦେଖିବାକୁ ପାଉ। ଏହି କବିତା ଗୁଡିକରେ ବିଭୁବୋଧ ସହ ଆଧାତ୍ମିକତା, ଜିଜ୍ଞାସାମାନ ପ୍ରକାଶିତ। ଏହି କବିତା ଗୁଡିକରେ ଅନେକ ରହସ୍ୟମୟ ପଂକ୍ତି ଆମେ ଦେଖିବାକୁ ପାଉ -

"ପାଣି ନାହିଁ - ଫୁଟେ ନାହିଁ
ପାଣି ନାହିଁ - ଲହରୀ ମାରୁଚ ନାତ
ଭଙ୍ଗିଯାଏ ସହସ୍ର ବୋଇତ।" (ଅନାମ ବାୟାର ଗୀତ)

ଏଠାରେ କବି ଅତି ଚତୁରତାର ସହ ପାଠକମାନଙ୍କ ପାଖରେ ପରିବେଷଣ କରିଛନ୍ତି ଭିନ୍ନ ଧରଣର କବିତା ପଂକ୍ତି। ଯାହା ଗୁପ୍ତ ଭାବରେ ବା ରହସ୍ୟ ଭାବରେ ରହିଥିବାର ଅନୁମାନ କରିହୁଏ। କବିଙ୍କ ଭାଷାରେ -

ISSN NO.
2582-208X

"ମନ ମନ୍ଦିର ମନ ବଇଁଶୀ
ମନରୁ ଶବ୍ଦ ପଡୁଛି ଖସି
ଶବ୍ଦ ବାନ୍ଧିବ କେ ଜନମିଛି
କଡ଼ି ବେଡ଼ି ସିନା ଶୂନ୍ୟେ ଉଡୁଛି
କହିଲୁ ମରୁଛ ମୁହଁ ତ ଖୋଲ
ଲୋକେ କିଳିଦେଲେ ଦାଣ୍ଡ ଦୁଆର।"          (ଏପ୍ରିଲ ୧୯୭୭/ ଅନାମ ଛନ୍ଦ )

କୁମାର ମହାନ୍ତି କେଉଁଠି ମାନସ ହଂସକୁ ଅନାମ ବୋଲି ସମ୍ବୋଧନ କରିଛନ୍ତି ତ ପୁଣି ମନୁ ଦାଶ ଅନାମକୁ ଅଣଚାଶ ବୋଲି ସମ୍ବୋଧନ କରିଛନ୍ତି। କବିଙ୍କ ଲେଖନୀରୁ :

"ହେ ଅନାମ ଅନାଦି ପୁରୁଷ
ଇଏ କଣ ତୁମ ରତୁସ୍ରାବ
ରଚିବାକୁ ଆଉଏକ ବିଶ୍ୱର ଆୟୁଷ ?"

ଦାର୍ଶନିକ ଚେତନା:

ସଂସାର ଭିଡ଼ରେ ତଥାପି ମଣିଷ ଏକା। ମୃତ୍ୟୁ ଭଳି ଚିରନ୍ତନ ସତ୍ୟକୁ ସେ ଭୁଲି ପ୍ରତିକ୍ଷଣ ମୃତ୍ୟୁ ଆଡ଼କୁ ପାଦେ ପାଦେ ପାଦ ପକାଇ ଚାଲିଥାଏ। କେବେ ପୁଣି କବି ସଚେତନ ହୁଅନ୍ତି ମୃତ୍ୟୁ କଥା ଭାବି, ପୁଣି ଭାବନ୍ତି ମରିବା ତ ସୁନିଶ୍ଚିତ ! ତେବେ ଅହଂକାର କାହିଁକି ? ନିଜେ ମରି ଅନ୍ୟକୁ ବଞ୍ଚେଇବାର ପ୍ରୟାସ କରିଚାଲିଥନ୍ତି ଅନାମ କବିମାନେ। ଜୀବନ ଯାତ୍ରାରେ ଦିନେ ନା ଦିନେ ତ ମରିବା, ତେବେ ଏ ଜନ୍ମର କର୍ମ ଆଗାମୀ ଜନ୍ମର ମାର୍ଗ ଦେଖାଇଥାଏ। ଆତ୍ମା ଅମର। ଏହି ସବୁ ଦାର୍ଶନିକ ଚିନ୍ତାଧାରା କବିମାନଙ୍କ ମନରେ ଆସିଥାଏ। ପୁଣି କବି ମୋହରେ ନପଡ଼ି ଶୂନ୍ୟତାର ଗୁଢ ତତ୍ତ୍ୱକୁ ବୁଝିପାରି କହିଛନ୍ତି:

"ତା ପରେ ତ ଖାଲି ଖାଲି
ଶୂନ୍ୟତା ବି ଖାଲି ଖାଲି।"

ISSN NO.
2582-208X

ବାସ୍ତବବାଦୀ ଚେତନା:

ସାମ୍ପ୍ରତିକ ମଣିଷ ଅତି ସୁବିଧାବାଦୀ। ଏହି ମଣିଷମାନଙ୍କ ଭିତରେ ଅଜସ୍ର କାମନା। ଜାତି, ଧର୍ମ, ବର୍ଣ୍ଣକୁ ନେଇ ଏମାନଙ୍କର ବାଦ ବିବାଦ। ଚତୁର୍ଦ୍ଦିଗରେ ପୁରିଉଠିଛି ଲୁଣ୍ଠନ, ଦୁର୍ନୀତି, ହତ୍ୟା, ଅସହାୟତା, ଭାଣ୍ଡାମି, ପ୍ରବଞ୍ଚନା। କବିଙ୍କ ଭାଷାରେ:

"ଚତୁର୍ଦ୍ଦିଗେ ହା' ହତାଶମୟ
ଦୁର୍ନୀତିରେ ସମାଜ ଅଚଳ।"

ବାସ୍ତବରେ ଦେଶ ଅଯୋଗ୍ୟ ଲୋକଙ୍କ ହାତରେ ଥିବାର ମଧ୍ୟ ଅନାମ କବିତାରୁ ଦୃଷ୍ଟିଗୋଚର ହୋଇଥାଏ। ରାଜନୀତିର ପଶାପାଲିରେ ପେଶି ହୋଇଯାଉଛି ସାଧାରଣ ମଣିଷଟି। ସ୍ୱପ୍ନ ଦେଖୁଛି। ସାକାର କରିବା ପାଇଁ ମିଥ୍ୟା ପ୍ରତିଶ୍ରୁତି ମଧ୍ୟ ପାଉଛି। ମାତ୍ର, ନେତାଙ୍କ ପ୍ରାଦୁର୍ଭାବରୁ ତାହା ମଧ୍ୟ ପାଇପାରୁନାହାନ୍ତି। ତାହା କେବଳ ଅନ୍ଧକାର ହୋଇ ରହି ଯାଉଛି। ଦୁଃଖ ଦୈନ୍ୟ ଭିତରେ କାଳାତିପାତ କରୁଛି ସାଧାରଣ ମଣିଷଟି। କେତେବେଳେ ପ୍ଲେଗ୍ ତ କେତେବେଳେ କରୋନା ମହାମାରୀର କରାଳ ଗ୍ରାସରେ ମରୁଛି ସାଧାରଣ ଲୋକଟି। କବିଙ୍କ ଭାଷାରେ:

"ଭୟର କୁଡିଆ ଭିତରେ ମଣିଷ
ହୁଏ ସିନା କଲବଲ
ମହାଶୂନ୍ୟର ଏ ପିଙ୍ଗଳା ପଞ୍ଜୁରି ଆତ୍ମାକୁ କରଇ ଗେଲ।
'ଓରାନ' ଠାରୁ 'ଉହାନ' ନଗରୀ
ସଂଗରୋଧର କି ବଳ ?
ଦେଖୁଅଛି ମହାକାଳ।"

ସବୁ ଦୃଷ୍ଟିରୁ ଦେଖିଲେ ଭାଷା, ଛନ୍ଦ, ଭାବ, ଶୈଳୀ ଆଦିରେ ଓଡ଼ିଆତ୍ୱର ପ୍ରମାଣ ଦେଖିବାକୁ ମିଳେ। ପୁଣି ଓଡ଼ିଆଙ୍କ ମଉଡମଣି ଜଗନ୍ନାଥ ଚେତନାର ପରିଚୟ ହେଉ ବା ଓଡ଼ିଆଙ୍କ ଦୋଷ ଦୁର୍ବଳତା ହେଉ, ପୁଣି ସମାଜର ନିଚ୍ଛକ ପ୍ରତିଛବି ଏହି କବିତା ଗୁଡିକରେ

ISSN NO.
2582-208X

ଦେଖିବାକୁ ମିଳେ। ପ୍ରାଚ୍ୟ କାବ୍ୟ ଧାରା ଦେଖିବାକୁ ମିଳୁନଥିଲେ ମଧ୍ୟ ପାଶ୍ଚାତ୍ୟ ଧାରାରେ କବିତା ରଚନା କରିଛନ୍ତି। ପୁଣି ସାଧାରଣ ଓଡ଼ିଆ ଭାଷାର ଶବ୍ଦ ଯାହାକି ଅତି ସାଧାରଣ ପାଠକ ମଧ୍ୟ ବୁଝିପାରିବ, ତାହା ପରିଦୃଶ୍ୟମାନ ହୋଇଥାଏ। ନାମ ତଥା ଅହଂ ଭାବକୁ ସଂପୂର୍ଣ୍ଣ ପରିତ୍ୟାଗ କରିବାକୁ ବ୍ରତୀ ଏହି ଅନାମ ଗୋଷ୍ଠୀର କବିମାନେ। ବର୍ତ୍ତମାନ ସୁଦ୍ଧା ଦୁଇଟି ଅନାମ ଆଲୋଚନାତ୍ମକ ପୁସ୍ତକ ପ୍ରକାଶ ପାଇଛି। ଗୋଟିଏ ହେଉଛି ହୃଷୀକେଶ ମଲ୍ଲିକଙ୍କ 'ଅନାମ କବିତା ଓ ଅନାମ ଆନ୍ଦୋଳନ' ଅବଂ ମନୁ ଦାଶଙ୍କର 'ଅନାମ କାବ୍ୟ ଆନ୍ଦୋଳନ'। ଏହି ଅନାଲୋଚିତ କାବ୍ୟ ସ୍ୱରଟିକୁ ପାଠକମାନଙ୍କ ପାଖରେ ପହଞ୍ଚିବା ନିହାତି ଆବଶ୍ୟକ।

ସ୍ନାତକୋତ୍ତରଓଡିଆ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ
7894104499

ISSN NO.
2582-208X

# ହେ ମୋର ପ୍ରିୟ କବିତା...!



ପବିତ୍ର ବାଗ

ବୁଝିବା କଣ ଏତେ କଠିନ
ମୋ ପକ୍ଷେ
ଜୀବନର ସାରକଥା
କେତେ ଆଶା କେତେ ଅସୁମାରୀ
ଭରି ଦେଇଛୁ ମୋ ଜୀବନେ
ଅନ୍ଧାର ଠୁ ଦୂରେଇ ଯାଇ
ଗ୍ଲୁଛି ଆଲୋକ ସନ୍ଧାନେ
କେବେ ଦେଇଛୁ ଅନେକ ଖୁସି
କେବେ ଥିଲା ବିଷାଦ ଭରା ଗ୍ତି
ହେଲେ ସ୍ୱପ୍ନ ଦେଖିବା ମୁଁ ଭୁଲିନ
ଗ୍ଲିଲି ପ୍ରତିକ୍ଷଣେ...
ଏକ ନୂତନ ଆଶା ଆକାଂକ୍ଷା ଭରା
ଆଲୋକ ପଥ ର ସନ୍ଧାନେ...
ଜୀବନରେ ଆସେ ଘାତ, ପ୍ରତିଘାତ
କେତେ ପୁଣି ଆପଦ ବିପଦ
ସବୁବେଳେ କର୍ମ ଅବହେଳା ନ କଲେ
ପାଉଥିବା ଚର ସଂପଦ

ISSN NO.
2582-208X

ମଧୁ ସୁରଭି ସଂଗ୍ରାହେ
ଗୃରିଦିଗକୁ ଏକ କରୁଥିବା
ମଧୁମକ୍ଷିକା ସଦୃଶ କର୍ମୀ
ଅନବରତ ଆକାଶେ ଭାସମାନ
କେଉଁ ଏକ ଜଳକଣା ହୋଇ
ଦିନର ଶ୍ରମକୁ କ୍ଷଣକେ ଶୁଖାଇ
ଶରୀରକୁ  ଜୀବନଅୟ କରାଇ
ଆନନ୍ଦର ଫଲଗୁ ଖେଳାଉଥିବା
ଶୀତଳ ସମୀରଣ ପରି କର୍ମଯୋଗୀ
ଜୀବନ ଯୁଦ୍ଧରେ କ୍ଷତ୍ରିୟ ବୀରତୁଲ୍ୟ
ନିଡର, ଭୟଶୂନ୍ୟ...
ସେହିପରି ମାଟିର ମମତା, ପ୍ରଜ୍ଞାର ଦେବ୍ତାଙ୍କ
ଆଶୀର୍ବାଦ ଥାଉ
ଊର୍ଦ୍ଧ୍ୱଗାମୀ ହେଉଥାଉ ଆମ ଜ୍ଞାନ .... ।

ବଲାଙ୍ଗୀର

ISSN NO.
2582-208X

# ଅପେକ୍ଷା



ପ୍ରିୟଦର୍ଶିନୀ ପତି

ମୋତେ ଯଦି ପଚାର
ତୁମପାଇଁ ଭଲ ପାଇବା କଣ
ତେବେ ଗୋଟେ ଶବ୍ଦରେ ଉତ୍ତର ଦେବି
ଅପେକ୍ଷା.....
ଭଲ ପାଇବା ହେଉଛି ଅପେକ୍ଷା
ତୁମ ଫେରି ଆସିବାର ଅପେକ୍ଷା
ତୁମ ସହିତ ବିତେଇଥିବା
ସେହି କ୍ଷଣିକ ମୁହୁର୍ତ୍ତର ଅପେକ୍ଷା
ତୁମ ସାଙ୍ଗେ ଗୋଟେ କପରେ ଚା
ଅଧାଅଧା ବାଣ୍ଟି ପିଇବାର ଅପେକ୍ଷା
ସୂର୍ଯ୍ୟ ଅସ୍ତର ଅନ୍ଧାରୁଆ ସନ୍ଧ୍ୟାରେ
ନିଜପାଖେ ମୋତେ ରଖିବାର ଅପେକ୍ଷା
ଏହି ଭାବନାର ଘରେ
ସବୁବେଳେ ନିଜକୁ ଏକଲା ପାଏ
ସେହି ତୁମସହ ପ୍ରଥମ ଦେଖା
ଆଉ ଶେଷଥର ତୁମ ଚାଲିଯିବା

ISSN NO.
2582-208X

ଫୁଣିଥରେ ପଛକୁ ଫେରି ନଦେଖିବା
ସେଠି ତୁମ ଅପେକ୍ଷାରେ ରହି ଯାଇଥିଲି
ମନେ ଅଛି ମୋର ଆ ସମ୍ପର୍କ
ଭାଙ୍ଗିଯିବା ସମୟରେ
ତୁମେ ପଠେଇଥିବା କିଛି ଗୀତ
ଆଜି ଭି ତୁମ ସ୍ମୃତିରେ ଶୁଣୁଛି
ଆଛା ଶୁଣ କଣ ଆଜି ଭି ତୁମେ
କରିଛ ମୋ ଅପେକ୍ଷା ନା
ନା ଭାବୁଛ ମୋ ଭଲ ପାଇବା
ତୁମପାଇଁ ଯଥେଷ୍ଟ ନଥିଲା ॥

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ସ୍ନାତକୋତ୍ତର ଓଡିଆ ଭାଷା ସାହିତ୍ୟ ବିଭାଗ

ISSN NO.
2582-208X

# ଭିନ୍ନ ଯନ୍ତ୍ରଣା



ସୁହଂସ ଢେଇ

ଜୀବନ ର ପଥେ କେତେ ବ୍ୟଥା କେତେ
ଯାତନା ଯନ୍ତ୍ରଣା ଜାତ
ଦୁର୍ ଦିଗନ୍ତର ପଥ ଅସରନ୍ତ
ଚାଲିବାକୁ ହୁଏ ସତ ।
ଗର୍ଭର ଯନ୍ତ୍ରଣା ସମୟ ବେଦନା
ଜାଗଇ ଉଲ୍ଲାସ ମନେ
ଅସହ୍ୟ ହେଲେ ବି ସ୍ୱାଦ ତାର ଭିନ୍ନ
ଅନୁଭବି ଭାଷେ ଯେହ୍ନେ ।
ବନଔଷଧ ସମ ଲଭେ ଉପସମ
ମହୋଷ୍ୱଧି ସମ ସ୍ୱର
କଅଁଳ ଶିଶୁର ଶବଦ ବାଜିଲେ
ଯନ୍ତ୍ରଣା ହୁଅଇ ଦୂର ।
ବିରହ ଅନଳ ଜଳେ ଧୀର ଧୀର
ଯନ୍ତ୍ରଣା ବଡ ନିଷ୍ଠୁର
ନିଜେ ଜଳି ପୁଣି ଜଳାଏ ଅନ୍ୟକୁ
ଚଞ୍ଚଳ ମନ ତାହାର ।

ISSN NO.
2582-208X

ମିଳନ ଆମୋଦ ପରସ ମଧୁର
ଘଟେ ପ୍ରତୀକ୍ଷାର ଅନ୍ତ
ଯନ୍ତ୍ରଣାର ଶେଷ ମେଣ୍ଟିଯାଏ ଶୋଷ
ଆହ୍ଲାଦେ ମନ ତୃପଦ ।
ଜୀବନ ଅଛିତ ଯନ୍ତ୍ରଣା ବି ଅଛି
ମୁଦ୍ରାର ଦୁଇଟି ପାର୍ଶ୍ୱ
ଜିଇଁବାକୁ ଅଛି ଯନ୍ତ୍ରଣାକୁ ନେଇ
ଦିନ ପକ୍ଷ ମାସ ବର୍ଷ ।

ପହଣ୍ଡି, ବରଗଡ଼

ISSN NO.
2582-208X



# ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟ୍ୟସ୍ୱର



ଶୁଚସ୍ମିତା ବିଶ୍ୱାଳ

୧୯୮୦ ପରବର୍ତ୍ତୀ ସମୟରେ ଓଡ଼ିଶାରେ ପେଷାଦାର ରଙ୍ଗମଞ୍ଚର ଅବକ୍ଷେୟ ଦେଖାଯିବା ସହିତ ଗ୍ରୁପ୍ ଠିଏଟରର ସଂସ୍କୃତି ଆରମ୍ଭହୁଏ।ଏହି ଗୃପ୍ ଥିଏଟର ମାଧ୍ୟମରେ ଆତ୍ମପ୍ରକାଶ କରନ୍ତୁ ଅନେକ ପ୍ରତିଭାବାନ୍ ନାଟ୍ୟଶିଳ୍ପୀ। ଏହି ସଂସ୍କୃତିର ଅନ୍ୟତମ ନାଟ୍ୟକାର ହେଉଛନ୍ତୁ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା। ଓଡ଼ିଶାରେ ନାଟକର ଧାରାକୁ ଅବ୍ୟାହିତ ରଖିବା ନମନ୍ତେ ନଜ ଅଞ୍ଚଳ ଢେଙ୍କାନାଳ ର କେତେକ ନାଟ୍ୟଶିଳ୍ପୀ ମାନଙ୍କ ସହଯୋଗରେ "କଳା ପରିଷଦ" ନାମକ ଏକ ନାଟ୍ୟସଂସ୍ଥା ସ୍ଥାପନ କରନ୍ତୁ। ଶ୍ରୀ ମହାରଣା ପ୍ରଥମେ କେତେକ କାହାଣୀର ନାଟ୍ୟରୂପ ପ୍ରଦାନ କରନ୍ତୁ ଓ ପରେ ସ୍ୱଂୟ ଜଣେ ନାଟ୍ୟକାର, ଅଭିନେତା ଓ ନର୍ଦ୍ଦେଶକ ଭାବେ ଆତ୍ମପ୍ରକାଶ କରନ୍ତୁ। ତାଙ୍କ ରଚତ ନାଟକଗୁଡ଼ିକ ମଧ୍ୟରେ ରହିଛି - ଭଲ ପାଇବାର ରଙ୍ଗ(୧୯୮୭), ଉତ୍ତରପୁରୁଷ (୧୯୮୯), ଆସନ୍ନପ୍ରଳୟ (୧୯୯୦)ସୂର୍ଯ୍ୟପରାଗ (୧୯୯୨), ବାଉଁଶ ଠେଙ୍ଗାରେ ସ୍ୱାଧୀନତା (୧୯୯୨), ବାର୍ତ୍ତା (୧୯୯୩), ରାଜାଘର ଖେଳ (୧୯୯୭), ଆପଣ ସାକ୍ଷୀ ରହିଲେ ହଜୁର (୧୯୯୭), ଭୋଳାନାଥ ଦାସ ହାଜିର ହୋ (୨୦୦୦), ଚକେ ଗଲେ ବାରହାତ (୨୦୦୧), ଶେଷ ଠିକଣା, ଦ୍ୱିତୀୟ ପୁରୁଷ ଇତ୍ୟାଦି।

ନାଟ୍ୟକାର ଶ୍ରୀ ଦିଲ୍ଲୀଶ୍ୱର ମହାରଣାଙ୍କ ନାଟକ ଗୁଡ଼ିକ ମଧ୍ୟରେ ସାଂପ୍ରତିକ ସାମାଜିକ ଯନ୍ତ୍ରଣାର ସ୍ୱର ସାଙ୍ଗକୁ, ସଂକୀର୍ଣ୍ଣତା, ଉଦାରତା ତଥା ପାରିବାରିକ ଜୀବନର ବହୁ ବୈଚିତ୍ର୍ୟମୟ ରୂପ ପ୍ରତିଫଳତ ହୋଇଥାଏ। ଏହା ସହିତ ରାଜନୀତିର ପଶାପାଲିରେ

ISSN NO.
2582-208X

ସନ୍ତୁଳତ ମଣିଷର ଆର୍ତ୍ତନାଦ ସହିତ ବିଜ୍ଞାନ, ଇତିହାସର ଓ ଆତଙ୍କବାଦର ଦୃଷ୍ଟାନ୍ତ ମଧ ଦେଖିବାକୁ ମିଳଥାଏ। ବିଶେଷକରି ସମକାଳୀନ ସମସ୍ୟାର ବାସ୍ତବ ସ୍ୱରୂପ ପ୍ରକଟିତହୋଇଥାଏ ଶ୍ରୀ ମହାରଣାଙ୍କ ନାଟକ ଗୁଡ଼ିକରେ।

ସ୍ୱାଧୀନତା ପୂର୍ବର ସାମାଜିକ ଆଦର୍ଶ, ଯୌଥ ପରିବାର, ତଥା ପାରିବାରିକ ଓ ସାମାଜିକ ସମ୍ପର୍କ ଇତ୍ୟାଦି ପରେପରେ କପରି କଳୁଷିତହୋଇଛି, ବୃଦ୍ଧ ପିତାମାତା କପରି ପିଲ୍ମାନଙ୍କ ପାଇଁ ବୋଝ ହୋଇଛନ୍ତ, ବିବାହ ପରି ପବିତ୍ର ବନ୍ଧନରେ ଆବଦ୍ଧ ହୋଇ ମଧ ସାମାନ୍ୟ ଅବିଶ୍ୱାସରେ ସ୍ୱାମୀ-ସ୍ତ୍ରୀର ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି ଏହିପରି ଅନେକ ସାମାଜିକ ସମସ୍ୟାର ଚତ୍ର ଦେଖିବାକୁ ମିଳେ ଶ୍ରୀ ମହାରଣାଙ୍କ ନାଟକରେ। ୧୯୮୭ ମସିହାରେ ପ୍ରକାଶିତ ଭଲ ପାଇବାର ରଙ୍ଗ ନାଟକରେ, ସମକାଳୀନ ସମୟର ଆଧୁନକ ଶିକ୍ଷାପ୍ରାପ୍ତ ଅଧାପକ ଶୁଭେନ୍ଦୁଙ୍କ ବିବାହ ପାଇଁ ବୀତସ୍ପୃହ ମନୋଭାବ ଦେଖାଯାଏ, ଯାହାକୁନେଇ ତାଙ୍କ ପରିବାରିକ ଦ୍ୱନ୍ଦ୍ୱ ସୃଷ୍ଟି ହୁଏ। ସେହିପରି ଆଦର୍ଶ, ମୂଲ୍ୟବୋଧ ଅପେକ୍ଷା ଆଜିର ସମାଜରେ କ୍ଷମତା ହିଁ ଏକ ବଳଷ୍ଠ ପୁଞ୍ଜି, କ୍ଷମତାବଳରେ ମଣିଷ ସବୁକଛି ସହଜରେ କରିପାରେ, ଏହିପରି ଏକ ଗଭୀର ସମସ୍ୟାକୁ ନେଇ ପ୍ରକାଶ ପାଏ "ଉତ୍ତର ପୁରୁଷ"(୧୯୯୨)। ଏହି ନାଟକରେ ଅଧାପକ ବିଭୁ ପ୍ରସାଦ ଜଣେ ସଚ୍ଚୋଟ ତଥା ଆଦର୍ଶ ମୂଲ୍ୟବୋଧରେ ବିଶ୍ୱାସ କରିଥିବା ମଣିଷଟିଏ। ମାତ୍ର ଏହି ଆଦର୍ଶ ମୂଲ୍ୟବୋଧ ପାଇଁ ସେ ଅନେକ କଷ୍ଟର ସମ୍ମୁଖୀନ ହୋଇଛନ୍ତ, କଲେଜରେ କପି ଧରିବାରୁ ନେତା ମାନଙ୍କର ରୋଷର ଶିକାର ହୋଇଛନ୍ତ। ପରିସ୍ଥିତି ଏତେ ଜଟିଳ ହୋଇଛି ଯେ ତାଙ୍କୁ ବିପ୍ଳବୀ ସୁରେଶ ପାଖରେ ଆଶ୍ରୟ ନେବାକୁ ପଡ଼ିଛି। ସମାଜରେ ହେଉଥିବା ଅନ୍ୟାୟକୁ ରୋକିବାର ପ୍ରୟାସ କରି ମଧ ଅସଫଳ ହୋଇଛନ୍ତ ବିଭୁ ପ୍ରସାଦ ଓ ନଜେ ଯାହା କରିପାରିନାହାନ୍ତ ତାହା ତାଙ୍କ ଉତ୍ତରପୁରୁଷମାନେ କରିବେ ବୋଲି ଆଶା ରଖିଛନ୍ତ ଅଧାପକ ବିଭୁ ପ୍ରସାଦ। ଏହାପରେ ପରିବାରକୁ କେନ୍ଦ୍ରକରି ନାଟ୍ୟକାରଙ୍କ ସୂର୍ଯ୍ୟପରାଗ (୧୯୯୨) ପ୍ରକାଶପାଏ। ପାରିବାରିକ ଜୀବନରେ ଅହେତୁକ ଅବିଶ୍ୱାସ କପରି ଗୋଟିଏ ବୈବାହିକ ଜୀବନକୁ ଭାଙ୍ଗିବା ପଥରେ ନେଇଆସେ ତାହାର ଚତ୍ର ଦେଖିବାକୁ ମିଳଥାଏ ଏହି ନାଟକରେ। ତପନ ଓ ଶୀଳା ନଜର ଦୁଇ ଝିଅଙ୍କୁ ନେଇ ସୁଖୀ ଜୀବନ ଅତିବାହିତ କରୁଥିଲେ ମଧ ପୁଅଟିଏର ଅଭାବ ଶୀଳା ସବୁବେଳେ ଅନୁଭବ କରୁଥିଲ୍। ମାତ୍ର ତପନ ନଜର ଡାକ୍ତର ବନ୍ଧୁ ଅମର ଦ୍ୱାରା ଶୀଳାର ଜନ୍ମ ନୟନ୍ତ୍ରଣ ଅପରେସନ କରିବାକୁ ନେଇଗଲ୍। କନ୍ତୁ ଅମର ଅପରେସନ ନକରି ସେମିତି ଛାଡିଦେଲ୍

ISSN NO.
2582-208X

ଏବଂ ଏହିକଥାକୁ ତପନଠାରୁ ଲୁଚେଇ ରଖିଥିଲା । ଘଟଣାକ୍ରମେ ତପନ ଆଉ ଏକ ଘନିଷ୍ଠ ବନ୍ଧୁ ବାଦଲ ତାଙ୍କ ଘରକୁ ଆସନ୍ତି, ଯାହାଙ୍କ ସହିତ ଶୀଳାର ସମ୍ପର୍କକୁ ସନ୍ଦେହ କରିଛି ତପନ। ଶୀଳା ମା ହେବାର କଥା ଶୁଣି ଆଶ୍ଚର୍ଯ୍ୟ ହୋଇଛି ତପନ, କାରଣ ସେ ତ ତାକୁ ଜନ୍ମ ନିୟନ୍ତ୍ରଣ ଅପରେସନ ପାଇଁ ନେଇଥିଲା ଅମର ପାଖକୁ । ତେଣୁ ସେ ଶୀଳାର ହେବାକୁ ଯାଉଥିବା ପିଲାର ବାପା ବୋଲି ବନ୍ଧୁ ବାଦଲକୁ ଭାବିଛି। ଶେଷରେ ଅମର ଆସି ସବୁ ଦ୍ୱନ୍ଦ୍ୱର ପରିସମାପ୍ତି କରିଛି। ଅବିଶ୍ୱାସ କପରି ସ୍ୱାମୀ-ସ୍ତ୍ରୀ ସମ୍ପର୍କରେ ଫାଟ ସୃଷ୍ଟିକରି ତାହା ଆମେ ଏହି ନାଟକରେ ଦେଖିଥାଉ ।

ସମକାଳୀନ ସମୟରେ ବୟସ ବଢ଼ିବା ସହିତ ବାପା ମା ପିଲାମାନଙ୍କ ପାଇଁ କପରି ଅଦରକାରୀ ହୋଇଯାଇଛନ୍ତି ତାହାର ଚିତ୍ର ଆମେ ଦେଖିବାକୁ ପାଇବା ଶ୍ରୀ ମହାରଣାଙ୍କ "ଶେଷଠିକଣା" ନାଟକରେ। ସନାତନ ସାରାଜୀବନ କଷ୍ଟକରି ଦୁଇ ପୁତ୍ର ସୀମାଦ୍ରୀ ଓ ଶେଷାଦ୍ରୀଙ୍କ ପାଇଁ ବିଳାସମୟ ଜୀବନ କରିବାର ପୁଞ୍ଜି ଏକତ୍ର କରିଯାଇଛନ୍ତି। ମାତ୍ର ଯେତେବେଳେ ବୃଦ୍ଧ ବୟସରେ ତାଙ୍କର ଅପହରଣ ହୋଇଯାଇଛି ଓ ଅପହରଣକାରୀ ଗଜାନନ ୨୫ଲକ୍ଷ ଟଙ୍କା ଦାବିକରିଛି । ସେତେବେଳେ ଟଙ୍କାଟା ଦୁଇ ପୁଅଙ୍କପାଇଁ ବେଶୀ ମୂଲ୍ୟବାନ ହୋଇଛି। ମାତ୍ର ଯେତେବେଳେ ସୀମାଦ୍ରୀଙ୍କ ପୁଅର ଅପହରଣ ହୋଇଛି ସେତେବେଳେ ସଙ୍ଗେସଙ୍ଗେ ଟଙ୍କା ବାହାରିଯାଇଛି। ନାଟ୍ୟକାରଙ୍କ ଏହି ବାର୍ତ୍ତା ଧର୍ମୀ ନାଟକ ବେଶ୍ ହୃଦୟସ୍ପର୍ଶୀ। ଆହୁରି ମଧ୍ୟ ନାଟ୍ୟକାରଙ୍କ "ଆପଣ ସାକ୍ଷୀ ରହିଲେ ହଜୁର" (୧୯୯୭) ନାଟକରେ ସେ ସମୟର ସମାଜରେ ସ୍ୱେଚ୍ଛା ବିବାହପାଇଁ ସୃଷ୍ଟି ହେଉଥିବା ସମସ୍ୟାର ଚିତ୍ର ଦେଖିବାକୁ ମିଳଥାଏ। ଶ୍ରୀକାନ୍ତ ଓ ପଦ୍ମା ପରସ୍ପରକୁ ଭଲ ପାଉଥିଲେ ମଧ୍ୟ, ଉଭୟଙ୍କ ପରିବାରର ଲୋକମାନେ ଅହଂ ବଶତଃ ସେମାନଙ୍କୁ ପ୍ରତିବାଦ କରିଛନ୍ତି, କନ୍ୟାପିତା ଶ୍ରୀକାନ୍ତ ଉପରେ ଅପହଣର ଅଭିଯୋଗ କରନ୍ତି ଫଳରେ ସେ ଜେଲ ଯାଆନ୍ତି ଓ ଉଭୟ ପରିବାର ମଧ୍ୟରେ ତିକ୍ତତା ଆହୁରି ବଢିଯାଏ । ସ୍ୱେଚ୍ଛା ବିବାହକୁ ନେଇ ଜନିତ ସମସ୍ୟାକୁ ନେଇ ନାଟକଟି ପରିକଳ୍ପିତ । ସେହିପରିତାଙ୍କର "ଭୋଳାନାଥ ଦାସ ହଜିରହୋ" (୨୦୦୦)ରେ ଆଜିର ଯୁବପିଢି ଭୋଗବାଦୀ ସଂସ୍କୃତିର ବଶବର୍ତ୍ତୀ ହୋଇ କିଛି ନବିଗ୍ଭର କରି କେବଳ ଧନ ଉପାର୍ଜନରେ ଲାଗି ପଡିଛନ୍ତି ତାହା କୁ ବ୍ୟଙ୍ଗାତ୍ମକ ଶୈଳୀରେ ଦର୍ଶାଇଛନ୍ତି। ଶ୍ରୀ ମହାରଣାଙ୍କ "ଚକେ ଗଲେ ବାର ହାତ" (୨୦୦୧)ନାଟକରେ ଆଧୁନିକ ସମୟର ଭଡ଼ାଘର ସମସ୍ୟାକୁ ନେଇ ଉପୁଜିଥିବା ଦ୍ୱନ୍ଦ୍ୱ ର କଥା କୁହାଯାଇଛି। ଏହିପରି

ISSN NO.
2582-208X

ଭାବରେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ନାଟକରେ ବିଭିନ୍ନ ପ୍ରକାରର ସାମାଜିକ ସମସ୍ୟାର ଚିତ୍ର ବେଶ୍ ଚମତ୍କାର ଶୈଳୀରେ ପ୍ରଦର୍ଶିତ କରାଯାଇଛି। କେବଳ ସାମାଜିକ ନୁହେଁ, ରାଜନୀତିକ ଅସ୍ଥିରତା, ଈଶ୍ୱର ବିଶ୍ୱାସ, ବିଜ୍ଞାନ - ଇତିହାସ ର ସଂପୃକ୍ତ ସହିତ ଆତଙ୍କବାଦର ଚିତ୍ର ମଧ୍ୟ ଦେଖିବାକୁ ମିଳିଥାଏ ଶ୍ରୀ ମହାରଣାଙ୍କ ନାଟକରେ। ୧୯୯୦ରେ ପ୍ରକାଶିତ ତାଙ୍କ "ଆସନ୍ନ ପ୍ରଳୟ" ନାଟକରେ ଲିଙ୍ଗ ପରିବର୍ତ୍ତନ ଫଳରେ ଦେଖା ଯାଉଥିବା ଦ୍ୱନ୍ଦ୍ୱର ପରିକଳ୍ପନା ସହିତ ସମସାମୟିକ ରାଜନୀତିକ ବ୍ୟବସ୍ଥାକୁ ବ୍ୟଙ୍ଗାତ୍ମକ ଶୈଳୀରେ ପ୍ରଦର୍ଶିତ କରାଯିବା ସହିତ ମିଥ୍ ର ଚମତ୍କାର ପ୍ରୟୋଗ ସାଙ୍ଗକୁ ସ୍ୱର୍ଗ ଓ ମର୍ତ୍ତ୍ୟର ପୃଷ୍ଠଭୂମିକୁ ନେଇ ନାଟକଟି ପରିକଳ୍ପିତ କରାଯାଇଛି। ସେହିପରି ଶ୍ରୀ ମହାରଣାଙ୍କ "ରାଜାଘର ଖେଳ" (୧୯୯୭) ନାଟକରେ ଗଣତନ୍ତ୍ର ବ୍ୟବସ୍ଥାର ଅନ୍ୟଏକ ଜଟିଳ ସମସ୍ୟା ଉପସ୍ଥାପିତ କରାଯାଇଛି। ବଂଶାନୁକ୍ରମିକ ଭାବେ ଗଣତନ୍ତ୍ର ଶାସନକୁ ଗୋଟିଏ ନିର୍ଦ୍ଦିଷ୍ଟ ବଂଶର ଲୋକମାନେ ନିୟନ୍ତ୍ରଣ କରିବା ଫଳରେ ସମାଜରେ ଅନେକ ପ୍ରକାର ଭ୍ରଷ୍ଟାଚାର ସୃଷ୍ଟି ହୋଇଥାଏ। ଏହିପରି ଏକ ସମସ୍ୟାକୁ ନେଇ ସୁଆଙ୍ଗ ରୀତିରେ ପ୍ରଦର୍ଶିତ ନାଟକଟି ବେଶ୍ ମନୋଜ୍ଞ।

ନାଟ୍ୟକାର ଅତ୍ୟାଧୁନିକ ସମୟରେ ବିଜ୍ଞାନରେ ନାନା ପରୀକ୍ଷାନିରୀକ୍ଷା ଓ ତାର ଭୟଙ୍କର ପରିଣତି ବିଷୟରେ ଅବଗତ କରାଇଛନ୍ତି ତାଙ୍କ ଦ୍ୱିତୀୟ ଈଶ୍ୱର (୧୯୯୩) ନାଟକରେ। ବୈଜ୍ଞାନିକ ବିଭୁ ପ୍ରସାଦ ସୃଷ୍ଟିର ରହସ୍ୟ ଭେଦ କରିବା ନିମନ୍ତେ ନାନାପ୍ରକାର ଗବେଷଣା କରିଛନ୍ତି। ସେଥିରୁ ନିବୃତ୍ତ ହେବାପାଇଁ ଶାଳକ ବାଙ୍କନିଧି ପ୍ରସ୍ତାବ ଦିଅନ୍ତି । ମାତ୍ର ବିଭୁ ପ୍ରସାଦ ତାଙ୍କର କୌଣସି କଥାକୁ ଗ୍ରହଣ କରନ୍ତୁନାହିଁ। ଶେଷରେ ଏହି ଗବେଷଣାକୁ ହାତେଇବା ପାଇଁ ସ୍ୱାର୍ଥପର ରାଜନେତା, ବ୍ୟବସାୟୀମାନଙ୍କ ମନୋବୃତ୍ତି ଜାଣି ପାରି ବିଭୁପ୍ରସାଦ ନିଜର ଭୁଲ୍ ବୁଝିପାରି ଗବେଷଣାରୁ ନିବୃତ୍ତ ହୋଇଛନ୍ତି।

ଆତଙ୍କବାଦକୁ କେନ୍ଦ୍ରକରି ଶ୍ରୀ ମହାରଣାଙ୍କ "ବାର୍ତ୍ତା" (୧୯୯୩)ରେ ପ୍ରକାଶ ପାଏ। ନାଟକଟିରେ ସମସାମୟିକ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର କଥା କୁହାଯାଇଛି। ନାଟକରେ ଅରୁଣ ଜଣେ ମେଧାବୀ ଛାତ୍ର ହୋଇଥିଲେ ମଧ୍ୟ ଦ୍ୱାରଦ୍ୱାର ବୁଲି ଚାକରୀ ଖଣ୍ଡେ ପାଇନାହିଁ, ମାତ୍ର ମନ୍ତ୍ରୀଙ୍କ ରକ୍ଷିତାର ଭାଇ କମ୍ ପଢ଼ି ମଧ୍ୟ ଭଲ ଚାକିରୀ ପାଇଥାଏ। ଫଳରେ ଅରୁଣ ମନ୍ତ୍ରୀଙ୍କ ସହିତ ସଂଘର୍ଷ କରି ଜେଲ୍ ଯାଏ। ଜେଲ୍ ରୁ ଫେରି ଅରୁଣ ଏକ

ISSN NO.
2582-208X

ଆତଙ୍କବାଦୀ ଗୋଷ୍ଠୀରେ ଯୋଗଦିଏ ଓ ତାର ବିପ୍ଳବ ଆରମ୍ଭ ହୁଏ ହିଂସା ମାଧ୍ୟମରେ। ଗୋଟିଏ ପକ୍ଷରେ ଆମର ଗଣତନ୍ତ୍ର ବ୍ୟବସ୍ଥାର ତଥା ସ୍ୱାର୍ଥସର୍ବସ୍ୱ ରାଜନେତାମାନଙ୍କ କାର୍ଯ୍ୟକଳାପ ହିଁ ଆତଙ୍କବାଦ ସୃଷ୍ଟି ପଛରେ ଦାୟୀ, ଏହିପରି ଏକ ସମସ୍ୟାକୁ ନେଇ ନାଟକଟି ପରିକଳ୍ପିତ କରାଯାଇଛି।

ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣାଙ୍କ ସର୍ବଶ୍ରେଷ୍ଠ ନାଟକ "ବାଉଁଶ ଠେଙ୍ଗାରେ ସ୍ୱାଧୀନତା" ୧୯୯୨ ମସିହାରେ ପ୍ରକାଶପାଏ। ଇତିହାସର ତଥ୍ୟ ସାଙ୍ଗକୁ ନାଟ୍ୟକାରଙ୍କ ଚମତ୍କାର ନାଟ୍ୟଶୈଳୀ ମାଧ୍ୟମରେ ନାଟକଟି ବେଶ୍ ଜୀବନ୍ତ ମନେହୁଏ। ବେଜେଲଗେଟ୍ ହତ୍ୟାକାଣ୍ଡ ସହିତ ବିପ୍ଳବୀ ରଘୁ ଦିବାକରଙ୍କ ଫାଶୀକୁ ନେଇ ନାଟକଟି ଗତିଶୀଳ। ରଣପୁରର ବିପ୍ଳବୀମାନଙ୍କର ଇଂରେଜ ଶାସକମାନଙ୍କ ବିରୋଧରେ ବିଦ୍ରୋହ ସହିତ ବାଉଁଶ ଠେଙ୍ଗାରେ ବେଜେଲଗେଟ୍ କୁ ପିଟିପିଟି ନିଜର କ୍ରୋଧ ଉପଶମ କରିବାର ଚିତ୍ର ଦେଖିବାକୁ ମିଳଥାଏ।

ନାଟ୍ୟକାରଙ୍କ ନାଟକ ଗୁଡିକୁ ବିଶ୍ଳେଷଣ କଲେ ଜଣାପଡେ ଯେ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ସମସାମୟିକ ସମାଜକୁ କେନ୍ଦ୍ରକରି ତଥା ସମାଜରେ ଦେଖାଯାଉଥିବା ସମସ୍ୟାକୁ ନେଇ ନିଜର ସ୍ୱକୀୟ ପରାକାଷ୍ଠା ଓ ନାଟକୀୟ ଶୈଳୀ ମାଧ୍ୟମରେ ବେଶ ବାସ୍ତବ ଓ ମନୋଜ୍ଞ ରୂପ ପ୍ରଦାନ କରିପାରନ୍ତି । ନାଟକରେ ଲୋକଉପାଦାନ ସାଙ୍ଗକୁ ହାସ୍ୟରସର ପ୍ରୟୋଗ ମଧ୍ୟ ବେଶ ଚମତ୍କାର ଭଙ୍ଗୀରେ କରିଥାନ୍ତି । ନାଟ୍ୟକାର ଶ୍ରୀ ଦିଲ୍ଲୀଶ୍ୱର ମହାରଣା ଉତ୍ତରଅଶୀ ନାଟ୍ୟକାର ଭାବରେ ନାଟ୍ୟପ୍ରେମୀମାନଙ୍କ ଗହଣରେ ଚିରକାଳ ପରିଚିତ ହୋଇ ରହିବେ ନିଶ୍ଚୟ ।

Mail:- biswalsuchismita@yahoo.com

ISSN NO.
2582-208X

# ଏଠି ଫୁଲ ବି ଅସହାୟ



ଦେବସ୍ମିତା ମହାନ୍ତ

ତୁମେ ଚାଲିଗଲ ଜୀବନରୁ ମୋ ସବୁ ମହୁ ଶୋଷି ନେଇ
ଖାଲି ମୁଁ ଯାହା ରହିଗଲି ପ୍ରଚଣ୍ଡ ସୂର୍ଯ୍ୟ କିରଣକୁ ଆପଣେଇ
ମୁଁ ତ ଝରା ଫୁଲ ହୋଇ ଝୁରିଝୁରି ଝଡି ଗଲି
କାଳେ ତୁମେ ପୁଣି ଆସିବ ଚାହିଁଥିଲି ଆଖି ମେଲି
ହେଲେ ବୁଝିନେବାର ଥିଲା ମୋର କେବେ ତୁମେ ଥିଲ ଯେ ସ୍ଥିର
ଫୁଲରୁ ଫୁଲକୁ ଉଡି ମହୁ ସଞ୍ଚିବା ଧର୍ମ ତୁମର, କାରଣ ତୁମେ ପରା ଭଅଁର....
ଯେଉଁ ଫୁଲ ଯେତେ ବାସ ଚହଟାଏ ତୁମକୁ ପରା ସେ ସେତେବେଶୀ ଆକୃଷ୍ଟ କରାଏ
ଶୁଣିଛି ପଙ୍କଜ ପାଖେ ତୁମେ ହୋଇଯାଅ ବାଟବଣା, ଭୁଲିଯାଅ ନିଜ ଅସଲି ଠିକଣା
ଆହା !! କେଡେ ଭାଗ୍ୟ ସେ ପଦ୍ମର ବାସ ତାର କରେ ତୁମକୁ ବିଭୋର
କାହିଁକି ବା ମୁଁ କରିବି ଦୁଃଖ ? ଜାଣିଛି ମୁଁ ତୁମର ସରଳ ସୂତ୍ର !!
ପୁରୁଷ ଜାତି ଯେ ତୁମେ ନଥାଏ ତୁମ ଜାତିଗୋତ୍ର...
ଭଲ ଠାରୁ ବେଶୀ ଭଲ ଖୋଜିଦେଲେ ବଦଳିଯାଏ ମନ ତୁମର
କେତେ ଯେ ଦେବୀ ପୂଜା ପାଇଥାନ୍ତି ମନ ମନ୍ଦିରରେ ତୁମର !!!!
ମୋତେ ସତେଜ ଓ ନିସ୍ତେଜ କରାଇବାରେ ଥାଏ କେବଳ ତୁମର ଏକଚାଟିଆ ଅଧିକାର
ମୋର କି ଅଛି ନିଜ ଉପରେ ଅକ୍ତିଆର ଖରା, ବର୍ଷା, ଝଡ ସହିବା ତ ଧର୍ମ ମୋର
ଗୁଣୁଗୁଣୁ ଶବ୍ଦ କରି ତୁମେ ଯେବେ ମୋତେ ଛୁଇଁଦିଅ

ISSN NO.
2582-208X

କାହିଁକି କେଜାଣି ଅଜାଣତେ ମୋତେ ଲଜ୍ୟାଶିଳା କରିଦିଅ
ମୋତେ ଛାଡି ଆଉ କେଉଁ ଫୁଲ ନିକଟକୁ ଗଲେ ଉଡି
କାହିଁକି କେଜାଣି ଉଦିତ ସୂର୍ଯ୍ୟ କିରଣରେ ଯାଏ ମୁଁ ପୋଡି
ଇଚ୍ଛା ହୁଏ କୋମଳ ପାଖୁଡାରେ ତୋଳି ଧରନ୍ତି କି ତୁମକୁ
ଯିବାକୁ ଦିଅନ୍ତିନି ଆଉ କେଉଁ କୁସୁମ ପାଖକୁ
ହେଲେ ଭୁଲିଯାଏ ମୁଁ ତୁମେ ଯେ ଭଅଁର ନିର୍ଦ୍ଦିଷ୍ଟ ଗୋଟିଏ କଳିକା ନିଜର ନୁହେଁ ତୁମର
ଦୋଷ ଯଦିଓ ନୁହେଁ ଫୁଲର ତଥାପି ଉପାଧି ଗ୍ରହଣ କରେ ସେ ବେଶ୍ୟାର ...
ଜାଣିନି କେଉଁ ଭଅଁର ଯେ ହେବ ମୋର ନିଜର
କାହାର ସ୍ପର୍ଶ ପାଇ ଶିହରିତ ହେବ ମୋ ଶରୀର

ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ରୀ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ଭ୍ରାମ୍ୟଭାଷ - ୮୯୧୭୬୮୧୬୪୭

ISSN NO.
2582-208X

# ପିଲାଦିନ



ଜୟଦେବ ମାଝୀ

ଫେରିବ କ ଅଫେର୍‌ଡ଼ ଅତୀତ
ଖିଲି ଖିଲି ହସ ମୋର,
ବୟସ ଗଡି ଗଡି ମନେପଡ଼େ
ଅଭୂଲ୍ ସ୍ମୃତି ପିଲ୍‌ଦିନର ।

ସ୍କୁଲଛୁଟିରେ ଧରି ବହି ବସ୍ତାନ
ହରଷେ ଆସୁ ଲେଉଟି,
ମଉଜ ପାଇଁ ଘର ବଡ଼ଦାଣ୍ଡର
କୁନକୁନ ସାଙ୍ଗମେଲି ।

ନଖୋଜ ସଞ୍ଜାକୁ ଭୁଲି ହୁଏନ
ଗ୍ଚୋର-ପୁଲିସ ଲୁଚକାଳ,
ଆସିବ କ ହଜିଲ୍ ପିଲ୍‌ଦିନ
ବର ଓହଲର ଦୋଲି ।

ଚନ୍ଦଭାନୁ ସାଜି ଅମ୍ବର ଛୁଏଁ
ଅବୋଧ ବାଳକ ହୋଇ,
ମୋ କ୍ଷୁଦ୍ର ଇଲ୍‌କା ଫେରିବ କ
କୋମଳ ଅତୀତ ନେଇ ।

ISSN NO.
2582-208X

ରବି ଅସ୍ତରେ ଡାକରୁ ଆସେ
ଘରେ ସମ୍ପର୍କ ଆମର,
କୁନାକୁନଙ୍କ ସେନେହ ବନ୍ଧନ
ମିଛି ମିଛିକା ବାହାଘର ।

ସଜ ଶେଫାଳ ସବୁଜ ବନେ
ବୁଲି ଖାଉଥିଲୁ କୋଳ,
କେଡେ ସାହାସ ନଇବଢ଼ିରେ
ଦୁଇ କୂଳ ଯାଉ ଲଙ୍ଘି ।

ଝିପି ବରଷା ର କାଗଜ ଡଙ୍ଗା
ନଇପଠା ସାଙ୍ଗ ବେଳକୁ,
ଫେରି ଆସିବ କ ପୁରୁଣା ଦିନ
ଗୁଲି ଖେଳର ମେଳକୁ ।

ଜୀବନର ଅଲିଭା ସ୍ମୃତି ଆଇନା
କାହିଁ ମନେପଡେ ବେଶି,
ହଜିଗଲା ଦୁର୍ଲ୍ଲଭ ଚପଳା ସହ
ଫେରିବ କ ମୋର ଖୁସି ।

କଲେଜ ଛକ୍, କଟକ
ପିନ୍- ୭୫୩୦୦୩
ଦୂରଭାଷା - ୮୧୧୪୩୧୭୬୭୪

ISSN NO.
2582-208X

# ଇନ୍ଦ୍ରିୟର ବଶ ହେଲେ ସର୍ବନାଶ

ଜ୍ଞାନ ରଞ୍ଜନ ଦାଶ

ଇନ୍ଦ୍ରିୟର ସହ ଗଢ଼ା ଏହି ଦେହ
ଏହି ମର ସଂସାରରେ
ଯାହା ଆକର୍ଷିତ କରାଏ ସତତ
ନର ହୃଦୟ ଅସାରେ ।

ଲୋଭ ମୋହ ମାୟା ମଦ ମାତ୍ସର୍ଯ୍ୟର
ମଦିରାରେ ସଦା ମତ୍ତ
କାମିନୀ କାଞ୍ଚନ ମଣେ ଏ ଜୀବନ
କୋଷରେ ମହାର୍ଘ ବିତ୍ତ ।2 ।

ମରୀଚିକା ପଛେ ଧାଇଁ ଧାଇଁ ପଛେ
ହୁଏ ଅବସନ୍ନ କ୍ଳାନ୍ତ
ମାତ୍ର ପ୍ରଲୋଭନ ପରବଶ ମନ
ହୁଏ ନାହିଁ କେବେ ଶାନ୍ତ ।3 ।

ସର୍ବନାଶ ତାର ନିଶ୍ଚିତ ଭବିଷ୍ୟ
ଜାଣି ମଧ୍ୟ ଅନ୍ଧ ପରି
ମରଣର ମାର୍ଗ ଦିଗେ ଅଗ୍ରସର
ପରାଣକୁ ତୁଚ୍ଛ କରି ।4 ।

ଶ୍ମଶାନରେ ଭସ୍ମ ପାଲଟେ ତାହାର
ଦେହ ସହ ପଞ୍ଚେନ୍ଦ୍ରିୟ
ଅମୃତ ସନ୍ତାନ ବିଷ ପୁତ୍ର ମନ୍ୟ
ନିଏ ମର୍ତ୍ତ୍ୟରୁ ବିଦାୟ ।5 ।

ନରସିଂହପୁର, କଟକ

ISSN NO.
2582-208X

# ଲକ୍ଷ୍ୟ ଅନେକ ଦୂର

ସୁଧାଂଶୁ ଶେଖର ପାତ୍ର

ଯାହା କହିଛି ବି କର
ଗୋଟେ ଜାଗାରେ ରହ
ଭଲ ଲାଗିବ
ମନୋବଳ ବଢ଼ିବ
ମୁଣ୍ଡର ବୋଝ କମିଯିବ

ଗଲା କଥା ପୋଶୋର
ଏବେ ପାଖରେ ଥିବା ଜିନଷକୁ ଆଦର
ଭବିଷ୍ୟତ ହେବ ସୁଖକର

କଥା ମନର
ପାଦ ଉଠାଅ
ବେଳ ଗଡ଼ି ଯାଉଛି
ଲକ୍ଷ୍ୟ ଅନେକ ଦୂର ।

ଖସିଗୁଡା, ଚଲିଗୁଡା, ଜୁନାଗଡ଼,
କଳାହାଣ୍ଡି, ପିନ୍...୭୬୬୦୧୪

ISSN NO.
2582-208X

# ଭକ୍ତି, ଭୟ, ଲୋଭ ଏବଂ ଅଧ୍ୟାତ୍ମବାଦ



ହେତୁବାଦୀ ବାଲ୍ମୀକି

ସାରା ପୃଥିବୀରେ ପ୍ରାୟ ୪୨୦୦ ଛୋଟ ବଡ଼ ଆଧ୍ୟାତ୍ମିକ ଧର୍ମ ରହିଛି । ତା'ଠାରୁ ଅଧିକ ସଂଖ୍ୟାରେ ଦେବୀ-ଦେବତା ବି ଅଛନ୍ତି । ପ୍ରତ୍ୟେକ ଧର୍ମର ଏକ ବା ଅନେକ ଧର୍ମଗ୍ରନ୍ଥ, ଧର୍ମଗୁରୁ ଓ ପ୍ରବର୍ତ୍ତକ ଅଛନ୍ତି । ପ୍ରତ୍ୟେକ ଧର୍ମରେ ଧର୍ମଗୁରୁ ଓ ପ୍ରବର୍ତ୍ତକମାନଙ୍କ ଆଧ୍ୟାତ୍ମିକ ଜ୍ଞାନ ଓ ପ୍ରଚାର କ୍ଷମତା ଅନୁସାରେ ଭକ୍ତଙ୍କ ସଂଖ୍ୟା କମ୍ ବା ବେଶୀ ଅଛନ୍ତି । ପୃଥିବୀରେ ଧର୍ମ ସମ୍ପ୍ରଦାୟର ତିନି ଗୋଟି ଧର୍ମର ଭକ୍ତଙ୍କ ସଂଖ୍ୟା ଅଧିକ । ପ୍ରଥମ- ଖ୍ରୀଷ୍ଟିୟାନ, ଦ୍ୱିତୀୟ- ମୁସଲମାନ ଏବଂ ତୃତୀୟ - ହିନ୍ଦୁ । କିଛି ବର୍ଷ ତଳେ ବିଦେଶର ଗୋଟିଏ ସର୍ଭେ ରିପୋର୍ଟ ଅନୁସାରେ ନିରୀଶ୍ୱରବାଦୀଙ୍କ (ନାନ ବିଲିଭର) ଜନସଂଖ୍ୟା ତୃତୀୟ ସ୍ଥାନରେ ପହଞ୍ଚିଲାଣି ବୋଲି ଜଣାପଡିଛି । ଆମେ ଆସନ୍ତୁ ବିଚାର କରିବା ମନୁଷ୍ୟ ଉପରେ ଅଧ୍ୟାତ୍ମବାଦର ପ୍ରଭାବ କେତେ ଲାଭଦାୟକ ନା କ୍ଷତିକାରକ ?

ସମସ୍ତ ପ୍ରାଣୀ ଜଗତରେ ଯଦିଓ ମନୁଷ୍ୟ ହେଉଛି ଗୋଟିଏ ବୁଦ୍ଧିମାନ ଓ ଶ୍ରେଷ୍ଠ ପ୍ରାଣୀ । ତଥାପି ତା'ର ଜନ୍ମରୁ ନେଇ ମୃତ୍ୟୁ ପର୍ଯ୍ୟନ୍ତ ବହୁତ ଜଟିଳତା ରହିଛି । ତା'ର ଜୀବନର କୌଣସି ଗ୍ୟାରେଣ୍ଟି ନାହିଁ । ଯେକୌଣସି ବୟସରେ ସେ ମୃତ୍ୟୁ ବରଣ କରିପାରେ । ଦୀର୍ଘ ଜୀବନ ବଞ୍ଚି ରହିଲେ ମଧ୍ୟ ମଣିଷ ବିଭିନ୍ନ ପ୍ରକାର ଶାରୀରିକ ଓ ମାନସିକ ସମସ୍ୟାର ସମ୍ମୁଖୀନ ହେଉଛି ।

ଏହିସବୁ କାରଣରୁ ଆଦିମ ଯୁଗର ମଣିଷ ପ୍ରାକୃତିକ ବିପର୍ଯ୍ୟୟ ବେଳେ ନିଜର ସୁରକ୍ଷାପାଇଁ ଆତଙ୍କିତ ରହୁଥିଲା । ପ୍ରଥମ କଥା ଥିଲା, ପ୍ରାକୃତିକ ବିପର୍ଯ୍ୟୟର ଅସଲ କାରଣ କ'ଣ ବୁଝି ପାରୁ ନଥିଲା । ଦ୍ୱିତୀୟରେ ଗ୍ରୀଷ୍ମ, ଶୀତ ଓ ବର୍ଷା ଦାଉରୁ କିଭଳି ନିଜକୁ ରକ୍ଷା କରିବ ଜାଣି

ISSN NO.
2582-208X

ନଥିଲା । ସେହି ସମୟର କିଛି ଅଧିକ ବୁଦ୍ଧିମାନ ଲୋକ ପ୍ରାକୃତିକ ବିପର୍ଯ୍ୟୟପାଇଁ କୌଣସି ଅଦୃଶ୍ୟ ଓ ଅଜଣା ମହାନ ଶକ୍ତିକୁ କାରଣ ବୋଲି କଳ୍ପନା କଲେ । ସେହି ମହାନ ଶକ୍ତି ହିଁ ଗ୍ରୀଷ୍ମ, ଶୀତ ଓ ବର୍ଷାକୁ ସୃଷ୍ଟି କରିଛି ବୋଲି ବିଶ୍ୱାସ ବି କଲେ । ସେ ଚାହିଁଲେ ହୁଏତ ଗ୍ରୀଷ୍ମ, ଶୀତ ଓ ବର୍ଷାକୁ ନିୟନ୍ତ୍ରଣ କରି ପାରିବ ବୋଲି ଏକ ଅବଧାରଣା ସୃଷ୍ଟି ହେଲା । ପରବର୍ତ୍ତୀ କାଳରେ ଏହି ଅବଧାରଣା ଈଶ୍ୱର ନାମକ ଏକ ସର୍ବଶକ୍ତିମାନ, ସର୍ବବିଦ୍ୟମାନ, ସର୍ବଜ୍ଞ ଶକ୍ତି ରୂପେ ମାନବ ମନରେ ସ୍ଥାପନ ହୋଇଛି । ସର୍ବଶକ୍ତିମାନ ଈଶ୍ୱର ଚାହିଁଲେ ମଣିଷର ସମସ୍ତ ଦୁଃଖ ଓ ସମସ୍ୟାର ସମାଧାନ ହୋଇପାରିବ ତେଣୁ ତାଙ୍କ ଆଗରେ ନିଜକୁ ସମର୍ପଣ କରି ଦେବା ହିଁ ଏକମାତ୍ର ଉପାୟ ବୋଲି ବିଶ୍ୱାସ ଦୃଢ଼ ହୋଇଗଲା । ଈଶ୍ୱରକୁ ଖୁସି କରିବାପାଇଁ ଭକ୍ତିଭାବ ଓ ଆତ୍ମସମର୍ପଣ ସହିତ ବିଭିନ୍ନ କର୍ମକାଣ୍ଡ ଅବଲମ୍ବନ କରାଗଲା । ଯଥା : ପ୍ରାର୍ଥନା, ପୂଜା, ହୋମ, ଯଜ୍ଞ, ଉପାସନା, ତପସ୍ୟା, ସାଧନା ଇତ୍ୟାଦି ଅନେକ କିଛି ଧାର୍ମିକ କର୍ମକାଣ୍ଡ କରାଗଲା । ସେଥିପାଇଁ କୁହାଯାଏ ଭୟରୁ ଭକ୍ତି ଜାଗ୍ରତ ହୁଏ ।

ଭକ୍ତିର ପରିଭାଷା କ'ଣ ?

କିଛି ଲୋକ ନିଜର ତଥା ପରିବାରର ଦୈନନ୍ଦିନ ଜୀବନରେ ଆବଶ୍ୟକ ପଡୁଥିବା ଖାଦ୍ୟ ସଂଗ୍ରହ କରିବା, ରହିବାପାଇଁ ବାସସ୍ଥାନ ଯୋଗାଡ଼ କରିବା, ଅନ୍ୟାନ୍ୟ ସାଧନ ଯୋଗାଡ଼ କରିବା ଅତ୍ୟନ୍ତ କଷ୍ଟସାଧ୍ୟ ବୋଲି ଅନୁଭବ କଲେ । ସେମାନେ ଭାବିଲେ ସାଂସାରିକ ଜଞ୍ଜାଳରୁ ମୁକ୍ତ ହୋଇ ଗଲେ ଶାନ୍ତି ମିଳିବ । ମନଦେଇ ଈଶ୍ୱରଙ୍କ ଆରାଧନା ଓ ସାଧନା କଲେ ଏହି ଜୀବନ ଜଞ୍ଜାଳରୁ ମୁକ୍ତି ମିଳିବ । ସେମାନେ ସେଥିପାଇଁ 'ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା' ବୋଲି ଭାବିଲେ । ଯେଉଁ ପରିବାରରେ ସେମାନେ ଜନ୍ମ ଗ୍ରହଣ କରିଥିଲେ, ତାଙ୍କର ବାପା, ମାଆ, ଭାଇ, ଭଉଣୀ ତାଙ୍କୁ ଖୁଆଇ, ପିଆଇ, ସେବା କରି ପିଲାରୁ ବଡ କଲେ, ଶେଷରେ ପରିବାର ଜନଙ୍କୁ ଧୋକା ଦେଇ ସେ ଘର ଛାଡି ପଳାୟନ କଲେ । ନିଜକୁ ସ୍ୱୟଂଭୂ ଭଗବାନ, ସାଧୁ, ସନ୍ନ୍ୟାସୀ, ବାବା ଆଦି ନାମରେ କୌଣସି ମଠ ବା ଆଶ୍ରମରେ ଯାଇ ମାଗଣାରେ ଖାଇବା ଓ ରହିବାର ଯୋଗାଡ଼ କରି ଦେଲେ । ମଜା କଥା ହେଉଛି ଯେ ସେମାନେ ମିଥ୍ୟା ଜଗତକୁ ତ୍ୟାଗ କରି ସତ୍ୟ ବ୍ରହ୍ମକୁ ଯିବାପାଇଁ ମୃତ୍ୟୁ ବରଣ କରିବାକୁ ସାହାସ କରି ପାରିଲେ ନାହିଁ । ତେବେ ସମସ୍ୟା ହେଲା ଯେ ନିଜେ କାମ ନକଲେ ବଞ୍ଚି ରହିବା ପାଇଁ ଖାଇବା, ରହିବା ପାଇବେ କିପରି ? ଏହାର ସହଜ ସମାଧାନପାଇଁ ସେମାନେ

ISSN NO.
2582-208X

ନିଜର ଚତୁର ବୁଦ୍ଧି ପ୍ରୟୋଗ କଲେ । ସାଧାରଣ ଲୋକମାନଙ୍କୁ ଈଶ୍ୱରଙ୍କ ମହାନତା ସମ୍ପର୍କରେ ବିଭ୍ରାନ୍ତ କରିବାପାଇଁ ପ୍ରବଚନ ଦେଲେ 'ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା' । ତୁମେ ପୂଣ୍ୟ ଅର୍ଜନ କରିବାପାଇଁ ଅର୍ଜନ କରିଥିବା ଧନ ଆମକୁ ଦାନ କରି ଦିଅ । ଆମେ ତୁମକୁ ସାଂସାରିକ ଜଞ୍ଜାଳରୁ ମୁକ୍ତ କରି ବ୍ରହ୍ମରେ ଲୀନ ହେବାର ବ୍ୟବସ୍ଥା କରିଦେବୁ । ସାଂସାରିକ ଜଞ୍ଜାଳରେ ଘାଣ୍ଟି ହେଉଥିବା ବିଚାରା ମଣିଷ ଆଜି ପର୍ଯ୍ୟନ୍ତ ସେହି ତଥାକଥିତ ଧୂର୍ତ୍ତ ଲୋକଙ୍କ ମାୟା ଜାଲରେ ପଡିସର୍ବହରା ହୋଇ ଛଟପଟ ହେଉଛନ୍ତିସିନା କେହି ବ୍ରହ୍ମରେ ଲୀନ ହୋଇ ପାରୁନାହାନ୍ତି।ଏହା ହେଉଛି ସେମାନଙ୍କର ଭକ୍ତିର ପରାକାଷ୍ଠା ।

ଭୟର ପରିଭାଷା କ'ଣ ?

'ଭୟ' ସମଗ୍ର ପ୍ରାଣୀ ଜଗତର ଗୋଟିଏ ସହଜାତ ମାନସିକ ପ୍ରବୃତ୍ତି । ମଣିଷ ବ୍ୟତୀତ ଅନ୍ୟ ସବୁ ପ୍ରାଣୀଙ୍କର ଭୟ ହେଉଛି କେବଳ ଜୀବନ ସୁରକ୍ଷା । ମଣିଷର କିନ୍ତୁ ଅନେକ ପ୍ରକାର ଭୟ ରହୁଛି । ଯଥା: ମୃତ୍ୟୁ ଭୟ, ସମ୍ମାନହାନୀ ଭୟ, ଅର୍ଥହାନୀ ଭୟ ଇତ୍ୟାଦି । ବାସ୍ତବ ଜଗତର ଏହିସବୁ ଭୟଗୁଡିକ ମଣିଷର ରହିବା ନିହାତି ଜରୁରୀ ମଧ୍ୟ । କାରଣ ଭୟଶୂନ୍ୟ ମଣିଷ ନିରଙ୍କୁଶ ହୋଇ ଯାହା ଇଛା ତାହା କରିବ ଏବଂ ସମାଜର ଅଶେଷ କ୍ଷତି କରିଦେବ । ଏହାର ବିପରୀତ ଅଧ୍ୟାତ୍ମବାଦୀ ଭୟ ଯୋଗୁ ମଣିଷ ନିଜର ତଥା ସମାଜର ଅଶେଷ କ୍ଷତି କରିଥାଏ । କାରଣ ମଣିଷର ଆଉ ଗୋଟିଏ ଅହେତୁକ ତଥା ବିଚିତ୍ର ଭୟ ହେଉଛି ମୋର ମୃତ୍ୟୁ ପରେ କ'ଣ ହେବ? ଏହି ଭୟ ସୃଷ୍ଟି କରିଛି ଅଧ୍ୟାତ୍ମବାଦୀ ଅବଧାରଣା । ଏହି ଭୟକୁ ଅତିରଞ୍ଜିତ କରି ଧର୍ମଗୁରୁ, ସାଧୁ, ବାବାମାନେ ଭକ୍ତମାନଙ୍କୁ ଆତଙ୍କିତ କରି ଦିଅନ୍ତି । ଆଧ୍ୟାତ୍ମିକ ଜଗତର କାଳ୍ପନିକ ଶବ୍ଦ ଗୁଡିକ ହେଉଛି - ଆତ୍ମା, ପରମାତ୍ମା, ସ୍ୱର୍ଗ, ନରକ, ପାପ, ପୂଣ୍ୟ, ଭାଗ୍ୟ, ପ୍ରାରବ୍ଧ, ପୁନର୍ଜନ୍ମ ଇତ୍ୟାଦି । ମୁନି ଋଷିମାନେ ସଂସ୍କୃତ ଭାଷାରେ ଲେଖିଥିବା ଧର୍ମଶାସ୍ତ୍ର ଓ ପୁରାଣ ଆଦିରେ ଏହି ସବୁ ଶବ୍ଦର ବିଶଦ ଭାବେ ବର୍ଣ୍ଣନା ରହିଛି । ସେହି ଗ୍ରନ୍ଥର ଶ୍ଳୋକ ଗୁଡିକୁ ସରଳ ଭାଷାରେ ବ୍ୟାଖ୍ୟା କରି ଧର୍ମଗୁରୁମାନେ ଖୁବ ସହଜରେ ଭକ୍ତମାନଙ୍କୁ ପ୍ରଭାବିତ କରିଥା'ନ୍ତି । ଧର୍ମଗ୍ରନ୍ଥ ଅନୁସାରେ ଜପ, ତପ, ଉପସନା, ଯଜ୍ଞ ଓ ପୂଜା ବିଧି ପାଳନ ନକଲେ ପାପ ହେବ । ପାପ ହେଲେ ବଞ୍ଚିଥିବା ବେଳେ ତ ବିଭିନ୍ନ ପ୍ରକାର ଅନିଷ୍ଟ ହେବ, ମୃତ୍ୟୁ ପରେ ବି ଆତ୍ମାର ମୋକ୍ଷ ପ୍ରାପ୍ତ ହେବନାହିଁ । ନରକ ଦଣ୍ଡ ଭୋଗକରିବାକୁ ପଡିବ । ସବୁଠାରୁ ବଡ କଥା ହେଲା ହିନ୍ଦୁ ଧର୍ମର

ISSN NO.
2582-208X

ପୁନର୍ଜନ୍ମବାଦ ଅନୁସାରେ ପାପୀ ମଣିଷ ଆସନ୍ତା ଜନ୍ମରେ ଇତର ପ୍ରାଣୀ ହୋଇ ଜନ୍ମ ହେବ । ଅନ୍ୟ କୌଣସି ଧର୍ମରେ ପୁନର୍ଜନ୍ମବାଦ ସିନା ନାହିଁ କିନ୍ତୁ ନରକ ଦଣ୍ଡର ଭୟ ରହିଛି । ଭକ୍ତମାନଙ୍କ ମନରେ ଦେବୀ-ଦେବତାଙ୍କ ପ୍ରତି ଭକ୍ତିଭାବ ରହୁ କି ନରହୁ ଅହେତୁକ ଭୟ ନିଶ୍ଚୟ ରହୁଛି "କାଳେ କିଛି ଅନିଷ୍ଟ ହୋଇଯିବ .....?" ପୂଜା ଓ ପ୍ରାର୍ଥନା ନକଲେ ପ୍ରତ୍ୟକ୍ଷ ଭାବେ କିଛି କ୍ଷତି ନହେଲେ ବି ପରୋକ୍ଷଭାବେ କିଛି କ୍ଷତି ହୋଇଯିବାର ଭୟ ରହୁଛି । ବୈଜ୍ଞାନିକ ଦୃଷ୍ଟିକୋଣ ନଥିବା ବ୍ୟକ୍ତିଙ୍କର ଆତ୍ମବିଶ୍ୱାସ କମ ହୋଇଯାଏ । ସେଥିପାଇଁ ଅଧିକାଂଶ ସମୟରେ ସେମାନେ କର୍ମରେ ସଫଳତା ହାସଲ କରି ପାରନ୍ତିନାହିଁ । ବିଫଳତାର ଅସଲ କାରଣ ନଖୋଜି ମୋର ପୂଜା ଓ ପ୍ରାର୍ଥନାରେ କିଛି ଦୋଷ ରହିଗଲା ବୋଲି ଭାବନ୍ତି କିମ୍ବା ମୋର ପୂର୍ବ ଜନ୍ମରେ କରିଥିବା ପାପ କର୍ମର ଫଳ ପାଉଛି ବୋଲି ମନକୁ ସାନ୍ତ୍ୱନା ଦିଅନ୍ତି । ଉପରୋକ୍ତ ଆଲୋଚନାର ସନ୍ଦେଶ ହେଉଛି - ଜଣେ ବିଜ୍ଞାନ ମନସ୍କ ହେତୁବାଦୀ ବ୍ୟକ୍ତି ବୁଝିପାରେ କେଉଁ କେଉଁ ଭୟ ମନରେ ରଖିବା ଉଚିତ ଓ କେଉଁଟି ତ୍ୟାଗ କରିବା ଜରୁରୀ ?

ଲୋଭର ପରିଭାଷା କ'ଣ ?

'ଲୋଭ' ମଧ୍ୟ ପ୍ରତ୍ୟେକ ପ୍ରାଣୀର ଗୋଟିଏ ସହଜାତ ପ୍ରବୃତ୍ତି । ଅନ୍ୟାନ୍ୟ ପ୍ରାଣୀଙ୍କ ଲୋଭ ହେଉଛି କେବଳ ନିଜର ଉଦର ପୂରଣ ପାଇଁ ଅଧିକରୁ ଅଧିକ ଖାଦ୍ୟ ସଂଗ୍ରହ କରିବା । ନିଜର ପେଟ ପୁରି ଗଲେ ବାକି ଖାଦ୍ୟ ଯିଏ ଖାଉ ତାଙ୍କର ଆପତ୍ତି ନଥାଏ । ବହୁତ କମ ପ୍ରାଣୀ ଅଛନ୍ତି, ଯେଉଁମାନେ କିଛି ଦିନପାଇଁ ଖାଦ୍ୟକୁ ସଂଗ୍ରହ କରି ସଞ୍ଚୟ କରି ରଖି ପାରନ୍ତି । ଏହାର ବିପରୀତ ମଣିଷର ଲୋଭ ଅସୀମିତ । ସେ କେବଳ ଖାଦ୍ୟ ନୁହେଁ, ଆହୁରି ଅନେକ ବ୍ୟବହାର ଯୋଗ୍ୟ ପଦାର୍ଥ ସଂଗ୍ରହ କରି ସାଇତି ରଖିବାକୁ ଅହରହ ସଂଘର୍ଷ କରିଥାଏ । ସମୟାନୁକ୍ରମେ ଯେତେବେଳେ ମୁଦ୍ରାର ପ୍ରଚଳନ ହେଲା ସେ ଅଧିକରୁ ଅଧିକ ମୁଦ୍ରା ସଂଗ୍ରହ କରିବାକୁ ଚାହିଁଲା । କାରଣ ମୁଦ୍ରା ବିନିମୟରେ ଅନ୍ୟାନ୍ୟ ସାଧନ କିଣିବା ସହଜ ହେଲା । ଏହି ଧନ ସଂଗ୍ରହ ପ୍ରବୃତ୍ତି ଯୋଗୁ ପରସ୍ପର ଭିତରେ ପ୍ରତିଦ୍ୱନ୍ଦିତା ଚାଲିଲା । ଏହି କୁପ୍ରବୃତ୍ତି ଯୋଗୁଁ ମନରେ ଇର୍ଷା, ଦ୍ୱେଷ, ଅହଙ୍କାର, ହିଂସା ବି ବୃଦ୍ଧି ପାଇଲା । ମଣିଷ ସମାଜରେ ଆଉ ଶାନ୍ତି ଶୃଙ୍ଖଳା ରହିଲା ନାହିଁ । ଯାହାର ଯେତେ ଶାରୀରିକ ଶକ୍ତି ଅଧିକ ସେ ସେତିକି ଅଧିକ ଧନ ସଂଗ୍ରହ କରି ପାରିଲା । ବଳଶାଳୀ ରାଜା-

ISSN NO.
2582-208X

ମହାରାଜାମାନେ ପ୍ରଜାଙ୍କ ଧନକୁ ବଳପୂର୍ବକ ଲୁଟିନେଇ ଅଧିକ ଧନୀ ହୋଇଗଲେ । ସାଧାରଣ ଜନତା ଦିନ ରାତି କଠିନ ପରିଶ୍ରମ କରି ମଧ୍ୟ ଗରିବ ହୋଇ ରହିଗଲେ ।

ଧୀରେ ଧୀରେ ଯୁଗ ବଦଳିଲା । ରାଜା-ମହାରାଜାଙ୍କ ଶାସନର ଅବସାନ ହେଲା । କାରଣ ବିଭିନ୍ନ ଦେଶର ଜନତା ସଚେତନ ହୋଇ ପ୍ରତିବାଦର ସ୍ୱର ଉତ୍ତୋଳନ କଲେ । ଅନେକ ଦେଶରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠିତ ହେଲା । ରାଜା ବଦଳରେ ନିର୍ବାଚିତ ନେତାମାନେ ଶାସକ ହେଲେ । ନେତାମାନେ ଜନତାଙ୍କ ସେବକ ବୋଲି କୁହା ଯାଉଥିଲେ ମଧ୍ୟ ସେମାନେ ରାଜା-ମହାରାଜାଙ୍କ ଠାରୁ ନିଜକୁ କମ୍ ବୋଲି ଭାବୁ ନାହାନ୍ତି । ସେମାନଙ୍କୁ ସମସ୍ତ ପ୍ରକାର ସୁଖ ସାଧନ ଦରକାର । ମାସିକ ଦରମା ଓ ଭତ୍ତା, ଘର, ଗାଡି, ଫ୍ରି ଟେଲିଫୋନ, ଫ୍ରି ବିଜୁଳି ଆଦି ମିଳିବା ସତ୍ତ୍ୱେ ତାଙ୍କର ଅଭାବ ମେଣ୍ଟୁ ନାହିଁ । ସେମାନଙ୍କ ଭିତରେ ବି ଧନ ଲୋଭରପ୍ରବଳ ଲାଳସା ରହିଲା । ଧନ ରୋଜଗାର ପାଇଁ ପରିଶ୍ରମର ପରିଭାଷା ବଦଳିଗଲା । ଶାରୀରିକ ପରିଶ୍ରମ ଅପେକ୍ଷା ମାନସିକ ପରିଶ୍ରମ କରି ଅର୍ଥାତ ଅନ୍ୟକୁ ଠକି, ଧୋକା ଦେଇ, ଶୋଷଣ କରି, ଲୁଣ୍ଠନ କରି ଯିଏ ଯେତେ ପାରିଲା ଅନ୍ୟାୟ ଉପାୟରେ ଧନ ସଂଗ୍ରହ କରିବାକୁ ଚେଷ୍ଟା କଲା । ନୈତିକ ଆଧାରରେ ରୋଜଗାର କରୁଥିବା 'ଧଳା' ଧନ ଅପେକ୍ଷା ଅନୈତିକ ଉପାୟରେ ରୋଜଗାର କରୁଥିବା 'କଳା' ଧନର ପରିମାଣ ବୃଦ୍ଧି ପାଇଲା । ଅନୈତିକ ଉପାୟରେ ଧନ ସଂଗ୍ରହ କରିବାପାଇଁ ଅଧ୍ୟାତ୍ମବାଦ ବହୁତ ସାହାଯ୍ୟ କଲା । ପ୍ରଥମେ ସ୍ୱୟଂଭୂ ସାଧୁ, ସନ୍ନ୍ୟାସୀ, ବାବା ଓ ଧର୍ମଗୁରୁ ମାନେ ସରଳ ବିଶ୍ୱାସୀ ଲୋକମାନଙ୍କୁ ଭ୍ରମିତ କରି ମାୟା (ଧନ) ତ୍ୟାଗ କରିବାକୁ ବୁଝେଇ ଦେଲେ । ସେମାନେ ଦାନ-ଦକ୍ଷିଣା ନେଇ ନିଜର ସୁରମ୍ୟ ଆଶ୍ରମ, ମନ୍ଦିର ଆଦି ନିର୍ମାଣ କରି କୋଟି କୋଟି ଟଙ୍କାର ମାଲିକ ହୋଇଗଲେ । ଏହାର ମୂଖ୍ୟ କାରଣ ହେଲା – ପ୍ରତ୍ୟେକ ଦେଶରେ ଅଧ୍ୟାତ୍ମବାଦ ଲୋକମାନଙ୍କ ମନକୁ ଗଭୀର ଭାବେ ପ୍ରଭାବିତ କରି ରଖିଛି। ଜୀବନର ସମସ୍ତ ସମସ୍ୟାର ସମାଧାନ ଆଧ୍ୟାତ୍ମିକ ମାର୍ଗରେ ହିଁ ହୋଇ ପାରିବ ବୋଲି ଆସ୍ଥା ଓ ବିଶ୍ୱାସ ଦୃଢ ହୋଇ ରହିଛି। ଜ୍ଞାନ ବିଜ୍ଞାନ ଯେତେ ପ୍ରଗତି କଲେ ମଧ୍ୟ ଅଧିକାଂଶ ଲୋକଙ୍କ ମନରୁ ଭିତ୍ତିହୀନ ବିଶ୍ୱାସ ଏବଂ ଅହେତୁକ ଭୟ ଦୂର ହୋଇ ପାରିନାହିଁ । ଏପରିକି ବହୁ ଉଚ୍ଚଶିକ୍ଷିତ ବୈଜ୍ଞାନିକମାନେ ମଧ୍ୟ ଆଧ୍ୟାତ୍ମିକ ବିଚାରଧାରାକୁ ତ୍ୟାଗ କରି ପାରିନାହାନ୍ତି । କାରଣ ସେମାନଙ୍କ ମନରେ ବୈଜ୍ଞାନିକ ଦୃଷ୍ଟିକୋଣର ବିକାଶ ହୋଇ ପାରିନାହିଁ । ଏହା ଦ୍ୱାରା ସାଧାରଣ ଲୋକଙ୍କ ଅନ୍ଧବିଶ୍ୱାସକୁ ପ୍ରେରଣା ମିଳୁଛି ।

ISSN NO.
2582-208X

ତାପରେ ନେତାମାନେ ସାଧୁ, ସନ୍ନ୍ୟାସୀ, ବାବା ଓ ଧର୍ମଗୁରୁଙ୍କର ନକଲି ଚେଲା ସାଜି ତାଙ୍କର ଅନ୍ଧଭକ୍ତମାନଙ୍କୁ ନିଜର ଭୋଟ ବ୍ୟାଙ୍କରେ ପରିଣତ କରିଦେଉଛନ୍ତି । ଦେଶର ଶାସନ ଗାଦିରେ ବସି ବିଭିନ୍ନ ପ୍ରକାର ଭ୍ରଷ୍ଟାଚାର କରି ଅଜସ୍ର ଧନ ସଂଗ୍ରହ କରୁଛନ୍ତି । ବର୍ତ୍ତମାନ ଆମ ଦେଶରେ ଏହି ଦୁଇଟି ଶ୍ରେଣୀ ହିଁ ଧନବାନ । ମଠ ଓ ମନ୍ଦିରର ଗଚ୍ଛିତ ଧନ ଜନତାଙ୍କ କାମରେ ଲାଗି ପାରୁନି ଏବଂ ନେତାଙ୍କ କଳା ଧନର ହିସାବ ମିଳୁନି କିମ୍ବା କେଉଁଠି ଅଛି ତା'ର ଠାବ ମିଳୁନି । ବାକି ଅନ୍ଧବିଶ୍ୱାସୀ ଜନତା ଧନ ଅଭାବରେ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ପାଇଁ ରାଜରାସ୍ତାରେ ଠିଆ ହୋଇ ତ୍ରାହି ତ୍ରାହି ଚିତ୍କାର କରୁଛନ୍ତି । ଧର୍ମଗୁରୁମାନେ ଅନ୍ଧଭକ୍ତଙ୍କୁ ଆଶ୍ୱାସନା ଦେଇ କୁହନ୍ତି -ତୁମେ ସବୁ ବ୍ୟସ୍ତ ହେଲେ କ'ଣ ହେବ? ମଣିଷ ନିଜର ପ୍ରାରବ୍ଧର ଫଳ ଭୋଗ କରିବାକୁ ବାଧ୍ୟ । ସେଥିପାଇଁ ଜଗତରେ ଆଦିମ କାଳରୁ ଧନୀ ଓ ଗରିବ ରହିଛନ୍ତି ।

ମୋ: ୯୪୮୨୦୧୬୨୬୦

ISSN NO.
2582-208X

# ରୁଦ୍ରାଷ୍ଟକମ୍



ସୁହାସିନ ବାରିକ୍

ନମାମୀଶମୀଶାନ ନିର୍ବାଣରୂପଂ ବିଭୁଂ ବ୍ୟାପକଂ ବ୍ରହ୍ମବେଦସ୍ୱରୂପମ୍।
ନିଜଂ ନିର୍ଗୁଣଂ ନିର୍ବିକଲ୍ପଂ ନିରୀହଂ ଚିଦାକାଶମାକାଶବାସଂ ଭଜେଽହମ୍ ॥ 1 ॥

ନିରାକାରମୋଂକାରମୂଲଂ ତୁରୀୟଂ ଗିରାଜ୍ଞାନଗୋତୀତମୀଶଂ ଗିରୀଶମ୍।
କରାଲଂ ମହାକାଲକାଲଂ କୃପାଲୁଂ ଗୁଣାଗାରସଂସାରପାରଂ ନତୋଽହମ୍ ॥ 2 ॥

ତୁଷାରାଦ୍ରିସଂକାଶଗୌରଂ ଗଭୀରଂ ମନୋଭୂତକୋଟିପ୍ରଭାସୀ ଶରୀରମ୍ ।
ସ୍ଫୁରନ୍ମୌଳିକଲ୍ଲୋଲିନୀ ଚାରୁଗଂଗା ଲସଦ୍ଭାଲବାଲେଂଦୁ କଂଠେ ଭୁଜଂଗମ୍ ॥ 3 ॥

ଚଲକ୍କୁଂଡଲଂ ଶୁଭ୍ରନେତ୍ରଂ ବିଶାଲଂ ପ୍ରସନ୍ନାନନଂ ନୀଲକଂଠଂ ଦୟାଲୁମ୍ ।
ମୃଗାଧୀଶଚର୍ମାଂବରଂ ମୁଂଡମାଲଂ ପ୍ରିୟଂ ଶଂକରଂ ସର୍ବନାଥଂ ଭଜାମି ॥ 4 ॥

ପ୍ରଚଂଡଂ ପ୍ରକୃଷ୍ଟଂ ପ୍ରଗଲ୍ଭଂ ପରେଶଂ ଅଖଂଡଂ ଭଜେ ଭାନୁକୋଟିପ୍ରକାଶମ୍।
ତ୍ରୟୀଶୂଲନିର୍ମୂଲନଂ ଶୂଲପାଣିଂ ଭଜେଽହଂ ଭବାନୀପତିଂ ଭାବଗମ୍ୟମ୍ ॥ 5 ॥

ISSN NO.
2582-208X

କଲାତୀତକଲ୍ୟାଣକଲ୍ପାଂତକାରୀ ସଦାସଜ୍ଜନାନଂଦଦାତା ପୁରାରୀ ।
ଚିଦାନଂଦସଂଦୋହମୋହାପହାରୀ ପ୍ରସୀଦ ପ୍ରସୀଦ ପ୍ରଭୋ ମନ୍ମଥାରୀ ॥ 6 ॥

ନ ଯାବଦୁମାନାଥପାଦାରବିଂଦଂ ଭଜଂତୀହ ଲୋକେ ପରେ ବା ନରାଣାମ୍ ।
ନ ତାବତ୍ସୁଖଂ ଶାଂତି ସଂତାପନାଶଂ ପ୍ରସୀଦ ପ୍ରଭୋ ସର୍ବଭୂତାଧିବାସମ୍ ॥ 7 ॥

ନ ଜାନାମି ଯୋଗଂ ଜପଂ ନୈବ ପୂଜାଂ ନତୋଽହଂ ସଦା ସର୍ବଦା ଦେବ ତୁଭ୍ୟମ୍।
ଜରାଜନ୍ମଦୁଃଖୌଘତାତପ୍ୟମାନଂ ପ୍ରଭୋ ପାହି ଶାପାନ୍ନମାମୀଶ ଶଂଭୋ ॥ ୫ ॥

ରୁଦ୍ରାଷ୍ଟକମିଦଂ ପ୍ରୋକ୍ତଂ ବିପ୍ରେଣ ହରତୁଷ୍ଟୟେ।
ଯେ ପଠଂତି ନରା ଭକ୍ତ୍ୟା ତେଷାଂ ଶଂଭୁଃ ପ୍ରସୀଦତି ॥ ୨ ॥

· ଶ୍ରୀରୁଦ୍ରାଷ୍ଟକଂ ସଂପୂର୍ଣମ୍

ସଂଗ୍ରାହିକା- ସୁହାସିନୀ ବାରିକ୍,
ଗ୍ରାମ ମହୁ, ପୋଷ୍ଟ ମହୁ, ଥାନା ଆଳ,
ଜିଲ୍ଲା କେନ୍ଦ୍ରାପଡ଼ା,ଓଡ଼ିଶା

ISSN NO.
2582-208X

# ଦୁର୍ଲଭ ମାନବ ଜନ୍ମ

ଅଲେଖ ମେହେର

ପଞ୍ଚମ ଅଧ୍ୟାୟ

ରାଗ-ବସନ୍ତ ବରାଡ

ତାମସୀ କାଳରେ ନଦ୍ରାରାଣୀ କୋଳେ ଦେଖଇ ମାନବ ସ୍ୱପନ
ମୁଣ୍ଡକାଟ ଅବା ରୂପସୀ ରତନ ଲଭଇ ସୁପ୍ତରେ ନୟନ
ବିଅର୍ଥ, ଚେତିଲେ କୁହେଳ ସମାନ
କୃଷଙ୍କର ନାମ ଅମିୟ ବରଜି କୁକର୍ମେ ନହୁଅ ପ୍ରସନ୍ନ ।୩୧ ।

ଅନ୍ତିମ କାଳରେ ନାରାୟଣ ନାମ ହରଇ ପାତକ ସକଳ
ଅନଳେ ଯେସନ ଭସ୍ମଯାଏ ହୋଇ ଅଗନା ଅଗନ ଜଂଗଲ
ତେସନେ, ଶ୍ରୀହରିଙ୍କ ନାମ ଉଚ୍ଚାରି
ତୀବ୍ର ଯମଦଣ୍ଡ ଯାତନାରୁ ନର ଅନାୟାସେ ଯାଏ ଉଦ୍ଧରି ।୩୨ ।

ପୁଣ୍ୟ ଭାଗବତ ଶ୍ରବଣରେ ମୋର ପାତକ ହୋଇଲା ମୋଚନ
ପରମେଶ୍ୱରଙ୍କ ମହିମା ଅମୃତ ଯେବେଠୁ କରିଲି ଶ୍ରବଣ
ମୁନନ୍ଦ୍ର, ସଂସାର ମାୟାରୁ ତାରଣ
ମୃତ୍ୟୁ ଭୟଠାରୁ ଦୂରରେ ରଖାଇ ପ୍ରଭୁ ପଦେ ଦେଲ ଶରଣ ।୩୩ ।

ହେ ସର୍ବଜ୍ଞତର ଆଶଙ୍କା ଉପୁଜେ ମୋ ହୃଦୟପଟ୍ଟ ଆକାଶେ
ପନ୍ନଗ ତକ୍ଷକ ଜୀବନ ନାଶିବ ଦେଖିବି କେବଳ ଉଦାସେ
ଗୋବିନ୍ଦେ, ଅର୍ପିବି କାୟାକୁ କେସନେ
କୃପା ତୋୟ ସିଞ୍ଚି ମହାସଂକଟରୁ ଉଦ୍ଧାର ଅମିୟ ବଚନେ ।୩୪ ।

ISSN NO.
2582-208X

କୁରୁପତି ପରୀକ୍ଷିତଙ୍କ ବଚନେ ଧିରେ ଶୁକଦେବ ବାଚିଲେ
ଅଜ୍ଞାନୀ ପୁରୁଷ ମହାତ୍ରାସ ଲଭେ ମୃତ୍ୟୁକୁ ସାମନା ଦେଖିଲେ
ରାଜନ, ଆତ୍ମାର ନୋହିବ ମରଣ
ଭୂବି, ଦିବି ଜାତବେଦ ପାରାବାରେ କଉଣସି ଅସ୍ତ୍ର ଶସ୍ତ୍ରେଣ ।୩୫ ।

-: ଟୀକା :-

ଜାତଦେବ – ଅଗ୍ନି
ତାମସୀ – ଅନ୍ଧକାର, ଗ୍ରତି

ବରପଦର, ଗୋବିନ୍ଦପୁର,
ବରଗଡ

ISSN NO.
2582-208X

# ଧନୁଯାତ୍ରା



ମାଳତୀ ଦେବୀ

ଜୟ ଜଗଦୀଶ ପରମ ପୁରୁଷ ନୀଳ କନ୍ଦର ସୁନ୍ଦର ।
ଯାଇ ମଧୁପୁର ଦରଶନ ଦେଇ କଂସ କରିଲ ସଂହାର ।
ଦେଇ ନିମନ୍ତ୍ରଣ କଂସ ଜାତୁଧାନ ବରଗିଲ୍ ରାମ କୃଷ୍ଣ ।
ପାଇ ନିମନ୍ତ୍ରଣ ଶ୍ରୀମଧୁସୂଦନ ମଧୁପୁର ଆଗମନ ।
ସାଥିରେ ଅଗ୍ରଜ ରେବତୀ ତନୁଜ ଆସିଲେ ହୋଇ ବିଭୋର ।
ଆସୁ ଆସୁ ପଥେ ରଜକ ନାଶିଲେ କୁବଳୟା କରୀ ବର ।
ଅଷ୍ଟ ମଲ୍ଲ ମାରି ଦେବ ନରହରି ରଙ୍ଗ ସଭାକୁ ଗମନ ।
ଦରଶନ ମାତ୍ରେ ମଂଚରୁ ପଡ଼ିନ କଂସ ହୋଇଲା ନିଧନ ।
ବାଟେ କୁବୁଜା ର ଉଜ ନାଶ କଲେ ପଦ୍ମ କର ଲଗାଇନ ।
ଅପୂର୍ବ ସୁନ୍ଦରୀ ହୋଇଣ କୁବୁଜା ସେବିଲା କଞ୍ଜ ଚରଣ ।।

ପୁରୁଣା ବଜାର, ଲୋକାପଦା, ଆଳି,
କେନ୍ଦ୍ରାପଡ଼ା, ଓଡ଼ିଶା

ISSN NO.
2582-208X

# ପହିଲି ଭୋଗ



ଦାସ କମଳ କୁମାର

ଜୟ ଜଗନ୍ନାଥ । କଳିଯୁଗର ନାଥ, ମହାପ୍ରଭୁ କାଳିଆ ସାଆନ୍ତ, ଧନ୍ୟ ତୁମ ଲୀଳା । ଭକ୍ତ ଭାବରେ ବନ୍ଧା ଆପଣ ।ଭକ୍ତ ପାଇଁ ବାର ମାସେ ତେର ପର୍ବ ଆପଣଙ୍କର ।ଭକ୍ତଟିଏ ଯେଉଁଭଳି ଆକୁଳିତ, ବ୍ୟାକୁଳିତ ହୋଇଥାଏ ଆପଣଙ୍କୁ ଦେଖିବା ପାଇଁ, ଆପଣ ବି ସେହି ଭଳି ଭକତର ବାଟକୁ ଗୁହିଁ ରହିଥାନ୍ତି ।ସତରେ ମଣିମା ଆପଣ, ଆପଣଙ୍କ ଭକ୍ତକୁ କେତେ ଭଲ ପାଆନ୍ତି । ସେଥିପାଇଁ ତ କୁହାଯାଏ

ଭକତ ତୋ ମାତା, ପିତା ଭକତ ତୋ ବନ୍ଧୁ
ଭକତ ହିତରେ ତୋର ନାମ କୃପାସିନ୍ଧୁ ।

ଆଉ ଯେତେବେଳେ ଭକ୍ତଟିଏ ଧାଇଁ ଆସେ ତୁମ ଶ୍ରୀମନ୍ଦିରକୁ, କେତେ ଆଶା ନେଇ ଆସିଥାଏ । କେତେ ଦିନର ବିରହ ବେଦନା ଯାହା ହୃଦୟରେ ସାଇତି ରଖିଛି, ତୁମକୁ ଦେଖିଲେ ତାହା ଲାଘବ ହେବ । ତୁମକୁ ଟିକିଏ ମନ ଭରି ଦେଖିବ, ତୁମ ଚକାନୟନକୁ ଦେଖି ଭାବର ଲୁହ ଦୁଇ ଟୋପା ଗଡେଇବ । ଆଉ ସେ ଲୁହ ଭିଜା ଭିଜା ଆଖିରେ କହୁଥିବ

"ମାଗୁନ ମଣିମା ଧନ ସୁନା ରୁପା
ସିଏ ମୋର କ'ଣ ହେବ ।
ଚକାନୟନକୁ ଦେଖିବାକୁ ସଦା
ଡୋରି ତ ଲଗାଉଥିବ " ।

ISSN NO.
2582-208X

ସତରେ ଭକ୍ତଟିଏ ମହାପ୍ରଭୁଙ୍କ ଠାରୁ କ'ଣ ଗ୍ଭହେଁ ? ସେ ଗ୍ଭହେଁ ମହାପ୍ରଭୁଙ୍କୁ ଟିକେ ମନଭରି ଦେଖିବ, ତାଙ୍କ ଛଡା ତୁଳସି ଟିକଏ ପାଇବ, ଆଉ ମହାପ୍ରଭୁଙ୍କଠି ଲ୍ଗି ହୋଇଥିବା ମହାପ୍ରସାଦ ଟିକଏ ପାଇବ ।

ଆଜି ଜଣେ ବ୍ୟକ୍ତଙ୍କ ବିଷୟରେ କହିବି, ଯାହାଙ୍କ ବିଷୟରେ ପୂର୍ବରୁ ଥରେ ଲେଖିଥିଲି, ଯିଏ ମହାପ୍ରଭୁଙ୍କୁ ବହୁତ ଭଲ ପାଆନ୍ତି । ସତେ ଅବା ମହାପ୍ରଭୁ ତାଙ୍କ ଜୀବନ । କର୍ମକ୍ଷେତ୍ରରେ ବ୍ୟସ୍ତ ରହିଲେ ମଧ ସମୟ ପାଇଲେ ଧାଇଁ ଯାଆନ୍ତି ମହାପ୍ରଭୁଙ୍କ ପାଖକୁ, ଟିକଏ ଦେଖି ଆସିଲେ ମନକୁ ଶାନ୍ତି ମିଳେ ତାଙ୍କର। ସେହି ଢେଙ୍କାନାଳ ନିବାସୀ ପଦ୍ମ କୁମାର ବାବୁଙ୍କ କଥା କହୁଛି ।

ଯେଉଁ ଦିନ ଶୁଣିଛନ୍ତି, ଧନୁ ସଂକ୍ରାନ୍ତି ଠାରୁ ମକର ସଂକ୍ରାନ୍ତି ପର୍ଯ୍ୟନ୍ତ, ବର୍ଷରେ ଏହି ଏକ ମାସ କେବଳ ମହାପ୍ରଭୁଙ୍କ ପାଖରେ ପହିଲି ଭୋଗ ଲ୍ଗେ ବୋଲି ସେହି ଦିନଠାରୁ ମନ ବଳଛି କେମିତି ଟିକଏ ପୁରୀ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରନ୍ତେ ଏବଂ ପହିଲି ଭୋଗ ଟିକଏ ପାଆନ୍ତେ । ଆହୁରି ମଧ ଶୁଣିଛନ୍ତି ସେହି ମାସେ କାଳ ମାଆ ଲକ୍ଷ୍ମୀ ଠାକୁରାଣୀ ପିତ୍ରାଳୟକୁ ଗମନ କରିଥାନ୍ତି ଆଉ ମାଆ ଯଶୋଦା ନିଜେ ରୋଷଶାଳାକୁ ଯାଇ, ଗହମ ଏବଂ ବିରି ରୁ ବିଭିନ୍ନ ପ୍ରକାର ରସାଳ ବ୍ୟଞ୍ଜନ ଏବଂ ପିଠା ପ୍ରସ୍ତୁତ କରି, ସକାଳ ହେବା ପୂର୍ବରୁ ତିନି ଭାଇ ଭଉଣୀଙ୍କୁ ଖାଇବାକୁ ଦେଇ ଦିଅନ୍ତି । ତେଣୁ ମନ ତାଙ୍କର ଉଛନ୍ନ କେମିତି ସମୟ ପାଇବେ ପୁରୀ ଯିବେ ।

ମହାପ୍ରଭୁଙ୍କ କରୁଣାରୁ ସେ ସମୟ ଉପନୀତ ହେଲ୍, ଆଉ ପଦ୍ମ ବାବୁଙ୍କର ଡ୍ୟୁଟି ପୁରୀରେ ପଡିଲ୍ । ମନ ଭରି ଖୁସି ,ହେଲେ ଯେତେବେଳେ ଗଲେ, ତାଙ୍କର ରହିବା ବ୍ୟବସ୍ଥା ପୁରୀଠାରୁ ବହୁ ଦୂରରେ କର୍ ଯାଇଥିଲ୍ । ମନ ଟିକେ ଦୁଃଖ ହେଲ୍ ଏଥିପାଇଁ ଯେ ସେ ଯେଉଁ ଭବୁଥିଲେ ଯେତେବେଳେ ସମୟ ପାଇବେ ଚାଲିଯିବେ ମନ୍ଦିରକୁ ତାହା ହୋଇ ପାରିବନି । ତେଣୁ ମହାପ୍ରଭୁଙ୍କୁ କହିଲେ ଯାହା ଆପଣଙ୍କ ଇଛା ।

ସକାଳୁ ସକାଳୁ ଶିଘ୍ର ଉଠି ନିତ୍ୟକ୍ରମ ସାରି ଏକ ରିକ୍ସା ଧରି ବାହାରି ପଡିଲେ ଶ୍ରୀମନ୍ଦିର । ସାଙ୍ଗରେ ଥାଆନ୍ତି ତାଙ୍କର ଜଣେ ସହକର୍ମୀ । ରିକ୍ସାରୁ ଓହ୍ଲାଇ ନିଳଚକ୍ର ଓ ପତିତପାବନଙ୍କୁ ଦର୍ଶନ କଲେ । ବଡଦାଣ୍ଡର ରେଣୁ ଶରଧାବାଲିକୁ ମୁଣ୍ଡରେ ମାରି ଆଗକୁ ବଢିଲେ । ମୋବାଇଲ୍ ଷ୍ଟାଣ୍ଡ୍ ରେ ଜୋତା ମୋବାଇଲ୍ ରଖି ଯାଇ ପହଁଚିଲେ ସିଂହଦ୍ୱାରରେ, ଅରୁଣ

ISSN NO.
2582-208X

ସ୍ତମ୍ଭଙ୍କୁ ପ୍ରଣାମ କରି, ମାଆ ତୋରଣ ଲକ୍ଷ୍ମୀଙ୍କୁ ପ୍ରଣାମ କରି ମନ୍ଦିର ମଧ୍ୟକୁ ପ୍ରବେଶ କଲେ।

ସହକର୍ମୀଙ୍କ ସହ  ସର୍ବ ବେଢା ଦବାଦେବୀଙ୍କୁ  ଦର୍ଶନ କଲେ। ସହକର୍ମୀଙ୍କୁ ସବୁ ବେଢା ଦେବା ଦେବୀଙ୍କ ବିଷୟରେ ବୁଝାଇ କହିଲେ । ଯେତେବେଳେ ମହାପ୍ରଭୁଙ୍କୁ  ଦର୍ଶନ କରିବାକୁ ଆସିଲେ ସେହି ସମୟରେ ମହାପ୍ରଭୁଙ୍କର ପହଡ ହୋଇ ଯାଇଥିଲା। ଦର୍ଶନ କରି ନାହାନ୍ତି, ଜାଣିବାକୁ ପାଇଲେ ବର୍ତ୍ତମାନ ମହାପ୍ରଭୁଙ୍କର ପହିଲି ଭୋଗ  ନୀତି ଚାଲୁଛି, ଯାହାକି ଘଣ୍ଟେ ଦେଢ ଘଣ୍ଟା ଲାଗିବ ।ଏକଥା ଜାଣି ସହକର୍ମୀ ଜଣକ ମନ ଦୁଃଖ କଲେ, କହିଲେ "ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରି, ପରେ ବେଢା ଦେବାଦେବୀଙ୍କୁ ଦର୍ଶନ କରିଥିଲେ ଭଲ ହୋଇ ଥାଆନ୍ତା" । ପଦ୍ମ ବାବୁ କହିଲେ" କ'ଣ କରିବା ? ପ୍ରଥମେ ବେଢା ପରିକ୍ରମା କରିବା ସହିତ ବେଢା  ଦେବାଦେବୀଙ୍କ ଦର୍ଶନ କରାଯାଏ ତା'ପରେ ମହାପ୍ରଭୁଙ୍କୁ ଦର୍ଶନ କରିବା ହେଉଛି ବିଧି। ପଦ୍ମ ବାବୁ ବି ବ୍ୟସ୍ତ ହେଉଥାନ୍ତି କାରଣ ତାଙ୍କର ଡ୍ୟୁଟିର କୌଣସି ଠିକ୍ ଠିକଣା ନାହିଁ, କେତେବେଳେ ଡ୍ୟୁଟି ଆସିଯିବ କେହି କହି ପାରିବେ ନାହିଁ । ଡ୍ୟୁଟି ଆସିଲେ ବି ଜାଣିବେ କପରି, ମୋବାଇଲ୍ ତ ଷ୍ଟାଣ୍ଡ୍ ରେ ରଖି ଆସିଛନ୍ତୁ ।

ମହାପ୍ରଭୁଙ୍କୁ ମନେ ମନେ ଡାକୁ ଥାଆନ୍ତୁ ପଦ୍ମ ବାବୁ । ମହାପ୍ରଭୁ ଟିକେ ଶିଘ୍ର ପହଡ ଖୋଲି ଦର୍ଶନ ଦିଅ । ପୁଣି ମନେ ମନେ ଭାବନ୍ତୁ ଆପଣ ତ ଅଛନ୍ତୁ ନା, ଆପଣ ସବୁ ବୁଝିବେ । ପଦ୍ମ ବାବୁ ସର୍ବଦା ମହାପ୍ରଭୁଙ୍କ ପାଖରେ  ଏକ କବିତା ପାଠ କରନ୍ତୁ ଯାହା ସେ ମହାପ୍ରଭୁଙ୍କ ଆଶୀର୍ବାଦରୁ ଲେଖିଛନ୍ତୁ ବୋଲି କୁହନ୍ତୁ ।ସେଥିରୁ ଦୁଇ ପଦ ଏହି ଭଳି...

କାଳଆ ଠାକୁର କାଳଆ ଠାକୁର,
କାଳଆ ଠାକୁର ମୋ, ମୋ କଳା ଠାକୁର,
ଭଲ ପାଏ ତୁମକୁ ମୁଁ, ତୁମେ ପର୍ ମୋର ।
ଯେତେ ଦୁଃଖ ଅଛି ପ୍ରଭୁ, ତୁମ ସଂସାରରେ
ଭରିଦିଅ ପଛେ ହେଲେ, ଏଇ ଜୀବନରେ
କରିବନ ପର ମୋତେ, ଦେବନ ଦୂରେଇ
ମାଗୁନାହିଁ ଧନ ପ୍ରଭୁ, ନେବ ହେ କୋଳେଇ
ମାଗୁନାହିଁ ମାନ, ମାଗୁନ  ସମ୍ମାନ

ISSN NO.
2582-208X

ସଦାଥାଅ ସାଥେ, ହେ ଚକାନୟନ
କାଳଆ ଠାକୁର କାଳଆ ଠାକୁର.....

ଏହି ଗୀତଟିକୁ ଗାନ କରି କାନ୍ଦି ପକାନ୍ତି ପଦ୍ମ ବାବୁ । ଅପେକ୍ଷା କରିଥାନ୍ତି କେତେବେଳେ ପହଡ ଖୋଲାହେବ । ବିଳମ୍ବ ହେଉଥାଏ, ମନେ ମନେ ଭାବି କହୁଥାନ୍ତି.. ମହାପ୍ରଭୁ ମୋ ଦ୍ୱାରା କିଛି ଭୁଲ୍ ହୋଇଛି କି, ମୋ ଉପରେ ରାଗିଛନ୍ତି କି, କାହିଁକି ଏତେ ବିଳମ୍ବ କରୁଛନ୍ତି ମହାପ୍ରଭୁ ? ଆସି ଏତେବେଳ ହେଲାଣି, ଆପଣ ତ ରାତି ପାହିବା ପୂର୍ବରୁ ପହିଲି ଭୋଗ ଗ୍ରହଣ କରିବା କଥା, ଆଜି ଏତେ ବିଳମ୍ବ କାହିଁକି ?

ପ୍ରାୟ ଦେଢ ଘଣ୍ଟା ପରେ ପହଡ ଖୋଲେ । ଭକ୍ତଙ୍କ ଗହଣରେ ମନ୍ଦିର ମଧ୍ୟକୁ ପ୍ରବେଶ କରନ୍ତି ପଦ୍ମ ବାବୁ। ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଉଥାଏ ଗମ୍ଭିରା । ଯାଇ ପହଁଚି ଗଲେ ଗରୁଡ ମହାରାଜଙ୍କ ପାଖରେ। ଗରୁଡସ୍ତମ୍ଭଙ୍କୁ କୁଣ୍ଢେଇ ଧରି, ଚକାନୟନକୁ ଦେଖି, କହି ଉଠିଲେ "କ୍ଷମା କରନ୍ତୁ ମଣିମା, ଏ ଦାସର ଆପଣଙ୍କ ବ୍ୟତିତ ଆଉ କିଏ ଅଛି, ଆପଣ ତ ମୋର ସବୁକିଛି, ଦୂରେଇ ଦେବେନି ମଣିମା, ଆପଣଙ୍କର ଜୟ ହେଉ" । ଭକ୍ତଙ୍କ ମେଳରେ ଆଗକୁ ଚାଲିଲେ, ବାହାର କାଠ ପାଖରୁ ଭକ୍ତ ଦର୍ଶନ କରୁଥାନ୍ତି । ପଦ୍ମ ବାବୁ ଦେଖିଲେ ତାଙ୍କ ଆଗରେ ଜଣେ ବୃଦ୍ଧ ମଉସା ଯାଉଛନ୍ତି ବୟସ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେବ । ଅଣ୍ଟା ଭାଙ୍ଗି ଯାଇଛି ନଇଁ ନଇଁ ଚାଲୁଛନ୍ତି, ଏ ବୟସରେ ବି ମଉସା ଧାଇଁ ଆସିଛନ୍ତି, ଚର୍ମନେତ୍ରରେ ଆପଣଙ୍କୁ ଟିକେ ଦେଖିବା ପାଇଁ । ଯିଏ ଯେଉଁ ଆଶା ନେଇ ଆସିଥାଏ ଆପଣ ବା କେମିତି ପୂରଣ କରିବେନି ? ଆପଣ ତ, ଭାବଗ୍ରାହୀ । କେଜାଣି କାହିଁକି ମନ କ'ଣ ହେଲା ପଦ୍ମ ବାବୁ ସେ ଭିଡ ଭିତରେ ମଉସାଙ୍କୁ ଟେକି ଧରି ଆପଣଙ୍କ ଦର୍ଶନ କରାଇ ଦେଲେ । ମଉସାଙ୍କ ମନ ଭାରି ଖୁସି, ପଦ୍ମ ବାବୁଙ୍କ ମନ ବି ଭାରି ଖୁସି । ପଦ୍ମ ବାବୁ ଭାବିଲେ ଯାହା ହେଉ ମହାପ୍ରଭୁ, ଆପଣଙ୍କର ଦାସ ଆଜି ଆପଣଙ୍କର ଭକ୍ତର କାର୍ଯ୍ୟରେ ଆସିଲା ।

ଦର୍ଶନ ସରିଲା ପରେ ମହାପ୍ରଭୁଙ୍କ ଠାରୁ ବିଦାୟ ନେଇ ପଦ୍ମ ବାବୁ ଚାଲିଲେ ଆନନ୍ଦ ବଜାର। କେତେ ଦିନରୁ ଇଛା ଅଛି ପହିଲି ଭୋଗ ଟିକେ ପାଇବେ, ଯାହା ଆଜି ମହାପ୍ରଭୁ ଚାହିଁଲେ ପୂରଣ ହେବ । ଆନନ୍ଦ ବଜାରରେ ସମସ୍ତ ସୁଆରଙ୍କୁ ପଚାରିଲେ, ସମସ୍ତେ ମନା କଲେ ତାଙ୍କ ପାଖରେ ପହିଲି ଭୋଗ ନାହିଁ । କହିଲେ ପହିଲି ଭୋଗ ଆନନ୍ଦ ବଜାର

ISSN NO.
2582-208X

ଆସେ ନାହିଁ, ସେ ସେବାୟତଙ୍କ ପାଖରେ ରହିଯାଏ । ମନ ଦୁଃଖ ହୋଇଗଲା ପଦ୍ମ ବାବୁଙ୍କର, ଆଖିରେ ଲୁହ ଆସିଗଲା । ସତରେ କ'ଣ ମହାପ୍ରଭୁ, ପହିଲି ଭୋଗ ଟିକିଏ ଦେବେନି ,ଖାଲି ହାତରେ ଫେରିଯିବି । କ'ଣ ବା କରି ପାରିବେ ପଦ୍ମ ବାବୁ, ଭାବିଲେ ଯାହା ମହାପ୍ରଭୁଙ୍କ ଇଛା । ମହାପ୍ରସାଦ ଟିକିଏ ପାଇ ମନ ଦୁଃଖରେ ଫେରୁଥିବା ସମୟରେ, ଆନନ୍ଦ ବଜାରର ପ୍ରବେଶ ଦ୍ୱାରରେ ଦେଖା ହୁଅନ୍ତି ଜଣେ ସାଧୁ ମାହାତ୍ମ୍ୟ । ଯାହାଙ୍କୁ ସେ ପୂର୍ବରୁ ଜାଣିଛନ୍ତି ।

ପଦ୍ମ ବାବୁ କହି ଉଠନ୍ତି-"ବାବା" । ଏହା ଶୁଣି ସାଧୁ ଜଣଙ୍କ କୁଣ୍ଢାଇ ପକାନ୍ତି ପଦ୍ମ ବାବୁଙ୍କୁ। ସାଧୁ ଜଣଙ୍କ ବି ପଦ୍ମ ବାବୁଙ୍କୁ ଜାଣିଥାନ୍ତି । ସାଧୁ ବାବାଙ୍କର ଏକ ନିର୍ଦ୍ଦିଷ୍ଟ ସେବା ଥାଏ ମହାପ୍ରଭୂଙ୍କ ପାଇଁ । ସେ ସର୍ବଦା ସକାଳ ଆଠରୁ ନଅ ମଧ୍ୟରେ ଶ୍ରୀମନ୍ଦିରରେ ପହଁଚି ଥାଆନ୍ତି । ସାଧୁ ବାବାଙ୍କ ପାଖରେ ବହୁତ ଭୋଗ ଥାଏ, ଆଉ ସେସବୁ ହେଉଛନ୍ତି ପହିଲି ଭୋଗ । ପଦ୍ମ ବାବୁଙ୍କ ହାତକୁ ବଢାଇ ଦେଇ କୁହନ୍ତି, ନିଅ ପହିଲି ଭୋଗ । କାନ୍ଦି ପକାନ୍ତି ପଦ୍ମ ବାବୁ, ପହିଲି ଭୋଗକୁ ମହା ଆନନ୍ଦରେ ପାଆନ୍ତି, ଆଉ କିଛି ତାଙ୍କ ସହକର୍ମୀଙ୍କୁ ଦିଅନ୍ତି । ସାଧୁ ବାବା ଏକ କୁଡୁଆରେ ଆଉ କିଛି ପହିଲି ଭୋଗ ଦିଅନ୍ତି । କିଛି ସମୟ ସାଧୁ ବାବାଙ୍କ ସହ କଥାବାର୍ତ୍ତା ହୋଇ ବିଦାୟ ମାଗନ୍ତି ପଦ୍ମ ବାବୁ । ମହାପ୍ରଭୁଙ୍କୁ ବହୁତ ଧନ୍ୟବାଦ ଦେଇ, ବିଦାୟ ମାଗି ମନ୍ଦିରରୁ ବାହାରକୁ ଆସନ୍ତି । ଯଥାଶିଘ୍ର ଆସି ମୋବାଇଲ୍ ଦେଖନ୍ତି, ଆଉ ଦେଖନ୍ତି ଡ୍ୟୁଟି ଉଦ୍ଦେଶ୍ୟରେ କୌଣସି କଲ୍ ନାହିଁ ।

ସେଠାରୁ ପତିତପାବନଙ୍କୁ ଦେଖି ହାତ ଟେକି ଦିଅନ୍ତି ପଦ୍ମ ବାବୁ । କୁହନ୍ତି ମହାପ୍ରଭୁ ଆପଣ କେଡେ ଦୟାବାନ, ଏ ଦାସକୁ ପହିଲି ଭୋଗ ଟିକିଏ ସାଧୁ ବାବାଙ୍କ ହାତରୁ ଖୁଏଇବେ ବୋଲି ଆପଣ କେତେ ଲୀଳା କଲେ । ନିଜ ନୀତିକୁ କେତେ ଡେରି କଲେଆପଣ । ରାତି ଚାରିରୁ ଯେଉଁ ପହିଲି ଭୋଗକୁ ଆପଣ ଗ୍ରହଣ କରିବା କଥା ଏ ହୀନ ଦାସ ଟା ପାଇଁ ଆପଣ ଦିନ ନଅ କରିଦେଲେ । ମୋ ପାଇଁ ଆପଣ ଏତେ ସମୟ ଉପାସ ରହିଲେ ମହାପ୍ରଭୁ ।କ୍ଷମା କରନ୍ତୁ ମଣିମା । ଏକଥା କହି କାନ୍ଦି ପକାଉଥିଲେ ପଦ୍ମ ବାବୁ, ଆଖିରେ ଥିଲା ଅଶ୍ରୁର ବନ୍ୟା । ( ଜୟ ଜଗନ୍ନାଥ )

ଗୋବିନ୍ଦପୁର,
ମାର୍ଥାପୁର

ISSN NO.
2582-208X

# ବସନ୍ତ ଫଗୁଣ ସାଥେ ଆସିଛି



ଅନନ୍ତ କୁମାର

ଋତୁ ରାଜା ବସନ୍ତ ଆସିଛି
ଫଗୁଣର ହାତ ଧରି
କୋଇଲି ଗାଉଛି ମିଠା ଗୀତ
ପବନରେ ଉଡି ଉଡି ।

ନଦୀ ବହିଯାଏ କୁଳୁ କୁଳୁ ହେଇ
ଦକ୍ଷିଣା ବାଆ ସାଥେ
ତରୁଲତା ପୁଣି ମନ ମୋହି ନିଏ
ସବୁଜିମାର ସାଥେ ।

ମହକି ଉଠୁଛି ଆମ୍ବ ବଉଳର ବାସ୍ନା
ନଈପଠାର ଧାରେ
ଧରିତ୍ରୀ ହସୁଛି ଫଗୁଣର ଆଗମନେ
ନିତ୍ୟ ସକାଳୁ ସଞ୍ଜେ ।

ISSN NO.
2582-208X

ଚନ୍ଦ୍ରମା ବୁଣି ଦିଏ ଶୀତଳ କିରଣ
ଫଗୁଣର ପାହାନ୍ତିଆ ତାରା ଦେଖି ।
ବସନ୍ତ ଆଣିଦିଏ ପୁଣି ମିଠା ମଳୟ
ପ୍ରକୃତିର ସବୁଜିମା ବେଶ ଦେଖି ।

ବନ ଗିରି ତରୁଲତା ଶୋଭାମୟ ଦିଶେ,
ଶାଗୁଆ ବର୍ଣ୍ଣରେ ରଙ୍ଗେଇ ହେଇ ।
କବିର କବିତା ପୁଣି ସଜାଇ ଦିଅଇ
ଫଗୁଣକୁ କେତେ ନୂଆ ରୂପଦେଇ ।

କାର୍ଯ୍ୟକାରୀ ସମ୍ପାଦକ
ଜାତୀୟ କବି ଲେଖକ ସଂଗଠନ
ତିହିଡି, ଭଦ୍ରକ
ଯୋଗାଯୋଗ-୮୩୩୯୯୩୯୯୨୯

ISSN NO.
2582-208X

# ହେ ପ୍ରଭୁ ଶିବଶଙ୍କର



ରାଧା ରାଣୀ ରାଉଳ

ଆଖି ଲୁହ ମୋର ଶୁଖୁ ନାହିଁ ପ୍ରଭୁ
ନଇଡି ନୀରବେ ଝରେ..
ଏତେ କଷ୍ଟେ ଥାଇ କେମିତି ହସିବି
ଏତେ ବଡ ଦୁନଆରେ..
ଏତେ କଷ୍ଟ ପ୍ରଭୁ ଦିଅନାହିଁ ମୋତେ
ଲାଗେ ମୋତେ ଭାରି ଡର..
କଷ୍ଟ ମୋହର ଯଦି ପାରୁଛ ଦେଖି
କାହିଁ କରୁନାହଁ ଦୂର..
ବୟସ ତ ଏଇତ ଆରମ୍ଭ ମୋହର
ଭବିଷ୍ୟତ ମୋର ଅଛି..
ସ୍ୱପ୍ନ ମୋର ଅଛି ଆଖିରେ ଅନେକ
ଭାବନା ରେ ଭାବେ କଛି..

କଟିକଟା, ଯାଜପୁର

ISSN NO.
2582-208X

# ଆଲୋ ସଖୀ, ଆପଣା ମହତ ଆପେ ରଖି

ରମାକାନ୍ତ ମାହାଳ

ଆପଣା ମହତ ଆପେ ନ ରଖିଲେ
କିଏ ଲୋ ରଖିବ ସଖୀ,
ହାତେ ମାପି ଯଦି ଗୋଡ଼ଖଣ୍ଡେ ନ ଚାଲୁ
ଜୀବନ ହୋଇବ ଦୁଃଖୀ ।
ପ୍ରଭୁଙ୍କ କୃପାରୁ ଦୁର୍ଲଭ ଜୀବନ
ମଣିଷ ପାରିଛି ପାଇ,
ଭଲ କର୍ମକରି ଲଭିଲେ ବିଦାୟ
ଭୁଲି ନ ପାରିବେ କେହି ।
ଅନ୍ୟାୟ ଅନୀତି ଦେବାନ ପ୍ରଶ୍ରୟ
ଅବାଟେ ଚାଲିବା ନାହିଁ,
ନ୍ୟାୟ ଧର୍ମ ସତ୍ୟ କରି ଆପଣାର
ସେ ମାର୍ଗେ ନ ଯିବା କାହିଁ ?
କାହା ଅମଙ୍ଗଳ କରିବାନ ଚିନ୍ତା
ସରବେ ଭଉଣୀ ଭାଇ,
ପ୍ରଭୁଙ୍କ ପାଖରୁ ନେଇଛୁ ଜନମ
ମଣିଷ ଜୀବନ ପାଇ ।
ନ କରିବା ପାପ କରୁଥିବା ପୁଣ୍ୟ
ଏ ଜୀବନ ଥିବା ଯାଏଁ,
ଲଭିବୁ ଆଶିଷ ଦେବେ ଜଗଦୀଶ
ମିଳବ ଆପଣା ଛାଏଁ ।
ନଛାଡିବା ଆମେ ମହତ ପଣିଆ
ମଣିଷ ଜନମ ପାଇ,

ISSN NO.
2582-208X

ଜୀବନରେ ଆମେ ଭୁଲି ଗଲେ ତାକୁ
ପଶୁ ତୂଲ୍ୟ ଯିବା ହୋଇ ।
ଦେଇଛନ୍ତୁ ଜ୍ଞାନ ବୁଦ୍ଧି ଭଗବାନ
କରିବାକୁ ଭଲ କଛି,
ପଶୁ ପରି କାମ କାହିଁକ କରିବା
କାହା ପଛେ ଲୁଚ ଲୁଚ ?
ସଂସ୍କୃତି ସଂସ୍କାର ନାହିଁ ଆଉ କଛି
କୁଆଡେ ଗଲାଣି ରହି,
ଗର୍ବ ଅହଂକାର ମଣିଷ ପଣିଆ
କେବେଠୁ ଦେଲାଣି ଖାଇ ।
ନଜେ ଭଲ ହେଲେ ଏ ସାରା ଦୁନଆଁ
ଆପେ ଯିବ ଭଲ ହୋଇ,
କାହିଁ ଖସିଯିବା ଦୁନଆ ଆଖିରୁ
ଅନ୍ୟ ଶିରେ ଦୋଷ ଦେଇ ।
ଅମଣିଷ ଆମେ ହେବା ବା କାହିଁକ
ମଣିଷ ଜନମ ପାଇ,
ମହତ ଉଦ୍ଦେଶ୍ୟ ଆସିଛୁ ଜଗତେ
ତାହାକୁ ଭୁଲିବା ନାହିଁ ।

୨୫, ଭଗବତ ସନ୍ଧାନ,
ଭୁବନେଶ୍ୱର-୨୫

ISSN NO.
2582-208X

# ସଂପର୍କ



ଦୁଷ୍ମନ୍ତ ବେହେରା

ରାଧାଗୋପାଳପୁର ଗାଁ ରେ ଚାରିଶହ ପରିବାର ଲୋକ ବାସ କରନ୍ତୁ। ରାଧାଗୋପାଳପୁର ଗାଁ ରେ ବାସ କରନ୍ତୁ କୃପାସିନ୍ଧୁ ଦଳେଇ ଙ୍କ ପରିବାର ବାସ କରନ୍ତୁ। ପରିବାର କହିଲେ ସ୍ତ୍ରୀ-ରୂପସି ଦଳେଇ ପୁଅ-ହରିଆ ଦଳେଇ ଝିଅ-ପୁଚ ଦଳେଇ ହରିଆ କୁ ୧୧ ବର୍ଷ ପୁଚ କୁ ୧୦ ବର୍ଷ ହୋଇଥାଏ। ବେଶ ହସ ଖୁସିରେ ଚଳନ୍ତୁ। ସୋମବାର ରୁ ଶନିବାର ପର୍ଯ୍ୟନ୍ତ ଅଫିସ କାମରେ ବ୍ୟସ୍ତ ରହନ୍ତୁ। ଗୋଟିଏ ଦିନ ଛୁଟି ରବିବାର ମିଳଲେ କିଛି କିଛି ଜିନିଷ କଣିବା ପାଇଁ ବଜାରକୁ ବାହାରନ୍ତୁ।।

କୃପାସିନ୍ଧୁ ଓ ତାଙ୍କ ସ୍ତ୍ରୀ ରୂପସି ବଜାରକୁ ଯିବା ପାଇଁ ସମୟ ସ୍ଥିର କଲେ। ପୁଅ ଝିଅ ହରିଆ ପୁଚି କୁ ଡାକ କହିଲେ ତମେ ବଜାର ଯିବ ହରିଆ ମାଙ୍କ ପାଖକୁ ଦୌଡିଯାଇ ଗେଲ ହୋଇ କହିଲ୍ ମା ଆମେ ବଜାର ଯିବୁ ନାହିଁ। ତା ହେଲେ ଘରେ କଣ କରିବ। ଆମେ ଏଇ ଛୋଟ ମୋଟ ଟିକେ ଖେଳ ଖେଳବୁ। ମା କହିଲେ କୌଣସି ଜିନିଷ ରେ ଲ୍ଗିବ ନାହିଁ କି ବ୍ୟାଟ୍ ବଲ୍ ଖେଳବ ନାହିଁ। ହରିଆ କହିଲ୍ ଆମେ ତମ କଥା ରେ ରାଜି।

କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ବାହାରି ପଡିଲେ ବଜାରକୁ ଏହାର ସୁବିଧା ନେଇ ହରିଆ ଓ ପୁଚ ନିଜ ବନ୍ଧୁ କୁ ଡାକ ବା ପାଇଁ ତାଙ୍କ ଘରକୁ ଗଲେ। ବନ୍ଧୁ ବୁଲୁ ଓ ଗେଲି ହରିଆଙ୍କ ଘରକୁ  ଆସିଲେ। କିନ୍ତୁ ହରିଆ ଚୋର ପୋଲିସ ଖେଳ ଖେଳବାକୁ କହିଲ୍ ସମସ୍ତେ ତା କଥାରେ ହଁ ମାରିଲେ ଖେଳ ଆରମ୍ଭ ହେଲ୍। କିଛି ସମୟ ପରେ କୃପାସିନ୍ଧୁ ଓ ସ୍ତ୍ରୀ ରୂପସି ଘରକୁ ଫେରିଲେ ଘର ଭିତରକୁ ପସିବା ବେଳେ ସମସ୍ତେ ନିରବ ଓ ଚୁପ୍ ଚାପ ଦେଖି ବାପା ପଚାରିଲେ କଣ ସୁନସାନ ହୋଇଛି

ISSN NO.
2582-208X

ଘରଟା। ସ୍ତ୍ରୀ କୁ କହିଲେ ଗଲ ଦେଖିବ କଣ ହୋଇଛି।

ମା ପଚାରିଲେ କଣ ହୋଇଛି ହରିଆ ମାଙ୍କ ଗାଳ ଏମିତି ବେଳେ ବେଳେ ସହିବାକୁ ପଡେ। ମାଙ୍କୁ ଟିକେ ଟିକେ ରାଗଲାଗେ କନ୍ତୁ ଭଲଲାଗେ।

ରୂପସି ଧୀର କଣ୍ଠ ରେ ପଚାରିଲେ କଣ ହୋଇଛି ନୀରବ କାହିଁକ କଛି ସମୟ ପରେ ଉତ୍ତର ଆସିଲା ଭାଙ୍ଗି ଯାଇଛି।

କଣ ଭାଙ୍ଗିଛି କୃପାସିନ୍ଧୁ ରୂପସି ଯାଇ ଦେଖିଲେ ଫୋଟ ଫ୍ରେମ୍ ଟି ତଳେ ପଡି ଭାଙ୍ଗିଯାଇଛି। ମା ପଚାରିଲେ କଏ ଭାଙ୍ଗିଲା ହରିଆ କହିଲା ମା ମୁଁ ଭାଙ୍ଗିଛି ମା ପୁଣି ପଚାରିଲେ ସତ କହ କଏ ଭାଙ୍ଗିଛି ପୁଚ କହିଲା ମୁଁ ଭାଙ୍ଗିଛି ମା କୃପାସିନ୍ଧୁ ତଳେ ପଡିଥିବା ଫୋଟ ଫ୍ରେମ୍ କୁ ଖଣ୍ଡ ଖଣ୍ଡ ହୋଇଥିବା କାଚ ହାତରେ ମୁଠା କରି ଆଖିରୁ ବୋହି ଆସୁଥିଲା ଧାର ଧାର ଲୁହ। ହାତରୁ ଠୋପା ଠୋପା ହୋଇ ବାହାରୁଥିଲା ରକ୍ତ। ଛବି ଟିକୁ ଛାତିରେ ଜାବୁଡ଼ି ଧରି ଭେ ଭେ ହୋଇ କାନ୍ଦି ମା ମା ଡାକଲେ।

ଜନ୍ମ ଜନ୍ମ ର ସଂପର୍କ ଆଜି ତଳେ ପଡି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଛି। ଭାଙ୍ଗି ଯାଇଥିବା କାଚ କଣ ଯୋଡିହବ। ଚରି ଯାଇଥିବା ଛବି କଣ ସେପରି ଆଉ ହୋଇପାରିବ ଧାର ଧାର ଲୁହ ଠୋପା ମା କାଇଁ କେତେ ବରଷ ଏ ଦୁନଆ ରେ ମୋ ପାଖରେ ଆଉ ନାହୁଁ। ଆଜି ଯେଉଁ ଫୋଟ ଗୋଟିକ ଥିଲା ସେ ଆଜି ଖଣ୍ଡ ଖଣ୍ଡ ହୋଇ ଯାଇଛି। ମାର ସ୍ମୃତି ଗୋଟି ଗୋଟି ହୋଇ ମନେ ପଡିଯାଉଛି। ଏଇ ଯେଉଁ ଜନ୍ମ ଜନ୍ମ ର ସଂପର୍କ ଆଖିରେ ଲୁହ ଠୋପା ମା ଙ୍କ ଫୋଟ ଉପରେ ବୋହି ଯାଉଛି।

ରୂପସି ପଚାରିଲେ ସତ କଥା କୁହ କଏ ଭାଙ୍ଗିଛି ପୁଚ କହିଲା ସତ କଥା ହେଉଛି ଭାଇ ଚୋର ପୋଲିସ ଖେଳୁଥିଲା। କନ୍ତୁ ବୁଲୁ ଆଗରେ ଭାଇ ପଛରେ ବୁଲୁର ହାତ ବାଜି ଫୋଟ ଟି ତଳେ ପଡିଗଲା। ଭାଇ ମିଛ ଏଇଥିପାଇଁ କହିଲା ତା ସାଙ୍ଗ ସଂପର୍କ ଭାଙ୍ଗି ଯିବ ବୋଲି କହିଲା ସାଙ୍ଗ ଦୋଷ ପାଇବା ଆଗରୁ ନଜ ମୁଣ୍ଡକୁ ଦୋଷ ନେଇଗଲା।

ISSN NO.
2582-208X

ହରିଆ ଦୌଡ଼ିଆସି କହିଲା ମା ମୋ ସାଙ୍ଗ କୁ କଛି କହିବୁନ ମୋତେ ଯେତେ ଗାଳ ଦଉଛୁ ଦେ ମୁଁ କଛି କହିବିନ ବନ୍ଧୁତା ଦେଖି କୃପାସିନ୍ଧୁ କହିଲେ ତୁମ ବନ୍ଧୁତା ଜନ୍ମ ଜନ୍ମାନ୍ତର ରହୁ। ଯେମିତି ମୁଁ ମୋ ମା ସହିତ ଜନ୍ମ ଜନ୍ମାନ୍ତର ରହିଛି।

ରୂପସି କହିଲେ ସେ ଫୋଟ ଟା କୃପାସିନ୍ଧୁ କହିଲେ ଭାଙ୍ଗି ଯାଇଥିବା ଜିନଷ ଯୋଡିହୁଏନା। କନ୍ତୁ ବନ୍ଧୁ ର ସଂପର୍କ ଭାଙ୍ଗି ଯାଇଥିଲେ ଯୋଡିହୁଏ।

ଏଇ ଯେମିତି ଭାଙ୍ଗି ଯାଇଥିବା କାଚ ଯୋଡି ହୁଏନ। ଭାଙ୍ଗି ଯାଇଥିବା ମନ ଯୋଡି ହୋଇ ଯାଏ। ଇଏ ହେଉଛି ସଂପର୍କ।।।।।

ସ୍ୱସୋଳ (ମୁଣ୍ଡିଆପକ୍ଷି)
ଢେଙ୍କାନାଳ

ISSN NO.
2582-208X

# ହେ ମାଆ ସରସ୍ୱତୀ



ସମ୍ପଦା ଦେବୀ

ଜୟ ମାତ ସରସ୍ୱତୀ ତୁ ବିମଳା ।
ଝଙ୍କଡ଼ ବାସିନୀ ତୁହି ମା ଶାରଳା ।।
ବିରଜା ବୋଲାଉ କ୍ଷେତ୍ର ଯାଜପୁର ।
ଦୁର୍ଗା ରୂପେ ନାଶିଲୁ ମହିଷାସୁର ।।
ତୁହି ମା ଶାରଦା ବରଦା ଶୁଭଦା ।
ନାମରୁ ତୋହର ସ୍ରବୁ ଅଛି ସୁଧା ।।
ଜଗତ ଜନନୀ ମାତ ବୀଣାପାଣି ।
ନିଦା ବିଷ୍ଣୁଙ୍କର ତୁ ମନ ମୋହିନୀ ।।
ବୀଣା ପୁସ୍ତକ ଧାରିଣୀ ବିଷ୍ଣୁ ଜାୟା ।
ବିକଚ ଶ୍ୱେତ ପଦ୍ମେ ବସୁ ଅଭୟା ।।
ମରାଳ ବାହିନୀ ଦେବୀ ସରସ୍ୱତୀ ।
ତୋ ଦୟାରେ ମୂର୍ଖ ପଣ୍ଡିତ ବୋଲାନ୍ତି ।।

ଆଳ, କେନ୍ଦ୍ରାପଡା

ISSN NO.
2582-208X

# ବୃତ୍ରାସୁର ବଧ



ନରେନ୍ଦ୍ର ପ୍ରସାଦ ବେହେରା

## ଭାଗବତ କଥା - ୯

ଏକଦା ସ୍ୱର୍ଗର ଦେବସଭାରେ ଦେବରାଜ ଇନ୍ଦ୍ର ପତ୍ନୀ ଶଚୀଦେବୀଙ୍କ ସହିତ ସିଂହାସନରେ ବସିଛନ୍ତି, ଏହି ସମୟରେ ଦେବଗୁରୁ ବୃହସ୍ପତି ସେଠାରେ ଉପସ୍ଥିତ ହେଲେ । କିନ୍ତୁ ଇନ୍ଦ୍ର ତାଙ୍କୁ ଦେଖି ଆସନରୁ ଉଠିଯାଇ ସମ୍ମାନ ଜଣାଇବା ତ ଦୂରର କଥା, ପ୍ରଣାମ ପର୍ଯ୍ୟନ୍ତ କଲେ ନାହିଁ । ଏଥିଯୋଗୁଁ ଦେବଗୁରୁ ନିଜକୁ ଅପମାନିତ ବୋଧ କରି ସ୍ୱର୍ଗରାଜ୍ୟ ତ୍ୟାଗ କରି ଚାଲିଗଲେ । ନିଜର ଏହି କାର୍ଯ୍ୟ ଯୋଗୁଁ, ଇନ୍ଦ୍ର ପରେ ଅନୁତାପ କରିବାକୁ ଲାଗିଲେ ଏବଂ ବୃହସ୍ପତିଙ୍କୁ ଫେରାଇ ଆଣିବା ଲାଗି ଅନେକ ଖୋଜାଖୋଜି କଲେ । କିନ୍ତୁ କେଉଁଠି ହେଲେ ତାଙ୍କର ସନ୍ଧାନ ମିଳିଲା ନାହିଁ । ଇନ୍ଦ୍ର ବଡ ମନ କଷ୍ଟରେ ଥାଆନ୍ତି ।

ଏହି ସୁଯୋଗ ନେଇ ଅସୁରମାନେ ସ୍ୱର୍ଗରାଜ୍ୟ ଉପରେ ଆକ୍ରମଣ କଲେ ଏବଂ ଦେବତାମାନଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେଲେ । ଦେବତାମାନେ ଆତଙ୍କିତ ହୋଇ ଦୌଡିଲେ ବ୍ରହ୍ମାଙ୍କ ନିକଟକୁ । ବ୍ରହ୍ମା କହିଲେ, ତୁମ୍ଭେମାନେ ତ୍ୱଷ୍ଟାମୁନିଙ୍କ ପୁତ୍ର ବିଶ୍ୱରୂପଙ୍କୁ ଗୁରୁ ରୂପେ ବରଣ କର । ତାଙ୍କ ଛଡା ଆଉ କେହି ତୁମମାନଙ୍କୁ ରକ୍ଷା କରିପାରିବେ ନାହିଁ । ବିଶ୍ୱରୂପଙ୍କ ପରାମର୍ଶ ଅନୁଯାୟୀ ଦେବତାମାନେ ଏକ ଯଜ୍ଞ ଆୟୋଜନ କଲେ । କିନ୍ତୁ ଅସୁରମାନଙ୍କ ପ୍ରତି ବିଶ୍ୱରୂପଙ୍କର ପ୍ରଚ୍ଛନ୍ନ ସହାନୁଭୂତି ରହିଥିବାରୁ

ISSN NO.
2582-208X

ସେ ଗୋପନରେ ଯଜ୍ଞାବଶେଷ ଅସୁରମାନଙ୍କୁ ଦେଇଦେଲେ । ଏହି କାରଣରୁ ଇନ୍ଦ୍ର ରାଗିଯାଇ ବିଶ୍ୱରୂପଙ୍କର ଶିର କାଟିଦେଲେ ।

ପୁତ୍ରର ବଧ କଥା ଶୁଣି ତ୍ୱଷ୍ଟା ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ଏକ ଯଜ୍ଞ କଲେ,ଯାହାର ଉଦ୍ଦେଶ୍ୟ ଥିଲା ଇନ୍ଦ୍ରଙ୍କ ପ୍ରାଣନାଶ କରିବା । ସେହି ଯଜ୍ଞକୁଣ୍ଡରୁ ଉତ୍ପନ୍ନ ଭୟଙ୍କର ବୃତ୍ରାସୁର, ଯାହାର ଆକ୍ରମଣରେ ଦେବତାମାନେ ଭୟଭୀତ ହୋଇପଡିଲେ । ଦେବତାମାନେ ବୃତ୍ରାସୁର ଉପରେ ଯେତେ ଅସ୍ତ୍ର ନିକ୍ଷେପ କଲେ, ତାହାକୁ ବୃତ୍ରାସୁର ଗ୍ରାସ କରି ପକାଇଲା । ଭୀତ ଅବସ୍ଥାରେ ଦେବତାମାନେ ବିଷ୍ଣୁଙ୍କୁ ସ୍ତବ କରିବାରୁ ସେ ସେମାନଙ୍କ ନିକଟରେ ଆର୍ବିଭୂତ ହେଲେ । ଭଗବାନ ବିଷ୍ଣୁ ସବୁକଥା ଶୁଣିବା ପରେ ଇନ୍ଦ୍ରଙ୍କୁ କହିଲେ, ବୃତ୍ରାସୁର ଦାଉରୁ ରକ୍ଷା ପାଇବାର ଗୋଟିଏ ମାତ୍ର ଉପାୟ ଅଛି । ଖୁବ୍ ପବିତ୍ର ଜୀବନଯାପନ କରି ବ୍ରତ ଓ ତପସ୍ୟା ଦ୍ୱାରା ସୁଦୃଢ ବ୍ୟାପୁଥିବା ଜଣେ ଋଷିଙ୍କର ଅସ୍ଥିରେ ବିଶ୍ୱକର୍ମା ଯଦି ଗୋଟିଏ ବଜ୍ର ତିଆରି କରିଦେଇ ତୁମ ହସ୍ତରେ ଅର୍ପଣ କରିବେ ଏବଂ ସେହି ଅସ୍ତ୍ର ଯଦି ପ୍ରୟୋଗ କରାଯିବ, ତା'ହେଲେ ବୃତ୍ରାସୁରର ପ୍ରାଣନାଶ ହେବ । ତୁମେ ଦଧିଚି ମୁନିଙ୍କ ନିକଟରେ ପହଞ୍ଚି ତାଙ୍କ ଅସ୍ଥି ନିମନ୍ତେ ପ୍ରାର୍ଥନା କର । ଭଗବାନ ବିଷ୍ଣୁଙ୍କ କହିବା ଅନୁଯାୟୀ, ଦେବତମାନେ ଯାଇ ଦଧିଚି ମୁନିଙ୍କ ନିକଟରେ ପହଞ୍ଚି ତାଙ୍କ ଅସ୍ଥି ନିମନ୍ତେ ପ୍ରାର୍ଥନା କଲେ । ଦଧିଚି କହିଲେ, ମୋର ଦେହ ଦିନେ ନା ଦିନେ ନିଶ୍ଚୟ ଝଡିଯିବ । କାହାରି ଉପକାରରେ ଯଦି ଦେହର ସଦବ୍ୟବହାର କରାଯାଏ, ତାହା ତ ମୋର ସୌଭାଗ୍ୟର କଥା । ଆପଣମାନଙ୍କର ମଙ୍ଗଳ ନିମନ୍ତେ ମୁଁ ଆଜି ଦେହ ତ୍ୟାଗ କରିବି । ଏହା କହି ମହର୍ଷି ନିଜର ଆତ୍ମାକୁ ପରମାତ୍ମାଙ୍କଠାରେ ସମାହିତ କରି ଦେହ ତ୍ୟାଗ କଲେ ।

ବିଶ୍ୱକର୍ମା ଦଧିଚିଙ୍କର ଅସ୍ଥିରେ ବଜ୍ର ନିର୍ମାଣ କଲେ । ତାପରେ ନର୍ମଦା ନଦୀ ତୀରରେ ଦେବତା ଓ ଅସୁରମାନଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଭୟଙ୍କର ଯୁଦ୍ଧ । ଏହି ବଜ୍ରର ଭୟରେ ଅସୁରମାନେ ଚତୁର୍ଦ୍ଦିଗକୁ ପଳାୟନ କରିବାକୁ ଲାଗିଲେ, କିନ୍ତୁ ଅସୁରରାଜ ସେମାନଙ୍କୁ ଏକତ୍ରିତ କରି ପୁଣି ଯୁଦ୍ଧ ଆରମ୍ଭ କଲା । ଇନ୍ଦ୍ରଙ୍କୁ ସମ୍ମୁଖରେ ଦେଖି ବୃତ୍ରାସୁର ଗର୍ଜନ କରି କହିଲା ତୁ ମୋର ଭାଇ ବିଶ୍ୱରୂପକୁ ହତ୍ୟା କରିଛୁ, ଆଜି ତାର ସମୁଚିତ ଶାସ୍ତି

ISSN NO.
2582-208X

ପାଇବୁ । ଏହା କହି ପ୍ରବଳ ବେଗରେ ଇନ୍ଦ୍ରଙ୍କ ଉପରେ ଆକ୍ରମଣ କଲା । ଇନ୍ଦ୍ର ଦଧିଚିଙ୍କ ଅସ୍ଥିରେ ନିର୍ମିତ ବଜ୍ର ଦ୍ୱାରା ବୃତ୍ରାସୁରର ଗୋଟିଏ ବାହୁ ଛେଦନ କଲେ । ବଜ୍ର ପ୍ରହାରରେ ଅସୁରର ଦ୍ୱିତୀୟ ହସ୍ତ ମଧ୍ୟ ଛିନ୍ନ ହେଲା । ଦାନବରାଜ ହସ୍ତ ଦୁଇଟି ହରାଇ ମଧ୍ୟ ଯୁଦ୍ଧ କରିବାକୁ ଲାଗିଲା ଏବଂ ଭୟଙ୍କର ପାଟି ମେଲା କରି ଐରାବତ ହସ୍ତୀ ସହ ଇନ୍ଦ୍ରଙ୍କୁ ଗିଳିଦେଲା । ଭଗବାନ ବିଷ୍ଣୁ କୃପା କରିବାରୁ ଇନ୍ଦ୍ର ବୃତ୍ରାସୁରର ଉଦର ଭେଦ କରି ବାହାରି ଆସିଲେ ଏବଂ ବଜ୍ର ଦ୍ୱାରା ତାର ମସ୍ତକ ଛିନ୍ନ କରିଦେଲେ । ଅସୁର ଭୂପତିତ ହୁଅନ୍ତେ ତାର ଶରୀର ମଧ୍ୟରୁ ଏକ ସୂକ୍ଷ୍ମଜ୍ୟୋତି ନିର୍ଗତ ହୋଇ ଭଗବାନ ବିଷ୍ଣୁଙ୍କଠାରେ ମିଶିଗଲା ।

ଆଳଦା, ଖଇର୍, ବାଲେଶ୍ୱର

ISSN NO.
2582-208X

# ଆମ ହାଣ୍ଡିଶାଳ

ISSN NO.
2582-208X

# ଚିଙ୍ଗୁଡି ତରକାରୀ

ଅରବିନ୍ଦ ମିଶ୍ର

## ଆବଶ୍ୟକୀୟ ସାମଗ୍ରୀ:

୫୦୦ ଗ୍ରାମ ମଧ୍ୟମ ସାଇଜର ଚଙ୍ଗୁଡି
୨ ଚ୍ମଚ ହଳଦୀ
କିଛି ମାତ୍ରାରେ ଲୁଣ, ଧନିଆ ପାଉଡର, ଲଙ୍କା ଗୁଣ୍ଡ
୪ ଟି ଟମାଟୋ, ୫୦ ଗ୍ରାମ ଅଦା,
ଏକ ପୁଡା ରସୁଣ, ଅଳ୍ପ ଗରମ ମସଲ୍

## ପ୍ରସ୍ତୁତ ପ୍ରଣାଳୀ :

ପ୍ରଥମେ ଚଙ୍ଗୁଡିକୁ ହଳଦୀ ଏବଂ ଲୁଣ ସାଙ୍ଗରେ ମାରିନେଟ୍ କରି ଅଧଘଣ୍ଟା ବାହାରେ ଘୋଡାଇ ରଖନ୍ତୁ । ତା ପରେ କରେଇରେ ସୋରିଷ ତେଲ ପକାଇ ଗରମ କରନ୍ତୁ। ସେଥିରେ ୪-୫ ମିନଟ୍ ଚଙ୍ଗୁଡି ଭଜି ନାଲି ପଡିଯିବା ପରେ କରେଇରୁ କାଢି ଅଲଗା ପାତ୍ରରେ ରଖନ୍ତୁ । ଏବେ ଗୋଟିଏ ଆଳୁକୁ ଛୋଟ ଛୋଟ କରି କାଟି ଅଧା ଭଜନ୍ତୁ । ଏଥର ଗ୍ରାଇଣ୍ଡରରେ ଅଦା, ରସୁଣ ଏବଂ ଟମାଟୋ କୁ ଗ୍ରାଇଣ୍ଡ କରି ପେଷ୍ଟ ବନାନ୍ତୁ । କରେଇରେ ସୋରିଷ ତେଲ ପକାଇ ଗରମ ହେଲ୍ ପରେ ସେହିରେ ପେଷ୍ଟ ପକାଇ ଗୋଳାନ୍ତୁ । ଏବେ ଏଥିରେ କିଛି ଧନିଆ ଗୁଣ୍ଡ ଏବଂ ଲଙ୍କା ଗୁଣ୍ଡ ପକାଇ ଗୋଳାନ୍ତୁ । ମସଲ୍ ନାଲି ପଡି ଆସିଲ୍ ବେଳେ ଏଥିରେ ଅଳ୍ପ ପାଣି ପକାନ୍ତୁ । ଏବେ ଏଥିରେ ଆଳୁ କୁ ପକାଇ ଗୋଳାନ୍ତୁ । କିଛି ସମୟ

ISSN NO.
2582-208X

ପରେ ପୁଣି ଏଥିରେ ଭଜା ଚଙ୍ଗୁଡିକୁ ପକାନ୍ତୁ ଏବଂ କଛି ସମୟ ଗୋଳାଇ ପାଣି ଦେଇ ଦିଅନ୍ତୁ । କଛି ସମୟ ପର୍ଯ୍ୟନ୍ତ ଏହାକୁ ଘୋଡାଇ ରଖନ୍ତୁ । ୧୫-୨୦ ମିନଟ୍ ପରେ ଏଥିରେ ଅଳ୍ପ ଧନଆ ପତ୍ର ପକାନ୍ତୁ ଯଦି ଚାହିଁବେ ତେବେ କଛି ଗରମ ମସଲା ପକାଇ ପାରିବେ । ଏବେ ପ୍ରସ୍ତୁତ ହୋଇଗଲା ଚଙ୍ଗୁଡି ତରକାରୀ ।



ଲକ୍ଷ୍ମୀ

ISSN NO.
2582-208X

# ଆଞ୍ଚଳିକ

ISSN NO.
2582-208X

# ଇ ଟାଁଗି ଚେରେ



ଗଜାନନ ମିଶ୍ର

ଆଏଲା କେନ୍ ଆଡୁ ?
ଭିତରୁ ଆଏଲା କି ବାହାରୁ
ଇ ଟାଁଗି ଚେରେ, ନେଇଁ ଜନା!
ଜାନ୍ତ କେନ୍ତା କରି ?
ଖୁଦ୍ ଅପନେ ଭିତ୍ରର ନେଇଁ ସେ
କି ନେଇଁ ସେ ବାହାରର !

କେଁ ମେହେନତ୍ କରୁଛେ କେଜାନେ ?
କପାଆଁଟେ ଥିଲା ରାଏତ୍ ସର୍ତା,
ସକାଲୁ ତଲ୍ ଉପର୍ ହେଲା
ଗୁରଦୁ ତପୋବନ୍ ଡଁଗରେ,
ଜମିନ୍ ଉପ୍ରେ ଲେଂଜ୍ ହଲେଇ ହଲେଇ
ଖୁଜ୍ଲା କେଁ କେଁଟା ବନେ ବେଲ୍ ତକ୍ ।

ଜିଁଲା ସାପ୍ ମାନକେ ଖେଲାଲା,
ଆରୁ ଆରୁ ଖିଜେଇ ହେଲା
ବାଁକ୍ଟି ତେତେଲ୍ ଗଛକେ ।
ଜତ୍ ଜତ୍ ଚରତି ଗିତ୍ ଗାଏଲା
ଉଠିକରି ଆଘୋ, ନେଇଁ ଚିହ୍ନିକରି
କେନ୍ଟା କାଣା, ବଏଲା ନାଚ ବୋ
ମୁନ୍ ଗଛର୍ ପତ୍ରେ ପତ୍ରେ।

ତପୋବନ, ଟିଟିଲାଗଡ଼,
ବଲାଙ୍ଗୀର ଜିଲ୍ଲା

ISSN NO.
2582-208X

# ତୁମର୍ ସୁରତା ଥିଁ



ରିତେଶ ସାହୁ

ତୁମର୍ ସୁରତା ଥିଁ.....
ହଁ ତୁମର୍ ସୁରତା ଥିଁ
ଲେଖିଛେ ମୁଇଁ ଗୁଟେ କବିତା,
ତୁମେ ଘାଏ ସୁନ୍ ତ ବେଲେ
ଟିକେ ଭଲ୍ ଲାଗ୍'ତା.....।।

ଯେତ୍'କ ଥିଲା ତୁମର୍ ମୋର୍....
ଦୁହିଲୁକର୍ କଥା ସବୁ ସଖିଁ,
ଗୁଟେ ଗୁଟେ କରି ଅତି ଯତନେ
କବିତା ଥିଁ ସବୁ ବାନ୍ଧି ଦେଲି,
ତୁମେ ଘାଏ ଇଟା ସୁନ୍ ତ ବେଲେ
ଟିକେ ଭଲ୍ ଲାଗ୍'ତା,
ତୁମର୍ ସୁରତା ଥିଁ ମୁଇଁ
ଲେଖିଛେ ସତେ ଯେନ୍ କବିତା...।।

ପାଖେ ଯେତେବେଳେ ଥିଲ ତମେ
ନ ହେଇପାରଲି ମୁଇଁ କଥା,
କଥା ଟିକେ ହେମି ବଲି ପାଖକେ ଗଲେ
ଡରହେ ତଲ୍ ହେଇଯଉଥିଲା ମଥା,

ISSN NO.
2582-208X

ତମକୁ ସତେ କହିଥିତି ଯେନ୍ କଥା
ସବୁ କଥା କେ ଲେଖିଛେ କବିତା,
ତୁମେ ଘାଏ ଇଟା ସୁନ୍ ତ ବେଲେ
ଟିକେ ଭଲ୍ ଲଗ୍'ତା,
ତୁମର୍ ସୁରତା ଥିଁ ମୁଇଁ
ଲେଖିଛେ ସତେ ଯେନ୍ କବିତା... ।।

କେଜାନେ ସତେ କେତେ ଜଲଦି
ତମର୍ ସାଂଗେ ମୁଇଁ ଭେଟ୍ ପଡ଼ି,
ତମର୍ ଠାନୁ ମୁଇଁ କେତେ ଦୂରକେ
ପଲେଇ ଆସଲି ତମକେ ଛାଡି,
ତମର୍ ଠାନୁ ଦୂରକେ ଆଏଲି ଯେଭୁ
ଖାଲି ମନକେ ଘାରସି ଗୁଟେ କଥା ତ
ଯଦି ମୁଇଁ ତୁମର୍ ଠାନୁ ଦୂର୍ ଆଏଲ୍ ବେଲେ
ତମେ ନଜର୍ ଫଟୋ ଗୁଟେ ଦେଇଥିତ
ବେଲେ ମତେ କାନ୍'ଜେ ଦୁଃଖ ଲଗ୍'ତା...
ମନକେ ତମର୍ ଫଟୁ ଦେଖେଇଦେତିଁ
ମନ୍ ଯେତେବେଲେ ତମକୁ ସୋର୍ କର୍'ତା....
ତୁମର୍ ସୁରତା ଥିଁ
ହଁ ତୁମର୍ ସୁରତା ଥିଁ
ଲେଖିଛେ ସତେ ଇ କବିତା,
ତମେ ଘାଏ ସତେ ସୁନ୍ ତ ବେଲେ
ଟିକେ ଭଲ୍ ଲଗ୍'ତା...।।

ସାପଲହର, ବରଗଡ଼

ISSN NO.
2582-208X

# ଛୁଆଁକୁ ପଦେ



ଡ଼ଃ ପ୍ରଦୀପ କୁମାର ପଣ୍ଡା

ନୂଆଁ ଯୁଗର ଛୁଆ ତୁଇରେ
ତୋର ଦୃଢ୍ ଭାଷା
ବୁନି ଦେଉ ଗାଁ ଲୁକର ଚିତ୍ତେ
ନୂତନ୍ ଗୁଟେ ଆଶା ।।୧।।
ପଏର୍‌ଛା ହେଉ, ପଏର୍‌ଛା କରୁ
ପଏର୍‌ଛା ମୁହଁର୍ ଭାଷା
ସମକର୍ ମୁହେଁ ହସ୍ ଫୁଟୁ
ଲିଭିଯାଉ ରାଗରିସା ।।୨।।
ମହୁ ଝରୁ ମୁହୁଁ ହାଁତୁ ତୋର
ମଧୁର୍ ଗାଆଁ ସାରା
ଉଦ୍ଧାର୍ କର୍, ଉଶ୍ବାସ କର୍
ଜନମ୍ ମାଟିର ଭାରା ।।୩।।
ଉଠ୍ ଚଞ୍ଚ୍‌ଲିଆ, ହରବରିଆ
ଖେଲେଇ ମହାଶକ୍ତି
ରଙ୍ଗେଇ ଦେଉ ଗାଁ ଆକାଶକେ
ତୋର ମାଁ ମାଟିର ଭକ୍ତି ।।୪।।

ISSN NO.
2582-208X

ଉଠ୍‌ରେ ଉଠ୍‌ରେ ପୂରୁବ୍ ଦିଗର
ନୂଆଁ ଯୁଗର ସୂରୁଜ
ଅନ୍ଧାରକେ ଦୂର୍ କରି ଉଜାଲା
କର୍ ସାରା ଗାଁ ରାଏଜ।।୫।।
ମିଛେ ଯହିଁ ହେସି ମିଛୁଆ
ଲୋକର କୁହାପେଟ୍
ହିଁସା, ଅହଁକାର, ରାଗରିସମି
ଜଲେ ଯହିଁ ହେଇ ଭେଟ ।।୬।।
ତୋର ମୁହୁଁ ମିଠା ହସ୍
ଲିଭେଇ ଦେଉ ତାହାକେ
ବିଷ ଜର୍ଜର ଗାଁକେ ଦେଖଉ
ଆଏଜ୍ ଅମୃତ ବାଟକେ।।୭।।

ଡିଜିଟାଲ୍ ମୁଖ୍ୟ ସମ୍ପାଦକ
ବ୍ରହ୍ମ ନିର୍ଘୋଷ ଇ-ପତ୍ରିକା, ସମ୍ବଲପୁର
ନୂଆଁ ବରଙ୍ଗାମାଲ, ସମ୍ବଲପୁର - ୭୬୮୧୧୨
ଦୂରଭାଷ :- ୯୯୩୭୩୯୬୭୭୮

ISSN NO.
2582-208X

# ଦେଖ୍ ବିହା ବଜା ବାଜ୍ ଲା ନ



ପ୍ରକାଶ ମେହେର

ଚାର୍ ଆମ୍ ବଉଲ୍ ସଂଗେ
ମହୁଲ କୁଚି ଆଏଲା ନ
ଶେମେଲ ଗଛେ ଲାଲ୍ ଫୁଲ୍
ଫୁଟି ବଗ୍ ବଗାଲା ନ
ଦେଖ୍ ବିହା ବଜା ବାଜ୍ ଲା ନ

କୁଇଲି ରାନି ସାତ୍ ସୁରେ
ଆମ୍ ଗଛେ ବସି ଗାଏଲା ନ
ଜଂଗଲ୍ ସାରା ବଉଲ୍ କଷି
ଚାରି ଖୁଡି ମହକି ଗଲା ନ
ଦେଖ୍ ବିହା ବଜା ବାଜ୍ ଲା ନ

ବିହା ଲଗନ୍ ଠିକ୍ ହେଇଛେ
ସଭ୍ କେ ନିଉତା ଆଏଲା ନ
ବିହା ଘର ସଜୋ ବାଜୋ କର
ଲଗନ୍ ପାଖ୍ କେ ଆଏଲା ନ
ଦେଖ୍ ବିହା ବଜା ବାଜ୍ ଲା ନ

ISSN NO.
2582-208X

ନୁଆ ଭୂଆସେନ୍ ତେଲ୍ ହଲ୍ଦୀ
ଦିହିଁ ସାରା ଲଗାଲା ନ
କୁଆଁରୀ ମନେ ପୁନିର ସପନ୍
କେଭ୍ ନୁ ଭରି ଗଲା ନ
ଦେଖ୍ ବିହା ବଜା ବାଜ୍ ଲା ନ

ବିହା ବଜା ସଂଗେ ବର ପିଲା
କୁଆଁରା ମନ ଚହଲି ଲା ନ
ମଡ଼ୋ ଡାହାଲି ଧରି କରି
ଗନ୍ ସା ମଂଗଲା କଲେ ନ
ଦେଖ୍ ବିହା ବଜା ବାଜ୍ ଲା ନ

କନିଆ ଟୁକେଲ ବର ପିଲା
ବିହା ବେଦୀନେ ବସ୍ ଲେ ନ
ହାତ୍ ଧରେଇ ବୁଆ , ମା'ର ମନ୍
କେଡେ ଗହକି ଲାଗ୍ ଲା ନ
ଦେଖ୍ ବିହା ବଜା ବାଜ୍ ଲା ନ

ଜାମ୍ ମଡୋ ଉଏନ୍ ଦିଶୁଛେ
ଫଗୁନ୍ ରଂଗ ଭର୍ ଲା ନ
ସବକର ହୃଦେ ଫଗୁନ ରାନି
ପିର୍ ତି ରଂଗ ଭରି ଦେଲା ନ
ଦେଖ୍ ବିହା ବଜା ବାଜ୍ ଲା ନ

କୁଲିଆ ବହାଲ

ISSN NO.
2582-208X

# ବାଏଝାଲୀ



ସୁନୀଲ କୁମାର ଅଗସ୍ତି

ପାସରି ଦେଲୁ ନ' କାଏଁ 'ଜୁନହାଁ ଫରଦ୍"
କହୁଛେ କେଡେ ଘାଏ ତୋର୍ ସଂସାର୍,
ଇହାଛିନିର୍ ତୋର୍ ମୁଲକି ହସି
ସତେ ତ' ହାପସି ହେଉଛେ ମନେ
ଇ' ତୋର୍ ଦରପନ୍ ଦେଖାର୍ ଠାନୀ ଚାହେନୀ,,
ସେ ଜୁନହାଁ ଫରଦେ ଚରକିଛେ ଯେ
କେନ୍ ସମିଆଁ ନେ ଆଁଖିର୍ ଧାର୍
ଭାବ୍ କେ ଗେରମେଟେଇ ନିଦାନେ,
ସେ ଆଁଖିର୍ ଧାର୍ ସେ ସମିଆଁ ନେ
ପରଘେଇ ଆନୁଥିଲା ଭାବର୍ ଦୁଖର୍ ପସରା,
ତୁଇ ଥିଲୁ କାଏଁ ଯେ ବାଏଝାଲୀ
ଆର୍ ମୁଁଇଁ ତ', ପରମ୍ ବଅରା,,

ଟିଟିଲାଗଡ଼, ବଲାଙ୍ଗୀର
ମୋ/୭୭୩୫୮ ୭୬୬୪୯

ISSN NO.
2582-208X

# ଶିଶୁ ବିଭାଗ



ISSN NO.
2582-208X

# ବୁଦ୍ଧିର ପସନ୍ଦ



ଡ଼ଃ ରଞ୍ଜିତ କୁମାର ସାହୁ

ମୌସୁମୀ କୁ ଘରେ ସମସ୍ତେ ସ୍ନେହରେ 'ମୋଉ' ବୋଲି ଡାକନ୍ତି । କିନ୍ତୁ ବିକ୍ରମ ତାକୁ 'ବୁଦ୍ଧି' ବୋଲି ଡାକେ କାରଣ ମୋଉ ଯେମିତି ସବୁ କିଛି ଜାଣେ । ତାହା ସହ ବସିଲେ ବିକ୍ରମ ବହୁତ କିଛି ଶିଖେ । ତେଣୁ ପଡିଶା ଘରକୁ ମୋଉ ଆସିଛି ଜାଣିବା ମାତ୍ରେ ବିକ୍ରମ ସେଠାରେ ହାଜର ହୋଇଯାଏ । ମୋଉ ପଡିଶା ଘରର କୃଷ୍ଣ ମଉସାଙ୍କ ଝିଅାରି । ପାଖ ହଷ୍ଟେଲରେ ରୁହେ ଏବଂ ବେଳେ ବେଳେ କକାଙ୍କ ଘରକୁ ଆସେ ଖାସ କରି ଛୁଟି ଦିନରେ । ଯଦି ଛୁଟିଦିନ ବିକ୍ରମ ଘରେ ଥାଏ ଆଉ ମୋଉ ଆସିଥାଏ, ଦିନ ସାରା ଗପସପରେ ବିତିଯାଏ । ଆଜି ବିକ୍ରମ ମନେ ମନେ ଭାବିକି ରଖିଛି, ଆଜି ମୋଉକୁ ଗୋଟିଏ କଷ୍ଟ ପ୍ରଶ୍ନ ପଚାରିବ ଆଉ ଦେଖିବ ସେ ତାହାର ଉତ୍ତର ଦେଇ ପାରୁଛି ନା ନାହିଁ । ମୋଉ କୁ ଭେଟିବା ସାଥେ ସାଥେ ବିକ୍ରମ ପଚାରିଦେଲା, "କହିଲୁ ବୁଦ୍ଧି ଯେଉଁ ଫଳକୁ ତୋଳିକି କି କାଟିକି କି ଝଡ଼େଇକି ଅମଳ କରାଯାଏ ନାହିଁ ତାହାର ନାମ ?"

ମୋଉ ହସିଲା ଆଉ କହିଲା, "ଲାଗୁଛି ତୁ ପୁଣି ଅନ ଲାଇନରେ ତୋର ପିଉସୀ ସହ ଚାଟ କରିଛୁ!"

"ତୁ କେମିତି ଜାଣିଲୁ ?" ଆଶ୍ଚର୍ଯ୍ୟ ହୋଇ ବିକ୍ରମ ପଚାରିଲା ।

"ମୁଁ ଜାଣି ସାରିଲିଣି ତୁ କେଉଁ ଫଳ କଥା ଭାବିଛୁ । ତାହାର ଆମ ଦେଶରେ ଉତ୍ପାଦନ ହୁଏ ନାହିଁ । ଦେଖିବାକୁ ଛୋଟ ଅଙ୍ଗୁର ଭଳି ଆଉ ନାଲି ଗୋଲାପୀ ରଙ୍ଗର । ଖଟ୍ଟା ଆଉ କଷା ମଧ୍ୟ ଲାଗେ କଞ୍ଚାରେ । ହଁ ନା ନାହିଁ ?" ମୋଉ ଓଲଟା ପଚାରିଲା ।

ISSN NO.
2582-208X

"ହଁ ଠିକ କଥା । ତାହା ଆମ ଦେଶରେ ଉତ୍ପାଦନ ହୁଏ ନାହିଁ," ବିକ୍ରମ କହିଲା । ସେ ବୁଝି ସାରିଥିଲା ବୁଦ୍ଧି ଠିକ ଉତ୍ତର ଦେବ । କିନ୍ତୁ ସିଏ ଆଜି ସେ ଫଳ ବିଷୟରେ ବୁଦ୍ଧିଠୁ ଅଧିକ ଜାଣିବ ।

"ମୁଁ ବୁଝି ସାରିଛି ତୁ 'କ୍ରାନବେରି' ବିଷୟରେ କହୁଛୁ । ତୁ ଯାହା କହିଲୁ ଠିକ କିନ୍ତୁ ତାହାକୁ ଦୁଇ ପ୍ରକାର ଅମଳ କରାଯାଏ । ଏହା ଛୋଟ ଛୋଟ ବୁଦାଳିଆ ଲତାରେ ହୁଏ । ଏହା ପୃଥିବୀର ନାତିଶୀତୋଷ୍ଣ ଅଞ୍ଚଳରେ ଚାଷ ହୁଏ । ଆମର ତଳୁଆ ଧାନ ଯେମିତି ଖାଲ ଜାଗାରେ ଚାଷ ହୁଏ, ସେମିତି ଏହା ତଳୁଆ ଜମିରେ ଚାଷ ହୁଏ । ହିଡ଼ ଦେଇ ଜମିକୁ ପାଣି ମଡ଼େଇବାର ସୁବିଧା ଥାଏ । ଫଳ ଗୁଡିକ ପାଚିଗଲେ ବିଲରେ ପାଣି ଭର୍ତ୍ତି କରା ଯାଏ ଯାହା ପ୍ରାୟ ଦେଢ଼ ଫୁଟ ପର୍ଯ୍ୟନ୍ତ ଗଭୀର ହୋଇଥାଏ । ତାହା ପରେ ପାଣିକୁ ବିଭିନ୍ନ ପ୍ରକାରରେ ଚହଲାଇ ଦିଅ ଯାଏ ଯାହା ଦ୍ଵାରା ସବୁଗୁଡିକ ଫଳ ବୁଦା ଗୁଡିକରୁ ଅଲଗା ହୋଇ ଭାସିବାରେ ଲାଗେ । ସବୁ କୋଳି ଭାସିଲା ପରେ ସେଗୁଡିକୁ ଛାଣି ବାହାର କରାଯାଏ। ଏହା ଏକ ସୁବିଧା ପ୍ରଣାଳୀ । କିନ୍ତୁ ଏହି ପ୍ରଣାଳୀ ଦ୍ଵାରା ଅମଳ ହେବା ଯୋଗୁଁ କିଛି କୋଳିରେ ଆଘାତ ଲାଗି ଥାଏ । ତେଣୁ ଯେଉଁଠାରେ ବହୁତ ପରିମାଣରେ ଚାଷ ହୋଇଥାଏ ଏବଂ ବିଭିନ ପ୍ରକାର ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରିବା ଲାଗି ଉଦ୍ଦିଷ୍ଟ ହୋଇଥାଏ ସେହି ଜାଗାରେ ଏହି ପ୍ରଣାଳୀ ବ୍ୟବାହାର ହୁଏ । କିନ୍ତୁ ଲୋକେ ଏହାକୁ ହାତରେ ମଧ୍ୟ ଅମଳ କରିଥାନ୍ତି ଏକ ପ୍ରକାର ପାନିଆଁ ବ୍ୟବହାର କରି । ସେହି ଗୁଡିକ ପ୍ରାୟ ଗୃହ ସ୍ତରରେ ବ୍ୟବାହାର ହୁଏ ।"

"ବଡ ରୋଚକ କଥା ସବୁ ବୁଦ୍ଧି । ଏହାକୁ କଣ କଞ୍ଚା ଖାଇ ହୁଏନି କି?" ବିକ୍ରମ ପଚାରିଲା।

"ଏହା ଟିକିଏ ଖଟ୍ଟା ଆଉ କଷା ହୋଇଥିବାରୁ ଏହାକୁ ପ୍ରାୟ କଞ୍ଚାରେ ଖିଆ ଯାଏ ନାହିଁ । ଏହି ଫଳକୁ ବିଭିନ୍ନ ପ୍ରକାର ଖାଦ୍ୟ ଦ୍ରବ୍ୟ ଯଥା ଶର୍ବତ ତିଆରି କରିବା ଲାଗି ବ୍ୟବହାର କରା ଯାଏ, ଯେଉଁଥିରେ ଶର୍କରା ମିଶ୍ରଣ କରା ଯାଏ ଯାହା ଏହାର କଷା ଆଉ ଖଟ୍ଟା ସ୍ଵାଦକୁ କିଛି ପରିମାଣରେ କମେଇ ଦିଏ । କିନ୍ତୁ ଏହି ପ୍ରଣାଳୀ ଦ୍ଵା ରା ଏଥିରେ ଥିବା ଭିଟାମିନ ସି ନଷ୍ଟ ହୋଇ ଯାଏ । ଏଥିରେ ଚିନି ମିଶେଇ ଶୁଖେଇ କିସମିସ ଭଳି ମଧ୍ୟ

ISSN NO.
2582-208X

ପ୍ରସ୍ତୁତ କରି ରଖା ଯାଏ ଯାହାକୁ ପରେ ବିଭିନ୍ନ ବ୍ୟଞ୍ଜନରେ ବ୍ୟବାହାର କରା ଯାଏ," ବୁଦ୍ଧି କହିଲା ।

"କିନ୍ତୁ ଘରେ ଏହାକୁ କିପରି ବ୍ୟବହାର କରା ଯାଏ ?" ବିକ୍ରମ ପଚାରିଲା ।

"ଗୋଟିଏ ମଜା କଥା  ହେଲା, ଏହାକୁ ବ୍ୟବହାର କରି  ଏକ ପ୍ରକାର ଚଟଣୀ ତିଆରି କରା ଯାଏ ଯାହା ମାଂସ ବ୍ୟଞ୍ଜନ  ସହିତ ଆମେରିକାର ଥ୍ୟାଙ୍କସଗିଭିଂ ପର୍ବ ବା ଧନ୍ୟବାଦ ଅର୍ପଣ ଦିବସରେ  ବହୁତ ଖିଆ ଯାଏ। କୁହା  ଯାଏ ଏହି ଫଳର  ବ୍ୟବହାର ଲୋହିତ ଭାରତୀୟ ମାନେ ଇଉରୋପରୁ ଆସିଥିବା ଲୋକ ମାନଙ୍କୁ ଶିଖେଇଥିଲେ ।

"ବଢ଼ିଆ କଥା । ତୁ ଠିକ କହିଛୁ ବୁଦ୍ଧି । ପିଉସୀ ମୋତେ ଭିଡିଓ କଲ ରେ ଦେଖେଇଥିଲେ ସେ କୋଳିରୁ କିପରି ଚଟଣୀ ତିଆରି କରୁଥିଲେ । ମୁଁ ପଚାରିଲାରୁ କିଛି କିଛି ତଥ୍ୟ କହିଥିଲେ । କିନ୍ତୁ ତୁ  ସବୁ ଆଗରୁ ଜାଣି ଦେଉଛୁ । ହଉ ଆଉ କିଛି ପଚାରିବିନି କିନ୍ତୁ ଏଥିରେ କଣ କିଛି ପୌଷ୍ଟିକ ଗୁଣ ଅଛି ?" ବିକ୍ରମ ପଚାରିଲା ।

"ଏଥିରେ ତନ୍ତୁ  ଅଛି ଏବଂ ମାଙ୍ଗାନିଜ  ଅଛି । ପାଚିଲା  କୋଳିରେ ଭିଟାମିନ ସି ଥାଏ ଯାହା ରାନ୍ଧିଲେ କିମ୍ବା ଉତ୍ତାପରେ ନଷ୍ଟ ହୋଇ ଯାଏ । କିନ୍ତୁ ଏଥିରେ ଥିବା ଜୈବିକ ରସାୟନ ସ୍ୱାସ୍ଥ୍ୟ ପାଇଁ  ଭଲ ବୋଲି ବିଚାର କରାଯାଏ ।  ଏହାର ସେବନ ଦ୍ୱାରା ବୃକକରେ ପଥର ହେବାର ସମ୍ଭାବନା କମିବାର  ସୂଚନା ଥିବାରୁ  ଏହି ବିଷୟରେ ଗବେଷଣା ଚାଲିଛି ।



ISSN NO.
2582-208X

ଏହା ଚର୍ମ, ଚକ୍ଷୁ, ହୃଦୟର ସ୍ୱାସ୍ଥ୍ୟ ପାଇଁ  ହିତକାରୀ ଏବଂ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ଲାଗି ପ୍ରଯୁଜ୍ୟ ବୋଲି ମଧ୍ୟ ମନେ କରାଯାଏ । ମୁଁ ଥରେ ଖାଇଥିଲି ଶୁଖିଲା କିସମିସ ଭଳି ଲାଗିଲା, ଟିକିଏ ଅଧିକ ଖଟ୍ଟା । ମୋର ପସନ୍ଦ ହେଲା ।"

"ବୁଦ୍ଧି  ତୁ ମୋତେ ତୋର ଟିକେ ବୁଦ୍ଧି ଦେଇଦେ, ମୁଁ ତୋତେ ଏମିତି ଚକୋଲେଟ ଦେଉଥିବି କହି ବିକ୍ରମ ବୁଦ୍ଧିକୁ ଗୋଟିଏ ଚକୋଲେଟ ଧରେଇଦେଲା ।

ମୌସୁମୀ ହସିକି ଚକୋଲେଟ ନେଲା ଆଉ କହିଲା, "ମନ ଦେଇ ପାଠ  ପଢ଼ିଲେ  ତୁ ବଳେ ବଳେ ମୋ ବୟସରେ ହେଲା ବେଳକୁ ବହୁତ କିଛି ଶିଖିଯିବୁ । ଚାଲେ ଖୁଡ଼ୀ  କଣ କରିଛନ୍ତି ଖାଇବାକୁ ଦେଖିବା । ମୋତେ ଭୋକ ଲାଗିଲାଣି । ଦୁହେଁ ରୋଷେଇ ଘର ଆଡକୁ ଚାଲିଗଲେ ।

"ଖୁଡୀ କ୍ରାନବେରୀ ଚଟଣୀ କରିନାହାନ୍ତି, ଏତିକି  ମୁଁ ନିଶ୍ଚିତ," ବିକ୍ରମ କହିଲା । ବୁଦ୍ଧି ହସିବାରେ ଲାଗିଲା ।

ଯୁକ୍ତରାଷ୍ଟ୍ର ଆମେରିକା

ISSN NO.
2582-208X

# ଜେଜେ ଙ୍କ ଉପଦେଶ



ବିକାଶ କୁମାର ହୋତା

ଜେଜେ ଙ୍କ ପାଶେ ବସିଲା କୁନା
ଶୁଣିବ ବୋଲି ଗପ
କୋଳକୁ ନେଲେ ଗେଲ କରିଲେ
କହିକି ଧନ ବାପ ।।(୧)
କଥାକୁ ମୋର ମାନି ଚଳିବୁ
ଖାଇବୁ ସଦା ପିତା
ରୋଗକୁ ପାଶୁ ଦୂରେଇ ଦେବୁ
ହେବୁ ଜଗତ ଜିତା ।।(୨)
ବାହାର ଖାଦ୍ୟ ଯେତକ ଅଛି
ଏବେଠୁ କର ମନା
ସୁସ୍ଥ ରହିବୁ ତେବେ ତୁ ପରା
ହୋଇବୁ ମୋର ସୁନା ।।(୩)
ଖାଦ୍ୟ ପୂର୍ବରୁ ସଦା ସର୍ବଦା
ଧୋଇବୁ ଗୋଡ଼ ହାତ
ଉଷୁମ ଚିଜ ସଦା ଖାଇବୁ
କଥାଟି ପୂରା ସତ ।।(୪)

ISSN NO.
2582-208X

ଘୋଡ଼ଣୀ ଦେଇ ରଖିବୁ ଖାଦ୍ୟ
ମାଛିଠୁ କରି ଦୂର
ପେଟ ରୋଗକୁ ଦୂରେଇ ଦେବୁ
ନଥିବ ଜମା ଡ଼ର ।।(୫)
ପାଣି ପିଇବୁ ସଦା ସର୍ବଦା
ଫୁଟେଇ ଆଉ ଛାଣି
ନୀରୋଗ ହୋଇ ରହିବୁ ସଦା
ରୋଗକୁ ଯିବୁ ଜିଣି ।।(୬)
ହସିକି ଜେଜେ କହିଲେ ନାତି
ଗପ ମୋ ହେଲା ଶେଷ
ମାନିଲେ ତୁହି ରହିବୁ ସୁସ୍ଥ
ଦେଉଛି ଉପଦେଶ ।।(୭)

ଦକ୍ଷିଣକାଳୀ ରୋଡ଼
ବିଦ୍ୟାନଗର, ଢେଙ୍କାନାଳ

ISSN NO.
2582-208X

# ଟିକି ପାଇଲଟ



ଅଶୋକ କୁମାର ପଧାନ

ଏଦେଶର କୁନି ପରଜା ପତି
ଘୁରି ବୁଲୁଛୁ ଏଠି ଦିନ ରାତି ।
ଆମରି ଦେଶର ପାଣି ପବନ
ଭରୁଛି ଆମରି ଶରୀରେ ପ୍ରାଣ ।
ଭାରତ ଦେଶରେ ଜନମ ପାଇ
ଋଣ ତାହାର ସୁଝିବା ଭାଇ ।
ମହାପୁରୁଷଙ୍କ ଅମର ଗାଥା
ଇତିହାସ କୁହେ ଅଲିଭା କଥା ।
କଥାରେ ତାଙ୍କରି ଫୁଲଇ ଛାତି
ବୋଲି ତାଙ୍କରି ନାତି ଅଣନାତି ।
ଗାନ୍ଧି ନେହେରୁ ସର୍ଦ୍ଦାର ତିଳକ
ରଖିଲେ ଦିନେ ଜାତିର ଟେକ ।
ଆହୁରି କେତେ ବୀର ମହାବୀର
କର୍ମେ ହୋଇଲେ ଭାରତେ ଅମର ।
ବାଟରେ ତାଙ୍କରି ବଢ଼ାଇ ପାଦ
ହୋଇବା କରମେ ଧରମ ପଦ ।
କର୍ମର ଭୁବନ ଧରଣୀ ପୃଷ୍ଠ
ମାଧ୍ୟମେ ଏହାର ହୋଇବା ଶ୍ରେଷ୍ଠ ।

ISSN NO.
2582-208X

ଶୁଭ କର୍ମରେ ବଢ଼ାଇ ହାତ
ଉଡାଇବା ଆକାଶେ ଆମରି ନେତ ।
ମିଳିମିଶି ଆମେ ଭାରତ ବାସୀ
ସଭିଙ୍କମନରେ ଭରିବା ଖୁସି ।
ଆମରି ସଂସ୍କୃତି ଆମ ପରମ୍ପରା
କରିବା ପ୍ରଚାର ଏବିଶ୍ୱ ସାରା ।
ନବ ଭବିଷ୍ୟତର ଆମେ ପାଇକ
ଜାତି, ଧର୍ମ ଭୁଲି ହୋଇବା ଏକ ।
ଭାରତ ମାଆର ମାନ ବୃଦ୍ଧି ପାଇଁ
ଶପଥ ନେବାଟି ସଭିଏଁ ଭାଇ ।
ଆଜିର ଆମେ ଟିକି ପାଇଲଟ
ମରତେ କରିବା ଭାରତ ଶ୍ରେଷ୍ଠ ।

ଗିଧାମାଲ, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର

ISSN NO.
2582-208X

# ଭୁଲିବାନି



ଝରଣା ବାରିକ

କୁନା ମୁନା ଦୁହେଁ ପାଠ ପଢି ଯାନ୍ତି
ଭାରି ଭଲ ସାଙ୍ଗ ଦୁଇ,
ଭଲରେ ମନ୍ଦରେ କେହି କାହାଠାରୁ
ନିମିଷେ ଦୁରାନ୍ତି ନାହିଁ।

ପାଠ ପଢା ସାଙ୍ଗେ ଖେଳ କୁଦ କରି
ବିତାଇ ଦିଅନ୍ତି ଦିନ,
ଦୁହିଁଙ୍କର ମନ ଦୁହିଁଙ୍କ ପାଖରେ
କ୍ଷଣେ ନ ହୁଅନ୍ତି ଆନ।

ତାଙ୍କ ବନ୍ଧୁ ତାକୁ ସହି ପାରେ ନାହିଁ
ଗୁଲୁ ବୋଲି ପିଲା ଟିଏ,
ତାଙ୍କ ରି ମଝିରେ ପଶି କହୁଥାଏ
କଳି ହେବା କଥା ସିଏ।

ତା କଥାକୁ କେହି ଧ୍ୟାନ ଦିଅନ୍ତି ନି
ମଜାରେ ଉଡାନ୍ତି ହସି,
ଏ କଥାକୁ ଦେଖି ଗୁଲୁ ରାଗୁଥାଏ
ଭାବୁଥାଏ ବସି ବସି।

ISSN NO.
2582-208X

କୁନା ର ନାଁ ରେ ବହୁ ମିଛ କଥା
କହିଲା ମୁନା ର ଆଗେ,
ଏକଥା ଶୁଣି ସହି ପାରିଲାନି
ପଞ୍ଚମ ହୋଇଲା ରାଗେ ।

ଦୁହିଁଙ୍କ ଭିତରେ ଝଗଡା ହୋଇଲା
ହସୁ ଥିଲା ବସି ଗୁଲୁ,
ମନେ ମନେ ନିଜେ ଖୁସି ହେଉଥିଲା
ଗୁଲୁ ତୁ କ'ଣ କଲୁ।

କାହା କଥା ଆମେ ଶୁଣିବା ନାହିଁ
ବିଶ୍ୱାସ ରଖିବା ମନେ,
ତୁଟି ଯିବ ନାହିଁ ଦୋସ୍ତି ତୁମର
ରହିଥିବ ସବୁ ଦିନେ।

ସମଲ, ତାଳଚେର, ଅନୁଗୋଳ
ମୋବାଇଲ :- 9556846932

ISSN NO.
2582-208X

# ଅଜା ଆଇ ମିଶି




ଦୀନବନ୍ଧୁ ପୋଇ

ଅଜା ଆଇ ମିଶି ହେଉଥିଲେ ଖୁସି
ବାରଣ୍ଡାରେ ଆଜି ବସି
ପଚାରିଲି ଆଇ ପାଖକୁ ତା ଯାଇ
କିଶ ପାଇଁ ତୁମେ ଖୁସି ।
ଛଅ ଋତୁ ସଙ୍ଗେ ଆଉ ଏକ ଋତୁ
ଆସିଛି ଏ ସନ ନାତି
ଅଜା କହୁଥିଲେ ମୁଁ ଶୁଣୁଥିଲି
ତାଙ୍କର ଯେହେତୁ  ସାଥି ।
ଅନ୍ୟ ଋତୁ ପରି ଏଋତୁର ଗୁଣ
ପ୍ରକୃତିରୁ ନୁହେଁ ସୃଷ୍ଟି
ଏ ଋତୁ କୃତ୍ରିମ ବହୁ ପରାକ୍ରମ
ତିକ୍ଷଣ ତାହାର ଦୃଷ୍ଟି ।
ପାଞ୍ଚ ବରଷରେ ଆସଇ ସେ ଥରେ
ଆମରି ଭାରତ ଭୂଇଁ
କେତେଦିନ ସିଏ ରହିବ ଧରାରେ
କହେ  କମିଶନ ସାଇଁ ।
ଦଳ ଦଳ ହୋଇ ଯାଇ ସାହି ସାହି
କହି ସେ  ଅନ୍ୟର ଗୋହି

ISSN NO.
2582-208X

ମାଗିବା ଆଗରୁ ଦେବେ ସେ ମନରୁ
ଦେଖିବୁ ବସିଥା ରହି ।
ଛଅରତୁର ଯେ ମିଶା ମିଶି ଗୁଣ
ଏଇ ରତୁଟିରେ ଦିଶେ
ଚାହିଁଲେ ବି ଖରା ବରଷା ଓ ଶୀତ
ବସନ୍ତ ପରି ବି ଆସେ ।
ଏମିତି ସେମିତି ନୁହଁଇ ଏ ରତୁ
ବୁଝାଉଥିଲେ ଯେ ଅଜା
ଆସିଲା ବେଳରେ ଯିବା ସମୟରେ
ଶୁଭୁଥିବ ନାନା ବାଜା ।
ସରିଗଲେ ରତୁ ବୋହି ବରେ ନେତ୍ରୁ
ଦୁଃଖ ରୂପି ବାରି ଧାରା
ନିର୍ବାଚନ ରତୁ ଆସେ ଯାଏ ଜିତୁ
ପାଞ୍ଚ ବରଷରେ ପରା ।
ହେ ଭୋଟର ଭାଇ ସଚେତନ ହୋଇ
ତାକୁ ଉପଭୋଗ କର
ବୁଝିଲା ଭଳିଆ ମନକୁ ବୁଝେଇ
ଯାହା ଭଲ ତୁହି କର ।

ଗୋରଡା ପାଳ
କରମୂଳ, ମହିମା ଗାଦି
ଢେଙ୍କାନାଳ ଦୂରଭାଷ -୯୯୩୮୦୨୪୧୨

ISSN NO.
2582-208X

# ମୁଁ ଜଣେ ନାରୀ



ଆକାଂକ୍ଷା ମିଶ୍ର

ମୁଁ ଜଣେ ନାରୀ।
ମୋର ଅନେକ ରୂପ ଅଛି
କେବେ ମା ତ କେବେ ଭଗିନୀ
କେବେ ସ୍ତ୍ରୀ ତ କେବେ ସଙ୍ଗିନୀ।
କାମୁକ ପୁରୁଷ ପାଖେ ମୁଁ ବାରମ୍ବାର ଶୀକାର
ହୁଏ, କାହିଁକି ???
ନାରୀ ଜନ୍ମ ହୋଇ ଭୁଲ କରିଛି ?
ମୋତେ ହସିବା ମନା, ଗାଇବା ମନା
ଖେଳିବା ମନା ବୁଲିବା ମନା।
କେବେ ବାପାଙ୍କ ଠାରୁ ଗାଳିତ
କେବେ ମା ଭାଇଙ୍କ ଠାରୁ ମାଡ଼
ସ୍ଵାମୀ ସହ କଳି,
କେବେ କେବେ ଗଣ ଧର୍ଷିତା।
ମୁଁ ତ ପ୍ରଭୁ ସେମିତିକିଛି ତୁମକୁ ମାଗିନି
ମାଗିଛି କେବଳ
ଖୋଲା ଆକାଶ ତଳେ
ଟିକେ ସ୍ଵାଧୀନତା।
ମିଳିଛି ମୋତେ

ISSN NO.
2582-208X

ଅପମାନ, ଅସମ୍ମାନ ଆଉ ନିର୍ଯ୍ୟାତନା।
ମୋର କି ଦୋଷ ପ୍ରଭୁ ????
ନାରୀ ହୋଇ ଜନ୍ମ ନେବା ବୋଧେ
ମୋର ଗୋଟେ ଅପରାଧ।
ନାରୀଙ୍କୁ ଅପମାନ କରୁଥିବା ସଭିଏଁ ପୁରୁଷ,
ଭୁଲି ଯାଉଛନ୍ତି ଯେ
ନାରୀ ବିନା ସଭ୍ୟତା ସଂସ୍କୃତିର ଅପମୃତ୍ୟୁ ଆଉ
ଏ ସୁନ୍ଦର ପୃଥିବୀଟା କେତେ ଅସହାୟ।

ଆର୍ଯ୍ୟଭଟ୍ଟ ଏନସିଏଣ୍ଟ ଏକାଡେମୀ
ଖୋର୍ଦ୍ଧା
ମୋ - 7735403041

ISSN NO.
2582-208X

# ଚତ୍ର



ଆଦବିକା ପଟ୍ଟନାୟକ



ଦିଲ୍ଲୀ ପବ୍ଲିକ ସ୍କୁଲ, ବସନ୍ତ ବିହାର, ନୂଆଦିଲ୍ଲୀ

ISSN NO.
2582-208X

# ମତାମତ/ସମୀକ୍ଷା

## ବେଦାନ୍ତୀ – ମାର୍ଚ୍ଚ ସମୀକ୍ଷା



ଦେବଯାନୀ ସ୍ୱାଇଁ

"ବେଦାନ୍ତୀ"ର ପ୍ରଚ୍ଛଦ ପୃଷ୍ଠାଟି ତା'ର ଆକର୍ଷଣୀୟ ପ୍ରତିଛବିରେ ମୋତେ ସବୁବେଳେ ପ୍ରଭାବିତ କରିଥାଏ। ଫୁଲଟିଏ ହେଉ ଅବା ପକ୍ଷୀଟିଏ କିଂବା ଅନ୍ୟ କିଛିର ପ୍ରତିଛବି, ପ୍ରକୃତିର ଏତେ ସବୁ ସୁନ୍ଦର ସୃଷ୍ଟି ଭିତରୁ ବିଶେଷ ଭାବରେ ପ୍ରତିଛବିଟିକୁ ଚିହ୍ନିବା ମୋ ପାଇଁ ଏକ ବଡ ଆହ୍ୱାନ ଭଳି ଦଣ୍ଡାୟମାନ ହୁଏ। ସତରେ, କେତେ ପ୍ରଜାତିର ଫୁଲ ପ୍ରକୃତି ରାଣୀର ବଗିଚାରେ ଅଛି ଜାଣିବା କଷ୍ଟକର। ଏଇ ଯେମିତି ଏଥରକ ପ୍ରଚ୍ଛଦ ପୃଷ୍ଠାରେ ଥିବା ସୁନ୍ଦର ଗୋଲାପି ରଙ୍ଗର ଫୁଲକୁ ଦେଖି ମୁଁ ଭ୍ରମରେ ପଡିଗଲି। ଗାଁ ମୁଣ୍ଡ ହିଡ ପାଖରେ ଏମିତିକା ଲାଲ୍ ରଙ୍ଗର ପଳାଶ ଫୁଲ କେବେ ତ ଦେଖିଥିଲି। ହେଲେ ଏମିତି ଏତେ ସୁନ୍ଦର ଗୋଲାପି ରଙ୍ଗର ଭି ପଳାଶ ଅଛି ? ଆପଣ ମାନେ ଦୟାକରି କୁହନ୍ତୁ ତ ଏଇଟା କି ଫୁଲ!!

ସଂପାଦକୀୟ ପୃଷ୍ଠାରେ ପ୍ରତିଷ୍ଠାତା "ଶ୍ରୀଯୁକ୍ତ ଅରବିନ୍ଦ ମିଶ୍ର", ଆଜିର ବ୍ୟସ୍ତ ବହୁଳ ଜୀବନ ଶୈଳୀକୁ ଲକ୍ଷ କରି କହିଛନ୍ତି:- ମନୁଷ୍ୟର ଜୀବନକାଳ ସୀମିତ, ବାଲ୍ୟ କାଳରେ ଭଲ ପାଠ ପଢି ଚାକିରୀ କରିବାର ଚାପ ପୁଣି ଚାକିରୀ କରିବା ପରେ ଆହୁରି ଅଧିକା କମାଇବାର ନିଶା। ଏମିତି ଅଧିକ ପଛରେ ଧାଇଁ ଧାଇଁ ଆମ ଜୀବନ କାଳ ସରିଯାଇଥାଏ।

ISSN NO.
2582-208X

ତେଣୁ ଅଳ୍ପରେ ସନ୍ତୁଷ୍ଟ ହେଇ ଜୀବନକୁ ସୁଖ ଶାନ୍ତିରେ ବିତାଇବାର କୌଶଳ ଆମେ ସମସ୍ତେ ଶିଖିବା ଉଚିତ୍ ।

ଭିତର ପୃଷ୍ଠାରେ ସବୁଥର ପରି ବିଭିନ୍ନ ବିଷୟବସ୍ତୁ ଉପରେ ରହିଛି ଅସଂଖ୍ୟ ଲେଖା ।

ପ୍ରଥମ ଲେଖା, ଧାରାବାହିକ "ଡି. ଏଫ୍. ଓ. କ୍ୟାମ୍ପବେଲ୍ ବେ" ରେ, ଡି. ଏଫ୍. ଓ. ଅସୀମ, ଏକ ଆଶ୍ଚର୍ଯ୍ୟଜନକ ଛୋଟ ପ୍ରାଣୀ ସୁଇଫ୍ଟଲେଟ୍ ଚଢେଇ, ଯାହାର ବସାରୁ ପ୍ରସ୍ତୁତ ହୁଏ ସବୁଠୁ ସ୍ୱାଦିଷ୍ଟ ସୁପ୍, ସେ ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ପାଇଁ ଅନ୍ଧାରିଆ ଗୁମ୍ଫାରେ ବିପଦଭରା ସ୍ଥାନକୁ ଯାତ୍ରା କରୁଛନ୍ତି । "ନୂଆବର୍ଷ ୨୦୨୪" ଦିନଟି ଗାଳ୍ପିକାଙ୍କର ଅବସାଦ ଭିତରେ କଟି ଯାଇଥିଲେ ମଧ୍ୟ, ମହାପ୍ରସାଦ ପାଇବାର ସୁଯୋଗ ତାଙ୍କର ସମ୍ପୂର୍ଣ୍ଣ ବର୍ଷ ପାଇଁ ବଡ ସୌଭାଗ୍ୟର ବିଷୟ ଥିଲା । ଲଳିତ ନିବନ୍ଧ- "ଡେଙ୍ଗା ମୁଣ୍ଡରେ ଠେଙ୍ଗା"ରେ ଲେଖକ, କର୍ମକୁ ଡେଙ୍ଗା ସହିତ ଓ ଜୀବନ ବ୍ୟାପୀ ସମସ୍ତ ଚାପ, ସଂଘର୍ଷ ଓ ପ୍ରତିଘାତକୁ ଠେଙ୍ଗା ସହିତ ଖୁବ୍ ସୁନ୍ଦର ଭାବେ ତୁଳନା କରିଛନ୍ତି । ବହୁ ପ୍ରାଚୀନ କାଳରୁ ଦର୍ଶିତ- "ଜଗନ୍ନାଥ ସଂସ୍କୃତି ଏକ ଅନନ୍ୟ ସଂସ୍କୃତି", ଏକ ସୁନ୍ଦର ସମୀକ୍ଷା- "ପ୍ରତିଭା ରାୟଙ୍କ ଉପନ୍ୟାସରେ ନାରୀ"।

ମୋର ପ୍ରିୟ ଧାରାବାହିକ ଗଳ୍ପ "ଉଠ୍ ପୁଟୁର୍"ରେ, ଅଭିର ମେଟ୍ରିକ୍ ପରୀକ୍ଷା ଆରମ୍ଭ ହେଇଯାଇଛି । "ଓଡିଆ ଭାଷା ସଂରକ୍ଷଣରେ ବର୍ଣ୍ଣବୋଧ ର ଭୂମିକା" ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି । ମୀନୁ ପରି ଧୀବର ଘର ଝିଅର "ନଇରେ ଭାସୁଛି ଦୁଃଖ", ଅନାଥ ଝିଅ ମାୟା ଶୁଝି ଦେଇଛି "ସ୍ନେହର ଋଣ"।

"ମୋ ଜନ୍ମଭୂମି", ରୁ ଆରମ୍ଭ ହେଇଛି କବିତାର ପସାର।। "ମୋ ଭାଷା" ସାରା ବିଶ୍ୱରେ ନିଆରା। "ବୈକୁଣ୍ଠ ସମାନ ଅଟେ ଆମଘର", "ମକର ସଂକ୍ରାନ୍ତି"ର ମହତ୍ୱ ଜାଣ, "ଧନୁ ଯାତ୍ରା"ରେ କଂସ ହେଲା ବିନାଶ , "ବିନମ୍ର" ଗୁଣଟି ଅଟଇ ମହତ, କେମିତି ହେବ ମୋ "ସ୍ୱପ୍ନର ଭାରତ"।

ପ୍ରାର୍ଥନା ଜଣାଣରେ ରହିଛି, "ମନୁଆ ଠାକୁର" ପୁଣି ତୁମେ "ଦଗାଦିଆ ଠାକୁର"। "ସିଏ ତୁମେଇ ତ ଥିଲ", "ଭକ୍ତ ବତ୍ସଳ ଭାବଗ୍ରାହୀ", "ରଘୁପତି" "ଜୟ ଶ୍ରୀ ରାମ" !! "ଜୟ

ISSN NO.
2582-208X

ମା ବିଣାପାଣୀ", ଅଭୟ ଦାୟିନୀ ବିଦ୍ୟା ପ୍ରଦାୟିନୀ ମା' ତୁ....ତୋ କରୁଣାର ପରଶ ପାଇ ମୋ "ଜୀବନ ବଦଳି ଯାଉ"।

ଜନ୍ମର ଷ୍ଟେସନଠୁ ମୃତ୍ୟୁର ଷ୍ଟେସନ ଯାଏଁ ଗଡୁଥିବା ଟ୍ରେନଟିର ନାମ "ଆୟୁଷ", ବଦଳେଇବାକୁ ମଣିଷ ଜୀବନ ଦରକାର କେବଳ "ଗୋଟିଏ ମୁହୂର୍ତ୍ତ"। "ସବୁ ଫେରିଗଲା ପରେ..." , "ଜୀବନର ମାନେ" ବୁଝିବା ଆଗରୁ ଜୀବନ "କ୍ୟାଲେଣ୍ଡର"ରୁ ପୃଷ୍ଠାଟିଏ ଲେଉଟି ପଡେ।

ଆହା କି ମନୋଲୋଭା "ତୁହି ଗୋଲାପ", "କାକର, କୁହୁଡି, କରକାପାତ", କଳି ପାରିବକି "ପବନ" କୁ କିଏ, ନିରିମଳ ତାର ରଙ୍ଗ ଚରିତ୍ର। "ସମୟର ସୁଅ"ରେ ଧୋଇ ହୋଇଯାଏ ଅତୀତର ସୁଖ ଚିତ୍ର।

"ମାନସୀ ମନ"ର ଭିଜାଭିଜା ସ୍ମୃତି", "ଏକାତ୍ମବୋଧ"ର ସ୍ୱର୍ଗୀୟ ତୃପ୍ତି, ସାଥିଟିଏ ମୁହିଁ କଇଁ ଫୁଲ ପରି ଖୋଜୁଥିଲି "ଜହ୍ନ ରାତି"।

"ଦୁହିତା" ସେ ଅପରାଜିତା, ବାପା ଭାଇଙ୍କର ମଥାର ଚିତା। ସୁଦାମାଠୁ ଶିଖ "ବନ୍ଧୁତା"ର ମଧୁରତା। ପବିତ୍ର, ଶାଶ୍ୱତ ଅଟଇ "ପ୍ରେମ", "ଜୀବନ ଧାରା"ରେ କବିତା ରୂପରେ ବହୁଥାଏ ନିରନ୍ତର।

ସ୍ୱାସ୍ଥ୍ୟ ବିଭାଗରେ ରହିଛି ସ୍ୱାସ୍ଥ୍ୟ ଉପଯୋଗୀ, "ପାଣି ସିଙ୍ଗଡା, ପଦ୍ମନାଡ ଓ ଆମ ସ୍ୱାସ୍ଥ୍ୟ"।

ଆମ ହାଣ୍ଡିଶାଳରେ, ଅରବିନ୍ଦ ସାର୍ ସମସ୍ତଙ୍କ ପାଇଁ ବନେଇଛନ୍ତି ଓଡିଆ ଘରର ସବୁଠୁ ପ୍ରିୟ "ସଜନା ଛୁଇଁ ତରକାରୀ"।

ଶିଶୁ ବିଭାଗରେ ଆମ ପ୍ରଧାନ ଶିକ୍ଷକ ଅତ୍ୟନ୍ତ ସ୍ୱାସ୍ଥ୍ୟପଯୋଗୀ, "କାଙ୍ଗୁ ଖିରି" ବିଷୟରେ ପିଲାମାନଙ୍କୁ ଅବଗତ କରାଇଛନ୍ତି। ଏଥି ସହିତ ରହିଛି, "ରଙ୍ଗ ପରବ ହୋଲି", "ଆଇ ମାଆ କବିତା" ଓ "କୁନା ଶିଖିଲା ପିମ୍ପୁଡି ଠାରୁ" ଭଳି ଅନେକ ଶିକ୍ଷଣୀୟ ମଜାଦାର୍ କବିତା।

ISSN NO.
2582-208X

କୁନି ଆଦବିକା, ଆମ ବୀର ଯବାନ୍ ମାନଙ୍କ ଦୃଢତା, ସାହସିକତା ଓ ପରାକ୍ରମତାକୁ ଦର୍ଶାଇ ଏକ ମୋଟର ସାଇକଲ୍ ପାରେଡ୍ ସୋ' ର ସୁନ୍ଦର ଚିତ୍ର ଆଙ୍କିଛନ୍ତି।

ଶେଷରେ ପର୍ବପର୍ବାଣୀ ତାଲିକାରେ ଅନ୍ୟାନ୍ୟ ପର୍ବ ସହିତ ରହିଛି ହିନ୍ଦୁଧର୍ମର ଯୋଗସ୍ରଷ୍ଟା, ଦେବ ଦେବ ମହାଦେବଙ୍କ ଉପାସନା ବ୍ରତ ମହା ଶିବରାତ୍ରି ବା ଜାଗର , ଏବଂ ରଙ୍ଗର ପର୍ବ ହୋଲି। ଆସନ୍ତୁ ସମସ୍ତେ ମିଶି ସ୍ନେହ, ପ୍ରେମ, ଭାତୃତ୍ୱର ରଙ୍ଗ ବୋଳି ହୋଇ ସମାନତା ଓ ଏକତାର ତାଳରେ ନାଚି ଉଠିବା।

ଜୟ 'ବେଦାନ୍ତୀ', ଜୟ ପାଠକ ବୃନ୍ଦ।

ଗୋରେଗାଓଁ, ମୁମ୍ବାଇ

ISSN NO.
2582-208X

# ଅପ୍ରେଲ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୪/୨୦୨୪ | ଉତ୍କଳ ଦିବସ ଓ ଇଷ୍ଟର ମନଡେ |
| ୦୨/୦୪/୨୦୨୪ | ତାରାତାରେଣୀ ଯାତ୍ରା |
| ୦୫/୦୪/୨୦୨୪ | ପାପମୋଚନୀ ଏକାଦଶୀ |
| ୦୬/୦୪/୨୦୨୪ | ମହାମହତୀ ବରଣୀ ସ୍ନାନ |
| ୦୭/୦୪/୨୦୨୪ | ସ୍ନହୀ ଚତୁର୍ଦ୍ଦଶୀ |
| ୦୯/୦୪/୨୦୨୪ | ସୃଷ୍ଟ୍ୟାରମ୍ଭ ଦିବସ, ତେଲୁଗୁ ନୂତନ ବର୍ଷ, ଶ୍ରୀ ବାସନ୍ତୀକ ଦୁର୍ଗାଦେବ୍ୟାଃ ନବଦିନାତ୍ମକ ପୂଜାରମ୍ଭଃ ଓ ସମ୍ବତ୍ ୨୦୮୧ ପ୍ରବେଶ |
| ୧୧/୦୪/୨୦୨୪ | ଇଦୁଲ୍ ଫିତର୍ |
| ୧୪/୦୪/୨୦୨୪ | ମହାବିଷୁବ ସଂକ୍ରାନ୍ତି (ପଣା), ରାଧାରମଣ ଦେବ ଓ ହନୁମାନ ଦେବଙ୍କ ଜୟନ୍ତୀ |
| ୧୫/୦୪/୨୦୨୪ | ଶ୍ରୀ ଶ୍ରୀ ଲିଙ୍ଗରାଜ ଦେବଙ୍କ ରଥ ପ୍ରତିଷ୍ଠା |
| ୧୬/୦୪/୨୦୨୪ | ଅଶୋକାଷ୍ଟମୀ, ରୁକ୍ମୁଣା ରଥଯାତ୍ରା |
| ୧୭/୦୪/୨୦୨୪ | ଶ୍ରୀ ରାମ ନବମୀ |
| ୧୮/୦୪/୨୦୨୪ | ବାସନ୍ତୀକ ଦଶହରା ଓ ସୁଦଶା ବ୍ରତ |
| ୨୧/୦୪/୨୦୨୪ | ଅନଗ ତ୍ରୟୋଦଶୀ |
| ୨୩/୦୪/୨୦୨୪ | ଚୈତ୍ର ପୂର୍ଣ୍ଣିମା |
| ୨୮/୦୪/୨୦୨୪ | ମଧୁବାବୁଙ୍କ ଜୟନ୍ତୀ |

ISSN NO.
2582-208X

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା -vedantimagazine@gmail.com/ editor.vedantimagazine@gmail.com

## ମାର୍ଚ୍ଚ ମାସର ବିଜେତାଙ୍କ ନାମ



ISSN NO.
2582-208X

ଖାଇବା ଚଙ୍ଗୁଡି, ମାରିବା ଘୁଘୁଡି
ଓଡିଶାରେ ମିଳେ ବଢିଆ ଚଙ୍ଗୁଡି
ଆଳୁ ପକେଇ ଲାଲ ଲାଲ ଝୋଳ
ତରକାରୀ ଦେଖି ପାଟିରୁ ବାହାରେ ଲାଳ

ଅଶୋକ ପ୍ରଧାନ, ଭୁବନେଶ୍ୱର

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ପ୍ରଚ୍ଛଦପଟ୍ଟ ଚିତ୍ର ସମୟେ ସମୟେ ପାଠକପ୍ରେମୀଙ୍କ ଦ୍ୱାରା ପଠାଯାଇଥିବା ଚିତ୍ରକୁ ମଧ୍ୟ ବ୍ୟବହାର କରାଯାଇଥାଏ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ କରିଥିବା ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା -vedantimagazine@gmail.com

## ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733/8828213733

**Website: www.vedantimagazine.com**

**Email ids:**

vedantimagazine@gmail.com /editor.vedantimagazine@gmail.com

ISSN NO.
2582-208X

## ବେଦାନ୍ତୀ ଇ-ପତ୍ରିକାକୁ ଲେଖା ପଠାଇବାକୁ ଚାହୁଁଥିବା ଓଡିଆପ୍ରେମୀଙ୍କ ପାଇଁ କିଛି ସନ୍ଦେଶ:

- ଲେଖାକୁ ଟାଇପ୍ କରି MS WORD ଫାଇଲରେ ଏବଂ ପି.ଡି.ଏଫ୍ ଫାଇଲରେ ପଠାନ୍ତୁ ।
- ଲେଖାକୁ ପ୍ରତି ମାସ ୫ ତାରିଖ ଭିତରେ ପଠାନ୍ତୁ ।
- ଏହି ପତ୍ରିକାରେ ଗଳ୍ପ ଏବଂ କବିତା ସମାନ ସଂଖ୍ୟାରେ ପ୍ରକାଶିତ କରାଯାଉଛି । ଯେହେତୁ ଅନେକ କବିତା ଆମପାଖକୁ ଆସୁଛି, ତେଣୁ ଏହାକୁ ପ୍ରକାଶ କରିବା ପାଇଁ କିଛି ସମୟ ଲାଗୁଛି । ଯଦି ଆପଣ ଲେଖା ପଠାଇଥିବା ମାସରେ ଏହା ନବାହାରିଲା, ତେବେ ଏହି ଲେଖା ଆସନ୍ତା ମାସରେ ପ୍ରକାଶ ପାଇବ ।
- ଚେଷ୍ଟା କରନ୍ତୁ ଲେଖାକୁ ଇ-ମେଲ୍ ଜରିଆରେ ପଠାନ୍ତୁ । ଆମ ଇ-ମେଲ୍ ହେଲା - Editor.vedantimagazine@gmail.com ଏବଂ vedantimagazine@gmail.com
- ମାସକୁ ଥରଟିଏ ହିଁ ଲେଖା ପଠାନ୍ତୁ ।ବାରମ୍ବାର ଅନେକ ଲେଖା ଇ-ମେଲ୍ ଜରିଆରେ ପଠାନ୍ତୁ ନାହିଁ ।
- ଲେଖା ସହିତ ଆପଣଙ୍କର ଠିକଣା ଏବଂ ଫଟୋ ମଧ୍ୟ ପଠାନ୍ତୁ ।
- ପ୍ରକାଶ କରିବା ପାଇଁ ଯେଉଁ ଲେଖା ପଠାଉଛନ୍ତୁ ତାହା ଆଉ କୌଣସି ଗ୍ରୁପରେ ପଠାନ୍ତୁନାହିଁ । ପ୍ରକାଶିତ ହେବା ପରେ ଏହାକୁ ପଠାଇପାରିବେ ।
- ବେଦାନ୍ତୀ ଇ-ପତ୍ରିକା ଏକ ସଂପୂର୍ଣ୍ଣ ମୁକ୍ତ ଏବଂ ପାରିବାରିକ ପତ୍ରିକା । ଏଥିପାଇଁ ଉପଯୁକ୍ତ ଲେଖା ହିଁ ପଠାନ୍ତୁ ।
- ପୁରୁଣା ସଂଖ୍ୟା ପଢିବା ପାଇଁwww.vedantimagazine.comକୁ ପଦାର୍ପଣ କରନ୍ତୁ ।

ISSN NO.
2582-208X

"ବେଦାନ୍ତୀ" ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା। ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେ ହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର। ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ପ୍ରକାଶିତ ହେଉଛି ଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ୱେବସାଇଟ୍, ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ। ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି ଲେଖାର ସ୍କାନ କପି ଏବଂ ସଫ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com। ପ୍ରତ୍ୟେକ ମାସ ୫ ତାରିଖ ଭିତରେ ପ୍ରାପ୍ତ କରାଯାଇଥିବା ଲେଖାଗୁଡିକୁ ସେହି ମାସରେ ହିଁ ପ୍ରକାଶ କରାଯାଇଥାଏ । ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ (ସମସ୍ତ ସଂଖ୍ୟା) ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**